# ସୁରେନ୍ଦ୍ର-ଗଳ୍ପ ବୀକ୍ଷା

ଡକ୍ଟର ବିଭୂତି ଭୂଷଣ ପଣ୍ଡା



ପ୍ରଗତି ଉତ୍କଳ ସଂଘ

ସୁରେନ୍ଦ୍ର ମହାନ୍ତି ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ – କ୍ଷୁଦ୍ରଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ଓ ରମ୍ୟରଚନା, ସାହିତ୍ୟ-ସମାଲୋଚନା ତଥା ଫିଚରରେ କେବଳ ଲେଖନୀ ଚାଳନା କରିନାହାନ୍ତି ପ୍ରତ୍ୟେକ ବିଭାଗକୁ ସେ ଆପଣାର ପ୍ରତିଭାର ଦୀପ୍ତିରେ ଦୀପ୍ତିମନ୍ତ କରିଛନ୍ତି । କ୍ଷୁଦ୍ର ଗଳ୍ପ କ୍ଷେତ୍ରରେ ତାଙ୍କର ପ୍ରତିଭା ସ୍ୱତନ୍ତ୍ର ଓ ଅନେକାଂଶରେ ଅସପନ୍ନ ।

ସୁରେନ୍ଦ୍ର-ଗଳ୍ପବୀକ୍ଷା ପୁସ୍ତକରେ ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପସମ୍ଭାରକୁ ବିଭିନ୍ନ ଦିଗରୁ ବିଶ୍ଳେଷଣ କରାଯାଇ ସେଗୁଡ଼ିକର ବିଷୟବସ୍ତୁ, ଗଠନକୌଶଳ ଓ ଆବେଗଗତ ବୈଶିଷ୍ଟ୍ୟ ନିରୂପିତ ।

# ସୁରେନ୍ଦ୍ର-ଗଳ୍ପବୀକ୍ଷା

ଲେଖକ :

ଡକ୍ଟର ବିଭୁତି ଭୁଷଣ ପଣ୍ଡା

ପ୍ରଗତି ଉତ୍କଳ ସଂଘ

ରାଉରକେଲା

# ସୁରେନ୍ଦ୍ର-ଗଳ୍ପବୀକ୍ଷା


| | | |
|---|---|---|
| ଲେଖକ | : | ଡଃ. ବିଭୂତି ଭୂଷଣ ପଣ୍ଡା |
| ପ୍ରକାଶକ | : | ପ୍ରଗତି ଉତ୍କଳ ସଂଘ<br>ଫକୀରମୋହନ ନଗର (ସେକ୍ଟର-୭)<br>ରାଉରକେଲା - ୭୬୯ ୦୦୩<br>ଫୋନ୍ : ୦୬୬୧-୨୬୪୦୧୪୩ |
| ପରିବେଷକ | : | ଗ୍ରନ୍ଥମନ୍ଦିର<br>ବିନୋଦବିହାରୀ, କଟକ - ୭୫୩ ୦୦୨ |
| ମୁଦ୍ରକ | : | ଅପ୍‌ଟିମା (ଅଫ୍‌ସେଟ୍) ପ୍ରିଣ୍ଟସ୍<br>ସୁତାହାଟ, କଟକ - ୭୫୩ ୦୦୧ |
| ଅକ୍ଷର ଅଳଂକରଣ | : | ଶାଶ୍ୱତୀ କମ୍ପ୍ୟୁଟର ସର୍ଭିସେସ୍<br>ସଂଜୟ ମାର୍କେଟ, ସିଭିଲ ଟାଉନ୍‌ସିପ୍, ରାଉରକେଲା - ୪ |
| ପ୍ରଥମ ସଂସ୍କରଣ | : | ୨୦୧୧ |
| ମୂଲ୍ୟ | : | ୧୪୦/- (ଏକଶହ ଚାଳିଶ ଟଙ୍କା ମାତ୍ର) |


# SURENDRA-GALPABEEKSHYA


| | | |
|---|---|---|
| Writer | : | Dr. Bibhuti Bhusan Panda |
| Publisher | : | Pragati Utkal Sangha<br>Fakirmohan Nagar (Sector-7)<br>Rourkela - 769 003<br>Phone : 0661-2640143 |
| Distributor | : | Grantha Mandir<br>Binod Bihari, Cuttack - 753 002 |
| Printed at | : | Optima (Offset) Prints<br>Sutahat, Cuttack - 753 001 |
| DTP | : | Saswati Computer Services<br>Sanjay Market, Civil Township, Rourkela-4 |
| First Edition | : | 2011 |
| Price | : | 140/- (One hundred and forty only) |
| ISBN No. | : | 978-81-920552-4-4 |

# ପ୍ରକାଶକଙ୍କ ନିବେଦନ

ଓଡ଼ିଆ ଜାତିର ଜନକ ମଧୁସୂଦନ ଦାସଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ରାଉରକେଲାର ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ 'ପ୍ରଗତି ଉତ୍କଳ ସଂଘ' ବିଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରକାଶ ଓ ପ୍ରସାର ପାଇଁ ଅବାରିତ ଉଦ୍ୟମ କରିଆସିଛି । ୧୯୬୮ ମସିହାରେ ପ୍ରଥମ ଥର ପାଇଁ ରାଉରକେଲାରେ ଉତ୍କଳ ଦିବସ ପାଳନ, ୧୯୭୬ ମସିହାରେ ରାଉରକେଲା ଷ୍ଟେସନ୍ ନିକଟରେ ମଧୁସୂଦନଙ୍କ ପ୍ରଥମ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ, ମଧୁବାବୁଙ୍କ ଜୀବନୀ, ବକ୍ତୃତା ତଥା ତାଙ୍କର କାର୍ଯ୍ୟାବଳୀ ସମ୍ପର୍କିତ ***Madhusudan Das : The Legislator, Madhusudan Das The Man and His Mission, Madhusudan Das- His Life and Achievements*** ତିନୋଟି ଇଂରାଜୀ ପୁସ୍ତକ ତଥା **ଉତ୍କଳଗୌରବ ମଧୁସୂଦନଙ୍କ ଓଡ଼ିଆ ରଚନାବଳୀ** ପୁସ୍ତକ ଏହି ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ହୋଇଅଛି । ମଧୁବାବୁଙ୍କ ସମ୍ପର୍କିତ ପୁସ୍ତକ ପ୍ରକାଶନରୁ ଆରମ୍ଭ ହୋଇଥିବା ଏହାର ପ୍ରକାଶନ ବିଭାଗ ପରବର୍ତ୍ତୀ କାଳରେ ଓଡ଼ିଆ ଭାଷା ସାହିତ୍ୟର ପୁରାତନ ପତ୍ରପତ୍ରିକା, ଅଭିଧାନ ଓ ଉତ୍କଳ ସମ୍ମିଳନୀର ବିଭିନ୍ନ ସଭାର ବିବରଣୀ ସମ୍ପର୍କିତ ଗ୍ରନ୍ଥର ସଂଗ୍ରହ, ସମ୍ପାଦନା ସହିତ ଓଡ଼ିଆ ଭାଷା ସାହିତ୍ୟର ଗବେଷଣାମୂଳକ କେତେକ ପୁସ୍ତକ ଓ ବିଭିନ୍ନ କବି ଲେଖକଙ୍କ ଗ୍ରନ୍ଥାବଳୀ ପ୍ରକାଶ କରି ଆସିଅଛି ।

୧୯୬୮ ମସିହାରୁ ବିଭିନ୍ନ ସମୟରେ ଉତ୍କଳ ଦିବସ କିମ୍ବା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀ ପାଳନ ଉତ୍ସବରେ ଓଡ଼ିଶାର ସ୍ୱନାମଧନ୍ୟ ଲେଖକ କବି ଓ ବୁଦ୍ଧିଜୀବୀ ଯୋଗଦାନ କରି ନିଜ ନିଜ ଚିନ୍ତାଧାରା ଓ ବକ୍ତବ୍ୟ ପ୍ରକାଶ କରିଯାଇଛନ୍ତି । ୧୯୭୨ ମସିହାର ଏପ୍ରିଲ ୧ ତାରିଖ ଉତ୍କଳ ଦିବସ ଅବସରରେ ଯୋଗଦାନ କରିଥିବା କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି ଏହି ଅନୁଷ୍ଠାନ ସମ୍ପର୍କରେ ମନ୍ତବ୍ୟ ଦେଇଥିଲେ "ଇସ୍ପାତ ନଗରୀ ରାଉରକେଲାରେ 'ପ୍ରଗତି ଉତ୍କଳ ସଂଘ' ଯେପରି ଭାବରେ ଓଡ଼ିଆ ଭାଷା ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ପାଇଁ କାର୍ଯ୍ୟ କରି ଆସୁଛନ୍ତି, ସେଥିରୁ ଓଡ଼ିଶାବାସୀ ଯଥେଷ୍ଟ ପ୍ରେରଣା ଆହରଣ କରିବାର ଅଛି । ଏହି ଅନୁଷ୍ଠାନର ମୁଁ ଅଭିବୃଦ୍ଧି କାମନା କରୁଛି ।"

ଏକାଧାରରେ ରାଜନୀତି, ସାମ୍ବାଦିକତା ଓ ସାହିତ୍ୟର ବିଭିନ୍ନ ବିଭାବରେ ଲେଖନୀ ଚାଳନା କରି ପ୍ରସିଦ୍ଧି ଲାଭ କରିଥିବା କଥାକାର ସୁରେନ୍ଦ୍ରଙ୍କ ଇଚ୍ଛା ଅନୁଯାୟୀ ଏହି ଅନୁଷ୍ଠାନ ପରବର୍ତ୍ତୀ କାଳରେ ଅଭିବୃଦ୍ଧି ପଥରେ ଗତିକରି ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠା ଅର୍ଜନ କରିବାରେ ସଫଳ ହୋଇ ପାରିଛି । ସୁରେନ୍ଦ୍ର *ମହାନ୍ତି ମଧୁସୂଦନଙ୍କ ଜୀବନୀ ସମ୍ପର୍କରେ ଓଡ଼ିଆ ତଥା ଇଂରାଜୀ ଭାଷାରେ ପୁସ୍ତକ ରଚନା କରିବା ସହିତ* **ଶତାବ୍ଦୀର ସୂର୍ଯ୍ୟ** ଓ **କୁଳବୃଦ୍ଧ** ଶୀର୍ଷକ ଦୁଇଟି ଚରିତୋପନ୍ୟାସ ମଧ୍ୟ ରଚନା କରିଛନ୍ତି । ମଧୁବାବୁଙ୍କ

ଜନ୍ମସ୍ଥାନ ସତ୍ୟଭାମାପୁର ନିକଟବର୍ତ୍ତୀ ପୁରୁଷୋତ୍ତମପୁରରେ ଜନ୍ମ ଗ୍ରହଣ କରିଥିବା କଥାକାର ସୁରେନ୍ଦ୍ର ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ, ତଥା ଓଡ଼ିଆର ଅସ୍ମିତା ସମ୍ପର୍କରେ ସର୍ବଦା ସଚେତନ ଥିବା କଥା ତାଙ୍କର "ଉତ୍କଳ ଯୁଗେଯୁଗ" ପୁସ୍ତକରୁ ଉପଲବ୍ଧ କରିହୁଏ । ଓଡ଼ିଆ ସାହିତ୍ୟର ଗଳ୍ପ, ଉପନ୍ୟାସ, ଜୀବନୀ, ଭ୍ରମଣ କାହାଣୀ, ରମ୍ୟରଚନା, ପ୍ରବନ୍ଧ, ନାଟକ, ସମାଲୋଚନା ଇତ୍ୟାଦି ବିଭିନ୍ନ ବିଭାବରେ ସେ ଲେଖନୀ ଚାଳନା କରି ଓଡ଼ିଆ ସାହିତ୍ୟର ବିକାଶକ୍ରମରେ ନିଜର ଏକ ସ୍ୱତନ୍ତ୍ର ଆସନ ପ୍ରତିଷ୍ଠା କରିଛନ୍ତି । କେବଳ ସାହିତ୍ୟିକ ଭାବରେ ନୁହେଁ, ସାମ୍ବାଦିକତା ତଥା ରାଜନୀତିକ ନେତା ଭାବରେ ମଧ୍ୟ ସେ ଅନନ୍ୟ । ମଧୁସୂଦନ ମହାନ୍ତିଙ୍କ **ଜନତା** ପତ୍ରିକାରୁ ନିଜର ସାମ୍ବାଦିକ ଜୀବନ ଆରମ୍ଭ କରିଥିବା ସୁରେନ୍ଦ୍ର ମହାନ୍ତି ପରବର୍ତ୍ତୀ କାଳରେ **ଗଣତନ୍ତ୍ର, କଳିଙ୍ଗ** ତଥା **ସମ୍ବାଦ** ଓଡ଼ିଆ ଦୈନିକର ସମ୍ପାଦକ ଭାବେ କାର୍ଯ୍ୟନିର୍ବାହ କରିଥିଲେ । ବିଭିନ୍ନ ସମୟରେ ଓଡ଼ିଶାରୁ ସେ ରାଜ୍ୟସଭା ଓ ଲୋକସଭାକୁ ନିର୍ବାଚିତ ହୋଇ ଯିବା ସହିତ ଓଡ଼ିଶା ତଥା ଭାରତୀୟ ରାଜନୀତିରେ ପ୍ରତିଷ୍ଠା ଲାଭ କରିଥିଲେ । ସାହିତ୍ୟ, ରାଜନୀତି ଓ ସାମ୍ବାଦିକତା ରୂପକ ଆକାଶର ତିନୋଟି ସ୍ତରରେ ଏକ ବିହଙ୍ଗମ ସଦୃଶ ସେ ବିଚରଣ କରୁଥିଲେ । ଏକ ବିରଳ ବ୍ୟକ୍ତିତ୍ୱ କଥାକାର ସୁରେନ୍ଦ୍ରଙ୍କୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ଏହି ଅନୁଷ୍ଠାନ ଡଃ. ବିଭୂତି ଭୂଷଣ ପଣ୍ଡାଙ୍କ **ସୁରେନ୍ଦ୍ର-ଗଳ୍ପବୀକ୍ଷା** ପୁସ୍ତକ ପ୍ରକାଶ କରି ଗୌରବାନ୍ୱିତ ମନେ କରୁଛି । ପ୍ରଗତି ଉତ୍କଳ ସଂଘ ପାଇଁ ଏଭଳି ଏକ ପୁସ୍ତକ ରଚନା କରିଥିବାରୁ ଡଃ. ପଣ୍ଡାଙ୍କୁ ଅନୁଷ୍ଠାନ ସାଧୁବାଦ ଜଣାଉଛି ।

'ପ୍ରଗତି ଉତ୍କଳ ସଂଘ'ର ଅନ୍ୟାନ୍ୟ ପ୍ରକାଶନ ଭଳି **ସୁରେନ୍ଦ୍ର-ଗଳ୍ପବୀକ୍ଷା** ପୁସ୍ତକକୁ ଓଡ଼ିଶାର ସୁଧୀମଣ୍ଡଳୀ ତଥା ସୁରେନ୍ଦ୍ର ସାହିତ୍ୟପ୍ରେମୀ ପାଠକମାନେ ସ୍ୱାଗତ କରିବେ ବୋଲି ଆଶା ।

**ରାଉରକେଲା**
**ରଥଯାତ୍ରା-୨୦୧୧**

**ନିକୁଞ୍ଜ କିଶୋର ସାଇଁ**
**ସଭାପତି, ପ୍ରଗତି ଉତ୍କଳ ସଂଘ**

# ପ୍ରାକ୍ କଥନ

କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କ ମରାଳର ମୃତ୍ୟୁ ଓ ମହାନିର୍ବାଣ ଗଳ୍ପ ସଂକଳନ ମୋର ପାଠପଢ଼ା ସମୟରେ ସ୍ନାତକ ଓଡ଼ିଆ ସମ୍ମାନ ଓ ସ୍ନାତକୋତ୍ତର ପାଠ୍ୟଖସଡ଼ାର ଅନ୍ତର୍ଭୁକ୍ତ ଥିଲା । ସେଇ ସମୟରୁ ସୁରେନ୍ଦ୍ରଙ୍କ ଗଳ୍ପ ପ୍ରତି ଏକ ଅନାବିଳ ଆକର୍ଷଣ ମୋ ଅନ୍ତରରେ ଦେଖା ଦେଇଥିଲା । ଗଙ୍ଗାଧର ମେହେର ମହାବିଦ୍ୟାଳୟର ଉତ୍ସବରେ ଅତିଥି ସୁରେନ୍ଦ୍ର ମହାନ୍ତିଙ୍କ ପ୍ରଦତ୍ତ "ଜଗନ୍ନାଥ ଓ ଓଡ଼ିଶାର ସଂସ୍କୃତି" ସମ୍ବନ୍ଧୀୟ ଭାଷଣ ଶୁଣି ଛାତ୍ରାବସ୍ଥାରେ ଅଭିଭୂତ ହୋଇଥିଲି । ଏକ ଅଜଣା ଆକର୍ଷଣରେ ପୁଲକିତ ହୋଇ ସଭା ପରେ ସେ କାଳର ଯୁବ ଗାଳ୍ପିକ ପୂର୍ଣ୍ଣାନନ୍ଦ ଦାନୀଙ୍କ ସହ ଆମେ ସବୁ କେତେକ ନୂଆ ନୂଆ ଗଳ୍ପ କବିତା ଲେଖୁଥିବା ବନ୍ଧୁ ତାଙ୍କର ସାକ୍ଷାତ କରିଥିଲୁ । ସେ ସମୟରେ ଦୈନିକ କଳିଙ୍ଗ ଖବରକାଗଜର ସେ ସମ୍ପାଦକ ଥିଲେ ଓ ନବ ପ୍ରତିଭାମାନଙ୍କ ଲେଖା ସାପ୍ତାହିକ ସାହିତ୍ୟ ପୃଷ୍ଠାରେ ସ୍ଥାନିତ କରି ଉତ୍ସାହିତ କରୁଥିଲେ । ସେଇ ଛାତ୍ରାବସ୍ଥାରୁ କଥାଶିଳ୍ପୀ ସୁରେନ୍ଦ୍ର ମୋ ପାଇଁ ଏକ ସ୍ୱତନ୍ତ୍ର ଆକର୍ଷଣ ଥିବାରୁ "ମହାନିର୍ବାଣ— ଏକ ଆଙ୍ଗିକ ଓ ଆତ୍ମିକ ବିଶ୍ଳେଷଣ" ଶୀର୍ଷକ ପ୍ରବନ୍ଧ ଜ୍ୟୋତିବିହାରର 'ଓଡ଼ିଆ ପାଠଚକ୍ର'ରେ ଉପସ୍ଥାପନ କରିଥିଲି । ପରବର୍ତ୍ତୀ କାଳରେ ସେହି ପ୍ରବନ୍ଧଟି ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ହେଉଥିବା 'ସପ୍ତର୍ଷି' ପତ୍ରିକାରେ ସ୍ଥାନିତ ହୋଇ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

ସ୍ନାନକୋତ୍ତର ଶିକ୍ଷା ପରେ ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟାପନା, ସାଂସାରିକ ଜୀବନର ନାନାବିଧ ଘଟଣା, ଦୁର୍ଘଟଣା ଓ ମାନସିକ ସଂଘର୍ଷ ଭିତରେ ଗଳ୍ପ ରଚନା ସହ କିଛି କିଛି ଆଲୋଚନା ଲେଖୁଥିବା ମୋ ଅନ୍ତରର ଲେଖକୀୟ ସତ୍ତାଟି କିଛିକାଳ କୁଆଡ଼େ ନିର୍ବାସିତ ହୋଇଗଲା । ବିଗତ ୧୯୮୪ ମସିହାରେମୋର ପୂଜ୍ୟ ଗୁରୁଦେବ ଡଃ. ବାଳକୃଷ୍ଣ ଶତପଥୀଙ୍କ ସହ ସାକ୍ଷାତ ସମୟରେ ସେ ଗଳ୍ପ ସମ୍ପର୍କରେ ଲେଖାଲେଖି କରିବାକୁ ଉତ୍ସାହିତ କଲେ । ବିଶେଷତଃ କଥାଶିଳ୍ପୀ ସୁରେନ୍ଦ୍ରଙ୍କ ଗଳ୍ପ ସମ୍ପର୍କରେ ଆଲୋଚନା କରିବାକୁ ପ୍ରେରଣା ପ୍ରଦାନ କଲେ । ତାଙ୍କରି ପ୍ରେରଣାକ୍ରମେ ତଥା ମୋର ଅନ୍ୟତମ ଗୁରୁ ସ୍ୱର୍ଗତ କବି ଅଧ୍ୟାପକ ଚିନ୍ତାମଣି ବେହେରାଙ୍କ ଅଶେଷ ଆଶୀର୍ବାଦରୁ ମୁଁ କଥାକାର ସୁରେନ୍ଦ୍ରଙ୍କ ଗଳ୍ପ ସମ୍ବନ୍ଧୀୟ ପୁସ୍ତକ ପତ୍ରପତ୍ରିକା ସଂଗ୍ରହ କଲି । ଆଲୋଚନା ପାଇଁ ପ୍ରସ୍ତୁତି ସମୟରେ କଥାଶିଳ୍ପୀ ସୁରେନ୍ଦ୍ରଙ୍କ ଭୁବନେଶ୍ୱର ହସ୍ପିଟାଲ ଛକ ସରକାରୀ ବସା ତଥା କଟକ ତୁଳସୀପୁରସ୍ଥିତ ତାଙ୍କର ନିଜସ୍ୱ ବାସଭବନ "ଶିବାନୀ"ରେ କେତେଥର ସାକ୍ଷାତ କରିଥିଲି । ତାଙ୍କର ମୋ ପ୍ରତି ଥିଲା ଅଶେଷ ଆଶୀର୍ବାଦ ଓ ପ୍ରେରଣା । "ସୁରେନ୍ଦ୍ର-ଗଳ୍ପବୀକ୍ଷା" ପୁସ୍ତକ ପ୍ରକାଶନ ଅବସରରେ ପ୍ରଥମେ ସେମାନଙ୍କୁ ଭକ୍ତିପୂତ ଅର୍ଘ୍ୟ ନିବେଦନ କରୁଛି ।

କଥାଶିଳ୍ପୀ ସୁରେନ୍ଦ୍ରଙ୍କ ଗଳ୍ପ ସମ୍ପର୍କୀୟ ଆଲୋଚନା ପୁସ୍ତକ ଅଧ୍ୟାପକ ପୀତାମ୍ବର ପ୍ରଧାନ ଓ ଡଃ. ମଣୀନ୍ଦ୍ର କୁମାର ମହାନ୍ତିଙ୍କ ଦ୍ୱାରା ସତୁରୀ ଦଶକରେ ଲିଖିତ ଓ ପ୍ରକାଶିତ ହୋଇଥିଲା । ଅଧ୍ୟାପକ ପ୍ରଧାନଙ୍କ ପୁସ୍ତକ "ମରାଳର ମୃତ୍ୟୁ" ଗଳ୍ପ ପର୍ଯ୍ୟନ୍ତ ତଥା ଡଃ. ମଣୀନ୍ଦ୍ର ମହାନ୍ତିଙ୍କ ପୁସ୍ତକ, ୧୯୭୨ ପର୍ଯ୍ୟନ୍ତ ସୁରେନ୍ଦ୍ରଙ୍କ ପ୍ରକାଶିତ ଗଳ୍ପକୁ ଆଧାର କରି କରାଯାଇଥିଲା । ଏହି ଉଭୟ ପୁସ୍ତକର ଆଲୋଚନା ବିଷୟବସ୍ତୁ ଭିତ୍ତିକ ହୋଇଥିଲା ।

ପରବର୍ତ୍ତୀ କାଳରେ ଡଃ. ବିଜୟ କୁମାର ଚୌଧୁରୀଙ୍କ **ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି** ଓ ଡଃ. ଶୈଳେନ୍ଦ୍ର ଲେଙ୍କାଙ୍କ ସମ୍ପାଦିତ **କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି** ପୁସ୍ତକ ପ୍ରକାଶିତ ହୋଇଥିଲା । ୨୦୦୪ ମସିହାରେ ଅଧ୍ୟାପକ ଡଃ. ପ୍ରକାଶ କୁମାର ସାହୁ ଓ ଡଃ. ଗିରିଶଚନ୍ଦ୍ରଙ୍କ ଦ୍ୱାରା ସମ୍ପାଦିତ ଗ୍ରନ୍ଥ **ସୁରେନ୍ଦ୍ର ସାହିତ୍ୟ ସମୀକ୍ଷା** ପୁସ୍ତକ ଓଡ଼ିଶାର ବିଭିନ୍ନ ଆଲୋଚକଙ୍କ ସୁରେନ୍ଦ୍ରଙ୍କ ଗଳ୍ପ ଉପନ୍ୟାସ ଇତ୍ୟାଦିର ଆଲୋଚନାରେ ସମୃଦ୍ଧ ।

ସୁରେନ୍ଦ୍ରଙ୍କ ରଚନା ସମ୍ବନ୍ଧୀୟ ଉପରୋକ୍ତ ପୁସ୍ତକଗୁଡ଼ିକ ଅନୁଧ୍ୟାନ କଲେ କଥାକାରଙ୍କ ଗଳ୍ପ ସମ୍ପର୍କରେ ପୂର୍ଣ୍ଣାଙ୍ଗ ଆଲୋଚନା ପୁସ୍ତକର ଅଭାବ ଅନୁଭୂତ ହୁଏ । ମୋ ଦ୍ୱାରା ଲିଖିତ ପୁସ୍ତକ **ସୁରେନ୍ଦ୍ର-ଗଳ୍ପବୀକ୍ଷା**ର ଉପାଦାନ ସଂଗ୍ରହ ଓ ରଚନା ବହୁ ବର୍ଷ ପୂର୍ବରୁ ହୋଇଥିଲା । ଏହାର ପ୍ରକାଶନ ପୂର୍ବରୁ ଓଡ଼ିଆ ସାହିତ୍ୟର ଗବେଷଣା କ୍ଷେତ୍ରରେ ଅନେକ କିଛି ନୂତନତା ଆଣିଥିବା ମୋର ଅନୁଜତୁଲ୍ୟ ଅଧ୍ୟାପକ ଦେବେନ୍ଦ୍ର କୁମାର ଦାଶଙ୍କ ସହିତ ଆଲୋଚନା ଓ ପରାମର୍ଶ ନେଇ ପୁନଃଲିଖନ କରାଯାଇଛି । ତେଣୁ ଏହାର ପ୍ରକାଶନ ଅବସରରେ ଅନ୍ତରରୁ ଶ୍ରଦ୍ଧା ଓ ଧନ୍ୟବାଦ ଜଣାଇ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

"ପ୍ରଗତି ଉତ୍କଳ ସଂଘ" ପକ୍ଷରୁ ଏହି ପୁସ୍ତକର ପ୍ରକାଶନ ପାଇଁ ସର୍ବପ୍ରଥମେ ୧୯୯୫/୯୬ରେ ପ୍ରସ୍ତାବ ଦେଇଥିଲେ ମୋର ଶ୍ରଦ୍ଧେୟ ବନ୍ଧୁ ଅଧ୍ୟାପକ ଡଃ. ଶ୍ରୀଚରଣ ମହାନ୍ତି, ମାତ୍ର ସେତେବେଳେ ମୋର ଅବହେଳା ଯୋଗୁଁ ତାହା ସମ୍ଭବ ହୋଇନଥିଲା । ଆଜି ପ୍ରଗତି ଉତ୍କଳ ସଂଘ ଦ୍ୱାରା ଏହି ପୁସ୍ତକର ପ୍ରକାଶନ ଅବସରରେ ତାଙ୍କୁ ମୋର ଅନ୍ତରରୁ ଧନ୍ୟବାଦ ଜ୍ଞାପନ କରୁଛି । ଧନ୍ୟବାଦ ତଥା କୃତଜ୍ଞତା ଜ୍ଞାପନ କରୁଛି ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ନିକୁଞ୍ଜ କିଶୋର ସାଇଁ ଓ ସାଧାରଣ ସମ୍ପାଦକ ଶ୍ରୀ ରାଧାମୋହନ ନାୟକ ତଥା ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଭ୍ୟମାନଙ୍କୁ । ଏହି ପୁସ୍ତକର ଅକ୍ଷର ଅଳଂକରଣରେ ସାହାଯ୍ୟ କରିଥିବା ଶ୍ରୀ ଚିତ୍ତ ରଣା ଓ ଶ୍ରୀ ମୃତ୍ୟୁଞ୍ଜୟ ଜେନା ତଥା ମୁଦ୍ରଣ କରିଥିବା ଅପ୍ରତିମା ଅଫସେଟ୍ ପ୍ରିଣ୍ଟର୍ସର ପରିଚାଳକ ଶ୍ରୀମାନ ତପନ କୁମାର ମହାପାତ୍ରଙ୍କର ଅବଦାନ ଅବିସ୍ମରଣୀୟ । ସେମାନଙ୍କ ବିନା ଏହି ପୁସ୍ତକ ପ୍ରକାଶନ ସମ୍ଭବ ହୋଇନଥାନ୍ତା । ତେଣୁ ସେ ସମସ୍ତଙ୍କୁ ମୋର ଆନ୍ତରିକ ଧନ୍ୟବାଦ ।

ଏବେ ମୋର ମନେ ପଡୁଛି କବି ରମାକାନ୍ତଙ୍କ କବିତା ଧାଡ଼ିଏ "ଛୋଟ ଛୋଟ ଚାରାମାନେ ମହାଦ୍ରୁମ ହେଲେ" । ଏକଥା ଲେଖିବାର କାରଣ ହେଲା ଏହି ପୁସ୍ତକ ରଚନାର ପ୍ରାରମ୍ଭ ସମୟ ବିଗତ ଶତାବ୍ଦୀର ୮୦ ଦଶକରେ ବାଲ୍ୟକାଳ ଅତିବାହିତ କରୁଥିବା ମୋର ପୁଅ ଅବୀକ୍ଷତ ଆଜି ଯୌବନରେ । ସେ ଡାକ୍ତର ହୋଇ ପଲ୍ଲବୀ ସହ ଘର ସଂସାର ଆରମ୍ଭ କଲାଣି । ଜୀବନର ଏକ ଦୋଛକି ମୁହୂର୍ତ୍ତରେ ହାତ ଧରିବାକୁ ଆଗେଇ ଆସିଥିବା ପତ୍ନୀ ପ୍ରିୟମ୍ବଦା ଆଜି ମୋ ସହ ଜୀବନର ଅପରାହ୍ଣରେ । ସେମାନଙ୍କର ଜିଦ୍, ବହୁବର୍ଷ ଅତିବାହିତ ହୋଇ ଯାଇଥିଲେ ବି ଏ ପୁସ୍ତକଟି ପ୍ରକାଶିତ ହେଉ । ସେମାନଙ୍କର ସହଯୋଗ ପାଇଁ ଅନ୍ତରରୁ ଶୁଭେଚ୍ଛା । ଏହି ପୁସ୍ତକ ରଚନା ପାଇଁ ମୋତେ ଆଶୀର୍ବାଦ କରିଥିବା ବାପା ସ୍ୱର୍ଗତ ମିତ୍ରଭାନୁ ପଣ୍ଡା ଓ ମା' ସ୍ୱର୍ଗୀୟା ଜାନକୀ, ଶ୍ୱଶୁର ସ୍ୱର୍ଗତ ସର୍ବେଶ୍ୱର ରଥ ଓ ଶାଶୁ ସ୍ୱର୍ଗୀୟା ଚାରୁଶିଳାଙ୍କ ମହାନ ଆତ୍ମା ଉଦ୍ଦେଶ୍ୟରେ ମୋ ଅନ୍ତରରୁ ଭକ୍ତି ଅର୍ଘ୍ୟ ନିବେଦନ କରୁଛି ।

ଶେଷରେ ଏହି ପୁସ୍ତକର ରଚନା ସମୟରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସାହାଯ୍ୟ କରିଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକୁ ମୋର ଅନ୍ତରରୁ କୃତଜ୍ଞତା ଜଣାଇ ଶୁଭେଚ୍ଛା କାମନା କରୁଛି । ପୁସ୍ତକଟିରୁ ସୁଧୀ ପାଠକବୃନ୍ଦ କିଛି ନୂତନ ଚିନ୍ତା ଓ ଚେତନାର ଓ ଉପାଦାନ ପାଇ ପାରିଲେ ଶ୍ରମ ସାର୍ଥକ ହେବ ବୋଲି ଆଶା । ଶେଷରେ ଜଗନ୍ନାଥଙ୍କ ପାଦ ତଳେ ନିଜକୁ ସମର୍ପଣ କରୁଛି...

**ରାଉରକେଲା**

**ରଥଯାତ୍ରା - ୨୦୧୧** **ବିଭୂତି ଭୂଷଣ ପଣ୍ଡା**

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ପ୍ରକାଶକଙ୍କ ନିବେଦନ | |
| ପ୍ରାକ୍ କଥନ | |
| ଉପକ୍ରମଣିକା | |
| (କ୍ଷୁଦ୍ରଗଳ୍ପର ଜନ୍ମଜାତକ, ସଂଜ୍ଞା, ସ୍ୱରୂପର ସୂଚନା ତଥା କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି) | ୦୯ |
| ଗାଳ୍ପିକ ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପର ଶ୍ରେଣୀ ବିଭାଗ | ୨୭ |
| ସୁରେନ୍ଦ୍ରଙ୍କ ଗଳ୍ପର ଭାବଧର୍ମ (ରାଜନୀତିକ, ସାମାଜିକ ଓ ଜୀବନଚେତନା) | ୪୪ |
| ସୁରେନ୍ଦ୍ରଙ୍କ ଗଳ୍ପର ରୂପ ବିଭବ | ୧୦୭ |
| ସୁରେନ୍ଦ୍ରଙ୍କ ଗଳ୍ପର ଶୈଳୀ | ୧୭୭ |
| ସୁରେନ୍ଦ୍ରଙ୍କ ଗଳ୍ପରେ ଚରିତ୍ରାୟନ | ୧୯୧ |
| ଉପସଂହାର (ଓଡ଼ିଆ କ୍ଷୁଦ୍ରଗଳ୍ପ ପରମ୍ପରାରେ ସୁରେନ୍ଦ୍ରଙ୍କ ବୈଶିଷ୍ଟ୍ୟ) | ୨୨୯ |
| ଗ୍ରନ୍ଥପଞ୍ଜି | ୨୩୭ |

# ଉପକ୍ରମଣିକା

## କ୍ଷୁଦ୍ରଗଳ୍ପର ଜନ୍ମ ଜାତକ, ସଂଜ୍ଞା, ସ୍ୱରୂପର ସୂଚନା

## ତଥା

## କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି

ମଣିଷ ଜାତିର ଇତିହାସ ଅବଲୋକନ କଲେ ଏକଥା ଅନୁମିତ ହୁଏ ଯେ, ମଣିଷ ଅନ୍ତରରେ କଥା ଶୁଣିବାର ଯେଉଁ ସହଜାତ ପ୍ରବୃତ୍ତି ରହିଛି, ତାରି ମଧ୍ୟରୁ ଗଳ୍ପର ସୃଷ୍ଟି । ପର୍ବତ ଗୁମ୍ଫାର ବସତି କାଳରୁ ସମକାଳୀନ ପ୍ରାସାଦ ବିଶିଷ୍ଟ ନଗର ଜୀବନ ପର୍ଯ୍ୟନ୍ତ ମଣିଷର କଥା କହିବା ଓ ଶୁଣିବାର ପ୍ରବୃତ୍ତି ତା' ମନ ମଧ୍ୟରେ ଜାଗ୍ରତ ହୋଇଥିବା ଲକ୍ଷ୍ୟ କରାଯାଏ । ଏହା ମାଧ୍ୟମରେ ବାହ୍ୟ ପରିବେଶ ତଥା ମଣିଷ ମନ ଅନ୍ତରାଳରେ ସୃଷ୍ଟି ହେଉଥିବା ରହସ୍ୟ ଓ ଉତ୍କଣ୍ଠା ଉନ୍ମୋଚିତ ହୋଇଥାଏ । ଆମ ଦେଶ ଭାରତବର୍ଷର ଅତୀତ ପରମ୍ପରାରେ ବୈଦିକ କାଳର ପୁରରବା ଉର୍ବଶୀ, ପଣିସରମା ଓ ଯୁବକର ଜୁଆଖେଳ ଆଦି କେତେକ ସୁନ୍ଦର ଜୀବନଧର୍ମୀ କାହାଣୀ ପରିଲକ୍ଷିତ ହୋଇଥାଏ । ପରବର୍ତ୍ତୀ କାଳରେ ବ୍ରାହ୍ମଣ ଓ ଉପନିଷଦରେ ଶୁନଃଶେପଙ୍, ମତ୍ସ୍ୟ ଅବତାର, ସତ୍ୟକାମଜାବାଳ ଓ ନଚିକେତା କାହାଣୀ ବର୍ଣ୍ଣିତ । ଏହାପର ସଂସ୍କୃତ ସାହିତ୍ୟକୁ ଲକ୍ଷ୍ୟକଲେ ଦଣ୍ଡୀଙ୍କର ଦଶକୁମାର ଚରିତ, ସୁବନ୍ଧୁଙ୍କର ବାସବଦତ୍ତା ପ୍ରଣୟ କାହାଣୀ, ବାଣଭଟ୍ଟଙ୍କ ହର୍ଷ ଚରିତ, ଧନପାଳଙ୍କ ତିଳକମଞ୍ଜରୀ ତଥା ପାଲି ଓ ପ୍ରାକୃତ ଭାଷାରେ ରଚିତ "ବଡ୍‌ଡ କହା" ଓ "ଜାତକଗଳ୍ପ" ଆଦି ମଧ୍ୟ ଦେଇ ସଂସ୍କୃତ ଗଦ୍ୟ ସାହିତ୍ୟରେ ବିଷ୍ଣୁଶର୍ମାଙ୍କର ପଞ୍ଚତନ୍ତ୍ର, ସୋମଦେବଙ୍କର 'କଥାସରିତ ସାଗର' ଆଦି ଗ୍ରନ୍ଥଗୁଡ଼ିକ ଦେଖାଯାଇଥାଏ । ଆମର ଏହି ପ୍ରାଚ୍ୟକଥା ସାହିତ୍ୟର ସାମଞ୍ଜସ୍ୟ ପାଶ୍ଚାତ୍ୟ କଥା ସାହିତ୍ୟର ଈଶପ ତଥା ଅନ୍ୟାନ୍ୟ ଗଳ୍ପ ସହିତ ଲକ୍ଷ୍ୟ କରାଯାଇଥାଏ । ଏହି ପ୍ରାଚ୍ୟ ପାଶ୍ଚାତ୍ୟ କଥା ସାହିତ୍ୟର ସମ୍ମିଶ୍ରଣ ବୌଦ୍ଧଧର୍ମର ବିଶ୍ୱପ୍ରସାର କିମ୍ବା ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡରଙ୍କ ଭାରତ ଆକ୍ରମଣ କାଳରେ ଘଟିଥିବା ଅନୁମାନ କରାଯାଇପାରେ । ଓଡ଼ିଆ ଭାଷାର ଅତୀତକୁ ଅନୁଧ୍ୟାନ କଲେ ଲୋକମୁଖରେ ପ୍ରଚଳିତ ଆଦିବାସୀ ଓ ଲୋକଗଳ୍ପର ପ୍ରଭାବ କ୍ରମେ ସାରଳାଙ୍କ ମହାଭାରତ, ଅନ୍ୟାନ୍ୟ ପୁରାଣ ସାହିତ୍ୟ ତଥା ଓଷାବ୍ରତ କଥା ମଧ୍ୟ ଦେଇ ଅନେକ ଗଳ୍ପ ପଦ୍ୟରେ ରଚିତ ହୋଇଥିବା ଦେଖାଯାଏ । ପ୍ରାଚୀନ ଓ ମଧ୍ୟଯୁଗର ଓଡ଼ିଆ ସାହିତ୍ୟର ଗଦ୍ୟରଚନା ଭାବରେ ସ୍ୱୀକୃତ ମାଦଳାପାଞ୍ଜି, ଚଇନିଙ୍କ ଚକଡ଼ା, ରୁଦ-ସୁଧାନିଧି, ଚତୁରବିନୋଦ ଆଦି ଗ୍ରନ୍ଥରେ ବର୍ଣ୍ଣିତ ଗଳ୍ପଗୁଡ଼ିକ ମଧ୍ୟରେ ଓଡ଼ିଆ କଥାସାହିତ୍ୟର ଏକ ବିକାଶକ୍ରମ ଲକ୍ଷ୍ୟ କରାଯାଇଥାଏ । କଥାସାହିତ୍ୟର ଏହି ପୃଷ୍ଠଭୂମି ଉପରେ ପାଦ ଥାପି ପରବର୍ତ୍ତୀ କାଳରେ ପାଶ୍ଚାତ୍ତ୍ୟ ସାହିତ୍ୟର ପ୍ରଭାବକ୍ରମେ ଏକ ନୂତନ ଆଙ୍ଗିକରେ ଓଡ଼ିଆ କ୍ଷୁଦ୍ରଗଳ୍ପର ଜନ୍ମ ।

## କ୍ଷୁଦ୍ରଗଳ୍ପର ସୃଷ୍ଟି

ବିଶ୍ୱ ସାହିତ୍ୟରେ କ୍ଷୁଦ୍ର ଗଳ୍ପର ଉତ୍ପତ୍ତି ବିଚାର କଲେ ଦେଖାଯାଏ ଯେ, ରୂପକ ଗଳ୍ପ, ଗାଲଗଳ୍ପ, କାହାଣୀ ଆଦି ପ୍ରାଚୀନ ଯୁଗର ଅବାସ୍ତବ, ଅଲୌକିକ ଏବଂ ଆଖ୍ୟାନମୂଳକ ଗଳ୍ପ ରହିଥିଲା, ତାରି ମଧ୍ୟରୁ ମଧ୍ୟଯୁଗୀୟ ପାଶ୍ଚାତ୍ୟ ସାହିତ୍ୟରେ ବୋକାସିଓ, ଚସର, ରାଁବଲେ ଆଦିଙ୍କ ଦ୍ୱାରା ଗଳ୍ପ ମୁକ୍ତି ପ୍ରକାଶ କଲା । ତେଣୁ ବୋକାସିଓ ଡେକାମେରନ୍ ଗ୍ରନ୍ଥ ବାସ୍ତବ ଜୀବନଧର୍ମୀ କଥା ବସ୍ତୁର ଅନୁସରଣରେ ରଚନା କଲେ, ଚସର "କେଣ୍ଟରସ୍ ବରୀଟେଲ୍‌ସ"ରେ ଚରିତ୍ର ଚିତ୍ରଣର ଦକ୍ଷତା ଦେଖାଇଲେ । ଫରାସୀ କଥାକାର ରାଁବଲେ ନିଜ ଗଳ୍ପରେ କୌତୁକ ସଂଳାପ ସଂଯୋଜନା କଲେ । ସରଭଣ୍ଟିସ୍ କଥିତ ଭାଷାକୁ ରଚନା ରୀତି ରୂପେ ଗ୍ରହଣ କରିନେଲେ । ତେଣୁ ମଧ୍ୟଯୁଗର ଗଳ୍ପଗୁଡ଼ିକ ବାସ୍ତବ ଜୀବନର ସମୀପବର୍ତ୍ତୀ ହେବା ସଙ୍ଗେ

ଅନେକାଂଶରେ ହେଲା ସମାଜ ସଚେତନ ଓ ଜୀବନଧର୍ମୀ । ଏହିପରି ଭାବରେ ପରୀଜଗତର ରୂପକଥା ମଧ୍ୟରୁ ଆଧୁନିକ କ୍ଷୁଦ୍ରଗଳ୍ପ ଜନ୍ମ ନେବା ପାଇଁ ଅପେକ୍ଷା କଲା ଶିଳ୍ପ ବିପ୍ଳବର ଯାନ୍ତ୍ରିକ ଅଭ୍ୟୁଦୟ । (ପଟ୍ଟନାୟକ, ୧୯୭୯ ପୃ: ୩୮) ପୁଣି ଫରାସୀ ରାଷ୍ଟ୍ର ବିପ୍ଳବ ଓ ଆମେରିକାର ମୁକ୍ତି ସଂଗ୍ରାମ ମଧ୍ୟରେ ମଣିଷ ସ୍ୱାଧୀନ ଗଣତାନ୍ତ୍ରିକ ଚେତନା ଓ ଔପନିବେଶିକତାର ବିଲୋପସାଧନ ପ୍ରତି ହେଲା ସଚେତନ । ତାରି ମଧ୍ୟରେ ଯନ୍ତ୍ରସଭ୍ୟତାର ଅଗ୍ରଗତି ମଧ୍ୟ ଦେଇ ଛାପାଖାନା ପ୍ରତିଷ୍ଠା ସହ ପତ୍ରପତ୍ରିକାର ପ୍ରସାର ଦେଖା ଯାଇଛି । ଏହା ସହିତ ମଣିଷର ମାନସରାଜ୍ୟରେ ଦେଖାଦେଇଥିବା ନାନାଚିନ୍ତା ଓ ଚେତନା ମଧ୍ୟରୁ ଊନବିଂଶ ଶତାବ୍ଦୀରେ ପ୍ରଥମେ ଚିତ୍ରକଳାରେ ପ୍ରଭାବବାଦ (Impressionism) ଦେଖା ଯାଇ ପରବର୍ତ୍ତୀ କାଳରେ ଏକ ସାହିତ୍ୟତତ୍ତ୍ୱରେ ପରିଣତ ହୋଇଛି । ଏହି ତତ୍ତ୍ୱ ଅନୁଯାୟୀ ଲେଖକ ନିଜ ଜୀବନର ବିଚିତ୍ର ଅନୁଭୂତିଗୁଡ଼ିକ ମଧ୍ୟରୁ ଏଭଳି କେତେକ ସାରଗର୍ଭକ ନିର୍ଦ୍ଦିଷ୍ଟ ଅନୁଭୂତିର ଚିତ୍ର ଦିଅନ୍ତି ଯାହା ପାଠକମନରେ ଏକ ଗଭୀର ଓ ସ୍ପଷ୍ଟ ଛାପ ପକାଇବାକୁ ସମର୍ଥ ହୁଏ। ଏହା ପୁଣି ବର୍ଣ୍ଣନାତ୍ମକ ନ ହୋଇ ହେବ ଇଙ୍ଗିତଧର୍ମୀ । ଏହିଭଳି ଏକ ସାଂସ୍କୃତିକ ପରିବର୍ତ୍ତନ କାଳରେ ପ୍ରଭାବବାଦ ରୀତି ଅନୁଯାୟୀ ଏଡ୍‌ଗାର ଏଲାନ୍ ପୋ, ମୋପାଁସା, ଚେକଭ ଆଦି ପାଶ୍ଚାତ୍ୟ ସାହିତ୍ୟିକ ଊନବିଂଶ ଶତାବ୍ଦୀରେ କ୍ଷୁଦ୍ରଗଳ୍ପ ସୃଷ୍ଟି କରନ୍ତି- (ବେହେରା, ୧୯୭୧, ପୃ: ୭୨-୭୫) ଯାହା ସାହିତ୍ୟରେ ଏକ ନୂତନ ବିଭାବ ରୂପେ ପରେ ପ୍ରତିଷ୍ଠିତ ହୁଏ ।

**କ୍ଷୁଦ୍ରଗଳ୍ପର ସ୍ୱରୂପ**

ଊନବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ ମାର୍କିନ ଯୁକ୍ତରାଷ୍ଟ୍ରରେ ଆରଭିଙ୍ଗ, ହଥର୍ଣ୍ଣ, ଏଡ୍‌ଗାର ଆଲାନ ପୋ ଆଦିଙ୍କ ଦ୍ୱାରା ପ୍ରଥମେ କ୍ଷୁଦ୍ରଗଳ୍ପ ରୂପ ପରିଗ୍ରହ କରେ । ଏହାର ସମକାଳରେ ଫ୍ରାନ୍ସ ଦେଶରେ ପ୍ରସପର ମରିମେଁ ଓ ମୋପାସାଙ୍କ ଦ୍ୱାରା Conte ନାମରେ କ୍ଷୁଦ୍ରଗଳ୍ପର ଅସ୍ମାରମ୍ଭ ଘଟେ । ରୁଷ ସାହିତ୍ୟରେ ପୁସ୍‌କିନ୍, ତୁର୍ଗନେଭ, ଟଲଷ୍ଟୟ ତଥା ଚେଖଭ୍ କ୍ଷୁଦ୍ରଗଳ୍ପକୁ ସମୃଦ୍ଧ କରନ୍ତି । କ୍ରମେ ଏହା ଇଂରାଜୀ ସାହିତ୍ୟକୁ ବିସ୍ତାରଲାଭ କଲାପରେ ଆର.ଏଲ. ଷ୍ଟିଭେନ୍‌ସନ୍ ଓ ଓସ୍କାର ୱାଇଲଡ୍‌ଙ୍କ ଦ୍ୱାରା ଏହାର ସୃଷ୍ଟି ତଥା ବିକାଶ ଘଟେ । ଏହିଭଳି ଭାବେ ବିଶ୍ୱସାହିତ୍ୟରେ ଊନବିଂଶ ଶତାବ୍ଦୀର ଶେଷ ବେଳକୁ କ୍ଷୁଦ୍ରଗଳ୍ପ ସାହିତ୍ୟର ସ୍ୱତନ୍ତ୍ର ବିଭାବ ରୂପେ ପ୍ରତିଷ୍ଠିତ । ପତ୍ରପତ୍ରିକାରେ କ୍ଷୁଦ୍ରଗଳ୍ପର ବହୁଳ ପ୍ରକାଶ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ପର୍ଯ୍ୟନ୍ତ ଏହାର ସ୍ଥାନ ପରିବ୍ୟାପ୍ତ ହୋଇଥିଲେ ହେଁ ସାହିତ୍ୟର ଅନ୍ୟାନ୍ୟ ବିଭାବ ନାଟକ, କବିତା, ଉପନ୍ୟାସ ଅପେକ୍ଷା କ୍ଷୁଦ୍ରଗଳ୍ପର ତତ୍ତ୍ୱନିର୍ଦ୍ଧାରଣ ତଥା ସମାଲୋଚନା କ୍ଷେତ୍ରରେ ବିଶ୍ୱ ସାହିତ୍ୟରେ ବିଶେଷ ପ୍ରଚେଷ୍ଟା ହୋଇନାହିଁ । (Read- 1977, Page : 2-3) ତେଣୁ ଏଡ୍‌ଗାର ଆଲାନ୍ ପୋ, ବ୍ରାଣ୍ଡର ମାଥ୍ୟୁସ୍, ଆନାତୋଲା ଫ୍ରାନ୍‌ସ ଓ ହଡ୍‌ସନ୍‌ଙ୍କ ପର୍ଯ୍ୟନ୍ତ ବିଭିନ୍ନ ଆଲୋଚକ କ୍ଷୁଦ୍ର ଗଳ୍ପର ସଂଜ୍ଞା ଓ ସ୍ୱରୂପ ନିର୍ଦ୍ଧାରଣ ପାଇଁ ଦେଇଥିବା ମତଗୁଡ଼ିକ ଆଲୋଚନା କଲେ ଦେଖାଯାଏ କ୍ଷୁଦ୍ର ଗଳ୍ପର ସଂଜ୍ଞା ନିର୍ମାଣ କ୍ଷେତ୍ରରେ କ୍ଷୁଦ୍ରତା ତଥା ସମୟ ସମ୍ପୂର୍ଣ୍ଣ ଆପେକ୍ଷିକ । ବରଂ କ୍ଷୁଦ୍ରଗଳ୍ପ ହେଉଛି ମଣିଷର ଅଖଣ୍ଡ ଜୀବନର ଏକ ଖଣ୍ଡିତ ଅଂଶ, ବହୁ ବର୍ଣ୍ଣିଳ ଅନୁଭୂତି ମଧ୍ୟରୁ ଏକ ବିଶିଷ୍ଟ ଅନୁଭୂତିର ଚିତ୍ର, ମହାକାଳ ମଧ୍ୟରୁ କେତୋଟି ମୁହୂର୍ତ୍ତର କଥାକୁ ସୀମିତ ସମୟ, ସଂକ୍ଷିପ୍ତ ଆୟୋଜନ ଏବଂ ସଂଯତ ତଥା ପରିମିତ ଇଙ୍ଗିତଧର୍ମୀ ବ୍ୟଞ୍ଜନାତ୍ମକ ଭାଷା ମାଧ୍ୟମରେ ବିନ୍ୟାସ କରିବା ସହିତ ଏକଲକ୍ଷ୍ୟ ଓ ପରିଣତିର ଏକମୁଖୀନତା ଏହାର ସାର୍ଥକତାର ମାପକାଠି ।

କ୍ଷୁଦ୍ରଗଳ୍ପର ଉପରୋକ୍ତ ସଂଜ୍ଞା ଓ ସ୍ୱରୂପକୁ ଆଧାର କରି ଏହାର ଗଠନ କୌଶଳ ପାଇଁ ଯେଉଁ କେତେକ ବିଭାବର ଆବଶ୍ୟକତା ରହିଛି ସେଗୁଡ଼ିକ ହେଲା କଥାବସ୍ତୁ, ଘଟଣା ବିନ୍ୟାସ, ଚରିତ୍ର ଚିତ୍ରଣ, ପରିବେଶ, ମର୍ମବାଣୀ, ନାମକରଣ, ରଚନାଶୈଳୀ ଓ ଭାଷା । ଏହିସବୁକୁ ନେଇ ଗାଳ୍ପିକ କ୍ଷୁଦ୍ରଗଳ୍ପ ରଚନା କଲା ସମୟରେ ଏହାର ପ୍ରାରମ୍ଭ ଓ ପରିଣତି ପାଇଁ ବିଶେଷ ଗୁରୁତ୍ୱ ପ୍ରଦାନ କରିଥାଏ । କ୍ଷୁଦ୍ରଗଳ୍ପର ଆରମ୍ଭ ଯେଭଳି ଚମକପ୍ରଦ ହେବ ଅର୍ଥାତ୍ ଗଳ୍ପର ପ୍ରଥମ ପଙ୍‌କ୍ତି ହିଁ କିଭଳି ପାଠକ ମନରେ ରେଖାପାତ କରିପାରିବ ସେଥିପାଇଁ ଗାଳ୍ପିକ ସଚେତନ ରହି ପରିଣତି ପର୍ଯ୍ୟନ୍ତ ନିଜର କଳା କୁଶଳତା ମଧ୍ୟରେ କଥାବସ୍ତୁ ବିନ୍ୟାସକୁ ବ୍ୟଞ୍ଜନାଧର୍ମୀ ବା ଇଙ୍ଗିତମୂଳକ କରିବା ସଙ୍ଗେସଙ୍ଗେ ଚମକପ୍ରଦ କରି ତୀବ୍ର, ଗତିରେ ଆଗେଇ ନେଇଥାଏ । ଅଧିକାଂଶ ସମୟରେ ପରିଣତିର ସୂଚନା ଗଳ୍ପର ଆରମ୍ଭରୁ ଦିଆଯାଇ ନାଟକୀୟତା ସୃଷ୍ଟି କରାଯାଇଥାଏ । ତେଣୁ ଗାଳ୍ପିକ ଲେଖିବା ପୂର୍ବରୁ ଗଳ୍ପର ଚରମ ପରିଣତି ସ୍ଥିର କରି ରଚନା କରିବା ଉଚିତ । ଫଳରେ ଦେଖାଯାଏ ଗଳ୍ପର ଆରମ୍ଭ ହିଁ ପରିଣତିରୁ ଘଟିଥାଏ । ତେବେ "ଶେଷହସ୍ ହସ୍ଲନା ଶେଷ"କୁ ଅନୁଧ୍ୟାନ କଲେ ପରିଣତିରେ ଗଳ୍ପର ପ୍ରକୃତ ଶେଷ ଘଟେନି, ଯଦିଓ ଗାଳ୍ପିକର ବକ୍ତବ୍ୟ ଶେଷ ହୋଇଯାଇଥାଏ ତଥାପି ପାଠକର ମନରେ ଦେଖାଦିଏ ଜିଜ୍ଞାସା ଓ ପ୍ରଶ୍ନବାଚୀ ଯାହାଫଳରେ ତାହାର ଅନ୍ତଃରାଜ୍ୟରେ ଭାବର ଅନୁରଣନ ଚାଲେ ଅନେକ ସମୟ । ବେଳେବେଳେ ଏଇ ପରିଣତି ସାଧାରଣ ସ୍ୱାଭାବିକ ଭାବେ ହେଉଥିବା ସମୟରେ ଅଧିକାଂଶ କ୍ଷେତ୍ରରେ ପରିଣତିରେ ନାଟକୀୟତା ବା ଆକସ୍ମିକତା ସୃଷ୍ଟି ଦ୍ୱାରା ପାଠକକୁ ଏକାବେଳକେ ମୁଗ୍ଧ ବା ଚକିତ କରିଦିଆଯାଏ । ତେଣୁ କୁହାଯାଏ, କ୍ଷୁଦ୍ରଗଳ୍ପ ଅଶ୍ୱଦୌଡ଼ ଭଳି ଯାହାର ଆରମ୍ଭ ଓ ପରିଣତି ମଧ୍ୟରେ ବିଶେଷ ବ୍ୟବଧାନ ରହେନାହିଁ ।

ଉପର୍ଯ୍ୟୁକ୍ତ ଆଲୋଚନାରୁ ମନେହୁଏ କ୍ଷୁଦ୍ରଗଳ୍ପ ରଚୟିତାମାନେ ସାହିତ୍ୟର ଅନ୍ୟାନ୍ୟ ବିଭାବର ଲେଖକମାନଙ୍କ ଅପେକ୍ଷା ଗଳ୍ପର ଆରମ୍ଭ ଓ ପରିଣତି ପ୍ରତି ବିଶେଷ ଭାବେ ସଚେତନ; ତେଣୁ କ୍ଷୁଦ୍ରଗଳ୍ପ ରଚନା ପୂର୍ବରୁ ହିଁ ସେମାନେ ନିଜ ମାନସ ରାଜ୍ୟରେ ପ୍ରଥମେ ଗଳ୍ପର ବିଷୟବସ୍ତୁର ସଂଯୋଜନା କରି ଅନେକ ଚିନ୍ତା ଚେତନା ମଧ୍ୟରେ ପରବର୍ତ୍ତୀ ପର୍ଯ୍ୟାୟରେ ଲିଖିତ ରୂପ ଦେଇଥାନ୍ତି । ଷ୍ଟିଭେନ୍‌ସନ୍ ସାରସିଡ଼ନି କଲଭିନ୍‌ଙ୍କୁ କ୍ଷୁଦ୍ରଗଳ୍ପର ଶେଷାଂଶରେ କୌଣସି ପରିବର୍ତ୍ତନ କରିବା ଯୁକ୍ତିଯୁକ୍ତ ନୁହେଁ ବୋଲି ପରାମର୍ଶ ଦେଇଥିଲେ । ତେଣୁ କଳା ଦୃଷ୍ଟିରୁ ବିଚାର କଲେ କ୍ଷୁଦ୍ରଗଳ୍ପର ସାର୍ଥକତା ବା ବ୍ୟର୍ଥତା ଗଳ୍ପର କୌଣସି ବିଭାବକୁ ବା ଅଂଶବିଶେଷକୁ ନେଇ ବିଚାର କରାନଯାଇ କ୍ଷୁଦ୍ରଗଳ୍ପର ସମସ୍ତ ଅଂଶ ଏବଂ ସେସବୁର ସମ୍ମିଶ୍ରଣରେ ଜାତ ହେଉଥିବା ରସ ପରିଣାମ ହିଁ ତାର ପ୍ରକୃଷ୍ଟ ପରିମାପ ରୂପେ ଗ୍ରହଣ କରାଯାଏ । (ପଞ୍ଚନାମ୍ବିକ, ୧୯୬୫, ପୃ: ୧୯୫-୧୯୬)

ବିଂଶ ଶତାବ୍ଦୀରେ ପ୍ରଥମ ବିଶ୍ୱମହାସମର ପରେ ପରେ କ୍ଷୁଦ୍ରଗଳ୍ପର ସଂଜ୍ଞା ଓ ସ୍ୱରୂପ ଧିରେ ଧିରେ ପରିବର୍ତ୍ତିତ ହେଉଛି । ଶିଳ୍ପ ବିପ୍ଳବ ପରେ ପରେ ଯାନ୍ତ୍ରିକ ସଭ୍ୟତାର ଅଗ୍ରଗତି ତଥା ଯୁଦ୍ଧର ଭୟାବହତା ମଧ୍ୟରେ ମଣିଷ କ୍ରମେଶଃ ଅସହାୟ ହୋଇ ପଡ଼ିଛି । ଏହିଭଳି ମଣିଷର ଚିତ୍ର ହେମିଂୱେଙ୍କ ଲେଖନୀରୁ ନିଃସୃତ ହେଲାପରେ ସାଲିଞ୍ଜର, ସଲବେଲୋ, ନରମାନ ମିଲର୍, ଜନ ଅପଡାଇକ ଆଦି କଥାକାର ମାଧ୍ୟମରେ ଅଗ୍ରଗତି କରି ଚାଲିଛି । ବିଶେଷତଃ ବିଂଶ ଶତାବ୍ଦୀର ତୃତୀୟ ଚତୁର୍ଥ ଦଶକରେ ଚିରାଚରିତ ଜୀବନର ଖଣ୍ଡିତ ଅଂଶକୁ ନେଇ ଗଳ୍ପ ରଚନାରପ୍ରଚଳିତ ପ୍ରବୃତ୍ତି ସାଲିଞ୍ଜିରଙ୍କ ଦ୍ୱାରା ସମାପ୍ତି ଘଟିଲା, ତଥା ତାଙ୍କ କ୍ଷୁଦ୍ରଗଳ୍ପରେ ଆକୃତିହୀନତାର ନୂତନ କୋଠରୀ ଖୋଲିବା ସଙ୍ଗେ ମଣିଷ ଯେପରି ବଞ୍ଚେ ସେହି ଜୀବନର ଛବି ତାଙ୍କ କ୍ଷୁଦ୍ରଗଳ୍ପରେ ଫୁଟି ଉଠିଲା । ('ଗଳ୍ପ', ୬ଷ୍ଠ ସଂଖ୍ୟା : ପୃଷ୍ଠା:୮୫-୮୬) ଏହି ରୀତି

ଅନ୍ୟ ଗାଳ୍ପିକଙ୍କ ପାଖକୁ ସଂକ୍ରମିତ ହେବା ସଙ୍ଗେସଙ୍ଗେ ରଚନା ରୀତିରେ ଚେତନା ପ୍ରବାହ ଶୈଳୀ, ମାର୍କସ୍‌ବାଦୀ ଦର୍ଶନ, ଫ୍ରଏଡ୍‌ଙ୍କ ଯୌନତତ୍ତ୍ୱ ତଥା ସ୍ୱପ୍ନତତ୍ତ୍ୱ ଇତ୍ୟାଦିର ଅନୁପ୍ରବେଶ କ୍ଷୁଦ୍ରଗଳ୍ପରେ ଦେଖାଗଲା । ତେଣୁ ଗାଳ୍ପିକ କେତେବେଳେ ତାର ବିଶିଷ୍ଟ mood ବିଭିନ୍ନ Ideaକୁ ଅବଲମ୍ବନ କରି ଗଳ୍ପ ଲେଖିଛି । ତେଣୁ ଗଳ୍ପର ସଂଜ୍ଞା କ୍ଷୁଦ୍ରଗଳ୍ପର ବ୍ୟକ୍ତି ଓ ପରିସରର ପରିବର୍ତ୍ତନ ସଙ୍ଗେସଙ୍ଗେ ଏହାର ରଚନା ମଧ୍ୟ ସାହିତ୍ୟର ଅନ୍ୟାନ୍ୟ ବିଭାଗ ଭଳି ଆୟାସସାଧ୍ୟ କଳା ରୂପେ ରହିନାହିଁ । ଏହା ପ୍ରବନ୍ଧ କିମ୍ବା ଉପନ୍ୟାସ ରଚନା ଠାରୁ ଆହୁରି କଷ୍ଟକର, ନାଟକ ଠାରୁ ଆହୁରି ସୂକ୍ଷ୍ମ, କବିତା ଠାରୁ ଅଧିକ କାବ୍ୟଧର୍ମୀ । ପ୍ରକୃତରେ ସାହିତ୍ୟରେ ରହିଥିବା ସକଳ ପ୍ରକାର କଳାରୂପ (Artform)ର ସମନ୍ୱୟ କ୍ଷୁଦ୍ରଗଳ୍ପରେ ହୋଇଥାଏ । ଫଳରେ ଏହା ସଂକ୍ଷିପ୍ତ ନ ହୋଇ କ୍ଷୁଦ୍ର, କାବ୍ୟ ନ ହୋଇ କାବ୍ୟଧର୍ମୀ, ସ୍ଥୂଳ ନ ହୋଇ ବାସ୍ତବବାଦୀ । ସଂକ୍ଷେପରେ କ୍ଷୁଦ୍ରଗଳ୍ପ ହେଉଛି ଏକ ସରଳ ରେଖା, ଯାହା ଏକ ଉଚ୍ଚାଙ୍ଗ କଳାର ଗୁଣକୁ ବହନ କରିଛି ।('ଗଳ୍ପ', ଚତୁର୍ଦ୍ଦଶ ସଂଖ୍ୟା) ତେଣୁ ଆଜିର କ୍ଷୁଦ୍ରଗଳ୍ପ ହେଉଛି କାବ୍ୟ କବିତା ନାଟକ ଉପନ୍ୟାସ ପରେ ସାହିତ୍ୟର ପଞ୍ଚମ ଅବତାର ଅମିତ ବୀର୍ଯ୍ୟଶାଳୀ ବାମନ ଯାହାର ଗୋଟିଏ ପାଦ ମାଟି ଉପରେ, ଦ୍ୱିତୀୟ ପାଦ କଳ୍ପଲୋକ ସ୍ୱର୍ଗରେ ଏବଂ ତୃତୀୟ ପାଦଟି ମଣିଷର ମନୋରାଜ୍ୟରେ ପରିବ୍ୟାପ୍ତ । (ବେହେରା, ୧୯୭୦, ପୃ: ୫୯)

ଉପରୋକ୍ତ ଆଲୋଚନାରୁ ଏକଥା ସ୍ପଷ୍ଟ ଯେ କ୍ଷୁଦ୍ରଗଳ୍ପର କୌଣସି ନିର୍ଦ୍ଦିଷ୍ଟ ସଂଜ୍ଞା ବା ତତ୍ତ୍ୱ ନିରୂପଣ କରିବା କଷ୍ଟସାଧ୍ୟ । ତେଣୁ ମିଶୋରୀ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପେଡ୍ରେନଙ୍କ ମତରେ "Memorableness" ହେଉଛି କ୍ଷୁଦ୍ରଗଳ୍ପର ସରଳ ଏବଂ ଶ୍ରେଷ୍ଠ ପରିମାପ । ଯାହା ପାଠକଲେ ମନରେ ଅବିସ୍ମରଣୀୟତା ସୃଷ୍ଟି କରେ ତାହା ହିଁ ସର୍ବଶ୍ରେଷ୍ଠ କ୍ଷୁଦ୍ରଗଳ୍ପ । ଏହାର ତାତ୍ପର୍ଯ୍ୟ ହେଉଛି ଯେ, ଯାହା ପାଠକଲେ ମନ ମଧ୍ୟରେ ସତ୍ୟ ଓ ସୌନ୍ଦର୍ଯ୍ୟର ଏକ ଚିରନ୍ତନ ପ୍ରଭାବ ପଡ଼ିଥାଏ ତାହା ଶ୍ରେଷ୍ଠ କ୍ଷୁଦ୍ରଗଳ୍ପ । ଗାଳ୍ପିକର ସର୍ଜନାକ୍ଷମ କଳ୍ପନାପ୍ରବଣତା ତାହାର କାଉଁରୀ ସ୍ପର୍ଶରେ ଜୀବନର ଗୋଟିଏ ଅଂଶକୁ କ୍ଷୁଦ୍ର ଗଳ୍ପରେ କଳାତ୍ମକ ରୂପ ଦିଏ । ଜୀବନ କଳାରେ ପରିଣତ ହୁଏ ଏବଂ ପାଠକର ଚକ୍ଷୁରେ ଏହି କଳା ଜୀବନ ରସରେ ମୂର୍ତ୍ତିମନ୍ତ ହୁଏ । (ପଟ୍ଟନାୟକ, ୧୯୬୫, ପୃ: ୧୯୨) ତେବେ 'କ୍ଷୁଦ୍ରଗଳ୍ପ' ନାନା ପରୀକ୍ଷା ନିରୀକ୍ଷା ମଧ୍ୟରେ ଏବେବି ଗତିଶୀଳ କ୍ରମେପି ଏହା ମଧ୍ୟରେ କ୍ଲାସିକ୍ ଗଳ୍ପ ଲେଖାଶୈଳୀ ଅର୍ଥାତ୍ ସୁନିର୍ଦ୍ଦିଷ୍ଟ ପ୍ଲଟ୍, ଆରମ୍ଭ ମଧ୍ୟ ଓ ଶେଷ ଥାଇ ଗଳ୍ପ ଲେଖା ଆରମ୍ଭ ହେଲାଣି । ତେଣୁ କାଳ ହିଁ ଏହା ସମ୍ପର୍କରେ ଶେଷ କଥା କହିବ । ('ଗଳ୍ପ', ସପ୍ତମ ସଂଖ୍ୟା)

## ଭାରତୀୟ ସାହିତ୍ୟରେ କ୍ଷୁଦ୍ରଗଳ୍ପର ସୃଷ୍ଟି

ପାଶ୍ଚାତ୍ୟ ସାହିତ୍ୟର କ୍ଷୁଦ୍ରଗଳ୍ପ ସୃଷ୍ଟିର ପୃଷ୍ଠଭୂମି ଅନୁସରଣରେ ଭାରତୀୟ ସାହିତ୍ୟକୁ ଅନୁଧ୍ୟାନ କଲେ ଦେଖାଯାଏ, ପ୍ରାଚୀନ ଭାରତୀୟ କଥା ସାହିତ୍ୟ ସମକାଳୀନ ପାଶ୍ଚାତ୍ୟ କଥାସାହିତ୍ୟ ଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ । କିନ୍ତୁ ପଞ୍ଚଦଶ ଶତାବ୍ଦୀରେ ବୋକାସିଓ ଆଦିଙ୍କ ଦ୍ୱାରା ରଚିତ ପାଶ୍ଚାତ୍ୟ କଥାସାହିତ୍ୟ ଯେଭଳି ଉନ୍ନତ, ସେଭଳି କଥାସାହିତ୍ୟ ସମକାଳୀନ ଭାରତୀୟ ସାହିତ୍ୟରେ ଦୁର୍ଲ୍ଲଭ । (ପଟ୍ଟନାୟକ, ୧୯୬୯, ପୃ: ୧୮୬) ଏହାର କାରଣ ସ୍ୱରୂପ ସମକାଳୀନ ଭାରତ ବର୍ଷର ବିଭିନ୍ନ ଅଂଶରେ ଦେଖାଯାଇଥିବା ରାଜନୀତିକ ଶତ୍ରୁତା ଓ ସ୍ଫୁଟନୋନ୍ମୁଖୀ ପ୍ରାଦେଶିକ ବା ଆଞ୍ଚଳିକ ଭାଷାର ଶୈଶବାବସ୍ଥାକୁ ନିର୍ଦ୍ଦେଶ କରାଯାଇପାରେ ।

ଭାରତୀୟ ସାହିତ୍ୟରେ କଥା ସାହିତ୍ୟର ଏକ ବଳିଷ୍ଠ ବିଭାବ ଉପନ୍ୟାସର ଉଦ୍‌ଭବ ବଙ୍ଗଳା, ମରାଠୀ, ତାମିଲ, ମାଲାୟାଲାମ ଓଡ଼ିଆ ଆଦି ଭାଷାରେ ଉନବିଂଶ ଶତାବ୍ଦୀରେ ସମସାମୟିକ କାଳରେ

ସୃଷ୍ଟ ଓ ବିକଶିତ ହୋଇଥିଲା । ମାତ୍ର କ୍ଷୁଦ୍ରଗଳ୍ପ ଓଡ଼ିଆ, ବଙ୍ଗଳା ଭାଷା ବ୍ୟତିରେକେ ଅନ୍ୟାନ୍ୟ ଭାରତୀୟ ଭାଷା ସାହିତ୍ୟରେ ବିଂଶ ଶତାବ୍ଦୀରେ ହିଁ ସୃଷ୍ଟ ହେଲା । ଦୃଷ୍ଟାନ୍ତ ସ୍ୱରୂପ ଏଠାରେ ଭାରତର ବହୁଲୋକ ତଥା ବହୁଳାଂଶରେ ଆଦୃତ ହିନ୍ଦୀ ଭାଷାର ଦୃଷ୍ଟାନ୍ତ ନିଆଯାଇପାରେ । ଯଦିଓ ଉନବିଂଶ ଶତାବ୍ଦୀର ଶେଷାଂଶରେ ବଙ୍ଗ ସାହିତ୍ୟରେ କ୍ଷୁଦ୍ରଗଳ୍ପର ପ୍ରସାର ହିନ୍ଦୀ ଲେଖକମାନଙ୍କୁ କ୍ଷୁଦ୍ରଗଳ୍ପ ରଚନାରେ ପ୍ରୋତ୍ସାହିତ କରିଛି । ଏପରିକି ବିଂଶ ଶତାବ୍ଦୀର ପ୍ରଥମ ଦଶକରେ 'ଇଣ୍ଡିଆନ୍ ପ୍ରେସ୍'ର ପ୍ରବନ୍ଧ ଲେଖକ ଭାବେ ପରିଚିତ ଗିରିଜା କୁମାର ଘୋଷ୍ 'ଲାଲା ପାର୍ବତୀନନ୍ଦନ' ଛଦ୍ମ ନାମରେ ହିନ୍ଦୀରେ କେତେକ କ୍ଷୁଦ୍ରଗଳ୍ପ ଲେଖିଥିଲେ । ଏହି ବଂଗୀୟ ଲେଖକଙ୍କୁ ଆଧୁନିକ ହିନ୍ଦୀ କ୍ଷୁଦ୍ରଗଳ୍ପର ପଥପ୍ରଦର୍ଶକ କୁହାଯାଇଥାଏ । ଏହାପରେ 'ସରସ୍ୱତୀ' ଆଦି ପତ୍ରିକାରେ ବହୁ କ୍ଷୁଦ୍ରଗଳ୍ପ ପ୍ରକାଶିତ ହେବାକୁ ଆରମ୍ଭ କଲା । ସମାଲୋଚକଙ୍କ ମତରେ 'ଇନ୍ଦୁ' ପତ୍ରିକାରେ ପ୍ରକାଶିତ 'ଗ୍ରାମ' ହିନ୍ଦୀର ବାସ୍ତବଧର୍ମୀ ପ୍ରଥମ କ୍ଷୁଦ୍ରଗଳ୍ପ । ପକ୍ଷାନ୍ତରେ ଓଡ଼ିଆ ସାହିତ୍ୟରେ ଯଦି ଫକୀରମୋହନଙ୍କ ଆତ୍ମଜୀବନ ଚରିତକୁ ଏକ ନିର୍ଭରଯୋଗ୍ୟ ପ୍ରାମାଣିକ ଗ୍ରନ୍ଥ ଭାବରେ ଗ୍ରହଣ କରାଯାଏ ତେବେ ଲଛମନିଆର ରଚନାକାଳ ୧୮୬୮ ହୋଇଥିବାବେଳେ ସର୍ବଭାରତୀୟ ସ୍ତରରେ ଏକ ସାର୍ଥକ କ୍ଷୁଦ୍ରଗଳ୍ପ ଭାବେ ସ୍ୱୀକୃତ 'ରେବତୀ'ର ରଚନାକାଳ ହେଉଛି ୧୮୯୮ ଖ୍ରୀ. ଅ. । ବଙ୍ଗଳା ସାହିତ୍ୟରେ ପ୍ରଥମେ ୧୮୮୪ରେ ରବୀନ୍ଦ୍ରନାଥଙ୍କ ଦୁଇଟି ଗଳ୍ପ ପ୍ରକାଶିତ ହୋଇଥିଲା । ମାତ୍ର ଆଙ୍ଗିକ- ଗତବିଶେଷତ୍ୱର ତାତ୍ପର୍ଯ୍ୟ ଦୃଷ୍ଟିରୁ ପ୍ରଥମେ ଦେନା ପାଓନା (୧୮୯୧ ଖ୍ରୀ. ଅ.) ଗଳ୍ପରେ ଛୋଟଗଳ୍ପ (short story) ଅଭିଧାର ପ୍ରଚଳନ ସେ ଆରମ୍ଭ କରିଥିଲେ । କିନ୍ତୁ ରବୀନ୍ଦ୍ରଙ୍କ ପ୍ରଥମ ପର୍ଯ୍ୟାୟର କ୍ଷୁଦ୍ରଗଳ୍ପ ଯଥା 'ଭିକାରିଣୀ', 'ଘାଟେର କଥା', 'ରାଜପଥେର କଥା', 'ଦେନା ପାଓନା' ପ୍ରଭୃତି ଆଙ୍ଗିକ ଦୃଷ୍ଟିରୁ ଥିଲା ଯେପରି ଶିଥିଳ ସେହିପରି ନିଷ୍ପ୍ରଭ । କିନ୍ତୁ ସମସାମୟିକ ଫକୀରମୋହନଙ୍କ ଏ ସମୟର ଗଳ୍ପ, ଗଳ୍ପର ଆଙ୍ଗିକରୀତି ଓ ରସୋତ୍ତୀର୍ଣ୍ଣତା ଦୃଷ୍ଟିରୁ ଯେ ଅଧିକତର ସଫଳ ଏହା ନିଃସନ୍ଦେହରେ କୁହାଯାଇପାରେ ।(ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ଓଡ଼ିଆ କ୍ଷୁଦ୍ରଗଳ୍ପ, ପ୍ରାକ୍ କଥନ, ସୁରେନ୍ଦ୍ର ମହାନ୍ତି) ତେଣୁ ଭାରତୀୟ ସାହିତ୍ୟରେ କ୍ଷୁଦ୍ରଗଳ୍ପର ବିକାଶକ୍ରମରେ ପ୍ରଥମ ଗାଳ୍ପିକର ସମ୍ମାନ ଫକୀରମୋହନଙ୍କୁ ଦେବା ପାଇଁ ଅଧିକ ଗବେଷଣା ଓ ଅନୁସନ୍ଧାନର ଆବଶ୍ୟକତା ଏ ଜାତି ପାଖରେ ରହିଥିଲା ସମୟରେ ଏହା ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ ଯେ, ଭାରତୀୟ ସାହିତ୍ୟର ସଫଳ କ୍ଷୁଦ୍ରଗଳ୍ପ ସ୍ରଷ୍ଟାଙ୍କ ମଧ୍ୟରେ ସେ ଅନ୍ୟତମ ।

## ଓଡ଼ିଆ କ୍ଷୁଦ୍ରଗଳ୍ପର ଜନ୍ମଜାତକ

ଉନବିଂଶ ଶତାବ୍ଦୀର ପ୍ରଭାତରେ ୧୮୦୩ ଖ୍ରୀ. ଅ.ରେ ଇଂରେଜମାନେ ଓଡ଼ିଶା ଅଧିକାର କଲାପରେ ଘରେନପଶୁଣୁ ମୁଣ୍ଡରେ ଦ୍ୱାରବନ୍ଧ ବାଜିବା ନ୍ୟାୟରେ କଂପାନୀ ସରକାର ପ୍ରଥମେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହର ସମ୍ମୁଖୀନ ହୁଅନ୍ତି । ସ୍ୱାଧୀନଚେତା ଓଡ଼ିଆ ଜାତିର ବୀରତ୍ୱ ଦୀପ ନିଭି ଆସୁଥିବା ସମୟରେ ପୁଣି ଥରେ ଜଳି ଉଠି ନିର୍ବାପିତ ହୋଇଛି । ତତ୍ପରେ କଂପନୀ ସରକାରଙ୍କ ଓଡ଼ିଶା ପ୍ରତି ନିସ୍ପୃହ ନୀତି ଯୋଗୁଁ ଏକଦା ଆଗଙ୍ଗାଗୋଦାବରୀ ବିସ୍ତାରିତ ହୋଇଥିବା ଓଡ଼ିଶା ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ବର୍ଗୀ ଅତ୍ୟାଚାରର ସମ୍ମୁଖୀନ ହୋଇଛି । ଓଡ଼ିଶାବାସୀ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇପଡ଼ିଛନ୍ତି । ସାଂଘ ଆଇନ ବଳରେ କଲିକତାରେ ଜମିଦାରୀଗୁଡ଼ିକର ନିଲାମ ହୋଇ ଅଣଓଡ଼ିଆମାନଙ୍କ ହସ୍ତଗତ ହୋଇଛି । ନିଷ୍କ୍ରିୟ ଜାଗିରୀଭୋଗୀ ଅନେକ ପାଇକ ସେନାପତି ପରିବାର ନିଃସ୍ୱ ହୋଇଛନ୍ତି । ଏଭଳି ଏକ ପରିବେଶରେ ୧୮୬୬ର ନଅଙ୍କ ଦୁର୍ଭିକ୍ଷ ଓଡ଼ିଆ ଜାତିର ମେରୁଦଣ୍ଡ ଭାଙ୍ଗି ଦେଇଛି । ଜାତିର ଆତ୍ମାସ୍ୱରୂପ ଓଡ଼ିଆ ଭାଷାର ବିଲୋପ ସାଧନ ପାଇଁ ୧୮୫୦ରୁ ୧୮୭୦ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ହୀନ ଚକ୍ରାନ୍ତ ମଧ୍ୟ ହୋଇଛି ।

୧୮୨୨ ଖ୍ରୀ. ଅ.ରେ ମିଶନାରୀମାନଙ୍କ ଆଗମନ ପରେ ସର୍ବପ୍ରଥମେ ୧୮୩୭ରେ ସେମାନଙ୍କ ପ୍ରଚେଷ୍ଟାରେ ମୁଦ୍ରା ଯନ୍ତ୍ର ପ୍ରତିଷ୍ଠା ପରେ ୧୮୬୬ରେ ଗୌରୀଶଙ୍କର ରାୟଙ୍କ ପ୍ରଚେଷ୍ଟାରେ କଟକରେ ଓ ଫକୀରମୋହନଙ୍କ ନେତୃତ୍ୱରେ ୧୮୬୮ରେ ବାଲେଶ୍ୱରରେ ମୁଦ୍ରାଯନ୍ତ୍ର ପ୍ରତିଷ୍ଠା ସାଙ୍ଗକୁ ସମ୍ବଲପୁର, ବାମଣ୍ଡା, ବାରିପଦା ଆଦି ବିଭିନ୍ନ ସ୍ଥାନରେ ମୁଦ୍ରଣ ଶିଳ୍ପ କ୍ରମଶଃ ଅଗ୍ରଗତି କରିଛି । ଏହାର ସମତାଳରେ ବିଭିନ୍ନ ଉଦ୍ଦେଶ୍ୟ ନେଇ 'ଜ୍ଞାନାରୁଣ', 'ଉତ୍କଳ ଦୀପିକା', 'ବାଲେଶ୍ୱର ସମ୍ବାଦବାହିକା', 'ଉତ୍କଳପୁତ୍ର', 'ସମ୍ବଲପୁର ହିତୈଷିଣୀ', 'ଉତ୍କଳ ପ୍ରଭା', 'ବିଜୁଳି', 'ଇନ୍ଦ୍ରଧନୁ' ଆଦି ପତ୍ରିକାର ପ୍ରକାଶନ ଘଟିଛି । ଏହା ସହ ମିଶନାରୀ ତଥା କଂପାନୀ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁରରେ ପ୍ରତିଷ୍ଠିତ ହୋଇ ଏକ ଶିକ୍ଷିତ ମଧ୍ୟବିତ୍ତ ସମାଜର ସୃଷ୍ଟି ଘଟିଛି । ଯେଉଁମାନେ କି ଓଡ଼ିଶାର ରାଜନୀତିକ, ସାମାଜିକ ତଥା ସାହିତ୍ୟିକ ପରିବେଶର ନେତୃତ୍ୱ ଗ୍ରହଣ କରିଛନ୍ତି ।(ସାମନ୍ତରାୟ, ୧୯୬୪, ପୃ:୧୫)

ଫଳତଃ ଜନ୍‌ବିମ୍‌ସ୍ ଆଦିଙ୍କ ସହାୟତାରେ ଓ ଫକୀରମୋହନ ଆଦିଙ୍କ ନେତୃତ୍ୱରେ ଉଲ୍ଲିଖିତ ଭାଷାବିଲୋପ ଆନ୍ଦୋଳନ ଅସଫଳ ହେବା ସଂଗେ ସଂଗେ ୧୮୭୧ରେ ବଙ୍ଗଳା ଓଡ଼ିଶା। ଲେଫ୍‌ଟନାଣ୍ଟ ଗର୍ଭର୍ଣ୍ଣର ସାର୍ ଜର୍ଜ କେଂପବେଲଙ୍କ ଆଦେଶରେ କୁହାଯାଇଛି ଯେ 'ଦାଣ୍ଡଘାଟରେ ପ୍ରଚଳିତ ଜନସାଧାରଣଙ୍କ ଭାଷା ହିଁ ଶୁଦ୍ଧ ଭାଷା ଏବଂ ଏହି ଭାଷାରେ ଲିଖିତ ସାହିତ୍ୟ ହିଁ ଶୁଦ୍ଧ ସାହିତ୍ୟ । ତେଣୁ କୋର୍ଟକଚେରୀ ଓ ଶିକ୍ଷାୟତନରେ ଏହି ଶୁଦ୍ଧ ଭାଷାର ପ୍ରଚଳନ ଘେନି ସାର ଜର୍ଜ କେଂପବେଲ୍ ଯୁକ୍ତି ବାଢ଼ିଥିଲେ । ଏହା ସଂଗେ ସଂଗେ ସରଳ, ସ୍ୱାଭାବିକ ଜନସାଧାରଣଙ୍କ ଭାଷା ତଥା ସଂସ୍କୃତାନୁଗ ତତ୍‌ସମ, ତଦ୍‌ଭବ ଶବ୍ଦ ପୂର୍ଣ୍ଣ ସନ୍ଧିସମାସଯୁକ୍ତ ଭାଷା ଏଭଳି ଦୁଇଟି ଧାରାରେ ୧୮୭୧ ପରଠାରୁ ପତ୍ରପତ୍ରିକାରେ ସାମାଜିକ, ରାଜନୀତିକ ଓ ସାହିତ୍ୟିକ ରଚନା ଦେଖାଗଲା ।(ମହାନ୍ତି, ୧୯୫୫, ପୃ:୩୬)

ପତ୍ରପତ୍ରିକା ସହିତ ଶିକ୍ଷାୟତନରେ ପ୍ରଚଳିତ ଏହି ସମୟର ପୁସ୍ତକଗୁଡ଼ିକରେ କେତେକ ଗଳ୍ପ ଦେଖାଯାଏ ଦୃଷ୍ଟାନ୍ତସ୍ୱରୂପ - ସଟନଙ୍କ ପ୍ରଣୀତ ଅଭିଧାନର ବ୍ୟାକରଣ ଅଂଶରେ "ଠେକୁଆ ଓ ବାଘୁଣୀ", "ସ୍ତ୍ରୀ ଓ ହଂସୀ", "ମୂଷିକ ଓ ଷଣ୍ଢ" ତିନୋଟି ରୂପକ ଗଳ୍ପ (Fable) ସନ୍ନିବେଶିତ । ଏହା ଖୁବ୍ କ୍ଷୁଦ୍ର ତଥା ପ୍ରତ୍ୟେକ ଗଳ୍ପର ଶେଷରେ ଉପଦେଶ ରହିଛି । (ମିଶ୍ର, ୧୯୭୮, ପୃ: ୫୮ ଓ ୪୬୨) ପରେପରେ ସଟନ ଓ ଲେସିଙ୍କ ଲିଖିତ ନୀତି କଥା ୧୮୫୨ ଓ ୫୫ରେ ପ୍ରକାଶିତ ହୋଇଥିଲା । ୧୮୫୭ରେ ଖ୍ରୀଷ୍ଟଧର୍ମର ପ୍ରଚାର ଉଦ୍ଦେଶ୍ୟରେ ରଚିତ "ଫୁଲମଣି ଓ କରୁଣାର ବିବରଣ" ଅନୂଦିତ ହୋଇ ପ୍ରକାଶିତ ହୋଇଥିଲା । (ବେହେରା, ୧୯୬୮, ପୃ: ୧୧୮) ପତ୍ରିକାମାନଙ୍କ ମଧ୍ୟରୁ ୧୮୩୩ରେ "ତାରକା"ର ବିଭିନ୍ନ ସଂଖ୍ୟାରେ "ପିତାମାତାଙ୍କର ଆଜ୍ଞା ଲଂଘିବାର ଫଳ", "ଛୁଅଁନାହିଁ ଛୁଅଁନାହିଁ", "ଏକ ଅଦ୍ଭୁତ କଳ୍ପ", "ଜଣେ ଦୟାଳୁ କ୍ରୀତଦାସର କଥା" ତଥା ୧୮୮୭ 'ନବସମ୍ବାଦ'ରେ ପ୍ରକାଶିତ "ଈଶ୍ୱର ମଙ୍ଗଳମୟ" ଶୀର୍ଷକ ଗଳ୍ପଗୁଡ଼ିକରେ ସାଧାରଣତଃ ବାଳକ ବାଳିକାଙ୍କ ମନୋରଂଜନ ଓ ଚରିତ୍ର ଗଠନ ଉଦ୍ଦେଶ୍ୟ ସଙ୍ଗେ ଭଗବାନଙ୍କ ଅପାର କରୁଣା ପ୍ରତିପାଦନ କରାଯାଇଛି । ସାଧାରଣତଃ ଦେଖିବାକୁ ଗଲେ ନ୍ୟାୟ, ସତ୍ୟ, ଦୟା, ଧର୍ମ ବିଷୟରେ ଉପଦେଶ ଦ୍ୱାରା ପାଠକଙ୍କ ଅନ୍ତଃକରଣ ଉନ୍ନତ ଓ ଚରିତ୍ର ମାର୍ଜିତ କରିବାର ପ୍ରୟାସରେ ଏଗୁଡ଼ିକର ପରିକଳ୍ପନା କରାଯାଇଅଛି । ରାଧାନାଥଙ୍କ 'ଇତାଲୀୟଯୁବା' ମଧୁସୂଦନଙ୍କ 'ପ୍ରଣୟର ଅଦ୍ଭୁତ ପରିଣାମ', 'ହେମମାଳା' ଓ 'ଚନ୍ଦ୍ର ଓ ତାରା' (ପ୍ରକାଶକାଳ ୧୮୭୪ରୁ ୧୮୯୭ ମଧ୍ୟରେ) ବିଦେଶୀୟ ଗଳ୍ପ ଓ

ଲେଖାର ଅନୁସରଣରେ ରଚିତ । ଶ୍ରୀ ଛଦ୍ମନାମରେ ୧୮୮୫ରେ 'ପ୍ରଦୀପ' ପତ୍ରିକାର ବିଭିନ୍ନ ସଂଖ୍ୟାରେ 'ମଠର ସଂବାଦ' ପ୍ରକାଶିତ ହୋଇଥିଲା ।

ଉପର୍ଯ୍ୟୁକ୍ତ ଗଳ୍ପଗୁଡ଼ିକ ଶୈଳ୍ପିକ ମୂଲ୍ୟ ଦୃଷ୍ଟିରୁ ସାର୍ଥକ ନ ହେଲେ ହେଁ କ୍ଷୁଦ୍ରଗଳ୍ପର କ୍ରମବିକାଶ ବେଳେ ଏଗୁଡ଼ିକର ଅନୁଲ୍ଲେଖ ଉଚିତ ନୁହେଁ, କାରଣ ତତ୍କାଳୀନ ନବ୍ୟ ଶିକ୍ଷିତଗୋଷ୍ଠୀଙ୍କ ଗଳ୍ପପାଠ ସ୍ପୃହାକୁ ଏଗୁଡ଼ିକ ଚରିତାର୍ଥ କରିବା ସଙ୍ଗେସଙ୍ଗେ କ୍ଷୁଦ୍ରଗଳ୍ପର ଉନ୍ମେଷ ପାଇଁ ପଥ ପରିଷ୍କାର କରିଛି । (ମିଶ୍ର, ୧୯୭୮, ପୃ: ୪୬୨) ଗଳ୍ପ ପଠନ ସ୍ପୃହା ଏଭଳି ପାଠକମନରେ ସୃଷ୍ଟି ହୋଇଥିଲା ସମୟରେ, ୧୮୯୭ରେ ପ୍ରଥମ ପ୍ରକାଶିତ ଉତ୍କଳ ସାହିତ୍ୟରେ ସମ୍ପାଦକ ବିଶ୍ୱନାଥ କର ନୂତନ ଓ ପୁରାତନ ସାହିତ୍ୟ ପ୍ରତି ମମତା ପ୍ରଦର୍ଶନ ପୂର୍ବକ ନିଜ ପତ୍ରିକାରେ ପ୍ରବନ୍ଧ, ସମାଲୋଚନା, ଭ୍ରମଣବୃତ୍ତାନ୍ତ, ଜୀବନୀ, ଆତ୍ମଜୀବନୀ, ଗଳ୍ପ ଓ ଉପନ୍ୟାସ ପ୍ରକାଶନ ନିମିତ୍ତ ସୂଚନା ପ୍ରଦାନ କରିଥିଲେ । ଓଡ଼ିଆ ସାହିତ୍ୟର ନୂତନ ବିଭାବ ସବୁକୁ ପୁଷ୍ଟ କରିବା ପାଇଁ ସମସାମୟିକ ବିଭିନ୍ନ କବି ଲେଖକଙ୍କୁ ବିଶ୍ୱନାଥ କର ସେ ସମୟରେ ବ୍ୟକ୍ତିଗତ ପତ୍ର ଲେଖିଥିଲେ । ଫକୀରମୋହନ ମଧ୍ୟ ଗଳ୍ପ ରଚନା ପାଇଁ ପ୍ରେରଣାମୂଳକ ପତ୍ର ପାଇଥିଲେ । ଫଳରେ ବାଲେଶ୍ୱର ସଂବାଦବାହିକା ପତ୍ରିକାର ସଂପାଦକ ଭାବରେ ଭିନ୍ନ ଭିନ୍ନ ଗଦ୍ୟ ରଚନା ଓ 'ଭାରତ ଇତିହାସ'ରେ ବାବର ମାମୁଦ ଆଦି କିମ୍ବଦନ୍ତୀ ସମ୍ବଳିତ ଗଳ୍ପ ରଚୟିତା ଫକୀରମୋହନ କ୍ଷୁଦ୍ରଗଳ୍ପ ରଚନା ପାଇଁ ଅନୁପ୍ରେରିତ ହୋଇଛନ୍ତି । ଏହି ପର୍ଯ୍ୟାୟରେ ଫକୀରମୋହନଙ୍କ ଆତ୍ମଚରିତକୁ ଲକ୍ଷ୍ୟକଲେ ଏକଥା ସ୍ପଷ୍ଟ ଯେ, ବିଭିନ୍ନ ଗଡ଼ଜାତର କର୍ମମୁଖର ଦିନଗୁଡ଼ିକରେ ସେ ଗଳ୍ପସାଗରଙ୍କ ସାନ୍ନିଧ୍ୟ ପାଇଛନ୍ତି । ଜନ୍‌ବିମ୍‌ସ୍‌ଙ୍କ ସହିତ ବ୍ୟାକରଣ ଚର୍ଚ୍ଚାଠାରୁ ଆରମ୍ଭ କରି ଲୋକସାହିତ୍ୟ, ତୃଗତୃମାଳି ପ୍ରଭୃତି ଆଲୋଚନା ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ପୂର୍ଣ୍ଣ ଭାବରେ ଆତ୍ମସ୍ଥ କରିଛନ୍ତି । ବଙ୍ଗଳା ପୁସ୍ତକ ପଠନର ସ୍ପୃହା ତଥା ବିଶ୍ୱନାଥ କରଙ୍କ ଭଳି ସାହିତ୍ୟିକଙ୍କ ସହ ଆଲୋଚନା ମଧ୍ୟରେ କ୍ଷୁଦ୍ରଗଳ୍ପ କଳା ସମ୍ପର୍କରେ ସେ ପୂର୍ଣ୍ଣ ସଚେତନ । ଏଭଳି ଭାବରେ ଗଳ୍ପସାଗରଙ୍କ ଗଳ୍ପ କଥନଶୈଳୀ ତଥା କ୍ଷୁଦ୍ରଗଳ୍ପର ସଂଜ୍ଞା ଓ ସ୍ୱରୂପ ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ଥାଇ ଫକୀରମୋହନ ନିଜର ପରିଣତ ବୟସରେ ଗଳ୍ପ ସୃଷ୍ଟି ପାଇଁ ମନୋନିବେଶ କରିଛନ୍ତି । ଫଳରେ ୧୮୯୮ରେ 'ରେବତୀ' ଠାରୁ ଆରମ୍ଭ କରି ୧୯୧୬ ଖ୍ରୀ:ଅ: ପର୍ଯ୍ୟନ୍ତ ତାଙ୍କ ଲେଖନୀରୁ ଅନେକ କ୍ଷୁଦ୍ରଗଳ୍ପ ଓଡ଼ିଆ ସାହିତ୍ୟ ପାଇ ପାରିଛି । ଓଡ଼ିଆ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପ ସ୍ରଷ୍ଟା ପରବର୍ତ୍ତୀ ପର୍ଯ୍ୟାୟରେ ଆଶା କରିଛନ୍ତି, "ସେ ଯେଉଁ ଜଙ୍ଗଲକାଟି ବାଟର ଛାଞ୍ଚ କରିଦେଇଗଲେ ପରବର୍ତ୍ତୀ ପର୍ଯ୍ୟାୟରେ ଜ୍ଞାନବନ୍ତ ଇଂଜିନିୟରମାନେ ଆସି ସୁନ୍ଦର ସଡ଼କ ପ୍ରସ୍ତୁତ କରିଦେଇଯିବେ ।" (ଫକୀରମୋହନଙ୍କ ବିଶ୍ୱନାଥ କରଙ୍କୁ ଚିଠି) ଫକୀରମୋହନଙ୍କ ଦ୍ୱାରା ଏହି କ୍ଷୁଦ୍ରଗଳ୍ପ ସୃଷ୍ଟିର ପୃଷ୍ଠଭୂମିକୁ ଅନୁଧ୍ୟାନ କଲେ ଏକଥା ସ୍ପଷ୍ଟ ଯେ କେବଳ ମଧ୍ୟଯୁଗୀୟ ଓଡ଼ିଆ କାହାଣୀ ନୁହେଁ, ପାଶ୍ଚାତ୍ତ୍ୟ ଶିକ୍ଷା ଓ ପାଶ୍ଚାତ୍ତ୍ୟ ସାହିତ୍ୟର ପ୍ରତ୍ୟକ୍ଷ ସମ୍ପର୍କରେ ଆସି ଓଡ଼ିଆ କ୍ଷୁଦ୍ରଗଳ୍ପ ଜନ୍ମଲାଭ କଲା ।

## ଓଡ଼ିଆ ଗାଳ୍ପିକଙ୍କ କ୍ଷୁଦ୍ରଗଳ୍ପର ସଂଜ୍ଞା ଓ ସ୍ୱରୂପ ସମ୍ପର୍କରେ ବିଚାର

ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ଗାଳ୍ପିକ ଫକୀରମୋହନ ଯଦିଓ ଗଳ୍ପକଳା ସମ୍ପର୍କରେ କୌଣସି ବିଶେଷ ବକ୍ତବ୍ୟ ପ୍ରଦାନ କରିନାହାନ୍ତି ତଥାପି "ଅଜାନାତି କଥା" ତଥା ବିଶ୍ୱନାଥ କରଙ୍କୁ ପ୍ରଦତ୍ତ କେତୋଟି

ପତ୍ରରୁ ଗଳ୍ପକଳା ସମ୍ପର୍କରେ ତାଙ୍କର ଯେଉଁ କେତେକ ଅଭିମତ ଦେଖାଯାଏ ତହିଁର ସାରତତ୍ତ୍ୱ ହେଲା ଗଳ୍ପ ଉପନ୍ୟାସ କାଳ୍ପନିକ କଥାବସ୍ତୁ ଉପରେ ଆଧାରିତ । ଗଳ୍ପ ରଚନା ପାଇଁ ପଞ୍ଜର (Plot)ର ଆବଶ୍ୟକତା ରହିଛି ତଥା ଚରିତ୍ରର ପରିସ୍ଫୁଟନ ପାଇଁ ସେ ସମ୍ପୂର୍ଣ୍ଣ ଭାବେ ସଚେତନ । 'ଗଳ୍ପସ୍ୱଳ୍ପ'ର ନାମକରଣରେ ସେ ଗଳ୍ପର ସ୍ୱଳ୍ପତା ବା କ୍ଷୁଦ୍ରତା ପ୍ରତି ବିଶେଷ ସଚେତନ ଥାଇ ଏପରି ନାମକରଣ କରିଥିବା ଯୁକ୍ତିଯୁକ୍ତ ମନେ ହୋଇଥାଏ ।

ଫକୀରମୋହନଙ୍କ ସମକାଳୀନ ଗାଳ୍ପିକ ଚନ୍ଦ୍ରଶେଖର ନନ୍ଦ କ୍ଷୁଦ୍ରଗଳ୍ପର ସଂଜ୍ଞା ଓ ସ୍ୱରୂପ ସମ୍ପର୍କରେ ବିଶଦ ଆଲୋଚନା ବିଶ୍ୱନାଥ କରଙ୍କ ଦ୍ୱାରା ସମ୍ପାଦିତ ଉତ୍କଳ ସାହିତ୍ୟ ପତ୍ରିକାର ଅଷ୍ଟମ ଭାଗ, ପ୍ରଥମ ସଂଖ୍ୟା, ଏପ୍ରିଲ ୧୯୦୬ରେ "ସାହିତ୍ୟରେ କ୍ଷୁଦ୍ରଗଳ୍ପ" ଶୀର୍ଷକ ପ୍ରବନ୍ଧରେ କରିଥିଲେ ।

ଗଳ୍ପକଳା ସମ୍ପର୍କିତ ଫକୀରମୋହନଙ୍କ ଅଭିମତ ତଥା ଗାଳ୍ପିକ ଚନ୍ଦ୍ରଶେଖର ନନ୍ଦଙ୍କ "ସାହିତ୍ୟରେ କ୍ଷୁଦ୍ରଗଳ୍ପ" ପ୍ରବନ୍ଧଟି ପ୍ରତି ଦୃକ୍‌ପାତ କଲେ ଜଣାପଡ଼େ ଯେ, ଯଦିଚ ଓଡ଼ିଆ କ୍ଷୁଦ୍ରଗଳ୍ପର ପ୍ରାରମ୍ଭ କାଳୀନ ଗାଳ୍ପିକ ଏହାର ସ୍ୱରୂପ ଓ ଗଠନ କୌଶଳ ସମ୍ପର୍କରେ ବିଦେଶୀୟ ଗାଳ୍ପିକଙ୍କ ତୁଲ୍ୟ ସଚେତନ ଥିଲେ, ତଥାପି ସେମାନେ ନିଜ ନିଜ କ୍ଷୁଦ୍ର ଗଳ୍ପ ରଚନା କ୍ଷେତ୍ରରେ ଏହାକୁ ବିଶେଷ ଭାବରେ ଅନୁସରଣ କରିଥିବା ମନେହୁଏ ନାହିଁ । ଏହାର କାରଣ ସମ୍ପର୍କରେ ଏତିକି କୁହାଯାଇପାରେ ଯେ, ସ୍ରଷ୍ଟା କେତେବେଳେ ବି ସୂତ୍ର ଅନୁସରଣରେ କୌଣସି ରଚନା କରିନଥାଏ । ତେଣୁ କ୍ଷୁଦ୍ରଗଳ୍ପରେ ସାହିତ୍ୟ ରସ ରହିଲା କି ନାହିଁ, ମାପଚୁପ କରି ଚରିତ୍ରମାନଙ୍କୁ ପ୍ରାଧାନ୍ୟ ଦିଆଗଲା କି ନାହିଁ, ଜୀବନ ଦର୍ଶନ ଠିକ୍ ଭାବେ ଫୁଟିଲା କି ନାହିଁ ଏସବୁ କଥା ପ୍ରତି ସଚେତନ ରହି ଗଳ୍ପ ରଚନା କରିବା ସର୍ବଦା ସମ୍ଭବ ନୁହେଁ । ତଥାପି ଓଡ଼ିଆ ଗାଳ୍ପିକମାନେ ଗଳ୍ପର ସଂଜ୍ଞା ଓ ସ୍ୱରୂପ ଦୃଷ୍ଟିରୁ ସଚେତନ ଥିଲେ ମଧ୍ୟ ଫକୀରମୋହନଙ୍କ ଠାରୁ କାଳନ୍ଦୀଚରଣଙ୍କ ପର୍ଯ୍ୟନ୍ତ ଅଧିକାଂଶ ଓଡ଼ିଆ ଗଳ୍ପ ପ୍ଲଟ କିମ୍ବା ଚରିତ୍ରକୁ କେନ୍ଦ୍ର କରି କଥାଟିଏ କହୁଁ ରୀତିରେ ରଚିତ ହୋଇଥିବା ଲକ୍ଷ୍ୟ କରାଯାଇଅଛି । ଏଥିରୁ ସ୍ପଷ୍ଟ ମନେହୁଏ ଓଡ଼ିଆ ସାହିତ୍ୟର ପ୍ରଥମ ପର୍ଯ୍ୟାୟର ଫକୀରମୋହନଙ୍କ ଗଳ୍ପ ରଚନା ରୀତିରେ ପାଶ୍ଚାତ୍ତ୍ୟ କ୍ଷୁଦ୍ରଗଳ୍ପ କଳା ସହ ପ୍ରାଚ୍ୟରେ ପ୍ରତିଷ୍ଠିତ ଗଳ୍ପସାଗରମାନଙ୍କର କଥକତାର ସମ୍ମିଶ୍ରଣ ଘଟି ଏକ ନୂତନ ମିଶ୍ର ଶୈଳୀର ପ୍ରବର୍ତ୍ତନ ମାଧ୍ୟମରେ ଓଡ଼ିଆ କ୍ଷୁଦ୍ରଗଳ୍ପ ରଚନାର ଧାରା ଆରମ୍ଭ ଓ ବିକଶିତ ହୋଇଥିଲା ତାହାର ବିଶେଷ ପରିବର୍ତ୍ତନ ସଂଘଟିତ ହୋଇଥିଲା ପରି ମନେହୁଏ ନାହିଁ ।

## କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି

ପ୍ରଥମ ବିଶ୍ୱ ମହାସମର ପରେ ୧୯୧୯ ଖ୍ରୀ:ଅ:ରେ ଏକ ସଂକଟପୂର୍ଣ୍ଣ ପରିବେଶ ମଧ୍ୟରେ ଟି.ଏସ୍. ଇଲିୟଟ୍ ନିଜ କବିତା 'ପ୍ରୁଫ୍ରକ' (Prufrock)ରେ ମଣିଷର ଅସହାୟତା ଓ ବ୍ୟର୍ଥତାର ଚିତ୍ର ଉପସ୍ଥାପନ କରିଥିଲେ । ଏହି ସମୟରେ ସମଗ୍ର ୟୁରୋପ ମହାଦେଶ ଏକ ନିଃସୀମ ବାଲୁ ପ୍ରାନ୍ତର ବା ୱେଷ୍ଟଲାଣ୍ଡ (Waste Land)ରେ ପରିଣତ ହୋଇଥିଲା । ହୁତ୍‌ହୁତ୍ ହୋଇ ଜଳୁଥିବା ଅଗ୍ନି ମଧ୍ୟରେ ତାର ଅତୀତ ନିଶ୍ଚିହ୍ନ ପ୍ରାୟ ହୋଇ ଭବିଷ୍ୟତ ଅନ୍ଧକାର ଗର୍ଭରେ ଲୀନ ହୋଇ ଯାଇଥିଲା । ତାର ବର୍ତ୍ତମାନ ଶଙ୍କା, ସଂକଟ ଓ ସଂଶୟର ସମୟ ଭାବେଗଣ୍ୟ ହେଉଥିଲା । ଏହିଭଳି ଏକ ପରିବେଶରେ ଅଣନିଃଶ୍ୱାସୀ ହୋଇ ଦୂରଦ୍ରଷ୍ଟା ଇଲିୟଟ୍ ଧର୍ମହୀନ, କ୍ଷମତାମଦମତ୍ତ, ଜଡ଼ବାଦୀ ପୃଥିବୀର ପରିଣତି ପ୍ରତି ସଚେତନ ହୋଇଥିଲେ । ସେ ଲକ୍ଷ୍ୟ କରିଥିଲେ ୟୁରୋପୀୟ ଜାତୀୟବାଦୀ ସ୍ୱାର୍ଥସର୍ବସ୍ୱ ଭୌତିକ ସଭ୍ୟତାର ଗମ୍ବୁଜ କିପରି ଭଗ୍ନସ୍ତୂପରେ ପରିଣତ ହୋଇ ଧୂଳିରେ ମିଶି ଯାଇଛି । ଏହିଭଳି ଏକ ପରିବେଶରେ ଶାନ୍ତି ସଂସ୍ଥାପନ ତଥା ନୂତନ ସୃଷ୍ଟି

ପାଇଁ ନିଜ କାବ୍ୟ କବିତାରେ ସେ ପ୍ରାଚ୍ୟ ସଂସ୍କୃତି ଓ ଦର୍ଶନ ପ୍ରତି ଆକୃଷ୍ଟ ହୋଇଥିଲେ । ତେଣୁ ହିମାଦ୍ରିର ଶୁଭ୍ର ଶିଖରରେ ନଇଁ ଆସିଥିବା କଳାମେଘର ଛାୟାଚିତ୍ର ତଥା କଳକଳ ଶବ୍ଦ ତାନ ସୃଷ୍ଟି କରି ତୀରବର୍ତ୍ତୀ ଅରଣ୍ୟକୁ ଝଙ୍କୃତ କରି ପ୍ରବାହିତ ଗଙ୍ଗାର ତରଙ୍ଗ ଚପଳ ଶୀତଳ ଜଳଧାର ମାଧ୍ୟମରେ "Datta, Dayadharm, Damyatam" (ନିଜକୁ ନିଃଶେଷ କରି ଅନ୍ୟପ୍ରତି ସହାନୁଭୂତି ଓ କରୁଣା ପ୍ରଦର୍ଶନ କର)ର ଉଲ୍ଲେଖ କରି ଶାନ୍ତିର ବାଣୀ ପ୍ରଚାର କରିବାରେ ଉନ୍ମୁଖ ହୋଇଥିଲେ । ମାତ୍ର କବି ଇଲିୟଟ୍‌ଙ୍କ ସ୍ୱପ୍ନର ଭାରତରେ ସେଇ ସମୟରେ ଶାନ୍ତି ବିରାଜିତ ନଥିଲା ; ପରାଧୀନତାର ଶୃଙ୍ଖଳରେ ସେ ମଧ୍ୟ ଭାରତୀୟ ଜାତୀୟ କଂଗ୍ରେସର ଆନ୍ଦୋଳନ ମଧ୍ୟରେ ଜଳୁଥିଲା । ୧୯୨୧ ଖ୍ରୀ:ଅ:ରେ ମହାତ୍ମା ଗାନ୍ଧୀ ଭାରତୀୟ ଜାତୀୟ କଂଗ୍ରେସର ନେତୃତ୍ୱ ଗ୍ରହଣ କଲାପରେ ଅସହଯୋଗ ଆନ୍ଦୋଳନର ସୂତ୍ରପାତ ହେଲା । ଏହିଭଳି ଭାବେ ଆଧୁନିକ ଯୁଗ ଚେତନାର ମହାନ କାବ୍ୟ Waste Landର ଜନ୍ମବର୍ଷ ତଥା ମହାତ୍ମାଗାନ୍ଧୀଙ୍କ ପ୍ରତ୍ୟକ୍ଷ ନେତୃତ୍ୱର ଗୋଟିଏ ବର୍ଷ ପରେ କଥାକାର ସୁରେନ୍ଦ୍ରଙ୍କ ଜନ୍ମ କଟକ ଜିଲ୍ଲା ପୁରୁଷୋତ୍ତମପୁର ଗ୍ରାମରେ ୧୯୨୨ ଖ୍ରୀ:ଅ: ଜୁନ୍ ମାସ ୨୧ ତାରିଖରେ ହୋଇଥିଲା । ତାଙ୍କର ପିତା ଲୋକନାଥ ମହାନ୍ତି ଓ ମାତା ସୁଶୀଳା ଦେବୀ । ତାଙ୍କର ପିତାମହ ଗୋପୀନାଥ ମହାନ୍ତି ବିଖ୍ୟାତ ସଂସ୍କୃତ ପଣ୍ଡିତ ଥିଲେ । ତାଙ୍କର ପିତୃବ୍ୟ ବ୍ରଜବନ୍ଧୁ ମହାନ୍ତି, ଚିତ୍ରକର, ଅଭିନେତା ତଥା ନାଟ୍ୟକାର ଥିଲେ । ତାଙ୍କରି ପ୍ରେରଣାରେ ଚାଟଶାଳୀ ଓ ମେଟକାଫ୍‌ମିଡିଲ୍ ସ୍କୁଲର ଛାତ୍ରାବସ୍ଥାରେ ସୁରେନ୍ଦ୍ରଙ୍କ ଅନ୍ତରରେ ସାହିତ୍ୟ ସାଧନାର ବୀଜ ବପନ ହୋଇଥିଲା । ମେଟକାଫ୍ ସ୍କୁଲ ପରେ ସୁରେନ୍ଦ୍ର ସାଲେପୁର ହାଇସ୍କୁଲରେ ଅଧ୍ୟୟନ କଲେ । ଏହି ସମୟରେ ଅର୍ଥାତ୍ ୧୯୩୬ ଖ୍ରୀ:ଅ:ରେ ତତ୍କାଳୀନ ନେତା ଜବାହରଲାଲ ସାଲେପୁର ହାଟକୁ ଭାଷଣ ଦେବା ପାଇଁ ଆସିଥିଲେ । ପ୍ରଧାନଶିକ୍ଷକଙ୍କ ଆଦେଶ ଅମାନ୍ୟ କରି ଏହି ସଭାରେ ଯୋଗଦାନ କରି ସୁରେନ୍ଦ୍ର ପ୍ରଥମେ ସାମ୍ୟବାଦ ସମ୍ପର୍କରେ ଏକ ଝଲକ ପାଇଥିଲେ । ଦଶମ ଶ୍ରେଣରେ ଅଧ୍ୟୟନ କରୁଥିଲା ସମୟରେ ମିନୁ ମାସାନୀଙ୍କ 'Bolsivism' ପୁସ୍ତକ ପଢ଼ି ଶୋଷକ ଓ ଶୋଷିତ ଶ୍ରେଣୀ ସମ୍ପର୍କରେ ସେ ଏକ ବିଧିବଦ୍ଧ ଧାରଣା ପାଇଲେ । ରେଭେନ୍ସା କଲେଜରେ ଅଧ୍ୟୟନ ସମୟରେ ପ୍ରଜାମଣ୍ଡଳ ଆନ୍ଦୋଳନ ସହ ସଂଶ୍ଳିଷ୍ଟ ସଚ୍ଚି ରାଉତରାୟଙ୍କ ସୃଷ୍ଟି "ବାଜିରାଉତ" ଆଦିର ପ୍ରଭାବକ୍ରମେ ସେ ବିପ୍ଳବୀ ଛାତ୍ରନେତା ରୂପେ ସୁପରିଚିତ ହେଲେ । ୧୯୪୨ ଭାରତଛାଡ଼ ଆନ୍ଦୋଳନର ଡାକରାରେ କଲେଜ ଅଫିସ ପୋଡ଼ି ଘଟଣାରୁ ସେ କଲେଜରୁ ବିତାଡ଼ିତ ହେଲେ । ଏହାସହିତ ସେ ପାଟଣା ବିଶ୍ୱବିଦ୍ୟାଳୟର ବି.ଏ. ପରୀକ୍ଷାରୁ ମଧ୍ୟ ବଞ୍ଚିତ ହେଲେ । ପିତାମାତାଙ୍କ ଦ୍ୱାରା ତିରସ୍କୃତ ସୁରେନ୍ଦ୍ରଙ୍କ ବାଉଳା ଜୀବନର ଆରମ୍ଭ ହେଲା । କିଛିକାଳ କଟକରେ ଅବସ୍ଥାନ ପରେ ସେ କଲିକତା ଅଭିମୁଖେ ଯାତ୍ରା କଲେ । ସେଠି ସେ ମାନବେନ୍ଦ୍ର ରାୟଙ୍କ ରେଡ଼ିକାଲ ଡେମୋକ୍ରାଟିକ୍ ଦଳରେ ଯୋଗଦାନ କଲେ । ପାର୍ଟିର ନିର୍ଦ୍ଦେଶକ୍ରମେ ସେ ଚଟକଳରେ କାମ କରୁଥିବା ଓଡ଼ିଆ ଶ୍ରମିକଙ୍କ ମଧ୍ୟରେ ସଂଗଠନ କାର୍ଯ୍ୟ କଲେ । ୧୯୪୪ରେ କଲିକତାରୁ ଫେରି ସମ୍ବଲପୁର ସେକ୍ରେଟାରିଏଟ୍‌ରେ କିରାଣୀ ଚାକିରି କଲେ । ଏହି ସମୟରେ ସେ ଏକ କେନ୍ଦୁପତ୍ର ତୋଳାଳୀ ପରିବାରରେ ରହୁଥିଲେ । ଶେଷରେ ଆଫିସିକ ଗଣ୍ଡଗୋଳ ଯୋଗୁଁ ଚାକିରି ପରିତ୍ୟାଗ କରି କଟକରେ ୧୯୪୫ରୁ ମଧୁ ମହାନ୍ତିଙ୍କ ଜନତା ପତ୍ରିକାରେ ସମ୍ପାଦକ ଜୀବନ ଆରମ୍ଭ କଲେ । ତତ୍କାଳୀନ ସରକାରଙ୍କ କୋପଦୃଷ୍ଟି ଯୋଗୁଁ 'ଜନତା' ବନ୍ଦ ହେଲା । ୧୯୪୯ରୁ ୧୯୫୨ ପର୍ଯ୍ୟନ୍ତ ବଲାଙ୍ଗୀରରେ "ଗଣତନ୍ତ୍ର"ର ସମ୍ପାଦନା କାର୍ଯ୍ୟରେ

ନିଯୁକ୍ତ ହେଲେ । ରାଜନୀତିକ ଦଳ 'ଗଣତନ୍ତ୍ର ପରିଷଦ'ର ଗଠନ ସହିତ ଓତଃପ୍ରୋତ ଭାବେ ଜଡ଼ିତ ସୁରେନ୍ଦ୍ର ପ୍ରତ୍ୟକ୍ଷ ରାଜନୀତିରେ ଅଂଶଗ୍ରହଣ କରି ୧୯୫୨ ଓ ୧୯୫୭ରେ ସେ ଯଥାକ୍ରମେ ରାଜ୍ୟସଭା ଓ ଲୋକସଭାର ସଭ୍ୟ ରହିଥିଲେ । ଏହି ସମୟରେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ସମ୍ମିଶ୍ରଣ ପାଇଁ ଯେଉଁ ଆନ୍ଦୋଳନ ଦେଖା ଦେଇଥିଲା ତହିଁରେ ନେତୃତ୍ୱ ପାଇଁ କାରାବରଣ କରିଥିଲେ । ୧୯୫୬ରେ ପାର୍ଲାମେଣ୍ଟାରୀ ପ୍ରତିନିଧି ଦଳରେ ଚୀନ ଭ୍ରମଣ କରିଥିଲେ । ୧୯୫୬ରୁ ୧୯୬୦ ପର୍ଯ୍ୟନ୍ତ ଦୈନିକ ଗଣତନ୍ତ୍ରର ସେ ସମ୍ପାଦକ ଥିଲେ । ୧୯୬୨ ନିର୍ବାଚନରେ ପାର୍ଲାମେଣ୍ଟ ନିର୍ବାଚନରେ ପରାଜିତ ହେବା ପରେ ପ୍ରତ୍ୟକ୍ଷ ରାଜନୀତିରୁ ଦୂରେଇ ଯାଇ ୧୯୬୨ରୁ ୧୯୭୧ ପର୍ଯ୍ୟନ୍ତ "କଳିଙ୍ଗ"ର ସମ୍ପାଦକ ରହିଥିଲେ । ୧୯୬୭ରେ ନିର୍ବାଚନ ମକଦ୍ଦମାର ସମ୍ମୁଖୀନ ହୋଇ ସେ ସମ୍ପୂର୍ଣ୍ଣ ରୂପେ ରାଜନୀତିରୁ ଦୂରେଇଯିବା ପାଇଁ ଇଚ୍ଛା କରିଥିଲେ ହେଁ ଜରୁରୀ ପରିସ୍ଥିତି ସମୟରେ ନିଜର ବିଭିନ୍ନ ଗଳ୍ପ ମାଧ୍ୟମରେ ସ୍ୱର ଉତ୍ତୋଳନ କରିଥିଲେ । ୧୯୭୬ରେ ଅହମ୍ମଦାବାଦରେ ଜନତା ସାପ୍ତାହିକ ଗଠନରେ ଯୋଗଦାନ କରି ଏହାର ସଂଗଠନ ପାଇଁ କାର୍ଯ୍ୟ କରିଥିଲେ । ଜନତା ଦଳର ସଭ୍ୟ ଭାବେ ୧୯୭୮ରେ ରାଜ୍ୟସଭାକୁ ନିର୍ବାଚିତ ହେଲା ପରେ ୧୯୮୧ରେ କଂଗ୍ରେସ (ଇନ୍ଦିରା) ଦଳକୁ ପରିବର୍ତ୍ତନ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ତଥା "ସମ୍ବାଦ"ର ମୁଖ୍ୟ ସମ୍ପାଦକ ରୂପେ କାର୍ଯ୍ୟ କରିଥିଲେ । ୧୯୯୦, ଡିସେମ୍ବର ମାସ ୨୧ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା ।

ସାଲେପୁର ହାଇସ୍କୁଲର ଛାତ୍ରାବସ୍ଥାରେ ସୁରେନ୍ଦ୍ରଙ୍କ କଥାକାର ଜୀବନର ପ୍ରାରମ୍ଭ ଘଟେ । ଥରେ ଶିକ୍ଷକ ମନମୋହନ ପଟ୍ଟନାୟକ ସୁରେନ୍ଦ୍ରଙ୍କୁ ଗଳ୍ପ ଲେଖିବା ପାଇଁ ଆଦେଶ ଦିଅନ୍ତି, ତା'ପରେ ଗଳ୍ପ ପାଇଁ ବାରମ୍ବାର ତାଗିଦ୍ କରନ୍ତି । ଏହି ସମୟରେ ଭୂଗୋଳ ଶିକ୍ଷକ ବିଚିତ୍ରାନନ୍ଦ କାନୁନଗୋଙ୍କଠୁ Bolsivism ପୁସ୍ତକ ପଢ଼ିବାକୁ ପାଇ ସାମ୍ୟବାଦ ଧାରଣା ତାଙ୍କ ମନରେ ଛାପ ପକାଏ । ଏହାପରେ ତାଙ୍କର ମନେ ହେଲା- "ସମାଜରେ ଦୁଇଟି ଶ୍ରେଣୀ ଅଛନ୍ତି । ଗୋଟିଏ ଶୋଷକ ଓ ଅନ୍ୟଟି ଶୋଷିତ । ଶୋଷକମାନଙ୍କୁ ନିପାତ କରିବାକୁ ପଡ଼ିବ ।"('ଅଧୁନା', ୧୯୮୨, ସପ୍ତମ ସଂଖ୍ୟା, ପୃ: ୧୭) ଏହାପରେ ଶିଳ୍ପୀ ସୁରେନ୍ଦ୍ରଙ୍କ ପାଖରେ ଗଳ୍ପ ଲେଖା ପାଇଁ ଦେଖା ଦେଇଥିବା ସମସ୍ୟାର ସମାଧାନ ହୋଇଗଲା, ଯାହା ନେଇ ସେ ଭାବୁଥିଲେ- "ଜିଭ ଥିଲେ ଗପ କହିହୁଏ, କିନ୍ତୁ ହାତ ଥିଲେ ବି ସବୁବେଳେ ଗପ ଲେଖି ହୁଏନା । x x x ସାଧାରଣତଃ ପ୍ଲଟଟିଏ ହୋଇଗଲେ ସମସ୍ତେ ଗପ ଲେଖିଥାନ୍ତି କିନ୍ତୁ ପ୍ଲଟ୍‌ରେ ମୁଁ ବିଶ୍ୱାସ କରେ ନାହିଁ । ପ୍ଲଟ୍ ବା ଘଟଣା ଓ ଚରିତ୍ର ଏସବୁ ଏକମାଳାର ଗୋଟିଏ ଗୋଟିଏ କଣ୍ଢି । କିନ୍ତୁ ସୂତାଟିଏ ଦରକାର ତାକୁ ଗୁନ୍ଥିବା ପାଇଁ । ସେଇ ସୂତା ହେଉଛି ଥିମ୍ ବା ଭାବ ସମ୍ପଦ ।" ଏ ଭାବ ସମ୍ପଦ ନଥିଲେ ଗଳ୍ପସବୁ କାହାଣୀ ସ୍ତରରେ ହିଁ ରହିଥାଏ । ତାର ସ୍ୱକୀୟ ସତ୍ତା ଫୁଟେ ନାହିଁ । ଏ ଥିମ୍ ବା ଭାବ ସମ୍ପଦ ହେଉଛି ଏକ Supra Artistic Concept" ।('ଅଧୁନା', ୧୯୮୨, ସପ୍ତମ ସଂଖ୍ୟା, ପୃ: ୧୭) ଯାହା ତାଙ୍କୁ ସ୍କୁଲଛୁଟି ପରେ ବଡ଼ା ବାଉଁଶକଣି ଧରି ଶୋଷକଙ୍କ ପ୍ରତିନିଧି ଶିଙ୍ଖୁବୁଦା ବା ହୁଙ୍କା ଆକ୍ରମଣ କରି We are stone breakers ଇତ୍ୟାଦି ଗାଇ ବୁଲୁବୁଲୁ ହଠାତ୍ ମିଳିଗଲା । ତେଣୁ ଏହିଭଳି ଏକ ପରିବେଶରେ ୧୯୩୮ ଖ୍ରୀ:ଅ:ରେ 'ବନ୍ଦୀ' ଗଳ୍ପର ଆବିର୍ଭାବ ଯାହାକି ସେ ସମୟର ଉତ୍କଳ ସାହିତ୍ୟରେ ପ୍ରକାଶିତ ହୋଇଥିଲା ।

ହାଇସ୍କୁଲ ଶିକ୍ଷା ପରିସମାପ୍ତି ପରେ ସୁରେନ୍ଦ୍ର ରେଭେନ୍‌ସା କଲେଜରେ ଯୋଗଦାନ କଲେ । କବି ବିନୋଦ ନାୟକ ରହୁଥିବା ମେସ୍‌ରେ ସେ ରହିଲେ । କବି ବିନୋଦ ସେଇ ସମୟରେ ପ୍ରତ୍ୟହ କବିତା

ଲେଖିବା ସାଙ୍ଗରେ ସୁରେନ୍ଦ୍ରଙ୍କୁ ମଧ୍ୟ ଲେଖିବା ପାଇଁ ପରାମର୍ଶ ଦେଉଥିଲେ । ପରବର୍ତ୍ତୀ କାଳରେ ସାହିତ୍ୟିକଙ୍କ ଘୋର ପରଶ୍ରୀକାତରତାକୁ ଲକ୍ଷ୍ୟ କରି କଥାକାର ସୁରେନ୍ଦ୍ର ନିଜ ସାହିତ୍ୟିକ ଜୀବନର ଅନୁଭୂତି ସମ୍ପର୍କରେ କହନ୍ତି ଯେ, "ଆଜି କେହି ଅନ୍ୟର ପ୍ରତିଷ୍ଠା ସ୍ୱୀକାର କରିବାକୁ କୁଣ୍ଠିତ । ଅନ୍ୟକୁ ଟାଣି ତଳେ ପକାଇ ନିଜେ ଡେଙ୍ଗା ଦିଶିବାର ପ୍ରବୃତ୍ତିଟା ଆଜି ବୋଧହୁଏ ରାଜନୀତିରୁ ସାହିତ୍ୟ କ୍ଷେତ୍ରକୁ ସଂକ୍ରମିତ ହୋଇଛି । କିନ୍ତୁ ସେଦିନ ଥିଲା ଅଲଗା । ସାହିତ୍ୟ ଶ୍ରଦ୍ଧା ଓ ସୌହାର୍ଦ୍ଦ୍ୟର ତୀର୍ଥଭୂମି ଥିଲା । ଯିଏ ଧାଡ଼ିଏ ଲେଖିଲା ସିଏ କିପରି ଆଉ ଲେଖୁ ସେଥିପାଇଁ ପ୍ରେରଣା ଦେବାରେ କେହି କାତର ନଥିଲେ ।" ତେଣୁ କବି ବିନୋଦ ନାୟକ ଓ ଶ୍ରୀ କୁଞ୍ଜ ବିହାରୀ ଦାଶଙ୍କ ପ୍ରେରଣା କ୍ରମେ ସେ ଲେଖି ଚାଲିଥିଲେ ଓ ବିଛଣା ତଳେ ତାଙ୍କର ପାଣ୍ଡୁଲିପିର ସଂଖ୍ୟା ବଢ଼ି ଚାଲିଥିଲା । କାରଣ 'ସହକାର' ଠାରୁ ନିରାଶ ହେଲା ପରେ କୌଣସି ପତ୍ରିକାକୁ ସେ ଗଳ୍ପ ପଠାଉନଥିଲେ । ଲେଖିବାଟା ତାଙ୍କର ଏକ ମାନସିକ ବିଳାସରେ ପରିଣତ ହୋଇଥିଲା ଯାହାର ମର୍ଯ୍ୟାଦା ସମ୍ପାଦକୀୟ ଦପ୍ତରରେ କ୍ଷୁଣ୍ଣ କରିବାକୁ ସେ ଚାହୁଁନଥିଲେ । ଏଭଳି ଏକ ପରିସ୍ଥିତିରେ ତାଙ୍କର ଅଜାଣତରେ ବିନୋଦ ନାୟକଙ୍କ ମାଧ୍ୟମରେ ଆରତି ପତ୍ରିକାରେ "ମଣିଷ ଓ ଅର୍ଥନୀତି" ଗଳ୍ପଟି ପ୍ରକାଶିତ ହେଲା, ଯାହାକି "ଓଡ଼ିଆ ଗଳ୍ପ ସାହିତ୍ୟରେ ଆଣ୍ଟିରୋମାଣ୍ଟିସିଜମ୍‌ର ପ୍ରଥମ ଉଚ୍ଚାରଣ ।"('ଅଧୁନା', ୧୯୮୨, ସପ୍ତମ ସଂଖ୍ୟା, ପୃ: ୯) ତେବେ ଲେଖକଙ୍କ ସ୍ୱୀକୃତି ଅନୁଯାୟୀ ତାଙ୍କ ବିଛଣା ତଳେ ରହିଥିବା ଗଳ୍ପର ଅନେକ ପାଣ୍ଡୁଲିପି ପାଠକଙ୍କଠୁ ଅନେକ ଦୂରରେ ରହିଗଲା ।

ସାହିତ୍ୟିକ ପ୍ରତିଷ୍ଠା ପାଇଁ ୧୯୪୬ ସାଲ ହେଉଛି ତାଙ୍କ ଜୀବନର ଏକ ଉଲ୍ଲେଖଯୋଗ୍ୟ ସମୟ । ସେତେବେଳେ ନିମଚୌଡ଼ିରେ ଓଡ଼ିଶା ଜର୍ଣ୍ଣାଲ ପ୍ରେସ୍‌ର ଉପର ତାଲାରେ ଗୋଟିଏ ଲମ୍ବା ହଲ୍‌ରେ ସେ ରହୁଥିଲେ । ସୁରେନ୍ଦ୍ରଙ୍କ ସେହି "ବେଚେଲରସ୍ ଡେନ୍" ନିତାନ୍ତ ନିଃସଙ୍ଗ ଓ ଘଟଣାବିହୀନ । ଏହି ସମୟରେ ସେ ଭାରତ ଆବିଷ୍କାର, ଅଷ୍ଟ୍ରେଲିଆ ଓ ପ୍ରଥମ ଆଷାଢ଼ ଭଳି ଗଳ୍ପ ଲେଖିଥିଲେ । ଏଗୁଡ଼ିକ ସେତେବେଳର ଓଡ଼ିଆ ପତ୍ରିକାରେ ପ୍ରକାଶଯୋଗ୍ୟ ହୋଇନଥିଲା ।" "କାରଣ ସେତେବେଳେ ଗଳ୍ପ ରଚନାର ଆଙ୍ଗିକରୀତି ଓ ପରମ୍ପରାର ନିୟାମକରେ ଏ ଗଳ୍ପଗୁଡ଼ିକ କ୍ଷୁଦ୍ରଗଳ୍ପର ସ୍ୱୀକୃତିଯୋଗ୍ୟ ବିବେଚିତ ହୋଇ ପାରିନଥିଲା । ଏ ଗଳ୍ପଗୁଡ଼ିକର ଆରମ୍ଭ ନଥିଲା, ମଧ୍ୟଭାଗ ନଥିଲା ଅଥବା ପରିସମାପ୍ତି ନଥିଲା ।"(ମହାନ୍ତି, ୧୯୬୭, 'ଗୌରଚନ୍ଦ୍ରିକା, ପୃ: ୩) ସମ୍ପାଦକଙ୍କ ଓ୍ୱେଷ୍ଟ ପେପର ବାକ୍ସରେ ତେଣୁ ତାଙ୍କର ଗଳ୍ପ ନିକ୍ଷିପ୍ତ ହେଉଥିଲା । ଏହି ଘଟଣା ଯୋଗୁଁ ତାଙ୍କର ବିଦ୍ରୋହୀ ମନ ଏକ ବଡ଼ ଝୁଡ଼ି, (ନିଜର ବିକ୍ଷୁବ୍ଧ ମନର ପରିଭାଷାର ପ୍ରତୀକ ରୂପେ) ନେଇ ସମ୍ପାଦକଙ୍କ ପାଖରେ ପହଞ୍ଚିଥିଲେ । ଏହି ସମୟରେ ତାଙ୍କ ଜୀବନରେ ଆବିର୍ଭୂତ ହୁଅନ୍ତି ଏକ ରହସ୍ୟମୟ ବ୍ୟକ୍ତି । ଯାହାଙ୍କ ଦ୍ୱାରା ବଙ୍ଗଳାରେ ଅନୁବାଦିତ ତାଙ୍କର ଭାରତ ଆବିଷ୍କାର ଓ ଅଷ୍ଟ୍ରେଲିଆ ପାଟନାର ପ୍ରକାଶିତ 'ପ୍ରଭାତୀ' ପତ୍ରିକାରେ ସ୍ଥାନଲାଭ କଲା । ଏହାଦ୍ୱାରା ତାଙ୍କ ମନରେ ଗଳ୍ପ ଲେଖିବା ପାଇଁ ଏକ ବିଶ୍ୱାସ ଆସିଲା । ଏହି ରହସ୍ୟମୟ ବ୍ୟକ୍ତିଙ୍କର ଆବିର୍ଭାବ ହୋଇ ନଥିଲେ ସେ ହୁଏତ କ୍ଷୁଦ୍ରଗଳ୍ପ ଲେଖିନଥାନ୍ତେ ।(ମହାନ୍ତି, ୧୯୬୭, 'ଗୌରଚନ୍ଦ୍ରିକା, ପୃ: ୨) ଏଭଳି ଭାବେ ଶିକ୍ଷକ ମନମୋହନ ପଟ୍ଟନାୟକ, କବି ବିନୋଦ ଚନ୍ଦ୍ର ନାୟକ ଓ ରହସ୍ୟମୟ ବ୍ୟକ୍ତି ଜଣକ ସୁରେନ୍ଦ୍ରଙ୍କ ପାଇଁ ଗଳ୍ପ ଲେଖିବାର ବିଶ୍ୱାସ ଆଣିଦେଲେ । ପରବର୍ତ୍ତୀ କାଳରେ ଉପନ୍ୟାସ, ସମାଲୋଚନା, ଭ୍ରମଣ କାହାଣୀ, ରମ୍ୟରଚନା ଇତ୍ୟାଦି ସାହିତ୍ୟର ବିଭିନ୍ନ ବିଭାବରେ ହାତ ଦେଇଥିଲେ ହେଁ ଗଳ୍ପ ହିଁ

ହେଉଛି ତାଙ୍କର ପ୍ରଥମ ପ୍ରେମ ।"

କଥାକାର ସୁରେନ୍ଦ୍ରଙ୍କ ଓଡ଼ିଆ କ୍ଷୁଦ୍ରଗଳ୍ପର ବିକାଶ ସମ୍ପର୍କରେ ତାଙ୍କର ନିଜସ୍ୱ ମତାମତ ଅନୁଧ୍ୟାନଯୋଗ୍ୟ । ସେ କହିଛନ୍ତି- "ଫକୀରମୋହନ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଥିଲେ ପ୍ରାଣପ୍ରତିଷ୍ଠାତା । କିନ୍ତୁ ତାଙ୍କ ପରେ ବାଙ୍କନିଧି ପଟ୍ଟନାୟକ ପ୍ରମୁଖ ଯେଉଁ ଗଳ୍ପ ଲେଖିଲେ ସେମାନଙ୍କ ଗଳ୍ପରେ ଫକୀରମୋହନଙ୍କ କଥାବସ୍ତୁ ଥିଲା, ନଥିଲା କେବଳ ଫକୀରମୋହନଙ୍କ ଶିଳ୍ପୀ ସୁଲଭ ଅନ୍ତଃଦୃଷ୍ଟି । ଫଳରେ ଓଡ଼ିଆ କ୍ଷୁଦ୍ରଗଳ୍ପ ଫର୍ମ ଦୃଷ୍ଟିରୁ ସେମାନଙ୍କ ହାତରେ କୌଣସି ଆଭିଜାତ୍ୟ ପାଇନଥିଲା । ଦ୍ୱିତୀୟ ସ୍ତରରେ ସବୁଜ ଗୋଷ୍ଠୀର ଗାଳ୍ପିକମାନେ ଭାଷା ଓ ଟେକ୍‌ନିକ୍ ଦୃଷ୍ଟିରୁ ଫକୀରମୋହନଙ୍କ ନିକଟବର୍ତ୍ତୀ ଥିଲେ, କିନ୍ତୁ ବିଷୟବସ୍ତୁରେ ସେମାନେ ସ୍ୱାତନ୍ତ୍ର୍ୟ ଆଣି ପାରିନଥିଲେ । ତୃତୀୟ ସ୍ତରରେ ଆଧୁନିକ ଗୋଷ୍ଠୀ ସମାଜବାଦୀ ବାସ୍ତବତାର ଧାରା ଦ୍ୱାରା ପ୍ରଭାବିତ ହେଲେ ସୁଦ୍ଧା ଏମାନଙ୍କ ଗଳ୍ପ ପଲ୍ଲୀ ସହରର ସାଧାରଣ ଚରିତ୍ରକୁ ନେଇ ରଚିତ ହୋଇଥିଲା । ଭଗବତୀ ପାଣିଗ୍ରାହୀଙ୍କ ଗୋଟିଏ ଦୁଇଟି ଗଳ୍ପକୁ ବାଦ୍ ଦେଲେ କେହି ଚଟୁଳ ରୋମାଣ୍ଟିକ୍ କଥାବସ୍ତୁ ନେଇ ଗଳ୍ପ ଲେଖୁଥିଲା ବେଳେ ଆଉ କେହି ଅଳଙ୍କାରିକ ଭାଷା ପ୍ରୟୋଗ ପ୍ରତି ଅଧିକ ଧ୍ୟାନ ଦେଉଥିଲେ । ('ଗଳ୍ପ', ତୃତୀୟ ସଂଖ୍ୟା) ଗାଳ୍ପିକ ସୁରେନ୍ଦ୍ରଙ୍କ ମତରେ ଫକୀରମୋହନଙ୍କ ପରେ ତାଙ୍କର ଭାଷା ଛାଞ୍ଚକୁ ପରବର୍ତ୍ତୀ ଗାଳ୍ପିକ ଅନୁସରଣ କରିଥିଲେ ସୁଦ୍ଧା ଫକୀରମୋହନଙ୍କ ସର୍ବଶ୍ରେଷ୍ଠ ବିଶେଷତ୍ୱ ତାଙ୍କ ଶୈଳୀ ଅନୁସରଣ କରିନଥିବାରୁ କେହି ତାଙ୍କ ପରି ଲୋକପ୍ରିୟ ହୋଇ ପାରି ନାହାନ୍ତି ।(ମହାନ୍ତି, ୧୯୫୫, ପୃ: ୫୪) ଫକୀରମୋହନଙ୍କ ଶୈଳୀର ବିଶେଷତ୍ୱ ସୁରେନ୍ଦ୍ର ମହାନ୍ତିଙ୍କ ମତରେ ପ୍ରଥମତଃ ହେଲା, ଏହାର ଆବୃତ୍ତି ଉପଯୋଗିତା । ଦ୍ୱିତୀୟତଃ କଥାକାର ସମରସେଟ୍ ମମ୍ ଯେଭଳି ବାସ୍ତବତା (Realism) ପାଇଁ ନିଜେ ସୂତ୍ରଧର ଓ ଟୀକାକାର ରୂପେ ନିଜଗଳ୍ପ ଉପନ୍ୟାସରେ ଏକ ଚରିତ୍ର ଭାବେ ଦେଖା ଦେଇଥାନ୍ତି ଠିକ୍ ଅନୁରୂପ ଭାବେ ଫକୀରମୋହନ ତାଙ୍କ ପ୍ରତି ଗଳ୍ପରେ ଦେଖା ଦେଇଛନ୍ତି ଏକ ଚରିତ୍ର ଭାବେ । ତୃତୀୟତଃ ନାଟକୀୟ ଅତିରଞ୍ଜନ ହେଉଛି ଫକୀରମୋହନଙ୍କ ଶୈଳୀର ଅନ୍ୟ ଏକ ବିଶେଷତ୍ୱ । ଫକୀରମୋହନଙ୍କ ଉପନ୍ୟାସଗୁଡ଼ିକ ସମ୍ପର୍କରେ ସେ କହିଛନ୍ତି ଯେ, ଏହା ହେଉଛି ଗୋଟିଏ ଗୋଟିଏ ସ୍ଫୀତିକୃତ କ୍ଷୁଦ୍ରଗଳ୍ପ । ତେଣୁ ଯଥାର୍ଥରେ କହିବାକୁ ଗଲେ ଫକୀରମୋହନ କଥାକାର ନଥିଲେ ସେଥିଲେ କଥକ । (ମହାନ୍ତି, ୧୯୫୫, ପୃ: ୫୪-୬୪)

ଫକୀରମୋହନ ତଥା ଓଡ଼ିଆ କ୍ଷୁଦ୍ରଗଳ୍ପ ସମ୍ପର୍କୀୟ କଥାକାର ସୁରେନ୍ଦ୍ରଙ୍କ ମନ୍ତବ୍ୟ ଅନୁଧ୍ୟାନ କଲେ ଏକଥା ସ୍ପଷ୍ଟ ଯେ ଓଡ଼ିଆ କ୍ଷୁଦ୍ରଗଳ୍ପର ବିକାଶକ୍ରମରେ ତାହାର ଅନ୍ତଃସ୍ୱରକୁ ଲକ୍ଷ୍ୟ କରି ଫକୀରମୋହନଙ୍କ ପ୍ରଭାବରୁ ଓଡ଼ିଆ କ୍ଷୁଦ୍ରଗଳ୍ପକୁ ମୁକ୍ତ କରି ଏକ ନୂତନ ଧାରା ପ୍ରବର୍ତ୍ତନ କରିବା ପାଇଁ ସେ ଅତି ସଚେତନ ଭାବେ ଗଳ୍ପ ଲେଖାରେ ହାତ ଦେଇଥିଲେ ହେଁ କଥା ସମ୍ରାଟ ଫକୀରମୋହନ ହିଁ ତାଙ୍କ ରଚନା ଶୈଳୀକୁ ଯଥେଷ୍ଟ ପ୍ରଭାବିତ କରିଥିବା କଥା ସେ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି । (ମାନସ, ସପ୍ତମ ବର୍ଷ, ପୂଜାସଂଖ୍ୟା)

ଓଡ଼ିଆ ଗଳ୍ପସାହିତ୍ୟର ବିକାଶକ୍ରମକୁ ଲକ୍ଷ୍ୟକଲେ, ଫକୀରମୋହନ ପ୍ରଥମେ ପାଶ୍ଚାତ୍ୟ ଆଦର୍ଶାନୁଯାୟୀ କ୍ଷୁଦ୍ରଗଳ୍ପ ରଚନା କରିଥିଲେ ହେଁ ତାଙ୍କ କ୍ଷୁଦ୍ରଗଳ୍ପସମୂହ ଓଡ଼ିଆ ଲୋକକଥା ଓ ଗଳ୍ପକଥକ ଶୈଳୀର ଭିତ୍ତି ଉପରେ ପ୍ରତିଷ୍ଠିତ ଥିଲା । ଫକୀରମୋହନଙ୍କ ଅନୁସୃତ କଥାବସ୍ତୁ ତଥା ରଚନା ରୀତିର ପ୍ରଭାବ ତାଙ୍କର ପରବର୍ତ୍ତୀ ଗାଳ୍ପିକମାନଙ୍କ ମଧ୍ୟରେ ସ୍ପଷ୍ଟ ହେଲେ ହେଁ, ଚନ୍ଦ୍ରଶେଖର, ବାଙ୍କନିଧି,

ଲକ୍ଷ୍ମୀକାନ୍ତ, ଦୟାନିଧି ଫକୀରମୋହନଙ୍କ ପ୍ରଭାବରୁ ମୁକ୍ତ ହେବାର ପ୍ରଚେଷ୍ଟା କରି ବି ବିଶେଷ ସଫଳ ହୋଇପାରିନଥିବା ଲକ୍ଷ୍ୟ କରାଯାଏ । ପରବର୍ତ୍ତୀ କାଳରେ ଅନୁବାଦକ ଓ ଅନୁବାଦିକାମାନଙ୍କ ପାଶ୍ଚାତ୍ତ୍ୟ ଗଳ୍ପଗୁଡ଼ିକର ଅନୁବାଦ ଯୋଗୁଁ ଓଡ଼ିଆ ଗାଳ୍ପିକ କ୍ଷୁଦ୍ରଗଳ୍ପ କଳା ପ୍ରତି ସମ୍ପୂର୍ଣ୍ଣ ସଚେତନ ରହି ଫକୀରମୋହନଙ୍କ ପ୍ରଭାବରୁ ମୁକ୍ତିଲାଭ ପାଇଁ ପ୍ରଚେଷ୍ଟା କରିଥିଲେ । ବିଶେଷତଃ ସତ୍ୟବାଦୀ ଓ ସବୁଜ ଯୁଗର ସନ୍ଧିକ୍ଷଣର ଗାଳ୍ପିକ ଗୋଦାବରୀଶ ମହାପାତ୍ର ନିଜ ରଚନାର ଆଦ୍ୟକାଳରେ ବିଦେଶୀ ଗଳ୍ପର ଅନୁବାଦ ମଧ୍ୟରୁ ମୌଳିକ ଗଳ୍ପ ରଚନା ପଥରେ ଅଗ୍ରଗତି କରିଥିଲେ । ତାଙ୍କର ବ୍ୟଙ୍ଗବିଦ୍ରୁପାତ୍ମକ ଗଳ୍ପଗୁଡ଼ିକରେ ଫକୀରମୋହନଙ୍କ ପ୍ରତିଫଳନ ଅପେକ୍ଷା ବ୍ୟଙ୍ଗର ଯୁଗୋପଯୋଗୀ ପ୍ରତିଧ୍ୱନି ଶୁଣିବାକୁ ମିଳେ । ବିଶେଷତଃ 'ନୀଳମାଷ୍ଟ୍ରାଣୀ' ଭଳି ଗଳ୍ପରେ ବ୍ୟଙ୍ଗ୍ୟ ଓ କରୁଣରସର ସମ୍ମିଶ୍ରଣରେ ମଣିଷ ପ୍ରତି ସମ୍ବେଦନଶୀଳ ହୋଇ ମହନୀୟତାର ଶୀର୍ଷ ସୋପାନରେ ପହଞ୍ଚିଥିବା ଲକ୍ଷ୍ୟ କରାଯାଏ । କାଳିନ୍ଦୀଚରଣଙ୍କ ଗଳ୍ପଗୁଡ଼ିକରେ ଫକୀରମୋହନଙ୍କ ଗ୍ରାମୀଣ ଭାଷା ଶୈଳୀ ଏକ ମାର୍ଜିତ ରୂପଧାରଣ କରି ସୁକୁମାର ତଥା ସୁନ୍ଦର ରୂପ ବିଭବରେ ରୂପାନ୍ତରିତ ହୋଇ, ଗଳ୍ପର ବିଷୟବସ୍ତୁକୁ ମାନବବାଦୀ ତଥା ହୃଦୟସ୍ପର୍ଶୀ କରିପାରିଛି । ତେଣୁ ଗଳ୍ପର ଅଖଣ୍ଡରସ ପରିଣାମ ପାଠକର ମନକୁ ଆପ୍ଳୁତ କରିବା ସହିତ ଚିନ୍ତାର ବିସ୍ତାର କରୁଥିବା ଅନୁଭବ କରିହୁଏ । ଓଡ଼ିଆ କ୍ଷୁଦ୍ରଗଳ୍ପ ବିଶେଷତଃ ଭଗବତୀଚରଣ, ସଚ୍ଚିରାଉତରାୟଙ୍କ ଲେଖନୀରେ ନୂତନ ଜୀବନଜିଜ୍ଞାସା ତଥା ଶିଳ୍ପଧର୍ମ ମାଧ୍ୟମରେ ଆତ୍ମପ୍ରକାଶ କଲାପରେ, ପ୍ରାଣବନ୍ଧୁ କର, ରାଜକିଶୋର ରାୟ, ରାଜକିଶୋର ପଟ୍ଟନାୟକ, ଗୋପୀନାଥ ମହାନ୍ତିଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରୂପେ, ଆଙ୍ଗିକ, ଭାଷା ତଥା ବିଷୟବସ୍ତୁ ଦୃଷ୍ଟିରୁ ପରିପୂର୍ଣ୍ଣତା ଲାଭ କରିଥିବା ଲକ୍ଷ୍ୟ କରାଯାଇପାରେ । ତେଣୁ ଓଡ଼ିଆଭାଷାରେ ଫକୀରମୋହନଙ୍କ ସୃଷ୍ଟ କ୍ଷୁଦ୍ରଗଳ୍ପ 'ରେବତୀ' ରୂପୀ ଶିଶୁକନ୍ୟା ଚନ୍ଦ୍ରଶେଖର ବାଙ୍କନିଧି, ଦୟାନିଧି ଆଦିଙ୍କ ଦ୍ୱାରା ବାଲ୍ୟାବସ୍ଥାରେ ପାଦ ଦେଲା ପରେ ଗୋଦାବରୀଶ, କାଳିନ୍ଦୀଙ୍କ ଲେଖନୀ ଚାଳନା ମାଧ୍ୟମରେ କିଶୋରୀ ହୋଇଛି । ମାତ୍ର ତାର ଯୌବନାବସ୍ଥାପ୍ରାପ୍ତ ହୋଇଛି, ଗୋପୀନାଥ, ରାଜକିଶୋର ପଟ୍ଟନାୟକ ଆଦିଙ୍କ ଲେଖନୀ ଚାଳନାରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସମକାଳରେ । ପୂର୍ଣ୍ଣ ଯୌବନପ୍ରାପ୍ତ ଗଳ୍ପ କିଶୋରୀର ବିଭିନ୍ନ ଅଙ୍ଗସଜ୍ଜା ମଧ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆଣି ଓଡ଼ିଆ ଗଳ୍ପକୁ ବିଶ୍ୱ ସାହିତ୍ୟର ସମକକ୍ଷ କରି ଗଢ଼ି ତୋଳିବାରେ ଗାଳ୍ପିକ ସୁରେନ୍ଦ୍ରଙ୍କର ରହିଛି ଏକ ବଳିଷ୍ଠ ଅବଦାନ । ଏ ସମ୍ପର୍କରେ ସବିଶେଷ ବିଚାର ଆଲୋଚନାର ସୁଗମତା ପାଇଁ ପ୍ରଥମେ ତାଙ୍କର ନିଜସ୍ୱ ସାହିତ୍ୟିକ ସୃଷ୍ଟି ପ୍ରତି କରିଥିବା ଆତ୍ମସମୀକ୍ଷାକୁ ଅନୁଧ୍ୟାନ କରିବାକୁ ପଡ଼ିବ ।

କଥାକାର ସୁରେନ୍ଦ୍ର ହେଉଛନ୍ତି ଦ୍ୱିତୀୟ ମହାଯୁଦ୍ଧ ପରବର୍ତ୍ତୀ କାଳର ଲେଖକ, ତଥା ସ୍ୱାଧୀନୋତ୍ତର ଓ ଏହାର ଅବ୍ୟବହିତ ପୂର୍ବ କାଳର ସହାନୁବର୍ତ୍ତୀ । ପାରିପାର୍ଶ୍ୱିକ ପରିସ୍ଥିତିର ପ୍ରକୋଷ୍ଠରେ ଭାରତୀୟ ମାନସିକତାରେ ସବୁ ପ୍ରତିଷ୍ଠିତ ମୂଲ୍ୟବୋଧ ପ୍ରତି ସନ୍ଦେହ ପ୍ରତ୍ୟୟହୀନତା ଓ ମୋହଭଙ୍ଗର ଏହା ଆରମ୍ଭକାଳ । ତାଙ୍କର ଆଦ୍ୟକାଳର କ୍ଷୁଦ୍ରଗଳ୍ପଗୁଡ଼ିକରେ ତାହାର ଉଚ୍ଚାରଣ ସୁସ୍ପଷ୍ଟ ଥିବାରୁ, ସେସବୁ ରୋମାଣ୍ଟିସିଜମ୍ ଗ୍ରସ୍ତ ପାଠକ ସମାଜରେ ଏକ ନୂତନ ଆସ୍ୱାଦନ ସୃଷ୍ଟି କରିଥିଲା । ମାତ୍ର ଓଡ଼ିଶାର ତତ୍କାଳୀନ ପାଠକ ସମାଜ ଏଇ ଅନୁଭୂତି ସହିତ ତଥାପି ଅପରିଚିତ ଥିବାରୁ "ଭାରତ ଆବିଷ୍କାର" ଓ ସେହି ଶ୍ରେଣୀର କେତେକ ଗଳ୍ପ କୌଣସି ଓଡ଼ିଆ ପତ୍ରିକାରେ ସେଦିନ ସ୍ଥାନ ପାଇ ପାରିନଥିଲା । (ମହାନ୍ତି ସୁରେନ୍ଦ୍ର, ୧୯୫୦, ପ୍ରସଙ୍ଗକ୍ରମେ) ଏହିସବୁ ଦୃଷ୍ଟିରୁ

ଗାଳ୍ପିକ ସୁରେନ୍ଦ୍ର କୌଣସି ଦ୍ୱିଧା ବା ଅହେତୁକ ବିନୟ ପ୍ରକାଶ ନ କରି କହିଛନ୍ତି ଯେ, ଓଡ଼ିଆ କ୍ଷୁଦ୍ରଗଳ୍ପରେ ସେ ଏକ ନୂଆମୋଡ଼ ଫିଟାଇଲେ । ବସ୍ତୁତଃ ବିଂଶ ଶତାବ୍ଦୀର ସପ୍ତମ ଦଶକରେ ରଚିତ ଗଳ୍ପହୀନ ଗଳ୍ପର ଧାରା ସେ ଆରମ୍ଭ କରିଥିଲେ ଚତୁର୍ଥ ଦଶକରେ ତାଙ୍କ ରଚିତ ଅଷ୍ଟ୍ରେଲିଆ ଓ ଭାରତ ଆବିଷ୍କାର ଆଦି ଗଳ୍ପରେ । ପୁଣି ସାମ୍ପ୍ରତିକ କାଳର ମଣିଷ ସ୍ଥିତିର ନିଃସଙ୍ଗତା ଜର୍ଜରିତ ଶୂନ୍ୟତା ଓ ବେଦନାବୋଧ ପ୍ରଭୃତି ତାଙ୍କର ଆଦ୍ୟ ଗଳ୍ପଗୁଡ଼ିକରେ ଦେଖାଯାଏ । ଏହାସହିତ କଥା କବତା (Prose poem)ର ଶୈଳୀ ଗଳ୍ପ ରଚନା କ୍ଷେତ୍ରରେ ସେ ଆରମ୍ଭ କରିବା ସଙ୍ଗେ ତାଙ୍କର ଆଦ୍ୟ କାଳର ଗଳ୍ପଗୁଡ଼ିକରେ ପ୍ରଚଳିତ ଆଦର୍ଶଧାରା (Establishment) ବିରୁଦ୍ଧରେ ବିଦ୍ରୋହର ଭାବଧାରା ପରିଲକ୍ଷିତ ହୋଇଥାଏ ।(ମହାନ୍ତି, ୧୯୬୭, ଗୌର ଚନ୍ଦ୍ରିକା, ପୃ: ୩) ଓଡ଼ିଆ କ୍ଷୁଦ୍ରଗଳ୍ପରେ ସେ ପୁଣି 'ପ୍ରତୀକବାଦ' (Symbolism)ର ଧାରା ପ୍ରଥମେ ପ୍ରବର୍ତ୍ତନ କରିଥିଲେ । ତାଙ୍କ ମତରେ ତାଙ୍କର ପ୍ରତ୍ୟେକ ଗଳ୍ପ ଊଣା ଅଧିକେ କୌଣସି ନା କୌଣସି Symbol ବା ଭାବରୂପର ସଙ୍କେତ । ପ୍ରତ୍ୟେକ Symbol ଶିଳ୍ପୀ ଚେତନାର ରହସ୍ୟ ବିଜଡ଼ିତ ସୃଷ୍ଟି । ସେଥିପାଇଁ ଏହାର ଅର୍ଥ ଦିବାଲୋକ ପରି ସୁସ୍ପଷ୍ଟ ହେବା ସମ୍ଭବ ନୁହେଁ, ଉଚିତ ମଧ୍ୟ ନୁହେଁ ।(ପ୍ରଧାନ, ୧୯୭୧, କଥାକାରଙ୍କ ଲେଖନୀରୁ) ଚରିତ୍ର ଚିତ୍ରଣ ଦୃଷ୍ଟିରୁ ସେ ପ୍ରଥମେ ସ୍ୱୀକୃତ ମାନବିଶିଷ୍ଟ (Standardised) ମଣିଷର ଚିତ୍ର ଗଳ୍ପରେ ଅଙ୍କନ କରିଥିଲେ, ଅନୁଭୂତିର ପରିଚିତ ଦିଗ୍‌ବଳୟକୁ ସମ୍ପ୍ରସାରିତ କରିଥିଲେ, ନୂଆନୂଆ ଉତ୍ତେଜନା (Tension)କୁ ରୂପ ଦେଇଥିଲେ । ('ଗଳ୍ପ', ତୃତୀୟ ସଂଖ୍ୟା) ଏହି ନିଜସ୍ୱ ଅନୁଭୂତି ଲବ୍ଧ ବିଷୟବସ୍ତୁକୁ କେନ୍ଦ୍ର କରି ଗଳ୍ପ ରଚନା ପ୍ରସଙ୍ଗରେ ସେ କହିଛନ୍ତି ଯେ, ସେ କଳ୍ପନାପ୍ରିୟ ନୁହଁନ୍ତି । ଖାଣ୍ଟି ସୁନାରେ କିଛି ଖାଦ ନ ମିଶାଇଲେ ଯେପରି ଅଳଙ୍କାର ତିଆରି ହୋଇପାରେ ନାହିଁ ସେହିପରି ପ୍ରତ୍ୟେକ ଗଳ୍ପ ଉପନ୍ୟାସରେ କଳ୍ପନା ରୂପୀ ଖାଦ ତ ନିଶ୍ଚୟ ମିଶିବ । ତେବେ ତାଙ୍କର ପ୍ରାୟ ଅଧିକାଂଶ ଗଳ୍ପ ନିଜସ୍ୱ ଅଙ୍ଗେନିଭା ଅନୁଭୂତି ପ୍ରସୂତ । ଯାହା ତାଙ୍କର ଚେତନାକୁ ସ୍ପର୍ଶ କରିନାହିଁ, ସୃଷ୍ଟି ପ୍ରବଣତାକୁ ଧକ୍କା ଦେଇନାହିଁ, ଅନ୍ତର ପୁରୁଷ କଣ୍ଠରେ ମର୍ମେ ମର୍ମେ ଉଚ୍ଚାରିତ ହୋଇନାହିଁ ତାହାକୁ ସେ କଦାପି ଲେଖିନାହାନ୍ତି ବା ଲେଖି ସମୟ ନଷ୍ଟ କରିନାହାନ୍ତି । ତେଣୁ ତାଙ୍କର ସବୁ ରଚନାରେ ସବୁବେଳେ ସୁସ୍ପଷ୍ଟ ଥାଏ ଏକ ନିଃସଙ୍କୋଚ ବକ୍ତବ୍ୟ । ତେଣୁ ତାଙ୍କ ଗଳ୍ପଗୁଡ଼ିକରେ ଘଟଣା ଅପେକ୍ଷା ଚରିତ୍ର ଓ ବକ୍ତବ୍ୟ ହିଁ ପ୍ରଧାନ ସ୍ଥାନ ଅଧିକାର କରିଥାଏ ।(ମାଂସର କୋଣାର୍କ ପ୍ରସଙ୍ଗକ୍ରମେ) ଏହି ନିଜସ୍ୱ ଅନୁଭୂତି ଓ ଅଭିଜ୍ଞତା କେବଳ ତାଙ୍କର ସାମାଜିକ ଗଳ୍ପ ନୁହେଁ ପ୍ରତ୍ୟେକ ଗଳ୍ପରେ ରହିଛି । ଏପରିକି ତାଙ୍କର ଐତିହାସିକ ଓ ପୌରାଣିକ ଗଳ୍ପଗୁଡ଼ିକ ମଧ୍ୟରେ ମଧ୍ୟ ସାମ୍ପ୍ରତିକ କାଳର ଅନୁଭୂତି ଓ ଅଭିଜ୍ଞତା ସନ୍ଧାନ କଲେ ମିଳିବ । ଅନୁଭୂତି ନଥିଲେ, କୌଣସି ଘଟଣା ବା ଚରିତ୍ର ଗଭୀର ଭାବେ ତାଙ୍କର ଚେତନାକୁ ଅଭିଭୂତ ନ କଲେ ସେ ପ୍ରାୟ ଗଳ୍ପ ବା ଉପନ୍ୟାସରେ ସେପରି ଘଟଣା ବା ଚରିତ୍ରକୁ ସ୍ଥାନ ଦେଇ ନଥାନ୍ତି କିମ୍ବା ଲେଖିନଥାନ୍ତି ।(ମହାନ୍ତି, ୧୯୮୩, ଭୂମିକା)

ସାହିତ୍ୟରେ ଅଙ୍ଗୀକାର (Commitment) ରହିବାର ଔଚିତ୍ୟ ସପକ୍ଷରେ ମତାମତ ଦେଇ ସେ କହନ୍ତି ଯେ ଅଙ୍ଗୀକାର ଜୀବନ ପାଇଁ ରହିବା ଉଚିତ, ଯେଉଁ ଜୀବନରେ ବ୍ୟକ୍ତି ଚେତନାର ବିକାଶ, ଭାବନା, ସଂଗ୍ରାମ ଓ ଆବେଗର ଚିତ୍ର ପ୍ରତିଫଳିତ ହୁଏ ।('ଗଳ୍ପ', ତୃତୀୟ ସଂଖ୍ୟା) ତେଣୁ ତାଙ୍କର ସମସ୍ତ ଲେଖାର ପୁରୋଭାଗ ଓ ପୃଷ୍ଠଭୂମିରେ ରହିଛି ବ୍ୟକ୍ତି- ଯେ ଶୁଭ୍ର, ସୁନ୍ଦର, ମୁକ୍ତ ଅନନ୍ୟ ସାଧାରଣ ଓ ଅମଳିନ ।(ମହାନ୍ତି, ୧୯୬୭, ମୁଁ କାହିଁକି ଲେଖେ)

ପୁଣି ତାଙ୍କ ମତରେ ସାହିତ୍ୟ ବିଶ୍ୱ ସାହିତ୍ୟ ସହ ସମତାଳ ଦେଇ ସମସ୍ୟାମୂଳକ ହେବା ଉଚିତ । ଏହି ସମସ୍ୟା କେବଳ ଭାତ ଲୁଣର ଜାନ୍ତବ ସମସ୍ୟା ନୁହେଁ, ଜୀବନର ଆଧ୍ୟାତ୍ମିକ ଓ ଆବେଗଗତ ସମସ୍ୟା ମଧ୍ୟ ଏହାର ଅନ୍ତର୍ଗତ । ତେଣୁ ଆଧ୍ୟାତ୍ମିକତାରେ ବିଶ୍ୱାସୀ ଲେଖକ କହିଛନ୍ତି ଯେ ତାଙ୍କ ସୃଷ୍ଟିରେ ଦେହ ଅଛି, ଦେହାତୀତ ବି ଅଛି । ଗୋଟିଏ ଆଡ଼େ ପଞ୍ଜୁରୀ ଟାଣିଲା ବେଳକୁ ଅନ୍ୟ ଆଡ଼େ ପକ୍ଷୀ ଟାଣୁଛି ଏବଂ ଏହାରି ସଂଘର୍ଷ ହିଁ ତାଙ୍କ ସାହିତ୍ୟର ମୂଳକଥା । ତେଣୁ ରସ ତାଙ୍କ ସାହିତ୍ୟର ପ୍ରାଣ ନୁହେଁ, ଆଇଡିଆ ବା ଚିନ୍ତା ହେଉଛି ତାଙ୍କ ସାହିତ୍ୟର ପ୍ରାଣ । ଓଡ଼ିଆ ସାହିତ୍ୟରେ ଆଇଡିଆଧର୍ମୀ ସାହିତ୍ୟର ପଥମ ପ୍ରବର୍ତ୍ତକ ଭାବେ ନିଜେ କଥାକାର ସୁରେନ୍ଦ୍ର ଦାବି କରିଥାନ୍ତି ।(ମାନସ, ସପ୍ତମ ବର୍ଷ, ପୂଜାସଂଖ୍ୟା)

କେବଳ Instinct ବା ପ୍ରେରଣାରେ ନୁହେଁ Reason ବା ହେତୁବାଦ ଓ Emotion ବା ଆବେଗ ହେଉଛି ତାଙ୍କ ଲେଖାର ଭିତ୍ତି । ତେଣୁ ତାଙ୍କ ଛୋଟଗପଗୁଡ଼ିକରେ ପ୍ରେମ, ପ୍ରଣୟ, ବିରହ, ପ୍ରତୀକ୍ଷା, ଅକାଂକ୍ଷା ପ୍ରଭୃତିର ଅଭାବ ଦେଖାଯାଏ । ଫଳତଃ ତାଙ୍କ ଗଳ୍ପଗୁଡ଼ିକର ଚରିତ୍ର (ସିନିକ୍) ତଥା ତାଙ୍କ ଗଳ୍ପଗୁଡ଼ିକରେ ପ୍ରଧାନତଃ ରୂପପାଏ ମଣିଷର ଦୁଃଖ, ଯନ୍ତ୍ରଣା, ନିଃସଙ୍ଗତା ଓ ବେଦନାବୋଧ ତଥା ମଣିଷର ବାସ୍ତୁହରା ଜୀବନର ଚିତ୍ର । (ମହାନ୍ତି, ୧୯୬୭, ମୁଁ କାହିଁକି ଲେଖେ) ଏହି ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ସେ ଲେଖିନାହାନ୍ତି, ବରଂ ନିଜର ଅନ୍ତର ଜ୍ୱାଳା ଦେଇ ମାପିଚୁପି ଅଙ୍କ କଷିଲା ପରି"ଏକ ଦୁର୍ବିସହ ବେଦନାରୁ ମୁକ୍ତି ପାଇବା ପାଇଁ ସେ ଲେଖିଛନ୍ତି । (ମହାନ୍ତି ସୁରେନ୍ଦ୍ର, ସୁରେନ୍ଦ୍ର ବିଚିତ୍ରା, ମୁଁ କାହିଁକି ଲେଖେ) ଲେଖକର ସଂଜ୍ଞା ତେଣୁ ତାଙ୍କ ପାଖେ ସ୍ୱତନ୍ତ୍ର । ତାଙ୍କ ମତରେ ପାଦ ଥିଲେ ଚାଲିହୁଏ କିନ୍ତୁ ହାତ ଥିଲେ ଲେଖିହୁଏନା । ଲେଖକ ତେଣୁ ଏ ଯୁଗର ମହାମୌନୀ ତପସ୍ୱୀ ଓ ଲେଖା ତାର ତପସ୍ୟା- ସତ୍ୟର ସନ୍ଧାନ ପାଇଁ ଓ ନୂତନ ମୂଲ୍ୟବୋଧ ପାଇଁ ତାର ତପଶ୍ଚରଣ ଯେତିକି ସ୍ଖଳନ ମଧ୍ୟ ସେତିକି ।(ମହାନ୍ତି, ୧୯୬୭, ମୁଁ କାହିଁକି ଲେଖେ)

**କଥାକାର ସୁରେନ୍ଦ୍ରଙ୍କ ମତରେ ଗଳ୍ପକଳା**

ଗଳ୍ପ ସହିତ ଜୀବନରେ ସମାଲୋଚନା, ରମ୍ୟ ରଚନା, ପ୍ରବନ୍ଧ ଠାରୁ ନାଟକ ଉପନ୍ୟାସ, ଜୀବନୀ, ଭ୍ରମଣକାହାଣୀ, ସାମ୍ବାଦିକ ଭାବେ ରିପୋର୍ଟେଜ୍ ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ହାତ ଦେଇଥିବା କଥାକାର ସୁରେନ୍ଦ୍ର ପ୍ରଥମେ ଗଳ୍ପ ରଚନା କରିଥିଲେ ତଥା ତାଙ୍କରି ଭାଷାରେ 'ଗଳ୍ପ ହିଁ ହେଉଛି ତାଙ୍କର First Love ବା ପ୍ରଥମ ପ୍ରେମ ।' କ୍ଷୁଦ୍ରଗଳ୍ପର ଗଠନ କୌଶଳ ସମ୍ପର୍କରେ ସୁରେନ୍ଦ୍ର ମହାନ୍ତିଙ୍କର କେତେକ ମନ୍ତବ୍ୟ ହେଲା-

"କ୍ଷୁଦ୍ରଗଳ୍ପ କାହାଣୀ ନୁହେଁ ବା ଉପନ୍ୟାସର ସଂକ୍ଷିପ୍ତ ରୂପ ନୁହେଁ । ସଙ୍ଗୀତର ପରିଭାଷାରେ ଏହା ହୁଏତ ନାଦ, ହୁଏତ କମ୍ପନ, ହୁଏତ ବା ମୂର୍ଚ୍ଛନା, କିନ୍ତୁ ସମ୍ପୂର୍ଣ୍ଣ ସଙ୍ଗୀତ ନୁହେଁ । କ୍ଷୁଦ୍ରଗଳ୍ପ ଗୋଟିଏ ସୁବିସ୍ତୃତ କାଳ ନୁହେଁ ଏହା କେବଳ ଗୋଟିଏ ମୁହୂର୍ତ୍ତ । କ୍ଷୁଦ୍ରଗଳ୍ପ ଗୋଟିଏ ଜୀବନ ଚରିତ ନୁହେଁ ଏହା ଜୀବନର ଗୋଟାଏ ଭଗ୍ନାଂଶ । ଏହା ଅନନ୍ତ ବିଶ୍ୱର ଏକ ଅଣୁବିକ୍ଷଣିକ ଚିତ୍ର । ଅସୀମର ସସୀମ ସଂକେତ । ଏଥିରେ ଚରିତ୍ର ଚିତ୍ରଣର ପ୍ରୟୋଜନ ଅଛି । ତଥାପି ଚରିତ୍ର ଚିତ୍ରଣ ନଥାଇ ମଧ୍ୟ ଗଳ୍ପ ଲେଖାଯାଇପାରେ । ଗଳ୍ପ ପାଇଁ କ୍ଲାଇମାକ୍ସ ଥିବା ଗୋଟିଏ ପ୍ଲଟ ବା ଘଟଣା ଅବଶ୍ୟ ଆବଶ୍ୟକ, କିନ୍ତୁ ସେପରି ଘଟଣା ନଥିଲେ ଯେ ଗଳ୍ପ ଲେଖାଯାଇ ନ ପାରିବ ନୁହେଁ । ବାହାରର ନାଟକୀୟ ଘଟଣାରାଜିକୁ ଘେନି ଗଳ୍ପ ଲେଖାଯାଏ; କିନ୍ତୁ ଭିତରର କମ୍ପନ, ସ୍ପନ୍ଦନ, ସଂଘର୍ଷକୁ ଘେନି ଗଳ୍ପ ଲେଖାଯାଇ ନ ପାରିବ କାହିଁକି ? (ମହାନ୍ତି, ୧୯୬୭,ଗୌର ଚନ୍ଦ୍ରିକା, ପୃ: ୩)

"ଦୈର୍ଘ୍ୟ ଦୃଷ୍ଟିରୁ ଯେ କ୍ଷୁଦ୍ର ସେ କ୍ଷୁଦ୍ରଗଳ୍ପ କିମ୍ବା ଯାହା ଏକା ନିଶ୍ୱାସକେ ପଢ଼ାଯାଇ ପାରେ ତାହା କ୍ଷୁଦ୍ରଗଳ୍ପ ଏସବୁ ସଂଜ୍ଞାର ମୁଁ ପକ୍ଷପାତୀ ନୁହେଁ । କୌଣସି ସ୍ରଷ୍ଟା ଏସବୁ ସଂଜ୍ଞା ମାନି କ୍ଷୁଦ୍ରଗଳ୍ପ ଲେଖେନାହିଁ । କେବଳ ଗୋଟିଏ ଗୋଟିଏ moodକୁ ନେଇ ମୁଁ ଗଳ୍ପ ଲେଖିଛି, ଗଳ୍ପ ମଧ୍ୟ ଲେଖୁଛି ଗୋଟିଏ ଗୋଟିଏ situationର ସ୍ମୃତି ଓ ସ୍ପନ୍ଦନକୁ ନେଇ, ଗୋଟିଏ ମୁହୂର୍ତ୍ତର ବିଭକ୍ତ ଅଂଶକୁ ନେଇ ମଧ୍ୟ କ୍ଷୁଦ୍ରଗଳ୍ପ ହୋଇପାରେ ।" ପୁଣି ସେ କ୍ଷୁଦ୍ରଗଳ୍ପକୁ ଉପନ୍ୟାସ ସହ ତୁଳନା କରି କହିଛନ୍ତି, "ଅବଶ୍ୟ କ୍ଷୁଦ୍ରଗଳ୍ପର ଏକ ପୀନବଦ୍ଧ ଆଙ୍ଗିକ ରହିବା ସ୍ୱାଭାବିକ । ଉପନ୍ୟାସ ହେଉଛି ଏକ ଏପିକ୍, ତାହା ବହୁଧାରା ଉପଧାରାର ପ୍ରବାହ ଭଳି । କିନ୍ତୁ କ୍ଷୁଦ୍ରଗଳ୍ପ ସେ ମହାପ୍ରବାହର ଏକ ଜଳଧାରା ମଧ୍ୟ ନୁହେଁ ଏକ ବୁଦ୍‌ବୁଦ ମାତ୍ର । ଅବଶ୍ୟ ସେଇ ବୁଦ୍‌ବୁଦରେ ମହାପ୍ରବାହର ଆବେଗ ସ୍ପନ୍ଦନ ଓ ଉଚ୍ଛ୍ୱାସ ଭରି ରହିଥାଏ । ଉପନ୍ୟାସରେ ସବୁକଥା କୁହାଯାଇପାରେ, କ୍ଷୁଦ୍ରଗଳ୍ପରେ ଅନେକ କଥା ଅକୁହା ରହେ ।"('ଗଳ୍ପ', ତୃତୀୟ ସଂଖ୍ୟା)

ସୁରେନ୍ଦ୍ର ମହାନ୍ତିଙ୍କ ପ୍ରଦତ୍ତ ଉପର୍ଯ୍ୟୁକ୍ତ ମତଗୁଡ଼ିକୁ ଅନୁଧ୍ୟାନ କଲେ ଏକଥା ସ୍ପଷ୍ଟ ଯେ ସେ ପୋ, ମାଥ୍ୟୁସ ଆଦିଙ୍କ ପ୍ରଦତ୍ତ କ୍ଷୁଦ୍ରଗଳ୍ପର ସଂଜ୍ଞା ଠାରୁ ଆରମ୍ଭ କରି ହେମିଙ୍ଗଓ୍ୱେ ଆଦିଙ୍କ ଦ୍ୱାରା ପ୍ରଚଳିତ କ୍ଲାସିକ୍ ରଚନା ପଦ୍ଧତିର ଅସ୍ୱୀକାର ପୂର୍ବକ କେବଳ mood ବା ଭାବରାଜିକୁ ନେଇ କାହାଣୀହୀନ ଗଳ୍ପ ରଚନାଶୈଳୀ ପର୍ଯ୍ୟନ୍ତ ପରିଚିତ । ତେଣୁ ଗଳ୍ପର ଗଠନ କୌଶଳରେ ସେ କେତେବେଳେ ବୋଦ୍‌ଲାୟାରଙ୍କ ଭଳି 'ପ୍ରୋଜ୍‌ପୋଏମ୍' (Prose Poem) ରୀତିର ଅନୁଶୀଳନରେ ଆରମ୍ଭ ମଧ୍ୟ ଭାଗ ପରିସମାପ୍ତିଶୂନ୍ୟ ଗଳ୍ପ ଲେଖିଥିଲା ସମୟରେ, (ମହାନ୍ତି, ୧୯୬୭,ଗୌର ଚନ୍ଦ୍ରିକା, ପୃ: ୩) ବେଳେ ବେଳେ standardised କଥାବସ୍ତୁ ତାଙ୍କ ଗଳ୍ପରେ ସ୍ୱାଭାବିକ ପ୍ରାଧାନ୍ୟ ବିସ୍ତାର କରିଛି । ପୁଣି ଗଳ୍ପକୁ ରସୋତ୍ତୀର୍ଣ୍ଣ କରିବାକୁ ଯାଇ ସେ କଥାବସ୍ତୁ ଉପଯୋଗୀ ଆଙ୍ଗିକର ବ୍ୟବହାର କରିଛନ୍ତି । ତେଣୁ ତାଙ୍କ ଗଳ୍ପ ସଂସାର ମଧ୍ୟରେ ଶୈଳୀର ବିବିଧତା ମଧ୍ୟରେ ଉପସ୍ଥାପନା ନାଟକୀୟ ହୋଇଛି । ('ଗଳ୍ପ' ତୃତୀୟ ସଂଖ୍ୟା)

ବହୁ ପ୍ରକାର କଥାବସ୍ତୁକୁ କେନ୍ଦ୍ର କରି ଗଳ୍ପ ରଚନା କରିଥିବା ହେତୁ ଗଳ୍ପର ଭାଷା ସମ୍ପର୍କରେ ସେ ବିଶେଷ ସଚେତନ । ତେଣୁ ଭାଷା ବିଷୟରେ ସେ ନିଜକୁ ଆର୍ଟିଷ୍ଟ ଅପେକ୍ଷା ମିସ୍ତ୍ରୀ ଭାବନ୍ତି । ଫଳତଃ ତାଙ୍କର ଭାଷା ସର୍ବଦା କଥାବସ୍ତୁ ଉପଯୋଗୀ ହୋଇଥିବା ସମ୍ପର୍କରେ ସେ ପ୍ରାୟ ନିଶ୍ଚିତ । ('ଗଳ୍ପ' ତୃତୀୟ ସଂଖ୍ୟା)

ପୂର୍ବ ଆଲୋଚିତ "କ୍ଷୁଦ୍ର ଗଳ୍ପର ସଂଜ୍ଞା ସ୍ୱରୂପ" ସମ୍ପର୍କିତ ଓ "ଓଡ଼ିଆଗଳ୍ପର ବିକାଶକ୍ରମ"ର ସଂକ୍ଷିପ୍ତ ସୂଚନାକୁ ଭିତ୍ତିଭୂମି ରୂପେ ଗ୍ରହଣ କରି ଗାଳ୍ପିକସୁରେନ୍ଦ୍ର ଓଡ଼ିଆ ଗଳ୍ପରେ ପ୍ରଦର୍ଶନ କରିଥିବା ମୌଳିକତା ତଥା ପରୀକ୍ଷା ନିରୀକ୍ଷା ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରାଯିବ ।

■ ■ ■

# ଗାଳ୍ପିକ ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପର ଶ୍ରେଣୀ ବିଭାଗ

ସୁରେନ୍ଦ୍ର ମହାନ୍ତିଙ୍କ ପ୍ରଥମ ଗଳ୍ପର ସୃଷ୍ଟି ୧୯୩୮ ମସିହାରୁ ତାଙ୍କ ଦେହାନ୍ତ ପର୍ଯ୍ୟନ୍ତ ସୃଷ୍ଟିଶୀଳତା ଅବ୍ୟାହତ ରହିଥିଲା । ବିଂଶ ଶତାବ୍ଦୀର ଅଷ୍ଟମଦଶକର ପ୍ରାରମ୍ଭରେ ସେ ଯଦିଚ ଗଳ୍ପ ଲେଖା କ୍ଷେତ୍ରରେ କିଛି ବର୍ଷ ନୀରବ ରହିଥିଲେ, ତଥାପି ତାଙ୍କର ଗଳ୍ପ ନିର୍ଝର ସମ୍ପୂର୍ଣ୍ଣ ଶୁଷ୍କ ହୋଇନଥିଲା । ତେବେ ଏଠାରେ ଅଧ୍ୟୟନ ପରିସରଭୁକ୍ତ ହୋଇଥିବା ଗଳ୍ପଗୁଡ଼ିକୁ ନିମ୍ନୋକ୍ତ ପ୍ରକାରେ ବିଭକ୍ତ କରାଯାଇପାରେ । ଯଥା -

୧. ପୌରାଣିକ ଗଳ୍ପ
୨. ଐତିହାସିକ ଗଳ୍ପ
୩. ଭାବଧର୍ମୀ ଗଳ୍ପ
୪. ସାମନ୍ତ ସମାଜର ଅବକ୍ଷୟ ଚିତ୍ର ସମ୍ବଳିତ ଗଳ୍ପ
୫. ରାଜନୀତିକ ଗଳ୍ପ
୬. ଗ୍ରାମ୍ୟ ପରିବେଶ ଆଧାରିତ ଗଳ୍ପ
୭. ଆଦିବାସୀ ଗଳ୍ପ
୮. ନଗର ପରିବେଶ ତଥା ବଣିକ ସଭ୍ୟତାର ଚିତ୍ର ସମ୍ବଳିତ ଗଳ୍ପ
୯. ମନସ୍ତାତ୍ତ୍ୱିକ ଗଳ୍ପ
୧୦. ଉଦ୍‌ଭ୍ରାନ୍ତ ଯୁବ ସମାଜର ଚିତ୍ର ସମ୍ବଳିତ ଗଳ୍ପ
୧୧. ପ୍ରେମ ଗଳ୍ପ
୧୨. ବ୍ୟଙ୍ଗାତ୍ମକ ଗଳ୍ପ
୧୩. ଆଧ୍ୟାତ୍ମିକ ଗଳ୍ପ
୧୪. ଉଦ୍‌ଭଟ ଗଳ୍ପ
୧୫. ଅନ୍ୟାନ୍ୟ ଗଳ୍ପ

**ପୌରାଣିକ ଗଳ୍ପ : [ଯାଯାବର ଓ ଜାୟା, ଆଦିମ ଓ ଶତରୂପା, ଶ୍ରୀକୃଷ୍ଣଙ୍କ ଶେଷହସ, ଯଦୁବଂଶ, ଶାନ୍ତନୁ ଓ ଗଙ୍ଗା]**

ପ୍ରଚଳିତ ପୁରାଣର ବିଷୟବସ୍ତୁ ଉପରେ ଆଧାରିତ ଗଳ୍ପକୁ ପୌରାଣିକ ଗଳ୍ପ କୁହାଯାଏ । ଯାଯାବର ଜରତ୍‌କାରୁଙ୍କ ପାଖରେ ନାଗବଂଶର ସ୍ଥିତି ପାଇଁ ଶାନ୍ତି ପାଇଁ ପୁତ୍ର କାମନା ଉଦ୍ଦେଶ୍ୟରେ ନାଗ ରାଜକନ୍ୟା କାରୁଣୀ ପହଞ୍ଚିଛି । ମାତୃତ୍ୱ ପାଇଁ କାମନା ଓ ସଫଳତା ମଧ୍ୟରେ ହିଁ ଭାରତୀୟ ନାରୀର ମହନୀୟତା ତଥା ଚରମସାର୍ଥକତା ନିହିତ । ମାତ୍ର କାରୁଣୀର ନାରୀ ମନର ଅଭିମାନକୁ ପୁରୁଷ ଜରତ୍‌କାରୁ ଅତି ତୁଚ୍ଛ ଭାବେ

ଗ୍ରହଣ କରି ଆକ୍ରୋଶମୂଳକ ଭାବେ ସବୁଦିନ ପାଇଁ ଆଡ଼େଇ ଦେଇ ଚାଲିଯାଉଛି । କାରୁଣୀର ମାନସିକ ସଂଘର୍ଷ ମାଧ୍ୟମରେ ତାର ନାରୀତ୍ୱର ଅଭିମାନ, ସନ୍ତାନ କାମନା ବା ମାତୃତ୍ୱ ପାଖରେ ଅତି ଦୟନୀୟ ରୂପେ ପ୍ରକାଶିତ "ଯାଯାବର ଓ ଜାୟା" ଗଳ୍ପରେ ଏହାହିଁ ଚିତ୍ରିତ । ବାଇବେଲର ଆଦାମ ଓ ଇଭ୍ କାହାଣୀ "ଆଦିମ ଓ ଶତରୂପା" ଗଳ୍ପରେ ରୂପଲାଭ କରିଛି । ଉଲ୍ଲିଖିତ ଗଳ୍ପର ବିପରୀତମୁଖୀ ଚରିତ୍ର ଆଦିମ ନାରୀର ପ୍ରେମ ପ୍ରତ୍ୟାଶା କରି ଅତି ଦୟନୀୟ ଭାବେ ଶତରୂପାର ପଶ୍ଚାତ୍‌ଧାବନ କରିଛି । ସାରଳାଙ୍କ ମହାଭାରତ ଆଲୋଚନା ପ୍ରସଙ୍ଗରେ ଯେଉଁ ଦୁଇଟି ମୌଳିକ କାହାଣୀ ଗାଳ୍ପିକଙ୍କ ଉପରେ ବିଶେଷ ପ୍ରଭାବ ପକାଇଛି ପରବର୍ତ୍ତୀ କାଳରେ ଆଧୁନିକ ଜୀବନ ଯନ୍ତ୍ରଣା ମଧ୍ୟ ଦେଇ "ଶ୍ରୀକୃଷ୍ଣଙ୍କ ଶେଷହସ", "ଯଦୁବଂଶ" ଓ "ଶାନ୍ତନୁ ଓ ଗଙ୍ଗା" ଶୀର୍ଷକରେ କ୍ଷୁଦ୍ରଗଳ୍ପର ଆଙ୍ଗିକରେ ସେ ଉପସ୍ଥାପନ କରିଛନ୍ତି ।

**ଐତିହାସିକ ଗଳ୍ପ : [ଭଗ୍ନଦୂତ (୧୯୪୯), ସାରୀପୁତ୍ତ (୧୯୪୯), ଅମ୍ବାପଲ୍ଲୀ (୧୯୫୦), ପିତା ଓ ପୁତ୍ର (୧୯୫୧), ମଧୁମତ୍ତାର ରାତ୍ରି (୧୯୫୬), ନର୍ତ୍ତକୀ (୧୯୫୪), କଳିଙ୍ଗର ପ୍ରତିଶୋଧ, କେଶରୀ ସନ୍ଧ୍ୟା, କାବେରୀରୁ ଗଙ୍ଗା, ସନ୍ଧି ଓ ସର୍ତ୍ତ, ଦଳେଇ ବୁଢ଼ା, ଶେଷର ଆରମ୍ଭ (୧୯୫୯), ମହାନିର୍ବାଣ (୧୯୬୪), କବି, ଉତ୍ତରାମପୁତ୍ର]**

ଐତିହାସିକ ଗଳ୍ପ ଇତିହାସ ନୁହେଁ, ତାହା ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ ଅନ୍ୟତମ । ଇତିହାସ ତଥ୍ୟାଶ୍ରୟୀ, ସାହିତ୍ୟ କିନ୍ତୁ ରସାଶ୍ରୟୀ । କଳ୍ପନାର ସାହାଯ୍ୟରେ ଶାଶ୍ୱତ ସୌନ୍ଦର୍ଯ୍ୟର ସୃଷ୍ଟି ହିଁ ତାହାର ଅଭିପ୍ରାୟ । ସୀମିତ ସତ୍ୟର ଊର୍ଦ୍ଧ୍ୱରେ ତାହା ସୃଷ୍ଟି କରେ ଚିରନ୍ତନ ସତ୍ୟ । ସେହି ଦୃଷ୍ଟିରୁ ଇତିହାସର ଗର୍ଭ ମଧ୍ୟରୁ ତଥ୍ୟ ସତ୍ୟକୁ ଉଦ୍‌ଘାଟନ କରି କଳ୍ପନାର କାଉଁରୀ ସ୍ପର୍ଶରେ ଗାଳ୍ପିକ ପରିବେଷଣ କରେ ସମ୍ଭାବ୍ୟ ସତ୍ୟ, ଯାହାକି ସତ୍ୟତମ, ଅବିନାଶୀ । ଗଳ୍ପର ଉପାଦାନ ନିଛକ କଳ୍ପନା, ପୌରାଣିକ ଉପାଖ୍ୟାନ, ସାମାଜିକ ସମସ୍ୟା ଓ ଚିତ୍ର ଉପରେ ଯେପରି ଆଧାରିତ ହୋଇପାରେ । ମାତ୍ର ଐତିହାସିକ ଉପାଦାନ ଗଳ୍ପର ଜଡ଼ ପିଣ୍ଡ; ତାର ଆତ୍ମିକ ସତ୍ତା ରସସୌନ୍ଦର୍ଯ୍ୟ ଓ କଳ୍ପନା ମଧ୍ୟରେ ହିଁ ନିହିତ । ତେଣୁ ଏହି ଶ୍ରେଣୀର ଗଳ୍ପଗୁଡ଼ିକରେ ଐତିହାସିକ ତଥ୍ୟ ଗୌଣ ମାତ୍ର ଇତିହାସର ପ୍ରାଣ ଓ ମୂଲ୍ୟବୋଧ ମୁଖ୍ୟ ରୂପେ ଉପସ୍ଥାପିତ ହୁଏ, ତଥା ତାହାର ରୂପାୟନ ଓ ବର୍ଣ୍ଣନାରେ ଗାଳ୍ପିକ କେତେଦୂର ସଫଳ ତାହା ପାଠକ ବିଚାର କରିଥାଏ । (ମହାନ୍ତି, ୧୯୫୯, ଉପୋଦ୍‌ଘାତ) ତେବେ ଗାଳ୍ପିକ ସୁରେନ୍ଦ୍ରଙ୍କ ଐତିହାସିକ ଗଳ୍ପଗୁଡ଼ିକୁ ଇତିହାସର ପୃଷ୍ଠଭୂମି ଉପରେ କିମ୍ବଦନ୍ତୀ ସମ୍ବଳିତ ଗଳ୍ପ ଓ ବୌଦ୍ଧଯୁଗୀୟ ଗଳ୍ପ ଏଭଳି ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇପାରେ ।

ଖ୍ରୀ:ପୂ: ୨୦୦୦ ବର୍ଷ ପୂର୍ବର ହିବ୍ରୁ ଇତିହାସର ବିଷୟବସ୍ତୁକୁ କେନ୍ଦ୍ର କରି ରଚିତ ଗଳ୍ପ "ଭଗ୍ନଦୂତ" ସୁରେନ୍ଦ୍ରଙ୍କ ପ୍ରଥମ ଐତିହାସିକ ଗଳ୍ପ । ବଞ୍ଚିବା ପାଇଁ ମଣିଷର ମାନବିକ ଅଧିକାର ଏବଂ ତଜ୍ଜନିତ ସଂଗ୍ରାମକୁ କେନ୍ଦ୍ର କରି ମୋଜେସ୍‌ଙ୍କ ନେତୃତ୍ୱରେ ହିବ୍ରୁ ଜାତି ଦାସତ୍ୱ ବିରୁଦ୍ଧରେ ସଂଗ୍ରାମ କରିଥିଲା । ଦାସତ୍ୱର ଲୌହ ଫାଶରୁ ମୁକ୍ତି ପାଇଁ ମଣିଷର ସ୍ୱାଧୀନ ମନର ବଳିଷ୍ଠ ଇଚ୍ଛା ତଥା ଜାତିର ସ୍ଥିତି ସଂସ୍ଥାପନ ପାଇଁ ମୋଜେସ୍‌ଙ୍କର ଆହ୍ୱାନ ତଥା ବଳିଦାନ ହିଁ ଏହି ଗଳ୍ପର ବିଶେଷତ୍ୱ ।

*ପରବର୍ତ୍ତୀ ଐତିହାସିକଗଳ୍ପ ରଚନା ସମୟରେ ଗାଳ୍ପିକ ଭାରତର ଇତିହାସରୁ ବିଷୟବସ୍ତୁ ଚୟନ* କରିଛନ୍ତି । ମଗଧ ଇତିହାସ ଓ କିମ୍ବଦନ୍ତୀକୁ ଆଶ୍ରୟ କରି ପ୍ରସିଦ୍ଧ ବିମ୍ବିସାର ଓ ଅଜାତଶତ୍ରୁଙ୍କ ଉପରେ ଆଧାରିତ ଗଳ୍ପ 'ପିତା ଓ ପୁତ୍ର' ରଚିତ । ସୃଷ୍ଟି ଓ ସ୍ରଷ୍ଟା ମଧ୍ୟରେ (ପିତା ଓ ପୁତ୍ର ମଧ୍ୟରେ) ଥିବା ଚିରନ୍ତନ ସମ୍ପର୍କକୁ ତଥା ସ୍ରଷ୍ଟା ବା ପିତା ହୃଦୟର ଉଦ୍‌ବେଳନକୁ ଏକ କରୁଣ ପରିବେଶ ମଧ୍ୟରେ ଗାଳ୍ପିକ ଉକ୍ତ ଗଳ୍ପ ମଧ୍ୟରେ ରୂପାୟନ କରିଛନ୍ତି ।

ମଗଧ ଇତିହାସ ପରେ 'ନର୍ତ୍ତକୀ' ଗଳ୍ପରେ ଗାଳ୍ପିକ ଓଡ଼ିଶାର ଐତିହାସିକ ବିଷୟ ତଥା କିମ୍ବଦନ୍ତୀକୁ ଆଧାର କରିଛନ୍ତି । ଏହି ଗଳ୍ପରେ ରାଜା ଯଯାତି କେଶରୀ ଐତିହାସିକ ଚରିତ୍ର ହେଲେ ହେଁ, ଶିଳ୍ପୀ ନଟବର ଓ ଦେବଦାସୀ ପୂର୍ଣ୍ଣିମାର ପ୍ରେମ ବ୍ୟାପାର ସମ୍ପୂର୍ଣ୍ଣ କଳ୍ପନାଶ୍ରିତ । ବଡ଼ପଣ୍ଡା ତଥା ପୂର୍ଣ୍ଣିମାର କଥୋପକଥନ ମଧ୍ୟରେ ଦେବଦାସୀ ପ୍ରଥା ସମ୍ପର୍କିତ ଉକ୍ତ ପ୍ରତ୍ୟୁକ୍ତି; ମଧ୍ୟରେ ମାନବିକ ଆବେଗର ସପକ୍ଷରେ ପୂର୍ଣ୍ଣିମା ଚରିତ୍ର ମାଧ୍ୟମରେ ଗାଳ୍ପିକ ଯୁକ୍ତି ଉପସ୍ଥାପନ କରିଛନ୍ତି । ଅବଶ୍ୟ ନଟବର ଠାରୁ ଦୂରେଇ ଯିବା ପାଇଁ ପୂର୍ଣ୍ଣିମା ଆତ୍ମହତ୍ୟା କରିଛି, ତଥାପି ପ୍ରେମିକ ନଟବରର ମାନସପଟରେ କେନ୍ଦ୍ରୀଭୂତ ପୂର୍ଣ୍ଣିମାର ରୂପ ଶିଳାଗାତ୍ରରେ ପ୍ରକଟିତ ହୋଇଛି । ଶେଷରେ ବଡ଼ପଣ୍ଡା ଚରିତ୍ରର ସଂଳାପ ମାଧ୍ୟମରେ ପ୍ରେମର ଜୟଗାନ ତଥା ଶିଳ୍ପୀର ସମ୍ମାନ ହିଁ ଏହି ଗଳ୍ପର ଉପଜୀବ୍ୟ ବିଷୟ ।

ପରବର୍ତ୍ତୀ ସମୟରେ ଓଡ଼ିଶା ବାହାରେ ଓଡ଼ିଆ ଯୁବକ ସହ କଥାବାର୍ତ୍ତାରେ ଗାଳ୍ପିକ ସୁରେନ୍ଦ୍ର ଅନୁଭବ କରିଛନ୍ତି ଯେ ଓଡ଼ିଆ ଜାତି ଶୋଇଛି, ଶୋଇ ରହୁ ତାକୁ ଉଠାଅ ନାହିଁ । ତଥାପି ତାଙ୍କର ଯୁକ୍ତି ହେଉଛି ଯେ ଦେଶ ଓ ଜାତି ପ୍ରୀତି ଏକ ଉନ୍ନତ ଚାରିତ୍ରିକ ଆଦର୍ଶ । ମାତ୍ର ଏ ଆଦର୍ଶ କେତେକ ପରିମାଣରେ ଗ୍ରାମ୍ୟତାଯୁକ୍ତ । ନିଜଗାଁ ନଦୀର ପାଣି ସବୁଠାରୁ ଶୀତଳ, ଗାଁ ଦାଣ୍ଡର ଆକାଶ ସବୁଠାରୁ ନିର୍ମଳ ଓ ଗାଁ ଆଖଡ଼ାର ଯାତ୍ରା ସବୁଠାରୁ ପ୍ରସିଦ୍ଧ ମନେ ହେଲା ପରି ନିଜ ଦେଶର ଐତିହ୍ୟ ଓ ଇତିହାସ ସବୁବେଳେ ଅତ୍ୟନ୍ତ ଉଜ୍ଜ୍ୱଳ ମନେ ହୋଇଥାଏ । ଓଡ଼ିଆ ଭଳି ଗୌଣତ୍ୱ ପୀଡ଼ିତ ଓ ଅତୀତ ସର୍ବସ୍ୱ ଜାତି ପକ୍ଷରେ ଏ ବିପଦର ମାତ୍ରା ପୁଣି ଆହୁରି ଅଧିକ । (ମହାନ୍ତି, ୧୯୫୯, ଉପୋଦ୍‌ଘାତ) ଏହି ଭାବରେ ପରିଚାଳିତ ହୋଇ "ଉତ୍କଳ ଯୁଗେଯୁଗେ" ପୁସ୍ତକରେ ସେ ବିବରଣୀ, ଆଲୋଚନା ଓ କ୍ଷୁଦ୍ରଗଳ୍ପ ଆକାରରେ 'ଓଡ଼ିଶା ଇତିହାସର ବିଭିନ୍ନ ଯୁଗ ବା ଐତିହାସିକ କାଳର ସାଂସ୍କୃତିକ ଚିତ୍ର ବର୍ଣ୍ଣନା କରିଛନ୍ତି । ଗାଳ୍ପିକଙ୍କ ମତାମତ ଅନୁସରଣରେ ଆଲୋଚ୍ୟ ପୁସ୍ତକଟିକୁ ଅନୁଧ୍ୟାନ କଲେ, 'କଳିଙ୍ଗର ପ୍ରତିଶୋଧ, 'କେଶରୀ ସନ୍ଧ୍ୟା', 'କାବେରୀରୁ ଗଙ୍ଗା', 'ସନ୍ଧି ଓ ସର୍ତ୍ତ', 'ଦଳେଇ ବୁଢ଼ା', 'ଶେଷରୁ ଆରମ୍ଭ' ଏହି ଛଅଟି ରଚନାକୁ କ୍ଷୁଦ୍ରଗଳ୍ପ ରୂପେ ଗ୍ରହଣ କରାଯାଇପାରେ । 'କବି ଓ ନର୍ତ୍ତକୀ' ସଂକଳନରେ ଏହି ରଚନାଗୁଡ଼ିକ କ୍ଷୁଦ୍ରଗଳ୍ପ ଭାବେ ସ୍ଥାନିତ ।

କଳିଙ୍ଗ ଯୁଦ୍ଧର ପରବର୍ତ୍ତୀ ସମୟରେ ଖାରବେଳଙ୍କ ନେତୃତ୍ୱ ଗ୍ରହଣ, ରାଜ୍ୟଜୟ, ରାଜ୍ୟଶାସନ ଆଦି ଉତ୍କଳର ଗୌରବମୟ ଅତୀତ 'କଳିଙ୍ଗର ପ୍ରତିଶୋଧ' ଗଳ୍ପରେ ଗାଳ୍ପିକ ଅବତାରଣା କରିଛନ୍ତି । ବୃଦ୍ଧ ସୁବର୍ଣ୍ଣକେଶରୀ ଚରିତ୍ର ମାଧ୍ୟମରେ କେଶରୀ ବଂଶର ଅତୀତ ଗୌରବର ରୋମନ୍ଥନ 'କେଶରୀ ସନ୍ଧ୍ୟା' ଗଳ୍ପରେ ଗାଳ୍ପିକ ଉପସ୍ଥାପନ କରିଛନ୍ତି । ମତ୍ତଭାନୁଗଙ୍ଗଙ୍କ ପରେ କପିଳେନ୍ଦ୍ରଙ୍କ ସିଂହାସନାରୋହଣ ଠାରୁ ପୁରୁଷୋତ୍ତମଦେବଙ୍କ ଗଜପତି

ସିଂହାସନ ଆରୋହଣ ପର୍ଯ୍ୟନ୍ତ ଘଟଣା "କାବେରୀରୁ ଗଙ୍ଗା" ଗଳ୍ପରେ ବର୍ଣ୍ଣିତ ହୋଇଅଛି । ଏହି ତିନୋଟି ଗଳ୍ପରେ ଉତ୍କଳ ଇତିହାସର ଗୌରବମୟ ଅଧ୍ୟାୟଗୁଡ଼ିକର ପ୍ରଖ୍ୟାପନ ଗାଳ୍ପିକ କରିଛନ୍ତି ।

'ସନ୍ଧି ଓ ସର୍ତ୍ତ' ଗଳ୍ପରେ ଉତ୍କଳର ଗଜପତି ତଥା ପାଇକ ସେନାନୀର ଅଧଃପତନ, କେଶୋଦାସର ଆକ୍ରମଣ ଓ ଜଗନ୍ନାଥ ମନ୍ଦିରକୁ ରକ୍ଷା କରିବା ପାଇଁ ଦ୍ୱିତୀୟ ପୁରୁଷୋତ୍ତମ ଦେବଙ୍କ ଘୃଣ୍ୟ ସନ୍ଧିପତ୍ରରେ ସ୍ୱାକ୍ଷର କାହାଣୀ ବର୍ଣ୍ଣିତ ହୋଇଅଛି । "ଦଳେଇ ବୁଢ଼ା" ଗଳ୍ପରେ ବୀର ଓଡ଼ିଆ ଜାତିର ଅତୀତ ଗୌରବ ରୋମନ୍ଥନ ମାଗୁଣି ଦଳେଇ ଚରିତ୍ର କରିବା ସହିତ ବର୍ଗୀ ଆକ୍ରମଣର ଚିତ୍ର ଅନ୍ତରାଳରେ ଓଡ଼ିଆ ପାଇକର ଅସହାୟତାର ଚିତ୍ର ଗାଳ୍ପିକ ଉପସ୍ଥାପନ କରିଛନ୍ତି । ଏହି ଦୁଇଟି ଗଳ୍ପରେ ଗାଳ୍ପିକ ଓଡ଼ିଆ ଜାତିର ଅଧଃପତନର ଇତିହାସର ଅନ୍ତରାଳରେ ଥିବା ସାମାଜିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଛନ୍ତି । ବକ୍ସି ଜଗବନ୍ଧୁଙ୍କ ଇଂରେଜ ଜାତି ବିରୁଦ୍ଧରେ ବିପ୍ଳବ ତଥା ବିରୋଚିତ ଆତ୍ମସମର୍ପଣ ମଧ୍ୟରେ ଜଗବନ୍ଧୁଙ୍କ ଚରିତ୍ରର ମାନବିକତାର ଉଦ୍‌ଘୋଷଣା ମାଧ୍ୟମରେ ଓଡ଼ିଆ ଜାତିକୁ ସଚେତନ କରିବାର ପ୍ରୟାସ "ଶେଷରୁ ଆରମ୍ଭ" ଗଳ୍ପରେ ଗାଳ୍ପିକ କରିଯାଇଛନ୍ତି ।

ଓଡ଼ିଆ ସାହିତ୍ୟର ମଧ୍ୟଯୁଗୀୟ କବି ଦୀନକୃଷ୍ଣଙ୍କ ଜୀବନ କାହାଣୀ ଆଧାରିତ ଜୀବନମୂଳକ ଗଳ୍ପ 'କବି' । ଯୁଗେଯୁଗେ କବିମନରେ ଦେଖାଦେଉଥିବା ଅଶାନ୍ତି, ସମାଜର ଲାଞ୍ଛନା, ତଥା ଶାସକର ତାଡ଼ନା, ଅହଂସର୍ବସ୍ୱ କବି ଉପରେ ନିର୍ଯାତନା ଦୀନକୃଷ୍ଣଙ୍କ ଜୀବନ ଚରିତ ମାଧ୍ୟମରେ ଏହାର ଉପଜୀବ୍ୟ ବିଷୟ ଭାବେ ଗ୍ରହଣ କରାଯାଇଛି ।

ବୈଦିକ ହିନ୍ଦୁଧର୍ମରେ ବ୍ରାହ୍ମଣମାନଙ୍କ ପ୍ରଭାବ ତଥା ରାଜ ପୃଷ୍ଠପୋଷକତା ଯୋଗୁଁ ଯାଗଯଜ୍ଞର ବହୁଳ ପ୍ରଚଳନ ମଧ୍ୟରେ ଜୀବହତ୍ୟା ତଥା ଜାତି ଭେଦ ଖ୍ରୀଷ୍ଟପୂର୍ବ କାଳରେ ଉତ୍କଟ ଆକାର ଧାରଣ କଲା । ଏହି ସମୟରେ ବୈଦିକ ଆଚାର ବିରୁଦ୍ଧରେ ସିଦ୍ଧାର୍ଥ ଗୌତମ ଓ ମହାବୀର ଜୀନ ଅହିଂସାମାର୍ଗର ପାରାକାଷ୍ଠା ଉପରେ ଆଧାରିତ ବୌଦ୍ଧଧର୍ମ ତଥା ଜୈନଧର୍ମର ପ୍ରଚାର କରିଥିଲେ । ଜୈନଧର୍ମ ଅପେକ୍ଷା ବୌଦ୍ଧଧର୍ମ ବିଭିନ୍ନ ସମୟରେ ରାଜପୃଷ୍ଠପୋଷକତା ଲାଭ କରି ଭାରତ ସୀମା ଅତିକ୍ରମ କରି ସମଗ୍ର ଏସିଆ ମହାଦେଶରେ ନବବିପ୍ଳବ ସୃଷ୍ଟି କରିପାରିଥିଲା । ଗୌତମବୁଦ୍ଧଙ୍କ ତିରୋଧାନ ପରେ ଏହାକ୍ରମେ ବିଭିନ୍ନ ଧାରା ଉପଧାରାରେ ବିଭକ୍ତ ହୋଇ ବିଭିନ୍ନ ପରିସ୍ଥିତିରେ ଭାରତରେ ସମ୍ପୂର୍ଣ୍ଣ ରୂପେ ନିଷ୍କ୍ରିୟ ହୋଇଗଲା । ଏହି ବୌଦ୍ଧଯୁଗୀୟ ପରିବେଶ ଉପରେ ଆଧାରିଭୂତ କେତୋଟି ଗଳ୍ପରେ ବୌଦ୍ଧ ଧର୍ମର ଉତ୍‌ଥାନ ଓ କ୍ରମବିଲୟମାନ ଅବସ୍ଥାର ସୂଚନା ଗାଳ୍ପିକ ପ୍ରଦାନ କରିଛନ୍ତି ।

ଗାଳ୍ପିକଙ୍କ ପ୍ରଥମ ବୌଦ୍ଧ ଯୁଗୀୟ ଗଳ୍ପ "ସାରୀପୁତ୍ର" । ବୁଦ୍ଧଦେବଙ୍କ ଜୀବନକୁ କେନ୍ଦ୍ର କରି ପ୍ରଦର୍ଶିତ 'ନିର୍ବାଣ' ନାଟକ ଦର୍ଶନ ପରେ ସାରି ମନରେ ଭାବାନ୍ତର ସୃଷ୍ଟି ହେଲା । ମା' ରୂପଶ୍ରୀକୁ ଛାଡ଼ି ଦେଇ ସେ ଯାଇ ଗୌତମବୁଦ୍ଧଙ୍କର ଶିଷ୍ୟତ୍ୱ ଗ୍ରହଣ କଲା । ସାଧନା ମଧ୍ୟ ଦେଇ ସେ ବୁଦ୍ଧଙ୍କର ଶିଷ୍ୟ ଶିରୋମଣି ସାରୀପୁତ୍ରରେ ପରିଣତ ହେଲା । ମାତ୍ର ବ୍ରାହ୍ମଣ ଶୁଭ୍ରଜ୍ୟୋତିଙ୍କ ଭବିଷ୍ୟତ ଗଣନା ଉପରେ ଭରସା ରଖି ମା' ରୂପଶ୍ରୀ ସାରୀପୁତ୍ର ପାଇଁ ଦିନରାତି ଅପେକ୍ଷାରତା । ଶେଷରେ ବ୍ରାହ୍ମଣ

ଶୁଭ୍ରଜ୍ୟୋତିଙ୍କର ଭବିଷ୍ୟବାଣୀ, ଭିକ୍ଷୁକର ବାର୍ତ୍ତା, ତଥା ଶୁଭକାଉର କଥାକୁ ସତ ପ୍ରତିପାଦନ କରି ଫାଲ୍‌ଗୁନ ପୂର୍ଣ୍ଣିମାରେ ଲୁଣ୍ଠିତମସ୍ତକ, ଜରାଜୀର୍ଣ୍ଣ କଙ୍କାଳସାର ସାରୀପୁତ୍ତ "ବୁଦ୍ଧଂ ଶରଣଂ ଗଚ୍ଛାମି" ଉଚ୍ଚାରଣ ପୂର୍ବକ ରୂପଶ୍ରୀ ଦୁଆରରେ ଉପଗତ ହୋଇଛି । ରୂପଶ୍ରୀର ମନେ ହୋଇଛି, ଏ ଯେମିତି ତାର ଭଙ୍ଗା ସଂସାରର ବିକଟ ଉପହାସ । ତା'ର ସ୍ୱପ୍ନର ସମାଧି । ସେ କଠୋର ହୋଇଛି, ସାରୀପୁତ୍ତର ପ୍ରସ୍ତାବରେ ସେ ରୁକ୍ଷ ହୋଇଛି, ଅଭିଶାପ ଦେଇଛି ବୌଦ୍ଧଧର୍ମକୁ ତଥା ସାରୀପୁତ୍ତର ସମାନ୍ତରାଳରେ ନିଜର ଆଦର୍ଶ ସମ୍ପର୍କରେ କହିଛି, ସେ ଚାହେଁ ଜୀବନ, ନିର୍ବାଣ ନୁହେଁ । ଏହା ଭିତରେ ସବୁ ଯୁଗ ସମସ୍ତ ଓ ଧର୍ମର ଊର୍ଦ୍ଧ୍ୱରେ ମାତୃତ୍ୱର ଆବେଦନ ଭରି ରହିଛି ।

'ଅମ୍ୱାପଲ୍ଲୀ' ଗଳ୍ପରେ ତତ୍କାଳୀନ ବୈଶାଳୀନଗରୀର ବଜ୍ଜି ଗଣତନ୍ତ୍ରର ନିର୍ଦ୍ଦେଶକ୍ରମେ ଅମ୍ୱାପଲ୍ଲୀ ବାଧ୍ୟ ବାଧକତାର ସହିତ ରୂପଜୀବା ବୃତ୍ତିକୁ ଗ୍ରହଣ କରିଛି । ସମାଜର ଶତ ଲାଞ୍ଛନା ସତ୍ତ୍ୱେ ସେ ହେଉଛି ମାତୃତ୍ୱ ଓ ନାରୀତ୍ୱର ଅପୂର୍ବ ସମାହାର । ଶେଷରେ ତାର ଯୌବନ ତଥା ରୂପ ପ୍ରତି ଆକୃଷ୍ଟ ବିମ୍ବିସାରଙ୍କୁ ପ୍ରତ୍ୟାଖ୍ୟାନ କରି, ହୃତ-ଅପରିଚିତ ସନ୍ତାନ ଜୀବକର ସେବା ଶୁଶ୍ରୂଷା ତଥା ପ୍ରରୋଚନା କ୍ରମେ ନିଜକୁ ଗୌତମବୁଦ୍ଧଙ୍କ ଚରଣ ତଳେ ସମର୍ପଣ କରି ଦେଇଛି । ଏଇ ଗଳ୍ପ ଦୁଇଟି ମଧ୍ୟରୁ ପ୍ରଥମ ଗଳ୍ପ ସାରିପୁତ୍ତରେ ରୂପଶ୍ରୀ ବୌଦ୍ଧଧର୍ମ ଦର୍ଶନକୁ ସମାଲୋଚନା କରିଥିଲାବେଳେ ଦ୍ୱିତୀୟ ଗଳ୍ପରେ ଅମ୍ୱାପଲ୍ଲୀ ଚରିତ୍ର ମାଧ୍ୟମରେ ସେ ବୌଦ୍ଧଧର୍ମର ମହାନତାର ଚିତ୍ର ଉପସ୍ଥାପନ କରିଛନ୍ତି । ମାତ୍ର ତାଙ୍କର ପରବର୍ତ୍ତୀ ଗଳ୍ପ 'ମଧୁମନ୍ତାର ରାତ୍ରି', 'ମହା ନିର୍ବାଣ', 'ଉତ୍ତରାମପୁତ୍ର' ଗଳ୍ପରେ ସକଳ ପ୍ରକାର ଯୋଗ ସାଧନାର ଊର୍ଦ୍ଧ୍ୱରେ ରହିଥିବା ମାଂସଳବ୍ୟାକୁଳତା ଓ ଜୀବଧର୍ମ କିଭଳି ପରବର୍ତ୍ତୀ କାଳରେ ବୌଦ୍ଧଧର୍ମର ଆଧ୍ୟାତ୍ମିକ ସତ୍ତାକୁ ଗ୍ରାସ କରିଛି ତାର ଚିତ୍ର ଦେଇଛନ୍ତି । ତେଣୁ ମଧୁମନ୍ତାର ସଂସ୍ପର୍ଶରେ ଆସି ଉପକ ଓ କିଶ୍ରା ପୁନର୍ଜନ୍ମ ସନ୍ଧାନରେ ବ୍ୟସ୍ତବିବ୍ରତ ଥିଲାବେଳେ ନୀଳୋତ୍ପଳ ସେମାନଙ୍କ ଠାରୁ ଆଉ ଏକ ପାଦ ଆଗେଇ ଯାଇ ମଧୁବ୍ରତାର ଶବ ନେଇ ଅଶରୀରୀ ଚନ୍ଦ୍ର ଜୋସ୍ନାସ୍ନାତ ରଜନୀରେ ମହାନିର୍ବାଣ ପ୍ରାପ୍ତି ଆଶାରେ ନିଷ୍କ୍ରାନ୍ତ ହୋଇଛି । ତଥା ଯୋଗୀଶ୍ରେଷ୍ଠ ଉତ୍ତରାମପୁତ୍ର ମଗଧର ରାଜମହିଷୀର ଅତିଥି ସେବା ମଧ୍ୟରେ ନିଜକୁ ସମ୍ପୂର୍ଣ୍ଣ ନିଃଶେଷ କରିଦେଇ ପଥଭ୍ରଷ୍ଟ ଭାବେ ଆତ୍ମଗୋପନ ପାଇଁ ହୋଇଛନ୍ତି ନିରୁଦ୍ଦିଷ୍ଟ । ବୌଦ୍ଧଯୁଗୀୟ ଏହିସବୁ ଗଳ୍ପକୁ ଲକ୍ଷ୍ୟ କଲେ ଏହାରି ମଧ୍ୟରେ ପାଠକ ଲକ୍ଷ୍ୟ କରିପାରିବ ବୌଦ୍ଧଯୁଗର ଉତ୍‌ଥାନ ଓ ପତନର କ୍ରମ ପରିଣାମର ନିଛକ ଚିତ୍ର ।

ଶେଷରେ ଏ ସମ୍ପର୍କରେ ଏତିକି କୁହାଯାଇପାରେ ଯେ ତାଙ୍କର ଏହି ଉଭୟ ପ୍ରକାର ଐତିହାସିକ ଗଳ୍ପରେ ଇତିହାସର ତଥ୍ୟ ଅପେକ୍ଷା କିମ୍ୱଦନ୍ତୀର ପ୍ରଭାବ ଅଧିକ । ଏଭଳିକି ରାଜା କପିଳେନ୍ଦ୍ର ଦେବଙ୍କ ମତ୍ତଭାନୁଗଙ୍ଗଦେବଙ୍କୁ 'ଗଧପତି'ର ଆକ୍ଷେପ, ଖାରବେଳଙ୍କ ମଗଧ ନରପତିଙ୍କୁ ଗ୍ରୀକ୍ ସେନାପତି ଡ୍ରିମିଟ୍ରିସ୍‌ସ୍ ବିରୁଦ୍ଧରେ ଯୁଦ୍ଧ ଅଭିଯାନ ଜନିତ ଆଶ୍ୱାସନା, ଗାଳ୍ପିକଙ୍କର କଳ୍ପନା କୌଶଳରୁ ଉଦ୍‌ଭୂତ । ଏହାଦ୍ୱାରା ସେ ନିଜର ସୃଷ୍ଟ କପିଳେନ୍ଦ୍ର, ଖାରବେଳ ଆଦି ଚରିତ୍ରକୁ ଅଧିକ ବଳିଷ୍ଠ ଭାବେ ଉପସ୍ଥାପନ କରିପାରିଛନ୍ତି । ସ୍ଥଳ ବିଶେଷରେ ସମ୍ପୂର୍ଣ୍ଣ କାଳ୍ପନିକ ଚରିତ୍ରର ଅବତାରଣା ମଧ୍ୟରେ ସେ ଏକ ନିର୍ଦ୍ଦିଷ୍ଟ ସମୟର ଐତିହାସିକ ପରିବେଶର ଚିତ୍ର ଉପସ୍ଥାପନ କରିଛନ୍ତି । ଏ ସମ୍ପର୍କରେ ଗଡ଼ମାଳିପୁର ଗାଁର ମାଗୁଣି ଦଳେଇଙ୍କୁ ଗ୍ରହଣ କରାଯାଇପାରେ ।

ଏଭଳି ଇତିହାସ ସ୍ୱୀକୃତ ଘଟଣାର ପୃଷ୍ଠଭୂମିରେ ଅଣଐତିହାସିକ ଚରିତ୍ରମାନଙ୍କ ସୃଷ୍ଟି ଦ୍ୱାରା ଐତିହାସିକତା ଆରୋପ କରାଯାଇଥିବା ରଚନାକୁ ଇଂରେଜୀ ଭାଷାକୋଷରେ Historical paper ବୋଲି ଉପନ୍ୟାସ ଆଲୋଚନା ପ୍ରସଙ୍ଗରେ ଉଲ୍ଲେଖ କରାଯାଇଅଛି । ତେଣୁ ଗଳ୍ପ କ୍ଷେତ୍ରରେ ମଧ୍ୟ ଏକଥା ଗ୍ରହଣଯୋଗ୍ୟ ।

ଏସବୁ ଐତିହାସିକ ଗଳ୍ପ ଗାଳ୍ପିକ ସୁରେନ୍ଦ୍ରଙ୍କ ମତରେ ଓଡ଼ିଆ ସାହିତ୍ୟରେ ରୋମାନ୍ସ ଧର୍ମୀ ଐତିହାସିକ କ୍ଷୁଦ୍ରଗଳ୍ପ ରଚନାର ଆଦ୍ୟ ଉଦ୍ୟମ । ପୁଣି ଗଳ୍ପଗୁଡ଼ିକର କଥାବସ୍ତୁ ଇତିହାସାଶ୍ରିତ ହେଲେ ହେଁ ଗାଳ୍ପିକଙ୍କ ସମସାମୟିକ କାଳର ସଙ୍କଟ, ଯନ୍ତ୍ରଣା ଓ ଜିଜ୍ଞାସା ଏହି ଗଳ୍ପଗୁଡ଼ିକରେ ସୁସ୍ପଷ୍ଟ । ବସ୍ତୁତ ଗାଳ୍ପିକ ସାଂପ୍ରତିକ କାଳର ଯନ୍ତ୍ରଣାଦଗ୍ଧ ଚେତନାରୁ ପଳାୟନ ପାଇଁ ସେ ଏଇ ଐତିହାସିକ ଗଳ୍ପଗୁଡ଼ିକୁ ଆଶ୍ରୟ କରିଥିଲେ ସୁଦ୍ଧା ମୁକ୍ତି ପାଇ ନାହାନ୍ତି, ସେଥିପାଇଁ ସାଂପ୍ରତିକ ଚେତନା ଓ ଦ୍ୱନ୍ଦ୍ୱର ସ୍ୱାକ୍ଷର ଏହି ଗଳ୍ପଗୁଡ଼ିକରେ ସ୍ପଷ୍ଟ ଭାବେ ରହିଛି । ସର୍ବୋପରି ସମୟର ଊର୍ଦ୍ଧ୍ୱରେ ପ୍ରେମ, ବାତ୍ସଲ୍ୟ ଆଦି ଭାବୋଚ୍ଛ୍ୱାସ ମଣିଷ ପାଇଁ ସବୁ ଯୁଗରେ ସମାନ, ତେଣୁ ସବୁ ସାର୍ଥକ ଐତିହାସିକ ଉପନ୍ୟାସ ଓ ଗଳ୍ପଗୁଡ଼ିକରେ ସାଂପ୍ରତିକ ଚେତନା ଓ ଯନ୍ତ୍ରଣାର ସ୍ୱାକ୍ଷର ସ୍ପଷ୍ଟ ଲକ୍ଷ୍ୟ କରାଯାଇପାରେ । ସେହି ଦୃଷ୍ଟିରୁ ତାଙ୍କର ଅଧିକାଂଶ ଏତିହାସିକ ଗଳ୍ପ ସଂକେତ ଧର୍ମୀ ।(ମହାନ୍ତି,. ୧୯୭୫, ଭୂମିକା)

**ଭାବଧର୍ମୀ ଗଳ୍ପ :** [ ଭାରତ ଆବିଷ୍କାର (୧୯୪୬), ଅଷ୍ଟ୍ରେଲିଆ (୧୯୪୬), ପ୍ରଥମ ଆଷାଢ଼ (୧୯୪୭), କୃଷ୍ଣଚୂଡ଼ା (୧୯୪୮), ଅନ୍ଧସ୍ୱାମୀ (୧୯୫୪)]

ଚରିତ୍ର ବିହୀନ, ଘଟଣାବିହୀନ କେବଳ ଭାବ ବା Idea ତଥା ଅନ୍ତରର ସ୍ପନ୍ଦନକୁ କେନ୍ଦ୍ର କରି ଏକ ପରିବେଶ ସମ୍ପର୍କରେ ବର୍ଣ୍ଣନା କରିଥିବା ସୁରେନ୍ଦ୍ର ମହାନ୍ତିଙ୍କ ପ୍ରଥମ ଅବସ୍ଥାରେ ରଚିତ କେତେକ ଗଳ୍ପକୁ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଛି । ଏତାଦୃଶ ଶ୍ରେଣୀ ବିଭାଜନ ପ୍ରତିଷ୍ଠିତ ଗଳ୍ପ ଆଲୋଚନା ମଧ୍ୟରେ ସୁଲଭ ନ ହେଲେ ମଧ୍ୟ ସୁରେନ୍ଦ୍ର ଗଳ୍ପ ମାନସର ଅଧ୍ୟୟନର ସୁବିଧା ଦୃଷ୍ଟିରୁ ଏହି ବିଭାଗର ସୃଷ୍ଟି କରାଯାଇଅଛି । ଏହି ଶ୍ରେଣୀର ଗଳ୍ପଗୁଡ଼ିକର ବୈଶିଷ୍ଟ୍ୟ ହେଲା,ଏ ଗଳ୍ପଗୁଡକର ନିର୍ଦ୍ଦିଷ୍ଟ ଆରମ୍ଭ ନାହିଁ, ମଧ୍ୟଭାଗ ଅଥବା ପରିସମାପ୍ତି ମଧ୍ୟ ନିରୂପିତ ନୁହେଁ । ପରବର୍ତ୍ତୀ କାଳରେ ଆଭାସ ଗଳ୍ପ ନାମରେ କ୍ଷୁଦ୍ର ଗଳ୍ପର ଯେଉଁ ନୂତନ ଧାରା ପ୍ରବର୍ତ୍ତିତ ହେଲା, ଏଗୁଡ଼ିକରେ ତାହାର ଆଦ୍ୟ ପ୍ରୟୋଗ ଲକ୍ଷ୍ୟ କରାଯାଇପାରେ । ଅବଶ୍ୟ ଏ ଗଳ୍ପଗୁଡ଼ିକ ମଧ୍ୟରୁ କେତେକ ସେତେବେଳେ ଓଡ଼ିଆ ପତ୍ର ପତ୍ରିକାର ସମ୍ପାଦକଙ୍କ ପାଖରେ ଉପେକ୍ଷିତ ହୋଇଥିଲା, ତଥାପି ଆତ୍ମପ୍ରକାଶର ଏକମାତ୍ର ମାଧ୍ୟମ ରୂପେ ଜୀବନର ଆବିଷ୍କାର ପାଇଁ ଗାଳ୍ପିକ ସୁରେନ୍ଦ୍ର ଏହିଭଳି ଗଳ୍ପ ରଚନାକୁ ହିଁ ଏକମାତ୍ର ପଥ ରୂପେ ବାଛି ନେଇଥିଲେ । ଆଉ ଏଗୁଡ଼ିକ ରଚନା କରିନଥିଲେ ସେ ରୁଦ୍ଧଶ୍ୱାସ ହୋଇ ପଡ଼ିଥାନ୍ତେ । (ମହାନ୍ତି, ୧୯୬୭, ଗୌର ଚନ୍ଦ୍ରିକା, ପୃ: ୩)

୧୯୪୫ରେ ରଚିତ ଜବାହରଲାଲ ନେହେରୁଙ୍କ Discovery of India ପାଠ ପରେ ଗାଳ୍ପିକଙ୍କ ଭାରତ ଆବିଷ୍କାର ରଚିତ । ଏହି ଗଳ୍ପରେ କଲିକତା ନଗରୀର ପୃଷ୍ଠଭୂମିରେ ଭାରତୀୟ ସମାଜର ଖାଦ୍ୟାଭାବ, ବସ୍ତ୍ରାଭାବ, ବେଶ୍ୟାର ଜୀବନ, ଶ୍ରମିକ ଅସନ୍ତୋଷ, ଭିକ୍ଷୁକ ସମସ୍ୟା ଆଦି ସମାଜର ନିଷ୍ଠୁର ସତ୍ୟ ଓ ବାସ୍ତବତା ସମ୍ପର୍କରେ ଏକ ମାନସିକ ପରିବେଶର ଉପସ୍ଥାପନା କରିଛନ୍ତି । "ଭାରତ ଆବିଷ୍କାର"ର ଦ୍ୱିତୀୟ

ଭାଗ ଭଳି ତାଙ୍କର "ଅଷ୍ଟ୍ରେଲିଆ" ଗଳ୍ପ ମନେ ହୋଇଥାଏ । ଏହି ଗଳ୍ପରେ ମଧ୍ୟ ଏକ ମାନସିକ ପରିବେଶ ମଧ୍ୟରେ ସମାଜର ସହର ତଳି ଜୀବନର ଚିତ୍ର ଗାଳ୍ପିକ ଉପସ୍ଥାପନ କରିଛନ୍ତି ।

ବର୍ଷଣମୁଖର ସନ୍ଧ୍ୟା ପରିବେଶରେ ଅନ୍ଧଶିଳ୍ପୀର ଜୀବନାଲେଖ୍ୟ "ଅନ୍ଧସ୍ୱାମୀ" ଗଳ୍ପରେ ପରିବେଷିତ । ଏହାର ପରବର୍ତ୍ତୀ ଗଳ୍ପ "ପ୍ରଥମ ଆଷାଢ଼"ରେ ବର୍ଷଣମୁଖର ସାନ୍ଧ୍ୟ ପରିବେଶରେ ସହରର ବିଭିନ୍ନ ଜୀବନର ଚିତ୍ର ତଥା ତାଙ୍କ ଉପରେ ପ୍ରଥମ ବର୍ଷାର ପ୍ରଭାବର ଚିତ୍ର ଦେଇଛନ୍ତି । "କୃଷ୍ଣଚୂଡ଼ା" ଗଳ୍ପରେ ସେହିପରି ସମ୍ପାଦକ ସଦାନନ୍ଦଙ୍କ ଜୀବନଜିଜ୍ଞାସା ରାଶି ରାଶି କୃଷ୍ଣଚୂଡ଼ା ସ୍ତବକ ଅନ୍ତରାଳରେ ଗାଳ୍ପିକ ଦେଖାଇବାକୁ ଚେଷ୍ଟା କରିଛନ୍ତି ।

**ସାମନ୍ତ ସମାଜର ଅବକ୍ଷୟ ଚିତ୍ର ସମ୍ବଳିତ ଗଳ୍ପ :** [ଧ୍ୱଂସାବଶେଷ (୧୯୪୬), ନିତ୍ୟ ବର୍ତ୍ତମାନ କାଳ (୧୯୫୩), ଡିନୋସାରର ଆତ୍ମା (୧୯୫୪), ପୁଷ୍ୟାଭିଷେକ (୧୯୫୮), ବିସର୍ଜ୍ଜନ (୧୯୭୦) ଗୋଟିଏ ଆତ୍ମହତ୍ୟାର କାହାଣୀ (୧୯୭୬) ଅଦିନର ଅତିଥି (୧୯୭୯) ସାହିଖାନ୍ଦାନ]

ବଲାଙ୍ଗୀର ରହଣି କାଳରେ, କ୍ଷୟିଷ୍ଣୁ ସାମନ୍ତବାଦର ବହୁ ବିଚିତ୍ର ଚରିତ୍ରଙ୍କ ଘନିଷ୍ଠ ସମ୍ପର୍କରେ ଆସିବା ପାଇଁ ଗାଳ୍ପିକ ସୁରେନ୍ଦ୍ରଙ୍କ ଅବକାଶ ଘଟିଥିଲା । ତାଙ୍କର ଅନେକ କ୍ଷୁଦ୍ର ଗଳ୍ପରେ ସେ ଚରିତ୍ରମାନଙ୍କର ଛାୟା ପଡ଼ିଛି । ସେମାନଙ୍କ ମଧ୍ୟରେ ସେ ସଂସ୍କୃତି ସମ୍ପନ୍ନ ସୌକୁମାର୍ଯ୍ୟ, ବିଦ୍‌ଗଧତା, ଉଦାରତା, ନମ୍ରତାର ସମତାଳରେ ସ୍ଥଳ ବିଶେଷରେ ଶୂନ୍ୟ ଗର୍ଭ ଆସ୍ଫାଳନ, ମଧ୍ୟଯୁଗୀୟ ଅହଂକାର ଓ ସଂକୀର୍ଣ୍ଣ କୃପଣତା ଲକ୍ଷ୍ୟ କରିଛନ୍ତି । ସାମନ୍ତବାଦର ଶୈବାଳାଚ୍ଛନ କ୍ଷୟିଷ୍ଣୁତା ମଧ୍ୟରେ ସେ ଦେଖିଛନ୍ତି ଯେପରି ଅକଥନୀୟ ଧୂର୍ତ୍ତତା ସେହିପରି ମଧ୍ୟ ଲକ୍ଷ୍ୟ କରିଛନ୍ତି ଅସ୍ଥିମଜ୍ଜାହୀନ ବ୍ୟକ୍ତିତ୍ୱର ମେହଳତା । ସେମାନଙ୍କ ମନରେ ପୀଡ଼ନ ପ୍ରବଣ "ମେଡିଜମ୍" ଦେଖିଛନ୍ତି ଆଉ ମଧ୍ୟ ଦେଖିଛନ୍ତି, ବିଦ୍‌ଗଧ ସମ୍ବେଦନଶୀଳତା । କ୍ଷୟିଷ୍ଣୁ ସାମନ୍ତବାଦର ଏହିଦୁଇ ବିପରୀତ ଧର୍ମୀ ଆଭିମୁଖ୍ୟ ସମ୍ପର୍କୀୟ ତାଙ୍କର ଅଭିଜ୍ଞତା ତାଙ୍କର ସାହିତ୍ୟକୁ ଯେ ପ୍ରଭାବିତ କରିଛି, ଏହା ସେ ସ୍ୱୀକାର କରିଛନ୍ତି । (ଓଡ଼ିଆ ଯୁବ ଲେଖକ ସମ୍ମିଳନୀ, ସ୍ମରଣିକା ୧୯୭୯) ଏହି ପୃଷ୍ଠଭୂମିକୁ ଆଖି ଆଗରେ ରଖି ତାଙ୍କର ସାମନ୍ତ ସମାଜର ଅବକ୍ଷୟ- ଚିତ୍ର ସମ୍ବଳିତ ଗଳ୍ପଗୁଡ଼ିକୁ ଏକ ସ୍ୱତନ୍ତ୍ର ବିଭାଗରେ ଗର୍ଭିତ କରାଯାଇଛି ।

ସାମନ୍ତବାଦୀ ସମାଜର ଅବକ୍ଷୟକୁ କେନ୍ଦ୍ର କରି "ଧ୍ୱଂସାବଶେଷ" ସୁରେନ୍ଦ୍ରଙ୍କ ପ୍ରଥମ ଗଳ୍ପ । ଚୌଧୁରୀ ବଂଶର ବିଶ୍ୱପତି, ଉମାପତିଙ୍କର ଖିଆଲି ମନୋଭାବ ଯୋଗୁଁ କ୍ରମେପି କ୍ଷୟିଷ୍ଣୁ ପ୍ରତିପତ୍ତି ନୀଳମଣି ଚୌଧୁରୀଙ୍କ ସମୟକୁ କିମ୍ବଦନ୍ତୀ ହୋଇ ସାରିଥିଲା । ଶେଷରେ ଚୌଧୁରୀ ବଂଶର ଜୀର୍ଣ୍ଣ, କୁତ୍ସିତ କଙ୍କାଳର ପ୍ରାସାଦ ଉପରେ ଅତୀତ ସର୍ବସ୍ୱ ପଦ୍ମଭୁକ୍ କଳ୍ପନା ବିଳାସୀ ରାଜେନ୍ଦ୍ର ଚୌଧୁରୀ ଅଧିରୂଢ଼ ହୋଇଛନ୍ତି । ଏହି ଗଳ୍ପରେ ରାଜେନ୍ଦ୍ର ଚୌଧୁରୀ ଓ ଲୀଳା ଚରିତ୍ରର ସଂଘର୍ଷ ମଧ୍ୟ ଦେଇ ସାମନ୍ତବାଦର ନିଛକ ବର୍ଣ୍ଣନା ମଧ୍ୟରେ ଗାଳ୍ପିକ ସୃଷ୍ଟି କରିଛନ୍ତି ଏକ ତୀବ୍ର ଓ ମାର୍ମିକ ଅନୁଭୂତି ।

ଜମିଦାରୀ ଉଚ୍ଛେଦ ପର ସାମନ୍ତବାଦର ପୀଠିକା ଉପରେ 'ନିତ୍ୟ ବର୍ତ୍ତମାନ କାଳ' ଗଳ୍ପ ରଚିତ । ସମାଜର ପରିବର୍ତ୍ତନ ପରେ ବି ଜମିଦାର ଚନ୍ଦ୍ରଚୂଡ଼ ରାୟ ଚୂଡ଼ାମଣି ଅତୀତର ପରମ୍ପରା ଉପରେ ଆସୀନ । ଯୁଗର ପରିବର୍ତ୍ତନ ସଙ୍ଗେ ତାଙ୍କର ପୁତ୍ର ନରେନ୍ଦ୍ର ରାୟ ଓ ଜେମା ରୂପକୁମାରୀ ନିଜ ନିଜକୁ ପରିବର୍ତ୍ତିତ କରିଛନ୍ତି କିନ୍ତୁ ଚନ୍ଦ୍ରଚୂଡ଼ ରାୟଚୂଡ଼ାମଣି ଅପରିବର୍ତ୍ତିତ ତଥା ସମ୍ପୂର୍ଣ୍ଣ ନିର୍ବିକାର ।

"ପୁଷ୍ୟାଭିଷେକ" ଗଳ୍ପରେ ଜଗବନ୍ଧୁ ମହାପାତ୍ର ଅନ୍ଧମୋହର ବଶବର୍ତ୍ତୀ ହୋଇ କଟକରେ କିରାଣୀ ହୋଇଥିବା ବଡ଼ପୁଅ ପୀତାମ୍ବରର ପ୍ରେରିତ ଅର୍ଥରେ ରାଜାଭିଷେକର ଯୋଜନା ଅଶ୍ଳୀଳ ତଥା ମାର୍ମିକ ଅଭିବ୍ୟକ୍ତି ମାଧ୍ୟମରେ ଗାଳ୍ପିକ ପ୍ରକାଶ କରିଛନ୍ତି । ଗାଳ୍ପିକଙ୍କ ପୂର୍ବ ସୂଚନା ମତେ 'ତିନୋସାରର ଆତ୍ମା' ଗଳ୍ପରେ ପୀଡ଼ନ ପ୍ରବଣ ମେଡିଜମର ଚିତ୍ର ଜେଲ ପ୍ରତ୍ୟାବର୍ତ୍ତିତ ହିଂସ୍ର ତଥା ବିଭୀଷିକାମୟ ଚରିତ୍ର ବ୍ରଜେଶ୍ୱର ମାଧ୍ୟମରେ ଗାଳ୍ପିକ ଉପସ୍ଥାପନ କରିଛନ୍ତି । ଗାଳ୍ପିକଙ୍କ ପରବର୍ତ୍ତୀ ଗଳ୍ପ "ବିସର୍ଜନ"ରେ ଜମିଦାରୀ ଉଚ୍ଛେଦ ପରେ ଅନାଦୃତ ଅବସ୍ଥା ତଥା ତିକ୍ତ ଦାରିଦ୍ର୍ୟ ମଧ୍ୟରେ ମଧ୍ୟ ପରମ୍ପରାକୁ ଜାବୁଡ଼ି ଧରି ବର୍ଷକୁ ଥରେ ଆନନ୍ଦମୟୀ ଦୁର୍ଗାଙ୍କ ମୂର୍ତ୍ତି ପୂଜାର ଆୟୋଜନରେ ରହିଥିବା ହରେକୃଷ୍ଣ ଚୌଧୁରୀ ବର୍ତ୍ତମାନ ସମାଜ ସହ ତାଳଦେଇ ନପାରି ଶେଷରେ ମୂର୍ତ୍ତି ପୂଜାକୁ ମଧ୍ୟ ବିସର୍ଜନ ଦେଇଛନ୍ତି । 'ଗୋଟିଏ ଆତ୍ମହତ୍ୟାର କାହାଣୀ' ଗଳ୍ପରେ ଅଞ୍ଜନଗଡ଼ର ମହାରାଜାଙ୍କର ନିଜର ଅତୀତକୁ ଜାବୁଡ଼ି ଧରିବାର ମୋହରେ ଅଜସ୍ର ଅର୍ଥବ୍ୟୟ ଯୋଗୁଁ ପୁତ୍ର ସହ ମନୋମାଳିନ୍ୟ, ତଥା ଶେଷରେ ବର୍ତ୍ତମାନର ବିଧିବ୍ୟବସ୍ଥା ଠାରୁ ପଳାୟନ ପାଇଁ ସଚେତନ ଭାବେ କରିଥିବା ଆତ୍ମହତ୍ୟାର କାହାଣୀ ଗାଇଡ୍ ଆଞ୍ଜେନପା ମାଧ୍ୟମରେ ବିବୃତ ହୋଇଛି । "ଅଦିନର ଅତିଥି" ଗଳ୍ପରେ ପରିସ୍ଥିତିର ତାଡ଼ନାରେ ମସୋରୀରେ ହୋଟେଲ ବ୍ୟବସାୟ କରି ରହିଥିବା ହିଜ୍ ହାଇନେସ୍ ତଥା ରାଜକୁମାରୀ ସାମନ୍ତବାଦର ବର୍ତ୍ତମାନ ସହ ସାଲିସ୍ କରିବାର ସୂଚନା ଗାଳ୍ପିକ ଦେଇଛନ୍ତି । ତଥାପି ସାମନ୍ତବାଦର ବିଶେଷତ୍ୱ ଅତୀତ ପ୍ରତି ମୋହ ଓ ଅତିଥି ବତ୍ସଳତା ଏହି ଗଳ୍ପରେ ଦେଖିବାକୁ ମିଳିଥାଏ । "ସାହିଖାନ୍ଦାନ" ଗଳ୍ପରେ ନବାବରସୁଲ ମିର୍ଜାଙ୍କ ଅତୀତ ପ୍ରତି ଆକର୍ଷଣ ରହିଥିଲେ ହେଁ ସେ ଶେଷରେ ବାସ୍ତବତା ପ୍ରତି ସଚେତନ ହୋଇଛନ୍ତି । ଗଳ୍ପର ପରିଣତିରେ ନବାବଙ୍କର ତ୍ୱାସିକା ବିକ୍ରି ପ୍ରସ୍ତାବ ଗଳ୍ପଟିକୁ କରୁଣ ତଥା ଅଶ୍ଳୀଳ କରିଛି ।

'ଧ୍ୱଂସାବଶେଷ' ଗଳ୍ପ ଠାରୁ 'ସାହିଖାନ୍ଦାନ' ଗଳ୍ପ ପର୍ଯ୍ୟନ୍ତ ଗାଳ୍ପିକଙ୍କ ଏହି ପର୍ଯ୍ୟାୟର ଗଳ୍ପଗୁଡ଼ିକୁ ଅନୁଧ୍ୟାନ କଲେ ଲକ୍ଷ୍ୟ କରାଯାଏ, ସାଲିସ୍‌କୁ କୁଣ୍ଠବୋଧ କରୁଥିବା ଅତୀତ ପ୍ରତି ମୋହାଚ୍ଛନ୍ନ ସାମନ୍ତ ଗୋଷ୍ଠୀର ଦିନକୁ ଦିନ ପରିବର୍ତ୍ତନ ଘଟିଛି । ଫଳରେ ଅଞ୍ଜନଗଡ଼ର ରାଜା ଆତ୍ମହତ୍ୟା କରିଥିବା ବେଳେ ନବାବ ରସୁଲ ମିର୍ଜା ପରିସ୍ଥିତି ସହ ସାଲିସ୍ କରିଛନ୍ତି ।

**ନଗର ପରିବେଶ ତଥା ବଣିକ ସଭ୍ୟତାର ଚିତ୍ର ସମ୍ବଳିତ ଗଳ୍ପ :** [ମହାନଗରୀର ରାତ୍ରି (୧୯୪୯), ମହାମାନବର ସାଗରତୀରେ (୧୯୪୮), କାଳିମାଟି (୧୯୪୭), କାଠଘୋଡ଼ା , ମାଂସର କୋଣାର୍କ (୧୯୭୯), ସେଇ ଲୋକଟା (୧୯୭୪), ବାବିତା (୧୯୭୩), ବ୍ୟର୍ଥ ଆଗମନୀ (୧୯୫୮), ପ୍ରତିବେଶିନୀ (୧୯୫୮), ଅସାଧାରଣ (୧୯୭୨), ଅପରାଜିତ (୧୯୪୬), ମଣିଷ ଓ ଅର୍ଥନୀତି (୧୯୪୦), ପ୍ରତୀକ୍ଷା (୧୯୭୪), ନିଯୁକ୍ତି ପତ୍ର (୧୯୬୪)]

"ମଣିଷ ଓ ଅର୍ଥନୀତି" ଗଳ୍ପରେ ସହରରେ ବାସ କରୁଥିବା ଜଣେ କିରାଣୀ ପକ୍ଷରେ ଅର୍ଥନୀତିକ ସମସ୍ୟା ହିଁ କିପରି ମୁଖ୍ୟ ଭାବରେ ଦେଖାଦେଇଛି ତାହାର ଚିତ୍ର ପରିବେଷିତ ହୋଇଛି । ତେଣୁ ତା' ପାଖରେ ବଞ୍ଚି ରହିବା ଅପେକ୍ଷା ଗୋଟିଏ ସ୍ମୃତିର ଦାମ୍ ଖୁବ୍ କମ୍ । ଗୋଟିଏ ବାଜେ ଖିଆଲ୍ । ଆଧୁନିକ ସହରୀ ଜୀବନରେ ପ୍ରତିଭା କ୍ରମେପି ପଣ୍ୟ ଭାବେ ଗଣ୍ୟ ହେଉଥିବା ସମୟରେ, ନାନା ଆର୍ଥନୀତିକ ସମସ୍ୟା ମଧ୍ୟରେ ବି ଶ୍ୟାମଳ ଆଦର୍ଶବାଦରୁ ବିଚ୍ୟୁତ ହୋଇନାହିଁ, ଏହାହିଁ "ଅପରାଜିତ" ଗଳ୍ପର ବିଷୟବସ୍ତୁ। ଆଧୁନିକ ସହରୀ ସଭ୍ୟତାରେ ଭାବଭୋଳା ଆଧୁନିକ କବି ଯାଇ ଅନ୍ନ ସଂସ୍ଥାନ ପାଇଁ ଏମ୍ପ୍ଲୋୟମେଣ୍ଟ ଏକ୍ସଚେଞ୍ଜ କ୍ୟୁରେ ଛିଡ଼ା ହେଉଛି । ତଥା ଯୋଗ୍ୟତାର ବିଡ଼ମ୍ବନା କରାଯାଇ ତାକୁ ପେନ୍‌ଡ୍ରାଇଭର ସ୍ଥଳେ କ୍ଲେନ୍‌ଡ୍ରାଇଭରର ନିଯୁକ୍ତି ମିଳୁଛି । ଏହା ହିଁ "ନିଯୁକ୍ତିପତ୍ର" ଗଳ୍ପର ବିଷୟ । କଟକ ସହରର ପରିବେଶରେ ରଚିତ "ବ୍ୟର୍ଥ ଆଗମନୀ" "ଅସାଧାରଣ" ଗଳ୍ପ ଦୁଇଟି ମଧ୍ୟରୁ ପ୍ରଥମଟିରେ ସେ ଦେଖାଇଛନ୍ତି ଜନୈକ କିରାଣୀର ନିଃସ୍ୱ ଜୀବନ ମଧ୍ୟରେ ଦୁର୍ଗାପୂଜା ଚାନ୍ଦାରୁ ରକ୍ଷା ପାଇବା ପାଇଁ ସପରିବାର ଗ୍ରାମାଭିମୁଖେ ଯାତ୍ରା, ତଥା 'ଅସାଧାରଣ' ଗଳ୍ପରେ କୃଷ୍ଣ ପ୍ରସାଦଙ୍କ ହଜିଲାଗାଈ ଖୋଜିବା ମଧ୍ୟରେ ଜନୈକ କଟକ ନଗରବାସୀର ଜୀବନ ନିର୍ବାହର ସରଳତା ହିଁ ପ୍ରକାଶ ପାଇଛି । ଗାଳ୍ପିକଙ୍କ ୧୯୪୦ରୁ ୧୯୭୨ ପର୍ଯ୍ୟନ୍ତ ରଚିତ ଓଡ଼ିଶାର ସହରଗୁଡ଼ିକ ଉପରେ ପର୍ଯ୍ୟବସିତ ଗଳ୍ପରେ ସହଜ, ସରଳ, ନିରାଡମ୍ବର ସହରୀ ଜୀବନର ଚିତ୍ର ଦିଆଯାଇଛି । କାରଣ ଗାଳ୍ପିକଙ୍କ ଅନୁଭବରେ "ଭାରତର ଦୁଇଟି ବଡ଼ ଗାଁ କହିଲେ କଟକ ଭୁବନେଶ୍ୱରକୁ ବୁଝେଇବ । (ଗଳ୍ପତରୁ, ଜୁଲାଇ-ସେପ୍ଟେମ୍ବର ସଂଖ୍ୟା : ୧୯୮୫, ପୃ: ୧୧୯)

ଓଡ଼ିଶାର ସହରୀ ଜୀବନର ସମାନ୍ତରାଳ ଭାବେ କଲିକତା ଓ ଦିଲ୍ଲୀ ନଗରୀର ଜଟିଳ ଜୀବନ ଚର୍ଯ୍ୟାକୁ କେନ୍ଦ୍ର କରି ଗାଳ୍ପିକ ସୁରେନ୍ଦ୍ର କେତେକ ଗଳ୍ପ ରଚନା କରିଛନ୍ତି । ଘଟଣାଚକ୍ରରେ ଗାଳ୍ପିକ ଆଦ୍ୟ ଯୌବନରେ କିଛିକାଳ କଲିକତାରେ ଅବସ୍ଥାନ ; ତଥା ପରବର୍ତ୍ତୀ ଜୀବନରେ ଲୋକସଭା ତଥା ରାଜ୍ୟସଭାର ସଭ୍ୟଭାବେ ତାଙ୍କର ଦିଲ୍ଲୀ ଅବସ୍ଥାନ ସମୟରେ ତାଙ୍କ ଜୀବନରେ ଅନୁଭବ କରିଥିବା କେତେକ ଘଟଣା ଗଳ୍ପାକାରରେ ରୂପ ପାଇଛି ।

"ମହାମାନବର ସାଗରତୀରେ" ଗଳ୍ପରେ ସେଠ ଗୋବିନ୍ଦ ରାମ ଜହରତ ବ୍ୟବସାୟୀ । ଯଦିଓ ମହାନଗରୀର ତାଙ୍କ ଗଦିରେ ମହାତ୍ମାଗାନ୍ଧୀ ତଥା ରବୀନ୍ଦ୍ରନାଥଙ୍କ ପ୍ରତିକୃତି ଝୁଲୁଛି, ତଥା ବିଶିଷ୍ଟ ଦାର୍ଶନିକଙ୍କ ମୋଟାମୋଟା ବହି ରହିଛି ; ତଥାପି ମୂଲ୍ୟବୋଧ ଅପେକ୍ଷା ମୂଲ୍ୟ ହିଁ ସେଠ୍‌ଗୋବିନ୍ଦରାମଙ୍କ ପାଖରେ ସବୁକିଛି । ଫଳରେ ଅର୍ଥଗୃଧ୍ର ଗୋବିନ୍ଦରାମ ପତ୍ନୀର ଚିକିତ୍ସା ନିମିତ୍ତ ସୁନାଚୂଡ଼ି ବନ୍ଧା ପକାଇବାକୁ ଆସିଥିବା ସୋମନାଥଙ୍କ ଅସୁବିଧାର ସୁଯୋଗ ନେଇ ଅଳ୍ପ ମୂଲ୍ୟରେ ସୁନାଚୂଡ଼ି ରଖିଛନ୍ତି । କିନ୍ତୁ ବ୍ୟବସାୟର ପ୍ରତିଦ୍ୱନ୍ଦ୍ୱୀ ରୂପରତନଙ୍କ ପାଖରେ ହାରମାନି ମୂଲ୍ୟବୋଧ ଶୂନ୍ୟ ଗୋବିନ୍ଦରାମ ଆତ୍ମହତ୍ୟା କରିଛନ୍ତି । "ମହାନଗରୀର ରାତ୍ରି" ଗଳ୍ପରେ ମୂଲ୍ୟ ସର୍ବସ୍ୱ କଲିକତାର ବଣିକ ସଂସ୍କୃତିର ମକ୍‌କା ମଦିନା ଚୌରଙ୍ଗୀର ପାର୍କ ଷ୍ଟ୍ରିଟ୍ ମୋଡ଼ରେ ନୂଆଁଖାଲି ହତ୍ୟାକାଣ୍ଡରୁ ଜୀବନ ବଞ୍ଚେଇଥିବା ବାରବିଳାସିନୀ ଚନ୍ଦ୍ରାଚରିତ୍ରର କରୁଣ ଆବେଦନ ମଧ୍ୟରେ ଏ ଦଲାଲୀ ସଭ୍ୟତାର ଅନ୍ତଃସ୍ୱର ଗାଳ୍ପିକ ଉଦ୍‌ଘାଟନ କରିଛନ୍ତି । "ପ୍ରତିବେଶିନୀ" ଗଳ୍ପରେ ହୋଟେଲର ପାଖାପାଖି ଦୁଇଟି

ରୁମ୍‌ରେ ରହୁଥିବା ମିସ୍ କୌଶଲ୍ୟା ତଥା ମୁଁ ଚରିତ୍ର କିଭଳି ଆନ୍ତରିକତାଶୂନ୍ୟ ସୌଜନ୍ୟମୂଳକ ପରିଚୟ ମଧ୍ୟରେ ଅସହାୟ, ତାର ଚିତ୍ର ଗାଳ୍ପିକ ଦେଇଛନ୍ତି । "କାଠଘୋଡ଼ା" ଗଳ୍ପରେ ବିଜନବିହାରୀ ଓ ଫୁଲବାଲା ବନୱାରୀର କଥୋପକଥନ ମଧ୍ୟରେ ଦିନେ ହୁଏତ ମହାନଗରୀ ଦିଲ୍ଲୀର ଯମୁନାବାଈ ଆଦିଙ୍କ ପାଖରେ ଦେହ ପଣ୍ୟଥିଲା କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ମହାନଗରୀ ଦିଲ୍ଲୀରେ ମଣିଷର ଆତ୍ମା ହିଁ ପଣ୍ୟ ହୋଇଯାଇଛି, ତେଣୁ ମଲ୍ଲିକାର ପ୍ରେମିକର ସ୍କୁଟର ସେଠି ଘୋଡ଼ା ତଥା ରୋମାଣ୍ଟିସିଜମ୍‌ର ପ୍ରତୀକ ମଲ୍ଲୀମାଳ ପଦଦଳିତ ହେଉଛି । "ବାବିତା" ଗଳ୍ପରେ ତେଣୁ ଗାଳ୍ପିକ "ଟ୍ରାଭଲରସ୍ ଇନ୍"ର ଡାନ୍‌ସଫ୍ଲୋରରେ "ବାବିତା" ଟୁବିଟ୍ ଦି ବ୍ଲୁ"ର ନୃତ୍ୟ ମାଧ୍ୟମରେ ସୌଦାଗରୀ ସଭ୍ୟତାର ମାଂସଳ ଆକର୍ଷଣ ପ୍ରତି ବ୍ୟଙ୍ଗ କରିଛନ୍ତି । ନଗର କୈନ୍ଦ୍ରିକ ଜୀବନର ପରିବର୍ତ୍ତନର ଏହି ରୂପ "ସେଇ ଲୋକଟା" ଗଳ୍ପରେ ଅଧିକ ମର୍ମସ୍ପର୍ଶୀ । ବାର ଫୁଟ ବାଏ ଦଶ ଫୁଟ ବିଶିଷ୍ଟ ସାରଭେଣ୍ଟ କ୍ୱାଟରସ୍‌ରେ ବୃଦ୍ଧାମାତା, ଅବିବାହିତା ଭଉଣୀ ରାଧା ଓ ପତ୍ନୀ କୁଙ୍କୁମ ସହିତ ବାସ କରୁଥିବା ମୋହନ ରାକେଶ ପାଇଁ ଦାମ୍ପତ୍ୟ ଜୀବନର ମିଳନ ଏକ ସମସ୍ୟା । ତେଣୁ ତାଲକୋଟରା ପାର୍କରେ ବିବାହ ବାର୍ଷିକୀ ପାଳନ ସମୟରେ ପତ୍ନୀ କୁଙ୍କୁମ ସହିତ ସେ ପୋଲିସ ଦ୍ୱାରା ଲଜ୍ଜାକର ପରିସ୍ଥିତିର ସମ୍ମୁଖୀନ ହୋଇଛି । ତେଣୁ ସୌଦାଗରୀ ସଭ୍ୟତାର ବରପୁତ୍ର ମି:ଚାୱ୍‌ଲା ଭଳି ଚରିତ୍ରକୁ ସେ ଅର୍ଥ ଆଦାୟ ପାଇଁ ପ୍ରତାରଣା କରିଛି । ମୂଲ୍ୟ ସର୍ବସ୍ୱ ସମାଜକୁ ବ୍ୟଙ୍ଗ୍ୟ କରିବାକୁ ଯାଇ 'ମାଂସର କୋଣାର୍କ' ଗଳ୍ପରେ ଗାଳ୍ପିକ ଆଉ ଏକ ପାଦ ଆଗେଇ ଯାଇ ବଣିକ ତାନ୍ତ୍ରିକ ମାଂସଲୋଭୀ ସଭ୍ୟତାରେ ନିଜର ଦାମ୍ପତ୍ୟ ଜୀବନର ନିଭୃତତମ ଅନୁଭୂତିକୁ ପଣ୍ୟ କରି ଅନ୍ନସଂସ୍ଥାନ କରୁଥିବା 'ସେ' ଚରିତ୍ରର ରୂପଦାନ କରିଛନ୍ତି । କାଳିମାଟୀ ଗଳ୍ପରେ ଶିଳ୍ପ ସଭ୍ୟତାର ପ୍ରତୀକ ଟିସ୍‌କୋ ଲୁହା କାରଖାନାର ଶ୍ରମିକ ଜଗୁ ଓଝାର ଅତୀତ ଜୀବନର ଅବତାରଣା ମଧ୍ୟରେ ଗ୍ରାମୀଣ କୁଟୀର ଶିଳ୍ପୀର ଅସହାୟ ପରିଣତିର ଚିତ୍ର ଗାଳ୍ପିକ ଉପସ୍ଥାପନ କରିଛନ୍ତି । 'ପ୍ରତୀକ୍ଷା' ଗଳ୍ପଟିରେ ରେଳ ଧର୍ମଘଟକାଳୀନ ସହରୀ ମଣିଷର ଅସହାୟତାର ଚିତ୍ର ଗାଳ୍ପିକ ଉପସ୍ଥାପନ କରିଛନ୍ତି । ଗାଳ୍ପିକଙ୍କ ଏହି ପର୍ଯ୍ୟାୟର ଗଳ୍ପଗୁଡ଼ିକୁ ଲକ୍ଷ୍ୟ କଲେ ଦେଖାଯାଏ, ତାଙ୍କର ଓଡ଼ିଶାର ସହର ଉପରେ ପର୍ଯ୍ୟବସିତ ଗଳ୍ପ ସବୁରେ ବିଶେଷ ଜୀବନ ଯନ୍ତ୍ରଣା ନାହିଁ, ମାତ୍ର କଲିକତା ଓ ଦିଲ୍ଲୀ ମହାନଗରୀ ଉପରେ ପର୍ଯ୍ୟବସିତ ଗଳ୍ପଗୁଡ଼ିକ ଓଡ଼ିଆ ଗଳ୍ପ ସାହିତ୍ୟର ବିଶେଷତ୍ୱ । ବିଶେଷତଃ ଏଗୁଡ଼ିକରେ ବଣିକ ତାନ୍ତ୍ରିକ ଅର୍ଥଗୃଧ୍ନ ମୂଲ୍ୟସର୍ବସ୍ୱ ଏକ ସମାଜର ଅଭ୍ୟୁଦୟର କ୍ରମବିବର୍ତ୍ତନ ସମ୍ପର୍କରେ ପାଠକ ଅବଗତ ହୋଇଥାଏ । 'କାଳିମାଟୀ' ଗଳ୍ପରେ କୁଟୀର ଶିଳ୍ପ ସହ ଯନ୍ତ୍ର ସଭ୍ୟତାର ସଂଘର୍ଷର ଚିତ୍ର ଦିଆଯାଇଥିବା ସମୟରେ 'ପ୍ରତୀକ୍ଷା'ରେ ସମସାମୟିକ ଅବସ୍ଥା ବିଶେଷର ପରିବେଶର ଚିତ୍ର ଦିଆଯାଇଛି ।

**ଗ୍ରାମ୍ୟ ପରିବେଶ ଆଧାରିତ ଗଳ୍ପ : [ମରୁଡ଼ି (୧୯୫୩), ସାତ ଭଉଣୀ (୧୯୫୬), ମେଣ୍ଢାଖାଇ (୧୯୫୫), ବରଜୁକ୍ଷେତ୍ର ଘାଇ (୧୯୫୯), ଅପରିଚିତର ପରିଚୟ (୧୯୫୬), ବନ୍ୟା ସଙ୍ଗିନୀ (୧୯୮୦), ଇଜ୍‌ମାଲି (୧୯୫୪), ବାସିମଡ଼ା (୧୯୫୭), କୁବେରର କବିତା (୧୯୬୧), ସୁନାରୀ ଆମ୍ବ, ଛାପିଛାପିକା, ବାଲି (୧୯୪୪), ଖାଦାନୀ, ମୃତ୍ତିକାର ଆତ୍ମା, ଜହ୍ନିଲଟା, ପଲାଶପୁର ଓ ପୋର୍ସିଲେନ୍ (୧୯୭୪), ବନ୍ଦୀ (୧୯୩୮), ସୀମାରେଖା (୧୯୫୩), ଘଇତାମାରିପାଟ (୧୯୫୪), ମୃତ୍ୟୁ-ଗାଷ୍ଟ୍ରୋଏଣ୍ଟ୍ରାଇଟିସ୍ (୧୯୭୪), ଦ୍ୱିପଦର**

ଗ୍ରାସ (୧୯୬୫), ଘନିଆଁର ଗଣେଶ ଚତୁର୍ଥୀ (୧୯୫୩), ବଇଷମ ପାଠଶାଳା, ଶୂନ୍ୟ ପଞ୍ଜୁରୀ, ମଣିଷ ଓ ମଣିଷ (୧୯୪୭)]

ଗାଳ୍ପିକ ସୁରେନ୍ଦ୍ର ପଲ୍ଲୀ ଜୀବନକୁ କେନ୍ଦ୍ର କରି ପ୍ରଥମ 'ବନ୍ଦୀ' ଓ ପରେ 'ବାଲି ଗଳ୍ପ ରଚନା କରିଥିଲେ ହେଁ ଏଗୁଡ଼ିକର ଆଭିମୁଖ୍ୟରେ ସାମ୍ୟବାଦୀ ଚିନ୍ତାଧାରା ରହିଥିଲା । ଗାଳ୍ପିକ ଜୀବନର ଆଦ୍ୟ କାଳର ସଂକଳନ 'ମହାନଗରୀର ରାତ୍ରି', 'କୃଷ୍ଣଚୂଡ଼ା' ଓ 'ରୁଟି ଓ ଚନ୍ଦ୍ର'ରେ ସନ୍ନିବେଶିତ ଗଳ୍ପଗୁଡ଼ିକ ନଗର ଜୀବନକୁ କେନ୍ଦ୍ର କରି ରଚିତ ହୋଇଥିଲା । ଏ ସଂକଳନଗୁଡ଼ିକ ଯଦିଚ ପ୍ରତ୍ୟେକ ପାଠକଙ୍କ ପାଖରେ ଲୋକପ୍ରିୟତା ଲାଭକରିଥିଲା ତଥାପି ସେଗୁଡ଼ିକରେ ଓଡ଼ିଶାର ମାଟି, ଓଡ଼ିଆର ଦୈନନ୍ଦିନ ଜୀବନ, ତାର ଆଶା ଆକାଂକ୍ଷା, ତାର ଅନୁଭୂତି ଓ ପ୍ରକାଶ ସହିତ ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକର ସମ୍ବନ୍ଧ ଅଭାବରୁ ସେ କଥାକାର ଗୋପୀନାଥ ମହାନ୍ତିଙ୍କ ଦ୍ୱାରା ସମାଲୋଚିତ ହୋଇଥିଲେ । (ମାନସ, ସପ୍ତମ ବର୍ଷ, ପୂଜା ବିଶେଷାଙ୍କ, ୧୯୭୯, ପୃ : ୧୦) ଏହି ସମାଲୋଚନାର ଅନ୍ତରାଳରେ ରହିଥିବା ସତ୍ୟକୁ ଆହ୍ୱାନ ରୂପେ ଗ୍ରହଣ କରି ଗାଳ୍ପିକ ପରବର୍ତ୍ତୀ କାଳରେ ପଲ୍ଲୀ ଜୀବନକୁ କେନ୍ଦ୍ର କରି କେତେକ ଗଳ୍ପ ସୃଷ୍ଟି କରିଥିଲେ । ସେଗୁଡ଼ିକୁ ବିଭିନ୍ନ ପର୍ଯ୍ୟାୟରେ ବିଭକ୍ତ କରି ଏଠି ଆଲୋଚନା କରାଯାଇଛି ।

ଓଡ଼ିଶାର ଗ୍ରାମାଞ୍ଚଳର ବହୁଳ ଅଂଶ ବନ୍ୟା ମରୁଡ଼ି ପ୍ରଭୃତି ପ୍ରାକୃତିକ ଦୁର୍ବିପାକ ସଙ୍ଗେ ହଇଜା ଆଦି ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ପଲ୍ଲୀବାସୀଙ୍କ ଜୀବନକୁ ଦୁର୍ବିସହ କରିଦିଏ । ପଲ୍ଲୀମାନବ ପ୍ରତି ସମ୍ବେଦନଶୀଳ ଗାଳ୍ପିକ ସୁରେନ୍ଦ୍ର ସେସବୁର ପୃଷ୍ଠଭୂମି ଉପରେ କେତେକ ଗଳ୍ପ ରଚନା କରିଛନ୍ତି । ମରୁଡ଼ି ଗଳ୍ପରେ ସେ ଦେଖାଇଛନ୍ତି ଗ୍ରାମର ଅଶିକ୍ଷିତ ସରଳ ଗ୍ରାମବାସୀ ପାଖରେ ବଞ୍ଚିବା ଏକ ଉଦ୍ଦେଶ୍ୟ ନୁହେଁ ଉପାୟ ମାତ୍ର । ତେଣୁ ମରୁଡ଼ି ସେମାନଙ୍କୁ ବଞ୍ଚିବାର ମାର୍ଗରୁ ବିଚ୍ୟୁତ କରିନାହିଁ । ପକ୍ଷାନ୍ତରେ ସହରୀ ଶିକ୍ଷିତ ମଣିଷ ପଲ୍ଲୀଜନତାର ଦୁର୍ବିପାକ ସମୟରେ ରାଜନୀତିକ ସ୍ୱାର୍ଥସିଦ୍ଧି ପାଇଁ କିଭଳି ନୀଚତାର ଆଶ୍ରୟ ନେଇଛି ତାହା ହିଁ ଏ ଗଳ୍ପରେ ଦେଖାଇ ଦିଆଯାଇଛି । ହଇଜା ବା ମହାମାରୀର ପୃଷ୍ଠଭୂମିରେ "ସାତ ଭଉଣୀ" ଗଳ୍ପ ରଚିତ । ଏହି ଗଳ୍ପରେ ପଲ୍ଲୀସମାଜର ଅନ୍ଧବିଶ୍ୱାସଓ କୁସଂସ୍କାରର ଚିତ୍ର ଉପସ୍ଥାପନା କରିବା ସଙ୍ଗେ ସଙ୍ଗେ ଶାସକ ଗୋଷ୍ଠୀର ଅପପ୍ରଚାର ଓ ଗାଁ ଡାକ୍ତରଙ୍କ ଉତ୍ପାତ କିଭଳି ଗାଁର ସରଳ ଲୋକଙ୍କ ଜୀବନକୁ ଯନ୍ତ୍ରଣାକ୍ଲିଷ୍ଟ କରିଛି ତାର ଏକ ଚିତ୍ର ଦେଖିବାକୁ ମିଳିଥାଏ ।

ଓଡ଼ିଶାର ପଲ୍ଲୀବାସୀ ବନ୍ୟା ସହ ଚିର ପରିଚିତ । ୧୯୫୫, ୧୯୬୦, ୧୯୮୦ ଆଦି ମସିହାରେ ଓଡ଼ିଶାରେ ପ୍ରଳୟଙ୍କରୀ ବନ୍ୟା ଦେଖା ଦେଇଥିଲା । ଏହି ବନ୍ୟାର ପୃଷ୍ଠଭୂମିରେ ଗାଳ୍ପିକ କେତେକ ଗଳ୍ପ ରଚନା କରିଛନ୍ତି । 'ମେଣ୍ଢାଖାଇ' ଗଳ୍ପରେ ବନ୍ୟାର ପ୍ରଳୟଙ୍କରୀ ରୂପ ବର୍ଣ୍ଣନା ମଧ୍ୟରେ ଗରିବର ତଣ୍ଟିଚିପା କୃପଣ ଚମଚଟା ମହାଜନ ସିନ୍ଧୁଖୁଣ୍ଟିଆ ଚରିତ୍ରର ଧନ ପ୍ରତି ଅତ୍ୟଧିକ ଆସକ୍ତି ମଧ୍ୟରେ କରୁଣ ପରିଣତିର ଚିତ୍ର ଗାଳ୍ପିକ ଦେଇଛନ୍ତି । ଏହାସହିତ ଅନ୍ୟାନ୍ୟ ଚରିତ୍ରର ଜୀବନ ବଞ୍ଚେଇବାର ଦୁର୍ବାର ପ୍ରଚେଷ୍ଟା ଭିତରେ ବିଭୀଷିକାମୟୀ କରାଳ ବନ୍ୟାର ଚିତ୍ର ଗଳ୍ପ ମଧ୍ୟରେ ଉପସ୍ଥାପିତ ହୋଇଛି । "ଅପରିଚିତର ପରିଚୟ" ଗଳ୍ପରେ ପୁରପଲ୍ଲୀର ଏକ ଅଖ୍ୟାତ ଅପରିଚ୍ଛିନ୍ନ ବୃଦ୍ଧଙ୍କ ସରଳ ନିଷ୍କପଟ ବିକାରଶୂନ୍ୟ ବେପରୁଆ ମନୋଭାବ ତଥା ବୃଦ୍ଧାଙ୍କ ପ୍ରତି

ତାଙ୍କ ଅକୃତ୍ରିମ ସାହାଯ୍ୟ ପରିପ୍ରେକ୍ଷୀରେ ସହରୀ ଅହଂସର୍ବସ୍ୱ ଜନନେତା ତଥା ଦେଶସେବୀମାନଙ୍କର ବନ୍ୟା ସାହାଯ୍ୟର ଲୋକ ଦେଖାଣିଆ ମନୋଭାବକୁ ଅଧିକ ନ୍ୟୂନ କରି ଗାଳ୍ପିକ ଚିତ୍ରଣ କରିଛନ୍ତି । ଅନୁରୂପ ଭାବେ "ବରଜୁ ଷେଣ୍ଢ ଘାଇ" ଗଳ୍ପରେ ଗାଳ୍ପିକ "ରାଣ୍ଡିପୁଅ ଅନନ୍ତା"ର ସମଧର୍ମୀ ଚରିତ୍ର ବରଜୁ ଷେଣ୍ଢ ଚରିତ୍ରର ରୋମନ୍ଥନ କରିଛନ୍ତି । ତଥା ହରି ମାଷ୍ଟର ନିଜର ସ୍ୱଳ୍ପ ହୋମିଓପାଥି ଜ୍ଞାନ ବଳରେ ଏକ ଡୁଲି ଡଙ୍ଗା ସାହାଯ୍ୟରେ ବିଭୀଷିକାମୟ ବନ୍ୟା ପ୍ରପୀଡ଼ିତ ଦୁର୍ଗତମାନଙ୍କୁ ପ୍ରାଣପାତ କରି ରକ୍ଷା କରିବାର ପ୍ରଚେଷ୍ଟା ମଧ୍ୟରେ ତଥାକଥିତ ରାଜନୀତିକ ନେତା ଓ ଜନସେବୀଙ୍କୁ ବ୍ୟଙ୍ଗ କରିଛନ୍ତି । "ବନ୍ୟା ସର୍ଜନୀ" ଗଳ୍ପରେ ହୀରାକୁଦ ବନ୍ଧ ସତ୍ତ୍ୱେ କେମିତି କ୍ୟୁସେକ କ୍ୟୁସେକ ବନ୍ୟାଜଳ ମାଡ଼ି ଆସୁଛି ଓ ତାରି ଭିତରେ ବିପନ୍ନ ମଣିଷର ଚିତ୍ର ଗାଳ୍ପିକ ଉପସ୍ଥାପିତ କରିଛନ୍ତି । ଏହା ସହିତ ବନ୍ୟା ଦୁର୍ଗତଙ୍କୁ ରକ୍ଷା କରିବା ପାଇଁ ସରକାରୀ ନିଷ୍କ୍ରିୟତା ତଥା ରିଲିଫ୍ ନାମରେ ଚାଲିଥିବା ଅର୍ଥ ତୋଷରପାତକୁ ଗାଳ୍ପିକ ଏ ଗଳ୍ପରେ ସମାଲୋଚନା କରିଛନ୍ତି ।

ପଲ୍ଲୀର ପାରିବାରିକ ଜୀବନକୁ କେନ୍ଦ୍ର କରି ସୁରେନ୍ଦ୍ରଙ୍କ ପ୍ରଥମ ଗଳ୍ପ ହେଉଛି "ମଣିଷ ଓ ମଣିଷ" । ଏହି ଗଳ୍ପରେ ନିମ୍ନବିତ୍ତ ଶ୍ରମିକ ଶ୍ରେଣୀର ମଣିଷର ପାରିବାରିକ ଜୀବନର ଅସହାୟତାର ଚିତ୍ର ସେ ଉପସ୍ଥାପନ କରିଛନ୍ତି । ଏକଦା ଖଡ଼ଗପୁର ଷ୍ଟେସନ୍‌ରେ କୁଲି କାମ କରି ଜୀବିକା ନିର୍ବାହ କରୁଥିବା ମଣିଷ ପରିସ୍ଥିତିର ଚାପରେ ରୋଗାକ୍ରାନ୍ତ ହୋଇ ଗାଁକୁ ଫେରିଛି । ମାତ୍ର ତାର ଅବସ୍ଥା ପ୍ରତି ପରିବାରର ଅନ୍ୟମାନେ ସମ୍ବେଦନଶୀଳ ହୋଇ ନାହାନ୍ତି । ସ୍ତ୍ରୀ ଦୁତିଅ ହୋଇ ଚାଲି ଯାଇଛି । ମା'ର ମଧ୍ୟ ସେ ଅନୁକମ୍ପା ପାଇନାହିଁ । ପରିଶେଷରେ ସେ ଭିକାରୀ ହୋଇଛି । କେବଳ ଗୋଟିଏରକ୍ତ ସମ୍ପର୍କ ଶୂନ୍ୟ ମଣିଷ ନେତ ପାଖରୁ ସେ ଅନୁକମ୍ପା ପାଇଛି । ପଲ୍ଲୀର ନିମ୍ନବିତ୍ତ ଶ୍ରମିକର ଅପାରଗତା ସମୟରେ ବଞ୍ଚିବା ପାଇଁ ଯେଉଁ ପାରିବାରିକ ଓ ଆର୍ଥନୀତିକ ସମସ୍ୟା ଦେଖାଦିଏ ଏହି ଗଳ୍ପରେ ତାହା ରୂପାୟିତ ହୋଇଛି ।

ପରବର୍ତ୍ତୀ ଗଳ୍ପ ଇଜ୍‌ମାଲିରେ ମଧ୍ୟବିତ୍ତ ଏକାନ୍ନବର୍ତ୍ତୀ ପରିବାର କିଭଳି ସ୍ୱାର୍ଥକୁ କେନ୍ଦ୍ର କରି ଭାଗଭାଗ ହୋଇଛି ତାର ଚିତ୍ର ଗାଳ୍ପିକ ଦେଇଛନ୍ତି । ଖାତା ଫଡ଼ା ହୋଇନଥିବା ଇଜ୍‌ମାଲି ସମ୍ପତ୍ତି ଉପରେ ଅଧିକାର ସାବ୍ୟସ୍ତ କରିବା ପାଇଁ ପରିବାରର ଅନ୍ୟାନ୍ୟଙ୍କ ଉପରେ ନିଧି କାନଗୋଇ ଠେଙ୍ଗା ଉଠାଇଛନ୍ତି । ସେ ପୁଣି ପାର ଅପାର ମୃତ୍ୟୁରେ ଇଜ୍‌ମାଲି ସମ୍ପତ୍ତିରେ ଥିବା ଆମ୍ବ ଗଛରୁ କାଠ ହାଣିଛନ୍ତି । ପରିବାରର ସଙ୍କଟ ସମୟରେ ସମସ୍ତେ କିଭଳି ଏକ ସାଧାରଣ ଅତୀତର ସ୍ମୃତିର ଉଦ୍‌ବୋଧନ, ଏକ ଭାତୃତ୍ୱର ଆବେଦନରେ ସବୁ ବାଦବିସମ୍ବାଦ ଭୁଲିଯାଇ ଏକାନ୍ନବର୍ତ୍ତୀ ପରିବାରର ଆଦର୍ଶରେ ଅନୁପ୍ରାଣିତ ତାର ଚିତ୍ର ଗାଳ୍ପିକ ଦେଇଛନ୍ତି । "ଇଜ୍‌ମାଲି"ର ସମନାମ ବିଶିଷ୍ଟ ଚରିତ୍ରକୁ ଆଶ୍ରୟ କରି "ବାସୀମଡ଼ା" ଗଳ୍ପ ରଚିତ । କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିବା ନିଧି କାନଗୋଇଙ୍କର ଶବ ସତ୍କାର ପାଇଁ ସିନ୍ଧୁ କାନଗୋଇ ଓ ବ୍ରଜବନ୍ଧୁ ଆଦିଙ୍କ ମଧ୍ୟରେ ଯେଉଁ ସ୍ୱାର୍ଥକୈନ୍ଦ୍ରିକ ଆଲୋଚନା ତାହା ପଲ୍ଲୀ ଜୀବନର ତିକ୍ତତା ପରିପୂର୍ଣ୍ଣ ପାରିବାରିକ ଜୀବନର ଅତି ବାସ୍ତବ ରୂପ ।

"କୁବେରର କବିତା" ଗଳ୍ପରେ ସରକାରୀ ଚାକିରିରୁ ଅବସର ଗ୍ରହଣ ପରେ ବୃଦ୍ଧ ସୋମନାଥ ଗାଁରେ ରହୁଛନ୍ତି । ତାଙ୍କର ପୁଅଗୁଡ଼ିକ ବିଭିନ୍ନ ସରକାରୀ କର୍ମରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ।

ସାଙ୍ଗରେ ତାଙ୍କର ସେବା ଶୁଶ୍ରୁଷା ପାଇଁ କେବଳ ସାନବୋହୂ ରହିଛି । ବୃଦ୍ଧ ବୟସରେ ମଧ୍ୟ ମହାଜନୀ ବ୍ୟବସାୟ କରୁଥିବା ଅର୍ଥଲୋଲୁପ ସୋମନାଥଙ୍କ ନୀଳମଣିର ବଂଶୀବାଦନ ଶ୍ରବଣରେ କିଭଳି ଭୟ ଓ ଅସହାୟତା ଜନିତ ନାନା ଚିନ୍ତା ଓ ଚେତନା ଦେଖାଦେଇଛି ତାର ଚିତ୍ର ଏହି ଗଳ୍ପରେ ପରିସ୍ଫୁଟିତ ହୋଇଛି । ଏହାର ବିପରୀତରେ "ସୁନାରୀ ଆଈ" ଗଳ୍ପରେ ପଲ୍ଲୀର ପାରିବାରକ ଜୀବନରେ ଅବହେଳିତା ଉପେକ୍ଷିତା ସୁରୁଜୀମା ଆଈର ବୃଦ୍ଧା ଜୀବନର ଅସହାୟ, କରୁଣ ପରିଣତିର ଚିତ୍ର ଗାଳ୍ପିକ ଉପସ୍ଥାପନ କରିଛନ୍ତି । "ଛାପି ଛାପିକା" ଗଳ୍ପରେ ବୋହୂ ଉପରେ ଅଭିମାନ କରି ଶୋବନିମା ଝିଅ ଘରକୁ ଚାଲି ଆସିଛନ୍ତି । ଗ୍ରାମ୍ୟ ପରିବେଶରେ ଅନ୍ୟାନ୍ୟ ଚରିତ୍ରର ନାନା ସନ୍ଦେହ ମଧ୍ୟରେ ତଥା ଝିଅ ଜ୍ୱାଇଁଙ୍କର କଥୋପକଥନ ମଧ୍ୟରେ ସେ ନିଜକୁ ଅପାଂକ୍ତେୟ ତଥା ଅସହାୟ ମନେ କରିଛି । ଫଳରେ ସବୁ ମାନ ଅଭିମାନ ଭୁଲିଯାଇ ନିଜ ଘରକୁ ଫେରି ଯାଇଛି । ଗ୍ରାମ୍ୟ ପରିବେଶରେ ଦେଖା ଦେଇଥିବା ପାରିବାରିକ ଜୀବନର ବିଭିନ୍ନ ଚିତ୍ର ତଥା ମନସ୍ତାତ୍ତ୍ୱିକ ବିଶ୍ଲେଷଣ ଗାଳ୍ପିକଙ୍କ ଉପର୍ଯ୍ୟୁକ୍ତ କେତୋଟି ଗଳ୍ପରେ ଲକ୍ଷ୍ୟ କରାଯାଇପାରେ ।

ଗାଳ୍ପିକ ସୁରେନ୍ଦ୍ର ତାଙ୍କର କେତୋଟି ଗଳ୍ପରେ ଗ୍ରାମାଞ୍ଚଳରେ ସାମାଜିକ ପରିବର୍ତ୍ତନ ସଙ୍ଗେ ଦେଖା ଦେଇଥିବା ବିଭିନ୍ନ ସମସ୍ୟାର ଚିତ୍ର ଉପସ୍ଥାପନ କରିଛନ୍ତି । 'ବନ୍ଦୀ' ଗଳ୍ପରେ ଗାଁ ମହାଜନର ଶୋଷଣ ଓ ଅତ୍ୟାଚାରର କାହାଣୀ ପ୍ରଥମେ ସେ ବର୍ଣ୍ଣନା କରିଥିଲେ । ପରବର୍ତ୍ତୀ କାଳରେ ଭାଗଚାଷ ଆଇନ ପ୍ରବର୍ତ୍ତନ ଫଳରେ ଓଡ଼ିଶାର ପୁରପଲ୍ଲୀରେ ତାର ଯେଉଁ ପ୍ରଭାବ ପଡ଼ିଛି ତା' ଉପରେ 'ସୀମାରେଖା' ଗଳ୍ପ ପର୍ଯ୍ୟବସିତ । କିଆଝରୀ ଗାଁର ନାରାୟଣ ମହାପାତ୍ର, କ୍ଷେତ୍ରମୋହନ ଆଦି ଜମି ମାଲିକ ତଥା ଗଉରାକାଣ୍ଡି ଭଳି ବାଉରୀସାହିର ଭାଗଚାଷୀଙ୍କ ମଧ୍ୟରେ ଯେଉଁ ସୀମାରେଖା ସୃଷ୍ଟି ହୋଇଛି ତାର ପରିସମାପ୍ତି ଏକ କରୁଣ ପରିଣତି ମଧ୍ୟରେ ଘଟିଛି । ଏଥି ନିମିତ୍ତ ଗାଳ୍ପିକ ଭାଗଚାଷ ଆଇନ ଗଢ଼ିଥିବା ନେତାମାନଙ୍କୁ ଦାୟୀ କରିଛନ୍ତି । ତାଙ୍କ ମତରେ ଯିଏ ଚାଷୀ, ଜମିର ସ୍ୱତ୍ତ୍ୱ ସେ ଲାଭ କରୁ, ଆପତ୍ତି ନାହିଁ; କିନ୍ତୁ ସେହି ନୀତିଟା ସବୁ କ୍ଷେତ୍ରରେ ପ୍ରଯୁଜ୍ୟ ହେଉ । ଗୋଟିଏ ନୀତି ଉପରେ ନୂଆ ସମାଜ ଗଢ଼ା ହେଉ । କିନ୍ତୁ ଏହି ନୀତି ଉପରେ ପର୍ଯ୍ୟବସିତ କୃଷକ ଆନ୍ଦୋଳନର ପରିଣତିର ଭୟାବହତା "ଘଇତାମାରୀପାଟ" ଗଳ୍ପରେ ସେ ଦେଇଛନ୍ତି । ବିନୋଦର ନେତୃତ୍ୱରେ ଭାଗଚାଷୀମାନେ 'ଘଇତାମାରୀପାଟ' ଜମି ପାଇଁ ଆନ୍ଦୋଳନ କରିଛନ୍ତି । ତେଣୁ ପଦାରବିନ୍ଦ ମାନ୍ଧାତା ହରିଚନ୍ଦନ ସେ ଜମିକୁ ଭୂଦାନ ନେତାଙ୍କୁ ଦାନ ସୂତ୍ରରେ ଅର୍ପଣ କରି ଦେଇଛନ୍ତି । ଭୂମିହୀନ ହରିଜନମାନେ ଘଇତାମାରୀପାଟ ଜମି ପାଇଛନ୍ତି । ଭାଗଚାଷୀ ଓ ହରିଜନଙ୍କ ମଧ୍ୟରେ ସେଇ ଜମି ପାଇଁ ସାଧାରଣ କଳି ଗୋଳଠୁ ହଣାକଟା ପର୍ଯ୍ୟନ୍ତ ହୋଇଛି । ଶେଷରେ ଚତୁର ମାନ୍ଧାତା ହରିଚନ୍ଦନ ଜମିକୁ ନିଜ ଅକ୍ତିଆରକୁ ଆଣିଛନ୍ତି । ଏହାରି ମାଧ୍ୟମରେ ଭୂଦାନ ଆନ୍ଦୋଳନ ଓ ଭାଗଚାଷ ଆଇନର ପରିଣତିକୁ ଗାଳ୍ପିକ ବ୍ୟଙ୍ଗ୍ୟ କରିଛନ୍ତି । "ଦ୍ୱିପଦର ଗ୍ରାସ" ଗଳ୍ପରେ ଗ୍ରାମ୍ୟ ସମାଜର କଳୁଷିତ ରାଜନୀତି ଓ ପଞ୍ଚାୟତରାଜ ବ୍ୟବସ୍ଥାକୁ ଗାଳ୍ପିକ ସମାଲୋଚନା କରିଛନ୍ତି । "ମୃତ୍ୟୁ ! ଗାଷ୍ଟ୍ରୋଏଣ୍ଟ୍ରାୟଟିସ୍" ଗଳ୍ପରେ ଗ୍ରାମ ସରପଞ୍ଚ ଠାରୁ ଆରମ୍ଭ କରି ଗ୍ରାମଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସୁପାରିଶର କାମନା କରି ଶେଷରେ କେଳୁଚରଣ ଅନାହାରରେ ଅଖାଦ୍ୟ ଖାଇ ମୃତ୍ୟୁବରଣ କରିଛି । ଏହି ଘଟଣା ବିଧାନସଭାରେ ଝଡ଼ ସୃଷ୍ଟି କରିଛି । କିନ୍ତୁ ଶେଷରେ କେଳୁଚରଣର ମୃତ୍ୟୁ ଡାକ୍ତରୀରିପୋର୍ଟରେ ଗାଷ୍ଟ୍ରୋଏଣ୍ଟ୍ରାୟଟିସ୍‌ରେ ପରିଣତ ହୁଏ ।

ଏହି ଗଳ୍ପରେ ଗାଳ୍ପିକ ଗ୍ରାମାଞ୍ଚଳର ସୁବିଧାବାଦୀ ରାଜନୀତିକ ନେତୃତ୍ୱ, ଶାସନତନ୍ତ୍ର ତଥା ବିଂଶ ଦଫା କାର୍ଯ୍ୟକ୍ରମର ବିଫଳତା ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଛନ୍ତି ।

ଓଡ଼ିଶାର ପୁରପଲ୍ଲୀର ଶିକ୍ଷା ବ୍ୟବସ୍ଥାର ଚିତ୍ର ସେ ପ୍ରଥମେ "ଘନିଆଁର ଗଣେଶ ଚତୁର୍ଥୀ" ଗଳ୍ପରେ ଦେଇଛନ୍ତି । ସ୍ୱାଧୀନତା ପୂର୍ବରୁ ବାଉରୀ ପିଲା ଘନିଆଁ ଗ୍ରାମ ଚାଟଶାଳୀରେ ଦୂରରେ ବସି ବଇ ଅବଧାନଙ୍କ ଠାରୁ ପାଠ ପଢୁଥିଲା । ମାତ୍ର ସ୍ୱାଧୀନତା ପରେ ସରକାର ହରିଜନ ପିଲାଙ୍କ ପାଇଁ ସ୍କୁଲ କରିଛନ୍ତି । ନିଜର ପରବର୍ତ୍ତୀ ଦାଏାଦ ବାଉରୀ ପିଲାମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଘନିଆଁ ମଧ୍ୟ ସେମାନଙ୍କ ସାଙ୍ଗରେ ଗଣେଶ ପୂଜାରେ ଯୋଗ ଦେଇଛନ୍ତି । ତାରି ମଧ୍ୟରେ ସେ ଅନୁଭବ କରିଛି ଅତୀତ ଛାତ୍ର ଜୀବନର ସାର୍ଥକତା । "ବଇଷମ ପାଠଶାଳା" ଗଳ୍ପରେ ଓଡ଼ିଶାର ପୁରପଲ୍ଲୀର ସ୍ୱାଧୀନତା ପୂର୍ବ ଶିକ୍ଷା ବ୍ୟବସ୍ଥାର ଚିତ୍ର ଦେବା ସଙ୍ଗେସଙ୍ଗେ ପଲ୍ଲୀର କୁସଂସ୍କାର ଓ ବ୍ୟଭିଚାରର ଚିତ୍ର ଗାଳ୍ପିକ ଦେଇଛନ୍ତି । "ଶୂନ୍ୟପଞ୍ଜୁରୀ" ଗଳ୍ପରେ ଅନୁରୂପ ଭାବେ ଚାଟଶାଳୀ ଶିକ୍ଷା ତଥା ପଲ୍ଲୀବାଳକ କଇଁଆ (କୈଳାସ)ର ପୌଗଣ୍ଡ ଜୀବନରେ ବଣିଚଢ଼େଇକୁ କେନ୍ଦ୍ର କରି ପାଇ ହରାଇବାର ବେଦନା ମନୋସ୍ତାତ୍ତ୍ୱିକ ବିଶ୍ଳେଷଣ ମାଧ୍ୟମରେ ଗାଳ୍ପିକ ଉପସ୍ଥାପନ କରିଛନ୍ତି ।

ସହରୀ ଜୀବନ ପ୍ରତି ଗ୍ରାମୀଣ ସମାଜର ଆକର୍ଷଣର ଚିତ୍ର ପ୍ରଥମେ "ବାଲି" ଗଳ୍ପରେ ଗାଳ୍ପିକ ଉପସ୍ଥାପନ କରିଛନ୍ତି । ଏହି ଆକର୍ଷଣ ପରବର୍ତ୍ତୀ 'ଖାଦାନୀ' ଗଳ୍ପରେ ଅଧିକ ତୀବ୍ର ହୋଇଛି । ମାତ୍ର ସହରୀ ସଭ୍ୟତାର ଆକ୍ରମଣରେ ପଲ୍ଲୀର ପରିବର୍ତ୍ତିତ ରୂପ "ମୃତ୍ତିକାର ଆତ୍ମା" ଗଳ୍ପରେ ରୂପାୟିତ । ଦିନେ ହୁଏତ ଗ୍ରାମଗୁଡ଼ିକରେ ଦାରିଦ୍ର୍ୟ, ଶୋଷଣ ଓ ଅଜ୍ଞତା ଭରି ରହିଥିଲା, ମାତ୍ର ତାରି ମଧ୍ୟରେ ଏକ ସମ୍ବେଦନଶୀଳ ଜୀବନବୋଧ, ଧର୍ମବିଚାର ଭିତ୍ତିରେ କର୍ମ ଅକର୍ମର ଧାରଣା, ଜୀବନ ପ୍ରତି ଦୟା ଓ ସହାନୁଭୂତି ପଲ୍ଲୀବାସୀଙ୍କୁ ଅମୃତତ୍ୱ ପ୍ରଦାନ କରିଥିଲା । ମାତ୍ର ପଞ୍ଚବାର୍ଷିକ ଯୋଜନା ଫଳରେ ସହରରୁ ପିଚୁଢ଼ଳା ରାସ୍ତା ଗାଁ ମଧ୍ୟକୁ ଗଡ଼ି ଆସିବା ସହିତ ସିଦକାନଗୋଇଙ୍କ ପାରିବାରିକ ଜୀବନରେ ନାନାଦି ପରିବର୍ତ୍ତନ ଘଟିଛି । ତନ୍ମଧ୍ୟରୁ ଝିଅ ପାର୍ବତୀ ନାରୀକର୍ମୀ ସାଜି ପାପଗର୍ଭ ନଷ୍ଟ କରିଛି ପୁଅ ଟୁଙ୍ଗା ମଦ୍ୟପ ଟ୍ରକ୍ ଡ୍ରାଇଭର ହୋଇଛି । ଆଦର୍ଶବାଦୀ ଶିକ୍ଷକ ତେଣୁ ପାରିବାରିକ ଜୀବନର ଅଭିସମ୍ପାତକୁ ଭୁଲି ଯିବାର ଚେଷ୍ଟାରେ ଟେଲିଗ୍ରାଫ୍ ଖୁଣ୍ଟ ତଳେ ଘାସ ସଂଗ୍ରହରେ ବ୍ୟସ୍ତ ରହିଛନ୍ତି । "ଜହ୍ନିଲଟା" ଗଳ୍ପରେ ପଲ୍ଲୀବାସୀ ସହରାଭିମୁଖୀ ହେବାର ଚିତ୍ର ଗାଳ୍ପିକ ଦେଇଛନ୍ତି । ପଲ୍ଲୀ ପ୍ରତି ବିତସ୍ପୃହ ପୁଅ ଗାଁର ଘରଡିହ ବିକ୍ରି ପାଇଁ ବୃଦ୍ଧ ବାପାଙ୍କୁ ପରାମର୍ଶ ଦେଇଛି ମାତ୍ର ପିତା ଗଦାଧରବାବୁ ଅତୀତ ରୂପୀ ଜହ୍ନିଲଟାରେ ଗୋଡ଼ ଛନ୍ଦି ହେଲା ପରେ ତାହା କାର୍ଯ୍ୟରେ ପରିଣତ କରିପାରି ନାହାନ୍ତି । "ପଳାଶପୁର ଓ ପୋର୍ସିଲେନ" ଗଳ୍ପରେ ଗ୍ରାମ୍ୟ ପରିବେଶ ଉପରେ ସହରୀ ସଭ୍ୟତାର ପ୍ରଭାବର ଚିତ୍ର ମଧ୍ୟରେ ମହୀମାଷ୍ଟର ଗୋପାଳ ପ୍ରଧାନଙ୍କ ସ୍ମୃତିର ପଖାଳକଂସା ଓ ସେଇ ପଖାଳକଂସା ବିକ୍ରି କରି ପୁଅ ଗୋପୀ କିଣି ଆଣିଥିବା ପୋର୍ସିଲେନ୍‌ର ଟି ସେଟ୍ ମଧ୍ୟରେ ତୁଳନାତ୍ମକ ବିଚାର କରି କ୍ରମେପି ସରଳ ଗ୍ରାମ୍ୟ ଜୀବନ ସୌଖୀନ ହୋଇ ପଡୁଥିବାର ଚିତ୍ର ଗାଳ୍ପିକ ଉପସ୍ଥାପିତ କରିଛନ୍ତି ।

ସୁରେନ୍ଦ୍ରଙ୍କ ପଲ୍ଲୀ ପରିବେଶର ଗଳ୍ପଗୁଡ଼ିକ ଉପର୍ଯ୍ୟୁକ୍ତ ଆଲୋଚନା ମତେ ପଲ୍ଲୀ ମଣିଷର ପ୍ରାକୃତିକ ଦୁର୍ବିପାକ, ପାରିବାରିକ ଜୀବନ, ବିଭିନ୍ନ ପରିବେଶରେ ସାମାଜିକ ପରିବର୍ତ୍ତନ, ତଥା ସହାରାଭିମୁଖୀ ଗ୍ରାମର ଚିତ୍ର ଉପରେ ସେଗୁଡ଼ିକର ବିଷୟବସ୍ତୁ ଆଧାରିତ । ଏହିସବୁ ଗଳ୍ପର ଏକ ଲକ୍ଷଣୀୟ ବିଭାବ

ହେଉଛି ଏହା ମଧ୍ୟରୁ ଅଧିକାଂଶ ଗଳ୍ପରେ ସହରାଭିମୁଖୀ ଗ୍ରାମ୍ୟ ଚରିତ୍ର କିମ୍ବା ସହରୀ ସମାଜର ଚରିତ୍ର ଗଳ୍ପର ବିଷୟବସ୍ତୁ ସହ ଅଭିନ୍ନ ଭାବେ ଜଡ଼ିତ । ପୁଣି ପଲ୍ଲୀ ପରିବେଶ କୈନ୍ଦ୍ରିକ ତାଙ୍କର ଗଳ୍ପର ସଂଖ୍ୟା ବେଶୀ ନୁହେଁ । ଏହାର କାରଣ ସ୍ୱରୂପ କୁହାଯାଇପାରେ ଯେ, ଜୀବନର ଅଧିକାଂଶ ସମୟ ସେ ପଲ୍ଲୀ ଠାରୁ ବାହାରେ ରହୁଥିବାରୁ ତାଙ୍କର ଗଳ୍ପରେ ପଲ୍ଲୀ ଭିତ୍ତିକ ସଭ୍ୟତାର ପ୍ରଭାବ ବିଶେଷ ନାହିଁ । (ମାନସ, ସପ୍ତମ ବର୍ଷ, ପୂଜା ବିଶେଷାଙ୍କ, ୧୯୭୯, ପୃ: ୧୦)

**ଆଦିବାସୀ ଗଳ୍ପ : [ଖାଦାନୀ (୧୯୫୫), ବଳିଦାନ (୧୯୪୮), ସଭ୍ୟତାର ଗ୍ରାସ]**

ଆଦିବାସୀ ସମାଜକୁ କେନ୍ଦ୍ର କରି ଗାଳ୍ପିକ ସୁରେନ୍ଦ୍ର ମାତ୍ର ତିନୋଟି ଗଳ୍ପ ରଚନା କରିଛନ୍ତି । ପ୍ରଥମ ଗଳ୍ପ 'ବଳିଦାନ' ଝାଡ଼ଖଣ୍ଡ ଆନ୍ଦୋଳନର ପୃଷ୍ଠଭୂମିରେ ରଚିତ । ଏହି ଗଳ୍ପରେ ସାନ୍ତାଳ ସମାଜର ଚୈତ୍ରପର୍ବ ପରିପ୍ରେକ୍ଷୀରେ ବିନୋଦିଆ ଓ ମହୁଆର ପ୍ରେମଚିତ୍ର ଅବଲମ୍ବନ ମାଧ୍ୟମରେ ଆଦିବାସୀ ସମାଜର ସରଳ ସୁନ୍ଦର ଜୀବନର ଚିତ୍ର ଦେଇଛନ୍ତି । "ଖାଦାନୀ"ଗଳ୍ପରେ କାରୋଗାଁର ଜାନମ୍ ମୁଣ୍ଡା ଓ ତାର ଦୁଇ ଝିଅ ଫୁଲମନି ଓ ରାଇମନିର ଜୀବନ କିଭଳି ଯାନ୍ତ୍ରିକ ସଭ୍ୟତାର ଅଗ୍ରଗତି ସହିତ ବିଡ଼ମ୍ବିତ ତାର ଚିତ୍ର ଗାଳ୍ପିକ ଦେଇଛନ୍ତି । 'ସଭ୍ୟତାର ଗ୍ରାସ' ଗଳ୍ପରେ କନ୍ଧଗାଁ ଫିରିଙ୍ଗି ପାଣିରେ ସଭ୍ୟତାର ଆଗମନ ନାମରେ ଖୀରଷ୍ଟାନ ପାଦ୍ରି ତଥା ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ଶୁଚି ଓ ଅଶୁଚି ତଥା ଚରିତ୍ରବତ୍ତା ସମ୍ପର୍କରେ ସରଳ କନ୍ଧ ସମାଜକୁ ଶିକ୍ଷା ଦେଇଛନ୍ତି । ଆଦିବାସୀର ସରଳ ସୁନ୍ଦର ପ୍ରେମମୟ ଦାମ୍ପତ୍ୟ ଜୀବନ ତଥା ଆଦିବାସୀ ସଭ୍ୟତା ଏହାଦ୍ୱାରା ପ୍ରଭାବିତ ହୋଇଛି । ପରେ ଆଶ୍ରମ ଅନ୍ତେବାସିନୀ କନ୍ଧ ଝିଅ ପଦୁଆଁ ଶିକ୍ଷକ ଦେବାନନ୍ଦଙ୍କ ଦ୍ୱାରା ଅନ୍ତଃସତ୍ତ୍ୱା ହୋଇ ପ୍ରାଣପାତ କରିବା ଘଟଣା ମଧ୍ୟରେ ସଭ୍ୟତା କିଭଳି ଆଦିବାସୀ ସମାଜକୁ ଗ୍ରାସ କରିଛି ତାରି ଚିତ୍ର ଗାଳ୍ପିକ ଦେଇଛନ୍ତି ।

ଗାଳ୍ପିକଙ୍କ ଆଦିବାସୀ ଗଳ୍ପଗୁଡ଼ିକୁ ଅନୁଧ୍ୟାନ କଲେ ଏକ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ନେଇ ଆଦିବାସୀ ଜୀବନକୁ ସେ ଲକ୍ଷ୍ୟ କରିଥିବା ମନେହୁଏ । ବିଶେଷତଃ ଆଦିବାସୀ ଜୀବନର କଥାକାର ଗୋପୀନାଥଙ୍କ କଥା ସୃଷ୍ଟି ପରିବେଶ ଠାରୁ ଦୂରେଇ ଯାଇ ମୟୂରଭଞ୍ଜ, ସୁନ୍ଦରଗଡ଼, ଫୁଲବାଣୀ ଜିଲ୍ଲାର ଆଦିବାସୀ ସମାଜର ଚିତ୍ର ସେ ଦେଇଛନ୍ତି ।

**ରାଜନୀତିକ ଗଳ୍ପ : [ବନ୍ଦୀ (୧୯୩୮), ବାଲି (୧୯୪୪), ଅତିଥି (୧୯୪୮), ରୁଟି ଓ ଚନ୍ଦ୍ର (୧୯୪୮), ଅଣ୍ଡରଗ୍ରାଉଣ୍ଡ (୧୯୪୮), ନୟନପୁର ଏକ୍ସପ୍ରେସ୍ (୧୯୫୦), ନରବଳି (୧୯୫୬), ସାମ୍ୟବାଦର ଶେଷ ଇସ୍ତାହାର (୧୯୬୦), ପତାକା ଉତ୍ତୋଳନ (୧୯୪୭), ସମ୍ପାଦକ (୧୯୪୮), ବଳିଦାନ (୧୯୪୮), ସତର ନମ୍ବର ୱାର୍ଡ଼ (୧୯୪୯), ଗୃହଦାହ (୧୯୬୨), ଦ୍ୱିପ୍ରହର ଗ୍ରାସ (୧୯୬୫), ମାଲ୍ୟାର୍ପଣ (୧୯୬୪), ଗଣଦେବତା (୧୯୬୭), ଏଇ ଗଣତନ୍ତ୍ର (୧୯୭୩), ପ୍ରତି ନାୟକ (୧୯୭୨), ବୃତ୍ତ ଓ କେନ୍ଦ୍ରହୀନ (୧୯୭୫), ପ୍ରତିଧ୍ୱନି (୧୯୭୬), ଦୁଇବନ୍ଧୁ (୧୯୫୦), ଆକାଶ ତଥାପି ସୁନୀଳ (୧୯୬୪), ଗୋଟିଏଘୋଡ଼ାର ମୃତ୍ୟୁ]**

ସୁରେନ୍ଦ୍ରଙ୍କ ସାହିତ୍ୟିକ ଓ ରାଜନୀତିକ ଜୀବନ ପରସ୍ପର ଓତଃପ୍ରୋତ ଭାବେ ଜଡ଼ିତ । ତେଣୁ ବ୍ୟକ୍ତିଗତ ଜୀବନର ରାଜନୀତିକ ଆଦର୍ଶ ତଥା ଭାରତୀୟ ରାଜନୀତିର ବିଭିନ୍ନ ପ୍ରେକ୍ଷାପଟ ତାଙ୍କ ଗାଳ୍ପିକ ହୃଦୟର ଆବେଗକୁ ଆନ୍ଦୋଳିତ କରିଛି । ଯଦ୍ୱାରା ପ୍ରଚାରଧର୍ମୀ ନ ହୋଇ କଳାତ୍ମକ ଆବେଦନ ମଧ୍ୟ ଦେଇ ତାଙ୍କର ରାଜନୀତିକ କ୍ଷୁଦ୍ରଗଳ୍ପଗୁଡ଼ିକ ଓଡ଼ିଆ ସାହିତ୍ୟର କ୍ରମବିବର୍ତ୍ତନରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଲାଭ କରିଛି । ଏଗୁଡ଼ିକୁ ସାମ୍ୟବାଦୀ ଆଦର୍ଶ ଓ ତାର ପରିଣତିଭିତ୍ତିକ, ତଥା ଭାରତୀୟ ରାଜନୀତିକ ଜୀବନର ବିଭିନ୍ନ ସମୟର ଚିତ୍ର ସମ୍ବଳିତ ଏଭଳି ଦୁଇ ଭାଗରେ ବିଭକ୍ତ କରି ବିଚାର କରାଯାଇପାରେ ।

ସୁରେନ୍ଦ୍ର ମହାନ୍ତିଙ୍କ "ବନ୍ଦୀ" ଓ "ବାଲି" ସାମ୍ୟବାଦୀ ଚିନ୍ତାଧାରା ଉପରେ ଆଧାରିତ ଗଳ୍ପ । ପ୍ରଥମ ଗଳ୍ପରେ ନାୟକ ଦାସିଆ ସାମ୍ୟବାଦୀ ଆଦର୍ଶରେ ଅନୁପ୍ରାଣିତ ହୋଇ ମହାଜନକୁ ହତ୍ୟା କରିଛି । ଦ୍ୱିତୀୟ ଗଳ୍ପରେ ସାଧାରଣ ଶ୍ରମଜୀବୀ ଓ ପୁଞ୍ଜିପତିର ଜୀବନ ସଂଘର୍ଷର ଚିତ୍ର ମାଧ୍ୟମରେ ସାମ୍ୟବାଦୀ ଚିନ୍ତାଧାରା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି । ତାଙ୍କର "ଅତିଥି" ଗଳ୍ପର ନାୟକ ଶ୍ୟାମଳ ମଧ୍ୟ ସାମ୍ୟବାଦୀ ଚିନ୍ତାଧାରାର ବାହକ । ନିଷ୍ଠୁର ବାସ୍ତବ ଓ ଅପ୍ରିୟ ସତ୍ୟର ବର୍ଣ୍ଣନା ମଧ୍ୟରେ ଆଦର୍ଶବାଦୀ ଶ୍ୟାମଳ ସ୍ୱାର୍ଥର ସମାଧି ଉପରେ ନେତୃତ୍ୱର ବୈଜୟନ୍ତୀ ଉଡ଼ାଇବା ପାଇଁ ଚିନ୍ତା କରିଛି । ତେଣୁ ଆପଣାର ଘରଭାଙ୍ଗି ଦେଇ ସ୍ୱାଗତ ତୋରଣ ମେଲି ଆମନ୍ତ୍ରଣ ଜଣାଉଥିବା ଲକ୍ଷ ଲକ୍ଷ ଘରର ଦ୍ୱାର ମଧ୍ୟରେ ନିଜକୁ ସାମିଲ କରିଦେବା ପାଇଁ ଗୃହତ୍ୟାଗୀ ହୋଇଛି । ଆଦର୍ଶବାଦ ଠାରୁ କ୍ରମେପି ରାଜନୀତିକ ବାସ୍ତବବାଦର ସଂସର୍ଗରେ ଗାଳ୍ପିକ ଆସିଛନ୍ତି । ଯାହାଫଳରେ "ରୁଟ ଓ ଚନ୍ଦ୍ର" ଗଳ୍ପରେ ବିନୋଦ ଓ କମ୍ରେଡ୍ ଲଳିତା ଚରିତ୍ର ମାଧ୍ୟମରେ ମାର୍କସ୍‌ଙ୍କ ସାମ୍ୟବାଦର ଅପୂର୍ଣ୍ଣତାର ଚିତ୍ର ଦେଇଛନ୍ତି । ତାଙ୍କର ନାୟକ ନାୟିକା ଚନ୍ଦ୍ରଜ୍ୟୋତ୍ସ୍ନା ସ୍ନାତ ରଜନୀରେ ଦୂରରୁ ମନ୍ଦିର ବଂଶୀସ୍ୱନ ଶୁଣି ଜୀବନ "ରୋଟିକା ସବାଲ" ନୁହେଁ ନିଷ୍କର୍ଷରେ ପହଞ୍ଚିଛନ୍ତି । ଅନୁରୂପ ଭାବେ "ଅଣ୍ଡରଗ୍ରାଉଣ୍ଡ" ଗଳ୍ପରେ ଅପରିପକ୍ୱ ରାଜନୀତିକ ଆଦର୍ଶରେ ପୀଡ଼ିତ ତରୁଣ ଶ୍ୟାମଳ ରୋମାଣ୍ଟିକ ଭାବ ବିହ୍ୱଳତା ମଧ୍ୟରେ କମ୍ରେଡ୍ ଲଳିତାକୁ କେନ୍ଦ୍ର କରି ଯୌନ ଭାବନାରେ ଆକ୍ରାନ୍ତ ହେବା ଯେମିତି ଅପ୍ରିୟ ସେମିତି ମର୍ମସ୍ପର୍ଶୀ ମଧ୍ୟ । ଗାଳ୍ପିକଙ୍କ ଗଳ୍ପଗୁଡ଼ିକରେ କ୍ରମେପି ଯୁବ ନେତୃତ୍ୱ ଉଦ୍‌ଭ୍ରାନ୍ତ ହୋଇ ଉଠିଛି । ତେଣୁ "ନୟନପୁର ଏକ୍ସପ୍ରେସ୍" ଗଳ୍ପରେ ନରେନ୍ଦ୍ର ଚରିତ୍ର ଅନୁତପ୍ତ, ମାତ୍ର ଶ୍ୟାମଳ ଚରିତ୍ର ମଧ୍ୟରେ ଏକ ଦେଶଦର୍ଶୀ, ନ୍ୟସ୍ତସ୍ୱାର୍ଥ ସର୍ବସ୍ୱ, କ୍ଷମତାନ୍ଧ ରାଜନୀତିକ ଚରିତ୍ରର ସ୍ୱରୂପ ପ୍ରକାଶିତ ହୋଇଛି । ପରବର୍ତ୍ତୀ ଗଳ୍ପ 'ନରବଳି'ରେ ଶ୍ରମିକ ନେତାର ନଗ୍ନ ସ୍ୱରୂପ ଶାଣିତ ବ୍ୟଙ୍ଗ୍ୟ ମଧ୍ୟରେ ଉଦ୍‌ଘାଟିତ ହୋଇଛି । ରାଜନୀତିକ ନେତୃତ୍ୱର ଉଲଙ୍ଗ ବିଭତ୍ସ ରୂପ ଏହି ଗଳ୍ପରେ ଅତିନିର୍ମମ ଭାବେ ନିଜର ରାଜନୀତିକ ଜୀବନର ଅନ୍ତର୍ଦାହ ଓ ସୂକ୍ଷ୍ମାନୁଭୂତି ସାହାଯ୍ୟରେ ସେ ପ୍ରକାଶ କରିଛନ୍ତି । 'ଅତିଥି' ଗଳ୍ପର ଆଦର୍ଶବାଦୀ ଦୁସ୍ଥ ଶ୍ରମଜୀବୀର ନେତା ପରବର୍ତ୍ତୀ ପର୍ଯ୍ୟାୟରେ ଶ୍ରମିକର ଦାବି ଉପସ୍ଥାପନ ପାଇଁ ନୁହେଁ, ବରଂ ସୁନାମ ଅର୍ଜନ ସହିତ ବ୍ୟକ୍ତିସ୍ୱାର୍ଥ ଓ ପାର୍ଟିସ୍ୱାର୍ଥ ପାଇଁ ଅରୁଣ ବିଶ୍ୱାଳ ଭଳି କେତେକ ନୀରିହଙ୍କୁ ବିପ୍ଳବର ସ୍ୱାର୍ଥମେଧ ଯଜ୍ଞରେ କିଭଳି ବଳି ଦିଅନ୍ତି ତାର ନଗ୍ନ ରୂପ ଗାଳ୍ପିକ 'ନରବଳି' ଗଳ୍ପରେ ଅବତାରଣା କରିଛନ୍ତି । ଫଳରେ "ସାମ୍ୟବାଦର ଶେଷ ଇସ୍ତାହାର" ଗଳ୍ପରେ ତାଙ୍କର ବକ୍ତବ୍ୟ ହେଲା, ସାମ୍ୟବାଦୀ ଚିନ୍ତାଧାରାର ସ୍ତାବକ ହେବା ଏକ ଫେସନରେ ପରିଣତ

ହୋଇଥିବାରୁ ସର୍ବହରା ନିମ୍ନ ମଧ୍ୟବିତ୍ତ ଶ୍ରେଣୀମାନଙ୍କ ମଧ୍ୟରେ ମୈତ୍ରୀ ଭାବ ପରିବର୍ତ୍ତେ ସାମ୍ୟବାଦ ଏକ ଶୂନ୍ୟ ଆହ୍ୱାନରେ ପରିଣତ ହୋଇଛି । ଏଭଳି ଭାବରେ ସାମ୍ୟବାଦ ତଥା ଶ୍ରମିକସମସ୍ୟା ଓ ଶ୍ରମିକନେତାଙ୍କ କାର୍ଯ୍ୟକଳାପକୁ କେନ୍ଦ୍ର କରି କେତେକ ଗଳ୍ପ ସେ ରଚନା କରିଛନ୍ତି ।

୧୯୪୨ର ଭାରତଛାଡ଼ ଆନ୍ଦୋଳନରେ ଯୋଗଦାନ ପରେ ଗାଳ୍ପିକ ସୁରେନ୍ଦ୍ର ପରବର୍ତ୍ତୀ ଜୀବନ କାଳରେ ସାମ୍ବାଦିକତା ଓ ପ୍ରତ୍ୟକ୍ଷ ରାଜନୀତି ସହ ଜଡ଼ିତ ହୋଇ ଆସିଛନ୍ତି । ଏହି ପରିପ୍ରେକ୍ଷୀରେ ତାଙ୍କର କେତେକ ଗଳ୍ପ ଭାରତ ତଥା ଓଡ଼ିଶାର ରାଜନୀତିକ ଜୀବନ ଉପରେ ଆଧାରିତ । ପ୍ରଥମେ 'ପତାକା ଉତ୍ତୋଳନ' ଗଳ୍ପରେ ରାୟବାହାଦୁର ସନାତନ ମହାପାତ୍ର ଓ ତାଙ୍କର ନାତି ଅଜୟର ପତାକା ଉତ୍ତୋଳନ ଜନିତ ସଂଘର୍ଷ ମଧ୍ୟରେ ଲବଣ ସତ୍ୟାଗ୍ରହ ଠାରୁ ସ୍ୱାଧୀନତା ଆନ୍ଦୋଳନର ସ୍ମୃତି ସେ ରୋମନ୍ଥନ କରିଛନ୍ତି । ଏକ କରୁଣ ପରିଣତି ମଧ୍ୟରେ ସ୍ୱାଧୀନତାର ନୂତନ ପୁଲକରେ ସେ ଏ ଗଳ୍ପରେ ପାଠକଙ୍କୁ ଆମୋଦିତ କରିଛନ୍ତି । "ସମ୍ପାଦକ" ଗଳ୍ପରେ ତଥାକଥିତ ସ୍ୱାଧୀନତାର ନୂତନ ପୁଲକର ଅବସାନ ଘଟିଛି । ଏହି ଗଳ୍ପରେ ସ୍ୱାଧୀନତା ପରବର୍ତ୍ତୀ କୁତ୍ସିତ ରାଜନୀତି ମଧ୍ୟରେ ନେତା ଜନତା ଓ ସମ୍ବାଦପତ୍ରର ସମ୍ପାଦକ ନିଜ ନିଜର ଭୂମିକା ଭୁଲି ଜନ ଜୀବନ ତଥା ରାଜନୀତିକୁ କିଭଳି କଳୁଷିତ କରୁଛନ୍ତି ତାରି ଚିତ୍ର ଅଙ୍କନ କରିଛନ୍ତି । ଭାରତର ସ୍ୱାଧୀନତା ପରେ ଭାଷାଭିତ୍ତିକ ପ୍ରଦେଶ ଗଠନ ସମୟରେ ରାଜନୀତିକ ଦୁରଭିସନ୍ଧି ନେଇ ଝାଡ଼ଖଣ୍ଡ ଆନ୍ଦୋଳନ ତଥା ଓଡ଼ିଶାରୁ ଷଢ଼େଇକଳା ଖରସୁଆଁ ବିଚ୍ଛିନ୍ନ ହେବା ସମୟରେ ସୀମା ଆନ୍ଦୋଳନର ଯେଉଁ ପ୍ରତ୍ୟକ୍ଷ ଅନୁଭୂତି ଗାଳ୍ପିକ ଆହରଣ କରିଥିଲେ ତାରି ଚିତ୍ର ସେ 'ବଳିଦାନ' ଗଳ୍ପରେ ଦେଇଛନ୍ତି । ପରିବର୍ତ୍ତିତ ରାଜନୀତିକ ପରିବେଶରେ ସ୍ୱାଧୀନ ଭାରତର ଶାସନଡୋରୀ ଲବଣ ସତ୍ୟାଗ୍ରହ ସମୟର କଂଗ୍ରେସୀନେତାଙ୍କ ହାତରେ ରହିଛି । ସେମାନେ କିନ୍ତୁ ଇଂରେଜ ସରକାରଙ୍କ ବିରୁଦ୍ଧରେ ଉଠାଇଥିବା ବ୍ୟକ୍ତି ସ୍ୱାଧୀନତାର ତଥ୍ୟ ଏଭିତରେ ଭୁଲି ସାରିଛନ୍ତି । ଫଳରେ ପୁଣିଥରେ ଜେଲଖାନାରେ 'ସତର ନମ୍ବର ୱାର୍ଡ଼' ଗଳ୍ପରେ ରାଜନୀତିକ ବନ୍ଦୀଙ୍କ ଉପରେ ଅତ୍ୟାଚାର ଦେଖା ଦେଇଛି । କଂଗ୍ରେସ ଅନୁଷ୍ଠାନରେ ନ୍ୟସ୍ତସ୍ୱାର୍ଥ ସର୍ବସ୍ୱ କ୍ଷମତାନ୍ଧ ନେତା ଗୋଷ୍ଠୀ ବିବାଦ ମଧ୍ୟରେ ରାଜନୀତିକ ଆଧିପତ୍ୟ ବିସ୍ତାର କରିବାର ଚିତ୍ର 'ଗୃହଦାହ' ଗଳ୍ପରେ ଚିତ୍ରିତ । ଏହି ଗଳ୍ପରେ ଆନନ୍ଦ ବ୍ରହ୍ମଚାରୀଙ୍କ ଗଠନ ମୂଳକ ନୀତିରେ ବିଶ୍ୱାସ କରି ଆଶ୍ରମ ଗଢ଼ି ଦେଶସେବା କରୁଥିବା ହରି ଶତପଥିଙ୍କ ମୂଳୋତ୍ପାଟନ ପାଇଁ ନାରାୟଣ ମହାପାତ୍ରଙ୍କ ନିର୍ଲଜପଣ ମଧ୍ୟରେ ଭାରତୀୟ ରାଜନୀତିର ନଗ୍ନରୂପ ଉଦ୍‌ଘାଟିତ ହୋଇଛି । "ମାଲ୍ୟାର୍ପଣ" ଗଳ୍ପରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଅବସରରେ ଆଦର୍ଶବାଦୀ ଛକଡ଼ି ବେହେରା ପୂଜ୍ୟପୂଜା ପାଇଁ ଗେଣ୍ଡୁଫୁଲର ଗୋଟିଏ ମାଳ ସଯତ୍ନେ ଗୁନ୍ଥି ଭୁବନେଶ୍ୱର ଆସିଛନ୍ତି । କିନ୍ତୁ ରଙ୍ଗୀନ ପ୍ରଜାପତି ଭଳି ଘୁରି ବୁଲୁଥିବା ସ୍ୱେଚ୍ଛାସେବକ ଦଳ ମଧ୍ୟରେ ସେ ଠେଲା ଖାଇ ପଡ଼ି ଯାଇଛନ୍ତି, ଗେଣ୍ଡୁ ମାଳ ଛିଣ୍ଡି ଯାଇଛି । ପ୍ରକୃତ ଆଦର୍ଶବାଦୀ ରାଜନୀତିକ କର୍ମୀ କିଭଳି କ୍ରମେପି ଅପାଂକ୍ତେୟ ମନେ ହେଉଛନ୍ତି ଏହି ଗଳ୍ପରେ ତାହା ଦେଖାଇ ଦିଆଯାଇଛି । ତେଣୁ ସାଧାରଣ ପରିସ୍ଥିତି ସବୁ କ୍ରମେପି ଜଟିଳ ହେଉଛି । "ଦ୍ୱିପଦର ଗ୍ରାସ" ଗଳ୍ପର ସରପଞ୍ଚ ନରୋତ୍ତମ ଦାସ ତଥା ଯଦୁ ମହନ୍ତି ସାଧାରଣ ଲୋକଙ୍କୁ ଶୋଷଣ କରୁଛନ୍ତି । ସମୟର

ଅଗ୍ରଗତିରେ ରାଜନୀତିକ ଜୀବନ କଳୁଷିତ ହୋଇଉଠୁଛି । ତେଣୁ ୧୯୬୭ ନିର୍ବାଚନର ପରିପ୍ରେକ୍ଷୀରେ 'ଗଣ ଦେବତା' ଗଳ୍ପରେ ପଲ୍ଲୀ ପରିବେଶରେ କଳୁଷିତ ନିର୍ବାଚନର ପ୍ରଚାରଚିତ୍ର ଠାରୁ "ଏଇ ଗଣତନ୍ତ୍ର"ରେ ସହରୀ ଜୀବନ ପରିପ୍ରେକ୍ଷୀରେ ନିର୍ବାଚନ କୌଶଳ କିଭଳି ଅଧିକ କଳୁଷିତ ହୋଇଛି ତାହା ଦେଖାଇ ଦିଆଯାଇଛି । ପୁଣି ଭାରତୀୟ ରାଜନୀତିରେ ଛଳନା, ଭ୍ରଷ୍ଟାଚାର ଆଦି ଉପରେ ଆଧାରିତ ନେତୃତ୍ୱର ଚିତ୍ର "ପ୍ରତିନାୟକ" ଗଳ୍ପରେ ସେ ଦେଇଛନ୍ତି । ଜରୁରୀ ପରିସ୍ଥିତି ସମୟରେ ବ୍ୟକ୍ତି ସ୍ୱାଧୀନତା ତଥା ସମ୍ବିଧାନଗତ ବିଭିନ୍ନ ମୌଳିକ ଅଧିକାର, ସମ୍ବାଦପତ୍ରର ସ୍ୱାଧିକାର ଆଦି ଉପରେ ଯେଉଁ ଆଞ୍ଚ ଆସିଥିଲା ତାରି ଉପରେ "ବୃତ୍ତ ଓ କେନ୍ଦ୍ରହୀନ" ଏବଂ "ପ୍ରତିଧ୍ୱନି" ଗଳ୍ପ ପର୍ଯ୍ୟବସିତ ହୋଇଛି । ଏଭଳି ଭାବେ ଦେଖିବାକୁ ଗଲେ ତାଙ୍କ ଗଳ୍ପଗୁଡ଼ିକରେ ଭାରତୀୟ ରାଜନୀତିକ ଜୀବନର ଅନ୍ତଃସ୍ୱର ଓ କ୍ରମ ବିବର୍ତ୍ତନର ଧାରା ଲକ୍ଷ୍ୟ କରାଯାଇପାରେ ।

ଭାରତୀୟ ଇତିହାସ ପୃଷ୍ଠାରେ ରାଜନୀତିକ ସ୍ୱାର୍ଥ ହାସଲ ପାଇଁ ଯେଉଁ ସାମ୍ପ୍ରଦାୟିକତା ଦେଖା ଦେଇଥିଲା ତାର ଚିତ୍ର 'ଦୁଇବନ୍ଧୁ', 'ଆକାଶ ତଥାପି ସୁନୀଳ' ଓ 'ଗୋଟିଏ ଘୋଡ଼ାର ମୃତ୍ୟୁ' ଗଳ୍ପରେ ଦେଖାଯାଏ । ଦୁଇବନ୍ଧୁ ଗଳ୍ପରେ ସାମ୍ବାଦିକ ବନ୍ଧୁଦ୍ୱୟ ରମେଶ ଓ ଇସ୍‌ମାଇଲ ମଧ୍ୟରେ ମଣିଷ ମନର ଅବଚେତନରେ ଈର୍ଷା ରହିଥିଲେ ହେଁ ମାନବିକତାର ଆବେଦନ ମଧ୍ୟରେ ସେମାନଙ୍କ ବନ୍ଧୁତ୍ୱ ଅକ୍ଷୁଣ୍ଣ ରହିଛି । ମାତ୍ର 'ଆକାଶ ତଥାପି ସୁନୀଳ' ଗଳ୍ପରେ ହନିମିଆଁ ବା ହନି ମାଷ୍ଟର ମଣିଷ ମନର ଈର୍ଷାର ଶିକାର ହୋଇଛି । ତେଣୁ ସାମ୍ବାଦିକ ଅମିତାଭର ପ୍ରଦତ୍ତ ବିବରଣୀ ପ୍ରକାଶନ ପରେ ତାର ପୋଷା ମାଙ୍କଡ଼ ନେଇ ସେ ମାନବତାର ସନ୍ଧାନରେ ପୁରପଲ୍ଲୀରେ ବିଚରଣ କରିଛି । ଅନୁରୂପ ଭାବେ ସାମ୍ପ୍ରଦାୟିକତା ମଧ୍ୟରେ ରାଜନୀତିକ ସିଦ୍ଧି ଲାଭ ପାଇଁ ମଣିଷ କିଭଳି କ୍ରମେପି ପଶୁଠାରୁ ହୀନ ହୋଇ ଉଠିଛି, ତାର ଚିତ୍ର କାଲୁମିଆଁ ଓ ତାର ଘୋଡ଼ା ଚରିତ୍ର ମାଧ୍ୟମରେ ଗୋଟିଏ ଘୋଡ଼ାର ମୃତ୍ୟୁ ଗଳ୍ପରେ ଗାଳ୍ପିକ ପ୍ରକାଶ କରିଛନ୍ତି ।

ଉପର୍ଯ୍ୟୁକ୍ତ ଆଲୋଚନାରୁ ଏକଥା ସ୍ପଷ୍ଟ ଯେ ଗାଳ୍ପିକ ସୁରେନ୍ଦ୍ରଙ୍କ ରାଜନୀତିକ ଗଳ୍ପସବୁ ରାଜନୀତିକ ଆଦର୍ଶ ତଥା ରାଜନୀତିକ ଜୀବନର ଅନୁଭୂତିର ସ୍ୱାକ୍ଷର ବହନ କରି ପାଠକ ନିକଟରେ ଦୁଇଟି ପର୍ଯ୍ୟାୟରେ ଦେଖା ଦେଇଛି ।

## ଉଦ୍‌ଭ୍ରାନ୍ତ ଯୁବ ସମାଜର ଚିତ୍ର ସମ୍ବଳିତ ଗଳ୍ପ : [ଭାଗାବଣ୍ଟ (୧୯୫୦), ସାଙ୍ଗରିଲା (୧୯୫୨), ସାଇକଲ ଚୋର (୧୯୫୨), କମନ୍‌ରୁମ୍ (୧୯୬୯), ଗୁରୁ (୧୯୭୦), କବନ୍ଧ (୧୯୭୦) ଓ଼ଃ କାଲକାଟା (୧୯୭୧), ଉଜ୍ଜ୍ୱଳ ମଣ୍ଡଳ]

ଗାଳ୍ପିକ ସୁରେନ୍ଦ୍ର ଯୁବ ସୁଲଭତା ମଧ୍ୟ ଦେଇ ଆହୃତ କିଛି ଅନୁଭୂତି ତାଙ୍କର ଆଦ୍ୟ କାଳର କେତୋଟି ଗଳ୍ପରେ ରୂପାୟିତ କରିଥିଲେ ତଥା ପରବର୍ତ୍ତୀ ପରିଣତ ଜୀବନରେ ଯୁବଗୋଷ୍ଠୀର ସମସ୍ୟାକୁ କେନ୍ଦ୍ର କରି କେତେକ ଗଳ୍ପ ରଚନା କରିଥିଲେ । ସେହି ଗଳ୍ପଗୁଡ଼ିକୁ ଏହି ପର୍ଯ୍ୟାୟରେ ଗ୍ରହଣ କରାଯାଇଛି । ଏତାଦୃଶ ବିଭାଜନ ପାରମ୍ପରିକ ଗଳ୍ପ ଆଲୋଚନାରେ ଦୁର୍ଲ୍ଲଭ ହେଲେ ହେଁ ସୁରେନ୍ଦ୍ର ଗଳ୍ପ ମାନସର ଅଧ୍ୟୟନର ସୁବିଧା ଦୃଷ୍ଟିରୁ ଏହା କରାଯାଇଛି ।

ଏହି ପର୍ଯ୍ୟାୟର ପ୍ରଥମ ଗଳ୍ପ 'ଭାଗାବଣ୍ଡ'ରେ କମଳ ଆର୍ଥନୀତିକ ଦୁଃସ୍ଥିତି ମଧ୍ୟରେ ଜୀବନବୀମାକୁ ପନ୍ଥା ରୂପେ ବାଛି ନେଇଛି । ଚେତନା ମଧ୍ୟରେ ଆସିଥିବା ଚରିତ୍ର ବସନ୍ତ ଦାସ କିନ୍ତୁ ଭାବଭୋଳା ଶିଳ୍ପୀ ଜୀବନର ଊର୍ଦ୍ଧ୍ୱରେ ଆଶ୍ରୟ ପ୍ରାର୍ଥିନୀ ଲେଡି ଇନ୍ସପେକ୍ଟ୍ରେସ୍ ମଲ୍ଲିକା ସହ ବିବାହ କରି ଆର୍ଥିକ ଦୁଃସ୍ଥିତିରୁ ରକ୍ଷା ପାଇବାର ଉପାୟ ଖୋଜିଛି । ଏ ଘଟଣାରେ କମଳ ଓ ବିନୋଦ ବିଚଳିତ ହେଲେ ବି ସେମାନେ ସମାଜ ବା ସଂସାର ପାଖରେ ଆତ୍ମସମର୍ପଣ କରି ନାହାନ୍ତି ବରଂ ଦୁଃଖ, ଦୁର୍ଯୋଗ, ଲାଞ୍ଛନା ଓ ଅପମାନ ସେମାନଙ୍କର ଚିର ସହଚର ହୋଇଛି । ତଥାପି ଅନ୍ୟକୁ ଆଲୋକ ଦେବାର ଶକ୍ତି ଥାଉ ବା ନଥାଉ ନୂତନତାର ସନ୍ଧାନ ପାଇଁ ସେମାନେ ନିଜକୁ ଜାଳିଛନ୍ତି । ଏହାର ପରବର୍ତ୍ତୀ ଗଳ୍ପ "ସାଙ୍ଗରିଲା"ରେ ଗାଳ୍ପିକ ଆଉ ଏକ ପାଦ ଆଗେଇ ଯାଇ ଅମିତାଭ, ସୁରଜିତ, ସୁକାନ୍ତ ଓ ଅଶୋକର ଆର୍ଥନୀତିକ ସମସ୍ୟା ପିଷ୍ଟ ବେକାର ଜୀବନର ଚିତ୍ର ଉପସ୍ଥାପିତ କରିଛନ୍ତି । ଦର୍ଶନ ଅଧ୍ୟାପକ (ଘର ମାଲିକ), ନଜିର ମିଆଁ, କିଣ୍ଣୁ ସାହୁ, ଚ଼ ଦୋକାନୀ ଆଦିଙ୍କ ଠାରୁ ମୁକ୍ତି ପାଇଁ ସେମାନେ ସହଜ ଅର୍ଥ ଲାଭ ଉଦ୍ଦେଶ୍ୟରେ ଖବର କାଗଜ ବିଜ୍ଞାପନ ପୃଷ୍ଠାର ପଳାତକ ଜାମାତାର ସନ୍ଧାନ ନେବା ପାଇଁ ବାହାରିଛନ୍ତି । ରାତି ଦଶଟାରେ ପାର୍କ ବେଞ୍ଚରେ ଅପରିଚିତ ସେ ଚରିତ୍ରକୁ ପଳାତକ ଜାମାତା ଜ୍ଞାନ କରି ଶେଷରେ ବିପ୍ଳବ ସମ୍ପର୍କୀୟ ସ୍ଲୋଗାନ ଦେଇ ଥାନା ହାଜତକୁ ଯାଇଛନ୍ତି । 'ସାଇକଲ ଚୋର' ଗଳ୍ପରେ କିରାଣୀ ଚାକିରି କରୁଥିବା ଦୂର ସମ୍ପର୍କୀୟ ମଉସାଙ୍କ ଘରେ ରହି ରାଜେନ୍ଦ୍ର ଚାକିରିର ସନ୍ଧାନ କରୁଛି । ମାତ୍ର ପ୍ରିୟା ପ୍ରୀତି ତୋଷଣର ଯୁଗରେ ଚାକିରି ତାର ହାତର ଅପହଞ୍ଚ । ତେଣୁ ସେ ସବୁଠାରୁ ସହଜ ତଥା ଚୋର ଧରିବାକୁ କଷ୍ଟକର ହୋଇଥିବା ସାଇକଲ ଚୋରି କରି ଟଙ୍କା ଅର୍ଜନ କରିଛି । ଉତ୍ତେଜନାରେ ଥିବା ଅବସ୍ଥାରେ ତାର ସେ ଟଙ୍କା ବି ପକେଟ୍‌ମାର ହୋଇଯାଇଛି । ଅତ୍ୟନ୍ତ ଅସହାୟ ଅବସ୍ଥାରେ ଭଗବାନଙ୍କର ସ୍ଥିତିରେ ସନ୍ଦିହାନ ହୋଇ ସେ ଅସହାୟ ହୋଇପଡ଼ିଛି ।

ବିଂଶ ଶତାବ୍ଦୀର ଷଷ୍ଠ ଦଶକର ଶେଷାଂଶରେ ଭାରତର ସର୍ବତ୍ର ଦେଖା ଦେଇଥିବା ଛାତ୍ର ଅଶାନ୍ତି, ଯୁବ ସମାଜର ଅନ୍ଧ ଆସକ୍ତି ତଥା ଏକ ବିକୃତ ସଂସ୍କୃତିକୁ ଶ୍ରେୟ ମନେ କରୁଥିବା ବିପଥଗାମୀ ଯୁବ ସମାଜର ଚିତ୍ର 'କମନ୍‌ରୁମ୍', 'ଗୁରୁ', 'କବନ୍ଧ' ଏବଂ 'ଓ ! କାଲକାଟା' ଗଳ୍ପରେ ଦେଖିବାକୁ ମିଳିଥାଏ । ଓଡ଼ିଶାରେ ୧୯୬୪ ଓ ୧୯୬୯ରେ ସାଧାରଣ ଘଟଣାକୁ କେନ୍ଦ୍ର କରି ଦେଖା ଦେଇଥିବା ଛାତ୍ର ଆନ୍ଦୋଳନ ଭଳି କଲେଜ ଲନ୍‌ରେ ମନୋଜ ଓ ମୃଦୁଳାର ସାଧାରଣ ତିକ୍ତ ସମ୍ପର୍କରୁ କମନ୍‌ରୁମ୍‌କୁ କେନ୍ଦ୍ର କରି ଓଁକାରନାଥ ପ୍ରଣବ ଆଦି ଛାତ୍ର ନେତାଙ୍କ ଯୋଜନା ମାଧ୍ୟମରେ ସୃଷ୍ଟି ହୋଇଥିବା ଛାତ୍ର ବିଶୃଙ୍ଖଳାର ଚିତ୍ର 'କମନ୍‌ରୁମ୍' ଗଳ୍ପର ବିଷୟବସ୍ତୁ । ପାଶ୍ଚାତ୍ୟ ସମାଜର ପଣ୍ୟସମୃଦ୍ଧ ଔଜଲ୍ୟ ଓ ବିଜ୍ଞାପନୀ ଚାକଚକ୍ୟ ପ୍ରତ୍ୟାଖ୍ୟାନ କରି ପ୍ରାଚ୍ୟର ଆବର୍ଜନା ସ୍ତୂପ ମଧ୍ୟରେ ଜନ୍ ଜୀନ୍ ଜେନି ଶାନ୍ତିର ଅନୁସନ୍ଧାନରେ ବ୍ରତୀ ଥିଲେ । ଝାଉଁବଣ ଯୋଗୁଁ ଛୋଟ ସହରରେ ଭାରତୀୟ ବେକାର, ସୌଖୀନ ହିପ୍‌ପୀ ଯୁବକ ସୁନନ୍ଦ ବୈଦେଶିକ ଘଣ୍ଟା, କ୍ୟାମେରା ଆଦିର ଲୋଭରେ ସେମାନଙ୍କ ସହ ସମ୍ପର୍କ ରଖିଛି । ଏଇ ଉଭୟ ଗୋଷ୍ଠୀର ଯୁବ ସମାଜର ଅଭାବର ସମାନ୍ତରାଳ ଚିତ୍ର 'ଗୁରୁ' ଗଳ୍ପରେ ଗାଳ୍ପିକ ପ୍ରଦାନ କରିଛନ୍ତି । 'ଗୁରୁ' ଗଳ୍ପର ସୁନନ୍ଦ ଠାରୁ "କବନ୍ଧ" ଗଳ୍ପରେ ଭାରତୀୟ ଯୁବକ 'ସେ' ଚରିତ୍ର ମିଷ୍ଟର ଲେମାନଙ୍କ ଦ୍ୱାରା ପ୍ରଲୋଭିତ ହୋଇ ନିଜର ଅନ୍ନ ସଂସ୍ଥାନ

ପାଇଁ ଭାରତୀୟ ସଂସ୍କୃତିର ନିଦର୍ଶନ ପ୍ରାଚୀନ ମୂର୍ତ୍ତି ବିକ୍ରି କରି ଆଉ ଏକ ପାଦ ନିମ୍ନଗାମୀ ହୋଇଛି । "ଓଃ ! କାଲକାଟା" ଗଳ୍ପରେ ଭାରତୀୟ ସମାଜରେ ଅବହେଳିତ ବିଶୃଙ୍ଖଳ ଯୁବ ସମାଜର ଚିତ୍ର, ବିପ୍ଳବ ନାମରେ ରକ୍ତ ଲୋଲୁପତା ତଥା ମାଂସଳ ଭୁବୁକ୍ଷା ମାଧ୍ୟମରେ ଗାଳ୍ପିକ 'ଲଚକ୍' ଗୁରୁ ଆଦି ଚରିତ୍ର ମାଧ୍ୟମରେ ଉପସ୍ଥାପିତ କରିଛନ୍ତି । ସତ୍ୟ ଘଟଣା ଉପରେ ଆଧାରିତ ଉଜ୍ଜ୍ୱଳ ମଣ୍ଡଳ ଗଳ୍ପରେ ଯୁବକର ଅପରାଧପ୍ରବଣତାର ଚିତ୍ର ଦେଖିବାକୁ ମିଳିଥାଏ । ଗାଳ୍ପିକଙ୍କ ଏହି ଶ୍ରେଣୀର ଗଳ୍ପକୁ ଲକ୍ଷ୍ୟକଲେ ଜଣାପଡ଼େ ଯୁବକର ଅଭାବ ଓ ସମସ୍ୟା ସବୁ ସମୟରେ ସମାନ ନୁହେଁ । ଏହି ଗଳ୍ପଗୁଡ଼ିକରେ ପତନୋନ୍ମୁଖୀ ଯୁବ ସମାଜର ସଂଶୋଧନ ପାଇଁ ପ୍ରକାରାନ୍ତରେ ଗାଳ୍ପିକ ସମାଜପତି ତଥା ବୁଦ୍ଧିଜୀବୀଙ୍କୁ ସଚେତନ କରାଇଛନ୍ତି ।

**ମନସ୍ତାତ୍ତ୍ୱିକ ଗଳ୍ପ : [ଜୀବନ ପ୍ରଭାତ (୧୯୬୦), ଲବଣର ସ୍ୱାଦ (୧୯୬୦), ନିର୍ମୁଳି ଲତାର ଫୁଲ (୧୯୬୧), ଜୟ ପରାଜୟ (୧୯୬୧), ତୃଷ୍ଣା ବିତୃଷ୍ଣା (୧୯୫୮), ପାଗଳଗାରଦର କାହାଣୀ (୧୯୭୨), ବଳୀବର୍ଦ୍ଦ ଇନ୍ଦ୍ରଦ୍ୟୁମ୍ନ ଅତୀତ ବର୍ତ୍ତମାନ କାଳ (୧୯୭୭)]**

ସୁରେନ୍ଦ୍ରଙ୍କ ଅନ୍ୟାନ୍ୟ ବିଭାଗରେ ଗର୍ଭିତ ଗଳ୍ପଗୁଡ଼ିକରେ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ରହିଛି । ମାତ୍ର ସମ୍ପୂର୍ଣ୍ଣ ରୂପେ ମନସ୍ତାତ୍ତ୍ୱିକ ଭିତ୍ତି ଉପରେ ରଚିତ କେତେକ ଗଳ୍ପକୁ ଏହି ପର୍ଯ୍ୟାୟରେ ଗ୍ରହଣ କରାଯାଇଛି । 'ଜୀବନ ପ୍ରଭାତ', 'ଲବଣର ସ୍ୱାଦ', 'ନିର୍ମୁଳିଲତାର ଫୁଲ' ଓ 'ଜୟ ପରାଜୟ' ଗଳ୍ପ ଚାରୋଟିରେ ମଣ୍ଟୁ ଚରିତ୍ର ମାଧ୍ୟମରେ ଆଧୁନିକ ମଣିଷର ଶୈଶବ, ପୌଗଣ୍ଡ, କୈଶୋର ତଥା ପରିଣତ ଜୀବନର ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରିଛନ୍ତି । 'ଜୀବନ ପ୍ରଭାତ'ର ମଣ୍ଟୁ ଆଇମା ରୂପ କଥାର ରାଜକୁମାରୀର କଳ୍ପନାରେ ବିଭୋର ହୋଇଛି । 'ଲବଣର ସ୍ୱାଦ'ରେ ପୌଗଣ୍ଡ ମଣ୍ଟୁ ଅଜିଜ୍ ସହିତ ସାଙ୍ଗ ହୋଇ ଧରିଥିବା ଚଢ଼େଇ ଛୁଆ ହାତ ଚାପରେ ମରିବା ମଧ୍ୟରେ ସେ ପାଇ ହରାଇବାର ପ୍ରଥମ ଲବଣାକ୍ତ ସ୍ୱାଦ ପାଇଛି । ନିର୍ମୁଳିଲତାର ଫୁଲରେ କିଶୋର ମଣ୍ଟୁ ପଡୋଶିନୀ ଝିଅ ସହିତ କଳ୍ପନାର ପ୍ରେମରାଜ୍ୟ ତୋଳି ନିଛାଟିଆ ଖରାବେଳରେ ସୁନନ୍ଦର ସାନ୍ନିଧ୍ୟରେ ତା ମନରେ ଏକ ଅନାହୃତ ପୁଲକ ସୃଷ୍ଟି ହୋଇଛି । ମାତ୍ର ସେଇ ମଣ୍ଟୁ 'ଜୟ ପରାଜୟ'ରେ ମଣିଷର ନାନା ବୈଜ୍ଞାନିକ ଅଗ୍ରଗତି ମଧ୍ୟରେ ଅସହାୟ ହୋଇ ଉଠିଛି । ଏହି ଚାରୋଟି ଗଳ୍ପର ବିଶେଷତ୍ୱ ହେଲା ଏହା ମଧ୍ୟରେ ରହିଥିବା ଅଚ୍ଛେଦ୍ୟ ସମ୍ପର୍କ, ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ବିଶଦ ଭାବେ ଆଲୋଚିତ ହେବ ।

'ତୃଷ୍ଣା ବିତୃଷ୍ଣା' ଗଳ୍ପରେ ଦର୍ପ ନାରାୟଣଙ୍କ ଜୀବନକୁ କେନ୍ଦ୍ର କରି ସ୍ନେହ, ପ୍ରେମ, ଶିକ୍ଷା, ରାଜନୀତି କ୍ଷେତ୍ରରେ ଥିବା ପ୍ରତିଯୋଗିତା ସମ୍ପର୍କିତ ଘଟଣା ଉପସ୍ଥାପିତ କରି ସେ ଦେଖାଇଛନ୍ତି ତୃଷ୍ଣା ଭିତରେ କିଭଳି ବିତୃଷ୍ଣା ମୁଣ୍ଡ ଟେକି ଉଠେ । 'ପାଗଳ ଗାରଦର କାହାଣୀ' ଗଳ୍ପରେ ଅବସରପ୍ରାପ୍ତ ବୃଦ୍ଧ ସନାତନ ମହାପାତ୍ର ଅବସର ଗ୍ରହଣ ପରେ ଗତାନୁଗତିକ ଜୀବନରେ ଉତ୍ତେଜନା ଓ ନୂତନତ୍ୱ ପାଇବା ପାଇଁ ନାତି ସହିତ ବାଳସୁଲଭ ପ୍ରତିକ୍ରିୟା ଦେଖାଇ ଶେଷରେ ପାଗଳ ରୂପେ ଅଭିହିତ ହୋଇଛନ୍ତି ।

'ବଳୀବର୍ଦ୍ଦ' ଗଳ୍ପରେ ଜଗଦମ୍ବା ବେଣ୍ଡ ପାର୍ଟିର କେନ୍ଦ୍ରବିନ୍ଦୁ ଥିବା ରାମୁଲୁ କ୍ରମେ ବୃଦ୍ଧାବସ୍ଥାରେ ସମସ୍ତଙ୍କ ଦ୍ୱାରା ତଥା ସର୍ବୋପରି ନିଜର ବେଣ୍ଡ ପାର୍ଟି ମଧ୍ୟରେ ଅବହେଳିତ ଅବସ୍ଥାରେ ଚିଡ଼ିଆଖାନାର ସିମ୍ପାଞ୍ଜି ଭଳି ଅସହାୟ ଭାବେ କେବଳ ମିଞ୍ଚିମିଞ୍ଚି ଚାହୁଁଛି । ଅନୁରୂପ ଭାବେ 'ଅତୀତ ବର୍ତ୍ତମାନ କାଳ'

ଗଳ୍ପରେ ଏକଦା କଣ୍ଟାକ୍ଟରୀର ଶୀର୍ଷ ସ୍ଥାନରେ ଥିବା ମି. ଚୌଧୁରୀ ବୃଦ୍ଧାବସ୍ଥାରେ ମାଛ ଚାଷ ଯୋଜନା ପାଇଁ ବ୍ୟାଙ୍କରୁ ଋଣ ସଂଗ୍ରହ ଚେଷ୍ଟାରେ ଅଛନ୍ତି । ମି. ଚୌଧୁରୀଙ୍କର ସ୍ଥିତି ସଚେତନତାର ଅନ୍ତରାଳରେ ରହିଥିବା ଅସହାୟତାର ଚିତ୍ର ଗାଳ୍ପିକ ଦେଇଛନ୍ତି । ବାସ୍ତବ ସତ୍ୟ ଘଟଣାକୁ କେନ୍ଦ୍ର କରି ରଚିତ ହୋଇଥିବା 'ଇନ୍ଦ୍ରଦ୍ୟୁମ୍ନ' ଗଳ୍ପରେ ସ୍ଥିତି ସଚେତନ କୁଷ୍ଠରୋଗୀର ଜୀବନର ନିଃସଙ୍ଗତା ଚିତ୍ର ସେ ଉପସ୍ଥାପନ କରିଛନ୍ତି । ସୁରେନ୍ଦ୍ରଙ୍କ ଗଳ୍ପ ଜଗତରେ ଚରିତ୍ରର ମନ ବିଶ୍ଳେଷଣ ଏକ ମୁଖ୍ୟ ବିଷୟ ; ତେବେ ଏଠାରେ ଉଲ୍ଲିଖିତ ଗଳ୍ପଗୁଡ଼ିକ କେବଳ ମଣିଷର ବିଭିନ୍ନ ଅବସ୍ଥାର ମନସତାତ୍ତ୍ୱିକ ଦିଗକୁ କେନ୍ଦ୍ର କରି ଅସହାୟତା, ନିଃସଙ୍ଗତା ତଥା ସ୍ଥିତିବାଦୀ ଦର୍ଶନ ଦୃଷ୍ଟିରୁ ଚରିତ୍ରଗୁଡ଼ିକର ଚିତ୍ରଣ କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ସୁରେନ୍ଦ୍ରଙ୍କ ଗଳ୍ପଜଗ ସମ୍ଭାରକୁ ଉପଜୀବ୍ୟ କରି ମନସ୍ତାତ୍ତ୍ୱିକ ବିଶ୍ଳେଷଣର ବିଚାର କରାଯାଇଅଛି ।

**ପ୍ରେମ ଗଳ୍ପ : [ବେଲୁନ (୧୯୪୬), ସବୁଜ ପତ୍ର ଓ ଧୂସର ଗୋଲାପ (୧୯୫୫), କ୍ଳାନ୍ତ ତୈତାଳୀ (୧୯୭୧), ଶାପ (୧୯୬୭), ତାତା (୧୯୬୭), ଦିନେ ସନ୍ଧ୍ୟାରେ କମଳର ତନ୍ତୁ (୧୯୭୦), ସୁନାମାହାରୀ କେନ୍ଦ୍ରାତୀଗ (୧୯୬୯), ସେ ଓ ମୁଁ (୧୯୫୭), ଶାଳ ଭଞ୍ଜିକା (୧୯୫୭), ମୁହୂର୍ତ୍ତ (୧୯୫୮), କାକ୍‌ଟସ୍ (୧୯୬୫), ଭବସାଗରକୂଳେ (୧୯୬୨), ପ୍ରିୟତମାସୁ (୧୯୭୦), ନୀଳଜ୍ୟୋସ୍ନା (୧୯୫୮), ଶେଷ ରାତିର ଏକ୍ସପ୍ରେସ୍ (୧୯୬୫), ସିଗାରେଟ୍ (୧୯୪୯), ନିଃସଙ୍ଗ ଆକାଶ (୧୯୬୩), ଗୋଟିଏ ପ୍ରେମ ଗଳ୍ପ (୧୯୭୨) ପ୍ରେତିନୀର ନାଚ (୧୯୭୭), ବେଗମ୍ କୋଠି, ଇମେଜ୍, ଅହଲ୍ୟା]**

ଯଦିଓ ଗାଳ୍ପିକ ସୁରେନ୍ଦ୍ର କହିଛନ୍ତି ଯେ, Reason ବା ହେତୁବାଦ ଓ ଇମୋସନ୍ ବା ଆବେଗ ତାଙ୍କ ଲେଖାର ଭିତ୍ତି- କେବଳ Instinct ବା ପ୍ରେରଣା ନୁହେଁ । ସେଥିପାଇଁ ତାଙ୍କର ଛୋଟଗପଗୁଡ଼ିକରେ ପ୍ରେମ, ପ୍ରଣୟ ବିରହ ପ୍ରତୀକ୍ଷା ଓ ଆକାଂକ୍ଷା ପ୍ରଭୃତିର ଶୋଚନୀୟ ଅଭାବ ଦେଖାଯାଏ । (ମହାନ୍ତି, ୧୯୬୭, ପୃ: ୧) ହୁଏତ ପ୍ରେମଗଳ୍ପ ମଧ୍ୟରେ ମଣିଷ ଜୀବନର ଅସହାୟତାର ଚିତ୍ର ପରିବେଷଣ କରିବା ସ୍ରଷ୍ଟାଙ୍କର ଅଭିପ୍ରାୟ ଥିବ । ଯଦି ତାହା ହୁଏ ଏ କ୍ଷେତ୍ରରେ Instict ବା ପ୍ରେରଣା ବଡ଼ କଥା ନୁହେଁ ବରଂ ତଦ୍‌ଜନିତ କାରୁଣ୍ୟ ହିଁ ଲକ୍ଷ୍ୟଣୀୟ ହୋଇଥାଏ ।

ଏହି ପୃଷ୍ଠଭୂମିରେ ଗାଳ୍ପିକଙ୍କ ସୃଷ୍ଟି ସମ୍ଭାର ପ୍ରତି ଦୃକ୍‌ପାତ କଲେ ପ୍ରଥମେ ଆଖିରେ ପଡ଼ିଥାଏ 'ବେଲୁନ' ଗଳ୍ପ । ଏହି ଗଳ୍ପରେ ପେଭଲଭଙ୍କ Conditioned Reflex theory ଗାଳ୍ପିକଙ୍କ ତାସ୍‌ର ପ୍ରାସାଦ ପରି ଭାଙ୍ଗି ପଡ଼ିଛି । ତାସ୍‌ରୀ ରଚନାରୀତିରେ ନାୟକ ମୁଁ ଓ କଲ୍ୟାଣୀର ପ୍ରେମ ଚିତ୍ର ଉପସ୍ଥାପନ, ତଥା ମୁଁ ଚରିତ୍ରର ପରିଣତ ବୟସରେ ପୁଅ ଶ୍ୟାମଳ ଓ ତାର ସହପାଠିନୀ ସରୋଜାର ପ୍ରେମଚିତ୍ର ଉପସ୍ଥାପନ କରି ପ୍ରତିପାଦନ କରିଛନ୍ତି ଯେ ପ୍ରେମ ଦେହଘଷା ମନେ ହେଲେ ହେଁ ପ୍ରେମମୟ ଜୀବନରେ ସ୍ୱପ୍ନ ଓ ବାସ୍ତବତା ମଧ୍ୟରେ ରହିଛି ତୃଷା ଓ ଜଳର ସମ୍ପର୍କ । ତେଣୁ ପ୍ରେମ ଗାଳ୍ପିକଙ୍କ ମତରେ ଶାଶ୍ୱତ । ଏହି ଶାଶ୍ୱତ ପ୍ରେମର ଚିତ୍ର ତାଙ୍କର ପରବର୍ତ୍ତୀ 'ନର୍ତ୍ତକୀ', 'ବଳିଦାନ', 'ଅମ୍ବାପଲ୍ଲୀ', 'ଆଦିମ ଓ ଶତରୂପା' ଆଦି ବହୁ ପୂର୍ବାଲୋଚିତ ବିଭିନ୍ନ ଶ୍ରେଣୀର ଗଳ୍ପରେ ଚିତ୍ରଣ କରିଛନ୍ତି । ମାତ୍ର ପ୍ରେମର ବହୁବିଧ ବିଭାବର

ଚିତ୍ର, ଯଥା ଫ୍ରଏଡ୍‌ଙ୍କ ଯୌନତତ୍ତ୍ୱ, ଦାମ୍ପତ୍ୟ ଜୀବନ, ପ୍ରେମକ୍ଷେତ୍ରରେ ଛଳନା ଓ ଅଶ୍ରୁ ତଥା ସର୍ବୋପରି ଦେହାତୀତ ଏକନିଷ୍ଠ ପ୍ରେମର ଚିତ୍ର ତାଙ୍କର ଗଳ୍ପଗୁଡ଼ିକରେ ଲକ୍ଷ୍ୟ କରାଯାଏ ।

ଫ୍ରଏଡ୍‌ଙ୍କର ଯୌନତତ୍ତ୍ୱ ଅନୁସରଣରେ "ସବୁଜ ପତ୍ର ଓ ଧୂସର ଗୋଲାପ" ଗଳ୍ପରେ ଟି.ପି. ଜୋସେଫ୍ ଓ ମିସ୍ ଡ୍ରାଇଭର ଚରିତ୍ର ମାଧ୍ୟମରେ ମଣିଷ ମନରେ ଅଭ୍ୟନ୍ତରରେ ଦେଖା ଦେଇଥିବା ଅବଦମିତ ଯୌନପିପାସାର ଯେଉଁ ରୂପ ଉଦ୍‌ଘାଟିତ ହୋଇଛି, ତାହା "ସାପ" ଗଳ୍ପରେ ଅଧିକ ତୀବ୍ର ହୋଇଛି । ଏହି ଗଳ୍ପରେ ଜୀବନାନନ୍ଦ ଯମୁନାବହେନକୁ କେନ୍ଦ୍ର କରି ସାପ ସମ୍ପର୍କିତ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ଫ୍ରଏଡ୍‌ଙ୍କ ତତ୍ତ୍ୱ ଅନୁଯାୟୀ ତାଙ୍କର ଅବଚେତନ ମନ ମଧ୍ୟରେ ଅବଦମିତ ହୋଇ ରହିଥିବା ଯୌନଚେତନାକୁ ବିଶ୍ଳେଷଣ କରିବାରେ ସହାୟତା କରିଛି । ଆଶ୍ରମର ଗୋଶାଳାରେ କେଳି ପ୍ରମତ୍ତ ଉନ୍ମତ୍ତ ଷଣ୍ଢକୁ ପ୍ରହାର ମାଧ୍ୟମରେ ତଡ଼ିବା ପାଇଁ ଜୀବନାନନ୍ଦଙ୍କ ଆଦେଶ ତଥା ଯମୁନାଦେବୀଙ୍କୁ ତାଙ୍କ ପଦବୀରୁ ବିଦାୟ ଦେବା ମାଧ୍ୟମରେ ସହଜାତ ଯୌନବୁଭୁକ୍ଷାର ପ୍ରବୃତ୍ତିରୁ ଆତ୍ମରକ୍ଷା କରିବା ପାଇଁ ପ୍ରଚେଷ୍ଟା କରିଛନ୍ତି । ଅନୁରୂପ ଭାବେ "କ୍ଲାନ୍ତ ବୈତାଳୀ" ଗଳ୍ପରେ ଶିକ୍ଷୟିତ୍ରୀ ମିସ୍ ମାଳିକା ଦେବୀ ଓ ଅବସରପ୍ରାପ୍ତ ବୃଦ୍ଧ ରମଣୀକାନ୍ତ ଚରିତ୍ର ମାଧ୍ୟମରେ ମଣିଷ ମନ ଅନ୍ତରାଳରେ ରହିଥିବା ଯୌନ ପିପାସାର ଚିତ୍ର ଲକ୍ଷଣୀୟ । ମିସ୍ ମାଳିକା ଦେବୀଙ୍କ ଅତୀତ ରୋମନ୍ଥନ ମଧ୍ୟରେ ଫ୍ରଏଡ୍‌ୀୟତତ୍ତ୍ୱ ତଥା ପ୍ରତୀକ ବ୍ୟବହାର କରି ଗାଳ୍ପିକ ନାରୀ ମନର ସହଜାତ ଦୁର୍ବଳତା ଓ ଈର୍ଷାର ମନସ୍ତାତ୍ତ୍ୱିକ ସ୍ୱରୂପ ଉଦ୍‌ଘାଟନ କରିଛନ୍ତି ।

"ଡାଡା" ଗଳ୍ପରେ ବୃଦ୍ଧ କରୁଣାନିଧିଙ୍କ ଚରିତ୍ର ଉପସ୍ଥାପନ ମଧ୍ୟରେ ଆଧୁନିକ ସମାଜରେ ଯୌନ ବିକୃତିର ରୂପ ଗାଳ୍ପିକ ଉଦ୍‌ଘାଟନ କରିଛନ୍ତି । ଅନୁରୂପ ଭାବେ 'ଦିନେ ସନ୍ଧ୍ୟାରେ' ଓ 'କମ୍ବଳର ତମ୍ବୁ' ଗଳ୍ପରେ ଗାଳ୍ପିକ ନର୍ସ ତପତୀ ଓ ଚାକରାଣୀ ଲଛମୀକୁ ନେଇ ଯଥାକ୍ରମେ ଅମିତାଭ ଓ ସନ୍ତୋଷ ଭଳି ଚରିତ୍ରର ଅସନ୍ତୁଳିତ ମାନସିକ ଅବସ୍ଥା ମାଧ୍ୟମରେ ଯୌନ ବୁଭୁକ୍ଷାର ଚିତ୍ର ଉଦ୍‌ଘାଟନ କରିଛନ୍ତି । 'ସୁନା ମାହାରୀ' ଗଳ୍ପରେ ପ୍ରେମ ଜନିତ ମଣିଷ ମନର ଅଭ୍ୟନ୍ତରରେ ରହିଥିବା ଈର୍ଷା ତଥା ନାରୀ ଚରିତ୍ରର ପ୍ରତିଶୋଧ ପରାୟଣତାକୁ ସୁନାମାହାରୀ, ଜମିଦାର ଶୁଭେନ୍ଦୁ ଶେଖର ଓ ରାଇଚରଣର ଚରିତ୍ର ସାହାଯ୍ୟରେ ଉପସ୍ଥାପନ କରାଯାଇଛି । ତଥା 'କେନ୍ଦ୍ରାତୀଗ' ଗଳ୍ପରେ ସେକ୍ରେଟାରୀ ଉତ୍ପଳାର ଚରିତ୍ର ମାଧ୍ୟମରେ ନାରୀ ମନର ଈର୍ଷା ତଥା ଯୌନ ବିକୃତିର ଚିତ୍ର ଗାଳ୍ପିକ ଉପସ୍ଥାପନ କରିଛନ୍ତି । ଉପରେ ଆଲୋଚିତ ଗଳ୍ପଗୁଡ଼ିକରେ ତେଣୁ ପ୍ରେମର ଚିତ୍ର ଅପେକ୍ଷା ଯୌନ ବୁଭୁକ୍ଷା ଓ ଫ୍ରଏଡ୍‌ଙ୍କ ଯୌନ ତତ୍ତ୍ୱ ପ୍ରତିପାଦନ ହିଁ ଗାଳ୍ପିକଙ୍କ ମୁଖ୍ୟ ଉଦ୍ଦେଶ୍ୟ ।

ମଣିଷ ସୃଷ୍ଟ ସାମାଜିକ ଅନୁଷ୍ଠାନ ବିବାହ ପରେ ନରନାରୀ ମଧ୍ୟରେ ଦାମ୍ପତ୍ୟ ଜୀବନର ପ୍ରେମକୁ କେନ୍ଦ୍ର କରି ଗାଳ୍ପିକ କେତେଗୁଡ଼ିଏ ଗଳ୍ପ ରଚନା କରିଛନ୍ତି । ଏହି ପର୍ଯ୍ୟାୟର ପ୍ରଥମ ଗଳ୍ପ ହେଉଛି 'ସେ ଓ ମୁଁ' । ଏହି ଗଳ୍ପରେ ଅସୁନ୍ଦରୀ ବିଶ୍ରୀକୁମ ସପତ୍ନୀ ସୁରମାର ଜ୍ୱାଳା ତଥା ପତିର ହତାଦର ମଧ୍ୟରେ ବି ସ୍ୱାମୀ ପ୍ରତି ରହିଥିବା ଏକନିଷ୍ଠ ପ୍ରେମ ଓ କୁନାମୁନା ପ୍ରତି ଅପତ୍ୟ ସ୍ନେହ ମଧ୍ୟରେ ବଞ୍ଚି ରହିଛି । ତା ଅନ୍ତରରେ ଏକମାତ୍ର କାମନା ସ୍ୱାମୀର ସୋହାଗ ପାଇବା । ଶେଷରେ ସେ ଅସଫଳ ଭାବେ ଆତ୍ମହତ୍ୟା କରିଛି । 'ମୁହୂର୍ତ୍ତ' ଗଳ୍ପରେ ବିଳମ୍ବିତ ବୟସରେ ନୂତନ ପରିଣିତ ଜୀବନରେ ଆବଦ୍ଧ ହୋଇଥିବା ଶ୍ରୀମତୀ ଓ ଶ୍ରୀମାନ୍‌ସୋମ୍ ଟ୍ରେନ୍ କମ୍ପାର୍ଟମେଣ୍ଟରେ ଆଖିରେ

ଆଖିଏ କାମନା ନେଇ ପ୍ରତି ମୁହୂର୍ତ୍ତକୁ ଉପଭୋଗ କରିବାର ଚିନ୍ତାଧାରା ନେଇ ଯାତ୍ରା କରୁଛନ୍ତି । ତା' ଭିତରେ ମୁଁ ଚରିତ୍ର ମାଧ୍ୟମରେ ପରଦାରାସକ୍ତ ପ୍ରାଗୈତିହାସିକ ଜାନ୍ତବ ପୌରୁଷ ନୀତିବାଦୀର ମୁଖାପିନ୍ଧି ଖବର କାଗଜ ଉତ୍ତାଳରୁ ବାହାରି ପଡ଼ିଛି । ତେଣୁ ମଧୁ ଯାମିନୀ ଉପଭୋଗ ପାଇଁ ଯାତ୍ରାରତ ନବଦମ୍ପତି ଓ ମୁଁ ଚରିତ୍ର ମଧ୍ୟରେ ଏକ ପ୍ରକାର ମାନସିକ ଦ୍ୱନ୍ଦ୍ୱର ଉପସ୍ଥାପନା ଗାଳ୍ପିକ ଏହି ଗଳ୍ପରେ କରିଛନ୍ତି । "କାକ୍‌ଟସ୍" ଗଳ୍ପରେ ନଗର ଜୀବନରେ ଦେଖା ଦେଇଥିବା ଦାମ୍ପତ୍ୟ ଜୀବନର ବ୍ୟର୍ଥତା ତଥା ପରକୀୟା ପ୍ରୀତିର ଆଶ୍ରୟ ନେଇ ଜୀବନକୁ ରଙ୍ଗୀନ କରିବାର କାମନା ରଖିଥିବା ମିସେସ୍ ରାଜନ ଓ ମି. ମାଥୁରଙ୍କ ଚରିତ୍ର ପ୍ରତି ଅହେତୁକ ଈର୍ଷାନ୍ୱେଷୀ ମଣ୍ଟୁ ଚରିତ୍ରର ଉପସ୍ଥାପନ କରି ନାରୀ ମନର ମନସ୍ତତ୍ତ୍ୱ ବିଶ୍ଳେଷଣ କରିବା ସଙ୍ଗେ ସଙ୍ଗେ ଇଂରେଜ ଦମ୍ପତି ମିସେସ୍ ଓ ମି. ବେଲିଙ୍କ ସଫଳ ଦାମ୍ପତ୍ୟ ଜୀବନର ଚିତ୍ର ଅବତାରଣା ମାଧ୍ୟମରେ ଆଧୁନିକ ସମାଜକୁ ଗାଳ୍ପିକ ବ୍ୟଙ୍ଗ୍ୟ କରିଛନ୍ତି । ଦାମ୍ପତ୍ୟ ଜୀବନ କୈନ୍ଦ୍ରିକ ଏହି ଗଳ୍ପଗୁଡ଼ିକ ଅନୁଧ୍ୟାନ କଲେ ଜଣାଯାଏ, ରୂପ, ଯୌନାବେଗ ଆଦିର ବହୁ ଊର୍ଦ୍ଧ୍ୱରେ ସ୍ୱାମୀ-ସ୍ତ୍ରୀର ପରସ୍ପର ପାଖରେ ସମର୍ପଣ ମଧ୍ୟରେ ହିଁ ଦାମ୍ପତ୍ୟ ସୁଖର ମହନୀୟତା ରହିଛି ।

ଯୌନ ତତ୍ତ୍ୱ ଓ ଦାମ୍ପତ୍ୟ ଜୀବନରେ ବିଫଳତାର ବହୁ ଊର୍ଦ୍ଧ୍ୱରେ ମାନସିକ ସ୍ତରରେ ରହିଥିବା ପ୍ରେମର ଚିତ୍ର ମାଧ୍ୟମରେ ତ୍ୟାଗ, ଅପେକ୍ଷା ତଥା ଅତୀତର ପ୍ରେମ ପ୍ରତି ଆକର୍ଷଣ ଗାଳ୍ପିକ ସୁରେନ୍ଦ୍ରଙ୍କ କେତେକ ଗଳ୍ପରେ ପ୍ରକାଶିତ । ତାଙ୍କର 'ଭବସାଗର କୂଳେ' ଗଳ୍ପଟି ଧନୀ ଗରିବର ଭେଦାଭେଦ ପ୍ରେମ କ୍ଷେତ୍ରରେ ଯେଉଁ ବାଧା ସୃଷ୍ଟି କରେ ତାରି ଉପରେ ଭିତ୍ତି କରି ରଚିତ । ଧନୀ କନ୍ୟା ମେଘମାଳା ଗରୀବ କୃତୀ ଛାତ୍ର ଶୁଭକାନ୍ତର ପ୍ରେମର ଏକନିଷ୍ଠତା ସହ ଖେଳ ଖେଳିଛି । ଶୁଭକାନ୍ତକୁ ପ୍ରତ୍ୟାଖ୍ୟାନ କରି ସେ ଅନ୍ୟତ୍ର ବିବାହ କରି ଚାଲି ଯାଇଛି । ପରବର୍ତ୍ତୀ ଜୀବନରେ ଶୁଭକାନ୍ତର ମେଘମାଳା ପାଇଁ ଥିବା ପ୍ରେମର ଏକନିଷ୍ଠତା ଓ ତାର ଦାମ୍ପତ୍ୟ ଜୀବନକୁ ସୁଖମୟ କରିବା ପାଇଁ କରିଥିବା ତ୍ୟାଗ ମଧ୍ୟରେ ମେଘମାଳା ଚରିତ୍ରକୁ ଏକାନ୍ତ ଭାବେ ନ୍ୟୁନ କରି ଦିଆଯାଇଛି । ଅନୁରୂପ ଭାବେ 'ପ୍ରିୟ ତମାସୁ' ଗଳ୍ପରେ ଶିଳ୍ପୀ ଭୂଦେବ ନିଜ ଅନ୍ତରର ସବୁ ହୃଦୟାବେଗ ଦେଇ ସୁମିତ୍ରାକୁ ଭଲ ପାଇଛି । ତା'ଦ୍ୱାରା ଆୟୋଜିତ ଚିତ୍ର ପ୍ରଦର୍ଶନୀରେ ସୁମିତ୍ରାର ଚିତ୍ରକୁ ଅନ୍ନ ସଂସ୍ଥାନ ପାଇଁ ଧନୀକ ବୃଦ୍ଧଙ୍କୁ ବିକ୍ରି କରିନାହିଁ । ମାତ୍ର ଭୂଦେବ ଅନ୍ତରର ସମସ୍ତ ପ୍ରେମକୁ ପ୍ରତ୍ୟାଖ୍ୟାନ କରି ଧନୀକ ବୃଦ୍ଧ ପାଖରେ ସୁମିତ୍ରା ନିଜକୁ ନିର୍ଲ୍ଲଜ ଭାବେ ସମର୍ପଣ କରି ଦେଇଛି । ଭୂଦେବର ମନେ ହୋଇଛି ପ୍ରେମର ମାଂସଳ ପଣ୍ୟ ବଜାରରେ ତାର ଏକ ନିଷ୍ଠ ପ୍ରେମକୁ ସୁମିତ୍ରା ନିଲାମ କରି ଦେଇଛି । ଏ ଦୁଇଟି ଗଳ୍ପର ଅନ୍ତଃସ୍ୱର ପ୍ରାୟ ସମାନ । କ୍ଷମତା ଓ ଅର୍ଥ ହିଁ ନାରୀ ପାଖରେ ଏକମାତ୍ର ଅବଲମ୍ୱନ ଏହାହିଁ ଏହି ଗଳ୍ପ ଦୁଇଟିର ପ୍ରତିପାଦ୍ୟ ତଥ୍ୟ ।

ଗାଳ୍ପିକଙ୍କ ଆଦ୍ୟ ପର୍ଯ୍ୟାୟର ଗଳ୍ପ 'ସିଗାରେଟ୍'ରେ ଅଧ୍ୟାପକ ଜୀବନରୁ ବିଦାୟ ନେଇଥିବା ମୁଁ ଚରିତ୍ର ଚୈତ୍ରର ପତ୍ର ମର୍ମରିତ ରାତ୍ରିରେ ପୁଅ ସୁନୀତର ଅପେକ୍ଷାରେ ବୃଦ୍ଧ ବୟସରେ ନିଜ ମାର୍କେଭିତ ସିଗାରେଟ୍ ଚୋରିର ହିସାବ ନେବାକୁ ଜଗି ବସିଛନ୍ତି । ଦାମ୍ପତ୍ୟ ଜୀବନର ନାଟକରେ ସ୍ଥିତଧୀ ବିଦୂଷକ ସାଜିଥିବା ମୁଁ ଚରିତ୍ରର ଅତୀତ ରୋମନ୍ଥନ ମଧ୍ୟରେ ସେ କିଭଳି ଶିକ୍ଷା ଠାରୁ ପ୍ରେମ ପର୍ଯ୍ୟନ୍ତ ବିପ୍ଳବୀ ଥିଲେ ତାର ଚିତ୍ର ଇଂରାଜୀ ଶିକ୍ଷା ଲାଭଠୁ ବ୍ରାହ୍ମ ସମାଜୀ କାନ୍ତିମୟୀଙ୍କୁ ବିବାହ ପ୍ରସ୍ତାବ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଗାଳ୍ପିକ ଦେଇଛନ୍ତି । ଯଦିଓ କାନ୍ତିମୟୀ ସହ ବିବାହ ହେଲା ନାହିଁ, ତଥାପି ଅତୀତର ରୋମନ୍ଥନ ମଧ୍ୟରେ ପୁଅ ସୁନୀତର ପଞ୍ଜାବୀ ପକେଟରୁ ଇଭିନିଂ

ଇନ୍ ପେରିସ୍ ଅତର ଛିଣ୍ଡା ପ୍ରେମପତ୍ର ପାଇ ପୁଅର ବର୍ତ୍ତମାନ ମଧ୍ୟରେ ନିଜର ଅତୀତକୁ ଅବସ୍ଥାପିତ କରିଛନ୍ତି । ଆରମ୍ଭ କାଳର ଏହି ଗଳ୍ପରେ ଗାଳ୍ପିକଙ୍କର ଅତୀତ ଜୀବନ ପ୍ରତି ଆସକ୍ତି ତଥା ଦେହାତୀତ ପ୍ରେମର ସ୍ମୃତି ତାଙ୍କର ପରବର୍ତ୍ତୀ ଗଳ୍ପଗୁଡ଼ିକରେ ଅଧିକ ସୁସ୍ପଷ୍ଟ ହୋଇଛି ।

"ଶାଳଭଞ୍ଜିକା" ଗଳ୍ପରେ ଶ୍ୟାମଳ ଓ ସୁକାନ୍ତିର ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି କରୁଥିବା ମନୀଷା ଚରିତ୍ରର ଅନାଲୋକିତ ଦିଗ ଦାମ୍ପତ୍ୟ କଳହର ପରିସମାପ୍ତି ପାଇଁ ଶ୍ୟାମଳ ଗଳ୍ପ ଶେଷାଂଶରେ ବର୍ଣ୍ଣନା କରିଛି । ମନୀଷା ନାରୀତ୍ୱର ଆବେଦନ ଦୃଷ୍ଟିରୁ ଫ୍ରିଜଡ୍ ଥିବା କଥା ଜଣାପାଇଛି । ତାରି ଅପେକ୍ଷାରେ ଏକନିଷ୍ଠ ଭାବେ ଭଲ ପାଉଥିବା ପ୍ରଶାନ୍ତ ପଟ୍ଟନାୟକ ଅବିବାହିତ ରହି ଯାଇଛି । ଏହି ଗଳ୍ପ ମଧ୍ୟରେ ମନୀଷା ଓ ପ୍ରଶାନ୍ତ ପଟ୍ଟନାୟକର ଦେହାତୀତ ପ୍ରେମ ମଧ୍ୟରେ ରହିଥିବା ଏକନିଷ୍ଠତା ପ୍ରକାଶିତ ହୋଇଛି । ପରବର୍ତ୍ତୀ ଗଳ୍ପ "ନୀଳଜ୍ୟୋତ୍ସ୍ନା"ରେ ଦାମ୍ପତ୍ୟ ଜୀବନର ମାଂସଳ ଆକର୍ଷଣର ବହୁ ଊର୍ଦ୍ଧ୍ୱରେ ଦେହାତୀତ ପ୍ରେମର ଚିତ୍ର ଗାଳ୍ପିକ ଉପସ୍ଥାପନ କରିଛନ୍ତି । ଏହି ଗଳ୍ପର ନାୟିକା କଲ୍ୟାଣୀ ପାଇଁ ତାର ବୈବାହିକ ଜୀବନ ଏକ ଉଦ୍ଦେଶ୍ୟହୀନ ଦାୟିତ୍ୱ । ବୈବାହିକ ଜୀବନରେ ତାର ମାତୃତ୍ୱର କ୍ଷୁଧା ପ୍ରଶମିତ ହୋଇଥାଇପାରେ; ମାତ୍ର ତାର ନାରୀତ୍ୱର ପରିପୂର୍ଣ୍ଣତା ସେ ପାଇନାହିଁ । ତେଣୁ କଲ୍ୟାଣୀ ସହ ମୁଁ ଚରିତ୍ରର ସମ୍ପର୍କ ଦେହାତୀତ ପ୍ରେମର ସମ୍ପର୍କ । ଏହି ଦେହାତୀତ ପ୍ରେମ ମଧ୍ୟରେ ସେମାନେ କାମନାତୀତ ପ୍ରେମର ଉପଲବ୍ଧି କରିଛନ୍ତି । ଏହି ଭାବର ଆହରଣ ପାଇଁ ତାଙ୍କର ପରବର୍ତ୍ତୀ ଗଳ୍ପ "ନିଃସଙ୍ଗ ଆକାଶ"ର ମଣ୍ଟୁ ସହରୀ ଜୀବନର ନିଃସଙ୍ଗତା ଓ ଅସହାୟତାରୁ ମୁକ୍ତି ପାଇଁ ଏକାକୀ ଭାବେ ଯାଇ ନୟନପୁର ଷ୍ଟେସନ୍‌ରେ ପହଞ୍ଚିଛି । ପୌଗଣ୍ଡ କାଳର ମଣ୍ଟୁ ମନରେ ରହିଥିବା 'ନୀଳକଇଁ' ପାଇଁ ଏକ ଅହେତୁକ ବିଦେହୀ ଆକର୍ଷଣ ଯୋଗୁଁ ସେ ଯାଇ ସୁନା ଅପାର ଘରେ ପହଞ୍ଚିଛି । ମାତ୍ର ପାରିବାରିକ ଜୀବନରେ ସ୍ୱାର୍ଥପରତା ଓ ଆସକ୍ତି ସେଠି ମଧ୍ୟ ସେ ଅନୁଭବ କରିଛି । କିନ୍ତୁ ନିଜର କଳ୍ପନାର ନୀଳକଇଁର ବୈଧବ୍ୟର ବିବର୍ଣ୍ଣ ରୂପ ଦେଖି ସେ ଆଘାତ ପାଇ ପ୍ରତ୍ୟାବର୍ତ୍ତନ କରିଛି । ନାରୀର ମଧ୍ୟ ଅତୀତର ପ୍ରେମ ପ୍ରତି ଐକାନ୍ତିକ ଆକର୍ଷଣ ତଥା ଅପେକ୍ଷାର ଚିତ୍ର "ଶେଷରାତିର ଏକ୍ସପ୍ରେସ୍" ଗଳ୍ପରେ ଚିତ୍ରିତ । ଏକଦା ଅପେକ୍ଷା କରିବାକୁ କହିଯାଇଥିବା ପୁରୁଷର ଆଦେଶକୁ ନାରୀ କିଭଳି ବର୍ଷ ବର୍ଷ ଧରି ଷ୍ଟେସନ୍ ଓ୍ୱେଟିଙ୍ଗ୍ ରୁମ୍‌ରେ ପଡ଼ି ରହି ପାଳନ କରିଛି ତାର ଚିତ୍ର ଏହି ଗଳ୍ପରେ ପ୍ରଦାନ କରାଯାଇଛି ।

"ଗୋଟିଏ ପ୍ରେମ ଗଳ୍ପ" ଗଳ୍ପରେ ଆର୍ଟ ଏକଜିବିସନ୍‌ରେ ଦୀର୍ଘ ଚଉଦ ବର୍ଷର ବ୍ୟବଧାନରେ ଏକଦା ପ୍ରେମିକା ଜସ୍ନାର ସାକ୍ଷାତ ତଥା "ପ୍ରେତିନୀର ନାଚ" ଗଳ୍ପରେ ହଠାତ୍ ମଧୁପୁର ଷ୍ଟେସନ୍ ଓ୍ୱେଟିଙ୍ଗ୍ ରୁମ୍‌ରେ ଏକଦା ସହପାଠିନୀ ତଥା ହୃଦୟେଶ୍ୱରୀ କଲ୍ୟାଣୀ ସହ ନିଖିଳ ଚୌଧୁରୀର ସାକ୍ଷାତ ମଧ୍ୟରେ ଅତୀତର ଅବଦମିତ ପ୍ରେମ ଆଖ୍ୟାନର ରୋମନ୍ଥନ ମାଧ୍ୟମରେ ସୁବ୍ରତ ଓ ଜସ୍ନା ତଥା ନିଖିଳ ଏବଂ କଲ୍ୟାଣୀର ଅତୀତ ଜୀବନର ଏକ ପ୍ରେମମୟ ଅନୁଭୂତିର ଚିତ୍ର ବର୍ଣ୍ଣିତ ।

ଗାଳ୍ପିକ ସୁରେନ୍ଦ୍ରଙ୍କ ବିଭିନ୍ନ ପର୍ଯ୍ୟାୟର ପ୍ରେମଗଳ୍ପ ଆଲୋଚନା କଲେ ତନ୍ମଧ୍ୟରୁ ପ୍ରେମମୟ ଅନୁଭୂତିର ଆକର୍ଷଣକୁ କେନ୍ଦ୍ର କରି ରଚିତ ହୋଇଥିବା ଗଳ୍ପଗୁଡ଼ିକ ପାଠକମନରେ ଏକ ସ୍ୱତନ୍ତ୍ର ଆବେଦନ ସୃଷ୍ଟି କରିଥାଏ । ତଥା ପ୍ରେମଗଳ୍ପ ମଧ୍ୟରୁ ଏହି ପର୍ଯ୍ୟାୟର ଗଳ୍ପଗୁଡ଼ିକ ଓଡ଼ିଆ ଗଳ୍ପ ସାହିତ୍ୟରେ ଏକ ବିଶିଷ୍ଟତା ଦାବି କରେ, କାରଣ ଏଗୁଡ଼ିକରେ ମଣିଷ ଜୀବନର ଅସହାୟତା ତଥା ତଦ୍‌ଜନିତ କାରୁଣ୍ୟ ହିଁ ମୁଖ୍ୟ ସ୍ୱର ରୂପେ ଚିତ୍ରିତ ହୋଇଅଛି ।

**ବ୍ୟଙ୍ଗାତ୍ମକ ଗଳ୍ପ : [ସ୍ୱପ୍ନରେ ମନ୍ଦୋଦରୀ (୧୯୫୨), ଶେଷ କବିତା (୧୯୫୪), ଜୀଅନ୍ତାଭୂତ (୧୯୬୦), ଭାଙ୍ଗପୁରର ଚକଡ଼ା (୧୯୬୭), ଆକାଶଛତିଆ (୧୯୬୭)]**

ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପଗୁଡ଼ିକର ଅନ୍ତରାଳରେ ଶାଣିତ ବ୍ୟଙ୍ଗ ରହିଥିଲେ ହେଁ ତାଙ୍କର ଯେଉଁ କେତୋଟି ଗଳ୍ପ ବ୍ୟଙ୍ଗକୁ କେନ୍ଦ୍ର କରି ରଚିତ ତାକୁ ଏହି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇଛି । 'ସ୍ୱପ୍ନରେ ମନ୍ଦୋଦରୀ', 'ଶେଷ କବିତା', 'ଜୀଅନ୍ତା ଭୂତ' ଗଳ୍ପ ତିନୋଟିରେ ଲେଖକ ଜୀବନ ତଥା ସାହିତ୍ୟ ଜଗତର ବିଭିନ୍ନ ସମସ୍ୟା ଉପସ୍ଥାପନ କରାଯାଇଛି । ଲେଖକ ଶ୍ୟାମଚରଣଙ୍କ ଉପନ୍ୟାସ ରଚନା ପାଇଁ ଛାଞ୍ଚ ତିଆରି ସମୟରେ ତାଙ୍କ ଚେତନାରେ ମନ୍ଦୋଦରୀ ଓ ସବ୍ୟସାଚୀ ଚରିତ୍ର ଆସିଛନ୍ତି । ଏହି ଦୁଇଟି ଚରିତ୍ର ମାଧ୍ୟମରେ "ସ୍ୱପ୍ନରେ ମନ୍ଦୋଦରୀ" ଗଳ୍ପରେ ଗାଳ୍ପିକ ଆଧୁନିକ କାଳର ଶସ୍ତା ଔପନ୍ୟାସିକଙ୍କୁ ବ୍ୟଙ୍ଗ କରିଛନ୍ତି । "ଶେଷ କବିତା" ଗଳ୍ପଟି କବି ଭୂତନାଥର ମୃତ୍ୟୁ ପରେ ତାଙ୍କର ଶ୍ରାଦ୍ଧ ସଭାରେ ସ୍ମୃତିରକ୍ଷା ଉଦ୍ୟମ ତଥା କବିତାର ଆଲୋଚନା ମାଧ୍ୟମରେ ଗାଳ୍ପିକ ଓଡ଼ିଶାର ସାହିତ୍ୟିକ ପରିବେଶକୁ ବ୍ୟଙ୍ଗ କରିଛନ୍ତି । "ଜୀଅନ୍ତା ଭୂତ" ଗଳ୍ପରେ ଗୋବର୍ଦ୍ଧନ ଦାସଙ୍କର ମୃତ୍ୟୁ ପରେ ତାଙ୍କର ଶ୍ରାଦ୍ଧସଭାରେ ପ୍ରକାଶକ ସମାଲୋଚକ ଆଦିଙ୍କର ଶୋକ ପ୍ରକାଶ ମାଧ୍ୟମରେ ଓଡ଼ିଶାର ସାହିତ୍ୟିକ ପରିବେଶର ଚିତ୍ର ଗାଳ୍ପିକ ଦେଇଛନ୍ତି । ମାତ୍ର ହଠାତ୍ ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧସଭାରେ ଗୋବର୍ଦ୍ଧନଙ୍କ ସଶରୀରେ ଆବିର୍ଭାବ ତଥା ବକ୍ତବ୍ୟ ଗଳ୍ପଟିକୁ ପୂର୍ବ ଗଳ୍ପ ଅପେକ୍ଷା ଅଧିକ ନାଟକୀୟ କରିଛି ତଥା ଏହାର ବ୍ୟଙ୍ଗ ଅଧିକ ଶାଣିତ ତଥା ତୀବ୍ର ହୋଇ ପାରିଛି ।

ଭାଙ୍ଗପୁରର ଚକଡ଼ା ଓ ଆକାଶ ଛତିଆ ଗଳ୍ପ ଦୁଇଟି ୧୯୬୭ରେ ରଚିତ । ପ୍ରଥମ ଗଳ୍ପରେ ଗୋବର୍ଦ୍ଧନାଚାର୍ଯ୍ୟଙ୍କ ଭାଙ୍ଗର ମହାତ୍ମ୍ୟ ସମ୍ପର୍କରେ ଓମରଖୟାମ, ଜାହାଙ୍ଗିର ମଧ୍ୟ ଦେଇ କୋଳାହଳ ଦେବ ଆଦି ବହୁ ଚରିତ୍ରର କାହାଣୀ ମାଧ୍ୟମରେ ଭାଙ୍ଗର ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଦ୍ୱିତୀୟ 'ଆକାଶଛତିଆ' ଗଳ୍ପରେ ଭାରତ ପାକିସ୍ତାନ ଯୁଦ୍ଧର ପୃଷ୍ଠଭୂମିରେ ପାକିସ୍ତାନୀ ଆକାଶ ଛତିଆଙ୍କ ସନ୍ଧାନରେ ଗୋବର୍ଦ୍ଧନାଚାର୍ଯ୍ୟଙ୍କ ଅଭିଯାନ ତଥା ହାସ୍ୟକର ପରିସ୍ଥିତି ମଧ୍ୟରେ ଜେଲ ହାଜତରେ ରହିବା ଘଟଣା ବର୍ଣ୍ଣିତ । ଗାଳ୍ପିକ ରମ୍ୟରଚନା ଓ କ୍ଷୁଦ୍ରଗଳ୍ପର ମଧ୍ୟରେ ସମନ୍ୱୟ ଆଣି ରମ୍ୟ ଗଳ୍ପର ଯେଉଁ ଅନୁଶୀଳନ କରିଥିଲେ; ଏ ଗଳ୍ପ ଦୁଇଟି ତାର ପ୍ରାଥମିକ ହାତବଳା ସଦୃଶ । ତେଣୁ ପ୍ରକାଶକଙ୍କ ଅନୁଯାୟୀ ଏ ଦୁଇଟିକୁ ରମ୍ୟ ଗଳ୍ପ କୁହାଯାଇପାରେ । (ମହାନ୍ତି, ୧୯୬୭, ପ୍ରକାଶକଙ୍କ ଅଭିମତ)

**ଆଧ୍ୟାତ୍ମିକ ଗଳ୍ପ : ['ଅମୃତ', 'ଆନନ୍ଦ ଭୈରବୀ', 'ମରାଳର ମୃତ୍ୟୁ']**

ଆଧ୍ୟାତ୍ମିକ ତଥ୍ୟକୁ ଉପଜୀବ୍ୟ କରି ରଚିତ ଗଳ୍ପକୁ ଏହି ବିଭାଗରେ ଗ୍ରହଣ କରାଯାଇଛି । "ଅମୃତ" ଗଳ୍ପରେ ସନ୍ନ୍ୟାସ ଓ ସଂସାରର କାମନା ମଧ୍ୟରେ ଥିବା ସୀମାରେଖା ସମ୍ପର୍କରେ ତଥ୍ୟ ଉପସ୍ଥାପନ, ଆନନ୍ଦଭୈରବୀ ଗଳ୍ପରେ ଲଛମନଝୁଲା ପରିବେଶରେ ସନ୍ନ୍ୟାସ ସଂସାର ପଛରେ ଧାଇଁବାର ଦୃଷ୍ଟାନ୍ତ । ତଥା ମରାଳର ମୃତ୍ୟୁରେ ଆଧୁନିକ ଯୁଗରେ ମଧ୍ୟ ମଣିଷର ସରଳ ବିଶ୍ୱାସ ସହିତ ଐତିହାସିକ ପୁରାତନ ଯୁଗର ଭାବଧାରାର ସମ୍ମିଶ୍ରଣ କରାଯାଇ ଆଧ୍ୟାତ୍ମିକତାରେ ହିଁ ମଣିଷର ମୁକ୍ତି ପାଇବାର ସମ୍ଭାବନାର ଚିତ୍ର ଦେଖାଇ ଦିଆଯାଇଛି । ତେଣୁ ଏହି

ଗଳ୍ପଗୁଡ଼ିକୁ ଏକ ସ୍ୱତନ୍ତ୍ର ପର୍ଯ୍ୟାୟରେ ଗର୍ଭିତ କରାଯାଇଛି । ଓଡ଼ିଆ ଗଳ୍ପ ସାହିତ୍ୟରେ ଏହି ଶ୍ରେଣୀର ଗଳ୍ପର ବିଶେଷତା ପରିଲକ୍ଷିତ ହୋଇଥାଏ ।

**ଉଦ୍‌ଭଟ ଗଳ୍ପ :** '୨୦୬୬'ରେ ଗୋଟିଏ ଶତାବ୍ଦୀ ପରେ ଭବିଷ୍ୟତ ମଣିଷ ଜୀବନ ତଥା ପରିବେଶର ଚିତ୍ର, 'ହତ୍ୟାକାରୀ କିଏ'ରେ ରହସ୍ୟ ଗଳ୍ପ ଭଳି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମଣିଷ ମନର ରହସ୍ୟ, ବାସାଂସି ଜୀର୍ଣ୍ଣାନୀ' ଗଳ୍ପରେ ଆତ୍ମାର ମାଧ୍ୟମରେ ପୃଥିବୀର ସ୍ୱାର୍ଥାନ୍ୱେଷୀ ସମାଜ ବ୍ୟବସ୍ଥାର ଚିତ୍ର ପ୍ରଦାନ ଯୋଗୁଁ ଏହି ଗଳ୍ପଗୁଡ଼ିକୁ ଉଦ୍‌ଭଟ ଗଳ୍ପ ଭାବେ ଗ୍ରହଣ କରାଯାଇଛି ।

**ଅନ୍ୟାନ୍ୟ ଗଳ୍ପ :** 'ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପ'ରେ ସନ୍ନିବେଶିତ 'ଶାରଦଶ୍ରୀ' ଶିଳ୍ପୀ ବି.ବର୍ମାଙ୍କ ସ୍ମୃତିକଥା ମାତ୍ର । ସତ୍ୟବାଦୀରେ ପ୍ରକାଶିତ 'ଗୀତ ବାନ୍ଧିବାରବେଳ' ମାକ୍‌ସିମଗର୍କୀଙ୍କ ଅନୁବାଦ ଗଳ୍ପ ତଥା ସମାବେଶ ଓ ଇସ୍ତାହାରରେ ପ୍ରକାଶିତ 'ଛିନ୍ନଗୁଡ଼ି' ଓ 'ପରିଚୟ' ପରବର୍ତ୍ତୀ 'ନେତିନେତି' ଉପନ୍ୟାସର ପ୍ରଥମ ଦୁଇଟି ପରିଚ୍ଛେଦ ଗଳ୍ପାକାରରେ ପ୍ରକାଶିତ ।

ସୁରେନ୍ଦ୍ରଙ୍କ ଗଳ୍ପର ବିଭାଗୀକରଣ କଲାବେଳେ ଗୋଟିଏ ଗୋଟିଏ ଗଳ୍ପ ଏକାଧିକ ବିଭାଗରେ ଅନ୍ତର୍ଭୁକ୍ତ ହୋଇପାରେ । ତେଣୁ ତାଙ୍କର ଗଳ୍ପ ବିଭାଗୀକରଣରେ ଏକ ସ୍ପଷ୍ଟ ନିର୍ଦ୍ଦିଷ୍ଟ ସୀମାରେଖା ଟାଣିବା କଷ୍ଟସାଧ୍ୟ ବ୍ୟାପାର ।

■ ■ ■

# ସୁରେନ୍ଦ୍ରଙ୍କ ଗଳ୍ପର ଭାବଧର୍ମ
## (ରାଜନୀତିକ, ସାମାଜିକ ଓ ଜୀବନ ଚେତନା)

## ସ୍ୱାଧୀନତା ପୂର୍ବବର୍ତ୍ତୀ ତଥା ପରବର୍ତ୍ତୀ ଭାରତ ତଥା ଓଡ଼ିଶାର ରାଜନୀତିକ, ଆର୍ଥନୀତିକ ଓ ସାମାଜିକ ପରିବେଶ

ଊନବିଂଶ ଶତାବ୍ଦୀ ପରେ ପରେ ବିଂଶ ଶତାବ୍ଦୀରେ ଉତ୍କଳର ହୃତ ଗୌରବ ତଥା ସ୍ୱାତନ୍ତ୍ୟ ଫେରାଇ ଆଣିବା ପାଇଁ ଏ ଶତାବ୍ଦୀର ସୂର୍ଯ୍ୟ ମଧୁସୂଦନ ଦାସ ଦେଖାଦେଲେ । ପ୍ରଥମେ ମଧୁସୂଦନ ଭାରତୀୟ ଜାତୀୟ କଂଗ୍ରେସରେ ଓଡ଼ିଶାର ପ୍ରତିନିଧିତ୍ୱ କରି ୧୮୮୬ ଖ୍ରୀ:ଅ:ରେ ହୋଇଥିବା ଦ୍ୱିତୀୟ ଅଧିବେଶନରେ ଯୋଗଦାନ କରିଥିଲେ । କଂଗ୍ରେସ ସହ ସଂଶ୍ଲିଷ୍ଟ ରହି ଜାତୀୟ ସ୍ତରରେ ଓଡ଼ିଶାର ଦାବି ଉପସ୍ଥାପନ କରିବା ତାଙ୍କର ଇଚ୍ଛା ଥିଲା । ମାତ୍ର ୧୮୯୭ ଖ୍ରୀ:ଅ:ରେ ମାନ୍ଦ୍ରାଜରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଯୋଗଦାନ ସମୟରେ ତାଙ୍କର ମୋହଭଙ୍ଗ ଘଟିଥିଲା । ଫଳରେ ୧୯୦୩ ଖ୍ରୀ:ଅ:ରେ ଉତ୍କଳର ସ୍ୱାତନ୍ତ୍ୟ ପାଇଁ ତାଙ୍କରି ନେତୃତ୍ୱରେ ଉତ୍କଳ ସମ୍ମିଳନୀ ଗଠିତ ହେଲା । ଏହାର ଉଦ୍ଦେଶ୍ୟ ହେଲା ଓଡ଼ିଶା ତଥା ଓଡ଼ିଆ ଭାଷାର ମହତ୍ତ୍ୱ ତଥା ସ୍ୱାତନ୍ତ୍ୟ ପ୍ରତିପାଦନ ସଙ୍ଗେ ଓଡ଼ିଶାର ସମୂହ ଉନ୍ନତି ଓ ବିକାଶସାଧନ । ଅବଶ୍ୟ ୧୯୨୦ରେ ପଣ୍ଡିତ ଗୋପବନ୍ଧୁ ପୁନା କଂଗ୍ରେସରୁ ପ୍ରତ୍ୟାବର୍ତ୍ତନ କଲାପରେ ଜଗବନ୍ଧୁ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଚକ୍ରଧରପୁର ଉତ୍କଳ ସମ୍ମିଳନୀ ଅଧିବେଶନରେ ଏହାକୁ ଜାତୀୟ କଂଗ୍ରେସରେ ମିଶାଇବା ପ୍ରସ୍ତାବ ଗୃହୀତ ହୋଇ ଯାଇଥିଲେ ହେଁ, ମଧୁସୂଦନ ନିଜକୁ ଜାତୀୟତାର ମହାସ୍ରୋତରେ ମିଶାଇ ପାରିନଥିଲେ । ବରଂ କଂଗ୍ରେସ ଠାରୁ ଦୂରରେ ବିହାର ଓଡ଼ିଶା ବ୍ୟବସ୍ଥା ସଭାର ସଭ୍ୟ ଭାବେ ତଥା ତାଙ୍କ ଜୀବନର ଅବଶିଷ୍ଟାଂଶ ସେ କେବଳ ଓଡ଼ିଶାର ସ୍ୱାତନ୍ତ୍ୟ ପାଇଁ ନିଜକୁ ଆତ୍ମୋତ୍ସର୍ଗ କରି ଦେଇଥିଲେ । ୧୯୩୪ ଖ୍ରୀ:ଅ:ରେ ମଧୁସୂଦନଙ୍କ ତିରୋଧାନ ପରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ନିଜର ସ୍ୱାତନ୍ତ୍ୟ ଲାଭକଲା ; ଯେଉଁଥି ପାଇଁ ମୃତ୍ୟୁଶଯ୍ୟାରେ ପଡ଼ିଥିଲା ପର୍ଯ୍ୟନ୍ତ ମଧୁସୂଦନ ଚିନ୍ତାନ୍ୱିତ ଥିଲେ ।

ଗୋପବନ୍ଧୁଙ୍କ ନେତୃତ୍ୱରେ ୧୯୨୦ରେ ଉତ୍କଳ ସମ୍ମିଳନୀ ନିଜକୁ ଭାରତୀୟ ଜାତୀୟ କଂଗ୍ରେସ ସହ ସଂଶ୍ଲିଷ୍ଟ କରିଦେଲା । ଏହାପରେ ୧୯୨୧ରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଭାରତରେ ଅସହଯୋଗ ଆନ୍ଦୋଳନର ସୂତ୍ରପାତ ହେଲା । ଏହାର ପ୍ରତିଫଳନ ଗୋପବନ୍ଧୁ ଆଦିଙ୍କ ନେତୃତ୍ୱରେ ଓଡ଼ିଶାରେ ମଧ୍ୟ ଦେଖାଦେଲା । ଫଳତଃ ପ୍ରଖ୍ୟାତ ସତ୍ୟବାଦୀ ବନବିଦ୍ୟାଳୟ ଜାତୀୟବାଦୀ ଆନ୍ଦୋଳନର କେନ୍ଦ୍ର ଭୂମି ହୋଇପଡ଼ିଲା । ଏହାର ପରବର୍ତ୍ତୀ କାଳରେ ଲବଣ ସତ୍ୟାଗ୍ରହ, ହରିଜନ ଆନ୍ଦୋଳନ, ୧୯୪୨ର ଅଗଷ୍ଟ ବିପ୍ଳବ ଆଦିର ପ୍ରତିଫଳନ ଓଡ଼ିଶାରେ ଦେଖାଦେଇଛି । ଏଭଳିକି ୧୯୩୫ ଖ୍ରୀ:ଅ:ରେ ଭଗବତୀ ଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ କଂଗ୍ରେସ ସୋସାଲିଷ୍ଟ ଫୋରମ୍‌ର ଆନ୍ଦୋଳନ ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶାରେ ତାଙ୍କରି ନେତୃତ୍ୱରେ କମ୍ୟୁନିଷ୍ଟ ଆନ୍ଦୋଳନରେ ରୂପାନ୍ତରିତ ହେଲା । ସାଥି ଭଗବତୀ ଚରଣ ପାଣିଗ୍ରାହୀ, ମନମୋହନ ମିଶ୍ର ଓ ଅନନ୍ତ ପଟ୍ଟନାୟକ ଆଦିଙ୍କ ନେତୃତ୍ୱରେ ଓଡ଼ିଶାରେ କୃଷକ ଓ ଶ୍ରମିକ ଆନ୍ଦୋଳନ

ସଂଗଠିତ ରୂପ ନେଲା । ଏହାର ସମକାଳରେ ୧୯୩୭ ଖ୍ରୀ:ଅ:ରେ ଓଡ଼ିଶାର ଗଡ଼ଜାତଗୁଡ଼ିକରେ ପ୍ରଜାମଣ୍ଡଳ ଗଠିତ ହୋଇ ରାଜାରାଜୁଡ଼ାଙ୍କ ଅନ୍ଧ ଅନୁଶାସନ ବିରୁଦ୍ଧରେ ସଂଗଠିତ ଆନ୍ଦୋଳନ ଆରମ୍ଭ ହେଲା । ୧୯୩୯ ସେପ୍ଟେମ୍ବରରେ ଦ୍ୱିତୀୟ ବିଶ୍ୱମହାସମରର ପ୍ରସ୍ତୁତି ପର୍ବ ଆରମ୍ଭ ହୁଏ । ଯୁଦ୍ଧରେ ଯୋଗଦାନ ନିମିତ୍ତ ଇଂରେଜ ସରକାର ଆଗ୍ରହୀ ଥିବା ଅବସ୍ଥାରେ ଭାରତୀୟ ଜାତୀୟ କଂଗ୍ରେସ ଯୁଦ୍ଧବିରୋଧୀ ଆନ୍ଦୋଳନର ସୂତ୍ରପାତ କଲେ । ଯୁଦ୍ଧର ପ୍ରତ୍ୟକ୍ଷ ପ୍ରଭାବ ଓଡ଼ିଶାରେ ବିଶେଷ ପଡ଼ିନଥିଲେ ହେଁ ଆଜାଦ୍ ହିନ୍ଦ ଫୌଜର ଓଡ଼ିଶା ଉପକୂଳରେ ପହଞ୍ଚିବାର ସମ୍ଭାବନା ତଥା ସମୁଦ୍ର ଉପକୂଳବର୍ତ୍ତୀ ବାଲେଶ୍ୱର, ଚାନ୍ଦବାଲି, ପୁରୀ ପ୍ରଭୃତି ସ୍ଥାନରେ ମିଲିଟାରୀ ବାହିନୀର ଅତ୍ୟାଚାର ତଥା ୧୯୪୨ର ଭାରତ ଛାଡ଼ ଆନ୍ଦୋଳନ ସଙ୍ଗେସଙ୍ଗେ ସନ୍ତ୍ରାସବାଦ ଆନ୍ଦୋଳନ ଓଡ଼ିଶାର ନଗର ଜୀବନରେ କିଞ୍ଚିତ ପ୍ରଭାବ ପକାଇଥିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇଂଲଣ୍ଡରେ ଶ୍ରମିକ ସରକାର ଶାସନଭାର ଗ୍ରହଣ କଲାପରେ ଭାରତକୁ ସ୍ୱାଧୀନ କରିବାର ଇଚ୍ଛା ପ୍ରକାଶିତ ହେଲା । ସେଇ ସମୟରେ ଜିନ୍ନାଙ୍କ ମୁସ୍‌ଲିମ୍‌ଲିଗ୍ ମୁସଲମାନମାନଙ୍କ ପାଇଁ ପାକିସ୍ତାନ ଦାବି କଲା । ଏହାର ଫଳ ସ୍ୱରୂପ ୧୯୪୬ ଖ୍ରୀ:ଅ:ରୁ ଦେଶରେ ସାଂପ୍ରଦାୟିକ ଗଣ୍ଡଗୋଳ ଦେଖାଗଲା । ଭାରତ ଶେଷରେ ୧୯୪୭ ଅଗଷ୍ଟ ୧୫ ତାରିଖ ଦିନ ବିଖଣ୍ଡିତ ଅବସ୍ଥାରେ ସ୍ୱାଧୀନ ହେଲା । ସ୍ୱାଧୀନତା ପରେ ମଧ୍ୟ ସାଂପ୍ରଦାୟିକ ଗଣ୍ଡଗୋଳ ଦେଖାଦେବା ସଙ୍ଗେ ଶରଣାର୍ଥୀ ସମସ୍ୟାର ସୂତ୍ରପାତ ହେଲା ।

ଭାରତର ସ୍ୱାଧୀନତା ପରେ ସର୍ଦ୍ଦାର ପଟେଲଙ୍କ ନେତୃତ୍ୱରେ ଦେଶୀୟ ରାଜ୍ୟର ମିଶ୍ରଣ ଘଟିଲା । ଭାରତର ସମ୍ବିଧାନ ପ୍ରଣୟନ ପରେ ୧୯୫୦ ଜାନୁଆରୀ ୨୬ ତାରିଖରେ ଭାରତ ସାର୍ବଭୌମ ଗଣତାନ୍ତ୍ରିକ, ସମାଜବାଦୀ ଓ ଧର୍ମନିରପେକ୍ଷ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହେଲା । ଦେଶରେ କଂଗ୍ରେସ ସଂଗଠନକୁ ଛାଡ଼ି ଜନସଂଘ, ସୋସାଲିଷ୍ଟ, ସ୍ୱତନ୍ତ୍ର, ଗଣତନ୍ତ୍ର, ଝାଡ଼ଖଣ୍ଡ ଆଦି ବିଭିନ୍ନ କେନ୍ଦ୍ରୀୟ ତଥା ପ୍ରାଦେଶିକ ରାଜନୀତିକ ଦଳ ଗଠିତ ହେଲା । ୧୯୫୨ରୁ ଘଟି ଆସୁଥିବା ସାଧାରଣ ନିର୍ବାଚନ ତଥା ରାଜନୀତିକ କନ୍ଦଳକୁ ଲକ୍ଷ୍ୟକଲେ ରାଜନୀତିରେ ଗୋଷ୍ଠୀ ବିବାଦ ତଥା ସୁବିଧାବାଦ ପ୍ରଭାବ କ୍ରମେପି ଅଧିକତର ଦେଖାଦେଲା । ବିଶେଷତଃ ରାଜନୀତି ବ୍ୟକ୍ତିକୈନ୍ଦ୍ରିକ ହୋଇପଡ଼ିଲା । ୨୬ ଜାନୁଆରୀ ୧୯୭୫ରେ ଦେଶରେ ଜରୁରୀ ପରିସ୍ଥିତି ଘୋଷିତ ହେବା ପରେ ଦେଶରେ କଠୋର ଅନୁଶାସନ ଯୋଗୁଁ ବ୍ୟକ୍ତି ସ୍ୱାଧୀନତା, ସମ୍ବାଦପତ୍ରର ସ୍ୱାଧୀନତା ଆଦି ବାଧାପ୍ରାପ୍ତ ହେଲା । ୧୯୭୭ ସାଧାରଣ ନିର୍ବାଚନରେ କଂଗ୍ରେସର ପରାଜୟ ଓ ଜନତା ପାର୍ଟିର ବିଜୟ ଦେଶର ରାଜନୀତିକୁ ନୂଆ ମୋଡ଼ ଦେଇଥିଲେ ହେଁ ନେତାମାନଙ୍କର ବ୍ୟକ୍ତିଗତ କ୍ଷମତା ଲିପ୍‌ସା ଓ କନ୍ଦଳ ଯୋଗୁଁ ଏହା ବେଶିଦିନ ସ୍ଥାୟୀ ହେଲାନାହିଁ । ୧୯୮୦ ନିର୍ବାଚନରେ ପୁଣି ଥରେ କଂଗ୍ରେସ ଦଳର ନେତ୍ରୀ ଇନ୍ଦିରା ଗାନ୍ଧୀ ସଂଖ୍ୟାଗରିଷ୍ଠତା ହାସଲ କଲେ ।

ଭାରତର ସ୍ୱାଧୀନତା ପରେ ୧୯୫୧ ଖ୍ରୀ:ଅ: ଏପ୍ରିଲ ୧ ତାରିଖରୁ ପ୍ରଥମ ପଞ୍ଚବାର୍ଷିକ ଯୋଜନାର ସୂତ୍ରପାତ ହେଲା । ଏହି ସମୟରେ ବଡ଼ବଡ଼ ନଦୀବନ୍ଧ ଯୋଜନା ମାଧ୍ୟମରେ ଦେଶର ବହୁମୁଖୀ ଉନ୍ନତି ସାଧନ ତଥା ବୃହତ୍ ଶିଳ୍ପଗୁଡ଼ିକର ପ୍ରତିଷ୍ଠା ସରକାର ମୁଖ୍ୟ କାର୍ଯ୍ୟରୂପେ ଗ୍ରହଣ କରିଥିଲେ । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ଅନୁରୂପ ଭାବେ ଜଳସେଚନ ତଥା କୃଷିର ଉନ୍ନତିକୁ ମୁଖ୍ୟ କାର୍ଯ୍ୟ ରୂପେ ଗ୍ରହଣ କରାଗଲା । କ୍ରମେପି ରାଜନୀତିକ ନେତୃତ୍ୱର ପରିବର୍ତ୍ତନ ସଙ୍ଗେସଙ୍ଗେ ପୁଞ୍ଜିବାଦୀ ଆର୍ଥନୀତିକ

ବ୍ୟବସ୍ଥାକୁ ସମାଜବାଦୀ ରୂପ ଦେବାପାଇଁ ସରକାର ଚେଷ୍ଟା କଲେ । ଫଳରେ ବ୍ୟାଙ୍କ, କୋଇଲାଖଣି ଆଦି ରାଷ୍ଟ୍ରାୟତ୍ତ କରାଗଲା । ସହରାଞ୍ଚଳ ସହ ଗ୍ରାମାଞ୍ଚଳର ସଂଯୋଗ ସ୍ଥାପନ ଫଳରେ ଗ୍ରାମବାସୀ ସହରାଭିମୁଖୀ ହେଲେ । ପଞ୍ଚାୟତରାଜ ତଥା ଗ୍ରାମ ଗୋଷ୍ଠୀ ଉନ୍ନୟନ ଯୋଜନା ମାଧ୍ୟମରେ ଗ୍ରାମଗୁଡ଼ିକର ଉନ୍ନତି ହେବା ପରିବର୍ତ୍ତେ ଏହାର ସାମାଜିକ ତଥା ରାଜନୀତିକ ଜୀବନ ଅଧିକ କଳୁଷିତ ହେଲା । ଏହି ସମୟ ମଧ୍ୟରେ ସନ୍ଥ ବିନୋବାଙ୍କର ଭୂଦାନ ଆନ୍ଦୋଳନ ମାଧ୍ୟମରେ ଗ୍ରାମବାସୀଙ୍କ ଆର୍ଥନୀତିକ ଉନ୍ନତିର ପରିକଳ୍ପନା କରାଯାଇଥିଲେ ହେଁ ଏହା ବିଶେଷ ଫଳପ୍ରଦ ହେଲାନାହିଁ । ଦେଶରେ ଜମିଦାରୀ ଉଚ୍ଛେଦ ତଥା ଭାଗଚାଷୀ ଆଇନ ପ୍ରଣିତ ହୋଇଥିଲେ ହେଁ ବାସ୍ତବ ଜୀବନ କ୍ଷେତ୍ରରେ ସାଧାରଣ ଚାଷୀ ଅନେକ କ୍ଷେତ୍ରରେ ନିର୍ଯାତିତ ଓ ନିଷ୍ପେସିତ ହେଲା । ଉପଯୁକ୍ତ ଶିକ୍ଷା ନୀତି ଅଭାବରେ ଶିକ୍ଷିତ ଯୁବକ ଆତ୍ମନିଯୁକ୍ତି ପାଇପାରିଲା ନାହିଁ, ଫଳରେ ବେକାର ସମସ୍ୟାର ବୃଦ୍ଧି ହେଲା । ତେଣୁ ଯୁବ ସମାଜ ଅସହାୟତା ଓ ନିଃସଙ୍ଗତା ମଧ୍ୟରେ ପାଶ୍ଚାତ୍ତ୍ୟ ହିପ୍‌ପୀବାଦର ଅନ୍ଧ ଅନୁସରଣ କଲା । ସ୍ଥଳ ବିଶେଷରେ ଯୁବ ସମାଜ ମାଓସେତୁଂଙ୍କ ଆଦର୍ଶରେ ପ୍ରଭାବିତ ହୋଇ ନକ୍‌ସଲବାଡ଼ି ଆନ୍ଦୋଳନ ମାଧ୍ୟମରେ ସଶସ୍ତ୍ର ବିପ୍ଳବର ସୂତ୍ରପାତ କଲା । ଏହାରି ମଧ୍ୟରେ ଭାରତବର୍ଷ ୧୯୬୨, ୧୯୬୫ ଓ ୧୯୭୧ରେ ଯଥାକ୍ରମେ ଚୀନ ଓ ପାକିସ୍ତାନ ସହ ତିନୋଟି ଯୁଦ୍ଧର ସମ୍ମୁଖୀନ ହେଲା । ଜରୁରୀ ପରିସ୍ଥିତି ସମୟର ଅନୁଶାସନ ସ୍ୱେଚ୍ଛାଚାରୀ ଶାସନରେ ପରିଣତ ହେବା ପରେ ୧୯୭୭ ନିର୍ବାଚନରେ ଇନ୍ଦିରା ଗାନ୍ଧୀଙ୍କ ପରାଜୟ ହେଲା ଓ ରାଜନୀତି ବିଧି ବ୍ୟବସ୍ଥାରେ ପରିବର୍ତ୍ତନ ସାଧିତ ହେଲା । ସ୍ୱାଧୀନତା ପରବର୍ତ୍ତୀ ଏହି ରାଜନୀତିକ, ଆର୍ଥନୀତିକ ଓ ସାମାଜିକ ଘଟଣାଗୁଡ଼ିକର ପ୍ରଭାବ ସୁରେନ୍ଦ୍ରଙ୍କ ରଚନାରେ ପଡ଼ିବା ସ୍ୱାଭାବିକ ।

ଭାରତର ସ୍ୱାଧୀନତା ପରବର୍ତ୍ତୀ ସାମାଜିକ ଓ ରାଜନୈତିକ ଜୀବନ ତଥା ଗାନ୍ଧୀବାଦୀ ନେତା ଓ ସମ୍ମୋହିତ ଗାନ୍ଧୀବାଦ ସମ୍ପର୍କରେ ତାଙ୍କର ମତ ହେଲା, ରାଷ୍ଟ୍ରର ବିଲୟ ମଧ୍ୟରୁ ବ୍ୟକ୍ତିର ସର୍ବତୋମୁଖୀ ଅଭ୍ୟୁଦୟ ଘଟେ । ଥ୍ୟୁରୋ ରସ୍କିନ୍ ଟଲଷ୍ଟୟ ତଥା ଭାରତୀୟ ଆଧ୍ୟାତ୍ମିକ ସଂସ୍କୃତିର ଆଧାର ଗୀତା, ଭାଗବତ, ରାମାୟଣ, ମହାଭାରତ ଆଦି ଦ୍ୱାରା ପ୍ରଭାବିତ ଗାନ୍ଧୀଙ୍କ ମତବାଦ କେବଳ ରାଜନୀତିକ ସୂତ୍ର ନୁହେଁ, ଉନ୍ନତତର ଜୀବନର ଅଭିବ୍ୟକ୍ତି ପାଇଁ ଏହା କଳା ଓ ବିଜ୍ଞାନ । ରାଷ୍ଟ୍ର କ୍ଷମତା ଅକ୍ତିଆର ପାଇଁ ଗ୍ଲାନି ଯୁଦ୍ଧର ଜିଘାଂସାରେ ଉତ୍ତପ୍ତ କପାଳ ଉପରେ ଗାନ୍ଧୀବାଦ ପ୍ରଭାତ ସମୀରଣର ସୁଶୀତଳ ସ୍ପର୍ଶ ପରି; ଏଥିରେ ଅଛି ଶିଶିରସ୍ନାତ ପ୍ରଭାତର ଶୁଚିତା ଓ ସ୍ନିଗ୍ଧତା । ମାତ୍ର ଭାରତର ସ୍ୱାଧୀନତା ପରେ ସ୍ୱାର୍ଥକୈନ୍ଦ୍ରିକ ବ୍ୟକ୍ତିବାଦ ସର୍ବସ୍ୱ ରାଜନୀତିରେ ଗାନ୍ଧୀଙ୍କ ଆଦର୍ଶରେ ସମ୍ମୋହିତ ଚରିତ୍ରଗୁଡ଼ିକ ଅପସୃତ ହୋଇ ଯାଇଛନ୍ତି । ତେଣୁ ସେ କହନ୍ତି "ବୌଦ୍ଧଧର୍ମ ପରି ଗାନ୍ଧୀବାଦ ନିଜ ଜନ୍ମଭୂମିରୁ ଆଜି ବିଦାୟ ନେଇଛି ସତ୍ୟ, ମାତ୍ର ନବଜୀବନର ଉଜ୍ଜୀବନ ପାଇଁ କ୍ଷମତା ଯୁଦ୍ଧକ୍ଳାନ୍ତ ଅବକ୍ଷୟଗ୍ରସ୍ତ ଭାରତ ନିଜେ ଯେ ପୁଣି ଗାନ୍ଧୀବାଦକୁ ନୂତନ ଭାବରେ ଆବିଷ୍କାର କରିବ ସେଥିରେ ମୋର ସନ୍ଦେହ ନାହିଁ ।"(ମହାନ୍ତି, ବାପୁ, ଭୂମିକା) ଏହି ଆଦର୍ଶରେ ଅନୁପ୍ରାଣିତ ସୁରେନ୍ଦ୍ର "ବାପୁ" ରେଡ଼ିଓ ନାଟକରେ ତଥା 'ଅନ୍ଧଦିଗନ୍ତ' ଉପନ୍ୟାସ ମାଧ୍ୟମରେ ଗାନ୍ଧୀବାଦର ଜୟଗାନ କରିଛନ୍ତି ।

ସୁରେନ୍ଦ୍ରଙ୍କ ବ୍ୟକ୍ତିଗତ ଜୀବନକୁ ଅନୁଧ୍ୟାନ କରି ତାଙ୍କ ସୃଷ୍ଟି ସମ୍ଭାର ପ୍ରତି ଦୃକ୍‌ପାତ କଲେ ଦେଖାଯାଏ ତାଙ୍କ ରାଜନୀତିକ ଜୀବନର ଦୃଷ୍ଟିକୋଣ ତଥା ତାଙ୍କର ସାମ୍ବାଦିକତା ତାଙ୍କ ସାହିତ୍ୟିକ ଜୀବନକୁ

ପ୍ରଭାବିତ କରିଛି । ତାଙ୍କର ରାଜନୀତିକ, ସାହିତ୍ୟିକ ତଥା ସାମାଜିକ ଜୀବନ ସାଙ୍ଗୋପାଙ୍ଗ ଭାବେ ଜଡ଼ିତ ହୋଇଥିବାରୁ ସେ କହନ୍ତି- "ରାଜନୀତି ଓ ସାହିତ୍ୟ ମଧ୍ୟରେ ମୁଁ ବିଶେଷ ପାର୍ଥକ୍ୟ ଦେଖେନାହିଁ । ସାହିତ୍ୟ ମନୋରଞ୍ଜନଧର୍ମୀ ଓ ବିପ୍ଳବଧର୍ମୀ । ଯୁଗେଯୁଗେ ସମାଜର ପରିବର୍ତ୍ତନ ପାଇଁ, ସମାଜର ପାରମ୍ପରିକ ଚିନ୍ତାରେ ଏକ ନୂଆ ମୋଡ଼ ଦେବା ପାଇଁ ସାହିତ୍ୟ ଭୂମିକା ଗ୍ରହଣ କରିଥାଏ । ରାଜନୀତି ମଧ୍ୟ ଏହିପରି । ତାତ୍ତ୍ୱିକ (Theoritical) ଦୃଷ୍ଟିରୁ ଏହା ସାହିତ୍ୟ, ପ୍ରୟୋଗାତ୍ମକ (Practical) ଦୃଷ୍ଟିରୁ ଏହା ରାଜନୀତି । x x x ମୋ କ୍ଷେତ୍ରରେ ରାଜନୀତି ମୋ ସାହିତ୍ୟକୁ ପଭାବିତ କରିଛି । ସାହିତ୍ୟ ମୋତେ ରାଜନୈତିକଜୀବନର ଟାଉଟିଜମ୍ (Toutism) ରୁ ରକ୍ଷା କରିଛି । ମୋର ମଣିଷ ପ୍ରତି ସମ୍ବେଦନା ତାରସ୍ଥିତି, ବିପ୍ଳବ ପ୍ରତି ଅନ୍ତରଙ୍ଗତା ଏବଂ ତାହାର ଅନ୍ତର୍ଦାହ (Agony)ର ଚିତ୍ର ମୋ ସାହିତ୍ୟରେ ପ୍ରତିଫଳିତ ହୋଇଛି ଏବଂ ମୋର ବ୍ୟକ୍ତିସତ୍ତାକୁ ସମ୍ବେଦନଶୀଳ କରିଛି । ସେଥିପାଇଁ ମୋର ରାଜନୀତି ବଡ଼ ନିଃସଙ୍ଗ, ଗୋଷ୍ଠୀଚ୍ୟୁତ । ମୁଁ ଗୋଟାଏ lonely wolf."(ମାନସ, ସପ୍ତମ ବର୍ଷ, ପୂଜା ସଂଖ୍ୟା)

ସୁରେନ୍ଦ୍ର ନିଜ ରଚନାବଳୀରେ ସମସାମୟିକ ସମାଜ ଜୀବନ ପ୍ରତି ବିଶେଷ ସଚେତନ । ଦେଶର ସାମାଜିକ ତଥା ସାଂସ୍କୃତିକ ପରିବର୍ତ୍ତନକୁ ସେ ଅତି ସୂକ୍ଷ୍ମ ଭାବେ ପରୀକ୍ଷା ନିରୀକ୍ଷା କରିଛନ୍ତି । ତେଣୁ ସ୍ୱାଧୀନତା ପରବର୍ତ୍ତୀ ସମାଜ ସମ୍ପର୍କରେ ସେ ମନ୍ତବ୍ୟ ଦିଅନ୍ତି - "ସମାଜତାତ୍ତ୍ୱିକ ଦୃଷ୍ଟିରୁ ବିଂଶ ଶତାବ୍ଦୀର ସପ୍ତମ ଦଶକ ଏକ ଭୟଙ୍କର ଯୁଗ ସଂକ୍ରାନ୍ତିର କାଳ - ଯାହାର ଆରମ୍ଭ ହୋଇଥିଲା ପଞ୍ଚମ ଦଶକର ଶେଷ ଭାଗରୁ । ସପ୍ତମ ଦଶକରେ ଅର୍ଥ ହିଁ ହୋଇଗଲା ଜୀବନର ପରମାର୍ଥ । ରାଜନୀତି ହେଲା ସୌଦାଗରୀ । ଦଳେ ଅର୍ଥପୁଷ୍ଟ ମୁଷ୍ଟିମେୟ ବୈଶ୍ୟ ଓ ଦଳେ ଅର୍ଥଲୋଭୀ ଶୁଦ୍ର ଏକାଠି ମିଶିଲେ ଚାଲିଲା ରାଜନୀତି । ସ୍ୱାଭାବିକ ଭାବରେ ଏହାର ପ୍ରତିକ୍ରିୟା ଜନଜୀବନ ଓ ମୂଲ୍ୟବୋଧରେ "ଯଦ୍ୟଦା ଚରତି ଶ୍ରେଷ୍ଠଃ" ହେବାକୁ ଲାଗିଲା ।(ମହାନ୍ତି, ୧୯୮୧, ଭୂମିକା) ରାଜନୀତି ଓ ସମାଜ ସମ୍ପର୍କିତ ଗାଳ୍ପିକଙ୍କର ବିଭିନ୍ନ ମନ୍ତବ୍ୟ ତଥା ତାଙ୍କ ବ୍ୟକ୍ତି ଜୀବନର ଘାତ ପ୍ରତିଘାତ ଓ ଅନୁସନ୍ଧିତ୍ସା ଦ୍ୱାରା ତାଙ୍କର ଗଳ୍ପଗୁଡ଼ିକ ପ୍ରଭାବିତ । ତତ୍‌ସମ୍ପର୍କରେ ପରବର୍ତ୍ତୀ ପର୍ଯ୍ୟାୟରେ ବିଶଦ ଭାବରେ ଆଲୋଚନା କରିବା ପାଇଁ ଏହା ଭିତ୍ତିଭୂମି ରୂପେ କାର୍ଯ୍ୟ କରିବ ।

## ପାଶ୍ଚାତ୍ୟ ସାହିତ୍ୟରେ ନବଚେତନା ଓ ସାହିତ୍ୟରେ ତାର ପ୍ରଭାବ

ଊନବିଂଶ ଶତାବ୍ଦୀର ଶେଷାଂଶରୁ ଆରମ୍ଭ କରି ପରବର୍ତ୍ତୀ ଯୁଦ୍ଧୋତ୍ତର କାଳର ବିଶ୍ୱ ସାହିତ୍ୟରେ ବହୁ ନୂତନ ଚେତନାର ଉନ୍ମେଷ ହେଲା । ଏହା ଫଳରେ ମଧ୍ୟଯୁଗ ଓ ଆଧୁନିକ ଯୁଗର ସନ୍ଧିକ୍ଷଣରେ ୟୁରୋପରେ ନୂତନ ସାମାଜିକ ଶକ୍ତିର ସଞ୍ଚାର ଘଟିଲା ଏବଂ ନବଚେତନାର ଉଦୟ ହେଲା । ଏହି ସାମାଜିକ ତଥା ମାନବିକ ଚେତନା ବିଶ୍ୱ ସାହିତ୍ୟ ଜଗତକୁ ନୂତନ ଆଲୋକରେ ଆଲୋକିତ କରିଦେଲା । ଏହା ରେଁନେସା ଯୁଗ ବା ନବ ଜାଗରଣର ଯୁଗ ଭାବେ କେତେକ ସମୀକ୍ଷକ ଦ୍ୱାରା ନାମିତ । ଏହି "ରେଁନେସା" ମାନବିକତାବାଦ (Humanism)କୁ ଆଭିମୁଖ୍ୟ କରି ଗଢ଼ି ଉଠିଲା । ମଣିଷର ନବଚେତନା ଏହି ମାନବିକତାବାଦକୁ ଭିତ୍ତି କରି ନବପ୍ରାସାଦ ନିର୍ମାଣ କଲା । "ଅପାର୍ଥିବରୁ ପାର୍ଥିବ ପ୍ରତି, ସ୍ୱର୍ଗର ଦେବତା ଅପେକ୍ଷା ମଣିଷ ପ୍ରତି, ଅଦୃଶ୍ୟ ଅଲୌକିକ ଜଗତରୁ ଦୃଶ୍ୟମାନ ବହିର୍ଜଗତ ପ୍ରତି ମଣିଷର ଚିନ୍ତାଧାରାକୁ

ପରିଚାଳିତ କରିବା ଏହାର ଆଦର୍ଶ ।ଏହାକୁ ମଧ୍ୟଯୁଗୀୟ "Godism" ଈଶ୍ୱରବାଦର ବିପରୀତ ଚିନ୍ତାଧାରା, ମାନବିକତାବାଦ (Humanism) ନ କହି (Manism) ସାଧାରଣ ମଣିଷପଣିଆ କହିଲେ ଅତ୍ୟୁକ୍ତି ହେବନାହିଁ । ଅର୍ଥାତ୍ ଏ ଯୁଗର ଚିନ୍ତା ମାନବର ଅନ୍ତର୍ମୁଖୀ ସର୍ବସ୍ୱ । ଏହି ଧାରାରେ ପ୍ରଭାବିତ ହୋଇ "ୟଂ ବେଙ୍ଗଲୀ ଗୋଷ୍ଠୀ" ଚିରାଚରିତ ଓ ଗତାନୁଗତିକ ପରମ୍ପରା ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ନିଜର ସ୍ୱତନ୍ତ୍ର ବିଚାରବୋଧ ପ୍ରକାଶ କରିଥିଲେ । ଏହାର ପ୍ରଭାବ ପରେ ପରେ ଉତ୍କଳ ଭୂମିରେ ମଧ୍ୟ ପରିଦୃଷ୍ଟ ହେଲା ।(ଝଙ୍କାର, ୧୯୬୮, ଡିସେମ୍ବର ସଂଖ୍ୟା, ପୃ : ୮୯୨) ମାତ୍ର ଯୁଦ୍ଧୋତ୍ତର ସମାଜରେ ଘୋର ପରିବର୍ତ୍ତନର ସ୍ୱର ପ୍ରତିଧ୍ୱନିତ ହେବାକୁ ଲାଗିଲା । ଏହାର ପ୍ରଭାବରେ ବିଶ୍ୱ ସାହିତ୍ୟ ଦରବାରରେ ଆନ୍ତର୍ଜାତିକ ପ୍ରେରଣା ପରିଲକ୍ଷିତ ହେଲା । ଫଳରେ ବିଭିନ୍ନ ଦେଶୀୟ ଚିନ୍ତାଧାରା ପରସ୍ପରକୁ ପ୍ରଭାବିତ କରିବାରେ ଲାଗିଲା; ଯାହାଦ୍ୱାରା ପ୍ରାନ୍ତୀୟ ଭାଷା ସାହିତ୍ୟ ମଧ୍ୟ ପ୍ରଭାବିତ ହେଲା ।

ଆଧୁନିକ ବିଶ୍ୱ ସାହିତ୍ୟର ଏହି ମୌଳିକ ପରିବର୍ତ୍ତନ ପାଇଁ ବିଶେଷତଃ ମାର୍କସ୍, ଫ୍ରଏଡ୍ ଓ ଆଇନଷ୍ଟାଇନ୍ ପ୍ରାତଃ ସ୍ମରଣୀୟ । ସେମାନେ ପୁରାତନ ଚିନ୍ତାର ଧ୍ୱଂସାବଶେଷ ଉପରେ ନୂତନ ବୈପ୍ଳବିକ ଚିନ୍ତାର କୋଣାର୍କ ନିର୍ମାଣ କଲେ । ଫଳରେ ଜୀବନ ପ୍ରତି ମଣିଷର ଦୃଷ୍ଟିକୋଣ ପରିବର୍ତ୍ତିତ ହେବାରେ ଲାଗିଲା, ଯାହାକି ଜୀବନରେ ଏକ ନୂତନ ଦିଗନ୍ତର ଆବିଷ୍କାର କଲା ।

## ମାର୍କସ୍‌ଙ୍କ ସମାଜବାଦୀ ଦର୍ଶନ

କାର୍ଲମାର୍କସ୍ ସମାଜବାଦୀ ଦର୍ଶନର ସ୍ରଷ୍ଟା । ଶିଳ୍ପ ବିପ୍ଳବ ଫଳରେ ସମାଜରେ ପୁଞ୍ଜିବାଦ ଓ ଦରିଦ୍ର ସର୍ବହରା ମଧ୍ୟରେ ଯେଉଁ ଆର୍ଥନୀତିକ ବୈଷମ୍ୟ ଭୟଙ୍କର ରୂପ ଧାରଣ କରିଥିଲା, ତାର ସମ୍ମୁଖୀନ ହେବା ପାଇଁ କାର୍ଲମାର୍କସ୍ "ସମାଜବାଦୀ" ବିପ୍ଳବର ଅସ୍ତ୍ର ନିର୍ମାଣ କଲେ । ଏହି ସମାଜବାଦୀ ଦର୍ଶନର ଅଭିମୁଖ୍ୟ ହେଲା ମାନବ ସଭ୍ୟତାର ଇତିହାସ, ଶ୍ରେଣୀ ସଂଘର୍ଷର ଇତିହାସ । ଏହି ଶ୍ରେଣୀ ସଂଘର୍ଷର ପରିସମାପ୍ତି ସର୍ବହରାର ବିଜୟରେ ହିଁ ଶେଷ ହେବ । ତେଣୁ ଏହାର ମୁଖ୍ୟ ଲକ୍ଷ୍ୟ ହେଲା "ଶ୍ରେଣୀହୀନ ସମାଜ" (Classless Society)ର ସୃଷ୍ଟି ।

କାର୍ଲମାର୍କସ୍ ତାଙ୍କର ଉପରୋକ୍ତ ମତକୁ ପ୍ରମାଣିତ କରିବା ଦ୍ୱାରା ମଣିଷର ଭାଗ୍ୟ, ଧର୍ମ ଓ ଭଗବାନ ଉପରୁ ଆସ୍ଥା ତୁଟିଗଲା । ଜୀବନ ଏକ ସଂଗ୍ରାମର ବିସ୍ତୃତ ପ୍ରାନ୍ତରରେ ପରିଣତ ହୋଇଗଲା । ଏହି ସଂଗ୍ରାମ ଶୋଷଣ ବିରୁଦ୍ଧରେ, ମଣିଷ ପ୍ରତି ଅତ୍ୟାଚାର ବିରୁଦ୍ଧରେ କରିବା ପାଇଁ ଉଦ୍ଦିଷ୍ଟ । ଏଥିରୁ ସ୍ପଷ୍ଟ ଧାରଣା ଜନ୍ମେ ଜୀବନର ନିଷ୍ଠୁର ଓ ଅପ୍ରିୟ ବାସ୍ତବତା ଉପରେ ସମାଜବାଦୀ ଦର୍ଶନ ନିର୍ଭର କରୁଛି । ତେଣୁ ସାହିତ୍ୟ କ୍ଷେତ୍ରରେ ସମାଜବାଦୀ ବାସ୍ତବତା (Socialist Realism)ର ସୂତ୍ରପାତ ହେଲା । ଏହି ସମାଜବାଦୀ ବାସ୍ତବତା, ବର୍ତ୍ତମାନ ଓ ଭବିଷ୍ୟତ ମଧ୍ୟରେ ସେତୁବନ୍ଧ, ସାଧାରଣ ଜନତାର ଲହୁଲୁହ ଓ ବାସ୍ତବତାର ବିବର୍ଣ୍ଣ ରଙ୍ଗକୁ ନେଇ ଏହା ପ୍ରକାଶିତ । ସାହିତ୍ୟ ଏଠାରେ ସମ୍ଭୋଗର ସାମଗ୍ରୀ ନୁହେଁ; ବରଂ ସାଧାରଣ ଜନତାକୁ ଜାଗ୍ରତ କରିବା ପାଇଁ ଲେଖକ ହାତରେ ଶାଣିତ ଖଡ୍ଗ । ସୁତରାଂ ପ୍ରତ୍ୟକ୍ଷ ଅନୁଭୂତି, ଏପରି ମତବାଦୀ ସାହିତ୍ୟରେ ପ୍ରାଧାନ୍ୟଲାଭ କରିଥାଏ । ରାଜନୀତିକ କ୍ଷେତ୍ରରେ ସମାଜବାଦ ପରି ସମାଜବାଦୀ ବାସ୍ତବତା ବିଂଶ ଶତାବ୍ଦୀର ସାହିତ୍ୟ ଦରବାରରେ ସ୍ୱୀକୃତିଲାଭ କରିଛି । (ପଟ୍ଟନାୟକ, ୧୯୬୯, ପୃ :୬୮)

## ଫ୍ରୟେଡ୍‌ଙ୍କ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣ

ସାମାଜିକ ଜୀବନରେ ସାମ୍ୟବାଦୀ ଦର୍ଶନ ପରି, ମଣିଷର ବ୍ୟକ୍ତିଗତ ଚିନ୍ତାରେ ଫ୍ରଏଡଙ୍କ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣ ଆଉ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଦେଲା । ମଣିଷର ମନ ଭିତରେ ଯେ ଆହୁରି ଏକ ଉପମନ ରହିଛି, ସେହି ଅବଚେତନ ମନର ଇଙ୍ଗିତରେ ମଣିଷ ଯେ ବହୁ ସମୟରେ ପରିଚାଳିତ ହୁଏ, ଏକଥା ଫ୍ରଏଡ ତାଙ୍କର ମନୋବିଶ୍ଳେଷଣ ଦ୍ୱାରା ପ୍ରମାଣିତ କଲେ । ସେ ଦର୍ଶାଇଲେ ଯେ, ପଶୁ ଯେପରି ସମସ୍ତ କାର୍ଯ୍ୟ ପ୍ରବୃତ୍ତି ବା ଇନ୍‌ଷ୍ଟିନକ୍ଟ ଦ୍ୱାରା ପରିଚାଳିତ ହୋଇ କରିଥାଏ ମଣିଷ ସେହିପରି କମ୍ପେକ୍ସ, ଲିବିଡୋ, ଇଡ୍ ଦ୍ୱାରା ନିଜର ସକଳ କାର୍ଯ୍ୟ ପରିଚାଳନା କରିଥାଏ । ତାଙ୍କ ମତରେ ପ୍ରତ୍ୟେକ ବ୍ୟକ୍ତି ପାଇଁ ଜୀବନ ଏକ ଜଟିଳ ସମସ୍ୟା ।

ମଣିଷ ଜୀବନ ଉପରେ ଯୌନଚେତନାର ପ୍ରଭାବ ଯେ କିପରି ବ୍ୟାପକ ସେ କଥା ମଧ୍ୟ ଫ୍ରଏଡ୍ ମନୋ ବିଶ୍ଳେଷଣର ନୂତନ ଧାରା ଦ୍ୱାରା ଦର୍ଶାଇଥିଲେ । ସାହିତ୍ୟରେ ଏହା ଏକ ସୂକ୍ଷ୍ମ ବିପ୍ଳବ ଆଣିଦେଲା । ସମସ୍ତ ଘଟଣାକୁ ବାହ୍ୟ ଦୃଷ୍ଟିରୁ ବିଚାର ନ କରି ମନୋବିଶ୍ଳେଷଣ ଦ୍ୱାରା ପ୍ରକାଶ କରିବାର ଧାରା ଏହା ଫଳରେ ସାହିତ୍ୟରେ ପ୍ରବର୍ତ୍ତିତ ହେଲା ।

ସାହିତ୍ୟକୁ ସ୍ୱପ୍ନବିଳାସୀ ବୋଲି କହି ସ୍ୱପ୍ନକୁ ଯେପରି ଏକ ଅପାଂକ୍ତେୟ ଘଟଣା ବୋଲି ଲୋକଙ୍କ ମନରେ ଧାରଣା ଦିଆଯାଉଥିଲା, ସ୍ୱପ୍ନର ବୈଜ୍ଞାନିକ ଭିତ୍ତି ଆବିଷ୍କାର କରି ଫ୍ରଏଡ୍ ସେ ଧାରଣାରେ ମଧ୍ୟ ପରିବର୍ତ୍ତନ ଆଣିଦେଲେ । ତାଙ୍କ ମତରେ ମଣିଷ ଯେଉଁ ସବୁ ସ୍ୱପ୍ନ ଦେଖେ, ସେ ସ୍ୱପ୍ନ ଭିତରେ ତା' ଅବଚେତନ ମନର ଭାବନା ନିହିତ ଥାଏ । ତେଣୁ ସ୍ୱପ୍ନ ଅର୍ଥହୀନ ନୁହେଁ । ସ୍ୱପ୍ନର ଏହି ନୂତନ ବୈଜ୍ଞାନିକ ଦିଗ୍‌ଦର୍ଶନ ସ୍ୱପ୍ନବିଳାସୀ ସାହିତ୍ୟକୁ ଯେ ନୂତନ ମର୍ଯ୍ୟାଦା ଆଣିଦେଲା ତା' ନୁହେଁ ସାହିତ୍ୟରେ ସ୍ୱପ୍ନବିଳାସ ଏକ ବୈଜ୍ଞାନିକ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ହେଲା । (ପଟ୍ଟନାୟକ, ୧୯୬୯, ପୃ: ୮୦)

## ଆଇନ୍‌ଷ୍ଟାଇନ୍‌ଙ୍କ ଆପେକ୍ଷିକ ତତ୍ତ୍ୱ

କାର୍ଲମାର୍କସ୍ ଓ ଫ୍ରଏଡ୍‌ଙ୍କ ପରେ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ବସ୍ତୁ ଜଗତରେ ପରିବର୍ତ୍ତନ ଆଣିଲେ । ତାଙ୍କର ନୂତନ ଆବିଷ୍କୃତ ଆପେକ୍ଷିକ ତତ୍ତ୍ୱ ମଣିଷର ଜ୍ଞାନ ଜଗତରେ ବସ୍ତୁ ଜଗତର ସ୍ୱରୂପକୁ ପରିବର୍ତ୍ତିତ କରିଦେଲା । ସେ କହିଲେ ବସ୍ତୁ (Mass) ଓ ଶକ୍ତି (Energy) ଏକ ଓ ଅଭିନ୍ନ । କେବଳ ଅବସ୍ଥାଭେଦ ବା ଆକାର ପ୍ରଭେଦ ମଧ୍ୟରେ ଏ ଦୁହିଁଙ୍କୁ ଆମେ ଭିନ୍ନ ରୂପେ ଦେଖୁ; ଏହା ଆମର ଏକ ଭ୍ରାନ୍ତି । ଫଳରେ ବସ୍ତୁ ଜଗତର ସ୍ୱରୂପରେ ଆମୂଳଚୂଳ ପରିବର୍ତ୍ତନ ହୋଇଗଲା । ଦ୍ୱିତୀୟ ବିଶ୍ୱମହାସମରରେ ହିରୋସୀମା ଉପରେ ଆମେରିକାର ବୋମାମାଡ଼-ଆଇନ୍‌ଷ୍ଟାଇନ୍‌ଙ୍କ ଆପେକ୍ଷିକ ତତ୍ତ୍ୱକୁ ଅଧିକ ବଳିଷ୍ଠ କରି ତୋଳିଲା । ସମାଜରେ ଏହାର ଏକ ତୀବ୍ର ପ୍ରତିକ୍ରିୟା ମଧ୍ୟ ସୃଷ୍ଟି ହେଲା । ସୌନ୍ଦର୍ଯ୍ୟବୋଧ ଓ ବଞ୍ଚିବାର ଅଦମ୍ୟ ଆକାଂକ୍ଷା ଧୀରେଧୀରେ ମଣିଷର ଭାବନା ରାଜ୍ୟରୁ ନିର୍ବାସିତ ହେବାକୁ ଲାଗିଲା । ପୃଥିବୀର ବିଶାଳ ସଭ୍ୟତା ଓ ସଂସ୍କୃତି ଯେକୌଣସି ମୁହୂର୍ତ୍ତରେ ପରମାଣୁ ବୋମା ଯୁଦ୍ଧରେ ଧ୍ୱଂସ ହୋଇଯିବ- ଏହିପରି ଭବିଷ୍ୟତର ଅନାଗତ ଆଶଙ୍କା, ଅନିଶ୍ଚିତ ଜୀବନକୁ ଅଧିକ ସଂତ୍ରସ୍ତ କରିଦେଲା । ସୁତରାଂ ଏହାର ସମତାଳରେ ସାହିତ୍ୟ ମଧ୍ୟ ମୁହୂର୍ତ୍ତଧର୍ମୀ ହୋଇପଡ଼ିଲା ।(ପଟ୍ଟନାୟକ, ୧୯୬୯, ପୃ: ୯୨)

## ନିତ୍ସେ ଓ ସ୍ଥିତିବାଦୀ ଦର୍ଶନ

ନିତ୍ସେଙ୍କର ବିଭିନ୍ନ ଦର୍ଶନରେ ସ୍ଥିତିବାଦର ମୂଳବୀଜ ନିହିତ ଥିଲେ ମଧ୍ୟ କିଏର୍କେଗାର୍ଡ଼ ହିଁ ବିଧିବଦ୍ଧ ଭାବେ ସ୍ଥିତିବାଦର ପ୍ରତିଷ୍ଠାତା । ପ୍ରଥମ ମହାଯୁଦ୍ଧ ପୂର୍ବରୁ ସ୍ଥିତିବାଦର ପ୍ରାରମ୍ଭ ଘଟିଥିଲେ ହେଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସାର୍ତ୍ତ୍ରେ ଓ କାମ୍ୟୁ ଏହାକୁ ପ୍ରତିଷ୍ଠିତ କରାଇଥିଲେ । ପ୍ରଥମ ବିଶ୍ୱ ମହାସମରର ବିଭୀଷିକା ଏବଂ ମଣିଷର ଧନଜୀବନର କରୁଣ ବିପର୍ଯ୍ୟସ୍ତ ମଣିଷ ମନରେ ଯେଉଁ ଅବସନ୍ନତା ଓ ନୈରାଶ୍ୟ ସଂଚାର କରିଥିଲା ସେଥିରେ ମଣିଷ ନିଜର ସ୍ଥିତି ବିଷୟରେ ସନ୍ଦିହାନ ହୋଇ ଉଠିଲା । ତେଣୁ ବ୍ୟକ୍ତି, ବ୍ୟକ୍ତିର ସ୍ଥିତି ଓ ବ୍ୟକ୍ତିର ବିଭିନ୍ନ ସମସ୍ୟା ଏହିବାଦର ମୁଖ୍ୟ ସ୍ୱର ଭାବେ ଦେଖାଦିଏ । ବ୍ୟକ୍ତି ସମୂହ ବା ଜନତାର ଆଧିପତ୍ୟ ଓ ଭବିଷ୍ୟତର ଆଶା ଆଦି ମଧ୍ୟରେ ନିତାନ୍ତ ଅସହାୟ ହୋଇପଡ଼େ । ଜନତା ମଧ୍ୟରେ ତାର ଶ୍ୱାସରୁଦ୍ଧ ହୁଏ; କାରଣ ବିଶାଳ ବିଶ୍ୱରେ ନିଜର ସ୍ୱାତନ୍ତ୍ର ବଜାୟ ରଖିବାକୁ ସେ ଚାହେଁ । ଏହା ସେକ୍ସପିୟରଙ୍କ ହାମ୍ଲେଟ୍‌ର To be or not to be ଭଳି ହଁ ନାହିଁର ଦ୍ୱନ୍ଦ୍ୱ ମଧ୍ୟରେ ବ୍ୟକ୍ତି ସତ୍ତାର ସମସ୍ୟା ହେଲା; ସତ୍ତା ବାହାରେ ବିସ୍ତୃତ ବିଶାଳ ବିଶ୍ୱରେ ନିଜର ସତ୍ତା ଲୋପକରି ବିଶ୍ୱ ସତ୍ତାରେ ହଜିଯିବା କିମ୍ବା ନିଜର ସତ୍ତା ବଜାୟ ରଖିବା । ଯାହାକି ବ୍ୟକ୍ତି ପକ୍ଷେ ଏକ ବିରାଟ ସମସ୍ୟା । ଏହିଭଳି ସମସ୍ୟା ପୁଞ୍ଜ ମଧ୍ୟରେ ଘୂର୍ଣ୍ଣିପାକ ଖାଇ ବ୍ୟକ୍ତି ତାର ମାନସିକ ଶାନ୍ତି ହରାଏ । ଏହି ଯନ୍ତ୍ରଣା ତୀବ୍ରତର ହୁଏ ଯେତେବେଳେ ସେ ଦେଖେ ତାର ପରିବେଷ୍ଟନୀ, ତାର ସ୍ୱନିର୍ମିତ ସାଜସରଞ୍ଜାମ, ରାଜନୀତି ଇତ୍ୟାଦି ମଧ୍ୟରେ, ସେ ଏକ ନିର୍ଜୀବ କ୍ରୀଡ଼ାପୁତ୍ତଳିକା ଭଳି ଅବସ୍ଥାନ କରୁଛି । ତେଣୁ ନିତ୍ସେଙ୍କଠୁ ସାର୍ତ୍ତ୍ରେଙ୍କ ପର୍ଯ୍ୟନ୍ତ ଈଶ୍ୱରଙ୍କ ସ୍ଥିତିକୁ ଅସ୍ୱୀକାର କରିବା ସଙ୍ଗେସଙ୍ଗେ ନିଜର ସ୍ଥିତି ସ୍ଥାପନ ପାଇଁ ସଂଘର୍ଷ ନଚେତ୍ ଆତ୍ମହତ୍ୟାର ପଥ ବାଛି ନେବାକୁ ଏମାନେ Being and nothingness, The Roads to Freedom, The Myth of Sysyphys ଆଦି ଗ୍ରନ୍ଥରେ ପ୍ରତିପାଦନ କରିଯାଇଛନ୍ତି । (ରାଉତରାୟ, ୧୯୭୨, ପୃ:୧୪୨-୧୫୦)

## ପ୍ରକୃତିବାଦ

ନବବାସ୍ତବବାଦ ବା Neorealism ପରେ ଡାରଉଇନ୍‌ଙ୍କ ପ୍ରବର୍ତ୍ତିତ ବିବର୍ତ୍ତନବାଦ ଏବଂ ଦାର୍ଶନିକ ପ୍ରକୃତିବାଦ ମିଶ୍ରଣରେ ସାହିତ୍ୟରେ ପ୍ରକୃତିବାଦର ଜନ୍ମ । ଏହାର ପ୍ରତିପାଦ୍ୟ ତଥ୍ୟ ହେଲା, ପ୍ରକୃତି ବାହାରେ କୌଣସି ବାସ୍ତବତା ନାହିଁ । ବିଶ୍ୱ ପ୍ରକୃତି ଓ ମଣିଷ ପ୍ରକୃତି ସବୁକିଛି ଏକ ସ୍ୱାଧୀନ ପ୍ରାକୃତିକ ନିୟମରେ ସୃଷ୍ଟ ହୋଇଛି । ଭଗବାନ ବା ଅନ୍ୟ କୌଣସି ଅତି ପ୍ରାକୃତ ଶକ୍ତି ଏହାକୁ ସୃଷ୍ଟି କରିନାହାନ୍ତି । ତେଣୁ ବିଶ୍ୱ ପ୍ରକୃତି ସ୍ୱୟଂକ୍ରିୟ ଏବଂ ସ୍ୱୟଂ ପରିଚାଳିତ ; ଏହା ମଧ୍ୟ ସ୍ୱୟଂସ୍ଥିତ (Self existent) । ଶିଳ୍ପ ସାହିତ୍ୟ କ୍ଷେତ୍ରରେ ଏମାନଙ୍କ ମତ ଯେ, ଶିଳ୍ପୀର ଏକମାତ୍ର କାର୍ଯ୍ୟ ହେଉଛି ବାହାର ପ୍ରକୃତିର କାର୍ଯ୍ୟବିଧି ପର୍ଯ୍ୟବେକ୍ଷଣ କରିବା ଏବଂ ବାସ୍ତବ ପରିବେଶର ଯଥାଯଥ ଚିତ୍ର ଅଙ୍କନ କରିବା କିମ୍ବା ନିଜର ଆଦର୍ଶବାଦ ଦ୍ୱାରା ପ୍ରାକୃତିକ କାର୍ଯ୍ୟାବଳୀକୁ ବିକୃତ କରିବା ଶିଳ୍ପୀର ଅଧିକାର ବହିର୍ଭୂତ । ବାସ୍ତବବାଦ ହିଁ ସାହିତ୍ୟରେ ପ୍ରକୃତିବାଦ ରୂପେ ଆତ୍ମପ୍ରକାଶ କରେ । ପ୍ରକୃତିବାଦୀ ସାହିତ୍ୟିକଙ୍କ ମଧ୍ୟରେ ଫ୍ଲବର୍ଟ ଜୋଲା ଓ ମୋପାଁସା ଅଗ୍ରଗଣ୍ୟ ।(ରାଉତରାୟ, ୧୯୭୨, ପୃ: ୧୬୮)

## ରୂପଚେତନାବାଦ

ଊନବିଂଶ ଶତାବ୍ଦୀର ଶେଷ ପାଦରେ ଇଂପ୍ରେସନିଜମ ଫ୍ରାନ୍ସରେ ପ୍ରସାରଲାଭ କଲା । ଏହା ପଛରେ ଏକ ବୈପ୍ଳବିକ ଦାର୍ଶନିକ ବିଚାର ଥିଲା । ପଲଜିକୋନଡ୍ରିଙ୍କ ମତରେ ଟେକ୍‌ନିକାଲ ଉଦ୍‌ଭାବନର ଅଗ୍ରଗତି ସଙ୍ଗେ ସମାନ୍ତରାଳ ଭାବରେ ଇଂପ୍ରେସନିଜମର ପ୍ରସାର ହୋଇଥିଲା । ଶିଳ୍ପୀ Manet ଏହାର ନେତା । ସୌନ୍ଦର୍ଯ୍ୟର ଆନୁଷ୍ଠାନିକ ବିଚାର (Academic cannons of beauty) ବିରୁଦ୍ଧରେ ବିଦ୍ରୋହ କରି ଏ ଆନ୍ଦୋଳନର ଆରମ୍ଭ ହୋଇଥିଲା । ଯଥାର୍ଥତାରେ (Actuality) ତୀବ୍ର ଆଗ୍ରହ ଅର୍ଥାତ୍ ସମସାମୟିକ ଜୀବନ ଏବଂ ରୀତିନୀତିରେ ଆଗ୍ରହ ହିଁ ଥିଲା ଏହି ମତବାଦର ଲକ୍ଷଣ (ରାଉତରାୟ, ୧୯୭୨, ପୃ: ୧୭୦)

## ପ୍ରତୀକବାଦ

ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଫ୍ରାନ୍ସରେ ପ୍ରତୀକବାଦ ଏକ ଅଭିନବ ଚିନ୍ତାଧାରା ରୂପେ ଦେଖାଦିଏ । ଏହାର ମୂଳତତ୍ତ୍ୱ ହେଲା, କୌଣସି ଜିନିଷକୁ ସିଧାସଳଖ ପ୍ରକାଶନକରି ତାର ଅନୁକରଣ କରିବା । ମଣିଷର ଭାବ ଅନୁଭୂତି ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତିତ ହେଉଛି, ରୂପାନ୍ତରିତ ହେଉଛି । ଚେତନାର ପ୍ରତ୍ୟେକ ମୁହୂର୍ତ୍ତ ଅନ୍ୟ ମୁହୂର୍ତ୍ତ ଠାରୁ ସ୍ୱତନ୍ତ୍ର । ତେଣୁ ଆମେ ଯାହା ଅନୁଭବ କରୁ ତାକୁ ପ୍ରଚଳିତ ଭାଷାରେ ବା ରୀତିରେ ପ୍ରକାଶ କରିବା ଆମ ପକ୍ଷେ ସମ୍ପୂର୍ଣ୍ଣ ଅସମ୍ଭବ । ପ୍ରତ୍ୟେକ ଲେଖକର ବ୍ୟକ୍ତିତ୍ୱ ମଧ୍ୟ ଅନନ୍ୟ ଏବଂ ତା' ଜୀବନର ପ୍ରତିଟି ମୁହୂର୍ତ୍ତର ଏକ ସ୍ୱତନ୍ତ୍ର ସ୍ୱର ଅଛି । ତେଣୁ ଲେଖକର କର୍ତ୍ତବ୍ୟ ଏପରି ଏକ ବିଶେଷ ଭାଷା ଅନୁସନ୍ଧାନ ବା ଆବିଷ୍କାର କରିବା, ଯାହା ତାର ବ୍ୟକ୍ତିତ୍ୱ ଓ ଭାବରାଜିକୁ ନିର୍ଭୁଲ ଭାବେ ପ୍ରକାଶ କରିପାରିବ । ଏ ପ୍ରକାର ଭାଷା ପ୍ରତୀକ (Symbol) ବ୍ୟବହାର କରିବାକୁ ବାଧ୍ୟ ହେବ । କାରଣ ଯାହା ଏତେ ବିଶିଷ୍ଟ, ଏତେ କ୍ଷଣସ୍ଥାୟୀ, ଏତେ ଅସ୍ପଷ୍ଟ ତାହାକୁ କେବଳ ଭାଷାରେ ବର୍ଣ୍ଣନା ଦ୍ୱାରା ପ୍ରକଟ କରିହେବ ନାହିଁ । ସେଥିପାଇଁ ଆବଶ୍ୟକ ପ୍ରତୀକ ପରେ ପ୍ରତୀକ, ଚିତ୍ରକଳ୍ପ ପରେ ଚିତ୍ରକଳ୍ପ ଯାହା ପାଠକମାନଙ୍କ ନିକଟରେ ବିଷୟଟିର ସ୍ୱରୂପ ଉଦ୍‌ଘାଟନ କରିବ ।(ରାଉତରାୟ, ୧୯୭୨, ପୃ: ୧୭୮)

## ଚିତ୍ରକଳ୍ପବାଦ

ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଟି.ଇ.ହ୍ୟୁମ୍ ଚିତ୍ରକଳ୍ପବାଦର ପ୍ରଚାର କରନ୍ତି । ଏହାଙ୍କ ମତରେ ପ୍ରତୀକ ତୁଳନାରେ ଅଧିକ ବେଶୀ ସ୍ୱାଧୀନତା ଚିତ୍ରକଳ୍ପରେ ମିଳିଥାଏ । ଚିତ୍ରକଳ୍ପ ସାହାଯ୍ୟରେ ବାସ୍ତବତାର ପୂର୍ଣ୍ଣାଙ୍ଗ ସ୍ୱରୂପ ପାଠକ ଚେତନାରେ ଉଦ୍‌ଭାସିତ ହୁଏ । ଚିତ୍ରକଳ୍ପ କେବଳ ବୁଦ୍ଧିନୁହେଁ ମଣିଷର ସହଜାତ ଚେତନାକୁ ମଧ୍ୟ ଉଦ୍‌ଘାଟନ କରିପାରେ । କେବଳ ସେତିକି ନୁହେଁ ମଣିଷର ମଗ୍ନ ଚୈତନ୍ୟରେ ଅନେକ ଅଂଶକୁ ପୁନରୁଜ୍ଜୀବିତ କରିବା ପାଇଁ ସମର୍ଥ । ତେଣୁ ପ୍ରତୀକ ଓ ଚିତ୍ରକଳ୍ପ ଏକ ମୂଳ ଉଦ୍ଦେଶ୍ୟ ସମ୍ଭୂତ ହେଲେ ମଧ୍ୟ ପ୍ରୟୋଗର ଭିନ୍ନତା ଦୃଷ୍ଟିରୁ ଉଭୟ ସ୍ୱତନ୍ତ୍ର ଓ ସ୍ୱକକ୍ଷଚାରୀ । (ରାଉତରାୟ, ୧୯୭୨, ପୃ: ୧୭୮-୧୭୯)

## ଡାଡାବାଦ

ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ବିଶ୍ୱସାହିତ୍ୟରେ ଏକଝଡ଼ ଉଠେ, ଯାହାର ନାମ ଡାଡାବାଦ । ଜୁରିଖ ସହରରେ ୧୯୧୬ ଖ୍ରୀ:ଅ:ରେ ରୁମାନିଆର ବିଖ୍ୟାତ କବି ସାରା ଓ କେତେଜଣ ବିଦ୍ରୋହୀ

ଲେଖକ ମିଶି ଡାଡାବାଦର ପ୍ରତିଷ୍ଠା କରନ୍ତି । ସେମାନଙ୍କ ମତରେ - ପ୍ରତ୍ୟେକ ବସ୍ତୁ ଧ୍ୱଂସ ହୋଇସାରିଛି । ଡାଡାବାଦ ସେଇ ଧ୍ୱଂସର ଏକ ହିସାବ ତାଲିକା କିମ୍ବା ନିର୍ଭୁଲ ଭାବେ କହିଲେ ସଭ୍ୟତାର ଏକ ଯମଦୂତ । ଡାଡାବାଦର ଅର୍ଥ ସମ୍ପୂର୍ଣ୍ଣ ନାସ୍ତିବାଦ । Dada - a name that means absolutely nothing । ଡାଡାବାଦୀଙ୍କ ମତରେ Religion, Reason ଓ Reverence (ଧର୍ମ, ଯୁକ୍ତି ଓ ଶ୍ରଦ୍ଧା) ଏହି Three 'R' ହିଁ ପୃଥିବୀର ସବୁ ଆବର୍ଜନାର ମୂଳ କାରଣ । ତେଣୁ ଏମାନଙ୍କ ମତରେ ପୃଥିବୀର ସମସ୍ତ ବସ୍ତୁ ଛଳନାପୂର୍ଣ୍ଣ ଅଭିନୟ ମାତ୍ର । ପ୍ରଥମ ମହାସମରରେ ଦେଖା ଦେଇଥିବା ନୈତିକ ସଂକଟ, ବ୍ୟକ୍ତିକୈନ୍ଦ୍ରିକ ସନ୍ତ୍ରାସବାଦ ଓ ପତନମୁଖୀ ଧର୍ମାଚାର ହେଉଛି ଡାଡାବାଦର ହେତୁ । (କଳିଙ୍ଗ ଶାରଦୀୟ ବିଶେଷାଙ୍କ, ୧୯୬୬, ପୃ: ୧୪୭)

**ଅତିବାସ୍ତବବାଦ**

ଆବିର୍ଭାବର ମାତ୍ର ୬ ବର୍ଷ ପରେ ଡାଡାବାଦର ମୃତ୍ୟୁ ଘଟେ ଏବଂ ତାରି କବର ଉପରେ ପ୍ରତିଷ୍ଠିତ ହୁଏ Surrealism ବା ଅତିବାସ୍ତବବାଦ । ଏହାର ଆଭିମୁଖ୍ୟ ହେଲା ପ୍ରକୃତ ସତ୍ୟର ଉଦ୍‌ଘାଟନ, ସେ ସତ୍ୟ ଯେତେ କଠୋର ଯେତେ ନିର୍ମମ ଓ ଯେତେ ଅପମାନଜନକ ହୋଇଥାଉନା କାହିଁକି, ମଣିଷର ମୁଖା ଖୋଲି ତାର ପ୍ରକୃତ ସ୍ୱରୂପ ଉଦ୍‌ଘାଟନ କରିବା ଏହି ଚିନ୍ତାଧାରାର ଅନ୍ତର୍ଗତ ।(ରାଉତରାୟ, ୧୯୭୨, ପୃ: ୧୮-୧୯)

**ନିଃସଙ୍ଗତାବାଦ**

କଥାକାର ଫ୍ରାଂକାଫ୍‌କାଙ୍କ ନିଃସଙ୍ଗତା ବା ହତାଶାବାଦ ମଧ୍ୟ ଆଧୁନିକ ସାହିତ୍ୟକୁ କମ୍ ପ୍ରଭାବିତ କରିନାହିଁ । ମଣିଷ ତାର ଜୀବନରେ କିପରି ନିଃସଙ୍ଗ ହୋଇ ଜାତି, କୁଟୁମ୍ବ, ଦେଶଠାରୁ ଦୂରେଇ ଯାଇ ଏକ ନିର୍ଜନ ଦ୍ୱୀପରେ ରହିଯାଇଛି, ସେପରି ତାକୁ ସାହାଯ୍ୟ ଓ ସହାନୁଭୂତି ଦେଖାଇବା ପାଇଁ କେହି ନାହାନ୍ତି । ସେ ଏକାକୀ ଦୁନିଆକୁ ଆସିଛି, ଏକାକୀ ବଞ୍ଚିଛି ମଧ୍ୟ । ତିନିତିନି ଥର ପ୍ରେମ କ୍ଷେତ୍ରରେ ପ୍ରତ୍ୟାଖ୍ୟାତ କାଫ୍‌କା ଶେଷ ଜୀବନରେ ରୋଗ ଶଯ୍ୟାରେ ପଡ଼ି ନିଃସଙ୍ଗତାକୁ ମର୍ମେ ମର୍ମେ ଅନୁଭବ କରି ହତାଶାର ସାଗରରେ ନିମଜ୍ଜିତ ହେଉଥିଲେ । The Trialରେ ତାଙ୍କ ନିରୀହ ନାୟକ, ନିଜ ଅପରାଧ ସମ୍ପର୍କରେ ଅଜ୍ଞ ଥାଇ ଅପରାଧୀ ଭାବେ ଗିରଫ ହୋଇଛି । ନାନା ମାନସିକ ଯନ୍ତ୍ରଣା ମଧ୍ୟରେ ଶେଷରେ ସେ ଶୋଚନୀୟ ମୃତ୍ୟୁବରଣ କରିଛି । ନିରୀହ ମଣିଷକୁ ରକ୍ଷା କରିବା ପାଇଁ ସମାଜ ତଥା ଧର୍ମ ଅକ୍ଷମ ହୋଇଛି । The Castle ଓ Americaରେ ମଧ୍ୟ ଏହି ହତାଶ ଓ ନିରାପତ୍ତାହୀନତା, ଶଙ୍କିତ ମାନସିକତା ଓ ନିଃସଙ୍ଗତା ବୋଧର କରୁଣ ମୂର୍ଚ୍ଛନା ରହିଛି । ସେଇଥିପାଇଁ ସେ ଏ ଯୁଗର ଅତୃପ୍ତ ଦୀର୍ଘଶ୍ୱାସ ।

କାଫ୍‌କାଙ୍କ ଗଳ୍ପ ଉପନ୍ୟାସରେ ଚିତ୍ରିତ ଏହି ହତାଶା, ନିଃସଙ୍ଗତାବୋଧ ଓ ଶଙ୍କିତ ମାନସିକତା ପରବର୍ତ୍ତୀ ସାହିତ୍ୟ ତଥା ସାହିତ୍ୟିକ ଗୋଷ୍ଠୀଙ୍କୁ ପ୍ରଭାବିତ କରିଛି । ତାଙ୍କରି ପ୍ରତିଷ୍ଠିତ ଧାରାକୁ ଗ୍ରହଣ କରି Madme Nathalie Sarrate (ମାଡ଼ାମା ନାଥାଲୀ ସାରତେ) ଘଟଣା ବିହୀନ ଚରିତ୍ର ବର୍ଜିତ "ଆଭାଣ୍ଟାଗ୍ରାଦ୍" ଉପନ୍ୟାସ ରଚନା କରି ୧୯୬୪ରେ International prize for Literature ପାଇଛନ୍ତି । ମାଡାମାଙ୍କ New novelକୁ କେହି କେହି Anti novel ମଧ୍ୟ କହିଥାନ୍ତି ।

## ଚେତନାପ୍ରବାହ ଧାରା

ସାହିତ୍ୟ କ୍ଷେତ୍ରରେ ଚେତନାପ୍ରବାହ (Stream of Consciousness) ମଧ୍ୟ ଏକ ଉଲ୍ଲେଖଯୋଗ୍ୟ ଉପାଦାନ । ବିଶ୍ୱ ସାହିତ୍ୟରେ ଜେମ୍‌ସ ଜଏସ୍‌ଙ୍କ ଦ୍ୱାରା ଏହି ନବଦିଗନ୍ତର ଉନ୍ମୋଚନ ଘଟିଲା । ଏହାର ଆଭିମୁଖ୍ୟ ହେଲା - ମଣିଷ ମନର ଅନ୍ତରାଳରେ ଯେଉଁ ଚିନ୍ତାସ୍ରୋତ ପ୍ରବାହିତ ହୋଇ ଯାଉଛି, ତନ୍ମଧ୍ୟରେ ଲୁଚି ରହିଥାଏ ମଣିଷ ଆକାଂକ୍ଷାର ସୁନିର୍ଦ୍ଦିଷ୍ଟ ପ୍ରତିମା ବା ଚିତ୍ରକଳ୍ପ । ସେହି ପ୍ରବାହମାନ ଚେତନା ମଧ୍ୟରେ ମଗ୍ନ ହୋଇଥିବା ପ୍ରତିମା ରୂପକଳ୍ପ ନିର୍ଦ୍ଦିଷ୍ଟ ରୂପରେ ପତିଭାତ ହୁଅନ୍ତି । ଏହି ଚେତନା ପ୍ରବାହ ଜୀବନ ଠାରୁ ବିଚ୍ଛିନ୍ନ ନୁହେଁ, ଖଣ୍ଡିତାଂଶ ନୁହେଁ । ତେଣୁ ବାହାରକୁ ଗୋପନ ଥିଲେ ସୁଦ୍ଧା ମନର ଅଭ୍ୟନ୍ତରରେ ଅନ୍ତଃସଲିଳା ଫଲ୍‌ଗୁ ଭଳି ପ୍ରବାହିତ ଏହି ଚେତନା ସ୍ରୋତ ମଧ୍ୟରେ ମଣିଷ ମନର ପ୍ରକୃତ ଭାବମୂର୍ତ୍ତିକୁ ଲେଖକ ଆବିଷ୍କାର କରେ । ତପ୍ରରେ ଏହି ଚେତନାକୁ ଲେଖକ ତାର ଲେଖନୀ ମୁନରେ ରୂପଦିଏ । ସହଜ କଥାରେ ମଣିଷ ମନର ବିଭିନ୍ନ ଚେତନା ଗୋଟିକ ପରେ ଗୋଟିଏ ବିଭିନ୍ନ ପରିବେଶ ମଧ୍ୟରେ ପ୍ରବାହିତ ହୋଇଯାଏ ଏବଂ ଏହି ଚେତନାଗୁଡ଼ିକ ପରସ୍ପର ସହିତ ସମ୍ପର୍କ ରକ୍ଷା କରିଥାଉ ବା କରିନଥାଉ ଏହା (ଲେଖକର) ନିଜସ୍ୱ ଚିନ୍ତାଧାରା ପ୍ରକାଶ ପାଇଁ ଏକ ନିର୍ଦ୍ଦିଷ୍ଟ ମାଧ୍ୟମ ରୂପେ ଗୃହୀତ ହୋଇଥାଏ । ଚରିତ୍ରର ମାନସିକ ରୂପକଳ୍ପ ବା ପ୍ରତୀକ (Mental images or symbols) ଚେତନା ପ୍ରବାହଧର୍ମୀ ରଚନାରେ ଘଟଣାକୁ ନିୟନ୍ତ୍ରଣ କରେ । ଚରିତ୍ରମାନଙ୍କ ମନରେ ଚାଲିଥିବା ଅବିଶ୍ରାନ୍ତ ଚେତନାଧାରା ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରାଯାଇଥାଏ । ତେଣୁ ଏଥିରେ ଲେଖକର mood, ଅତୀତର ସ୍ମୃତି, ଭବିଷ୍ୟତର ଭାବନା ଓ ଅନୁଭୂତି ଆଦି ପ୍ରକାଶ ପାଇଥାଏ ।(ପଟ୍ଟନାୟକ, ୧୯୬୯, ପୃ: ୧୨୦)

## ଅବକ୍ଷୟବାଦ

ପାଶ୍ଚାତ୍ତ୍ୟ ଦେଶରେ ବିଳାସବ୍ୟସନରେ ଅତିଷ୍ଠ ହୋଇ ପଡ଼ିଥିବା ଯୁବଗୋଷ୍ଠୀଙ୍କ ପାଖରେ ନୂତନ ଜୀବନ ଜିଜ୍ଞାସା ଦେଖାଦେଲା । ତେଣୁ ପ୍ରଥମେ ଇଂଲଣ୍ଡରେ ଦେଖାଦେଲେ ବିଟ୍ ଗୋଷ୍ଠୀ । ଏହି ବିଟ୍‌ମାନେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ମନେ କରୁଥିଲେ ଅପୂର୍ବ ଓ ଅପରିହାର୍ଯ୍ୟ । ଏମାନେ ପୁଣି ଅତୀତକୁ ଅସ୍ୱୀକାର କରିବା ସଙ୍ଗେସଙ୍ଗେ ଭବିଷ୍ୟତ ପ୍ରତି ଅନାସ୍ଥା ରଖୁଥିବା ତତ୍‌କ୍ଷଣିକବାଦର ଧ୍ୱଜାଧାରୀ । ତେଣୁ ସେମାନେ ମନେ କରୁଥିଲେ ସୁନ୍ଦର ଆଦିମ ଧରିତ୍ରୀକୁ ଏକ ଶୋକାଚ୍ଛନ୍ନ ଶରଶଯ୍ୟା ରୂପେ । ଏହି ବିଟ୍‌ଲସ୍, ବିଟ୍‌ବାବିଟନିକ୍ ମତବାଦର ଜୀବନ ଦର୍ଶନ ବିଚିତ୍ର । ବିବାହ, ପରିବାର, ପ୍ରଜନନ, ଗାର୍ହସ୍ଥ୍ୟ, ଶିଷ୍ଟାଚାର, ଧର୍ମାନୁଷ୍ଠାନ, ରାଷ୍ଟ୍ର- ଯାହାକି ପ୍ରଚଳିତ ସମାଜ ବ୍ୟବସ୍ଥାର ପ୍ରଧାନ ଅଙ୍ଗ, ତା'ପ୍ରତି ସେମାନଙ୍କର ଚରମ ଅନାସ୍ଥା । ସେହିପରି ବସ୍ତିବାସ, ପର୍ଯ୍ୟଟନ ବୃତ୍ତି, ଯୌନ ଅନାଚାର, ମାଦକଦ୍ରବ୍ୟ ସେବନ ପ୍ରଭୃତି ଯାହାକିଛି ଅସାମାଜିକ ତା' ପ୍ରତି ଏମାନଙ୍କର ଗଭୀର ଆସକ୍ତି । ଏହି ବିଟ୍ ମତବାଦର ଏକ ପରିବର୍ତ୍ତିତ ରୂପ ପରବର୍ତ୍ତୀ କାଳରେ ଆମେରିକାରେ ହିପ୍‌ପୀ, ଇପ୍‌ପୀ ଆଦି ମତବାଦ ମଧ୍ୟରେ ଦେଖାଗଲା । ଭିଏତ୍‌ନାମ ଯୁଦ୍ଧ ପ୍ରତି ନିସ୍ପୃହ ତରୁଣ ସମାଜ ଅସ୍ଥିର ଉଦ୍‌ଭ୍ରାନ୍ତ ଜୀବନଚର୍ଯ୍ୟା ମାଧ୍ୟମରେ ନିଃସଙ୍ଗତା ଓ ଯୁଦ୍ଧର ବିଭୀଷିକାକୁ ନିଶାସେବନ, କୃଷ୍ଣନାମ କୀର୍ତ୍ତନ ତଥା ଯୋଗସାଧନ ମଧ୍ୟରେ ଭୁଲିବାର ଚେଷ୍ଟା କଲେ । ଫଳରେ ଭାରତବର୍ଷ ହେଲା ସେମାନଙ୍କର ବିଚରଣ କ୍ଷେତ୍ର । ଅନୁକରଣ ପ୍ରିୟ ଭାରତୀୟ ଯୁବ ସମାଜ ମଧ୍ୟରେ ଏହା ଚମକପ୍ରଦ ଏକ

ସୌଖୀନ ଆଦର୍ଶ ରୂପେ ଦେଖାଦେଲା । ପାଶ୍ଚାତ୍ୟ ସାହିତ୍ୟକୁ ଏହାର ଆଦର୍ଶ ପ୍ରଭାବିତ କଲାପରି, ଭାରତୀୟ ସାହିତ୍ୟ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେଲା । (ପଟ୍ଟନାୟକ, ୧୯୬୯, ପୃ: ୭୩-୭୮)

ବିଶ୍ୱ ସାହିତ୍ୟରେ ଦେଖାଦେଇଥିବା ବିଭିନ୍ନ ଚେତନା ଓ ମତବାଦ, ଭାରତ ତଥା ଓଡ଼ିଶାର ସାମାଜିକ, ରାଜନୀତିକ ଓ ଐତିହାସିକ ବିବର୍ତ୍ତନ କଥାକାର ସୁରେନ୍ଦ୍ରଙ୍କ ମାନସପଟରେ ଯେଉଁ ପ୍ରଭାବ ପକାଇଛି, ତାହା ତାଙ୍କ କ୍ଷୁଦ୍ରଗଳ୍ପର ବିଚାର ପାଇଁ ପୃଷ୍ଠଭୂମି ରୂପେ ଉପସ୍ଥାପିତ ।

## ସୁରେନ୍ଦ୍ରଙ୍କ ରାଜନୀତିକ ଚେତନା

ବିଂଶ ଶତାବ୍ଦୀର ମଣିଷ ନିଜର ସମାଜ ଜୀବନ ତଥା ବ୍ୟକ୍ତି ଜୀବନରେ ରାଜନୀତି ସହ ଘନିଷ୍ଠ ଭାବେ ସଂଶ୍ଲିଷ୍ଟ । ତେଣୁ ସାହିତ୍ୟର ବିଭିନ୍ନ ବିଭାବ ଭଳି ଗଳ୍ପରେ ରାଜନୀତିକ ପରିବେଶ ଓ ମତବାଦର ଚିତ୍ର ଦେଖିବାକୁ ମିଳିବା ସ୍ୱାଭାବିକ । ଅବଶ୍ୟ ଏହି ଗଳ୍ପଗୁଡ଼ିକର ରଚନା ସମୟରେ ବେଳେବେଳେ ଗାଳ୍ପିକ ନିଜର ପରିଚୟ ହରାଇ କୌଣସି ରାଜନୀତିକ ଦଳ ବା ନେତୃତ୍ୱର ଅନ୍ଧ ସ୍ତାବକତା କରିବସିଥାଏ । ଏଭଳି କ୍ଷେତ୍ରରେ ଗଳ୍ପର ଗଳ୍ପକଳା ସ୍ୱୟଂ ପ୍ରତାରିତ ହୁଏ ଓ କଳାତ୍ମକ ମୂଲ୍ୟବୋଧର ମୃତ୍ୟୁ ଘଟେ । ଫଳରେ ଗଳ୍ପସୃଷ୍ଟି ଏକ ଅଣସାହିତ୍ୟିକ ସ୍ୱେଚ୍ଛାଚାର (ଏକ ଅପସାଂସ୍କୃତିକ ବ୍ୟଭିଚାର) ହୋଇପଡ଼େ । ମାତ୍ର ଏକ ନିର୍ଦ୍ଦିଷ୍ଟ ସମୟର ରାଜନୀତିକ ଆବେଦନକୁ କଳାତ୍ମକ ଅଭିବ୍ୟଞ୍ଜନା ସହାୟତାରେ ଗାଳ୍ପିକ ଯେଉଁ ଗଳ୍ପରେ ସାମାଜିକ ସଚେତନତା ଓ ଜନଜାଗରଣ ସୃଷ୍ଟି କରେ ସେ କ୍ଷେତ୍ରରେ ତାହା ସାର୍ଥକ ହୋଇଥାଏ । ଏହି ଶ୍ରେଣୀର ଗଳ୍ପରେ ଚିରନ୍ତନ ମାନବିକ ଫଲଗୁ ସହ ମର୍ଯ୍ୟାଦାମୟୀ ସାହିତ୍ୟ ଗଙ୍ଗାର ସ୍ୱଚ୍ଛ ପ୍ରବହନ ଅକ୍ଷୁଣ୍ଣ ରହିଥାଏ । ଯେଉଁଠାରେ ରାଜନୀତିକଗଳ୍ପ କଳାତ୍ମକ ଆବେଦନ ହରାଏ ସେଠାରେ ତାହା ରାଜନୀତିକ ପ୍ରଚାରପତ୍ର ବା ଦଲିଲ୍ ହୋଇପାରେ କିନ୍ତୁ ସାହିତ୍ୟର ମର୍ଯ୍ୟାଦା ପାଇ ପାରେ ନାହିଁ । ଏହି ଦୃଷ୍ଟିରୁ ଗାଳ୍ପିକ ପ୍ରତ୍ୟେକ ରାଜନୀତିକ ତନ୍ତ୍ର ଓ ଘଟଣାର ବିଶ୍ଳେଷଣ ପୂର୍ବକ ମାନବିକ ଭାବ ସତ୍ୟ ଓ ସାମାଜିକ ଭାବବୋଧର ସମନ୍ୱୟ ସାଧନ କରିଥାଏ । ଏହା ସହିତ ଜାତୀୟ ମୂଲ୍ୟବୋଧର ବୈଶିଷ୍ଟ୍ୟକୁ ସମ୍ମିଶ୍ରଣ କରି ରାଜନୀତିକ ଭାବଚେତନା ଭିତ୍ତିକ ଗଳ୍ପ ସୃଷ୍ଟିରେ ମନୋନିବେଶ କରିଥାଏ ।

ଏହି ପରିପ୍ରେକ୍ଷୀରେ ସୁରେନ୍ଦ୍ରଙ୍କ ଗାଳ୍ପିକ ଜୀବନକୁ ଅନୁଧ୍ୟାନ କଲେ ଏକଥା ସ୍ପଷ୍ଟ ଯେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ପ୍ରତ୍ୟକ୍ଷ ରାଜନୀତି ସହ ସଂଶ୍ଲିଷ୍ଟ ଯେଉଁ କେତେଜଣ ସ୍ରଷ୍ଟା ମୌଳିକ ସୃଷ୍ଟି ସମ୍ଭାରରେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ସେମାନଙ୍କ ମଧ୍ୟରେ ସେ ଅନ୍ୟତମ । ପୁଣି ସେ ଗାଳ୍ପିକ ଜୀବନର ପ୍ରଥମ ପର୍ଯ୍ୟାୟରୁ ସମସାମୟିକ କାଳ ପର୍ଯ୍ୟନ୍ତ ବିଭିନ୍ନ ରାଜନୀତିକ ତନ୍ତ୍ର ଓ ନିଜର ବ୍ୟକ୍ତିଗତ ରାଜନୀତିକ ଜୀବନର ଅନୁଭୂତି ମଧ୍ୟରୁ ଯେଉଁ ଗଳ୍ପଗୁଡ଼ିକ ରଚନା କରିଛନ୍ତି ତାହା କୌଣସି ତଥ୍ୟ ବା ତତ୍ତ୍ୱର ପ୍ରଚାର ଉଦ୍ଦେଶ୍ୟରେ ନୁହେଁ ବିଭିନ୍ନ ସମୟରେ ତାଙ୍କ ଅନୁଭୂତିର କଷଟିରେ ନିକଷିତ ରାଜନୀତିକ ଚେତନାରାଜିର କଳାତ୍ମକ ପରିପ୍ରକାଶ ମାତ୍ର । ପୁଣି ବିଭିନ୍ନ ସମୟର ରାଜନୀତିକ ସ୍ପନ୍ଦନ ଓ ରାଜନୀତିକ ଜୀବନର ପରିବର୍ତ୍ତନ ସହିତ ତାଙ୍କର ଗଳ୍ପଗୁଡ଼ିକର ବକ୍ତବ୍ୟରେ ଯେଉଁ ପରିବର୍ତ୍ତିତ ସ୍ୱର ଲକ୍ଷ୍ୟ କରାଯାଏ, ତାହା ପରବର୍ତ୍ତୀ ଆଲୋଚନାରେ ସ୍ପଷ୍ଟ ହେବ । ଏହା ସହିତ ଭାରତୀୟ ରାଜନୀତିର ବିବର୍ତ୍ତନର ଚିତ୍ର କିଭଳି ତାଙ୍କ ଗଳ୍ପଗୁଡ଼ିକରେ ରୂପାୟିତ ତାହା ଏହି ପର୍ଯ୍ୟାୟରେ ଆଲୋଚନା କରାଯିବ ।

## ସାମ୍ୟବାଦୀ ଦର୍ଶନର ସରୂପ ଓ ତାର ବିଫଳତାର ଚିତ୍ର

ମିନୁ ମାସାନୀଙ୍କ Bolsivism ପୁସ୍ତକ ପଠନ ପରେ ଗାଳ୍ପିକ ସୁରେନ୍ଦ୍ର ସାମ୍ୟବାଦୀ ଦର୍ଶନର ପ୍ରଭାବ କ୍ରମେ 'ବନ୍ଦୀ' ଗଳ୍ପ ରଚନା କରିଥିଲେ । ତାଙ୍କର ଏହି ପ୍ରଥମ ଗଳ୍ପରେ ସେ ସଚେତନ ଭାବେ ମାର୍କସ୍‌ବାଦୀ ଦର୍ଶନର ପୃଷ୍ଠପୋଷକତା କରିଛନ୍ତି । ଶୋଷିତର ପ୍ରତିନିଧି ଦାସିଆ ପରିସ୍ଥିତିର ତାଡ଼ନାରେ ମହାଜନ ପାଖରୁ ଋଣ ଗ୍ରହଣ କରିଛି । ମହାଜନ ଋଣ ପରିଶୋଧ ପାଇଁ ଦାସିଆକୁ ବାଧ୍ୟ କରିଛି । ଏହି ସମୟରେ ଦାସିଆର ହୃଦୟ ବିଦ୍ରୋହୀ ହୋଇଉଠିଛି । ସେ କୋଟିପତିଙ୍କର ଅସ୍ତିତ୍ୱକୁ ପୃଥିବୀ ପୃଷ୍ଠରୁ ନିଶ୍ଚିହ୍ନ କରିଦେବା ପାଇଁ ଇଚ୍ଛା କରିଛି । ଅର୍ଥ ସଂଗ୍ରହ ପାଇଁ ସେ କଲିକତା ଯାତ୍ରା କରିଛି । ଭୋକ ଉପାସରେ କଲିକତାର ରାସ୍ତାକଡ଼ରେ ସେ ବସିଥିଲା ସମୟରେ ସାହାଯ୍ୟ ପ୍ରଦାନ ପାଇଁ କାହାର ଦୃଷ୍ଟି ତା' ଉପରେ ପଡୁନଥାଏ । ସେତେବେଳେ ତା' ମନଟା ଈଶ୍ୱରଙ୍କ ପକ୍ଷପାତୀ ସୃଷ୍ଟି ପ୍ରତି ବିଦ୍ରୋହୀ ହୋଇଉଠୁଥାଏ ।(ଉତ୍କଳ ସାହିତ୍ୟ, ୧୯୩୮, ପୃ: ୨୭୧) କଲିକତାରୁ ସେ ପ୍ରତ୍ୟାବର୍ତ୍ତନ କଲା ପରେ ଅତି ସଚେତନ ଭାବେ ଶୋଷକର ପ୍ରତିନିଧି ମହାଜନକୁ ଠେଙ୍ଗାରେ ପିଟି ହତ୍ୟା କରିବା ଘଟଣାରେ ଗଳ୍ପଟି ଶେଷ ହୋଇଛି । ସାମ୍ୟବାଦୀ ଦର୍ଶନ ଅନୁଯାୟୀ ସମାଜର ଶୋଷକ ଓ ଶୋଷିତ ଶ୍ରେଣୀ ବିଭାଜନ ତଥା ଈଶ୍ୱରଙ୍କ ସତ୍ତା ପ୍ରତି ଅବିଶ୍ୱାସ ମନୋଭାବ ଗାଳ୍ପିକଙ୍କ ବନ୍ଦୀ ଗଳ୍ପରେ ପରିଲକ୍ଷିତ ହୋଇଥାଏ ।

"ବନ୍ଦୀ"ର ପରବର୍ତ୍ତୀ କାଳରେ ରଚିତ ଗଳ୍ପ "ବାଲି"ରେ ନରି ପ୍ରଧାନ ଚରିତ୍ର ମାଧ୍ୟମରେ ଗାଳ୍ପିକ ସାମ୍ୟବାଦୀ ଦର୍ଶନର ତତ୍ତ୍ୱକୁ ଅଧିକ ସ୍ପଷ୍ଟ ଭାବେ ବ୍ୟାଖ୍ୟା କରିଛନ୍ତି । ଏହି ଗଳ୍ପରେ ପୁଞ୍ଜିପତିଙ୍କ ସମ୍ପର୍କରେ ନରି ପ୍ରଧାନର ବକ୍ତବ୍ୟ ଅନୁଯାୟୀ ପୃଥିବୀରେ ଅନେକ ଲୋକ ବିନା ପରିଶ୍ରମରେ ବିଳାସ ବ୍ୟସନ ମଧ୍ୟରେ ଦିନ ଅତିବାହିତ କରନ୍ତି । (ମହାନ୍ତି, ବାଲି, ପୃ: ୨୩୧) ତେଣୁ ସେ ସମବୟସ୍କ ଦଳେଇବୁଡ଼ାର ମୂଲିଆ କୁଳର ଦୁଃଖ ଦୁର୍ଦ୍ଦଶାଜନିତ ଭାଗ୍ୟବାଦୀ ଦୃଷ୍ଟିକୋଣର ପ୍ରତିବାଦରେ କହିଛି ଯେ, ମଣିଷର ଦୁର୍ଦ୍ଦଶା ପାଇଁ ଦାୟୀ କେବଳ ମଣିଷ, ଭଗବାନ କେବଳ ଉପଲକ୍ଷ୍ୟ ମାତ୍ର । ଫଳରେ ବିଶାଳ ପୃଥିବୀରେ ଜଣକର ସଂକୀର୍ଣ୍ଣତା ଲାଗି ଅନ୍ୟ ଜଣକୁ ନିଶ୍ୱାସ ନେବା ଲାଗି ସ୍ଥାନ ମିଳେ ନାହିଁ । ଜଣକର ଲୋଭ ପୋଗୁଁ ଅନ୍ୟଜଣକୁ ଏ ପୃଥିବୀରେ ଦୁଇ ଓଳି ଦୁଇମୁଠା ପେଟ ଭରି ଖାଇବାକୁ ମିଳେନାହିଁ । ଏ ପୃଥିବୀ ବିରାଟ ହେଲେ ମଧ୍ୟ ଗରିବ, ଖଟିଖିଆର ଉଦର ପୂର୍ତ୍ତି ପାଇଁ ଆହାର ମିଳେ ନାହିଁ । ତେଣୁ ନରି ପ୍ରଧାନଙ୍କୁ ପଚାଶ ବର୍ଷ ବୟସରେ ମଧ୍ୟ ଅନ୍ନସଂସ୍ଥାନର ଚିନ୍ତାରେ ମୁହୂର୍ତ୍ତକ ପାଇଁ ବିଶ୍ରାମ ମିଳିନାହିଁ । (ମହାନ୍ତି, ପୂର୍ବୋକ୍ତ, ପୃ: ୨୩୩) ଫଳରେ ଯେଉଁ ପୃଥିବୀରେ ମଣିଷ ମଣିଷକୁ ଜୀବନର ଆସ୍ୱାଦ ଓ ବଞ୍ଚିବାର ଆନନ୍ଦରୁ ବଞ୍ଚିତ କରେ ସେଇ ପୃଥିବୀ ବିପକ୍ଷରେ ବିପ୍ଳବ ଓ ଝଡ଼ର ସୂଚନା ଗାଳ୍ପିକ ସୁରେନ୍ଦ୍ର ପ୍ରଦାନ କରିଛନ୍ତି ।(ମହାନ୍ତି, ପୂର୍ବୋକ୍ତ, ପୃ: ୨୩୩) 'ବନ୍ଦୀ' ଗଳ୍ପରେ ସୂଚିତ ସାମ୍ୟବାଦୀ ଦର୍ଶନ ତତ୍ତ୍ୱକୁ 'ବାଲି' ଗଳ୍ପରେ ଗାଳ୍ପିକ ସ୍ପଷ୍ଟ ଭାବେ ଉତ୍‌ଥାପନ କରିଛନ୍ତି । ପୁଣି ଦାସିଆ, ନରି ପ୍ରଧାନ ଭଳି ଶୋଷିତଙ୍କ ପ୍ରତିନିଧିତ୍ୱ କରିବା ପାଇଁ ଯେଉଁ ଆଦର୍ଶବାଦୀ ବିପ୍ଳବୀ ଜନନେତାର ଆବଶ୍ୟକତା ରହିଛି ତା'ର ଚିତ୍ର 'ଅତିଥି' ଗଳ୍ପରେ ଶ୍ୟାମଳ ଚରିତ୍ର ମାଧ୍ୟମରେ ଗାଳ୍ପିକ ଦେଇଛନ୍ତି । ଶ୍ୟାମଳ ଭଳି ଜନନେତା ଯେତେବେଳେ ସମସ୍ତ ବିଳାସବ୍ୟସନଠୁ ଊର୍ଦ୍ଧ୍ୱରେ ରହି ନିଜର ଘର ଭାଙ୍ଗିଦେଇ ଶୋଷିତଙ୍କର ଲକ୍ଷ ଲକ୍ଷ

ଘରର ଆହ୍ୱାନ ମଧ୍ୟରେ ନିଜର ସତ୍ତାକୁ ବିଲୁପ୍ତ କରିଦେବ, ସେତେବେଳେ ହିଁ ପୁଞ୍ଜିପତି ବିରୁଦ୍ଧରେ ବିପ୍ଳବ ସଂଗଠିତ ହୋଇପାରିବ; ଗାଳ୍ପିକଙ୍କର ଏହାହିଁ ଦୃଢ଼ ବିଶ୍ୱାସ ।(ମହାନ୍ତି, ଅତିଥି, ପୃ: ୧୧୬)

ଗାଳ୍ପିକ ସୁରେନ୍ଦ୍ରଙ୍କର ଏହି ବୈପ୍ଳବିକ ଚିନ୍ତାଧାରା ତାଙ୍କର ଆଦ୍ୟ ପର୍ଯ୍ୟାୟର ଗଳ୍ପଗୁଡ଼ିକରେ ସୀମିତ । ପରବର୍ତ୍ତୀ କାଳରେ ସେ ରାଜନୀତିକ ତତ୍ତ୍ୱ ଅପେକ୍ଷା ବ୍ୟକ୍ତିଗତ ଜୀବନର ରାଜନୀତିକ ବାସ୍ତବ ଅନୁଭୂତିକୁ ଗଳ୍ପର ପୃଷ୍ଠଭୂମି ରୂପେ ଗ୍ରହଣ କରିଛନ୍ତି । ଫଳରେ ତାଙ୍କର ସାମ୍ୟବାଦୀ ଦର୍ଶନର ଆଦର୍ଶବାଦୀ ଚିନ୍ତାଧାରା ଖଣ୍ଡ ବିଖଣ୍ଡିତ ହୋଇଯାଇଛି । ବିପ୍ଳବ ଅପେକ୍ଷା ମାନବିକତାର ସୌନ୍ଦର୍ଯ୍ୟ ତାଙ୍କୁ ଆକୃଷ୍ଟ କରିଛି । ତେଣୁ ସେ ଲେଖିଛନ୍ତି ଯେ, ମଣିଷଇତିହାସର ବହୁ ସଂଗ୍ରାମ ବ୍ୟର୍ଥ ହୋଇଛି, ବହୁ ବାଦ ବିବାଦ ମଧ୍ୟରେ ବିଲୟ ପାଇଛି, କେବଳ ଶେଷ ହୋଇ ଯାଇନି ଜ୍ୟୋସ୍ନା ପୁଲକିତ ମାଧବୀ ସନ୍ଧ୍ୟାର ପୁଲକ ସଞ୍ଚାର । ହୁଏତ ଏଭଳି ପ୍ରକୃତିର ଚିରନ୍ତନ ସୌନ୍ଦର୍ଯ୍ୟକୁ ସାମ୍ୟବାଦୀ ଦର୍ଶନରେ କୁହାଯାଇପାରେ ବିପ୍ଳବ ବିରୋଧୀ ପଳାୟନବାଦ ବା ବୁର୍ଜୋୟାବିଳାସ । (ମହାନ୍ତି, ରୁଟି ଓ ଚନ୍ଦ୍ର, ପୃ: ୨୧୬) ଏହି ମାନସିକ ପୃଷ୍ଠଭୂମିରେ ସେ କମ୍ରେଡ୍ ଲଳିତା ଚରିତ୍ର ମାଧ୍ୟମରେ ସାମ୍ୟବାଦର ସମାଲୋଚନା କରି ବର୍ଣ୍ଣନା କରିଛନ୍ତି ଯେ, ବିଂଶ ଶତାବ୍ଦୀରେ ମାର୍କସ୍‌ଙ୍କ ଇତିହାସର ଅର୍ଥନୀତିକ ଅବବୋଧ (Economical interpretation of history) ମଣିଷକୁ କରିଛି ଘୁଷୁରୀ, ତେଣୁ ଜୀବନ ହୋଇଛି କେବଳ 'ରୋଟି କା ସୱାଲ' ଅର୍ଥାତ୍ ମଣିଷର ବଞ୍ଚିବାର ଏକମାତ୍ର ଲକ୍ଷ୍ୟ କେବଳ ଖାଲି ପେଟ ଭରି ଗିଳିବା । ତେଣୁ ମଣିଷର ଆଖିରେ ରୁଟି ଚନ୍ଦ୍ର ଠାରୁ ଅଧିକ ଲୋଭନୀୟ ହୋଇପାରିଛି । ପ୍ରାଚୁର୍ଯ୍ୟ ହିଁ ଜୀବନର ଲକ୍ଷ୍ୟ ହୋଇଛି; କିନ୍ତୁ ପ୍ରାଚୁର୍ଯ୍ୟ ପରେ ଯେଉଁ ବୃହତ୍ତର ଲକ୍ଷ୍ୟ ରହିଛି ତାର ସନ୍ଧାନ ମିଳିପାରି ନାହିଁ ।(ମହାନ୍ତି, ପୂର୍ବୋକ୍ତ, ପୃ: ୨୧୬) ତେଣୁ ଧର୍ମଘଟ ପାଇଁ ମଜୁରୀ ବନ୍ଦ ଥିଲା ଅବସ୍ଥାରେ ଭୋକ ଉପାସରେ ଦିନ କାଟୁଥିବା ନୟନା ଓ କାଳୋରୀର ଜୀବନର ପ୍ରାଣପ୍ରାଚୁର୍ଯ୍ୟକୁ ଦୃଷ୍ଟାନ୍ତ ସ୍ୱରୂପ ଗ୍ରହଣ କରି କମ୍ରେଡ୍ ଲଳିତା ମୁଖରେ ଗାଳ୍ପିକ ସୁରେନ୍ଦ୍ର, ମାର୍କସ୍‌ବାଦର ଅପୂର୍ଣ୍ଣତା ସମ୍ପର୍କରେ କହନ୍ତି ଯେ, ଜୀବନ କେବଳ ଉତ୍ପାଦନ ଓ ବଣ୍ଟନ ନୁହେଁ । ପୂରା ମଜୁରୀ ଓ ପୂରାପେଟ ଜୀବନର ପ୍ରୟୋଜନୀୟତା ହୋଇପାରେ; କିନ୍ତୁ ଜୀବନର ଲକ୍ଷ୍ୟ ନୁହେଁ । ତେଣୁ ଜ୍ୟୋସ୍ନାର ପ୍ରାକୃତିକ ବିଳାସ ଓ ଆନନ୍ଦମୟ ପରିପୂର୍ଣ୍ଣତା ଭଳି ବଞ୍ଚିବା ଠାରୁ ଜୀବନ ହେଉଛି ଅଧିକ ସୁନ୍ଦର ।(ମହାନ୍ତି, ପୂର୍ବୋକ୍ତ, ପୃ: ୨୨୧) ତେଣୁ ଭବିଷ୍ୟତର ପୀଠିକା ଉପରେ ଦଣ୍ଡାୟମାନ ହୋଇ ସେ ପରବର୍ତ୍ତୀ କାଳରେ ଆକ୍ଷେପ କରି କହିଛନ୍ତିଯେ, ମାର୍କ୍‌ସ ମନୁଷ୍ୟକୁ ପରିଣତ କରିଥିଲେ ଉତ୍ପାଦନ ଯନ୍ତ୍ରର ଗୋଟିଏ ନଟ୍ ବୋଲ୍‌ଟରେ । ତାର କୌଣସି ସ୍ୱାତନ୍ତ୍ର୍ୟ ନାହିଁ ଅଥବା ବୈଶିଷ୍ଟ୍ୟ ନାହିଁ, ଜନତା ବା ମାସ୍‌ର ସେ ଏକ ଭଗ୍ନାଂଶ ମାତ୍ର ।(ମହାନ୍ତି, ୨୦୦୬, ପୃ: ୯)

ମାର୍କସ୍‌ବାଦୀ ଦର୍ଶନରେ ଶୋଷକ ଓ ଶୋଷିତ ଶ୍ରେଣୀ ବିଭାଗ ତଥା ପୂର୍ଣ୍ଣାଙ୍ଗ ବିପ୍ଳବ ପାଇଁ ଶ୍ରେଣୀ ସଂଘର୍ଷର ତତ୍ତ୍ୱ ବାସ୍ତବ ରାଜନୀତିରେ କିଭଳି ଯୁଗେ ଯୁଗେ ବିଫଳ ହୋଇଛି ସମାଲୋଚକର ଦୃଷ୍ଟିଭଙ୍ଗୀ ନେଇ 'ଅଣ୍ଡର ଗ୍ରାଉଣ୍ଡ' ଗଳ୍ପରେ ଶ୍ୟାମଳ ଚରିତ୍ର ମାଧ୍ୟମରେ ଗାଳ୍ପିକ ତାହା ପ୍ରକାଶ କରିଛନ୍ତି । ପୃଥିବୀର ପୁରାତନ ପ୍ରସ୍ତର ଯୁଗକାଳରୁ ସାମନ୍ତ ପୁଞ୍ଜିପତି ଓ ନିମ୍ନବିତ୍ତ ଶ୍ରେଣୀ ଏହି ଦୁଇଟି ଗୋଷ୍ଠୀ ବିଦ୍ୟମାନ । ଏହି ଦୁଇ ବିଭାଗ ମଧ୍ୟରେ ପୁଣି ମଧ୍ୟବିତ୍ତ ଗୋଷ୍ଠୀର ସ୍ଥାନ ରହିଛି । ଏହି

ମଧ୍ୟବିତ୍ତ ଶ୍ରେଣୀର ଆକାଂକ୍ଷା ସେ ବଡ଼ ଲୋକ ହେବ । ନିମ୍ନବିତ୍ତ ମଣିଷର ସ୍ୱପ୍ନ ପୃଥିବୀ ହେବ ସେମାନଙ୍କର । ଫଳରେ ମଧ୍ୟବିତ୍ତ ମଣିଷ ନିମ୍ନବିତ୍ତ ମଣିଷର ନେତୃତ୍ୱ ନେଇ ପୁରୁଣା ବଡ଼ଲୋକଙ୍କୁ ତଡ଼ି ହୁଏ ନୂଆ ସାମନ୍ତ ପୁଞ୍ଜିପତି । ପୁରୁଣା ମଧ୍ୟବିତ୍ତ ସ୍ଥାନରେ ନୂଆ ମଧ୍ୟବିତ୍ତ ଲୋକ ଆସି ପୁଣି ନିମ୍ନବିତ୍ତ ମଣିଷର ନେତୃତ୍ୱ ଗ୍ରହଣ କରନ୍ତି । ଏହାହିଁ ହେଉଛି ସବୁ ବିପ୍ଳବର ସିଦ୍ଧାନ୍ତିକ ଉପସଂହାର । (ମହାନ୍ତି, ଅଣ୍ଡର ଗ୍ରାଉଣ୍ଡ, ପୃ: ୨୨୪) ଏହି ସିଦ୍ଧାନ୍ତକୁ ଭ୍ରାନ୍ତ ପ୍ରତିପାଦନ କରିବା ପାଇଁ ଶ୍ୟାମଳ ମାଧ୍ୟମରେ ଗାଳ୍ପିକ ମତ ପ୍ରକାଶ କରିଥିଲେ ହେଁ ତାହା 'ଅଣ୍ଡର ଗ୍ରାଉଣ୍ଡ' ଗଳ୍ପରେ ସଫଳ ଭାବେ ପ୍ରକାଶିତ ହୋଇନାହିଁ । କାରଣ ଗଳ୍ପର ପରିଣତିରେ ଶ୍ୟାମଳ ଯଦିଓ ବିପ୍ଳବ ପାଇଁ ପ୍ରାଣପାତ କରିଛି ତାହା ଆଦର୍ଶର ଉପସ୍ଥାପନ ପାଇଁ ନୁହେଁ, ବରଂ ତାର ପ୍ରେରଣାଦାତ୍ରୀ କମ୍ରେଡ଼ ଲଳିତା ପ୍ରତି ଯୌନ ଆସକ୍ତି ଯୋଗୁଁ ଘଟିଛି ।

ଗାଳ୍ପିକ ସୁରେନ୍ଦ୍ର ନିଜ ଗଳ୍ପଗୁଡ଼ିକରେ ମାର୍କସ୍‌ବାଦୀ ଚେତନାର ବିଫଳତା ପାଇଁ ଅନ୍ଧ କ୍ଷମତା ମୋହ କିଭଳି ଦାୟୀ, ଚରିତ୍ର ତଥା ଘଟଣା ମାଧ୍ୟମରେ ପ୍ରତିପାଦନ କରିଛନ୍ତି । 'ନୟନପୁର ଏକ୍ସପ୍ରେସ୍' ଗଳ୍ପରେ ଶ୍ୟାମଳ ଚରିତ୍ର ନେତାଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ସମ୍ଭାବନାରେ ଯେଭଳି ଉଲ୍ଲସିତ, ସେଭଳି ମଧ୍ୟ 'ନରବଳି' ଗଳ୍ପରେ ପ୍ରତିଦ୍ୱନ୍ଦ୍ୱୀ ଦୁଇ ୟୁନିୟନ୍‌ର ଅରୁଣ ବିଶ୍ୱାଳର ଶବ ନେଇ ଶୋଭାଯାତ୍ରା ଘଟଣାରେ ତାହା ପରିସ୍ଫୁଟିତ । ଫଳରେ ମାର୍କସ୍‌ବାଦୀ ଦର୍ଶନର ସଫଳତା ଉପରେ ସନ୍ଦୀହାନ ଗାଳ୍ପିକ ସର୍ବହରା 'ମୁଁ' ଚରିତ୍ର ମାଧ୍ୟମରେ ଘୋଷଣା କରିଛନ୍ତି ଯେ ମନୁଷ୍ୟ ହେଉଛି କେବଳ ସଂଗଠିତ ସ୍ୱାର୍ଥପରତାର ଉତ୍ତୋଳିତ ଅସ୍ତ୍ର, ଏକ ଜାନ୍ତବକ୍ଷୁଧାର ରୂପାନ୍ତର ଅନ୍ନଲୋଭୀ ଦ୍ୱିପଦ । ତେଣୁ ତା' ଜୀବନରେ ଚରମ ଓ ପରମ ଲକ୍ଷ୍ୟ ହେଉଛି ଏ ତୁଚ୍ଛ କ୍ଷୁଧାର ତୃପ୍ତି ପାଇଁ ବଞ୍ଚିବା, ତେଣୁ ଜୀବନବାଦୀ ଉପନିଷଦକାରଋଷି ଓ କାର୍ଲମାର୍କସଙ୍କ ଦାବ୍ୱୀର ତାରତମ୍ୟ ମଧ୍ୟରେ ସେ କୌଣସି ମୀମାଂସା କରି ପାରିନାହାନ୍ତି ।(ମହାନ୍ତି, ନରବଳି, ପୃ: ୨୦୫) ତେଣୁ 'ଅତିଥି' ଗଳ୍ପର ଶ୍ୟାମଳ ଭଳି ଏକ ଆଦର୍ଶବାଦକୁ କେନ୍ଦ୍ର କରି ବଞ୍ଚିବାର କାମନା ମଧ୍ୟରେ ପ୍ଲାଟଫର୍ମରେ ସେ ବେନମ୍ବରୀ କୁଲି ଭାବେ ତଡ଼ା ଖାଇଛି । ତାର ସମସ୍ତ ଆଦର୍ଶବାଦ ପାସୋରି ଯାଇଛି । ପରିଣତିରେ ସେ ଶ୍ରମିକ ୟୁନିୟନ୍ ସହ ସମ୍ପୃକ୍ତ ହୋଇଛି ତଥା ପ୍ରତିପକ୍ଷ ୟୁନିୟନ୍‌କୁ ଢେ଼ଲା ପଥର ସୋଡ଼ା ବୋତଲ ଫୋପାଡ଼ିବା ତାର ସାମ୍ୟବାଦୀ-କାର୍ଯ୍ୟକ୍ରମରେ ପରିଣତ ହୋଇଛି ।(ମହାନ୍ତି, ପୂର୍ବୋକ୍ତ, ପୃ: ୨୦୬) ତେଣୁ ଯୁଗେ ଯୁଗେ ବିପ୍ଳବର ବ୍ୟର୍ଥତା ସମ୍ପର୍କରେ ସୂଚନା ଦେଇ ଗାଳ୍ପିକ ସୁରେନ୍ଦ୍ର କହିଛନ୍ତି ଯେ, ଯେଉଁ ଅକ୍ଟୋବର ବିପ୍ଳବର ସୂତ୍ରପାତ ହୋଇଥିଲା ସର୍ବହରାର ମୁକ୍ତି ପାଇଁ ସେଇ ଅକ୍ଟୋବର ବିପ୍ଳବର ପଛଭୂମିରେ ଠିଆ ହେ଼ଲା କ୍ରେମଲିନ୍‌ର ଗର୍ବୋଦ୍ଧତମିନାର- ଏହାର କାରଣ ମଣିଷ ଶିଖିଛି ଅନ୍ୟର ଅତ୍ୟାଚାର ବିରୁଦ୍ଧରେ ବିପ୍ଳବ କରିବ, ନିଜର ସ୍ୱୈରାଚାର ବିରୁଦ୍ଧରେ ନୁହେଁ । (ମହାନ୍ତି, ସାଙ୍ଗରିଲା, ପୃ:୨୬୭)

ଗାଳ୍ପିକଙ୍କ ସାମ୍ୟବାଦୀ ଦର୍ଶନ ସମ୍ବଳିତ ଗଳ୍ପର ଦୃଷ୍ଟିକୋଣକୁ ଲକ୍ଷ୍ୟ କଲେ ଏକଥା ସ୍ପଷ୍ଟ ଯେ ସାମ୍ୟବାଦୀ ଦର୍ଶନର ତତ୍ତ୍ୱକୁ ଆଧାର କରି ସେ ଗଳ୍ପ ରଚନା ଆରମ୍ଭ କରିଥିଲେ । ପରବର୍ତ୍ତୀ କାଳରେ ବ୍ୟକ୍ତିଗତ ରାଜନୀତିକ ଜୀବନର ବିଭିନ୍ନ ଶ୍ରମିକ ସମସ୍ୟା ତଥା ଆନ୍ଦୋଳନ ସହ ଜଡ଼ିତ ତାଙ୍କର ପ୍ରତ୍ୟକ୍ଷ ଅନୁଭୂତି ସମ୍ବଳିତ ରାଜନୀତିକ ଗଳ୍ପଗୁଡ଼ିକୁ ଲକ୍ଷ୍ୟକଲେ ସାମ୍ୟବାଦୀ ଚିନ୍ତାଧାରାରେ ତାଙ୍କର କ୍ରମ ଅବିଶ୍ୱାସର ସ୍ୱର ପରିଲକ୍ଷିତ ହୋଇଥାଏ ।

## ଗାନ୍ଧୀଙ୍କ ମତବାଦ ଓ ଗାଳ୍ପିକ ସୁରେନ୍ଦ୍ରଙ୍କ ଦୃଷ୍ଟିକୋଣ

ଗାଳ୍ପିକ ସୁରେନ୍ଦ୍ରଙ୍କ 'ଅନ୍ଧଦିଗନ୍ତ' ଉପନ୍ୟାସ ତଥା 'ବାପୁ' ବେତାର ନାଟକରେ ଗାନ୍ଧୀବାଦର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଲକ୍ଷ୍ୟ କରାଯାଏ । ମାତ୍ର ତାଙ୍କ ଗଳ୍ପଗୁଡ଼ିକରେ ମହାତ୍ମା ଗାନ୍ଧୀଙ୍କ ମତବାଦର ସବିଶେଷ ରୂପ ପ୍ରକଟିତ ହୋଇନାହିଁ, କେବଳ କେତୋଟି ଗଳ୍ପରେ ସ୍ୱାଧୀନତା ଆନ୍ଦୋଳନ, ଗାନ୍ଧୀଙ୍କ ନେତୃତ୍ୱ ଓ ସମସାମୟିକ ରାଜନୀତିକ ନେତାଙ୍କ ସ୍ୱରୂପ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ମାତ୍ର ମିଳିଥାଏ ।

ତାଙ୍କର ଗଳ୍ପଗୁଡ଼ିକରେ ସ୍ୱାଧୀନତା ଆନ୍ଦୋଳନର ଚିତ୍ର ମଧ୍ୟରେ ୧୯୨୨ରେ ଚଉରୀଚଉରା ବିପ୍ଳବ ପରେ ଜାତୀୟ ଆନ୍ଦୋଳନରେ ସନ୍ତ୍ରାସବାଦ ଆଭିମୁଖ୍ୟର ନୂତନତା (ମହାନ୍ତି, ପତାକା ଉତ୍ତୋଳନ, ପୃ: ୧୬୬) ଲବଣ ସତ୍ୟାଗ୍ରହ ସମୟର ରାଜନୀତିକ ବନ୍ଦୀଙ୍କ ସ୍ୱାତନ୍ତ୍ର୍ୟ ଦାବିର ପ୍ରତ୍ୟୁତ୍ତରରେ ଜେଲ ଭିତରେ ଅତ୍ୟାଚାର ଓ ସତ୍ୟାଗ୍ରହୀଙ୍କ ଅହିଂସା ଆଚରଣ (ମହାନ୍ତି, ସତର ନମ୍ବର ୱାର୍ଡ୍, ପୃ: ୯୯) ୧୯୨୪ରେ ଉଦ୍‌ବେଗ ଶୂନ୍ୟ ରାଜନୀତିକ ପରିସ୍ଥିତି ଓ ଗାନ୍ଧିଜୀଙ୍କ ଗଠନମୂଳକ କାର୍ଯ୍ୟରେ ମନୋନିବେଶ (ମହାନ୍ତି, ସାପ, ପୃ: ୭୦) ବସ୍ତୁତଃ ୧୯୨୨ରୁ ୧୯୪୨ ପର୍ଯ୍ୟନ୍ତ ଭାରତୀୟ ସ୍ୱାଧୀନତା ସଂଗ୍ରାମ କିଭଳି ଆଶ୍ରମ କୈନ୍ଦ୍ରିକ ତଥା ପ୍ରାକୃତିକ ଦୁର୍ବିପାକ ସମୟରେ ସମାଜସେବା ମଧ୍ୟରେ ପର୍ଯ୍ୟବସିତ ଥିଲା ତାର ସୂଚନା ମିଳିଥାଏ । (ମହାନ୍ତି, ଗୃହଦାହ, ପୃ: ୨୮) ଏହି ଗଳ୍ପଗୁଡ଼ିକର ବର୍ଣ୍ଣନା ମଧ୍ୟରେ ଗାଳ୍ପିକ ସୁରେନ୍ଦ୍ର ଗାନ୍ଧୀଙ୍କ ମତବାଦ ସମ୍ପର୍କରେ କୌଣସି ସ୍ପଷ୍ଟ ବ୍ୟାଖ୍ୟା ଦେଇପାରି ନାହାନ୍ତି । ମାତ୍ର ଗାନ୍ଧୀଯୁଗର ଜନନେତାଙ୍କ ନେତୃତ୍ୱ ସମ୍ପର୍କରେ ଗାଳ୍ପିକଙ୍କ ଅଭିମତ ହେଲା, ବୁଦ୍ଧ, ଯୀଶୁ, ଚୈତନ୍ୟ ଆଦିଙ୍କ ଭଳି ଗାନ୍ଧୀଯୁଗରେ ବହୁ ନେତୃତ୍ୱର ସୃଷ୍ଟି ହୋଇଥିଲା । ସେମାନଙ୍କ ଭାଷଣରେ ଜ୍ୱାଳାମୟୀ ଅନର୍ଗଳତା ନଥିଲା । ବୈଷ୍ଣବ ଜନସୁଲଭ 'ତୃଣାଦପିସୁନୀଚେନ" ଶକ୍ତିରେ ସେମାନେ ପ୍ରତ୍ୟେକେ କିନ୍ତୁ ମହାନ୍ ଶକ୍ତିଧର ଥିଲେ । ସେମାନଙ୍କ ଠାରେ ଦୈହିକ ଶକ୍ତିଥିଲା ସାମାନ୍ୟ । ତଥାପି ସେମାନେ ପ୍ରତ୍ୟେକେ ଥିଲେ ହିରଣ୍ୟଗର୍ଭ ଆତ୍ମଶକ୍ତିର ଗୋଟିଏ ଗୋଟିଏ ସ୍ଫୁଲିଙ୍ଗ । କଠୋର ଚାରିତ୍ରିକ ଶୃଙ୍ଖଳା, ସଂଯମ ଓ ତପଶ୍ଚରଣ ମଧ୍ୟରେ ସେମାନେ ପଶୁ ଶରୀରର ସବୁ ପ୍ରବୃତ୍ତି ଦମନ କରି ନିଜ ନିଜ ଜୀବନକୁ ସତ୍ୟ-ଶିବ ଓ ସୁନ୍ଦରର ଶାଣିତ ଖଡ଼୍‌ଗରେ ପରିଣତ କରି ପାରିଥିଲେ । ସେଥିପାଇଁ ସେମାନଙ୍କ ନେତୃତ୍ୱ କେବଳ ପ୍ରଭାବଶାଳୀ ନଥିଲା ତାହା ମଧ୍ୟ ଥିଲା ମହିମାମୟ ଓ ରହସ୍ୟମୟ ।(ମହାନ୍ତି, ସାପ, ପୃ: ୭୧)

## ସ୍ୱାଧୀନତାର ପ୍ରାକ୍‌କାଳର ବିଭିନ୍ନ ରାଜନୀତିକ ସମସ୍ୟାର ଚିତ୍ର

୧୯୪୬ରୁ ସୂତ୍ରପାତ ହୋଇଥିବା ସାମ୍ପ୍ରଦାୟିକ ଗଣ୍ଡଗୋଳର ଚିତ୍ର ତାଙ୍କର 'ଦୁଇବନ୍ଧୁ', 'ଆକାଶ ତଥାପି ସୁନୀଳ' ଓ 'ଗୋଟିଏ ଘୋଡ଼ାର ମୃତ୍ୟୁ' ଗଳ୍ପରେ ମୁଖ୍ୟ ସମସ୍ୟା ରୂପେ ଗ୍ରହଣ କରାଯାଇଛି । 'ଦୁଇବନ୍ଧୁ' ଗଳ୍ପରେ ହିନ୍ଦୁ ରମେଶ ଓ ମୁସଲମାନ ଇସ୍‌ମାଇଲ୍ ଅଚ୍ଛେଦ୍ୟ ବନ୍ଧୁ ପ୍ରେମ ମଧ୍ୟରେ ଆବଦ୍ଧ ହେଲେ ହେଁ କିଭଳି ପ୍ରତିହିଂସା ଜର୍ଜରିତ ସାମ୍ପ୍ରଦାୟିକ ମନୋଭାବ ସେମାନଙ୍କ ଅବଚେତନରେ ଲୁକ୍‌କାୟିତ ଭାବେ ରହିଛି ତାର ଚିତ୍ର ଗାଳ୍ପିକ ପ୍ରଦାନ କରିଛନ୍ତି । କଲିକତା ତଥା ପାକିସ୍ତାନରେ ହିନ୍ଦୁ ଓ ମୁସଲମାନ ପରସ୍ପର ରକ୍ତରେ ହୋରି ଖେଳିବାର ଚିତ୍ର ଦେଇ ଗାଳ୍ପିକ ସୁରେନ୍ଦ୍ର 'ଦୁଇବନ୍ଧୁ' ଗଳ୍ପରେ ଲେଖିଛନ୍ତି, "ବର୍ବରତାର କିନ୍ତୁ ଜାତି ନାହିଁ, ଧର୍ମ ନାହିଁ, ଦେଶ ନାହିଁ ।" ଏହି ଗଳ୍ପର ଶେଷ ଯେଉଁଠି ସେଇଠୁ ଆରମ୍ଭ ହୋଇଛି

"ଆକାଶ ତଥାପି ସୁନୀଳ" ଗଳ୍ପ । ଦେଶ ବିଭାଜନ ସମୟରେ ଏକଦା ହିନ୍ଦୁ ଓ ମୁସଲମାନ ସଂସ୍କୃତିର ମିଳନର ଧ୍ୱଜାଧାରୀ ହନିମାଷ୍ଟର ଧର୍ମର ସବୁଜ ଆକର୍ଷଣରେ ପାକିସ୍ତାନ ଯାତ୍ରା କରିଛି । ସେଠି ମଧ୍ୟ ସେ ହୋଇ ଉଠିଛି ଅପାଂକ୍ତେୟ । ପୁଣି କୌଶଳକ୍ରମେ ଭାରତକୁ ଖସିଆସି ପୁରୁଣାଡିହରେ ନିଜର ପରିଚିତ ସ୍ଥାନରେ ମଧ୍ୟ ସେ କୌଣସି ସ୍ଥିତି ପାଇନି । ତେଣୁ ୧୯୬୫ର ପାକିସ୍ତାନ ଭାରତ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଏବଂ ଦେଶରେ ଘଟି ଯାଇଥିବା ସାଂପ୍ରଦାୟିକ ଗଣ୍ଡଗୋଳରେ ଏକ ପାକିସ୍ତାନୀ ଗୁପ୍ତଚରରେ ସେ ପରିଣତ ହୋଇଛି । ଏହି ଗଳ୍ପର ବହୁ ପରେ ରଚିତ "ଗୋଟିଏ ଘୋଡ଼ାର ମୃତ୍ୟୁ" ଗଳ୍ପରେ କାଲୁମିଆଁ ଓ ତାର ଘୋଡ଼ା ଚରିତ୍ର ମାଧ୍ୟମରେ ସାଂପ୍ରଦାୟିକତାର ବିଭୀଷିକା ତଥା ତଦ୍‌ଜନିତ ରାଜନୀତିକ ନେତାଙ୍କର ସ୍ୱାର୍ଥ ହାସଲର ଚିତ୍ର ଗାଳ୍ପିକ ସୁରେନ୍ଦ୍ର ଉପସ୍ଥାପନ କରିଛନ୍ତି । ଏହି ଗଳ୍ପଗୁଡ଼ିକୁ ଅନୁଧ୍ୟାନ କଲେ ସାଂପ୍ରଦାୟିକତାର ଊର୍ଦ୍ଧ୍ୱରେ ଧର୍ମ ନିରପେକ୍ଷ ମାନବବାଦ ହିଁ ଗାଳ୍ପିକଙ୍କର ମୁଖ୍ୟ ସ୍ୱର ଏକଥା ସ୍ପଷ୍ଟ ପ୍ରତିପାଦିତ ହୋଇଥାଏ ।

ଏତଦ୍‌ଭିନ୍ନ ସ୍ୱାଧୀନତାର ପୂର୍ବ ଓ ପ୍ରାକ୍ କାଳର ପ୍ରଜାମଣ୍ଡଳ ଆନ୍ଦୋଳନର ସୂଚନାମାତ୍ର 'ତିନୋସାର୍‌ର ଆତ୍ମା' ଗଳ୍ପରେ ଗାଳ୍ପିକ ଦେଇଛନ୍ତି । ସ୍ୱାଧୀନତା ପରେ ଭାଷା ଭିତ୍ତିକ ପ୍ରଦେଶ ଗଠନ ନୀତିର ଅନୁସରଣରେ ପ୍ରଥମେ ଷଢ଼େଇକଳା ଖରସୁଆଁ ଓଡ଼ିଶାର ଅନ୍ତର୍ଗତ ହେବା ଓ ପରେ ଝାଡ଼ଖଣ୍ଡ ଆନ୍ଦୋଳନରେ ଏହା କିଭଳି ଓଡ଼ିଶାରୁ ବିଚ୍ଛିନ୍ନ ହେଲା ତାର ସୂଚନା "ବଳିଦାନ" ଗଳ୍ପରେ ଦିଆଯାଇଛି ।

## ସୁରେନ୍ଦ୍ରଙ୍କ ଗଳ୍ପରାଜିରେ ରାଜତନ୍ତ୍ର ଓ ଗଣତନ୍ତ୍ର ସମ୍ପର୍କିତ ବିଚାର ବିମର୍ଶ

ଭାରତର ସ୍ୱାଧୀନତା ପୂର୍ବରୁ ଇଂରେଜ ଶାସନ ଅମଳରେ ରାଜତନ୍ତ୍ରର ପ୍ରଚଳନ ଥିଲା । ଇଂରେଜ ଶାସନର ଅବସାନ ସହିତ ରାଜରାଜୁଡ଼ା ଶାସନର ମଧ୍ୟ ଏ ଦେଶରେ ଅବସାନ ଘଟିଲା । ଯଦିଚ ଶାସନତନ୍ତ୍ରର ପରିବର୍ତ୍ତନ ଘଟିଛି ତଥାପି ରାଷ୍ଟ୍ରରେ ଶାସନ ବ୍ୟବସ୍ଥା ଯେ ଏକ ତାହା ରାଜତନ୍ତ୍ର ଓ ଗଣତନ୍ତ୍ରର ତୁଳନା ମଧ୍ୟରେ ଗାଳ୍ପିକ ସୁରେନ୍ଦ୍ର ସ୍ପଷ୍ଟ ପ୍ରତିପାଦନ କରିଛନ୍ତି । ପ୍ରଥମତଃ "ନରବଳି" ଗଳ୍ପରେ ନିଃଶସ୍ତ୍ର ଜନତା ଉପରେ ପୋଲିସର ଆକ୍ରମଣକୁ ଲକ୍ଷ୍ୟ କରି ସେ କହିଛନ୍ତି ଯେ, ଏହିପରି ପରିସ୍ଥିତିମାନଙ୍କରେ ମନେହୁଏ ରାଷ୍ଟ୍ରଗଠନ ହିଁ ମଣିଷର ପ୍ରଥମ ଓ ପ୍ରଧାନ ଅକ୍ଷମଣୀୟ ଅପରାଧ ଥିଲା । ଏହାର ଶାସ୍ତି ଏହିପରି ଭାବେ କାଳେ କାଳେ ବ୍ୟକ୍ତିକୁ ଭୋଗ କରିବାକୁ ପଡ଼ିବ ।(ମହାନ୍ତି, ନରବଳି, ପୃ: ୪୬୧) ଅବଶ୍ୟ ବ୍ୟକ୍ତି ଓ ରାଷ୍ଟ୍ରର ସମ୍ପର୍କ ତଥା ଗଠନକୁ କେନ୍ଦ୍ର କରି ବ୍ରଜେଶ୍ୱର ଚରିତ୍ରର ଉକ୍ତି ଅନୁସାରେ ଗାଳ୍ପିକ କହନ୍ତି ଯେ, ଅତ୍ୟାଚାର କରିବା ମଣିଷର ଧର୍ମ । ସୁଯୋଗ ପାଇଲେ ଜଣେ ମଣିଷ ଅନ୍ୟ ଜଣକର ଦୁର୍ବଳତା ଅଥବା ଅସତର୍କତାର ସୁଯୋଗ ନେଇ ଚଳାଉଥିଲା ଅତ୍ୟାଚାର । ମଣିଷ, ମଣିଷକୁ କରିଥିବା ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ବିଭିନ୍ନ ନୀତିନିୟମ ପ୍ରଣୟନ ପୂର୍ବକ ରାଷ୍ଟ୍ରର ସୃଷ୍ଟି ହୋଇଥିଲା । ମାତ୍ର ମଣିଷ ଭଳି ରାଷ୍ଟ୍ର ଅତ୍ୟାଚାରୀ ହୋଇପାରେ ସେ ଆଶଙ୍କା ନଥିଲା । (ମହାନ୍ତି, ତିନୋସାର୍‌ର ଆତ୍ମା, ପୃ: ୨୮୩) କିନ୍ତୁ କ୍ରମେପି ଦେଖାଗଲା ଯେ, ରାଷ୍ଟ୍ରରେ ଯେକୌଣସି ପ୍ରକାର ଶାସନ ବ୍ୟବସ୍ଥା ଥାଉନା କାହିଁକି, ବ୍ୟକ୍ତି ଉପରେ ରାଷ୍ଟ୍ର ଅଥବା ରାଷ୍ଟ୍ର ମୁଖ୍ୟର ଅତ୍ୟାଚାର ଏକ ସ୍ୱାଭାବିକ ଘଟଣାରେ ପରିଣତ ହେଲା । ଅବଶ୍ୟ ରାଜତନ୍ତ୍ର ଶାସନ ବ୍ୟବସ୍ଥାରେ ପ୍ରଜାପୀଡ଼ନ ପ୍ରଜାର ଅନିଚ୍ଛା ସତ୍ତ୍ୱେ ହେଉଥିବା ସ୍ଥଳେ ଗଣତନ୍ତ୍ରରେ ପ୍ରଜାମାନଙ୍କର ମତାମତ ନେବାର ଅଭିନୟ କରି ଅତ୍ୟାଚାର ହୋଇଥାଏ । (ମହାନ୍ତି, ପୂର୍ବୋକ୍ତ ପୃ: ୨୮୪) ଏହାର

ଦୃଷ୍ଟାନ୍ତ ସ୍ୱରୂପ 'ବଳିଦାନ'ର ନିରୀହ ଆଦିବାସୀଙ୍କ ଉପରେ ଗୁଳିଚାଳନା ତଥା 'ସତର ନମ୍ବର ୱାର୍ଡ଼'ରେ ଭାରତର ସ୍ୱାଧୀନତା ପରେ ଜେଲ ମଧ୍ୟରେ ରାଜନୀତିକ ବନ୍ଦୀଙ୍କ ଉପରେ ପୀଡ଼ନର ଘଟଣାକୁ ଗ୍ରହଣ କରାଯାଇପାରେ । ବିଶେଷତଃ ଗାଳ୍ପିକ ସୁରେନ୍ଦ୍ରଙ୍କ ରାଷ୍ଟ୍ର ଗଠନ ଓ ନାଗରିକର ବ୍ୟକ୍ତି ସ୍ୱାଧୀନତା ସମ୍ପର୍କିତ ମତାମତ ଏଠାରେ ସ୍ପଷ୍ଟ ଭାବେ ପ୍ରକାଶିତ ।

## କ୍ଷମତା ପ୍ରତି ଆସକ୍ତିର ଚିତ୍ର

ରାଷ୍ଟ୍ର ଗଠନ ଓ ଶାସନ ବ୍ୟବସ୍ଥାର ପ୍ରଚଳନ ପରେ କ୍ଷମତା ହିଁ ମଣିଷ ପାଖରେ ମୁଖ୍ୟ ଉପଜୀବ୍ୟ ବିଷୟ । ଗାଳ୍ପିକ ସୁରେନ୍ଦ୍ରଙ୍କ ମତରେ ତେଣୁ କ୍ଷମତା ଏ ପୃଥିବୀରେ ଆଜି ପ୍ରତ୍ୟେକ ମଣିଷର କାମ୍ୟ । କ୍ଷମତା ପାଇଁ ଦେଶ ପ୍ରେମର ଦୁହାଇରେ ଆଜିର ରାଷ୍ଟ୍ରରେ ଘୃଣ୍ୟତମ ପାପ କରିବା ପାଇଁ ସୁଦ୍ଧା କେହି ପଶ୍ଚାତ୍‌ପଦ ନୁହେଁ । ଅଥଚ ପୁଣ୍ୟ ପାଇଁ କୁଆଡ଼େ ଏ ସାଧନା, ଶାନ୍ତି କୁଆଡ଼େ ଏ ସଂଘର୍ଷର ଲକ୍ଷ୍ୟ । (ମହାନ୍ତି, ସମ୍ପାଦକ, ପୃ: ୯୨) ଫଳରେ ଦେଖାଯାଏ ବୁଦ୍ଧିଜୀବୀର ପ୍ରତିନିଧି ସମ୍ପାଦକ ନେତାଙ୍କର ହାତବାରିସି ହୋଇ 'ସମ୍ପାଦକ' ଗଳ୍ପରେ ଲକ୍ଷ୍ୟଚ୍ୟୁତ । ତେଣୁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ମଧ୍ୟ ସାମନ୍ତବାଦୀ, ପୁଞ୍ଜିବାଦୀ ଅଥବା ଉପନିବେଶବାଦୀ ଯେକୌଣସି ନ୍ୟସ୍ତସ୍ୱାର୍ଥ ଠାରୁ ବଳି, କ୍ଷମତାର ନ୍ୟସ୍ତସ୍ୱାର୍ଥ ଅତି ମାରାତ୍ମକ ରୂପ ପରିଗ୍ରହ କରିଥାଏ । କାରଣ ପ୍ରଥମୋକ୍ତ ନ୍ୟସ୍ତସ୍ୱାର୍ଥ ଏକରୂପ ଓ ରୀତି ବିଶିଷ୍ଟ ହୋଇଥିବାରୁ ତାହା ଲୋପ କରିବା ସହଜ ଓ ସମ୍ଭବ । ମାତ୍ର ଗଣତନ୍ତ୍ରରେ କ୍ଷମତାର ନ୍ୟସ୍ତସ୍ୱାର୍ଥ ସର୍ବବ୍ୟାପୀ ଓ ସର୍ବଗ୍ରାସୀ ଏହା ପୁଣି ଅଶରୀରୀ । ଏହାର ବିସ୍ତାର ମନୁଷ୍ୟର ପ୍ରାଣ, ହୃଦୟ ଓ ଚିନ୍ତାର ଅନ୍ଧକାର ବିବର ମଧ୍ୟରେ । ତେଣୁ ହରି ଶତପଥୀଙ୍କ ଆଦର୍ଶ ଓ ନୀତି ଉପରେ ପ୍ରତିଷ୍ଠିତ ଆନନ୍ଦାଶ୍ରମ, ନାରାୟଣ ମହାପାତ୍ରଙ୍କ ପ୍ରତିନିଧିତ୍ୱରେ ଗଢ଼ି ଉଠିଥିବା ଛଳନା ଓ ପ୍ରତାରଣାର ନୂତନ ଶ୍ରେଣୀର ଆକ୍ରମଣରେ ଦଗ୍ଧିଭୂତ ହୁଏ । ତେଣୁ ଗାଳ୍ପିକଙ୍କ ମତରେ ସବୁ ନ୍ୟସ୍ତସ୍ୱାର୍ଥ ଲୋପ କରି ନ୍ୟସ୍ତସ୍ୱାର୍ଥ ବିରୋଧୀ ଗୋଷ୍ଠୀ ଓ ଶ୍ରେଣୀ ଗୋଟିଏ ନୂତନ ଶ୍ରେଣୀ ଓ ନୂତନ ସ୍ୱାର୍ଥ ପ୍ରତିଷ୍ଠିତ କରନ୍ତି : ଯାହା ହେଉଛି କ୍ଷମତାର ନ୍ୟସ୍ତସ୍ୱାର୍ଥ । (ମହାନ୍ତି, ଗୃହଦାହ, ପୃ: ୩୨-୩୩) ଯାହାର ପ୍ରତିନିଧିତ୍ୱ ନାରାୟଣ ମହାପାତ୍ର ତଥା ତାଙ୍କ ଅନୁଗତ ଅଗାଧୁ ସାହୁ ଚରିତ୍ର କରିଥାନ୍ତି । ଫଳରେ ଆଜିର ଗଣତନ୍ତ୍ରରେ ହୁଇସ୍କି ଅପେକ୍ଷା ରାଜନୀତିକ କ୍ଷମତା ଅହଙ୍କାର ମଣିଷକୁ ବେଶୀ ମାତାଲ୍ କରେ, ତାର ପଶୁ ପ୍ରବୃତ୍ତିକୁ ଅଧିକ ଉଗ୍ର କରେ । (ମହାନ୍ତି, ମାଂସର କୋଣାର୍କ, ପୃ: ୨-୩) ତେଣୁ ଆଜିର ରାଜନୀତିକ ନେତାଙ୍କୁ 'ନରଖାଦକ' ବାଘ ସହ ତୁଳନା କରାଯାଇପାରେ, କ୍ଷମତାନ୍ଧ ରାଜନୀତିକ ଗୃଧ୍ରମାନେ କ୍ରମେପି ଭୟଙ୍କର ରକ୍ତପିପାସୁ ହୋଇଥାନ୍ତି । (ମହାନ୍ତି, ଅଦିନର ଅତିଥି, ପୃ: ୯୧) ଯାହାକି ଗାଳ୍ପିକ ସୁରେନ୍ଦ୍ର ନିଜର ରାଜନୀତିକ ଅନୁଭୂତିରୁ ପ୍ରକାଶ କରିଛନ୍ତି ।

## ଭାରତୀୟ ଗଣତନ୍ତ୍ରର ସ୍ୱରୂପ

ରାଷ୍ଟ୍ର ଗଠନ , ରାଷ୍ଟ୍ରରେ ବ୍ୟକ୍ତିର ସ୍ଥାନ, ତଥା ରାଜନୀତିକ ନେତାଙ୍କର ଏକମାତ୍ର ଆକର୍ଷଣ କ୍ଷମତା ସମ୍ପର୍କରେ ସଚେତନ ଗାଳ୍ପିକ ସୁରେନ୍ଦ୍ର ଜୀବନରେ ପ୍ରତ୍ୟକ୍ଷ ରାଜନୀତି ସହ ସଂଶ୍ଳିଷ୍ଟ । ଭାରତର ସମ୍ବିଧାନ ଅନୁଯାୟୀ ୧୯୫୨ରୁ ଘଟି ଆସିଥିବା ନିର୍ବାଚନଗୁଡ଼ିକରେ ସେ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ସଂଶ୍ଳିଷ୍ଟ । ୧୯୫୨ରୁ ୧୯୭୧ ପର୍ଯ୍ୟନ୍ତ ବିଭିନ୍ନ ନିର୍ବାଚନର ଚିତ୍ର ତାଙ୍କର 'ମୃତ୍ତିକାରଆତ୍ମା', 'ଗଣଦେବତା' ଓ 'ଏଇ ଗଣତନ୍ତ୍ର' ଗଳ୍ପରେ ଦେଖିବାକୁ ମିଳିଥାଏ ।

ସ୍ୱାଧୀନତା ସଂଗ୍ରାମରେ କଂଗ୍ରେସ ଦଳର ପରାକାଷ୍ଠା, ପ୍ରଦର୍ଶନକୁ ପୁଞ୍ଜି କରି ୧୯୫୨ର ପ୍ରଥମ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ ଅକ୍ଲେଶରେ ବିଜୟ ଲାଭ କରିଥିଲା । ମାତ୍ର ୧୯୫୭ର ଦ୍ୱିତୀୟ ସାଧାରଣ ନିର୍ବାଚନରେ ଭାରତୀୟ ଜନତାର ରାଜନୀତିକ ସଚେତନତା ବୃଦ୍ଧି ପାଇ ସାରିଥିଲା । ତେଣୁ ଲୋକ ପ୍ରତିନିଧି ହୋଇ ନିଜର ନିର୍ବାଚନ ମଣ୍ଡଳୀର ରାସ୍ତା, ସ୍କୁଲ ଆଦିର କୌଣସି ଉନ୍ନତି କଂଗ୍ରେସ ପ୍ରତିନିଧି ନୀଲୁ ବାବୁ ପ୍ରଥମ ପାଞ୍ଚ ବର୍ଷ ମଧ୍ୟରେ କରିନଥିବାରୁ ସେ ଅନୁନ୍ନତ ଗ୍ରାମ୍ୟ ରାସ୍ତାର ଶଗଡ଼ ଦୁର୍ଘଟଣାଜନିତ ପ୍ରଚାରକୁ କେନ୍ଦ୍ର କରି ସୋସାଲିଷ୍ଟ ପ୍ରାର୍ଥୀ ଜଗବନ୍ଧୁ ତିଆଡୀଙ୍କ ଦ୍ୱାରା ପରାଜିତ ହେଲେ । ମାତ୍ର ୧୯୬୨ର ତୃତୀୟ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ପ୍ରାର୍ଥୀ ନିଲୁବାବୁଙ୍କ ଗ୍ରାମାଞ୍ଚଳର ବିଶେଷତଃ ରାସ୍ତା ମରାମତି ଘଟଣାର ପ୍ରଚାର ମଧ୍ୟରେ ବିଜୟ ଲାଭ କଲେ । (ମହାନ୍ତି, ମୃତ୍ତିକାର ଆତ୍ମା, ପୃ: ୧୨୦) ଏହି ନିର୍ବାଚନର ଚିତ୍ର ମାଧ୍ୟମରେ ଗାଳ୍ପିକ ସୁରେନ୍ଦ୍ର କ୍ରମେପି ଭାରତୀୟ ଗଣତନ୍ତ୍ର ମଧ୍ୟରେ ଦେଖା ଦେଉଥିବା ନାଗରିକ ସଚେତନତା ପ୍ରତି ଗୁରୁତ୍ୱ ପ୍ରଦାନ କରିଛନ୍ତି । ମାତ୍ର ଦଳୀୟ ନ୍ୟସ୍ତସ୍ୱାର୍ଥ ପଞ୍ଚାୟତରାଜର ଭୂମିକା ମଧ୍ୟରେ ଗାଁ ଟାଉଟରଙ୍କ ଗ୍ରାମାଞ୍ଚଳରେ ପ୍ରାଦୁର୍ଭାବ କ୍ରମେ କିଭଳି ୧୯୬୨ ନିର୍ବାଚନରୁ କ୍ରମେପି ୧୯୬୭ର ସାଧାରଣ ନିର୍ବାଚନ ମଧ୍ୟରେ ପଙ୍କିଳ ହୋଇ ଯାଇଛି, ତାର ଚିତ୍ର 'ଗୃହଦାହ'ରେ ହରି ଶତପଥିଙ୍କ ନିର୍ବାଚନରେ ପରାଜୟ ତଥା "ଗଣଦେବତା" ଗଳ୍ପରେ ମିଛୁ ମିଶ୍ର ଆଦିକର୍ମୀ ଗହଣରେ ଗୋବର୍ଦ୍ଧନାଚାର୍ଯ୍ୟଙ୍କ ନିର୍ବାଚନ ପ୍ରଚାର ଅଭିଯାନର ଯେଉଁ ନିର୍ବାଚନୀ ଚିତ୍ର ଉପସ୍ଥାପିତ, ତାକୁ ଲକ୍ଷ୍ୟ କଲେ ଜଣାପାଇଥାଏ । ୧୯୭୧ର ନିର୍ବାଚନରେ ନିର୍ବାଚନ ପ୍ରଚାର ସମ୍ପୂର୍ଣ୍ଣ ରୂପେ ଅର୍ଥ ଉପରେ ପର୍ଯ୍ୟବସିତ, ଏହାର ଦୃଷ୍ଟାନ୍ତ ପୋଷ୍ଟର ମରା ଘଟଣାଠୁ ଆରମ୍ଭ କରି ରାଜେନ୍ଦ୍ର ଓ ବିନୟର ନିର୍ବାଚନରୁ ଅର୍ଥ ଉପାର୍ଜନ ଘଟଣା 'ଏଇ ଗଣତନ୍ତ୍ର' ଗଳ୍ପରେ ଚିତ୍ରଣ କରାଯାଇଛି । ୧୯୫୨ରୁ ୧୯୭୧ ପର୍ଯ୍ୟନ୍ତ ନିର୍ବାଚନଗୁଡ଼ିକରେ ପ୍ରତ୍ୟକ୍ଷ ଭାବେ ସଂଶ୍ଳିଷ୍ଟ ଗାଳ୍ପିକ ସୁରେନ୍ଦ୍ର ତେଣୁ ଭାରତୀୟ ନିର୍ବାଚନ ପରମ୍ପରାକୁ ବ୍ୟଙ୍ଗ କରି ଲେଖିଛନ୍ତି ଯେ, ନିର୍ବାଚନ୍ ହେଉଛି ଗଣଦେବତା ବା ନାଗରିକଙ୍କ ମହାପାର୍ବଣ । ବାର ବର୍ଷରେ ଥରେ ଜଗନ୍ନାଥଙ୍କ ନବ କଳେବର ଯାତ୍ରା ନତୁବା ଯୋଗ ପଡ଼ିଲେ କୁମ୍ଭମେଳା ପରି, ପ୍ରତି ପାଞ୍ଚ ବର୍ଷରେ ଗଣଦେବତାଙ୍କ ଏ ପୂଜାପାର୍ବଣ । ପୂଜା ପାର୍ବଣ ସମୟରେ ସାମାଜିକ ସ୍ତରରେ ଯେଉଁଭଳି ସମ୍ପର୍କ ଘଟିଥାଏ, ଅନୁରୂପ ଭାବେ ନିର୍ବାଚନଟା ହେଲା ଦେଶସେବାର ଗୋଟିଏ ଠିକାଦାରୀ । ପ୍ରାର୍ଥୀମାନେ ହେଲେ ଗଣଦେବତାଙ୍କ ଠିକାଦାର, କର୍ମୀମାନେ ହେଲେ ମାଟିହଣା ମଜୁରିଆ, ଟାଉଟରମାନେ ହେଲେ ଓ୍ୱାର୍କସରକାର- ଆଉ ନିର୍ବାଚନରେ ଯେତେବେଳେ ଅନ୍ୟ ଆଦର୍ଶଗତ ଉଦ୍ଦେଶ୍ୟ ନାହିଁ ସେତେବେଳେ ପ୍ରତ୍ୟେକ ପ୍ରତ୍ୟେକଙ୍କ ଠାରୁ ପାଉଣା ଆଦାୟ ନ କଲେ ଗଣଦେବତାଙ୍କ ପାଞ୍ଚ ବରଷରେ ଥରେ ହେଉଥିବା ମହାପାର୍ବଣ ଉତ୍ସବ ଚଳିବ କିପରି ? (ମହାନ୍ତି, ଗଣଦେବତା, ପୃ : ୧୬୧-୧୬୨)

ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନର ପରିପ୍ରେକ୍ଷୀରେ ଜନସାଧାରଣ ବା ନାଗରିକର ଭୂମିକା ବର୍ଣ୍ଣନା କରିବାକୁ ଯାଇ ଗାଳ୍ପିକ ସୁରେନ୍ଦ୍ର ଲେଖିଛନ୍ତି ଯେ, ବିଂଶ ଶତାବ୍ଦୀରେ ବୈଜ୍ଞାନିକ ସଭ୍ୟ ମନୁଷ୍ୟ ପଞ୍ଚଶିର ବ୍ରହ୍ମାଙ୍କୁ ମାରି ତାଙ୍କ ସ୍ଥାନରେ ବସାଇଛି ଶିରହୀନ ନୂତନ ବ୍ରହ୍ମା- ଗଣଦେବତା । ଏ ଗଣଦେବତାଙ୍କର ଶିର ନାହିଁ, ତେଣୁ ମସ୍ତିଷ୍କ ନାହିଁ, ତେଣୁ ବିଚାର ମଧ୍ୟ ନାହିଁ । ଅତଏବ ବିବେକ ନଥିବା କଥା ।(ମହାନ୍ତି, ସମ୍ପାଦକ, ପୃ: ୯୩) ଗାଳ୍ପିକଙ୍କ ଉପସ୍ଥାପିତ ଏହି ତତ୍ତ୍ୱ ଅନୁଯାୟୀ ବିଚାର

ବିବେକ ଶୂନ୍ୟ ଗଣମାନସ ଗଣତନ୍ତ୍ର ଶାସନ ବ୍ୟବସ୍ଥା ଠାରୁ ଆରମ୍ଭ କରି ବଭିନ୍ନ ଆନ୍ଦୋଳନ ମଧ୍ୟରେ ରାଜନୀତିକ ନେତାଙ୍କ ଏକମାତ୍ର ଆୟୁଧରେ ପରିଣତ ହୋଇଛି । ଏହାର ଦୃଷ୍ଟାନ୍ତ ରୂପେ ଗାଳ୍ପିକ 'ସମ୍ପାଦକ' ଗଳ୍ପରେ ନେତାଙ୍କ ସଭା ଉପରେ ଜନସାଧାରଣଙ୍କ ଆକ୍ରମଣ, 'ବଳିଦାନ' ଓ 'ନରବଳି' ଗଳ୍ପରେ ନିଶସ୍ତ୍ର ଜନତାର ପ୍ରାଣପାତର ଚିତ୍ରକୁ ଗ୍ରହଣ କରାଯାଇପାରେ । ତେଣୁ ବିଂଶ ଶତାବ୍ଦୀର ନାସ୍ତିକ ମଣିଷ ପାଖରେ କ୍ଷମତାର ସ୍ୱାର୍ଥ ପାଇଁ ଗଣଦେବତା ବା ଜନସାଧାରଣ ହିଁ ନୂତନ ଭଗବାନ । (ମହାନ୍ତି, ବଳିଦାନ, ପୃ: ୧୩୩) ପରବର୍ତ୍ତୀ କାଳର ଗଳ୍ପ 'ଗଣଦେବତା'ରେ ଗଣତନ୍ତ୍ର ପ୍ରକ୍ରିୟାର ନେତାଙ୍କ ଭୂମିକା ସମ୍ପର୍କରେ ଗାଳ୍ପିକ ସୁରେନ୍ଦ୍ର କହନ୍ତି ଯେ, ଗଣଦେବତା ହେଲେ ଗଣନାଥ ବିଘ୍ନେଶ ଗଣେଶ । ଗଣନାଥଙ୍କର ବାହନ ହେଉଛି ମୂଷିକ । ତେଣୁ ଗଣଦେବତାଙ୍କ ଗତି ହେବ ନିଶାର୍ଦ୍ଧରେ, ଅନ୍ଧକାର ମଧ୍ୟରେ ମୂଷିକ ପରିସନ୍ତର୍ପିତ, ଦୃଷ୍ଟି ହେବ ତୀକ୍ଷ୍ଣ ପୁଣି ଆଘ୍ରାଣ ପ୍ରବଣତା ହେବ ପ୍ରଚଣ୍ଡ, ଗୃହସ୍ଥର ଖାଦ୍ୟ ସଞ୍ଚୟନର ସନ୍ଧାନ ପାଇବା ପାଇଁ । ମାତ୍ର ଦିନବେଳା ଗର୍ତ୍ତ ମଧ୍ୟରେ ଅଥବା ଗଣପତିଙ୍କ ପାଦତଳେ ଦେବତ୍ୱର ନିରୀହ ମହିମାରେ ଶାୟିତ ହୋଇ ରହିବା ପାଇଁ ପଡ଼ିବ । ଏହି ଗଣଦେବତାଙ୍କ ଅନୁସରଣରେ ତାଙ୍କ ପଣ୍ଡା ପଢ଼ିଆରୀମାନଙ୍କୁ ମଧ୍ୟ ଖର୍ବକାୟ ହେବା ପାଇଁ ପଡ଼ିବ- କାରଣ ସବୁ ଗଣନାଥମାନେ ଖର୍ବଦାୟ, ଉଚ୍ଚତା ସାଢ଼େ ତିନିଫୁଟ ହେଲେ ଉତ୍ତମ । ଏଇ ଖର୍ବାକୃତି 'ଗଣ'ଙ୍କର ସିଏ ହେବେ ପ୍ରତିନିଧି ବା ଦେବତା ସିଏ ଯଦି ହୁଅନ୍ତି ବନସ୍ପତି ପରି ଦୀର୍ଘ ଓ ଆକାଶଚୁମ୍ବୀ, ତାହେଲେ ତାଙ୍କର ଉଚ୍ଚତାରୁ କିଛି ହାଣି କମାଇ ଦେବା ପାଇଁ ପଡ଼ିବ । ସେଥିପାଇଁ ତ ଗଣନାଥଙ୍କ ହାତରେ ପରଶୁଟିଏ ଖଞ୍ଜି ଦିଆଯାଇଛି । ପୁଣି ଆର ହାତରେ ଗୋଟିଏ ଲଡୁ ଧରିଛନ୍ତି ; ଗଣ ବା ଜନତାଙ୍କୁ ଆକୃଷ୍ଟ କରିବା ପାଇଁ ସେମାନଙ୍କୁ ସବୁବେଳେ ଗୋଟାଏ ଲଡୁ ଦେଖାଇବା ପାଇଁ ପଡ଼ିବ । ସେଇ ଲଡୁଟି ଅବଶ୍ୟ ଯଥା ସମୟରେ ଦେବତାଙ୍କ ପାଟିରେ ପଡ଼ିବ । ପୁଣି ଗଣପତିଙ୍କ ଉଦର ପରି ତାଙ୍କ ପଢ଼ିଆରୀଙ୍କ ଉଦର ସ୍ଥୂଳ ହେବା ସଙ୍ଗେ ଗୋଟାଏ ଲମ୍ବା ଶୁଣ୍ଢ ଥିବାର ଆବଶ୍ୟକତା ରହିଛି । ତା' ନ ହେଲେ ଟାଣି ଓଟାରି ଭକ୍ତମାନଙ୍କ ଠାରୁ ନୈବେଦ୍ୟ ଆହରଣରେ ଅସୁବିଧା ହେବ । କେହି ମୂଢ଼ ଅବିଶ୍ୱାସୀ ଏବଂବିଧ ଆହରଣ ପ୍ରକ୍ରିୟାର ପ୍ରତିବାଦ କଲେ, ତାକୁ ଭୁଷି ଦେବା ପାଇଁ ଗୋଟିଏ ଲମ୍ବା ତୀକ୍ଷ୍ଣଦାନ୍ତ ଥିବା ମଧ୍ୟ ଆବଶ୍ୟକ । ସର୍ବୋପରି ଗଣପତି ଗଣଦେବତାଙ୍କ ମସ୍ତକ ପରି ତାଙ୍କ ପଢ଼ିଆରୀଙ୍କ ମୁଣ୍ଡଟି ମଧ୍ୟ ହେବା ଉଚିତ ହାତୀର ମୁଣ୍ଡ ପରି ପ୍ରକାଣ୍ଡ ; କିନ୍ତୁ ଆଖି ଦୁଇଟି ହେବ ଅତି କ୍ଷୁଦ୍ର । କାରଣ ଗଣଦେବତାମାନେ ଚିରକାଳ ହିଁ ସ୍ଫୀତକାୟ । ମାତ୍ର ସେମାନଙ୍କର ଦୃଷ୍ଟି ଯେପରି କ୍ଷୁଦ୍ର ଓ ତୁଚ୍ଛ, ପୁରୋଦୃଷ୍ଟିଟି ସେହିପରି ସଙ୍କୀର୍ଣ୍ଣ । ତା' ନହେଲେ ସେମାନେ ଗଣଙ୍କର ପ୍ରତିନିଧି ହୋଇ ପାରିବେ କିପରି ? (ମହାନ୍ତି, ଗଣଦେବତା, ପୃ: ୧୫୭-୧୫୯) ଗାଳ୍ପିକ ସୁରେନ୍ଦ୍ରଙ୍କ ଗଣତାନ୍ତ୍ରିକ ନିର୍ବାଚନ, ଜନସାଧାରଣ ଓ ନେତା ସମ୍ପର୍କିତ ଏହି ତାତ୍ତ୍ୱିକ ବିଚାର ବିମର୍ଶ ତାଙ୍କର ରାଜନୀତି ସମ୍ପର୍କିତ ପ୍ରତ୍ୟକ୍ଷ ଅନୁଭୂତିର ଫଳ ।

### ଭାରତୀୟ ରାଜନୀତିରେ ଗୋଷ୍ଠୀ ବିବାଦ; ଶଠତା ଓ ପ୍ରବଞ୍ଚନାର ଚିତ୍ର

ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ପ୍ରତ୍ୟକ୍ଷ ରାଜନୀତି ସହ ଜଡ଼ିତ ଥାଇ ଶାସନ କ୍ଷମତା ତଥା ଦଳୀୟ ରାଜନୀତି ସ୍ତରରେ ଗଣତନ୍ତ୍ର ଶାସନ ମଧ୍ୟରେ ରହିଥିବା ଶଠତା ଓ ପ୍ରବଞ୍ଚନାର ଚିତ୍ର ପୁଙ୍ଖାନୁପୁଙ୍ଖ ଭାବେ ବିଭିନ୍ନ ଗଳ୍ପରେ ଦେଇଛନ୍ତି ।

'ସାତଭଉଣୀ' ଗଳ୍ପରେ କୁସଂସ୍କାର ଗ୍ରସ୍ତ ଗ୍ରାମ୍ୟ ଜନତା ହଇଜାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ

କରୁଥିବା ଘଟଣାର ପ୍ରତିକାର ପାଇଁ ଯେତେବେଳେ ଖବର କାଗଜର ଗ୍ରାମୀଣ ପ୍ରତିନିଧି ଦାବି କରିଛନ୍ତି, ତାର ପ୍ରତିବାଦରେ ସରକାରୀ ଇସ୍ତାହାରରେ ଲୋକେ ମରୁଛନ୍ତି ବୋଲି ଯାହା ପ୍ରକାଶିତ ହେଉଛି, ତା' ଠିକ୍ ନୁହେଁ ବୋଲି କୁହାଯାଇଛି । କାରଣ ହଇଜାର ପ୍ରତିକାର ପାଇଁ ପ୍ରତିଷେଧକ ଭାକ୍‌ସିନେସନ୍ ଦିଆଯାଇଛି; ମାତ୍ର ଲୋକେ ସ୍ୱାସ୍ଥ୍ୟ ରକ୍ଷାର ନିୟମ ପ୍ରତି ଦୃଷ୍ଟି ଦେଉନଥିବାରୁ ନାଳରକ୍ତ ଝାଡ଼ାରେ ଆକ୍ରାନ୍ତ ହେଉଥିବା ସମ୍ଭବ । (ମହାନ୍ତି, ସାତ ଭଉଣୀ, ପୃ: ୪୮୨) ଶାସନତନ୍ତ୍ରର ଏ ଶଠତା ସମ୍ପର୍କୀୟ ସୂଚନା ଗାଳ୍ପିକଙ୍କ ପରବର୍ତ୍ତୀ କାଳର ଗଳ୍ପ "ମୃତ୍ୟୁ ଗାଷ୍ଟ୍ରୋଏଣ୍ଟାଯ୍ଟିସ୍"ରେ କେଳୁଚରଣର ଜୀବନ ନିର୍ବାହ ପାଇଁ ମଜୁରୀ ସନ୍ଧାନ, ବ୍ଲକ୍ ଅଫିସରେ ମାଫିକାର୍ଡ଼ ପାଇଁ ପ୍ରାର୍ଥନା, ଶେଷରେ ବହୁ ଦିନର ଅନାହାର ପରେ ପିତାଳୁକନ୍ଦା ଖାଇ ମୃତ୍ୟୁବରଣ ଘଟଣା ମଧ୍ୟରେ ସରକାରଙ୍କ ବିଧାନସଭାରେ ଡାକ୍ତରୀ ରିପୋର୍ଟ ଉପସ୍ଥାପନା ମଧ୍ୟରେ ନିଖୁଣ ଭାବେ ଦେଖାଇ ଦିଆଯାଇଛି ।

ସମାଜର ପାରିବାରିକ ସ୍ତରରେ ଭୂମି ପାଇଁ ଦେଖା ଦେଇଥିବା କନ୍ଦଳ ବୃହତ୍ତର ରୂପ ନେଇ ଶାସନତନ୍ତ୍ରକୁ ପ୍ରଭାବିତ କରିବା ହେତୁ କିଭଳି ନିରୀହ ଜନତା ମୃତ୍ୟୁମୁଖରେ ପଡ଼ନ୍ତି ଓ ନେତାମାନେ ନିଜର ରାଜନୀତିକ ସ୍ୱାର୍ଥ ହାସଲ କରିଥାନ୍ତି, ତାର ଚିତ୍ର ସୁରେନ୍ଦ୍ରଙ୍କ କେତେକ ଗଳ୍ପରେ ଦେଖା ଯାଇଥାଏ । ଏହାର ଦୃଷ୍ଟାନ୍ତ ପୂର୍ବାଲୋଚିତ 'ଦୁଇ ବନ୍ଧୁ' ଗଳ୍ପରେ ସାଂପ୍ରଦାୟିକ କନ୍ଦଳରେ ନିରୀହ ଜନତାର ହତ୍ୟା ଏବଂ 'ବଳିଦାନ' ଗଳ୍ପରେ ନିରସ୍ତ୍ର ସରଳ ଆଦିବାସୀଙ୍କ ଉପରେ ଶାସନତନ୍ତ୍ରର ଗୁଳିବର୍ଷଣ ଘଟଣା ମଧ୍ୟରୁ ରାଜନୀତିକ ସ୍ୱାର୍ଥସିଦ୍ଧିର ଚିତ୍ର ମଧ୍ୟରେ ଦେଖିବାକୁ ମିଳିଥାଏ । "ନୟନପୁର ଏକ୍ସପ୍ରେସ୍" ଗଳ୍ପରେ କିନ୍ତୁ ରାଜନୀତିକ ନେତାଙ୍କ ଏହି ଶଠତା ଅଧିକ ତୀବ୍ର ଭାବେ ମେଘାବ୍ରିଜ୍‌ରେ ଏକ୍ସପ୍ରେସ୍ ଦୁର୍ଘଟଣାରେ ଗଣହତ୍ୟାର ସୂଚନା ମଧ୍ୟରେ ନିହିତ । ଏହିଭଳି ନେତାଙ୍କ ସମ୍ପର୍କରେ ଗାଳ୍ପିକ ସୁରେନ୍ଦ୍ର ଆକ୍ଷେପ କରି କହିଛନ୍ତି ଯେ, ଆଲେକ୍‌ଜାଣ୍ଡାର, ଅଶୋକ, ଖାରବେଳଙ୍କ ଦୃଷ୍ଟାନ୍ତରୁ ଜଣାପଡ଼େ ଯେ, ଯିଏ ଯେତେବଡ଼ ହତ୍ୟାକାରୀ ତାର ପ୍ରଶଂସାରେ ଇତିହାସ ପୃଷ୍ଠା ସେତେ ବେଶି ବର୍ଣ୍ଣିଳ । (ମହାନ୍ତି, ନୟନପୁର ଏକ୍ସପ୍ରେସ୍, ପୃ: ୯୮୧) ନିରୀହ ନିରସ୍ତ୍ର ଜନତାର ହତ୍ୟା ତଥା ବଶମ୍ବଦଙ୍କୁ ପ୍ରବଞ୍ଚନା ମଧ୍ୟରେ ହିଁ ଯୁଗେଯୁଗେ ରାଜନୀତି ତଥା କ୍ଷମତା ଲିପ୍‌ସା ନିୟମାନୁମୋଦିତ । ତେଣୁ ଦୁର୍ଦ୍ଧର୍ଷର ମୃତ୍ୟୁରେ ମ୍ରିୟମାଣ ଯୁଧିଷ୍ଠୀରଙ୍କୁ ଶ୍ରୀକୃଷ୍ଣଙ୍କ ମାଧ୍ୟମରେ ଗାଳ୍ପିକ କହିଛନ୍ତି ଯେ, "ଏହା ରାଜନୀତି ! ରାଜନୀତିର ଯଜ୍ଞକୁଣ୍ଡରେ ଏହିପରି ବହୁବିଶ୍ୱସ୍ତ ଓ ବଶମ୍ବଦ ଦୁର୍ଦ୍ଧର୍ଷର ଆହୁତି ଏକ ଦୈନନ୍ଦିନ ଘଟଣା । (ମହାନ୍ତି,ଶ୍ରୀକୃଷ୍ଣଙ୍କ ଶେଷ ହସ, ପୃ: ୯୮୯) ପୁରାଣକାଳରୁ ପ୍ରଚଳିତ ଏହି ପ୍ରବଞ୍ଚନା ବା ଶଠତାର ଚିତ୍ର ସ୍ୱାଧୀନ ଭାରତର ରାଜନୀତିରେ ଅତି ଉଗ୍ର ଭାବେ ପ୍ରକାଶିତ ହୋଇଛି । ତେଣୁ ଇଂରେଜମାନଙ୍କ ଶାସନ କ୍ଷମତା ହସ୍ତାନ୍ତର ପରେ କ୍ଷମତାଲିପ୍‌ସାର ନଗ୍ନ ରୂପ ନାରାୟଣ ମହାପାତ୍ର ଭଳି ନ୍ୟସ୍ତସ୍ୱାର୍ଥ ସର୍ବସ୍ୱ ଭାରତୀୟ ରାଜନୀତିକନେତାଙ୍କ ପାଖରେ ପ୍ରକାଶିତ ହୋଇଛି । ଏହି ରାଜନୀତିଜ୍ଞମାନଙ୍କ ଅନ୍ୟ ଏକ ଉପନିବେଶ ସ୍ଥାପନ ପୂର୍ବକ ଭାରତର ରାଜନୀତିକ କ୍ଷମତା ଅକ୍ତିଆର କରିବା ବିରୁଦ୍ଧରେ ହରି ଶତପଥିଙ୍କ ଆଦର୍ଶବାଦୀ ଯୁବନେତୃତ୍ୱ ଆନନ୍ଦାଶ୍ରମ ପ୍ରତିଷ୍ଠା ମାଧ୍ୟମରେ ପ୍ରତିରୋଧ କରିବାର ଚେଷ୍ଟା କରିଥିଲେ ହେଁ, ନାରାୟଣ ମହାପାତ୍ରଙ୍କ ଯୋଗୁଁ ଆଶ୍ରମ ପୋଡ଼ି ଯାଇ ଧ୍ୱଂସ ପାଇଛି । (ମହାନ୍ତି, ଗୃହଦାହ, ପୃ: ୨୯) ଭାରତୀୟ ରାଜନୀତିର ଏହି ଶଠତା ଓ

ପ୍ରବଞ୍ଚନା ସମ୍ପର୍କରେ ଗାଳ୍ପିକ ସୁରେନ୍ଦ୍ରଙ୍କ ମନ୍ତବ୍ୟ ହେଉଛି ଏହା ଭାରତଇତିହାସର ଧାରା । ଭାରତ ଇତିହାସରେ ବିଭିନ୍ନ ବିଶିଷ୍ଟ ଚରିତ୍ର ଅନୁଧ୍ୟାନ କଲେ ସେମାନଙ୍କ ବ୍ୟକ୍ତିତ୍ୱର ପ୍ରତିଷ୍ଠା ଓ ପୁରୁଷାକାର କେବଳ ଶାରୀରିକ ଓ ମାନସିକ ଶକ୍ତି ବଳରେ ନୁହେଁ, ତତ୍‌ସହିତ ବିଶ୍ୱାସଘାତକତା ଓ ବନ୍ଧୁଦ୍ରୋହ ସମ୍ମିଶ୍ରଣରେ କାଳେକାଳେ କ୍ଷମତା ଅଧିକାର କରାଯାଇଅଛି । ଭାରତ ଇତିହାସରେ ରାଜତନ୍ତ୍ର ଓ ସାମନ୍ତତନ୍ତ୍ରର ସେଇ ବିଷାକ୍ତ ପରମ୍ପରା ଆଜି ଗଣତନ୍ତ୍ରରେ ନୂଆ ରୀତିରେ ପ୍ରସାରିତ ହୋଇଛି ମାତ୍ର ।(ମହାନ୍ତି, ପ୍ରତିନାୟକ, ପୃ: ୫୦)

ସ୍ୱାଧୀନତା ପର ଭାରତୀୟ ଗଣତନ୍ତ୍ରରେ ବ୍ୟକ୍ତିଗତ କ୍ଷମତା ମୋହ ଦଳୀୟ ରାଜନୀତିକୁ ମଧ୍ୟ କଳୁଷିତ କରିଛି । ଏ ସମ୍ପର୍କରେ ଗାଳ୍ପିକ ସୁରେନ୍ଦ୍ର କଂଗ୍ରେସ ଦଳକୁ ଦୃଷ୍ଟାନ୍ତ ରୂପେ ଗ୍ରହଣ କରି କହିଛନ୍ତି ଯେ, ବ୍ୟକ୍ତିଗତ ସଂକୀର୍ଣ୍ଣ କ୍ଷମତା ଲିପ୍‌ସା ଓ ନୀଚ ଅହମିକାର ପରିତୃପ୍ତି ପାଇଁ ଯଦିଓ କଂଗ୍ରେସ ଦଳ ଗଠିତ ହୋଇ ନଥିଲା, ମାତ୍ର କର୍କଟର ବ୍ୟାଧିତ ବ୍ରଣ ପରି କଂଗ୍ରେସରେ ଅସନ୍ତୁଷ୍ଟ ଗୋଷ୍ଠୀର ପୃଷ୍ଠଭୂମିରେ କୌଣସି ଆଦର୍ଶବାଦ ବା ସୁସ୍ଥ ବିଚାରଧାରା ନାହିଁ, ଅଛି ଉଲଙ୍ଗ କ୍ଷମତା ପାଇଁ ଏକ ବ୍ୟାଧିତ ଶ୍ୱାନ ରଡ଼ି । ଅବଶ୍ୟ ଅତୀତରେ କଂଗ୍ରେସ ଅନୁଷ୍ଠାନରେ ଆଦର୍ଶବାଦ ଓ ମୂଲ୍ୟବୋଧକୁ କେନ୍ଦ୍ର କରି ଅନୈକ୍ୟ ଓ ବିଭେଦ ଦେଖା ଦେଇଥିଲେ ହେଁ ତାହାର ଏକ ସଂଯତ ଓ ଶୃଙ୍ଖଳିତ ସମାଧାନ ସମ୍ଭବ ହୋଇ ପାରୁଥିଲା । ମାତ୍ର ସ୍ୱାଧୀନତା ପରବର୍ତ୍ତୀ କଂଗ୍ରେସ ମଧ୍ୟରେ ରାଜନୀତିକ କନ୍ଦଳ ଓ ସଂକୀର୍ଣ୍ଣତା ବ୍ୟକ୍ତିଗତ ସ୍ୱାର୍ଥସିଦ୍ଧି ଉପରେ ପର୍ଯ୍ୟବସିତ ହୋଇଥିବାରୁ ଏହାର କୌଣସି ସମାଧାନ ସମ୍ଭବପର ହେଉନାହିଁ । ବରଂ କ୍ଷମତା ଲିପ୍‌ସା ଯେତିକି ଉଗ୍ର ଓ ଉଲଙ୍ଗ ହେଉଛି ବିଭେଦ ସେତିକି ବିକଟ ହେଉଛି । (ମହାନ୍ତି, ଗୃହଦାହ, ପୃ: ୩୦) ଏହିଭଳି କଳୁଷିତ ଦଳୀୟ ରାଜନୀତିର କ୍ଷମତା ଲିପ୍‌ସା କରାଳୀର ବନ୍ୟା ଆକ୍ରାନ୍ତ ଜନସମାଜର ଅସହାୟ ଅବସ୍ଥାର ଚିତ୍ରଣ ମାଧ୍ୟମରେ ବିଭିନ୍ନ ଦଳର ଓ ବ୍ୟକ୍ତିର କ୍ଷମତା ଲିପ୍‌ସା କିଭଳି ପର୍ଯ୍ୟବସିତ ତାର ଦୃଷ୍ଟାନ୍ତ "ବରଜୁ ଷେଣ୍ଢ ଘାଇ'ରେ ଗାଳ୍ପିକ ଦେଇଛନ୍ତି ।

ରାଜତନ୍ତ୍ରରୁ ଗଣତନ୍ତ୍ର ଶାସନର ପରିବର୍ତ୍ତନ ତଥା ସ୍ୱାର୍ଥ କୈନ୍ଦ୍ରିକ ନ୍ୟସ୍ତସ୍ୱାର୍ଥ ସର୍ବସ୍ୱ କ୍ଷମତାଲିପ୍‌ସୁ ଦଳୀୟ ରାଜନୀତିରେ ତେଣୁ ମାରଣାସ୍ତ୍ରର ସ୍ୱରୂପ ମଧ୍ୟ ବଦଳି ଯାଇଛି । ଆଜିର ଶାସନ କ୍ଷମତା ଅଧିକାର ପାଇଁ ପ୍ରତିଦ୍ୱନ୍ଦ୍ୱୀକୁ ମାରିବାକୁ ହେଲେ ଗଣତନ୍ତ୍ରରେ ଛୁରା ବା ବନ୍ଧୁକର ପ୍ରୟୋଜନ ନାହିଁ । ସେ ସବୁ ଅତି ପ୍ରାଗୈତିହାସିକ ; କାରଣ କଲମ ମୁନରେ କେତେ ଦୁର୍ଦ୍ଦାନ୍ତ ସିଜରଙ୍କୁ ଆଖି ପିଛୁଳାକେ ହତ୍ୟା କରାଯାଇପାରେ । (ମହାନ୍ତି, ସମ୍ପାଦକ, ପୃ: ୯୦) ଫଳରେ ସଦାନନ୍ଦ ମହାନ୍ତିଙ୍କ ମୁଖ୍ୟମନ୍ତ୍ରୀତ୍ୱ ବିରୁଦ୍ଧରେ ଅନୁଗତ ଗୋବର୍ଦ୍ଧନ ପକେଟ୍‌ରୁ ପିସ୍ତଲ ନ କାଢ଼ି ସମ୍ବିଧାନଧର୍ମୀ ଗଣତନ୍ତ୍ରରେ ପୋର୍ଟଫୋଲିଓରୁ ଅନାସ୍ଥା ପ୍ରସ୍ତାବର ଖଣ୍ଡିଏ କାଗଜ ବାହାର କରିଛନ୍ତି । (ମହାନ୍ତି, ପ୍ରତିନାୟକ, ପୃ: ୫୦) ଏହି ଦୃଷ୍ଟାନ୍ତରୁ ଖବରକାଗଜର ପୃଷ୍ଠାର କୁତ୍ସାରଟନା ଓ ଦଳବଦଳ ଆଦି ରାଜନୀତିକ ଘୋଡ଼ା ବେପାର ମଧ୍ୟରେ କିଭଳି କ୍ରମେପି ଭାରତୀୟ ଗଣତନ୍ତ୍ର କଳୁଷିତ ହୋଇ ଉଠିଛି ତାର ଚିତ୍ର ଗାଳ୍ପିକ ଦେଇଛନ୍ତି ।

ଉପର ଆଲୋଚନାକୁ ଲକ୍ଷ୍ୟ କଲେ ଏକଥା ସ୍ପଷ୍ଟ ଯେ, ଭାରତୀୟ ଗଣତନ୍ତ୍ର କ୍ଷମତାନ୍ଧ ସ୍ୱାର୍ଥ ସର୍ବସ୍ୱ ରାଜନୀତିକ ନେତାଙ୍କ ହାତ ମୁଠାରେ ଆବଦ୍ଧ । ଫଳରେ ଆଦର୍ଶବାଦୀ, ନିସ୍ୱାର୍ଥପର ରାଜନୀତିକ ନେତା ଏହା ଭିତରେ ଅଣନିଶ୍ୱାସୀ ହୋଇ ଉଠିଛନ୍ତି । ପ୍ରଥମ ପର୍ଯ୍ୟାୟରେ ପ୍ରତିବାଦ କଲା ସମୟରେ ସେମାନେ ସତର ନମ୍ବର ୱାର୍ଡ଼ରେ ଅତ୍ୟାଚାରିତ ହୋଇଛନ୍ତି କିମ୍ବା ଆଦର୍ଶର ମୋହରେ ଅନୁପ୍ରାଣିତ ଛକଡ଼ି ବେହେରାଙ୍କ

ଭଳି ଚରିତ୍ର 'ମାଲ୍ୟାର୍ପଣ' ଗଳ୍ପରେ ରଙ୍ଗୀନ ପ୍ରଜାପତିଙ୍କର ଭିଡ଼ ଭିତରେ ଅବହେଳିତ ଅବସ୍ଥାରେ ପଡ଼ିଯାଇ ଆଖିର ଆଖୁଡ଼ା ଆଉଁସିଛନ୍ତି । ସ୍ୱାଧୀନତା ପରବର୍ତ୍ତୀ ଗାଳ୍ପିକ ସୁରେନ୍ଦ୍ରଙ୍କ ପ୍ରଦତ୍ତ ଭାରତୀୟ ରାଜନୀତିକ ଚିତ୍ରକୁ ଅନୁଧ୍ୟାନ କଲେ ଏହାର କଳାତ୍ମକ ପରିପ୍ରକାଶ ତାଙ୍କ ଗଳ୍ପରେ ହୋଇଥିବା ସ୍ପଷ୍ଟ ଭାବେ ପ୍ରତିପାଦିତ ।

## ସ୍ୱାଧୀନ ଭାରତରେ ଛାତ୍ର ରାଜନୀତିର ସ୍ୱରୂପ

ଭାରତୀୟ ଗଣତନ୍ତ୍ରରେ ରାଜନୀତିକ ଚେତନା ଆଦର୍ଶ ପଥରୁ ବିଚ୍ୟୁତ ଓ ପଙ୍କିଳ ହେବା ସହିତ ଭାରତୀୟ ଛାତ୍ର ସମାଜ ମଧ୍ୟ ଆଦର୍ଶ ପଥରୁ ବିଚ୍ୟୁତ ହୋଇଛି । ବେକାର ସମସ୍ୟା ଆଦିରୁ ମୁକ୍ତି ପାଇବା ପାଇଁ ଆଜିର ଭାରତରେ ପ୍ରଣବ ଭଳି ଅନେକ ଶିକ୍ଷିତ ଯୁବକ ଛାତ୍ର ଜୀବନକୁ ଆଦରି ନେଇଛନ୍ତି । କାରଣ ଶିକ୍ଷା ସମାପ୍ତି ପରେ ରହିଥିବା ଶୀତଳ ଉତ୍ତେଜନାହୀନ ବେକାର ଜୀବନ ଅପେକ୍ଷା ଛାତ୍ର ଜୀବନରେ ଗୋଟିଏ ଉତ୍ତେଜନା ଅଛି, ଗୋଟିଏ ସ୍ୱାଧିକାର ଅଛି ; ଯାହା ଅବଶିଷ୍ଟ ଜୀବନରେ ବିରଳ । ତେଣୁ ଭବତୋଷ ଭଳି ଅନେକ ଛାତ୍ରନେତା ଦେଶ ଗୌରବ କଲେଜ ଭଳି ବିଭିନ୍ନ କଲେଜରେ ଚିରସ୍ଥାୟୀ ପଟ୍ଟା ନେଇଛନ୍ତି । ସେମାନେ ମନେ କରନ୍ତି ବୁର୍ଜୋୟା ସମାଜରେ ଏଇ କଲେଜ ସବୁ ଗୋଟାଏ ଗୋଟାଏ ସିଟ୍ ଅଫ୍ ପାୱାର, କ୍ଷମତାର ଆସ୍ଥାନ । ତାକୁ ଅକ୍ତିଆର କରିବା ପାଇଁ ବିଭିନ୍ନ ୟୁନିୟନ୍ ଓ ରାଜନୀତିର କାରସାଦି ଦେଖାଯାଇଥାଏ । ଏଭଳି କେତେକ ରାଜନୀତିକ ନେତାଙ୍କ ହାତବାରିସୀ କ୍ଷମତାନ୍ଧ ନ୍ୟସ୍ତସ୍ୱାର୍ଥ ଛାତ୍ର ନେତାଙ୍କ ପରସ୍ପରର କନ୍ଦଳରୁ ସୃଷ୍ଟି ହୁଏ ମହାବିଦ୍ୟାଳୟର ସଂସ୍କୃତି ସମ୍ବନ୍ଧୀୟ ସଭାରେ ଗଣ୍ଡଗୋଳ । (ମହାନ୍ତି, ଓଃ କାଲକାଟା, ପୃ: ୧୨) ଅଥବା ହଠାତ୍ ସାଧାରଣ କମନ୍ ରୁମ୍ ପାଇଁ ଦାବି ଉପରେ କଲେଜ ଧର୍ମଘଟ ଆରମ୍ଭ ହୋଇ ମନ୍ତ୍ରୀଙ୍କୁ ଘେରାଉ କରାଯାଏ । (ମହାନ୍ତି, କମନ୍ରୁମ୍, ପୃ: ୭୩) ଯଦିଓ ଗାଳ୍ପିକ ସପ୍ତମ ଦଶକରେ ଦେଖାଯାଇଥିବା ଘେରାଉ ରାଜନୀତିକ ତନ୍ତ୍ରକୁ ବ୍ୟଙ୍ଗ କରିବା ପାଇଁ ବୈଷ୍ଣବ ରସତତ୍ତ୍ୱ ଉପରେ ନିର୍ଭର କରିଛନ୍ତି । (ମହାନ୍ତି, ତାତା, ପୃ: ୯୯) ତଥାପି ମନ୍ତ୍ରୀ ଏଠି କୃଷ୍ଣନାଗର ନୁହନ୍ତି କିମ୍ବା ଛାତ୍ରମାନେ ଗୋପାଙ୍ଗନା ନୁହନ୍ତି ତେଣୁ ଲାଠିଆଳ ପୋଲିସର ଆଗମନରେ ଛାତ୍ର ସମାଜ ପାଟିକରେ ରାଷ୍ଟ୍ରର ପୋଲିସ ରୂପୀ ଏ ପଶୁବଳ ପାଖରେ ସେମାନେ ହଟିଯିବାର ପାତ୍ର ନୁହନ୍ତି, ଫଳରେ ଛାତ୍ର ଓ ପୋଲିସ ମଧ୍ୟରେ ସଂଘର୍ଷ ଘଟେ । (ମହାନ୍ତି, କମନ୍ରୁମ୍, ପୃ: ୭୩)

ଛାତ୍ର ସମାଜର ସମସ୍ୟା ତଥା ଛାତ୍ର ଆନ୍ଦୋଳନର ଚିତ୍ର ଗାଳ୍ପିକ ସୁରେନ୍ଦ୍ର ପରିବେଷଣ କରିବା ମଧ୍ୟରେ ଛାତ୍ରଙ୍କ ସାମାଜିକ ଓ ମାନସିକ ସମସ୍ୟା ପ୍ରତି ସଚେତନତା ମଧ୍ୟ ପ୍ରକାଶ କରିଛନ୍ତି । ସେମାନଙ୍କର ଅଗଠିତ ଭବିଷ୍ୟତ ସମ୍ପର୍କରେ ଛାତ୍ରନେତା ଓଁକାରନାଥ ମାଧ୍ୟମରେ ଗାଳ୍ପିକ କହିଛନ୍ତି ଯେ, ଛାତ୍ରସବୁ ଊନବିଂଶ ଶତାବ୍ଦୀର ଛିନ୍ନ ମୂଳ ପ୍ରଲିଟେରିଏଟ୍- ସର୍ବହରା ପରି ଆଜିର ସ୍ୱପ୍ନହରା । ସେଇଥିପାଇଁ ସେମାନେ ଅଶାନ୍ତ । ତେଣୁ ସେମାନଙ୍କ କାମନା ହେଲା, ସେମାନେ ଚାହାନ୍ତି ଦୁଃସ୍ୱପ୍ନହୀନ ନିରୁପଦ୍ରବ ରାତ୍ରି ତଥା ଭବିଷ୍ୟତର ଗୋଟିଏ ଶୁଭ ସକାଳ ପାଇଁ ତାଙ୍କର କାମନା ।

## ଭାରତର ଜରୁରୀକାଳୀନ ଅବସ୍ଥାର ଚିତ୍ର

ବହୁ ବୁଦ୍ଧିଜୀବୀ ତଥା ରାଜନୀତିକ ନେତାଙ୍କ ମତରେ ଭାରତରେ ଜରୁରୀକାଳୀନ ଅବସ୍ଥାର ସମୟ ହେଉଛି ଏକଛତ୍ରବାଦୀ ଶାସନର ରୂପାନ୍ତର ମାତ୍ର । ଏହି ସମୟ ଶାସକ ଓ ଜନତାର ସ୍ୱରୂପ ସମ୍ପର୍କରେ ଗାଳ୍ପିକ ସୁରେନ୍ଦ୍ର କହନ୍ତି ଯେ, ଏକଛତ୍ରବାଦୀ ଶାସକ କେବଳ ଭୟ କରେ, ସେଇ ଦୁର୍ବଳ

ଅସ୍ଥିକଙ୍କାଳ ତଳେ ପ୍ରଚ୍ଛନ୍ନ ଥିବା ସେମାନଙ୍କ ଦୁର୍ବିନୀତ ପୌରୁଷକୁ, ଚିରବିଦ୍ରୋହୀ ଆତ୍ମାକୁ । ତାନାସାହୀ ଭୟ କରେ ନାହିଁ ମଣିଷକୁ... ମଣିଷ ପାଇଁ ଗୋଟିଏ ବୁଲେଟ୍ ତ ଯଥେଷ୍ଟ । କିନ୍ତୁ ସେ ଭୟକରେ ତା ଅବିନାଶୀ ଆତ୍ମାକୁ । ତାର ମୁକ୍ତି ପ୍ରୟାସୀ ସତ୍ତାକୁ ଯାହାର କି ମୃତ୍ୟୁ ନାହିଁ । (ମହାନ୍ତି, ପ୍ରତିଧ୍ୱନୀ, ପୃ: ୪୯) ଜରୁରୀ ଅବସ୍ଥାର ସମସାମୟିକ କାଳରେ ଗାଳ୍ପିକ ସୁରେନ୍ଦ୍ରଙ୍କ ପ୍ରଦତ୍ତ ଏ ଦୃଷ୍ଟିଭଙ୍ଗୀ ସମୟାନୁକୂଳ ତଥା ପରବର୍ତ୍ତୀ ସମୟରେ ଏହା ପ୍ରତିପାଦିତ ସତ୍ୟ ରୂପେ ଦେଖାଯାଇଛି ।

ଜରୁରୀକାଳୀନ ଅବସ୍ଥାରେ ଶାସନତନ୍ତ୍ରର ଅତ୍ୟାଚାର ତଥା ରାଜନୀତିକ ପରିବେଶର ଚିତ୍ର ଦେବାକୁ ଯାଇ ଗାଳ୍ପିକ ଲେଖିଛନ୍ତି ଯେ, ଦିନର ଆଲୋକରେ ସେମାନେ ଆସିବେ ନାହିଁ । ସେମାନଙ୍କ ଆକ୍ରମଣ ନିଶୁନ ରାତିରେ । ଠକ୍ ଠକ୍ ଆୱାଜ । ଆଦେଶ ଅତି ସଂକ୍ଷିପ୍ତ । ସେଥିରେ ବିସ୍ତାରଣ ନାହିଁ । "ତୁମେ ଗିରଫ", ପରୱାନା ଦେଖାଇବାର ପ୍ରୟୋଜନ ନାହିଁ, ଅଭିଯୋଗ ଅପରାଧ ଜଣାଇବାର ଆବଶ୍ୟକତା ନାହିଁ । ସେମାନେ ଜାଣନ୍ତି କେବଳ ଗୋଟିଏ ଦଫା ନମ୍ବର । ତା'ପରେ ଗୋଟିଏ ଅତଳ ହ୍ରଦରେ ତୁମେ ନିଃଶବ୍ଦରେ ମିଳାଇଗଲ ଗୋଟିଏ ବୁଦ୍‌ବୁଦ ପରି । ତୁମର ପ୍ରତିବେଶୀ ଜାଣିଲେ ନାହିଁ ସନ୍ଧ୍ୟାରେ ସେମାନଙ୍କ ସହ ତୁମର ଆଳାପ ହେଉଥିଲା- ଅଥଚ ରାତି ମଧ୍ୟରେ ତୁମେ କୁଆଡ଼େ ଉଭାଇଗଲ । ତୁମର ଆତ୍ମୀୟ ସ୍ୱଜନ ଜାଣି ପାରିବେ ନାହିଁ, କେଉଁ ଜେଲରୁ କେଉଁ ଜେଲକୁ, ତୁମେ ଗୋଟାଏ ନଷ୍ଟ ଉପଗ୍ରହ ପରି ଘୁରି ବୁଲୁଛ । ତୁମେ ଯେଉଁ ମୁହୂର୍ତ୍ତରୁ ଗିରଫ ହେଲ ସେଇ ସମୟରୁ ତୁମର ନିଜର ଆଲୋକ ଲିଭିଗଲା । ତେଣିକି କେବଳ ରାତ୍ରି ଆଉ ଅନ୍ଧକାର । ସେ ଅନ୍ଧକାର ମଧ୍ୟରେ କିନ୍ତୁ ସକାଳ ପାଇଁ ପ୍ରତୀକ୍ଷା ନାହିଁ ଓ ସେ ଅନ୍ଧକାରର ପ୍ରଭାତୀ ନାହିଁ । ତୁମର ସୃଷ୍ଟିଧର୍ମୀ ଜୀବନରେ ସେ ଗୋଟାଏ ଆକସ୍ମିକ ପୂର୍ଣ୍ଣଚ୍ଛେଦ... ତାପରେ ମୁକ୍ତିହୀନ ଗୋଟିଏ ନିର୍ବେଦ ଅତ୍ୟାଚାରିତ ସ୍ଥିତି । (ମହାନ୍ତି, ପୂର୍ବୋକ୍ତ, ପୃ: ୪୯) ତେଣୁ ଆଲୋକହୀନ ନିର୍ଜନ ସେଲ୍ ଭିତରେ ପାଗଳ ସାବ୍‌ରେଦ୍ ଭଳି ଅଙ୍ଗାରରେ ଗାର ଟାଣିବା ସହିତ ପ୍ରଚଳିତ ଶାସନ ବ୍ୟବସ୍ଥା ବିରୁଦ୍ଧରେ ଗାଳ୍ପିକ ସୁରେନ୍ଦ୍ର 'ବୃତ୍ତ ଓ କେନ୍ଦ୍ରହୀନ' ଗଳ୍ପରେ ଲେଖକର ଭୂମିକା ହିଁ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଛନ୍ତି ।

ବ୍ୟକ୍ତିର ଏ ଅବସ୍ଥା ସହିତ ଖବର କାଗଜର ସେନ୍‌ସର ହେବା ଓ ସ୍ୱାଧୀନଚେତା ସମ୍ବାଦପତ୍ର ଅଫିସରେ ତାଲା ପଡ଼ିବା ଘଟଣା ସହିତ ନିଜ ଛାଇକୁ ମଧ୍ୟ କିଭଳି ଏ ସମୟରେ ପ୍ଲେନ୍ କ୍ଲୋଦସ୍‌ବାଲା ବୋଲି ଭୟ କରି ଜନସାଧାରଣ ଆତଙ୍କିତ ଥିଲେ ତାର ଚିତ୍ର ଗାଳ୍ପିକ ଦେଇଛନ୍ତି । ତାଙ୍କ ମନରେ ଏମରଜେନ୍‌ସି ସମୟରେ କର୍ମହୀନ ଦିନଗୁଡ଼ିକ ହେଉଛି ପକ୍ଷାଘାତ ଗ୍ରସ୍ତ ଦିନ ସଦୃଶ । (ମହାନ୍ତି, ପୂର୍ବୋକ୍ତ, ପୃ: ୫୦)

## ସୁରେନ୍ଦ୍ରଙ୍କ ରାଜନୀତିକ ଚିନ୍ତାଧାରାର ବୈଶିଷ୍ଟ୍ୟ

ପୂର୍ବ ଆଲୋଚନାକୁ ଲକ୍ଷ୍ୟ କଲେ ଏକଥା ସ୍ପଷ୍ଟ ଯେ, ଗାଳ୍ପିକ ସୁରେନ୍ଦ୍ର ନିଜର ବ୍ୟକ୍ତିଗତ ରାଜନୀତିକ ଜୀବନର ପ୍ରତ୍ୟକ୍ଷ ଅନୁଭୂତିର କଷଟି ପଥରରେ ନିକଷିତ ରାଜନୀତିକ ଚିତ୍ର ଗଳ୍ପଗୁଡ଼ିକରେ ପ୍ରଦାନ କରିଛନ୍ତି । ବିଶେଷତଃ ସାମ୍ୟବାଦୀ ଚିନ୍ତାଧାରାର ବିଫଳତାର ସ୍ୱରୂପ, ଭାରତର ସ୍ୱାଧୀନତା ପରବର୍ତ୍ତୀ ବିଭିନ୍ନ ସମସ୍ୟାବଳୀ, କଳୁଷିତ ଗଣତନ୍ତ୍ର ପରମ୍ପରାର ନଗ୍ନଚିତ୍ର, ଛାତ୍ର ରାଜନୀତି ତଥା ଭାରତର ଜରୁରୀକାଳୀନ ଅବସ୍ଥାର ଚିତ୍ର ଗାଳ୍ପିକ ସୁରେନ୍ଦ୍ରଙ୍କ ସୂକ୍ଷ୍ମ ଅନୁଧ୍ୟାନ ବଳରେ ରାଜନୀତିକ ବିବରଣୀ ନ ହୋଇ କଳାତ୍ମକ ରୂପ ପରିଗ୍ରହ କରିଛି ।

ଗାଳ୍ପିକ ସୁରେନ୍ଦ୍ର ନିଜ ରାଜନୀତିକ ଜୀବନରେ ବହୁବାଦ, ବହୁ ଗୋଷ୍ଠୀ ମଧ୍ୟରେ ସୁସ୍ଥ

ରାଜନୀତିକ ମୂଲ୍ୟବୋଧର ଅନ୍ୱେଷଣରେ ବ୍ରତୀ ହୋଇ ଶେଷ ପର୍ଯ୍ୟନ୍ତ ରାଜନୀତିକ କ୍ଷେତ୍ରରେ କ୍ଷମତା ରାଜନୀତି ତଥା ଶାସନତନ୍ତ୍ର ଠାରୁ ଦୂରରେ ଏକ ଅସହାୟବୋଧ ମଧ୍ୟରେ ପୀଡ଼ିତ ହୋଇଛନ୍ତି । ତେଣୁ ତାଙ୍କରି ଭାଷାରେ ରାଜନୀତିକ କ୍ଷେତ୍ରରେ ସେ ଏକ "lonely wolf" ଭାବରେ ମୌଳିକ ଚିନ୍ତାଧାରାର ଅନ୍ୱେଷଣରେ ବ୍ରତୀ । ଗାଳ୍ପିକ ସୁରେନ୍ଦ୍ରଙ୍କ ଏହି ମୌଳିକ ଚିନ୍ତାଧାରା ମାନବଧର୍ମ ଦ୍ୱାରା ଆକ୍ରାନ୍ତ; ଯାହାର ଦୃଷ୍ଟାନ୍ତ ସ୍ୱରୂପ ସେ କହନ୍ତି ଯେ, ରାଜନୀତିକ ଅଭିଧାନରୁ ଦେଶ ଓ ଦେଶପ୍ରେମ ନାମକ ଦୁଇଟି ଶବ୍ଦର ବିଲୋପସାଧନ, (ମହାନ୍ତି, ଦୁଇବନ୍ଧୁ, ପୃ: ୧୯୧) ତଥା ଶାସନ ବ୍ୟବସ୍ଥା ଲୁଣ୍ଠନର ନାମାନ୍ତର ନ ହୋଇ ଜୀବନଧର୍ମୀ ହେବା ଉଚିତ । (ମହାନ୍ତି, ଓଃ କାଲକାଟା, ପୃ: ୧୬) ତେଣୁ ତାଙ୍କର ପରିକଳ୍ପିତ ରାଜନୀତିରେ ଜୀବନର ଅର୍ଥ ଖାଲି ବଞ୍ଚିବା ନୁହେଁ, ଆଧିପତ୍ୟ ନୁହେଁ, କ୍ଷମତା ନୁହେଁ, ଅନ୍ୟକୁ ଶୋଷଣ କରି ବ୍ୟକ୍ତିଗତ ଅଭିବୃଦ୍ଧି ନୁହେଁ । (ମହାନ୍ତି, କୃଷ୍ଣଚୂଡ଼ା, ପୃ: ୨୧୧)

**ସୁରେନ୍ଦ୍ରଙ୍କ ସାମାଜିକ ଚେତନା**

ସମାଜ ଓ ମଣିଷର ସମ୍ପର୍କ ପରସ୍ପର ପରିପୂରକ । ମଣିଷର ଜୀବନ ପରି ମଣିଷର ସମାଜ ମଧ୍ୟ ଗତିଶୀଳ, ପରିବର୍ତ୍ତନଶୀଳ । ମଣିଷ ଆପଣାର ବାସନା ଓ ଉଦ୍ୟମ ଅନୁସାରେ ତାର ସାମାଜିକ ବାତାବରଣ ଓ ସାମୂହିକ ଜୀବନକୁ ବଦଳାଇ ଚାଲିଛି । ଯେଉଁଠି ସେ ସ୍ଥିତିକୁ ଭାଗ୍ୟର ଅନୁଗ୍ରହ ବା ଭଗବାନଙ୍କର ବରାଦ ବୋଲି ମାନି ନେଉଛି, ସେଠି ତାର ସମାଜ ବଦଳିବାର ଗତି ମନ୍ଥର ହୋଇ ଯାଉଛି । ଯେଉଁଠି ସେ ପରିବର୍ତ୍ତନ ଓ ପ୍ରଗତି ପାଇଁ ଯେତେ ବେଶି ଆଗ୍ରହ ପୋଷଣ କରୁଛି, ତାର ବିଚାରରେ ସେତିକି ବେଶି ବେଗର ସଞ୍ଚାର ହେଉଛି; ଅଧିକରୁ ଅଧିକ ହାସଲ କରିବା ଲାଗି ତାର ଅସନ୍ତୋଷ ସେତିକି ବେଶି ବଢୁଛି ଓ ସେତିକି ବେଶି ଆପଣା ଓ ଆପଣା ସମାଜର ଭାଗ୍ୟରେ ପରିବର୍ତ୍ତନ ଘଟାଉଛି ।

ଆବହମାନ କାଳରୁ ମଣିଷ ତାର ସମାଜକୁ ବଦଳାଇ ଆସିଛି । ଏକ ସୃଷ୍ଟିଶୀଳ କାରିଗର ପରି ମଣିଷ ସମାଜକୁ କେତେ ପ୍ରକାରର ଆଦର୍ଶ ଓ ଆକାରର ଅନୁକୃତିରେ ନୂଆ କରି ଗଢ଼ିବାକୁ ନିରନ୍ତର ଚେଷ୍ଟା କରି ଆସିଛି । ସେ କେତେକ କ୍ଷେତ୍ରରେ ସଫଳ ହୋଇଛି ତ ପୁଣି କେତେ କ୍ଷେତ୍ରରେ ବିଫଳ ମଧ୍ୟ ହୋଇଛି । ତଥାପି ଚେଷ୍ଟାର ବିରାମ ନାହିଁ । କେଉଁଠି ସବୁ କ୍ଷିପ୍ରଗତିରେ ସମାଜ ବଦଳୁଛି ପୁଣି କେଉଁଠି ସମାଜର ପରିବର୍ତ୍ତନ ଏପରି ମନ୍ଥର ଗତିରେ ଚାଲିଛି ଯେ, କୌଣସି ପରିବର୍ତ୍ତନ ହେଉଛି ବୋଲି ମଧ୍ୟ ମନେ ହେଉନାହିଁ । ଏହାର କାରଣ ହେଉଛି ଯେ, ମଣିଷ ଜୀବନ ପରି ସମାଜ ମଧ୍ୟ କେବେବେଳେ ହେଲେ ସ୍ଥାଣୁ ବା ଅଚଳ ହୋଇ ରହିନାହିଁ । ମଣିଷର ଆକାଂକ୍ଷା ଓ ଆବଶ୍ୟକତା ସହ ବଦଳି ବଦଳି ଚାଲିଛି । ସମାଜର ସ୍ରୋତ ମଣିଷର ବାହାରେ ମଣିଷର ଅପେକ୍ଷା ନ ରଖି ବହି ଯାଉନାହିଁ । ସମାଜର ମଣିଷ ହିଁ ସମାଜର ଗତି ଓ ସାମାଜିକ ପରିବର୍ତ୍ତନର ବେଗ ନିରୂପଣ କରୁଛି । ଏକ ସମାଜରେ ବଞ୍ଚି ମଣିଷ କେତେବେଳେ ଆହ୍ୱାନର ସମ୍ମୁଖୀନ ହେଉଛି; ଏବଂ ସେହି ଆହ୍ୱାନଗୁଡ଼ିକ ଅନୁସାରେ ଆପଣାର ଜୀବନାଚରଣଗୁଡ଼ିକୁ ଆୟତ୍ତ କରୁକରୁ ସେ ଆଗେ ବଦଳୁଛି ଓ ଆପଣା ସମାଜକୁ ମଧ୍ୟ ବଦଳାଇବାରେ ଲାଗିଛି । ତେଣୁ ସମାଜ ଓ ସାମାଜିକ ସଂଗଠନ ସହ ମଣିଷର ସମ୍ପର୍କ ପରିପୂରକ ହେଲେ ମଧ୍ୟ ବେଳେବେଳେ ଆପେକ୍ଷିକ ।

ସମାଜ ସହିତ ଗାଳ୍ପିକର ସମ୍ପର୍କ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ନିଜର ସମସାମୟିକ ସମାଜ ତଥା

ଦେଶ ଓ ଜାତିର ଇତିହାସର ପୁରୋ ଭାଗରେ ରହିଥିବା ସମାଜ ସହ ସେ ଜଡ଼ିତ । ଏହି ପୃଷ୍ଠଭୂମିକୁ ଅନୁସରଣ କରି ଗାଳ୍ପିକ ସୁରେନ୍ଦ୍ରଙ୍କର ପ୍ରଦତ୍ତ ସାମାଜିକ ଚିତ୍ରର ଏଠି ପର୍ଯ୍ୟାୟକ୍ରମେ ଆଲୋଚନା କରାଯିବ ।

**ବୌଦ୍ଧଯୁଗୀୟ ସାମାଜିକ ଚିତ୍ର**

ଗାଳ୍ପିକ ସୁରେନ୍ଦ୍ରଙ୍କ ସାରୀପୁତ୍ତ, ଅମ୍ୱାପଲ୍ଲୀ, ମହାନିର୍ବାଣ, ମଧୁମନ୍ତାର ରାତ୍ରି ଓ ଉତ୍ତରାମପୁତ୍ର ଗଳ୍ପ ପାଞ୍ଚୋଟି ବୌଦ୍ଧଯୁଗୀୟ ଇତିହାସ ଓ କିମ୍ବଦନ୍ତୀ ଉପରେ ଆଧାରିତ । ଏହି ପାଞ୍ଚୋଟି ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ବୌଦ୍ଧ ଧର୍ମର ଆରୋହ ଓ ଅବରୋହ ସମ୍ବଳିତ ସାମାଜିକ ବିବର୍ତ୍ତନର ଚିତ୍ର ପ୍ରଦାନ କରିଛନ୍ତି ।

ସାରୀପୁତ୍ତ ଗଳ୍ପରେ ଗାଳ୍ପିକ ବୌଦ୍ଧ ଯୁଗର ଉତ୍ଥାନର ଚିତ୍ର ପ୍ରଦାନ କରିଛନ୍ତି । ଇତିହାସର ପୃଷ୍ଠା ଅନୁଧ୍ୟାନ କଲେ ଜଣାଯାଏ ଯେ, ବ୍ରାହ୍ମଣ୍ୟ ଧର୍ମରେ ଜାତିବିଭାଗର ଘୃଣ୍ୟପ୍ରଥା, ତଥା ବ୍ରାହ୍ମଣେତର ଜାତିଙ୍କ ପ୍ରତି ବ୍ରାହ୍ମଣଙ୍କ ହେୟ ମନୋଭାବ ବୌଦ୍ଧ ଧର୍ମର ଉତ୍ଥାନର ମୂଳ କାରଣ । ଶୂଦ୍ରାଣୀ ରୂପଶ୍ରୀ ଓ ବ୍ରାହ୍ମଣ ଶୁଭ୍ରଜ୍ୟୋତିଙ୍କ କଥୋପକଥନ ମଧ୍ୟରେ ଗାଳ୍ପିକ ସୁରେନ୍ଦ୍ର ଜାତି ପ୍ରଥାର ଉଗ୍ରତା ଓ ବ୍ରାହ୍ମଣଙ୍କ ଧନଲୋଲୁପତାର ଚିତ୍ର ସହିତ, ଭାଗ୍ୟବାଦ, ପୁନର୍ଜନ୍ମ ତଥା ପ୍ରାୟଶ୍ଚିତ୍ତ ଆଦି ପ୍ରଥା ସମ୍ପର୍କରେ ସମାଜରେ ବ୍ରାହ୍ମଣଙ୍କ ପ୍ରଭାବର ଚିତ୍ର ପ୍ରଦାନ କରିଛନ୍ତି । (ମହାନ୍ତି, ସାରୀପୁତ୍ତ ପୃ: ୨୧-୨୨) ଏହାସହିତ ବୌଦ୍ଧଭିକ୍ଷୁଙ୍କ ଶୃଙ୍ଖଳିତ ଜୀବନ ଓ ବ୍ରାହ୍ମଣେତର ଜାତିର ବ୍ୟକ୍ତିବିଶେଷଙ୍କ ବୌଦ୍ଧ ଧର୍ମର ସରଳ ନୀତି ନିୟମ ପ୍ରତି ଆକର୍ଷଣ, ସାରୀର ବୌଦ୍ଧଧର୍ମ ଗ୍ରହଣ ଘଟଣା ମଧ୍ୟରେ ପ୍ରକାଶିତ ହୋଇଛି । ବୌଦ୍ଧଧର୍ମର ବହୁଳ ପ୍ରଚାର ମଧ୍ୟରେ ସାଧାରଣ ପାରିବାରିକ ଜୀବନ ଯେ ବାଧାପ୍ରାପ୍ତ ହୋଇଥିଲା ତାହା ରୂପଶ୍ରୀର ଅଭିଯୋଗ ମଧ୍ୟରେ ପ୍ରକାଶିତ ହୋଇଛି । (ମହାନ୍ତି, ପୂର୍ବୋକ୍ତ, ପୃ: ୨୭) ଏହାର ପରବର୍ତ୍ତୀ ଗଳ୍ପ ଅମ୍ୱାପଲ୍ଲୀରେ କେବଳ ସାମାଜିକ ବିଧି ବ୍ୟବସ୍ଥା ନୁହେଁ ଶାସନ ବ୍ୟବସ୍ଥା ମଧ୍ୟରେ ଅମ୍ୱାପଲ୍ଲୀର ବ୍ୟକ୍ତି ଜୀବନ ଉପରେ ଗଣତନ୍ତ୍ରର ଅତ୍ୟାଚାରୀ ନିୟମ ଯୋଗୁଁ ସାଧାରଣ ନାରୀର ଗଣିକା ରୂପରେ ପରିବର୍ତ୍ତନ ଘଟଣା- ତଥା ଗଣିକାମାନଙ୍କର କାବ୍ୟ, ସାହିତ୍ୟ, ନୃତ୍ୟ ସଙ୍ଗୀତ ଆଦିରେ ଆକର୍ଷଣର ଚିତ୍ର ପ୍ରଦାନ କରାଯାଇଛି । (ମହାନ୍ତି, ଅମ୍ୱାପଲ୍ଲୀ, ପୃ: ୩୧) ଅମ୍ୱାପଲ୍ଲୀ ଭଳି ସମାଜର ଅବହେଳିତା ଲାଞ୍ଛିତା ନାରୀ ବୌଦ୍ଧ ଧର୍ମ ପ୍ରତି ଆକୃଷ୍ଟ ହେବାର ସାମାଜିକ ତତ୍ତ୍ୱ ଏହାରି ମଧ୍ୟରେ ନିହିତ ହୋଇଛି । ମଧୁମନ୍ତାର ରାତ୍ରି ଗଳ୍ପରେ ସଂଘାରାମରେ ବୌଦ୍ଧଭିକ୍ଷୁଙ୍କ ଶୃଙ୍ଖଳିତ ଜୀବନଚର୍ଯ୍ୟାର ନୀତି ନିୟମ ମଧ୍ୟରେ ସେମାନଙ୍କର ଅସହାୟ ମନୋଭାବର ଚିତ୍ର, ଗଣିକା ବୃତ୍ତି, ବୌଦ୍ଧଧର୍ମର ବିଭିନ୍ନ ମତବାଦୀଙ୍କ ମଧ୍ୟରେ ଅସୂୟା ମନୋଭାବର ଚିତ୍ର ଦିଆଯାଇଛି । (ମହାନ୍ତି, ମଧୁମନ୍ତାର ରାତ୍ରି, ପୃ: ୪୧) ବିଶେଷତଃ ଚମ୍ପାର ଆଜୀବ୍ୟ ସଭାରେ କିଶା ଓ ଉପକ ମଧ୍ୟରେ ପରସ୍ପର ପ୍ରତି ଆକ୍ଷେପ ବୌଦ୍ଧ ଶ୍ରମଣମାନଙ୍କର ବିଭକ୍ତିକୃତ ଚିନ୍ତାଧାରାର ପରିଚୟ ଦେବା ସହିତ ଗୌତମ ପ୍ରଚାରିତ ମତବାଦ ପ୍ରତି ସନ୍ଦେହ ମନୋଭାବର ଚିତ୍ର ପ୍ରଦାନ କରାଯାଇଛି । (ମହାନ୍ତି, ପୂର୍ବୋକ୍ତ, ପୃ: ୪୭) ମହାନିର୍ବାଣ ଗଳ୍ପରେ ଗୁଧକୁଟର ପରିବେଶରେ ପ୍ରଜ୍ଞା ପାରମିତା ଯୁଗଳ ପ୍ରତିମୂର୍ତ୍ତିର ପୂଜା ଆଦିର ଚିତ୍ର ମଧ୍ୟରେ ବୌଦ୍ଧ ଧର୍ମରେ ପୌତ୍ତଳିକତାର ଆବିର୍ଭାବ ସହିତ ତନ୍ତ୍ରର ପ୍ରଭାବ ଦେଖାଯାଇଛି ତାର ଚିତ୍ର ଦେଖିବାକୁ ମିଳିଥାଏ । ପୁଣି ଭିକ୍ଷୁ ଶ୍ରମଣମାନେ ବୌଦ୍ଧ ଧର୍ମର ନୀତିନିୟମ ଠାରୁ ଦୂରେଇ ଯାଇ କିଭଳି ସ୍ୱେଚ୍ଛାଚାରୀ ହୋଇ ପଡ଼ିଛନ୍ତି ତାର ଚିତ୍ର ନୀଳୋତ୍ପଳର ଶ୍ମଶାନରେ ଅଶୁଭ ଭାବନା କାଳରେ ମଧୁବ୍ରତାର ଶବ ଦର୍ଶନରେ ଦେଖା ପାଇଥିବା ତାର ମାନସିକ ବିଭ୍ରମ ମଧ୍ୟରେ ଗାଳ୍ପିକ ଦେଖାଇ ଦେଇଛନ୍ତି । "ଉତ୍ତରାମ ପୁତ୍ର" ଗଳ୍ପରେ

ଅନୁରୂପ ଭାବେ ସାଧନା ମଧ୍ୟରେ ବି ଯୌନକ୍ଷୁଧା ପ୍ରତି ଆକର୍ଷଣ ଯୋଗୁଁ ବୌଦ୍ଧ ଧର୍ମ ଦର୍ଶନ କିଭଳି ବିଡ଼ମ୍ବିତ ହୋଇ ପଡ଼ିଛି ଗାଳ୍ପିକ ତାର ଚିତ୍ର ଦେଇଛନ୍ତି । ଏହି ପାଞ୍ଚଗୋଟି ଗଳ୍ପକୁ ଅନୁଧ୍ୟାନ କଲେ ଜଣାଯାଏ ଭାରତୀୟ ସାମାଜିକ ଜୀବନରେ ବୌଦ୍ଧ ଧର୍ମର ପ୍ରଭାବ ଯେଭଳି ଆକସ୍ମିକ, ତା'ର ସ୍ଖଳନ ମଧ୍ୟ ଠିକ୍ ସେଭଳି ସ୍ୱାଭାବିକ ଭାବେ ପ୍ରଦର୍ଶିତ ହୋଇଥିବା ଲକ୍ଷ୍ୟ କରାଯାଏ ।

## ମଧ୍ୟଯୁଗୀୟ ଓଡ଼ିଶାର ଉତ୍‌ଥାନ ଓ ପତନର ଚିତ୍ର

ଗାଳ୍ପିକ ସୁରେନ୍ଦ୍ରଙ୍କ କେତେକ ଐତିହାସିକ ଗଳ୍ପରେ ମଧ୍ୟଯୁଗୀୟ ଓଡ଼ିଶାର ଉତ୍‌ଥାନ ଓ ପତନର ଚିତ୍ର ଦେଖାଯାଏ । "କଳିଙ୍ଗର ପ୍ରତିଶୋଧ" ଗଳ୍ପରେ କଳିଙ୍ଗଯୁଦ୍ଧ ଓ ଓଡ଼ିଶାର ଅବନତି ତଥା ଖାରବେଳଙ୍କ ଉତ୍‌ଥାନ ସହିତ ଅଖଣ୍ଡଭାରତୀୟ ଚିନ୍ତାଧାରା ମଧ୍ୟ ଲକ୍ଷ୍ୟ କରାଯାଏ । "ନର୍ତ୍ତକୀ" ଗଳ୍ପରେ ଘୃଣ୍ୟଦେବଦାସୀ ପ୍ରଥାର ଚିତ୍ର ସହିତ କେଶରୀବଂଶର ରାଜନ୍ୟ ମଣ୍ଡଳୀଙ୍କ ଶିଳ୍ପୀ ପ୍ରତି ଆକର୍ଷଣର ଚିତ୍ର ତଥା ସୁବର୍ଣ୍ଣ କେଶରୀଙ୍କ ଅତୀତ ଘଟଣାବଳୀର ରୋମନ୍ଥନ ମଧ୍ୟରେ କେଶରୀ ବଂଶର ରାଜତ୍ୱ କାଳରେ ଓଡ଼ିଶାର ଗୌରବାବହ ଦିନଗୁଡ଼ିକର ଚିତ୍ର "କେଶରୀ ସନ୍ଧ୍ୟା" ଗଳ୍ପରେ ଦେଖିବାକୁ ମିଳିଥାଏ । 'କାବେରୀରୁ ଗଙ୍ଗା' ଗଳ୍ପରେ ମତ୍ତଭାନୁଗଙ୍ଗଙ୍କ ବିଳାସ ବ୍ୟସନମୟ ଜୀବନ ତଥା ଗଙ୍ଗବଂଶର ପତନର ଚିତ୍ର ସହିତ ସୂର୍ଯ୍ୟବଂଶର ଉତ୍‌ଥାନର ଚିତ୍ର ଦେଖିବାକୁ ମିଳିଥାଏ । 'ସନ୍ଧି ଓ ସର୍ତ୍ତ' ଗଳ୍ପରେ ଜଗନ୍ନାଥଙ୍କ ଓଡ଼ିଆ ଜାତୀୟ ଜୀବନରେ ପ୍ରଭାବ, ଓଡ଼ିଶାର ଶାସକଙ୍କ ଦୁର୍ବଳ ଶାସନ, ମୁସଲମାନ ଶକ୍ତିର ଓଡ଼ିଶା ଅଧିକାର, ଗୌଡ଼ୀୟ ବୈଷ୍ଣବ ଧର୍ମର ବହୁଳ ପ୍ରସାର ଫଳରେ ଉତ୍କଳୀୟ ବୈଷ୍ଣବ ଧର୍ମଧାରାର ବିଡ଼ମ୍ବନା ସହିତ ପାଇକ ତଥା ଦଳପତିଙ୍କ ଅଧୋପତନର ଚିତ୍ର ଦେଖିବାକୁ ମିଳିଥାଏ । "କବି" ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ଦେଖାଇଥିବା ଓଡ଼ିଶୀ ଓ ଗୌଡ଼ୀୟ ବୈଷ୍ଣବ ଧର୍ମର ସଂଘର୍ଷ, ବୈଷ୍ଣବ ମଠାଧୀଶଙ୍କ ସ୍ଖଳିତ ଜୀବନର ଚିତ୍ର ମାଧ୍ୟମରେ ପରିପୁଷ୍ଟ ହୋଇଛି । ଉଭୟ ବୈଷ୍ଣବ ଧର୍ମ ସମ୍ପ୍ରଦାୟର ସଂଘର୍ଷର ଚିତ୍ର 'ମରାଳର ମୃତ୍ୟୁ' ଗଳ୍ପରେ ଅଧିକ ଉତ୍କଟ ଭାବେ ଚିତ୍ରିତ । ଏସବୁ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ଆଗଙ୍ଗା ଗୋଦାବରୀ ଭୂଖଣ୍ଡ କରାୟତ୍ତ କରିଥିବା ଉତ୍କଳୀୟ ପାଇକ ସେନାନୀର କ୍ରମ ଅଧୋଗତିର ଚିତ୍ର ପ୍ରଦାନ କରିଛନ୍ତି । ବିଶେଷତଃ 'ଦଳେଇ ବୁଢ଼ା' ଗଳ୍ପରେ ବର୍ଗୀଜୁଲମ ମଧ୍ୟରେ ଓଡ଼ିଆ ପାଇକର ଅତୀତ ରୋମନ୍ଥନ ମଧ୍ୟରେ ତାର ନିର୍ବିର୍ଯ୍ୟ ଅବସ୍ଥାର କରୁଣ ପରିଣତିର ଚିତ୍ର ଗାଳ୍ପିକ ସଫଳତାର ସହ ଉପସ୍ଥାପନ କରିଛନ୍ତି । ଇଂରେଜଙ୍କ ଆଗମନ ପରେ ବକ୍ସିଜଗବନ୍ଧୁଙ୍କ ନେତୃତ୍ୱ ଓ ଦେଶାତ୍ମବୋଧକ ଭାବଧାରାର ଉପସ୍ଥାପନା ମଧ୍ୟରେ ଓଡ଼ିଆ ଜାତୀୟତାର କିଭଳି ପରସ୍ୱାପହରଣ, ଇର୍ଷା ଓ ପରଶ୍ରୀକାତରତା ମଧ୍ୟରେ ଘଟିଛି ତାର ସଂଘର୍ଷମୟ ଚିତ୍ର ଗାଳ୍ପିକ ଉପସ୍ଥାପନ କରିଛନ୍ତି । ଏହି ଗଳ୍ପଗୁଡ଼ିକର ଅନ୍ତଃସ୍ୱରକୁ ଅନୁଧ୍ୟାନ କଲେ ଏକଥା ସ୍ପଷ୍ଟ ଯେ ଗାଳ୍ପିକ ସୁରେନ୍ଦ୍ର ସମ୍ପୂର୍ଣ୍ଣ ରୂପେ ଓଡ଼ିଆଜାତିର ପୁନଃଜାଗରଣ ଉଦ୍ଦେଶ୍ୟରେ ଏସବୁ ଗଳ୍ପର ରୂପାୟନ କରିଛନ୍ତି ।

## ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମିରେ ଭାରତୀୟ ସମାଜର ଚିତ୍ର

ସୁରେନ୍ଦ୍ରଙ୍କ ରାଜନୀତିକ ଚେତନା ପର୍ଯ୍ୟାୟରେ ମହାତ୍ମା ଗାନ୍ଧୀଙ୍କ ମତବାଦ ଓ ସମାଜରେ ତାର ପ୍ରଭାବ ତଥା ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟର ଚିତ୍ର ପ୍ରଦାନ କରାଯାଇଅଛି । ସେହି ସମସାମୟିକ କାଳରେ ସମାଜର ବାସନ୍ଦ ସତ୍ତ୍ୱେ କଟକର ଖ୍ରୀଷ୍ଟିଆନ ସ୍କୁଲରେ ପାଠ ପଢ଼ିବା, ଟି ସେଟ୍ ଓ ଚା' ପାଣିର

ବ୍ୟବହାର, ମୁସଲମାନ ବବୁର୍ଚ୍ଚି ତଥା ବ୍ରାହ୍ମସମାଜର ପ୍ରଭାବ କିଭଳି ସାଧାରଣ ସମାଜରେ ପଡ଼ିଥିଲା 'ସିଗାରେଟ୍' ଗଳ୍ପରେ ଗାଳ୍ପିକ ତାର ଚିତ୍ର ପ୍ରଦାନ କରିଛନ୍ତି ।

## ଯୁଦ୍ଧ ପରବର୍ତ୍ତୀ ଭାରତୀୟ ସମାଜର ଚିତ୍ର

ଦ୍ୱିତୀୟ ବିଶ୍ୱ ମହାସମରର ପ୍ରତ୍ୟକ୍ଷ ପୃଷ୍ଠଭୂମିରେ ଗାଳ୍ପିକ ସୁରେନ୍ଦ୍ର କୌଣସି ଗଳ୍ପ ରଚନା କରିନଥିଲେ ହେଁ 'ଭାରତ ଆବିଷ୍କାର' ଗଳ୍ପରେ ଯୁଦ୍ଧର ପ୍ରଭାବ ସ୍ପଷ୍ଟ । ଦ୍ୱିତୀୟ ମହାଯୁଦ୍ଧ ପରେ ଆଶଙ୍କା ଓ ଆଶାନ୍ତି ପ୍ରପୀଡ଼ିତ ଦିନଗୁଡ଼ିକର ଶେଷ ହୋଇଛି; ଶାନ୍ତି ବିରାଜିତ ହୋଇଛି । ପ୍ଲାଟଫର୍ମ ଉପରେ ବିକ୍ଷିପ୍ତ ଭାବରେ ଏ ପାଖରୁ ସେପାଖ ପଦ ଚାରଣା କରୁଛି- ଜଣେ ୟୁନିଫର୍ମ ପରିହିତ ଆମେରିକାନ ସୈନିକ; ହୁଏତ ସକାଳର କୌଣସି ଗାଡ଼ିର ଅପେକ୍ଷାରେ । ଯାହାର ଗୋଟିଏ ଆଖିରେ ଗଣତନ୍ତ୍ର, ଆଉ ଅନ୍ୟ ଗୋଟିଏ ଆଖିରେ ସାତ ସମୁଦ୍ର ତେର ନଈ ସେପାରେ ନୀଳନୟନା ରୂପସୀ ପ୍ରିୟାର ସ୍ୱପ୍ନ ? ହୁଏତ "ଟମିଗନ୍-ବାଲା" ସୈନିକ ଭିତରେ ଅନେକ ଦେଖିଛନ୍ତି କେବଳ ସାମ୍ରାଜ୍ୟବାଦର ହୃଦୟହୀନ 'ରୋବୋଟ' । ମାତ୍ର ଗାଳ୍ପିକଙ୍କ ମତରେ ସେଇ ମୋଟା ୟୁନିଫର୍ମ ତଳେ ଏକ କରୁଣ ହୃଦୟ ରହିଛି ଯାହା ସବୁଜ ଦୂର୍ବାଦଳ ଉପରେ ପ୍ରଭାତର ଶିଶିର ବିନ୍ଦୁ ଠାରୁ ଆହୁରି କରୁଣ ଓ ଆହୁରି ସୁନ୍ଦର । କିନ୍ତୁ ରାଜନୀତିର ଚେସ୍ ପାଲିରେ ଏହି ସୈନିକ ସମ୍ପୂର୍ଣ୍ଣ ରୂପେ ଅସହାୟ ।

"ଆକାଶଛତିଆ" ଗଳ୍ପଟି ଭାରତ-ପାକିସ୍ତାନ ଯୁଦ୍ଧର ପୃଷ୍ଠଭୂମି ଉପରେ ରଚିତ । ଏହି ଗଳ୍ପରେ ବର୍ଣ୍ଣନା କରାଯାଇଥିବା ସହରର ନିଷ୍ପ୍ରଦୀପ ଅବସ୍ଥା; ଗୃହରକ୍ଷୀ ବାହିନୀ ଗଠନ ଆଦି ଘଟଣା ଅବତାରଣା ମଧ୍ୟରେ ଦ୍ୱିତୀୟ ବିଶ୍ୱ ମହାସମର ଅପେକ୍ଷା ଭାରତର ସ୍ୱାଧୀନତା ପରେ ଘଟିଥିବା ଯୁଦ୍ଧର ପୃଷ୍ଠଭୂମି ଓ ସେହି ସମୟରେ ସମାଜର ବିଭିନ୍ନ ସ୍ତରର ବ୍ୟକ୍ତିଙ୍କ ସଚେତନତାର ଚିତ୍ର ଉପସ୍ଥାପିତ ହୋଇଛି ।

## ସାଂପ୍ରଦାୟିକତା ଓ ସମାଜରେ ତାର ପ୍ରଭାବ

ରାଜନୀତିକ ଚେତନା ପର୍ଯ୍ୟାୟରେ ବର୍ଣ୍ଣିତ ସାଂପ୍ରଦାୟିକତାର ଚିତ୍ର କିଭଳି ସମାଜ ଜୀବନରେ ପ୍ରଭାବ ପକାଇଛି ତାର ଚିତ୍ର 'ଦୁଇବନ୍ଧୁ' 'ଆକାଶ ତଥାପି ସୁନୀଳ', 'ଗୋଟିଏ ଘୋଡ଼ାର ମୃତ୍ୟୁ' ଭିନ୍ନ ଗାଳ୍ପିକଙ୍କର 'ମହାନଗରୀର ରାତ୍ରି' ଗଳ୍ପରେ ମଧ୍ୟ ଦେଖିବାକୁ ମିଳିଥାଏ । ପାର୍କଷ୍ଟ୍ରିଟ୍ ମୋଡ଼ର ମିନୁ ଓ ଚନ୍ଦ୍ରା ଚରିତ୍ରର ଆତ୍ମକଥନ ମାଧ୍ୟମରେ ସାଂପ୍ରଦାୟିକତାର ଜିଘାଂସା ମଧ୍ୟରେ ବାପ ମା, ସ୍ୱାମୀ ପୁଅଙ୍କର ହାଣ ଖାଇବାର ଚିତ୍ର ମାଧ୍ୟମରେ ମଣିଷ ମନର ଅନ୍ତର୍ନିହିତ ପଶୁତ୍ୱର ବର୍ଣ୍ଣନା ଗାଳ୍ପିକ କରିଛନ୍ତି । (ମହାନ୍ତି, 'ମହାନଗରୀର ରାତ୍ରି', ପୃ: ୧୨୫-୧୨୬) କଲିକତା, କାନପୁର, ଦିଲ୍ଲୀ, ବମ୍ବେ... ସବୁଠି ରକ୍ତର ହୋରି ଖେଳ । ଏହି ଛୋଟ ସହରଟି ସେତେବେଳେ ସାଂପ୍ରଦାୟିକ ହିଂସାର ଉତ୍ତରଳ ଫେନିଳ ଜଳରାଶି ମଧ୍ୟରେ ଏକ ଦ୍ୱୀପ ପରି ଅବଶ୍ୟ ବିଚ୍ଛିନ୍ନ ରହିଥିଲା । ତଥାପି ତାହାର ବିଷାକ୍ତ ଲହରୀର ଆଘାତରେ ଏହି ସହରର ମର୍ମମୂଳ ଯେପରି ପ୍ରକମ୍ପିତ ହୋଇ ଉଠିଥିଲା । ପ୍ରତ୍ୟେକଟି ମୁହୂର୍ତ୍ତ ଆଶଙ୍କା ଓ ସନ୍ଦେହରେ ଦୁର୍ବିସହ । ପ୍ରତ୍ୟେକଟି ରାତ୍ରି ଆତଙ୍କିତ ଓ ବିନିଦ୍ର । ପ୍ରତିଟି ପ୍ରହରରେ ଆତ୍ମରକ୍ଷା ନଚେତ୍ ଆକ୍ରମଣ ପାଇଁ ପ୍ରସ୍ତୁତି ।(ମହାନ୍ତି,'ଆକାଶ ତଥାପି ସୁନୀଳ', ପୃ: ୨୮)

## ସାମନ୍ତବାଦୀ ସମାଜର ଚିତ୍ର

ସାମନ୍ତବାଦୀ ସମାଜକୁ କେନ୍ଦ୍ର କରି ଗାଳ୍ପିକ ଯେଉଁ କେତେକ ଗଳ୍ପ ରଚନା କରିଛନ୍ତି ତାରି ମଧ୍ୟରେ ଏକ ଉତ୍‌ଥାନ ପତନର କ୍ରମ ଲକ୍ଷ୍ୟ କରାଯାଇପାରେ । ଓଡ଼ିଶାର କମ୍ପାନୀ ଅମଳର ପ୍ରାଦୁର୍ଭାବ ସହିତ ନଟରାଜ ଚୌଧୁରୀଙ୍କ ଭଳି ଅନେକ ଚୌଧୁରୀ ପରିବାରର ଉତ୍‌ଥାନ ଦେଖାଯାଏ । ଏହି ଚୌଧୁରୀ ପରିବାରର ଉତ୍‌ଥାନ ଓ ପତନର ଚିତ୍ର ଅନୁଧ୍ୟାନ କଲେ ଦେଖାଯାଏ ଯେ, ବିଳାସବ୍ୟସନମୟ ଜୀବନ ସହିତ, ଦାନବତ୍ସଳତା ତଥା ସଙ୍ଗୀତ ପ୍ରତି ଆସକ୍ତି ମଧ୍ୟରେ ନଟରାଜ, ବିଶ୍ୱପତି ଓ ଉମାପତି ଚୌଧୁରୀ ମଧ୍ୟ ଦେଇ ନୀଳମଣି ଚୌଧୁରୀଙ୍କ ଅମଳରେ ଅତୀତ ଏକ କାହାଣୀରେ ପରିଣତ ହୁଏ । ଶେଷରେ ନୀଳମଣିଙ୍କ ପାଗଳାମିରେ ଖଞ୍ଜାଗୁଡ଼ିକ ଖୋଳାଯାଇ ରାଜେନ୍ଦ୍ରଙ୍କ ସମସ୍ତକୁ କର୍ପୂର ଉଡ଼ିଯାଇ କେବଳ ଛିଣ୍ଡା କନା ପଡ଼ିଥିବାର ଦେଖାଯାଏ । ତଥାପି ମଧ୍ୟ ଚୌଧୁରୀ ପରିବାରର ଶେଷ ପ୍ରତିନିଧି ରାଜେନ୍ଦ୍ର ବାସ୍ତବତା ସହିତ ସାଲିସବିହୀନ ତଥା ସ୍ୱପ୍ନବିଳାସୀ ହୋଇଛନ୍ତି । "ଧ୍ୱଂସାବଶେଷ" ଗଳ୍ପର ଏହି ସାମନ୍ତବାଦୀ ମନୋଭାବ ନିତ୍ୟ ବର୍ତ୍ତମାନ କାଳର ଚନ୍ଦ୍ରଚୂଡ଼ ରାୟ ଚୂଡ଼ାମଣି ଚରିତ୍ର ମାଧ୍ୟମରେ ଅଧିକ ସ୍ପଷ୍ଟ ଭାବେ ବର୍ଣ୍ଣିତ ହେବା ସହିତ 'ଡିନୋସାରର ଆତ୍ମା'ରେ ବ୍ରଜେଶ୍ୱର ରାୟଙ୍କ ବିଳାସୀ ମନୋଭାବ ନଟରାଜ ଚୌଧୁରୀଙ୍କ ଏକ ଛାୟାମାତ୍ର । ହୁଏତ ଦିନ ଥିଲା ସାମନ୍ତବାଦୀ ଶାସକଙ୍କ ଭୟରେ ବରଗଛରେ କେହି ହାତ ଦେଉନଥିଲେ । ମାତ୍ର ଜମିଦାରୀ ଉଚ୍ଛେଦ ପରେ ସରକାରୀ ଅନାବାଦୀ ଜମି ଉପରେ ଥିବାରୁ ସେ ଅଞ୍ଚଳରେ ମଡ଼ାଜଳା, ଇଟା ପୋଡ଼ା ଠାରୁ ଆରମ୍ଭ କରି ଜାଳେଣି କାଠର ପ୍ରୟୋଜନ ପଡ଼ିଲେ, ନୀଳକଣ୍ଠର ଶାଖା ପ୍ରଶାଖା ସେ ଅଭାବ ପୂର୍ଣ୍ଣ କରିଥାଏ । (ମହାନ୍ତି, ମରାଳରମୃତ୍ୟୁ, ପୃ: ୩) ତେଣୁ ପ୍ରଭାବଶୂନ୍ୟ ସାମନ୍ତବାଦୀ ସମାଜର ପ୍ରତିନିଧି ହଳଦୀ ଗାଁ ଉଆସର ବର୍ଣ୍ଣନା ମାଧ୍ୟମରେ ଗାଳ୍ପିକ ଲେଖିଛନ୍ତି ଯେ, "ଓଡ଼ିଶା ଇତିହାସର ପ୍ରାୟ ଚାରି ଶତାବ୍ଦୀ ଏଠି ମୁହଁ ମାଡ଼ି ଫଣଫଣିଆ ମୂଷା ମାଟି ଆଉ ଭଙ୍ଗା କାନ୍ଥ କୂଡ଼ ଭିତରେ ଅଭିମାନିନୀ ତଅପୋଇ ପରି ପଡ଼ିଛି । ହଜିଲା ଇତିହାସ ଧିରେ ଧିରେ ହଜି ଯାଉଛି । ମାତ୍ର ବିଳୟ ଓ ବିସ୍ମୃତିର ବାଲିଚର ତଳେ ଫଲ୍‌ଗୁ ଧାରା ପରି ଇତିହାସର ପ୍ରାଣଧାରା ଅନାହତ ଭାବରେ ତଥାପି ବହି ଚାଲିଛି ।(ମହାନ୍ତି, 'ପୁଷ୍ପାଭିଷେକ', ପୃ: ୯୫-୯୬)

ଏହିଭଳି କ୍ଷୟିଷ୍ଣୁ ସାମନ୍ତବାଦୀ ଚୌପାଢ଼ିର ଚିତ୍ର ଦେବାକୁ ଯାଇ ଗାଳ୍ପିକ ଲେଖିଛନ୍ତି ଯେ, ଆସରରେ ହଳଦୀ ଗାଁର ଯେତେକ ବେକାର, ଯେତେକ ବୁଢ଼ା, ଯେତେକ ଅଥର୍ବ, ଯେତେକ ବୃତ୍ତିଭୋଗୀ ସମସ୍ତେ ଜମିଛନ୍ତି ଏଠି । ତଳେ ବିଛା ହୋଇଛି କେଉଁ ଅନାଦି କାଳର ଖଣ୍ଡେ ଛିଣ୍ଡା, ବହୁ ଜାଗାରେ ସ୍ୟାଇଡ଼ଳା ସତରଞ୍ଜି, ମେଦିନୀ ରାୟ ଉଆସର ପେଷ୍କାରୀ ଆସନ । ଏ ସତରଞ୍ଜିର ସୁଦିନରେ ସୁଦ୍ଧା, ଏହାବଣିକ ତନ୍ତ୍ର ଓ ହାକିମୀତନ୍ତ୍ରର ନବ୍ୟ ସାମନ୍ତମାନଙ୍କ 'ନବ୍ୟଉଆସ'ରେ ପା'ପୋଛା କାର୍ପେଟ୍ ପାଇଁ ଯୋଗ୍ୟ ବୋଲି ବିବେଚିତ ହୁଅନ୍ତା ନାହିଁ । ମାତ୍ର ଏବେ ଘୃଣିତ ସାମନ୍ତବାଦର ତାହା ହିଁ ମହାସନ ।(ମହାନ୍ତି, ପୂର୍ବୋକ୍ତ, ପୃ: ୯୭) ଅନୁରୂପ ଭାବେ ସାମନ୍ତ ଘରର ନିର୍ଜନ ଓ ପରିତ୍ୟକ୍ତ ପୂଜାବେଦୀ ତଳେ ଦଳେ ଭିକାରୀ ରାସ୍ତାକଡ଼ରେ ପ୍ରସାଦ ଆଶାରେ ବସିଛନ୍ତି । ସେଠି ଛିଣ୍ଡାକନ୍ଥା, କଲେଇଛଡ଼ା ଆଲୁମିନିଅମ୍ ବାଟି, ଟିଣ ଓ ଅଖାର ଆବର୍ଜନା । ପକ୍ଷାନ୍ତରେ ରାଧାପୁର ବଜାର ମେଳଣରେ ଦେବୀ ମେଳଣର ଚିତ୍ର ମାଧ୍ୟମରେ ତୁଳନାତ୍ମକ ଚିତ୍ର ପ୍ରଦାନ କରି ଗାଳ୍ପିକ ସୁରେନ୍ଦ୍ର ସାମନ୍ତବାଦର କ୍ଷୟିଷ୍ଣୁ ଅବସ୍ଥାର ଚିତ୍ର ଦେଇଛନ୍ତି । (ମହାନ୍ତି, 'ବିସର୍ଜନ', ପୃ: ୧୪୭)

ସାଲିସ୍‌ବିହୀନ ଏହି କ୍ଷୟିଷ୍ଣୁ ସାମନ୍ତବାଦର ପ୍ରତିନିଧି ବେଳେବେଳେ ନିଜର ସନ୍ତାନସନ୍ତତି ଦ୍ୱାରା ଉପହସିତ ଦୃଷ୍ଟାନ୍ତ ସ୍ୱରୂପ-ଚନ୍ଦ୍ରଚୂଡ଼ଙ୍କ ପୁତ୍ର ନରେନ୍ଦ୍ର ନିଜ ବାପାଙ୍କ ସମ୍ପର୍କରେ କହିଛି ଯେ - ବାପା ଚନ୍ଦ୍ରଚୂଡ଼ ହେଉଛନ୍ତି ପରିବର୍ତ୍ତନଶୀଳ କାଳପ୍ରତି ଏକ ବିରାଟ ଉପହାସ । କାଳ ସହିତ ସାଲିସ୍ କରିବାକୁ ମଣିଷ ବାଧ୍ୟ । କାରଣ ଡିନୋସରସ ପରି ପ୍ରାଗୈତିହାସିକ ପଶୁ, ଆକାରରେ, ବଳରେ, ବିକ୍ରମରେ ଥିଲା ଅତୁଳନୀୟ । ମାତୃକାଳର ପରିବର୍ତ୍ତିତ ରୂପ ସହତ ନିଜର ପରିବର୍ତ୍ତନ କରି ନ ପାରିବା ହେତୁ ତାର ବିଲୋପ ଘଟିଛି । (ମହାନ୍ତି, 'ନିତ୍ୟ ବର୍ତ୍ତମାନ କାଳ', ପୃ: ୨୪୭) ଅନୁରୂପ ଭାବେ ପୁଷ୍ପାଭିଷେକ ଗଳ୍ପର ଜଗବନ୍ଧୁଙ୍କ ସାନପୁଅ ନୀଳାମ୍ବରର ସାମନ୍ତବାଦର ସ୍ମୃତି ରାଜାଭିଷେକ ସମ୍ପର୍କରେ ମନ୍ତବ୍ୟ ହେଉଛି ଯେ - ଏ ଯୁଗରେ ଯେଉଁ ସାମନ୍ତବାଦ କେବଳ ଦେବୋତ୍ତର ଜମି ଉପରେ ପର୍ଯ୍ୟବସିତ ସେଇଠି ଫମ୍ପା ସାମନ୍ତବାଦର ଚଳଣି ମାନି ଭୁଷୁଡ଼ା ବେଦୀ ଉପରେ ଅଭିଷିକ୍ତ ହେବା ପାଗଳାମୀ । (ମହାନ୍ତି, 'ପୁଷ୍ପାଭିଷେକ', ପୃ: ୯୬) ତେଣୁ ଗାଳ୍ପିକ ସୁରେନ୍ଦ୍ରଙ୍କ ମତରେ ସାମ୍ୟବାଦ ସାମନ୍ତବାଦର ଈର୍ଷାନ୍ୱିତ ପ୍ରତିବେଶୀ । (ମହାନ୍ତି, ପୂର୍ବୋକ୍ତ, ପୃ: ୯୮) ଯାହାର ବିପକ୍ଷରେ ବୈରୀଗଞ୍ଜନ ଚୂଡ଼ାମଣି ଆସ୍ଫାଳନ କରି କହନ୍ତି ଯେ, ମନୁଷ୍ୟର ପ୍ରାଗୈତିହାସିକ ସମାଜବାଦ ମଧ୍ୟରୁ ରାଜା ଓ ରାଜ୍ୟର ଉଦ୍‌ଭବ । ତେଣୁ ସଭ୍ୟତାର ଇତିହାସ ବ୍ୟକ୍ତି ଓ ବ୍ୟକ୍ତିତ୍ୱର କାହାଣୀ; ବ୍ୟକ୍ତିଗତ ସମ୍ପତ୍ତି ଓ ଅଧିକାର ଉପରେ ସମାଜ ଓ ସଭ୍ୟତାର ପ୍ରତିଷ୍ଠା । କେବଳ ସ୍ଲୋଗାନ୍ ଦେଇ ସାମନ୍ତବାଦକୁ ଉଡ଼ାଇ ଦେଇ ହେବନି । (ମହାନ୍ତି, 'ନିତ୍ୟବର୍ତ୍ତମାନ କାଳ, ପୃ: ୨୫୦)

ଓଡ଼ିଶାର ସାମନ୍ତବାଦୀ ପରିବେଶରୁ ଦୂରେଇ ଯାଇ ଗାଳ୍ପିକ ସର୍ବଭାରତୀୟ ସ୍ତରରେ ସାମନ୍ତବାଦୀ ଚିତ୍ର 'ଗୋଟିଏ ଆତ୍ମହତ୍ୟାର କାହାଣୀ'ରେ ପ୍ରକାଶ କରିଛନ୍ତି । ଏହି ଗଳ୍ପରେ ସାଲିସ୍‌ବିହୀନ ମହାରାଜା ରିପୁଗଞ୍ଜନ ଚରିତ୍ର ମାଧ୍ୟମରେ ସାମନ୍ତବାଦର ବଦାନ୍ୟତା ତଥା ଅହଂଭାବର ଚିତ୍ର ପ୍ରଦାନ କରିବା ସହିତ ଏହି ଚରିତ୍ର ମଧ୍ୟରେ ଅସହାୟତାର ଚିତ୍ର ପ୍ରଦାନ କରିଛନ୍ତି । ଅନୁରୂପ ଭାବେ 'ଅଦିନର ଅତିଥି'ରେ ହିଜ୍‌ ହାଇନେସ୍‌ଙ୍କ ଅତିଥି ବତ୍ସଳତା ଓ 'ସାହୀଖାନ୍ଦାନ୍'ରେ ନବାବ୍ ରସୁଲ୍ ମୀର୍ଜାଙ୍କର ଓ୍ୟାସିକା ପ୍ରତି ମୋହ ମାଧ୍ୟମରେ ଅତୀତ ପ୍ରତି ଆସକ୍ତି ତଥା କୁକୁଡ଼ା ଲଢ଼େଇ ମାଧ୍ୟମରେ ତାଙ୍କର ଅସହାୟତାର ଚିତ୍ର ଉପସ୍ଥାପନ କରିଛନ୍ତି ।

ଏହି ଗଳ୍ପଗୁଡ଼ିକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ, ସାମନ୍ତବାଦ ଓ ସୌଦାଗରୀ ପୁଞ୍ଜିବାଦ ମଧ୍ୟରେ ଗୋଟିଏ ମୌଳିକ ପାର୍ଥକ୍ୟ ହେଉଛି ସାମନ୍ତବାଦ ବିଶ୍ୱାସ କରେ value ବା ମୂଲ୍ୟବୋଧରେ, କିନ୍ତୁ ସୌଦାଗରୀ ପୁଞ୍ଜିବାଦର ଏକମାତ୍ର ବିଚାର କେବଳ ପ୍ରାଇସ୍ (Price) ବା ମୂଲ୍ୟ । ତେଣୁ ଗାଳ୍ପିକଙ୍କ ମତରେ ସାମନ୍ତବାଦର ବ୍ୟର୍ଥତା ଯଦି ଅହମିକାପ୍ରବଣ ଫମ୍ପକରର୍ଥତା, ସୌଦାଗରୀ ପୁଞ୍ଜିବାଦର ବିଭଳତା ତାହାର ଆତ୍ମକୈନ୍ଦ୍ରିକ ଆହରଣ ସର୍ବସ୍ୱ ବ୍ୟବସାୟିତ୍ୱିକାବୁଦ୍ଧି । ସାମନ୍ତବାଦରେ ଆସିଥାନ୍ତା 'ବହୁଜନହିତାୟ' ଭାବନା, ପୁଣି ସୌଦାଗରୀ ପୁଞ୍ଜିବାଦ ଯଦି ଆର୍ଥନୀତିକ ଦୋକାନଦାରୀ ପରିବର୍ତ୍ତେ ସଂସ୍କୃତି ସଚେତନ ସୌକୁମାର୍ଯ୍ୟ ଦ୍ୱାରା ଅଭିମୁଖି ନ ହୋଇ ପାରିଥାନ୍ତା, ତାହେଲେ ମନୁଷ୍ୟ ସମାଜର ଇତିହାସର ଗତି କେଜାଣି ଭିନ୍ନପଥ ଧରିଥାନ୍ତା ।(ଓଡ଼ିଆ ଯୁବ ଲେଖକ ସମ୍ମିଳନୀ ବିଶେଷାଙ୍କ, ବଲାଙ୍ଗୀର ସ୍ମୃତି)

## ସହରୀ ସମାଜର ଚିତ୍ର

ଗାଳ୍ପିକ ସୁରେନ୍ଦ୍ରଙ୍କ ସୃଷ୍ଟି ମୁଖ୍ୟତଃ ସହରୀ ଜୀବନ ତଥା ସମାଜ ଉପରେ ପର୍ଯ୍ୟବସିତ । ବଣିକତାନ୍ତ୍ରିକ ସମାଜରେ ମଣିଷର ମନୋବୃତ୍ତି ବ୍ୟବସାୟୀ ବୁଦ୍ଧିରେ ପରିଚାଳିତ । ଭାରତୀୟ ଦର୍ଶନ ଓ ସଂସ୍କୃତିର ପ୍ରତୀକ

ଗାନ୍ଧୀ ଓ ରବୀନ୍ଦ୍ରନାଥଙ୍କ ପ୍ରତିଛବିର ଦୁହାଇ ଦେଉଥିବା ସେଠ ଗୋବିନ୍ଦରାମଙ୍କ ଗଦିରେ ତେଣୁ ନ୍ୟାୟ, ସେବା ଆଦିର ସ୍ଥାନ ନାହିଁ। ଏହି ଅପସଂସ୍କୃତିର ଦାୟାଦ ତେଣୁ ଶେଷରେ ଆତ୍ମହତ୍ୟା କରନ୍ତି।(ମହାନ୍ତି, 'ମହାମାନବର ସାଗର ତୀରେ', ପୃ : ୧୨୮) ଫଳରେ ବଣିକ ସଂସ୍କୃତି ବୁଦ୍ଧମୂର୍ତ୍ତିକୁ ଗୃହସଜ୍ଜାର ଏକ ଲୋକପ୍ରିୟ, ସୁଲଭ ଉପକରଣ ରୂପେ ଏକ ଲାଭଜନକ ପଣ୍ୟରେ ପରିଣତ କରିଛି। ଗୌତମଙ୍କର ବୁଦ୍ଧତ୍ୱର ଅନ୍ୟ କୌଣସି ଉପଯୋଗିତା ଥାଉ ବା ନଥାଉ, ଉଡ଼ାଜାହାଜ କମ୍ପାନୀ ଆଉ ଟୁରିଷ୍ଟ ବ୍ୟବସାୟୀମାନଙ୍କର ବିଜ୍ଞାପନ ପାଇଁ ତାହା ଏକ ଉପାଦାନ ହୋଇଯାଇଛି।(ମହାନ୍ତି, 'ଜୟ ପରାଜୟ', ପୃ: ୧୬୧) ତେଣୁ ଆଜିର ବଣିକତାନ୍ତ୍ରିକ ସହରୀ ସମାଜରେ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜର କ୍ୟୁ ସହିତ ଚଳଚ୍ଚିତ୍ର ପ୍ରେକ୍ଷାଳୟ କ୍ୟୁର ସମ୍ମିଶ୍ରଣ ଘଟିଛି । ପୁଣି 'ଦିଲ୍‌କି ଡାକୁ' ଚଳଚ୍ଚିତ୍ରର ବିଜ୍ଞାପନୀ ଚିତ୍ରପଟରେ ଉନ୍ମୁକ୍ତବକ୍ଷା ଏକ ନାରୀର ଅର୍ଦ୍ଧୋଲଙ୍ଗ ଚିତ୍ର- କଂସେଇ ଦୋକାନର ଫଡାଏ ଚର୍ବିଳ ମାଂସର ରୂପ ପରିଗ୍ରହ କରିଛି- ତଥା ଗୋଟିଏ ମାଂସଳ ଅଶ୍ଳୀଳତା ମଧ୍ୟରେ ଶହ ଶହ ଶୃଙ୍ଖଳା ଓଠର କ୍ଷୁଧିତ ଜିଭକୁ ଲାଳସାସିକ୍ତ କରୁଛି। (ମହାନ୍ତି, 'ନିଯୁକ୍ତି ପତ୍ର', ପୃ: ୪୮) ଏହି ମାଂସଲୋଭୀ ବଣିକ ତାନ୍ତ୍ରିକ ଅର୍ଥକରୀ ସଭ୍ୟତାର ପ୍ରଭାବ ପୂଜା ପାର୍ବଣକୁ ମଧ୍ୟ ଆକ୍ରମଣ କରିଛି। ତେଣୁ ବର୍ଷକୁ ବର୍ଷ ଦୁର୍ଗାପୂଜାରେ ଚାନ୍ଦାର ପରିମାଣ ବୃଦ୍ଧି ସହିତ ମହାଦେବଙ୍କ ମେଢ଼ ନିର୍ମାଣ, ତଥା 'ଓରିଏଣ୍ଟାଲ' ରୀତିରେ ମହାଦେବଙ୍କ ପ୍ରତିମୂର୍ତ୍ତି ଷଣ୍ଢ ଉପରେ ଉମାଙ୍କ ଅଣ୍ଟାରେ ହାତ ଗୁଡ଼ାଇ ବସିବାରେ ତଥା ଉମାଙ୍କ ପୀନସ୍ତନ ମହାଦେବଙ୍କ କଙ୍କାଳରେ ବିନ୍ଧିବାର ପରିକଳ୍ପନା ମଧ୍ୟରେ ସହରୀ ସମାଜର ସର୍ବତ୍ର ଅର୍ଥକରୀ ମାଂସଳ ଲୋଲୁପତାର ଚିତ୍ର ଗାଳ୍ପିକ ସୁରେନ୍ଦ୍ର ପ୍ରଦାନ କରିଛନ୍ତି। (ମହାନ୍ତି, 'ବ୍ୟର୍ଥ ଆଗମନୀ', ପୃ: ୧୬୬)

ଗାଳ୍ପିକଙ୍କ ପରବର୍ତ୍ତୀ କାଳର ଗଳ୍ପ 'କାଠଘୋଡ଼ା', 'ସେଇ ଲୋକଟା' ଓ 'ମାଂସର କୋଣାର୍କ' ଗଳ୍ପରେ ନୀତିବିହୀନ ସୌଦାଗରୀ ସମାଜର ମାଂସଳ ବ୍ୟାକୁଳତାର ପରିପ୍ରେକ୍ଷୀରେ ସହରରେ ବାସ କରୁଥିବା ନିମ୍ନବିତ୍ତ ସମାଜରେ ବଞ୍ଚିବା ପାଇଁ ଅର୍ଥ ଉପାର୍ଜନର ସଂଘର୍ଷର ଚିତ୍ର ଗାଳ୍ପିକ ଉପସ୍ଥାପନ କରିଛନ୍ତି। ଏଭଳିକି ଆଧ୍ୟାତ୍ମିକ ବିଶ୍ୱାସ ମଧ୍ୟ କିଭଳି ଅର୍ଥକରୀ, ସ୍ୱାର୍ଥସିଦ୍ଧି ତଥା ଯୌନ ବ୍ୟଭିଚାର ଦିଗରେ ପରିଚାଳିତ ତାର ଚିତ୍ର 'ଅମୃତ' ଗଳ୍ପରେ ଦେଖିବାକୁ ମିଳିଥାଏ। ସହରୀ ପାରିବାରିକ ଜୀବନରେ ସ୍ୱାମୀସ୍ତ୍ରୀ ମଧ୍ୟରେ ଦେଖା ଦେଇଥିବା ପରସ୍ପର ପ୍ରତି ସନ୍ଦେହର ଚିତ୍ର ପ୍ରଥମେ ଗାଳ୍ପିକ 'ଶାଳ ଭଞ୍ଜିକା' ଗଳ୍ପର ଶ୍ୟାମଳ ଓ ସୁକାନ୍ତି ଚରିତ୍ର ମଧ୍ୟରେ ଉପସ୍ଥାପିତ କରିଥିବା ସ୍ଥଳେ, 'ନୀଳଜ୍ୟୋତ୍ସ୍ନା' ଓ 'କାକ୍‌ଟସ୍' ଗଳ୍ପରେ ଦାମ୍ପତ୍ୟ ଜୀବନର ବିଫଳତାର ଚିତ୍ର ପ୍ରଦାନ କରିଛନ୍ତି। 'ଜୀବନ ପ୍ରଭାତ', 'ଲବଣର ସ୍ୱାଦ', 'ନିର୍ମୂଳି ଲତାର ଫୁଲ' ଓ 'ଜୟ ପରାଜୟ' ଗଳ୍ପରେ ସହରୀ ସମ୍ଭ୍ରାନ୍ତ ପରିବାରର ବାପା ମା ଓ ପୁତ୍ର କନ୍ୟା ମଧ୍ୟରେ ଥିବା ସମ୍ପର୍କ ଅନୁଧ୍ୟାନ କଲେ ଦେଖାଯାଏ- ଭାରତୀୟ ପାରିବାରିକ ଜୀବନ ପାଶ୍ଚାତ୍ୟାନୁସାରୀ ହୋଇ ଯାଇଛି। ତେଣୁ 'ପାଗଳ ଗାରଦର କାହାଣୀ'ର ଅବସରପ୍ରାପ୍ତ ବୃଦ୍ଧ ସୋମନାଥ ମହାପାତ୍ର ପାଗଳରେ ରୂପାନ୍ତରିତ ହେଲା ସମୟରେ 'ତାତା'ରେ ବୃଦ୍ଧ କରୁଣାନିଧି ଏକ ବିକୃତ ଯୌନ ଚିନ୍ତାଧାରାର ପୋଷକତା କରିଛନ୍ତି। ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକୁ ଅନୁଧ୍ୟାନ କଲେ ସହରୀ ଜୀବନ ସ୍ୱାଧୀନତା ପରେ ଦିନକୁ ଦିନ କିଭଳି ପରିବର୍ତ୍ତିତ ରୂପ ଗ୍ରହଣ କରୁଛି ତାର ଚିତ୍ର ଦେଖିବାକୁ ମିଳିଥାଏ।

## ମଧ୍ୟବିତ୍ତ ସମାଜର ଚିତ୍ର

ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକରେ ସହର ତଥା ମହାନଗରୀଗୁଡ଼ିକରେ ସମାଜର ମଧ୍ୟବିତ୍ତ ଶ୍ରେଣୀ କିଭଳି ଅସହାୟତା ମଧ୍ୟରେ ଜୀବନ ନିର୍ବାହ କରନ୍ତି ତାର ଚିତ୍ର 'ମଣିଷ ଓ ଅର୍ଥନୀତି', 'ସାଇକଲଚୋର', 'ଅପରାଜିତ', 'ଭାଗାବଣ୍ଡ', 'ନିଯୁକ୍ତି ପତ୍ର' 'ବ୍ୟର୍ଥ ଆଗମନୀ', 'ଅସାଧାରଣ', 'ସେଇ ଲୋକଟି', 'ମାଂସର କୋଣାର୍କ' ଆଦି ଗଳ୍ପରେ ଦେଖିବାକୁ ମିଳିଥାଏ । ସହରୀ ଜୀବନରେ କିରାଣୀର ଅସହାୟତାର ଚିତ୍ର ପ୍ରଥମେ 'ମଣିଷ ଓ ଅର୍ଥନୀତି' ଗଳ୍ପରେ ଉପସ୍ଥାପିତ କରି ଗାଳ୍ପିକ ସୁରେନ୍ଦ୍ର ପ୍ରତିପାଦନ କରିଛନ୍ତି ଯେ, ମଧ୍ୟବିତ୍ତ କିରାଣୀର ଖିଆଲ ନାମଧେୟ କୌଣସି ପଦାର୍ଥ ନାହିଁ । ତେଣୁ 'ସାଇକଲ ଚୋର' ଗଳ୍ପରେ ରାଜୁର କିରାଣୀ ମଉସା ସାତଫୁଟ/ପାଞ୍ଚଫୁଟରେ ନତା ଛାଉଣି ଘରକୁ ମାସକୁ ୧୨ ଟଙ୍କା ଭଡ଼ା ଦେଇ ସେଇ ଘରେ ଥିବା ସଜନା ଗଛରୁ ମାସର ଅଧେଦିନ ପରିବା ଖର୍ଚ୍ଚ ଚଳାନ୍ତି । 'ବ୍ୟର୍ଥଆଗମନୀ'ରେ ଅନୁରୂପଭାବେ ପୂଜାପାର୍ବଣର ଚାନ୍ଦା ଦାଉ କିରାଣୀ ରାମହରିବାବୁ ସମ୍ଭାଳି ପାରିନାହାନ୍ତି, ତଥା 'ଅସାଧାରଣ' ଗଳ୍ପରେ ଗୋ ସଂଧାନ ପାଇଁ କିରାଣୀ କୃଷ୍ଣପ୍ରସାଦ ଅଫିସ୍‌ରୁ ଛୁଟି ନେଇଛନ୍ତି । ମଧ୍ୟବିତ୍ତ ଜୀବନର ସ୍ୱଳ୍ପ ସମ୍ବଳ କିଭଳି ପାରିବାରିକ ଜୀବନକୁ ପ୍ରଭାବିତ କରେ ତାର ସଫଳ ଚିତ୍ର ଏହି ଗଳ୍ପଗୁଡ଼ିକରେ ଦେଖିବାକୁ ମିଳିଥାଏ ।

## ସମାଜର ନିମ୍ନବିତ୍ତ ଶ୍ରେଣୀର ଜୀବନ

ଗାଳ୍ପିକ ସୁରେନ୍ଦ୍ରଙ୍କ ସ୍ରଷ୍ଟାମାନସ ସମାଜର ନିମ୍ନବିତ୍ତ ଶ୍ରେଣୀ ପ୍ରତି ଯଥେଷ୍ଟ ସଂବେଦନଶୀଳ । ସେ ପ୍ରଥମେ ନିମ୍ନବିତ୍ତଶ୍ରେଣୀର ପ୍ରତିନିଧି ଦାସିଆକୁ ନାୟକ ରୂପେ ଗ୍ରହଣ କରି 'ବନ୍ଦୀ' ଗଳ୍ପ ରଚନା କରିଥିଲେ । ଏହାର ପରବର୍ତ୍ତୀ ଗଳ୍ପଗୁଡ଼ିକରେ ବୃଦ୍ଧ ଶ୍ରମଜୀବୀର ଦୟନୀୟ ଅବସ୍ଥାର ଚିତ୍ର 'ବାଲି' ଗଳ୍ପରେ ତଥା ଖଡ଼ଗପୁରରେ କୁଲି ରୂପେ କାମ କରି କ୍ଷତାକ୍ତ ଅବସ୍ଥାରେ ରୋଗାକ୍ରାନ୍ତ ହୋଇ ଜୀବନ ନିର୍ବାହ କରୁଥିବା ମଣିଷର ଚିତ୍ର "ମଣିଷ ଓ ମଣିଷ' ଗଳ୍ପରେ ଗାଳ୍ପିକ ପ୍ରଦାନ କରିଛନ୍ତି । ଏତଦ୍‌ଭିନ୍ନ ସାଧାରଣ କୃଷକର ଚିତ୍ର 'ମରୁଡ଼ି', 'ଘଇତାମାରି ପାଟ', 'ଅତିଥି' ଓ 'ସୀମାରେଖା' ଗଳ୍ପରେ, ମେହେନ୍ତର, ବାଉରୀ ଆଦି ହରିଜନଙ୍କ ଚିତ୍ର, 'ଅଷ୍ଟ୍ରେଲିଆ', 'ଘନିଆଁର ଗଣେଶ ଚତୁର୍ଥୀ' ଆଦି ଗଳ୍ପରେ ଭିକ୍ଷୁକର ଅବସ୍ଥା ସଂପର୍କରେ, 'ଅଷ୍ଟ୍ରେଲିଆ', 'ପ୍ରଥମ ଆଷାଢ଼' ଆଦି ଗଳ୍ପରେ ତଥା ବେଶ୍ୟାବୃତ୍ତି ସଂପର୍କରେ 'ଭାରତ ଆବିଷ୍କାର', 'ମହାନଗରୀର ରାତ୍ରି' ଆଦି ଗଳ୍ପରେ ସେ ଉପସ୍ଥାପନ କରିଛନ୍ତି । ଏ ସଂପର୍କରେ ଗାଳ୍ପିକଙ୍କର କେତେକ ନିଖୁଣ ବର୍ଣ୍ଣନା ନିମ୍ନରେ ଉଦ୍ଧାର କରାଯାଇଛି ।

"ଅନ୍ଧକାର ଗଳି । ଦୁଇପାଖରେ ତାର ମ୍ୟୁନସିପାଲିଟିର ମୃଦୁ କିରୋସିନି ଆଲୁଅ କ୍ଷୀଣରୁ କ୍ଷୀଣତର ହୋଇ ଆସୁଛି । ତେଲ ଅଭାବରେ ତଳ ରାସ୍ତାର ଆଲୋକରେ ସେହି ସ୍ପନ୍ଦିତ ମଳିନ ଶିଖା ଯେପରି ନାଚି ଉଠୁଛି ଏକ ଉତ୍ତେଜନାରେ ।

ବେଶ୍ୟାପଲ୍ଲୀ.... ଗନୋରିଆ ଓ ସିଫିଲିସ୍ ଜୀବାଣୁର କେନ୍ଦ୍ର । ସୀତା ସତୀର ଆଦର୍ଶରେ ଗଢ଼ା ଭାରତର, ଅନ୍ଧକାର ବେଶ୍ୟାପଲ୍ଲୀ; ଦୁଇ ପାଖରେ କବାଟଗୁଡ଼ିକ-କାହାର ବା ବନ୍ଦ କାହାର ବା ଖୋଲା, କାହାର ବା ଦରଖୋଲା । ମେଲାଦୁଆର ଉହାଡ଼େ କେତେଗୁଡ଼ିଏ ପ୍ରତୀକ୍ଷମାଣା ପିଙ୍ଗଳା ବସିଛନ୍ତି, ବିଳମ୍ବିତ ବିଳାସୀମାନଙ୍କ ପ୍ରତୀକ୍ଷାରେ" (ମହାନ୍ତି, 'ଭାରତ ଆବିଷ୍କାର', ପୃ: ୬୨)

ଏହି ବେଶ୍ୟାବୃତ୍ତି ଭଳି ଅସାମାଜିକ ବ୍ୟାପାରର ସୃଷ୍ଟି ସମ୍ପର୍କରେ ସମାଜକୁ ସମାଲୋଚନା କରି ଗାଳ୍ପିକ ଲେଖିଛନ୍ତି ଯେ ଜାଣିବାକୁ ଚାହଁ ତମେ ଗନୋରିଆ, ସିଫିଲିସ୍ ବୀଜାଣୁର ଜନ୍ମକଥା ? ସେହିଦିନୁ ଜନ୍ମ ନେଲେ ସେମାନେ, ସେହି ଅଶୁଭ ପ୍ରଭାତରେ, ଯେଉଁଦିନ ପୁଞ୍ଜିବାଦୀ ଅଧିକାରମତ୍ତ, ଆହରଣ ପ୍ରବଣ ମନୁଷ୍ୟ ସମାଜରେ ଜନ୍ମ ନେଲା ସତୀତ୍ୱର ଆଦର୍ଶ ।

ମନୁଷ୍ୟର ଇତିହାସରେ ସେଇ ଅଶୁଭ ପ୍ରଭାତରେ ଜନ୍ମ ନେଇଥିଲା ବେଶ୍ୟାବୃତ୍ତି, ଯେଉଁ ମୁହୂର୍ତ୍ତରେ ନରନାରୀ ମଧ୍ୟରେ ଶାଶ୍ୱତ, ଅନାବିଳ ସମ୍ବନ୍ଧ ଉପରେ ସମାଜ ଟାଣିଦେଇଗଲା ନୀତିର ଯବନିକା । ଯେଉଁଦିନ ହୃଦୟର ଆଦିମ ସ୍ପନ୍ଦନ ମରିଗଲା ନୀତିଶାସ୍ତ୍ରର ସମାଧିତଳେ । (ମହାନ୍ତି, ପୂର୍ବୋକ୍ତ, ପୃ: ୬୩)

ଭିକ୍ଷୁକଙ୍କର ଚିତ୍ର ଦେବାକୁ ଯାଇ ଗାଳ୍ପିକ ସୁରେନ୍ଦ୍ର ଲେଖିଛନ୍ତି, ଲାଇନ ପାର ହୋଇ, ଆସୁଛନ୍ତି ଦଳ ଦଳ ଭିକ୍ଷୁକ ନାନା ରୂପରେ ନାନା ବେଶରେ । ହାତରେ ସେମାନଙ୍କର କଲେଇଛଡ଼ା ଟିଣରେ ଶୂନ୍ୟ ଭିକ୍ଷାପାତ୍ର ! ପୂର୍ବଦିଗରେ ଆଲୋକିତ ଦିଗ୍‌ବଳୟ ପଟଭୂମି ଉପରେ ସେମାନେ ଭାସି ଆସୁଛନ୍ତି ରାତ୍ରିର ଦୁଃସ୍ୱପ୍ନ ପରି । ଏହି ଭିକ୍ଷାବୃତ୍ତି ବା ଭିକ୍ଷାପାତ୍ରର ଇତିହାସ ସମ୍ପର୍କରେ ଗାଳ୍ପିକ କହନ୍ତି ଯେ ଭାରତୀୟ ସମାଜରେ ଏହାର ଜନ୍ମ ସେହିଦିନ ଯେଉଁଦିନ ଦାନୀକର୍ଣ୍ଣର ଭଣ୍ଡାର ଶୂନ୍ୟ ହୋଇଥିଲା ଦାନ ଦେଇଦେଇ, ଯେଉଁଦିନ ଦାତା କର୍ଣ୍ଣ ଜନ୍ମନେଲେ ଭାରତର ଇତିହାସରେ, ସେହିଦିନ ଭାରତର ମାଟିଚିରି ଛତୁ ଫୁଟିଲା ପରି ଫୁଟୁଥିଲେ ଏହି ଅଗଣିତ ଭିକ୍ଷୁକ । କାରଣ ଭୀତିକୁନ୍ତାଘାତରୁ ଅତ୍ୟାଚାରୀର ବିକ୍ଷୁବ୍ଧ ବିବେକର ରକ୍ଷା ପାଇଁ ଦାନ ତ ଏକ ଉଚ୍ଚୋଚ ମାତ୍ର । (ମହାନ୍ତି, ପୂର୍ବୋକ୍ତ, ପୃ: ୬୫)

ସାଧାରଣ ଗ୍ରାମବାସୀ କୃଷକର ଚିତ୍ର ଦେବାକୁ ଯାଇ ଗାଳ୍ପିକ ଲେଖିଛନ୍ତି "ଗାଁର କୃଷକ ପାଖରେ ଥିବା ନଥିବା ସମାନ, ଏମିତି ସମସ୍ତେ ମାଟି କାମୁଡ଼ି ପଡ଼ିଛନ୍ତି । ଏ ନିଆଶ୍ରୀ ଅରକ୍ଷିତଙ୍କ କଥା ପଚାରେ କିଏ ? ଗାଁରେ କିରୋସିନି ମିଳୁନାହିଁ ପୋକପୋଜ ମିଶାଇ ଖାଉରୁ, କନା ଖଣ୍ଡେ ମିଳୁନାହିଁ, ଦିହ ଢାଙ୍କିବାପାଇଁ, ରୋଗବଇରାଗ ମିଶ୍ରି ପଣା ପାଇଁ ବାରନ୍ଦୁଆର ଗୁଣ୍ଡିପିଣ୍ଡା ଆଉ ରହିବା ନ ରହିବା କଥା ପଚାରୁଛ କଣ ?" (ମହାନ୍ତି, 'ଅତିଥି', ପୃ: ୧୧୫)

ସହରୀ ସମାଜର ନିମ୍ନବିତ୍ତଶ୍ରେଣୀ, ମେହେନ୍ତର, କୁଲି, ଶ୍ରମିକ ଆଦି ସହିତ ଓଡ଼ିଶାର ଗ୍ରାମାଞ୍ଚଳର କୃଷକ, ଭାଗଚାଷୀ, ବାଉରୀ, ଦିନମଜୁରିଆ ଆଦି ବହୁଶ୍ରେଣୀର ଚିତ୍ର ଗାଳ୍ପିକ ସୁରେନ୍ଦ୍ର ପ୍ରଦାନ କରିଛନ୍ତି । ଏ ସବୁର ଚିତ୍ର ମଧ୍ୟରେ ଗାଳ୍ପିକ ସୁରେନ୍ଦ୍ରଙ୍କ ଦଳିତ ଶୋଷିତ ନିମ୍ନବିତ୍ତ ଶ୍ରେଣୀ ପ୍ରତି ସମ୍ବେଦନଶୀଳତାର ପରିଚୟ ଦେଖିବାକୁ ମିଳିଥାଏ ।

## ଯୁବସମାଜର ଚିତ୍ର

ସୁରେନ୍ଦ୍ରଙ୍କ ରାଜନୀତିକ ଚେତନା ଆଲୋଚନା ପ୍ରସଙ୍ଗରେ ଉଦ୍‌ଭ୍ରାନ୍ତ ଯୁବ ସମାଜ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି । ଏଠାରେ ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକରେ ବେକାର ସମସ୍ୟା, ଶିକ୍ଷା ସମସ୍ୟା ଆଦି ଯୁବ ସମାଜର ବିଭିନ୍ନ ସାମାଜିକ ସମସ୍ୟା ଉପରେ କିଭଳି ଆଲୋକପାତ କରାଯାଇଛି, ସେ ସମ୍ପର୍କରେ ଆଲୋଚନା କରାଯାଇଛି ।

ସୁରେନ୍ଦ୍ରଙ୍କ ଗଳ୍ପ ରଚନାର ଆଦ୍ୟ କାଳରେ ରଚିତ ଗଳ୍ପ 'ଭାଗାବଣ୍ଡ' ଓ 'ସାଙ୍ଗରିଲା' ଗଳ୍ପରେ ଯୁବ ସମାଜର ବେକାର ସମସ୍ୟା ସମ୍ପର୍କରେ ଉଲ୍ଲେଖ ରହିଥିଲେ ହେଁ, ସମାଜରେ ଲାଞ୍ଛିତ ଶିକ୍ଷିତ ଯୁବକ କିଭଳି ଶେଷରେ ସାଇକେଲ ଚୋରରେ ପରିଣତ ହୋଇଛି ତାହା 'ସାଇକେଲଚୋର' ଗଳ୍ପରେ ନିଖୁଣ ଭାବେ

ବର୍ଣ୍ଣିତ । 'ମଣିଷ ଓ ଅର୍ଥନୀତି' ଗଳ୍ପରେ ଯୁବକସମାଜ ଉପରେ ସିନେମାର ପ୍ରଭାବ ତଥା ତଦାନୀନ୍ତନ ଶିକ୍ଷାଦାନ ପଦ୍ଧତି ସେମାନଙ୍କୁ କୌଣସି ସନ୍ମାର୍ଗକୁ ଆଣିପାରୁନଥିବା ଘଟଣା ସମ୍ପର୍କରେ ଇଙ୍ଗିତ ଦିଆଯାଇଛି । ତାଙ୍କର ଏହିସବୁ ଗଳ୍ପଗୁଡ଼ିକରେ ବର୍ଣ୍ଣିତ ଯୁବ ସମାଜର ସମସ୍ୟା ଅପେକ୍ଷା ବିଂଶ ଶତାବ୍ଦୀର ସପ୍ତମଦଶକରେ ଯୁବ ସମାଜର ସମସ୍ୟା ଯେ ଅଧିକ ଉଗ୍ର ଉତ୍ତେଜକ ତଥା ବିସ୍ଫୋରକ ତାହା 'ଗୁରୁ' , 'କମନରୁମ୍' ଓ ' ଓଃ ! କାଲକାଟା' ଗଳ୍ପର ଚରିତ୍ରଗୁଡ଼ିକ ମାଧ୍ୟମରେ ଉପସ୍ଥାପିତ । ଏଥିରୁ ସ୍ପଷ୍ଟ ପ୍ରତିପାଦିତ ଯେ ସମୟ ଭେଦରେ ମଣିଷର ସମସ୍ୟା ଭିନ୍ନରୂପ ପରିଗ୍ରହ କରେ ତେଣୁ ସମୟର ପରିବର୍ତ୍ତନ ସହ ଯୁବସମାଜରେ ଦେଖାଦେଇଥିବା ସମସ୍ୟାର ଚିତ୍ର ସଫଳ ଭାବେ ନିଜ କ୍ଷୁଦ୍ର ଗଳ୍ପଗୁଡ଼ିକରେ ଗାଳ୍ପିକ ସୁରେନ୍ଦ୍ର ଉପସ୍ଥାପନ କରିପାରିଛନ୍ତି ।

## ସାହିତ୍ୟିକ ଓ ତାର ପରିବେଶର ଚିତ୍ର

ଗାଳ୍ପିକ ସୁରେନ୍ଦ୍ର ଯୁଗେ ଯୁଗେ କବି, ଲେଖକ, ଶିଳ୍ପୀ କିଭଳି ସମାଜ ତଥା ଶାସକଙ୍କ ଦ୍ୱାରା ନିଷେଷିତ ତାର ଚିତ୍ର 'କବି' ଗଳ୍ପରେ ଦୀନକୃଷ୍ଣଙ୍କ ଚରିତ୍ର ମାଧ୍ୟମରେ ଉପସ୍ଥାପନ କରିଛନ୍ତି । 'ଅପରାଜିତ' ଗଳ୍ପର ଶ୍ୟାମଳ, 'ନିଯୁକ୍ତିପତ୍ର'ର ସୁନନ୍ଦ ଚରିତ୍ର ମାଧ୍ୟମରେ ମଧ୍ୟ ଗାଳ୍ପିକ ଅବହେଳିତ କବିର ଚିତ୍ର ଉପସ୍ଥାପନ କରିଛନ୍ତି । 'ସ୍ୱପ୍ନରେ ମନ୍ଦୋଦରୀ' ଗଳ୍ପରେ ଶସ୍ତାପ୍ରେମ ଉପନ୍ୟାସର ସାହିତ୍ୟିକ ହେଉ ଅଥବା 'ଶେଷ କବିତା'ର ଭୂତନାଥ କିମ୍ବା 'ଜୀଅନ୍ତଭୂତ'ର ଗୋବର୍ଦ୍ଧନ ହୁଅନ୍ତୁ - ଏ ସବୁ ଚରିତ୍ର ମାଧ୍ୟମରେ ଗାଳ୍ପିକ, ଶିଳ୍ପୀ, କବି ସାହିତ୍ୟିକର ଅସହାୟତାର ଚିତ୍ର ସହିତ ବାସ୍ତବ ସମାଜରେ ଜୀବିକା ନିର୍ବାହ ପାଇଁ ସେମାନଙ୍କ ଅଭାବମୟ ଜୀବନର ଚିତ୍ର ଉପସ୍ଥାପନ କରିଛନ୍ତି । ଉଲ୍ଲିଖିତ ଗଳ୍ପଗୁଡ଼ିକ ମଧ୍ୟରେ ବ୍ୟଙ୍ଗାତ୍ମକ ରୀତିରେ ଆଧୁନିକ ଓଡ଼ିଆ ସାହିତ୍ୟର ସମାଲୋଚନାର ଏକଦେଶଦର୍ଶିତା, ଆଧୁନିକତା ନାମରେ ଅଯଥା କ୍ଲିଷ୍ଟତା ଓ ସମାଲୋଚନାକୁ ବ୍ୟଙ୍ଗାତ୍ମକ ରୀତିରେ ଗାଳ୍ପିକ ଉପସ୍ଥାପନ କରିଛନ୍ତି ।

## ଶିଳ୍ପ ସଭ୍ୟତା ଓ ତାର ପ୍ରଭାବିତ ସମାଜର ଚିତ୍ର

ଶିଳ୍ପ ସଭ୍ୟତାର ଅଗ୍ରଗତି ସହିତ ଏହାର ସମାଜରେ ପ୍ରଭାବ ଓ ପରିଣତିର ଚିତ୍ର 'କାଳିମାଟି', 'ଖାଦାନୀ', 'ସାମ୍ୟବାଦର ଶେଷ ଇସ୍ତାହାର' ଆଦି ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ଉପସ୍ଥାପନ କରିଛନ୍ତି । 'କାଳିମାଟି' ଗଳ୍ପରେ ଗ୍ରାମ୍ୟ କମାର ଜଗୁ ଓଝାର ଜୀବିକା ତଥା ସମ୍ମାନ, ଟିସ୍କୋର ଲୁହା କାରଖାନା ଯୋଗୁଁ ଭୂଲୁଣ୍ଠିତ ହୋଇପଡ଼ିଛି ତଥା ତାର ଜୀବନ ଯେଉଁଭଳି ଦୁର୍ବିସହ ଯନ୍ତ୍ରଣାରେ ଉତ୍ପୀଡ଼ିତ ହୋଇଛି ତାର ନିଖୁଣ ଚିତ୍ର ପୁଙ୍ଖାନୁପୁଙ୍ଖ ଭାବେ ଗାଳ୍ପିକ ଉପସ୍ଥାପନ କରିଛନ୍ତି । ଯନ୍ତ୍ର ସଭ୍ୟତା କୁଟୀରଶିଳ୍ପକୁ ଗ୍ରାସ କରିଦେଇ ଅଗଣିତ ଗ୍ରାମ୍ୟ ଶ୍ରମଜୀବୀଙ୍କୁ କିଭଳି ଶୋଷଣ କରିଛି, ଗୋଦାବରୀଶଙ୍କ 'ମାଗୁଣିର ଶଗଡ଼' ଭଳି ଏହା ଏକ ଦୃଷ୍ଟାନ୍ତ । 'ଖାଦାନୀ' ଗଳ୍ପରେ ଅନୁରୂପ ଭାବେ ଶିଳ୍ପ ସଭ୍ୟତା ଯୋଗୁଁ ଖଣି ଶ୍ରମିକଙ୍କୁ ଠିକାଦାରଙ୍କ ଶୋଷଣ, ପାରମ୍ପରିକ ସମାଜ ଜୀବନ ଉପରେ ତାର ପ୍ରଭାବ ଫୁଲମନୀ ଓ ରାୟମନି ଚରିତ୍ର ମାଧ୍ୟମରେ ଉପସ୍ଥାପିତ । 'ସାମ୍ୟବାଦର ଶେଷ ଇସ୍ତାହାର'ରେ ଏଇ ଶ୍ରମଜୀବୀ ମଣିଷ ପୁଣି ସେହି ଶ୍ରମିକଶ୍ରେଣୀ ସହିତ କିଭଳି ସଂଘର୍ଷରତ ତାର ଚିତ୍ର ଦେଖାଇ ଦିଆଯାଇଛି । ଏହିସବୁ ଗଳ୍ପକୁ ଲକ୍ଷ୍ୟ କଲେ ଦେଖାଯାଏ ଯନ୍ତ୍ର ସଭ୍ୟତାର ଅଗ୍ରଗତି ଫଳରେ ପାରମ୍ପରିକ ସମାଜ ବ୍ୟବସ୍ଥା ଭୁଷୁଡ଼ି ପଡୁଥିବା ସହିତ ମଣିଷର ଅସହାୟ ଅବସ୍ଥାର ଚିତ୍ର ପରିଲକ୍ଷିତ ହୋଇଥାଏ ।

## ପଲ୍ଲୀ ସମାଜର ଚିତ୍ର

ସୁରେନ୍ଦ୍ରଙ୍କ ପଲ୍ଲୀକୈନ୍ଦ୍ରିକ ଗଳ୍ପଗୁଡ଼ିକୁ ଅନୁଧ୍ୟାନ କଲେ ପଲ୍ଲୀର ବିଭିନ୍ନ ସାମାଜିକ ସମସ୍ୟାର ଚିତ୍ର ନିଖୁଣ ଭାବେ ବର୍ଣ୍ଣିତ ହୋଇଥିବା ଦେଖିବାକୁ ମିଳିଥାଏ । 'ଇଜ୍‌ମାଲୀ', 'ବାସିମଡ଼ା', 'ମୃତ୍ତିକାର ଆତ୍ମା', 'ଜହ୍ନିଲଟା' ପ୍ରଭୃତି ଗଳ୍ପକୁ ଅନୁଧ୍ୟାନ କଲେ ଓଡ଼ିଶାର ପଲ୍ଲୀର ପାରିବାରିକ ଜୀବନରେ ଏକ କ୍ରମବିକଶିତ ରୂପ ଦେଖିବାକୁ ମିଳିଥାଏ । 'ଇଜ୍‌ମାଲୀ' ବିଷୟବସ୍ତୁ ବର୍ଣ୍ଣନା ମଧ୍ୟରେ ଗାଳ୍ପିକ ସୁରେନ୍ଦ୍ର ପଲ୍ଲୀର ପାରିବାରିକ ଜୀବନରେ ଭାଇଭାଇ ମଧ୍ୟରେ ସ୍ୱାର୍ଥଜନିତ ହିଂସା, ଈର୍ଷା, ପରଶ୍ରୀକାତରତା ଆଦି ଯୋଗୁଁ ଏକାନ୍ନବର୍ତ୍ତୀ ପରିବାରର ଚିନ୍ତାଧାରା ଦୂର ହୋଇଥିଲେ ହେଁ ପରିବାରର କୌଣସି ବିପଦ କ୍ଷେତ୍ରରେ, ଏକ ସାଧାରଣ ଅତୀତର ସ୍ମୃତି, ଏକ ଭ୍ରାତୃତ୍ୱର ଉଦ୍‌ବୋଧନ, ଆବେଦନ ଓ ସବୁକଳହ ସବୁ ବାଦବିସଂବାଦ ଭୁଲାଇ ଦେଇ ଏହା ଏକାନ୍ନବର୍ତ୍ତୀ ପରିବାରର ଚିନ୍ତାଧାରାରେ ଉଦ୍‌ବୁଦ୍ଧ କରେ । (ମହାନ୍ତି, 'ଇଜ୍‌ମାଲୀ', ପୃ: ୩୨୫) 'ବାସିମଡ଼ା' ଗଳ୍ପରେ କିନ୍ତୁ ପରିବାରର ବିପତ୍ତି ଭିତରେ ବି ସ୍ୱାର୍ଥରେ ରକ୍ତର ସଂପର୍କ ଅପେକ୍ଷା ସ୍ୱାର୍ଥର ସଂପର୍କ ଯେ ବହୁତ ଊର୍ଦ୍ଧ୍ୱରେ ତାହା ବ୍ରଜବନ୍ଧୁ ଚରିତ୍ର ମାଧ୍ୟମରେ ଗାଳ୍ପିକ ଉପସ୍ଥାପନ କରିଛନ୍ତି । 'ମୃତ୍ତିକାର ଆତ୍ମା' ଗଳ୍ପକୁ ଅନୁଧ୍ୟାନ କଲେ ଦେଖାଯାଏ ପରିବାର ମଧ୍ୟରେ ବାପ ପୁଅ ଝିଅ ସ୍ତ୍ରୀର ସଂପର୍କ ମଧ୍ୟ ସ୍ୱାର୍ଥକୈନ୍ଦ୍ରିକ ହୋଇ ପଡ଼ିଛି । ମଧ୍ୟବିତ୍ତ ମଣିଷ ପଲ୍ଲୀର ପାରିବାରିକ ଜୀବନରେ ଏକାନ୍ତ ନିଃସ୍ୱ ଓ ଅସହାୟ । ଏହାର ଅନ୍ୟଦିଗରେ 'ଜହ୍ନିଲଟା' ଗଳ୍ପରେ ଦେଖିବାକୁ ମିଳେ ମଣିଷ ପଲ୍ଲୀର ଭିଟାମାଟି ଛାଡ଼ି ସହରାଭିମୁଖୀ ହେବାକୁ ବ୍ୟଗ୍ର । ପଲ୍ଲୀର ପାରିବାରିକ ଜୀବନରେ ଅସହାୟତାର ଚିତ୍ର ଗାଳ୍ପିକ ସୁରେନ୍ଦ୍ର ନିଖୁଣ ଭାବେ ପୂର୍ବୋକ୍ତ ଗଳ୍ପଗୁଡ଼ିକରେ ଉପସ୍ଥାପନ କରିଛନ୍ତି ।

'ଗୃହଦାହ', 'ଦ୍ୱିପଦରଗ୍ରାସ', 'ମୃତ୍ତିକାର ଆତ୍ମା', 'ଗଣଦେବତା' ଆଦି ଗଳ୍ପକୁ ଅନୁଧ୍ୟାନ କଲେ ପଲ୍ଲୀ ପରିବେଶକୁ କିଭଳି ଗଣତାନ୍ତ୍ରିକ ସ୍ୱାର୍ଥକୈନ୍ଦ୍ରିକ ରାଜନୀତି, କଳୁଷିତ କରିଛି ଓ ଅଗାଧୁ ରଥ ଭଳି ରାଜନୀତିକକର୍ମୀଙ୍କ ଦୌରାତ୍ମ୍ୟ କ୍ରମଶଃ ପଲ୍ଲୀ ପରିବେଶରେ ବୃଦ୍ଧି ପ୍ରାପ୍ତ ହୋଇଛି, ତାରି ଚିତ୍ର ଦେଖିବାକୁ ମିଳିଥାଏ, ଏ ସମ୍ପର୍କରେ ରାଜନୀତିକ ଚିନ୍ତାଧାରା ଅଧ୍ୟୟନ ପର୍ଯ୍ୟାୟରେ ବିଶଦ ଆଲୋଚନା ହୋଇଥିବାରୁ ତାର ସୂଚନା ମାତ୍ର ପ୍ରଦାନ କରାଗଲା ।

ଗ୍ରାମ୍ୟ ପରିବେଶରେ ମହାଜନୀ, ଭାଗଚାଷ, ଭୂଦାନ ଆନ୍ଦୋଳନର ନାମରେ କିଭଳି ଗ୍ରାମ୍ୟ ଜନତାଙ୍କୁ ଶୋଷଣ ତଥା ଦଳିତଳାନ୍ତ କରାଯାଇଛି, ତାର ଚିତ୍ର 'ବନ୍ଦୀ', 'ଅତିଥି', 'ବାଲି' ପ୍ରଭୃତି କେତେକ ଗଳ୍ପରେ ଦେଖିବାକୁ ମିଳିଥାଏ । ମହାଜନୀ କାରବାରରେ ପଲ୍ଲୀର ନିମ୍ନ ବିତ୍ତ ସମାଜକୁ ଦଳିତଳାନ୍ତ କରିବାର ଚିତ୍ର 'ବନ୍ଦୀ' ଓ 'କୁବେରର କବିତା' ଗଳ୍ପରେ ଦେଖିବାକୁ ମିଳେ । ଭାଗଚାଷ ଆଇନ ଦ୍ୱାରା ବାଉରୀ ଗଉରାକାନ୍ତି କିଭଳି ନିଃସ୍ୱ ହୋଇ ଗ୍ରାମାନ୍ତରୀ ହୋଇଛି ତାର ଚିତ୍ର ଗାଳ୍ପିକ ସୁରେନ୍ଦ୍ର ପ୍ରଦାନ କରିଛନ୍ତି । ଭୂଦାନ ଆନ୍ଦୋଳନ ଯୋଗୁଁ ଭାଗଚାଷୀମାନେ ନିଜର ସର୍ବସ୍ୱ ହରାଇବାର ଚିତ୍ର 'ଘଇତାମାରୀ ପାଟ' ଗଳ୍ପରେ ଦେଖିବାକୁ ମିଳିଥାଏ । ଏହିସବୁ ଗଳ୍ପ ମାଧ୍ୟମରେ ଗାଳ୍ପିକ ସୁରେନ୍ଦ୍ର ମଣିଷର ଅନ୍ତରର ପରିବର୍ତ୍ତନ ନ ହେବା ଯାଏ କୌଣସି ଆଇନ ବା ଆନ୍ଦୋଳନ ଯେ ପଲ୍ଲୀର ନିମ୍ନବିତ୍ତ କୃଷକ ସମାଜର ଉନ୍ନତି କରିପାରିବ ନାହିଁ ତଥା ସେମାନେ ଅବହେଳିତ ଅବସ୍ଥାରେ ହିଁ ରହିବେ ନିଜର ଅକାଟ୍ୟ ଯୁକ୍ତି ମାଧ୍ୟମରେ ପ୍ରତିପାଦନ କରିଛନ୍ତି ।

'ମରୁଡ଼ି' ତଥା 'ସାତଭଉଣୀ* ଗଳ୍ପଦ୍ୱୟରେ ଅନ୍ଧବିଶ୍ୱାସରେ ଆକ୍ରାନ୍ତ ପଲ୍ଲୀ ସମାଜର ନିଖୁଣ ଚିତ୍ର ଗାଳ୍ପିକ ବ୍ୟଙ୍ଗାତ୍ମକ ରୀତିରେ ପ୍ରକାଶ କରିଛନ୍ତି । ପଲ୍ଲୀର ପ୍ରାକୃତିକ ଦୁର୍ବିପାକ ମଧ୍ୟରେ ମରୁଡ଼ିର ଚିତ୍ର, 'ମରୁଡ଼ି' ତଥା 'ମୃତ୍ୟୁ-ଗାଷ୍ଟ୍ରୋଏଣ୍ଟ୍ରାଇଟିସ୍' ଗଳ୍ପରେ ଗାଳ୍ପିକ ପ୍ରଦାନ କରିଛନ୍ତି । 'ମରୁଡ଼ି' ଗଳ୍ପ ଅପେକ୍ଷା 'ମୃତ୍ୟୁ ଓ ଗାଷ୍ଟ୍ରୋଏଣ୍ଟ୍ରାଇଟିସ୍' ଗଳ୍ପର କେଳୁଚରଣର ଚରିତ୍ର ମାଧ୍ୟମରେ ସରକାରୀ ରିଲିଫ୍ ବ୍ୟବସ୍ଥା ମଧ୍ୟରେ ବି ଦିନ ମଜୁରିଆ ମଣିଷ କିଭଳି ଅକାଳ ମୃତ୍ୟୁମୁଖରେ ପଡୁଛି ତଥା ସରକାରୀ ରିଲିଫ୍ ବ୍ୟବସ୍ଥା ରାଜନୀତିକ ପ୍ରହସନରେ ପରିଣତ ହୋଇଛି ତାର ବାସ୍ତବ ଚିତ୍ର ଗାଳ୍ପିକ ଉପସ୍ଥାପନ କରିଛନ୍ତି । ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ପଲ୍ଲୀ ଜନତା ନଈବନ୍ୟା ସହ ଚିରପରିଚିତ । 'ବରଜୁଷେଣ୍ଟ ଘାଇ', ମେଣ୍ଟାଖାଇ' 'ଅପରିଚିତର ପରିଚୟ', 'ବନ୍ୟା ସଙ୍ଗିନୀ' ଆଦି ଗଳ୍ପରେ ଓଡ଼ିଶାର ନଈବନ୍ୟା ଜନିତ ରାଜନୀତିକ ଉତ୍‌ଥାନ ପତନ ରିଲିଫ୍ ବ୍ୟବସ୍ଥାର ବ୍ୟଙ୍ଗାତ୍ମକ ଚିତ୍ର ଗାଳ୍ପିକ ମାର୍ମିକ ଆବେଦନ ମଧ୍ୟରେ ପରିବେଷଣ କରିଛନ୍ତି ।

## ପୁରପଲ୍ଲୀର ଶିକ୍ଷା ବ୍ୟବସ୍ଥାର ଚିତ୍ର

ବଇଷମ-ପାଠଶାଳା', 'ଶୂନ୍ୟ ପସ୍ତୁରୀ', 'ଘନିଆଁର ଗଣେଶ ଚତୁର୍ଥୀ', 'ସାତ ଭଉଣୀ' ଆଦି ଗଳ୍ପରେ ଗାଳ୍ପିକ ବର୍ଣ୍ଣନା କରିଛନ୍ତି । ପ୍ରଥମୋକ୍ତ ଦୁଇଟି ଗଳ୍ପରେ ବଇ ଅବଧାନଙ୍କ ଚାଟଶାଳୀ ବର୍ଣ୍ଣନା ପ୍ରସଙ୍ଗ ତଥା ସମାଜ ଚିତ୍ରକୁ ଲକ୍ଷ୍ୟ କଲେ ଗାଳ୍ପିକ ସୁରେନ୍ଦ୍ରଙ୍କ ଶୈଶବର ସ୍ମୃତି ଏହାରି ମଧ୍ୟରେ ଲୁକ୍କାୟିତ । 'ଘନିଆଁର ଗଣେଶ ଚତୁର୍ଥୀ' ଗଳ୍ପରେ ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ଏକ କ୍ରମ ବିକଶିତ ରୂପ ପ୍ରଦାନ କରାଯାଇଛି । ସବର୍ଣ୍ଣଙ୍କ ସହିତ ଅସବର୍ଣ୍ଣଙ୍କର ମଧ୍ୟ ଶିକ୍ଷାର ଉନ୍ନତି କିଭଳି ହୋଇ ଚାଲିଛି ତାର ଚିତ୍ର ଏହି ଗଳ୍ପରେ ରହିଛି । 'ସାତଭଉଣୀ' ଗଳ୍ପର 'ତୁମେ ବିଲାତ ମହାଦେଶରେ', "ହୀରାକୁଦରୁ ବାହାରୁଥିବା ବିଜୁଳିକୁ କିଲୋୱାଟ କୁହାଯାଏ" ଆଦି ଉକ୍ତିକୁ ଅନୁଧ୍ୟାନ କଲେ ଜଣାଯାଏ, ଶିକ୍ଷା ଗ୍ରାମାଞ୍ଚଳର ଜ୍ଞାନର ଆଲୋକ ବିତରଣ କରୁନାହିଁ ବରଂ ପଲ୍ଲୀଶିକ୍ଷା ଅନ୍ଧକାରରେ ଆଚ୍ଛନ୍ନ ହୋଇପଡ଼ିଛି ।

'ବାଲି', 'ଖାଦାନୀ', 'ମୃତ୍ତିକାର ଆତ୍ମା', 'ଜହ୍ନିଲଟା' ଓ 'ପଲାଶପୁର ଓ ପୋର୍ସିଲେନ୍' ଗଳ୍ପକୁ ଅନୁଧ୍ୟାନ କଲେ ପଲ୍ଲୀ ସମାଜ କିଭଳି ସହରାଭିମୁଖୀ ହୋଇଛି ତଥା ପଲ୍ଲୀକୁ ସହରର ଚାକଚକ୍ୟ କିଭଳି କ୍ରମେପି ଆକ୍ରାନ୍ତ କରିଛି ତାର ଚିତ୍ର ଦେଖିବାକୁ ମିଳିଥାଏ ।

## ଆଦିବାସୀ ସମାଜର ଚିତ୍ର

ସୁରେନ୍ଦ୍ରଙ୍କ ଗଳ୍ପର ଶ୍ରେଣୀ ବିଭାଗର ଆଲୋଚନା ପ୍ରସଙ୍ଗରେ କୁହାଯାଇଛି ଯେ,ଆଦିବାସୀ କଥାକାର ଗୋପୀନାଥଙ୍କ ଅପେକ୍ଷା ସୁରେନ୍ଦ୍ରଙ୍କ ଆଦିବାସୀ ଜୀବନ ଉପରେ ଆଧାରିତ ଗଳ୍ପ ଅଙ୍ଗୁଳି ପରିମେୟ ମାତ୍ର । ଏଗୁଡ଼ିକ ସୁନ୍ଦରଗଡ଼, ମୟୂରଭଞ୍ଜ ଆଦି ଉପାନ୍ତବର୍ତ୍ତୀ ଜିଲ୍ଲାର ଆଦିବାସୀ ଜୀବନ ଚିତ୍ର ବହନ କରିଅଛି । ଏହି ଗଳ୍ପଗୁଡ଼ିକ ଅନୁଧ୍ୟାନ କଲେ ଦେଖାଯାଏ - ଆଦିବାସୀ ସାମାଜିକ ଜୀବନ ଓ ସଂସ୍କୃତିର ପୂର୍ଣ୍ଣାଙ୍ଗ ରୂପରେଖ ଅପେକ୍ଷା ଆଦିବାସୀ ଜୀବନରେ ବାହ୍ୟ ସଂସ୍କୃତି ଓ ସମାଜର ପ୍ରଭାବର ଚିତ୍ର ଅଧିକ ସ୍ପଷ୍ଟ ଭାବେ ଦିଆଯାଇଛି । 'ବଳିଦାନ' ଗଳ୍ପରେ ଷଢ଼େଇକଳା ସୀମା ଆନ୍ଦୋଳନର ପୃଷ୍ଠଭୂମି ସରଳ ଆଦିବାସୀ ଜୀବନ ଯାତ୍ରାରେ ରାଜନୀତିକ ଭାବଧାରାର ଅଫିମ ବୋଳିଦେବାର ପ୍ରଚେଷ୍ଟା କରାଯାଇଛି । 'ଖାଦାନୀ' ଗଳ୍ପରେ ବାର୍ଡ଼ କମ୍ପାନୀର ଆଗମନ ପରେ ମୁଣ୍ଡା ସମାଜର ଜୀବନ ଯାତ୍ରାରେ ବାହ୍ୟ ସଭ୍ୟତାର

ଚାକଚକ୍ୟର ପ୍ରଭାବ ତଥା 'ସଭ୍ୟତାର ଗ୍ରାସ' ଗଳ୍ପରେ ବିଭିନ୍ନ ସେବା ଅନୁଷ୍ଠାନ ଓ ପାଦ୍ରୀ ଖ୍ରୀଷ୍ଟିଆନଙ୍କର ସରଳ ଆଦିବାସୀ ଜୀବନକୁ ଜଟିଳ କରିବାର ପ୍ରୟାସ ର ଚିତ୍ର ଦେଖିବାକୁ ମିଳିଥାଏ । ତଥାପି ଆଦିବାସୀ ସମାଜରେ ଆଧୁନିକ ସଭ୍ୟତାର ପ୍ରଭାବର କୁପରିଣାମକୁ ପ୍ରତିପାଦିତ କରିବା ପାଇଁ ଉପରୋକ୍ତ ଗଳ୍ପରେ ସମାନ୍ତରାଳ ଭାବରେ ଆଦିବାସୀ ଜୀବନର ସରଳ ସାମାଜିକ ରୀତିନୀତିର ବର୍ଣ୍ଣନା ଗାଳ୍ପିକ ସୁରେନ୍ଦ୍ର କରିଛନ୍ତି ।

## ପୌରାଣିକ ଓ ଐତିହାସିକ ଗଳ୍ପରେ ଆଧୁନିକ ଜୀବନ ଚେତନାର ସମନ୍ୱୟ

ଗାଳ୍ପିକ ସୁରେନ୍ଦ୍ରଙ୍କ ଇତିହାସ ଓ ପୁରାଣ ଆଶ୍ରିତ ଗଳ୍ପଗୁଡ଼ିକ ଅନୁଧାନକଲେ ଦେଖାଯାଏ, ଯୁଗେଯୁଗେ ମଣିଷର ପ୍ରେମ, ମୃତ୍ୟୁ, ରାଜନୀତିକ ଚିନ୍ତାଧାରା ଓ ସମାଜ ବ୍ୟବସ୍ଥାଦିର ମୂଳତଃ କୌଣସି ପରିବର୍ତ୍ତନ ହୋଇନାହିଁ; ଏକଥା ସେ ନିଜ ଗଳ୍ପଗୁଡ଼ିକରେ ସ୍ପଷ୍ଟଭାବେ ପ୍ରତିପାଦନ କରିଛନ୍ତି । 'ସାରିପୁତ୍ତ' ଗଳ୍ପର ରୂପଶ୍ରୀର ସନ୍ତାନ ପ୍ରତି ଆବେଗ ଓ ବାତ୍ସଲ୍ୟ କିମ୍ବା 'ପିତା ଓ ପୁତ୍ର'ର ବିମ୍ବିସାର ଓ ଅଜାତଶତ୍ରୁର ବାତ୍ସଲ୍ୟ ପ୍ରେମଜନିତ ଆବେଗ ତଥା ସୂକ୍ଷ୍ମ ଅନୁଭୂତି ବର୍ତ୍ତମାନ ଯୁଗରେ ମଧ 'ଜୟ ପରାଜୟ', 'ଜୀବନ ପ୍ରଭାତ' ଆଦି ଗଳ୍ପରେ ଅପରିବର୍ତ୍ତିତ ଭାବରେ ପ୍ରକାଶିତ । ଦେହାତୀତ ଓ କାମଜ ପ୍ରେମର ଦ୍ୱନ୍ଦ୍ୱ ତଥା ଜୀବନ ଜିଜ୍ଞାସା 'ଯାଯାବର ଓ ଜାୟା' 'ଆଦିମ ଓ ଶତରୂପା', 'ମହାନିର୍ବାଣ', 'ଉତ୍ତ ରାମପୁତ୍ର' ଆଦି ଗଳ୍ପରେ ଯେଭଳି ବିଶ୍ଳେଷଣ କରାଯାଇଛି ଅନୁରୂପ ଭାବେ 'ନୀଳଜ୍ୟୋସ୍ନା', 'ନିଃସଙ୍ଗ ଆକାଶ', 'ପ୍ରିୟତମାସୁ', 'ପେଟିନୀର ନାଚ' ଆଦି ଗଳ୍ପରେ ପ୍ରକାଶିତ । ସୁରେନ୍ଦ୍ରଙ୍କ ପୌରାଣିକ ଗଳ୍ପର ରାଜନୀତିକ ଚେତନା ଲକ୍ଷ୍ୟକଲେ ବିଦୁରର ଭାଷାରେ ଧୃତରାଷ୍ଟ୍ରମାନେ ଚିରକାଳ ଅନ୍ଧ ତଥା ରାଜନୀତିର ପଶାପାଲିରେ ସରଳ ନିଷ୍କପଟ ନ୍ୟାୟବାନ୍ ଦୁର୍ବଳମାନେ ସଦାସର୍ବଦା ବଳି ପଡ଼ିଥାନ୍ତି । 'ଶ୍ରୀକୃଷ୍ଣଙ୍କ ଶେଷ ଦସ'ର ଏ ରାଜନୀତିକ ଚେତନା ଆଧୁନିକ କାଳର ପୃଷ୍ଠଭୂମିରେ ରଚିତ 'ନରବଳି', 'ନୟନପୁର ଏକ୍ସପ୍ରେସ୍', 'ଗଣଦେବତା', 'ପ୍ରତିନାୟକ' ଆଦି ଗଳ୍ପରେ ପରିବ୍ୟାପ୍ତ ହୋଇଥିବା ଲକ୍ଷ୍ୟ କରାଯାଏ । ଅନୁରୂପ ଭାବେ 'ଯଦୁବଂଶ' ଗଳ୍ପରେ ଚିତ୍ରିତ ପୌରାଣିକ ଯୁଗର ସମାଜ ଚେତନାରେ ଅର୍ଥ, ନାରୀ ତଥା କ୍ଷମତାଲୋଭର ଅନ୍ତରାଳରେ ରହିଥିବା କୋକୁଆ ଭୟର ଦୁର୍ବଳତା, ସ୍ୱାଧୀନୋତ୍ତର ଭାରତର ସାମାଜିକ ଓ ରାଜନୀତିକ ଅବସ୍ଥାକୁ ଲକ୍ଷ୍ୟକଲେ ପ୍ରତିପାଦିତ ହୋଇଥାଏ ।

## ଭବିଷ୍ୟତ ସମାଜର ଚିତ୍ର ପରିକଳ୍ପନା

୧୯୬୩ରେ ରଚିତ ଗଳ୍ପ 'ନିଃସଙ୍ଗ ଆକାଶ'ରେ ଗାଳ୍ପିକ ମଣ୍ଟୁ ଚରିତ୍ର ମାଧମରେ ଚିନ୍ତା କରିଥିଲେ ମଙ୍ଗଳଗ୍ରହ ବା ଚନ୍ଦ୍ର ଅଭିମୁଖରେ କେଉଁଦିନ ରକେଟ ବିମାନର ଟାଇମ୍ ଟେବୁଲ ପ୍ରକାଶ ପାଇବ, ଚନ୍ଦ୍ର ବା ମଙ୍ଗଳଗ୍ରହର ନିଷ୍ପ୍ରାଣ ମରୁଭୂମି ଓ ଲାଭାକ୍ରେଟାର ମଧରେ ସବୁଜ ପୃଥିବୀର ଦୀନତମ କୋଣେ ସୁଦ୍ଧା ସେଦିନ ଏକ ଅନାସ୍ୱାଦିତ ରମଣିୟତାରେ ଯଦି ଏକାନ୍ତ ଆକର୍ଷଣୀୟ ହୋଇଉଠେ ; ତେବେ ଚନ୍ଦ୍ର ବା ମଙ୍ଗଳ ଗ୍ରହର ରକେଟ ଷ୍ଟେସନମାନଙ୍କରୁ, ପୃଥିବୀ ଅଭିମୁଖୀ, ଫେରନ୍ତା ରକେଟମାନଙ୍କରେ ଯାତ୍ରୀ ଭିଡ଼ରେ ଟିକେଟ୍ ମିଳିବ କି ନାହିଁ କିଏ ଜାଣେ ? (ମହାନ୍ତି, 'ନିଃସଙ୍ଗ ଆକାଶ', ପୃ: ୬୫) ପରବର୍ତ୍ତୀ କାଳରେ ରଚନା କରିଥିବା '୨୦୬୬' ଗଳ୍ପରେ ତାଙ୍କ କଳ୍ପନାର ଭବିଷ୍ୟତ ସମାଜରେ ବିଜ୍ଞାନର ଅଗ୍ରଗତି ସହିତ ମଣିଷ ହୋଇଛି ଦୀର୍ଘାୟୁ । କ୍ୟାନ୍‌ସରର ଆତଙ୍କ ଦୂର ହୋଇଛି । ଗଣତନ୍ତ୍ର ପରିବର୍ତ୍ତେ ଏକଛତ୍ର ଶାସନ ବ୍ୟବସ୍ଥାର ପ୍ରବର୍ତ୍ତନ ଘଟିଛି । ପୃଥିବୀ ପୃଷ୍ଠରୁ ଶୃଗାଳ, ଶିମିଳିଫୁଲ, କୋଇଲି, କଜଳପାତି ନିଶ୍ଚିହ୍ନ

ପ୍ରାୟ । ମଣିଷ କ୍ଷୁଧା, କାମବିକାର ଆଦି ସବୁପ୍ରକାର ଆବେଗକୁ ଜୟ କରିଛି । ମଣିଷ ଆବେଗ ଓ ସୌକୁମାର୍ଯ୍ୟ ବର୍ଜିତ ହୋଇ ପରିଣତ ହୋଇଛି ଏକ କମ୍ପ୍ୟୁଟର ଯନ୍ତ୍ରରେ; ତେଣୁ ତା'ପକ୍ଷରେ ସ୍ୱପ୍ନ ଅବାନ୍ତର । କ୍ଷୁଧା ତାର କେବଳ ଆତ୍ମିକ ଓ ଔଦରିକ । ସବୁ କିଛି ସୃଷ୍ଟ ଆବେଗରୁ ଦୂରେଇଯାଇଥିବା ମଣିଷ '୨୦୬୬' ଗଳ୍ପରେ ସୁବ୍ରତ ଚରିତ୍ର ମାଧ୍ୟମରେ ଆବେଗର ଅନୁସନ୍ଧାନରେ ବ୍ରତୀ ହୋଇଛି । (ମହାନ୍ତି, 'ଖ୍ରୀ:ଅ: ୨୦୬୬', ପୃ: ୭)

ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକୁ ଅନୁଧ୍ୟାନକଲେ ଅତୀତ ଠାରୁ ଭବିଷ୍ୟତ ପର୍ଯ୍ୟନ୍ତ ସମସ୍ତ ସମାଜର ଚିତ୍ର ଦେଖିବାକୁ ମିଳିଥାଏ । ତାଙ୍କର ଗଳ୍ପଗୁଡ଼ିକର ସମାଜଚିତ୍ର ଅନୁଧ୍ୟାନ କଲେ ମଣିଷ ସମାଜର ଉତ୍‌ଥାନ ପତନ, ଅତୀତ ଭବିଷ୍ୟତ ନିମ୍ନବିତ୍ତ ଉଚ୍ଚବିତ୍ତ ମଣିଷ, ବିଭିନ୍ନ ସାମାଜିକ ସମସ୍ୟାର ଉତଥାନ ପତନ, ନିମ୍ନବିତ୍ତ ମଧ୍ୟବିତ୍ତ, ଉଚ୍ଚବିତ୍ତ ଆଦି ସବୁ ସମାଜର ଚିତ୍ର ଦେଖିବାକୁ ମିଳିଥାଏ ।

## ସୁରେନ୍ଦ୍ରଙ୍କର ଜୀବନ ଚେତନା

ପୃଥିବୀ ବକ୍ଷରେ ଦେଖା ଦେଇଥିବା ସ୍ଥିତିବାଦ, ନିଃସଙ୍ଗତା ଆଦି ବିଭିନ୍ନ ମତବାଦ ତଥା ମଣିଷର ଜୀବନ ପ୍ରତି ବିଭିନ୍ନ ଦୃଷ୍ଟିଭଙ୍ଗୀ ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକରେ ଅନୁଧ୍ୟାନ କରାଯାଇ ସେ ସମ୍ପର୍କରେ ଆଲୋକପାତ କରାଯାଉଛି ।

## ସୁରେନ୍ଦ୍ରଙ୍କ ଗଳ୍ପରେ ସ୍ଥିତିବାଦୀ ଚେତନା

ସ୍ଥିତିବାଦୀ ଚେତନା ଆରମ୍ଭ ଓ ସ୍ୱରୂପ ସମ୍ପର୍କରେ ପୂର୍ବରୁ ସୂଚନା ପ୍ରଦାନ କରାଯାଇଛି । ଏଠାରେ ସୁରେନ୍ଦ୍ରଙ୍କ ବିଭିନ୍ନ ଗଳ୍ପରେ ସ୍ଥିତିବାଦୀ ଦର୍ଶନ କିଭଳି ପରିପ୍ରକାଶ ହୋଇଛି ତା ବିସ୍ତୃତ ଆଲୋଚନା କରାଯାଉଛି । ସ୍ଥିତିବାଦୀ ଦର୍ଶନର ମୁଖ୍ୟ କଥା ଈଶ୍ୱରଙ୍କ ସତ୍ତା ପ୍ରତି ଅବିଶ୍ୱାସ । ଭଗବାନଙ୍କ ଅସ୍ତିତ୍ୱ ପ୍ରତି ତାଚ୍ଛଲ୍ୟ ପ୍ରକାଶକରି ସୁରେନ୍ଦ୍ର 'ଅଷ୍ଟ୍ରେଲିଆ' ଗଳ୍ପରେ ଲେଖିଛନ୍ତି; 'ଭଗବାନଙ୍କ ଆଶୀର୍ବାଦ, ଆଲ୍ଲାର ମେହରବାନୀ, ପଇସା ଅଧଲାରେ ବିକ୍ରି ହେଉଛି !, ହାୟ ଆଲ୍ଲା - ପୃଥିବୀରେ ସବୁଠୁ ଶସ୍ତା, ତମର ମେହେରବାନୀ' । (ମହାନ୍ତି, 'ଅଷ୍ଟ୍ରେଲିଆ', ପୃ: ୬୮) ଭଗବାନଙ୍କ ଅସ୍ତିତ୍ୱକୁ ତାଚ୍ଛଲ୍ୟ କରୁଥିବା ତାଙ୍କର ଆଧୁନିକ ସମାଜର ମଣିଷ - ଜୀବନକୁ ଅନ୍ୱେଷଣ କରିବା ଭିତରେ 'କୋରାପୁଟର ପାହାଡ଼ଘେରା ଘଞ୍ଚଶାଳ ଜଙ୍ଗଲ ଭିତରେ ବ୍ୟକ୍ତିତ୍ୱ ନିଶ୍ଚିହ୍ନ ହୋଇଗଲେ ଯେପରି ଅଣନିଃଶ୍ୱାସୀ ଲାଗେ, ମହାନଗରୀର ସିମେଣ୍ଟ ଘେରା ମଣିଷ ଜଙ୍ଗଲ ଭିତରେ ସେହିପରି ନିକ୍ଷେପିତ ବ୍ୟକ୍ତି ଆର୍ତ୍ତନାଦ କରେ । (ମହାନ୍ତି, 'ସବୁଜ ପତ୍ର ଓ ଧୂସର ଗୋଲାପ', ପୃ: ୪୧୯) ତେଣୁ 'ଆକାଶ ତଥାପି ସୁନୀଳ' ଗଳ୍ପର ନାୟକ ହରିମାଷ୍ଟର ଶିମିଳୀ ଗଛର ପ୍ରତୀକ ମଧ୍ୟରେ ସ୍ଥିତି ସଚେତନ ହୁଏ । 'ଇନ୍ଦ୍ରଦ୍ୟୁମ୍ନ' ଗଳ୍ପର କୁଷ୍ଠରୋଗୀ, 'ବଳିବର୍ଦ୍ଧ'ର ରାମୁଲୁ, 'ଦଳେଇବୁଢ଼ା'ର ମାଗୁଣି ଦଳେଇ, 'ଅତୀତ ବର୍ତ୍ତମାନ କାଳ'ର କଣ୍ଟାକୁର - ସମସ୍ତେ ଅତୀତ ରୋମନ୍ଥନ ମଧ୍ୟରେ ନିଜର ସ୍ଥିତି ପାଇଁ ବ୍ୟାକୁଳ । ସୁରେନ୍ଦ୍ରଙ୍କ ସୃଷ୍ଟିରେ ଆଧୁନିକ କାଳର 'ଜୀବନ ପ୍ରଭାତ'ର ଶିଶୁ ମଣ୍ଟୁ ଚରିତ୍ରଠାରୁ ଆରମ୍ଭ କରି 'ନିର୍ମ୍ମଳୀଲତାର ଫୁଲ'ର ଆଦ୍ୟ ଯୌବନରେ ପାଦ ଦେଇଥିବା ମଣ୍ଟୁ ପର୍ଯ୍ୟନ୍ତ ସମସ୍ତ ଚରିତ୍ର ନିଜର ସ୍ଥିତି ପାଇଁ ବ୍ୟାକୁଳ । ତେଣୁ ମଣ୍ଟୁ ମାଧ୍ୟମରେ ଗାଳ୍ପିକ କହିଛନ୍ତି- 'କିନ୍ତୁ ଏ ସବୁର ଉର୍ଦ୍ଧ୍ୱରେ, ଏ କି ନିଃସଙ୍ଗତା - କୋଳାହଳ ମୁଖରତା ମଧ୍ୟରେ 'ଓଃ କି ଅସହ୍ୟ ନୀରବତା । ମଣ୍ଟୁ ଆଇନା ସାମ୍ନାରେ ଠିଆହୋଇ, ସାର୍ଟର କଲରଟା କେଉଁ ରୀତି ଓ ଶୈଳୀରେ ଉପରକୁ ଉଠାଇଲେ କପାଳ

ଉପରେ କେଶବିନ୍ୟାସକୁ କି ଆକାର ଦେଲେ, ତାହା ଭାବ ଓ ମୁହୂର୍ତ୍ତ ଉପଯୋଗୀ ହେବ ତାହା ବିଶେଷଜ୍ଞ ପରି ପରୀକ୍ଷା ନିରୀକ୍ଷା କରିବା ପରେ, ଶସ୍ତା ପ୍ରେମ ଉପନ୍ୟାସର ନାୟକ 'ଝଡ଼ ବେଗରେ ବାହାରିଯିବା ପରି' ମଣ୍ଟୁ ସେହି ହେମଳିଆ, ନିଃସଙ୍ଗ ପଢ଼ାଘର ଭିତରୁ ବାହାରି ବାହାରକୁ ଚାଲିଗଲା। (ମହାନ୍ତି, 'ନିର୍ମୂଳୀ ଲତାର ଫୁଲ', ପୃ: ୧୫୩) ଜୀବନ ର ଏ ରିକ୍ତତା ଆସିଥାଏ ଏହିଭଳି ସମୟରେ ଜୀବନଟା ଲାଗେ କବରର ଗହ୍ୱର ପରି ଏବଂ ସେଇ ସମୟରେ ସୁରେନ୍ଦ୍ରଙ୍କ ନାୟକ ଘୋଷଣା କରେ 'ମୁଁ ମରିନାହିଁ, ମୁଁ ମରିନାହିଁ। ମୁଁ ବଞ୍ଚିଛି। (ମହାନ୍ତି, 'ବୃତ୍ତ ଓ କେନ୍ଦ୍ରହୀନ', ପୃ: ୧୧୨) ଏଭଳି ସ୍ଥିତିବାଦୀ ଦର୍ଶନର ସ୍ୱର ସୁରେନ୍ଦ୍ରଙ୍କ ଗଳ୍ପରେ ପ୍ରବାହିତ। ସାର୍ତ୍ତ, କାମ୍ୟୁଙ୍କ ପରେ କାଫ୍‌କାଙ୍କ ସାହିତ୍ୟରେ ଯେଉଁ ନିଃସଙ୍ଗତା ବା ଅସହାୟତା ଦେଖା ଦେଇଛି, ତାହା ସୁରେନ୍ଦ୍ରଙ୍କ ସାହିତ୍ୟରେ ସ୍ଥିତିବାଦ ଅପେକ୍ଷା ଅଧିକ ସ୍ପଷ୍ଟରୂପେ ପ୍ରତିଭାତ ହୋଇଥାଏ।

**ନିଃସଙ୍ଗ ଚେତନା**

ସୁରେନ୍ଦ୍ରଙ୍କ ଗଳ୍ପର 'ସତର ନମ୍ବର ୱାର୍ଡ଼' ତଥା 'ବୃତ୍ତକେନ୍ଦ୍ରହୀନ' ଗଳ୍ପର ନାୟକ କାଫକାଙ୍କର The Trail ଉପନ୍ୟାସର ନାୟକ K ନିଜ ଅପରାଧ ସମ୍ପର୍କରେ ଅଜ୍ଞାନ ଥାଇ ବନ୍ଦୀ ହୋଇଥିବା ଭଳି ଅନୁଭବ କରିଛନ୍ତି । ସେ କହିଛନ୍ତି - 'କେଉଁ ଅପରାଧରେ ମୋତେ ଗୋରୁଗାଈ ପରି ଆଣି ବାନ୍ଧି ପୂରାଇଛନ୍ତି ଏ ଜେଲ୍ ଖୁଆଡ଼ରେ। ସମାଜ ଓ ସଭ୍ୟତାର ପ୍ରତି ମୁଁ ବା କରିଛି କି ଅପରାଧ ? ସେତକ ଜଣାଇ ଦିଆଗଲା ନାହିଁ ଏପର୍ଯ୍ୟନ୍ତ। (ମହାନ୍ତି, 'ବୃତ୍ତ ଓ କେନ୍ଦ୍ରହୀନ', ପୃ: ୧୧୩) କାଫକାଙ୍କ ମେଟାମରିଫସିସ୍ ଗଳ୍ପର ନାୟକପରି 'ପାଗଳ ଗାରଦର କାହାଣୀ'ର ନାୟକ ସନାତନ ମହାପାତ୍ର ସକାଳର ଆଲୁଅରେ ନିଦଭାଙ୍ଗିଯିବା ପରେ ଅନୁଭବ କରିଛନ୍ତି, ଛଅଫୁଟ ଉଚ୍ଚତା ବିଶିଷ୍ଟ ତାଙ୍କର ପୃଥୁଳ ମେଦବହୁଳ ଦେହ ଗୋଟିଏ ଚପଳ ପ୍ରଜାପତି ପରି ହାଲ୍‌କା ହୋଇ ଯାଇଛି। ସନାତନ ଭିଡ଼ିମୋଡ଼ି ହୋଇ ନିଜର ଦୁଇ ଲୋମଶ ହାତଆଡ଼େ ଚାହିଁଲେ- ଏତ ହାତ ନୁହେଁ, ଚପଳ ପ୍ରଜାପତିର ଦୁଇଟି ରଙ୍ଗୀନ୍ ଡେଣା। ସନାତନ ବିଛଣାରେ ଶୋଇ ଦୁଇପାଦ ହଲାଇଲେ। ଏତ ପାଦ ନୁହେଁ, ମୃଗ ଶିଶୁର ଅଶାନ୍ତ ଖୁରା। ଏ ଏକ ଅଦ୍‌ଭୁତ ଘଟାନ୍ତର। ଯେଉଁ ଅଶାନ୍ତ ଚୈତାଳୀ ସେହି ପରିତ୍ୟକ୍ତ ଅନ୍ଧକାର ଦୁର୍ଗର ଶୈବାଳାଚ୍ଛନ୍ନ ପ୍ରାଣର ଦେହରେ ବାରମ୍ବାର ମଥାପିଟି ଫେରି ଯାଉଥିଲା, ଆଜି ସେହି ଚୈତାଳୀ ଫିଟାଇ ଦେଇଯାଇଛି ଯେପରି ଏକ ନୂତନ ବତାୟନ..। ଆଉ ମେଦର ଆସ୍ତରଣ ତଳୁ ଏ ଯେଉଁ ନୂତନ ପ୍ରଜାପତି ଆଜି ମୁକ୍ତିଲାଭ କରିଛି, ସେହି ବାତାୟନ ପଥରେ ତା ପାଇଁ ବାହିତ ହୋଇ ଆସିଅଛି, ଯେପରି ରୂପ, ରସ, ଗନ୍ଧ ଓ ଆଲୋକର ଏକ ଆନନ୍ଦମୟ ଆମନ୍ତ୍ରଣ।'' (ମହାନ୍ତି, 'ପାଗଳ ଗାରଦର କାହାଣୀ', ପୃ: ୧୯) ମାତ୍ର ଏଠି କାଫ୍‌କାଙ୍କ ଗଳ୍ପର ନାୟକ ଓ ସୁରେନ୍ଦ୍ରଙ୍କ ନାୟକ ମଧ୍ୟରେ ପାର୍ଥକ୍ୟ ହେଉଛି କାଫ୍‌କାଙ୍କ ନାୟକ ଅବହେଳିତ ଅବସ୍ଥାରେ ଉପେକ୍ଷିତ, କିନ୍ତୁ ସୁରେନ୍ଦ୍ରଙ୍କ ନାୟକ ସନାତନ ଏକ ବିପୁଳ ସମ୍ଭାବନା ପାଇଁ ଆଶାୟୀ। ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକର ନିଃସଙ୍ଗତା ଓ ଅସହାୟତା କ୍ଷେତ୍ରରେ ଏକଥା ସ୍ପଷ୍ଟଭାବେ ପ୍ରଭାବିତ କରିଛି ତେଣୁ ଡଃ କରୁଣାକରନ୍‌ଙ୍କ ମୁଖରେ ଗାଳ୍ପିକ ସୁରେନ୍ଦ୍ର କହିଛନ୍ତି ଆଜିର ମଣିଷ ସମାଜ ଓ ସମୂହଠାରୁ ଦୂରେଇ ଦୂରେଇ ଏକ ଅପରିଚିତ ଆଗନ୍ତୁକରେ ପରିଣତ ହୋଇଅଛି। ନିଜଠାରେ ନିଜେସୁଦ୍ଧା, ସେ ନିତାନ୍ତ ଅପରିଚିତ ଓ ଆଗନ୍ତୁକ - ପୁଣି ନିତାନ୍ତ ନିଃସଙ୍ଗ। ସକାଳେ ଉଠି, ନଦୀଘାଟରେ ଅନ୍ୟ ସାଧାରଣଲୋକଙ୍କ ପରରେ ଗାଧୋଇ, ସ୍ତୋତ୍ର ଆବୃତ୍ତି କରି ସୂର୍ଯ୍ୟଙ୍କ

ଉଦ୍ଦେଶ୍ୟରେ ପାଣି ଆଞ୍ଜୁଳି ଢାଳି, ବଗିଚାରୁ ଫୁଲ ତୋଳି, ମନ୍ଦିରରେ ଘଣ୍ଟା ପିଟି, ଅଥବା ସେହିପରି ଅନ୍ୟଭାବରେ ଏକ ବୃହତ୍ତର ସତ୍ତା ମଧ୍ୟରେ ସେ ନିଜର ଦୁର୍ଭାର ଅହଂତ୍ୱ ଲୋପ କରିଦେଇ ପାରିଲେ ଏକ ନୂଆ ମଣିଷ ହୁଅନ୍ତା । ମାତ୍ର ଏକ ଧନବାଦୀ, ସଫଳତା ଓ ପ୍ରତିଯୋଗିତା ସର୍ବସ୍ୱ ସମାଜରେ, ଜୀବନର ସେ ସ୍ୱଚ୍ଛନ୍ଦ ଓ ନିରଭିମାନୀ ଉପଭୋଗ ସମ୍ଭବ ନୁହେଁ । ସେଥିପାଇଁ ଆଜିର ମଣିଷ ମରେ ହୃଦ୍‌ରୋଗରେ ନୋହିଲେ ରକ୍ତଚାପରେ... ସେଦିନର ମଣିଷ ପରି ସଂକ୍ରାମକ ବିସୂଚିକା ବା ଅନ୍ୟ ମଡ଼କରେ ନୁହେଁ । ସେ ବଞ୍ଚେ ଏକାକୀ, ଅର୍ଥ, ଅଧିକାର ଓ ଅଭିମାନର ନିର୍ଜନକାରାଗାର ମଧ୍ୟରେ, ମରେ ନିଃଶବ୍ଦରେ ସମାଜର ଅଜ୍ଞାତ ସାରରେ, ହଠାତ୍ ଆକସ୍ମିକ ଭାବରେ, ନିଃସଙ୍ଗ ଶଯ୍ୟାରେ, ଅଥବା ଅଫିସରେ ... ଏ ସବୁ ବ୍ୟାଧି ପାଇଁ ତେଣୁ ଏକମାତ୍ର ପ୍ରେସ୍‌କ୍ରିପ୍‌ସନ୍ ଚେତନ ମଧ୍ୟରୁ ଅବଚେତନକୁ ଫେରିଯିବା ।(ମହାନ୍ତି,'ନିଃସଙ୍ଗ ଆକାଶ', ପୃ: ୯୦-୯୧)

ଗାଳ୍ପିକ ସୁରେନ୍ଦ୍ର, 'ମାଂସର କୋଣାର୍କ', 'ସେଇ ଲୋକଟା', 'କାକଟସ୍', 'ଜୀବନ ପ୍ରଭାତ', 'କମଳର ତମ୍ବୁ', 'ଲବଣର ସ୍ୱାଦ' ଠାରୁ ଆରମ୍ଭ କରି - ଅତୀତର ପୃଷ୍ଠଭୂମିରେ ଆଧାରିତ 'କବି', 'ଦଳେଇବୁଢ଼ା' ଆଦି ଗଳ୍ପରେ ମଣିଷ କିଭଳି ନିଃସଙ୍ଗ ହୋଇପଡ଼ିଛି, ତାର ବିଭିନ୍ନ ଚିତ୍ର ଉପସ୍ଥାପନ କରିଛନ୍ତି । ଆଧୁନିକ ସମାଜରେ ବିଜ୍ଞାନର ଜୟଯାତ୍ରା ସହିତ ମଣିଷର ଅଗ୍ରଗତି ଘଟିଲେ ହେଁ ତା'ର ଅସହାୟତା ଏକାନ୍ତଭାବେ ଜଡ଼ିତ । ତେଣୁ 'ନିଃସଙ୍ଗ ଆକାଶ'ରେ କହିଲାଭଳି 'ସାଇକଲ ଚୋର', 'ଅଦିନର ଅତିଥି' ଓ 'ଜୟ ପରାଜୟ'ରେ ଗାଳ୍ପିକ ସୁରେନ୍ଦ୍ର ଅସହାୟତାର ପରିଣତି ଭଗବଦ୍ ବିଶ୍ୱାସ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ :-

ଦର୍ପ ନାରାୟଣ ଅତୀତରେ କେବେ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ କି ନାହିଁ ଜଣାନାହିଁ । ପୌରୁଷର ଦର୍ପରେ ଦର୍ପନାରାୟଣ କେବେ ହୁଏତ କୌଣସି ଅପୌରୁଷେୟରେ ବିଶ୍ୱାସ କରୁ ନଥିଲେ । ମାତ୍ର ଆଜି ନତଜାନୁହୋଇ ପରମ ବିଶ୍ୱାସୀ ଭକ୍ତପରି, ଏକ ଭାକ୍ତିକ ଆବେଗରେ ଦର୍ପନାରାୟଣ ପ୍ରାର୍ଥନା କଲେ । 'ମୋତେ ସୁନିଦ୍ରା ଦିଅ ଭଗବାନ ! ତୁମର କରୁଣାର ସ୍ନିଗ୍ଧସ୍ପର୍ଶ ନିଦ୍ରା ରୂପରେ ମୋର ଜୀବନର ସବୁ ଉତ୍ତାପ, ଅସଫଳତାର ସବୁ ଗ୍ଲାନି ଦୂର କରିଦେଉ । (ମହାନ୍ତି, 'ତୃଷ୍ଣା ଓ ବିତୃଷ୍ଣା', ପୃ: ୧୭୨)

ସବୁ ଚଞ୍ଚଳ ବେଗର ଊର୍ଦ୍ଧ୍ୱରେ ଯେଉଁ ଅଚଞ୍ଚଳ ସ୍ଥାଣୁତ୍ୱ, ସବୁ ଆବର୍ତ୍ତର ଊର୍ଦ୍ଧ୍ୱରେ ଯେଉଁ ଉଦାର ମୁକ୍ତି, ସବୁ ସଂଘର୍ଷର ଊର୍ଦ୍ଧ୍ୱରେ ଯେଉଁ ସୁଗଭୀର ପ୍ରଶାନ୍ତି, ତାହା ଯେପରି ସେହି ବୁଦ୍ଧ ମୂର୍ତ୍ତିର କରୁଣା ସ୍ନିଗ୍ଧ ମୁଖମଣ୍ଡଳରେ ଉତ୍କୀର୍ଣ୍ଣ ହୋଇଥିଲା ।

xxxxx xxxxx xxxxx

ଅସହାୟ ପରି ମଣ୍ଡୁ ମାଣ୍ଟଲପିସ୍ ଉପରେ ସେହି ମୂର୍ତ୍ତିର ପାଦତଳେ ମୁଣ୍ଡ ଲଗାଇଲା । (ମହାନ୍ତି, 'ଜୟପରାଜୟ', ପୃ: ୧୬୫)

ଗାଳ୍ପିକ ସୁରେନ୍ଦ୍ରଙ୍କ ଦର୍ପନାରାୟଣ ମଣ୍ଡୁ ତଥା ଭବିଷ୍ୟତ ସମାଜର ପୀଠିକା ଉପରେ ଆସୀନ ସୁବ୍ରତ ଚରିତ୍ର ମାଧ୍ୟମରେ ପୃଥିବୀ ପୃଷ୍ଠର ମଣିଷର ଇତସ୍ତତଃତା ଓ ଚଞ୍ଚଳତା ସଂପର୍କରେ ମନ୍ତବ୍ୟ ହେଉଛି - "ପୃଥିବୀର ମଣିଷ ସନ୍ଧାନକରି ବୁଲୁଛନ୍ତି ସେହି ଭଗବାନଙ୍କୁ ଯାହାକୁ ପାଞ୍ଚଲକ୍ଷ ବର୍ଷ ପୂର୍ବେ କିମ୍ବା ତା ପୂର୍ବରୁ ନିଜ ହାତରେ ସୃଷ୍ଟିକରି, ପୁଣି ତାକୁ ସେମାନେ ହତ୍ୟା କରିଥିଲେ ।" (ମହାନ୍ତି, 'ଖ୍ରୀ:ଅ: ୨୦୬୬', ପୃ: ୧୧)

## ନିଉଟନ, ଡାଡା ଆଦି ପଶ୍ଚାତ୍ୟ ମତବାଦର ପ୍ରୟୋଗ

ନିଉଟନଙ୍କ ମତବାଦ ସଂପର୍କରେ ଗାଳ୍ପିକ ସୁରେନ୍ଦ୍ର 'ନିସୃକ୍ତିପତ୍ର' ଗଳ୍ପରେ କେବଳ ସୂଚନା ପ୍ରଦାନ କରିଛନ୍ତି । ଆଇନ୍‌ଷ୍ଟାଇନ୍‌ଙ୍କ ମୁହୂର୍ତ୍ତ ଧର୍ମିତାକୁ କେନ୍ଦ୍ର କରି ତାଙ୍କର 'ମୁହୂର୍ତ୍ତ' ଗଳ୍ପଟି ରଚିତ । ପ୍ରକୃତିବାଦ, ଡାଡାବାଦ, ଅତିବାସ୍ତବବାଦ ଆଦିକୁ ଗ୍ରହଣକରି ଗାଳ୍ପିକ ସୁରେନ୍ଦ୍ର 'କ୍ଲାନ୍ତ ବୈତାଳୀ' 'କାଠଘୋଡ଼ା', 'ଡାଡା', 'କେନ୍ଦ୍ରାତୀଗ', 'କମଳର ତମ୍ବୁ' ପ୍ରଭୃତି ଗଳ୍ପ ରଚନା କରିଛନ୍ତି । 'ଦିନେ ସନ୍ଧ୍ୟାରେ' ଗଳ୍ପରେ ତେଣୁ ଆଧୁନିକ ମନୁଷ୍ୟର ବାସ୍ତବଜୀବନ ଉଦ୍‌ଘାଟନ କରିବାକୁ ପାଇ ସେ ଲେଖିଛନ୍ତି - ମନୁଷ୍ୟ ସବୁବେଳେ ଭୟକରେ ତା'ର ମନକୁ, ମନର କଥାକୁ । ସେପରି ଅକୁଣ୍ଠିତ ଭାବରେ ନିଜକୁ ପ୍ରକାଶ କଲେ, ଏହି ଶାନ୍ତ ପ୍ରତାରଣାଧର୍ମୀ ସମାଜରେ ଘୋର ଶାନ୍ତି ଭଙ୍ଗ ହେବ । (ମହାନ୍ତି, 'ଦିନେ ସନ୍ଧ୍ୟାରେ', ପୃ: ୭୫) 'ନିର୍ମୂଳି ଲତାର ଫୁଲ' ଗଳ୍ପରେ ମଣ୍ଟୁ ଚରିତ୍ର ମଧ୍ୟରେ ନାର୍‌ସାସିସ୍ କଂପ୍ଲେକ୍ସ ଦେଖାଯାଏ । ଯଥା :- "ମଣ୍ଟୁ କାନ୍ଥରେ ଝୁଲୁଥିବା ଗୋଟିଏ ଆଇନା ସାମନାରେ ଠିଆହୋଇ ନିଜକୁ ଚାହିଁ ନିଜେ ହଠାତ୍ ଆତ୍ମହରା ହୋଇପଡ଼ିଲା ।" (ମହାନ୍ତି, 'ନିର୍ମୂଳୀ ଲତାର ଫୁଲ', ପୃ: ୧୪୪)

ଅବକ୍ଷୟଗାମୀ ମଣିଷ ସମାଜର ଚିତ୍ର 'ଓ ! କାଲ୍‌କାଟା', 'ଗୁରୁ', 'ଇନ୍ଦ୍ରଦ୍ୟୁମ୍ନ' ଆଦି ଗଳ୍ପରେ ଚିତ୍ରିତ । ଏହି ଗଳ୍ପଗୁଡ଼ିକର ଚରିତ୍ରମାନେ 'ରୁଟିନ୍', 'ଆପଏଣ୍ଟମେଣ୍ଟ' ପ୍ରଭୃତିରେ ବିଶ୍ୱାସ କରନ୍ତି ନାହିଁ । ନିୟମ ଶୃଙ୍ଖଳାବଦ୍ଧ ପରିବେଷ୍ଟନୀ ଓ ଯାନ୍ତ୍ରିକ ଜୀବନରେ ଭୋଗପ୍ରାଚୁର୍ଯ୍ୟ ବିରୁଦ୍ଧରେ ବିଦ୍ରୋହକରି, ସେମାନେ ହୋଇଛନ୍ତି ଯାଯାବର ହିପ୍‌ପୀ, ମାତ୍ର ସୁନନ୍ଦ ତାହାର ବିପରୀତ ଭୋଗସ୍ପୃହାରେ ଜର୍ଜରିତ । ସୁନନ୍ଦ ପାଇଁ ହିପ୍‌ପୀର ଆବରଣ ଏକ ଘଟାଟୋପ ମାତ୍ର । 'ଏହା ମାଧ୍ୟମରେ ସେ ପାଶ୍ଚାତ୍ତ୍ୟ ହିପ୍‌ପୀବାଦ ଓ ଭାରତୀୟ ହିପ୍‌ପୀର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଛନ୍ତି । ଗାଳ୍ପିକ ସୁରେନ୍ଦ୍ର କହନ୍ତି ଯେ - "ପାଶ୍ଚାତ୍ତ୍ୟରେ ବଟମ୍‌ଲେସ୍ ହୋଇ ପାରିଥାଏ ସାମ୍ପ୍ରତିକ ଫେସନ୍ । ଉଲଙ୍ଗତା ଏଠି କିନ୍ତୁ ବଞ୍ଚିବାର ଉତ୍ପୀଡ଼କ ସତ୍ୟ । ପାଶ୍ଚାତ୍ତ୍ୟ ଉଲ୍ଲଙ୍ଗତା ମଧ୍ୟରେ ସମୃଦ୍ଧି ଜର୍ଜରିତ ସତ୍ତା ରହିଥିବା ସମୟରେ ପ୍ରାଚ୍ୟର ଉଲ୍ଲଙ୍ଗତା କିନ୍ତୁ ଦେହର । (ମହାନ୍ତି, 'ଗୁରୁ', ପୃ: ୪୦) ତେଣୁ ଭାରତୀୟ ହିପ୍‌ପୀ ପ୍ରେମୀଙ୍କ ପାଇଁ ଇନ୍ଦ୍ରଦ୍ୟୁମ୍ନ ଗଳ୍ପରେ ଗାଳ୍ପିକ ସନ୍ତୋଷ ଚରିତ୍ର ମାଧ୍ୟମରେ କହିଛନ୍ତି ଯେ, "ଯନ୍ତ୍ରଣା ଲାଞ୍ଛନା ଆଉ ବ୍ୟର୍ଥତା ସହିତ ସାଲିସ୍ କରି ଏମାନେ ନିର୍ଲିପ୍ତ ଭାବରେ ବଞ୍ଚି ରହିଛନ୍ତି କିପରି ? ଏଇ ପ୍ରଶ୍ନର ଉତ୍ତର ସନ୍ତୋଷ ଯଦି ପାଇପାରନ୍ତା ତେବେ ଯେଉଁ ସୁସ୍ଥ ସବଳ ସ୍ୱାଭିମାନୀମାନେ ବାରବିଟୁରେଟ୍, LSD ବଟିକା ଗିଳି ବଞ୍ଚିବାର ଯନ୍ତ୍ରଣାରୁ ମୁକ୍ତି ଲୋଡୁଛନ୍ତି - ସେମାନଙ୍କ ପାଇଁ ଏହାର ଉତ୍ତର ଚନ୍ଦ୍ରପୃଷ୍ଠର ମୃତ୍ତିକା ଅପେକ୍ଷା ଏକ ବୃହତ୍ତର ସାର୍ଥକତାର ଆବିଷ୍କାର ହୁଅନ୍ତା ।" ତେଣୁ ଗାଳ୍ପିକ ସୁରେନ୍ଦ୍ର କହିଛନ୍ତି - "ମନୁଷ୍ୟ ବଞ୍ଚେ ନାହିଁ କେବଳ ଦେହରେ । ସାର୍ଥକତର ଭାବେ ସେ ବଞ୍ଚେ ତାର ସ୍ୱପ୍ନ ଆଉ ବେଦନା ମଧ୍ୟରେ ।" (ମହାନ୍ତି, 'ଇନ୍ଦ୍ରଦ୍ୟୁମ୍ନ', ପୃ: ୧୪୦)

ସୁରେନ୍ଦ୍ର କେବଳ ପାଶ୍ଚାତ୍ତ୍ୟ ଚେତନାକୁ ଅନ୍ଧଭାବେ ଗ୍ରହଣକରି ଗଳ୍ପ ରଚନା କରିନାହାନ୍ତି, ନିଜସ୍ୱ ଯୁକ୍ତି ତଥା ମନ୍ତବ୍ୟ ମଧ୍ୟରେ ସେ ସବୁ ମଧ୍ୟରୁ ମୁକ୍ତିର ସନ୍ଧାନ ମଧ୍ୟ ଦେଇଛନ୍ତି । ଏ ସବୁର ଦୃଷ୍ଟାନ୍ତ 'ଗୁରୁ', 'କବନ୍ଧ', 'ତୃଷ୍ଣା ଓ ବିତୃଷ୍ଣା' ଗଳ୍ପରେ ଦେଖିବାକୁ ମିଳେ ।

## ସୁରେନ୍ଦ୍ରଙ୍କ ଗଳ୍ପରେ ପ୍ରେମ ପ୍ରତି ଦୃଷ୍ଟିଭଙ୍ଗୀ

**ବାତ୍ସଲ୍ୟ ପ୍ରେମ :-** 'ପିତା ଓ ପୁତ୍ର', 'ଅମ୍ବାପଲ୍ଲୀ', 'ସାରୀପୁତ୍ର' ଆଦି ଐତିହାସିକ ଗଳ୍ପରେ ବାତ୍ସଲ୍ୟ ପ୍ରେମର ଚିତ୍ର ଗାଳ୍ପିକ ପ୍ରଦାନ କରିଛନ୍ତି। 'ଶ୍ରୀକୃଷ୍ଣଙ୍କ ଶେଷ ହସ' ଗଳ୍ପରେ ଗାନ୍ଧାରୀର ବାତ୍ସଲ୍ୟପ୍ରେମ ଅନ୍ଧ ମୋହର ବଶବର୍ତ୍ତୀ । ମାତୃସ୍ନେହର ପ୍ରାବଲ୍ୟ ସମ୍ପର୍କରେ ସୂଚନା ଦେଇ 'ତୃଷ୍ଣା ଓ ବିତୃଷ୍ଣା' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର କହିଛନ୍ତି ଯେ, ଗୋଟିଏ ଜନନୀ ପ୍ରାଣରେ କୋଟିଏ ସନ୍ତାନ ପାଇଁ ସୁଦ୍ଧା ସ୍ନେହର ଅଭାବ ନାହିଁ। ମୃତ୍ତିକା ପରି ଅଗଣିତ କୋଟି ମନୁଷ୍ୟଙ୍କ ପାଇଁ ପ୍ରାଣ ଧାରଣର ସମ୍ବଳ ସେଠାରେ ନିହିତ ରହିଅଛି। (ମହାନ୍ତି, 'ତୃଷ୍ଣା ଓ ବିତୃଷ୍ଣା', ପୃ: ୧୨୪) 'ଜୀବନ ପ୍ରଭାତ' ଓ 'ଜୟ ପରାଜୟ' ଗଳ୍ପରେ ଏହି ବାତ୍ସଲ୍ୟ ପ୍ରେମର ପରାକାଷ୍ଠା ପ୍ରଦର୍ଶନ କରିବା ସହିତ 'ନିଃସଙ୍ଗ ଆକାଶ'ର ମଣ୍ଟୁ ମଧ୍ୟ କୈଶୋରର ପୁରାତନ ପୃଥିବୀରେ ସ୍ନେହମୟୀ ଜନନୀର ଶତବ୍ୟଗ୍ର ବାହୁର ଆହ୍ୱାନ ଖୋଜି ପାଇଛି।

**ନରନାରୀର ପ୍ରେମ :-** ପ୍ରେମର ସଂଜ୍ଞା ପ୍ରଦାନ କରିବାକୁ ଯାଇ 'ଆଦିମ ଓ ଶତରୂପା' ଗଳ୍ପରେ ଆଦିମ ଅନୁଭବ କରିଥିବା ଦେହର ତନ୍ତୁରେ ତନ୍ତୁରେ ଶିହରଣ, ଶିରାରେ ଶିରାରେ ବେଦନା-ମଧ୍ୟରୁ ଜାତ ହୋଇଥିବା ପୁଲକ, ନିଜକୁ ହଜାଇ ଦେବାର ଆକାଂକ୍ଷା ହିଁ ପ୍ରେମ ନାମରେ ପରବର୍ତ୍ତୀ କାଳରେ ବର୍ଣ୍ଣିତ । ଏହି ପ୍ରେମର ଚିତ୍ର ଗାଳ୍ପିକଙ୍କ 'ନର୍ତ୍ତକୀ', 'କବି', 'ସୁନାମାହାରୀ' ଆଦି ଗଳ୍ପରେ ବର୍ଣ୍ଣିତ । ମାତ୍ର ପ୍ରେମର ପ୍ରକାଶ ପାଇଁ ମିଳନର ଭାଷା ସବୁବେଳେ ନୀରବ। ସେ ଭାଷାରେ ହୃଦୟର ବହୁ କଥା ଅବ୍ୟକ୍ତ ରହିଥାଏ । ତେଣୁ ମିଳନର ପ୍ରକାଶ ସବୁବେଳେ ଅସମାପ୍ତ। ଶତମିଳନ ସତ୍ତ୍ୱେ ଗୋଟିଏ ମୁହୂର୍ତ୍ତ ସୁଦ୍ଧା କେତେବେଳେ ସମ୍ପୂର୍ଣ୍ଣ ମନେ ହୁଏନାହିଁ। (ମହାନ୍ତି, 'ନୀଳ ଜ୍ୟୋତ୍ସ୍ନା', ପୃ: ୪୭) 'ନୀଳଜ୍ୟୋତ୍ସ୍ନା'ର ଏହି ତତ୍ତ୍ୱ ଗାଳ୍ପିକଙ୍କ 'ଗୋଟିଏ ପ୍ରେମଗଳ୍ପ', ପ୍ରେତିନୀର ନାଚ', 'ନିଃସଙ୍ଗ ଆକାଶ', ତଥା 'ନୀଳଜ୍ୟୋତ୍ସ୍ନା' ଗଳ୍ପରେ ପ୍ରତିପାଦିତ ହେବା ସହିତ ଗାଳ୍ପିକ ଦେହର ତୁଚ୍ଛ କ୍ଷୁଧା ପ୍ରେମ ନୁହେଁ, ଦେହ ଦେହାତୀତ ନ ହେଲେ କାମନା କାମନାତୀତ ନ ହେଲେ ପ୍ରେମର ପରିଚୟ ମିଳେ ନାହିଁ। ବିଶ୍ୱଶାନ୍ତି ପରି ପ୍ରେମ ମଧ୍ୟ ଏକ ବିରାଟ ପ୍ରବଞ୍ଚନା ହୋଇଯାଏ । (ମହାନ୍ତି, 'ନୀଳ ଜ୍ୟୋତ୍ସ୍ନା', ପୃ: ୪୯) ଆଲୋଚ୍ୟ ଗଳ୍ପଗୁଡ଼ିକରେ ଗାଳ୍ପିକ ଏହା ପ୍ରତିପାଦନ କରିଛନ୍ତି। ତେଣୁ ଗାଳ୍ପିକଙ୍କ ଭାଷାରେ, ଭାଷାର ସଂଯମରେ ସାହିତ୍ୟ ରେଖାର ସଂଯମର ଚିତ୍ର, ଭଙ୍ଗୀର ସଂଯମରେ ମୁଦ୍ରା ଓ ଶକ୍ତିର ସଂଯମରେ ଶୌର୍ଯ୍ୟ ସୃଷ୍ଟି ହେଲା ପରି ଆବେଗ ଓ କାମନାର ସଂଯମରେ ପ୍ରେମର ପରିଚୟ ମିଳେ । (ମହାନ୍ତି, 'ନୀଳ ଜ୍ୟୋତ୍ସ୍ନା', ପୃ: ୪୯) ତେଣୁ ଗାଳ୍ପିକ ତାଙ୍କର ବହୁ ଗଳ୍ପରେ ଦେହାତୀତ ପ୍ରେମକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି।

### ଫ୍ରୟେଡୀୟ. ପ୍ରେମତତ୍ତ୍ୱ

"ବେଲୁନ୍" ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ମନସ୍ତତ୍ତ୍ୱବିଦ୍ ପାଭଲେଭଙ୍କ ଅନୁସରଣରେ କହିଛନ୍ତି ଯେ ଭଲପାଇବା, ଗୋଟିଏ Conditioned reflex। ଯୌବନରେ କୌଣସି ରୂପସୀ ତରୁଣୀର ସଂସ୍ପର୍ଶରେ ଆସିଲେ, ତମର ସ୍ନାୟୁରେ ଯେଉଁ ପ୍ରତିକ୍ରିୟା ହୁଏ, ତାକୁ ତମେ କୁହ ଭଲପାଇବା । ସେ ପ୍ରତିକ୍ରିୟା ଅବଶ୍ୟମ୍ଭାବୀ। ମାତ୍ର ଘଟଣାକ୍ରମେ ସେ କୋମଳ ସଂସ୍ପର୍ଶ ବିହସା ହୋଇଗଲେ ଆଉ ସେ ପ୍ରତିକ୍ରିୟା ହୁଏନାହିଁ। ଜୀବନର ଅସୁମାରୀ ଘଟଣା ମଧ୍ୟରେ, ତମର ଭଲ ପାଇବାର କାହାଣୀ ମନେହୁଏ କେବଳ

ଗୋଟିଏ ଘଟଣା । ଆଉ କିଛି ନୁହେଁ । ମନସ୍ତତ୍ତ୍ୱବିଦ୍‌ମାନଙ୍କ ଭାଷାରେ 'ଇଲିହିବିସନ' । (ମହାନ୍ତି, 'ବେଲୁନ୍', ପୃ: ୨୫୭) ପରବର୍ତ୍ତୀ କାଳରେ "୨୦୬୬" ଗଳ୍ପରେ ଭବିଷ୍ୟତର ପୀଠିକା ଉପରେ ଛିଡ଼ା ହୋଇ ଗାଳ୍ପିକ ସୁରେନ୍ଦ୍ର ସୁବ୍ରତ ଚରିତ୍ର ମାଧ୍ୟମରେ କହିଛନ୍ତି ଯେ, "ବିଂଶ ଶତାବ୍ଦୀର ସାହିତ୍ୟରୁ ନରନାରୀ ମଧ୍ୟରେ ପ୍ରେମନାମକ ଏକ ଆବେଗମୟ ସମ୍ପର୍କର ଅସ୍ତିତ୍ୱ ସୁବ୍ରତ ଜାଣିଥିଲା । ମାତ୍ର ଇତିମଧ୍ୟରେ ମହର୍ଷି ଫ୍ରଏଡ୍ ପ୍ରେମ ଉପରେ ପ୍ରଥମେ ଆକ୍ରମଣ ଆରମ୍ଭ କରି ତାହାକୁ କେବଳ "ଲିବିଡୋ" ବା ଯୌନ ପ୍ରବୃତ୍ତିର ରୂପାନ୍ତର ବୋଲି ବହୁ ଅଧ୍ୟବସାୟ ସହିତ ପ୍ରମାଣ କରିବା ପରେ ପ୍ରେମ ହୃଦୟ ନାମକ ଅଂଶଟିରୁ କଟୀ ତଳକୁ ଓହ୍ଲାଇ ଆସିଥିଲା । ହୃଦୟ ଅବଶ୍ୟ ଆଜି ନୁହେଁ, ବିଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ସୁଦ୍ଧା ଏକ ବାଓଲୋଜିକାଲ ଇନଷ୍ଟ୍ରୁମେଣ୍ଟ ବା ଜୈବିକ ଯନ୍ତ୍ର ରୂପେ ବୁଝାଇ ଆସୁଅଛି । ମାତ୍ର ତାହା ପୂର୍ବରୁ ହୃଦୟ ଓ ହୃତ୍‌ପିଣ୍ଡ ମଧ୍ୟରେ ଯେଉଁ ପାର୍ଥକ୍ୟଟି ରହିଥିଲା, ତାହା ଇତିମଧ୍ୟରେ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ସାରିଥିଲା । ଫ୍ରଏଡ୍, ୟୁଂଗ ଆଡ଼ଲର୍ ଓ ପାବଲଭ୍ ପ୍ରମୁଖ ମହର୍ଷିମାନେ ସିଦ୍ଧାନ୍ତ ଦେଇ ଯାଇଛନ୍ତି, ହୃଦୟ ବା ମନ କେବଳ ଏକ କଣ୍ଡିସନ୍‌ଡ୍ ରିଫ୍ଲେକ୍ସ ବା ଅଭ୍ୟାସବଦ୍ଧ ପ୍ରତିକ୍ରିୟା ମାତ୍ର । ମନୁଷ୍ୟର ସବୁ କୋମଳ ପ୍ରବୃତ୍ତି ଓ ସୌକୁମାର୍ଯ୍ୟ ଏକ ଜାନ୍ତବ ବିକୃତି । (ମହାନ୍ତି, 'ଖ୍ରୀ:ଅ: ୨୦୬୬', ପୃ: ୮-୯) ଏହି ଫ୍ରଏଡୀୟ ଯୌନତତ୍ତ୍ୱକୁ କେନ୍ଦ୍ର କରି ଗାଳ୍ପିକ ସୁରେନ୍ଦ୍ର "ଦିନେ ସନ୍ଧ୍ୟାରେ", 'କେନ୍ଦ୍ରାତୀଗ', 'କମଳର ତମ୍ବୁ', 'ପ୍ରିୟ ତମାସୁ', 'ତାତା' ଆଦି ଗଳ୍ପ ରଚନା କରିଛନ୍ତି । ଏହି ଗଳ୍ପଗୁଡ଼ିକରେ ମଣିଷ ମନର ଅନ୍ତରାଳରେ ଥିବା ଯୌନାବେଗ ତଥା ଯୌନ ବିକୃତିର ଚିତ୍ର ଗାଳ୍ପିକ ଉପସ୍ଥାପନ କରିଛନ୍ତି । ଏତଦ୍‌ଭିନ୍ନ 'ସାପ' ଓ 'କ୍ଲାନ୍ତ ଚୈତାଳୀ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ଫ୍ରଏଡୀୟ ଯୌନତତ୍ତ୍ୱର ପ୍ରତୀକ ବ୍ୟବହାର କରି ମଣିଷ ମନ ଅଭ୍ୟନ୍ତରରେ ରହିଥିବା ଯୌନାବେଗର ଚିତ୍ର ଉପସ୍ଥାପନ କରିଛନ୍ତି । 'ସାପ' ଗଳ୍ପରେ ଜୀବନାନନ୍ଦଙ୍କ ସ୍ୱପ୍ନରେ ଗୋଟିଏ ନାଗସାପ କୁଣ୍ଡଳୀ ମେଲି ତାଙ୍କ ପାଦରେ ଗୁଡ଼ାଇ ହୋଇଗଲା । ତା'ପରେ ପାଦ ଠାରୁ ଗୁଡ଼େଇ ଗୁଡ଼େଇ ଛାତି ପର୍ଯ୍ୟନ୍ତ ଉଠି ଜୀବନାନନ୍ଦଙ୍କ ମୁହଁ ପାଖରେ ଜିଭ ଲହ ଲହ କରି ଉଠିବା ବେଳକୁ, ସାପଟା ଆଉ ନଥିଲା, ସେଇ ସାପଟି ପରିବର୍ତ୍ତେ ଯମୁନା ଦେବୀଙ୍କର ବେଦନାର୍ତ୍ତ କଳା ଆଖି ଦୁଇଟା କେବଳ, ଘାସ ଉପରେ ଶିଶିରବିନ୍ଦୁ ପରି ଢ଼ଳ ଢ଼ଳ ହେଉଥିଲା । ବନ୍ଧ କଡ଼ରେ ଗୋଟାଏ ବରଗଛ ମୂଳେ ସେହି ନିଭୃତ ଗୋଧୂଳିରେ ଯମୁନା ଦେବୀ ତାଙ୍କରି ଅପେକ୍ଷାରେ ଯେପରି ଏତେକ୍ଷଣ ଠିଆ ହୋଇଥିଲେ । (ମହାନ୍ତି, 'ସାପ', ପୃ: ୭୯) ଜୀବନାନନ୍ଦଙ୍କର ଏହି ସ୍ୱପ୍ନ ବର୍ଣ୍ଣନାର ଅନ୍ତରାଳରେ ଫ୍ରଏଡୀୟ ପ୍ରତୀକ ସାପ ମାଧ୍ୟମରେ ତାଙ୍କର ଅବଚେତନରେ ଯମୁନା ଦେବୀ ପ୍ରତି ରହିଥିବା ଯୌନ ଆସକ୍ତିର ଚିତ୍ର ବର୍ଣ୍ଣିତ । ଅନୁରୂପ ଭାବେ 'କ୍ଲାନ୍ତ ଚୈତାଳୀ' ଗଳ୍ପରେ କାଠଚମ୍ପାର ଗୋଟାଏ ପୁଷ୍ପିତ ଡାଳରେ ସେଇ ଅସଭ୍ୟ ଏଣ୍ଟୁଅଟା ଦଣ୍ଡ ଭାଙ୍ଗିବା ପରି ଉପ୍‌ଦ୍ରବ ହେଉଥିବା ପ୍ରତୀକକୁ ବାରମ୍ବାର ଗଳ୍ପ ମଧ୍ୟରେ ପ୍ରୟୋଗ କରି ଗାଳ୍ପିକ ମାଳିକାଦେବୀଙ୍କର ସ୍ମୃତିଚାରଣ ମଧ୍ୟରେ ତାଙ୍କର ଅବଚେତନମନର ଯୌନାବେଗର ଚିତ୍ର ଗଳ୍ପ ମଧ୍ୟରେ ପ୍ରଦାନ କରିଛନ୍ତି ।

ସୁରେନ୍ଦ୍ରଙ୍କ ଗଳ୍ପରେ ତେଣୁ ନରନାରୀର ହୃଦୟାବେଗଜନିତ ପ୍ରେମ ତଥା ଫ୍ରଏଡୀୟ ପ୍ରେମତତ୍ତ୍ୱକୁ ଆଶ୍ରୟ କରି ପ୍ରେମର ଚିତ୍ର ନିଖୁଣ ଭାବେ ପ୍ରଦାନ କରାଯାଇଥିବା ଲକ୍ଷ୍ୟ କରାଯାଏ । ଗାଳ୍ପିକ ସୁରେନ୍ଦ୍ର ଜୀବନବାଦୀ ଗାଳ୍ପିକ, ତେଣୁ ତାଙ୍କର ଗଳ୍ପଗୁଡ଼ିକ ଲକ୍ଷ୍ୟ କଲେ, ତନ୍ମଧ୍ୟରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନତତ୍ତ୍ୱ,

ନିଜସ୍ୱ ଅନୁଭୂତି ରସାଣିତ ପ୍ରେମ ଓ ଜୀବନର ବିଭିନ୍ନ ବିଭାବ ପ୍ରତି ତାଙ୍କର ନିଜସ୍ୱ ବିଚାର ପାଠକ ପ୍ରାଣରେ ତୀବ୍ର ଆବେଦନ ସୃଷ୍ଟି କରିଥାଏ ।

**ସୁରେନ୍ଦ୍ରଙ୍କ ଜୀବନ ପ୍ରତି ବିଭିନ୍ନ ଦୃଷ୍ଟିକୋଣ**

**ମଣିଷର ଜୀବନ :-**

"ମଣିଷର ଜୀବନ ତ ସେଇଆ ! ଜୀବନ ସୁଦୀର୍ଘ ଅଥଚ ବଞ୍ଚିବାର ଉପାଦାନ ସ୍ୱଳ୍ପ ଓ ସଂକ୍ଷିପ୍ତ ।" (ମହାନ୍ତି, 'ଭାରତ ଆବିଷ୍କାର', ପୃ: ୫୯)

"ଜୀବନର ଅର୍ଥ ନାହିଁ - ଅଥଚ ଜୀବନର ଉଦ୍ଦେଶ୍ୟ ପାଇଁ ଯେତେକ ଟଣାଟଣି । ଯେତେକ ସ୍ଲୋଗାନ ।" (ମହାନ୍ତି, 'ସିଗାରେଟ୍', ପୃ: ୧୦୬)

"ଜୀବନଟା ଯେପରି ପ୍ରାଣହୀନ ମାର୍ବଲରେ ଖୋଳା ଗୋଟିଏ ଭୁବନ ବିମୋହିନୀ ରୂପସୀର ପ୍ରତିମୂର୍ତ୍ତି । ତାକୁ ଅନୁଭବ କରିହୁଏ, କିନ୍ତୁ ଉପଭୋଗ କରିହୁଏନାହିଁ । ତାର ରୂପକୁ କେବଳ ପାନ କରିହୁଏ, କିନ୍ତୁ ସେଥିରେ ତୃଷା ଶାନ୍ତ ହୁଏନାହିଁ ।" (ମହାନ୍ତି, 'ଡିନୋସାର୍‌ର ଆତ୍ମା', ପୃ: ୨୮୩)

"ଜୀବନର ବ୍ୟାଖ୍ୟା ଓ ସଂଜ୍ଞାଠାରୁ ବଞ୍ଚିବା ଏକ ବୃହତ୍ତର ସତ୍ୟ । ବ୍ୟାଖ୍ୟା ଓ ସଂଜ୍ଞାର ବାଦବିସମ୍ବାଦ ଭିତରେ ବଞ୍ଚିବାର ସରଳ ଆନନ୍ଦ ଯେଉଁମାନେ ବିସର୍ଜନ ଦିଅନ୍ତି, ସେମାନେ ନା ପାନ୍ତି ବଞ୍ଚିବାର ଆସ୍ୱାଦ, ନା ପାନ୍ତି ଜୀବନର ପରିଚୟ ।" (ମହାନ୍ତି, 'ଶାଳଭଞ୍ଜିକା', ପୃ: ୪୨୯)

"ଜୀବନ ଯେପରି ନିରୁତ୍ସବ ମାସ ଓ ବର୍ଷର ପୌନଃପୌନିକତା ମଧ୍ୟରେ କେବଳ ଗୋଟିଏ ବର୍ଣ୍ଣାଢ୍ୟ ମୁହୂର୍ତ୍ତ ମାତ୍ର ।" (ମହାନ୍ତି, 'ଆକାଶ ତଥାପି ସୁନୀଳ', ପୃ: ୩୦)

ଗାଳ୍ପିକ ସୁରେନ୍ଦ୍ରଙ୍କ ବିଭିନ୍ନ ସମୟ ଓ ପରିବେଶରେ ପ୍ରଦତ୍ତ ଜୀବନ ସଂପର୍କିତ ଏ ବ୍ୟାଖ୍ୟା ଲକ୍ଷ୍ୟକଲେ ଦେଖାଯାଏ, ଜୀବନର ଅଭାବବୋଧ, ତଥା ବାସ୍ତବ ରୁକ୍ଷ ଜୀବନ ପ୍ରତି ସେ ସଚେତନ । ତାଙ୍କ ଗଳ୍ପର ଅଧିକାଂଶ ଚରିତ୍ର ତେଣୁ ଜୀବନ ଅନୁସନ୍ଧିତ୍ସାରେ ବ୍ରତୀ । କାରଣ ଗାଳ୍ପିକଙ୍କ ମତରେ- ଜୀବନକୁ ବଡ଼ ବଡ଼ ଦାର୍ଶନିକମାନେ ଚିହ୍ନି ବି ଚିହ୍ନି ପାରିନାହାନ୍ତି । ସ୍ୱୟଂ ଗୌତମବୁଦ୍ଧ ଜୀବନକୁ ଚିହ୍ନିଲେ କି ନାହିଁ ସେଥିପ୍ରତି ସେ ସନ୍ଦିହାନ । ତେବେ ତାଙ୍କ ମତରେ ଜୀବନ ହେଉଛି ନିତ୍ୟ ନୂତନ ଅଭିଜ୍ଞତା, ନୂଆ ନୂଆ ଅନୁଭୂତି ଆହରଣ କରିବା ପାଇଁ ଗୋଟିଏ ସୁଯୋଗ, ଗୋଟିଏ ଅବକାଶ । (ମହାନ୍ତି, 'ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ', ସାକ୍ଷାତକାର, ପୃ: ୨୦୬)

**ମାନବତା ଓ ପଶୁତ୍ୱ :-** ମଣିଷର ପଶୁତ୍ୱ ସଂପର୍କରେ ବିଚାର କରିବାକୁ ଯାଇ ଗାଳ୍ପିକ ସୁରେନ୍ଦ୍ର 'ସତର ନମ୍ବର ୱାର୍ଡ' ଗଳ୍ପରେ ପରିବେଶ ଓ ପରିସ୍ଥିତି ଓ ସମୟର ପରିବର୍ତ୍ତନରେ ଜନ୍ଦାପିମ୍ପୁଡ଼ି ପରି ମଣିଷକୁ ଦଳିଦେଇ ହତ୍ୟା କରୁଥିବା ମଣିଷର ମଧ୍ୟ ହୃଦୟର ପରିବର୍ତ୍ତନ ଘଟେ ବୋଲି ପ୍ରକାଶ କରିଛନ୍ତି, ତେଣୁ କାରାଗାର ଭିତରେ ମଣିଷର ପଶୁତ୍ୱ ଦୂରୀଭୂତ ହୋଇ ଦେଖାଦେଇଛି ଆଉ ଗୋଟିଏ ସ୍ନେହ ସହାନୁଭୂତିଭରା ମଣିଷ । ତେଣୁ ମଣିଷର ସଂଜ୍ଞା ସଂପର୍କରେ ଅନୁସନ୍ଧିତ୍ସୁ ଗାଳ୍ପିକ ପରବର୍ତ୍ତୀ କାଳରେ ଲେଖିଛନ୍ତି - 'ମନୁଷ୍ୟ କେବଳ କଣ ଏକ ଜାନ୍ତବ କ୍ଷୁଧା, ମନୁଷ୍ୟ କଣ କେବଳ ଏକ ଅନ୍ନଲୋଭୀ ଦ୍ୱିପଦ ? ଜୀବନର ଚରମ ଓ ପରମ କ'ଣ କେବଳ ଏକ ତୁଚ୍ଛ କ୍ଷୁଧାର ପରିତୃପ୍ତି ପାଇଁ ବଞ୍ଚିବା ? ଉପନିଷଦ୍‌କାର ଋଷି ଓ

କାର୍ଲମାର୍କସଙ୍କ ଦାଢ଼ି ଏକାଠି ମିଶି ମୋର ଦୁର୍ବଳ କ୍ଳାନ୍ତ ଆଖିରେ ଦୃଷ୍ଟିକୁ ଯେପରି ଆଚ୍ଛନ୍ନ କରିଥିଲା ।'' (ମହାନ୍ତି, 'ସାମ୍ୟବାଦର ଶେଷ ଇସ୍ତାହାର', ପୃଃ ୨୦୫)

## ଆଧୁନିକ ବିଜ୍ଞାନ ଓ ମଣିଷର ସଂପର୍କ

ମନୁଷ୍ୟ ବ୍ୟକ୍ତିତ୍ୱର ବିକାଶ ପାଇଁ, ବିନାଶରେ ସାଧୀନତା ପାଇଁ ଓ ବଞ୍ଚିବାର ଦାସତ୍ୱର ଭାରଲଘୁ କରିବା ପାଇଁ ବିଜ୍ଞାନର ଉଦ୍‌ଭାବନ କରିଥିଲା । ମନୁଷ୍ୟ ପ୍ରକୃତିର ବିପୁଳ ଶକ୍ତିକୁ ବିଜୟ କରିବାକୁ ଚାହିଁଥିଲା ନିଜ ସାଧୀନତା ପାଇଁ । କିନ୍ତୁ ପରିଣତି ତାର ହୋଇଛି ପ୍ରହସନ । ମନୁଷ୍ୟ ଦାସତ୍ୱର ଶୃଙ୍ଖଳରେ ଆଉଥରେ ସୁଦୃଢ଼ ହୋଇ ଉଠିଛି । ଲକ୍ଷ ଲକ୍ଷ କୋଟି କୋଟି କ୍ରୀତଦାସ, ମୁଷ୍ଟିମେୟ କେତେ ଜଣ ଲୌହ ଦେବତାଙ୍କ ପୂଜାପାଠରେ ଅସ୍ଥି ଦେଇ, ମାଂସ ଦେଇ, ରକ୍ତ ଦେଇ ସଜାଡ଼ିଛନ୍ତି ପୂଜାର୍ଚ୍ଚନାର ଡାଲା । ଯେଉଁମାନଙ୍କ ମଧ୍ୟରେ ଜଗୁ ଓଝା ମଧ୍ୟ କରିଛି ଶେଷରେ ପ୍ରାଣପାତ । ମାତ୍ର ଗାଳ୍ପିକ ସୁରେନ୍ଦ୍ରଙ୍କ ଭାଷାରେ ଜଗୁର ମୃତ୍ୟୁ ଆଗାମୀ ଯୁଗର ନୂତନ ବିଜ୍ଞାନ ପାଇଁ ଏକ ଭୀରୁ ଦୁର୍ବଳ ଦାବି । ତାର ଅସହାୟ ! ଭାଷାହୀନ ମୂକ ଜୀବନର ଯେପରି କେବଳ ଗୋଟିଏ ଅନ୍ତିମ ଇଚ୍ଛା... ନୂତନ ବିଜ୍ଞାନ ଲୋଡ଼ା, ଯେଉଁ ବିଜ୍ଞାନରେ ଲୌହର ମୂଲ୍ୟ ହେବନାହିଁ ଜୀବନର ମୂଲ୍ୟଠାରୁ ବେଶୀ; ଯେଉଁ ବିଜ୍ଞାନ ମନୁଷ୍ୟକୁ ଦେବ ଜୀବନର ଆନନ୍ଦ ଓ ବଞ୍ଚିବାର ସାର୍ଥକତା । ସେ ବିଜ୍ଞାନ ଗଢ଼ିବ ନାହିଁ ଲୌହ ଦେବତା ପାଦତଳେ ଲକ୍ଷ ଲକ୍ଷ ମନୁଷ୍ୟର ବିସର୍ଜନ ପାଇଁ ନିଷ୍ପ୍ରାଣ ପୂଜାବେଦୀ । (ମହାନ୍ତି, 'କାଳୀମାଟି', ପୃଃ ୧୬୩)

## ମଣିଷର ଦାସତ୍ୱ

କ୍ରୀତଦାସର ପୃଥିବୀରେ ଜୀବନମାନେ ବଞ୍ଚିବା ନୁହେଁ, ଏକ ଅର୍ଥହୀନ ଜୀଇଁ ରହିବା କ୍ରୀତଦାସର ଏ ପୃଥିବୀ । ଏହାର ପ୍ରତ୍ୟେକ ଅଧିବାସୀର ଅସ୍ଥିମଜ୍ଜାରୁ ବଞ୍ଚିବାର ଆନନ୍ଦ ଶୋଷଣ କରିନେଇଛି ଦାସତ୍ୱ । ତେଣୁ ମଣିଷର ଜୀବନ ଆରମ୍ଭ ଠାରୁ ଶେଷ ପର୍ଯ୍ୟନ୍ତ ଏକ ବିରାଟ ଅତୃପ୍ତି । ଫଳରେ ମଣିଷ ମରିଯାଏ କୋଉଦିନ ନିଜର ଅଲକ୍ଷିତରେ,ତା'ପରେ ଯେଉଁ ଅବଶିଷ୍ଟ ଜୀବନ ପଡ଼ିରହେ, ସେ ଖାଲି କ୍ରୀତଦାସର ବୈଚିତ୍ର୍ୟହୀନ ବଞ୍ଚିବା । (ମହାନ୍ତି, 'କୃଷ୍ଣଚୂଡ଼ା', ପୃଃ ୨୧୩)

## ଯୁଦ୍ଧ ଓ ଶାନ୍ତି

ଶାନ୍ତିର ଅର୍ଥ ମିଥ୍ୟା ସହିତ ସାଲିସ, ଶୋଷଣ ସହିତ ବୁଝାମଣା, ଲୁଣ୍ଠନ ସହିତ ସହାବସ୍ଥାନ । (ମହାନ୍ତି, 'ଆକାଶ ତଥାପି ସୁନୀଳ', ପୃଃ ୩୭)

## ମଣିଷର ଅତୀତ ପ୍ରତି ମୋହ

ସୁରେନ୍ଦ୍ରଙ୍କ ଗଳ୍ପର ଅଧିକାଂଶ ଚରିତ୍ର ଅତୀତ ପ୍ରତି ଆସକ୍ତ ।

"ଆଃ ସେଦିନ ଥିଲା, ଶୁଭ୍ର ଆପଦର୍ଶହୀନ ଯୌବନର ରୂପପିପାସୀ, କାମନାର ମାଂସଳତା, କ୍ଷୁଧାରେ ତାହାକୁ ସେଦିନ ଜାନ୍ତବ କରି ଦେଇ ନଥିଲା ।" (ମହାନ୍ତି, 'ନିଃସଙ୍ଗ ଆକାଶ', ପୃଃ ୫୯)

ଆମେ ଅତୀତକୁ ଶ୍ରଦ୍ଧା କରୁ, ଆମର ଶୈଶବ ପରି - କାରଣ ତାହା ଆଉ ଫେରିବାର ନୁହେଁ ।

ତା'ର ନେପଥ୍ୟରେ ଥାଇପାରେ, ବହୁ ଲହୁ ଆଉ ଲୁହ ମାତ୍ର ବର୍ତ୍ତମାନରେ ସେ ସବୁ ପରିଣତ ହୋଇଛି ସୌନ୍ଦର୍ଯ୍ୟରେ । (ମହାନ୍ତି, 'ଏକ ଆତ୍ମହତ୍ୟାର କାହାଣୀ', ପୃ: ୪୧)

**ବର୍ତ୍ତମାନଠାରୁ ପଳାୟନ ଚିନ୍ତାଧାରା**

ମୁଁ ଚାହୁଁଥିଲି, ନିଜଠାରୁ ପଳାୟନ କରିବା ପାଇଁ ନିଜଠାରୁ ଆତ୍ମଗୋପନ କରିବା ପାଇଁ - ମୁଁ ଅନ୍ୱେଷଣ କରୁଥିଲି ଏପରି ଏକ ସ୍ଥାନ, ଏପରି ଏକ ଛାୟାଚ୍ଛନ୍ନ ହ୍ରଦର ନିଥର ଜଳରାଶି । ଯାହାର ଅତଳ ଗଭୀରତା ମଧ୍ୟରେ ମୁଁ ଖଣ୍ଡେ ଉପଳ ପରି ନିକ୍ଷିପ୍ତ ହୋଇଯିବ । (ମହାନ୍ତି, 'ନିଃସଙ୍ଗ ଆକାଶ', ପୃ: ୬୩)

ନିଃସଙ୍ଗ ଆକାଶର ମଣ୍ଟୁ ଚରିତ୍ରର ଏ ଭାବନା କାକ୍‌ଟସ୍, ଅତୀତ ବର୍ତ୍ତମାନ କାଳ, ନିଜଜ୍ୟୋସ୍ନା ଆଦି ବହୁଗଳ୍ପରେ ଦେଖାଯାଏ ।

**ମଣିଷର ଆତ୍ମବିଶ୍ୱାସ**

"ମୋରେଲ୍... ଆତ୍ମ ବିଶ୍ୱାସ ଜୀବନରେ ସବୁଠାରୁ ଶ୍ରେଷ୍ଠ ଶକ୍ତି ଓ ସମ୍ବଳ ! ଜୀବନ ଯୁଦ୍ଧରେ ଯେଉଁମାନେ ଶସ୍ତ୍ରାହତ, ଯେଉଁମାନଙ୍କର ତୂଣୀର ଶୂନ୍ୟ, ଯେଉଁମାନଙ୍କର ରଥଚକ୍ର କକ୍ଷଚ୍ୟୁତ ଏ ଆତ୍ମବିଶ୍ୱାସ ତ ସେମାନଙ୍କର ଏକମାତ୍ର ଶିବଧନୁ । ଚର୍ଚ୍ଚିଲ ଦ୍ୱିତୀୟ ବିଶ୍ୱଯୁଦ୍ଧ ଜିଣିଲେ ଏହି ଅସ୍ତ୍ରରେ, ଆଉ ଜୀବନ ସଂଗ୍ରାମ ତ ସେ ମହାଯୁଦ୍ଧର ଏକ କ୍ଷୁଦ୍ର ସୀମାନ୍ତ ମାତ୍ର ।" (ମହାନ୍ତି, 'ନଯୁକ୍ତିପତ୍ର', ପୃ: ୪୬)

**ଜୀବନରେ ପାଇ ହରାଇବାର ବେଦନା**

'ଲବଣର ସ୍ୱାଦ'ର ମଣ୍ଟୁ, ତଥା 'ଶୂନ୍ୟ ପଞ୍ଜିରୀ'ର କଇଁଆ - ଉଭୟେ ବଣିଚଢ଼େଇର ପ୍ରତୀକ ମାଧ୍ୟମରେ ପାଇ ହରାଇବାର ବେଦନା ଯାହା ଉପଲବ୍ଧି କରିଥିଲେ । ଗାଳ୍ପିକଙ୍କ ଅଧିକାଂଶ ଗଳ୍ପରେ ସେଇ ପାଇ ହରାଇବାର ବେଦନା ମର୍ମବାଣୀ ରୂପେ ଗ୍ରହଣ କରାଯାଇଛି ।

**ଆଜିର ମଣିଷ**

ମଣିଷ ଜୀବନ ଅପେକ୍ଷା ସବୁ ଜିନିଷର ଦର ବଢ଼ିଛି ଆଜି । (ମହାନ୍ତି, 'କାଠଘୋଡ଼ା', ପୃ: ୫୧)

"ଏଇ ହିଂସ୍ରତା ଆଉ ଧ୍ୱଂସ ମଧ୍ୟରେ ଅଛି ଯେପରି ଆଜିର ଶୂନ୍ୟଗର୍ଭ, ବ୍ୟର୍ଥ, ବଞ୍ଚିତ ଜୀବନରେ ବଞ୍ଚିବାର ଏକମାତ୍ର ଚରିତାର୍ଥତା ନୋହିଲେ ସମସ୍ତେ ତ ଆଜି ଏଷ୍ଟାବ୍ଲିସ୍‌ମେଣ୍ଟର ଚେନ୍‌ବନ୍ଧା କୁକୁର ।" (ମହାନ୍ତି,'ଓଃ କାଲ୍‌କାଟା', ପୃ: ୬)

ଉପଯୁକ୍ତ ପଂକ୍ତିରେ ଗାଳ୍ପିକ ସୁରେନ୍ଦ୍ର ଆଧୁନିକ ସମାଜରେ ମଣିଷର ତୁଚ୍ଛତା ସହିତ ଆଣବିକ ଆବିଷ୍କାର ଓ ବିକାଶ ଫଳରେ ଧ୍ୱଂସଗାମୀ ମଣିଷ ସମାଜର ଜୀବନର ଶୂନ୍ୟତା ଓ ଗତାନୁଗତିକତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

**ଜୀବନ ପ୍ରତି ପ୍ରବଳ ଆକର୍ଷଣ**

ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକ ଲକ୍ଷ୍ୟକଲେ ଏହା ମଧ୍ୟରେ ଗାଳ୍ପିକଙ୍କ ଜୀବନ ପ୍ରତି ପ୍ରବଳ ଆକର୍ଷଣ ରହିଥିବା ଜଣାଯାଏ । ତାଙ୍କରି ଭାଷାରେ ଜୀବନ ମନବୋଧ ଚଉତିଶା ନୁହେଁ - ମରୀଚିକା ପଛରେ ଆଖୁଗଣ୍ଠି ଛିଣ୍ଡାଇ ଧାଇଁବା ହିଁ ଜୀବନ । ଛଅଖଣ୍ଡ କାଠ ମଣିଷର ପ୍ରୟୋଜନ ହୋଇପାରେ କିନ୍ତୁ ସେଥିପାଇଁ ମଣିଷର

ଛଅଟା ସାମ୍ରାଜ୍ୟ ଅବଶ୍ୟକ । ତେଣୁ ସେ ମଣିଷ ସମାଜକୁ ଆହ୍ୱାନ ଦେଇ କହିଛନ୍ତି - "ଛଅଖଣ୍ଡ କାଠକୁ ଦେଖନାହିଁରେ, ଦେଖ ସେଥିପାଇଁ ସଂଗ୍ରାମକୁ କାଠ ସତ୍ୟ ନୁହେଁ କି ସଂଗ୍ରାମ ବି ସତ୍ୟ ନୁହେଁ । ସତ୍ୟ ହେଉଛି ଜୀବନ । ସେଥିପାଇଁ ସେ ଅଦ୍ୱୈତରେ ଆନନ୍ଦ ଓ ଦ୍ୱୈତରେ ଦୁଃଖ ଓ ବେଦନାର ସଂଧାନ କରିଥିଲେ ହେଁ, ଜୀବନରେ ମୋକ୍ଷ ଚାହିଁ ନାହାନ୍ତି । ସେ ଚାହିଁଛନ୍ତି ଜୀବନ, ବାରମ୍ବାର ତେଣୁ ମରଣଶୀଳ ପୃଥିବୀକୁ ସେ ଭଲ ପାଇଛନ୍ତି । (ମହାନ୍ତି,'ବାସଂସୀ ଜୀର୍ଣ୍ଣାନୀ', ପୃ: ୨୯-୩୨) ତେଣୁ ସେ ମୋକ୍ଷ ଅପେକ୍ଷା ମହତ୍ତର ଜୀବନର ପକ୍ଷପାତୀ ଫଳରେ ଜୀବନର ନିର୍ବାପନ ନୁହେଁ ମୋକ୍ଷ ହେଉଛି ଜୀବନର ପରିପୂର୍ଣ୍ଣତା । ସେଇ ପରିପୂର୍ଣ୍ଣତା ପାଇଁ ସାଧନାର ଯେଉଁ ଉତ୍ତରଣ ହୁଏ, ତାକୁ ସେ ମୋକ୍ଷ ରୂପେ ଗ୍ରହଣ କରିଛନ୍ତି । (ମହାନ୍ତି, 'ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ', ସାକ୍ଷାତକାର, ପୃ : ୧୦୬) ଏହି ସଂସାର ପ୍ରତି ଆସକ୍ତି ଓ ଅନାସକ୍ତିର ଦ୍ୱନ୍ଦ୍ୱ 'ଆନନ୍ଦଭୈରବୀ' ଗଳ୍ପରେ ଅଧିକ ତୀବ୍ର ତଥା ସୁରେନ୍ଦ୍ରଙ୍କ ଗଳ୍ପର ବିଭିନ୍ନ ଚରିତ୍ର ଜୀବନର ବିପୁଳତା ପ୍ରତି ପ୍ରବଳ ଆକର୍ଷଣ ଅନୁଭବ କରିଛନ୍ତି ।

## ଆଧ୍ୟାତ୍ମିକ ଚେତନା

ସୁରେନ୍ଦ୍ରଙ୍କ ଗଳ୍ପର ଆଧ୍ୟାତ୍ମିକ ଚେତନାର ଆଲୋଚନା ପ୍ରସଙ୍ଗରେ ମୃତ୍ୟୁଚେତନା, ମଣିଷ ମନର ଆସ୍ଥା ଓ ଅନାସ୍ଥାବାଦ ତଥା ଗଳ୍ପରେ ଚିତ୍ରିତ ବିଭିନ୍ନ ଆଧ୍ୟାତ୍ମିକ ତତ୍ତ୍ୱ ବର୍ଣ୍ଣନାର ପରାକାଷ୍ଠା ଏହି ପର୍ଯ୍ୟାୟରେ ଆଲୋଚନା କରାଯାଇଅଛି ।

## ମୃତ୍ୟୁ ଚେତନା

ଭାରତୀୟ ଦର୍ଶନରେ ପ୍ରାଚୀନକାଳର ଦାର୍ଶନିକ କବି ଲେଖକଠାରୁ ଆରମ୍ଭ କରି ଆଧୁନିକ କାଳର କବି ଲେଖକ ପର୍ଯ୍ୟନ୍ତ ମୃତ୍ୟୁ ଚେତନା ପ୍ରତି ସଚେତନ "ମୃତ୍ୟୋ ମାଂ ଅମୃତଗମୟ" ବା 'କରିଅଛି ମରଣକୁ ଅମୃତ ସୋପାନ' ଚିନ୍ତାଧାରାରେ ଆର୍ଯ୍ୟଋଷି ବା ଓଡ଼ିଆ କବି ମଧୁସୂଦନ ରାଓ ମୃତ୍ୟୁକୁ ଭୟ କରିନାହାନ୍ତି ; ବରଂ ମୃତ୍ୟୁ ହିଁ ଅନିବାର୍ଯ୍ୟ, ତଥା ମୃତ୍ୟୁରେ ହିଁ ଜୀବନର ଅନ୍ତଃ ସୌନ୍ଦର୍ଯ୍ୟ ନିହିତ ଏକଥା ପ୍ରତିପାଦନ କରିଛନ୍ତି । ଜୀବନରେ ମୃତ୍ୟୁର ଏହି ସାଧାରଣ ସତ୍ୟକୁ ବର୍ଣ୍ଣନା କରିବାକୁ ଯାଇ ଗାଳ୍ପିକ ସୁରେନ୍ଦ୍ର ଲେଖିଛନ୍ତି ଯେ, "ଜୀବନନଦୀ ଏହିପରି କେଉଁ ଅନ୍ଧକାର ଗହ୍ୱର ଭିତରୁ ବାହାରି, ବକ୍ଷିବାର ବହୁ ପାଷାଣ ଶିଳାରେ ବ୍ୟଥିତ ହୋଇ ବହୁ ବିଚିତ୍ର ଇନ୍ଦ୍ରଧନୁର ସପ୍ତବର୍ଣ୍ଣୀ ଆଲୋକରେ ବିଚିତ୍ରିତ ହୋଇ, ନିଶ୍ଚିତ ମୃତ୍ୟୁର ଛାୟାତଳେ କେଉଁ ଅନିଶ୍ଚିତ ଅନ୍ଧକାର ପରିଣତି ଆଡ଼େ କେଉଁ ଅନନ୍ତ କାଳରୁ ବହି ଯାଉଅଛି ।(ମହାନ୍ତି, 'ଆନନ୍ଦ ଭୈରବୀ', ପୃ: ୧୩୫) ଜୀବନର ଆରମ୍ଭ ହେଲେ ମୃତ୍ୟୁ ଯେ ଅବଶ୍ୟମ୍ଭାବୀ ଏହି ଚେତନା ଏଠାରେ ଦେଖିବାକୁ ମିଳେ । ଫଳରେ 'ନିଃସଙ୍ଗ ଆକାଶ'ର ମଣ୍ଟୁ ପାଖରେ 'ସିଗ୍ନାଲ ପୋଷ୍ଟ'ର କୈଶୋରର ମହିମା, 'ଆବିଷ୍କାର'ର ନିଶା ପରିବର୍ତ୍ତିତ ସମୟରେ ପରିଣତ ବୟସରେ ଯାତ୍ରା ଶେଷର ନିର୍ଦ୍ଦେଶକ ଭାବେ ମାତ୍ର ଦେଖାଦେଇଛି । ପରିଣତ ବୟସର ମଣ୍ଟୁ ଜାଣିପାରିଛି ସବୁରାସ୍ତାର ଶେଷ କେଉଁଠି । ତାର ସବୁ କୌତୂହଳର ସମାଧାନ ହୋଇଯାଇଛି । (ମହାନ୍ତି, 'ନିଃସଙ୍ଗ ଆକାଶ', ପୃ: ୬୧) ତେଣୁ 'ବୃତ୍ତ ଓ କେନ୍ଦ୍ରହୀନ'ର ପାଗଳ ଚରିତ୍ର ମାଧମରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି କହନ୍ତି, "ଜୀବନର ସାଧନା ମୃତ୍ୟୁ ଭିତରେ, ସିଂହାସନ ଆଉ କାରାଗାର ଗୋଟିଏ ମୁଦ୍ରାର ଦୁଇଟି ପାଖ । ମୁକୁଟ

ଆଉ ହାତକଡ଼ି ସବୁ ଏକ।" (ମହାନ୍ତି, 'ବୃତ୍ତ ଓ କେନ୍ଦ୍ରହୀନ', ପୃ: ୧୧୫) ତେଣୁ ମୃତ୍ୟୁ ହିଁ ଜୀବନର ଯଥାର୍ଥ ପରିଚୟ। ବଞ୍ଚିବାର ରୁକ୍ଷ ଧୂଳି ଶଯ୍ୟାରେ ଜୀବନର ମଳିନ ଓ ନିଷ୍ପ୍ରଭ ସ୍ୱର୍ଣ୍ଣରେଖା, ମରଣର କଷଟୀରେ କିନ୍ତୁ ଅମରଧାମର ଦ୍ୟୁତି ଉଦ୍ଭାସିତ ହୋଇଥାଏ। ଜୀବନର ରାଜପଥରେ ଯେଉଁମାନେ କ୍ଲାନ୍ତ, ଅନାଦୃତ ଓ ଅପମାନିତ ହୋଇ ପଛରେ ପଡ଼ିଯାନ୍ତି, ହଜିଯାନ୍ତି, ଲୁଚିଯାନ୍ତି, ମରଣ ସେମାନଙ୍କ ପାଇଁ ଖୋଲିଦିଏ ଅମରତ୍ୱର ସ୍ୱର୍ଣ୍ଣ ସିଂହଦ୍ୱାର। (ମହାନ୍ତି, 'ଜୀଅନ୍ତା ଭୂତ', ପୃ: ୯୬) ତେଣୁ ଗାଳ୍ପିକ ସୁରେନ୍ଦ୍ରଙ୍କ ମତରେ ମୃତ୍ୟୁ ଅଦ୍ଭୁତ। ମୃତ୍ୟୁର ନିଷ୍କରୁଣ କଷଟି ପଥରରେ କିନ୍ତୁ ଜୀବନର ସ୍ୱର୍ଣ୍ଣଦ୍ୟୁତି ଫୁଟିଯାଏ। ମୃତ୍ୟୁ ତେଣୁ ଜୀବନର ଚରମ ସାର୍ଥକତା। (ମହାନ୍ତି,'ବାସିମଡ଼ା', ପୃ: ୫୨୭) ମୃତ୍ୟୁ ସଂପର୍କିତ ଚିନ୍ତାଧାରା ଗାଳ୍ପିକ ସୁରେନ୍ଦ୍ରଙ୍କର ପରିଣତ ଜୀବନର ଗଳ୍ପଗୁଡ଼ିକରେ ଲକ୍ଷ୍ୟ କରାଯାଇଥାଏ। ପାଶ୍ଚାତ୍ତ୍ୟ ଦର୍ଶନରେ ଅନୁପ୍ରାଣିତ ହୋଇ ସେ ମୃତ୍ୟୁ ଚିନ୍ତାରେ ନିଜକୁ ଅସହାୟ ମନେ କରିନାହାନ୍ତି । ଭାରତୀୟ ଦର୍ଶନରେ ଉଦ୍‌ବୁଦ୍ଧ ଗାଳ୍ପିକ ସୁରେନ୍ଦ୍ରଙ୍କ ମୃତ୍ୟୁ ଚେତନା ସମ୍ଭାବନାପୂର୍ଣ୍ଣ; ଏହା ହିଁ ତାଙ୍କର ବୈଶିଷ୍ଟ୍ୟ।

### ମଣିଷ ମନର ଅବିଶ୍ୱାସ ଓ ଈଶ୍ୱର ବିଶ୍ୱାସ

ମଣିଷର ଆଧ୍ୟାତ୍ମିକ ତତ୍ତ୍ୱ ତଥା ଈଶ୍ୱରପ୍ରତି ଅବିଶ୍ୱାସ ମନୋଭାବ ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ଯାଇ 'ମହାନିର୍ବାଣ' ଗଳ୍ପରେ ନୀଳୋତ୍ପଳ ମାଧ୍ୟମରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ନିର୍ବାଣ ଲାଭକୁ ଆହ୍ୱାନ କରି କହିଛନ୍ତି ଯେ ମଣିଷର ଜୀବନର ମୀମାଂସା ଯଦି ଅସ୍ଥିହୁଏ, ତା'ହେଲେ ଅସ୍ଥିର ପୁନର୍ଜନ୍ମ ନାହିଁ, ପୁନରାଗମନ ନାହିଁ, ରୂପତୃଷ୍ଣାର ବେଦନା ନାହିଁ, ଅତୃପ୍ତି ନାହିଁ, ଦୁଃଖ ନାହିଁ - ତେବେ ନିର୍ବାଣର ଆବଶ୍ୟକତା କେଉଁଠି ? (ମହାନ୍ତି ସୁରେନ୍ଦ୍ର, ମହାନିର୍ବାଣ, 'ମହାନିର୍ବାଣ', ପୃଷ୍ଠା : ୧୫) ଏହି ଚିନ୍ତାଧାରାରେ ମଣିଷର ଈଶ୍ୱରସ୍ଥିତିରେ ଅବିଶ୍ୱାସର ଚିତ୍ର ଦେଇଛନ୍ତି। ପରବର୍ତ୍ତୀ କାଳର ଗଳ୍ପ 'ମୁହୂର୍ତ୍ତ'ରେ ମଣିଷର ମୁହୂର୍ତ୍ତଧର୍ମିତାକୁ ଲକ୍ଷ୍ୟକରି ଗାଳ୍ପିକ ଆଗାମୀ ଭବିଷ୍ୟତ ଉପରେ ମଧ୍ୟ ଆସ୍ଥା ରଖିପାରି ନାହାନ୍ତି। ଫଳରେ ମଣିଷର ଅଣନିଶ୍ୱାସୀ ଜୀବନଚିତ୍ର ଏହି ଗଳ୍ପରେ ଚିତ୍ରିତ। (ମହାନ୍ତି, 'ମୁହୂର୍ତ୍ତ', ପୃ: ୧୫୯)

ମଣିଷର ନିଃସଙ୍ଗତାର ଆଲୋଚନା ପର୍ଯ୍ୟାୟରେ କୁହାଯାଇଛି, ମାନସିକ ସ୍ତରରେ ମଣିଷ ଯେତେବେଳେ ଅସହାୟତା ଅନୁଭବ କରେ ସେତେବେଳେ ତା' ମନରେ ଈଶ୍ୱର ବିଶ୍ୱାସ ଓ ଭାଗ୍ୟବାଦର ଉଦ୍ରେକ ହୋଇଥାଏ । ତେଣୁ 'ମୃତ୍ୟୁ ଗାଷ୍ଟ୍ରୋଏଣ୍ଟ୍ରାଇଟିସ୍' ଗଳ୍ପରେ କେଳୁଚରଣ କହିଛି - ଯିଏ ଜନ୍ମ ଦେଇଛି, ସେ ନିଶ୍ଚୟ କେଉଁଠି ବ୍ୟବସ୍ଥା ରଖିଥିବ। ଏ କଙ୍କାଳମାନଙ୍କ ସହିତ ଝଗଡ଼ା କରି ଲାଭ କଣ ? (ମହାନ୍ତି, 'ମୃତ୍ୟୁ ଗାଷ୍ଟ୍ରୋଏଣ୍ଟ୍ରାଇଟିସ୍', ପୃ: ୮୦) 'ମରୁଡ଼ି', 'ସାଇକଲଚୋର', ଆଦି ବହୁଗଳ୍ପରେ ମଣିଷ ଶେଷରେ ଭାଗ୍ୟବାଦୀ ତଥା ଈଶ୍ୱର ବିଶ୍ୱାସୀ ହୋଇଥିବା ଲକ୍ଷ୍ୟ କରାଯାଏ । ତେଣୁ 'ଅମୃତ' ଗଳ୍ପରେ ମଣିଷ ନିଜର ସର୍ବସ୍ୱ ଅର୍ପଣ କରିଦେବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ଗଳ୍ପରେ ବିଶ୍ୱାସ ହିଁ ଭଗବଦ୍ ପ୍ରାପ୍ତିର ମୂଳତତ୍ତ୍ୱ - ଏହା ଉପରେ ଗାଳ୍ପିକ ଗୁରୁତ୍ୱ ପ୍ରଦାନ କରିଛନ୍ତି।

### ସୁରେନ୍ଦ୍ରଙ୍କ ଗଳ୍ପରେ ବିଭିନ୍ନ ଆଧ୍ୟାତ୍ମିକ ତତ୍ତ୍ୱର ଚିତ୍ର

ଭାରତୀୟ ଦର୍ଶନ ତତ୍ତ୍ୱର ବର୍ଣ୍ଣନାଗୁଡ଼ିକ ଅନୁଧ୍ୟାନ କଲେ ଓଡ଼ିଶୀ ଓ ଗୌଡ଼ୀୟ ବୈଷ୍ଣବ ଧର୍ମର ସଂଘର୍ଷର ଚିତ୍ର "ମରାଳର ମୃତ୍ୟୁ" ଓ "କବି" ଗଳ୍ପରେ ଦେଖିବାକୁ ମିଳିଥାଏ। ଶୁଦ୍ଧ ଭକ୍ତିମାର୍ଗର ସାଧକମାନେ

ନୈତିକ ପ୍ରେମର ଉଦ୍‌ଗମନ ଦ୍ୱାରା ଭଗବଦ୍ ସତ୍ତାର ସାମୀପ୍ୟ ଓ ସାଯୁଜ୍ୟ ଏପରିକି ସାରୂପ୍ୟ ମୁକ୍ତିଲାଭ କରିବାରେ ସମର୍ଥ ଥିଲେ । କିନ୍ତୁ ସମାଜରେ ଅଧିକାଂଶଙ୍କ ପାଇଁ ଶୁଦ୍ଧା ଭକ୍ତି ନାମରେ ଏ ପ୍ରମତ୍ତତା, ନିଜର ଅନର୍ଗଳ ପ୍ରବୃତ୍ତିର ଚରିତାର୍ଥତା ପାଇଁ ଏକ ଆଧ୍ୟାତ୍ମିକ ପୃଷ୍ଠଭୂମି ଓ ଯଥାର୍ଥତା ସୃଷ୍ଟି କରିଥିଲା । ବୌଦ୍ଧ ତାନ୍ତ୍ରିକଙ୍କ ଭ୍ରଷ୍ଟାଚାରରେ ଅନ୍ତତଃ ଆବୁ ଥିଲା । ସେମାନଙ୍କ ଗୁହ୍ୟକ ପୂଜାରେ କାମାର୍ଚ୍ଚନା ଲୋକଲୋଚନର ଅନ୍ତରାଳରେ ଅତ୍ୟନ୍ତ ଗୋପନରେ ହେଉଥିଲା । ମାତ୍ର ଶୁଦ୍ଧା ଭକ୍ତି ନାମରେ ସେ କଳଙ୍କ ଶିଷ୍ଟ ଓ ବିଶିଷ୍ଟ ସମାଜରେ ଆଧ୍ୟାତ୍ମିକ ଅଭିପ୍ସା ଓ ସାଧନାର ପ୍ରତିଷ୍ଠା ଲାଭ କରି ବସିଲା । ବିଶେଷତଃ ପ୍ରତାପରୁଦ୍ରଙ୍କ ସମୟରେ ଏହା *ରାଜଧର୍ମରେ ପରିଣତ ହେବା ପରେ ଓଡ଼ିଶାର ପାରମ୍ପରିକ ଯୋଗ ଓ ଜ୍ଞାନମାର୍ଗର ସାଧକମାନଙ୍କୁ କମ୍ ନିର୍ଯାତନା* ଓ ଦୁର୍ଭୋଗ ସହିବାକୁ ପଡ଼ିନଥିଲା । ଶ୍ରୀକୃଷ୍ଣ ବିଷ୍ଣୁଙ୍କର ପରିପୂର୍ଣ୍ଣ ଅବତାର ପୁଣି ଶ୍ରୀକୃଷ୍ଣଙ୍କର ନିତ୍ୟରାସସ୍ଥଳୀ ବୃନ୍ଦାବନ, ପୁରୀ ଶ୍ରୀକ୍ଷେତ୍ରର ଉର୍ଦ୍ଧ୍ୱରେ ଓ ଜଗନ୍ନାଥ ଶ୍ରୀକୃଷ୍ଣଙ୍କ ଏକ କଳାମାତ୍ର, ତତ୍ତ୍ୱକୁ ନିଜର ସ୍ୱାଧୀନ ବିଚାର ବଳରେ ଯେଉଁମାନେ ସ୍ୱୀକାର କରି ପାରିଲେ ନାହିଁ ସେମାନଙ୍କୁ କମ୍ ମୂଲ୍ୟ ଦେବାକୁ ପଡ଼ିନଥିଲା । ଆଧ୍ୟାତ୍ମିକ ସାଧନାର ପ୍ରାଣକେନ୍ଦ୍ର ପୁରୀ ଶ୍ରୀକ୍ଷେତ୍ରରୁ ସେମାନେ ରାଜଦଣ୍ଡ ଭୟରେ ବିତାଡ଼ିତ ହୋଇ ପ୍ରାଚୀ ଠାରୁ ବୈତରଣୀ ନଦୀ ମଧ୍ୟବର୍ତ୍ତୀ ଭୂମିରେ ଆତ୍ମଗୋପନ କରି ରହିଥିଲେ । (ମହାନ୍ତି, 'ମରାଳର ମୃତ୍ୟୁ', ପୃ: ୭) ଏହି ଆଧ୍ୟାତ୍ମିକ ସଂଘର୍ଷର ଚିତ୍ର 'କବି' ଗଳ୍ପରେ ମଧ୍ୟ ଦେଖିବାକୁ ମିଳିଥାଏ । ତଥା ପ୍ରେମଭକ୍ତିର ବନ୍ୟା ଓଡ଼ିଶାରେ କିଭଳି ସାଧାରଣ ଜନତା ଠାରୁ ସମ୍ଭ୍ରାନ୍ତ ଗୋଷ୍ଠୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା, ତାର ଚିତ୍ର ଗାଳ୍ପିକ ସୁରେନ୍ଦ୍ର 'ସନ୍ଧି ଓ ସର୍ତ୍ତ' ଗଳ୍ପରେ ପ୍ରଦାନ କରିଛନ୍ତି । (ମହାନ୍ତି, 'ସନ୍ଧି ଓ ସର୍ତ୍ତ', ପୃ: ୧୨୮-୧୨୯)

## ଯୋଗମାର୍ଗ

ଗାଳ୍ପିକ ସୁରେନ୍ଦ୍ର ସିଦ୍ଧ ନିରଞ୍ଜନଙ୍କ ମାଧ୍ୟମରେ ଯୋଗମାର୍ଗର ଅତି ସରଳ ଓ ସୁନ୍ଦର ବ୍ୟାଖ୍ୟା କରିଛନ୍ତି । ସିଦ୍ଧ ନିରଞ୍ଜନ କହୁଥିଲେ କାଠରେ ନିଆଁପରି, ତମରି ପାଖରେ ବିଶ୍ୱଶକ୍ତି, ତମରି ପିଣ୍ଡରେ ରହିଛି । ନିଜକୁ ଚିହ୍ନିଶିଖ । ତାହେଲେ ସବୁ ଅସାଧ୍ୟ ସାଧନ କରିପାରିବ । ପୁଣି ସେ କହୁଥିଲେ- "ପାଞ୍ଚମନ, ପାଞ୍ଚ ଇନ୍ଦ୍ରିୟ ମେଳି ଏଇ ଠିଆ ହୋଇଛି ପଞ୍ଚଶାଖୀ ବଟ, ପଚିଶ ପ୍ରକୃତି ପରି ଓହଳ ସବୁ ଝୁଲି ମାଟି ଛୁଇଁଛି, ଶାଖା ଦୋହଲୁଛି, ପବନରେ ପତ୍ର ହଲୁଛି, ଓହଳ ଝୁଲୁଛି, ପତ୍ର ଝଡୁଛି, ପୁଣି ନୂଆ ପତ୍ର କଅଁଳୁଛି... ଏସବୁ ମଝିରେ ପାଞ୍ଚମନ ପଚିଶ ପ୍ରକୃତି ବୁଦ୍ଧି ପଞ୍ଚଶାଖୀବଟ ଠିଆ ହୋଇଛି ନିର୍ଲିପ୍ତ ଯୋଗୀ ପରି । ଉଦ୍ଧବଙ୍କର ଚଉଷଠି ଗୁରୁଥିଲେ । ଏଇବଟ ମୋର ଏକମାତ୍ର ଗୁରୁ- ଆହୁରି ପୁଣି ଦେଖ । ବଟ ଶାଖାର ପତ୍ର ଉହାଡ଼ରେ ବସି ଗୋଟିଏ ପକ୍ଷୀ ଫଳ ଖାଉଛି । ଆଉ ଗୋଟିଏ ପକ୍ଷୀ ତା ଆଡ଼େ କେବଳ ଅନାଇଁ ରହିଛି । ଏଇ ପିଣ୍ଡ ବ୍ରହ୍ମାଣ୍ଡ, ଏଇ ବିନ୍ଦୁ ସିନ୍ଧୁ, ଏଇ ବଟରୁ ବିଶ୍ୱ ।" (ମହାନ୍ତି, 'ମରାଳର ମୃତ୍ୟୁ', ପୃ: ୮-୯) ଗାଳ୍ପିକ ସୁରେନ୍ଦ୍ରଙ୍କ ଏ ବର୍ଣ୍ଣନାକୁ ଲକ୍ଷ୍ୟ କଲେ, ଯୋଗସଧନା ତଥା ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ସମ୍ପର୍କରେ ସେ ସମ୍ପୂର୍ଣ୍ଣ ସଚେତନ ଏକଥା ସ୍ୱୀକାର କରିବାକୁ ପଡ଼ିବ ।

## ଭଗବଦ୍ ଗୀତାର ବିଭିନ୍ନ ତତ୍ତ୍ୱ

କୁରୁକ୍ଷେତ୍ର ଯୁଦ୍ଧ ଶେଷରେ କାତର ଧୃତରାଷ୍ଟ୍ରଙ୍କୁ ବିଦୁର ସାନ୍ତ୍ୱନା ଜଣାଇ କହିଛନ୍ତି ଯେ, 'କର୍ମଫଳର ଅଲଂଘନୀୟ ପରିଣତି ରୂପେ ଏହାକୁ ଗ୍ରହଣ କରି ଶୋକ ସମ୍ବରଣ କରନ୍ତୁ ମହାରାଜ ଶାନ୍ତି ଲାଭ କରିବେ ; ଭକ୍ତି

ମଧ୍ୟରେ ଗୀତାର କର୍ମଫଳ ଭୋଗର ସୂଚନା ଦେଖିବାକୁ ମିଳିଥାଏ ।' (ମହାନ୍ତି, 'ଶ୍ରୀକୃଷ୍ଣଙ୍କ ଶେଷ ହସ', ପୃ: ୯୨) 'ଯଦୁବଂଶ' ଗଳ୍ପରେ ପ୍ରଦ୍ୟୁମ୍ନର ଶିରଛେଦ ପରେ ଶ୍ରୀକୃଷ୍ଣଙ୍କ ସୁଦର୍ଶନ ପ୍ରତି ଉକ୍ତିରେ ମଧ୍ୟ କର୍ମଫଳ ଭୋଗର ସୂଚନା ଦେଖିବାକୁ ମିଳିଥାଏ । (ମହାନ୍ତି, 'ଯଦୁବଂଶ', ପୃ: ୯୮) ଏତଦ୍‌ଭିନ୍ନ ଶ୍ରୀକୃଷ୍ଣଙ୍କ ଅକ୍ରୁରକୁ "ସୃଷ୍ଟିରେ ପାପ ନାହିଁ କିମ୍ବା ପୁଣ୍ୟ ନାହିଁ । ସତ୍ତ୍ୱ ରଜ ତମ-ସବୁ ପ୍ରବୃତ୍ତି ପ୍ରକୃତି ସଂଜାତ । ଯିଏ ତ୍ରିଗୁଣାତୀତ ସେଇ ହିଁ ମୋର ପ୍ରିୟ ।" ତଥା ଯିଏ ଭଗବାନଙ୍କୁ ଏକାନ୍ତ ଭାବରେ ଆଶ୍ରୟ କରେ, ସେ ତାଙ୍କୁ ଦୁସ୍ତର ମାୟା ପାରାବାର ମଧ୍ୟରୁ ଉଦ୍ଧାର କରନ୍ତି, ଆଦି ଉକ୍ତି ମାଧ୍ୟମରେ ଗୀତାର ଗୂଢ଼ ମତବାଦକୁ ସରଳ ଭାବରେ ଗାଳ୍ପିକ ପ୍ରକାଶ କରିଛନ୍ତି ।(ମହାନ୍ତି, ପୂର୍ବୋକ୍ତ, ପୃ: ୪)

**ମୂର୍ତ୍ତିପୂଜା**

ଦୁର୍ଗାପୂଜା ସମ୍ପର୍କରେ ଗାଳ୍ପିକ ସୁରେନ୍ଦ୍ର "ବ୍ୟର୍ଥ ଆଗମନୀ" ଗଳ୍ପରେ ଲେଖିଛନ୍ତି ଯେ ଦେବୀ ଦୁର୍ଗା ହେଉଛନ୍ତି ଶାରଦୀୟା ଲକ୍ଷ୍ମୀଙ୍କର ସାଙ୍କେତିକ ପ୍ରତିରୂପ । ଶାରଦ ଫସଲ ଅମଳ ପରେ, କୃଷି ସର୍ବସ୍ୱ ଏକ ଗ୍ରାମ୍ୟ ସମାଜ ଯେଉଁ ଉତ୍ସବ ପାଳନ କରୁଥିଲା, ତାହାର କଳଧ୍ୱନି ଏବେ ସୁଦ୍ଧା ଶାରଦୀୟ ଦୁର୍ଗୋତ୍ସବରେ ମୁଖରିତ ହେଉଅଛି । ମାତ୍ର କଲମ ପ୍ରଧାନ କିରାନୀ ସଭ୍ୟତାରେ କୃଷି ସର୍ବସ୍ୱ ସଂସ୍କୃତିର ସେହି ପୃଷ୍ଠଭୂମି ବିଚ୍ଛିନ୍ନ ହୋଇପଡ଼ିଲାଣି । (ମହାନ୍ତି, 'ବ୍ୟର୍ଥ ଆଗମନୀ', ପୃ: ୧୬୪) ଦୁର୍ଗା ପୂଜା ବିବର୍ତ୍ତନ ସମ୍ପର୍କରେ ତାତ୍ତ୍ୱିକ ବ୍ୟାଖ୍ୟା କରିବାକୁ ଯାଇ ପରବର୍ତ୍ତୀ ଗଳ୍ପ 'ବିସର୍ଜନ'ରେ ସେ ଲେଖିଛନ୍ତି- "ଶରତର ପ୍ରାଚୁର୍ଯ୍ୟମୟୀ ଶୋଭାମୟୀ କଲ୍ୟାଣମୟୀ ଶସ୍ୟଲକ୍ଷ୍ମୀଙ୍କୁ ଆନନ୍ଦାପ୍ଲୁତ ପ୍ରାଣରେ ଉଚ୍ଛ୍ୱସିତ ଅଭିନନ୍ଦନ ଜଣାଇବା ପାଇଁ ଏକ କୃଷି ପ୍ରଧାନ ସମାଜ ମାନ୍ତ୍ରିକ ଓ ତାନ୍ତ୍ରିକ ରୀତିରେ ସେଦିନ ଯେଉଁ ଉତ୍ସବର ଆୟୋଜନ କରିଥିଲା, ନୃତ୍ୟ ସଙ୍ଗୀତ, ମୈତ୍ରୀ ଓ ତୃପ୍ତି ମଧ୍ୟରେ ଅନାହତ ସାର୍ବଜନୀନ ଆନନ୍ଦ ସୃଷ୍ଟି ମାଧ୍ୟମରେ ତାହାକୁ ଏକ ଅଭିନବ ଅନୁଷ୍ଠାନରେ ପରିଣତ କରିଥିଲା । ପ୍ରକୃତିର ଉତ୍ସଙ୍ଗରେ ଲାଳିତ ଓ ବର୍ଦ୍ଧିତ ସେହି ଆଦିମ ସମାଜର ଚେତନା ସେଦିନ ଥିଲା କାବ୍ୟମୟ । ମୌସୁମୀର ଝଞ୍ଜା, ବୃଷ୍ଟିପାତ ଓ ବନ୍ୟାପ୍ଲାବନର ଶତ ଦୁର୍ଯ୍ୟୋଗ ଦଳନ କରି, କ୍ଷୁଧାନାଶିନୀ, ଶସ୍ୟମୟୀ, ଶରତର ଅନ୍ନଦାତ୍ରୀ ଧରିତ୍ରୀ; ସେହି ଆଦିମ ସମାଜରେ ଦାନବ ବିଧ୍ୱଂସିନୀ, ଶକ୍ତିମତୀ ମାତୃମୂର୍ତ୍ତି ରୂପେ ପରିକଳ୍ପିତା ହୋଇଥିଲେ । ନବପତ୍ରିକା ତାହାର ସଂକେତ । ଆଜି ସାର୍ବଜନୀନ ଦୁର୍ଗୋତ୍ସବ ମଣ୍ଡପ କୋଣରେ ଗଜବଦନ ଗଣେଶଙ୍କ ପତ୍ନୀ ରୂପେ ଯେଉଁ କଦଳୀ ଗଛ ଓ ନବପତ୍ରିକା ସ୍ଥାପିତ ହୋଇଛନ୍ତି, ସେତ ଗଣେଶଙ୍କ ପତ୍ନୀ ନୁହଁନ୍ତି, ଗଣେଶ ଜନନୀ ଦୁର୍ଗାଙ୍କର ପ୍ରମାତାମହୀ । କୃଷି ପ୍ରଧାନ ସମାଜ କ୍ରମେ ପର୍ଯ୍ୟୁଷିତ ହୋଇ ପଡ଼ିବା ପରେ ଭୂମି କୃଷିଜୀବୀ ହାତରୁ ସାମନ୍ତମାନଙ୍କ ହାତକୁ ଚାଲିଆସିଲା, ତା ସହିତ ଦେବୀ ମଧ୍ୟ ଚାଲି ଆସିଲେ ସାମନ୍ତର ପୂଜା ମଣ୍ଡପ ପାଖକୁ, କୃଷିଜୀବୀର ପତ୍ରବୃନ୍ତ ଓ ଶସ୍ୟସ୍ତବକ ପରିବର୍ତ୍ତେ ଦେବୀ ନୂତନ ମୃଣ୍ମୟୀ ଆଙ୍ଗିକରେ ଶୋଭା ପାଇଲେ । ତାପରେ ପରିସ୍ଥିତିର ପରିବର୍ତ୍ତନ ସହିତ ରୌପ୍ୟଲକ୍ଷ୍ମୀରେ ଘଟାନ୍ତରିତା ଶସ୍ୟଲକ୍ଷ୍ମୀ, କେଶଧୃତା ହୋଇ ଆସିଲେ ବଣିକ ବ୍ୟବସାୟୀର ବିପଣୀକୁ ।" (ମହାନ୍ତି, 'ବିସର୍ଜନ', ପୃ: ୧୪୯-୧୫୦) ଦୁର୍ଗା ମୂର୍ତ୍ତି ପୂଜା ତଥା ଗଣତନ୍ତ୍ରର ଗଣଦେବତା ଗଣପତିଙ୍କର ମୂର୍ତ୍ତି ତନ୍ତ୍ରର ଚିତ୍ର ଯାହା

ଗାଳ୍ପିକଙ୍କ ରାଜନୀତିକ ଚେତନା ବିଚାର ଅବସରରେ ଅବତାରଣା କରାଯାଇଛି ଲକ୍ଷ୍ୟକଲେ ହିନ୍ଦୁ ଆଇକନୋଗ୍ରାଫି ଉପରେ ଗାଳ୍ପିକ ସୁରେନ୍ଦ୍ରଙ୍କ ବିଚାର ବିମର୍ଶ, ସ୍ୱାଧୀନ ଦୃଷ୍ଟିକୋଣର ପରିଚୟ ଦେଇଥାଏ ।

## ରହସ୍ୟବାଦୀ ଦୃଷ୍ଟିକୋଣ

କିନ୍ତୁ ଏସବୁ ବାହାରେ, କିଏ ବିଛେଇ ଦେଇ ଯାଇଛି, ସାବଜାଘାସର ଶେଜ ? ଆଉ କିଏ ସେମାନେ ? ଯେଉଁମାନେ କାଲି ରାତିରେ କାନ୍ଦୁଥିଲେ ? ଯେଉଁମାନଙ୍କର ବିନ୍ଦୁ ବିନ୍ଦୁ ଲୁହ ଘାସପତ୍ର ଉପରେ ଝରି ପଡ଼ିଛି । ସେମାନଙ୍କର କଣ କାଚର ରଙ୍ଗୀନ ଗୁଲି ନାହିଁ ? ସେମାନଙ୍କର କଣ ଚକୋଲେଟ୍ ନାହିଁ ? ସେମାନଙ୍କର ବଡ଼ମାମା କଣ ସେମାନଙ୍କୁ ଛାଡ଼ି ସ୍ୱର୍ଗକୁ ଚାଲି ଗଲେଣି ? (ମହାନ୍ତି, 'ଜୀବନ ପ୍ରଭାତ', ପୃ: ୧୯୭) ମଣ୍ଟୁ ଚରିତ୍ରର ଓ ଭାବନା ମଧ୍ୟରେ ଗାଳ୍ପିକ ସୁରେନ୍ଦ୍ର ସୃଷ୍ଟିର ରହସ୍ୟ ସମ୍ପର୍କରେ ସଚେତନ ।

## ଗାଳ୍ପିକ ସୁରେନ୍ଦ୍ରଙ୍କ ମାନବବାଦୀ ଦୃଷ୍ଟିକୋଣ

ମଣିଷର ମଣିଷ ପ୍ରତି ଘୃଣା ତାଚ୍ଛଲ୍ୟରେ ମାନବିକତାର କୋମଳ ଅଙ୍କୁର, କେବେଠାରୁ ମଣିଷର ତୃପ୍ତିହୀନ କ୍ଷୁଧାର ମରୁଭୂମି ମଧ୍ୟରେ ଯେପରି ରୌଦ୍ରଦଗ୍ଧ ହୋଇ ସାରିଛି ।(ମହାନ୍ତି, 'ସାମ୍ୟବାଦର ଶେଷ ଇସ୍ତାହାର', ପୃ: ୨୦୧) ତେଣୁ ଇତିହାସ ସର୍ବଦା ବ୍ୟର୍ଥ ଓ ବିଡ଼ମ୍ବିତ ହୋଇଛି । ବୁଦ୍ଧ, ଯୀଶୁଖ୍ରୀଷ୍ଟ, ଚୈତନ୍ୟ ଓ ଗାନ୍ଧୀ ପ୍ରଭୃତି ଅବତାରଙ୍କର ଆବିର୍ଭାବ ଘଟିଥିଲା କେବଳ ଇତିହାସର ଶୂନ୍ୟଗର୍ଭ ପୃଷ୍ଠା ଭରିବା ପାଇଁ । ମନୁଷ୍ୟର ପ୍ରାଣରେ ସେମାନଙ୍କର ଉତ୍ତରଣର ପାଦଚିହ୍ନ ରହିନାହିଁ । ମଧ୍ୟଯୁଗୀୟ ଧର୍ମାନ୍ଧ ବର୍ବରତାର ଇତିହାସ ଅନ୍ତରାଳରେ ତେଣୁ ସେମାନେ ଗୋଟିଏ ଗୋଟିଏ ମାଇଲଷ୍ଟମ୍ଭ ହୋଇ ରହୁଛନ୍ତି କେବଳ । (ମହାନ୍ତି, 'ଗୋଟିଏ ଘୋଡ଼ାର ମୃତ୍ୟୁ', ପୃ: ୧୦୩) ତଥାପି ଦେଖିବାକୁ ଗଲେ ଈର୍ଷା ଓ ଧର୍ମାନ୍ଧତାର କେତେ ଦର୍ପିତ ଇନ୍ଦ୍ରପ୍ରସ୍ଥ, କେତେ ମଦମତ୍ତ ହସ୍ତିନା, କେତେ ଅହଙ୍କାରୀ ବାରୁଣା, ମହାକାଳରେ ଏହିପରି ବାରମ୍ବାର ଭୂଲୁଣ୍ଠିତ ହୋଇଛି । ତେଣୁ ମହାଭାରତରେ ଐକ୍ୟ ଓ ଶାନ୍ତି କ୍ଷମତାର ଦାମ୍ଭିକତାରେ ରହିବ ନାହିଁ, ରହିବ ଲାଞ୍ଛିତ, ବଞ୍ଚିତ ଓ ଅପମାନିତକୁ ତାର ଯଥାର୍ଥ ଦାବିରେ ପ୍ରତିଷ୍ଠିତ କରିବାରେ; ରହିବ ଔଦାର୍ଯ୍ୟରେ, କରୁଣାରେ, ଦାକ୍ଷିଣ୍ୟରେ । (ମହାନ୍ତି, 'ଶ୍ରୀକୃଷ୍ଣଙ୍କ ଶେଷ ହସ', ପୃ: ୯୧-୯୨)

■ ■ ■

# ସୁରେନ୍ଦ୍ରଙ୍କ ଗଳ୍ପର ରୂପ ବିଭବ

ସାଧାରଣତଃ ଉପନ୍ୟାସ ଅପେକ୍ଷା କ୍ଷୁଦ୍ରଗଳ୍ପରେ ବର୍ଣ୍ଣନାର ସୁଯୋଗ ଅପେକ୍ଷାକୃତ ସ୍ୱଳ୍ପ । ତଥାପି ସୁରେନ୍ଦ୍ରଙ୍କ କ୍ଷୁଦ୍ରଗଳ୍ପଗୁଡ଼ିକରେ ବର୍ଣ୍ଣନାତ୍ମକ ରୀତିରେ କେତେକ ସ୍ଥଳରେ ଚରିତ୍ରର ବିଗ୍ରହ ତଥା ପରିବେଶର ଉପସ୍ଥାପନ କରାଯାଇଛି । ଏଠାରେ କ୍ରମାନୁସାରେ ତତ୍‌ସମ୍ପର୍କରେ ଆଲୋକପାତ କରାଯାଉଅଛି । ସେହି ଦୃଷ୍ଟିରୁ ଆଲୋଚନା କଲେ ସୁରେନ୍ଦ୍ରଙ୍କ ଚରିତ୍ରଗୁଡ଼ିକ ବିଭିନ୍ନ ସମୟ ଓ ପରିବେଷ୍ଟନୀ ମଧ୍ୟରେ ପରିବ୍ୟାପ୍ତ ହୋଇପଡ଼ିଛନ୍ତି । ଏଠାରେ ସୁରେନ୍ଦ୍ରଙ୍କ ଗଳ୍ପର ଚରିତ୍ରାୟନ ସମ୍ପର୍କରେ ବିଚାର ନକରି, ବିଭିନ୍ନ ଚରିତ୍ରର ବିଗ୍ରହ ବର୍ଣ୍ଣନା କିଭଳି ନିଖୁଣ ଓ ବାସ୍ତବଧର୍ମୀ ହୋଇଛି, ତା'ର ଆଲୋଚନା କରାଯାଉଅଛି ।

**ସୁରେନ୍ଦ୍ରଙ୍କ ଗଳ୍ପରେ ଗ୍ରାମୀଣ ଚରିତ୍ରର ରୂପ ବର୍ଣ୍ଣନା**

ସୁରେନ୍ଦ୍ରଙ୍କ ବହୁ ଗଳ୍ପ ଗ୍ରାମୀଣ ଜୀବନକୁ ଉପଜୀବ୍ୟ କରି ରଚିତ । ସୁରେନ୍ଦ୍ର ଯଦିଓ ଯୁବାବସ୍ଥାରେ ନଗରକେନ୍ଦ୍ରିକ ଜୀବନ ନିର୍ବାହ କରିଛନ୍ତି, ତଥାପି ତାଙ୍କର ବାଲ୍ୟାବସ୍ଥା ତଥା ରାଜନୀତିକ ଜୀବନରେ ବହୁ ଗ୍ରାମୀଣ ଚରିତ୍ରର ସଂସର୍ଗରେ ଆସିଛନ୍ତି । ଗ୍ରାମୀଣ ବ୍ୟକ୍ତିକୁ ନାୟକ ଭାବରେ ଦେଖି ନିଖୁଣ ଭାବେ ଅଧ୍ୟୟନ କରି ବାସ୍ତବ ଦୃଷ୍ଟିଭଙ୍ଗୀ ନେଇ ସେଗୁଡ଼ିକର ଯଥାର୍ଥ ଚିତ୍ରଣ ନିଜ ଗଳ୍ପରେ କରିଛନ୍ତି । ଏଠାରେ ତତ୍‌ସମ୍ପର୍କିତ କେତେକ ଚରିତ୍ରର ବିଗ୍ରହ ବର୍ଣ୍ଣନା ଦୃଷ୍ଟାନ୍ତ ସ୍ୱରୂପ ଉପସ୍ଥାପନା କରାଯାଉଅଛି ।

**'ସେ'** "ତାଙ୍କ ବୟସ ଷାଠିଏ ଟପିଲାଣି । ମୁଣ୍ଡର ବାଳ ସବୁ ପାଚି ସାରିଲାଣି । ମାତ୍ର ଦେହ ତଥାପି ବାଙ୍କିନାହିଁ । ଚଉକୋଣିଆ ମୁହଁରେ ଦୁଇ ପାଖରେ ହନୁ ହାଡ଼ ବାହାରି ପଡ଼ିଛି । ଦାନ୍ତ ଦୁଇପାଟି ହଳଦିଆ । ଗୋଟଏ ଗୋଟିଏ ଦାନ୍ତ ଏଠି ସେଠି ପଡ଼ି ଆସିଲାଣି । ମୁହଁ ଯାକ ଟାଙ୍ଗିଆ ଦାଢ଼ି, ତାଳଅଁଶ ପରି । ହନୁହାଡ଼ ବାହାରି ପଡ଼ିଥିବା ହେତୁ ଦୁଇ ପାଖର ଗାଲ ଠାକରା ହୋଇ ପଶିଗଲା ଭଳି ଦିଶୁଅଛି । ଦେହରେ କଳା ଚିଟ୍‌ଚିଟ୍ ଚମଡ଼ା ଉପରେ ଝାଳ ଶୁଖି ଠାଏଠାଏ ଧଳା ଯାଦୁ ପରି ଦିଶୁଛି । କାନ୍ଧ ଉପରେ ପଡ଼ିଥିବା ମଇଳା ଗାମୁଛା ଖଣ୍ଡକରେ ତୀବ୍ର ଝାଳୁଆ ଗନ୍ଧ ।"(ମହାନ୍ତି, 'ଅପରିଚିତର ପରିଚୟ', ପୃ: ୧୧୭-୧୧୮)

"ଅପରିଚିତର ପରିଚୟ" ଗଳ୍ପର 'ସେ' ଗଳ୍ପର ମୁଖ୍ୟ ନାୟକ । ଏହି ଚରିତ୍ରର ବିଗ୍ରହ ବର୍ଣ୍ଣନାକୁ ଲକ୍ଷ୍ୟ କଲେ ଗ୍ରାମଗୁଡ଼ିକରେ ଚଳପ୍ରଚଳ ହେଉଥିବା ସଂଘର୍ଷଶୀଳ ପରୋପକାରୀ ଚରିତ୍ରର ଚିତ୍ର ଆଖି ଆଗରେ ଭାସିଯାଏ । ଫକୀରମୋହନଙ୍କର ଚରିତ୍ରଗୁଡ଼ିକର ବିଗ୍ରହ ବର୍ଣ୍ଣନାର ପୁଙ୍ଖାନୁପୁଙ୍ଖତା ଏହି ଚରିତ୍ରର ବର୍ଣ୍ଣନାରେ ଲକ୍ଷ୍ୟ କରାଗଲେ ହେଁ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ନାଟକୀୟ କୌଶଳରେ ଏହି ଚରିତ୍ରର ଉପସ୍ଥାପନା କରିଥିବା ଯୋଗୁଁ ଏହା ଅଧିକ ବାସ୍ତବଧର୍ମୀ ହୋଇପାରିଛି । ବିଗ୍ରହ ବର୍ଣ୍ଣନାକୁ ଲକ୍ଷ୍ୟ କଲେ ଏଠାରେ ଗାଳ୍ପିକ ବର୍ଣ୍ଣନା ଅପେକ୍ଷା ଶବ୍ଦର ପ୍ରୟୋଗକୌଶଳରେ ପାଠକର ଚକ୍ଷୁ ସାମ୍ନାରେ ଏକ ଚିତ୍ର ଆଙ୍କି ଦେଇଛନ୍ତି । ଗ୍ରାମୀଣ ଚରିତ୍ରର ଅନ୍ୟ କେତେକ ଦୃଷ୍ଟାନ୍ତ ମାଧ୍ୟମରେ ଏକଥାକୁ ଅଧିକ ସ୍ପଷ୍ଟ ଭାବେ ପ୍ରତିପାଦନ କରାଯାଇପାରେ ।

**ପୂଜକ** "ହରି ଖୁଣ୍ଟିଆଙ୍କ ବୟସ ପଚାଶ ଟପିଲାଣି । ଡେଙ୍ଗା କାଉଁରୀ କାଠିଆ ଚେହେରା । ମୁଣ୍ଡ ଚନ୍ଦା, ଆଖିଟା ପିଲାଦିନୁ ବସନ୍ତରେ ନଷ୍ଟ ହୋଇଯାଇଥିଲା । ମୁହଁ ଯାକ ବସନ୍ତର ଗହୀରା ଚିହ୍ନ । ସବୁବେଳେ

ଖଣ୍ଡେ ଗେରୁଆ ପିନ୍ଧା । ଦେହରେ ସେହି ରଙ୍ଗର ଖଣ୍ଡେ ଗାମୁଛା । ମୁଣ୍ଡରେ ସିନ୍ଦୁର କଲୀ । ଡାହାଣ ଆଖିଟା ଗଂଜେଇ ନିଶାରେ ପିଆଜ ପାଖୁଡ଼ା ପରି ସବୁବେଳେ ରଙ୍ଗା ।"(ମହାନ୍ତି, 'ସାତଭଉଣୀ', ପୃ: ୪୭୬)

**ଗୁମାସ୍ତା** "ମହାନ୍ତିଏ ପରମ ବୈଷ୍ଣବ । ମୁଣ୍ଡ ଲଣ୍ଡିତ । ବେକରେ ଘାଗଡ଼ା ତୁଳସୀ କଣ୍ଠିମାଳୀ । ମୁହଁରେ ବୈଷ୍ଣବର ବିନମ୍ର । ଆଖି ଦୁଇଟାରେ ମାଛିକୁ ମ ନ କହିବା ଭାବ । ପିନ୍ଧାରେ ଖଣ୍ଡେ ଧୋତି ଆଉ ବେକବୁଜା ମଠାକୋଟ । ତା' ଉପରେ ଖଣ୍ଡେ ଶାନ୍ତିପୁରୀ ଚାଦର, ଦଉଡ଼ି ପରି ବଳା ହୋଇ ସବୁବେଳେ ପଡ଼ିଥାଏ । ନାକ ଉପରୁ କପାଳ ଶେଷ ପର୍ଯ୍ୟନ୍ତ ରମାନନ୍ଦୀ ଚିତା ।"(ମହାନ୍ତି, 'ଘଇତାମାରୀପାଟ', ପୃ: ୩୩୦)

ପୂଜକ ଓ ଗୁମାସ୍ତା ଗଳ୍ପର ଜଣେ ଜଣେ ଗୌଣ ଚରିତ୍ର ହେଲେ ହେଁ ଏମାନଙ୍କର ବିଗ୍ରହ ବର୍ଣ୍ଣନା ଦୁଇଟି ଶ୍ରେଣୀର ପ୍ରତିନିଧିତ୍ୱ କରୁଛି । ଏହି ଦୁଇଟି ବର୍ଣ୍ଣନା ଜୀବନ୍ତ ହେବା ସଙ୍ଗେ ସଙ୍ଗେ ଏହାରି ମାଧ୍ୟମରେ ଗାଳ୍ପିକ ସୁରେନ୍ଦ୍ର ଚରିତ୍ର ଦୁଇଟିର ଚାରିତ୍ରିକ ବିଶେଷତ୍ୱ ମଧ୍ୟ ବ୍ୟଞ୍ଜନା ମାଧ୍ୟମରେ ଉପସ୍ଥାପନ କରିଛନ୍ତି । ଏତଦ୍‌ଭିନ୍ନ 'ପୁଷ୍ୟାଭିଷେକ'ର ଜମିଦାର ବୃଦ୍ଧ ମେଦିନୀ ରାୟ ଓ 'ବାସିମଡ଼ା'ର ନିଧିକାନଗୋଇ ଚରିତ୍ରର ବିଗ୍ରହ ବର୍ଣ୍ଣନା ପୁଙ୍ଖାନୁପୁଙ୍ଖ ରୀତିରେ ଜୀବନ୍ତ ଭାବେ ଗାଳ୍ପିକ ଉପସ୍ଥାପନ କରିଥିବା ଦେଖାଯାଇଥାଏ ।

ଫକୀରମୋହନଙ୍କ ବର୍ଣ୍ଣନାତ୍ମକ ରୀତିକୁ ଅନୁସରଣ କରି ଅନେକ ସ୍ଥଳରେ ଗାଳ୍ପିକ ସୁରେନ୍ଦ୍ର ବିଗ୍ରହ ବର୍ଣ୍ଣନା କରିଥିଲେ ହେଁ ଫକୀରମୋହନଙ୍କ ବର୍ଣ୍ଣନା ଅତିକ୍ରମ କରିଯାଇ ବିଗ୍ରହ ବର୍ଣ୍ଣନା କ୍ଷେତ୍ରରେ ସେ କିଭଳି ବିଶିଷ୍ଟତା ପତିପାଦନ କରିଛନ୍ତି, ତାହା ଅବଧାନ ଓ ଶିକ୍ଷକ ବର୍ଣ୍ଣନାର କେତେକ ଦୃଷ୍ଟାନ୍ତ ଅବତାରଣା କରି ପ୍ରତିପାଦନ କରାଯାଉଅଛି ।

**ବଇ ଅବଧାନ** "ମହାନ୍ତି ସାଇର ବଇ ଅବଧାନେ ସେତେବେଳେ ଖଣ୍ଡେ ଛିଣ୍ଡା କମ୍ବଳ ଉପରେ ଆଉଜି ବସି ଢୁଳାଉଥିଲେ । ...ଢୁଳାଉ ଢୁଳାଉ ପାଟିଟା ଅଧା ଆଁ ହୋଇ ଯାଇଥିଲା । ପାଖରେ ପଡ଼ିଥିଲା ଦୁଇଖଣ୍ଡ ବେତ, ଖଣ୍ଡେ ନହକିଆ, ଆଉଖଣ୍ଡେ ଆଙ୍ଗୁଠି ମୋଟା... ହଠାତ୍ ଦୁଇଟା ମାଛି ଅବଧାନଙ୍କ ପାଟି ଭିତରକୁ ଉଡ଼ି ପଶିଗଲେ । ଖୁଁ ଖୁଁ କାଶି, ଛିଙ୍କି, ବଇଅବଧାନ ଧଡ଼ପଡ଼ ହୋଇ ଉଠିବସିଲେ ।"(ମହାନ୍ତି, 'ଘନିଆର ଗଣେଶ ଚତୁର୍ଥୀ', ପୃ: ୩୬୬)

**ବୈରାଗୀ ବଇଷମ** "ତାଙ୍କ ହାଡୁଆ ମୁହଁ । ପୋଷେ ଚାଉଳ ରହିବା ପରି ଦୁଇ ପାଖୁଡ଼ା ଆଖି ଉପରେ ଦୁଇଟା ଫବାଲୁଆ ପରି ଭ୍ରୂଲତା, ଶୁଖିଲା କର୍କଶ ଚମଡ଼ଙ୍କା ଦେହ ଦେଖିଲେ, ଆଦୁରିଆ କଣ୍ଠରେ ତାଙ୍କୁ ଦାଦୀ ବୋଲି ଡାକିବା ପାଇଁ ଆମର ସବୁ ସାହସ ହଜି ଯାଉଥିଲା । ଆମ ଭିତରେ ସେ ପରିଚିତ ଥିଲେ ବାଘନାମରେ । ଏଇ ବାଘ ଆସିଲା ଶୁଣିଲେ ଦାଣ୍ଡରେ ଖେଳ ଛାଡ଼ି ଆତ୍ମରକ୍ଷା ପାଇଁ ହାଣ୍ଡିଶାଳକୁ ଦଉଡ଼ିବା ବେଳେ ଆମେ ବୁଝିଥାଉ ବୈରାଗୀ ଅବଧାନେ ଏଆଡ଼େ ଆସୁଛନ୍ତି । ତାଙ୍କୁ ଆମେ ସତରେ ଡରୁଥିଲୁ ବାଘପରି ।"(ମହାନ୍ତି, 'ବଇଷମ ପାଠଶାଳା', ପୃ: ୮୬)

**ସିଧକାନଗୋଇ** "ଖରା ଆଡ଼କୁ ପିଠିକରି ଛିଣ୍ଡା ମଫଲର ଖଣ୍ଡେ ଆକର୍ଣ୍ଣ ଗୁଡ଼ାଇ, ଅତୀତରେ ଏକଦା ହଳଦିଆ ରଙ୍ଗର ଅବଶେଷ ଠାଏଠାଏ ଲାଗି ରହିଥିବା ଖଦି ଦୋଖଡ଼ା ଖଣ୍ଡେ ଦେହରେ ଘୋଡ଼ାଇ ରେଖାଙ୍କିତ କୁଞ୍ଚିତ ଶୀର୍ଣ୍ଣ ମୁହଁରେ ନାକ ଆଗରେ ଟିଣ ଫ୍ରେମବନ୍ଧା ଚଷମାଟିଏ ଝୁଲାଇ, ପାଖରେ ତେଲପଚା ବାଉଁଶଠେଙ୍ଗା ଖଣ୍ଡେ ଆଉଜାଇ ସିମେଣ୍ଟ ପୋଲର ଗୋଟିଏ ବାଡ଼ ଉପରେ ବସିଥିଲେ ।"(ମହାନ୍ତି, 'ମୃତ୍ତିକାର ଆତ୍ମା', ପୃ: ୧୧୫,୧୧୬ )

ଏଠାରେ ପ୍ରଦତ୍ତ ଅବଧାନ ଓ ଶିକ୍ଷକ ଚରିତ୍ରର ବିଗ୍ରହ ବର୍ଣ୍ଣନାର ତିନୋଟି ଦୃଷ୍ଟାନ୍ତକୁ ଲକ୍ଷ୍ୟକଲେ, ଏକଥା ସ୍ପଷ୍ଟ ହୁଏ ଯେ ପ୍ରଥମ ଦୃଷ୍ଟାନ୍ତ ବଇ ଅବଧାନର ବିଗ୍ରହ ବର୍ଣ୍ଣନାରେ ଫକୀରମୋହନଙ୍କ 'ରାଣ୍ଡିପୁଅ ଅନନ୍ତା'ର ଅବଧାନ ଚରିତ୍ରର ବିଗ୍ରହ ବର୍ଣ୍ଣନାର ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଏ । ମାତ୍ର ବୈରାଗୀ ବଇଷମ ଓ ସିଦକାନଗୋଇ ଚରିତ୍ରର ବିଗ୍ରହ ବର୍ଣ୍ଣନା ଗାଳ୍ପିକ ସୁରେନ୍ଦ୍ରଙ୍କ ନିଜସ୍ୱ ଅନୁଧ୍ୟାନ ଓ ଅନୁଭୂତିର ଫଳଶ୍ରୁତି ।

## ସୁରେନ୍ଦ୍ରଙ୍କ ଗଳ୍ପରେ ଗ୍ରାମୀଣ ନାରୀ ଚରିତ୍ରର ବିଗ୍ରହ ବର୍ଣ୍ଣନା

"ବୁଢ଼ୀଟିଏ ମୁଣ୍ଡରେ ଟୋକେଇଟିଏ ରଖି ଚାଲି ଯାଉଥିଲା । ଜିପ୍ ପାଖରେ ବସିପଡ଼ିଲା । ବୁଢ଼ୀର ବୟସ କେତେ ହେବ କେଜାଣି ? ଦୁଇ ଆଖି ତଳେ ଫୁଲା ବାହାରି ପଡ଼ିଛି । ମୁହଁସାକ ବୁଢ଼ିଆଣୀ ଜାଲ ପରି ଅସୁମାରି ଗାର ଛନ୍ଦି ହୋଇଯାଇଛି । ଆଖି ଦୁଇଟି ମିଞ୍ଜିମିଞ୍ଜି କରୁଛି, ବେକର ଚମ ଦୁହିଁ ହୋଇଗଲାଣି । ଦୁଇ ହାତରେ ଦୁଇପଟ ପିତ୍ତଳ ଖଡୁ, ଗଛରୁ ଶୁଖିଲାପତ୍ର ପବନରେ ଥରିଲା ପରି ବୁଢ଼ୀର ମୁହଁଟା ଥରଥର କମ୍ପୁଛି ।"(ମହାନ୍ତି, 'ମରୁଡ଼ି', ପୃ: ୩୦୪)

"ରାଜୁଆ ବୋଉ ଆଇମା, ବାହାରେ ଖଞ୍ଜା ଗମ୍ଭିରୀ ପିଣ୍ଡାରେ କାନ୍ଥକୁ ଆଉଜି ଢୁଳାଉଛି- ମେଞ୍ଚାଏ ଲୋଟାକୋଟା, ବୟସ ସିଝା କଳାଚମ... ବୋଉ ଆଇମା ସେହିପରି ଦିଶୁଛି । ଫସଲ ଅମଳ ସରିଥିବା କିଆରୀର ବର୍ଷା ଆଉ କାକର ଧୂଆ ଗତବର୍ଷର ପାଳଭୂତ ପରି ।"(ମହାନ୍ତି, 'ଶୂନ୍ୟ ପଞ୍ଜୁରୀ', ପୃ: ୧୦୨)

"ପଶ୍ଚିମ ଆକାଶରେ ଦିନର ଶେଷ ଆଲୋକ, ବୁଢ଼ୀର ଶତ ରେଖାଙ୍କିତ, ଶୁଖିଲା ଚମଡଙ୍କା ମୁହଁ ଉପରେ ପଡ଼ି, ଅତି ବୀଭତ୍ସ ଅଥଚ କରୁଣ ଦିଶୁଥିଲା । ବୁଢ଼ୀର ସମ୍ବଳ ଭିତରେ ସମ୍ଭବତଃ ଖଣ୍ଡେ ଆଲୁମିନିୟମ୍ ବାଟି ଓ ଖଣ୍ଡେକାଡ଼ି । X X ବୁଢ଼ୀର ଆଖିଦୁଇଟି ସମ୍ଭବତଃ ଗଲାଣି । ପଥରରେ ଖୋଳାହେଲା ପରି ଦୁଇଟି ପ୍ରାଣହୀନ ଆଖିମେଲି କୁଆଡ଼େ ଚାହିଁ ସେ କଣ ଦେଖୁଥିଲା କେ'ଜାଣେ ?" (ମହାନ୍ତି,'ଅପରିଚିତର ପରିଚୟ', ପୃ: ୨୩୧)

ପୂର୍ବୋକ୍ତ ଗ୍ରାମୀଣ ବୁଢା ଚରିତ୍ରର ବିଗ୍ରହ ବର୍ଣ୍ଣନାର କେତୋଟି ଦୃଷ୍ଟାନ୍ତକୁ ଲକ୍ଷ୍ୟ କଲେ ଏକଥା ସ୍ପଷ୍ଟହୁଏ ଯେ, ଗାଳ୍ପିକ ସୁରେନ୍ଦ୍ର ସମାଜର ନିମ୍ନଶ୍ରେଣୀର ବୁଢାଙ୍କର ବିଗ୍ରହର ବାସ୍ତବ ରୂପ ବର୍ଣ୍ଣନା କରିଛନ୍ତି । 'ମରୁଡ଼ି' ଗଳ୍ପର ବୁଢ଼ି ପ୍ରଥମ ଦୃଷ୍ଟାନ୍ତ ଓ ଦ୍ୱିତୀୟ ଦୃଷ୍ଟାନ୍ତ 'ଶୂନ୍ୟ ପଞ୍ଜୁରୀ'ର ରାଜୁଆ ବୋଉ ଆଇମାର ବିଗ୍ରହ ବର୍ଣ୍ଣନାରେ ଗାଳ୍ପିକ ବର୍ଣ୍ଣନା ଅପେକ୍ଷା ବ୍ୟଞ୍ଜନାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି । ମାତ୍ର 'ଅପରିଚିତର ପରିଚୟ' ଗଳ୍ପର ବୁଢ଼ୀର ବିଗ୍ରହ ବର୍ଣ୍ଣନା ବର୍ଣ୍ଣନାତ୍ମକ ରୀତିରେ କରାଯାଇଛି । ଏହି ତିନୋଟି ଦୃଷ୍ଟାନ୍ତରୁ ସ୍ପଷ୍ଟହୁଏ ଯେ, ଗାଳ୍ପିକ ବର୍ଣ୍ଣନା ବା ବ୍ୟଞ୍ଜନା ଯେଉଁ ରୀତିରେ ବିଗ୍ରହ ବର୍ଣ୍ଣନା କରନ୍ତୁ ନା କାହିଁକି ତାହା ଜୀବନ୍ତ ହୋଇଥାଏ । ଗାଳ୍ପିକ ସୁରେନ୍ଦ୍ର କେବଳ ବୁଢା ଚରିତ୍ରର ନିଖୁଣ ବର୍ଣ୍ଣନା କରିନାହାନ୍ତି । ତାଙ୍କର ଗ୍ରାମସମାଜର ଚିତ୍ର ସମ୍ବଳିତ ଗଳ୍ପଗୁଡ଼ିକ ଲକ୍ଷ୍ୟକଲେ ଗ୍ରାମର ସମ୍ଭ୍ରାନ୍ତ ମହିଳା, ବଧୂ, ପ୍ରୌଢ଼ା, ଝିଅ ଆଦି ବହୁ ଚରିତ୍ରର ବିଗ୍ରହ ବର୍ଣ୍ଣନା ଲକ୍ଷ୍ୟ କରାଯାଇପାରେ ।

## ଆଦିବାସୀ ଚରିତ୍ରର ବିଗ୍ରହ ବର୍ଣ୍ଣନା

ଗାଳ୍ପିକ ସୁରେନ୍ଦ୍ରଙ୍କ ଆଦିବାସୀ ଜୀବନର ଚିତ୍ର ସମ୍ବଳିତ ଗଳ୍ପ ଅଙ୍ଗୁଳିମେୟ । ଏହି ଗଳ୍ପଗୁଡ଼ିକ ମଧ୍ୟରେ ଗାଳ୍ପିକ ବୃଦ୍ଧ, ଆଦିବାସୀ ଝିଅ ଓ ଆଦିବାସୀ ଝିଅର ଶବ ଆଦିର ବିଗ୍ରହ ବର୍ଣ୍ଣନା କରିଛନ୍ତି । ବୃଦ୍ଧ

ଜାନମ ମୁଣ୍ଡାର ବିଗ୍ରହ ବର୍ଣ୍ଣନା ବର୍ଣ୍ଣନାତ୍ମକ ରୀତିରେ ଖାଦାନୀ ଗଳ୍ପରେ କରାଯାଇଛି । ମାତ୍ର ଆଦିବାସୀ ଝିଅର ସଂକ୍ଷିପ୍ତ ରୂପ ବର୍ଣ୍ଣନା ବ୍ୟଞ୍ଜନାତ୍ମକ ରୀତିରେ ଉପସ୍ଥାପନ କରି ଗାଳ୍ପିକ ପାଠକ ପ୍ରାଣର ସମ୍ବେଦନଶୀଳତା ତଥା କରୁଣ ଭାବ ସୃଷ୍ଟି କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ ରାମ୍ମନି ଓ ଫୁଲମନିର ବର୍ଣ୍ଣନାକୁ ଗ୍ରହଣ କରାଯାଇପାରେ । (ମହାନ୍ତି, 'ଖାଦାନୀ', ପୃ: ୩୭,୩୮)

ପଦୁଅଁର ଲମ୍ବା ବାଳସବୁ ପାଣି ସୁଅରେ ଭାସୁଛି ଶିଉଳୀ ଲତା ପରି । ଅଣ୍ଟାତଳୁ ଲେଙ୍ଗୁଟିଟା ଫିଟିଯାଇଛି । ଛାତିରେ ସ୍ତନ ଦୁଇଟା ପାଣି ଉପରକୁ ଭାସୁଛି ପାଣି ଶିଉଳୀ ଫୁଲର କଢ଼ି ପରି । ବାଁ ଛାତିରେ ସ୍ତନ ତଳେ ଗୋଟିଏ ଗହୀରା କ୍ଷତ... ତୀକ୍ଷ୍ଣ ଦାନ୍ତରେ ଫୁଟାଇ ଗୋଟାଏ ଜାନୁଆର ସେଇଠୁ ସବୁ ରକ୍ତ ଶୋଷି ନେଇଛି । (ମହାନ୍ତି, 'ସଭ୍ୟତାରଗ୍ରାସ', ପୃ: ୧୫୩) ଏହି ବର୍ଣ୍ଣନାକୁ ଲକ୍ଷ୍ୟ କଲେ ବିଭତ୍ସତା ସହିତ କରୁଣ ଭାବର ଉଦ୍ରେକ ଘଟିଥାଏ ।

## ନଗର କୈନ୍ଦ୍ରିକ ଗଳ୍ପରେ ପୁରୁଷ ବିଗ୍ରହ ବର୍ଣ୍ଣନା

**ସମ୍ଭ୍ରାନ୍ତ ବୃଦ୍ଧ ଚରିତ୍ର ଦର୍ପନାରାୟଣ** "ଶୀର୍ଣ୍ଣରୁଗ୍ଣ ଦେହ, ଷାଠିଏରୁ ଊର୍ଦ୍ଧ୍ୱ ବୟସର ଭାରାରେ ଆଗକୁ ସାମାନ୍ୟ ଝୁଙ୍କି ପଡ଼ିଛି । ଆଜୀବନ ଉଦର ପୀଡ଼ା ହେତୁ ପଥ୍ୟ ନିୟନ୍ତ୍ରଣ, ଅଳ୍ପାହାର ଓ ଉପବାସ ମଧ୍ୟରେ କ୍ଷୁଧାର୍ତ୍ତ ମୁହଁ । ଦୁଇକୋଟରଗତ ଆଖି ତଳେ ଦୁଇଟି ଗଭୀର କଳାରେଖା ଅର୍ଦ୍ଧବୃତ୍ତ ପରି ଅଙ୍କିତ ହୋଇଯାଇଅଛି । ମୁଣ୍ଡର ବାଳସବୁ ପାଚି ଝୋଟ ହେଲାଣି । ଦାଢ଼ିବାଳ ଛାତି ପର୍ଯ୍ୟନ୍ତ ଲମ୍ବି ଆସିଅଛି ।"(ମହାନ୍ତି,'ତୃଷ୍ଣା ଓ ବିତୃଷ୍ଣା', ପୃ: ୧୭୧)

**ସମ୍ଭ୍ରାନ୍ତ ଅବସର ପ୍ରାପ୍ତ ବୃଦ୍ଧ ସନାତନ** "ଗୋଜିଆ ଝିଙ୍କର କାଠି ପରି ସାତଦିନର ଗଡ଼ରେ ମୁହଁରେ ଅର୍ଦ୍ଧାଂଶ ଆବୃତ୍ତ । ଗହୀରା କୋଟରଗତ ଆଖି ଦୁଇଟିରେ କ୍ରୁଦ୍ଧହିଂସ୍ରତା ଓ ରହସ୍ୟଘନ ଆନନ୍ଦରେ ମିଶାମିଶି ଏକ ବିଚିତ୍ର ଦୃଷ୍ଟି । ମଧବୟସୀ ଗୋଲେଇପେଟ ତଳକୁ, ଲାଲ ସିଲ୍କର ଖଣ୍ଡେ ପାଇଜାମା । ଦେହରେ ଲାଲ୍ ଭେଲ୍‌ଭେଟ୍‌ର ଖଣ୍ଡେ ଡ୍ରେସିଙ୍ଗ୍ ଗାଉନ୍ । ଡ୍ରେସିଙ୍ଗ୍ ଗାଉନ୍‌ର ସାମ୍ନା ଅବିନ୍ୟସ୍ତ ଭାବେ ଖୋଲା, ଗୋଟିଏ ଧଳାବୃତ୍ତ ପରି ଦିଶୁଥିବା ମୁଣ୍ଡର ଚନ୍ଦା ଚାରିପଟେ ଲମ୍ବା କହରା ବାଳସବୁ କୁଣ୍ଡଳୀ ବୁଲି ତଳକୁ ଲମ୍ବି ଆସିଅଛି । କପାଳ ଉପରେ ଆଣ୍ଟି ବନ୍ଧା ହୋଇଛି ଲାଲ୍ ଛିଟର ରୁମାଲ ।" (ମହାନ୍ତି, 'ପାଗଳଗାରଦର କାହାଣୀ', ପୃ: ୧୬)

ଦର୍ପନାରାୟଣ ଓ ସନାତନ ଚରିତ୍ରର ବିଗ୍ରହ ବର୍ଣ୍ଣନା ଲକ୍ଷ୍ୟକଲେ ଗାଳ୍ପିକ ଏ ଉଭୟ ଚରିତ୍ରର ମାନସିକ ଅବସ୍ଥାର ଚିତ୍ର ପ୍ରତିପାଦନ ପାଇଁ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନାର ଆଶ୍ରୟ ନେଇଛନ୍ତି । ଗାଳ୍ପିକ ସୁରେନ୍ଦ୍ର ଚରିତ୍ରର ବିଗ୍ରହ ବର୍ଣ୍ଣନା ମାଧମରେ ଚାରିତ୍ରିକ ଗୁଣାବଳୀଗୁଡ଼ିକର ବର୍ଣ୍ଣନା କରିଛନ୍ତି । ସହର ବା ନଗର କୈନ୍ଦ୍ରିକ ଜୀବନର ଲେଖକ, ଅଧାପକ, ଶିକ୍ଷିତ ବ୍ୟକ୍ତି, ହିପ୍ପୀ ଯୁବକ, କୁଷ୍ଠରୋଗୀ, ଗାଇଡ୍, ରାଜନୀତିକ ନେତା ଓ କର୍ମୀ, ପୋଲିସ୍ କନେଷ୍ଟବଲ୍ ଆଦି ବହୁ ଶ୍ରେଣୀର ବହୁ ଚରିତ୍ରର ବିଗ୍ରହ ବର୍ଣ୍ଣନା ସେ କରିଛନ୍ତି ।

**ଲେଖକ** "ଭୂତନାଥ କଥା ମନେ ପଡ଼ିଲେ ଆଖି ଆଗରେ ଭାସିଉଠେ ଭୂତନାଥର ଉଦାସ, ଅସହାୟ ଛବି... ଭସା ଭସା ନିରୀହ ଆଖି, କପାଳ ଉପରେ ଅସଂଯତ ଶିଥିଳ କେଶରାଶି, ଓଠରେ ମଳିନସ୍ମିତ ହସର ଗୋଟିଏ ସରୁ ରେଖା ।" (ମହାନ୍ତି,'ଶେଷ କବିତା', ପୃ: ୧୯୦)

**ଗରିବ ମଣିଷ** "ଦେହରେ କଳା, ଶ୍ଳଥ ଚମଡ଼ା ଉପରେ ଡଙ୍କା ହୋଇଛି ଖଣ୍ଡେ ଖଣ୍ଡେ ଅଖା । କାହାରି କାହାରି ଦେହରେ ଅବା ଡଷ୍ଟବିନ୍‌ରେ ପରିତ୍ୟକ୍ତ ଛିଣ୍ଡା କୋଟ ।" (ମହାନ୍ତି, 'ଭାରତ ଅବିଷ୍କାର', ପୃ: ୬୧)

**ବୃଦ୍ଧ ଅଧ୍ୟାପକ** "ହାଡ଼ଗିଲା ଚେହେରା ଡ଼: ଗଜାନନଙ୍କର - ଢିଲା ଟ୍ରାଉଜର ଆଉ ଧଡ଼ି ଛିଣ୍ଡା ବେଢବୁଜା କୋଟ୍ ପିନ୍ଧି ସେ ଦିଶନ୍ତି ଏକ ପାଳଭୂତ ପରି । କପାଳ ଉପରଯାଏ କେରାକେରା ଝୋଟପରି ପାଚିଲା ଧଳାବାଳ । ଶୀର୍ଣ୍ଣ ମୁହଁଟା ଗୋଟିଏ ଶୁଷ୍କ କରୋଟୀ । ମୋଟା ଚଷମା ଲେନ୍‌ସ ତଳେ ଆଖିଦୁଇଟା ଦିଶେ ମଲାମାଛର ଶେତା ଆଖିପରି ।" (ମହାନ୍ତି, 'କବନ୍ଧ', ପୃ: ୧୨୬)

**ହିପ୍‌ପୀଯୁବକ** "ପାର୍କରେ ଅନେକ ଯୋଡ଼ା ଆଖି ସୁନନ୍ଦର ସପତ୍ର ବାବୁରି ବାଳ, ରୁଦ୍ରାକ୍ଷ ମାଳା ଓ ଯୋଗୀ ମହାରାଜଙ୍କ ଗଞ୍ଜେଇ ଚିଲମ୍ ଆଡ଼େ ଚାହିଁ କୌତୂହଳୀ ହୋଇ ଉଠୁଥିଲେ ।" (ମହାନ୍ତି, 'ଗୁରୁ', ପୃ: ୩୬)

**କୁଷ୍ଠରୋଗୀ** "ନାକରୁ ଚେନାଏ ଖସି ପଡ଼ିଛି, ବାଁ ହାତରେ ଆଙ୍ଗୁଠିସବୁ ଥୁଣ୍ଟା । ଫୁଲାପାଦ ଦୁଇଟାରେ କେତେ ପରସ୍ତ କନା ବନ୍ଧାହୋଇ ଦିଶୁଛି ଦୁଇଟା ପିଣ୍ଡୁଳା ପରି ।" (ମହାନ୍ତି, 'ଇନ୍ଦ୍ରଦ୍ୟୁମ୍ନ', ପୃ: ୧୩୩)

**ରାଜନୀତିକ କର୍ମୀ** "ଛକଡ଼ି ବେହେରା : ଅଶୀ ବର୍ଷର ଥୁରୁଥୁରୁ ବୁଢ଼ା... ପିଠିରେ କେତେ ବେତନୋଳା ଜାଲପରି ଛନ୍ଦି ହୋଇଯାଇଛି... ତଥାପି ଅଣ୍ଟା ବାଙ୍କି ନାହିଁ । ମେରୁଦଣ୍ଡ ସିଧା ରହିଛି... ପିନ୍ଧାରେ ଅଖା ପରି ବହଳ ନାଲି ଧୂଳିର କୋଚଟ ଖଦଡ଼ ।" (ମହାନ୍ତି, 'ମାଲ୍ୟାର୍ପଣ', ପୃ: ୧୯୧)

ଗାଳ୍ପିକ ସୁରେନ୍ଦ୍ର କେବଳ ଆଡ଼ମ୍ବରପୂର୍ଣ୍ଣ ପୁଙ୍ଖାନୁପୁଙ୍ଖ ବିଗ୍ରହ ବର୍ଣ୍ଣନା ନକରି ଉପରୋକ୍ତ ଚରିତ୍ରଗୁଡ଼ିକର ବିଗ୍ରହ ବର୍ଣ୍ଣନା ଅତି ସଂକ୍ଷେପରେ ଉପସ୍ଥାପନ କରି ବାସ୍ତବ ତଥା ଜୀବନ୍ତ ରୂପ ସୃଷ୍ଟି କରିବାର ପ୍ରଚେଷ୍ଟା କରିଛନ୍ତି ।

## ସୁରେନ୍ଦ୍ରଙ୍କ ଗଳ୍ପରେ ଐତିହାସିକ ଚରିତ୍ରର ରୂପ ବର୍ଣ୍ଣନା

'ମହାନିର୍ବାଣ' ଗଳ୍ପରେ ନୀଳୋତ୍ପଳ ଓ ମଧୁବ୍ରତାର ବିଗ୍ରହବର୍ଣ୍ଣନାର ଦୃଷ୍ଟାନ୍ତ ଲକ୍ଷ୍ୟକଲେ ଗାଳ୍ପିକ ସୁରେନ୍ଦ୍ରଙ୍କ ବୌଦ୍ଧଯୁଗୀୟ ଚରିତ୍ରର ରୂପବର୍ଣ୍ଣନାର ଜୀବନ୍ତ ଆଲେଖ୍ୟ ପରିଲକ୍ଷିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ 'ଦଳେଇବୁଢ଼ା' ର ମାଗୁଣି ଦଳେଇ, 'ସୁନାମାହାରୀ', 'ନର୍ତ୍ତକୀ'ର ଦେବଦାସୀ ଆଦି ଚରିତ୍ରର ବିଗ୍ରହ ବର୍ଣ୍ଣନା ଲକ୍ଷ୍ୟକଲେ ଏକଥା ସ୍ପଷ୍ଟ ହୁଏ ଯେ ଗାଳ୍ପିକ ସୁରେନ୍ଦ୍ର ଅତୀତର ପ୍ରେକ୍ଷାପଟରେ ଐତିହାସିକ ଗଳ୍ପର ଚରିତ୍ରଗୁଡ଼ିକର ବିଗ୍ରହବର୍ଣ୍ଣନା ଜୀବନ୍ତ ଭାବେ ଉପସ୍ଥାପନ କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ :-

"ନୀଳାମ୍ବରୀ ଅମ୍ବାପଲ୍ଲୀ, ଲାକ୍ଷାରଞ୍ଜିତ ପାଦରେ ସ୍ୱର୍ଣ୍ଣ ତାଳିମ୍ବ ମଞ୍ଜରୀର ମଞ୍ଜୀର; କ୍ଷୀଣକଟୀ ବେଷ୍ଟନ କରି ଗୁରୁ ନିତମ୍ବ ଚୁମ୍ବନ କରିଛି ମେଖଳା, ଦୁଇମୃଣାଳ ବାହୁରେ ସ୍ୱର୍ଣ୍ଣକେୟୁରର ପଦ୍ମକଳିକା ସ୍ପର୍ଶ କରିଛି ଉନ୍ନତ ବକ୍ଷକୋରକ, ବଙ୍କିମ ଦୁଇ ଭ୍ରୂଲତା ତଳେ ମଦଭରା ଦୁଇ ମୃଗଆଖି, ଯେପରି ବଙ୍କିମ ପୁଷ୍ପ ଧନୁରେ ମଦନର ଟଙ୍କାର ।" (ମହାନ୍ତି, 'ଅମ୍ବାପଲ୍ଲୀ', ପୃ: ୨୯)

## ଆଧୁନିକ ନଗରକେନ୍ଦ୍ରିକ ସମାଜର ନାରୀବିଗ୍ରହର ବର୍ଣ୍ଣନା

ମିସେସ୍ ସୁଲଭା ରାଜଲକ୍ଷ୍ମୀ - "ଶେଷ ବସନ୍ତରେ ଝରାବଉଳର ଚେହେରା - ଲାବଣ୍ୟ ଯାଇଛି । ତଥାପି କାନ୍ତି ଲାଗିରହିଛି, ପ୍ରସାଧନ ପ୍ରସାଦରେ ।"... (ମହାନ୍ତି, 'କେନ୍ଦ୍ରାତୀଗ', ପୃ: ୬୧)

ସୁମିତ୍ରାକୁ ସେପରି ବେଶବାସରେ ସେଠାରେ ସେତେବେଳେ ଚିହ୍ନିବାର ଉପାୟ ନଥିଲା ।.... ପାସ୍ୱା ଉପରେ ଶାଢ଼ିଟାକୁ କୌଣସି ମତେ ଶିଥିଳ ଭାବରେ ଗୁଡ଼ାଇ ଅଣ୍ଟାତଳକୁ ପ୍ରାୟ ଏକଇଞ୍ଚ ଅନାବୃତ ରଖି, ସୁମିତ୍ରା ପିନ୍ଧିଥିଲା ଲେଟେଷ୍ଟ ପ୍ୟାଟର୍ଣ୍ଣର ହାତକଟା ବ୍ଲାଉଜ୍ । ବ୍ଲାଉଜ ଆଉ ବ୍ରେସିଆରରୁ ଫିତା ପ୍ରାୟ ଏକାପାଙ୍ଗରେ ମିଶିପାଇଥିଲା । ହାଇହିଲ୍ ଉପରେ ସୁମିତ୍ରା ଦୋଳିଦୋଳି ଉଠୁଥିଲା । (ମହାନ୍ତି, 'ପ୍ରିୟତମାସୁ', ପୃ: ୯୯-୧୦୦)

ସୁଲଭା ରାଜଲକ୍ଷ୍ମୀ ଓ ସୁମିତ୍ରାର ବିଗ୍ରହବର୍ଣ୍ଣନା ମାଧମରେ ବିଂଶଶତାବ୍ଦୀର ନାରୀ ପ୍ରସାଧାନର ଉଲଙ୍ଗ ବାସ୍ତବତାର ସ୍ୱରୂପ ଗାଳ୍ପିକ ବର୍ଣ୍ଣନା କରିଛନ୍ତି । ରିଟିଜ୍ ହୋଟେଲର ରିସେପ୍‌ସନିଷ୍ଟ, ଯମୁନା, ତଥା ମହାନଗରରୀର ରାତ୍ରି ଗଳ୍ପର ଚନ୍ଦ୍ରା (ମହାନ୍ତି, 'କାଠଘୋଡ଼ା', ପୃ: ୯୫ ଓ 'ମହାନଗରୀର ରାତ୍ରି', ପୃ: ୯୧) ଚରିତ୍ରର ବିଗ୍ରହଣବର୍ଣ୍ଣନାକୁ ତୁଳନାତ୍ମକ ଅଧ୍ୟୟନ କଲେ ଆଧୁନିକା ଉଗ୍ରନାରୀ ଓବେଶ୍ୟାର ପ୍ରସାଧନ ତଥା ବିଜ୍ଞାପନ ମଧ୍ୟରେ ବିଶେଷ ପାର୍ଥକ୍ୟ ପରିଲକ୍ଷିତ ହୋଇ ନଥାଏ । ଏଭଳି ଉଗ୍ର ଆଧୁନିକା ନାରୀର ଆଗାମୀ ଶତାବ୍ଦୀରେ ପରିଣତି ସଂପର୍କରେ ଗାଳ୍ପିକ "ଖ୍ରୀ. ଅ. ୨୦୬୬" ଗଳ୍ପରେ ସଚେତନ ଭାବେ ନାରୀ ରୂପର ଚିତ୍ର ଜେନୀ ଚରିତ୍ରର ବିଗ୍ରହ ବର୍ଣ୍ଣନା ମାଧମରେ ପ୍ରଦାନ କରିଛନ୍ତି । (ମହାନ୍ତି, 'ଖ୍ରୀ:ଅ: ୨୦୬୬', ପୃ: ୨୧)

କେବଳ ବର୍ଣ୍ଣନା ମାଧ୍ୟମରେ ଗାଳ୍ପିକ ସୁରେନ୍ଦ୍ର ନାରୀ ବିଗ୍ରହର ଉପସ୍ଥାପନ କରିନାହାନ୍ତି । ବ୍ୟଞ୍ଜନାତ୍ମକ ଭାଷାରେ ରୂପକଳ୍ପ ମାଧ୍ୟମରେ ଯେଉଁ କେତୋଟି ନାରୀ ରୂପର ବର୍ଣ୍ଣନା ସଂକ୍ଷେପରେ ପରିଲକ୍ଷିତ ହୁଏ ତାର କେତୋଟି ଦୃଷ୍ଟାନ୍ତ ଏଠାରେ ବି ଦିଆଯାଉଅଛି ।

"ନବବଧୂ ଶ୍ରୀମତୀ ସୋମ୍ । କପାଳରେ ଲଜ୍ଜାର ପାଟଳିମା । କେତୋଟି ଚୂର୍ଣ୍ଣକୁନ୍ତଳ, ସେଠି ଉଡ଼ି ବୁଲୁଥିଲା ।"(ମହାନ୍ତି, 'ମୁହୂର୍ତ୍ତ', ପୃ: ୧୫୩)

"ଗୋରୁ ପହ୍ଲା ପରି ମିସ୍ ଡ୍ରାଇଭରଙ୍କର ଚର୍ବି ବହୁଳପେଟ ତଳକୁ ଝୁଲି ପଡ଼ିଥିଲା ।"(ମହାନ୍ତି,'ସବୁଜ ପତ୍ର ଓ ଧୂସର ଗୋଲାପ', ପୃ: ୪୨୧)

"ଆଃ... ଚିରନ୍ତନୀ ନାରୀର ଏଇ ଆଖି । ଅଚିହ୍ନା ନଦୀପରି । ଦୂର ଅରଣ୍ୟ ପରି । ସେଥିରେ ଅନେକ ଜଟିଳତା ଅନେକ ବିଭ୍ରାନ୍ତି ।" (ମହାନ୍ତି, 'କେନ୍ଦ୍ରାତୀଗ', ପୃ: ୪୮)

ଏହି ତିନୋଟି ଦୃଷ୍ଟାନ୍ତକୁ ଲକ୍ଷ୍ୟକଲେ ସଂକ୍ଷେପରେ ରୂପକଳ୍ପ ମାଧ୍ୟମରେ ନାରୀର ବିଗ୍ରହ ବର୍ଣ୍ଣନା ଯେଭଳି ବ୍ୟଞ୍ଜନାତ୍ମକ ରୀତିରେ କରାଯାଇଛି- ତାହା ସୁରେନ୍ଦ୍ରଙ୍କ ନିଜସ୍ୱ ବୈଶିଷ୍ଟ୍ୟ ।

## ମାନବେତର ଚରିତ୍ରର ବିଗ୍ରହ ବର୍ଣ୍ଣନା

ଗାଳ୍ପିକ ସୁରେନ୍ଦ୍ର ନିଜ ଗଳ୍ପଗୁଡ଼ିକରେ ପୋଷାମାଙ୍କଡ଼, ଘୋଡ଼ା, ଛେଳି, କୁକୁର, ବାଛୁରୀ, ଗାଈ ଆଦି ବହୁ ମାନବେତର ଚରିତ୍ରର ଉପସ୍ଥାପନା କରିଛନ୍ତି । ମାନବେତର ଚରିତ୍ର ବର୍ଣ୍ଣନା କ୍ଷେତ୍ରରେ ତାଙ୍କର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ତଥା ପ୍ରତୀକାତ୍ମକ ରୀତି ଲକ୍ଷ୍ୟ କରାଯାଏ । ପୁଣି ମାନବେତର ଚରିତ୍ରଗୁଡ଼ିକ ତାଙ୍କ ଗଳ୍ପରେ ଜୀବନ୍ତ ଭାବେ ଉପସ୍ଥାପିତ ଦୃଷ୍ଟାନ୍ତ ସ୍ୱରୂପ;

"ଅଠର ବର୍ଷ ପୂର୍ବେ ସେଠାରେ ବନ୍ଧାଥିଲା ଚାରିଫୁଟ ଉଚ୍ଚର ଗୋଟିଏ ଛେଳି । ତାହାର ଦୁଇ ଶିଙ୍ଗ ଦୁଇଟି ବର୍ଚ୍ଛା ପରି ଉପରକୁ ମୁନିଆ ହୋଇ ଉଠିଥିଲା । ଥୋମଣି ତଳେ ଗୋଟିଏ ଦାଢ଼ି ଚୀନା

ଦାର୍ଶନିକମାନଙ୍କ ଦାଢ଼ି ପରି ତଳକୁ ଲମ୍ବି ଆସିଥିଲା । ବିଲାତୀ ସିଝୁର ପତ୍ର ପରି କାନ ଦୁଇଟି ତଳକୁ ଥୋମଣି ପର୍ଯ୍ୟନ୍ତ ଝୁଲି ପଡ଼ିଥିଲା ।"(ମହାନ୍ତି, 'ଆକାଶ ତଥାପି ସୁନୀଳ', ପୃ: ୨୭) ଏଠାରେ ଉପମାନ ଆଦିର ପ୍ରୟୋଗ ମାଧ୍ୟମରେ ବ୍ୟଞ୍ଜନାତ୍ମକ ରୀତିରେ ଚରିତ୍ରର ଉପସ୍ଥାପନା କରାଯାଇଛି ।

ଏହି ଦୃଷ୍ଟାନ୍ତ ସବୁକୁ ଲକ୍ଷ୍ୟକଲେ ବିଗ୍ରହ ବର୍ଣ୍ଣନା କ୍ଷେତ୍ରରେ ଗାଳ୍ପିକ ସୁରେନ୍ଦ୍ରଙ୍କ ନିମ୍ନ କେତୋଟି ବିଶେଷତ୍ୱ ଲକ୍ଷ୍ୟ କରାଯାଇଥାଏ । ପ୍ରଥମତଃ ଗାଳ୍ପିକ ସୁରେନ୍ଦ୍ର ଅନେକ ବିଗ୍ରହ ବର୍ଣ୍ଣନାରେ ଫକୀର ମୋହନଙ୍କ ଭଳି ଚରିତ୍ରର ପୁଙ୍ଖାନୁପୁଙ୍ଖ ଦୀର୍ଘ ବର୍ଣ୍ଣନା କରି ବିଗ୍ରହକୁ ଜୀବନ୍ତ ଭାବେ ଉପସ୍ଥାପନ କରିଛନ୍ତି । କେତେକ ବିଗ୍ରହ ବର୍ଣ୍ଣନା ସମାଜର ବିଭିନ୍ନ ଶ୍ରେଣୀର ଚରିତ୍ରର ପ୍ରତିନିଧିତ୍ୱ କରୁଛନ୍ତି । କେତେକ ସ୍ଥଳରେ ଦୀର୍ଘ ବର୍ଣ୍ଣନାକୁ ପରିହାର କରି ଉପମାନ ରୂପକଲ୍ପ ମାଧ୍ୟମରେ ବ୍ୟଞ୍ଜନାଧର୍ମୀ ଭାଷାରେ ଗାଳ୍ପିକ ସୁରେନ୍ଦ୍ର ବିଗ୍ରହର ଜୀବନ୍ତ ଉପସ୍ଥାପନ କରିଛନ୍ତି ଏବଂ ଏହାହିଁ ହେଉଛି ଗାଳ୍ପିକଙ୍କ ନିଜସ୍ୱ ବୈଶିଷ୍ଟ୍ୟ । ଗାଁର ମଳିମୁଣ୍ଡିଆ ତଥା ସହରର ସମ୍ଭ୍ରାନ୍ତ ଚରିତ୍ର ; ଅତୀତଇତିହାସର ଚରିତ୍ର ଓ ଭବିଷ୍ୟତସମାଜର ଚରିତ୍ର ; ମାନବେତର ଚରିତ୍ର ଏବଂ ସ୍ୱପ୍ନଲୋକ ବା ପ୍ରେତଲୋକର ଚରିତ୍ରର ବିଗ୍ରହ ବର୍ଣ୍ଣନା ଗାଳ୍ପିକଙ୍କର ବହୁ ଅନୁଧ୍ୟାନ ତଥା ଅନୁଭୂତିର ଫଳଶ୍ରୁତି ସ୍ୱରୂପ ଗଳ୍ପଗୁଡ଼ିକରେ ଦେଖାଯାଏ ।

## ପରିବେଶ ବର୍ଣ୍ଣନା

ପରିବେଶ ବର୍ଣ୍ଣନା ପାଇଁ ଗାଳ୍ପିକର ସୁଯୋଗ ଔପନ୍ୟାସିକ ତୁଳନାରେ ଅପେକ୍ଷାକୃତ କମ୍ ଥିଲେ ହେଁ ପରିବେଶର ବର୍ଣ୍ଣନା ଗଳ୍ପରେ ଅନିବାର୍ଯ୍ୟ ଭାବରେ ଦେଖାଯାଏ । ଗାଳ୍ପିକ ସୁରେନ୍ଦ୍ର ନିଜ ଜୀବନର ବିଭିନ୍ନ ଅନୁଭୂତି ତଥା ପର୍ଯ୍ୟବେକ୍ଷଣରୁ ବହୁବିଧ ପରିବେଶର ଚିତ୍ର ଗଳ୍ପଗୁଡ଼ିକରେ କିଭଳି ବାସ୍ତବଧର୍ମୀ ଦୃଷ୍ଟିକୋଣରୁ ଗୁମ୍ଫନ କରିଛନ୍ତି, ତାହା ଏହି ପର୍ଯ୍ୟାୟର ବିଭିନ୍ନ ବିଭାଗରେ ଆଲୋଚନା କରାଯାଉଅଛି ।

## ପ୍ରାକୃତିକ ପରିବେଶ

ଗାଳ୍ପିକ ସୁରେନ୍ଦ୍ରଙ୍କ କ୍ଷୁଦ୍ରଗଳ୍ପରେ ଚିତ୍ରିତ ତାଙ୍କର ପରିପାର୍ଶ୍ୱିକ ପ୍ରାକୃତିକ ପରିବେଷ୍ଟନୀର ଚିତ୍ର ସବୁକୁ ଏଠି କେତେକ ବିଭାଗରେ ବିଭକ୍ତ କରି ବିଚାର କରାଯାଉଅଛି । ଗାଳ୍ପିକ ସୁରେନ୍ଦ୍ର ନିଜ ଗଳ୍ପଗୁଡ଼ିକରେ ଦିନ, ମାସ, ଋତୁ ତଥା ବିଭିନ୍ନ ସ୍ଥାନର ଭୌଗୋଳିକ ଅବସ୍ଥିତି ଓ ଦୃଶ୍ୟରାଜିର ଯେଉଁ ବର୍ଣ୍ଣନା କରିଛନ୍ତି ତାହା ଏହି ପର୍ଯ୍ୟାୟରେ ଆଲୋଚନା କରାଯାଉଅଛି ।

**ସକାଳର ବର୍ଣ୍ଣନା** ଋତୁଚକ୍ରର ପରିବର୍ତ୍ତନ ସହିତ ସକାଳର ଚିତ୍ର କିଭଳି ବିଭିନ୍ନ ରୂପ ପରିଗ୍ରହ କରିଥାଏ ତାହା ଗାଳ୍ପିକ ସୁରେନ୍ଦ୍ରଙ୍କ ଗଳ୍ପରୁ କେତୋଟି ଦୃଷ୍ଟାନ୍ତର ଅବତାରଣା କରି ବିଚାର କରାଯାଉଅଛି ।

"ଜ୍ୟେଷ୍ଠ ମାସର ସକାଳ । ଆକାଶରେ ମେଘ ବୃାଙ୍କି ଛାଇ ଛାଇ କରିଛି । ତେଣୁ ଖରା ଜଣା ପଡୁନାହିଁ । ଆଉଟିକକକୁ ମେଘ କଟିଯିବ । ମୁଣ୍ଡ ଫଟା ଖରା ତଳେ ସାମନାର ନଈବାଲିରେ ମୁଠାଏ ଧାନ ପକାଇ ଦେଲେ ଯେମିତି ଖଇ ଫୁଟି ଉଠିବ ।(ମହାନ୍ତି, 'ବାଲି', ପୃ: ୨୩୦ )

ଆଶ୍ୱିନର ଗୋଟିଏ ମେଘୁଆ, ସୁନେଲୀ ସକାଳ । ଝରକା ବାହାରେ ଗଛଗୁଡ଼ାକର ପତ୍ରଶୀର୍ଷ ଉପରେ କିଏ ଯେପରି ଲକ୍ଷ ଲକ୍ଷ ସୁନାର ପ୍ରଦୀପ ଜାଳି ଦେଇଯାଇଛି । ତାର କୋମଳ ଆଲୋକ ଖୋଲା ଝରକା ବାଟେ ସନାତନଙ୍କ ଚାରିପଟେ ବିଛାଇ ହୋଇ ପଡ଼ିଛି ।"(ମହାନ୍ତି, 'ପାଗଳଗାରଦର କାହାଣୀ', ପୃ: ୧୯)

"ସପ୍ତମୀର ମଙ୍ଗଳ ପ୍ରଭାତ । ଦେବୀଙ୍କ ସ୍ଫୁରିତ ଅଧରରେ ସ୍ମିତ ରେଖା ପରି, ଶିଶିର ଧୂଆ ନୀଳ ଆକାଶରେ ସୁନେଲୀ ଖରା... ଶାଣଦିଆ ଖଣ୍ଡା ପରି ଚିକ୍ ଚିକ୍ ଖରା; କେଉଁ ଦିନ ଅଲକ୍ଷିତରେ ସ୍ୱର୍ଣ୍ଣାଭ କୋମଳତାରେ ପ୍ରଲିପ୍ତ ହେଲାଣି । ବାଉଁଶ ଝାଡ଼, ତାଳମାଳ, ନଡ଼ିଆ ବାଉଙ୍ଗା ଉପରେ ଯେପରି ଦେବୀ ଆବାହନର ଲକ୍ଷ ଦୀପାଳୀ...

ଆକାଶରେ କେତେଟା ଶଙ୍ଖଚିଲ ଉଡ଼ୁଛନ୍ତି । ଶାନ୍ତ ଗ୍ରାମପଥରେ ପ୍ରବାସୀମାନଙ୍କର ଘର ଲେଉଟା କୋଳାହଳ... ।"(ମହାନ୍ତି, 'ବିସର୍ଜନ', ପୃ: ୧୩୮)

"ବାହାରେ ଏକ ଶାନ୍ତ ସୁନ୍ଦର ସକାଳ... ବହୁ ଦୁଃସ୍ୱପ୍ନର ଅନ୍ଧକାର ଭିତରୁ ଏ ସକାଳ ଜନ୍ମ ନେଇଥିଲା ଯେପରି ଏକ ନୂତନ ଶୁଭ୍ରତା ଓ ପ୍ରଶାନ୍ତିରେ । ଆଦ୍ୟ ବସନ୍ତର ପ୍ରଥମ ଖରା ପାଦକୁ କୋମଳ ଲାଗୁଥିଲା ।" (ମହାନ୍ତି, 'ହତ୍ୟାକାରୀ କିଏ', ପୃ: ୮୨)

ଉପରେ ଜ୍ୟେଷ୍ଠର ଗୋଟିଏ, ଶରତର ଦୁଇଟି ଓ ବସନ୍ତ ସମୟର ଗୋଟିଏ ସକାଳର ବର୍ଣ୍ଣନା ଉଦ୍ଧାର କରାଯାଇଛି । ଜ୍ୟେଷ୍ଠର ସକାଳ ବର୍ଣ୍ଣନା ଉଦାହରଣକୁ ଲକ୍ଷ୍ୟକଲେ ଦେଖାଯାଏ, ଏହା ଉପରେ ଫକୀରମୋହନଙ୍କ "ଛ'ମାଣ ଆଠଗୁଣ୍ଠ"ର 'ଟାଙ୍ଗୀ ମାଉସୀ' ପରିଚ୍ଛେଦର ଗ୍ରୀଷ୍ମକାଳୀନ ମଧ୍ୟାହ୍ନ ପରିବେଶ ବର୍ଣ୍ଣନାର ପ୍ରଭାବ ସୁସ୍ପଷ୍ଟ । ଶରତର ପ୍ରଥମ ସକାଳ ବର୍ଣ୍ଣନାଟି ସ୍ୱଭାବୋକ୍ତି ମାଧ୍ୟମରେ ଏକ ଚିତ୍ରାତ୍ମକ ବାସ୍ତବ ପରିବେଶର ଚିତ୍ର । ମାତ୍ର ଦ୍ୱିତୀୟ ବର୍ଣ୍ଣନାଟି 'ବିସର୍ଜନ' ଗଳ୍ପର ବିଷୟବସ୍ତୁ ତଥା ଘଟଣା ବିନ୍ୟାସ ଦୃଷ୍ଟିରୁ ଏକ ସ୍ୱତନ୍ତ୍ର ବିଚାର ଦାବି କରିଥାଏ । ଗଳ୍ପରେ ବର୍ଣ୍ଣିତ ଦେବୀ ଦୁର୍ଗାଙ୍କ ପୂଜା ଆରାଧନା ଘଟଣା ଦୃଷ୍ଟିରୁ ଶରତ ସକାଳର ଉପମାନ ପ୍ରୟୋଗ ପାଠକ ପାଖରେ ଏକ ଚିତ୍ରାତ୍ମକ ପରିବେଶ ସୃଷ୍ଟି ଦୃଷ୍ଟିରୁ ସହାୟକ ହୋଇଅଛି । ଏହି ବର୍ଣ୍ଣନାର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି, ଶରତ ଋତୁର ପ୍ରାକୃତିକ ସକାଳର ପରିବେଶକୁ ତତ୍କାଳୀନ ସାମାଜିକ ପରିବେଶର ଉପମାନ ଚୟନ ମାଧ୍ୟମରେ ସ୍ୱାଭାବିକ ରୂପରେ ବର୍ଣ୍ଣନା କରାଯାଇଅଛି । ବସନ୍ତ କାଳର ସକାଳ ବର୍ଣ୍ଣନା ଶରତର ପ୍ରଭାତ ବର୍ଣ୍ଣନା ତୁଳନାରେ ଆଳଙ୍କାରିକ ନୁହେଁ, ବରଂ ସ୍ୱଭାବ ସୁନ୍ଦର । ତେବେ ଏକଥା ସତ୍ୟ ଯେ, ଗଳ୍ପରେ କେବଳ ସମୟର ସୂଚନା ନିମିତ୍ତ ଗାଳ୍ପିକ ସୁରେନ୍ଦ୍ର ସକାଳର ବର୍ଣ୍ଣନା କରିନାହାନ୍ତି । ସେ ତାଙ୍କର ସକାଳର ପରିବେଶ ବର୍ଣ୍ଣନା ମାଧ୍ୟମରେ ଗଳ୍ପର ଘଟଣାକୁ ତୀବ୍ର ଗତିରେ ଆଗେଇ ନେବା ସହିତ ଚରିତ୍ରର ମାନସିକ ପରିବେଶକୁ ଅଧିକ ସ୍ପଷ୍ଟ ଭାବରେ ଏହା ମାଧ୍ୟମରେ ଉପସ୍ଥାପନ କରିଛନ୍ତି ।

ବିଭିନ୍ନ ଋତୁରେ ସକାଳର ବର୍ଣ୍ଣନାରେ ଦେଖା ଦେଇଥିବା ବିଭିନ୍ନତା ଭଳି ସୁରେନ୍ଦ୍ରଙ୍କ ଗଳ୍ପରେ ବିଭିନ୍ନ ସ୍ଥାନର ସକାଳ ବର୍ଣ୍ଣନାରେ ବିବିଧତା ପରିଲକ୍ଷିତ ହୋଇଥାଏ । ଦୃଷ୍ଟାନ୍ତ ସ୍ୱରୂପ 'ଦ୍ୱିପଦର ଗ୍ରାସ' ଗଳ୍ପରେ ବର୍ଣ୍ଣିତ ପଲ୍ଲୀ ପ୍ରଭାତର ବର୍ଣ୍ଣନା, 'ସୁନାମାହାରୀ' ଗଳ୍ପର ଶ୍ରୀମନ୍ଦିରର ବେଢ଼ା ମଧ୍ୟରେ ସକାଳର ପ୍ରକୃତି ତଥା 'ମଧୁମଞ୍ଜାର ରାତି' ଗଳ୍ପର ପ୍ରଭାତ ବର୍ଣ୍ଣନାକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଭାବେ ପ୍ରତିପାଦିତ ହୋଇଥାଏ । (ମହାନ୍ତି, 'ଦ୍ୱିପଦର ଗ୍ରାସ', ପୃ: ୧୬୬ ଓ 'ସୁନାମାହାରୀ', ପୃ: ୬୧, ୬୨ ଓ 'ମଧୁମଞ୍ଜାର ରାତି', ପୃ: ୫୨) ପଲ୍ଲୀ ତଥା ଶ୍ରୀମନ୍ଦିର ପରିବେଶରେ ବର୍ଣ୍ଣିତ ସକାଳ ସ୍ୱାଭାବିକ ବର୍ଣ୍ଣନା ମାଧ୍ୟମରେ ଉପସ୍ଥାପିତ ହୋଇଥିବା ସ୍ଥଳେ ମଧ୍ୟଯୁଗୀୟ କାବ୍ୟ ପରମ୍ପରାର ଅଳଙ୍କରଣ ପ୍ରକ୍ରିୟା ଆଳଙ୍କାରିକ ଭାଷା

ବୈଚିତ୍ର୍ୟ ମାଧ୍ୟମରେ 'ମଧୁମଞ୍ଜାର ରାତ୍ରି' ଗଳ୍ପରେ ପ୍ରଭାତ ବର୍ଣ୍ଣନା ଉପସ୍ଥାପନ କରାଯାଇଛି ।

ସ୍ଥାନ ଓ ଋତୁ ଭେଦରେ ସୁରେନ୍ଦ୍ରଙ୍କ ଗଳ୍ପରେ ସକାଳ ବର୍ଣ୍ଣନାର ବୈଚିତ୍ର୍ୟ ଲକ୍ଷ୍ୟ କରାଯାଇଥିବା ପରି ବିଭିନ୍ନ ଚରିତ୍ରର ଦୃଷ୍ଟିକୋଣ ତଥା ଚରିତ୍ରର ବିଭିନ୍ନ ଅବସ୍ଥାରେ ସକାଳ ବର୍ଣ୍ଣନାର ବୈଚିତ୍ର୍ୟ ସୁରେନ୍ଦ୍ରଙ୍କ ଗଳ୍ପରେ ଲକ୍ଷ୍ୟ କରାଯାଇଥାଏ । କେତେକ ଦୃଷ୍ଟାନ୍ତ ମାଧ୍ୟମରେ ଏହାର ଉପସ୍ଥାପନ କରାଯାଉଛି ।

(i) "ମଣ୍ଟୁର କାନ୍ଦରେ ସେମାନଙ୍କର ନିଦ ଭାଙ୍ଗି ଯାଇଥିଲା । ତାରି ଟଣା ଭିତରେ, ଏଇ ସୁନ୍ଦର ସକାଳଟା, ଝରକା ବାହାରେ ଖଣ୍ଡେ ଭଙ୍ଗା ଆଇନା ପରି ଛିଣ୍ଡି ପଡ଼ିଥିବା ଏଇ ନେଳି ଆକାଶଟା, ଝରା [illegible] ସବୁ କୁଆଡ଼େ ଲୁଚିଗଲା / ନିଭିଗଲା !

×××××　　　　×××××　　　　×××××

କିନ୍ତୁ ଏସବୁର ବାହାରେ, କିଏ ବିଛେଇ ଦେଇଯାଇଛି, ସ୍ରାବ୍ଜା ଘାସର ଶେଜ ? ଆଉ କିଏ ସେମାନେ ? ଯେଉଁମାନେ କାଲି ରାତିରେ କାନ୍ଦୁଥିଲେ ? ଯେଉଁମାନଙ୍କର ବିନ୍ଦୁ ବିନ୍ଦୁ ଲୁହ ଘାସ ପତ୍ର ଉପରେ ଝରି ପଡ଼ିଛି ।" (ମହାନ୍ତି,'ଜୀବନ ପ୍ରଭାତ', ପୃ: ୧୧୭)

(ii) "ଆଉଟା ସୁନାର ତୁଳୀବୁଲା ଆଉ ଗୋଟିଏ ସକାଳ... ତଳେ ବଗିଚାର ଘାସଶେଜ ଉପରୁ ଛାଇର କମଳ ତଥାପି ଉଠିନାହିଁ... ସେଠି ତଥାପି ଲାଗି ରହିଛି, କାଲି ରାତିର ନିଦ ଆଉ ଅଳସ, ଆଉ ବିନ୍ଦୁ ବିନ୍ଦୁ ଶିଶିର... ମାତ୍ର ସେଇ ଉଞ୍ଚା ଶିରିଶଗଛଟା ଡାଳରେ, ରୋଡେନଡ୍ରେକ୍ ବୁଦାରେ ଅସୁମାରୀ ବାଇଗଣୀ ରଙ୍ଗର ଫୁଲପାଖୁଡ଼ା ଉପରେ କଅଁଳ ସକାଳର ଖରା ଧୀରେ ଧୀରେ ଫିଟି ଆସୁଛି... କାହାଣୀର ସେଇ ଇନ୍ଦ୍ରଧନୁ ଦେଶର ରାଜକନ୍ୟାର ଓଠରେ ହସର କୁଞ୍ଚିତ ରେଖା ପରି... ନିଦ ଝୁଙ୍କା ଆଖିରେ ସେ ରାଜକନ୍ୟାର ଚିତ୍ର ଆଉ କେହି ଆଙ୍କିବ ନାହିଁ... xxx" (ମହାନ୍ତି, 'ଲବଣର ସ୍ୱାଦ', ପୃ: ୧୧୯)

(iii) "ଆଉ ଗୋଟିଏ ସକାଳ... ଶୈଶବର ଆଲୋକ ଚପଳ, ଚୂନ ଲିପା ସକାଳ ନୁହେଁ... ଶେଷ କୈଶୋରର ମେଘୁଆ, ଲୁହ ଛଳଛଳ ବିଷାଦଗ୍ରସ୍ତ ସକାଳ । xxx

ନିଃସଙ୍ଗ, ଉତ୍ତାପହୀନ, ଘଟଣାହୀନ ବନ୍ଧ୍ୟା ବିବର୍ଣ୍ଣ ସକାଳ ।" (ମହାନ୍ତି, 'ନିର୍ମୂଳୀ ଲତାର ଫୁଲ', ପୃ: ୧୪୩,୧୪୫)

(iv) "ମହାନଗରୀର ନୈମିତ୍ତିକ ସକାଳ...

ସକାଳର ପକ୍ଷୀମାନଙ୍କର କୋମଳ କଳରବ, ଯାହା ଭାଷାର ପ୍ରଥମ ଆଲୋକ ସହ ଜାଗିଥିଲା-ଲନ୍‌ର ରୋଡ଼ନଡ୍ରେନ୍ ବୁଦାରେ, ଚୀନା ଶିଳ୍ପୀର ଛବି ପରି ଆକାଶର ପୃଷ୍ଠଭୂମିରେ ମୁଣ୍ଡ ନୁଆଁଇ, ଅଣ୍ଟା ବଙ୍କାଇ ବିଚିତ୍ର ଭଙ୍ଗୀରେ ଠିଆ ହୋଇଥିବା ଜାକରନ୍ଦା, ଇଉକାଲିପଟାସ୍ ଗଛର ଡାଳ ମାନଙ୍କରେ, ସ୍କୁଟରର ତର୍ଜନ, ଭାରୀ ଟ୍ରକ୍‌ମାନଙ୍କର ଗର୍ଜନ, ପିମ୍ପୁଡ଼ି ଧାର ପରି ଛୁଟିଥିବା ମୋଟରକାରମାନଙ୍କର ବହୁ ବିଚିତ୍ର ହର୍ଣ୍ଣ ଧ୍ୱନି ମଧ୍ୟରେ ତାହା କେତେବେଳୁ ନୀରବ ହୋଇ ସାରିଥିଲା ।"(ମହାନ୍ତି, 'ଜୟ ପରାଜୟ', ପୃ: ୧୫୭)

ଉପରେ କ୍ରମାନ୍ୱୟରେ 'ଜୀବନ ପ୍ରଭାତ', 'ଲବଣର ସ୍ୱାଦ', 'ନିର୍ମୂଳୀ ଲତାର ଫୁଲ' ଓ 'ଜୟ ପରାଜୟ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ରଙ୍କ ବର୍ଣ୍ଣିତ ସକାଳ ବର୍ଣ୍ଣନାର ଦୃଷ୍ଟାନ୍ତ ଉଦ୍ଧାର କରାଯାଇଅଛି । ଏହି ଚାରୋଟି ସକାଳ ବର୍ଣ୍ଣନାକୁ ଲକ୍ଷ୍ୟକଲେ ମଣିଷର ଶୈଶବ, ପୌଗଣ୍ଡ, କୈଶୋର ଓ ପରିଣତ ବୟସର

ମଣିଷର ଦୃଷ୍ଟିକୋଣରେ ସକାଳର ପରିବର୍ତ୍ତିତ ରୂପ ଚିତ୍ରିତ ହୋଇଛି । ପ୍ରଥମ ଦୁଇଟି ସକାଳର ବର୍ଣ୍ଣନାରେ ଶିଶୁମନର ଅନୁସନ୍ଧିତ୍ସା ଓ ରହସ୍ୟବୋଧ ରହିଥିବା ସ୍ଥଳେ, ତୃତୀୟ ଦୃଷ୍ଟାନ୍ତର ସକାଳ ବର୍ଣ୍ଣନା ମାଧ୍ୟମରେ ମଣିଷର ଗତାନୁଗତିକ ନିଃସଙ୍ଗ ଅସହାୟ ଜୀବନର ସୂଚନା ପ୍ରଦାନ କରାଯାଇଛି । ଚତୁର୍ଥ ସକାଳ ବର୍ଣ୍ଣନାର ଦୃଷ୍ଟାନ୍ତକୁ ଲକ୍ଷ୍ୟ କଲେ ମଣିଷର ଯାନ୍ତ୍ରିକ ଜୀବନର ରୂପ ରୂପାୟିତ ହୋଇଛି । ସକାଳର ପରିବେଶ ବର୍ଣ୍ଣନା ମାଧ୍ୟମରେ ଉପରୋକ୍ତ ଚାରୋଟି ଗଳ୍ପର ନାୟକ ମଣ୍ଟୁର ମାନସିକ ସଂଘର୍ଷର ଚିତ୍ର ମଧ୍ୟ ଲକ୍ଷ୍ୟ କରାଯାଇପାରେ । ପରିବେଶ ବର୍ଣ୍ଣନା ମାଧ୍ୟମରେ ଗାଳ୍ପିକ ଚରିତ୍ରର ମନୋବିଶ୍ଳେଷଣ ତଥା ଚରିତ୍ରର ବିକାଶ ଉପରୋକ୍ତ ଗଳ୍ପଗୁଡ଼ିକରେ କରିଛନ୍ତି । ଚରିତ୍ରର ମାନସିକ ଅବସ୍ଥା ତଥା ବିକାଶ ପାଇଁ ଗାଳ୍ପିକ ସୁରେନ୍ଦ୍ର ଅନୁରୂପ ଭାବେ "ଶାଳଭଞ୍ଜିକା", "ଯଦୁବଂଶ" ଓ "ବନ୍ୟାସଙ୍ଗିନୀ" ଗଳ୍ପରେ ସକାଳର ବର୍ଣ୍ଣନା କରିଥିଲେ ହେଁ ସେଗୁଡ଼ିକ କେବଳ ଘଟଣା ଓ ସମୟର ସୂଚନା ପ୍ରଦାନ କରିଛି (ମହାନ୍ତି, 'ଶାଳଭଞ୍ଜିକା', ପୃ: ୪୩୩ ଓ 'ଯଦୁବଂଶ', ପୃ: ୧୮ ଓ 'ବନ୍ୟା ସଙ୍ଗିନୀ', ପୃ: ୮୦) ତଥା ଉପରୋକ୍ତ ଦୃଷ୍ଟାନ୍ତଗୁଡ଼ିକ ପରି ପ୍ରଭାବଶାଳୀ ହୋଇ ପାରିନାହିଁ । ମାତ୍ର "ଖ୍ରୀ:ଅ: ୨୦୬୬" ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ନିଜର ଦୂରଦୃଷ୍ଟି ମାଧ୍ୟମରେ ମଣିଷର ଅସହାୟତାର ଚିତ୍ର ଦେବା ପାଇଁ ସକାଳ ପରିବେଶର ଭବିଷ୍ୟତ ଚିତ୍ର ବ୍ୟଞ୍ଜନାତ୍ମକ ଭାଷାରେ ପ୍ରଦାନ କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ :- "ସକାଳ... ରାତି ଶେଷ ହୋଇଥିବା ଅର୍ଥରେ କେବଳ । ତା' ନ ହେଲେ କୁହୁଡ଼ି ଧୂଆଁ, ଧୂଳି ଆଉ କୋଇଲା ଗୁଣ୍ଡର 'ସ୍ମଗ' ଫ୍ଲାଟ ବାହାରେ ଦ୍ୱିତୀୟ ରାତ୍ରିର ଭ୍ରମ ସୃଷ୍ଟି କରିଥିଲା ।"(ମହାନ୍ତି, 'ଖ୍ରୀ:ଅ: ୨୦୬୬', ପୃ: ୧)

ଉପରୋକ୍ତ ଆଲୋଚନାରୁ ଏକଥା ସ୍ପଷ୍ଟ ହୁଏ ଯେ, ସୁରେନ୍ଦ୍ରଙ୍କ ଗଳ୍ପରେ 'ସକାଳ'ର ପରିବେଶ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ତାଙ୍କର ଗଳ୍ପଗୁଡ଼ିକରେ ସକାଳ କେବଳ ସମୟର ସୂଚନା ପ୍ରଦାନ କରିବା ପାଇଁ ଗତାନୁଗତିକ ରୀତିରେ ବର୍ଣ୍ଣିତ ହୋଇନାହିଁ; ବରଂ ସକାଳର ବର୍ଣ୍ଣନାରେ ବିବିଧତା ଓ ନୂତନତା ଗଳ୍ପଗୁଡ଼ିକରେ ଲକ୍ଷ୍ୟ କରାଯାଇଥାଏ । ପୁଣି ସକାଳର ବର୍ଣ୍ଣନାଗୁଡ଼ିକୁ ଲକ୍ଷକଲେ ଏହା ସ୍ୱଭାବ ସୁନ୍ଦର ରୀତିରେ, ଅଳଙ୍କରଣ ପ୍ରକ୍ରିୟା ମାଧ୍ୟମରେ ତଥା ଚରିତ୍ରର ମାନସିକ ବିଶ୍ଳେଷଣ ଓ ଅବସ୍ଥାର ପରିଚୟ ପାଇଁ ବ୍ୟଞ୍ଜନାତ୍ମକ ଭାଷା ମାଧ୍ୟମରେ ରହସ୍ୟାତ୍ମକ ଓ ପ୍ରତୀକାତ୍ମକ ରୀତିରେ ବର୍ଣ୍ଣିତ ହୋଇଛି ।

## ମଧ୍ୟାହ୍ନ ଓ ଅପରାହ୍ନ ବର୍ଣ୍ଣନା

ସୁରେନ୍ଦ୍ରଙ୍କ ଗଳ୍ପ ସୃଷ୍ଟିରେ ମଧ୍ୟାହ୍ନର ପରିବେଶ କେବଳ "ଶୂନ୍ୟପଞ୍ଜୁରୀ"ରେ ସ୍ୱାଭାବିକ ଭାବରେ ବର୍ଣ୍ଣନା କରାଯାଇଅଛି ।(ମହାନ୍ତି, 'ଶୂନ୍ୟ ପଞ୍ଜୁରୀ', ପୃ: ୧୦୩) ଅପରାହ୍ନ ସମ୍ପର୍କରେ ଅଳ୍ପ କେତେକ ଗଳ୍ପରେ ସମୟର ସୂଚନା ନିମିତ୍ତ ଆବଶ୍ୟକ ବର୍ଣ୍ଣନା କରାଯାଇଛି ।(ମହାନ୍ତି, 'ଗୃହଦାହ', ପୃ: ୧୩୦, 'ଅପରିଚିତର ପରିଚୟ', ପୃ: ୩୬ ଓ 'କାବେରୀରୁ ଗଙ୍ଗା', ପୃ: ୧୧୧) ମାତ୍ର ଅତୀତ ଓ ବର୍ତ୍ତମାନର ତୁଳନା କରି "ଲବଣର ସ୍ୱାଦ" ଗଳ୍ପରେ କିଶୋର ମଣ୍ଟୁ ଚରିତ୍ର ମାଧ୍ୟମରେ ଅପରାହ୍ନର ପ୍ରଭାବ ଯେ ମଣିଷ ଜୀବନର ଅପରାହ୍ନ ସଦୃଶ ତାହା ପ୍ରତିପାଦନ କରାଯାଇଅଛି ।(ମହାନ୍ତି, 'ଲବଣର ସ୍ୱାଦ', ପୃ: ୧୨୮)

**ସନ୍ଧ୍ୟାର ବର୍ଣ୍ଣନା**

ଗାଳ୍ପିକ ସୁରେନ୍ଦ୍ର ସମୟର ସୂଚନା ପ୍ରଦାନ କରିବା ପାଇଁ "ଗୃହଦାହ", "ମରାଳର ମୃତ୍ୟୁ", "ଗଣଦେବତା", "ବରଜୁ ଷେଣ୍ଢଘାଇ", "ଶେଷ କବିତା" ଗଳ୍ପରେ ସନ୍ଧ୍ୟାର ଉପସ୍ଥାପନା କରିଛନ୍ତି । ମାତ୍ର ଅନ୍ୟାନ୍ୟ କେତେକ ଗଳ୍ପରେ ବିଭିନ୍ନ ସ୍ଥାନରେ ସନ୍ଧ୍ୟା ପ୍ରକୃତିର କିଭଳି ବିଭିନ୍ନ ରୂପ ପରିଦୃଷ୍ଟ ହୋଇଥାଏ ତାର ବର୍ଣ୍ଣନା ସ୍ୱଭାବ ସୁନ୍ଦର ତଥା ବ୍ୟଞ୍ଜନାତ୍ମକ ରୀତିରେ ଗାଳ୍ପିକ ଉପସ୍ଥାପନ କରିଛନ୍ତି ।

**ସଂଧ୍ୟାର ସ୍ୱାଭାବିକ ପ୍ରାକୃତିକ ରୂପ ବର୍ଣ୍ଣନା**

"ସୂର୍ଯ୍ୟାସ୍ତ ହୋଇସାରିଛି ପଶ୍ଚିମ ଦିଗ୍‌ବଳୟରେ । ଅସ୍ତସୂର୍ଯ୍ୟର ରକ୍ତିମ ଉଚ୍ଛ୍ୱାସ କ୍ରମେ ମଳିନ ପଡ଼ି ଆସୁଛି । ବିସ୍ତାରିତ ଦୀର୍ଘ ପକ୍ଷ ବିସ୍ତାର କରି ଅନ୍ଧକାର ଉଡ଼ି ଆସୁଛି ଯେପରି ପଶ୍ଚିମର ଗହ୍ୱର ଭିତରୁ ।" (ମହାନ୍ତି, 'ଧ୍ୱଂସାବଶେଷ', ପୃ: ୧୪୯)

**ମନ୍ଦିର ଓ ପଲ୍ଲୀରେ ସଂଧ୍ୟା ପ୍ରକୃତିର ସ୍ୱଭାବ ସୁନ୍ଦର ରୂପବର୍ଣ୍ଣନା**

(i) "ପ୍ରଭୁ କୃତ୍ତିବାସଙ୍କ ମନ୍ଦିରରେ ସଂଧ୍ୟା ଆରତିର ବେଳା ହୋଇଛି । ବଂଶୀ, ବୀଣା, ମୃଦଙ୍ଗ ଓ ଘଣ୍ଟାର ସଂଗୀତରେ ମନ୍ଦିରର କୋଣ ଅନୁକୋଣ ମୁଖରିତ ହୋଇ ଉଠିଛି ।" (ମହାନ୍ତି, 'ନର୍ତ୍ତକୀ', ପୃ: ୭୫)

(ii) "ସଂଧ୍ୟା ହେଲା । ଗୋଠରୁ ଗାଈପଲ ଫେରିଲେ । ଦେଉଳରେ ଆରତି ଘଣ୍ଟା ବାଜିଲା । ରାତି ଆସିଲା । ଅନ୍ଧାର ଆଉରି ନିବୁଜ ହୋଇ ଆସିଲା । ଆକାଶରେ ଏକ, ଦୁଇ, ତିନି ହୋଇ ଫୁଟିବାରିଲା କୋଟି କୋଟି ନକ୍ଷତ୍ର ।" (ମହାନ୍ତି, 'ସାରୀପୁତ୍ତ', ପୃ: ୨୪)

(iii) "ଅଗଣାରେ ପହଞ୍ଚିଲା ବେଳକୁ ଗୋଧୂଳିର ଛାୟା ଚାରିଆଡ଼େ ନଇଁ ଆସୁଥିଲା । ଧାନ କ୍ଷେତ ଉପରେ କେତେବେଳେ ଅଲକ୍ଷିତରେ ନଇଁ ଆସୁଥିଲା ପାତଳ କୁହୁଡ଼ିର ପର୍ଦ୍ଦା । ଶିଶିରଭିଜା ଧାନକ୍ଷେତରୁ ଭାସି ଆସୁଥିଲା ମରୁଡ଼ି ଜଳା ଧାନ ଫସଲର ଗନ୍ଧ ।"(ମହାନ୍ତି, 'ମରୁଡ଼ି', ପୃ: ୩୦୭)

**ମହାନଗରୀର ପୃଷ୍ଠଭୂମିରେ ସଂଧ୍ୟା ପରିବେଶର ବର୍ଣ୍ଣନା**

"ସେଦିନ ସଂଧ୍ୟାରେ ... ହୋଟେଲ କୋଠରୀର ଝରକା କାଚ ଉହାଡ଼ରେ ନିତାନ୍ତ କର୍ମହୀନ ଭାବରେ ଶୂନ୍ୟଦୃଷ୍ଟିରେ ମୁଁ ଚାହିଁ ଦେଖୁଥିଲି କଫିନ୍‌ର ଡ୍ରାଙ୍କୁଣିପରି ସ୍ତିମିତ ସଂଧ୍ୟା କ୍ରମେ ଓହ୍ଲାଇ ଆସୁଥିଲା; ମହାନଗରୀ ଉପରେ କ୍ରମେ ବିସ୍ତୃତ ହୋଇ ଆସୁଥିଲା, ନୀଳାଭ ଶବଆବରଣୀ ପରି ।

ଏ ସଂଧ୍ୟା ଅତି ଉତ୍ପୀଡ଼କ ଭାବେ ଚେତାଇ ଦେଉଥିଲା, ମହାନଗରୀର ସବୁ କୋଳାହଳ ମଧ୍ୟରେ ମନୁଷ୍ୟ କେତେ ନିଃସଙ୍ଗ, ସବୁ କର୍ମ ବ୍ୟସ୍ତତା ମଧ୍ୟରେ ତା'ର ଜୀବନ କେତେ ଶୂନ୍ୟଗର୍ଭ । ଏକ ପ୍ରାଗୈତିହାସିକ ସରୀସୃପ ପରି, ସଂଧ୍ୟାର ନିଃସଙ୍ଗତା ମନ୍ଥର ଗତିରେ ଛୁଟିଥିଲା, ତାକୁ ଯେପରି ଗ୍ରାସ କରିବା ପାଇଁ ।"(ମହାନ୍ତି, 'ବାଞ୍ଛିତା', ପୃ: ୯୨୩)

ସୁରେନ୍ଦ୍ରଙ୍କ ଗଳ୍ପରେ ମଧ୍ୟାହ୍ନ ଓ ଅପରାହ୍ନର ପରିବେଶ ବର୍ଣ୍ଣନା ସୀମିତ । ମାତ୍ର ସଂଧ୍ୟା ବର୍ଣ୍ଣନା ସକାଳ ବର୍ଣ୍ଣନା ଭଳି ବହୁମୁଖୀ ହୋଇପାରିଛି । ସଂଧ୍ୟାର ବିଭିନ୍ନ ବର୍ଣ୍ଣନାର ଦୃଷ୍ଟାନ୍ତ ଲକ୍ଷ୍ୟକଲେ ପଲ୍ଲୀ ପରିବେଶର ସଂଧ୍ୟା ବର୍ଣ୍ଣନା ସ୍ୱାଭାବିକ ତଥା ବାସ୍ତବଧର୍ମୀ ହୋଇ ପାରିଛି । ଏକଥା ପୂର୍ବରୁ ମଧ୍ୟ କୁହାଯାଇଛି । ମାତ୍ର ମହାନଗରୀର ପୃଷ୍ଠଭୂମିରେ ପ୍ରଦତ୍ତ ସଂଧ୍ୟା ବର୍ଣ୍ଣନାର ଦୃଷ୍ଟାନ୍ତକୁ ଲକ୍ଷ୍ୟ କଲେ ବ୍ୟଞ୍ଜନାତ୍ମକ ଭାଷାରେ

ସଂଧ୍ୟା ପ୍ରକୃତିର ବର୍ଣ୍ଣନା ଆଧୁନିକ ମଣିଷର ଅସହାୟତା ଓ ନିଃସଙ୍ଗତାର ଉପସ୍ଥାପନ ପାଇଁ ସହାୟକ ହୋଇପାରିଛି । ଚରିତ୍ରର ଚେତନା ଉପରେ ସଂଧ୍ୟା ପ୍ରକୃତିର ପରିବେଶର ପ୍ରଭାବ ସହିତ ଘଟଣାର ଆଦର୍ଶଗତ ସଂଘର୍ଷର ଚିତ୍ର ପ୍ରଦାନ କରିବା ଗାଳ୍ପିକ ସୁରେନ୍ଦ୍ରଙ୍କର ଅନ୍ୟଏକ ବୈଶିଷ୍ଟ୍ୟ, ତାହା ଦୃଷ୍ଟାନ୍ତ ମାଧ୍ୟମରେ ଏଠାରେ ଉପସ୍ଥାପନ କରାଯାଉଅଛି ।

"ବାହାରେ ପଶ୍ଚିମ ଆକାଶରେ ରକ୍ତର ସମୁଦ୍ର ଭିତରେ ବୁଡ଼ି ଯାଉଛି ଦିନର ସୂର୍ଯ୍ୟ । ଆଲୋକ ହତ୍ୟା କରୁଛି ଅନ୍ଧାରକୁ । ନା- ଅନ୍ଧକାର ହତ୍ୟା କରୁଛି ଆଲୋକକୁ ? ହୁଏତ ଉଭୟ ଉଭୟଙ୍କୁ ହତ୍ୟା କରୁଛନ୍ତି । ସଂଧ୍ୟାର ଶାନ୍ତ ଆକାଶରେ ଚାଲିଛି ଅନ୍ଧକାର ଓ ଆଲୋକ ମଧ୍ୟରେ ରକ୍ତାକ୍ତ ଗୃହଯୁଦ୍ଧ ।" (ମହାନ୍ତି,'ସମ୍ପାଦକ', ପୃ: ୮୯)

"ବନ୍ଧ କଡ଼ରେ ଚିନାବାଦାମ ଚନାଚୁରବୁଲା ଦୋକାନୀମାନଙ୍କ ପଣ୍ୟ ଶେଷ ହେଲା । ସେମାନେ ଏବେ ପଇସା ଗଣୁଛନ୍ତି । ହିସାବ ନିକାଶର ବେଳ ଆସିଗଲା । ଲାଭକ୍ଷତିର ହିସାବ; ମହାଜନର ଦେଣା ପାଉଣା ହିସାବ ଛିଣ୍ଡାଇଦେଲେ ଛୁଟି, ତା'ପରେ କ୍ଳାନ୍ତ ଦିନ ଶେଷରେ ଓଠରେ ଜଳି ଉଠିବ ଖଣ୍ଡେ ବିଡ଼ି, ବିବର୍ଣ୍ଣ ଶ୍ମଶାନରେ ଚିତାନଳ ପରି । ରମଣୀକାନ୍ତ ଦୁଇ ଆଖି ଉପରକୁ ଉଡ଼ି ଆସିଥିବା ଅମାନିଆଁ ବାଳଗୁଡ଼ାକୁ ଦୁଇହାତରେ ଉପରକୁ ଛାଟି ବାଗ ମନାଉଁ ମନାଉଁ ବନ୍ଧ ଉପରେ ଠିଆ ହୋଇ ଦଣ୍ଡେ ରହିଗଲେ । ନୀଳମେଘ ଖଣ୍ଡେ ଅସ୍ତଗାମୀ ସୂର୍ଯ୍ୟ ତଳକୁ କେତେବେଳେ ଭାସି ଆସିଥିଲା... ଶେଷଶଯ୍ୟାରେ କେଉଁ ଏକ ବ୍ୟକ୍ତି ଚୈତ୍ରର ନୀଳ ସ୍ମୃତି ପରି । ରମଣୀକାନ୍ତ ମନେ ମନେ ଜୀବନର ହିସାବ ପୋଡ଼ିଲେ । ମିଶାଣ ଫେଡ଼ାଣ ହରଣ ଗୁଣନସବୁ କରି ଦେଖାଯାଉଅଛି ଲାଭ ଘର ଶୂନ, ମୂଳ ଧନରୁ ବାଜିଗଲାଣି ।... ଏଇ ଯେମିତି ଆକାଶରୁ ସେ ନୀଳମେଘ ଖଣ୍ଡେ କିଏ ପୋଛିଦେଇ ସେଠାରେ ଆଙ୍କିଦେଲାଣି କଗରା ମାଛକାତିଆ ଖଣ୍ଡେ ଖଣ୍ଡେ ବଉଦ । ରମଣୀକାନ୍ତ ଯଦି ଦେବାଳିଆର.ହିସାବ ଖାତାରୁ ଏହି ଫର୍ଦ୍ଦଟି ଛିଣ୍ଡାଇ ଦେଇ, ଆଉଥରେ ନୂଆଖାତା ଆରମ୍ଭ କରିପାରନ୍ତେ । ଖଣ୍ଡେ ଖଣ୍ଡେ ମାଛକାତିଆ ବଉଦ ଆକାଶରେ ବିଛିହୋଇ ପଡ଼ିଥିବା ପରି ବେପରୁଆ ଭାବରେ ଜୀବନର ଐଶ୍ୱର୍ଯ୍ୟ ସଂପନ୍ନ ମୁହୂର୍ତ୍ତଗୁଡ଼ିକୁ ମୁଠା ମୁଠା କରି ପୁଣି ମହାକାଳର ମୁହଁ ଉପରକୁ ଏଇପରି ଛାଟିଦେଇ ପାରନ୍ତେ ।... ତା'ହେଲେ ସେସବୁ ହୋଇଉଠନ୍ତା କବିତା ।"(ମହାନ୍ତି, 'କ୍ଳାନ୍ତ ବୈତାଳୀ', ପୃ: ୨୪,୨୫)

ଉପର୍ଯୁକ୍ତ ଦୃଷ୍ଟାନ୍ତ ଦୁଇଟିକୁ ଲକ୍ଷ୍ୟକଲେ 'ସଂପାଦକ'ର ସଂଧ୍ୟା ବର୍ଣ୍ଣନା ମାଧ୍ୟମରେ ପୃଥିବୀର ଆଦର୍ଶଗତ ସତ୍ୟ ଓ ମିଥ୍ୟାର ସଂଘର୍ଷର ଚିତ୍ରକୁ ସୂଚନା ମାଧ୍ୟମରେ ଚରିତ୍ରର ମାନସିକ ସଂଘର୍ଷ ମଧ୍ୟଦେଇ ଗାଳ୍ପିକ ବର୍ଣ୍ଣନା କରିଛନ୍ତି । ତଥା ସଂଧ୍ୟାର ପରିବେଶ ସାଧାରଣ ବୁଲାବେପାରୀଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ବୃଦ୍ଧର ଚେତନାରେ କିଭଳି ପ୍ରଭାବ ପକାଇଛି ତାର ଚିତ୍ର 'କ୍ଳାନ୍ତ ବୈତାଳୀ' ଗଳ୍ପରେ ଚେତନା ପ୍ରବାହ ରୀତିରେ ଉପସ୍ଥାପିତ ହୋଇଛି । ଏହି ଦୃଷ୍ଟାନ୍ତରେ ବିଭିନ୍ନ ଚରିତ୍ର ପାଖରେ ସଂଧ୍ୟାର ବିବିଧତା ଲକ୍ଷ୍ୟ କରାଯିବା ସହିତ ମଣିଷର ଚେତନା ତଥା ବିଭିନ୍ନ ଅବସ୍ଥାରେ ସଂଧ୍ୟାର ରୂପ ବା ଚିତ୍ରରେ ପରିବର୍ତ୍ତନ ହୋଇପାରେ, ରମଣୀକାନ୍ତଙ୍କର ମାନସିକ ସଂଘର୍ଷ ମଧ୍ୟରେ ସଂଧ୍ୟାର ବର୍ଣ୍ଣନାକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ପ୍ରତିପାଦିତ ହୁଏ ।

ଉପରୋକ୍ତ ଆଲୋଚନାକୁ ଲକ୍ଷ୍ୟ କଲେ ଗଳ୍ପର ଘଟଣା ଉପସ୍ଥାପନା ପାଇଁ ସନ୍ଧ୍ୟାର ବର୍ଣ୍ଣନା ଗାଳ୍ପିକ କରିବା ସହିତ ଚରିତ୍ରର ମାନସିକ ସଂଘର୍ଷର ଚିତ୍ର ତଥା ବିକାଶ ପାଇଁ ସନ୍ଧ୍ୟା ପରିବେଶର ଉପସ୍ଥାପନା ନିଜ ଗଳ୍ପଗୁଡ଼ିକରେ ବିଭିନ୍ନ ଦୃଷ୍ଟିକୋଣରୁ କରିଛନ୍ତି ।

## ରାତ୍ରିର ବର୍ଣ୍ଣନା

ଗାଳ୍ପିକ ସୁରେନ୍ଦ୍ରଙ୍କ ରାତ୍ରି ବର୍ଣ୍ଣନାର ଚିତ୍ର କେତେକ ଗଳ୍ପରେ ଅନୁଧ୍ୟାନ କଲେ ଦେଖାଯାଏ ପତ୍ରମର୍ମରିତ ଚୈତ୍ରରରାତ୍ରି, ଅସହ୍ୟ ଗୁଳୁଗୁଳିର ଗ୍ରୀଷ୍ମରାତ୍ରି, ନିର୍ମଳଜ୍ୟୋତ୍ସ୍ନାଚର୍ଚ୍ଚିତ ଫାଲ୍‌ଗୁନ ଓ କୁମାର ପୂର୍ଣ୍ଣିମାର ରାତ୍ରି ବର୍ଣ୍ଣନା କେବଳ ସମୟର ସୂଚନା ପ୍ରଦାନ କରିବା ଲକ୍ଷ୍ୟରେ 'ଶାଳଭଞ୍ଜିକା', 'ସିଗାରେଟ୍', ସ୍ୱପ୍ନରେ ମନ୍ଦୋଦରୀ', 'ସାରୀପୁତ୍ର', 'ଅମ୍ବାପଲ୍ଲୀ', 'ପଦ୍ମବଂଶ' ଆଦି ଗଳ୍ପରେ ପରିବେଷଣ କରିଥିବାସ୍ଥଳେ ଅନ୍ୟ କେତେକ ଗଳ୍ପରେ ବିଭିନ୍ନ ସମୟ ଓ ସ୍ଥାନରେ ରାତ୍ରି ବର୍ଣ୍ଣନାର ବିଶଦ ରୂପ ପ୍ରଦାନ କରାଯାଇଅଛି ।

ଚୈତ୍ରରାତ୍ରି ବା ମାର୍ଚ୍ଚ ମାସର ରାତ୍ରିର ବର୍ଣ୍ଣନା ସ୍ୱାଭାବସୁନ୍ଦର ରୀତିରେ ମହାନଗରୀର ରାତ୍ରି ଗଳ୍ପରେ ଗାଳ୍ପିକ ଉପସ୍ଥାପନ କରିଛନ୍ତି । (ମହାନ୍ତି, 'ମହାନଗରୀର ରାତ୍ରି', ପୃ: ୧୧୯) ଅନୁରୂପ ଭାବେ ବର୍ଷା ରାତ୍ରିର ବିଭିନ୍ନ ରୂପବର୍ଣ୍ଣନା ପରିପ୍ରେକ୍ଷୀରେ ଏକ ଭୟଙ୍କର ପରିବେଶର ସୂଚନା ସ୍ୱାଭାବିକ ରୀତିରେ 'ସାନଭଉଣୀ' ଗଳ୍ପରେ ଦେଖିବାକୁ ମିଳିଥାଏ । (ମହାନ୍ତି, 'ସାନଭଉଣୀ', ପୃ: ୪୮୨,୪୭୨) ଭୟଙ୍କର ଘଟଣାର ପୂର୍ବାଭାସ ତଥା ପରିପୂରକ ରୂପେ ଜନ୍ମାଷ୍ଟମୀ ରାତ୍ରିର ଝଡ଼ବତାସ ଓ ବିଜୁଳୀର ଲେଲୀହାନ ଜିହ୍ୱା ମଧ୍ୟରେ ବର୍ଷାପାଗର ଚିତ୍ର 'ବାସିମଡ଼ା' ଗଳ୍ପରେ ସ୍ୱାଭାବିକ ଭାବରେ ଉପସ୍ଥାପିତ ହୋଇଛି । (ମହାନ୍ତି,'ବାସିମଡ଼ା', ପୃ: ୫୨୨) ମାତ୍ର ଘଟଣାକୁ ତୀବ୍ର କରିବା ପାଇଁ ବନ୍ୟାର ଅବ୍ୟବହିତ ପୂର୍ବର ଚିତାଲାଗି ଅମାବାସ୍ୟାର ବର୍ଷାରାତି ଅତୀବ ଭୟଙ୍କର ଭାବେ ଗାଳ୍ପିକ 'ବରଜୁଷେଷ୍ଟ ଘାଇ' ଗଳ୍ପରେ ଉପସ୍ଥାପନ କରିଛନ୍ତି । (ମହାନ୍ତି, 'ବରଜୁଷେଷ୍ଟ ଘାଇ', ପୃ: ୭୦) ବର୍ଷା ସଂପର୍କିତ ଏହି ବର୍ଣ୍ଣନାଗୁଡ଼ିକ ବିଶେଷତଃ ପଲ୍ଲୀ ପୃଷ୍ଠଭୂମିରେ ଅଙ୍କିତ ହେବା ସହିତ ଗାଳ୍ପିକଙ୍କର ବର୍ଷାପ୍ରତି ଆସକ୍ତିର ଭାବ ପରିଲକ୍ଷିତ ହୋଇଥାଏ । ଗାଳ୍ପିକଙ୍କ ଭାଷାରେ ଆଷାଢ଼ କୃଷ୍ଣପକ୍ଷ ରାତିରେ ମେଘବୋଳା ଆକାଶରେ ଝିପିଝିପି ବର୍ଷାର ପରିବେଶରେ ତାଙ୍କର ଜନ୍ମ ହେତୁ ମେଘରାତି ତାଙ୍କର ସବୁଠି ପ୍ରିୟ । (ମହାନ୍ତି, ୧୯୮୬, ପୃ: ୧)

ଚୈତ୍ର ଓ ବର୍ଷାରାତିର ବର୍ଣ୍ଣନା ସ୍ୱାଭାବିକ ଓ ସୁନ୍ଦର ହୋଇଥିବାସ୍ଥଳେ ଗାଳ୍ପିକ ସୁରେନ୍ଦ୍ର ଶୀତରାତିର ବର୍ଣ୍ଣନାକୁ ଆଳଙ୍କାରିକ ପ୍ରକ୍ରିୟା ମଧ୍ୟରେ ପରିବେଶ ଉପରେ ବ୍ୟକ୍ତିସତ୍ତା (Personification) ଆରୋପ କରି ବର୍ଣ୍ଣନା କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ - "ଶୀତ ଶେଷରେ ଲଘୁଛନ୍ଦା ରାତିର ଯାଦୁକରା ରୂପ... ପାତଳା କୁହୁଡ଼ି, ଜ୍ୟୋତ୍ସ୍ନା ଆଉ ନିଅନ୍ ଆଲୋକର ରଙ୍ଗମିଶା ନୀଳଶାଢ଼ୀ ପିନ୍ଧି କେଉଁ ବିଦିଶା ନଗରୀର ରାଜପଥରେ ଚାଲିଛି ଯେପରି ପ୍ରିୟକାଂକ୍ଷିଣୀ କେଉଁ ନୀଳାମ୍ବରୀ ! କିମ୍ୱା ନିଅନ୍ ଆଲୋକ ଓ କୁହୁଡ଼ି ଆସ୍ତରଣ ଭିତରେ ଜ୍ୟୋତ୍ସ୍ନାମୟୀ ରାତ୍ରି ନୀଳାମ୍ବରୀ ଅଭିସାରିକା ପରି ନିର୍ଜନ ରାଜପଥରେ ପ୍ରିୟମିଳନ ପାଇଁ ଚାଲିଥିଲା; କେତେକ ନାଁ ନଜଣା ଫୁଲର ସୁରଭି, ଯେପରି ଚିରନ୍ତନ ଅଭିସାରର ସେହି ନିଭୃତ ପଥକୁ ସୁରଭିତ କରିଥିଲା ।"(ମହାନ୍ତି, 'ନୀଳ ଜ୍ୟୋତ୍ସ୍ନା', ପୃ: ୪୫ ଓ ୫୩ )

ରାତ୍ରିର ପରିବେଶ କେବଳ ବିଭିନ୍ନ ସମୟରେ ସ୍ୱଭାବସୁନ୍ଦର ବା ଆଳଙ୍କାରିକ ବର୍ଣ୍ଣନା ମାଧ୍ୟମରେ ସୀମିତ ନରହି ଗାଳ୍ପିକଙ୍କ ସୃଷ୍ଟ ଚରିତ୍ରର ମନୋବିଶ୍ଳେଷଣ ଦିଗରେ କିପରି ସହାୟକ ହୋଇଛି ସେ ସମ୍ପର୍କରେ ଏଠାରେ ଦୃଷ୍ଟାନ୍ତ ମାଧ୍ୟମରେ ଆଲୋଚନା କରାଯାଉଅଛି ।

"କାଲିରାତି ।

ଘଣ୍ଟାରେ ବାଜିଲା ଏକ ଦୁଇ ତିନ୍ । କେଜାଣି କାହିଁକି ନିଦ ଭାଙ୍ଗିଗଲା । ମଶାରୀ ସେପଟେ ଝରକା ବାହାର ନିଷ୍ଠିତ ରାତି, କୋଇଲାରେ ଧୂଆଁ ସିଲଟ ପରି କଳାଆକାଶ । ମଲା ମଣିଷଙ୍କ ଆଖି ଗୁଡ଼ାକ ସେଠି ରଡ଼ ନିଆ ପରି ଜଳୁଛି - ଆଉ ଅସୁରମାନଙ୍କ ଆଖି ବି !"(ମହାନ୍ତି, 'ଜୀବନ ପ୍ରଭାତ', ପୃ: ୧୦୫)

ରାତିର ଏହି ବର୍ଣ୍ଣନାରେ ଗାଳ୍ପିକ ସୁରେନ୍ଦ୍ର ଶିଶୁର ମନସ୍ତତ୍ତ୍ୱକୁ ଲକ୍ଷ୍ୟରଖି ରାତ୍ରିର ବାସ୍ତବମୁଖୀ ବର୍ଣ୍ଣନା କରିଛନ୍ତି । ଏହି ବର୍ଣ୍ଣନାଟି ସହରୀ ଶିଶୁ ମନରେ ରହସ୍ୟବୋଧର ସଂଚାର କରିଛି । ପଲ୍ଲୀର ଶିଶୁ ମନରେ ରାତ୍ରିର ପ୍ରଭାବର ଚିତ୍ର ଗାଳ୍ପିକ ସୁରେନ୍ଦ୍ର 'ବଇଷମ ପାଠଶାଳା'ରେ ଦେଇଛନ୍ତି, ମାତ୍ର ତାହା ବର୍ଣ୍ଣନାଧର୍ମୀ ହେବା ସହିତ 'ଜୀବନ ପ୍ରଭାତ'ର ରାତ୍ରି ବର୍ଣ୍ଣନା ତୁଳନାରେ ଶିଶୁ ମନର ମାନସିକ ଚେତନାର ସଫଳ ରୂପାୟନ ନୁହେଁ ।(ମହାନ୍ତି, 'ବଇଷମ ପାଠଶାଳା', ପୃ: ୮୮)

**ଜହ୍ନରାତିର ବର୍ଣ୍ଣନା** ରାତ୍ରିର ପ୍ରାକୃତିକ ପରିବେଶ ବର୍ଣ୍ଣନାର ଉର୍ଦ୍ଧ୍ୱରେ ସୁରେନ୍ଦ୍ରଙ୍କ ଗଳ୍ପରେ ଚନ୍ଦ୍ର ଜ୍ୟୋତ୍ସ୍ନା ରଜନୀର ପରିବେଶ ବହୁଳ ତଥା ବିବିଧ ରୀତିରେ ବର୍ଣ୍ଣିତ ହୋଇଛି ।

"ସେତେବେଳେ ଆକାଶରେ ଉଠିଥିଲା ଶୁକ୍ଳାପଞ୍ଚମୀର ବଙ୍କା ଜହ୍ନ । ଚମ୍ପା ଗଛର ପତ୍ର ଗହଳି ଭିତରେ ଜହ୍ନ ଆଲୁଅ ଝିପ୍ ଝିପ୍ ହୋଇ ଝରି ପଡ଼ିଥିଲା ବାରଣ୍ଡା ଉପରେ । ସଂଧାର ପବନ ଫୁଟନ୍ତା ଚମ୍ପାର ଗନ୍ଧରେ ଭାରି ହୋଇଉଠିଥିଲା । ଆଉ ତା ସଙ୍ଗେ ସଙ୍ଗେ ମିଶି ରହିଥିଲା ନାଗେଶ୍ୱରର ବାସନା ।"(ମହାନ୍ତି, ଧ୍ୱଂସାବଶେଷ', ପୃ: ୧୫୨,୧୫୩)

ପୂର୍ବୋକ୍ତ ଦୃଷ୍ଟାନ୍ତ ବ୍ୟତିରେକ 'ବାଲି' ଗଳ୍ପରେ ଗ୍ରୀଷ୍ମକାଳୀନ ଜହ୍ନ ରାତି ଓ 'ନିଃସଙ୍ଗ ଆକାଶ' ଗଳ୍ପରେ ପଲ୍ଲୀ ଗାଁର ପୃଷ୍ଠଭୂମିରେ ଜହ୍ନ ରାତିର ସ୍ୱଭାବସୁନ୍ଦର ବର୍ଣ୍ଣନା ଗାଳ୍ପିକ ସୁରେନ୍ଦ୍ର କରିଛନ୍ତି ।

ଜହ୍ନରାତିର ସ୍ୱଭାବସୁନ୍ଦର ବର୍ଣ୍ଣନା ଅନେକ ସମୟରେ ଚରିତ୍ରର ମାନସିକ ଚେତନା ସହ ଓତୋପ୍ରୋତଭାବେ ଜଡ଼ିତ ହୋଇ ପ୍ରକାଶିତ ହୋଇଛି । ସୁରେନ୍ଦ୍ରଙ୍କ ଗଳ୍ପ ସୃଷ୍ଟି ପ୍ରତି ଦୃକ୍‌ପାତ କଲେ ଏହାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳିଥାଏ ।

ସହର ଓ ଗାଁର ଜହ୍ନରାତିର ତୁଳନାତ୍ମକ ବର୍ଣ୍ଣନା ମଧ୍ୟରେ କୂମ ଚରିତ୍ରର ଅତୀତ ଓ ବର୍ତ୍ତମାନର ମାନସିକ ଦ୍ୱନ୍ଦ୍ୱର ଚିତ୍ର ଉପସ୍ଥାପନ 'ସେ ଓ ମୁଁ' ଗଳ୍ପରେ କରାଯାଇଛି ।

"ସବୁଆଡ଼େ କେମିତି ମଶାଣି ପରି ଶୁନଶାନ୍ । କାହାରି ପାଟିଗୋଳ ଶୁଭୁ ନାହିଁ । ତାଙ୍କ ରେଡ଼ିଓଟା ଖାଲି ବାଜୁଛି... ଗୀତ ନୁହେଁ... ଖାଲି ବୀଣାର ଆଳାପ... ଏଇ ଅଶରୀରୀ ରାତ୍ରିର ଆତ୍ମା ଯେମିତି କାନ୍ଦୁଛି... କି ଏକ ଅବ୍ୟକ୍ତ ଦୁଃଖ... ତାକୁ ଖାଲି ସେଇ ବଙ୍ଗେଇଲାବାଲା ଏକା ବୁଝୁଛି ।... ଆକାଶରେ ନିଦୁଆ ଜହ୍ନଟା ବି ଶୋଇପଡ଼ିଲାଣି । କିନ୍ତୁ ଆମ ଗାଁ ଆକାଶରେ ଜହ୍ନଟା ଦିଶେ, ଆଖିରେ ନିଦ ନଥିବା ଅବାଧ ଶିଶୁପରି ।

xxxxx xxxxx xxxxx

ବାହାର ପିଣ୍ଡାକୁ ଆସିଲି । ମେଳା ମେଳା ଭସାମେଘ ଭିତରେ ଜହ୍ନଟା ମୁର୍ଦାର ପରି ଦିଶୁଛି ।" (ମହାନ୍ତି, 'ସେ ଓ ମୁଁ', ପୃ: ୪୫୦)

ଜହ୍ନରାତିର ଏ ବର୍ଣ୍ଣନା ମାଧ୍ୟମରେ ଗାଳ୍ପିକ ସୁରେନ୍ଦ୍ର କୁମ ଚରିତ୍ରର ରୋମାଣ୍ଟିକ୍ ଭାବବିହ୍ୱଳତାର ଅନ୍ତରାଳରେ ମୃତ୍ୟୁର ଚିତ୍ର ପ୍ରତୀକାତ୍ମକ ରୀତିରେ ଉପସ୍ଥାପନ କରିଥିବାସ୍ଥଳେ, 'କୃଷ୍ଣଚୂଡ଼ା' ଗଳ୍ପରେ ଚନ୍ଦ୍ରୋଦୟ ବର୍ଣ୍ଣନା ମାଧ୍ୟମରେ ସଦାନନ୍ଦର ମାନସିକ ଚେତନାରେ ରୋମାଣ୍ଟିକ୍ ମନୋଭାବର ଭାବବିହ୍ୱଳ ଅବସ୍ଥାର ଉଦ୍ରେକ କରିଛନ୍ତି ।(ମହାନ୍ତି, 'କୃଷ୍ଣାଚୂଡ଼ା', ପୃ: ୨୧୨) ମାତ୍ର 'ଅଷ୍ଟ୍ରେଲିଆ' ଗଳ୍ପରେ ବର୍ଣ୍ଣିତ ଘଟଣା ସହ ସାମଞ୍ଜସ୍ୟ ରକ୍ଷାକରି ଗାଳ୍ପିକ ଦାରିଦ୍ର୍ୟର ପ୍ରତୀକ ଅଚଳଚାରିଣିଟା ପରି ଆଶା ଆଶ୍ୱାସନା ସତ୍ତ୍ୱେ ଆକାଶରେ ମହଳଜହ୍ନର ଚିତ୍ର ମାଧ୍ୟମରେ ମଣିଷର ବିଫଳତାର ଚିତ୍ର ଅଙ୍କନ କରିଛନ୍ତି । (ମହାନ୍ତି, 'ଅଷ୍ଟ୍ରେଲିଆ', ପୃ: ୭୨) 'ରୁଟି ଓ ଚନ୍ଦ୍ର' ଗଳ୍ପକୁ ଲକ୍ଷ୍ୟକଲେ ଚନ୍ଦ୍ରଜ୍ୟୋସ୍ନାସ୍ନାତ ରଜନୀର ପରିବେଶରେ ମଣିଷର ରୋମାଣ୍ଟିକ ମନୋଭାବ ଓ ମାର୍କସୀୟ ଦର୍ଶନତତ୍ତ୍ୱର ସଂଘର୍ଷ ପାଇଁ ବିନୋଦ ଓ ଲଳିତା ଚରିତ୍ରକୁ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣର ବିଚାର ଆଲୋଚନା ପାଇଁ ଖୋରାକ ଯୋଗାଇ ରୋମାଣ୍ଟିକ ଭାବବିହ୍ୱଳତାର ସପକ୍ଷରେ ପ୍ରରୋଚିତ କରିଛି ।(ମହାନ୍ତି, 'ରୁଟି ଓ ଚନ୍ଦ୍ର', ପୃ: ୨୧୮,୨୧୯ )

ଜହ୍ନରାତିର ବର୍ଣ୍ଣନା ଚରିତ୍ରର ବିଭିନ୍ନ ଚେତନାର ଉଦ୍ରେକ ପାଇଁ ଅନ୍ୟକେତେକ ଗଳ୍ପରେ ବିଭିନ୍ନ ଭାବରେ କିଭଳି ସାହାଯ୍ୟ କରିଛି, ତାର କେତେକ ଦୃଷ୍ଟାନ୍ତ

**ବର୍ଷାସମୟରେ ଜହ୍ନରାତିର ବର୍ଣ୍ଣନା ଓ ଆଦିବାସୀ ଯୁବତୀ ଫୁଲମନିର ମାନସିକ ଦ୍ୱନ୍ଦ୍ୱ**

"ପୋଡ଼ ପୋଡ଼ା ଜହ୍ନକୁ ବି ମରଣ ନାହିଁ । ମେଘଧୁଆ ଆକାଶରେ ଚୋରା ଜହ୍ନ ଆଲୁଅ ପଡ଼ିଛି ଆସି ଫୁଲମନିର କୁଡ଼ିଆ ଅଗଣାରେ । ପଚା ବର୍ଷା ପାଣିର ଶିଉଳୀଦଳ ଭରା ନାଳ ଉପରେ, ଫୁଲମନିର ବ୍ୟାଧିଗ୍ରସ୍ତ ଶୀର୍ଣ୍ଣ ଦେହ ଉପରେ ।"(ମହାନ୍ତି, 'ଖାଦାନୀ', ପୃ: ୩୯୬)

**ଜ୍ୟୋସ୍ନାସ୍ନାତ ରଜନୀ ମାଧ୍ୟମରେ ଚରିତ୍ରର ନିଃସଙ୍ଗ ମାନସିକ ଅବସ୍ଥାର ପ୍ରତୀକାତ୍ମକ ଚିତ୍ର**

"କୋଠରୀ ମଝିରେ ଅସ୍ୱସ୍ତିକର ଉତ୍ତପ୍ତ ନିଃସଙ୍ଗ ଶଯ୍ୟା ଉପରେ ଶୁକ୍ଲା ତିଥିର ଜ୍ୟୋସ୍ନା ଲୋଟି ପଡ଼ିଥିଲା ; ଅକୁଣ୍ଠିତର ଅସଙ୍କୋଚ ଅଙ୍ଗପରି... ଏକ ଅତୃପ୍ତ କ୍ଷୁଧାର ଜ୍ୱାଳା ପରି ... ଏକ ବେଦନାଦଗ୍ଧ ଅତୀତର ସ୍ମୃତିପରି । ଶେଷରାତିର ଶିଶିର କଣାସିକ୍ତ ଶୀତଳ ପବନ ସୁଦ୍ଧା ବି ଗୋଟାଏ ଫୁଲର ତୀବ୍ର ସୁବାସରେ ଉତ୍ତପ୍ତ ହୋଇଉଠିଥିଲା ।

×××××  ×××××  ×××××

ବାହାରେ ଅଶରୀରୀ ଜ୍ୟୋସ୍ନା... ନିର୍ଜନ ନିଭୃତ... ଉତ୍ତପ୍ତ ରାତ୍ରି... ଆଶାହୀନ, ଅବଲମ୍ବନହୀନ, ସ୍ୱପ୍ନହୀନ ।" (ମହାନ୍ତି, 'ମରାଳର ମୃତ୍ୟୁ', ପୃ: ୧୩)

କିମ୍ବା

"ଆଜି କିନ୍ତୁ ଏକ ସ୍ୱୈରିଣୀ, ବ୍ୟଭିଚାରିଣୀର ନିର୍ଲ୍ଲଜ ହସ ପରି ଶେଷ ଚୈତ୍ରରାତିର ଆମ୍ବବଉଳ ଗନ୍ଧ ମିଶା ଏଇ ଜ୍ୟୋସ୍ନା, ସୋମନାଥଙ୍କ ଉତ୍ତାପ ଓ ଉତ୍ତେଜନାହୀନ ଶୀତଳ ପ୍ରୌଢ଼ତ୍ୱକୁ ଯେପରି ଉପହାସ କରୁଥିଲା ।"(ମହାନ୍ତି, 'କୁବେରର କବିତା', ପୃ: ୮୬)

**ଚରିତ୍ରର ମାନସିକ ଚେତନାରେ ଚନ୍ଦ୍ରଜ୍ୟୋତ୍ସ୍ନାସ୍ନାତ ରଜନୀ ପରିବେଶର ପ୍ରଭାବ ମାଧ୍ୟମରେ ଗାଳ୍ପିକ ସୁରେନ୍ଦ୍ରଙ୍କ ଗଳ୍ପରେ କଥାବସ୍ତୁର ଅଗ୍ରଗତି**

"ବିବସନା ଉର୍ବଶୀର ଅଙ୍ଗବାସ ପରି ଶୁକ୍ଳପକ୍ଷର ମୁକୁଳସ୍ନିଗ୍ଧ ଜ୍ୟୋତ୍ସ୍ନା ବିଛୁରିତ ହୋଇ ପଡ଼ିଥିଲା । ନୀଳୋତ୍ପଳ ସେହି ଜ୍ୟୋତ୍ସ୍ନର ପ୍ଲାବନ ମଧ୍ୟରେ ଆତ୍ମବିସ୍ମୃତ ହୋଇ ପଡ଼ିଥିଲେ । ତଥାଗତ କହିଛନ୍ତି ଦୁଃଖର ହେତୁ ରୂପ, ନିର୍ବାଣ ପଥର ପ୍ରତିବନ୍ଧକ । କିନ୍ତୁ ଏହି ଅଶରୀରୀ ଜ୍ୟୋତ୍ସ୍ନାର ଭୁବନ ବିମୋହିନୀ ରୂପ ଓ ସୌନ୍ଦର୍ଯ୍ୟ ମଧ୍ୟରେ ଅନାହତ ଆନନ୍ଦର ଅନୁଭବ, ସବୁ ତୃଷ୍ଣାକୁ ପ୍ରଶମିତ କରି, ଯେଉଁ ବେଦନାର ସଞ୍ଚାର କରୁଛି । ତାହା ଦୁଃଖକୁ ଦୁଃଖାତୀତ କରେ ।"(ମହାନ୍ତି, 'ମହାନିର୍ବାଣ', ପୃ: ୯)

**ସୁରେନ୍ଦ୍ରଙ୍କ କେତେକ ଗଳ୍ପରେ ଅତୀତ ଜୀବନର ଚିତ୍ର ସହିତ ପରିବେଶର ସାମଞ୍ଜସ୍ୟ ରକ୍ଷା ପାଇଁ ଜହ୍ନ ରାତିର ଉପସ୍ଥାପନା**

"ଆକାଶରେ କିଶୋରୀ ଶୁକ୍ଳା ତିଥିର ଗୋଟିଏ ଲଜ୍ଜାବତୀ ଜହ୍ନ ମେଘର ରେଶମୀ ଓଢ଼ଣା ଉଢ଼ାଳରେ ଥରେ ଥରେ ମୁହଁ ଦେଖାଇ ପୁଣି ଲୁଚି ଯାଉଥିଲା ନିଜକୁ ଯେପରି ଆହୁରି ଆକର୍ଷଣୀୟ କରିବା ପାଇଁ । ଯମୁନା ସେଦିନର ସଂଧ୍ୟାରେ ପିନ୍ଧିଥିଲା ମଷ୍ଟର୍ଡ ରଙ୍ଗର ଖଣ୍ଡେ ଶାଢ଼ୀ, କିଶୋରୀ ଜ୍ୟୋତ୍ସ୍ନାର ଆଲୋକ ସହିତ ତାହାର ଥିଲା ଅଦ୍ଭୁତ ସିମ୍ଫୋନୀ । ଯମୁନା ଦିଶୁଥିଲା ଅଶରୀରୀ ସ୍ୱପ୍ନ ନାୟିକା ପରି, କିନ୍ତୁ ତାର ଆଖିଦୁଇଟାରେ ସରୀସୃପର ଯେଉଁ ବହ୍ନିଶିଖା ଉଠିଥିଲା, ତାହା ଯେପରି ପରିବେଶ ସହିତ ଆଦୌ ଖାପ୍ ଖାଉ ନଥିଲା ।"(ମହାନ୍ତି,'କାଠଘୋଡ଼ା', ପୃ: ୫୫)

ପୂର୍ବୋକ୍ତ ଦୃଷ୍ଟାନ୍ତ ଭିନ୍ନ ସୁରେନ୍ଦ୍ରଙ୍କ 'କୁବେରର କବିତା', 'ମହାନିର୍ବାଣ', 'ଆନନ୍ଦ ଭୈରବୀ', 'କବନ୍ଧ' ଆଦି ବହୁ ଗଳ୍ପରେ ସମୟର ସୂଚନା ପ୍ରଦାନ ପାଇଁ ସଂକ୍ଷେପରେ ଚନ୍ଦ୍ର ଜ୍ୟୋତ୍ସ୍ନାସ୍ନାତ ରଜନୀର ବର୍ଣ୍ଣନା ଦିଆଯାଇଛି । ଏହି ଦୃଷ୍ଟାନ୍ତଗୁଡ଼ିକରେ ଚରିତ୍ରର ମନୋବିଶ୍ଳେଷଣ, ଘଟଣା ପ୍ରବାହର ଅଗ୍ରଗତି, ଚରିତ୍ରର ପରିସ୍ଫୁଟନ ଓ ବିକାଶ ଉଦ୍ଦେଶ୍ୟରେ ଚନ୍ଦ୍ରଜ୍ୟୋତ୍ସ୍ନାସ୍ନାତ ରଜନୀର ବହୁଳ ବର୍ଣ୍ଣନାର ସ୍ୱାଭାବିକତା ସହିତ ବିବିଧତାକୁ ଲକ୍ଷ୍ୟକଲେ ଏକଥା ସ୍ପଷ୍ଟ ଯେ ଚନ୍ଦ୍ରଜ୍ୟୋତ୍ସ୍ନାସ୍ନାତ ରଜନୀର ବର୍ଣ୍ଣନା ପ୍ରତି ଗାଳ୍ପିକ ସୁରେନ୍ଦ୍ରଙ୍କର ସ୍ୱାଭାବିକ ଦୁର୍ବଳତା ଥିବା ପରିଲକ୍ଷିତ ହୋଇଥାଏ ।

**ଷଡ଼ ଋତୁ ଓ ବାରମାସର ବର୍ଣ୍ଣନା**

ସମୟର ସୂଚନା ଦେବା ଉଦ୍ଦେଶ୍ୟରେ ବୈଶାଖ ଓ ଜ୍ୟେଷ୍ଠ ମାସର ବର୍ଣ୍ଣନା "ପାଗଳ ଗାରଦର କାହାଣୀ", 'ମୁହୂର୍ତ୍ତ', 'ସନ୍ଧି ଓ ସର୍ତ୍ତ' ଗଳ୍ପରେ ସ୍ୱାଭାବିକ ରୀତିରେ ହୋଇଥିବା ଲକ୍ଷ୍ୟ କରାଯାଇଥାଏ ।

ଆଷାଢ଼ ମାସର ସ୍ୱାଭାବିକ ବର୍ଷା, ମେଘ ଓ ତାର ପ୍ରଭାବର ଚିତ୍ର ପ୍ରଥମ ଆଷାଢ଼, ଅନ୍ଧସ୍ୱାମୀ ଓ କୃଷ୍ଣଚୂଡ଼ା ଗଳ୍ପରେ ଗାଳ୍ପିକ ଉପସ୍ଥାପନ କରିଛନ୍ତି । ଏତଦ୍‌ଭିନ୍ନ ବର୍ଷାଋତୁରେ ଦେଖାଯାଉଥିବା କୁଣ୍ଡା ଝଡ଼ବର୍ଷାର ଚିତ୍ର 'ଖାଦାନୀ' ଗଳ୍ପରେ ତଥା ଝଡ଼ ବର୍ଷାରାତିରେ ପଲ୍ଲୀ ଗାଁରେ ଶବ ପଡ଼ିଥିବା ଏକ ଘରର ବିଭୀଷିକାପୂର୍ଣ୍ଣ ପରିବେଶର ଚିତ୍ର 'ନସ୍ୱନପୁର ଏକ୍ସପ୍ରେସ' ଓ 'ଇଜମାଲି' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ସ୍ୱାଭାବିକ ରୀତିରେ ଉପସ୍ଥାପନ କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ- "ତୋଫାନ ଆଉ ମେଘର ଆକାଶଟା ଯେମିତି ଭାଙ୍ଗି ପଡ଼ିବ । ବାଉଁଶ ବୁଦାଗୁଡ଼ିକରୁ ଶୁଭୁଛି କେବଳ ସେଁ ସେଁ କଟ୍‌କଟ୍ ଶବ୍ଦ । ବିଜୁଳି ଆଲୁଅରେ ଅନ୍ୟଗଛ ଗୁଡ଼ିକ ପିଟିହେଲା ପରି

ଦିଶୁଛନ୍ତି । ସପ୍ତଦୀପ ନଜଳୁଣ୍ଡ ପଶ୍ଚିମରୁ ମେଘଖଣ୍ଡେ ଘୋଟିଆସି ଆକାଶଟା ଛାଇ ଦେଲାଣି । ଗମ୍ଭିରୀଘର ଭିତରେ ଲଣ୍ଠନଟିଏ ମିଞ୍ଜି ମିଞ୍ଜିହୋଇ ଜଳୁଛି । ଘଟ ଉପରେ ପାରଅପାର ମଡ଼ା ପଡ଼ିଛି ଖଣ୍ଡିଏ ଚାଦର ଢଙ୍କାହୋଇ ।"(ମହାନ୍ତି, 'ଇନ୍ଦ୍ରମାଲୀ', ପୃ: ୩୨୩, ୩୨୪)

ଶରତ ଋତୁର ବର୍ଣ୍ଣନା ପ୍ରସଙ୍ଗରେ ଗାଳ୍ପିକ ସୁରେନ୍ଦ୍ର ଆଶ୍ୱିନ ମାସର ଟାଣ ଖରାର ଚିତ୍ର 'ଛାପିଛାପିକା' ଗଳ୍ପରେ ସମୟର ସୂଚନା ପ୍ରଦାନ ପାଇଁ କେବଳ ବର୍ଣ୍ଣନା କରିଛନ୍ତି । ମାତ୍ର "ମଧୁମଞ୍ଜାର ରାତ୍ରି" ଓ 'ବ୍ୟର୍ଥ ଆଗମନୀ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ଚତୁର୍ମାସ୍ୟା ଶେଷରେ ମେଘମୁକ୍ତ ଆକାଶରେ ନଦୀପଠାରେ ଫୁଟିଥିବା କାଶତଣ୍ଡୀ ତଥା ଜହ୍ନିବାଡ଼ର ମନ୍ଦା ମନ୍ଦା ଜହ୍ନିଫୁଲର ପ୍ରାକୃତିକ ଚିତ୍ର ସ୍ୱଭାବ ସୁନ୍ଦର ରୀତିରେ ବର୍ଣ୍ଣନା କରିଛନ୍ତି ।

ଶୀତଋତୁରେ କୌଣସି ବର୍ଣ୍ଣନା ଗାଳ୍ପିକ ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକରେ ପରିଲକ୍ଷିତ ହେଉନଥିବା ସ୍ଥଳେ, ମାର୍ଗଶୀର ଓ ପୌଷମାସର ପ୍ରାକୃତିକ ଦୃଶ୍ୟ ପଲ୍ଲୀ ପରିବେଶର ସାମାଜିକ ରୀତି ନୀତି ଓ ଜନଜୀବନର ପୃଷ୍ଠଭୂମିରେ ସ୍ୱାଭାବିକ ରୀତିରେ ଗାଳ୍ପିକ ସୁରେନ୍ଦ୍ର ଉପସ୍ଥାପନ କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ :-

(i) ମାର୍ଗଶୀର ମାସ । ଗ୍ରାମେ ଗ୍ରାମେ ଶସ୍ୟଲକ୍ଷ୍ମୀଙ୍କ ଆବାହନ ପାଇଁ ଘରେ ଘରେ ହସ ଉକୁଟି ଉଠୁଛି । ଘରକାନ୍ଥ ଲିପି ଚିତା ଲେଖୁ ଲେଖୁ ଝିଅ ବୋହୂମାନଙ୍କୁ ବେଳ ଅଣ୍ଟୁ ନାହିଁ । ଖଳାମାନ ଲିପାପୋଛା ସରିଲାଣି । ବହୁଦିନ ପରେ ଲକ୍ଷ୍ମୀ ଆସୁଛନ୍ତି । ପିଠୋଉରେ ତାଙ୍କ ପାଦଚିହ୍ନ ସବୁଆଡ଼େ ପଡ଼ିଗଲାଣି । ଧାନପାଚି ଆସୁଛି ।(ମହାନ୍ତି,'ଦଳେଇବୁଢ଼ା', ପୃ: ୧୪୦)

(ii) ଫସଲକଟା କ୍ଷେତ ଉପରେ ପୌଷର କୁହୁଡ଼ିବୋଳା ଗୋଧୂଳି ନଈକୂଳ ତଇଳାରେ ଧନିଆ ଫୁଲର ବାସନା ସ୍ନିଗ୍ଧ ପ୍ରଲେପ ପରି, ଆହତ ସୌକୁମାର୍ଯ୍ୟର କ୍ଷତ ଉପରେ ବୋଳି ହୋଇ ଆସୁଥିଲା ।(ମହାନ୍ତି, 'ଗଣଦେବତା', ପୃ: ୧୫୬)

ବସନ୍ତ ଋତୁର ଫାଲ୍‌ଗୁନ ମାସର ସୂଚନା, ମରାଳର ମୃତ୍ୟୁ, ମହାନିର୍ବାଣ, ମଧୁମଞ୍ଜାର ରାତ୍ରି, ଯାଯାବର ଓ ଜାୟା ଗଳ୍ପରେ ଓ ଚୈତ୍ରମାସର ସୂଚନା ନିଃସଙ୍ଗ ଆକାଶ, ସଭ୍ୟତାର ଗ୍ରାସ ଗଳ୍ପରେ ଗାଳ୍ପିକ କରିଛନ୍ତି । ମାତ୍ର ଗାଳ୍ପିକ ସୁରେନ୍ଦ୍ର ନିଜ ଗଳ୍ପରେ ଗ୍ରୀଷ୍ମ, ବର୍ଷା, ଶରତ, ଶୀତ ଅପେକ୍ଷା ବସନ୍ତକୁ ଅଧିକ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି । ଗାଳ୍ପିକଙ୍କ ବର୍ଣ୍ଣନାରେ ବସନ୍ତର ପ୍ରଭାବ ବିବିଧ ଭାବେ ଚରିତ୍ରର ମାନସିକ ଚେତନାରେ କିଭଳି ବିକ୍ଷୋଭ ସୃଷ୍ଟି କରିଛି ତାହା ନିମ୍ନ କେତୋଟି ଉଦାହରଣରୁ ଅଧିକ ସ୍ପଷ୍ଟ ହେବ ।

"ନବ ବସନ୍ତ ସେଦିନ, ରକ୍ତପୁଷ୍ପ ଓ ପଲ୍ଲବରେ, ଶାଳବୀଥିକାର ଶାଖାରେ ଶାଖାରେ, ମଦନୋତ୍ସବର ଏକ ବିଚିତ୍ରିତ, ବର୍ଣ୍ଣାଢ଼୍ୟ ସମାରୋହ ରଚନା କରିଯାଇଥିଲା । ଶାଳବୀଥିକାର ପେଲବ ମର୍ମ ଭୂମିରୁ ଗୋଟିଏ କୋକିଳର ଅଶାନ୍ତ କୂଜନ, ସେହି ନିଭୃତ ବନଭୂମିକୁ ଯେପରି ଉପେକ୍ଷା ଓ ନିଗ୍ରହର ପାଣ୍ଡୁର ଶଯ୍ୟାଛାଡ଼ି ଉଠିବା ପାଇଁ ଡାକି ଡାକି ନୀରବ ହୋଇ ଯାଇଥିଲା । ତାହାର ଅଶାନ୍ତ ପ୍ରତିଧ୍ୱନି ଶାଳବୀଥିକାର ଶାଖାରେ ପତ୍ରେ ପତ୍ରେ ଏକ ବ୍ୟଥାତୁର ଆଲୋଡ଼ନ ସୃଷ୍ଟି କରି ଯାଉଥିଲା । ମଧୁଲୋଭୀ ଭ୍ରମରମାନଙ୍କର ଅତୃପ୍ତ ଗୁଞ୍ଜନ, ସେହି ଆହ୍ୱାନ ଓ ଆଲୋଡ଼ନକୁ ଯେପରି ଏକ ପ୍ରମତ୍ତତାରେ ସୁତୀବ୍ର କରି ଦେଉଥିଲା ।"(ମହାନ୍ତି, 'ମହାନିର୍ବାଣ', ପୃ: ୧୦,୧୧)

ଏଠାରେ ବସନ୍ତର ସ୍ୱଭାବ ସୁନ୍ଦର ବର୍ଣ୍ଣନା ଆଳଙ୍କାରିକ ରୀତିରେ ଉପସ୍ଥାପିତ ହୋଇପାରିଛି । ଏତଦ୍‌ଭିନ୍ନ ଘଟଣା ଓ ପରିବେଶର ସାମଞ୍ଜସ୍ୟ ରକ୍ଷା କରାଯାଇ ବସନ୍ତର ସ୍ୱାଭାବିକ ସୁନ୍ଦର ବର୍ଣ୍ଣନା ଆଳଙ୍କାରିକ ରୀତିରେ ଗାଳ୍ପିକ ସୁରେନ୍ଦ୍ରଙ୍କ ହତ୍ୟାକାରୀ କିଏ ଗଳ୍ପରେ ପରିଲକ୍ଷିତ ହୋଇଥାଏ ।(ମହାନ୍ତି, 'ହତ୍ୟାକାରୀ କିଏ', ପୃ: ୮୦)

ଚୈତ୍ରର ସ୍ୱଭାବ ସୁନ୍ଦର ବର୍ଣ୍ଣନା ମଧ୍ୟରେ ଆମ୍ବଭଉଳ ଓ ଝରାପତ୍ରର ଚୈତାଳୀ ସହିତ 'ନିଃସଙ୍ଗ ଆକାଶ'ର ମଣ୍ଟୁ ଚରିତ୍ରର ଅତୀତ ରୋମନ୍ଥନ ମଧ୍ୟରେ ପରିବେଶ ସହିତ ଚରିତ୍ରର ମାନସିକ ଚେତନାର ସମନ୍ୱୟ ଗାଳ୍ପିକ ସୁରେନ୍ଦ୍ର ଉପସ୍ଥାପନ କରିଛନ୍ତି । (ମହାନ୍ତି, 'ନିଃସଙ୍ଗ ଆକାଶ', ପୃ: ୭୪) ମାତ୍ର 'କ୍ଳାନ୍ତ ଚୈତାଳୀ' ଗଳ୍ପରେ ଝରାପତ୍ର ତଥା ଚୈତାଳୀ ପବନ ଚରିତ୍ରର ମାନସିକ ଚେତନାର ବିଶ୍ଳେଷଣ ପାଇଁ ବ୍ୟକ୍ତି ରୂପେ ପରିକଳ୍ପିତ ହୋଇ ବର୍ଣ୍ଣିତ ହୋଇଛି । ପରିବେଶ ଉପରେ ବ୍ୟକ୍ତିତ୍ୱର ଆରୋପ ଏହି ଦୃଷ୍ଟିରୁ ଗାଳ୍ପିକ ସୁରେନ୍ଦ୍ରଙ୍କ ପରିବେଶ ଉପସ୍ଥାପନ ଶୈଳୀର ଏକ ବିଶେଷତ୍ୱ ରୂପେ ଗ୍ରହଣ କରାଯାଇପାରେ ।(ମହାନ୍ତି,'କ୍ଳାନ୍ତ ଚୈତାଳୀ', ପୃ: ୨୩,୨୫ ଓ ୨୯)

ବସନ୍ତ ବର୍ଣ୍ଣନାରେ ଗାଳ୍ପିକ ସୁରେନ୍ଦ୍ରଙ୍କ ଅନ୍ୟ ଏକ ବିଶେଷତ୍ୱ ହେଉଛି ଶେଷ ବସନ୍ତର ସ୍ୱାଭାବିକ ରୂପ ବର୍ଣ୍ଣନାକୁ ରୂପକଳ୍ପ ମାଧ୍ୟମରେ ଉପସ୍ଥାପନ କରିବା, ଦୃଷ୍ଟାନ୍ତ ସ୍ୱରୂପ : "ଶେଷ ବସନ୍ତରେ ଗୋଟିଏ କୋଇଲିର ଆକୁଳ ଆହ୍ୱାନ କେଉଁ ଶୀତଳ ପତ୍ରକୁଞ୍ଜରେ ଶ୍ୟାମଳ ମର୍ମଭୂମିକୁ ବିଦୀର୍ଣ୍ଣ କରି ଜରାଗ୍ରସ୍ତ ବୃଦ୍ଧର କାମନାହୀନ, ବେଦନାହୀନ, ଆଲୋଡ଼ନହୀନ ରାତ୍ରି ପରି ଏହି ନିଷ୍ଫଳନିର୍ବେଦ ସକାଳକୁ ଆଲୋଡିତ କରି ଦେଉଅଛି ।"(ମହାନ୍ତି, 'ନିର୍ମୂଳୀ ଲତାର ଫୁଲ', ପୃ: ୧୪୫)

ଗାଳ୍ପିକ ସୁରେନ୍ଦ୍ରଙ୍କ ଷଡ଼ଋତୁ ବର୍ଣ୍ଣନା ପ୍ରସଙ୍ଗରେ ଉପରୋକ୍ତ ଆଲୋଚନାକୁ ଲକ୍ଷ୍ୟ କଲେ ଏକଥା ସ୍ପଷ୍ଟ ଯେ, ଗ୍ରୀଷ୍ମ ଶରତ ଶୀତ ଋତୁର ପରିବେଶ ବର୍ଣ୍ଣନା ଗତାନୁଗତିକ ତଥା ସାଧାରଣ । ବର୍ଷାଋତୁର ବର୍ଣ୍ଣନା ଅପେକ୍ଷାକୃତ ଅଧିକ ହେଲେ ହେଁ ଏହାର ପରିପାଟୀ ଚିତ୍ତାକର୍ଷକ ଭାବେ ସୁରେନ୍ଦ୍ରଙ୍କ ଗଳ୍ପରେ ଉପସ୍ଥାପିତ ହୋଇପାରି ନାହିଁ । ବସନ୍ତ ଋତୁ ଯୁଗେ ଯୁଗେ କବି ଲେଖକଙ୍କୁ ଆକୃଷ୍ଟ କରିଛି । ଗାଳ୍ପିକ ସୁରେନ୍ଦ୍ରଙ୍କୁ ମଧ୍ୟ ଅନ୍ୟ ଋତୁ ତୁଳନାରେ ଏହା ଅଧିକ ଆକର୍ଷଣ କରିଛି । ତେଣୁ ଗାଳ୍ପିକଙ୍କ ବସନ୍ତ ବର୍ଣ୍ଣନା ଅନ୍ୟ ଋତୁ ତୁଳନାରେ ଆକର୍ଷଣୀୟ ହୋଇପାରିଛି ।

## ବିଭିନ୍ନ ପ୍ରାକୃତିକ ଦୃଶ୍ୟ ଓ ସ୍ଥାନ

ସୁରେନ୍ଦ୍ରଙ୍କ ଗଳ୍ପରେ ବିଭିନ୍ନ ପ୍ରାକୃତିକ ଦୃଶ୍ୟ ଓ ସ୍ଥାନର ପରିବେଶ ଏହି ପର୍ଯ୍ୟାୟରେ ଆଲୋଚନା କରାଯାଉଅଛି ।

### ଆକାଶ

ଆକାଶର ସ୍ୱାଭାବିକ ସୌନ୍ଦର୍ଯ୍ୟର ବର୍ଣ୍ଣନା ଗାଳ୍ପିକ ସୁରେନ୍ଦ୍ର 'ଭାରତ ଆବିଷ୍କାର', 'ସମ୍ପାଦକ', 'ବାଲି', 'ଅପରିଚିତର ପରିଚୟ', 'ଗୋଟିଏ ଆତ୍ମହତ୍ୟାର କାହାଣୀ' ଗଳ୍ପରେ କରିଛନ୍ତି । ଏହିସବୁ ଗଳ୍ପର ବର୍ଣ୍ଣନାରେ ଆକାଶର ଶାନ୍ତ ସୌମ୍ୟରୂପ, ଉଦାର କମନୀୟ ଭାବ, ତଥା ଭାଷାହୀନ, ମୌନ, ଗମ୍ଭୀର ନିର୍ମମ କ୍ରୂରତାର ଏକ ବିରାଟ ରୂପର ଚିତ୍ର ଗାଳ୍ପିକ ଅବତାରଣା କରିଛନ୍ତି ।

ମାତ୍ର ସୁରେନ୍ଦ୍ରଙ୍କ ଅନ୍ୟ କେତେକ ଗଳ୍ପରେ ଆକାଶ ଚରିତ୍ରର ମାନସିକ ଚେତନାକୁ ଉଦ୍ରେକ କରିଛି । ସେ ସବୁର କେତୋଟି ଦୃଷ୍ଟାନ୍ତ ଏଠାରେ ଅବତାରଣା କରାଯାଉଛି ।

(i) "ମେଳାମେଳା ପାଉଁଶିଆ ମେଘଙ୍କୁଙ୍କ ଆକାଶର, ସମୁଦ୍ରରେ ସୁନୀଳ ଦ୍ୱୀପ ପରି ଚେନାଏ ନିର୍ମେଘ ନେଳି ଆକାଶ, ଗୋଟିଏ ବଳାକା ତାହାରି ପୃଷ୍ଠଭୂମିରେ ଧୀରେ ଧୀରେ ଭାସି ଯାଉଥିଲା ।"(ମହାନ୍ତି, 'ନିଯୁକ୍ତି ପତ୍ର', ପୃ: ୫୧)

(ii) ଆକାଶ ମୃତ୍ୟୁର ରଙ୍ଗପରି, ହଳାହଳ ପରି ଉଜ୍ଜ୍ୱଳ ସୁନୀଳ ।

xxxxx xxxxx xxxxx

ନୀଳ ଆକାଶରେ, ଦିଗ୍‌ବଳୟ ରେଖାର ବଳୟ ଉପରେ କେତେଖଣ୍ଡ ଗାଢ଼ ଲାଲ ରଙ୍ଗର ଭସାମେଘ ଦିଗନ୍ତର ନେପଥ୍ୟ ମଧ୍ୟକୁ ଧୀରେ ଧୀରେ ଭାସି ଯାଉଥିଲା । ଗାଢ଼ଲାଲ ରଙ୍ଗ କ୍ରମେ ପରିଣତ ହେଉଥିଲା ବାଇଗଣିରେ ବାଇଗଣି ପରିବର୍ତ୍ତିତ ହେଉଥିଲା ପିଙ୍ଗଳରେ, ପୁଣି ପିଙ୍ଗଳ ମିଶି ଯାଉଥିଲା ଘନକୃଷ୍ଣ ମଧ୍ୟରେ...

xxxxx xxxxx xxxxx

"ଠିକ୍ ସେତିକି ବେଳେ ଖଣ୍ଡେ ଲାଲ ବଉଦ, ବାଇଗଣି ରଙ୍ଗ ଧରି ସଦ୍ୟସ୍ନାତା ଗୋଟିଏ ପଲ୍ଲୀବଧୂର ରୂପ ପରିଗ୍ରହ କରୁଥିଲା । ତାହାର କୁଞ୍ଚିତ କେଶରାଶି, କଟିର ତଳ ପର୍ଯ୍ୟନ୍ତ ଲମ୍ବି ଆସିଥିଲା । ଦେହର ଊର୍ଦ୍ଧ୍ୱଭାଗ ପଛକୁ ଧନୁଗୁଣ ପରି ଟାଣି ବାହୁବନ୍ଧନୀ ମଧ୍ୟରେ ଗୋଟିଏ ଜଳକୁମ୍ଭ ଧରି ସେ ଯେପରି ଅନ୍ୟ ଏକ ଜଳାର୍ଥିନୀ ସହଚରୀର ପ୍ରତୀକ୍ଷାରେ ଗ୍ରୀବାବଙ୍କାଇ କେଉଁ ଏକ ନଦୀତଟରେ ଛିଡ଼ା ହୋଇ ରହିଥିଲା ।"(ମହାନ୍ତି, 'ନିଃସଙ୍ଗ ଆକାଶ', ପୃ: ୭୧,୭୨ )

(iii) "ଝରଣାର ବାହାରେ ତଳେ ଛିଣ୍ଡି ପଡ଼ିଥିବା ଚେନାଏ ନେଳି ଆକାଶ, ଧଳାରଙ୍ଗ ଧରି ଆସିଲାଣି ।

xxxxx xxxxx xxxxx

ମନର ନେଳିଆ ଆକାଶରେ ମଧ୍ୟ ଖରା ଟାଣ ହୋଇ ଆସୁଛି ।"(ମହାନ୍ତି, 'ଜୀବନ ପ୍ରଭାତ', ପୃ: ୧୧୪)

ଉପର୍ଯ୍ୟୁକ୍ତ ତିନୋଟି ଦୃଷ୍ଟାନ୍ତକୁ ଲକ୍ଷ୍ୟ କଲେ ଆକାଶର ବର୍ଣ୍ଣନା ସହ ସାମ୍ୟ ରଖି କିଭଳି ଚରିତ୍ରର ମାନସିକ ଚେତନାର ଚିତ୍ର ଦିଆଯାଇଛି, ତାହା ସ୍ପଷ୍ଟ । ବିଶେଷତଃ ନିଃସଙ୍ଗ ଆକାଶରୁ ଉଦ୍ଧୃତ ଅଂଶରେ ଚେତନା ପ୍ରବାହ ଶୈଳୀରେ ଆକାଶର ପରିବର୍ତ୍ତିତ ରୂପ ସହ ମଣ୍ଟୁର ଚେତନାର ପରିବର୍ତ୍ତନ ଦେଖାଇ ଆକାଶର ବିଚିତ୍ର ବର୍ଣ୍ଣବିଭା ଗାଳ୍ପିକ ସୁରେନ୍ଦ୍ର ଅଙ୍କନ କରିଛନ୍ତି । କେବଳ ବର୍ତ୍ତମାନ ପରିବେଶର ଆକାଶ ନୁହେଁ ଦୂରଦୃଷ୍ଟି ସମ୍ପନ୍ନ ଗାଳ୍ପିକ ଭବିଷ୍ୟତ ସମୟରେ ଆକାଶର ଚିତ୍ର ପରିକଳ୍ପନା ଚିତ୍ରକଳ୍ପ ମାଧ୍ୟମରେ ବର୍ଣ୍ଣନା କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ : "ଆକାଶରେ ସୁପରସିଟୀର ଦିଗ୍‌ବଳୟ ରେଖାର ଅଳ୍ପ ଊର୍ଦ୍ଧ୍ୱରେ ଖଣ୍ଡେ ପାଉଁଶିଆ ମେଘର ପୃଷ୍ଠଭୂମିରେ କାଲି ରାତିର ବିଜ୍ଞାଳଙ୍କ ମଲା ଜହ୍ନଟା ଝୁଲୁଥିଲା ବିମର୍ଷ ବେଲୁନ ପରି ।(ମହାନ୍ତି, 'ଖ୍ରୀ:ଅ: ୨୦୬୬', ପୃ: ୧୨) ଗାଳ୍ପିକ ସୁରେନ୍ଦ୍ରଙ୍କ ଏହିସବୁ ଆକାଶ ବର୍ଣ୍ଣନା ଲକ୍ଷ୍ୟ କଲେ ତାଙ୍କର ଗଭୀର ଅନୁଧ୍ୟାନ ଓ ଅନୁଶୀଳନ ତଥା ଦୂରଦୃଷ୍ଟିର ପରିଚୟ ମିଳେ ।

ଆକାଶର ବର୍ଣ୍ଣନା ସହିତ ବିଭିନ୍ନ ପ୍ରକାର ମେଘର ଚିତ୍ର ଗାଳ୍ପିକ ନିଜ ଗଳ୍ପଗୁଡ଼ିକରେ କରିଛନ୍ତି ।

"ଶ୍ରାବଣର ପାଉଁଶିଆ ଆକାଶ ତଳେ, ଖଣ୍ଡେ ଭସା ମେଘର କୁହୁଡ଼ି ଭିତରେ

×××××　　　×××××　　　×××××

ଅପରାଜିତା ରଙ୍ଗର ଖଣ୍ଡେ ପତଳା ମେଘ ମୋ ଛାତି ଉପରେ ଗୋଟାଏ ମୁହୂର୍ତ୍ତ ମୁହଁ ଚାପି ପୁଣି ଧୀରେ ଧୀରେ ଭାସିଗଲା ଖୋଲା ଝରକା ବାଟେ । ମେଘ ଠାରୁ ମୋ ସିଗାରେଟ୍ ଧୂଆଁକୁ ବାରି ପାରିଲି ନାହିଁ ।" (ମହାନ୍ତି, 'ଅଦିନର ଅତିଥି', ପୃ: ୯୦)

**ସମୁଦ୍ର**

ସମୁଦ୍ର ସମ୍ପର୍କରେ ବର୍ଣ୍ଣନା 'ଅଷ୍ଟେଲିଆ' , 'ଯାଯାବର ଓ ଜାସ୍ମି' ତଥା 'ଭବସାଗର କୂଳେ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ସ୍ୱାଭାବିକ ରୀତିରେ କରିଥିଲେ ହେଁ ସମୁଦ୍ରକୁ ପୃଷ୍ଠଭୂମି ରୂପେ ଗ୍ରହଣ କରି ତାଙ୍କର 'କାକ୍‌ଟସ୍' ଓ 'ଗୁରୁ' ଗଳ୍ପ ରଚିତ । ଏହି ଦୁଇଟି ଗଳ୍ପରେ ସମୁଦ୍ରକୂଳର ବେଳାଭୂମି, ଝାଉଁ ଜଙ୍ଗଲ ତଥା ବେଳା ଭୂମିରେ ରାତ୍ରି ବର୍ଣ୍ଣନାର ପୃଷ୍ଠଭୂମିରେ ମୁଁ ତଥା ମିସେସ୍ ରାଜ ଚରିତ୍ର ଚେତନାଗତ ଦ୍ୱନ୍ଦ୍ୱର ଚିତ୍ର ଦିଆଯାଇଅଛି ।

**ନଦୀ**

'ମଧୁମଣ୍ଡାର ରାତି' ଓ 'ବନ୍ୟା ସଙ୍ଗିନୀ' ଗଳ୍ପରେ ସୁରେନ୍ଦ୍ର ନଦୀର ସ୍ୱାଭାବିକ ପ୍ରାକୃତିକ ରୂପ ଅବତାରଣା କରିଥିବା ସ୍ଥଳେ 'ଶେଷ ରାତିର ଏକ୍ସପ୍ରେସ୍' ଓ 'ବାଲି' ଗଳ୍ପରେ ନଦୀଘାଟ ତଥା ନଦୀବନ୍ଧର ସ୍ୱାଭାବିକ ବର୍ଣ୍ଣନା କରିଛନ୍ତି । ମାତ୍ର ଆଳଙ୍କାରିକ ଭାଷାର ଚମତ୍କାରିତା ମଧ୍ୟରେ ମଣିଷ ଜୀବନ ସହ ନଦୀର ତୁଳନା 'ମଧୁମଣ୍ଡାର ରାତ୍ରି' ଗଳ୍ପରେ ଆକର୍ଷଣୀୟ ହୋଇପାରିଛି ।

**ପୋଖରୀ**

ଗାଳ୍ପିକଙ୍କ ପୋଖରୀ ବର୍ଣ୍ଣନା ଲକ୍ଷ୍ୟକଲେ 'ପୁଷ୍ୟାଭିଷେକ' ଗଳ୍ପରେ ସାମନ୍ତବାଦୀ ସମାଜର ଅବକ୍ଷୟର ଚିତ୍ର ମାଜଣା ପୋଖରୀର ବର୍ଣ୍ଣନାରେ ସ୍ୱାଭାବିକ ରୀତିରେ ସ୍ପଷ୍ଟ ଭାବେ ବର୍ଣ୍ଣିତ । ଅନୁରୂପ ଭାବେ 'ଆକାଶ ଛତିଆ' ଗଳ୍ପରେ ପରିତ୍ୟକ୍ତ ଦଳୁଆ ପୋଖରୀର ବର୍ଣ୍ଣନା ସ୍ୱାଭାବିକ ରୀତିରେ କରାଯାଇଛି । ମାତ୍ର 'ବଇଷମ ପାଠଶାଳା' ଗଳ୍ପରେ ଗାଧୁଆତୁଠର ବର୍ଣ୍ଣନା ଫକୀର ମୋହନଙ୍କ 'ଛ'ମାଣ ଆଠଗୁଣ୍ଠ'ର ଗାଧୁଆ ତୁଠର ବର୍ଣ୍ଣନାକୁ ସ୍ମରଣ କରାଇ ଦେଇଥାଏ ।

**ପର୍ବତ, ଅରଣ୍ୟ ଓ ବୃକ୍ଷ**

ପର୍ବତର ପରିବେଶ ବର୍ଣ୍ଣନା ପ୍ରସଙ୍ଗରେ ଗାଳ୍ପିକ ସୁରେନ୍ଦ୍ର ନୀରବ, ମାତ୍ର 'ଖାଦାନୀ' ଗଳ୍ପରେ କାରୋପାହାଡ଼ ଓ 'ନିଃସଙ୍ଗ ଆକାଶ'ରେ ବଉଳା ପାହାଡ଼ ସମ୍ପର୍କରେ କେବଳ ସୂଚନା ମିଳିଥାଏ ।

ଆଳଙ୍କାରିକ ଭାଷା ବିନ୍ୟାସ ମାଧ୍ୟମରେ ଗନ୍ଧହସ୍ତି ଅରଣ୍ୟର ବର୍ଣ୍ଣନା 'ଉତ୍ତରାମପୁତ୍ର' ଗଳ୍ପରେ କରାଯାଇଛି । ଘଟଣାସହ ସାମଞ୍ଜସ୍ୟ ରକ୍ଷା କରି ଆଦିବାସୀ ଜୀବନରେ ଅରଣ୍ୟର ପ୍ରଭାବକୁ କେନ୍ଦ୍ରକରି 'ଖାଦାନୀ', 'ବଳିଦାନ' ଓ 'ସଭ୍ୟତାର ଗ୍ରାସ'ରେ ଶାଳବଣର ବର୍ଣ୍ଣନା ଗାଳ୍ପିକ କରିଥିଲେ ହେଁ ଏଗୁଡ଼ିକ ଆକର୍ଷଣୀୟ କିମ୍ବା ବାସ୍ତବଧର୍ମୀ ହୋଇପାରି ନାହିଁ । ମାତ୍ର ବୁଦୁବୁଦିକିଆ ଜଙ୍ଗଲର ସ୍ୱାଭାବିକ ସୁନ୍ଦର ବାସ୍ତବଧର୍ମୀ ବର୍ଣ୍ଣନା 'ଆକାଶଛତିଆ' ଗଳ୍ପରେ ଦେଖିବାକୁ ମିଳିଥାଏ ।(ମହାନ୍ତି, 'ଆକାଶ ଛତିଆ', ପୃ: ୩୬,୩୭)

ଆଳଙ୍କାରିକ ଭାଷା ପ୍ରୟୋଗ ମାଧ୍ୟମରେ ଆମ୍ବବିଥିକାର ବର୍ଣ୍ଣନା 'ମହାନିର୍ବାଣ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର କରିଛନ୍ତି । ମାତ୍ର ସହଜ ସରଳ ଭାଷାରେ ଗାଁ ମୁଣ୍ଡ ଆମ୍ବତୋଟାର ବର୍ଣ୍ଣନା 'ବଇଷମ ପାଠଶାଳା'ରେ ବାସ୍ତବବାଦୀ ଦୃଷ୍ଟିକୋଣରୁ କରାଯାଇଛି ।

ସ୍ୱଭାବ ସୁନ୍ଦର ବରଗଛର ବର୍ଣ୍ଣନା ଆଳଙ୍କାରିକ ଭାଷା ବିନ୍ୟାସ ମାଧ୍ୟମରେ 'ଅଣ୍ଟର ଗ୍ରାଉଣ୍ଡ' ଗଳ୍ପରେ ଗାଳ୍ପିକ କରିଛନ୍ତି ।(ମହାନ୍ତି, ଅଣ୍ଟର ଗ୍ରାଉଣ୍ଡ', ପୃ: ୨୨) 'ସାଇକଲ ଚୋର' ଗଳ୍ପରେ ବରଗଛର ସାଧାରଣ ଉଲ୍ଲେଖ ମାତ୍ର ଦେଖାଯାଏ । ମାତ୍ର ଐତିହାସିକ ଘଟଣାର ଉତ୍‌ଥାନ ପତନର ମୂକସାକ୍ଷୀ ରୂପେ ବରଗଛ 'ମରାଳର ମୃତ୍ୟୁ' ଗଳ୍ପରେ ବିଭିନ୍ନ ଦୃଷ୍ଟିକୋଣରୁ ବାରମ୍ବାର ଚିତ୍ରଣ କରାଯାଇଛି ।(ମହାନ୍ତି, 'ମରାଳର ମୃତ୍ୟୁ', ପୃ: ୨,୯ ଓ ୧୨) ପଲ୍ଲୀ ପରିବେଶରେ ବରଗଛକୁ ନେଇ ପ୍ରଚଳିତ ଥିବା କିମ୍ବଦନ୍ତୀର ପ୍ରତୀକ ରୂପେ 'ବରଜୁଷେଣ୍ଢ ଘାଇ'ରେ ଭାତଖିଆ ବରଗଛର ବର୍ଣ୍ଣନା ଲକ୍ଷ୍ୟ କରାଯାଇଥାଏ । (ମହାନ୍ତି,'ବରଜୁଷେଣ୍ଢ ଘାଇ', ପୃ: ୭୦)

ବରଗଛ ଭଳି କୃଷ୍ଣଚୂଡ଼ା ଗାଳ୍ପିକଙ୍କ ଦୃଷ୍ଟିରେ ବାରମ୍ବାର ଚିତ୍ରଣ କରାଯାଇଛି । 'କୃଷ୍ଣଚୂଡ଼ା' ଓ 'ସେଇଲୋକଟା' ଗଳ୍ପରେ ଏହି ବୃକ୍ଷ ସହଜ ସରଳ ରୀତିରେ ବର୍ଣ୍ଣିତ । ମାତ୍ର ସମ୍ପାଦକ ସଦାନନ୍ଦ, ବୃଦ୍ଧ ସନାତନ ମହାପାତ୍ର, ବାଳକ ମଣ୍ଟୁ ଚରିତ୍ରର ମାନସିକ ସ୍ତର ସହ ସମନ୍ୱୟ ରକ୍ଷା କରି ସେମାନଙ୍କର ଚେତନାର ଉଦ୍ରେକ ପାଇଁ 'କୃଷ୍ଣଚୂଡ଼ା', 'ପାଗଳଗାରଦର କାହାଣୀ', 'ଲବଣର ସ୍ୱାଦ' ଗଳ୍ପରେ କୃଷ୍ଣଚୂଡ଼ାର ବର୍ଣ୍ଣନା କରାଯାଇଛି ।(ମହାନ୍ତି, 'କୃଷ୍ଣଚୂଡ଼ା', ପୃ: ୨୧୩, 'ପାଗଳଗାଦର କାହାଣୀ', ପୃ: ୧୮ ଓ 'ଲବଣର ସ୍ୱାଦ', ପୃ: ୧୩୧ )

ସୁରେନ୍ଦ୍ରଙ୍କ ଗଳ୍ପରେ ଅନ୍ୟାନ୍ୟ ବୃକ୍ଷଗୁଡ଼ିକର ବର୍ଣ୍ଣନା ମଧ୍ୟରେ ଚରିତ୍ରର ପ୍ରତୀକ ରୂପେ ବକୁଳିତ ସୁନାରୀ ଆମ୍ବଗଛର ଚିତ୍ରଣ 'ସୁନାରୀ ଆମ୍ବ' ଗଳ୍ପରେ ଦେଖିବାକୁ ମିଳିଥାଏ । (ମହାନ୍ତି, 'ସୁନାରୀ ଆମ୍ବ', ପୃ: ୩୬, ୩୭) ଏତଦ୍‌ଭିନ୍ନ କାଠଚମ୍ପା, ଓକ୍‌ଗଛ, ପଣସଗଛ, ସଜନାଗଛ ପ୍ରଭୃତି ଗାଳ୍ପକଙ୍କ ଦୃଷ୍ଟିରେ ଯଥାକ୍ରମେ 'ଜୀବନ ପ୍ରଭାତ', 'ଲବଣର ସ୍ୱାଦ', 'କ୍ଲାନ୍ତଚୈତାଳୀ', 'ଅଦିନର ଅତିଥି', 'ସଭ୍ୟତାର ଗ୍ରାସ', 'ସାଇକଲଚୋର' ଆଦି ଗଳ୍ପରେ ଚରିତ୍ରର ମାନସିକ ଚେତନା ତଥା ଅବସ୍ଥା ଆଦିର ସୂଚନା ଦେବା ପାଇଁ ବର୍ଣ୍ଣନା ହୋଇଥିବା ଲକ୍ଷ୍ୟ କରାଯାଏ ।

ସୁରେନ୍ଦ୍ରଙ୍କ ପର୍ବତ, ଅରଣ୍ୟ ଓ ବୃକ୍ଷ ସମ୍ବନ୍ଧିତ ବର୍ଣ୍ଣନାକୁ ଲକ୍ଷ୍ୟ କଲେ, ପର୍ବତ ଓ ଅରଣ୍ୟର ବର୍ଣ୍ଣନା ଅପେକ୍ଷା ବୃକ୍ଷର ବର୍ଣ୍ଣନା ହିଁ ପାଠକର ଅନ୍ତରକୁ ଅଧିକ ସ୍ପର୍ଶ କରିଥାଏ । ବିଭିନ୍ନ ବୃକ୍ଷର ବର୍ଣ୍ଣନା ଓ ସୂଚନା ମଧ୍ୟରେ ବରଗଛ ଓ କୃଷ୍ଣଚୂଡ଼ା ହିଁ ଗାଳ୍ପିକଙ୍କ ଗଳ୍ପରେ ବିଶିଷ୍ଟ ସ୍ଥାନ ପାଇଛି । ଏହାର କାରଣ ସ୍ୱରୂପ କୁହାଯାଇପାରେ ଯେ, ନିଜର ବାଲ୍ୟକାଳରେ ପଲ୍ଲୀଜୀବନରେ ବରଗଛର ଅନୁଧ୍ୟାନ ସହିତ ପରିଣତ ଜୀବନରେ ଫକୀରମୋହନଙ୍କ ସାହିତ୍ୟ ଅଧ୍ୟୟନ ସମୟରେ ଗଳ୍ପ ଉପନ୍ୟାସରେ ଚିତ୍ରିତ ବରଗଛର ପରିବେଶ ତାଙ୍କ ମାନସିକ ଚେତନାକୁ ପ୍ରଭାବିତ କରିଥିବ । ମାତ୍ର ରାତ୍ରିର ବର୍ଣ୍ଣନା ପ୍ରସଙ୍ଗରେ ଜ୍ୟୋତ୍ସ୍ନା ରାତି ଭଳି ବୃକ୍ଷର ବର୍ଣ୍ଣନା କ୍ଷେତ୍ରରେ କୃଷ୍ଣଚୂଡ଼ା ଗାଳ୍ପିକଙ୍କ ପରିବେଶର ଉଲ୍ଲେଖ ସମୟରେ ବୈଶିଷ୍ଟ୍ୟ ଦାବି କରିଥାଏ । ବଲାଙ୍ଗୀର ରହଣି ସମୟରେ ତାଙ୍କ ବାସଗୃହ ବାହାରେ ରହିଥିବା କୃଷ୍ଣଚୂଡ଼ା ବୃକ୍ଷଟି 'କୃଷ୍ଣଚୂଡ଼ା' ଗଳ୍ପର ରଚନା ସହିତ ତାଙ୍କର ମାନସ ରାଜ୍ୟରେ ବହୁକାଳ ପ୍ରଭାବ ବିସ୍ତାର କରିଥିବା ଅନୁମାନ କରାଯାଇପାରେ ।

**ଶ୍ମଶାନ**

ଶ୍ମଶାନର ବର୍ଣ୍ଣନା ଆଦିବାସୀ ଚରିତ୍ରର ଚେତନାରେ କିଭଳି ବିଶିଷ୍ଟ ସ୍ଥାନ ଅଧିକାର କରିଥାଏ ତାର ଚିତ୍ର ଖାଦାନୀ ଓ ସଭ୍ୟତାର ଗ୍ରାସ ଗଳ୍ପରେ ଦେଖିବାକୁ ମିଳିଥାଏ।(ମହାନ୍ତି, 'ଖାଦାନୀ', ପୃ: ୪୦୨ ଓ 'ସଭ୍ୟତାର ଗ୍ରାସ', ପୃ: ୧୫୫)

ତନ୍ତ୍ର ସାଧନା ଉଦ୍ଦେଶ୍ୟରେ ବୀରଭୂମର ଶ୍ମଶାନଦୃଶ୍ୟ ବର୍ଣ୍ଣନା ଭୟଙ୍କର ଭାବରେ 'ଆନନ୍ଦଭୈରବୀ' ଗଳ୍ପରେ ଚିତ୍ରିତ।(ମହାନ୍ତି, 'ଆନନ୍ଦ ଭୈରବୀ', ପୃ: ୧୨୪) ମାତ୍ର 'ମହାନିର୍ବାଣ' ଗଳ୍ପରେ ଶ୍ମଶାନର ଭୟଙ୍କର ରୂପ ସହିତ ବୀଭତ୍ସତାର ରୂପ ଗାଳ୍ପିକ ଚିତ୍ରଣ କରିଛନ୍ତି।(ମହାନ୍ତି, 'ମହାନିର୍ବାଣ', ପୃ: ୧୨-୧୫) ଆଧୁନିକ ସଭ୍ୟ ସମାଜର ପରିପ୍ରେକ୍ଷୀରେ ଶ୍ମଶାନର ପରିବର୍ତ୍ତିତ ସ୍ୱାଭାବିକ ଚିତ୍ର ସହିତ ଶବଦାହର ବର୍ଣ୍ଣନା 'ବାସାଂସି ଜୀର୍ଣ୍ଣାନି' ଗଳ୍ପରେ ଲକ୍ଷ୍ୟ କରାଯାଇଥାଏ।(ମହାନ୍ତି, 'ବାସାଂସୀ ଜୀର୍ଣ୍ଣାନି', ପୃ: ୧୯) ଗାଳ୍ପିକ ସୁରେନ୍ଦ୍ରଙ୍କର ଶ୍ମଶାନ ବର୍ଣ୍ଣନା ତାଙ୍କ ଗଳ୍ପଗୁଡ଼ିକରେ ସୀମିତ ସ୍ଥାନରେ ବର୍ଣ୍ଣନା କରାଯାଇଥିଲେ ହେଁ ଏହି ବର୍ଣ୍ଣନାଗୁଡ଼ିକ ବାସ୍ତବଧର୍ମୀ ତଥା ସ୍ୱାଭାବିକ ହୋଇ ପାରିଛି, ତଥା ଶ୍ମଶାନର ଦୃଶ୍ୟ ବର୍ଣ୍ଣନାରେ ଗାଳ୍ପିକ ସର୍ବଦା ନୂତନ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛନ୍ତି।

**ପ୍ରାକୃତିକ ଓ ଐତିହାସିକ ଦର୍ଶନୀୟ ସ୍ଥାନ**

ଗାଳ୍ପିକ ସୁରେନ୍ଦ୍ର 'ନିଃସଙ୍ଗ ଆକାଶ' ଗଳ୍ପରେ ମଣ୍ଟୁ ଚରିତ୍ରର ଚେତନା ମଧ୍ୟରେ ଦାର୍ଜିଲିଙ୍ଗ, ଦେରାଦୁନ, କାଶ୍ମୀର, ସୋଲାନ ଆଦି ସ୍ଥାନର ସୂଚନା ଦେଇଛନ୍ତି। ମାତ୍ର ଲଛମନ ଝୁଲା, ମସୋରୀ, ମିଶର, କୃଷ୍ଣାବେଣୀନଦୀ, ଶ୍ରୀମନ୍ଦିରବେଢ଼ା, ଅନ୍ତନଗଡ଼, କମଲାଝିଲ୍, ପ୍ରଭୃତି ସ୍ଥାନକୁ ପରିବେଶ ରୂପେ ଗ୍ରହଣ କରି ଆନନ୍ଦଭୈରବୀ, 'ଅଦିନର ଅତିଥି', 'ଭଗ୍ନଦୂତ', 'କେଶରୀ ସନ୍ଧ୍ୟା', 'ସୁନାମାହାରୀ', 'ଗୋଟିଏ ଆତ୍ମହତ୍ୟାର କାହାଣୀ', 'ପ୍ରତିଧ୍ୱନି' ଗଳ୍ପ ରଚିତ। ଏହି ଗଳ୍ପଗୁଡ଼ିକରେ ସ୍ଥାନର ପରିବେଶ ବର୍ଣ୍ଣନା ନିତାନ୍ତ ଗୌଣ ରୂପେ ଚିତ୍ରିତ ହୋଇଥିଲେ ହେଁ ଲଛମନଝୁଲା, ମସୋରୀ ଓ ଅନ୍ତନଗଡ଼ର ଚିତ୍ର ଭ୍ରମଣ କାହାଣୀର ରୀତିରେ ଗାଳ୍ପିକ ପୁଙ୍ଖାନୁପୁଙ୍ଖ ଭାବେ ବର୍ଣ୍ଣନା କରିଛନ୍ତି।

**ପ୍ରାକୃତିକ ଦୁର୍ବିପାକର ଚିତ୍ର**

ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକ ଅନୁଧ୍ୟାନ କଲେ ନଈବଢ଼ି, ଘରପୋଡ଼ି ମରୁଡ଼ି ପ୍ରଭୃତି ଓଡ଼ିଶାର ପୁରପଲ୍ଲୀରେ ଦେଖାଯାଉଥିବା ପ୍ରାକୃତିକ ଦୁର୍ବିପାକର ପରିବେଶ ଚିତ୍ର ଦେଖିବାକୁ ମିଳିଥାଏ।

ବନ୍ୟାର ସ୍ୱାଭାବିକ କରାଳ ରୂପର ଚିତ୍ରଣ 'ମେଣ୍ଟାଖାଇ', 'ବରଜୁଷେଣ୍ଟ ଘାଇ' ଆଦି ଗଳ୍ପରେ ଗାଳ୍ପିକ ଚିତ୍ରଣ କରିବା ସଙ୍ଗେସଙ୍ଗେ ବନ୍ୟା ସମୟରେ ଦେଶସେବା ଓ ରିଲିଫ୍ କ୍ୟାମ୍ପ ନାମରେ ଇତରତାର ଚିତ୍ର 'ଅପରିଚିତର ପରିଚୟ' ଓ 'ବନ୍ୟାସଙ୍ଗିନୀ' ଗଳ୍ପରେ ଚିତ୍ରିତ । ଏସବୁ ପଲ୍ଲୀର ବନ୍ୟା ପରିପ୍ରେକ୍ଷୀର ମଣିଷର ଅବସ୍ଥାର ଚିତ୍ର ବ୍ୟତିରେକେ 'ଜୟପରାଜୟ' ଗଳ୍ପରେ ସହରରେ ଝଡ଼ ଓ ବନ୍ୟାର ଚିତ୍ର ଗାଳ୍ପିକ ଅଙ୍କନ କରିଛନ୍ତି। 'ମରୁଡ଼ି' ଓ 'ଉତ୍ତରାମପୁତ୍ର' ଗଳ୍ପରେ ମରୁଡ଼ିର ସୂଚନା ମାତ୍ର ରହିଥିବା ସ୍ଥଳେ 'ମୃତ୍ୟୁ ଓ ଗାଷ୍ଟ୍ରୋଏଣ୍ଟ୍ରାଇଟିସ୍' ଗଳ୍ପରେ ମରୁଡ଼ି ପରିସ୍ଥିତିର ସ୍ୱାଭାବିକ ବାସ୍ତବଧର୍ମୀ ଚିତ୍ର ଗାଳ୍ପିକ ପ୍ରଦାନ କରିଛନ୍ତି। ମରୁଡ଼ିର ପରବର୍ତ୍ତୀ ହଇଜା ପ୍ରଭୃତି ରୋଗର ବ୍ୟାପକତା ସମ୍ପର୍କରେ ଗ୍ରାମ୍ୟ ପରିବେଶର ଚିତ୍ର 'ସାତଭଉଣୀ'

ଗଳ୍ପରେ ଦେଖିବାକୁ ମିଳିଥାଏ । ଏତଦ୍‌ଭିନ୍ନ ଗ୍ରାମ୍ୟ ପରିବେଶରେ ଅଗ୍ନିକାଣ୍ଡ ତଥା ତାର ପ୍ରତିରୋଧର ଚିତ୍ର 'ଗୃହଦାହ' ଓ 'ବରଜୁଷେଣ୍ଟ ଘାଇ' ଗଳ୍ପରେ ଗାଳ୍ପିକ ଉପସ୍ଥାପନ କରିଛନ୍ତି ।

ସୁରେନ୍ଦ୍ରଙ୍କ ପ୍ରାକୃତିକ ପରିବେଶର ବର୍ଣ୍ଣନା ସବୁକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କଲେ ଗୋଟିଏ କଥା ସ୍ପଷ୍ଟ ଯେ, ସକାଳ, ସନ୍ଧ୍ୟା, ଚନ୍ଦ୍ର ଜ୍ୟୋତ୍ସ୍ନାସ୍ନାତ ରଜନୀ, ବସନ୍ତ ଓ ଆକାଶର ଚିତ୍ର ଗାଳ୍ପିକ ସୁରେନ୍ଦ୍ରଙ୍କ ସୃଷ୍ଟି ଚେତନାକୁ ବାରମ୍ବାର ପ୍ରଭାବିତ କରିଥିବା ଦୃଷ୍ଟିରୁ ସେସବୁର ଚିତ୍ର ଏକାଧିକବାର ପ୍ରଦତ୍ତ ହୋଇଛି ତଥା ପ୍ରତ୍ୟେକ ଚିତ୍ର ଅଙ୍କନରେ ସ୍ୱାତନ୍ତ୍ର୍ୟର ସ୍ୱାଦୁ ମଧ୍ୟ ଉପଲବ୍ଧ ହୋଇଥାଏ ।

## ସାମାଜିକ ପରିବେଶର ଚିତ୍ର

ଗାଳ୍ପିକ ସୁରେନ୍ଦ୍ର କୌଣସି ନିର୍ଦ୍ଦିଷ୍ଟ ମହାନଗରୀ ବା ସହର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରିନଥିଲେ ମଧ୍ୟ 'ମହାନଗରୀର ରାତ୍ରି', 'ସେ ଓ ମୁଁ' ଏବଂ 'ସବୁଜପତ୍ର ଓ ଧୂସର ଗୋଲାପ' ଗଳ୍ପରୁ କଲିକତା ନଗରୀର ସୂଚନା, 'ପ୍ରତିବେଶିନୀ', 'କାଠ ଘୋଡ଼ା', 'ସେଇ ଲୋକଟା' ଗଳ୍ପରେ ଦିଲ୍ଲୀ ନଗରୀର ପରିବେଶର ବର୍ଣ୍ଣନା, 'ବ୍ୟର୍ଥ ଆଗମନୀ', 'ଅସାଧାରଣ' ଗଳ୍ପରେ କଟକ ନଗରର ଚିତ୍ର ଦେଖିବାକୁ ମିଳିଥାଏ । ଏମରଜେନ୍‌ସୀର ପୃଷ୍ଠଭୂମିରେ ରଚିତ 'ପ୍ରତିଧ୍ୱନୀ' ଗଳ୍ପରେ କୋଳାହଳପୂର୍ଣ୍ଣ ମହାନଗରୀ ଦିଲ୍ଲୀର ମୂକ ସ୍ଥବିର ନିର୍ଜନ ରୂପର ଚିତ୍ର ତଥା ଭବିଷ୍ୟତ ଶତାବ୍ଦୀର ସହରର ରୂପ 'ଖ୍ରୀ:ଅ: ୨୦୬୬'ର ସୁପରସିଟୀ ନମ୍ବର ୧୦୧ର ବର୍ଣ୍ଣନା ମଧ୍ୟରେ ଦେଖିବାକୁ ମିଳିଥାଏ । ମାତ୍ର ସହର ଓ ନଗରୀ ସମ୍ପର୍କରେ ଗାଳ୍ପିକଙ୍କ ସୂକ୍ଷ୍ମାନୁଭୂତିର ଚିତ୍ର ତତ୍‌ସମ୍ପର୍କିତ ବିଭିନ୍ନ ପରିବେଶର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନାରୁ ସ୍ପଷ୍ଟ ପ୍ରତିପାଦିତ ହୋଇପାରିବ ।

## ସହରତଳି ବସ୍ତି ଅଞ୍ଚଳର ଚିତ୍ର

ପ୍ରତ୍ୟେକ ସହର ଶେଷରେ କୁଲୀବସ୍ତି, ମେହେନ୍ତର ବସ୍ତି ଅର୍ଥାତ୍ ନିମ୍ନବିତ୍ତ ଲୋକଙ୍କ ବାସସ୍ଥଳୀ ହେଉଛି ସହରତଳି ବସ୍ତି ଅଞ୍ଚଳ । ଏହାର ବାସ୍ତବଧର୍ମୀ ବର୍ଣ୍ଣନା 'ଅଣ୍ଡର ଗ୍ରାଉଣ୍ଡ', 'ହତ୍ୟାକାରୀ କିଏ' ? ଗଳ୍ପରେ ଦେଖାଯାଏ ।(ମହାନ୍ତି, 'ଅଣ୍ଡର ଗ୍ରାଉଣ୍ଡ', ପୃ: ୨୨୨ ଓ 'ହତ୍ୟାକାରୀ କିଏ', ପୃ: ୫୬, ୬୫ ଓ ୭୪) ମଦ ଦୋକାନ, ଜଙ୍କ ଦୋକାନ ଆଦିର ପ୍ରେକ୍ଷାପଟ ଚିତ୍ରଣ ସହିତ ଗାଳ୍ପିକଙ୍କର ଏହି ଅଞ୍ଚଳ ସମ୍ପର୍କରେ ମନ୍ତବ୍ୟ ହେଉଛି, ଏ ଅଞ୍ଚଳ ମଦ ଗ୍ଲାସ୍‌ର ତଳ ଦେଶରେ ଜମି ରହୁଥିବା ଆବର୍ଜନା ପରି ।(ମହାନ୍ତି, 'ହତ୍ୟାକାରୀ କିଏ', ପୃ: ୬୬) ଅବଶ୍ୟ ଏହି ଝୁମ୍ପୁଡ଼ି ବସ୍ତିର ପରିବର୍ତ୍ତନ ସାମୟିକ ଭାବେ ସାମ୍ୟବାଦ ଓ ପ୍ରଗତିର ଦୁହା ମାଧ୍ୟମରେ ନାନାଦି ପୋଷ୍ଟରର ରାଜନୀତିକ ବିଜ୍ଞାପନ ମଧ୍ୟ ଦେଇ ସମୟର ପରିବର୍ତ୍ତନ ସହିତ ଆସିଥାଏ । ଯାହାର ଚିତ୍ର ଗାଳ୍ପିକ 'ଏଇ ଗଣତନ୍ତ୍ର' ଗଳ୍ପରେ ପ୍ରଦାନ କରିଛନ୍ତି ।(ମହାନ୍ତି,'ଏଇ ଗଣତନ୍ତ୍ର', ପୃ : ୧୦୦) ସହର ତଳି ବସ୍ତି ଅଞ୍ଚଳରେ ଦେଖାଯାଉଥିବା ଗନୋରିଆ ଓ ସିଫିଲିସ୍‌ର ବୀଜାଣୁର କେନ୍ଦ୍ର ବେଶ୍ୟାପଲ୍ଲୀର ବିଭିନ୍ନ ରୂପଚିତ୍ର 'ଭାରତ ଆବିଷ୍କାର', 'ମହାନଗରୀର ରାତ୍ରି', 'କାଠଘୋଡ଼ା', 'ହତ୍ୟାକାରୀ କିଏ' ଆଦି ଗଳ୍ପରେ ବାସ୍ତବ ଦୃଷ୍ଟିକୋଣରୁ ଚିତ୍ରିତ ହୋଇଥିବା ଦେଖାଯାଇଥାଏ ।

## ସହରର ରାଜପଥ

ଗାଳ୍ପିକ ସୁରେନ୍ଦ୍ରଙ୍କ ଗଳ୍ପରେ ସହର ତଥା ମହାନଗରୀର ରାଜପଥର ବର୍ଣ୍ଣନା ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ବଡ଼ ସହରରେ ରାସ୍ତାରେ ଚାଲିଥିବା ମଣିଷ ପ୍ରବାହର ବର୍ଣ୍ଣନା 'ଅଷ୍ଟ୍ରେଲିଆ' ଗଳ୍ପରେ

ଗାଳ୍ପିକ କରିଛନ୍ତି । ନୈଶାଭିସାରର ବର୍ଣ୍ଣନା ପ୍ରସଙ୍ଗରେ ନିର୍ଜନ ରାଜପଥର ବର୍ଣ୍ଣନା 'ଭାରତ ଆବିଷ୍କାର' ଗଳ୍ପରେ ଦେଖିବାକୁ ମିଳିଥାଏ । 'ସାଙ୍ଗରିଲା' ଗଳ୍ପରେ ଏକାନ୍ତ ନିର୍ଜନ ରାଜପଥରେ ପ୍ରଭାତ ରୂପ ବର୍ଣ୍ଣନା ପୁଣି ଡ୍ରିମା ଗେଙ୍ଗୁଟି ପଥର ମାଡ଼ରେ ଜୋତା ଫାଟି ଯାଉଥିବା ସହର ଉପାନ୍ତର କଚା ରାସ୍ତାର ବର୍ଣ୍ଣନା 'ଭାଗାବଣ୍ଡ' ଗଳ୍ପରେ ଦେଖାଯାଏ । ବିଶେଷତଃ ଏଇ ଚାରୋଟି ଗଳ୍ପରେ ରାସ୍ତାର ପରିବେଶ ଉପରେ ଗଳ୍ପର କଥାବସ୍ତୁ ତଥା ଘଟଣାଚକ୍ର ଆଧାରିତ ହୋଇଥିବାରୁ ଏ ଗଳ୍ପଗୁଡ଼ିକରେ ରାସ୍ତାର ବର୍ଣ୍ଣନା ମୁଖ୍ୟ ଭୂମିକା ଗ୍ରହଣ କରିଛି ।

ଏତଦ୍‌ଭିନ୍ନ ମହାନଗରୀର ଜନବହୁଳ ରାସ୍ତାର ବର୍ଣ୍ଣନା 'ସାଙ୍ଗରିଲା' ଓ 'ସାଇକଲଚୋର' ଗଳ୍ପରେ ଦେଖାଯାଏ ।(ମହାନ୍ତି, 'ସାଙ୍ଗରିଲା', ପୃ: ୨୬୫ ଓ 'ସାଇକଲ ଚୋର', ପୃ: ୩୪୬) ଜନବିରଳ ରାସ୍ତା ଓ ଜନବହୁଳ ରାସ୍ତାର ଟ୍ରାଫିକ୍ ପୋଷ୍ଟର ଅବସ୍ଥିତିର ବର୍ଣ୍ଣନା ମଧ୍ୟରେ ଟାଇପ୍ ରାଇଟରର ରିବନ୍ ପରି ଲମ୍ବି ଯାଇଥିବା ରାସ୍ତାର ବର୍ଣ୍ଣନା 'ବାବିତା' ଗଳ୍ପରେ ଦେଖାଯାଏ ।(ମହାନ୍ତି,'ବାବିତା', ପୃ: ୧୨୩) ପୁଣି ଟ୍ରାଫିକ୍ ପୋଷ୍ଟର ଆଇଲାଣ୍ଡର ବର୍ଣ୍ଣନା 'ଗୋଟିଏ ପ୍ରେମ ଗଳ୍ପ'ରେ ଦେଖିବାକୁ ମିଳିଥାଏ । ସୁରେନ୍ଦ୍ରଙ୍କ ଗଳ୍ପରେ ରାସ୍ତାର ବର୍ଣ୍ଣନା ଅନୁଧ୍ୟାନ କଲେ ଦେଖାଯାଏ ସହରଉପକଣ୍ଠର ଧୂଳିଆ ରାସ୍ତା (ମହାନ୍ତି,'ପ୍ରତିଧ୍ୱନୀ', ପୃ: ୧୨୮) ଠାରୁ ଆରମ୍ଭ କରି ରାସ୍ତାକଡ଼ର ବର୍ଣ୍ଣନା (ମହାନ୍ତି, 'ତୃଷ୍ଣା ଓ ବିତୃଷ୍ଣା', ପୃ: ୧୭୯) ପର୍ଯ୍ୟନ୍ତ ତାଙ୍କ ଲେଖନୀରୁ ବାଦ୍ ପଡ଼ିନାହିଁ । ତେଣୁ ରାଜପଥ ବର୍ଣ୍ଣନା ମଧ୍ୟରେ ମଣିଷର ଜୀବନ ଦର୍ଶନ ସମ୍ପର୍କରେ ମଧ୍ୟ ଗାଳ୍ପିକ 'ଅପରାଜିତ' ଗଳ୍ପରେ ଅନୁସନ୍ଧିତ୍ସା ପ୍ରକାଶ କରିଛନ୍ତି ।(ମହାନ୍ତି,'ଅପରାଜିତା', ପୃ: ୭୫) ମାତ୍ର 'ଖ୍ରୀ:ଅ:୨୦୬୬' ଗଳ୍ପରେ ଆଗାମୀ ଶତାବ୍ଦୀର ରାସ୍ତା ବର୍ଣ୍ଣନା ପ୍ରସଙ୍ଗରେ ରାସ୍ତାର ଅପାଂକ୍ତେୟତା ତଥା ବିଜ୍ଞାନର ଅଗ୍ରଗତି ସୂଚନା ମାଧ୍ୟମରେ ରାସ୍ତାର ବିଭତ୍ସତାର ଚିତ୍ର ଦେଖାଯାଇଥାଏ ।

**ପାର୍କ ଓ ଉଦ୍ୟାନ**

ଗାଳ୍ପିକ ସୁରେନ୍ଦ୍ର 'ଡିନୋସାରର ଆତ୍ମା' ଗଳ୍ପରେ ରାଜୋଦ୍ୟାନର ସ୍ୱାଭାବିକ ବର୍ଣ୍ଣନାର ଅବତାରଣା କରିଛନ୍ତି । 'ଲବଣର ସ୍ୱାଦ', 'ନିର୍ମୂଳୀଲତାର ଫୁଲ' ଓ 'ସେଇ ଲୋକଟା' ଗଳ୍ପରେ ଆଧୁନିକ ସମ୍ଭ୍ରାନ୍ତ ରୁଚିଶୀଳ ବ୍ୟକ୍ତିର ଗୃହ ଉଦ୍ୟାନର ବର୍ଣ୍ଣନା ପରିଲକ୍ଷିତ ହୋଇଥାଏ । ପୁଣି 'ନୀଳଜ୍ୟୋତ୍ସ୍ନା' ଓ 'ସେଇଲୋକଟା' ଗଳ୍ପରେ ପାର୍କର ସାଧାରଣ ବର୍ଣ୍ଣନା ଗାଳ୍ପିକ କରିଥିବା ସ୍ଥଳେ ଭବିଷ୍ୟତ ଶତାବ୍ଦୀରେ ପାର୍କର ଘାସସବୁ କିଭଳି ଜନସାଧାରଣଙ୍କ ଖାଦ୍ୟରେ ପରିଣତ ହେବ ତଥା ପାର୍କ କେବଳ ପତ୍ରଶୂନ୍ୟ ଗୁଳ୍ମ ଜାତୀୟ ଉଦ୍ଭିଦକୁ ନେଇ ଗଢ଼ି ଉଠିବ ତାର ସମ୍ଭାବନାର ଚିତ୍ର ବର୍ଣ୍ଣନା 'ଖ୍ରୀ:ଅ: ୨୦୬୬' ଗଳ୍ପରେ କରିଛନ୍ତି ।

**ହୋଟେଲ, ରେସ୍ତୋରାଁ, କଫି ହାଉସ୍, ଚା' ଦୋକାନ**

ମହାନଗରୀର ସୌଖୀନ ହୋଟେଲ ତଥା ବାବାର ବର୍ଣ୍ଣନା 'ବାବିତା' ଓ 'ଅଦିନର ଅତିଥି' ଗଳ୍ପରେ ଗାଳ୍ପିକ ସ୍ୱାଭାବିକ ରୀତିରେ କରିଛନ୍ତି ।(ମହାନ୍ତି, 'ବାବିତା', ପୃ : ୧୨୪ ଓ 'ଅଦିନର ଅତିଥି', ପୃ: ୮୬) କଲେଜ ପାଖ ରାସ୍ତାକଡ଼ର ରେସ୍ତୋରାଁ ଓ କଫି ହାଉସ୍‌ର ସ୍ୱାଭାବିକ ବର୍ଣ୍ଣନା 'ଓ ! କାଲକାଟା' ଓ 'କମନରୁମ୍' ଗଳ୍ପରେ ଛାତ୍ରନେତା ତଥା ମାସ୍ତାନଙ୍କ ଆଡ୍ଡାସ୍ଥଳ ଭାବେ ବର୍ଣ୍ଣିତ । ମାତ୍ର 'ଆକାଶ ତଥାପି ସୁନୀଳ' ଗଳ୍ପରେ ନିର୍ଜନ ରେସ୍ତୋରାଁର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ମଧ୍ୟ ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ । କାରଣ ପୂର୍ବୋକ୍ତ ଗଳ୍ପର ରେସ୍ତୋରାଁର ପରିବେଶ ଠାରୁ ଏହା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ।

କଫି ହାଉସ୍‌ର ପୃଷ୍ଠଭୂମିରେ 'ନୀଳଜ୍ୟୋସ୍ନା' ଗଳ୍ପରେ ପ୍ରେମିକା ପାଇଁ ପ୍ରତୀକ୍ଷାର ଚିତ୍ର ଉପସ୍ଥାପିତ ହୋଇଥିବା ସ୍ଥଳେ 'ଗୋଟିଏ ପ୍ରେମ ଗଳ୍ପ'ରେ ପ୍ରେମିକ ପ୍ରେମିକାଙ୍କ ଅତୀତ ଓ ବର୍ତ୍ତମାନ ଜୀବନର ତୁଳନାତ୍ମକ ଚିତ୍ର କଫିହାଉସ୍‌ର ପରିବେଶରେ ସୂଚିତ ହୋଇଛି ।

ବିଶେଷତଃ ସାଧାରଣ ସହରର ଛୋଟିଆ ଚା' ଦୋକାନର ସ୍ୱାଭାବିକ ତଥା ବାସ୍ତବ ଚିତ୍ର ପାରମ୍ପରିକ ରୀତିରେ ମଣିଷ ଓ ଅର୍ଥନୀତି, 'ସାଙ୍ଗରିଲା', 'ସାଇକଲ ଚୋର', ସାମ୍ୟବାଦର ଶେଷ ଇସ୍ତାହାର ଅସାଧାରଣ ପ୍ରଭୃତି ଗଳ୍ପରେ ପୁଙ୍ଖାନୁପୁଙ୍ଖ ଭାବେ ବର୍ଣ୍ଣନା କରାଯାଇଛି । ଏହିସବୁ ବର୍ଣ୍ଣନା ପାଠ କଲେ ମନେ ହୋଇଥାଏ, କଟକ ସହରର ଛୋଟିଆ ଚା' ଦୋକାନର ଛାପ ତାଙ୍କ ମନରେ ଗାଳ୍ପିକ ଜୀବନର ପ୍ରାଥମିକ ସମୟ ଠାରୁ ପରିଣତ କାଳ ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରି ରହିଥିବାରୁ ସମାନ ରୀତିରେ ଚା' ଦୋକାନର ବର୍ଣ୍ଣନା ପରିଲକ୍ଷିତ ହୋଇଥାଏ ।

## ସିନେମା ହଲ୍

ଗାଳ୍ପିକ ସୁରେନ୍ଦ୍ର ସିନେମା ହଲ୍ ସମ୍ପର୍କରେ 'ମଣିଷ ଓ ଅର୍ଥନୀତି'ରେ ବାସ୍ତବଧର୍ମୀ ବର୍ଣ୍ଣନା କରିଥିବା ସ୍ଥଳେ 'ପ୍ରିୟତମାସୁ' ଗଳ୍ପରେ ପ୍ରେକ୍ଷାଳୟର ସମ୍ମୁଖ ଭାଗର ଚିତ୍ର ପ୍ରଦାନ କରିଛନ୍ତି । ସିନେମା ହଲ ତଥା ତାର ପ୍ରଭାବ ଆଧୁନିକ ମଣିଷ ଜୀବନରେ ଯେଉଁ ପ୍ରଭାବ ପକାଇଛି ତାର ଚିତ୍ର ଫତାଏ ଚର୍ବିଳ ମାଂସ ପରି 'ଦିଲ୍‌ବା ଡାକୁ' ସିନେମା ପୋଷ୍ଟରକୁ ଲୋଲୁପ ଆଖିରେ ଦେଖି କ୍ୟୁରେ ଲମ୍ବିଥିବା ମଣିଷର ଧାଡ଼ି ବର୍ଣ୍ଣନା ମାଧ୍ୟମରେ ନିଯୁକ୍ତି ପତ୍ର ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ସୂଚନା ପ୍ରଦାନ କରିଛନ୍ତି ।

## ମେଡିକାଲ

'ବାସିମଡ଼ା' ଗଳ୍ପରେ କଟକ ମେଡିକାଲ ୱାର୍ଡ଼ର ବାସ୍ତବଧର୍ମୀ ପରିବେଶର ବର୍ଣ୍ଣନା ତଥା 'ଦିନେ ସନ୍ଧ୍ୟାରେ' ଗଳ୍ପରେ ସାନିଟୋରିୟମ୍‌ର ବାସ୍ତବଧର୍ମୀ ବର୍ଣ୍ଣନା ଦେଖିବାକୁ ମିଳିଥାଏ ।

## ଜେଲ୍‌ଖାନା

'ବନ୍ଦୀ', 'ସତର ନମ୍ବର ୱାର୍ଡ଼' ଓ 'ବୃତ୍ତ ଓ କେନ୍ଦ୍ରହୀନ' ଗଳ୍ପରେ ଜେଲଖାନାର ବାସ୍ତବ ପରିବେଶର ବର୍ଣ୍ଣନା ଦେଖିବାକୁ ମିଳିଥାଏ ।

## ଶେଠଜୀଙ୍କ ଗଦି

'ମହାମାନବର ସାଗରତୀରେ' ଗଳ୍ପରେ ସେଠଜୀଙ୍କ ଗଦୀର ବାସ୍ତବଧର୍ମୀ ବର୍ଣ୍ଣନା ଦେଖିବାକୁ ମିଳିଥାଏ ।

## ଅଫିସ

କମ୍ୟୁନିଷ୍ଟ ପାର୍ଟି ଅଫିସ, ଖବର କାଗଜ ଅଫିସ, ବ୍ୟାଙ୍କ ଆଦିର ଚିତ୍ରଣ 'ରୁଟି ଓ ଚନ୍ଦ୍ର', 'ସମ୍ପାଦକ' ଓ 'ଅତୀତ ବର୍ତ୍ତମାନ କାଳ' ଗଳ୍ପରେ ବାସ୍ତବବାଦୀ ଦୃଷ୍ଟିକୋଣରୁ କରାଯାଇଛି ।

ମହାନଗରୀ ଓ ସହର ସମ୍ପର୍କିତ ବିଭିନ୍ନ ପରିବେଶକୁ ଲକ୍ଷ୍ୟ କଲେ ଗାଳ୍ପିକ, କଟକ, କଲିକତା ଓ ଦିଲ୍ଲୀ ମହାନଗରୀରେ ଅବସ୍ଥାନ କାଳରେ ରାସ୍ତା, ରେସ୍ତୋରାଁ, କଫି ହାଉସ୍ ଆଦିର ଯେଉଁ ସମ୍ପର୍କରେ ଆସିଥିଲେ ତାର ପୁଙ୍ଖାନୁପୁଙ୍ଖ ଅବତାରଣା ଗଳ୍ପଗୁଡ଼ିକରେ ଆକର୍ଷଣୀୟ ରୀତିରେ କରିପାରିଛନ୍ତି । ତେଣୁ ଅଧିକାଂଶ ଗଳ୍ପରେ ସହର ଓ ନଗରୀର ନାମ ଦେଇନଥିଲେ ହେଁ କେଉଁ ଗଳ୍ପ କେଉଁ ସହର ବା ନଗରୀ ଉପରେ ଆଧାରିତ ତାହା ଗାଳ୍ପିକଙ୍କ ଜୀବନ୍ତ ଉପସ୍ଥାପନ କୌଶଳ ଯୋଗୁଁ ସ୍ପଷ୍ଟ ଅନୁମାନ କରାଯାଇ ପାରୁଛି ।

## ଗ୍ରାମାଞ୍ଚଳର ପରିବେଶ

ଜୁଆରିଆ ପାଟୁଆ ନଈକୂଳରେ ପଲାଶପୁର ଗାଁର ବର୍ଣ୍ଣନା, କିମ୍ବା ଧାନକ୍ଷେତ ଉପରେ ଅଲକ୍ଷିତରେ ନଇଁ ଆସିଥିବା ସାନ୍ଧ୍ୟ ପରିବେଶର ଅରଣା ଗାଁର ବର୍ଣ୍ଣନାଠାରୁ ଆରମ୍ଭ କରି 'ଇଜ୍‌ମାଲି', 'ଦ୍ୱିପଦର ଗ୍ରାସ' ପ୍ରଭୃତି ଗଳ୍ପରେ ଯେଉଁ ପଲ୍ଲୀର ବର୍ଣ୍ଣନା ଦିଆଯାଇଛି, ସେ ସବୁଠି ଗାଳ୍ପିକ ସୁରେନ୍ଦ୍ରଙ୍କ ପଲ୍ଲୀପ୍ରାଣତାର ପରିଚୟ ମିଳିଥାଏ । ତେବେ ଗାଳ୍ପିକ ସୁରେନ୍ଦ୍ରଙ୍କର ପଲ୍ଲୀ ଗାଁର ବର୍ଣ୍ଣନା ମଧ୍ୟରେ ସହରବାସୀର ପଲ୍ଲୀ ଗାଁ ପ୍ରତି ଆକର୍ଷଣର ଚିତ୍ର 'ଭାଗାବଣ୍ଡ', 'ଜହ୍ନିଲଟା', ଓ 'ନିଃସଙ୍ଗ ଆକାଶ' ଆଦି ଗଳ୍ପରେ ଏକ ବିଶେଷତ୍ୱ ରୂପେ ପରିଲକ୍ଷିତ ହୋଇଥାଏ ।(ମହାନ୍ତି, 'ଭାଗାବଣ୍ଡ', ପୃ: ୨୦୦, 'ଜହ୍ନିଲଟା', ପୃ: ୧୩୨) ପଲ୍ଲୀ ପରିବେଶର ବର୍ଣ୍ଣନା ପ୍ରସଙ୍ଗରେ ଗାଳ୍ପିକଙ୍କର ଅନ୍ୟଏକ ବିଶେଷତ୍ୱ ହେଉଛି ପଞ୍ଚବାର୍ଷିକ ଯୋଜନା ଫଳରେ ଗାଁର ପରିବର୍ତ୍ତିତ ରୂପ, ତଥା ଗ୍ରାମର ସାମାଜିକ ଅର୍ଥନୀତିକ ତଥା ଆଦର୍ଶଗତ ଜୀବନର ପରିବର୍ତ୍ତିତ ରୂପ ପ୍ରତି ପ୍ରଚ୍ଛନ୍ନ ବ୍ୟଙ୍ଗ ମନୋଭାବ 'ମୃତ୍ତିକାର ଆତ୍ମା' ଗଳ୍ପରେ ପ୍ରଦର୍ଶନ କରିଛନ୍ତି । ଗ୍ରାମର ପରିବେଶର ରାସ୍ତା, ପାଟ, ଚ୍' ଦୋକାନ ଆଦିର ବର୍ଣ୍ଣନା ମଧ୍ୟ କରିଥିବା ପରିଲକ୍ଷିତ ହୁଏ ।

**ରାସ୍ତା** ଆଣ୍ଠିଏ ଖାଲଢିପ; ବର୍ଷା ଫଳରେ ଚିକିଟା ହୋଇ ଆଣ୍ଠୁ ବୁଡ଼ିଯାଉଥିବା ଗ୍ରାମ୍ୟ ରାସ୍ତାର ଚିତ୍ର ମରୁଡ଼ି, ଇଜ୍‌ମାଲୀ, ବାସିମଡ଼ା ଗଳ୍ପରେ ଗ୍ରାମର ପ୍ରବେଶପଥ ରୂପରେ ଗାଳ୍ପିକ ସୁରେନ୍ଦ୍ର ଚିତ୍ରଣ କରିଛନ୍ତି । (ମହାନ୍ତି,'ଇଜ୍‌ମାଲୀ', ପୃ: ୩୦୨) ଅବଶ୍ୟ ଓଡ଼ିଶାର ଉପକୂଳବର୍ତ୍ତୀ ଗ୍ରାମାଞ୍ଚଳର ଏହି ଚିରପରିଚିତ ଗ୍ରାମ୍ୟରାସ୍ତାର ପଞ୍ଚବାର୍ଷିକ ଯୋଜନା ତଥା ବ୍ଲକ ଅଫିସ୍ ଯୋଗୁଁ ସ୍ଥଳବିଶେଷରେ ପରିବର୍ତ୍ତନ ଘଟିଛି, ଯାହାର ଚିତ୍ର 'ମୃତ୍ତିକାର ଆତ୍ମା' ଗଳ୍ପରେ ଉପସ୍ଥାପନ କରାଯାଇଛି ।

**ପାଟ ଓ ବିଲ** ଓଡ଼ିଶାର ପଲ୍ଲୀଭୂମିର ବିଶେଷତ୍ୱ ଧୂ ଧୂ ହୁଡ଼ାମାଳ ପରିପୂର୍ଣ୍ଣ ଭୂଗୋଳ ପଡ଼ା ମରୁଭୂମି ପରି ମନେ ହେଉଥିବା ପାଟର ବର୍ଣ୍ଣନା 'ଘଇତାମାରୀ ପାଟ' ଗଳ୍ପରେ ତଥା ଦିଗହଜା ହୁଡ଼ା ମାଳ ବିଲର ବର୍ଣ୍ଣନା ଶୂନ୍ୟପଞ୍ଜୁରୀ ଓ ଶୋରିଷ କ୍ଷେତର ଚିତ୍ର 'ମୁହୂର୍ତ୍ତ' ଗଳ୍ପରେ ଦେଖିବାକୁ ମିଳିଥାଏ ।

**ଚ୍' ଦୋକାନ** ନିଛାଟିଆ ଗାଁ ରାସ୍ତାରେ ଜଙ୍ଗଲ ମଝିରେ ଥିବା ଚ୍' ଦୋକାନ, ବସ୍ ଷ୍ଟାଣ୍ଡର ଚ୍' ଦୋକାନ, ଛୋଟିଆ ରେଳ ଷ୍ଟେସନ୍ ବାହାରେ ରହିଥିବା ଚ୍' ଦୋକାନର ଚିତ୍ର କ୍ରମାନ୍ୱୟରେ 'ଅମୃତ', 'ସୀମାରେଖା', 'ଗୃହଦାହ' ଓ 'ନିଃସଙ୍ଗ ଆକାଶ' ଗଳ୍ପରେ ଦେଖାଯାଇଥାଏ । ଏହିସବୁ ଚା ଦୋକାନର ବର୍ଣ୍ଣନା ସବୁକୁ ଲକ୍ଷ୍ୟକଲେ ଏଗୁଡ଼ିକ ସହରତଳି ଛୋଟିଆ ଚା ଦୋକାନର ଜୀବନ୍ତ ଚିତ୍ର ମାତ୍ର ।

**ଆଦିବାସୀ ପଲ୍ଲୀ** 'ବଳିଦାନ', 'ଖାଦାନୀ' ଓ 'ସଭ୍ୟତାର ଗ୍ରାସ' ଗଳ୍ପରେ ସାନ୍ତାଳ, କନ୍ଧ ଆଦି ସଂପ୍ରଦାୟର ପଲ୍ଲୀ ପରିବେଶ, ଆଦିବାସୀନାଚ ଓ ପର୍ବପର୍ବାଣୀର ଚିତ୍ର ସହିତ ଆଧୁନିକ ସମାଜର ରାଜନୀତିକ ଓ ସାମାଜିକ ଚାକଚକ୍ୟର ପ୍ରଭାବ ଦେଖିବାକୁ ମିଳିଥାଏ । ଏହି ବର୍ଣ୍ଣନାରେ ଆଦିବାସୀ ଜୀବନ ସହିତ ଗାଳ୍ପିକ ସୁରେନ୍ଦ୍ରଙ୍କ ପ୍ରତ୍ୟକ୍ଷ ସଂପର୍କ ଓ ଅନୁଭବ ପାଠକ ଲକ୍ଷ୍ୟ କରିଥାଏ ।

**ଅଫିସ୍** 'ମୃତ୍ୟୁ ଓ ଗାଷ୍ଟ୍ରୋଏଣ୍ଟ୍ରାଇଟିସ୍' ଗଳ୍ପରେ ବ୍ଲକ୍ ଅଫିସ୍ ତଥା 'ସାତ ଭଉଣୀ' ଗଳ୍ପରେ ପଲ୍ଲୀର ଗାଁ ଡାକଘରର ଚିତ୍ର ବାସ୍ତବଧର୍ମୀ ହୋଇଛି ।

ସୁରେନ୍ଦ୍ରଙ୍କ ଗଳ୍ପରେ ପଲ୍ଲୀ ଭିତ୍ତିକ ଗଳ୍ପ ସଂଖ୍ୟା ସ୍ୱଳ୍ପ ହୋଇଥିଲେ ହେଁ ପଲ୍ଲୀ ପରିବେଶରେ ବାଲ୍ୟଜୀବନ ଓ କୈଶୋର ଅତିବାହିତ କରିଥିବା ତଥା ରାଜନୀତିକ ଜୀବନରେ ବିଭିନ୍ନ ସମୟରେ ସେ ପଲ୍ଲୀର ସଂପର୍କରେ ଆସିଥିବାରୁ, ପଲ୍ଲୀର ପରିବେଶ ସହରର ପରିବେଶଠାରୁ ପାଠକମାନଙ୍କ ପାଖରେ ଅଧିକ ଆକର୍ଷଣୀୟ ମନେ ହୋଇଥାଏ ।

**ମଣିଷର ବାସଗୃହର ବର୍ଣ୍ଣନା** ଗାଳ୍ପିକ ସୁରେନ୍ଦ୍ର ଅବକ୍ଷୟ ସାମନ୍ତବାଦର ଚିତ୍ର ସମ୍ବଳିତ ଗଳ୍ପଗୁଡ଼ିକରେ ଭଙ୍ଗା ଉଆସର ବାସ୍ତବଧର୍ମୀ ବର୍ଣ୍ଣନା 'ଧ୍ୱଂସାବଶେଷ', 'ନିତ୍ୟବର୍ତ୍ତମାନକାଳ', 'ପୁଷ୍ୟାଭିଷେକ' ଆଦି ଗଳ୍ପରେ ଦେଖିବାକୁ ମିଳିଥାଏ । ଏହିସବୁ ବର୍ଣ୍ଣନା ମଧ୍ୟରେ ପ୍ରମୋଦକକ୍ଷ, ମାଜଣା ପୋଖରୀ, ପହଡ଼ ଘର ତଥା ପରବର୍ତ୍ତୀ ବଂଶଜଙ୍କ ଅର୍ଥ ସଂସ୍ଥାନରେ ଖୋଳାହୋଇ ପଡ଼ିଥିବା ହାତୀଶାଳ ପରି ଖଞ୍ଜାର ବର୍ଣ୍ଣନା ପାଠକଲେ ଗାଳ୍ପିକଙ୍କ ବଲାଙ୍ଗୀର ପୁରୁଣା ରାଜବାଟୀର ରହଣିର ପ୍ରଭାବ ଏହା ଅନ୍ତରାଳରେ ରହିଥିବା ଲକ୍ଷ୍ୟ କରାଯାଏ । (ବଲାଙ୍ଗୀର ସ୍ମୃତି, ଯୁବ ଲେଖକ ସମ୍ମିଳନୀ ସ୍ମରଣିକା, ୧୯୬୯)

'ନିଃସଙ୍ଗ ଆକାଶ'ରେ ଖଞ୍ଜାଘରର ବର୍ଣ୍ଣନା ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ସମ୍ଭ୍ରାନ୍ତ ପରିବାରର ବାସଗୃହର ଚିତ୍ର ଉପସ୍ଥାପିତ । 'ଇଜ୍‌ମାଲୀ', 'ମେଣ୍ଢାଖାଇ', 'ମରୁଡ଼ି' ଆଦି ବିଭିନ୍ନ ଗଳ୍ପରେ ଏଭଳି ବାସଗୃହର ବର୍ଣ୍ଣନା ପରିଲକ୍ଷିତ ହୋଇଥାଏ । ଏ ବର୍ଣ୍ଣନାର ଅନ୍ତରାଳରେ ଗାଳ୍ପିକଙ୍କ ଶୈଶବର ନିଜ ବାସଗୃହର ସ୍ମୃତି ପ୍ରଭାବ ପକାଇଥିବା ସ୍ପଷ୍ଟ, କାରଣ ଏସବୁର ବର୍ଣ୍ଣନା ସହିତ ନିଜ ବାସଗୃହ ବର୍ଣ୍ଣନାର ସାମଞ୍ଜସ୍ୟ ରହିଛି । (ମହାନ୍ତି, ୧୯୮୬, ପୃ: ୨,୩)

ସୁରେନ୍ଦ୍ରଙ୍କ ଗଳ୍ପରେ ଏତଦ୍‌ଭିନ୍ନ ପରିତ୍ୟକ୍ତ ଉଆସର ବାସ୍ତବଧର୍ମୀ ବର୍ଣ୍ଣନା 'ପ୍ରେତିନୀର ନାଚ' ଗଳ୍ପରେ ତଥା ଶ୍ୱେତପର୍ଣ୍ଣର ଅନ୍ତଃପୁରର ବର୍ଣ୍ଣନା ଆଳଙ୍କାରିକ ରୀତିରେ 'ମହା ନିର୍ବାଣ' ଗଳ୍ପରେ ବର୍ଣ୍ଣନା କରାଯାଇଅଛି । ଏହା ଲକ୍ଷ୍ୟକଲେ ଏକଥା ସ୍ପଷ୍ଟ ଯେ ସୁରେନ୍ଦ୍ର କେବଳ ନିଜର ଅନୁଭୂତି ମଧ୍ୟରୁ ବାସଗୃହର ବାସ୍ତବଧର୍ମୀ ବର୍ଣ୍ଣନା କରି ନାହାନ୍ତି କଳ୍ପନାର ବାସସ୍ଥାନର ଉପସ୍ଥାପନା ମଧ୍ୟ ଐତିହାସିକ ଗଳ୍ପଗୁଡ଼ିକରେ ସଫଳ ଭାବେ କରିଛନ୍ତି । 'ପୁଷ୍ୟାଭିଷେକ' ଗଳ୍ପର ଭିତର ଖଞ୍ଜାର ବୁଢ଼ୀଦାସୀମାନଙ୍କ କ୍ରନ୍ଦନ ଓ ସାନ୍ତାଣୀଙ୍କ ଗୁଣ ବହୁନା ଲକ୍ଷ୍ୟକଲେ 'ଛମାଣ ଆଠଗୁଣ୍ଠ'ର ମଙ୍ଗରାଜଙ୍କ ଉଆସ ପାଠକର ସ୍ମୃତିରେ ଆସିଯାଇଥାଏ ।

ସହର ଉପକଣ୍ଠର ଜଙ୍ଗଲ ମଧ୍ୟରେ ପରିତ୍ୟକ୍ତ ଭଙ୍ଗାକୋଠା, ଅନ୍ତରଗ୍ରାଉଣ୍ଡ ଗଳ୍ପରେ ବିପ୍ଳବର କ୍ଷେତ୍ର ରୂପେ ବର୍ଣ୍ଣିତ ହୋଇଥିବା ସମୟରେ ସହର ମଝିରେ ଦର୍ଶନ ଅଧ୍ୟାପକଙ୍କ ଶିଉଳିବସା, ଗଛ ଉଠିଥିବା କୋଠା ବେକାର ଯୁବକଙ୍କ ସାଙ୍ଗରିଲାରେ ପରିଣତ ହୋଇଛି । ମାତ୍ର 'ଲବଣର ସ୍ୱାଦ' ଓ 'ନିର୍ମଳୀଲତାର ଫୁଲ' ଗଳ୍ପରେ ବର୍ଣ୍ଣିତ ସହର ଉପକଣ୍ଠର ଭଙ୍ଗାକୋଠା କୈଶୋର ତଥା ଆଦ୍ୟ ଯୌବନର ମଣ୍ଟୁର ମାନସିକ ଚେତନାର ବିକାଶ ଲକ୍ଷ୍ୟରେ ଉପସ୍ଥାପନ କରାଯାଇଛି ।

ଏତଦ୍‌ ଭିନ୍ନ ବେକାର ଯୁବକର ଭଡ଼ାଘର ସମସ୍ୟା, ମଧ୍ୟବିତ୍ତ କିରାଣୀର ବାସଗୃହର ସମସ୍ୟା ଓ ଭଡ଼ାଘରର ଚିତ୍ର, ଇଜ୍‌ମାଲୀ ଗାଁ ଘରର ଚିତ୍ର, ଯଥାକ୍ରମେ 'ଭାଗାବଣ୍ଡ', 'ସାଇକଲ୍‌ ଚୋର', 'ବ୍ୟର୍ଥଆଗମନୀ', 'ଇଜ୍‌ମାଲୀ', 'ବାସିମଡ଼ା' ଓ 'ଛାପିଛାପିକା' ଗଳ୍ପରେ ବାସ୍ତବବାଦୀ ଦୃଷ୍ଟିକୋଣରୁ ପୁଙ୍ଖାନୁପୁଙ୍ଖ ଭାବେ ଗାଳ୍ପିକ ସୁରେନ୍ଦ୍ର ବର୍ଣ୍ଣନା କରିଛନ୍ତି । ସହରୀ ଜୀବନରେ ନିମ୍ନ ମଧ୍ୟବିତ୍ତ ମଣିଷ ରହୁଥିବା ବାସଗୃହର ଚିତ୍ର 'ଓ ! କାଲକାଟା' ଓ 'ସେଇ ଲୋକଟି' ଗଳ୍ପରେ ରହିଥିବାସ୍ଥଳେ ସମ୍ଭ୍ରାନ୍ତ ପରିବାରର

ବୈଠକଖାନା, ପଢ଼ାଘର, ଷ୍ଟଡିରୁମ୍ ଓ ଲନ୍‌ର ଚିତ୍ର ଯଥାକ୍ରମେ 'ପାଗଳ ଗାରଦର କାହାଣୀ', 'ଲବଣର ସ୍ୱାଦ', 'ନିର୍ମୂଳୀଲତାର ଫୁଲ' ଓ 'ନିତ୍ୟବର୍ତ୍ତମାନ କାଳ' ଆଦି ଗଳ୍ପରେ ଦେଖାଯାଇଥାଏ।

## ଶିକ୍ଷାୟତନର ଚିତ୍ର

ଇଂରାଜୀ ସ୍କୁଲ ଓ ପଢ଼ାକୋଠରୀ ସଂପର୍କରେ ଜୀବନ ପ୍ରଭାତ ଓ ଲବଣର ସ୍ୱାଦ ଗଳ୍ପରେ ଗାଳ୍ପିକ ସୂଚନା ପ୍ରଦାନ କରିଛନ୍ତି। ମାତ୍ର ଘନିଆଁର ଗଣେଶ ଚତୁର୍ଥୀ ଓ ବଇଷମ ପାଠଶାଳା ଓ ଶୂନ୍ୟ ପଞ୍ଜୁରୀର ପାଠଶାଳା ବର୍ଣ୍ଣନାରେ ଫକୀରମୋହନଙ୍କ ରାଣ୍ଡିପୁଅ ଅନନ୍ତାର ଛାୟା ପରିଲକ୍ଷିତ ହେଲେହେଁ ଏହା ସୁରେନ୍ଦ୍ରଙ୍କ ବାଲ୍ୟକାଳର ଚାଟଶାଳୀର ସ୍ମୃତି ଅନୁସରଣରେ ପରିବେଷିତ ହୋଇଥିବା ଅଧିକ ଯୁକ୍ତିଯୁକ୍ତ ମନେ ହୋଇଥାଏ। (ମହାନ୍ତି, ୧୯୮୬, ପୃ: ୯୮)

ବିଂଶ ଶତାବ୍ଦୀର ସପ୍ତମଦଶକର ଭାରତୀୟ ମହାବିଦ୍ୟାଳୟଗୁଡ଼ିକର ପରିବେଶ 'ଓଃ କାଲକାଟା' ଓ 'କମନ୍ ରୁମ୍' ଗଳ୍ପରେ ଲକ୍ଷ୍ୟ କରାଯାଇପାରେ।

## ରେଳ ଷ୍ଟେସନ୍ ଓ ବସଷ୍ଟାଣ୍ଡ

ହାଓଡ଼ା ଷ୍ଟେସନର ପରିବେଶ 'ସବୁଜପତ୍ର ଓ ଧୂସର ଗୋଲାପ'ରେ କେବଳ ସୂଚିତ ହୋଇଥିବା ସ୍ଥଳେ 'ପ୍ରତୀକ୍ଷା' ଗଳ୍ପରେ ରେଳ ଧର୍ମଘଟ ପରିପ୍ରେକ୍ଷୀରେ ଏହାର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ପରିଲକ୍ଷିତ ହୋଇଥାଏ।(ମହାନ୍ତି, 'ପ୍ରତୀକ୍ଷା', ପୃ: ୫୨-୭୫) ଏତଦ୍‌ଭିନ୍ନ ପାଟଣା ଜଙ୍କସନ୍‌ର ପରିବେଶ ଉପରେ ଆଧାରିତ ହୋଇ 'ଶେଷ ରାତିର ଏକ୍‌ସପ୍ରେସ୍' ଗଳ୍ପଟି ରଚନା କରାଯାଇଅଛି। ପୁଣି ଗାଉଁଲି ଷ୍ଟେସନ ଓ ପ୍ଲାଟ୍‌ଫର୍ମର ପରିବେଶ 'ନିଃସଙ୍ଗ ଆକାଶ' ଓ 'ଅତିଥି' ଗଳ୍ପରେ ଦେଖାଯାଉଥିବା ସ୍ଥଳେ ସହରୀ ଷ୍ଟେସନ ଓ ପ୍ଲାଟ୍‌ଫର୍ମ ତଥା ଓ୍ୱେଟିଂରୁମ୍‌ର ବର୍ଣ୍ଣନା 'ପ୍ରତିନାୟକ', 'ପ୍ରେତିନୀର ନାଚ' ଓ 'ସାମ୍ୟବାଦର ଶେଷ ଇସ୍ତାହାର' ଗଳ୍ପରେ ବିଶଦଭାବେ ବର୍ଣ୍ଣିତ ହୋଇଥିବା ଲକ୍ଷ୍ୟ କରାଯାଏ। କେବଳ ରେଳ ଷ୍ଟେସନ୍ ବା ରେଳ କମ୍ପାର୍ଟମେଣ୍ଟକୁ ପରିବେଶ ରୂପେ ଗ୍ରହଣକରି ଗାଳ୍ପିକ 'ମୁହୂର୍ତ୍ତ' ଓ 'ଗୋଟିଏ ଆତ୍ମହତ୍ୟାର କାହାଣୀ' ରଚନା କରିଛନ୍ତି।

'ମଣିଷ ଓ ମଣିଷ' ଓ 'ସୀମାରେଖା' ଗଳ୍ପରେ ଗାଉଁଲୀ ବସ୍‌ଷ୍ଟାଣ୍ଡର ପରିବେଶ ଉପସ୍ଥାପିତ ହୋଇଥିବା ସ୍ଥଳେ 'ସୀମାରେଖା', 'ପ୍ରତିଧ୍ୱନି' ଓ 'ସେଇ ଲୋକଟି' ଗଳ୍ପରେ ବସ୍ ଭିତରର ଅବସ୍ଥା ପରିବେଶ ରୂପେ ଉପସ୍ଥାପିତ କରାଯାଇଛି।

## ଧର୍ମ, ଧର୍ମାଚାର ଓ ପର୍ବପର୍ବାଣୀ

ଧର୍ମ, ଧର୍ମାଚାର ଓ ପର୍ବପର୍ବାଣୀର ପରିବେଶର ଚିତ୍ର ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି। ଗଳ୍ପଗୁଡ଼ିକର ବିଷୟବସ୍ତୁକୁ ଜୀବନ୍ତ ତଥା ବାସ୍ତବ କରିବା ପାଇଁ ଗୌଡ଼ୀୟ ଓ ଓଡ଼ିଶୀ ବୈଷ୍ଣବ ଧର୍ମଧାରାର ସଂଘର୍ଷର ପରିବେଶ 'କବି', 'ସନ୍ଧି ଓ ସର୍ତ୍ତ' ତଥା 'ମରାଳର ମୃତ୍ୟୁ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ତାତ୍ତ୍ୱିକ ଦିଗରୁ ଉପସ୍ଥାପନ କରିଛନ୍ତି। (ମହାନ୍ତି, 'କବି' ପୃ: ୮, 'ସନ୍ଧି ଓ ସର୍ତ୍ତ', ପୃ: ୧୨୮ ଓ 'ମରାଳର ମୃତ୍ୟୁ', ପୃ: ୫)

ବୌଦ୍ଧ ବିହାରର ପରିବେଶର ଚିତ୍ର 'ମହା ନିର୍ବାଣ' ଓ 'ପିତା ଓ ପୁତ୍ର' ଗଳ୍ପରେ ଐତିହାସିକ ମହତ୍ତ୍ୱ ପ୍ରଦାନ ପାଇଁ ପରିଲକ୍ଷିତ ହୋଇଥାଏ। (ମହାନ୍ତି, 'ମହାନିର୍ବାଣ', ପୃ: ୧୦ 'ପିତା ଓ ପୁତ୍ର' ପୃ: ୫୬)

ଏତଦ୍‌ଭିନ୍ନ ଇତିହାସର ଚିତ୍ର ତଥା ସାମାଜିକ ବିଧି ବ୍ୟବସ୍ଥାକୁ ଲକ୍ଷ୍ୟରଖି କୁଷ୍ଠରୋଗୀର ମନ୍ଦିର ନିର୍ମାଣ, କାଳୀ ମନ୍ଦିର, ପୁରୀ ଶ୍ରୀମନ୍ଦିର ଆଦିର ବର୍ଣ୍ଣନା 'ଇନ୍ଦ୍ରଦ୍ୟୁମ୍ନ', 'ଅସାଧାରଣ' ଓ 'ସୁନା ମାହାରୀ' ଗଳ୍ପରେ ଦେଖିବାକୁ ମିଳିଥାଏ । (ମହାନ୍ତି, 'ଇନ୍ଦ୍ରଦ୍ୟୁମ୍ନ', ପୃ: ୧୨୧, 'ଅସାଧାରଣ', ପୃ: ୬୮ ଓ 'ସୁନା ମାହାରୀ', ପୃ: ୬୧) ମଠର ବର୍ଣ୍ଣନା 'ଅମୃତ', 'କବି' ଓ 'ମରାଳର ମୃତ୍ୟୁ'ରେ ଭାଗବତଗାଦୀର ବର୍ଣ୍ଣନା 'ବଇଷମ ପାଠଶାଳା'ରେ, ଦୁର୍ଗାପୂଜାର ମେଢ଼ ଓ ମଣ୍ଡପ 'ବ୍ୟର୍ଥ ଆଗମନୀ' ଓ 'ବିସର୍ଜନ' ଗଳ୍ପରେ ବିବିଧତା ମଧ୍ୟରେ ପରିଲକ୍ଷିତ ହୋଇଥାଏ । ଏହା ସହିତ ବିବାହ, କୁକୁଡ଼ା ଲଢ଼େଇ ଆଦି ସାମାଜିକ ପରିବେଶର ଚିତ୍ର 'ବଳିବର୍ଦ୍ଧ' ଓ 'ସାହୀ ଖାନ୍ଦାନ' ଗଳ୍ପରେ ବାସ୍ତବବାଦୀ ଦୃଷ୍ଟିକୋଣରୁ ପୁଙ୍ଖାନୁପୁଙ୍ଖ ଭାବେ ଗାଳ୍ପିକ ବର୍ଣ୍ଣନା କରିଛନ୍ତି ।

### ସାହିତ୍ୟକ ପରିବେଶର ଚିତ୍ର

ପାରମ୍ପରିକ ଆଲୋଚନାରେ ପରିବେଶର ଏହି ବିଭାଗ ସ୍ୱତନ୍ତ୍ର ରୂପେ ଚିତ୍ରିତ ନୁହେଁ । ଗାଳ୍ପିକ ସୁରେନ୍ଦ୍ରଙ୍କ ଗଳ୍ପ ସୃଷ୍ଟିରେ ସାହିତ୍ୟିକ ପରିବେଶ ଏକ ସ୍ୱତନ୍ତ୍ର ବିଭାବ ରୂପେ ଏଠି ଆଲୋଚନା କରାଯାଉଛି । ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକୁ ଲକ୍ଷ୍ୟକଲେ, ସୃଷ୍ଟିର ବହୁଳତା ଅପେକ୍ଷା ଗୁଣାତ୍ମକ ସୃଷ୍ଟିରେ ହିଁ ସାହିତ୍ୟିକ ମର୍ଯ୍ୟାଦା ରହିଛି, ଏହି ମୂଳ ମନ୍ତ୍ରକୁ ଗ୍ରହଣ କରି ଉପନ୍ୟାସ ସୃଷ୍ଟି ପ୍ରକ୍ରିୟାକୁ ବ୍ୟଙ୍ଗକରିବାକୁ ଯାଇ 'ସ୍ୱପ୍ନରେ ମନ୍ଦୋଦରୀ' ଗଳ୍ପ ଉପସ୍ଥାପିତ । ମାତ୍ର ଓଡ଼ିଆ ସାହିତ୍ୟରେ ଆଧୁନିକତାର ସୃଷ୍ଟି ଓ ସମାଲୋଚନାକୁ ଉପଜୀବ୍ୟ କରି ସାହିତ୍ୟ ସଭାର ବ୍ୟଙ୍ଗାତ୍ମକ ଚିତ୍ର ପରିବେଷଣ 'ଶେଷ କବିତା' ଓ 'ଜୀଅନ୍ତା ଭୂତ' ଗଳ୍ପରେ ପରିବେଷଣ କରାଯାଇଅଛି । ଏତଦ୍‌ଭିନ୍ନ ଓଡ଼ିଆ ସାହିତ୍ୟର ମଧ୍ୟଯୁଗୀୟ ପରିବେଶକୁ କେନ୍ଦ୍ରକରି 'କବି' ଗଳ୍ପ ରଚନା କରିଥିବାସ୍ଥଳେ, 'ଡାଡା' ଓ 'ଭାଙ୍ଗପୁରର ଚକଡ଼ା' ଗଳ୍ପରେ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ପରିବେଶ ଉପସ୍ଥାପନ କରାଯାଇଅଛି ।

### ମାନସିକ ପରିବେଶର ଚିତ୍ର

ସୁରେନ୍ଦ୍ରଙ୍କ ଗଳ୍ପରେ ଆଦ୍ୟଯୌବନ ଓ ଅତୀତଯୌବନ ପ୍ରତୀକାତ୍ମକ ରୀତିରେ କେବଳ 'ବେଲୁନ୍' ଓ "ତୃଷ୍ଣା ବିତୃଷ୍ଣା" ଗଳ୍ପରେ ସୂଚିତ ହୋଇଥିଲା ସମୟରେ, 'ଜୀବନ ପ୍ରଭାତ' ଓ 'ଲବଣର ସ୍ୱାଦ' ଗଳ୍ପରେ ଶିଶୁର ମନସ୍ତାତ୍ତ୍ୱିକ ଚିତ୍ର ଅସୁର ରାଜ୍ୟର ମାନସିକ ପରିବେଶ ଚିତ୍ରଣ ମାଧ୍ୟମରେ ଅଧିକ ଆକର୍ଷଣୀୟ ତଥା ଜୀବନ୍ତଭାବେ ଉପସ୍ଥାପିତ ହୋଇଛି । ଏତଦ୍‌ଭିନ୍ନ 'ସାପ' ଗଳ୍ପରେ ଜୀବନାନନ୍ଦଙ୍କ ସ୍ୱପ୍ନ ହିଁ ଗଳ୍ପର ପରିବେଶ । ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକୁ ଲକ୍ଷ୍ୟକଲେ ତାଙ୍କର ବହୁ ଗଳ୍ପରେ ଚରିତ୍ରର ଚେତନାରେ ମାନସିକ ପରିବେଶର ସୃଷ୍ଟି ହୋଇଥିବା ଲକ୍ଷ୍ୟକରାଯାଇଥାଏ । ଦୃଷ୍ଟାନ୍ତ ସ୍ୱରୂପ - 'ଚେନାଏ ଜହ୍ନ', 'ତୃଷ୍ଣା ଓ ବିତୃଷ୍ଣା', 'ଦିନେ ସଂଧାରେ' ଆଦି ଗଳ୍ପକୁ ଗ୍ରହଣ କରାଯାଇପାରେ ।

### ଆଧ୍ୟାତ୍ମିକ ପରିବେଶ

ସୃଷ୍ଟିର ପ୍ରାକ୍ କାଳର ଅମଳିନ ପ୍ରଭାତରେ ପରିବେଶ 'ଆଦିମ ଓ ଶତରୂପା' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ଚିତ୍ରଣ କରିଥିବା ସ୍ଥଳେ, ମୃତ୍ୟୁପରର ସୂକ୍ଷ୍ମଲୋକର ଚିତ୍ର ତଥା ମଣିଷର ପୁନର୍ଜନ୍ମର ଆଧ୍ୟାତ୍ମିକ ପରିବେଶ 'ବାସାଂସି ଜୀର୍ଣ୍ଣାନି' ଗଳ୍ପରେ ପରିଲକ୍ଷିତ ହୋଇଥାଏ ।

ଉପନ୍ୟାସ ଅପେକ୍ଷା କ୍ଷୁଦ୍ରଗଳ୍ପରେ ପରିବେଶର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ପାଇଁ ସୁଯୋଗ ଅପେକ୍ଷାକୃତ ଭାବେ କମ୍ ଥିଲେହେଁ ସୁରେନ୍ଦ୍ରଙ୍କ ଗଳ୍ପର ପରିବେଶ ବର୍ଣ୍ଣନା ପାଠକକୁ ଆକର୍ଷଣ କରିଥାଏ । ଗଳ୍ପର ବିଷୟବସ୍ତୁ

ଅନୁରୂପ ପରିବେଶର ଉପସ୍ଥାପନ, ତଥା ତାର ବର୍ଣ୍ଣନା ପାଇଁ ଗାଳ୍ପିକ ଉପଯୁକ୍ତ ଶବ୍ଦସମ୍ଭାର ଓ ଗଦ୍ୟରୀତିର ଅନୁସରଣ କରିଛନ୍ତି । ଗାଳ୍ପିକ ସୁରେନ୍ଦ୍ରଙ୍କ ପ୍ରାକୃତିକ ଓ ସାମାଜିକ ପରିବେଶର ପରିସଂଖ୍ୟାନ ମୂଳକ ଅଧ୍ୟୟନ କଲେ, ସାମାଜିକ ପରିବେଶ ଅପେକ୍ଷା ପ୍ରାକୃତିକ ପରିବେଶ ଅଧିକ ଆପର୍ଷଣୀୟ ତଥା ବହୁ ବର୍ଣ୍ଣବିଭାଯୁକ୍ତ ମନେ ହୋଇଥାଏ । ସୁରେନ୍ଦ୍ରଙ୍କ ପରିବେଶର ଅନ୍ୟ ଏକ ବିଶେଷତ୍ୱ ହେଉଛି ସେ ସ୍ଥଳବିଶେଷରେ ଫକୀରମୋହନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ହେଁ, ତାଙ୍କର ପ୍ରକୃତି ଓ ସମାଜର ଅଧ୍ୟୟନ ଅତୀବ ତୀବ୍ର ହୋଇଥିବାରୁ ତାହାଙ୍କର ଗଳ୍ପର ପରିବେଶ ବହୁ ବିସ୍ତାରିତ ତଥ୍ୟ ତଥା ବିଷୟକୁ ସ୍ପର୍ଶ କରିପାରିଛି । ସୁରେନ୍ଦ୍ରଙ୍କ ଗଳ୍ପରେ ସାହିତ୍ୟିକ, ମାନସିକ ଓ ଆଧ୍ୟାତ୍ମିକ ଆଦି ପରିବେଶ ଚିତ୍ରଣର କେତେକ ନୂତନ ବିଭାଗ ଲକ୍ଷ୍ୟ କରାଯାଇପାରେ । ସୁରେନ୍ଦ୍ରଙ୍କ ପରିବେଶଗୁଡ଼ିକ ଜୀବନ୍ତ ଭାବେ ଉପସ୍ଥାପିତ ହୋଇଥିବାରୁ ତାଙ୍କର ଗଳ୍ପ ଆକର୍ଷଣୀୟ ମନେ ହୋଇଥାଏ ।

## ସୁରେନ୍ଦ୍ରଙ୍କ ଗଳ୍ପରେ ନାଟକୀୟତା

ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକର ଆରମ୍ଭରୁ ପରିସମାପ୍ତି ପର୍ଯ୍ୟନ୍ତ ପାଠକର ଉତ୍କଣ୍ଠା ଅବଦମିତ ରହିଥାଏ । ପାଠକର ମନୋରାଜ୍ୟରେ ରହସ୍ୟର ସଞ୍ଚାର କରି, ସୁରେନ୍ଦ୍ରଙ୍କ ପ୍ରାୟତଃ ଅଧିକାଂଶ ଗଳ୍ପରେ ଆବେଗର ସୃଷ୍ଟି ଘଟିଥାଏ । ସୁରେନ୍ଦ୍ରଙ୍କ ଆଦ୍ୟ ଯୌବନରେ ନାଟକ ପ୍ରତି ରହିଥିବା ପ୍ରବଳ ଆଗ୍ରହ ଯୋଗୁଁ ତାଙ୍କର ଗଳ୍ପ ଉପସ୍ଥାପନା କୌଶଳରେ ନାଟକୀୟତା ପରିଲକ୍ଷିତ ହୋଇଥାଏ । 'ସାରିପୁତ୍ତ', 'ପିତା ଓ ପୁତ୍ର', 'ଜୀଅନ୍ତା ଭୂତ', 'ଯଦୁବଂଶ' ଅଥବା 'ଗୋଟିଏ ପ୍ରେମଗଳ୍ପ' ଆଦି ଯେକୌଣସି ଶ୍ରେଣୀର ଗଳ୍ପ ମଧ୍ୟରୁ ଦୃଷ୍ଟାନ୍ତ ଏଥିନିମିତ୍ତ ପ୍ରଦାନ କରାଯାଇପାରେ । ଏତଦ୍‌ଭିନ୍ନ 'ପୁଷ୍ପାଭିଷେକ' ଆଦି ବହୁ ଗଳ୍ପରେ ଗାଳ୍ପିକ ସୂତ୍ରଧର ସଦୃଶ ନିଜକୁ ଅନ୍ତରାଳରେ ରଖି ନାଟକୀୟ ରୀତିରେ ଘଟଣାର ଉପସ୍ଥାପନା କରିଛନ୍ତି । 'କୃଷ୍ଣଚୂଡ଼ା', 'ମହାନଗରୀର ରାତ୍ରି' ଆଦି କେତକ ଗଳ୍ପର ପରିସମାପ୍ତି ମଧ୍ୟ ସଂପୂର୍ଣ୍ଣ ନାଟକୀୟ ଉତ୍କଣ୍ଠା ମଧ୍ୟରେ ଘଟିଛି । ଏହିସବୁ ଦୃଷ୍ଟିରୁ ବିଚାର କଲେ ସୁରେନ୍ଦ୍ରଙ୍କ ଗଳ୍ପର ପରିବେଷଣ ଓ ଉପସ୍ଥାପନରେ ନାଟକୀୟ ରୀତି ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ମନେହୁଏ । ତେଣୁ ସୁରେନ୍ଦ୍ରଙ୍କ ଗଳ୍ପରେ ସଂଯୋଜନା କରାଯାଇଥିବା ସଂଳାପ ମଧ୍ୟ କିଭଳି ନାଟକୀୟ ରୀତିର ଅନୁରୂପ ହୋଇପାରିଛି ତାର ଗୁଣାତ୍ମକ ଆଲୋଚନା ଏଠାରେ କରାଯାଉଛି ।

ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକରେ ସଂଳାପ ସଂଯୋଜନାକୁ ଲକ୍ଷ୍ୟକଲେ କେତେକ ବିଶେଷତ୍ୱ ପରିଲକ୍ଷିତ ହୋଇଥାଏ । ପ୍ରଥମତଃ ସୁରେନ୍ଦ୍ର ଚରିତ୍ରମାନଙ୍କ ମୁଖର ସଂଳାପ ମାଧ୍ୟମରେ କଥାବସ୍ତୁ ଓ ପରିବେଶକୁ ବାସ୍ତବଧର୍ମୀ କରିବା ସହିତ ଗଳ୍ପାଂଶର ଘଟଣାକୁ ଆଗେଇ ନେଇ ପାରିଛନ୍ତି । ସ୍ଥଳବିଶେଷରେ ସଂଳାପ ମାଧ୍ୟମରେ ଚରିତ୍ରର ପରିସ୍ଫୁଟନ ମଧ୍ୟ ଘଟିଛି । ଦୃଷ୍ଟାନ୍ତ ସ୍ୱରୂପ ;

ଜାଣେ, ଜାଣେ ବାବୁ, କିଏ ସେ ! ସେ ମୋର ନିଜର ପୁଅ – ଜନ୍ମ ଦେଇଥିଲି ଯାହାକୁ ଦଶମାସ ଗର୍ଭରେ ଧରି ! ଜାରଜ ନୁହେଁ ସେ ବାବୁ, ତା ବାପର ପୁଅ । ଓଃ ସେଦିନ ତାକୁ ମୋ'ରି ଆଖି ଆଗରେ ହାଣିପକାଇଲେ । ମଣିଷ କେମିତି ପଶୁ ହୁଏ ସେଦିନ ମୁଁ ଦେଖିଛି । ସ୍ୱାମୀକୁ ମାରିଲେ ସେମିତି । ତା' ପରେ ମୋତ କେବଳ ବଞ୍ଚାଇଲେ, ମୋର ଦେହଲାଗି । ସେହି ଭୁକ୍ତାବିଶିଷ୍ଟ ଦେହକୁ କୌଣସିମତେ ବଞ୍ଚାଇ ମୁଁ ପଳାଇ ଆସିଛି ଏଠିକି ।(ମହାନ୍ତି, 'ମହାନଗରୀର ରାତ୍ରି', ପୃ: ୧୨୫,୧୨୬)

କିମ୍ବା

ଗାଁ ଲୋକେ କେତେଥର କହିଲେଣି ; ତମ ପାଖକୁ ଖଣ୍ଡେ ଚିଠି ଡାକରେ ପଠାଇବା ପାଇଁ । କିରୋସିନୀ ମିଳୁନାହିଁ, ପୋକପୋକ ମିଶାଇ ଖାଉଚୁ, କନାଖଣ୍ଡେ ମିଳୁନାହିଁ, ଦିହ ଢାଙ୍କିବା ପାଇଁ, ରୋଗ ବଇରାଗରେ ମିଶ୍ରିପଣା ପାଇଁ ବାରଦୁଆର ଶୁର୍ଣ୍ଣପିଣ୍ଡା ; ଆଉ ରହିବା ନ ରହିବା କଥା ପଚାରୁଚ କଣ ? (ମହାନ୍ତି, 'ଅତିଥି', ପୃ:୧୧୫)

ଉପରୋକ୍ତ ଦୁଇଟି ସଂଳାପକୁ ଲକ୍ଷ୍ୟକଲେ, 'ମହାନଗରୀର ରାତ୍ରି' ଗଳ୍ପରେ ଚନ୍ଦ୍ରାର ସଂଳାପ ଓ 'ଅତିଥି' ଗଳ୍ପରେ ଜଗୁବୁଢ଼ାର ସଂଳାପ ମଧ୍ୟରେ ହିନ୍ଦୁ ମୁସଲମାନ ସାମ୍ପ୍ରଦାୟିକ ଦଙ୍ଗା କାଳର ପରିବେଶ ଓ ଓଡ଼ିଶାର ନିମ୍ନବିତ୍ତ ମଳିମୁଣ୍ଡିଆଙ୍କ ଗାଁର ସାମାଜିକ ପରିବେଶ ବାସ୍ତବ ଦୃଷ୍ଟିକୋଣରୁ ଉପସ୍ଥାପନ କରାଯାଇଅଛି । ଏତଦ୍‌ଭିନ୍ନ 'ଆନନ୍ଦ ଭୈରବୀ' ଗଳ୍ପରେ ଗାଇଡ଼ ଓ ମୁଁ ଚରିତ୍ରର ସଂଳାପ ମଧ୍ୟରେ କଥାବସ୍ତୁର ଅଗ୍ରଗତି ପରିଲକ୍ଷିତ ହୋଇଥାଏ । 'ଶାଳଭଞ୍ଜିକା' ଗଳ୍ପରେ ରବୀନ୍ଦ୍ରଙ୍କ ମୁହଁରେ ବ୍ୟୋମକେଶ ଚୌଧୁରୀ ଓ ତାଙ୍କର ପତ୍ନୀଙ୍କ ଚରିତ୍ର ଚିତ୍ରଣ ସଂଳାପ ମାଧ୍ୟମରେ ହିଁ କରାଯାଇଅଛି । କଥାବସ୍ତୁର ଅଗ୍ରଗତି, ପରିବେଶ ଉପସ୍ଥାପନ ତଥା ଚରିତ୍ର ଚିତ୍ରଣ ପାଇଁ ସୁରେନ୍ଦ୍ରଙ୍କ ଗଳ୍ପରେ ଏଭଳି ବହୁ ଦୃଷ୍ଟାନ୍ତ ମିଳିପାରିବ । ଏହିଭଳି ସଂଳାପଗୁଡ଼ିକ ମାଧ୍ୟମରେ ଗାଳ୍ପିକ ପରିବେଶ ଓ ଚରିତ୍ରକୁ ଅତୀବ ମର୍ମସ୍ପର୍ଶୀ ଭାବେ ଉପସ୍ଥାପନ କରିଛନ୍ତି ।

ସୁରେନ୍ଦ୍ରଙ୍କ ଗଳ୍ପରେ ସଂଳାପ ଅନେକ ସ୍ଥଳରେ ଭାବୋଦ୍ଦୀପକ ତଥା ନାଟକୀୟ ହୋଇପଡ଼ିଛି । ଦୃଷ୍ଟାନ୍ତ ସ୍ୱରୂପ :

"ବାବୁ ନୁହେଁ, ଡାକିବା ପାଇଁ ଇଚ୍ଛାହୁଏତ କୁହ ବାପ ବୋଲି, ତୁମର ପୁଅ ବଞ୍ଚିଥିଲେ...." (ମହାନ୍ତି, 'ମହାନଗରୀର ରାତ୍ରି', ପୃ: ୧୨୬)

"ମୋତେ ଛୁଅନା, ଛୁଅନା ତୁମେ- ମୋ ଅରୁ ଆଜି ଫେରି ଆସିଛି ମୋରି କୋଳକୁ ।" (ମହାନ୍ତି, 'ପତାକା ଉତ୍ତୋଳନ')

"କହିପାରିବ ସୁନ୍ଦରୀ, କେଉଁଟା ସୁନ୍ଦର, ପୁରୁଷର କାମନାଭରା ଆଖି ନା ନାରୀର ଏ ନଗ୍ନ ଦେହ ।" (ମହାନ୍ତି, 'ଡିନୋସାରର ଆତ୍ମା', ପୃ: ୨୮୯)

ଉପରୋକ୍ତ ଦୃଷ୍ଟାନ୍ତଗୁଡ଼ିକ ବ୍ୟତୀତ ଭାବୋଦ୍ଦୀପକ ତଥା ନାଟକୀୟ ସଂଳାପର ବହୁ ଦୃଷ୍ଟାନ୍ତ ସୁରେନ୍ଦ୍ରଙ୍କ ଗଳ୍ପରେ ଲକ୍ଷ୍ୟ କରାଯାଇପାରେ ।

ସୁରେନ୍ଦ୍ରଙ୍କ କେତେକ ଗଳ୍ପର ସଂଳାପରେ ଦାର୍ଶନିକ ତତ୍ତ୍ୱ ବ୍ୟଞ୍ଜନାତ୍ମକ ରୀତିରେ ପ୍ରକାଶିତ ହୋଇଛି । ଦୃଷ୍ଟାନ୍ତ ସ୍ୱରୂପ :

(i) ତୁମେ ଖୋଜୁଛ ଶକ୍ତି । ମାତ୍ର ସବୁ ଶକ୍ତି ହରାଇ ସାରିଲେ ସିନା ତୁମେ ହୋଇ ପାରିବ ଶକ୍ତିଧର । ତୁମେ ଲୋଡୁଛ ଜ୍ଞାନ, ମାତ୍ର ସବୁ ଆହୃତ ବିଦ୍ୟା ଭୁଲି ସାରିଲେ ସିନା ପାଇବ ଜ୍ଞାନର ସନ୍ଧାନ । ତୁମେ ଖୋଜୁଛ ଐଶ୍ୱର୍ଯ୍ୟ, ମାତ୍ର ନିଃସମ୍ବଳ ନ ହେଲେ ତାକୁ ପାଇବ କାହୁଁ ? ମୃତ୍ୟୁ ଭିତରେ ଅମୃତର ସନ୍ଧାନ ସହଜ କଥା ନୁହେଁ ।(ମହାନ୍ତି, 'ଅମୃତ', ପୃ: ୫୦୬)

(ii) .... ଆହୁରି ପୁଣି ଦେଖ, ବଟଶାଖାର ପତ୍ର ଉହାଡ଼ରେ ବସି ଗୋଟିଏ ପକ୍ଷୀ ଫଳ ଖାଉଛି, ଆଉ ଗୋଟିଏ ପକ୍ଷୀ ତାଆଡ଼େ କେବଳ ଅନାଇଁ ରହିଛି ; ଏଇ ପିଣ୍ଡ ବ୍ରହ୍ମାଣ୍ଡ, ଏଇ ବିନ୍ଦୁ, ଏଇ ବଟଗଛ ବିଶ୍ୱ ।(ମହାନ୍ତି, 'ମରାଳର ମୃତ୍ୟୁ', ପୃ: ୯)

(iii) ଜନ୍ - କଅଣ ଦରକାର

ସୁନନ୍ଦ - ନୀଳ ମହାଶୂନ୍ୟ

xxxxx xxxxx xxxxx

ଜନ୍ - କଅଣ ଅନୁଭବ କରୁଛ ଜେନୀ

ଜେନୀ - ନିଦ୍ରିତ ଆକାଶର ଆତ୍ମା

ଜନ୍ - ମହାମୁକ୍ତି ; ଦେହର ବନ୍ଧନରୁ ଆତ୍ମାର ।(ମହାନ୍ତି, 'ଗୁରୁ', ପୃ: ୪୨)

ଉପର୍ଯ୍ୟୁକ୍ତ ତିନୋଟି ଦୃଷ୍ଟାନ୍ତକୁ ଲକ୍ଷ୍ୟକଲେ ବ୍ୟଞ୍ଜନାତ୍ମକ ଭାଷାରେ 'ଅମୃତ' ଗଳ୍ପର ଦୃଷ୍ଟାନ୍ତରେ ନିଜକୁ ସଂପୂର୍ଣ୍ଣ ସମର୍ପଣ କରିବାର ଭକ୍ତିଧର୍ମର ତତ୍ତ୍ୱ, "ମରାଳର ମୃତ୍ୟୁ"ର ପ୍ରଦତ୍ତ ଦୃଷ୍ଟାନ୍ତରେ ଯୋଗ ମାର୍ଗ, ତଥା 'ଗୁରୁ' ଗଳ୍ପର ଦୃଷ୍ଟାନ୍ତରେ ହପ୍‌ପୀ ବାଦର ତାତ୍ତ୍ୱିକ ବ୍ୟାଖ୍ୟା ପରିଲକ୍ଷିତ ହୋଇଥାଏ ।

ସୁରେନ୍ଦ୍ରଙ୍କ ସଂଳାପ ସଂଯୋଜନାକୁ ଲକ୍ଷ୍ୟ କଲେ ତେଣୁ ଏକଥା ସ୍ପଷ୍ଟ ଯେ, ସଂଳାପଗୁଡ଼ିକ ସର୍ବଦା ନାଟକର ସଂଳାପ ଭଳି ପାତ୍ର ଉପଯୋଗୀ ଏବଂ ଯଥୋପଯୁକ୍ତ ଭାଷାର ପ୍ରୟୋଗରେ ସାର୍ଥକ ହୋଇପାରିଛି ତଥା ଗଳ୍ପ ମଧ୍ୟରେ ନାଟକୀୟ ଉତ୍କଣ୍ଠା ସୃଷ୍ଟି ପାଇଁ ସହାୟକ ହୋଇପାରିଛି । ଫଳରେ ସୁରେନ୍ଦ୍ରଙ୍କ ଗଳ୍ପସୃଷ୍ଟିରେ ନାଟକୀୟ ପରାକାଷ୍ଠା ପ୍ରଦର୍ଶିତ ହୋଇପାରିଛି । ଗାଳ୍ପିକ ଫକୀରମୋହନଙ୍କ ପରେ ଗଳ୍ପ ଉପନ୍ୟାସରେ ନାଟକୀୟ ପରାକାଷ୍ଠା ସୃଷ୍ଟି ପାଇଁ ତେଣୁ ସୁରେନ୍ଦ୍ର ଏକ ବିଶିଷ୍ଟ ସ୍ଥାନର ଅଧିକାରୀ ହୋଇପାରିଛନ୍ତି ।

## ସୁରେନ୍ଦ୍ରଙ୍କ ଗଳ୍ପରେ ଅନୁସୃତ ଭାଷା ଓ ଗଦ୍ୟରୀତି

ଭାଷା ହେଉଛି ଲେଖକର ଭାବନା ବା ଚିନ୍ତାର ବାହନ । ଅନ୍ୟକଥାରେ ଭାଷା ହିଁ ଲେଖକର ଅଦୃଶ୍ୟ ଭାବନାର ଦୃଶ୍ୟମାନ ଅବୟବ । ସୁତରାଂ ସାହିତ୍ୟର ସୃଷ୍ଟିରେ ଭାଷାର ଭୂମିକା ସ୍ୱତନ୍ତ୍ର । ଏହା ଭାବନାର ଅବୟବ ହୋଇପାରେ ସତ କିନ୍ତୁ ସେହି ଅବୟବ ମଧ୍ୟରୁ ହିଁ ପାଠକ ତା'ର ଆତ୍ମାର ସନ୍ଧାନ ପାଇଥାଏ; ଯେଉଁ ଆତ୍ମାକି ଲେଖକର ଆତ୍ମାରେ ଅନୁରଞ୍ଜିତ ହୋଇଥାଏ । ଅନ୍ୟକଥାରେ କହିବାକୁଗଲେ ଉପଯୁକ୍ତ ଶବ୍ଦ ଚୟନ ମାଧ୍ୟମରେ ଲେଖକ ଯେଉଁ ଭାଷାବିନ୍ୟାସ କରିବ ତାହା କଥାବସ୍ତୁ ଓ ପରିବେଶ ଉପଯୋଗୀ ହେବା ଉଚିତ । ଲେଖକର ଭାଷା ପ୍ରତି ଆନ୍ତରିକତା ଓ ଦକ୍ଷତା ଫଳରେ ଏହା କେବଳସମ୍ଭବ ହୋଇପାରେ । ତେଣୁ ଆବେଗ, ବାସ୍ତବତା ଓ କଳ୍ପନାର ସମ୍ମିଶ୍ରଣ ଯଦି ଲେଖାର ପ୍ରାଣ ବୋଲି ସ୍ୱୀକାର କରାଯାଏ, ତେବେ ସେ ସମସ୍ତ କିପରି ଭାଷାରେ ସଂରକ୍ଷିତ ହୋଇ ପ୍ରକାଶ ପାଇପାରିବ ତାହା ହିଁ ଲେଖକର ଶବ୍ଦଚୟନ ଓ ବାକ୍ୟଗଠନ ଉପରେ ନିର୍ଭର କରେ ।

ଏହି ପରିପ୍ରେକ୍ଷୀରେ ସୁରେନ୍ଦ୍ରଙ୍କ ଭାଷାବିନ୍ୟାସ ଆଲୋଚନା କଲେ ଲକ୍ଷ୍ୟ କରାଯାଏ ପ୍ରଥମେ ତାଙ୍କର ଭାଷା ପାଠକକୁ ଅଭିଭୂତ କରିପକାଇଥାଏ । ତେଣୁ ପାଠକ ଗୋଟାଏ ଆବେଗରେ ଗଳ୍ପଟିକୁ ଆମୂଳଚୂଳ ପଢ଼ିଯାଏ । ସେ ଭାଷାର ଯେଉଁ ଇନ୍ଦ୍ରଜାଲ ସୃଷ୍ଟି କରନ୍ତି, ତାହାରି ମୂଳରେ ରହିଛି ତାଙ୍କର ଶବ୍ଦଚୟନ ଓ ଭାଷା ପ୍ରୟୋଗର ନିଜସ୍ୱ କୌଶଳ । ବିଶେଷତଃ ଶବ୍ଦଚୟନ ଓ ଭାଷା ପ୍ରୟୋଗ ଦିଗରେ ସେ ଖୁବ୍ ସତର୍କ ଓ ତତ୍ପର । ତେଣୁ ଗାଳ୍ପିକ ସୁରେନ୍ଦ୍ର ନିଜେ କହନ୍ତି ସେ ଭାଷା ବିଷୟରେ ସଂପୂର୍ଣ୍ଣ ସଚେତନ । ସେଥିପାଇଁ ସେ ଭାବନ୍ତି ଭାଷା ପ୍ରୟୋଗ ଦୃଷ୍ଟିରୁ ସେ ଜଣେ ମିସ୍ତ୍ରୀ, ଶିଳ୍ପୀ ନୁହନ୍ତି ।('ଗଳ୍ପ', ତୃତୀୟ ସଂଖ୍ୟା, ପୃ: ୧୨୨)

## ସୁରେନ୍ଦ୍ରଙ୍କ ଗଳ୍ପର ଭାଷାବିନ୍ୟାସ

ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକର ଭାଷା କଥାବସ୍ତୁ ଓ ପରିବେଶ ଉପଯୋଗୀ । ତାଙ୍କର ପଲ୍ଲୀ କୈନ୍ଦ୍ରିକ ଗଳ୍ପର ଭାଷା ସରଳ ଗ୍ରାମ୍ୟଭାଷା, ଐତିହାସିକ ଗଳ୍ପରେ ତା'ର ସମକାଳୀନ ସମୟର ଭାଷା, ବୌଦ୍ଧଯୁଗୀୟ ଗଳ୍ପରେ ବୌଦ୍ଧଧର୍ମ ସଂପର୍କିତ ଭାଷା, ନଗର କୈନ୍ଦ୍ରିକ ଗଳ୍ପରେ ସଂଭ୍ରାନ୍ତ ତଥା ମାର୍ଜିତ ଭାଷା, ରାଜନୀତି ଭିତ୍ତିକ ଗଳ୍ପରେ ବିଭିନ୍ନ ବାଦ ବା underworldର ଭାଷା ବ୍ୟବହୃତ ହୋଇଥିବା ଲକ୍ଷ୍ୟ କରାଯାଇଥାଏ । କଥାବସ୍ତୁ ସହିତ ସମାନ୍ତରାଳରେ ଭାଷାବିନ୍ୟାସ କରି ସେ ଯେଉଁଭଳି ଭାବରେ ପାଠକ ମନରେ ବାସ୍ତବ ତଥା ଜୀବନ୍ତ ପରିବେଶ ଓ ଚରିତ୍ର ସୃଷ୍ଟି କରି ରସୋତ୍ତୀର୍ଣ୍ଣ କରିଛନ୍ତି, ତାର ଆଲୋଚନା କରାଯାଉଅଛି ।

### ପଲ୍ଲୀ କୈନ୍ଦ୍ରିକ ଗଳ୍ପର ଭାଷା

ସୁରେନ୍ଦ୍ରଙ୍କ ପଲ୍ଲୀ କୈନ୍ଦ୍ରିକ ଗଳ୍ପଗୁଡ଼ିକର ଭାଷା ଅନୁଧ୍ୟାନକଲେ ଗାଳ୍ପିକ ସୁରେନ୍ଦ୍ର ଗ୍ରାମାଞ୍ଚଳରେ ପ୍ରଚଳିତ ଭାଷାର ବ୍ୟବହାର କରିଥିବା ପରିଲକ୍ଷିତ ହୋଇଥାଏ । କେତେକ ଦୃଷ୍ଟାନ୍ତ ମାଧ୍ୟମରେ ଏଠାରେ ତାର ଆଲୋଚନା କରାଯାଉଛି ।

"ପାଇଁଲି ଅର୍ଜୁନାଇ, ସେଥର ଚନ୍ଦରାଦୀ କଲିକତାରୁ ଫେରି ତା ଗାଁକୁ ଆମକୁ ନିମନ୍ତା କରିଥିଲା । ଶିରାବଣ ମାସ । ମେଘ ଦୁଲୁକୁଚି । ତାଙ୍କ ଗାଁ ହାଟ ପଦାରେ କୁସୁନ ସାହୁ ମହାଜନର ଗୋଦାମ ଦେଖିଛନା, ଚନ୍ଦରାଦୀ ସେଇ ଗୋଦାମ ପଛପଟେ କାନ୍ଥ ଫୁଟେଇ ଭିତରୁ ଘିଚି ଆସିଲା ଟିଣେ ଘିଅ ବସ୍ତାଏ ଅଟା । ଗାଁରୁ ପିଟାଇଦେଇ ଆସିଲା ଗୋଟିଏ ହେଃ ଖାସୀ । ଓଃ... ସେ ଯୋଉ ଜନ୍ତାଳ ! ହ୍ୟାପଃ ଏଠି ସବୁହେଲା, ଅଟାଘିଅ ଟିକିଏ ମିଳିଲା ନାହିଁ । ନଇଲେ ସେଦିନ ମିଠିକା ପରଟା ହୋଇଥାନ୍ତା- ପରଟା ସାଙ୍ଗରେ ସିନା ସାଗୁଆତି ।(ମହାନ୍ତି, 'ଦ୍ୱିପଦର ଗ୍ରାସ', ପୃ: ୧୭୦)

ସିଏତ ନକୁଳା ସାଙ୍ଗରେ ପଡ଼ି ବାଲୁଙ୍ଗା ବାସୁରା ହୋଇଗଲାଣି । ଆଉ ପାଠନା ଶାଠ । ତମ ସାଙ୍ଗରେ ତାକୁ ଏଥର ଚାକିରି ଗାଁକୁ ନେଇଯାଅ । ମୁଁ ସେ ବାସୁରାକୁ ଏଠି ଆଉ ସମ୍ଭାଳି ପାରିବିନାଇଁ । ନଇଲେ ପଛନ୍ତି ମୋତେ ଦୋଷ ଦେବ ନାହିଁ । (ମହାନ୍ତି, 'ବଇଷମ ପାଠଶାଳା', ପୃ: ୯୦)

ଉପର୍ଯ୍ୟୁକ୍ତ ଦୁଇଟି ଦୃଷ୍ଟାନ୍ତକୁ ଲକ୍ଷ୍ୟକଲେ ଗାଳ୍ପିକ ସୁରେନ୍ଦ୍ର ସଚେତନ ଭାବରେ 'ଦ୍ୱିପଦର ଗ୍ରାସ' ଓ 'ବଇଷମ ପାଠଶାଳା' ଗଳ୍ପରେ କଟକ ଅଞ୍ଚଳର ପାଣମାନଙ୍କର ଭାଷା, ତଥା ଗ୍ରାମାଞ୍ଚଳରେ ନାରୀ ମୁଖର ଭାଷାକୁ ବ୍ୟବହାର କରିଛନ୍ତି । ଏହାଦ୍ୱାରା ଗାଳ୍ପିକଙ୍କ ଗଳ୍ପଗୁଡ଼ିକର ସଂଳାପ ପାତ୍ର ଉପଯୋଗୀ ହେବା ସହିତ ଭାଷା ବାସ୍ତବଧର୍ମୀ ହୋଇପାରିଛି । ଗାଳ୍ପିକ ସୁରେନ୍ଦ୍ର ତାଙ୍କର ପଲ୍ଲୀ ଭିତ୍ତିକ ଗଳ୍ପର ବିଷୟବସ୍ତୁ ତଥା ଚରିତ୍ରର ଅନୁରୂପ ଗ୍ରାମାଞ୍ଚଳରେ ପ୍ରଚଳିତ ବିଭିନ୍ନ ଶ୍ରେଣୀର ଭାଷାପ୍ରୟୋଗ କରିଥିବା ଏହି ଦୃଷ୍ଟାନ୍ତ ମଧ୍ୟରୁ ସ୍ପଷ୍ଟ । ଏ ସଂପର୍କରେ 'ଇଜ୍ମାଲି', 'ବାସିମଡ଼ା', 'ଘନିଆର ଗଣେଶ ଚତୁର୍ଥୀ', 'ସୁନାରୀ ଆମ୍ବ', 'ଛାପି ଛାପିକା' ଆଦି ବହୁ ଗଳ୍ପରୁ ଦୃଷ୍ଟାନ୍ତ ପ୍ରଦାନ କରାଯାଇପାରେ ।

### ସହରୀସମାଜଭିତ୍ତିକ ଗଳ୍ପର ଭାଷା

ସହରୀ ସମାଜଭିତ୍ତିକ ବିଭିନ୍ନ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ବିଭିନ୍ନ ରୀତିର ଭାଷା ବ୍ୟବହାର କରିଛନ୍ତି । ଏଠାରେ କେତେକ ଦୃଷ୍ଟାନ୍ତ ମାଧ୍ୟମରେ ଏହାର ଆଲୋଚନା କରାଯାଉଛି ।

"ମୁଁ ଚିତ୍କାର କଲି ବିରକ୍ତିରେ, "ଡୋଣ୍ଟ ପେଷ୍ଟରମି । (ଓଡ଼ିଆ ଭାଷାରେ ରାଗିବା ସମ୍ଭବ ନୁହେଁ, ଅନ୍ତତଃ ଏପରି ରାଗିବା) ମୁଁ ତୁମର ଜୁଆଡ଼ି ସଭ୍ୟତାରେ ବିଶ୍ୱାସ କରେନାହିଁ । ଟଙ୍କାକର ଟିକଟରେ ଦଶଲକ୍ଷ ଟଙ୍କା ଲାଭ ? ଜୁଆଚୋରୀ ଆଉ କାହାକୁ କହନ୍ତି ? ତମେ କଣ କରିବ ? ତମର ସମାଜ ସଭ୍ୟତାର ଭିତ୍ତିତ ଆଜି ଏଇଆ ଲଟେରୀ ଟିକେଟ୍ । ଆଉରି ପାଦେ ଆଗକୁ ଘୁଞ୍ଚିଗଲି ।

ସେ କିନ୍ତୁ ନଛୋଡ଼ବନ୍ଧା । ସେ କହିଲା... "ରାଜନୀତିଠାରୁ ଫିଲମ୍ ସାହିତ୍ୟଠାରୁ ଯୋଗ ପ୍ରାଣାୟମ - କୋଉଥିରେ ଆଜି ଜୁଆଚୋରୀ ନାହିଁ ? ଅର୍ଥାତ୍ ବିନା ସାଧନରେ ସିଦ୍ଧିପାଇଁ ପ୍ରୟାସ ।"(ମହାନ୍ତି, 'ମାଂସର କୋଣାର୍କ', ପୃ : ୪)

"ଲିଅ ଟଙ୍କା ଦଶଟା ଲଦେବା ପାଇଁ କେତେ ଲବଜ ଲଗାଇଛନ୍ତି । ହାମ ସାହୀରେ ମା' ଦେବ ବନୁଛି । ସାହିର ଭଡ଼ଟିଆ ହୋଇ ରହିଛ ଚାନ୍ଦା ଲଦେବ ତ ମାଦେବ ବନିବ କେମିତି ?"(ମହାନ୍ତି,'ବ୍ୟର୍ଥ ଆଗମନୀ', ପୃ: ୧୬୭)

ଉପର୍ଯ୍ୟୁକ୍ତ ଦୁଇଟି ଦୃଷ୍ଟାନ୍ତ ଲକ୍ଷ୍ୟକଲେ 'ମାଂସର କୋଣାର୍କ'ରୁ ଉଦ୍ଧୃତ ଅଂଶରେ ମହାନଗରୀର ସମାଜ, ସାହିତ୍ୟ, ରାଜନୀତି ସଚେତନ ଦୁଇ ଶିକ୍ଷିତ ବ୍ୟକ୍ତିଙ୍କ କଥୋପକଥନର ଚିତ୍ର ବାସ୍ତବଧର୍ମୀ ଦୃଷ୍ଟିକୋଣରୁ ଗାଳ୍ପିକ ପ୍ରଦାନ କରିଥିବା ସ୍ପଷ୍ଟ । ମାତ୍ର ଦ୍ୱିତୀୟ ଦୃଷ୍ଟାନ୍ତରେ ଗାଳ୍ପିକ ସୁରେନ୍ଦ୍ର କଟକ ସହରର ପହିଲମାନମାନଙ୍କ ଜେଗାଘରର ଭାଷା ପୁଙ୍ଖାନୁପୁଙ୍ଖ ଅନୁଧାନ ପୂର୍ବକ ବ୍ୟବହାର କରିଛନ୍ତି । ଉଭୟ ଦୃଷ୍ଟାନ୍ତର ଭାଷା ପାତ୍ର ଉପଯୋଗୀ ହୋଇପାରିଛି । ଏହା ସୁରେନ୍ଦ୍ରଙ୍କ ବିଭିନ୍ନ ପ୍ରକାର ଚରିତ୍ରର ଭାଷା ଅଣୁବୀକ୍ଷଣର ଫଳ । ଏତଦ୍‌ଭିନ୍ନ ଗାଳ୍ପିକ ସୁରେନ୍ଦ୍ରଙ୍କ 'ତାତା', 'କାଠଘୋଡ଼ା', 'ପାଗଳ ଗାରଦର କାହାଣୀ' ପ୍ରଭୃତି ଗଳ୍ପରେ ସୁରେନ୍ଦ୍ରଙ୍କ ସହର କୈନ୍ଦ୍ରିକ ଭାଷାର ବହୁ ଦୃଷ୍ଟାନ୍ତ ଦେଖିବାକୁ ମିଳିପାରିବ ।

**ରାଜନୀତିକ ଗଳ୍ପର ଭାଷା**

ରାଜନୀତିକ ବିଷୟବସ୍ତୁ ସମ୍ବଳିତ ଗଳ୍ପର ଭାଷା ନିମ୍ନ କେତୋଟି ଦୃଷ୍ଟାନ୍ତ ମାଧ୍ୟମରେ ଆଲୋଚନା କରାଯାଉଅଛି ।

"ଏ ସବୁ 'ଶିଭାଲରୀ' ମଧ୍ୟଯୁଗୀୟ ବୁର୍ଜୋୟାର ପ୍ରାଗୈତିହାସିକ ଆଚାର । ଆଜି ସେ ସବୁ ବିଚାରରେ, ପ୍ରଗତି ଓ ବିପ୍ଳବର ପଥ ଅବରୁଦ୍ଧ ନହେଉ ।"(ମହାନ୍ତି, 'ନରବଳି', ପୃ: ୪୬୦)

"ଆମେ ସବୁ ଉନବିଂଶ ଶତାବ୍ଦୀର ଛିନ୍ନମୂଳ ପ୍ରଲେଟେରିଏଟ୍ - ସର୍ବହରାପରି । ଉନବିଂଶ ଶତାବ୍ଦୀର ପ୍ରଲେଟେରିଏଟ୍ ଯେଉଁ ବିପ୍ଳବ ଆଣିଥିଲା, ତାହାର ପ୍ରତିକ୍ରିୟା ଓ ପ୍ରତି ବିପ୍ଳବ ବିରୁଦ୍ଧ ଆମେ ଏ ଶତାବ୍ଦୀର ନୂତନ ଲଢୁଆ ବାହିନୀ । ସେମାନେ ଥିଲେ ସର୍ବହରା, ଆମେ ସବୁ କିନ୍ତୁ ଆଜି ସ୍ୱପ୍ନହରା । ସେଇଥିପାଇଁ ତ ଆମେ ଏତେ ଅଶାନ୍ତ । ସେଇଥିପାଇଁ ତ ଆମେ ଛାତ୍ରାବସ୍ଥାକୁ ଚାହୁଁ ଏକ ପାର୍‌ମାନେଣ୍ଟ ସିଚୁଏସନ୍ ରୂପେ ।"(ମହାନ୍ତି,'କମନ୍‌ରୁମ୍', ପୃ: ୨୪)

"ବର୍ଗୀ ପିଣ୍ଡାରୀମାନେ ଯେପରି ପୁଣିଥରେ ନବଜନ୍ମ ପାଇଥିଲେ, କିନ୍ତୁ ଜୀବନର ସବୁ ମୋହର ଯେତେବେଳେ ଆସେ ମୋହଭଙ୍ଗ, ନୀତିବାଦ ଯେତେବେଳେ ହୁଏ ଶଠତା, ଶାସନ ହୁଏ ଲୁଣ୍ଠନର ନାମାନ୍ତର, ସେତେବେଳେ ରକ୍ତପିପାସୀ ହିଂସା ଆସେ ଲୋଳଜିହ୍ୱା ଲମ୍ୱାଇ, ଖୁନ୍‌ର ସଲାମୀ ଆଦାୟ ପାଇଁ ।"(ମହାନ୍ତି, 'ଓଃ କାଲ୍‌କାଟା', ପୃ: ୧୬)

ଦିନର ଆଲୋକରେ ସେମାନେ ଆଉ ଆସିବେ ନାହିଁ। ସେମାନଙ୍କ ଆକ୍ରମଣ ନିଶୁନ ରାତିରେ।... କବାଟରେ ଠକ୍ ଠକ୍ ଆୱାଜ । ଆଦେଶ ଅତି ସଂକ୍ଷିପ୍ତ। ସେଥିରେ ବିସ୍ତାରଣ ନାହିଁ। "ତୁମେ ଗିରଫ୍", ପରୱାନା ଦେଖିବାର ବା ଦେଖାଇବାର ପ୍ରୟୋଜନ ନାହିଁ। ଅଭିଯୋଗ ? ଅପରାଧ ? ସେମାନେ ଜାଣନ୍ତି ନାହିଁ। ସେମାନେ ଜାଣନ୍ତି କେବଳ ନିରପତ୍ତା ରକ୍ଷା ଆଇନ୍‌ର ଗୋଟାଏ ଦଫା ନମ୍ବର - "ତୁମେ ଗିରଫ"(ମହାନ୍ତି,'ପ୍ରତିଧ୍ୱନି', ପୃ: ୧୨୩)

ଉପର୍ଯ୍ୟୁକ୍ତ ଦୃଷ୍ଟାନ୍ତଗୁଡ଼ିକର ଭାଷାକୁ ଲକ୍ଷ୍ୟକଲେ, ଏହାର ଭାଷାର ଏକ ସ୍ୱାତନ୍ତ୍ର୍ୟ ସହିତ ବିଭିନ୍ନତା ପରିଲକ୍ଷିତ ହୋଇଥାଏ। 'ନରବଳି' ଗଳ୍ପର ଦୃଷ୍ଟାନ୍ତରେ ରାଜନୀତିକ underworldର ଭାଷା ଅଥବା କମ୍ୟୁନିଷ୍ଟ ଆଦର୍ଶରେ ଅନୁପ୍ରାଣିତ ଶ୍ରମିକ ନେତାର ମୁହଁର ଭାଷା ପରିଲକ୍ଷିତ ହୋଇଥାଏ। 'କମନ୍‌ରୁମ୍' ଓ '୦୫ କାଲକାଟା' ଗଳ୍ପର ଦୃଷ୍ଟାନ୍ତକୁ ଲକ୍ଷ୍ୟକଲେ, ଗାଳ୍ପିକ ଛାତ୍ର ଆନ୍ଦୋଳନ ଓ ତାର ଧ୍ୱଂସାତ୍ମକ ପରିଣତିର ଚିତ୍ର ଉପଯୁକ୍ତ ଭାଷା ମାଧ୍ୟମରେ ପ୍ରକାଶ କରିଛନ୍ତି। 'ପ୍ରତିଧ୍ୱନି' ଗଳ୍ପର ଦୃଷ୍ଟାନ୍ତରେ ଜରୁରୀକାଳୀନ ପରିସ୍ଥିତିର ସୂଚନା ଉପଯୁକ୍ତ ଭାଷା ମାଧ୍ୟମରେ ପ୍ରଦାନ କରାଯାଇପାରିଛି। ଗାଳ୍ପିକ ସୁରେନ୍ଦ୍ର ରାଜନୀତିକ ପରିସ୍ଥିତି ଅନୁରୂପ ଭାଷା ସଂଯୋଜନା କରିଥିବା ଦୃଷ୍ଟିରୁ ଶ୍ରମିକ ଆନ୍ଦୋଳନ, ଛାତ୍ର ଆନ୍ଦୋଳନ, ନକ୍‌ସଲାଇଟ୍ ଆନ୍ଦୋଳନ ତଥା ଜରୁରୀକାଳୀନ ପରିସ୍ଥିତିର ସବିଶେଷ ଧାରଣା ଉପର୍ଯ୍ୟୁକ୍ତ ଦୃଷ୍ଟାନ୍ତଗୁଡ଼ିକରେ ପାଠକ ମନରେ ସୃଷ୍ଟି ହୋଇପାରିଥାଏ।

## ଐତିହାସିକ ଓ ବୌଦ୍ଧଯୁଗୀୟ ଗଳ୍ପର ଭାଷା

ଐତିହାସିକ ଓ ବୌଦ୍ଧଯୁଗୀୟ ଗଳ୍ପଗୁଡ଼ିକରେ ଗାଳ୍ପିକ ସୁରେନ୍ଦ୍ର ସାଧାରଣତଃ ତତ୍ସମ ଶବ୍ଦର ବହୁଳ ବ୍ୟବହାର କରିଥିଲେ ହେଁ ଐତିହାସିକ ସମୟ ଓ ପରିବେଶ ଉପଯୋଗୀ ଭାଷାର ପ୍ରୟୋଗ କରିଥିବା ଦେଖାଯାଏ। ଦୃଷ୍ଟାନ୍ତ ସ୍ୱରୂପ-

"ଜଣେ ଯୁବକ ଗଣସଭା ଭବନରେ ଗୋଟାଏ କୋଣରେ ନୀରବରେ ବସି ଏ ସମସ୍ତ ଆଲୋଚନା ଶୁଣୁଥିଲେ। କଳିଙ୍ଗ ନଗରର ଚେଦୀବଂଶୀୟ ସେ ଜଣେ ସାମନ୍ତପୁତ୍ର। ରୂପରେ, ବିଦ୍ୟାରେ, ସମର କୁଶଳତାରେ କେହି ତାଙ୍କର ସମକକ୍ଷ ନଥିଲେ। ପନ୍ଦର ବର୍ଷ ବୟସ ବେଳକୁ ସେ ଲେଖ, ରୂପ, ଗଣନ, ବ୍ୟବହାର ଓ ବିଧି ପ୍ରଭୃତି ବିଦ୍ୟାରେ ପାରଙ୍ଗମ ହୋଇ ସାରିଥିଲେ।"(ମହାନ୍ତି, 'କଳିଙ୍ଗର ପ୍ରତିଶୋଧ', ପୃ: ୧୭)

"ଗଣଧର କୋଳାହଳ ପ୍ରଶମିତ କରିବା ଉଦ୍ଦେଶ୍ୟରେ ଆସନ ତ୍ୟାଗ କରି ଉଠି କହିଲେ - "ପରମ ମାନ୍ୟାସ୍ପଦ ସଂଘ ଶୁଣିବା ହେଉନ୍ତୁ। ଆଜି ବିଧି ସଂଖ୍ୟା ନିରୂପଣ କରିବାର କୌଣସି ପ୍ରୟୋଜନ ନାହିଁ। କାରଣ ମୁଁ ଯେତେଦୂର ନିଜେ ଦେଖିପାରୁଛି ପରିଷଦ କକ୍ଷରେ ଲିଚ୍ଛବି ସଂଘର ପ୍ରାପ୍ତ ସମସ୍ତ ସଭ୍ୟ ଉପସ୍ଥିତ ଅଛନ୍ତି। ଅତଏବ ଗଣପୂରକଙ୍କୁ ମୁଁ କର୍ମବାଚ ପାଇଁ ଅନୁରୋଧ କରୁଅଛି।"(ମହାନ୍ତି, 'ଅମ୍ବାପଲ୍ଲୀ' ପୃ: ୨୮)

ଉପର୍ଯ୍ୟୁକ୍ତ ଦୁଇଟି ଦୃଷ୍ଟାନ୍ତକୁ ଲକ୍ଷ୍ୟକଲେ "କଳିଙ୍ଗର ପ୍ରତିଶୋଧ" ଗଳ୍ପର ଦୃଷ୍ଟାନ୍ତରେ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖର ବହୁ ଶବ୍ଦ ତଥା 'ଅମ୍ବାପଲ୍ଲୀ' ଗଳ୍ପର ଦୃଷ୍ଟାନ୍ତରେ ପ୍ରାଚୀନ ଭାରତର ଦଣ୍ଡନୀତି ରାଷ୍ଟ୍ରନୀତିରେ ପ୍ରଚଳିତ ବହୁ ଶବ୍ଦ ଗ୍ରହଣ କରାଯାଇଥିବା ଲକ୍ଷ୍ୟ କରାଯାଏ। ଉପଯୁକ୍ତ ପରିବେଶ ସୃଷ୍ଟି ପାଇଁ ଗାଳ୍ପିକ ସୁରେନ୍ଦ୍ର ପ୍ରୟୋଗ କରିଥିବା ଐତିହାସିକ ଘଟଣାର ସମକାଳୀନ ସମୟର ପ୍ରଚଳିତ ଥିବା ଶବ୍ଦଗୁଡ଼ିକ

ତାଙ୍କ ଭାଷାର ଏକ ବୈଶିଷ୍ଟ୍ୟ ମନେ ହୋଇଥାଏ । ବୌଦ୍ଧଯୁଗୀୟ ଗଳ୍ପକୁ ସାର୍ଥକ ରୂପେ ପରିବେଷଣ କରିବା ପାଇଁ ବୌଦ୍ଧଧର୍ମ ତଥା ସାଧନାର ଅନୁରୂପ ଭାଷା କିଭଳି ପ୍ରୟୋଗ କରାଯାଇଛି ତାର ମଧ୍ୟ ଏକ ଦୃଷ୍ଟାନ୍ତ ଏଠାରେ ଉଲ୍ଲେଖ କରାଯାଇଛି ।

"ତା'ପରେ ହୁଏ ବପୁଭାକ୍, ପର୍ଯ୍ୟୁଷିତା । ତା'ପରେ ବିଛିଦକ, ଖଣ୍ଡଖଣ୍ଡ ହୋଇ ଛିଡ଼ିପଡ଼େ ।

ତା'ପରେ ବିକ୍ଷେବ, ଶିବା ଓ ଗୃଧ୍ରପଲଙ୍କ ଆହାର୍ଯ୍ୟ ।

ତା'ପରେ ହୁଏ ପୁଲବନ, କୀଟାଣୁପୂର୍ଣ୍ଣ ।

ତା'ପରେ ବିକ୍ଷିତ୍ତକ ହୋଇ ଇତସ୍ତତଃ ବିକ୍ଷିପ୍ତ ହୋଇପଡ଼େ......."(ମହାନ୍ତି,'ମହାନିର୍ବାଣ', ପୃ: ୨୦)

ଐତିହାସିକ ଓ ବୌଦ୍ଧକାଳୀନ ବିଭିନ୍ନ ଶବ୍ଦ ଚୟନ ମାଧ୍ୟମରେ ଭାଷା ସୃଷ୍ଟିର ଦୃଷ୍ଟାନ୍ତ ଭିନ୍ନ ମଧ୍ୟଯୁଗୀୟ ଓଡ଼ିଶାର ଚିତ୍ର ପାଇଁ ଉପଯୁକ୍ତ ତତ୍ସମତଦ୍ଭବ ଶବ୍ଦ ବହୁଳ ଆଳଙ୍କାରିକ ଭାଷାର ଦୃଷ୍ଟାନ୍ତ "ସନ୍ଧି ଓ ସର୍ତ୍ତ", 'କବି' ଆଦି ବହୁ ଗଳ୍ପରେ ଦେଖିବାକୁ ମିଳିଥାଏ ।

## ପୌରାଣିକ ଗଳ୍ପର ଭାଷା

'ଆଦିମ ଓ ଶତରୂପା', 'ଯାଯାବର ଓ ଜାୟା' ଗଳ୍ପର ଭାଷା ତତ୍ସମଶବ୍ଦ ବହୁଳ ତଥା ଆଳଙ୍କାରିକ ହୋଇଥିବା ଲକ୍ଷ୍ୟ କରାଯାଇଥାଏ । 'ଶ୍ରୀକୃଷ୍ଣଙ୍କ ଶେଷହସ' ଓ 'ଯଦୁବଂଶ' ପୌରାଣିକ ଗଳ୍ପର ଭାଷା ଆଲୋଚନା ପ୍ରସଙ୍ଗରେ କୁହାଯାଇପାରେ ଯେ, ସାରଳାଙ୍କ ମହାଭାରତର ବହୁ ପୌରାଣିକ ଆଖ୍ୟାନକୁ ଏକ ଏକ ଶୀର୍ଷକରେ ବ୍ୟବହାର କରି ଗାଳ୍ପିକ ସୁରେନ୍ଦ୍ର ଭାଷାକୁ ଆକର୍ଷଣୀୟ କରିପାରିଛନ୍ତି । ଏହି ଦୁଇଟି ଗଳ୍ପର ଭାଷା ଓଡ଼ିଆ ଗଳ୍ପ ସାହିତ୍ୟରେ ଗାଳ୍ପିକ ସୁରେନ୍ଦ୍ରଙ୍କ ବୈଶିଷ୍ଟ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ ।

ସୁରେନ୍ଦ୍ରଙ୍କ ଭାଷା ସଂପର୍କିତ ଉପର୍ଯ୍ୟୁକ୍ତ ଆଲୋଚନା ତଥା ଦୃଷ୍ଟାନ୍ତଗୁଡ଼ିକ ଲକ୍ଷ୍ୟକଲେ ଏକଥା ସ୍ପଷ୍ଟ ଯେ ଗାଳ୍ପିକ ସୁରେନ୍ଦ୍ର ବିଭିନ୍ନ ଶ୍ରେଣୀର ଗଳ୍ପପାଇଁ ବିଷୟବସ୍ତୁ ଅନୁରୂପ ଭିନ୍ନ ଭିନ୍ନ ପ୍ରକାରର ଭାଷା ବ୍ୟବହାର କରିଛନ୍ତି, ଯଦ୍ୱାରା ଗଳ୍ପଗୁଡ଼ିକ ହୃଦୟଗ୍ରାହୀ ହୋଇପାରିଛି । ଫଳରେ ତାଙ୍କର ଗଳ୍ପ ପାଠ କଲେ, ଏହି ଭାଷା ଯୋଗୁଁ ହିଁ ପାଠକ ନିଜ ଚିତ୍ତ ରାଜ୍ୟରେ ଏକ ମୁଗ୍ଧଭାବ ଅନୁଭବ କରିଥାଏ । ସୁରେନ୍ଦ୍ରଙ୍କ କଥାବସ୍ତୁ ଅନୁଯାୟୀ ଭାଷା ପ୍ରୟୋଗ ଯୋଗୁଁ ପାଠକମାନଙ୍କୁ ତାଙ୍କର ଗଳ୍ପଗୁଡ଼ିକ ଅଧିକ ସ୍ପର୍ଶ କରିଥାଏ ।

## ବାକ୍ୟ ଗଠନର କୌଶଳ

ସୁରେନ୍ଦ୍ରଙ୍କ ଭାଷାର ଆଲୋଚନା ପ୍ରସଙ୍ଗରେ ତାଙ୍କର ବାକ୍ୟ ଗଠନ କୌଶଳକୁ ଲକ୍ଷ୍ୟକଲେ ଦେଖାଯାଏ, ପାଠକକୁ ଆକୃଷ୍ଟ କରିବା ପାଇଁ ସେ ବିଭିନ୍ନ ପ୍ରକାରର ବାକ୍ୟ ଗଠନ କୌଶଳ ଅବଲମ୍ବନ କରିଛନ୍ତି । 'ମରାଳର ମୃତ୍ୟୁ', 'କୁବେର କବିତା', 'ଜୀଅନ୍ତା ଭୂତ', 'ଅପରିଚିତର ପରିଚୟ', 'ପୁଷ୍ୟାଭିଷେକ', 'ଲବଣର ସ୍ୱାଦ', 'ଚେନାଏ ଜହ୍ନ' ଆଦି ବହୁ ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ରଙ୍କ ଦୀର୍ଘବାକ୍ୟ ବ୍ୟବହାର ଲକ୍ଷ୍ୟ କରାଯାଇଥାଏ । ବିଶେଷତଃ ପରିବେଶର ବର୍ଣ୍ଣନା ପ୍ରସଙ୍ଗରେ ଏହି ଶ୍ରେଣୀର ବାକ୍ୟ ଲକ୍ଷ୍ୟ କରାଯାଇଥାଏ । ସୁରେନ୍ଦ୍ରଙ୍କ ଗଳ୍ପର ପରିବେଶ ଆଲୋଚନା ପ୍ରସଙ୍ଗରେ ଏହି ଶ୍ରେଣୀସ୍ଥ ବହୁ ବାକ୍ୟର ଦୃଷ୍ଟାନ୍ତ ଉଦ୍ଧାର କରାଯାଇଥିବା ଦୃଷ୍ଟିରୁ ଏଠାରେ ତାର କେବଳ ସୂଚନା ପ୍ରଦାନ କରାଯାଇଛି ।

'ପ୍ରଥମ ଆଷାଢ଼', 'ପ୍ରତିବେଶିନୀ', 'ଜୀବନ ପ୍ରଭାତ', 'ଭାରତ ଆବିଷ୍କାର', 'ଗୁରୁ' ଆଦି ବହୁ ଗଳ୍ପରେ କ୍ଷୁଦ୍ର ବାକ୍ୟର ବ୍ୟବହାର ପରିଲକ୍ଷିତ ହୋଇଥାଏ । ଏହି ଶ୍ରେଣୀର ବାକ୍ୟ ସାଧାରଣତଃ ଚରିତ୍ରର ସଂଳାପ ସଂଯୋଜନାମାଧ୍ୟରେ ପରିଲକ୍ଷିତ ହୋଇଥାଏ । ଏତଦ୍‌ଭିନ୍ନ କଥାବସ୍ତୁର ଅଗ୍ରଗତି ତଥା ସମସ୍ୟାର ସୂଚନା ପାଇଁ କ୍ଷୁଦ୍ରବାକ୍ୟର ବ୍ୟବହାର ଗାଳ୍ପିକ ସୁରେନ୍ଦ୍ର କରିଛନ୍ତି । ଏହି ଶ୍ରେଣୀର ବାକ୍ୟ ଅନେକ କ୍ଷେତ୍ରରେ ବ୍ୟଞ୍ଜନାଧର୍ମୀ ହୋଇଥିବା 'ସଂଳାପ' ଆଲୋଚନା ପ୍ରସଙ୍ଗରେ ଉଦ୍ଧୃତ ଦୃଷ୍ଟାନ୍ତଗୁଡ଼ିକରେ ଆଲୋଚନା ପରିପ୍ରେକ୍ଷୀରେ କୁହାଯାଇଥିବାରୁ ଏଠାରେ ତାର ସୂଚନା ମାତ୍ର ଦିଆଯାଇଛି । ଦୀର୍ଘବାକ୍ୟ ଓ କ୍ଷୁଦ୍ରବାକ୍ୟ ପ୍ରୟୋଗକୁ ବାଦ ଦେଇ ବାକ୍ୟଗଠନର ପ୍ରକୃତି ଅନୁଯାୟୀ ସୁରେନ୍ଦ୍ରଙ୍କ ବାକ୍ୟଗଠନକୁ ବହୁଧା ବିଭକ୍ତ କରାଯାଇପାରେ । ସୁରେନ୍ଦ୍ରଙ୍କ ଗଳ୍ପରୁ ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ଏଠାରେ ତାର ସୂଚନା ପ୍ରଦାନ କରାଯାଉଛି ।

**ଆଳଙ୍କାରିକ ଭାଷା**

'ଭାରତ ଆବିଷ୍କାର', 'ଧ୍ୱଂସାବଶେଷ', 'ମହା ନିର୍ବାଣ', 'ଉତ୍ତ୍ର ରାମପୁତ୍ର' ଆଦି ବହୁ ଗଳ୍ପରେ ଆଳଙ୍କାରିକ ସୁଷମାମଣ୍ଡିତ ଭାଷାର ବ୍ୟବହାର ଗାଳ୍ପିକ ସୁରେନ୍ଦ୍ର କରିଥିବା ପରିଲକ୍ଷିତ ହୋଇଥାଏ । ଏକାଧିକ ଉପମାବିଶିଷ୍ଟ ଭାଷାର ବ୍ୟବହାର-

"ଏକ ନୂତନ ସଂଗୀତର ଆଦ୍ୟ କୁଣ୍ଠିତ ଆଳାପପରି ଏକ ନୂତନ କବିତାର ଅସ୍ଫୁଟ ଗୁଞ୍ଜରଣପରି, ଏକ ନୂତନ ଆଲେଖ୍ୟର ଦୁଇଟି ପ୍ରାଥମିକ ଆଦ୍ୟ ସଲ୍ଲଜ ରେଖାପରି, ଏହି ଅନନ୍ତ ଓ କାଳହୀନ ବିସ୍ମୃତିର ପଟ୍ଟଭୂମିରେ.... ଆଦିମ ଓ ଶତରୂପା ।" (ମହାନ୍ତି, 'ଆଦିମ ଓ ଶତରୂପା', ପୃ: ୬୮)

**ବାକ୍ୟଗଠନରେ ବିରୋଧାଭାସ ରୀତିର ପ୍ରୟୋଗ**

"କେଇଟା ବାଜିଲା ? ରାତି ବାରଟା ? ଆଚ୍ଛା ସନ୍ଧ୍ୟାବେଳେ ଏତେ ଚିନାବାଦାମ ବିକ୍ରିହୁଏ କାହିଁକି ? କାରଣ ଲୋକେ ସଂଧ୍ୟାବେଳେ ବହୁତ ଚିନାବାଦାମ ଖାନ୍ତି । କିନ୍ତୁ ରାତି ନ'ଟା ପରେ ଚିନାବାଦାମ ଦୋକାନୀ ରାସ୍ତା ଉପରେ ଦୋକାନ ଉଠାଏ । ଭାତ ଅପେକ୍ଷା ଚିନାବାଦାମ୍ ଢେର ଶସ୍ତା । ପୁଣି ସ୍ୱାସ୍ଥ୍ୟକର ।" (ମହାନ୍ତି,'ଭାରତ ଆବିଷ୍କାର', ପୃ: ୬୮)

**ତତ୍ସମଶବ୍ଦବହୁଳ ସ୍ୱଭାବୋକ୍ତିର ଦୃଷ୍ଟାନ୍ତ**

"ଉପଳ ବିକ୍ଷତ, ସୁବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ଯେଉଁ ଜଳଧାରା, ଚପଳଚରଣା ଗ୍ରାମ୍ୟ ବାଳିକା ପରି, ଲୀଳାୟିତ ଛନ୍ଦରେ, ମୋଡ଼ ବାଙ୍କି ବାଙ୍କି ବହିଯାଏ, ସ୍ରୋତ ପ୍ରାନ୍ତରର କୃଷ୍ଣଚୂଡ଼ା, ଶାଳ୍ମଳୀ ଓ ପଳାଶ ପ୍ରଭୃତିର ଛିନ୍ନଦଳ ଯାହା ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ନିବେଦନ କରେ, ଗୁଳ୍ମାକୀର୍ଣ୍ଣ ଅରଣ୍ୟ ପଠାରେ କାଶତଣ୍ଡୀ ଯାହା ଉଦ୍ଦେଶ୍ୟରେ ଚାମର ଦୋଳାଏ, ସ୍ୱର୍ଣ୍ଣାଭ ଅପରାହ୍ଣରେ ଜଳାର୍ଥିନୀ ଗ୍ରାମ୍ୟବଧୂର ଦୁଇପାଦ ବେଷ୍ଟନ କରି, ଯେଉଁ ଜଳଧାରା ଏକ ଅବ୍ୟକ୍ତ ପ୍ରାଣ ସଂଗୀତରେ ମୂର୍ଚ୍ଛନାମୟ ହୋଇ ଉଠେ, ଦିବାନ୍ତର ସୂର୍ଯ୍ୟ ଯାହାର କପୋଳରେ ବ୍ରୀଡ଼ାର ଅରୁଣିମା ବୋଳିଦିଏ, ପୁଣି ରାତ୍ରିର ଶିଶିର ଯାହାର ବକ୍ଷ ଉପରେ କୁଜ୍ଝଟିକାର ନୀଳ ଉତ୍ତରୀ ଟାଣିଆଣେ - ଏ ସେ ଅନ୍ନଦାତ୍ରୀ, ପ୍ରାଣଦାତ୍ରୀ ନଦୀ ନୁହେଁ- ଏ ଯେପରି ଧ୍ୱଂସ ଓ ମୃତ୍ୟୁର ଦିଗନ୍ତ ପ୍ରସାରିତ ଏକ ଲୋଳ ଜିହ୍ୱା ।" (ମହାନ୍ତି, 'ଅପରିଚିତର ପରିଚୟ', ପୃ: ୧୧୧)

**ଧ୍ୱନ୍ୟାତ୍ମକ ବାକ୍ୟର ଦୃଷ୍ଟାନ୍ତ**

"ଯିଏ ପ୍ରାଇମର୍ ବହି ପୃଷ୍ଠାର ମଲାଟ ଉପରେ ବୁଲାଉ ବୁଲାଉ, ରାସ୍ତା ଉପରେ ଚାଲୁ ଚାଲୁ, ମମି ହାତରୁ ଖାଉ ଖାଉ, ଏସବୁ ଦୁର୍ଗମ ଆଉ ଦୁର୍ମଦମାନଙ୍କୁ ଅବହେଳାରେ ଜୟ କରିପାରେ ତା' ପ୍ରତି ବାପନାମଧାରୀ ମଣିଷଟିର ତାଚ୍ଛଲ୍ୟ ଅସହ୍ୟ।" (ମହାନ୍ତି, 'ଜୀବନ ପ୍ରଭାତ', ପୃ: ୧୧୧)

କିମ୍ବା

"ଅଳସ ଭାଙ୍ଗ ଭାଙ୍ଗି, ଭିଡ଼ିମୋଡ଼ି ହୋଇ, ହାଇ ମାରି ମାରି, ହରିନାମ ସ୍ମରଣ କରି କରି, କଠୋଉ ଠକ୍‌ ଠକ୍‌ କରି, ଗୁଡ଼ାଖୁଟେଳା ଧରି ଗାଁର ମାତବରମାନେ ଦାଣ୍ଡକୁ ବାହାରୁଥିଲେ ଘଟଣାଟା କଣ ଜାଣିବା ପାଇଁ।" (ମହାନ୍ତି, 'ଦ୍ୱିପଦର ଗ୍ରାସ', ପୃ: ୧୬୭)

**ବ୍ୟଞ୍ଜନାତ୍ମକ ବାକ୍ୟର ଦୃଷ୍ଟାନ୍ତ**

"କଉଶୁଲୀକୁ ବୟସ ଚାଳିଶ ପାଖାପାଖି, ସମସ୍ତେ କହନ୍ତି ଅଣ୍ଡିରିଚଣ୍ଡୀ, ତଥାପି କଉଶୁଲୀର ମୁଣ୍ଡରେ ସବୁବେଳେ ଚାଖଣ୍ଡେ ଓଢ଼ଣା। ସେଥିପାଇଁ ତା'ଆଡ଼େ ବେଳେବେଳେ ଗୋଟାଏ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହିଁବାକୁ ରାଉତରାପୁର ଗାଁରେ ଦରବୁଢ଼ାମାନଙ୍କର ଅଭାବ ମଧ ନଥିଲା।" (ମହାନ୍ତି, 'ଦ୍ୱିପଦର ଗ୍ରାସ', ପୃ: ୧୬୮)

**ବ୍ୟଙ୍ଗାତ୍ମକବାକ୍ୟର ଦୃଷ୍ଟାନ୍ତ**

"ଆମେରିକାର ଗହମ ଖାଇ, ଅଷ୍ଟ୍ରେଲିଆର ଗୁଣ୍ଡଦୁଗ୍ଧ ପିଇ, ରୁଷିଆର ମିଗ୍‌ରେ ଉଡ଼ି, ବ୍ରିଟେନ୍‌ର ରାଇଫଲ କାନ୍ଧରେ ପକାଇ, ଫରାସୀ ଏକ୍‌ଜିସ୍‌ଟେନ୍‌ସିଆଲିଷ୍ଟମାନଙ୍କର ଉପନ୍ୟାସ ଆଉ ଇଂରେଜ ବିଟ୍‌ନିକ୍‌ମାନଙ୍କର କବିତା ପଢ଼ି, ପୁଣି 'ନ୍ୟୁ-ୱେଭ୍' ସିନେମା ଦେଖି, ତମେସବୁ ଭାବିଛ ଯେପରି ସହଜରେ ସ୍ୱାଧୀନତା ପାଇଥିଲ, ତା'ଠାରୁ ଆଉରି ସହଜରେ ସ୍ୱାଧୀନତା ରକ୍ଷା କରିପାରିବ।"(ମହାନ୍ତି, 'ଆକାଶ ଛଟିଆ', ପୃ: ୩୩)

**ସୁରେନ୍ଦ୍ରଙ୍କ ଭାଷାରେ ପୁରାଣ ଓ ଲୋକକଥାର ବ୍ୟବହାର ତଥା ରୂଢ଼ିପ୍ରୟୋଗ, ପ୍ରବଚନ ଓ ଆପ୍ତବାକ୍ୟ ଆଦିର ପ୍ରୟୋଗ**

'ଶ୍ରୀକୃଷ୍ଣଙ୍କ ଶେଷହସ' ଓ 'ଯଦୁବଂଶ' ଗଳ୍ପରେ ମହାଭାରତର ବିଭିନ୍ନ ଗଳ୍ପର ଶୀର୍ଷକ ବ୍ୟବହାର କରି ଦୀର୍ଘବାକ୍ୟର ସଂଯୋଜନା କରାଯାଇଛି । ଅନ୍ଧଙ୍କ ହାତୀଦେଖା, ବୁଢ଼ୀ ଅସୁରୁଣୀ ଆଦି ଲୋକଗଳ୍ପର କାହାଣୀ ପ୍ରୟୋଗ 'ଭାରତ ଆବିଷ୍କାର', 'ଜୀବନ ପ୍ରଭାତ' ଓ 'ଲବଣର ସ୍ୱାଦ' ଗଳ୍ପରେ ପରିଲକ୍ଷିତ ହୋଇଥାଏ।

ସୁରେନ୍ଦ୍ରଙ୍କ ଗଳ୍ପରେ ରୂଢ଼ିପ୍ରୟୋଗ, ପ୍ରବଚନ ଓ ଆପ୍ତବାକ୍ୟର ପ୍ରୟୋଗକୁ ଲକ୍ଷ୍ୟକଲେ, ବିଭିନ୍ନ ଗଳ୍ପରେ ଏହାର ବହୁଳ ବ୍ୟବହାର ହୋଇଥିବା ସ୍ଥଳେ, ଅନେକ ଗଳ୍ପରେ ଏହାର ବ୍ୟବହାର ଆଦୌ ଲକ୍ଷ୍ୟ କରାଯାଏନାହିଁ। ସୁରେନ୍ଦ୍ରଙ୍କ ଆପ୍ତବାକ୍ୟ, ପ୍ରବଚନ ଓ ରୂଢ଼ିପ୍ରୟୋଗର ଦୃଷ୍ଟାନ୍ତ ନିମ୍ନରେ ପ୍ରଦାନ କରାଯାଉଅଛି।

ଯେମିତି ଗଛ ସେମିତି ମଞ୍ଜି (ସିଗାରେଟ୍) ବାଘ ବକରି ଏକା ଘାଟରେ ପାଣି ପିଆଉଥିଲେ (ନିତ୍ୟ ବର୍ତ୍ତମାନକାଳ) ବିଲୁଆ ମହାବଳ ହୋଇଛି (ଇନ୍ଦ୍ରମାଲୀ) କଟାଘାରେ ଲୁଣଛିଟା ପରି, ମୂଳୁ ମାଇଲେ ଯିବସରି, ଦେବଙ୍କ ସଂଗେ କିଁପା କଳି (କୁବେରର କବିତା) କୁରୁ ପାଣ୍ଡବ ଯୁଦ୍ଧ ଭୂଲି (ଜୀଅନ୍ତା ଭୂତ) ନାହିରେ ତେଲ

ଦେଇ (ଆକାଶ ତଥାପି ସୁନୀଳ) ଦଣ୍ଡକିରି ମାଛ ପ୍ରାଣ, କାଦୁଅରେ ପଶିବେ ନାହିଁକି ଗୋଡ଼ ଧୋଇବେ ନାହିଁ, ପରମୁଣ୍ଡରେ ନଡ଼ିଆ ଭାଙ୍ଗି ଖାଇବା (ସୀମାରେଖା) ଥାଳିମାରିଲେ ଥାଳି ଗଡ଼ିଯିବ (ମେଣ୍ଢାଖାଇ) କାଉ ବସାରେ ଡାମଣା ହାଉଳି ଖାଉଛନ୍ତି, କାଉ କୋଇଲିଙ୍କୁ ବାଣ୍ଟିଲାପରି, ଦୀପତେଜି ହାତ ଚିକ୍କଣ କରୁଛନ୍ତି, କୁରୁ ପାଣ୍ଡବ ଯୁଦ୍ଧ ଆରମ୍ଭ (ଅପରିଚିତର ପରିଚୟ) ଗର୍ଭିଣୀ ଗାଈ ମଧ ବାଟ ଛାଡୁଥିଲେ, ନୂଆ ଠେକିରେ ପୁରୁଣା ରହଣିଆ ଘିଅ, ମଲାହାତୀ ବି ଲାଖେଟଙ୍କା, ବଢ଼ିବଢ଼ି କରଣ ଛିଡ଼ିଛିଡ଼ି ଚଷା, ଶୁଖିଲା କାଠରୁ ମଧ ପାଣି ବାହାରକରି ଜାଣେ (ପୁଷ୍ୟାଭିଷେକ) ବାଳିଆ ପିଟିବା ପାଇଁ (ନିଃସଙ୍ଗ ଆକାଶ) କଟା ଘାରେ ଲୁଣଛିଟା ଦେଲାପରି (ଜୀବନ ପ୍ରଭାତ) ହାତର ଚଢ଼େଇ ବୁଦାକୁ ଉଡ଼ିଯିବା, ଖାଇବା ପତରରୁ ଉଠିଆସିବା, ଚୋରୀ ଉପରେ ପୁଣି ସିନାଜୋରୀ, ଅହିନକୁଳ ସମ୍ପର୍କ, କାଦୁଅରେ ପଶେ କିଏ ଗୋଡ଼ ଧୁଏ କିଏ (ଦ୍ୱିପଦର ଗ୍ରାସ) ଘରଶତ୍ରୁ ବିଭୀଷଣ (କ୍ଳାନ୍ତ ଚୈତାଳୀ) କୋଉ ପାଣି କୁଆଡ଼େ ଯାଉଛି, ବିନା କର୍ମରେ ଫଳଭୋଗର ନିଶା (ମୃତ୍ତିକାର ଆତ୍ମା) ତୁ ସିନା ପିଣ୍ଡା ପାହାଚ ସେମାନେ ଯେ ଉଡ଼ନ୍ତା ଚଢ଼େଇ (ଜହ୍ନିଲଟା) ଆପଣା ହସ୍ତେ ଜିହ୍ୱାଛେଦି, ଘରୁଖାଇ ଘୋଡ଼ା ଆଗରେ ଡେଉଁଛୁ, ଗୋଦଡ଼ା କୋଡ଼େ ଯେତେ ମାଡ଼େ ସେତେ (ଗଣ ଦେବତା) ବୁଡ଼ିଗଲାଲୋକ ନଈସୁଅରେ କୁଟାଖିଏ ଧରିବା ପରି (ସେଇ ଲୋକଟା) ପଳାତକ ଦୁର୍ଯ୍ୟୋଧନର ବ୍ୟାସ ସରୋବର (ପ୍ରତିନାୟକ) ପାଣି ଭିତରେ ଘର କରି କୁମ୍ଭୀର ସଙ୍ଗରେ ଇଏ କଳି କରିବା କଥା (ସୁନାରୀ ଆମ୍ୱ) କଟା ଘାରେ ଲୁଣଛିଟା ପରି, ଏ ନାଟକର ଗୋବର୍ଦ୍ଧନ, ଦେଲା ନାରୀ ହେଲା ପାରି, ସଜମାଛରେ ପୋକ ପକାଇଦେବା, ଝିମାଣି ଖେଳରୁ ମହାଭାରତ, ପଳେଇ ପଶିଲି ମାଉସୀ ଘରେ, ମାଉସୀ ମାରିଲା ଦିପାହାରେ (ଛାପି ଛାପିକା) ଯୋଗକୁ ବ୍ରହ୍ମା ଖଟନ୍ତି ନାହିଁ (ବନ୍ୟା ସଙ୍ଗିନୀ) ଛିଣ୍ଡାକନାରେ କର୍ପୂର ଗନ୍ଧପରି, ଘରୁଖାଇ ଘୋଡ଼ା ଆଗରେ ଡେଇଁବା କଥା (ସାହି ଖାନ୍ଦାନ)।

ସୁରେନ୍ଦ୍ରଙ୍କ ଗଳ୍ପରେ ଦେଖାଯାଉଥିବା ରୂଢ଼ିପ୍ରୟୋଗ, ଆପ୍ତବାକ୍ୟ ଓ ପ୍ରବଚନ ଆଦିକୁ ଲକ୍ଷ୍ୟକଲେ ଏକଥା ସ୍ପଷ୍ଟ ଯେ ନିର୍ଦ୍ଦିଷ୍ଟଭାବେ କୌଣସି ରୂଢ଼ି, ଆପ୍ତବାକ୍ୟ ବା ପ୍ରବଚନର ସେ ବାରମ୍ବାର ବ୍ୟବହାର କରିନାହାନ୍ତି। ସ୍ଥଳବିଶେଷରେ ପ୍ରୟୋଗକୁ ସେ ନିଜ ପ୍ରଯୁକ୍ତ ଭାଷାରେ ଅନୁରୂପ କରିବା ପାଇଁ ପରିବର୍ତ୍ତନ ମଧ କରିଛନ୍ତି।

## ସୁରେନ୍ଦ୍ରଙ୍କ ଗଳ୍ପରେ ବିଭିନ୍ନ ପ୍ରକାର ବାକ୍ୟାଂଶର ପ୍ରୟୋଗ ଓ ବ୍ୟବହାର

ବ୍ୟାକରଣ ଦୃଷ୍ଟିରୁ ସୁରେନ୍ଦ୍ରଙ୍କ ବାକ୍ୟାଂଶ ପ୍ରୟୋଗକୁ ଅନୁଧ୍ୟାନ କଲେ, ଭାଷା ସୃଷ୍ଟିରେ ସୁରେନ୍ଦ୍ରଙ୍କ ଯେଉଁ କେତେକ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ, ତାହା କ୍ରମାନୁସାରେ ଏଠାରେ ଦୃଷ୍ଟାନ୍ତ ମାଧମରେ ସୂଚନା ଦିଆଯାଉଛି।

### କ୍ରିୟାବାଚକ ବାକ୍ୟାଂଶର ଦୃଷ୍ଟାନ୍ତ

ଚଉକି ମଣ୍ଡନ, ଏକ ଅକାରଣ ଉତ୍ତେଜନାରେ, ଦିବ୍ୟ ଆରାମରେ, ଉଠେଇ ପଡ଼େଇ ଅପନ୍ତରା, ଖଇ ଫୁଟିଲା ଭଳି, ଅବ୍ୟକ୍ତ ଆତଙ୍କରେ, ଦଦରା କଣ୍ଠରେ, ଅନୁନାସିକ କଣ୍ଠରେ, ରଭସିତ ଲଘୁସ୍ପର୍ଶରେ ଇତସ୍ତତ କରିଦେଇ, ଆକଣ୍ଠ ନିମଜ୍ଜିତ, ବାଉଳାକଣ୍ଠରେ, ଏକ ବ୍ୟାଧିତ ଆନନ୍ଦରେ, କଫମିଶା ଘାଘଡ଼ା

ଗଳାରେ, ଠେଙ୍ଗେଇ ନ ପାରିବାରୁ, ଦାର୍ଶନିକର ଅନାସକ୍ତିରେ, ଅକାରଣ ରୁକ୍ଷତାରେ, କୁର୍ଣ୍ଣିସ୍ କରିବା ପରି ଭଙ୍ଗୀରେ, ଆସନ୍ନ ସଫଳତାରେ, ସୋତ୍ସାହିତ କଣ୍ଠରେ, ପବ୍ଲିକ୍ ସ୍କୁଲ ସୁଲଭ ଇଂରାଜୀ ଉଚ୍ଚାରଣ, ସମ୍ଭ୍ରାନ୍ତ ଦୂରତ୍ୱ, ଅଭ୍ୟର୍ଥନାର ସ୍ମିତହସ, ବାକ୍ ନିରୋଧ, ବାକ୍ୟାଘାତ ନାଶା ପୁଟ ବିସ୍ତାର କରି ଇତ୍ୟାଦି ।

**ଭାବବାଚକ ବାକ୍ୟାଂଶର ଦୃଷ୍ଟାନ୍ତ**

ଆଇସକ୍ରିମ୍ ସ୍ନିଗ୍ଧ କଣ୍ଠରେ, ଶୀତଳଜଡ଼ତା, ଅହେତୁକୀ ଅନ୍ୟାସ୍ୱ କୌତୂହଳ, ଗଞ୍ଜିକା ଧୂମୋଦ୍ଭୂତ ଗନ୍ଧ, ଅନାଦରର ଧୂଳି, କବିର ଆଭରଣହୀନ ପ୍ରଥମ ସ୍ୱପ୍ନ, ସ୍ୱର୍ଦ୍ଧିତ ଜୟନାଦ, ରାସଭ ନିନ୍ଦିତ କଣ୍ଠ, ଅମିରିଗଳାରେ, ଆଦ୍ୟଯୌବନର ମୃତ ଚପଳତା, ବାଳିକାସୁଲଭ ଚପଳତାରେ, ଲହରିଆ ମାତାଲଆଳାପ, ଜ୍ୟୋତ୍ସ୍ନାର ଖିଆଲିଚପଳତା, ଏକ ପ୍ରଚଣ୍ଡ ବିସ୍ଫୋରଣପରି, ବୈଷ୍ଣବ ବ୍ରହ୍ମଚାରୀପରି, ଭଙ୍ଗା ଦେଉଳର ପ୍ରତିଧ୍ୱନି ପରି, ମୂର୍ଚ୍ଛିତ ମଧ୍ୟାହ୍ନରେ, ଏକ ନିଷିଦ୍ଧ ମୁହୂର୍ତ୍ତର ଉତ୍ତେଜନା, ଏକ ନିଷିଦ୍ଧ ଫଳପରି, ଅଭ୍ୟର୍ଥନାର ଗୋଟିଏ ସ୍ମିତହସ, ଭେଲଭେଟି କଣ୍ଠରେ, କାମନାର କଳଘୋଡ଼ା ପରି, ବସନ୍ତର ଚପଳ ରାତ୍ରିପରି, ଅତୀତର ପ୍ରେତଛାୟାପରି, କାଠୁଆ ଗୁରୁଗିରୀ, କ୍ଳାନ୍ତ କୁମାରୀତ୍ୱ, ସ୍ୱର୍ଣ୍ଣାତୁରତାହୀନ ବାର୍ଦ୍ଧକ୍ୟ, ବୁଢ଼ିପୋଡ଼ା ଖରାବେଳ, କଅଁଳିଆ ଗାଧୁଆବେଳେ, ଖରାସିଝା ମୁହଁର କ୍ରୁରତା, କୋଇଲାପରି କଳା ମୁହଁରେ, ହିଂସ୍ରବିଷାକ୍ତ ଆଖିରେ, ଅକୁଣ୍ଠିତ ଆଖିରେ, ଅବ୍ୟକ୍ତ ଆତଙ୍କରେ, ନିରୁପଦ୍ରବ ବିବେକରେ, ଅପାପବିଦ୍ଧ ସୁନ୍ଦରୀମାରେ, ମୂର୍ଚ୍ଛିତ ମଧ୍ୟାହ୍ନରେ, ବ୍ୟଥିତ ଆନନ୍ଦରେ, ନିଦୁଆଳୀ ସହର, ଶ୍ଳେଷବିଦ୍ଧ କଣ୍ଠରେ, ଆହତ ଦୃଷ୍ଟିରେ, ବିଚ୍ଛିନ୍ନ ଭର୍ତ୍ସନା, ବାଉଳାକଣ୍ଠରେ, ବିଶେଷଜ୍ଞ ସୁଲଭ କଣ୍ଠରେ, ଦାର୍ଶନିକ ସୁଲଭ ଅନାସକ୍ତିରେ ଅତ୍ୟନ୍ତ ଅନାସକ୍ତରେ, ଆହେତୁକ ଉତ୍ତେଜନାରେ, ମାର୍ଜିତ ବୈଦଗ୍ଧ ଇତ୍ୟାଦି ।

**ଚିତ୍ରାତ୍ମକ ବାକ୍ୟାଂଶର ଦୃଷ୍ଟାନ୍ତ**

କୁଣ୍ଡାଝଡ଼ା ମେଘ, କଲେଇଛଡ଼ା ଟିଣପରି, ଝୁପିଝୁପି କିଆଜଙ୍ଗଲ, ବର୍ଷା ଉଜୁଡ଼ା କାନ୍ଥ, ଦେଙ୍ଗଭଙ୍ଗା କପ, ଦୃଷ୍ଟିହୀନ ପେଜୁଆ ଆଖି, ଲୋମଶହାତ, ସ୍ୟାହିତଳା ଟେବୁଲ ଉପରେ, ବୁନଧୂଆ ସକାଳ ଉପରେ, ଖରାସିଝା ମୁହଁରେ କ୍ରୁରତା, ସୁନେଲୀ ଖରା, ଶିଶିର ଧୂଆ ଗୋଲାପ, କଟାସିଆ ଆଖି, ବରାଭୟ ମୁଦ୍ରାରେ, ଅଷ୍ଟପ୍ରହରୀର ଭକ୍ତମାନେ ଦଧିଖେଳରେ ନାଚିଲାପରି, ପିଆଜ ପାଖୁଡ଼ା ପରି ରଙ୍ଗା, ବୟସ ସିଝା କଳାଚମ, ଫିକା ଧୂସର ରଙ୍ଗର ଆକାଶ, ନେଳୀ ପୋର୍ସିଲେନ୍ ରଙ୍ଗର ଆକାଶରେ ତମ୍ବାର ରଙ୍ଗ, ମାଛକାତିଆ ଧଳାମେଘ, ତେଲଛିଟିକାବୋଳା ଚଉକି, ଛିଣ୍ଡା ଛିଣ୍ଡାବଉଦର ମାଛକାତିଆ ଆକାଶରେ ଟୁକୁରାଏ ଆକୃତିହୀନ ଚନ୍ଦ୍ର, ଚଉକୋଣିଆ କଳାମୁହଁ, ମେଳାମେଳା ପାଉଁଶିଆ ମେଘଢଙ୍କା ଆକାଶ, ଆସନ୍ନ ଝଡ଼ ପୂର୍ବର ସ୍ତବ୍ଧତା, ଭାବପ୍ରବଣତାର ସାବୁନ୍‌ଫେଣ, ମଧରାତ୍ରିପରି ପରିତ୍ୟକ୍ତ, ପାଉଁଶିଆ ମୁହଁଟା ତାଆଣିଆ *ଝରାପରି ଉଜ୍ଜ୍ୱଳ, ହଳଦୀ ମଖାମଖି ଠେକ୍‌ସି ପ୍ରଭୃତି ।*

**ଧ୍ୱନ୍ୟାତ୍ମକ ବାକ୍ୟାଂଶର ଦୃଷ୍ଟାନ୍ତ**

ଚିନାବାଦାମର ଚୋପାଛଡ଼ା ଶବ୍ଦରେ, ଦାନ୍ତ କଡ଼ମଡ଼କରି, ହାତୁଡ଼ି ପାହାର ପରି, ଠକଠାକ୍ କୁର୍ଣ୍ଣିସ୍, ଚେଁ ଚେଁ ଆକଣ୍ଠରେ ପ୍ରଭୃତି ।

**ବିଶେଷଣବାଚକ ବାକ୍ୟାଂଶର ଦୃଷ୍ଟାନ୍ତ**

ଝମ୍ ଝମ୍ ବର୍ଷା, ଲକ୍ ଲକ୍ ବିଜୁଳୀ, ତମ୍ବାଟିଆ ପାଣିସୁଅ, ନାଲିଗୁ' ଆଲୁଅ, ବାଙ୍ଗଉଠା ଘ୍ର, ନିଦୁଆଳୀ ସହର, ଲେସିହୋଇ ବସିବା, ଷଣ୍ଢିତ ଜୟନାଦ, ସବୁଜ ପ୍ରଶାନ୍ତି, ବାଘା ଓକିଲ, ବେହିସାବୀ ତାରୁଣ୍ୟ, ବିକୃତ ଅହଙ୍କାର, ସମୀକ୍ଷକର ଦୃଷ୍ଟି, ନିର୍ଲଜ୍ଜ ଅପପ୍ରଚାର, ପାଣ୍ଡିତ୍ୟର ପାଲିସ୍, ନିରୀହତାର କଚ୍ଛପପୃଷ୍ଠ, ମେଘୁଆ ଜହ୍ନ ଆଲୁଅ, ଉତ୍ତେଜନାହୀନ ଶୀତଳତା, ହିଂସ୍ର ବିଷାକ୍ତ ଆଖିରେ, ଲୌହସଂଗୀତ, ଗୃହପାଳିତ ଜନକ, ଶ୍ମଶାନ ସୁଲଭ ନୀରବତା, ବନ୍ୟାସୁଲଭ କାମ-ପ୍ରମତ୍ତତା, ମାମଲତକାରୀ ଗାମ୍ଭୀର୍ଯ୍ୟ, ଅଭୟବ୍ୟୂହ, ଶେତାକମଳାଲେମ୍ବୁ ପରି ମୁହଁ, କାଠୁଆ ଗୁରୁଗିରୀ, କିତାବୀଢଙ୍ଗ ।

ଗାଳ୍ପିକ ସୁରେନ୍ଦ୍ରଙ୍କ କ୍ରିୟାବାଚକ, ବିଶେଷଣ ବାଚକ ବାକ୍ୟାଂଶଗୁଡ଼ିକ ଲକ୍ଷ୍ୟକଲେ ନିଜର ଭାବର ସାର୍ଥକ ତଥା ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିପ୍ରକାଶ ଉଦ୍ଦେଶ୍ୟରେ ସ୍ଥଳବିଶେଷରେ ସେ ବ୍ୟାକରଣର ନୀତିନିମୟକୁ ଅବଜ୍ଞା କରିଛନ୍ତି । ମାତ୍ର ତାଙ୍କର ଭାଷାର ଅଧ୍ୟୟନକଲେ ଏହି ସବୁ ବାକ୍ୟାଂଶର ପ୍ରୟୋଗ ଯେ ଗାଳ୍ପିକ ସୁରେନ୍ଦ୍ରଙ୍କ ବିଶେଷତ୍ୱ ତଥା ପାରଦର୍ଶିତାର ପରିଚୟ ବହନ କରୁଛନ୍ତି ଏହା କହିବା ନିଷ୍ପ୍ରୟୋଜନ । ଏଗୁଡ଼ିକ ପୁଣି ଯେପରି ଆକର୍ଷଣୀୟ ସେହିପରି ନୂତନ ମନେ ହୋଇଥାଏ ।

**ସୁରେନ୍ଦ୍ରଙ୍କ ଗଳ୍ପରେ ପ୍ରଯୁକ୍ତ ଭାଷାର ଶବ୍ଦଶିଳ୍ପ**

**ଗ୍ରାମୀଣ ଶବ୍ଦ**

ସୁରେନ୍ଦ୍ରଙ୍କ ଗଳ୍ପରେ ଗ୍ରାମୀଣ ଶବ୍ଦଗୁଡ଼ିକର ପ୍ରୟୋଗ ଏକ ବିଶେଷ ଉଲ୍ଲେଖ ପ୍ରୟୋଜନ କରିଥାଏ । ଏହି ଶବ୍ଦଗୁଡ଼ିକୁ ଲକ୍ଷ୍ୟକଲେ ସୁରେନ୍ଦ୍ରଙ୍କ ଗ୍ରାମୀଣ ଜୀବନ ପ୍ରତି ମମତାବୋଧ ତଥା ତୀକ୍ଷ୍ଣ ଅନୁଶୀଳନର ପ୍ରମାଣ ମିଳିଥାଏ । ଦୃଷ୍ଟାନ୍ତ ସ୍ୱରୂପ ତାଙ୍କର ବିଭିନ୍ନ ଗଳ୍ପରେ ପ୍ରଚଳିତ କେତେକ ଗ୍ରାମୀଣ ଶବ୍ଦକୁ ଏ କ୍ଷେତ୍ରରେ ଉଦ୍ଧାର କରାଯାଉଛି ।

ଜେଲ୍ ଖୁଆଡ଼ରେ, ଠୁଙ୍ଗବସି, ଗୋରୁବାଡ଼ିଆ ମାଡ଼, କୋଳଥବାଡ଼ିଆ, ଭୁକି ହୋଇଯାଏ, ଗୋବର ଗଣେଶ, ଉଖୁରୀ, ଫାଁ ଗାଳି ଦେଇ, ହାତୀଅନ୍ଧ, ଧେଡ଼ିକୁତୀ, ଗୋଗ୍ରାସ, କଟାସ, ରାମାଣ, ଟିକରା, ଝିମେଇ, ଛୁଟଣ, ବେହସତ୍, ପକ୍ଷପରି, ଡିଦସ୍ତା, ତୋଳାକନ୍ୟା, କଟାସିଆଆଖି, କଡାମାଉଁସ, ସୁରୁପମଇତର, ତୁଆ, କତୁରାଇ, ହାବୁଡୁବୁ, ପଲସିଗଲେ, ଡାମ୍ଫଣ, ଗଛବୁର୍ଛି, ପିଠିସେକି, କୋବଲେଇଲେ, ବାଲୁଙ୍ଗା, ବାସୁରା, ନଇଲେ ପଛାନ୍ତି, ଜାଙ୍ଗିଲରେ, ଦୋରସ୍ତ, ଅବୀଜା, ଭାଗତ, ପହିଲା କାବାର, ଉଷକାଣ, ଅର୍ଦ୍ଧାଲୁଆ, ରସାତ୍ତଳ, ଖାତଖଣା, ପାଇକଛି, ଦଣ୍ଡା, ଛଟାମାରି, ଗମରା, ହୁଗୁଡ଼ା, ଝୁଟଣ, ଝିମେଇ, କଟାସିଆ, କାବାର୍, ଫଜେରା, ଡିଦସ୍ତା, ସିରସ୍ତା, ତୁହା ଇତ୍ୟାଦି ।

**ପାର୍ସି, ଆରବିକ୍, ଇଂରାଜୀ, ହିନ୍ଦୀ ଆଦି ଶବ୍ଦ**

ତଦ୍‌ବୀର, ମୁକରିର୍, ଖୁସ୍‌ବୁ, ଇମାରତ୍, ବୁଡ୍‌ବକ୍, ତାମିଲ୍, ବାହାର୍, ଦୁଷରା, ଇସାରା, ଡେପାବଦ୍‌ନା, ମାତଦ୍ଦର, ତଦ୍‌ବିର୍, ଆବ୍‌ଦାର, ଆମେଜ, ଫଜେରା, ଆବ୍‌ଦରିଆ, କାବାର୍, କଦର, ଦରବେଶ୍, ମୋସାହେବି, ତଲ୍ଲାସ, ତଦ୍‌ବିରକାର, ମୈଫିଲ୍, ଲୁଟେରା, ଫଇଫରମାସ,

ଆସ୍ତାନା, ପଟିଆର୍, ଓ୍ୱାଜିଦ୍, ଖାନ୍କୀ, ବେଫିକର, ବେଚ୍‌ୟନୀ, ଆଠସୁ ଇତ୍ୟାଦିର ବାରମ୍ୱାର ପ୍ରୟୋଗ ଦେଖିବାକୁ ମିଳିଥାଏ । ଏତଦ୍‌ଭିନ୍ନ ଇଂରାଜୀ ହିନ୍ଦୀ ଆଦି ଶବ୍ଦଗୁଡ଼ିକ ମଧ୍ୟରୁ ନେହିଁମାଙ୍ଗତା, ଅମିଶ୍ରିତ ବୁର୍ଜୋୟା, ନିର୍ଜଳା ବୁର୍ଜୋୟା ଭାବପ୍ରବଣତା, ରେଆବ୍ କହାଁତକ୍, ହୋଭରକ୍ରାଫ୍‌ଟ, କ୍ରେଟାର୍ ଅଫ୍ ନାଇଟ୍, ସ୍କାଇସ୍କ୍ରେପାର, ସ୍ୱେସ୍‌ସୁଟ୍, ଅଗ୍ନମୂଳ, ରେଡ଼ିଓ ଷ୍ଟଣ୍ଟିୟମ୍, ବୁଟ୍‌ଲେଗାର, ରୋବର୍ଟ, ହୋମାପୋରେ, ମେସିନ୍ ଗନ୍ ଷ୍ଟୁପିଙ୍ଗ, ଶୁଫା, ସାର୍କଜ୍ଜିନ୍‌ଜାକେଟ, ଲୋଫର, ବଟା, ବିଚ୍, ମସ୍ତାନ, ଜାନୁଆରମାନଙ୍କ ମେଟିଙ୍ଗ କଲ୍, ଏକଜିଭିଟ୍, ହାଇଡାଇନ୍, ସିକ୍‌ସନ୍ (ଇଂରାଜୀ ଶବ୍ଦର ଗ୍ରାମ୍ୟ ରୂପ) ଇତ୍ୟାଦିର ବ୍ୟବହାର ଦେଖିବାକୁ ମିଳିଥାଏ ।

**ଆଦିବାସୀ ଶବ୍ଦ**

ଧାଙ୍ଗାଡ଼ା, ଧାଙ୍ଗଡ଼ି, ବଡ଼ବୋଙ୍ଗା, ଇନ୍ଦୁ, ଟାଣ୍ଟୁ, ସୁଖମୁ, ବୀରବୋଙ୍ଗା, ବୁରୁବଙ୍ଗା, ହାସବଙ୍ଗା, ରିମିଲ ବଙ୍ଗା, ସାର୍‌ନା, ଜାକେରୀସ୍ତାନ, ଡୋକ୍ରୀ, ନିପେନୀ, ଡାଙ୍ଗନଇତୁ ଇତ୍ୟାଦି ବହୁ ସୀମିତ ଆଦିବାସୀ ଶବ୍ଦର ବ୍ୟବହାର ଗଳ୍ପଗୁଡ଼ିକରେ ଲକ୍ଷ୍ୟ କରାଯାଇଥାଏ । 'ଖାଦାନୀ' ଗଳ୍ପରେ ଅବଶ୍ୟ ଆଦିବାସୀ ଭାଷାର ପାତ୍ର ଉପଯୋଗୀ କେତେକ ବାକ୍ୟ ମଧ୍ୟ ବ୍ୟବହାର କରାଯାଇଛି ।

**ପୁରାଣ, ଇତିହାସ ଓ କିମ୍ବଦନ୍ତୀର ବିଭିନ୍ନ ଶବ୍ଦ**

ରକ୍ତବୀର୍ଯ୍ୟ, କବନ୍ଧଜନତା, କୁମ୍ଭକର୍ଣ୍ଣ, ଅଭିମାନିନୀ ତଅପୋଇ, ଗୋଲକପୁତ୍ର, କୁବେର,ମତ୍ସ୍ୟନ୍ୟାୟ, ଆଲିବାବାର ଗହ୍ୱର, ନବ୍ୟଘହଜିଆ କୁକୁରୀପାଦ, ମାର୍ତ୍ତକେୟ, ଗୋଳପୁବ, ଅଣସରତାଟି, ଏକ ଦକ୍ଷଯଜ୍ଞ ବ୍ୟାପାର, ଅଷ୍ଟବକ୍ରୀ ଇତ୍ୟାଦି ଶବ୍ଦ ।

**ନୂତନ ଶବ୍ଦ**

କାଉଁଲିଆ, (କଅଁଳିଆ ଶବ୍ଦରୁ) ଲାଳାସିକ୍ତ, ଶୁଭବଳି, ପାରିଷ୍ୟନ୍ତି, ନିର୍ବାଦୀ, ବିଚ୍ଛିନ୍ନ ଭର୍ତ୍ସନା, ଅଶ୍ଳୀଳପୂର୍ଣ୍ଣଚ୍ଛେଦ, ବକ୍ଷ୍ୟମାଣ, ସରବ ସ୍ୱଗତୋକ୍ତି, ବେହିସାବୀତାରୁଣ୍ୟ, କ୍ଳେଦାକ୍ତ ଜଞ୍ଜାଳ, ବୁଲେଟ, ଯନ୍ତ୍ରିତ ଜୀବନ, ଓେଷ୍ୟସଂଗୀତ, ନିଆଁରଫୁଲ୍‌କୀ, ହସ୍ତକେଶା, ଆସ୍ତାନା, ପବିତ୍ରିତ, ପେଟୀ, ଫିଡ଼ିକି, ନିର୍ବାଚନିକ,ଜମ୍‌କେଇ ।

**ବାରଂବାର ବ୍ୟବହୃତ କେତେକ ଶବ୍ଦ ଓ ବାକ୍ୟାଂଶ**

ନାନଜଣା ଫୁଲ, ଅଶରୀର ଚନ୍ଦ୍ରଜ୍ୟୋତ୍ସ୍ନା, ପିଆଜପାଖୁଡ଼ା ପରି ରଙ୍ଗ, ଫୁରୁକୁଟିଆ ଗନ୍ଧ, ବେତ୍ରାହତପରି, ହୋମଡ଼ାଚୋମଡ଼ା, ପ୍ରାଗୈତିହାସିକ ଇତ୍ୟାଦି ବହୁ ଶବ୍ଦ ପ୍ରତି ଗାଳ୍ପିକ ସୁରେନ୍ଦ୍ରଙ୍କ ଆଶକ୍ତି ଥିବା ଲକ୍ଷ୍ୟ କରାଯାଇପାରେ ।

**ସମୋଚ୍ଚାରିତ ଶବ୍ଦ**

ସୁରେନ୍ଦ୍ରଙ୍କ ଗଳ୍ପରେ ବହୁ ଭାବରେ ସମୋଚ୍ଚାରିତ ଶବ୍ଦଗୁଡ଼ିକ ପ୍ରଯୁକ୍ତ ହୋଇଛି । ସ୍ଥଳବିଶେଷରେ ଏକ ଏକ ସମୋଛରିତ ଶବ୍ଦ ବାରମ୍ୱାର ବ୍ୟବହୃତ ହୋଇଛି । ସେଗୁଡ଼ିକୁ ଆଲୋଚନାର ସୁଗମତା ପାଇଁ ବିଭିନ୍ନ ପର୍ଯ୍ୟାୟରେ ବିଭକ୍ତ କରି ଏଠାରେ ଉପସ୍ଥାପନ କରାଯାଉଛି ।

**ସଂଖ୍ୟାବାଚକ** ଲକ୍ଷ ଲକ୍ଷ, ଯୁଗ ଯୁଗ ହଜାର ହଜାର, ଏକା ଏକା, ଗୋଟି ଗୋଟି, ଗୋଟାଏ ଗୋଟାଏ, ଗଣ୍ଡା ଗଣ୍ଡା, କୋଟି କୋଟି ।

**କ୍ରିୟାବାଚକ** ଘୁମୁରି ଘୁମୁରି, ବଜର ବଜର, ଝିମ୍‌ଝିମ୍, ଅଡ଼େଇ ଅଡ଼େଇ, ହାଡ଼େଇ ହାଡ଼େଇ, ଘୁଷୁରି ଘୁଷୁରି, ଘଷି ଘଷି, ରେଣ୍ଟି ରେଣ୍ଟି, ଝିମେଇ ଝିମେଇ,  ଘୁଷୁରି ଘୁଷୁରି, ହାମୁଡ଼େଇ ହାମୁଡ଼େଇ, ପଛେ ପଛେ, ପଡ଼ିପଡ଼ି, ପିଟି ପିଟି, ଧୀରେ ଧୀରେ, ଛୋଟେଇ ଛୋଟେଇ, ଲୁଚି ଲୁଚି, ଟାଣି ଟାଣି, ଚୋବାଇ ଚୋବାଇ, ଭାସି ଭାସି, ଖୋଜି ଖୋଜି, ଉଡ଼ି ଉଡ଼ି, ଡାକି ଡାକି, ବୁଲି ବୁଲି, ବସି ବସି, ଭାଙ୍ଗି ଭାଙ୍ଗି, ମାରି ମାରି, କରି କରି, ଫୁଙ୍କି ଫୁଙ୍କି, ମନାଉ ମନାଉ, ସଜାଡ଼ୁ ସଜାଡ଼ୁ, ଆଉଁଷି ଆଉଁଷି, ଛେଚି ଛେଚି, ଚିହ୍ନା ଚିହ୍ନା, ଛିଣ୍ଡି ଛିଣ୍ଡି, ଗାରଡ଼େଇ ଗାରଡ଼େଇ ।

**ରୂପ ବାଚକ** ଲକ୍‌ଲକ୍, ଫଣଫଣିଆ, କିଟ୍‌କିଟ୍, ମଜିମଜିଆ, କଳା ମୁଚ୍‌ମୁଚ୍, ଦପ୍‌ଦପ୍, ବଙ୍କା ବଙ୍କା, ଫୁଲାଫୁଲା, ଥୋପି ଥୋପି, ଝଲମଲ, ଢେଉ ଢେଉକା, ଦିକ୍ ଦିକ୍, ଚିକ୍‌ଚିକ୍, ଗୋଲ୍‌ଗୋଲ୍, ମିଞ୍ଜି ମିଞ୍ଜି, ନୁଖୁରା ନୁଖୁରା, ପୁରଫୁର୍ ।

**ଧ୍ୱନିବାଚକ** ଗୁରୁଗୁରୁ, ଦୁମ୍‌ଦୁମ୍, ଦୁଲ୍‌ଦୁଲ୍, ଭୁଡ଼୍‌ଭୁଡ଼ି, କିଚିରିମିଚିରି, ଦୁକ୍‌ଦୁକି, ମଚ୍‌ମଚ୍, ଟିକ୍‌ଟିକ୍, ରିଣିଝିଣି, କିତ୍‌ଦିକ୍ କିତ୍‌ଦିକ୍, ଠକ୍‌ଠାକ୍, ଚେଁଚେଁଇଁଆ, ଥପ୍‌ଥପ୍ ଲହରେଇ ଲହରେଇ, କିଳିକିଳା, ଝିମ୍‌ଝିମ୍, ସୁଁସୁଁ, ଖୁଁଖୁଁ, ଖଣ୍ଡିଖଣ୍ଡି, ଠକ୍‌ଠକ୍, ଟରେଟକ୍‌କ୍ ଟିକ୍ ଟିକ୍ ଟିକ୍, ଫ୍ଲପ୍‌ଫ୍ଲପ୍ ଝଣଝଣ, ଭୁକ୍‌ଭୁକ୍, ବିଳିବିଳା, ଖଟ୍‌ଖାଟ୍, ସାଇଁ ସାଇଁ, କଡ଼ କଡ଼,. କିଡ଼ିକିଡ଼ି, ହିହି, ଗଣ୍ଠୁଗୁଣ୍ଠୁ, ଫିସ୍‌ଫିସ୍, ଖସ୍‌ଖସ୍, ଗଣଗଣ, ଚର୍‌ଚର୍, କଅଁ କଅଁ, ଖିଲ୍‌ଖିଲ୍, ଟୁଙ୍ଗ୍‌ଟାଙ୍ଗ ।

**ପରିମାଣବାଚକ** ମେଞ୍ଚାମେଞ୍ଚା, ଲମ୍ଫଝମ୍ପ, ଲମ୍ବାଲମ୍ବା, ବିନ୍ଦୁବିନ୍ଦୁ, ଖଣ୍ଡେଖଣ୍ଡେ, ମୁଠାମୁଠା, ଲମ୍ବିଲମ୍ବି, ଟୁକୁରାଟୁକୁରା, ମୁଣ୍ଡାମୁଣ୍ଡା, ଚୁନିଚୁନି ।

**ଅବସ୍ଥାବାଚକ** କୁଣ୍ଢିକୁଣ୍ଢି, ଛିଗୁଲେଇ ଛିଗୁଲେଇ, ଟଙ୍କନଙ୍କ ଝିମିଝିମି, ଠୁଙ୍ଗଠୁଙ୍ଗା, ଖିନ୍‌ଭିନ୍, ଧିରେଧିରେ, ଡୁଳୋଉ ଡୁଳୋଉ, ପଡ଼ିପଡ଼ି, କାନ୍ଦି କାନ୍ଦି, ଆପେଆପେ, କାମୁଡ଼ିକାମୁଡ଼ି, ଝିମ୍‌ଝିମ୍, ଆଗେଆଗେ, ନିରିଖିନାରିଖି, ଅଳସ ଢୁଳୁଢୁଳୁ, ଫୁଙ୍କିଫୁଙ୍କି, ଢ଼ଳଢ଼ଳ, ଫଣେଫଣିଆ, ସାପେଇ ସାପେଇ, ମିଳିମିଳି, ଚିପିଚିପି, ଫିଟିଫିଟି, ଘଷିଘଷି, ଥରଥର, ଛାଇଛାଇଆ, ପାଚିପାଚି, ଫରଫର, କାଳକାଳ, ଥୁରୁଥୁରୁ, ଡଗଡଗ, ଘୁର୍‌ଘୁର୍, ଖୁସ୍‌ଖୁସ୍ ।

**ପରିବେଶବାଚକ** ଠାଏଠାଏ, ଦୋଳିଦୋଳି, ଦାଣ୍ଡେଦାଣ୍ଡେ, ସ୍ଥାନେସ୍ଥାନେ, ଉଞ୍ଚାଉଞ୍ଚା ।

**ବର୍ଣ୍ଣବାଚକ** କଳାକଳା, କଳାବାଲୁବାଲୁ, ଜାଲଜାଲୁଆ, ଢ଼ଳଢ଼ଳ, ନାଲିନେଳୀ, କଳା ପଟାପଟ୍ଟା, ଦିକିଦିକି. କଳା ମଚ୍‌ମଚ୍ ।

**ବସ୍ତୁବାଚକ** ପିତାଳୁ ପିତାଳୁ, ପାଉଁରୁଟି ପାଉଁରୁଟି, ବାଲଟି ବାଲଟି ।

**ବିଶେଷଣବାଚକ** ଦନ୍ତାଦନ୍ତା, ଛେଳିଆଛେଳିଆ ।

ଶବ୍ଦର ଯାଦୁଖେଳରେ ଗାଳ୍ପିକ ସୁରେନ୍ଦ୍ର ନିଜ ଭାବ ସମ୍ପଦକୁ ଅଧିକ ଗଭୀର ଭାବେ ଉପସ୍ଥାପନ କରିପାରିଛନ୍ତି । କାରଣ ତାଙ୍କର ଶବ୍ଦ ସଂଯୋଜନାକୁ ଲକ୍ଷ୍ୟ କଲେ ତାହା ଅତ୍ୟନ୍ତ ଚମତ୍କାର ମନେ ହୋଇଥାଏ ।

ତାଙ୍କ ଶବ୍ଦ ଶିଳ୍ପ ପାଠକ ତଥା ଶ୍ରୋତା ମନରେ ଆପେ ଆପେ ଭାବ ସୃଷ୍ଟି କରିଥାଏ, ଯାହାଫଳରେ ପାଠକ ତଥା ଶ୍ରୋତା ତାଙ୍କ ସୃଷ୍ଟି ମଧ୍ୟରେ ତଲ୍ଲୀନ ହୋଇ ପଡ଼ିଥାଏ । ଶବ୍ଦ ଚୟନର ସତର୍କତା, ବାକ୍ୟ ଗଠନ କୌଶଳ, ସୁବିନ୍ୟସ୍ତ ଭାଷା ପ୍ରୟୋଗ, ଅର୍ଥାବଗତିର ସ୍ୱଚ୍ଛତା, ଭାବଧାରାର ସଙ୍ଗତି, ରଚନାର ଅନ୍ତଃସୌନ୍ଦର୍ଯ୍ୟ ବିଧାନ ନିମନ୍ତେ କଳାବୋଧ, ଗଳ୍ପ ରଚନା ମଧ୍ୟରେ ଗାଳ୍ପିକଙ୍କ ନିଜସ୍ୱ ଭାବଦୃଷ୍ଟି ଓ ଅନ୍ତର୍ବାଣୀ ସମନ୍ୱୟ ଦ୍ୱାରା ରଚନାର ନୈପୁଣ୍ୟ, ମନୋହାରିତା ଓ ସକ୍ରିୟତା ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକର ଭାଷା ପ୍ରୟୋଗରେ ସମ୍ପାଦିତ ହୋଇଥିବା ପରିଲକ୍ଷିତ ହୁଏ ।

**ସୁରେନ୍ଦ୍ରଙ୍କ ଗଳ୍ପର ଉପମାନ**

କାବ୍ୟ କବିତାର ପରମ୍ପରାରେ ଉପମାନ, ଚିତ୍ରକଳ୍ପ ଓ ପ୍ରତୀକର ବ୍ୟବହାର ଦେଖାଯାଉଥିଲେ ହେଁ ଗଳ୍ପ ଉପନ୍ୟାସରେ କଥାକାରର କଳ୍ପନା ଶକ୍ତିକୁ ଉଦ୍‌ବୁଦ୍ଧ କରିବା ପାଇଁ ଏଗୁଡ଼ିକ ଅନେକ ପରିମାଣରେ ସାହାଯ୍ୟ କରିଥାଏ । ପାଠକ ଚିତ୍ତରେ ଯେଉଁ କବି ସୁଲଭ ସତ୍ତା ରହିଥାଏ, ତାହା ଏହାରି ଦ୍ୱାରା ଅନେକାଂଶରେ ରସୋତ୍ତୀର୍ଣ୍ଣ ହୋଇଥାଏ । ଏଠାରେ ଗାଳ୍ପିକ ସୁରେନ୍ଦ୍ରଙ୍କ ଉପମାନ ଚିତ୍ରକଳ୍ପ ଆଦି ଯେଉଁସବୁ ବିବିଧ ପର୍ଯ୍ୟାୟରୁ ଗୃହିତ ହୋଇଛି ସେ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରାଯାଉଛି ।

**ପଶୁ**

ଗାଳ୍ପିକ ସୁରେନ୍ଦ୍ର ତାଙ୍କର ଗଳ୍ପଗୁଡ଼ିକ ମଧ୍ୟରେ ବିଭିନ୍ନ ପଶୁକୁ ଅବଲମ୍ବନ କରି ବିଭିନ୍ନ ଚିତ୍ର ଉପସ୍ଥାପନ କରିଛନ୍ତି । କେତେକ ନିର୍ବାଚିତ ଦୃଷ୍ଟାନ୍ତ ମାଧ୍ୟମରେ ଏଠାରେ ତାର ଆଲୋଚନା କରାଯାଉଛି ।

"ପଛ ମଡ଼ଗାର୍ଡ଼ଟି ଭଙ୍ଗା ଠା ଠା ରଙ୍ଗଛାଡ଼ି ଯାଇଥିବାରୁ ଦେଖାଯାଏ ଠିକ୍ ଗୋଟାଏ ଲୋମହୀନ ସାରମେୟ ପରି ।"(ମହାନ୍ତି, 'ମଣିଷ ଓ ଅର୍ଥନୀତି', ପୃ: ୫୧)

"ଶିଶୁ ଚାହିଁ ରହିଛି କ୍ଷୁଧାର୍ତ୍ତ କୁକୁର ପରି ।"(ମହାନ୍ତି, 'ଭାଗାବନ୍ତ')

ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକରେ ବହୁ ସ୍ଥଳରେ ଲୋମହୀନ ସାରମେୟ, ବୁଲା କୁକୁର ଭଳି ଉପମାନ ବ୍ୟବହାର ଦେଖାଗଲେ ହେଁ ଉପରୋକ୍ତ ଦୁଇଟି ଦୃଷ୍ଟାନ୍ତରେ ଲୋମହୀନ ସାରମେୟ ସହିତ ସାଇକଲର ତୁଳନା ଏକ ଚିତ୍ରାତ୍ମକ ରୂପ ପ୍ରଦାନ କରି ପାରିଛି ତଥା କ୍ଷୁଧାର୍ତ୍ତ କୁକୁରର ଅବସ୍ଥା ସହିତ ଶିଶୁର ଚାହିଁବାର ତୁଳନା ବ୍ୟଞ୍ଜନାଧର୍ମୀ ହୋଇପାରିଛି । ଏତଦ୍‌ଭିନ୍ନ ସୁରେନ୍ଦ୍ରଙ୍କ ଗଳ୍ପ ମଧ୍ୟରେ ଆହତ ବନ୍ୟ ପଶୁପରି, ବ୍ୟାଧତ୍ରସ୍ତ ହରିଣ ପରି ଆଦି ଉପମାନର ବହୁଳ ବ୍ୟବହାର ପରିଲକ୍ଷିତ ହୋଇଥାଏ, ମାତ୍ର ବ୍ୟାଧ ଓ ଶିକାର ସମ୍ବନ୍ଧୀୟ ତାଙ୍କର ସୂକ୍ଷ୍ମ ଅନୁଧ୍ୟାନର ଫଳ ସ୍ୱରୂପ ଏଠାରେ ଗୋଟିଏ ମାତ୍ର ଉପମାନର ଦୃଷ୍ଟାନ୍ତ ଉଦ୍ଧାର କରାଯାଉଛି ।

"ଅସହାୟ କିଂକର୍ତ୍ତବ୍ୟବିମୂଢ଼, ନିରୁପାୟ ଶିକାର ଯେପରି ଶିକାରୀର ଆକ୍ରମଣରୁ ଆତ୍ମରକ୍ଷା କରେ ।"(ମହାନ୍ତି, 'ଭାରତ ଆବିଷ୍କାର', ପୃ: ୬୨)

ବିଭିନ୍ନ ପଶୁର ବ୍ୟବହାର, ପ୍ରକୃତି ଓ ଅବସ୍ଥା ପ୍ରତି ଗାଳ୍ପିକ ସୁରେନ୍ଦ୍ରଙ୍କ ସୂକ୍ଷ୍ମ ଅନୁଧ୍ୟାନର ଫଳଶ୍ରୁତି ରୂପେ ଉପମାନର ଯେଉଁ ବିପୁଳ ଭଣ୍ଡାର ତାଙ୍କ ଗଳ୍ପରେ ପରିଲକ୍ଷିତ ହୁଏ ତନ୍ମଧ୍ୟରୁ କେତେକ ଦୃଷ୍ଟାନ୍ତ ଏଠାରେ ପ୍ରଦାନ କରାଯାଉଛି ।

"ହିଂସ୍ରଜନ୍ତୁର ତୀକ୍ଷ୍ଣ ଦାନ୍ତ ପରି, ରାତିର ଶୀତ ଚମଡ଼ା ଫୁଟାଇ ଦେଇଛି -" (ମହାନ୍ତି, 'ଭାରତ ଆବିଷ୍କାର', ପୃ: ୬୩)

"ବିଲେଇ ମୂଷା ଉପରେ ଝାମ୍ପ ଦେବା ପୂର୍ବରୁ ଥରେ ଅତି ସନ୍ତର୍ପଣରେ ଚାରିକଡ଼ ପ୍ରଦକ୍ଷିଣ କରି ଆସିଲା ପରି -"(ମହାନ୍ତି, 'ସାଇକଲ ଚୋର')

"ଦନ୍ତା ମାଙ୍କଡ଼ ପରିଖିଙ୍କାରି ହେଉଛି କାହିଁକି" (ମହାନ୍ତି, 'ଘନିଆର ଗଣେଶ ଚତୁର୍ଥୀ')

"ଚିତାବାଘ ସାମ୍ନାର ଶିକାର ଆଡ଼େ ଚାହିଁଲା ପରି" (ମହାନ୍ତି, 'ଖାଦାନୀ')

"କ୍ଷୁଧିତ ଚିତା ଶିକାରର ଅନ୍ତନାଡ଼ି ଛିନ୍ନଭିନ୍ନ କରି ଛିଣ୍ଡାଇ ନେବା ପରି" (ମହାନ୍ତି,'ସଭ୍ୟତାର ଗ୍ରାସ')

"କ୍ଷୁଧିତ ଜାନୁଆର ଶିକାର ଉପରେ ଲମ୍ଫ ଦେବା ପରି" (ମହାନ୍ତି, 'ସେଇ ଲୋକଟା')

ଏତଦ୍‌ଭିନ୍ନ ସାମାଜିକ ପରିବେଶରେ ବିଭିନ୍ନ ପଶୁର ବ୍ୟବହାର ଓ ଅବସ୍ଥାକୁ ଲକ୍ଷ୍ୟ କରି ଗାଳ୍ପିକ ସୁରେନ୍ଦ୍ର କେତେକ ଉପମାନର ବ୍ୟବହାର କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ :

"ଅର୍ଗଳି ଦେହରେ ଛେଳି ବେକପୁରାଇଲା ପରି -" (ମହାନ୍ତି, 'ସାଇକଲ ଚୋର')

"ମେଣ୍ଢାଛୁଆ କଂସେଇ ଆଡ଼େ ଚାହିଁଲା ପରି -" (ମହାନ୍ତି, 'ସାତ ଭଉଣୀ')

"ପିଞ୍ଜରା ଭିତରେ ଅଟକି ପଡ଼ିଥିବା ବଣ୍ୟଜନ୍ତୁ ପରି" (ମହାନ୍ତି, '୦୪ କାଲ୍‌କାଟା')

"ଯୂପକାଠକୁ ଯିବା ପୂର୍ବରୁ ଅସହାୟ ଛାଗ ଶିଶୁପରି -" (ମହାନ୍ତି,'କେନ୍ଦ୍ରାତୀଗ')

"ଆହତ ପଶୁ ନିଜ ଦେହର କ୍ଷତକୁ ଚାଟିନେବା ପରି" (ମହାନ୍ତି,'କେନ୍ଦ୍ରାତୀଗ')

"ବ୍ୟାଘ୍ର ଅଥବା ସର୍ପିଣୀ ଆଖି ଦୁଇଟାକୁ ସଙ୍କୁଚିତ କରିନେବା ପରି" (ମହାନ୍ତି, 'କେନ୍ଦ୍ରାତୀଗ')

ଗାଳ୍ପିକ ସୁରେନ୍ଦ୍ରଙ୍କ ପଶୁ ସମ୍ବନ୍ଧୀୟ ଉପମାନଗୁଡ଼ିକ ଅନୁଧ୍ୟାନ କଲେ ଦେଖାଯାଏ ପଶୁର ଅସହାୟତା, ହିଂସ୍ରତା ବିଶେଷ ଭାବରେ ଅନୁଧ୍ୟାନ କରି, ସେ ଉପମାନର ସାର୍ଥକ ପ୍ରୟୋଗ କରିଛନ୍ତି । ବିଭିନ୍ନ ଗଳ୍ପରେ ପଶୁ ସମ୍ବନ୍ଧୀୟ ଉପମାନକୁ ଲକ୍ଷ୍ୟକଲେ ପରିବେଶ ପ୍ରଭାବିତ ମଣିଷ ପ୍ରତି ଗାଳ୍ପିକ ସୁରେନ୍ଦ୍ରଙ୍କ ଦୃଷ୍ଟି ତାଙ୍କର ବହୁ ଉପମାନ ମାଧ୍ୟମରେ ବ୍ୟଞ୍ଜିତ ହୋଇଥିବା ମନେହୁଏ ।

**ପକ୍ଷୀ**

ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକରେ ପକ୍ଷୀ ସମ୍ବନ୍ଧୀୟ ଉପମାନ ଅନୁଧ୍ୟାନ କଲେ, ବିଭିନ୍ନ ପକ୍ଷୀ ଓ ତାର ଅବୟବ ତଥା ଅବସ୍ଥା ଓ ବ୍ୟବହାର ଉପମାନ ରୂପେ ବ୍ୟବହାର କରାଯାଇଛି । ଦୃଷ୍ଟାନ୍ତ ସ୍ୱରୂପ :-

"ଇଗଲ ପକ୍ଷୀ ପରି ଝାମ୍ପି ନେଇଗଲା-" (ମହାନ୍ତି, 'ଅଷ୍ଟ୍ରେଲିଆ')

"ଆହତ ଇଗଲ୍ ପକ୍ଷୀ ପରି-" (ମହାନ୍ତି,'ଖ୍ରୀ:ଅ: ୨୦୬୬')

"ଇଗଲ୍‌ର କଳାବଙ୍କା ନଖପରି -" (ମହାନ୍ତି, 'ନିଃସଙ୍ଗ ଆକାଶ')

"ଦୌଡ଼ି ଚାଲିଗଲା ଚିଲପରି -" (ମହାନ୍ତି,'ଅଷ୍ଟ୍ରେଲିଆ')

"ଚିଲ ଝାମ୍ପି ନେବା ପରି -" (ମହାନ୍ତି, 'ଦ୍ୱିପଦର ଗ୍ରାସ')

"ବଗସବୁ ମୌନୀ ସାଧୁପରି -" (ମହାନ୍ତି,'ମୃତ୍ତିକାର ଆତ୍ମା')

"ଥଣ୍ଡିଆ ବଗ ପରି -" (ସୁରେନ୍ଦ୍ର, 'ହତ୍ୟାକାରୀ କିଏ')

ଗାଳ୍ପିକ ସୁରେନ୍ଦ୍ରଙ୍କ ପକ୍ଷୀ ସମ୍ବନ୍ଧୀୟ ଉପମାନ ଲକ୍ଷ୍ୟ କଲେ, ତାଙ୍କର ବିଭିନ୍ନ ଗଳ୍ପରେ ଇଗଲ, ଚିଲ ଓ ବଗ ସମ୍ବନ୍ଧୀୟ ଉପମାନ ବ୍ୟତିରେକେ, ବାଦୁଡ଼ି ପରି, ଦିପହରିଆ କପୋତ ପରି, ଚିଲପରି, କପୋତର ବିଳାପ ପରି, ଶରତ ଆକାଶରେ ବଳାକା ପରି, ଆହତ ପକ୍ଷୀ ପରି, ଶେଷ ବସନ୍ତର କୋକିଳର କୁହୁ ଧ୍ୱନି ପରି, ଶାର୍ଗୁଣାର କ୍ଷୁଧିତ ପକ୍ଷୀ ପରି, କ୍ଷୁଧାର୍ତ୍ତ ଶ୍ୟେନର ଦୃଷ୍ଟି ଆଦି ଉପମାନତାଙ୍କ ଗଳ୍ପରେ ବହୁ ସ୍ଥଳରେ ବ୍ୟବହୃତ ହୋଇଥିବା ଲକ୍ଷ୍ୟ କରାଯାଏ । ଏହିସବୁ ଉପମାନକୁ ଲକ୍ଷ୍ୟ କଲେ ପୂର୍ବ ଉଦ୍ଧୃତ ବଗସବୁ ମୌନୀ ସାଧୁପରି ଉପମାନ ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠ'ର ଅସୁରଦିଘି ବର୍ଣ୍ଣନାରେ ବ୍ୟବହୃତ ଉପମାନ ସ୍ମରଣ ହୋଇଥିଲା। ସମଗ୍ରରେ, ଅନ୍ୟ ଉପମାନଗୁଡ଼ିକରେ ଗାଳ୍ପିକ ସୁରେନ୍ଦ୍ରଙ୍କ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ । ସୁରେନ୍ଦ୍ରଙ୍କ 'ବିସର୍ଜନ' ଗଳ୍ପରେ ହରେକୃଷ୍ଣ ଚୌଧୁରୀଙ୍କ ରାଧାପୁର ଇଷ୍ଟେଟ୍ ଆଗମନ ପ୍ରସଙ୍ଗରେ ପ୍ରଯୁକ୍ତ ଉପମାନ 'ଶରତ ଆକାଶର ବଳାକା ପରି'କୁ ଲକ୍ଷ୍ୟକଲେ ତାଙ୍କର ଉପମାନ ପ୍ରୟୋଗରେ ତୀକ୍ଷ୍ଣ ଅନୁଧ୍ୟାନ ଓ ବ୍ୟଞ୍ଜନାର ସ୍ୱର ପରିଲକ୍ଷିତ ହେବା ସହିତ ଏହି ଉପମାନ ସମ୍ପୂର୍ଣ୍ଣ ଅଭିନବ ତଥା ଚରିତ୍ରର ପ୍ରକୃତି ଦୃଷ୍ଟିରୁ ଯୁକ୍ତିନିଷ୍ଠ । ଏହିଭଳି ଭାବରେ ଲକ୍ଷ୍ୟକଲେ ତାଙ୍କର ବିଭିନ୍ନ ଉପମାନ ପ୍ରୟୋଗରେ ବ୍ୟଞ୍ଜନାତ୍ମକ ଦୃଷ୍ଟିକୋଣ ପରିଲକ୍ଷିତ ହୋଇଥାଏ ।

**ସରୀସୃପ ଓ ଅନ୍ୟାନ୍ୟ ପ୍ରାଣୀ**

ସୁରେନ୍ଦ୍ରଙ୍କର ଗଳ୍ପଗୁଡ଼ିକ ଲକ୍ଷ୍ୟ କଲେ, ମାଛ, କୁମ୍ଭୀର ଆଦି ଜଳଚର ପ୍ରାଣୀ, କେତେକ ଆଦିମ ପ୍ରାଣୀ, ସର୍ପ, ଏଣ୍ଡୁଅ ଆଦି ସରୀସୃପ ତଥା କୀଟପତଙ୍ଗାଦି ଉପମାନ ରୂପେ ବ୍ୟବହୃତ ହୋଇଥିବା ଦେଖାଯାଇଥାଏ । ଦୃଷ୍ଟାନ୍ତସ୍ୱରୂପ ମଲାମାଛର ଆଖିପରି, ଅକ୍ଟୋପସ୍‌ର ଟେଣ୍ଟାକଲ ପରି ପ୍ରାଗ୍ ଐତିହାସିକ ଡାଇନୋସାର ପରି, ଆହତ ସରୀସୃପ ପରି, ପ୍ରଜାପତି ପରି, ମୁଗ୍ଧ ପତଙ୍ଗ ପରି, ପଙ୍ଗପାଳ ପରି, ପିମ୍ପୁଡ଼ି ଧାର ପରି, ବୃଶ୍ଚିକ ଦଂଶନ ପରି, ଆଦି ଉପମାନ ତାଙ୍କର ଗଳ୍ପଗୁଡ଼ିକରେ ବାରମ୍ବାର ବ୍ୟବହୃତ ହୋଇଥିବା ପରିଲକ୍ଷିତ ହୋଇଥାଏ । ଏହି ଶ୍ରେଣୀର ଉପମାନ ଚୟନରେ ସୁରେନ୍ଦ୍ରଙ୍କ ଯେଉଁ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ, ତାହା କେତୋଟି ଦୃଷ୍ଟାନ୍ତ ମାଧ୍ୟମରେ ଏଠାରେ ଆଲୋଚନା କରାଯାଉଅଛି ।

"ସମ୍ବାଳୁଆ ମୃତ୍ୟୁ ପୂର୍ବରୁ ରଙ୍ଗୀନ ପ୍ରଜାପତିରେ ରୂପାନ୍ତରିତ ହୋଇ ଡେଣା ମେଲିଦେବାର ପରି -" (ମହାନ୍ତି, 'ତାତା')

"ବିବର୍ଣ୍ଣ ଉଦ୍ୟାନରେ ଗୋଟିଏ ଦୁଇଟି ନିଃସଙ୍ଗ ପ୍ରଜାପତି ପରି ଜଣେ ଅଧେ ଟୁରିଷ୍ଟ" (ମହାନ୍ତି,'ଅଦିନର ଅତିଥି')

"ଶତମକ୍ଷିକାର ଗୁଞ୍ଜରଣ ପରି ଉପୋଷଥ ବ୍ରତଧାରୀ ଭିକ୍ଷୁମାନଙ୍କର ଧାରଣୀ ଆବୃତ୍ତିର ଅନୁନାସିକ ସଙ୍ଗୀତରେ ଗୁହକୁଟ ବିହାର ଏକ ମଧୁଚକ୍ରର ଭ୍ରମ ସୃଷ୍ଟି କରିଥିଲା ।" (ମହାନ୍ତି, 'ମହାନିର୍ବାଣ')

"ଇନସୁରାନ୍ସରେ ମହୁମାଛି ପରି ନିଜେ ମହୁ ସଂଗ୍ରହ କରି ଶେଷରେ ବଞ୍ଚିତ ହେବ ।" (ମହାନ୍ତି, 'ମାଂସର କୋଣାର୍କ')

ଉପରୋକ୍ତ ଦୃଷ୍ଟାନ୍ତଗୁଡ଼ିକ ଲକ୍ଷ୍ୟକଲେ ଗାଳ୍ପିକ ସୁରେନ୍ଦ୍ରଙ୍କ ଉପମାନ ପ୍ରୟୋଗ କ୍ଷେତ୍ରରେ ବିଭିନ୍ନ ଅବସ୍ଥା ପ୍ରତି ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ତଥା ସଚେତନତା ପରିଲକ୍ଷିତ ହୋଇଥାଏ । 'ତାତା' ଗଳ୍ପରେ ରମଣୀକାନ୍ତଙ୍କ ବୃଦ୍ଧାବସ୍ଥାରେ ରୋମାଣ୍ଟିକ ଭାବବିହ୍ୱଳତା ତଥା ଉଚ୍ଛୃଙ୍ଖଳତା ପ୍ରତି ସଜାଗ ଦୃଷ୍ଟି ରଖି ପ୍ରୟୋଗ କରାଯାଇଥିବା ସମ୍ବାଲୁଆର ପ୍ରଜାପତିରେ ରୂପାନ୍ତରିତ ହେବା ଉପମାନ ଗାଳ୍ପିକ ସୁରେନ୍ଦ୍ରଙ୍କ ତୀର୍ଯ୍ୟକ୍ ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଥାଏ । ଅନୁରୂପ ଭାବେ ମସୋରୀ ସହରର ଶୀତକାଳୀନ ବିବର୍ଣ୍ଣ ଅବସ୍ଥା ତଥା ପରବର୍ତ୍ତୀ ମହୁମାଛି ସମ୍ପର୍କିତ ଦୁଇଟି ଉପମାନରେ ଗାଳ୍ପିକ ସୁରେନ୍ଦ୍ରଙ୍କ ତୀକ୍ଷ୍ଣ ଅନୁଧ୍ୟାନ ଓ ଅନୁସନ୍ଧିତ୍ସାର ଚିତ୍ର ଦେଖିବାକୁ ମିଳିଥାଏ ।

**ପ୍ରକୃତି**

ଗାଳ୍ପିକ ସୁରେନ୍ଦ୍ର ନିଜ ଗଳ୍ପଗୁଡ଼ିକରେ ପ୍ରାକୃତିକ ଦୁର୍ବିପାକ ଆଦିକୁ କେନ୍ଦ୍ର କରି କେତେକ ଉପମାନର ପ୍ରୟୋଗ କରିଥିବା ଲକ୍ଷ୍ୟ କରାଯାଇଥାଏ । ଦୃଷ୍ଟାନ୍ତ ସ୍ୱରୂପ :- ଲାଭାର ଅଗ୍ନିସ୍ରୋତ ପରି ଭୂମିକମ୍ପର ଧକ୍କାରେ ନୋଇଲାଇଲା ପରି, ଆଗ୍ନେୟଗିରି ପରି ବିସ୍ଫୋରଣ କରି, କୂଳ ପ୍ଲାବିନୀ ବନ୍ୟାସ୍ରୋତ ପରି ଆଦି ଉପମାନର ବ୍ୟବହାର ବିଭିନ୍ନ ପରିସ୍ଥିତି ଓ ପରିବେଶରେ ହୋଇଥିବାର ଦେଖାଯାଏ । ଏତଦ୍‌ଭିନ୍ନ ନଈ, ପୁଷ୍କରିଣୀ, ପର୍ବତ, ସମୁଦ୍ର, ଦ୍ୱୀପ, ମଳୟ ପବନ, ଚନ୍ଦ୍ରଜ୍ୟୋତ୍ସ୍ନା, କୁହୁଡ଼ି, ରାତ୍ରି ଇତ୍ୟାଦି ବିଭିନ୍ନ ଗଳ୍ପରେ ଉପମାନ ରୂପେ ବ୍ୟବହାର କରାଯାଇଛି । ଦୃଷ୍ଟାନ୍ତ ସ୍ୱରୂପ : ମଳୟର ସୁରଭିତ ହିଲ୍ଲୋଳ ପରି, ଅଦିନ ବସନ୍ତର ମଳୟାନୀଳ ପରି, ଚୈତ୍ରର ପତ୍ର ପରି, ସନ୍ଧ୍ୟା ଆକାଶର ନକ୍ଷତ୍ର ପରି, ମେଘର ଗହଳି ଭିତରେ ଫିକା ଜହ୍ନ ପରି ଖଣ୍ଡେ ଖଣ୍ଡେ ଭସା ମେଘ ବଦଳିବା ପରି, ବସନ୍ତର ନବମୁକୁଳ ପରି, ଓଲଟ ପଦ୍ମ କଳି ପରି, ରଜନୀଗନ୍ଧାର ସ୍ତବକ ପରି ଉପମାନ ତାଙ୍କର ବିଭିନ୍ନ ଗଳ୍ପରେ ବହୁବାର ଲକ୍ଷ୍ୟ କରାଯାଇଥାଏ । ଏହି ଉପମାନଗୁଡ଼ିକୁ ଲକ୍ଷ୍ୟ କଲେ ଗାଳ୍ପିକଙ୍କ ପ୍ରକୃତି ଅଧ୍ୟୟନ ତଥା ପର୍ଯ୍ୟବେକ୍ଷଣରେ ବିଚକ୍ଷଣତା ପ୍ରତିପାଦିତ ହୋଇଥାଏ । ମଧ୍ୟଯୁଗୀୟ ଆଳଙ୍କାରିକ ଚେତନାରେ ଉଦବୁଦ୍ଧ ତାଙ୍କର ଉପମାନ ପ୍ରୟୋଗର ଦୃଷ୍ଟାନ୍ତ ମଧ୍ୟ ଏଥିରେ ପରିଲକ୍ଷିତ ହୋଇଥାଏ । ଏହାର ଦୃଷ୍ଟାନ୍ତସ୍ୱରୂପ କେତୋଟି ଉପମାନର ବିଶ୍ଳେଷଣ ଏଠାରେ କରାଯାଉଛି ।

"ଛାୟାତଙ୍କ। ନିଥର ସରସୀରେ ମୁଦ୍ରିତକମଳ ପରି ବେଦନା ବିଧୁର ଦୁଇଟି ଆଖି, ଦୁର୍ବାଦଳରେ ଶିଶିର ବିନ୍ଦୁ ପରି ସେଥିରେ ଏକ କରୁଣ ଉଜ୍ଜ୍ୱଳତା ।"(ମହାନ୍ତି, 'ମହାନିର୍ବାଣ', ପୃ: ୩)

"ଶରତ ଆକାଶରେ ଜଳଭାରହୀନ ମେଘଖଣ୍ଡପରି" (ମହାନ୍ତି, 'ଗୁରୁ', ପୃ: ୧୩୭)

ପୂର୍ବୋକ୍ତ ଦୁଇଟି ଦୃଷ୍ଟାନ୍ତ ଗଳ୍ପର ବିଷୟବସ୍ତୁ ଦୃଷ୍ଟିରୁ ଦୁଇଟି ସମୟର । ପ୍ରଥମ ଦୃଷ୍ଟାନ୍ତରେ ବୌଦ୍ଧଯୁଗୀୟ ନାୟିକା ମଧୁବ୍ରତାର ଆଳଙ୍କାରିକ ବର୍ଣ୍ଣନା ମାଧ୍ୟମରେ ତାର ଅନ୍ତରରେ ଦେଖାଦେଇଥିବା ପତିବିଚ୍ଛେଦର କରୁଣ ଭାବର ଚିତ୍ର ଆଙ୍କି ହୋଇଥିବା ସ୍ଥଳେ, ଦ୍ୱିତୀୟ ଦୃଷ୍ଟାନ୍ତଟି ଜନ୍‌ଜେନୀ ବିଦେଶୀୟ

ହିପ୍‌ପୀ ତରୁଣ ତରୁଣୀଙ୍କର ସାର୍ଥକ ଉପମାନ ରୂପେ ଗ୍ରହଣ କରାଯାଇପାରେ । ପ୍ରଥମ ଦୃଷ୍ଟାନ୍ତରେ ଗାଳ୍ପିକ ସୁରେନ୍ଦ୍ରଙ୍କ ମଧ୍ୟଯୁଗୀୟ ଆଳଙ୍କାରିକ ଚେତନା ଲକ୍ଷ୍ୟ କରାଗଲାବେଳେ ଦ୍ୱିତୀୟ ଦୃଷ୍ଟାନ୍ତରେ ତାଙ୍କର ଅନୁସନ୍ଧିତ୍ସା ଓ ଅଣୁବୀକ୍ଷଣରେ ବିଚକ୍ଷଣତା ପରିଲକ୍ଷିତ ହୋଇଥାଏ ।

**ମଣିଷ**

ଗାଳ୍ପିକ ସୁରେନ୍ଦ୍ର ମଣିଷର ବିଭିନ୍ନ ରୂପ, ତଥା ଅବସ୍ଥାର ଚିତ୍ରକୁ ଗଳ୍ପ ମଧ୍ୟରେ ଉପମାନ ରୂପେ ବ୍ୟବହାର କରିଥିବା ପରିଲକ୍ଷିତ ହୋଇଥାଏ । ଦୃଷ୍ଟାନ୍ତ ସ୍ୱରୂପ କାମନାତୁରା ନାରୀ, ଧର୍ଷିତା ନାରୀ ପରି, ବୃଦ୍ଧାର ରତିପରି, ବାଳିକାପରି, ସ୍ୱପ୍ନ ନାୟିକା ପରି, ଝିଅର ମୁହଁ ପରି, ପାଥେୟହୀନ ଭିକ୍ଷୁକ ପରି, ବିଦାୟୀ ପ୍ରେମିକା ପରି, ସର୍କସର ଜୋକର ପରି, ଏସ୍କିମୋ ପରି, ଦସ୍ୟୁ ପରି, ସତର୍କ ଶିକାରୀ ପରି, ଭୂତତ୍ତ୍ୱବିତ୍ ଆବିଷ୍କାରକ ପରି, ପକେଟମାର ପରି, ମୃତସୈନିକ ପରି, ବାଟୋଇ ପରି, ଅସହାୟ ଶିଶୁ ପରି, ଚପଳ ଶିଶୁ ପରି ଇତ୍ୟାଦି ଉପମାନର ବ୍ୟବହାରକୁ ଗ୍ରହଣ କରାଯାଇପାରେ । ଏହି ଶ୍ରେଣୀର ଉପମାନ ବ୍ୟବହାରରେ ଗାଳ୍ପିକ ସୁରେନ୍ଦ୍ରଙ୍କ ଯେଉଁ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ ତାହା ନିମ୍ନ କେତୋଟି ଦୃଷ୍ଟାନ୍ତ ମାଧ୍ୟମରେ ଆଲୋଚନା କରାଯାଉଛି ।

"ତକିଆଟା ଲାଗୁଥିଲା ପ୍ରୌଢ଼ାସ୍ତନ ପରି-" (ମହାନ୍ତି, 'କମଳର ତମ୍ବୁ')

"ମହାନଗରୀର ଛବିଳା ଅଭିସାରିକାଙ୍କ ପରି ପୁଷ୍ପିତ କୃଷ୍ଣଚୂଡ଼ା ।"(ମହାନ୍ତି, 'ସେଇ ଲୋକଟା')

"ଅଫିମଖୋର ପରି ଆକାଶ ।"(ମହାନ୍ତି, 'ବାଲି')

"ରାତିସିଫ୍ଟ ଫେକ୍ଟରୀ ଶ୍ରମିକର ଅଳସ ଅଙ୍ଗ ଚାଳନା ପରି ।"(ମହାନ୍ତି, 'ଛୋଟ ଗପ')

"ଶୃଙ୍ଖଳାମୁକ୍ତ ଦୁରନ୍ତ ଗ୍ରାମ୍ୟ ବାଳକ ଓଠରେ ରହସ୍ୟଘନ କୌତୂହଳାଦୀପ୍ତ ହସ ପରି ।"(ମହାନ୍ତି, 'ପାଗଳଗାରଦର କାହାଣୀ')

"ଅବୋଧ ଶିଶୁର ଖେଳନା ଭାଙ୍ଗିଗଲେ ସେ ଯେପରି କ୍ରୁଦ୍ଧ ହୋଇଉଠେ ।"(ମହାନ୍ତି, 'ହତ୍ୟାକାରୀ କିଏ')

ପୂର୍ବୋକ୍ତ ଉପମାନଗୁଡ଼ିକୁ ଲକ୍ଷ୍ୟକଲେ 'କମଳର ତମ୍ବୁ'ରେ ପ୍ରୌଢ଼ାରସ୍ତନ ପରି ଉପମାନ ପ୍ରୟୋଗ ଚରିତ୍ରର ମାନସିକ ସଚେତନତା ଦୃଷ୍ଟିରୁ ଉପଯୁକ୍ତ, ତଥା ଏହି ଉପମାନଗୁଡ଼ିକରେ ଗାଳ୍ପିକଙ୍କର ମଣିଷର ଅବସ୍ଥା ଅଧ୍ୟୟନର ସିଦ୍ଧହସ୍ତତା ଲକ୍ଷ୍ୟ କରାଯାଇଥାଏ ।

ମଣିଷର ବିଭିନ୍ନ ଅନୁଭୂତିକୁ ମଧ୍ୟ କେନ୍ଦ୍ରକରି ଗାଳ୍ପିକ ସୁରେନ୍ଦ୍ର ବହୁ ଉପମାନର ପ୍ରୟୋଗ ତାଙ୍କ ଗଳ୍ପଗୁଡ଼ିକରେ ବ୍ୟବହାର କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ କାମୁକର ବ୍ୟଗ୍ର ଆଲିଙ୍ଗନ ପରି, ଆବିଷ୍କାର କରିବା ପରି, ଏକ ନିଷିଦ୍ଧ ଚୁମ୍ବନର ଗୋପନ ସ୍ମୃତି ପରି, ଆଦିମ ଯୌବନର ତୃଷ୍ଣା ପରି, ଫଡ଼ାଏ ଚର୍ବିଳ ମାଂସ ପରି ଆଦି ଉପମାନ ବହୁବାର ବ୍ୟବହୃତ ହୋଇଥିବା ଲକ୍ଷ୍ୟ କରାଯାଏ । ମାତ୍ର ମଣିଷର ଅନୁଭୂତି ସଂପର୍କିତ ନିମ୍ନ କେତୋଟି ଉପମାନରେ ଗାଳ୍ପିକ ସୁରେନ୍ଦ୍ରଙ୍କ ମଣିଷର ଅନୁଭୂତି ପ୍ରତି ଅନୁଧ୍ୟାନ ତଥା ତୀକ୍ଷ୍ଣ ବ୍ୟଞ୍ଜନା ପରିଲକ୍ଷିତ ହୋଇଥାଏ ।

"କେତେ ଗୋଟି ଶୀର୍ଣ୍ଣଛାୟାମୂର୍ତ୍ତି ସ୍ୱପ୍ନର ପୃଷ୍ଠଭୂମିରେ ଭାସିଯିବା ପରି ।"(ମହାନ୍ତି,'ବିସର୍ଜନ')

"ବେଦନା ବିଷର୍ଣ୍ଣ ଆଖିପତାରୁ ବିନ୍ଦୁବିନ୍ଦୁ ଲୁହପରି ବର୍ଷାବିନ୍ଦୁ ।"(ମହାନ୍ତି, 'ଗୋଟିଏ ଆତ୍ମହତ୍ୟାର କାହାଣୀ')

"କଂସେଇ ଦୋକାନର ସଦ୍ୟକଟା ମାଂସ ଫଡ଼ିଆକୁ ଲାଳସିକ୍ତ ଜିଭ ଓଠ ଉପରେ ବୁଲାଇ ଦେଖିବା ପରି ଦେହଜୀବୀ ।" (ମହାନ୍ତି,'ହତ୍ୟାକାରୀ କିଏ')

"ଦେଶୀମଦ ଗ୍ଲାସର ତଳିତଳିକାପରି - ଏଇ ସହରତଳି ।" (ମହାନ୍ତି, 'ହତ୍ୟାକାରୀ କିଏ')

"ଗୋଟିଏ କଣ୍ଟା ଅଥବା ସେହିପରି ସୂକ୍ଷ୍ମବସ୍ତୁ ଗଳିଯିବା ପରି ।"(ମହାନ୍ତି, 'ଗୋଟିଏ ପ୍ରେମ ଗଳ୍ପ')

"କୌଣସି ନିଭୃତ ମୁହୂର୍ତ୍ତରେ ଅତୀତ ଦିନର ସ୍ମୃତିସବୁ ଉଙ୍କିମାରିଲା ପରି ।"(ମହାନ୍ତି,'ପ୍ରେତିନୀର ନାଚ')

"ବିଷଧର ସର୍ପଙ୍କୁ ଦେଖି ଫେରିଯିବା ପରି ।"(ମହାନ୍ତି, 'ମହାନିର୍ବାଣ')

"ଲୋକଗହଳି ଭିତରେ ବହୁଦିନର ଗୋଟାଏ ଚିହ୍ନାମୁହଁକୁ ଦୋ ଦୋ ଚିହ୍ନା ଆଖିରେ ଚାହିଁ ଦେଖିବା ପରି ।"(ମହାନ୍ତି, 'ନିଃସଙ୍ଗ ଆକାଶ')

ଏହିସବୁ ଉପମାନକୁ ଅନୁଧାନ କଲେ ମଣିଷର ସୂକ୍ଷ୍ମ ଅନୁଭୂତିସବୁକୁ ସାର୍ଥକଭାବେ ଗାଳ୍ପିକ ସୁରେନ୍ଦ୍ର ଉପମାନ ଭାବରେ ପ୍ରୟୋଗ କରିଥିବା ପରିଲକ୍ଷିତ ହୋଇଥାଏ ।

**ରୋଗ ଓ ମୃତ୍ୟୁ**

ରୋଗ ଓ ମୃତ୍ୟୁ ସଂପର୍କିତ ସୁରେନ୍ଦ୍ରଙ୍କ ଗଳ୍ପରେ ପ୍ରଯୁକ୍ତ ଉପମାନଗୁଡ଼ିକ ମଧ୍ୟରୁ ମେଲେରିଆର ଉତ୍ତାପ ପରି, ନିଜର କ୍ଷତ ସ୍ଥାନକୁ ଅଜଣାରେ ହାତଚାଲିଯିବା ପରି, ରୋଗୀର ବିଷର୍ଣ୍ଣ ମୁହଁ ପରି, ଗଭୀର କ୍ଷତର ଅନ୍ତର୍ବେଦନା ପରି, ଶବର ରକ୍ତହୀନ ପ୍ରାଣହୀନ ମୁହଁ ପରି, ବେପରୁଆ ହୃଦସ୍ପ ପରି, ମୁର୍ଦାର ପରି ଆଦି ଉପମାନଗୁଡ଼ିକ ବହୁବାର ବ୍ୟବହୃତ ହୋଇଥିବା ପରିଲକ୍ଷିତ ହୋଇଥିଲେ ହେଁ ଏହାର ବ୍ୟବହାର ତଥା ଶବ୍ଦ ସଂଯୋଜନା ମଧ୍ୟରେ ନୂତନତା ପରିଲକ୍ଷିତ ହୋଇଥାଏ । ଦୃଷ୍ଟାନ୍ତ ସ୍ୱରୂପ:-

"ଠିକ୍ ଦେହର କ୍ଷତସ୍ଥାନକୁ ଅଜାଣତରେ ହାତ ଚାଲିଯିବା ପରି ।"(ମହାନ୍ତି,'ସୀମାରେଖା', ପୃ: ୩୭୫)

"ନିଜହାତଟା ସବୁବେଳେ ନିଜର କ୍ଷତ ଜାଗାରେ ଆପେ ଆପେ ବାଜିଯିବା ପରି ।"(ମହାନ୍ତି, 'ଜହ୍ନିଲଟା', ପୃ: ୧୩୧)

"ଦେହର କୌଣସି ଅଙ୍ଗର କ୍ଷତ ଆଡ଼େ ଆଙ୍ଗୁଳିଗୁଡ଼ିକ ଚାଲିଯିବା ପରି ।"(ମହାନ୍ତି, 'ଆକାଶ ଛତିଆ')

ଏହି ସମାନ ଉପାମାନଟି 'ସୀମାରେଖା', 'ଜହ୍ନିଲଟା' ଓ 'ଆକାଶ ଛତିଆ' ଗଳ୍ପରେ ତିନୋଟି ଭିନ୍ନ ପରିବେଶରେ ପ୍ରୟୋଗ କରାଯାଇଛି । ପ୍ରଥମେ 'ସୀମାରେଖା' ଗଳ୍ପରେ ବ୍ୟବସ୍ଥା ସଭାର ଭାଗଚାଷ ଆଇନ୍ ସଂପର୍କରେ ନାରାୟଣଙ୍କ ଖବରକାଗଜ ପଢ଼ା, ଦ୍ୱିତୀୟରେ ଚକ୍ରଧରଙ୍କ କବଲାଖଣ୍ଡ ଉପରେ ହାତ ଚାଲିଯିବା, ଘଟଣା ଚରିତ୍ରର ଦୁର୍ବଳତାକୁ ଆଧାର କରି ପ୍ରଯୁକ୍ତ ହୋଇଥିବା ସ୍ଥଳେ 'ଆକାଶ ଛତିଆ'ରେ

ପୂର୍ବକାଳୀନ ପୃଷ୍ଠଭୂମିରେ ପାକିସ୍ଥାନ ରେଡ଼ିଓକୁ ହାତ ଚାଲିଯିବା ଘଟଣା ନିମିତ୍ତ ପ୍ରୟୋଗ କରାଯାଇଛି । ତିନୋଟି ବିଭିନ୍ନ ପରିସ୍ଥିତିରେ କିଭଳି ମାର୍ଜିତ ରୂପରେ ଏକମାତ୍ର ଉପମାନକୁ ବିଭିନ୍ନତା ମଧ୍ୟରେ ପ୍ରୟୋଗ କରାଯାଇଛି ଏହା ତାର ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇପାରେ ।

ଓଡ଼ିଶାର ସାମାଜିକ ଜୀବନ ତଥା ବିଭିନ୍ନ ଧର୍ମାଚାରକୁ ଉପଜୀବ୍ୟ କରି ଗାଳ୍ପିକ ବିଭିନ୍ନ ଗଳ୍ପରେ ବହୁ ଉପମାନର ପ୍ରୟୋଗ କରିଛନ୍ତି । ସେଗୁଡ଼ିକୁ ବିଭିନ୍ନ ପର୍ଯ୍ୟାୟରେ ବିଭକ୍ତ କରି ଏଠି ଆଲୋଚନା କରାଯାଇଛି ।

**ସମାଜ ଓ ଧର୍ମ**

"ସମସ୍ତଙ୍କ ଉପରେ କାଳିସୀ ନାଚିଲା ପରି ବେତଟା ଥରେ ନାଚିଗଲା ।"(ମହାନ୍ତି, 'ଘନିଆର ଗଣେଶ ଚତୁର୍ଥୀ')

"ସ୍ତମ୍ଭରୂପୀ କେଉଁ ଆଦିମ ଦେବତାର ପାଦତଳେ ନିବେଦିତ ଏକବଳି ପରି ପଡ଼ିଥିଲା ।"(ମହାନ୍ତି, 'ନିଯୁକ୍ତି ପତ୍ର')

"ବାରବର୍ଷରେ ଥରେ ଜଗନ୍ନାଥଙ୍କ ନବକଳେବର ଯାତ୍ରା ନୋହିଲେ ଯୋଗପଡ଼ିଲେ କୁମ୍ଭମେଳା ପରି- ନିର୍ବାଚନ ।" (ମହାନ୍ତି, 'ଗଣଦେବତା')

"ମେରିଆ ଖୁଣ୍ଟରେ ବନ୍ଧାଥିବାବଳିଦନ୍ତ ମେରିଆ ପରି ।"(ମହାନ୍ତି, 'ବଳିବର୍ଦ୍ଧ')

"ଛାଡ଼ଖାଇ ଦିନ ସାରା କାର୍ତ୍ତିକ ମାସର ମାଛ ମାଂସ ବିକ୍ରି ହୋଇଯିବା ପରି ।"(ମହାନ୍ତି, 'ମାଂସର କୋଣାର୍କ')

"ଯଜ୍ଞଚରୁ ପ୍ରତ୍ୟାଶୀ ଯଜମାନ ମାନଙ୍କପରି ।"(ମହାନ୍ତି, 'ପ୍ରତୀକ୍ଷା')

"ଅଷ୍ଟପ୍ରହରୀରେ ଭକ୍ତମାନେ ଦଧିଖେଳରେ ନାଚିଲା ପରି" (ମହନ୍ତି, 'ଭାଙ୍ଗପୁରର ଚକଡ଼ା')

ଏତଦ୍‌ଭିନ୍ନ ବାସରପ୍ରଦୀପ ପରି, ଉତ୍ସବର କୋଳାହଳ ଶେଷରେ ରାତ୍ରିର ପ୍ରଦୀପ ପରି, ତୋଳଖେଳା କନ୍ୟା ପରି, ନିବେଦକ ବଳିପରି, ତପସ୍ୟା କରିବା ପରି, ଦରବେଶ ପରି, ଆଦି ବହୁ ଉପମାନର ପ୍ରୟୋଗ ଗଳ୍ପଗୁଡ଼ିକରେ ଦେଖାଯାଏ । ଏହି ଉପମାନଗୁଡ଼ିକ ଲକ୍ଷ୍ୟକଲେ ଗାଳ୍ପିକ ସୁରେନ୍ଦ୍ରଙ୍କର ଧର୍ମାଚାର ତଥା ପର୍ବପର୍ବାଣୀ ପ୍ରତି ସୂକ୍ଷ୍ମ ଅନୁଧ୍ୟାନ ରହିଥିବା ସ୍ପଷ୍ଟ ପ୍ରତିପାଦିତ ହୋଇଥାଏ ।

**ପରିବାର ଓ ପରିବେଶ**

ଗାଳ୍ପିକ ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକରେ ଦେବାଳିଆଖାତକର ଦୁଆରେ ରକ୍ତଚକ୍ଷୁ ମହାଜନର ଅସଫଳତା,. ମେଳା ଭାଙ୍ଗିବା ପରେ ଦୋକାନ କପାଟ ବନ୍ଦ କରିବା ପରି, ଶିଶୁର ଅର୍ଥହୀନ କଥାରେ ବୟସ୍କର ଅଟ୍ଟହାସ୍ୟ ପରି, ଗୁମ୍‌ଗୁମିଆ ରଡ଼ନିଆଁ ଉପରେ ପାଉଁଶର ଆବରଣ ପରି, ଫସଲ କଟା କ୍ଷେତରେ ପାଳଭୂତ ପରି, ଯାଦୁକରର ଟୋପି ଭିତରୁ ଠେକୁଆ କାଢ଼ିବା ପରି, ବେୱାରିସ୍ ମାଲପରି, ଏମରଜେନ୍‌ସୀ ବେଳର ସେଲ୍‌କୁ ଫେରିଯିବା ପରି, ପ୍ରିୟଜନର ଆସନ୍ନ ମୃତ୍ୟୁରେ ପରିବାରବର୍ଗ ବେଦନା ଦଗ୍ଧ ହେବା ପରି, ବହୁ ପ୍ରତୀକ୍ଷିତ ପ୍ରିୟଜନ ପରି ଆଦି ବହୁ ଉପମାନ ପରିଲକ୍ଷିତ ହୋଇଥାଏ । ଏଗୁଡ଼ିକର ପ୍ରୟୋଗରେ ଗାଳ୍ପିକ ସର୍ବଦା କିଭଳି ସ୍ୱାତନ୍ତ୍ରତା ପ୍ରଦର୍ଶନ କରିଛନ୍ତି, ତାହା ନିମ୍ନ କେତୋଟି ଦୃଷ୍ଟାନ୍ତ ମାଧ୍ୟମରେ ଆଲୋଚନା କରାଯାଉଛି ।

"ଘରବାହୁଡ଼ା ବିଦେଶୀ ପ୍ରିୟଜନ ପରି - ଏହି ପରିବେଶ ହଠାତ୍ ମୋତେ ନିଜର ଅତି ଆପଣାର କରି ନେଇଥିଲା।" (ମହାନ୍ତି, 'ନିଃସଙ୍ଗ ଆକାଶ', ପୃ: ୬୦)

"ତଥାପି ସେମାନେ ବହୁ ବର୍ଷର ବିଚ୍ଛେଦ ପରେ ପରସ୍ପର ପରସ୍ପରକୁ ଆଲିଙ୍ଗନ କରି ସାରିଥିଲେ, ବହୁ ପ୍ରତୀକ୍ଷିତ ପ୍ରିୟଜନ ପରି ।" (ମହାନ୍ତି, 'ନିଃସଙ୍ଗ ଆକାଶ', ପୃ: ୬୧)

"ମନ୍ଦିର ଚୂଡ଼ାଟା ମଧ୍ୟ ମୁଣ୍ଡ ଟେକି ଉଠିଲାଣି- ଦୂର ପ୍ରବାସ ବାହୁଡ଼ା ପ୍ରିୟଜନକୁ ସଂଖୋଳିନେବା ଲାଗି ଆତୁର ସ୍ୱଜନବର୍ଗଙ୍କ ପରି ।" (ମହାନ୍ତି,'ନିଃସଙ୍ଗ ଆକାଶ', ପୃ: ୭୬)

'ନିଃସଙ୍ଗ ଆକାଶ' ଗଳ୍ପ ମଧ୍ୟରେ ତିନିଥର ବିଭିନ୍ନ ଉପାୟରେ ପ୍ରଯୁକ୍ତ ଏହି ଉପମାନରେ ସର୍ବଦା ନୂତନତା ତଥା ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୋଇଥିବା ସ୍ପଷ୍ଟ ପ୍ରତୀୟମାନ ହେଉଛି।

ସୁରେନ୍ଦ୍ରଙ୍କ ଗଳ୍ପରେ ଯୁଦ୍ଧ, ସାହିତ୍ୟ, ଇତିହାସ, ନାଟକ ସଂଗୀତ ବିଜ୍ଞାନ ସମ୍ବନ୍ଧିତ ବହୁ ଉପମାନ ପରିଲକ୍ଷିତ ହୋଇଥାଏ। କ୍ରମାନ୍ୱୟରେ ସେସବୁର ବିଚାର ଆଲୋଚନା ଏଠାରେ କରାଯାଉଛି।

ଯୁଦ୍ଧ ଓ ସୈନ୍ୟ ସମ୍ବନ୍ଧିତ ଉପମାନଗୁଡ଼ିକ ମଧ୍ୟରେ 'ପରାଜିତ ସେନାପତି ପରି', 'ବନ୍ଧୁକର ବୟନେଟ୍ ପରି', 'କମାଣରେ ନିଆଁ ଧରାଇଲା ପରି', 'ଶାଣଦିଆ ଖଣ୍ଡା ପରି' ଆଦି ଉପମାନ ଦେଖାଯାଏ। ଏଗୁଡ଼ିକର ପ୍ରୟୋଗପାରମ୍ପରିକ ଭାବରେ ଗାଳ୍ପିକ କରିଛନ୍ତି।

ସାହିତ୍ୟ ନାଟକ ସଙ୍ଗୀତ ଇତିହାସ ଆଦିରୁ ଉପମାନ ପ୍ରୟୋଗ ମଧ୍ୟରେ- ଶସ୍ତା ଉପନ୍ୟାସର ନାୟକ, ଗୋଇନ୍ଦା ଉପନ୍ୟାସର ଛାୟାମୂର୍ତ୍ତି ପରି, ଡିଟେକ୍ଟିଭ୍ ଉପନ୍ୟାସର ଚରିତ୍ର ପରି, ନିଉଟନ୍‌ଙ୍କ ଆତ ଖସିବା ପରି, ପେଶାଦାର ମନସ୍ତାତ୍ତ୍ୱିକ ପରି, ସଙ୍ଗୀତର ମୂର୍ଚ୍ଛନା ପରି, ସିନେମାର ଟ୍ରେଜିକନାୟକ ପରି, ନାୟିକା ବର୍ଜିତ ନାୟକ ପରି, ରାଜା ପାର୍ଟର ଅଭିନେତା ପରି, ପ୍ରତ୍ନତାତ୍ତ୍ୱିକ ବସ୍ତୁ ପରି, କେଉଁ ବିସ୍ମୃତ ସାମ୍ରାଜ୍ୟର କୀର୍ତ୍ତିସ୍ତମ୍ଭ ପରି, ପଥରରେ ଖୋଳା ମୂର୍ତ୍ତି ପରି ଆଦି ବହୁ ଉପମାନର ପ୍ରୟୋଗ ମଧ୍ୟରେ ଗାଳ୍ପିକଙ୍କ ସୂକ୍ଷ୍ମ ଅନୁଧ୍ୟାନ ଓ ଅନୁଶୀଳନର ବିଶେଷତ୍ୱ ପରି ଲକ୍ଷିତ ହୋଇଥାଏ। ବିଶେଷତଃ ପରୀକ୍ଷା ସମ୍ପର୍କିତ ନିମ୍ନ କେତୋଟି ଉପମାନରେ ଗାଳ୍ପିକ ସୁରେନ୍ଦ୍ରଙ୍କ ଉପମାନ ଚୟନର ମୌଳିକତା ଓ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ। ଦୃଷ୍ଟାନ୍ତ ସ୍ୱରୂପ :-

"ପରୀକ୍ଷା ଖାତାର ଶୂନ୍ୟସ୍ଥାନ ପୂରଣ କରିବା ପରି -" (ମହାନ୍ତି, 'ଗୋଟିଏ ପ୍ରେମ ଗଳ୍ପ')

"ଭୁଲ ବନାନ୍ ଉପରେ ପରୀକ୍ଷକର ମୋଟା ପେନ୍‌ସିଲ ଗାର ପରି -" (ମହାନ୍ତି, 'ଛୋଟ ଗପ')

"ତାଳଗଛ-ଦୂରରୁ କେତୋଟି ବିସ୍ମୟବାଚକ ଚିହ୍ନ ପରି-" (ମହାନ୍ତି, 'ଜହ୍ନିଲତା')

"ନିଆଁ ଧାସର ଭଙ୍ଗାଳାକୁ- ବିସ୍ମୟବାଚକ ଚିହ୍ନ ପରି -" (ମହାନ୍ତି, 'ଗୋଟିଏ ଘୋଡ଼ାର ମୃତ୍ୟୁ')

ଏହି ଉପମାନଗୁଡ଼ିକ ଅଧ୍ୟୟନ କଲେ ସୁରେନ୍ଦ୍ରଙ୍କ ବହୁ ଅନୁଭୂତି ମଧ୍ୟରେ ଅନୁଧ୍ୟାନ କୌଶଳ ପରିଲକ୍ଷିତ ହୋଇଥାଏ।

**ବସ୍ତୁ ଓ ଯନ୍ତ୍ର**

ଯନ୍ତ୍ରିତ ପରି, ରେଳ ଇଞ୍ଜିନ ପରି, କଳା ରିବନ୍ ପରି ରାସ୍ତା, ଏକ ବହୁ ବ୍ୟବହୃତ ଆସବାବ ପରି, ଭଙ୍ଗା ପୋର୍ସିଲେନ୍ ପରି, ଫଟା କଂସା ପାତ୍ର ପରି, ଲମ୍ବା ଗୁଡ଼ିପରି, କାଚଗୁଲି ପରି, ବେଲୁନ୍ ପରି, ଅଚଳଦ୍ରରଣି ପରି, ଖଣ୍ଡେ କାଠଗଡ଼ ପରି, ମୁଣ୍ଡାଏ ବରଫ ପରି, ସାବଜା ଭେଲଭେଟ୍ ପରି, ଗାର୍ଡ଼ ସାହେବର ଟୋପୀ ପରି ଟୋପି ଆଦି ଉପମାନର ପ୍ରୟୋଗ ବାରମ୍ବାର ପରିଲକ୍ଷିତ ହୋଇଥାଏ ।

ସୁରେନ୍ଦ୍ରଙ୍କ ଉପମାନ ପ୍ରୟୋଗର ବୈଶିଷ୍ଟ୍ୟ ହେଉଛି । ତାଙ୍କର ଉପମାନଗୁଡ଼ିକ ସୂକ୍ଷ୍ମ ଅନୁଧ୍ୟାନ ଫଳରେ ସର୍ବଦା ନିତ୍ୟ ନୂତନ ଭାବେ ପ୍ରଯୁକ୍ତ । ଏତଦ୍‌ଭିନ୍ନ ତାଙ୍କ ଗଳ୍ପରେ ବର୍ଣ୍ଣିତ ବିଷୟବସ୍ତୁ ଘଟଣା ଆଦି ଉପଜୀବ୍ୟ କରି ଗାଳ୍ପିକ ସୁରେନ୍ଦ୍ର ଉପମାନର ବ୍ୟବହାର କରିଛନ୍ତି । ଏଠାରେ ତତ୍‌ସମ୍ପର୍କିତ କେତେକ ସାର୍ଥକ ଉପମାନର ଦୃଷ୍ଟାନ୍ତ ପ୍ରଦାନ କରାଯାଉଛି ।

"ଦାଢ଼ି ଜଟ କଟା ସ୍ୱୟଂସିଦ୍ଧ ନିରଞ୍ଜନଙ୍କ ପରି- ବରଗଛ" (ମହାନ୍ତି, 'ମରାଳର ମୃତ୍ୟୁ')

"ବିଷର୍ଣ୍ଣ ଅପରାହ୍ନ-ବଡ଼ ମାମାଙ୍କ କୁଞ୍ଚୁକୁଞ୍ଚିଆ ରେଖାଟଣା ମୁହଁ ପରି" (ମହାନ୍ତି, 'ଲବଣର ସ୍ୱାଦ')

"ସାମନ୍ତ ବଂଶର ଶେଷ ପ୍ରତିନିଧି ହରେକୃଷ୍ଣଙ୍କ ପରି ଗଛ" (ମହାନ୍ତି, 'ବିସର୍ଜନ')

ସୁରେନ୍ଦ୍ରଙ୍କ ଉପମାନ ପ୍ରୟୋଗର ଅନ୍ୟ ଏକ ବୈଶିଷ୍ଟ୍ୟ ହେଲା- ଅତୀତ ଓ ବର୍ତ୍ତମାନର ପାର୍ଥକ୍ୟ ପ୍ରଦର୍ଶନ କରିବା । ଦୃଷ୍ଟାନ୍ତ ସ୍ୱରୂପ :-

"ସେଦିନ ବଉଳା ପାହାଡ଼ର ବର୍ତ୍ତୁଳ ଶିଖର ଦୁଇଟି ଦିଶୁଥିଲା ଶଯ୍ୟାଶାୟିନୀ କୌଣସି ନାରୀର ଦୁଇ ପୀନସ୍ତନ ପରି... ପାହାଡ଼ର ପ୍ରଲମ୍ବିତ ବିସ୍ତୃତି, ନାରୀର ଅବୟବ ରେଖା ପରି କୋମଳ ଦିଶୁଥିଲା ।

ମାତ୍ର ଆଜି ସେହି ବଉଳା ପାହାଡ଼ ଦିଶୁଥିଲା ଗୋଟିଏ ହାତୀର ମୁର୍ଦାର ପରି" (ମହାନ୍ତି,'ନିଃସଙ୍ଗ ଆକାଶ')

ସୁରେନ୍ଦ୍ରଙ୍କ ଉପମାନ ପ୍ରୟୋଗର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ଏକ ଉପାଦାନର ଆଧାରରେ ଏକାଧିକ ଉପମାନ ପ୍ରୟୋଗ ।

"ଚିରନ୍ତନୀ ନାରୀର ଆଖି, ଅଚିହ୍ନା ନଦୀ ପରି, ଦୂର ଅରଣ୍ୟ ପରି"(ମହାନ୍ତି,'କେନ୍ଦ୍ରାତୀଗ')

ଉପର୍ଯ୍ୟୁକ୍ତ ଉପମାନ ପ୍ରୟୋଗକୁ ଲକ୍ଷ୍ୟ କଲେ ପ୍ରଥମ ଦୃଷ୍ଟାନ୍ତରେ 'ନିଃସଙ୍ଗ ଆକାଶ' ଗଳ୍ପରେ ମଣ୍ଟୁ ଚରିତ୍ରର ମାନସିକ ବିଶ୍ଳେଷଣ ପାଇଁ ଉପମାନର ପାର୍ଥକ୍ୟ ପରିଲକ୍ଷିତ ହୋଇଥିବା ସ୍ଥଳେ, ଦ୍ୱିତୀୟ ଦୃଷ୍ଟାନ୍ତଟି ସମ୍ପୂର୍ଣ୍ଣ ରୂପେ ଓଡ଼ିଆ ଲୋକ ପ୍ରବଚନର ପ୍ରଭାବ ଯୋଗୁଁ ବ୍ୟଞ୍ଜନାଧର୍ମୀ ହୋଇଥିବା ଲକ୍ଷ୍ୟ କରାଯାଏ ।

ସୁରେନ୍ଦ୍ରଙ୍କ ଉପମାନ ପ୍ରୟୋଗ କ୍ଷେତ୍ରରେ ତାଙ୍କର କେତେକ ଉପମାନ ପ୍ରତି ଦୁର୍ବଳତା ଯୋଗୁଁ ସେସବୁର ବହୁଳ ପ୍ରୟୋଗ ପରିଲକ୍ଷିତ ହୋଇଥାଏ । ମାତ୍ର "ଜହ୍ନରାତି ଧିଧି ଜଳୁଥିଲା ନିର୍ଜନ ଦ୍ୱିପ୍ରହର ପରି" କେତେକ ଉପମାନ ପ୍ରୟୋଗରେ ଅସଂଗତି ପରିଲକ୍ଷିତ ହୋଇଥାଏ । ଏତଦ୍‌ଭିନ୍ନ ସୁରେନ୍ଦ୍ରଙ୍କ ଉପମାନ

ସୃଷ୍ଟିକୁ ଲକ୍ଷ୍ୟ କଲେ ତାଙ୍କର ଉପମାନଗୁଡ଼ିକ ବହୁ ଶାସ୍ତ୍ରଅଧ୍ୟୟନ, ଅନୁଭୂତି ଓ ଉପଲବ୍ଧିର ଫଳଶ୍ରୁତି ସ୍ୱରୂପ ବହୁ ଗଳ୍ପରେ ବିବିଧ ଭାବରେ ବ୍ୟଞ୍ଜନାତ୍ମକ ରୀତିରେ ପ୍ରଯୁକ୍ତ ହୋଇଥିବା ଦେଖାଯାଏ ।

**ସୁରେନ୍ଦ୍ରଙ୍କ ଗଳ୍ପର ଚିତ୍ରକଳ୍ପ**

ସାଧାରଣତଃ କବିତା କ୍ଷେତ୍ରରେ ଚିତ୍ରକଳ୍ପବାଦର ପ୍ରୟୋଗ ଘଟିଥିଲେ ହେଁ, ପରବର୍ତ୍ତୀ କାଳରେ ଏହା ଗଳ୍ପ କ୍ଷେତ୍ରକୁ ମଧ୍ୟ ପ୍ରଭାବ ବିସ୍ତାର କରିଛି । ଓଡ଼ିଆ ଗଳ୍ପ ସାହିତ୍ୟରେ ପ୍ରଥମେ ସୁରେନ୍ଦ୍ର ମହାନ୍ତି ହିଁ ଗଳ୍ପର ଭାଷା ପ୍ରୟୋଗ ମଧ୍ୟରେ ଗଦ୍ୟରେ ଚିତ୍ରକଳ୍ପର ବ୍ୟବହାର କରିଥିବା ପରିଲକ୍ଷିତ ହୋଇଥାଏ । ସାଧାରଣତଃ ଚିତ୍ରକଳ୍ପ କହିଲେ ଶବ୍ଦରେ ପ୍ରକାଶିତ ଚିତ୍ରକୁ ଚିତ୍ରକଳ୍ପ କୁହାଯାଏ । (Abrahams, 1981, P.: 76) ଅନ୍ୟ କଥାରେ ମନ ଉପରେ ବସ୍ତୁର କୌଣସି ଆପେକ୍ଷିକ ଛାପକୁ ଚିତ୍ରକଳ୍ପ କୁହାଯାଇପାରେ । (ରାଉତରାୟ, ୧୯୭୭, ପୃଷ୍ଠା : ୩୩) ଏହି ଦୃଷ୍ଟିରୁ ଗାଳ୍ପିକ ସୁରେନ୍ଦ୍ରଙ୍କ ଗଳ୍ପରେ ପ୍ରୟୋଗ କରାଯାଇଥିବା କେତେକ ଚିତ୍ରକଳ୍ପର ଦୃଷ୍ଟାନ୍ତ ଏଠାରେ ଦିଆଯାଉଛି ।

"କଲରା ପଡରିଆ ବାଘ ଦେହରେ ପଟା ପଟା କଳାଗାର ପରି ଆକାଶରେ ଖଣ୍ଡ ଖଣ୍ଡ ଛିଣ୍ଡା ବଉଦର ପାଉଁଶିଆ ଗାର ଟାଣି ହୋଇ ଗଲାଣି ।" (ମହାନ୍ତି, 'ଘନିଆର ଗଣେଶ ଚତୁର୍ଥୀ')

"ଗୋରୁ ପହ୍ଲା ପରି ମିସ୍ ଡ୍ରାଇଭରଙ୍କ ଚର୍ବି ବହୁଳ ପେଟ ତଳକୁ ଝୁଲି ପଡ଼ିଛି ।" (ମହାନ୍ତି,'ସବୁଜ ପତ୍ର ଓ ଧୂସର ଗୋଲାପ')

"ମାହୁନ୍ତର ଅଙ୍କୁଶାଘାତରେ ଆଣ୍ଠେଇ ପଡ଼ିଥିବା ହାତୀ ପରି - ଭଙ୍ଗାଘର" (ମହାନ୍ତି,'ବରଜୁ ଫେଲ୍ ଗାଇ')

"କଙ୍କାଳସାର ହାତୀ ମୁହଁ ମାଡ଼ିଲା ପରି ଉଜୁଡ଼ା ଘର" (ମହାନ୍ତି, 'କୁବେରର କବିତା')

"ଗୋଟିଏ ଆହତ ପକ୍ଷୀର ଡେଣା ପରି ପଙ୍ଖା -" (ମହାନ୍ତି, 'ଆକାଶ ତଥାପି ସୁନୀଳ')

"ଚଢ଼େଇ ଅଣ୍ଡ ପରି ଗୋଲିଆ - ମୁହଁର ସୁରଭି -" (ମହାନ୍ତି, 'ଲବଣର ସ୍ୱାଦ')

"ଆକାଶଚାରୀ ପକ୍ଷୀର ରଙ୍ଗୀନପକ୍ଷ ପରି ହାତ ହଲାଇ -" (ମହାନ୍ତି, 'ଲବଣର ସ୍ୱାଦ')

"ମଲାବାଦୁଡ଼ିର ଡେଣା ପରି ଝୁଲୁଥିବା ଚଣାପଙ୍ଖା-" (ମହାନ୍ତି, 'ସୁନାମାହାରୀ')

"ଭୂମିକମ୍ପ ପରେ ଫଟାମାଟିର ରେଖା ପରି ସୁଲଭାଦେବୀଙ୍କ ଚିବୁକର ଦୁଇପାଖରେ ଅର୍ଦ୍ଧବୃତ୍ତାକାର ଦୁଇଟି ରେଖା କ୍ରମେ ଗଭୀରତର ହେଲାଣି" (ମହାନ୍ତି, 'କେନ୍ଦ୍ରାତୀଗ')

"ଅତଡ଼ା ଖିଆ ଭରା ନଦୀକୂଳରେ କୋଉ କାଳର ଗୋଟିଏ ବୁଢ଼ା ଶିରିଶ ଗଛ ପରି ବୁଢ଼ା ।" (ମହାନ୍ତି, 'କାଠଘୋଡ଼ା')

"ମେଳାମେଳା ପାଉଁଶିଆ ମେଘଗୁଡ଼ାଙ୍କ ଆକାଶର ସମୁଦ୍ରରେ ସୁନୀଳ ଦ୍ୱୀପ ପରି, ତେନାଏ ନିର୍ମେଘ ନେଳି ଆକାଶ, ଗୋଟିଏ ବଳାକା ପରି ତାହାରି ପୃଷ୍ଠଭୂମିରେ ଧୀରେ ଧୀରେ ଭାସି ଯାଉଥିଲା -" (ମହାନ୍ତି, 'ନିଯୁକ୍ତି ପତ୍ର')

"କଇଁଥା ବାଇଗଣ ପରି ରଙ୍ଗ-" (ମହାନ୍ତି,'ଅମୃତ')

"ମଉଳା ଫୁଲର ସବୁଜ ବୃନ୍ତ ପରି ତାଙ୍କର କ୍ଲାନ୍ତ କୁମାରୀତ୍ୱ -" (ମହାନ୍ତି, 'କ୍ଲାନ୍ତ ଫୈତାଳି')

"କାଗଜକ୍ଷି ଫୁଲ ପରି ପାଚିଲା ବାଳ -" (ମହାନ୍ତି, 'ପ୍ରେତିନୀର ନାଚ')

"ଗଳିତ କୁଷ୍ଠ ରୋଗୀର କ୍ଷତଚିହ୍ନ -କାନ୍ଥ -" (ମହାନ୍ତି,'ଏଇଗଣତନ୍ତ୍ର')

"ଫାଶି ଖୁଣ୍ଟରେ ଆସାମୀ ମୁର୍ଦ୍ଦାର ପରି -" (ମହାନ୍ତି, 'ଖ୍ରୀ: ଅ:୨୦୬୬')

"ରାସ୍ତାଟି ମୃତ୍ୟୁ ଶଯ୍ୟାରେ ମରଣ ପଥର ଯାତ୍ରୀର ଶୋତା ଓଠ ପରି -" (ମହାନ୍ତିସ୍ୱ, 'ଗୋଟିଏ ଘୋଡ଼ାର ମୃତ୍ୟୁ')

"କଫିନ୍‌ର ଢ଼ାଙ୍କୁଣି ପରି ସ୍ତିମିତ ସନ୍ଧ୍ୟା -" (ମହାନ୍ତି, 'ବାବିତା')

"କ୍ରିସ୍‌ମାସ୍ ଗ୍ରୀଟିଙ୍ଗସ୍‌କାର୍ଡ଼ର ଛବି ପରି -" (ମହାନ୍ତି, 'ଅଦିନର ଅତିଥି')

"ଫସଲ ଅମଳ ସରିଥିବା କିଆରୀର ବର୍ଷା ଆଉ କାକର ଧୂଆ ଗତବର୍ଷର ପାଳଭୂତ ପରି -" (ମହାନ୍ତି, 'ଶୂନ୍ୟ ପଞ୍ଜୁରୀ')

"ବିଟିଙ୍ଗ ଦି ରିଟ୍ରିଟ୍ ବେଳେ ଅସ୍ତ୍ରଧାରୀ ସୈନିକମାନେ ବୋୟନଟ୍ ତଳକୁ କରି ମୁଣ୍ଡ ନୁଆଁଇ ଠିଆ ହେବା ପରି ତଳମୁହାଁ କପ୍ -" (ମହାନ୍ତି, 'ନିଃସଙ୍ଗ ଆକାଶ')

"ପୁରୁଣା ମାଗାଜିନ୍‌ର କାନମୋଡ଼ା ପୃଷ୍ଠା ପରି -" (ମହାନ୍ତି, 'କାକ୍‌ଟସ୍')

"କୋଇଲାରେ ଧୂଳା ସିଲଟ ପରିକା ଆକାଶ -" (ମହାନ୍ତି, 'ଜୀବନ ପ୍ରଭାତ')

"ଯବନିକାର ପର୍ଦ୍ଦା ପରି ଘଞ୍ଚ ଶାଳବନ -"(ମହାନ୍ତି,'ସଭ୍ୟତାର ଗ୍ରାସ')

"କୋଣାର୍କ ନର୍ତ୍ତକୀର ବକ୍ଷଶ୍ରୀ -" (ମହାନ୍ତି,'ଖାଦାନୀ')

"ଆକାଶ ଖଣ୍ଡିଏ ଜାପାନୀ ସ୍କୁଲ ଚିତ୍ର ପରି -" (ମହାନ୍ତି, 'ଆକାଶ ତଥାପି ସୁନୀଳ')

"ଚିତ୍ର ପୁତଳି ପରି ବର୍ଣ୍ଣାଢ଼୍ୟ ୟୁନିଫର୍ମ ପରିହିତ ପ୍ରାସାଦ ରକ୍ଷୀ -" (ମହାନ୍ତି, 'ଗୋଟିଏ ଆତ୍ମହତ୍ୟାର କାହାଣୀ')

"ନିଜକୁ ଏକ ଚଳନ୍ତା ରେଳଗାଡ଼ି ରୂପେ କଳ୍ପନା କରି ମନପବନ ଘୋଡ଼ା ଉପରେ ଆଲୁଅ ଡେଣା ମେଲି ଆକାଶରେ ଉଡ଼ି ଯାଉଥିବା ରାଜପୁତ୍ର -" (ମହାନ୍ତି, 'ଲବଣର ସ୍ୱାଦ')

"ମଲାଗୁଡ଼ିର କଙ୍କାଳ ପରି -" (ମହାନ୍ତି, ' ଖ୍ରୀ: ଅ: ୨୦୬୬')

"ମଲାଜହ୍ନଟା ଝୁଲୁଥିଲା ବିମର୍ଷ ବେଲୁନ୍ ପରି -" (ମହାନ୍ତି, 'ଖ୍ରୀ: ଅ: ୨୦୬୬')

"ଆକାଶର ଜହ୍ନଟା ହଳଦିଆ ବେଲୁନ୍ ପରି -" (ମହାନ୍ତି, 'ଭାଙ୍ଗପୁରର ଚକଡ଼ା')

"ପାଣିଭିଜା କାଗଜ ଠୁଙ୍ଗା ପରି ମୁହଁ -" (ମହାନ୍ତି, 'ବାସିମଡ଼ା')

"ଗୋଟିଏ ଚଳନ୍ତା ଅଖାବସ୍ତା ପରି -" (ମହାନ୍ତି, 'ଲବଣର ସ୍ୱାଦ')

ଉପରେ ପ୍ରଦତ୍ତ ଚିତ୍ରକଳ୍ପର ବିସ୍ତୃତ ତାଲିକାକୁ ଲକ୍ଷ୍ୟ କଲେ ଏହାରି ମଧ୍ୟରେ ଦୃଶ୍ୟମାନ ଚିତ୍ରକଳ୍ପ (visual image) ଦୂରାଗତ ବସ୍ତୁର ରୂପ ଚେତନା ବିଶିଷ୍ଟ ଚିତ୍ରକଳ୍ପ (telesopic image), ବର୍ଣ୍ଣ

ରୂପକଳ୍ପ (colour image)ର ଦୃଷ୍ଟାନ୍ତ ଦେଖିବାକୁ ପାଇଥାଉ । ବିଭିନ୍ନ ରୂପକଳ୍ପର ବ୍ୟବହାରକୁ ଲକ୍ଷ୍ୟକଲେ ଏହାରି ମଧ୍ୟରେ ଗାଳ୍ପିକଙ୍କ ଗଦ୍ୟରୀତିର ବିଶିଷ୍ଟତା ପରିଲକ୍ଷିତ ହୋଇଥାଏ, କାରଣ ତାଙ୍କ ପ୍ରଯୁକ୍ତ ବହୁ ଚିତ୍ରକଳ୍ପ ତାଙ୍କର ମୌଳିକ ସୃଷ୍ଟି ତଥା ସୂକ୍ଷ୍ମ ଅନୁଧ୍ୟାନ ଓ ଅନୁଭୂତିର ଫଳଶ୍ରୁତି ଅଟେ ।

## ସୁରେନ୍ଦ୍ରଙ୍କ ଗଳ୍ପର ପ୍ରତୀକ

କେବଳ ମାନସ ପ୍ରତ୍ୟକ୍ଷ ତଥା କଳ୍ପନା କ୍ଷେତ୍ରରେ ଆସୁଥିବା ଚିନ୍ତାଭାବ ଏବଂ ଅନୁଭୂତି ସମୂହର ଗୋଚର ବାସ୍ତବ ସଂକେତ ଅଥବା ଚିହ୍ନକୁ ପ୍ରତୀକ କୁହାଯାଏ । ଅନ୍ୟ କଥାରେ କହିବାକୁଗଲେ ପ୍ରତୀକ, କେତକ ଶବ୍ଦର ଅଭିଧାନକୁ ପ୍ରକାଶ ନ କରି ବ୍ୟଞ୍ଜନା ଶକ୍ତି ମାଧ୍ୟମରେ ଅନ୍ୟ ଏକ ଭାବବସ୍ତୁର ସନ୍ଧାନ ଦେଇଥାଏ । ଏହା ପୁଣି ପାରମ୍ପରିକ ତଥା ବ୍ୟକ୍ତିଗତ ପ୍ରତୀକ ଭାବରେ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ।

ସୁରେନ୍ଦ୍ରଙ୍କ ଗଳ୍ପରେ ପ୍ରତୀକ ସଂଖ୍ୟା ସୀମାବଦ୍ଧ ହୋଇଥିଲେ ହେଁ, ସାପ, ଏଣ୍ଡୁଅ ପ୍ରଭୃତି ପାରମ୍ପରିକ ଫ୍ରଏଡିଆନ ପ୍ରତୀକ 'ସାପ' ଓ 'କ୍ଲାନ୍ତ ଚୈତାଳୀ' ଗଳ୍ପରେ ସାର୍ଥକ ଭାବରେ ପ୍ରୟୋଗ କରାଯାଇଛି । 'ହଂସ' ଆତ୍ମାର ପ୍ରତୀକ ରୂପେ 'ମରାଳର ମୃତ୍ୟୁ' ଗଳ୍ପରେ ଗଳ୍ପର ଭାବବସ୍ତୁକୁ ଅଧିକ ତାତ୍ପର୍ଯ୍ୟକ ତଥା ବ୍ୟଞ୍ଜନାଧର୍ମୀ କରିପାରିଛି । 'ମରୁଡ଼ି' ଗଳ୍ପରେ ପଞ୍ଚସଖା ଯୁଗୀୟ ସୂର୍ଯ୍ୟ ଚନ୍ଦ୍ରର ପ୍ରତୀକ ଗୁରୁଜୀଙ୍କ ବ୍ୟାଖ୍ୟା ମଧ୍ୟରେ ଗାଳ୍ପିକ ଉପସ୍ଥାପନ କରିଛନ୍ତି । ସୁରେନ୍ଦ୍ରଙ୍କ ବ୍ୟକ୍ତିଗତ ପ୍ରତୀକ ଭାବରେ ରାଜନୀତିକ ନେତାର ପ୍ରତୀକ ରୂପେ କୁକୁର 'ଓ ! କାଲକଟା' ଓ 'ପ୍ରତି ନାୟକ' ଗଳ୍ପରେ ଦେଖାଯାଇଥାଏ । ଏତଦ୍‌ଭିନ୍ନ ଗାଳ୍ପିକଙ୍କ ପଶୁପକ୍ଷୀ ଓ ପ୍ରକୃତି ବିଶିଷ୍ଟ ବହୁ ଉପମାନ ପ୍ରୟୋଗ ମଧ୍ୟରେ ସ୍ଥଳବିଶେଷରେ କେତେକ ପ୍ରତୀକ ପରିଲକ୍ଷିତ ହୋଇଥାଏ । ଦୃଷ୍ଟାନ୍ତ ସ୍ୱରୂପ ମେଣ୍ଢାର ଭାବ, ଅର୍ଗଳିରେ ଛେଳି ବେକ ପୂରାଇଲାପରି ଲକ୍ଷ୍ୟକଲେ ପ୍ରଥମଟିରେ ନିରୀହତା ଓ ଦ୍ୱିତୀୟଟିରେ ଅସହାୟତା ପରିଲକ୍ଷିତ ହୋଇଥାଏ ।

## ସୁରେନ୍ଦ୍ରଙ୍କ ଗଳ୍ପର ମିଥ୍

ପାଶ୍ଚାତ୍ୟ ସାହିତ୍ୟରେ 'ମିଥ୍'ର ପ୍ରୟୋଗ ଆଧୁନିକ ସାହିତ୍ୟରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଆଧୁନିକ କବିତା ଠାରୁ ଆରମ୍ଭ କରି ଜେମ୍ସ ଜିଏସଙ୍କ 'ୟୁଲିସିସ' ଉପନ୍ୟାସ ପର୍ଯ୍ୟନ୍ତ ଏହାର ପ୍ରୟୋଗ ଦେଖିବାକୁ ମିଳିଥାଏ । ପ୍ରଥମେ 'ମିଥ୍' କେବଳ ଇତିହାସ, ପୁରାଣ ବା ପୁରାଣ ତନ୍ତ୍ରରୁ ଉଦ୍‌ଭୁତ ହୋଇଥିବାର ଧରାଯାଉଥିଲା, ମାତ୍ର କ୍ରମେପି ପାଶ୍ଚାତ୍ୟ ସାହିତ୍ୟରେ ବ୍ୟକ୍ତିଗତ ମିଥ୍‌ର ମଧ୍ୟ କେତେକ ପ୍ରୟୋଗ ଦେଖାଦେଇଥାଏ । ଓଡ଼ିଆ କବିତାରେ 'ମିଥ୍'-ପ୍ରୟୋଗର ସମତାଳରେ ଓଡ଼ିଆ ଗଳ୍ପ ସାହିତ୍ୟରେ ପ୍ରଥମେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତିଙ୍କ ଦ୍ୱାରା ଗଳ୍ପର ଗଦ୍ୟରୀତିରେ 'ମିଥ୍'ର ପ୍ରୟୋଗ ହୋଇଥିବା ଲକ୍ଷ୍ୟ କରାଯାଇଥାଏ । ଏଠାରେ ବିଭିନ୍ନ ପର୍ଯ୍ୟାୟରୁ ସେ ଗ୍ରହଣ କରିଥିବା ମିଥ୍‌ର କେତେକ ଦୃଷ୍ଟାନ୍ତ ମାଧ୍ୟମରେ ତାଙ୍କର ଗଦ୍ୟରୀତିର ସଫଳତା ଆଲୋଚନା କରାଯାଉଛି ।

ସୁରେନ୍ଦ୍ରଙ୍କ ଗଳ୍ପରେ ବାସୁକି, କୁବେର, କୁମ୍ଭକର୍ଣ୍ଣ, ବିଭୀଷଣ, ଏକଲବ୍ୟ, ଅଗସ୍ତି, ଦଧୀଚି ପ୍ରଭୃତି ପୌରାଣିକ ଚରିତ୍ର ବିଭିନ୍ନ ଚରିତ୍ରର ପରାକାଷ୍ଠା ପ୍ରଦର୍ଶନ ଉଦ୍ଦେଶ୍ୟରେ ବାରମ୍ବାର ବ୍ୟବହୃତ ହୋଇଥିବା

ଲକ୍ଷ୍ୟ କରାଯାଇଥାଏ । ଏତଦ୍‌ଭିନ୍ନ ପୁରାଣର ଯେଉଁ କେତେକ ଚରିତ୍ର ତଥା ଘଟଣା ନିଜର ବିଶେଷତା ପାଇଁ ପ୍ରସିଦ୍ଧ ସେସବୁ ଅନେକ ସ୍ଥଳରେ ଗାଳ୍ପିକ ପ୍ରୟୋଗକରି ନିଜର ପ୍ରୟୋଗ କୁଶଳତା ତଥା ବିଶେଷତ୍ବର ପରିଚୟ ପ୍ରଦାନ କରିଛନ୍ତି- ଦୃଷ୍ଟାନ୍ତ ସ୍ୱରୂପ ତାଙ୍କର କେତେକ ମିଥ୍‌ର ପ୍ରୟୋଗ ଏଠାରେ ଉଦ୍ଧାର କରାଯାଉଛି ।

"ନୃତ୍ୟକ୍ଲାନ୍ତ ନଟରାଜଙ୍କର ଜଟାରେ ବଙ୍କିମ ଶଶିରେଖାପରି ମୌନ ଓ ନିର୍ବେଦ ଦେବଦାରୁ ଶୀର୍ଷର ସେହି ବଙ୍କିମ ଚନ୍ଦ୍ର ।" (ମହାନ୍ତି, 'ସମ୍ପାଦକ')

"ସେହି ବାଲିକୁଦମାନଙ୍କରେ ଖରାଜଳା ବେଣାବୁଦା ସବୁ ଦେଖାଯାଏ ରୁଦ୍ର କାପାଳିକର ପିଙ୍ଗଳ ଜଟାମାଳ ପରି... ଭୟଙ୍କର ।"(ମହାନ୍ତି, 'ଘଇତାମାରିପାଟ')

"ଏସବୁର ବହୁ ଊର୍ଦ୍ଧ୍ୱରେ ପ୍ରମତ୍ତ ଶିବ ତାଣ୍ଡବର ଡମରୁ ନାଦପରି ବେଳେବେଳେ ମେଘର ଗୁରୁ ଗର୍ଜନ ସବୁ ଶବ୍ଦ କୋଳାହଳକୁ ମୁହୂର୍ତ୍ତକ ପାଇଁ ବୁଡ଼ାଇଦେଇ, ପୁଣି ଟ୍ରାଫିକର ଗର୍ଜନ ମଧ୍ୟରେ ବୁଡ଼ିଯାଉଥିଲା ।" (ମହାନ୍ତି, 'ଜୟ ପରାଜୟ')

ଶିବଙ୍କର ସ୍ଥିତାବସ୍ଥା, ପିଙ୍ଗଳଜଟା ତଥା ତାଣ୍ଡବ ନୃତ୍ୟର ମାଧ୍ୟମରେ ଗାଳ୍ପିକ ପୂର୍ବୋକ୍ତ ତିନୋଟି ଦୃଷ୍ଟାନ୍ତରେ ପରିବେଶକୁ ସମୃଦ୍ଧ ତଥା ବାସ୍ତବଧର୍ମୀ କରିବାର ପ୍ରଚେଷ୍ଟା କରିଛନ୍ତି ।

ଗାଳ୍ପିକ ସୁରେନ୍ଦ୍ର ନିର୍ବାଚନ ତଥା ଗଣତନ୍ତ୍ର ପରିପ୍ରେକ୍ଷୀରେ ଜନତା ଉଦ୍ଦେଶ୍ୟରେ ପ୍ରୟୋଗ କରିଥିବା କବନ୍ଧଜନତା, ଶିରହୀନ ନୂତନ ବ୍ରହ୍ମା (ସଂପାଦକ ଓ ଗଣଦେବତା) ଆଦି ପୌରାଣିକ ପ୍ରୟୋଗକୁ ଲକ୍ଷ୍ୟକଲେ ଏହାରି ମାଧ୍ୟମରେ ଗାଳ୍ପିକ ସମାଜ ବ୍ୟବସ୍ଥାକୁ ବ୍ୟଙ୍ଗ କରିଛନ୍ତି । ଅନ୍ୟ କେତେକ ପୌରାଣିକ ଚରିତ୍ର ମାଧ୍ୟମରେ ବିଭିନ୍ନ ଚରିତ୍ରକୁ ମଧ୍ୟ ସେ ବ୍ୟଙ୍ଗ କରିଥିବା ଲକ୍ଷ୍ୟ କରାଯାଇଥାଏ । ଦୃଷ୍ଟାନ୍ତ ସ୍ୱରୂପ "ବ୍ୟର୍ଥ ଆଗମନୀ" ଗଳ୍ପର କୋକିଳା ଦେବୀଙ୍କ ଉଦ୍ଦେଶ୍ୟରେ "ଦଶ ପ୍ରହରଣ ଧାରିଣୀ ଦୁର୍ଗାଙ୍କ ପରି" ଅଥବା ରାମହରି ବାବୁଙ୍କ ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଇଥିବା ଦୂରରୁ କେତେକାଂଶରେ ସେ ଦୁର୍ଗାଙ୍କ ପଦତଳେ ମର୍ଦ୍ଦିତ ମହିଷାସୁର ପରି ଦେଖାଯାଉଥିଲେ ଲକ୍ଷ୍ୟକଲେ ଗାଳ୍ପିକ ସୁରେନ୍ଦ୍ର ମିଥ୍‌ର ପ୍ରୟୋଗ ମାଧ୍ୟମରେ କରିଥିବା ବ୍ୟଙ୍ଗାତ୍ମକ ଦୃଷ୍ଟିକୋଣର ପରିଚୟ ମିଳିଥାଏ । ସାମାଜିକ ବିଧି ବ୍ୟବସ୍ଥା ତଥା ଚରିତ୍ରକୁ ବ୍ୟଙ୍ଗ ତଥା ସମାଲୋଚନା କରାଯାଇଥିବା ଅନ୍ୟ କେତେକ ମିଥ୍‌ର ଦୃଷ୍ଟାନ୍ତ ଏଠାରେ ଦିଆଯାଉଛି -

"ରାଜନୀତିର ପଶାପାଲି ଉପରେ କେଉଁ ଏକ ଅଦୃଶ ଶକୁନୀର ଗାନ୍ଧାର ସେନର ଅସ୍ଥିରେ ନିର୍ମିତ ପାଶାକାଠି ଗଡ଼ାଇ ଦେଲା କଡ଼ କଡ଼ କରି-" (ମହାନ୍ତି, 'ଗୋଟିଏ ଘୋଡ଼ାର ମୃତ୍ୟୁ')

"ୱେଟିଂରୁମ୍ ଶରଶଯ୍ୟା ପରି ଛାରପୋକ ଭର୍ତ୍ତି-" (ମହାନ୍ତି, 'ଶେଷ ରାତିର ଏକ୍ସପ୍ରେସ୍')

"ୱେଟିଂରୁମ୍‌ର ଶରଶଯ୍ୟା ଗୁଡ଼ିକୁ ପିତାମହ ଭୀଷ୍ମଙ୍କ ଗାମ୍ଭୀର୍ଯ୍ୟରେ ସେମାନେ ଫେରି ଆସିବାବେଳେ-" (ମହାନ୍ତି, 'ଶେଷ ରାତିର ଏକ୍ସପ୍ରେସ୍')

"ପଳାତକ ଦୁର୍ଯ୍ୟୋଧନର ବ୍ୟାସ ସରୋବର-" (ମହାନ୍ତି, 'ପ୍ରତିନାୟକ')

ଗାଳ୍ପିକ ସୁରେନ୍ଦ୍ର କେବଳ ଭାରତୀୟ ପୁରାଣ ପରମ୍ପରାରୁ ମିଥ୍‌ର ପ୍ରୟୋଗକରି ସନ୍ତୁଷ୍ଟ ହୋଇ ରହିନାହାନ୍ତି । ତାଙ୍କ ଗଳ୍ପଗୁଡ଼ିକୁ ଲକ୍ଷ୍ୟକଲେ ଇତିହାସ, କିମ୍ବଦନ୍ତୀ, ରୂପକଥା, ଆରବ୍ୟ କାହାଣୀ, ବିଦେଶୀ ସାହିତ୍ୟରୁ ମଧ ସେ ମିଥ୍ ସଂଗ୍ରହକରି ଗଦ୍ୟରେ ପ୍ରୟୋଗ କରିଛନ୍ତି । ସେସବୁର କେତେକ ଦୃଷ୍ଟାନ୍ତ ମାଧ୍ୟମରେ ଏଠାରେ ଆଲୋଚନା କରାଯାଉଛି -

"ୱାରେନ୍ ହେଷ୍ଟିଙ୍ଗସ୍‌ଙ୍କ ହାତରେ ପରାସ୍ତ ହୋଇ ଅବଧର କୌଣସି ନବାବ କେବେ ହୁଏତ ପରାଜୟର ଏପରି ଗ୍ଲାନି ଅନୁଭବ କରି ନଥିବେ ।" (ମହାନ୍ତି,'ସାହି ଖାନ୍ଦାନ')

"ଅଭିମାନିନୀ ତଅପୋଇ ପରି ।" (ମହାନ୍ତି, 'ପୁଷ୍ପାଭିଷେକ')

"ଉପକଥାର ସୁନେଲି ରେଶମୀ ସୂତାରେ ବୁଣା ଭାରତର ସେହି ରଙ୍ଗୀନ ଉତ୍ତରୀୟ ।" (ମହାନ୍ତି, 'ଭାରତ ଆବିଷ୍କାର')

"ହିନ୍ଦୁସ୍ଥାନର ସେହି ଛଅଜଣ ଅନ୍ଧ କୌତୂହଳୀ ହାତୀ ଦେଖିବାକୁ ବାହାରିଲା ପରି ।" (ମହାନ୍ତି, 'ଭାରତ ଆବିଷ୍କାର')

"ତୁମୁଳ କୋଳାହଳ କରି କାହାଣୀର ରାକ୍ଷସପରି ।" (ମହାନ୍ତି, 'ଘଇତାମାରିପାଟ')

"ଆଦିମ ରାକ୍ଷସ ପରି ।" (ମହାନ୍ତି, 'ମହାନିର୍ବାଣ')

"ଉପକଥାର କ୍ଷୁଧିତ ରାକ୍ଷସ ପରି ।" (ମହାନ୍ତି, 'ଜୟ ପରାଜୟ')

"ଉପକଥାର କ୍ଷୁଧିତ ରାକ୍ଷସପରି ସିଗ୍‌ନାଲ ପୋଷ୍ଟ ଧାଡ଼ି ।" (ମହାନ୍ତି, 'ଶେଷରାତିର ଏକ୍ସପ୍ରେସ୍')

"କାହାଣୀର ସେହି ଇନ୍ଦ୍ରଧନୁ ଦେଶର ରାଜକନ୍ୟାର ଓଠରେ ହସର କୁଞ୍ଚିତ ରେଖାପରି ।" (ମହାନ୍ତି, 'ଲବଣର ସ୍ୱାଦ')

"ଉପକଥାର ଗହ୍ବରରେ ବନ୍ଦିନୀ ରାଜକନ୍ୟା ପରି ଜ୍ୟୋତ୍ସ୍ନା ।" (ମହାନ୍ତି, 'କବନ୍ଧ')

"ରହସ୍ୟମୟୀ ମତ୍ସ୍ୟକନ୍ୟାପରି ।"(ମହାନ୍ତି,'ଗୁରୁ')

"ଆରବ୍ୟ କାହାଣୀର କେଉଁ ଐନ୍ଦ୍ରଜାଲିକର ମାୟା ଜାଲାରେ ଆରବ୍ୟ ଉପନ୍ୟାସର ସୁଲତାନ ପରି ।"(ମହାନ୍ତି, 'ନିଯୁକ୍ତି ପତ୍ର')

"ଗ୍ରୀକ୍ ଉପନ୍ୟାସର ନାର୍‌ସିସସ ପରି ।"(ମହାନ୍ତି, 'ଅପରିଚିତର ପରିଚୟ')

"ଆଲିବାବାର ଗୁମ୍ଫାପରି ।"(ମହାନ୍ତି,'ଆକାଶ ତଥାପି ସୁନୀଳ')

ଏତଦ୍‌ଭିନ୍ନ ଗାଳ୍ପିକ ସୁରେନ୍ଦ୍ରଙ୍କର ଗଳ୍ପଗୁଡ଼ିକରେ ତାଙ୍କର ନିଜସ୍ୱ କଳ୍ପନା କୌଶଳରେ ଆଶ୍ରିତ କେତେକ ନୂତନ ମିଥ୍‌ର ପ୍ରୟୋଗ ଦେଖିବାକୁ ମିଳିଥାଏ । ଦୃଷ୍ଟାନ୍ତ ସ୍ୱରୂପ -

"ଶ୍ରୀ ରାମଚନ୍ଦ୍ର କମଳ ନୟନରେ ଦେବୀ ଆରାଧନା କରୁଥିଲେ । ସ୍ୱାଧୀନତା ପାଇଁ ଶିର କମଳ......"(ମହାନ୍ତି, 'ପତାକା ଉତ୍ତୋଳନ')

"ପ୍ରାଗୈତିହାସିକ ଦାନବମାନଙ୍କର ପ୍ରାଣହୀନ ଶବପରି ।" (ମହାନ୍ତି,'ମରାଳର ମୃତ୍ୟୁ')

"ବୈଷ୍ଣବକବି ପ୍ରେମପଦାବଳୀ ଗାଇ ପ୍ରାଣର ଉତ୍ତପ୍ତତା ଶାନ୍ତ କଲାପରି ।" (ମହାନ୍ତି, 'କାଠ ଘୋଡ଼ା')

ସୁରେନ୍ଦ୍ରଙ୍କର ମିଥ୍ ପ୍ରୟୋଗର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି, ମିଥ୍ ସାହାଯ୍ୟରେ ସେ ଚିତ୍ରକଳ୍ପ ସୃଷ୍ଟିକରିବାର ଏକ ଅଭିନବ କୌଶଳ ଗଦ୍ୟଶୈଳୀରେ ପ୍ରଦର୍ଶନ କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ :-

"ବେନେଟ୍ ଟେକାଟ୍ରକ୍ ହାଁ ମେଲା ରାକ୍ଷସପରି ।" (ମହାନ୍ତି, 'କବନ୍ଧ')

"ଓକ୍‌ଗଛ ସବୁ ଠିଆହୋଇଛନ୍ତି, ଧ୍ୟାନୀବୁଦ୍ଧମାନଙ୍କ ପରି, ଡାଳମାନଙ୍କରେ ସେମାନଙ୍କର ନାନା ପ୍ରକାର ମୁଦ୍ରା ସେଇ ଗଛଟା ଦିଶୁଛି ଅବଲୋକିତେଶ୍ୱରଙ୍କ ପରି, ଡାଳ ଗୋଟାଏ ତାର ନଇଁ ଆସିଛି ଯେପରି ଭୂମି ସ୍ପର୍ଶ ମୁଦ୍ରା ।" (ମହାନ୍ତି, 'ଅଦିନର ଅତିଥି')

ଏହି ମିଥ୍‌ର ପ୍ରୟୋଗ ଲକ୍ଷ୍ୟକଲେ ଗାଳ୍ପିକ ମୁଖ୍ୟ ଚରିତ୍ରର ଚେତନାରେ ଏକ ଚିତ୍ରାତ୍ମକ ପରିବେଶ ସୃଷ୍ଟି ପାଇଁ ପ୍ରଚେଷ୍ଟା କରିଥିବା ମନେହୁଏ ।

ସୁରେନ୍ଦ୍ରଙ୍କର ଗଳ୍ପର ଗଦ୍ୟରୀତିକୁ ଅନୁଧାନ କଲେ ଏହା ସର୍ବଦା ଗଳ୍ପର କଥାବସ୍ତୁ ଓ ପରିବେଶର ଅନୁରୂପ ହୋଇଛି । ମାତ୍ର ବାକ୍ୟଗଠନ ରୀତି, ଉପମାନ, ଚିତ୍ରକଳ୍ପ ଓ ମିଥ୍ ପ୍ରୟୋଗ ସହିତ ବିଭିନ୍ନ ଶବ୍ଦ ଗୁମ୍ଫନ ମାଧ୍ୟମରେ ଗାଳ୍ପିକ ଓଡ଼ିଆ ଗଳ୍ପରଚନାରେ ଗଦ୍ୟ ଶୈଳୀର ଅନୁବର୍ତ୍ତନରେ ବହୁ ବର୍ଣ୍ଣବିଭା ବିମଣ୍ଡିତ ଗଦ୍ୟଶୈଳୀର ପ୍ରଚଳନ ଓ ଅନୁଶୀଳନ କରିଛନ୍ତି । ଗାଳ୍ପିକ ସୁରେନ୍ଦ୍ରଙ୍କ ବର୍ଣ୍ଣନା ଚାତୁରୀ, ଭାଷା ଓ ଗଦ୍ୟରୀତି ତଥା ଗଳ୍ପର ନାଟକୀୟତା ଲକ୍ଷ୍ୟକଲେ, ସୁରେନ୍ଦ୍ରଙ୍କ ପୂର୍ବବର୍ତ୍ତୀ ଗାଳ୍ପିକଙ୍କ ରଚନାରୀତି, ଭାଷା, ତଥା ବର୍ଣ୍ଣନା ଚାତୁରୀ ଅପେକ୍ଷା ତାଙ୍କର ସ୍ୱାତନ୍ତ୍ର୍ୟ ତଥା ପରାକାଷ୍ଠା ସ୍ପଷ୍ଟ ପରିଲକ୍ଷିତ ହୋଇଥାଏ । ସୁରେନ୍ଦ୍ରଙ୍କ ରଚନାର ଏହି ଭାବଧାରା ଓଡ଼ିଆ ଗଳ୍ପ ସାହିତ୍ୟର ବିକାଶ କ୍ରମରେ ସୁଦୂର ପ୍ରସାରୀ ହୋଇପାରିଥିବା ଲକ୍ଷ୍ୟ କରାଯାଏ ।

■ ■ ■

# ସୁରେନ୍ଦ୍ରଙ୍କ ଗଳ୍ପର ଶୈଳୀ

## ସୁରେନ୍ଦ୍ରଙ୍କ ଗଳ୍ପର କଥାବସ୍ତୁ ଓ ଘଟଣା ବିନ୍ୟାସ :-

ବିଷୟବସ୍ତୁ ଉପରେ ଆଧାର କରି ସୁରେନ୍ଦ୍ରଙ୍କ ବିଭିନ୍ନ ଗଳ୍ପଗୁଡ଼ିକୁ ମୁଖ୍ୟତଃ ଐତିହାସିକ, ପୌରାଣିକ, ରାଜନୀତିକ, ଆଦି ଶୀର୍ଷକରେ ବିଭକ୍ତ କରି ଆଲୋଚନା କରାଯାଇଥିବାରୁ କଥାବସ୍ତୁ ଉପରେ ଆଧାରିତ ଘଟଣା ସମ୍ପର୍କରେ ଆଲୋଚନା କରିବା ସମୟରେ ଘଟଣାକୁ ମଧ୍ୟ ଐତିହାସିକ, ପୌରାଣିକ, ରାଜନୀତିକ ଇତ୍ୟାଦି ଭାବରେ ବିଭକ୍ତ କରାଯାଇ ପାରିବ । ମାତ୍ର ବିଷୟବସ୍ତୁ ସମ୍ପର୍କରେ ବିଶଦ ଆଲୋଚନା ପୂର୍ବରୁ କରାଯାଇଥିବାରୁ ଗଳ୍ପର ଘଟଣାଗୁଡ଼ିକର ବିଭାଗୀକରଣ ସମ୍ପର୍କରେ ବିଶେଷ ଆଲୋଚନା ନକରି ଏଠାରେ ସୁରେନ୍ଦ୍ରଙ୍କ ଗଳ୍ପର ଘଟଣା ଚୟନ ଓ ଗଳ୍ପରେ ଘଟଣାର ଗୁମ୍ଫନ ଦୃଷ୍ଟିରୁ କେବଳ ଆଲୋଚନା କରାଯାଉଛି ।

ସୁରେନ୍ଦ୍ର ନିଜ ଗଳ୍ପର ଘଟଣାଗୁଡ଼ିକ ବିଶେଷତଃ, ନିଜସ୍ୱ ଅନୁଭୂତି, ସହର କୈନ୍ଦ୍ରିକ ଜୀବନର ବିଭିନ୍ନ ସମସ୍ୟା, ଗ୍ରାମ୍ୟ ସମାଜର ପ୍ରାକୃତିକ ଦୁର୍ବିପାକ, ପାରିବାରିକ ଜୀବନ, ମହାଜନର ଶୋଷଣ, ବିଭିନ୍ନ ଶ୍ରେଣୀର ମଣିଷର ବ୍ୟକ୍ତିଗତ ଜୀବନ ଯନ୍ତ୍ରଣା, ବିଭିନ୍ନ ରାଜନୀତିକତନ୍ତ୍ର ଓ ଘଟଣା, ମଣିଷର ମାନସିକ ଜଗତର ବିଭିନ୍ନ ଭାବନା ଓ ଚେତନା ମଧ୍ୟରୁ ଚୟନ କରିଛନ୍ତି । ସ୍ଥୂଳ ଦୃଷ୍ଟିରୁ ବିଚାର କଲେ ଗାଳ୍ପିକ ସୁରେନ୍ଦ୍ର ତାଙ୍କର ଅନେକ ଗଳ୍ପରେ କ୍ଷୁଦ୍ରଗଳ୍ପର କଳା ଦୃଷ୍ଟିରୁ ଏକମାତ୍ର ଘଟଣାର ଅବତାରଣା କରିଥିଲେ ହେଁ ସେ ଅନେକ ଗଳ୍ପରେ ଏକ ବା ଏକାଧିକ ଗୌଣ ଘଟଣା ଗଳ୍ପ ମଧ୍ୟରେ ଉପସ୍ଥାପନା କରିଛନ୍ତି । ଗଳ୍ପ କଳା ଦୃଷ୍ଟିରୁ ବିଚାର କଲେ କ୍ଷୁଦ୍ରଗଳ୍ପରେ ଘଟଣାର ଏକମୁଖିନତା ପାଇଁ ସୀମିତ ପରିବେଶ ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଘଟଣା ଆବଶ୍ୟକ ହେଉଥିଲେ ହେଁ, ସୁରେନ୍ଦ୍ରଙ୍କ ଅନେକ ଗଳ୍ପରେ ଏହି ନୀତିର ବିରୁଦ୍ଧାଚରଣ କରାଯାଇଛି ।

ସୁରେନ୍ଦ୍ରଙ୍କ 'ଭାରତ ଆବିଷ୍କାର', 'ଅଷ୍ଟ୍ରେଲିଆ', 'ପ୍ରଥମ ଆଷାଢ଼', 'ସତର ନମ୍ବର ୱାର୍ଡ଼', 'ମହାନଗରୀର ରାତ୍ରୀ, 'ଭାଗାବଣ୍ଡ'ଙ୍କ 'ସାଙ୍ଗରିଲା', 'ସାମ୍ୟବାଦର ଶେଷ ଇସ୍ତାହାର','ପ୍ରତୀକ୍ଷା' ଇତ୍ୟାଦି ଗଳ୍ପରେ ବହୁ ଘଟଣାର ସଂଯୋଜନା କରାଯାଇଛି । ଦୃଷ୍ଟାନ୍ତସ୍ୱରୂପ ଭାରତ ଆବିଷ୍କାର ଗଳ୍ପରେ ଦ୍ୱିତୀୟ ବିଶ୍ୱ ମହାସମର, ଭାସ୍କୋଡିଗାମାର ଭାରତ ଆବିଷ୍କାର, ଫୁଟ୍‌ପାଥ୍‌ରେ ମଣିଷର ଜୀବନ ନିର୍ବାହ, ଭିକ୍ଷୁକର ଅନ୍ନ ସନ୍ଧାନ, ବେଶ୍ୟାପଲ୍ଲୀ ଆଦି ଭାରତର ବହୁ ସମସ୍ୟାବହୁଳ ଘଟଣାରାଜିକୁ ଭାରତ ଆବିଷ୍କାରର ଜଞ୍ଜିର ମଧ୍ୟରେ ବାନ୍ଧି ଗାଳ୍ପିକ ସୁରେନ୍ଦ୍ର ମାନସିକ ଚେତନାର ଏକ ପରିବେଶ ମାତ୍ର ଉପସ୍ଥାପନ କରିଛନ୍ତି । ତେଣୁ ଏହି ଗଳ୍ପଟି ବହୁ ଘଟଣାର ସମାହାର ହେଲେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ମାନସିକ ଚେତନା ମଧ୍ୟରେ ଆବଦ୍ଧ ପାଠକର ହୃଦୟଗ୍ରାହୀ ହୋଇ ପାରିଛି । ଏହି ପର୍ଯ୍ୟାୟର 'ପ୍ରଥମ ଆଷାଢ଼', 'ପ୍ରତୀକ୍ଷା' ଆଦି ଗଳ୍ପରେ ମଧ୍ୟ ଯଥାକ୍ରମେ ବର୍ଷା ଓ ରେଳ ଧର୍ମଘଟ କାଳୀନ ପ୍ଲାଟଫର୍ମର ପରିବେଶରେ ବହୁ ଘଟଣାର ସମାହାର ହୋଇଥିଲେ ହେଁ ପାଠକ ପାଖରେ ଏହାର ଆବେଦନ ଏକ ନିର୍ଦ୍ଦିଷ୍ଟ ମାନସିକ ପରିବେଶ ସୃଷ୍ଟି କରିଥାଏ । ତାଙ୍କର ଏହି ଶ୍ରେଣୀର ଗଳ୍ପସବୁ ଜଞ୍ଜିର

ସଦୃଶ ବିଭିନ୍ନ ସମାନ୍ତରାଳ ଘଟଣାର ସମାହାରରେ ସୃଷ୍ଟ । ତେଣୁ ଗଳ୍ପକଳାରେ ଘଟଣା ଗୁମ୍ଫନ ଦୃଷ୍ଟିରୁ ଓଡ଼ିଆ ଗଳ୍ପ ସାହିତ୍ୟରେ ଏହା ସୁରେନ୍ଦ୍ରଙ୍କ ଏକ ବୈପ୍ଳବିକ ପଦକ୍ଷେପ ଭାବେ ସ୍ୱୀକାର୍ଯ୍ୟ ।

ସୁରେନ୍ଦ୍ରଙ୍କ କେତେକ ଗଳ୍ପରେ ଚରିତ୍ରର ପରିସ୍ଫୁଟନ, ବିଷୟବସ୍ତୁକୁ ମାର୍ମିକ, ତଥା ମୁଖ୍ୟ ଘଟଣାର ଆବେଦନକୁ ଅଧିକ ତୀବ୍ର କରିବା ଉଦ୍ଦେଶ୍ୟରେ ମୁଖ୍ୟ ଘଟଣାର ସମାନ୍ତରାଳ ଭାବେ ନିର୍ଦ୍ଦିଷ୍ଟ ଗୌଣ ଘଟଣାର ଅବତାରଣା ଦେଖାଯାଇଥାଏ । ଦୃଷ୍ଟାନ୍ତସ୍ୱରୂପ- 'ଘଇତାମାରୀ ପାଟ', 'ବାସିମଡ଼ା', 'ବରଜୁ ଷେଣ୍ଢଘାଇ', 'ଗୃହଦାହ', 'ଆକାଶ ତଥାପି ସୁନୀଳ', 'ସାରିପୁତ୍ତ', 'ମହାନିର୍ବାଣ' ଆଦି ଗଳ୍ପକୁ ଗ୍ରହଣ କରାଯାଇପାରେ ।

'ଘଇତାମାରି ପାଟ' ଗଳ୍ପରେ ଗଳ୍ପର ପ୍ରଥମାଂଶ ବିରୂପା ନଦୀରେ ବନ୍ୟା ଫଳରେ କିଭଳି ପାଟର ସୃଷ୍ଟି ହେଲା ତଥା ପାଟରେ ମୁକୁନ୍ଦା ହଳିଆ ହଳ କରୁଥିବା ଅବସ୍ଥାରେ ଅନାହାର ତଥା ତୃଷା ଯୋଗୁଁ ମୃତ୍ୟୁବରଣ ଘଟଣାରୁ ପାଟର ନାମ ଘଇତାମାରି ପାଟ ହୋଇଥିବା ଘଟଣାର ଉପସ୍ଥାପନା ମଧ୍ୟରେ ଗାଳ୍ପିକଙ୍କ ଗଳ୍ପର ନାମକରଣ ଜନିତ ସଚେତନତା ଲକ୍ଷ୍ୟ କରାଯାଇପାରେ । ଅନୁରୂପ ଭାବେ 'ବରଜୁ ଷେଣ୍ଢଘାଇ' ଗଳ୍ପରେ ବରଜୁ ଷେଣ୍ଢଙ୍କ ନଦୀବନ୍ଧ ବାନ୍ଧିବା ଘଟଣା ମାଧ୍ୟମରେ ନାମକରଣ ପ୍ରତି ଗାଳ୍ପିକଙ୍କ ସଚେତନତା ଲକ୍ଷ୍ୟ କରାଯାଇଥିଲେ ହେଁ ପରବର୍ତ୍ତୀ ପର୍ଯ୍ୟାୟରେ ବର୍ଣ୍ଣିତ ହରିମାଷ୍ଟର ଚରିତ୍ରର ତ୍ୟାଗପୂତ ଜୀବନର ସମଧର୍ମୀ ଚରିତ୍ର ରୂପେ ବରଜୁ ଷେଣ୍ଢ ଚରିତ୍ରର ଉପସ୍ଥାପନା କରାଯାଇଥିବା ଅଧିକ ସମୀଚୀନ ମନେହୁଏ । ମାତ୍ର ବୌଦ୍ଧ ଯୁଗୀୟ ପରିବେଶ ଉପରେ ଆଧାରିତ ଗଳ୍ପ 'ସାରିପୁତ୍ତ' ଓ 'ମହାନିର୍ବାଣ'ରେ ଯଥାକ୍ରମେ ରୂପଶ୍ରୀର ପୁନର୍ଜନ୍ମ ଓ ଆନନ୍ଦଙ୍କର ପ୍ରଶ୍ନ ଘଟଣା ବିଷୟବସ୍ତୁର ଉପସ୍ଥାପନାକୁ ଅଧିକ ଯୁକ୍ତିନିଷ୍ଠ ଓ ମର୍ମସ୍ପର୍ଶୀ କରିବା ଲକ୍ଷ୍ୟରେ କରାଯାଇଛି ।

'ବାସିମଡ଼ା' ଗଳ୍ପରେ ନିଧିକାନଗୋଇଙ୍କ ମୃତ୍ୟୁ ଘଟଣାର ସମାନ୍ତରାଳ ଭାବେ ବ୍ରଜବନ୍ଧୁଙ୍କ ଚେତନାରେ ଜଜ୍ ରାମେଶ୍ୱରବାବୁଙ୍କ ପତ୍ନୀଙ୍କ ମୃତ୍ୟୁଜନିତ ଘଟଣା ପ୍ରବାହ ତଥା 'ଗୃହଦାହ' ଗଳ୍ପରେ ନାରାୟଣ ମହାପାତ୍ର ଓ ହରି ଶତପଥୀଙ୍କ ରାଜନୀତିକ କନ୍ଦଳର ପ୍ରେକ୍ଷାପଟରେ ଅସହଯୋଗ ଆନ୍ଦୋଳନ ଓ ଆନନ୍ଦ ବ୍ରହ୍ମଚାରୀଙ୍କ ଚରିତ୍ରର ଉପସ୍ଥାପନା, ଗଳ୍ପର ମୁଖ୍ୟ ଘଟଣାର ଆବେଦନକୁ ଅଧିକ ତୀବ୍ର କରିବା ଉଦ୍ଦେଶ୍ୟରେ କରାଯାଇଛି ।

ସୁରେନ୍ଦ୍ରଙ୍କ 'ଆକାଶ ତଥାପି ସୁନୀଳ', 'ଶାଳଭଞ୍ଜିକା','ଆନନ୍ଦଭୈରବୀ' ଆଦି ଗଳ୍ପରେ ମୁଖ୍ୟ ଘଟଣାର ସମାନ୍ତରାଳ ଭାବେ- ଗୌଣ ଘଟଣାର ଉପସ୍ଥାପନା ମଧ୍ୟରେ ଚରିତ୍ରର ମାନସିକ ଅନ୍ତଃଦ୍ୱନ୍ଦ୍ୱର ଚିତ୍ର ଅଧିକ ତୀବ୍ର ଭାବେ ଗାଳ୍ପିକ ଉପସ୍ଥାପନ କରିଛନ୍ତି । 'ଆକାଶ ତଥାପି ସୁନୀଳ' ଗଳ୍ପରେ ହନି ମିଆଁ ପ୍ରତି ସ୍ୱଦେଶମିତ୍ର ସମ୍ବାଦପତ୍ରର ପ୍ରତିନିଧି ଅମିତାଭର ଆକ୍ରୋଶ ତାର ବ୍ୟକ୍ତିଗତ ଜୀବନରେ ନନ୍ଦିତାର ପ୍ରେମରେ ଇସ୍‌ମାଇଲ୍ ଯୋଗୁଁ ପାଇଥିବା ଅସଫଳତା ଜନିତ ଘଟଣା କାରଣରୁ ଦେଖା ଦେଇଛି । "ଶାଳଭଞ୍ଜିକା"ରେ ବ୍ୟୋମକେଶବାବୁ ଓ ରୁକ୍ମିଣୀ ଦେବୀଙ୍କ ବିବାହ ବାର୍ଷିକୀର ଚିତ୍ର ମୁଖ୍ୟ ଘଟଣାର ନାୟିକା ସୁକାନ୍ତିଙ୍କ ମାନସିକ ସନ୍ତୁଳନକୁ ଅଧିକ ତୀବ୍ର କରିଛି । 'ଆନନ୍ଦ ଭୈରବୀ' ଗଳ୍ପରେ ପରିତ୍ୟକ୍ତ ବୃଦ୍ଧ ଚରିତ୍ର ମାଧ୍ୟମରେ ସେ ସନ୍ନ୍ୟାସ ଓ ସଂସାରର ସମାନ୍ତରାଳ ଚିତ୍ର ଦେବାରେ ସଫଳ ହୋଇଛନ୍ତି ।

ଏଥିରେ ସ୍ପଷ୍ଟ ପ୍ରତିପାଦିତ ହୁଏ ଯେ, ସୁରେନ୍ଦ୍ରଙ୍କ ଗୌଣ ଘଟଣା ସର୍ବଦା ମୁଖ୍ୟ ଘଟଣାକୁ ପରିସ୍ଫୁଟନ କରିବା ପାଇଁ ସହାୟକ ଭାବେ ଉପସ୍ଥାପିତ ହୋଇଅଛି ।

ସୁରେନ୍ଦ୍ରଙ୍କ 'ଧ୍ୱଂସାବଶେଷ', 'ଆନନ୍ଦ ଭୈରବୀ', 'ଅମୃତ' ଆଦି ଗଳ୍ପରେ ମୁଖ୍ୟ ଘଟଣା ଅପେକ୍ଷା ଗୌଣ ଘଟଣାଗୁଡ଼ିକ ବିଶଦ ଭାବରେ ଉପସ୍ଥାପିତ, ଯଦ୍ୱାରା ତାଙ୍କର ଗଳ୍ପ କାହାଣୀର ନିକଟବର୍ତ୍ତୀ ହୋଇ ପଡ଼ିଛି । 'ଧ୍ୱଂସାବଶେଷ' ଗଳ୍ପକୁ ଲକ୍ଷ୍ୟକଲେ ଦେଖାଯାଏ ଏହି ଗଳ୍ପଟି ତିନୋଟି ପରିଚ୍ଛେଦରେ ରଚିତ । ଏହାର ପ୍ରଥମ ପରିଚ୍ଛେଦରେ ନଟରାଜ, ବିଶ୍ୱପତି, ଉମାପତି ଓ ନୀଳମଣି ଚୌଧୁରୀଙ୍କ ଚରିତ୍ର ରାଜେନ୍ଦ୍ରର ବଂଶାବଳୀ ବର୍ଣ୍ଣନା ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଭାବେ କରାଯାଇ ବହୁ ଘଟଣାର ଉପସ୍ଥାପନା କରାଯାଇଛି । ଏହାଫଳରେ ପାଠକ ମୂଳ କଥା ବସ୍ତୁରେ ପହଞ୍ଚିବା ସମୟରେ ତାର ମାନସିକ ସ୍ଥିତି ଭାରାକ୍ରାନ୍ତ ହୋଇଉଠିଥାଏ । ଅନୁରୂପ ଭାବେ 'ଅମୃତ' ଓ 'ଆନନ୍ଦ ଭୈରବୀ' ଗଳ୍ପରେ ବହୁ ଘଟଣାର ସମାବେଶ ଏ ଗଳ୍ପଗୁଡ଼ିକୁ କ୍ଷୁଦ୍ରଗଳ୍ପ ଅପେକ୍ଷା କାହାଣୀର ନିକଟବର୍ତ୍ତୀ କରି ଦେଇଛି ।

ଗାଳ୍ପିକ ସୁରେନ୍ଦ୍ରଙ୍କ 'ଭାଙ୍ଗପୁରର ଚକଡ଼ା', 'ଆକାଶ ଛତିଆ', 'ହତ୍ୟାକାରୀ କିଏ', 'ଶ୍ରୀକୃଷ୍ଣଙ୍କ ଶେଷ ହସ' ଓ 'ଯଦୁବଂଶ'ରେ ବହୁ ଘଟଣାର ସମାହାର ଦେଖିବାକୁ ମିଳିଥାଏ । ବିଶେଷତଃ 'ଭାଙ୍ଗପୁରର ଚକଡ଼ା' ଓ 'ହତ୍ୟାକାରୀ କିଏ' ଗଳ୍ପରେ ଘଟଣା ଗୁମ୍ଫନ କ୍ଷେତ୍ରରେ ଗାଳ୍ପିକ ସତର୍କତା ଅବଲମ୍ବନ କରି ପାରିନଥିବାରୁ ଗଳ୍ପ ଦୁଇଟି ନିଜର ତତ୍ତ୍ୱ ପ୍ରଖ୍ୟାପନ ଓ ରହସ୍ୟବୋଧକୁ ସୁଚାରୁ ରୂପେ ପାଠକ ପାଖରେ ପହଞ୍ଚାଇ ପାରି ନାହାନ୍ତି । ମାତ୍ର "ଶ୍ରୀକୃଷ୍ଣଙ୍କ ଶେଷ ହସ" ଓ "ଯଦୁବଂଶ" ଗଳ୍ପରେ ଗୋଟିଏ ଗୋଟିଏ ବାକ୍ୟ ମଧ୍ୟରେ ବହୁବିଧ ପୌରାଣିକ ଘଟଣାର ସୂଚନା ରହିଥିଲେ ହେଁ ଗଳ୍ପର ଆବେଦନ ଦୃଷ୍ଟିରୁ ଏହା ଅପରିହାର୍ଯ୍ୟ ମନେ ହୋଇଥାଏ ।

ଗାଳ୍ପିକ ସୁରେନ୍ଦ୍ର "କ୍ଳାନ୍ତ ଚୈତାଳୀ", 'ନିଃସଙ୍ଗ ଆକାଶ', 'ତାତା', 'କାଠଘୋଡ଼ା', 'ସାପ', 'ଦିନେ ସନ୍ଧ୍ୟାରେ' ଇତ୍ୟାଦି ମନସ୍ତାତ୍ତ୍ୱିକ ଧର୍ମୀଗଳ୍ପରେ ଚରିତ୍ରର ଚେତନା ମଧ୍ୟରେ ବହୁ ଘଟଣାର ଉପସ୍ଥାପନା କରିଛନ୍ତି ।

ଗାଳ୍ପିକ ସୁରେନ୍ଦ୍ରଙ୍କ ବହୁ ଗଳ୍ପ ସତ୍ୟ ଘଟଣା ତଥା ପ୍ରତ୍ୟକ୍ଷ ଅନୁଭୂତି ଉପରେ ଆଧାରିତ । 'ଶେଷ ରାତିର ଏକ୍ସପ୍ରେସ୍', 'ମାଲ୍ୟାର୍ପଣ', 'ବଇଷମ ପାଠଶାଳା' ଓ 'ଶୂନ୍ୟ ପଞ୍ଜୁରୀ' ଆଦି ଗଳ୍ପର ଘଟଣା ଏହି ପର୍ଯ୍ୟାୟର ଅନ୍ତର୍ଭୁକ୍ତ । 'ଶେଷ ରାତିର ଏକ୍ସପ୍ରେସ୍' ଓ 'ମାଲ୍ୟାର୍ପଣ' ଗଳ୍ପ ପ୍ରକାଶିତ ସମ୍ବାଦ ଉପରେ ଆଧାର କରି ରଚିତ ହୋଇଥିବା ସ୍ଥଳେ ଗାଳ୍ପିକ ସୁରେନ୍ଦ୍ରଙ୍କ ବାଲ୍ୟକାଳର ସ୍ମୃତିଚାରଣ ବଇଷମ ପାଠଶାଳା ଓ ଶୂନ୍ୟ ପଞ୍ଜୁରୀ ଗଳ୍ପରେ ଦେଖା ଯାଇଥାଏ । ଏ ସମ୍ପର୍କରେ 'ନରବଳି'ର ଆଧୁନିକତା ସମ୍ପର୍କିତ ଆଲୋଚନା ଓ ଅରୁଣ ବିଶ୍ୱାଳର ମୃତ୍ୟୁ ତଥା 'ବଳିଦାନ'ର ଆନ୍ଦୋଳନ ପର୍ଯ୍ୟାୟକୁ ମଧ୍ୟ ଗ୍ରହଣ କରାଯାଇପାରେ ।

ସୁରେନ୍ଦ୍ରଙ୍କ 'ଅଦିନର ଅତିଥି' ଗଳ୍ପରେ ଶୁଭ୍ରାର ଜନ୍ମଦିନ ଘଟଣା, 'ପ୍ରେତିନୀର ନାଚ'ରେ ଜଜ୍ ସାହେବଙ୍କ ବ୍ୟବହାର ଘଟଣା ସମ୍ପୂର୍ଣ୍ଣ ଅପ୍ରାସଙ୍ଗିକ ତଥା ମୂଳ କଥାବସ୍ତୁ ସହ ଏହାର କୌଣସି ସମ୍ପର୍କ ନଥିବାରୁ ଏହି ଗଳ୍ପର କଥାବସ୍ତୁ ଦୁର୍ବଳହୋଇ ଯାଇଥିବା ପରିଲକ୍ଷିତ ହୋଇଥାଏ ।

'ଶେଷ କବିତା' ଓ 'ଜୀଅନ୍ତା ଭୂତ' ଗଳ୍ପରେ ବହୁ ଆଡ଼ମ୍ବରପୂର୍ଣ୍ଣ ଭାବେ ଉପସ୍ଥାପିତ ଘଟଣା ହଠାତ୍ ଲଘୁ ହୋଇଯାଇ ବ୍ୟାଙ୍ଗାତ୍ମକ ରୂପ ଧାରଣ କରିଛି । ଏହା ଫଳରେ ଗାଳ୍ପିକ ପାଠକର ଉତ୍କଣ୍ଠା ଓ ରହସ୍ୟବୋଧକୁ ଲଘୁ ଭାବରେ ଚିତ୍ରଣ କରି ଗଳ୍ପର ଘଟଣା ଗୁମ୍ଫନରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ।

ଗଳ୍ପର ଘଟଣା ବର୍ଣ୍ଣନାରେ ବର୍ତ୍ତମାନ ସମୟର ପରିବେଶ ସହିତ ଅତୀତର ଘଟଣା ରୋମନ୍ଥନ ମାଧ୍ୟମରେ ମଣିଷର ଅସହାୟ ମୁହୂର୍ତ୍ତର ଚିତ୍ର ଉପସ୍ଥାପନ ଗାଳ୍ପିକ ସୁରେନ୍ଦ୍ରଙ୍କ ଘଟଣା ବିନ୍ୟାସର ଅନ୍ୟ ଏକ ବୈଶିଷ୍ଟ୍ୟ । ଦୃଷ୍ଟାନ୍ତସ୍ୱରୂପ 'ମରାଳର ମୃତ୍ୟୁ' ଗଳ୍ପରେ ସୁବୋଧର ବର୍ତ୍ତମାନ ପରିବେଶରେ ଅତୀତର ସ୍ୱପ୍ନ ତଥା ସିଦ୍ଧ ନିରଞ୍ଜନଙ୍କ ଆତ୍ମା ପରମାତ୍ମା ତତ୍ତ୍ୱ ମଧ୍ୟରେ ସାମଞ୍ଜସ୍ୟ ଆଣି ଗାଳ୍ପିକ ଗଳ୍ପର ବର୍ତ୍ତମାନ ଓ ଅତୀତ ସମୟକୁ ଏକ ସୂତ୍ରରେ ବାନ୍ଧି ପାରିଛନ୍ତି । ଘଟଣା ଗୁମ୍ଫନର ଏଭଳି ଦୃଷ୍ଟାନ୍ତ 'ପଲାଶପୁର ଓ ପୋର୍ସିଲେନ୍' ଗଳ୍ପରେ ମଧ୍ୟ ଲକ୍ଷ୍ୟ କରାଯାଏ ।

## ସୁରେନ୍ଦ୍ରଙ୍କ ଗଳ୍ପର ରଚନା ରୀତି

ଗାଳ୍ପିକ ସୁରେନ୍ଦ୍ର ଅନୁସରଣ କରିଥିବା ଗଳ୍ପ ରଚନାର ପ୍ରତ୍ୟକ୍ଷ ରୀତି, ପରୋକ୍ଷ ରୀତି, ପତ୍ର ରୀତି ଓ ମିଶ୍ର ରୀତିର ଅନୁସରଣ ନିଜ ଗଳ୍ପ ରଚନା କ୍ଷେତ୍ରରେ କିଭଳି ପ୍ରୟୋଗ କରିଛନ୍ତି, ସେ ସମ୍ପର୍କରେ ଏଠାରେ ଆଲୋଚନା କରାଯାଉଛି ।

### ପ୍ରତ୍ୟକ୍ଷ ରୀତି

ପ୍ରତ୍ୟକ୍ଷ ରୀତିରେ ରଚିତ ଗଳ୍ପଗୁଡ଼ିକରେ ଗାଳ୍ପିକ ସୁରେନ୍ଦ୍ର ଆତ୍ମକଥନମୂଳକ ଶୈଳୀରେ ପ୍ରଥମ ପୁରୁଷରେ 'ମଣିଷ ଓ ଅର୍ଥନୀତି', 'ସିଗାରେଟ୍', 'ସାମ୍ୟବାଦର ଶେଷ ଇସ୍ତାହାର' ଗଳ୍ପ ବର୍ଣ୍ଣନା କରିଛନ୍ତି । 'ସେ ଓ ମୁଁ' ଗଳ୍ପଟି ଏହି ରୀତିରେ ରଚିତ ହୋଇଥିଲେ ହେଁ ଏହାର ପ୍ରଥମାଂଶର 'ମୁଁ' ନାରୀ ଚରିତ୍ର ରୂପ ହୋଇଥିବା ସ୍ଥଳେ ଦ୍ୱିତୀୟାଂଶର 'ମୁଁ' ପୁରୁଷ ଚରିତ୍ର ।

'ଭାରତ ଆବିଷ୍କାର', 'ଅଷ୍ଟ୍ରେଲିଆ', 'ପ୍ରଥମ ଆଷାଢ଼', 'ସତର ନମ୍ବର ୱାର୍ଡ଼' ଗଳ୍ପଗୁଡ଼ିକରେ 'ମୁଁ' ଚରିତ୍ର ମାଧ୍ୟମରେ ଗାଳ୍ପିକ ସୁରେନ୍ଦ୍ର ବହୁ ପାରିପାର୍ଶ୍ୱିକ ଘଟଣାର ବର୍ଣ୍ଣନା କରିଛନ୍ତି । ଏହି ଗଳ୍ପଗୁଡ଼ିକରେ ବିଶେଷତଃ ବହୁ ଘଟଣାର ଗୁମ୍ଫନ ଏକ ସୂତ୍ର ସାହାଯ୍ୟରେ ସୂତ୍ରଧର ଭଳି ମୁଁ ଚରିତ୍ର କରିପାରିଛି ।

'ମହାନଗରୀର ରାତ୍ରି', 'ମଣିଷ ଓ ମଣିଷ', 'ବୃତ୍ତ ଓ କେନ୍ଦ୍ରହୀନ', 'ପ୍ରତିଧ୍ୱନି' ଓ 'ବାସୀସି ଜୀର୍ଣ୍ଣାନି' ଗଳ୍ପରେ ମୁଁ ଚରିତ୍ର ନିଜ ସଂସର୍ଗରେ ଆସିଥିବା ଅନ୍ୟ ଚରିତ୍ରକୁ ମୁଖ୍ୟ ଚରିତ୍ର ରୂପେ ଗ୍ରହଣ କରି ପାରିପାର୍ଶ୍ୱିକ ପରିବେଶ ଓ ମୁଖ୍ୟ ଚରିତ୍ରର ଜୀବନାନୁଭୂତିକୁ ଗଳ୍ପର ବିଷୟବସ୍ତୁ ମଧ୍ୟରେ ଉପସ୍ଥାପନା କରିଛି ।

### ପରୋକ୍ଷ ରୀତି

ପରୋକ୍ଷ ରୀତି ବା ବର୍ଣ୍ଣନାତ୍ମକ ଶୈଳୀରେ ରଚିତ ଗଳ୍ପଗୁଡ଼ିକୁ ଲକ୍ଷ୍ୟକଲେ ଗାଳ୍ପିକ ସୁରେନ୍ଦ୍ରଙ୍କର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା, ସଂଳାପସଂଯୋଜନାରେ ପାରଦର୍ଶିତା, ତଥା ନାଟକୀୟଉପସ୍ଥାପନ କୌଶଳ ସହିତ କାବ୍ୟିକ ବର୍ଣ୍ଣନାଧର୍ମିତା ଲକ୍ଷ୍ୟ କରାଯାଇଥାଏ । ଏ ସମ୍ପର୍କରେ ଗାଳ୍ପିକଙ୍କ ରଚନାଶୈଳୀର ବୈଶିଷ୍ଟ୍ୟ ପର୍ଯ୍ୟାୟରେ ବିଶଦ ଆଲୋଚନା କରାଯାଇଅଛି । 'ଅପରାଜିତ', 'ସମ୍ପାଦକ', 'ଅତିଥି', 'ବଳିଦାନ', 'ଧ୍ୱଂସାବଶେଷ',

'କାଳିମାଟି', 'ପତାକା ଉତ୍ତୋଳନ', 'ମହାମାନବର ସାଗର ତୀରେ', 'ନୟନପୁର ଏକ୍ସପ୍ରେସ୍', 'ଦୁଇବନ୍ଧୁ', 'ଭାଗାବଣ୍ଡ', 'କୃଷ୍ଣଚୂଡ଼ା', 'ରୁଟି ଓ ଚନ୍ଦ୍ର', 'ଅଣ୍ଡରଗ୍ରାଉଣ୍ଡ', 'ବାଲି', 'ନିତ୍ୟ ବର୍ତ୍ତମାନକାଳ', 'ସାଙ୍ଗରିଲା', 'ସ୍ୱପ୍ନରେ ମନ୍ଦୋଦରୀ', 'ତିନୋସାର୍‌ର ଆତ୍ମା', 'ଶେଷ କବିତା', 'ଇଜ୍‌ମାଲୀ', 'ଘଇତାମାରିପାଟ', 'ସାଇକଲ ଚୋର', 'ଘନିଆଁର ଗଣେଶ ଚତୁର୍ଥୀ', 'ସୀମାରେଖା', 'ଖାଦାନୀ', 'ଶାଳଭଞ୍ଜିକା', 'ନରବଳି', 'ମେଣ୍ଢାଖାଇ', 'ବାସିମଡ଼ା', 'ଉତ୍ତରାମପୁତ୍ର', 'ସାରୀପୁତ୍ତ', 'ଅମ୍ବାପଲ୍ଲୀ', 'ମଧୁମନ୍ତାର ରାତ୍ରି', 'ପିତା ଓ ପୁତ୍ର', 'ମହାନିର୍ବାଣ', 'ନର୍ତ୍ତକୀ', 'ଭଗ୍ନଦୂତ', 'ଯାଯାବର ଓ ଜାୟା', 'ଶ୍ରୀକୃଷ୍ଣଙ୍କ ଶେଷଦିବସ', 'ସନ୍ଧି ଓ ସନ୍ତ', କେଶରୀ ସନ୍ଧ୍ୟା', 'କଳିଙ୍ଗର ପ୍ରତିଶୋଧ', 'ଶେଷର ଆରମ୍ଭ', 'ମରାଳର ମୃତ୍ୟୁ', 'ପାଗଳ ଗାରଦର କାହାଣୀ', 'ଗୃହଦାହ', 'ଆଦିମ ଓ ଶତରୂପା', 'ବରଜୁଷେଣ୍ଟଘାଇ', 'କୁବେରର କବିତା', 'ବ୍ୟର୍ଥ ଆଗମନୀ', 'ତୃଷ୍ଣା ଓ ବିତୃଷ୍ଣା', 'ପୁଷ୍ପାଭିଷେକ', 'ଆକାଶ ତଥାପି ସୁନୀଳ', 'ନିଯୁକ୍ତିପତ୍ର', 'ଜୀବନ ପ୍ରଭାତ', 'ଦ୍ୱିପଦର ଗ୍ରାସ', 'ମାଲ୍ୟାର୍ପଣ', 'ଚେନାଏ ଜହ୍ନ', 'ହତ୍ୟାକାରୀ କିଏ ?', 'ଖ୍ରୀ:ଅ: ୨୦୬୬', 'ଡାଡା', 'କାଠଘୋଡ଼ା', 'ସୁନାମାହାରୀ', 'ମୃତ୍ତିକାର ଆତ୍ମା', 'ଜହ୍ନିଲଟା', 'ବିସର୍ଜନ', 'ଶେଷ ରାତିର ଏକ୍ସପ୍ରେସ୍', 'ଗୁରୁ', 'ଓଃ କାଲ୍‌କାଟା', 'କମନ୍‌ରୁମ୍', 'କେନ୍ଦ୍ରାତୀଗ', 'ଦିନେ ସନ୍ଧ୍ୟାରେ', 'କମଳର ତମ୍ବୁ', 'ପ୍ରିୟତମାସୁ', 'କବନ୍ଧ', 'ଇନ୍ଦ୍ରଦ୍ୟୁମ୍ନ', 'ବଳିବର୍ଦ୍ଧ', 'ସଭ୍ୟତାର ଗ୍ରାସ', 'ସେଇ ଲୋକଟା', 'ପ୍ରତିନାୟକ', 'ଅସାଧାରଣ', ଏଇ ଗଣତନ୍ତ୍ର', 'ଯଦୁବଂଶ'ପ୍ରଭୃତି ଚଉରାଶିଟି ଗଳ୍ପ ରଚିତ ।

**ପତ୍ର ରୀତ**

ଗାଳ୍ପିକ ସୁରେନ୍ଦ୍ର 'ବେଲୁନ୍' ଗଳ୍ପଟି ଏହି ରୀତିରେ ରଚନା କରିଛନ୍ତି । ସମ୍ପୂର୍ଣ୍ଣ ଗଳ୍ପଟି ପତ୍ର ରୀତି ଅନ୍ତର୍ଗତ ଡାଏରୀ ରଚନା ରୀତିରେ ଉପସ୍ଥାପନ କରାଯାଇଛି ।

**ମିଶ୍ର ରୀତି**

"ମରୁଡ଼ି", 'ସବୁଜପତ୍ର ଓ ଧୂସର ଗୋଲାପ', 'ଅମୃତ', 'ନୀଳଜ୍ୟୋସ୍ନା', 'ଅପରିଚିତର ପରିଚୟ', 'ଆନନ୍ଦଭୈରବୀ', 'ମୁହୂର୍ତ୍ତ', 'ନିଃସଙ୍ଗ ଆକାଶ', 'କାକ୍‌ଟସ୍', 'ଲବଣର ସ୍ୱାଦ', 'ଜୟ ପରାଜୟ', 'ଆକାଶ ଛତିଆ', 'ବଇଷ୍ଣମ ପାଠଶାଳା', 'ଶୂନ୍ୟ ପଞ୍ଜୁରୀ', 'ଗଣଦେବତା', 'ଗୋଟିଏ ପ୍ରେମ ଗଳ୍ପ', 'ଗୋଟିଏ ଘୋଡ଼ାର ମୃତ୍ୟୁ', 'ମାଂସର କୋଣାର୍କ', 'ଗୋଟିଏ ଆତ୍ମହତ୍ୟାର କାହାଣୀ', 'ପ୍ରତୀକ୍ଷା', 'ମୃତ୍ୟୁ ଗାଷ୍ଟ୍ରୋଏଣ୍ଟ୍ରାଇଟିସ୍', 'ପଲାଶପୁର ଓ ପୋର୍ସିଲନ୍' ପ୍ରଭୃତି ଗଳ୍ପ ପ୍ରତ୍ୟକ୍ଷ ଓ ପରୋକ୍ଷ ରୀତିର ସମାହାରରେ ରଚିତ ହୋଇଛି ।

'ସାତଭଉଣୀ' ପରୋକ୍ଷ ରୀତି ସହ ପତ୍ରରୀତିର ସମ୍ବାଦ ପତ୍ରର ବିବରଣୀ, 'କବି', 'କାବେରୀରୁ ଗଙ୍ଗା', 'ଦଳେଇ ବୁଢ଼ା' ପରୋକ୍ଷ ରୀତି ସହ ପ୍ରତିଷ୍ଠିତ ବିଭିନ୍ନ କାବ୍ୟରୁ ଉଦ୍ଧୃତି, ଶିଳାଲେଖର ବିବରଣୀ ଆଦି ପତ୍ର ରୀତି, 'ଜୀଅନ୍ତା ଭୂତ' ପରୋକ୍ଷ ରୀତି ସହ ସମ୍ବାଦପତ୍ରର ବିବରଣୀ, 'ଭାଙ୍ଗପୁରର ଚକଡ଼ା' ପ୍ରତ୍ୟକ୍ଷ ଓ ପରୋକ୍ଷ ରୀତି ସହ ବିଭିନ୍ନ କାବ୍ୟ ଗ୍ରନ୍ଥାଦିରୁ ଉଦ୍ଧୃତି । 'ସାପ' ପରୋକ୍ଷ ରୀତି ସହ ପତ୍ର ରୀତି ଓ ଡାଏରୀ ରୀତିର ସମାହାରରେ ରଚିତ ହୋଇଛି ।

## ସୁରେନ୍ଦ୍ରଙ୍କ ରଚନାଶୈଳୀର ବୈଶିଷ୍ଟ୍ୟ

ସୁରେନ୍ଦ୍ରଙ୍କ ରଚନା ରୀତିର ବୈଶିଷ୍ଟ ହେଉଛି ଚରିତ୍ର, ଘଟଣା ତଥା ପରିବେଶର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା । ଏସମ୍ପର୍କରେ ଏହା ପୂର୍ବରୁ ଆଲୋଚନା କରାଯାଇଥିବା ପରିବେଶ ଓ ବିଗ୍ରହ ବର୍ଣ୍ଣନା ପ୍ରସଙ୍ଗ ଲକ୍ଷ୍ୟ କରାଯାଇପାରେ । ସୁରେନ୍ଦ୍ରଙ୍କ ଗଳ୍ପର ରଚନା ଶୈଳୀର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ଘଟଣାର ନାଟକୀୟ ଉପସ୍ଥାପନ କୌଶଳ । ଏହି ପର୍ଯ୍ୟାୟରେ ଆଲୋଚନା ପ୍ରସଙ୍ଗରେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପରୋକ୍ଷ ରୀତି ତଥା ପ୍ରତ୍ୟକ୍ଷ ରୀତିରେ ରଚିତ ତାଙ୍କର କେତେକ ଗଳ୍ପରେ ସଂଳାପ ବହୁଳତା ଲକ୍ଷ୍ୟ କରାଯାଇଥାଏ । ଗାଳ୍ପିକ ସୁରେନ୍ଦ୍ରଙ୍କ ବାସ୍ତବଧର୍ମୀ, ତଥା ପାତ୍ର ଉପଯୋଗୀ, ଭାବଧର୍ମୀ ସଂଳାପ ସମ୍ପର୍କରେ ଏହା ପୂର୍ବରୁ ଆଲୋଚନା କରାଯାଇଛି । ମାତ୍ର ସୁରେନ୍ଦ୍ରଙ୍କ ଗଳ୍ପର ସଂଳାପ ସଂଯୋଜନା ବ୍ୟତିରେକେ ଉପସ୍ଥାପନା କୌଶଳରେ ମଧ୍ୟ ନାଟକୀୟତା ଲକ୍ଷ୍ୟ କରାଯାଇଥାଏ । 'ସାରୀପୁତ୍ତ' ଓ 'ପିତା ଓ ପୁତ୍ର' ଗଳ୍ପ ଦୁଇଟିକୁ ଏହାର ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇପାରେ । ଏତଦ୍‌ଭିନ୍ନ 'ପୁଷ୍ୟାଭିଷେକ' ଗଳ୍ପରେ ଗାଳ୍ପିକ ସୂତ୍ରଧର ସଦୃଶ ନିଜକୁ ଅନ୍ତରାଳରେ ରଖି ନାଟକୀୟ ରୀତିରେ ଘଟଣାର ଉପସ୍ଥାପନ କରିଛନ୍ତି । ଏହିଭଳି ଶୈଳୀ ସମ୍ପର୍କରେ ସମରସେଟ୍ ମମ୍‌ଙ୍କ ଉକ୍ତିକୁ ଗ୍ରହଣ କରି ଗାଳ୍ପିକ ସୁରେନ୍ଦ୍ର ଫକୀରମୋହନଙ୍କ ଆଲୋଚନା ପ୍ରସଙ୍ଗରେ ଫକୀର ମୋହନଙ୍କ ବିଶିଷ୍ଟତା ପ୍ରତିପାଦନ କରିବା କଥା ପୂର୍ବରୁ ଉଲ୍ଲେଖ କରାଯାଇଛି । ଫକୀରମୋହନଙ୍କ ଠାରେ ଲକ୍ଷ୍ୟ କରାଯାଇଥିବା ଏହି ରୀତିକୁ ଗାଳ୍ପିକ ସୁରେନ୍ଦ୍ର ଅଧିକ ମାର୍ଜିତ ରୂପେ ନିଜ ଗଳ୍ପରେ ବ୍ୟବହାର କରିଛନ୍ତି ।

ସୁରେନ୍ଦ୍ରଙ୍କ ରଚନା ରୀତିର ଅନ୍ୟ ଏକ ବିଶେଷତ୍ୱ ହେଉଛି ତାଙ୍କ ଗଳ୍ପର କାହାଣୀଧର୍ମିତା । ଫକୀରମୋହନ ଯେଭଳି ମୂଳ ବସ୍ତୁ ଭିନ୍ନ ଅନ୍ୟାନ୍ୟ ପ୍ରସଙ୍ଗର ଅବତାରଣା କରି କ୍ଷୁଦ୍ରଗଳ୍ପକୁ କାହାଣୀର ନିକଟବର୍ତ୍ତୀ କରିଦିଅନ୍ତି, ଅନୁରୂପ ଭାବେ ବହୁଗଳ୍ପ ନ ହେଲେ ହେଁ 'ବଳିଦାନ', 'ଧ୍ୱଂସାବଶେଷ', 'ମେଣ୍ଢାଖାଇ', 'ବରଜୁଷେଣ୍ଢଘାଇ', 'ଘଇତାମାରୀପାଟ' ଇତ୍ୟାଦି ଗଳ୍ପଗୁଡ଼ିକ କାହାଣୀର ନିକଟବର୍ତ୍ତୀ ହୋଇଯାଇଛି ।

ଗାଳ୍ପିକ ସୁରେନ୍ଦ୍ର କେତେକ ଗଳ୍ପକୁ ବିବରଣୀଧର୍ମୀ ବା Reportage Styleରେ ଉପସ୍ଥାପନ କରିଛନ୍ତି । 'ଅମ୍ରପଲ୍ଲୀ' ଓ 'ମାଲ୍ୟାର୍ପଣ' ଗଳ୍ପର ରୀତିକୁ ଲକ୍ଷ୍ୟକଲେ ଏକଥା ସ୍ପଷ୍ଟ ହୋଇଥାଏ ।

ଗାଳ୍ପିକ ସୁରେନ୍ଦ୍ରଙ୍କ 'ଆନନ୍ଦଭୈରବୀ', 'ଗୋଟିଏ ଆତ୍ମହତ୍ୟାର କାହାଣୀ', 'ଅଦିନର ଅତିଥି' ଗଳ୍ପରେ ଭ୍ରମଣ ସାହିତ୍ୟ ସୁଲଭ ଶୈଳୀ ପରିଲକ୍ଷିତ ହୋଇଥାଏ । 'ଆନନ୍ଦଭୈରବୀ'ରେ ଲଛମନଝୁଲା ଓ ଋଷିକେଶର ବର୍ଣ୍ଣନା, 'ଗୋଟିଏ ଆତ୍ମହତ୍ୟାର କାହାଣୀ'ରେ ଅଞ୍ଜନଗଡ଼ର ବର୍ଣ୍ଣନା ତଥା 'ଅଦିନର ଅତିଥି'ରେ ମସୋରୀର ଉଚ୍ଚାନୀଚା ରାସ୍ତା ସହିତ ପ୍ରାକୃତିକ ଦୃଶ୍ୟର ବର୍ଣ୍ଣନା ଲକ୍ଷ୍ୟ କଲେ ଗଳ୍ପର ରଚନା ରୀତିରେ ଭ୍ରମଣ ସାହିତ୍ୟର ରଚନା ରୀତି ଲକ୍ଷ୍ୟ କରାଯାଇଥାଏ ।

ସୁରେନ୍ଦ୍ରଙ୍କ 'ଛୋଟଗପ' ଗଳ୍ପଟି ଗଦ୍ୟ କବିତାର ରଚନା ରୀତିରେ ରଚିତ । 'ଛୋଟ ଗପ'ରେ ପ୍ରଯୁକ୍ତ ଏହି ରୀତି ପରବର୍ତ୍ତୀ କାଳର 'ଭାରତ ଆବିଷ୍କାର', 'ଅଷ୍ଟ୍ରେଲିଆ', 'କାଠଘୋଡ଼ା' ଆଦି ଗଳ୍ପରେ ଦେଖିବାକୁ ମିଳେ । ପୁଣି ତାହାଙ୍କର 'ମହାନିର୍ବାଣ', 'କବି' ଆଦି ଗଳ୍ପରେ କାବ୍ୟିକ ସୁଲଭ ବର୍ଣ୍ଣନା କୁଶଳତା ଲକ୍ଷ୍ୟ କରାଯାଇଥାଏ ।

ସୁରେନ୍ଦ୍ରଙ୍କ 'ମରାଳର ମୃତ୍ୟୁ', 'ମହାନିର୍ବାଣ', 'ଗଣଦେବତା', 'ଭାଙ୍ଗପୁରର ଚକଡ଼ା' ଗଳ୍ପରେ ତତ୍ତ୍ୱ ଉପସ୍ଥାପନ ସମୟରେ ଗାଳ୍ପିକ ପ୍ରବନ୍ଧ ସୁଲଭ ରଚନା ରୀତିର ବ୍ୟବହାର କରିଛନ୍ତି ।

'ଭାରତ ଆବିଷ୍କାର', 'ଅଷ୍ଟ୍ରେଲିଆ', 'କାଠଘୋଡ଼ା', 'ଜୀବନ ପ୍ରଭାତ' ଗଳ୍ପରେ ଗାଳ୍ପିକ ସୁରେନ୍ଦ୍ର ବ୍ୟଞ୍ଜନାଧର୍ମୀ ଆଭାସଚିତ୍ର ରୀତିର ପ୍ରୟୋଗ କରିଛନ୍ତି । ଗାଳ୍ପିକ ସୁରେନ୍ଦ୍ରଙ୍କ ପ୍ରଯୁକ୍ତ ଏହି ରୀତି ପରବର୍ତ୍ତୀ କାଳରେ ଆଭାସଧର୍ମୀ ଗଳ୍ପ ରଚନାର ଏକ ବିଶିଷ୍ଟ ଆଙ୍ଗିକ ରୂପେ ଅନୁସୃତ ହୋଇଛି ।

ଚେତନା ପ୍ରବାହ ଶୈଳୀ ସୁରେନ୍ଦ୍ରଙ୍କ ବହୁ ଗଳ୍ପରେ ଏକ ବିଶିଷ୍ଟ ରଚନା ରୀତି ରୂପେ ଅନୁସୃତ ହୋଇଛି । ଗାଳ୍ପିକଙ୍କର ଆଦ୍ୟକାଳର ଗଳ୍ପ 'ଭାରତ ଆବିଷ୍କାର', 'ମଣିଷ ଓ ଅର୍ଥନୀତି' ଠାରୁ ଆରମ୍ଭ କରି ପରବର୍ତ୍ତୀ କାଳର ବହୁ ଗଳ୍ପରେ ଏହି ରୀତି ଅନୁସୃତ ହେବାର ଦେଖାଯାଏ । 'ଜୀବନ ପ୍ରଭାତ' ଓ 'ବଇଷମ ପାଠଶାଳା'ରେ ଯଥାକ୍ରମେ ସହରର ଶିଶୁ ମଣ୍ଟୁ ଓ ପଲ୍ଲୀର ଶିଶୁ କଇଆର ମନରେ ନାନାଦି ଚେତନାର ଗୁମ୍ଫନ 'ସାଇକଲ ଚୋର' ଆଦି ଗଳ୍ପରେ ଯୁବକ ମନରେ ଉଦ୍ରେକ ହେଉଥିବା ଚେତନାର ପ୍ରବାହ, 'ତୃଷ୍ଣା ବିତୃଷ୍ଣା', 'ଜୟପରାଜୟ', 'ପାଗଳ ଗାରଦର କାହାଣୀ' 'ନିଃସଙ୍ଗ ଆକାଶ' ଗଳ୍ପରେ ପ୍ରୌଢ଼ ଓ ବୃଦ୍ଧ ମନର ବିଭିନ୍ନ ଚେତନା ତଥା 'କ୍ଳାନ୍ତ ଚୈତାଳୀ', 'ନୀଳ ଜ୍ୟୋତ୍ସ୍ନା', 'କେନ୍ଦ୍ରାତୀଗ' ଆଦି ବହୁ ଗଳ୍ପରେ ନାରୀ ମନ ମଧ୍ୟରେ ଚେତନାର ପ୍ରବାହ, ବିଭିନ୍ନ ପରିବେଶ ଓ ଘଟଣାକୁ କେନ୍ଦ୍ର କରି ଉଜ୍ଜୀବିତ ହୋଇଥିବାର ଲକ୍ଷ୍ୟ କରାଯାଏ । ଓଡ଼ିଆ ଗଳ୍ପ ସାହିତ୍ୟରେ ଫକୀରମୋହନଙ୍କ ଠାରୁ ଆରମ୍ଭ କରି ସୁରେନ୍ଦ୍ର ପୂର୍ବବର୍ତ୍ତୀ ଗାଳ୍ପିକଙ୍କ ପର୍ଯ୍ୟନ୍ତ ଗଳ୍ପ ମଧ୍ୟରେ ଚରିତ୍ରର ମନସ୍ତାତ୍ତ୍ୱିକ ପରିବେଷଣ ହୋଇଥିବା ଲକ୍ଷ୍ୟ କରାଯାଏ । ମାତ୍ର ଚେତନା ପ୍ରବାହ ରୀତିରେ ଗଳ୍ପ ରଚନା ସୁରେନ୍ଦ୍ର ହିଁ ପ୍ରଥମେ ଅନୁସରଣ କରିଛନ୍ତି ।

ପାଶ୍ଚାତ୍ୟ ସାହିତ୍ୟରେ ବିଂଶ ଓ ତ୍ରିଂଶ ଦଶକରେ 'ମିଥ୍'ର ପ୍ରୟୋଗ ଦେଖାଯାଇଥାଏ । କବିତା ମଧ୍ୟ ଦେଇ ଏହା ଗଳ୍ପ ଉପନ୍ୟାସକୁ ସଂକ୍ରମିତ ହୋଇଅଛି ।(Mukherjee, 1974, P. 129-130) ଓଡ଼ିଆ ଗଳ୍ପ ସାହିତ୍ୟରେ ମିଥ୍‌ର ପ୍ରୟୋଗ ବିଭିନ୍ନ ଗଳ୍ପରେ ପ୍ରଥମେ ସୁରେନ୍ଦ୍ର ମହାନ୍ତି ହିଁ କରିଛନ୍ତି । ସୁରେନ୍ଦ୍ରଙ୍କ 'ଭାଙ୍ଗପୁରର ଚକଡ଼ା', 'ଆକାଶ ଛତିଆ' କ୍ଷୁଦ୍ର ଗଳ୍ପରେ ରମ୍ୟ ରଚନା ରୀତିର ଅନୁସୃତି ଲକ୍ଷ୍ୟ କରାଯାଏ । ସୁରେନ୍ଦ୍ରଙ୍କ ଗଳ୍ପ ରଚନା ରୀତିକୁ ଅନୁଧ୍ୟାନ କଲେ ଏହା ପ୍ରତିପାଦିତ ହୁଏ ଯେ, ତାଙ୍କର ରଚନା ଶୈଳୀ ବିଶେଷତଃ ବକ୍ର ରୈଖିକ; ତାହା ସରଳ ରୈଖିକ ବା ଏକ ପ୍ରକାର ନୁହେଁ । ପ୍ରାୟ ପ୍ରତ୍ୟେକଟି ଗଳ୍ପରେ ପାଠକ ତାଙ୍କ ରଚନା ଶୈଳୀରେ ନୂତନ ନୂତନ ରୂପର ସନ୍ଧାନ ପାଇଥାଏ । ଅନ୍ୟ କଥାରେ କହିବାକୁ ଗଲେ ପ୍ରତ୍ୟକ୍ଷରୀତି, ପରୋକ୍ଷ ରୀତି ଭେଦରେ ସ୍ଥୂଳତଃ ତାଙ୍କର ଗଳ୍ପର ରଚନା ରୀତିକୁ ବିଭକ୍ତ କରାଗଲେ ମଧ୍ୟ ପ୍ରାୟ ପ୍ରତ୍ୟେକଟି ଗଳ୍ପରେ ସେ ନୂତନ ଶୈଳୀର ଅନୁସରଣ କରିଛନ୍ତି ବୋଲି କୁହାଯାଇପାରେ । କାରଣ ତାଙ୍କର ବ୍ୟକ୍ତିଗତ ଧାରଣା ଲେଖକ ଏକ ନିର୍ଦ୍ଦିଷ୍ଟ ଶୈଳୀରେ ପହଞ୍ଚିଗଲେ ଏବଂ ତାହା ପରିବର୍ତ୍ତିତ ରୂପ ନ ନେଲେ ତାହାର ଶୈଳ୍ପିକ ମୂଲ୍ୟର ହ୍ରାସ ଘଟିଥାଏ । ସେଥିପାଇଁ ତାଙ୍କର ଶୈଳୀ ଜୀବନ ପରି ପରୀକ୍ଷା ନିରୀକ୍ଷାର ଏକ ଅସମାପ୍ତ ଅନୁଶୀଳନ । ନିତ୍ୟ ନୂତନତାର ଅନୁସନ୍ଧିତ୍ସା ଜୀବନକୁ ସବୁଜ ରଖିବା ପରି କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରକାଶ ରୀତିର ଗତିଶୀଳ ଅନୁଶୀଳନ ହିଁ ସୃଷ୍ଟିକୁ ସତେଜ ରଖେ; ଏହି କାରଣରୁ ହିଁ ଗାଳ୍ପିକ ସୁରେନ୍ଦ୍ରଙ୍କର ଗଳ୍ପଗୁଡ଼ିକରେ କୌଣସି ଏକ ନିର୍ଦ୍ଦିଷ୍ଟ ଶୈଳୀ ବା ରୀତି ଲକ୍ଷ୍ୟ କରାଯାଏ ନାହିଁ । (ମହାନ୍ତି, 'ମରାଳର ମୃତ୍ୟୁ' ଓ 'ସବୁଜ ପତ୍ର ଓ ଧୂସର ଗୋଲାପ'ର ଭୂମିକା)

## ସୁରେନ୍ଦ୍ରଙ୍କ ଗଳ୍ପରେ ରସ ଚେତନା ଓ ଗଳ୍ପର ଅଖଣ୍ଡ ରସ ପରିଣାମ

କ୍ଷୁଦ୍ରଗଳ୍ପ ଗୋଟିଏ ସ୍ୱତନ୍ତ୍ର, ରସଘନ, ସ୍ୱୟଂ ସମ୍ପୂର୍ଣ୍ଣ ରଚନା । ମଧ୍ୟଯୁଗୀୟ ଆଳଙ୍କାରିକମାନେ କାବ୍ୟ ରଚନା କ୍ଷେତ୍ରରେ 'ରସ'କୁ ଏକ ବିଶେଷ ସ୍ଥାନ ପ୍ରଦାନ କରିଛନ୍ତି । ବିଶ୍ୱନାଥ କବିରାଜଙ୍କ ଠାରୁ

ଓଡ଼ିଆ କଥାକାର ବ୍ରଜନାଥଙ୍କ ସମୟ ପର୍ଯ୍ୟନ୍ତ କଥା ସାହିତ୍ୟରେ ମଧ୍ୟ ରସକୁ ଗୁରୁତ୍ୱ ପ୍ରଦାନ କରାଯାଇଥିବା ଲକ୍ଷ୍ୟ କରାଯାଏ । ସେହି ଦୃଷ୍ଟିରୁ ଓଡ଼ିଆ ସାହିତ୍ୟର ପ୍ରଥମ ଗାଳ୍ପିକ ଫକୀରମୋହନଙ୍କ ଠାରୁ ଆରମ୍ଭ କରି ପରବର୍ତ୍ତୀ ପର୍ଯ୍ୟାୟର ଗାଳ୍ପିକମାନେ କ୍ଷୁଦ୍ରଗଳ୍ପରେ ରସପୁଷ୍ଟି ପାଇଁ ସଚେତନ । ଆଲୋଚ୍ୟ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଅନୁରୂପ ଭାବେ ଗଳ୍ପରେ ରସ ପୁଷ୍ଟି ପାଇଁ ସଯତ୍ନ ପ୍ରଚେଷ୍ଟା କରିଥିବା ପରିଲକ୍ଷିତ ହୋଇଥାଏ । ତାଙ୍କରି ଭାଷାରେ କ୍ଷୁଦ୍ରଗଳ୍ପର ରସସଂପୁଷ୍ଟି, ରଚନାର ରସ ସମ୍ବେଦନ, ରସସୃଷ୍ଟି ଓ ରସୋତ୍ତୀର୍ଣ୍ଣତା ପାଠକର ରସ ଚେତନା ଉପରେ ନିର୍ଭର କରିଥାଏ ।(ପ୍ରଧାନ, ୧୯୭୧, "କଥାକାରଙ୍କ ଲେଖନୀରୁ") ଏହି ଦୃଷ୍ଟିରୁ ଗାଳ୍ପିକ ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକ ଅନୁଧ୍ୟାନ କଲେ ଦେଖାଯାଏ, ତାଙ୍କ ଗଳ୍ପଗୁଡ଼ିକର ମୁଖ୍ୟସ୍ୱର ହେଉଛି ମଣିଷର ଦୈନ୍ୟ ହତାଶା ନୀପିଡ଼ିତ କାରୁଣ୍ୟ । ଭବଭୂତିଙ୍କ ଅନୁରୂପ ସବୁ ରସ ମଧ୍ୟରେ ଶ୍ରେଷ୍ଠ କରୁଣ ରସର ଚିନ୍ତାଧାରାରେ ଅନୁପ୍ରାଣିତ ଗାଳ୍ପିକ ସୁରେନ୍ଦ୍ରଙ୍କ ପ୍ରତିଟି ଗଳ୍ପରେ ତେଣୁ କରୁଣ ଭାବ ହିଁ ପରିଲକ୍ଷିତ ହୋଇଥାଏ । ଅବଶ୍ୟ ମଧ୍ୟଯୁଗୀୟ ରସ ଚେତନା ଓ ରସ ବିଭାଗ ଆଧୁନିକ କ୍ଷୁଦ୍ରଗଳ୍ପ ପ୍ରତି ପ୍ରଯୁକ୍ତ ନହେଲେ ହେଁ ଗାଳ୍ପିକ ସୁରେନ୍ଦ୍ରଙ୍କ ରସଚେତନାର ବିଚାର ପ୍ରସଙ୍ଗରେ ଏଠାରେ ତାଙ୍କର ଗଳ୍ପଗୁଡ଼ିକରେ ପରିବେଷିତ ବିଭିନ୍ନ ରସ ସମ୍ପର୍କରେ ଆଲୋକପାତ କରାଯାଉଅଛି ।

ମଧ୍ୟଯୁଗୀୟ ରସାଦର୍ଶର ମୁଖ୍ୟ ରସ ସମ୍ଭୋଗ ଶୃଙ୍ଗାରର ବିଶିଷ୍ଟ ବିଭାବ ବିପ୍ରଲମ୍ଭ ଶୃଙ୍ଗାର ରସର ବର୍ଣ୍ଣନା ଗାଳ୍ପିକ ସୁରେନ୍ଦ୍ରଙ୍କ ଦେହାତୀତ ପ୍ରେମର ମାହାତ୍ମ୍ୟ ପ୍ରତିପାଦିତ ହୋଇଥିବା ପ୍ରେମଗଳ୍ପଗୁଡ଼ିକରେ ପରିଲକ୍ଷିତ ହୋଇଥାଏ । ଦୃଷ୍ଟାନ୍ତ ସ୍ୱରୂପ 'ନୀଳଜ୍ୟୋତ୍ସ୍ନା' ଗଳ୍ପରେ ନାୟିକା ପାଇଁ ମୁଁ ଚରିତ୍ରର ଅପେକ୍ଷା, 'ଗୋଟିଏ ପ୍ରେମଗଳ୍ପ'ରେ ମୁଁ ଚରିତ୍ର ସହ ଦୀର୍ଘ ଚଉଦ ବର୍ଷ ପରେ ଅତୀତର ପ୍ରେମିକା ଜୟା ସହିତ ସାକ୍ଷାତ ତଥା ଅତୀତ ରୋମନ୍ଥନ, 'ପ୍ରେତିନୀର ନାଚ' ଗଳ୍ପରେ ନାୟକ ନିଖିଳ ଚୌଧୁରୀ ସହ ଅତୀତର ସହପାଠିନୀ କଲ୍ୟାଣୀର ସାକ୍ଷାତ ଓ ଅତୀତର କଲେଜ ଜୀବନାନୁଭୂତି ରୋମନ୍ଥନ ଚିତ୍ର, ତଥା 'ନିଃସଙ୍ଗ ଆକାଶ'ରେ ମଣ୍ଟୁର ଅବଚେତନରେ କୈଶୋରରୁ ଜାଗ୍ରତ ହୋଇ ରହିଥିବା ନୀଳକଇଁ ପାଇଁ ବୟସସୁଲଭ କାମ ପ୍ରବଣତାର ଚିତ୍ର ମଧ୍ୟରେ ବିପ୍ରଲମ୍ଭ ଶୃଙ୍ଗାରର ସାର୍ଥକ ବ୍ୟଞ୍ଜନା ଲକ୍ଷ୍ୟ କରାଯାଇଥାଏ । ଏତଦ୍‌ଭିନ୍ନ 'ସେଇ ଲୋକଟା' ଗଳ୍ପରେ ମୋହନ ସହିତ ପତ୍ନୀ କୁଙ୍କୁମର ତାଳକୋଟରାପାର୍କରେ ବହୁ ପ୍ରତୀକ୍ଷିତ ଦାମ୍ପତ୍ୟ ପ୍ରେମର ଉଲଙ୍ଗ ଚିତ୍ର ତଥା 'ମାଂସର କୋଣାର୍କ' ଗଳ୍ପରେ 'ସେ' ଚରିତ୍ର ସହିତ ତାର ପତ୍ନୀର ଦାମ୍ପତ୍ୟ ଜୀବନର ନିଭୃତ ମୁହୂର୍ତ୍ତର ଚିତ୍ରକୁ ପଣ୍ୟ ରୂପେ ବିକ୍ରି କରିଥିବା ଘଟଣାକୁ ଲକ୍ଷ୍ୟକଲେ ଆଧୁନିକ ସମାଜରେ ବହୁ ବିଳାସପୂର୍ଣ୍ଣ ଶୃଙ୍ଗାର ରସର ଅବକାଶ ନାହିଁ ଏକଥା ସ୍ପଷ୍ଟ ହୁଏ, ତେଣୁ ଶୃଙ୍ଗାରରସର ସାର୍ଥକ ଚିତ୍ରଣ ସୁରେନ୍ଦ୍ରଙ୍କ ଗଳ୍ପରେ ଦେଖାଯାଏ ନାହିଁ ।

ସୁରେନ୍ଦ୍ରଙ୍କ କେତେକ ଗଳ୍ପରେ ବୀଭତ୍ସ ରସର ସାର୍ଥକ ଚିତ୍ରଣ ହୋଇଥିବା ପରିଲକ୍ଷିତ ହୋଇଥାଏ । 'ସେ ଓ ମୁଁ' ଗଳ୍ପରେ କୁମର ଆତ୍ମହତ୍ୟା ଦୃଶ୍ୟ, 'ବାସୀମଡ଼ା'ର କଟକ ବଡ଼ ଡାକ୍ତରଖାନା ବାରଣ୍ଡାରେ ପଡ଼ିଥିବା ନିର୍ଦ୍ଧାନଗୋଇର ଶବ ବର୍ଣ୍ଣନା ପ୍ରସଙ୍ଗ ତଥା ମହାନିର୍ବାଣ ଗଳ୍ପର ଶ୍ମଶାନ ବର୍ଣ୍ଣନାକୁ ଲକ୍ଷ୍ୟ କଲେ ବୀଭତ୍ସ ରସର ସାର୍ଥକ ଚିତ୍ର ଦେଖିବାକୁ ମିଳିଥାଏ । ଏତଦ୍‌ଭିନ୍ନ 'ଖ୍ରୀ:ଅ: ୨୦୬୬' ଗଳ୍ପଟି ବୀଭତ୍ସ ରସର ଅନୁସରଣରେ ଚିତ୍ରିତ ; କେବଳ ଏହି କାରଣରୁ ବୋଧହୁଏ ଗାଳ୍ପିକ ସୁରେନ୍ଦ୍ର ପ୍ରଥମେ ଏହାର ନାମକରଣ 'ବୀଭତ୍ସ ଗଳ୍ପ' ରଖିଥିଲେ ।(ଦିଗନ୍ତ, ସମ୍ପାଦନା : ସଚ୍ଚି ରାଉତରାୟ, ୧୯୬୬ ପୂଜା ସଂଖ୍ୟା) 'ମେଣ୍ଢାଖୋଇ' ଗଳ୍ପରେ

କରାଯାଇଥିବା ନଈବଢ଼ିର ବର୍ଣ୍ଣନା, 'ସାତଭଉଣୀ' ଗଳ୍ପରେ କରାଯାଇଥିବା ବର୍ଷାରାତିର ପରିପ୍ରେକ୍ଷୀରେ ହଇଜା ଆକ୍ରାନ୍ତ ଗ୍ରାମର ଭୟଙ୍କର ରାତ୍ରି ବର୍ଣ୍ଣନା, ତଥା 'ଆନନ୍ଦ ଭୈରବୀ' ଓ 'ବାସାଂସିଜୀର୍ଣ୍ଣାନି' ଗଳ୍ପର ଶ୍ମଶାନ ବର୍ଣ୍ଣନା ପ୍ରସଙ୍ଗକୁ ଲକ୍ଷ୍ୟକଲେ ଭୟାନକ ରସର ଚିତ୍ର ଦେଖିବାକୁ ମିଳିଥାଏ ।

'କଳିଙ୍ଗର ପ୍ରତିଶୋଧ'ରେ ଖାରବେଳଙ୍କ ଦିଗ୍‌ବିଜୟ, 'କାବେରୀରୁ ଗଙ୍ଗା' ଗଳ୍ପରେ କପିଳେନ୍ଦ୍ରଙ୍କ ବୀରତ୍ୱ ତଥା 'ଦଳେଇବୁଢ଼ା' ଗଳ୍ପରେ ଅତୀତ ଓଡ଼ିଶାର ଗୌରବଚିତ୍ରର ଦେଶାତ୍ମବୋଧକ ବାଣୀ ମାଧ୍ୟମରେ ବୀର ରସର ସୂଚନା ମିଳିଥାଏ ।

ସୁରେନ୍ଦ୍ରଙ୍କ ଗଳ୍ପ 'ଅମୃତ' ଓ 'ମରାଳ ମୃତ୍ୟୁ' ଗଳ୍ପରେ ଆଧ୍ୟାତ୍ମିକ ଶାନ୍ତ ଭାବର ସୂଚନା ମିଳିଥାଏ । ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକୁ ଲକ୍ଷ୍ୟକଲେ ଏସବୁରେ ନବରସ ମଧ୍ୟରୁ ବିଭିନ୍ନ ରସର ସନ୍ଧାନ ମିଳିଲେ ହେଁ, କରୁଣ ରସ ବ୍ୟତୀତ ଅନ୍ୟ ରସ ଗୁଡ଼ିକ ଏଥିରେ ଗୌଣ ରୂପେ ହିଁ ଦେଖାଦେଇଥିବା ଲକ୍ଷ୍ୟ କରାଯାଏ । ପରିବେଶ ଦୃଷ୍ଟିରୁ କରୁଣ ରସର ପରବର୍ତ୍ତୀ ପ୍ରମୁଖ ରସ ଭାବେ ହାସ୍ୟ ରହି ହିଁ ତାଙ୍କ ଗଳ୍ପରେ ଦେଖାଯାଇଥାଏ ।

କ୍ଷୁଦ୍ରଗଳ୍ପର ସଂଜ୍ଞା ଓ ସ୍ୱରୂପର ଆଲୋଚନା ପ୍ରସଙ୍ଗରେ ବ୍ୟଙ୍ଗ ଓ ହାସ୍ୟ ରସର ଉପାଦେୟତା ସମ୍ପର୍କରେ କିଞ୍ଚିତ ସୂଚନା ଦିଆଯାଇଛି । ଏଠାରେ ସୁରେନ୍ଦ୍ରଙ୍କ ହାସ୍ୟରସ ସୃଷ୍ଟିର ଉପାୟ ଓ ମୌଳିକତା ସମ୍ପର୍କରେ ଆଲୋଚନା କରାଯିବ । ହାସ୍ୟରସର ମୂଳ ଉପାଦାନ ଅସାମଞ୍ଜସ୍ୟତା ଅସଙ୍ଗତି । ଯାହା ଆକସ୍ମିକ, ଅସାଧାରଣ, ଅସ୍ୱାଭାବିକ, ଚିରାଗତ ଅଭ୍ୟାସର ବିରୋଧୀ ସାଧାରଣ ଜ୍ଞାନ ଓ ଯୁକ୍ତିର ପରିପନ୍ଥୀ ତାହା ପାଠକ ମନରେ ହାସ୍ୟ ଉଦ୍ରେକ କରେ । ସାଧାରଣତଃ ଅଙ୍ଗ ବିକୃତି, କପଟତା, ମିଥ୍ୟାଦମ୍ଭ, ଆତ୍ମ ପ୍ରସାଦ, ଗର୍ବ, ଅସ୍ୱାଭାବିକ ଆଚରଣ, ବାକ୍ୟ ଓ ବେଶ ଭୂଷାଦି ହାସ୍ୟରସର ପରିପୋଷକ । ଏହି ହାସ୍ୟରସ ସାଧାରଣତଃ ଦୁଇ ପ୍ରକାର, ଶୁଦ୍ଧ ନିର୍ମଳ ଓ ବ୍ୟଙ୍ଗ । ପ୍ରଥମଟି ମନୁଷ୍ୟର କର୍ମକ୍ଳାନ୍ତ ଜୀବନରେ ହାସ୍ୟ ଆମୋଦ ଓ କୌତୁକର ଖୋରାକ ଯୋଗାଇ ଅନ୍ତରରେ ବିମଳ ଆନନ୍ଦର ଏକ ସ୍ନିଗ୍ଧ ପ୍ରଲେପ ବୋଳି ଦେଇଥାଏ, ମାତ୍ର ଦ୍ୱିତୀୟ ପ୍ରକାର ବ୍ୟଙ୍ଗ ସମାଲୋଚନାର ସୁତୀକ୍ଷ୍ଣ ଅଙ୍କୁଶାଘାତରେ ଅନ୍ତରକୁ ବିଦ୍ଧ କରି ମନୁଷ୍ୟର ସୁପ୍ତ ବିବେକକୁ ଶକ୍ତି ଓ ପରାର୍ଥ ଭାବ ଜାଗ୍ରତ କରାଏ । ହାସ୍ୟର ଅବଲମ୍ବନ ବ୍ୟକ୍ତିଗତ ଜୀବନର ସହସ୍ର ଅସଙ୍ଗତି ଓ ଅନନ୍ତ ନିର୍ବୋଧତା, କିନ୍ତୁ ବ୍ୟଙ୍ଗର ପ୍ରଧାନ ଶରବ୍ୟ ହେଉଛି ସମାଜର ଦୋଷ ଦୁର୍ବଳତା, ଅନ୍ୟାୟ ଅନାଚାର; ଅଜ୍ଞତା ଓ କୁସଂସ୍କାର, ଏହାର ଲକ୍ଷ୍ୟ ସମାଜ ସଂସ୍କାର । ଓଡ଼ିଆ ସାହିତ୍ୟର ପ୍ରଥମ ଗାଳ୍ପିକ ଫକୀରମୋହନ ହାସ୍ୟ ଓ ବ୍ୟଙ୍ଗ ପ୍ରତି ସଚେତନ ରହି ମାମୁଁ ଉପନ୍ୟାସରେ ଏହାକୁ ଶୁଦ୍ଧହସ ଓ ଶୁଖିଲା ହସ ଭାବେ ବିଭକ୍ତ କରିଛନ୍ତି ।(ସେନାପତି, ମାମୁଁ) ଫକୀରମୋହନଙ୍କ ହାସ୍ୟରସର ଆଲୋଚନା ପ୍ରସଙ୍ଗରେ ଗାଳ୍ପିକ ସୁରେନ୍ଦ୍ର କହିଛନ୍ତି ଯେ, ଇତିମଧ୍ୟରେ ମଣିଷ ସମାଜରୁ ହସ ଲିଭି ଗଲାଣି । ଭିତରେ ଭିତରେ ଆଜି ବିକ୍ଷୋଭ ଓ ଅସନ୍ତୋଷର ଉତ୍ତାପ କୁଟାଗଦା ତଳେ ଗୁମ୍‌ଗୁମିଆ ନିଆଁ ପରି କୁହୁଳି ଉଠୁଛି । ଆଜି ଅଛି ଉପହାସ, ବିଦ୍ୱେଷ ମୂଳକ ପରିହାସ, କିନ୍ତୁ ଶୁଦ୍ଧହାସ୍ୟ ରସ ନାହିଁ ।(ମହାନ୍ତି, ଫକୀରମୋହନ ସମୀକ୍ଷା) ଏହି ପରୀପ୍ରେକ୍ଷୀରେ ଫକୀରମୋହନଙ୍କ ଠାରୁ କାନ୍ତକବି ଲକ୍ଷ୍ମୀକାନ୍ତ ଓ ଗୋଦାବରୀଶ ମହାପାତ୍ରଙ୍କ ମଧ୍ୟ ଦେଇ ପରିପୁଷ୍ଟ ହୋଇଥିବା ହାସ୍ୟରସ ସୁରେନ୍ଦ୍ରଙ୍କ ଗଳ୍ପ ସାହିତ୍ୟରେ କିଭଳି ଉପହାସ ଓ ବିଦ୍ୱେଷମୂଳକ ପରିହାସର ରୂପ ପରିଗ୍ରହ କରିଛି, ତାହା ବିଭିନ୍ନସ୍ଥଳରେ ପରିବେଷିତ ତାଙ୍କର ହାସ୍ୟ ରସର ଦୃଷ୍ଟାନ୍ତ ମାଧ୍ୟମରେ ପ୍ରତିପାଦନ କରାଯାଉଅଛି ।

**ସୁରେନ୍ଦ୍ରଙ୍କ ହାସ୍ୟ ରସ**

**ଲାଳିକା**

ଫକୀରମୋହନ ଓ କାନ୍ତକବି ଲକ୍ଷ୍ମୀକାନ୍ତ ଲାଳିକା ସୃଷ୍ଟି କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରି ଯାଇଛନ୍ତି । ଗାଳ୍ପିକ ସୁରେନ୍ଦ୍ରଙ୍କ ଲାଳିକା ସଂଖ୍ୟା ଦୃଷ୍ଟିରୁ ମାତ୍ର ଗୋଟିଏ ହେଲେ ହେଁ ତାହାରି ମାଧ୍ୟମରେ ଗାଳ୍ପିକଙ୍କ ପରାକାଷ୍ଠା ପ୍ରଦର୍ଶିତ । ଦୃଷ୍ଟାନ୍ତ ସ୍ୱରୂପ :-

"ସ୍ୱଦେଶେ ପୂଜ୍ୟତେ ମନ୍ତ୍ରୀ, ଶଠ ସର୍ବତ୍ର ପୂଜ୍ୟତେ,

ଦାରାବତ୍ ସର୍ବ ନାରୀଷୁ, ପରଦ୍ରବ୍ୟେଷୁ ଆତ୍ମବତ୍"(ମହାନ୍ତି, 'ସାଇକଲ ଚୋର')

'ସାଇକଲ ଚୋର' ଗଳ୍ପରେ ବିଖ୍ୟାତ ଚାଣିକ୍ୟ ନୀତି ଶ୍ଳୋକର ଅନୁସରଣରେ ରଚିତ ଏହି ଲାଳିକାକୁ ଲକ୍ଷ୍ୟ କଲେ ଦେଖାଯାଏ ଯେ, ସୁରେନ୍ଦ୍ରଙ୍କ ବର୍ତ୍ତମାନର ରାଜନୀତିକ ଓ ସମାଜ ବ୍ୟବସ୍ଥା ପ୍ରତି ପ୍ରଚ୍ଛନ୍ନ ବିଦ୍ରୂପ ଭାବ ରହିଛି ।

**ପ୍ରସିଦ୍ଧ ରଚନାର ବିକୃତ ଅର୍ଥ ବା ତର୍ଜମା**

"ବାୟାମନରେ

ଅଭିଆଣ କଥା ଭିଆଣ ହୋଇଛି

ସୂର୍ଯ୍ୟ ସଙ୍ଗେ ଚନ୍ଦ୍ର ଉଦୟ ହୋଇଛି

ଅଜପା ଜପକୁ ଜପ ।

ବାୟା ମନରେ..."

ଭଜନ ଉପରେ ଆଲୋଚନା ଚାଲିଲା ।

ଜଣେ ଭକ୍ତ ପଚାରିଲା, 'ମହାପଭୁ ଏ କେମନ୍ତ କଥା ? ସୂର୍ଯ୍ୟ ସଙ୍ଗରେ ଚନ୍ଦ୍ର କେମନ୍ତ ଉଦୟ ହେଲା ।' ଗଡ଼ନାୟକଙ୍କ ଗୁରୁଙ୍କୁ ଦେଖିହୁଏ ନାହିଁ, କିନ୍ତୁ କିଛି ସମୟପରେ ତାଙ୍କର କଥା ଶୁଭିଲା, 'ହଇରେ ପିଲେ, ତୁମେ ଏକାସାଙ୍ଗରେ ଚନ୍ଦ୍ର ସୂର୍ଯ୍ର ଦେଖି ପାରୁନା ? ମୁଁ ତ ଦେଖି ପାରୁଛି । ଏଇ ସୂର୍ଯ୍ୟ ଏଇ ଚନ୍ଦ୍ର ! ମୋହମାୟା ନ ଛାଡ଼ିଲେ କଣ ତୁମେ ସେକଥା ଦେଖି ପାରିବ ଗଡ଼ନାୟକେ ।"(ମହାନ୍ତି, 'ମରୁଡ଼ି')

ମହିଷୀ ହସ୍ତ ସୁନ୍ଦରୀ ପାଣିମାଡ଼ରେ ବ୍ୟଥିତା ହୋଇ କହିଲେ :-

"ମୋଦକୈର୍ମାସ୍ତାଡ଼ୟେ"

(ପାଣି ଫିଙ୍ଗି ମୋତେ କଷ୍ଟ ଦିଅନାହିଁ)

କୋଳାହଳଦେବ ଏଥିରୁ ବୁଝିଲେ ମହିଷୀମୋଦକ ଖୋଜୁଛନ୍ତି । ତେଣୁ ରାଜାଦେଶରେ ସଙ୍ଗେସଙ୍ଗେ ଟୋକେଇ ଟୋକେଇ ଭର୍ତ୍ତି ମୋଦକ ଆସିଲା ଓ କୋଳାହଳଦେବ ସେ ମୋଦକଗୁଡ଼ିକୁ ପରମାନନ୍ଦରେ ହସ୍ତ ସୁନ୍ଦରୀଦେବୀଙ୍କ ଉପରକୁ ନିକ୍ଷେପ କରିବା ପାଇଁ ଲାଗିଲେ ।(ମହାନ୍ତି, 'ଭାଙ୍ଗପୁରର ଚକଡ଼ା')

ଏଭଳି ଅର୍ଥବିକୃତି ମାଧ୍ୟମରେ ହାସ୍ୟ ରସର ଦୃଷ୍ଟାନ୍ତ 'ତାତା' ଗଳ୍ପରେ ମଧ୍ୟ ଦେଖିବାକୁ ମିଳେ । ଏହି ଦୃଷ୍ଟାନ୍ତଗୁଡ଼ିକୁ ଲକ୍ଷ୍ୟକଲେ ସୁରେନ୍ଦ୍ର ଯେ ଏ କ୍ଷେତ୍ରରେ ଫକୀରମୋହନଙ୍କ ଠାରୁ ଏକ ବ୍ୟତିକ୍ରମ ତାହା ସ୍ପଷ୍ଟ ହୋଇଥାଏ । କାରଣ ପ୍ରସିଦ୍ଧ ଶ୍ଳୋକର ବିକୃତ ଅର୍ଥ ତର୍ଜମା ଫକୀରମୋହନଙ୍କ ହାସ୍ୟ ରସରେ ବର୍ଣ୍ଣନାଧର୍ମୀ ହୋଇଥିବା ସ୍ଥଳେ ସୁରନ୍ଦ୍ରଙ୍କ ଏହି ଶ୍ରେଣୀର ହାସ୍ୟରସ ବ୍ୟଞ୍ଜନାଧର୍ମୀ ହୋଇଛି ।

**ପ୍ରଚ୍ଛନ୍ନତା**

ଯାହା ଅଶ୍ଳୀଳ ଅଥବା ଜୁଗୁପ୍‌ସା ବ୍ୟଞ୍ଜକ ତାହାର ପରୋକ୍ଷ ଓ ପ୍ରଚ୍ଛନ୍ନ ବର୍ଣ୍ଣନା ସାଧାରଣତଃ ଆମୋଦ ଦାୟକ ହୋଇଥାଏ । ଏହି ମାଧ୍ୟମକୁ ଗ୍ରହଣ କରି ଫକୀରମୋହନଙ୍କ ଭଳି ସୁରେନ୍ଦ୍ର ମଧ୍ୟ ହାସ୍ୟରସର ସୃଷ୍ଟି କରିଥିଲେ ହେଁ ଫକୀରମୋହନଙ୍କ ଏହି ଶ୍ରେଣୀର ହାସ୍ୟରସର ଆବେଦନ ଠାରୁ ସୁରେନ୍ଦ୍ରଙ୍କ ହାସ୍ୟରସ ଅଧିକ ଶାଣିତ ଓ ତୀବ୍ର । ଦୃଷ୍ଟାନ୍ତ ସ୍ୱରୂପ :-

"କଉଶୁଲୀର ରାହାଧରା ବାହୁନା ତଥାପି ଶୁଭୁଥିଲା.... 'ମୋ କଳା ମାଣିକରେ, ମୋ ସୁନାମାଳିକି, କିଏ କୁଆଡ଼େ ନେଲରେ ।'

ତାହାର ଉତ୍ତରରେ ରାଜୁଆଶିମରଣ୍ଡାରୁ ଖଣ୍ଡେ ଶୁଖିଲା ବାଉଁଶ ଭିଡ଼ି ଆଣୁଆଣୁ ଜନନେନ୍ଦ୍ରିୟ ସମ୍ପର୍କିତ ଏପରି ଏକ ସ୍ଥାନ ବଡ଼ ପାଟି କରି କହି ଉଠିଲା, ଯାହା ଏଠାରେ ମୁଦ୍ରଣଯୋଗ୍ୟ ନୁହେଁ ।" (ମହାନ୍ତି,'ଦ୍ୱିପଦର ଗ୍ରାସ', ପୃ: ୧୭୧)

କିମ୍ବା

"ପଦୁ ମହାନ୍ତି ପଛରେ ରହିଯାଇଥିବା ଚେମା ପାଣକୁ ପାଖକୁ ଡାକି ଚୁପ୍‌ଚୁପ୍ କହିଲେ...

'ତୁମେ ସବୁ ଚାଲବେ, ମୁଁ ଥିବି । ଠାକୁରାଣୀ ପଦା ବଉଳ ଗଛ ମୂଳେ । ଡର ନାହିଁ କିଛି ! କୋଉ ପୁଲିସ, କୋଉଶଳା ସରପଞ୍ଚ କଣ—ଦେଖିବି । (ଉକ୍ତ ଅଂଶଟି ମୁଦ୍ରଣ ଅଯୋଗ୍ୟ)" (ମହାନ୍ତି, 'ନିଃସଙ୍ଗ ଆକାଶ', ପୃଷ୍ଠା : ୧୭୫)

**ଉପହାସ ଚିତ୍ର ବା ଅତିରଞ୍ଜିତ ବର୍ଣ୍ଣନା**

କୌଣସି ବ୍ୟକ୍ତିର ଶାରୀରିକ ଶୋଭାବିଧାୟକ ଗୁଣଗୁଡ଼ିକୁ ବାଦ୍‌ଦେଇ କେବଳ ଦୋଷଗୁଡ଼ିକର ବର୍ଣ୍ଣନା କିମ୍ବା କୌଣସି ହାସ୍ୟାତ୍ମକ ସ୍ଥିତିର ଅବିକଳ ଅନୁକରଣକୁ ଉପହାସ ଚିତ୍ର ବା କେରିକେଚର କହନ୍ତି । ଏହି ଉପାୟ ଅବଲମ୍ବନରେ ଫକୀରମୋହନଙ୍କ ଭଳି ଗାଳ୍ପିକ ସୁରେନ୍ଦ୍ର ହାସ୍ୟରସ ସୃଷ୍ଟି କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ :-

"ବହୁ ପ୍ରତୀକ୍ଷା ପରେ କରୁଣାନିଧି କାଞ୍ଚନର ଶୋଇବା ଘର ଭିତରକୁ ପଶି ଆସି ଯେତେବେଳେ କାଞ୍ଚନର ଅଣ୍ଟା ଚାରିପଟେ ଶିଥିଳ ବାହୁଟି ବେଷ୍ଟନ କରି ମାନଭଞ୍ଜନର ଭୂମିକା ଆରମ୍ଭ କରିଦେଲେ; କୋପିନୀ "ଯାଃ" କହି କରୁଣାନିଧିଙ୍କୁ ଗୋଟିଏ ମୃଦୁ ଧକ୍କା ଦେବାମାତ୍ରେ, ଟାଳ ସମ୍ଭାଳି ନ ପାରି କରୁଣାନିଧି ବିଛଣା ଉପରେ ଉଲଟି ପଡ଼ିଥିଲେ । କରୁଣାନିଧିଙ୍କ ଅଣ୍ଟା ପଞ୍ଚଷଠି ଗୋଟି ବର୍ଷର ଭାର ବହି ବହି ଦୁର୍ବଳ--- ସେଥିରେ କଣ ଆଉ ଶକ୍ତି ଥିଲା, କୋପିନୀର ଏ ଆଘାତ ସମ୍ଭାଳିବା ପାଇଁ ? ହୃଦୟ ଯାହାକୁ ଲୁଚାଉଥିଲା; ଅଣ୍ଟା କିନ୍ତୁ ତାହାକୁ ମାନି ନେଇଥିଲା ନିତାନ୍ତ ନିର୍ବୋଧ ପରି; ଅର୍ଥାତ୍ ଅଣ୍ଟାର ବାର୍ଦ୍ଧକ୍ୟ ହୃଦୟର ତାରୁଣ୍ୟରେ ପ୍ରଣୋଦିତ ହୋଇ ପାରିନଥିଲା । ତଥାପି କରୁଣାନିଧି ବିଛଣା ଉପରୁ ଦୁଇପାଟି ଡେଙ୍ଗର ଦେଖାଇ ଗାଇ ଉଠିଥିଲେ--- ଦେହି ପଦପଲ୍ଲବ ମୁଦାରମ୍ ।

XXXXX XXXXX XXXXX

କାଞ୍ଚନ ଅଭିମାନିନୀ ପରି ଦୁଇ ଲିପ୍‌ଷ୍ଟିକ୍ ବୋଳା ଓଠକୁ ସ୍ଫୁରିତ କରି କହିଲା- "ମୁଁ ସତରେ ତୁମ ଉପରେ ରାଗିଛି ।"

କରୁଣାନିଧି ଭାରତ ନାଟ୍ୟମ୍ ମୁଦ୍ରାରେ ଅଣ୍ଟାରେ ଗୋଟାଏ ହାତ ରଖି ବିଛଣାରୁ ବହୁ ଚେଷ୍ଟାରେ ଉଠୁ ଉଠୁ କହିଲେ - "ସେ (କୋଳିକା ଦେବୀ) ଯିବାଦିନୁ ମୋ ଉପରେ ରାଗିବାପାଇଁ ଅନୁରାଗିକା ଆଉ କିଏ ଅଛି କହ ? ତୁମେ ତ ମୋର ରାଗବତୀ ବେହାଗ୍ ! ନାଁ ଖେଆଲ ?(ମହାନ୍ତି, 'ତାତା', ପୃ: ୩୯-୪୦)

"ମଲ୍ଲୀକା- ନାରୀ ପୋଲିସ୍ ସବ୍‌ଇନ୍ସପେକ୍ଟର । ନିତମ୍ବଗୁର୍ବୀ, ଶିଥିଳବକ୍ଷା, ଶ୍ୟାମ, ଦୀର୍ଘଦନ୍ତା... ମଲ୍ଲୀକା"(ମହାନ୍ତି, 'ଭାଗାବଣ୍ଡ', ପୃ: ୧୯୬)

**ବକ୍ରୋକ୍ତି**

ବକ୍ରୋକ୍ତି ଦୁଇ ପ୍ରକାର । ବାଚନିକ ବକ୍ରୋକ୍ତି ଓ ନାଟକୀୟ ବକ୍ରୋକ୍ତି । ଅସାଧୁକୁ ସାଧୁ ବା ସାଧୁକୁ ଅସାଧୁ ବୋଲି ବର୍ଣ୍ଣନା କଲେ ବାଚନିକ ବକ୍ରୋକ୍ତି, ତଥା ଅଭାବିତ ଘଟଣା ଉପସ୍ଥାପନରେ ନାଟକୀୟ ବକ୍ରୋକ୍ତି ହୋଇଥାଏ । ଏହି ଉଭୟ ଶ୍ରେଣୀର ବକ୍ରୋକ୍ତି ମାଧ୍ୟମରେ ଗାଳ୍ପିକ ସୁରେନ୍ଦ୍ର ହାସ୍ୟରସର ସୃଷ୍ଟି କରିଛନ୍ତି ।

ବାଚନିକ ବକ୍ରୋକ୍ତିର ଦୃଷ୍ଟାନ୍ତ 'ଶେଷ କବିତା' ଗଳ୍ପର ଧୋବାହିସାବକୁ ଆଧୁନିକ କବିତା ଭାବରେ ତର୍ଜମା କରିବାରେ ତଥା 'ଜୀଅନ୍ତା ଭୂତ'ର କବି ଗୋବର୍ଦ୍ଧନଙ୍କ ଚିତ୍ରର ରୂପ ବର୍ଣ୍ଣନା ପ୍ରସଙ୍ଗରେ ଦେଖାଯାଇଥାଏ ଓ 'ସ୍ୱପ୍ନରେ ମନ୍ଦୋଦରୀ'ରେ ମଧ୍ୟ ଦେଖିବାକୁ ମିଳିଥାଏ ।

'ଶାଳଭଞ୍ଜିକା' ଗଳ୍ପରେ ଦାମ୍ପତ୍ୟ କଳହର ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ଘର ଚାକରର ଜୋତା ମଚମଚ କରି ପାଣି ଗ୍ଲାସ୍ ନେଇ ପ୍ରବେଶ କରିବା, 'ରୁଟି ଓ ଚନ୍ଦ୍ର' ଗଳ୍ପରେ ବରର ନଦିଆ ତିଳକ ଅପେକ୍ଷା ଦା' ହାତୁଡ଼ି ଚିହ୍ନ । ତଥା ନରବଳି ଗଳ୍ପର ଶହୀଦ ଅରୁଣ ବିଶ୍ୱାଳଙ୍କ ପୋଷ୍ଟମର୍ଟମ ରିପୋର୍ଟରେ ଗୁଳି ଛାତିରେ ନ ଲାଗି ପିଠିରେ ଲାଗିବା ଘଟଣା ନାଟକୀୟ ବକ୍ରୋକ୍ତିର ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇପାରେ ।

**ଅତିଶୟୋକ୍ତି ତଥା ଅତିରଞ୍ଜିତ ବର୍ଣ୍ଣନା**

ଅତିଶୟୋକ୍ତି, ଅତି ରଞ୍ଜିତ ବର୍ଣ୍ଣନା ତଥା ଛଦ୍ମ ଗାମ୍ଭୀର୍ଯ୍ୟକୁ ହାସ୍ୟରସ ଉଦ୍ରେକର ଏକ ଉପାୟ ରୂପେ ଗାଳ୍ପିକ ସୁରେନ୍ଦ୍ର ଗ୍ରହଣ କରି 'ଆନନ୍ଦଭୈରବୀ', 'କାକ୍‌ଟସ୍', 'ଆକାଶ ଛତିଆ', 'ଭାଙ୍ଗପୁରର ଚକଡ଼ା', 'ଶେଷକବିତା', 'ଜୀଅନ୍ତାଭୂତ' ଆଦି ଗଳ୍ପରେ ହାସ୍ୟ ରସ ସୃଷ୍ଟି କରିଛନ୍ତି ।

ଧ୍ୱନ୍ୟାତ୍ମକ ଅନୁଗାମୀ ସମୋଚ୍ଚାରିତ ଶବ୍ଦ ତଥା ନୂତନ ଶବ୍ଦ ସୃଷ୍ଟି ମାଧ୍ୟମରେ ଗାଳ୍ପିକ ସୁରେନ୍ଦ୍ର 'ଅଣ୍ଡର ଗ୍ରେଜୁଏଟ' ଓ 'ଗଣଦେବତା' ଗଳ୍ପରେ ହାସ୍ୟ ରସର ଅବତାରଣା କରିଛନ୍ତି ।

ବଚନ ବୈଦଗ୍ଧ୍ୟ ବା ଉପମା ସଂସ୍ଥାନରେ ନୂତନତ୍ୱ ତଥା ଅପ୍ରତ୍ୟାଶିତ ଅତିରଞ୍ଜିତ ବର୍ଣ୍ଣନା ମାଧ୍ୟମରେ ହାସ୍ୟ ରସର ସୃଷ୍ଟି ଗାଳ୍ପିକ ସୁରେନ୍ଦ୍ର ବିଭିନ୍ନ ଗଳ୍ପରେ କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ:-

"ଲଙ୍କୁମାନେ ଚପ୍ ! ଦେଖିଲୁ ନାହିଁ ଯେପରି ହାଇହିଲ୍ ଉପରେ, ଲଟୁ ପରି ଘୁରାଇ ଘୁରାଇ ନିତମ୍ବ ନଚାଇ ନଚାଇ ଚାଲିଗଲା ସେ !"(ମହାନ୍ତି, 'ଓଃ କାଲ୍‌କାଟା')

"ତୁମେଏକ ନିର୍ଘାତ କାଷ୍ଠ ରସିକା ।"(ମହାନ୍ତି,'କମନ୍‌ରୁମ୍')

"ସେଠଜୀଙ୍କ ଉଦରଟି ଆପାତ ଦୃଷ୍ଟିରେ ଦୃଷ୍ଟିକରେ ଆସନ୍ନପ୍ରସବାର ଭ୍ରମ ।"(ମହାନ୍ତି, 'କେନ୍ଦ୍ରାତୀଗ')

ଏତଦ୍‌ଭିନ୍ନ ଚରିତ୍ରମାନଙ୍କର ପ୍ରୟୋଗ ମାଧ୍ୟମରେ ମଧ୍ୟ ଗାଳ୍ପିକ ସୁରେନ୍ଦ୍ର ହାସ୍ୟ ରସର ଅବତାରଣା କରିଛନ୍ତି ।

ସୁରେନ୍ଦ୍ରଙ୍କ ହାସ୍ୟରସ ମଧ୍ୟରେ ସମାହିତ ଓଡ଼ିଆ ଜାତି ପ୍ରତି ଯେଉଁ ପ୍ରଚ୍ଛନ୍ନ ବ୍ୟଙ୍ଗ ଦେଖିବାକୁ ମିଳେ ତାହା ହେଉଛି ତାଙ୍କ ହାସ୍ୟ ରସର ବୈଶିଷ୍ଟ୍ୟ - ଦୃଷ୍ଟାନ୍ତ ସ୍ୱରୂପ :-

"ଓଡ଼ିଶା ହେଲା ଯଥାର୍ଥ ସାମ୍ୟବାଦର ନିତ୍ୟଭୂମି । ବଞ୍ଚିଥିଲାବେଳେ ଏହି ପୁଣ୍ୟଭୂମିରେ କାହାକୁ ବଡ଼ କରି ଦିଆଯିବ ନାହିଁ । କେହି ତାହା କଲେ ପଛରୁ ଟାଣି ତାଙ୍କୁ ସମାନ ସାଧାରଣ ସ୍ତରକୁ ଓଟାରି ଅଣାଯିବ ।"(ମହାନ୍ତି, 'ଜୀଅନ୍ତା ଭୂତ', ପୃ: ୯୯)

"ଅର୍ଥନୀତିରେ ନ ହେଉ ପଛେ, ଟେରେଲୀନ, ଟେରୀକଟ୍ ପୋଷାକ, ବେଲ୍‌ବଟମ୍ ଆଉ ବିଟ୍‌ନିକ୍ ଛନ୍ଦର କେଶ ବିନ୍ୟାସ ପ୍ରସାଦରେ ଏଇ ମହାନଗରୀର ସାମ୍ୟବାଦ ସୁପ୍ରତିଷ୍ଠିତ ନିଃସନ୍ଦେହ । ଲକ୍ଷପତିକୁ ସର୍ବହରା ଠାରୁ ବାଛିବାର ଉପାୟ ନାହିଁ ।"(ମହାନ୍ତି, 'ସେଇ ଲୋକଟା', ପୃ:୧୩)

"ଏମ୍.ଏ. ପାଶ୍ କରିବା ପାଇଁ କଲେଜ ଏଟେଣ୍ଡ କରିବା କଣ ଦରକାର ? ସାର୍‌ମାନଙ୍କୁ ଟେସ୍କାଜ୍ ରଖି ପାରିଲେ ହେଲା । କେତେବେଳେ ଠେକିଏ ଘିଅ ନେହିଲେ ବସ୍ତାଏ ସରୁ ଅରୁଆ ଚାଉଳ । ଆଉ ପରୀକ୍ଷା ବେଳେ ସେମାନଙ୍କ ଦରବାରରେ ଆଡ୍ଡା ।" (ମହାନ୍ତି, 'ପଲାଶପୁର ଓ ପୋର୍ସିଲେନ୍', ପୃ: ୯୪)

ଗାଳ୍ପିକ ସୁରେନ୍ଦ୍ରଙ୍କ ରଚନାରୁ ଉପରୋକ୍ତ ଦୃଷ୍ଟାନ୍ତଗୁଡ଼ିକ ଲକ୍ଷ୍ୟ କଲେ ଦେଖାଯାଏ, ସେ ସମସ୍ତ ବିଶେଷରେ ଯେଉଁ ପ୍ରଚ୍ଛନ୍ନ ବ୍ୟଙ୍ଗ କରିଛନ୍ତି, ତାହା ଆଘାତ ଦେବା ପାଇଁ ଉଦ୍ଦିଷ୍ଟ ।

ସୁରେନ୍ଦ୍ରଙ୍କ ଗଳ୍ପରେ ରସ ଚେତନା ଲକ୍ଷ୍ୟ କଲେ ଏକଥା ସ୍ପଷ୍ଟ ଯେ, ତାଙ୍କର ଗଳ୍ପରେ ଯଦିଓ ବିଭିନ୍ନ ରସର ସମାବେଶ ଘଟିଛି, ତଥାପି କରୁଣ ରସ ହିଁ ମୁଖ୍ୟ ବିଭାବ ରୂପେ ଚିତ୍ରିତ । ଦୃଷ୍ଟାନ୍ତସ୍ୱରୂପ ନିଃସଙ୍ଗ ଆକାଶରେ ବିପ୍ରଲମ୍ଭ ଶୃଙ୍ଗାର, 'ସେ ଓ ମୁଁ', 'ବାସୀମଡ଼ା'ରେ ବୀଭତ୍ସ, 'ମେଣ୍ଢାଖାଇ'ରେ ଭୟାନକ, 'ଦ୍ୱିପଦର ଗ୍ରାସ', 'ଶେଷକବିତା' ଆଦିରେ ହାସ୍ୟ ରସର ପରିବେଷଣ କରାଯାଇଥିଲେ ହେଁ ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକରେ ଏହି ରସଗୁଡ଼ିକ ଅତି ଦୁର୍ବଳ । ଅନ୍ୟକଥାରେ କହିବାକୁ ଗଲେ ଯଦିଓ ତାଙ୍କର ଗଳ୍ପଗୁଡ଼ିକରେ 'ହାସ୍ୟରସ' ଅନ୍ୟାନ୍ୟ ରସ ଅପେକ୍ଷା ବହୁଳ ଭାବେ ବିଭିନ୍ନ ଉପାୟରେ ଉପସ୍ଥାପିତ ହୋଇଛି ତଥା ଗଳ୍ପଗୁଡ଼ିକର ରସ ଆବେଦନ ଦୃଷ୍ଟିରୁ ଏହା କରୁଣ ରସର ସହାୟକ ରସ ଭାବେ ଚିତ୍ରିତ ହୋଇଛି । ବିଶେଷତଃ ହାସ୍ୟରସ ସମ୍ପର୍କରେ ଫକୀରମୋହନଙ୍କ ପ୍ରତି ଗାଳ୍ପିକ ସୁରେନ୍ଦ୍ର କରିଥିବା ସମାଲୋଚନାକୁ ଆଖି ଆଗରେ ରଖି କୁହାଯାଇପାରେ ଯେ, ତାଙ୍କର ହାସ୍ୟ ରସ ମଧ୍ୟରେ ମଣିଷ ପ୍ରତି ରହିଛି ଉପହାସ, ବିଦ୍ୱେଷମୂଳକ ପରିହାସ, ମାତ୍ର ଶୁଦ୍ଧ ହାସ୍ୟରସ ନାହିଁ । ଫଳରେ ତାଙ୍କର ହାସ୍ୟ ରସର ଅବତାରଣା କରୁଣ ରସର ଅବତାରଣା ତୁଳନାରେ ଦୁର୍ବଳ ମନେ ହୋଇଥାଏ । ଏହି ଦୃଷ୍ଟିରୁ ସୁରେନ୍ଦ୍ରଙ୍କ ଗଳ୍ପର ରସ ଚେତନା ସମ୍ପର୍କରେ କୁହାଯାଇପାରେ ଯେ, କରୁଣ ହିଁ ତାଙ୍କର ଗଳ୍ପର ମୁଖ୍ୟ ରସ ଏବଂ ସେଥିପାଇଁ ତାଙ୍କର କ୍ଷୁଦ୍ରଗଳ୍ପଗୁଡ଼ିକ ଅଧିକ ଆବେଦନପୂର୍ଣ୍ଣ ମନେ ହୋଇଥାଏ ।

**ସୁରେନ୍ଦ୍ରଙ୍କ ଗଳ୍ପର ନାମକରଣ - ପ୍ରକାର ଓ ବିଶେଷତ୍ୱ**

କ୍ଷୁଦ୍ରଗଳ୍ପର ନାମକରଣ ହେଉଛି ରଚନାର ଏକ ଅଂଶବିଶେଷ । ତଥା ଗଳ୍ପର ନାମକରଣ କ୍ଷେତ୍ରରେ ନାମ ଓ ନାମୀ ଭିତରେ ଉପଯୁକ୍ତ ସମ୍ପର୍କ ସ୍ଥାପନ ହିଁ ଗଳ୍ପର ନାମକରଣକୁ ସାର୍ଥକ କରିଥାଏ । ଫଳରେ ସୃଷ୍ଟି ସଚେତନ କଥାକାର ଗଳ୍ପର ନାମକରଣ କ୍ଷେତ୍ରରେ ସାବଧାନତା ଅନୁସରଣ କରିଥାଏ । ସୁରେନ୍ଦ୍ର ମହାନ୍ତିଙ୍କ

ଗଳ୍ପଗୁଡ଼ିକର ନାମକରଣକୁ ଲକ୍ଷ୍ୟ କଲେ ଏହାକୁ ପ୍ରଥମତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା- ବର୍ଣ୍ଣନାତ୍ମକ ଓ ପ୍ରତୀକାତ୍ମକ ନାମକରଣ ।

**ବର୍ଣ୍ଣନାତ୍ମକ ନାମରକରଣ**

ଗଳ୍ପରେ ବର୍ଣ୍ଣିତ ଘଟଣାକୁ ଆଶ୍ରୟ କରି ତଥା ଗଳ୍ପର ଉପଜୀବ୍ୟ ଚରିତ୍ରକୁ କେନ୍ଦ୍ର କରି ଗାଳ୍ପିକ ସୁରେନ୍ଦ୍ର ଯେଉଁ ନାମକରଣ କରିଛନ୍ତି ତାକୁ ଏହି ପର୍ଯ୍ୟାୟରେ ଗ୍ରହଣ କରାଯାଇପାରେ । ଏତଦ୍‌ଭିନ୍ନ ତାଙ୍କର କେତେକ ଗଳ୍ପର ନାମକରଣ ଉଭୟ ଚରିତ୍ର ଓ ଘଟଣାର ଗୁରୁତ୍ୱକୁ ଉପଜୀବ୍ୟ କରିଥିବା ଲକ୍ଷ୍ୟଣୀୟ । ଏଭଳି ଭାବେ ଦେଖିବାକୁ ଗଲେ ତାଙ୍କର ସୃଷ୍ଟିର ଚଉସ୍ତରୀଟି ଗଳ୍ପ ଏହି ପର୍ଯ୍ୟାୟର ଅନ୍ତର୍ଗତ ।

**ଘଟଣାଶ୍ରିତ ନାମକରଣ**

ମଣିଷ ଓ ଅର୍ଥନୀତି, ପ୍ରଥମ ଆଷାଢ଼, ସତର ନମ୍ବର ୱାର୍ଡ଼, ମହାନଗରୀର ରାତ୍ରି, କାଳିମାଟି, ନୟନପୁର ଏକ୍ସପ୍ରେସ୍, ଅଣ୍ଡରଗ୍ରାଉଣ୍ଡ, ଶେଷ କବିତା, ବାସୀମଡ଼ା, କଳିଙ୍ଗର ପ୍ରତିଶୋଧ, କାବେରୀରୁ ଗଙ୍ଗା, ସନ୍ଧି ଓ ସର୍ତ୍ତ, ଶେଷର ଆରମ୍ଭ, ବ୍ୟର୍ଥ ଆଗମନୀ, ପୁଷ୍ୟାଭିଷେକ, ନିଯୁକ୍ତି ପତ୍ର, ଶ୍ରୀକୃଷ୍ଣଙ୍କ ଶେଷହସ, ମାଲ୍ୟାର୍ପଣ, ଶେଷରାତିର ଏକ୍ସପ୍ରେସ୍, ଦିନେ ସନ୍ଧ୍ୟାରେ, ଗୋଟିଏ ଆତ୍ମହତ୍ୟାର କାହାଣୀ, ପ୍ରତୀକ୍ଷା, ଅସାଧାରଣ, ମୃତ୍ୟୁ ଗାଷ୍ଟ୍ରୋଏଣ୍ଟ୍ରାଇଟିସ୍, ପଲାଶପୁର ଓ ପୋର୍ସିଲେନ, ଗୋଟିଏ ପ୍ରେମଗଳ୍ପ, ଏଇ ଗଣତନ୍ତ୍ର, ଅତୀତ ବର୍ତ୍ତମାନ କାଳ ପ୍ରଭୃତି ବତିଶଟି ଗଳ୍ପ ।

**ଚରିତ୍ର ଆଶ୍ରିତ**

ବନ୍ଦୀ, ସୁଇବନ୍ଧୁ, ଭାଗାବଣ୍ଡ, ସ୍ୱପ୍ନରେ ମନ୍ଦୋଦରୀ, ସାଇକଲ ଚୋର, ଖାଦାନୀ, ସାରୀପୁତ୍ତ, ଅମ୍ରାପଲ୍ଲୀ, ସେ ଓ ମୁଁ, ସାତ ଭଉଣୀ, ପିତା ଓ ପୁତ୍ର, କେଶରୀ ସନ୍ଧ୍ୟା, ଦଳେଇ ବୁଢ଼ା, ପାଗଳଗାରଦର କାହାଣୀ, ଆଦିମ ଓ ଶତରୂପା, ଅପରିଚିତର ପରିଚୟ, ଆନନ୍ଦଭୈରବୀ, ହତ୍ୟାକାରୀ କିଏ, ସୁନାମାହାରୀ, ପ୍ରିୟତମାସୁ, କବି, ଉତ୍ତରାମପୁତ୍ର, ସେଇ ଲୋକଟା, ପ୍ରତିନାୟକ, ଯଦୁବଂଶ, ବନ୍ୟାସଙ୍ଗିନୀ, ଅଦିନର ଅତିଥି, ସାହୀଖାନ୍ଦାନ, ଅନ୍ଧସ୍ୱାମୀ, ପ୍ରତିବେଶିନୀ, ମଣିଷ ଓ ମଣିଷ ପ୍ରଭୃତି ଚଉତିରିଶଟି ଗଳ୍ପର ନାମକରଣ କରାଯାଇଛି ।

**ଉଭୟ ଚରିତ୍ର ଓ ଘଟଣା ଆଶ୍ରିତ**

ଘନିଆଁର ଗଣେଶ ଚତୁର୍ଥୀ, ବରଜୁଷଷଣ୍ଢ ଘାଇ, ଜୀଅନ୍ତା ଭୂତ, ଆକାଶ ଛତା, ବଇଷମପାଠଶାଳା ପ୍ରଭୃତି ପାଞ୍ଚଟି ଗଳ୍ପର ନାମକରଣ କରାଯାଇଥିବା ସ୍ଥଳେ, ଘଟଣା ଓ ରାଜନୀତିକ ତତ୍ତ୍ୱର ଅବଲମ୍ବନରେ ସାମ୍ୟବାଦର ଶେଷ ଇସ୍ତାହାର, ଐତିହାସିକ ତତ୍ତ୍ୱ ନିର୍ଦ୍ଧାରଣ ଉଦ୍ଦେଶ୍ୟ ରଖି ଭାଙ୍ଗପୁରର ଚକଡ଼ା ତଥା ଗଳ୍ପର ପରିସର ବା ଆକୃତି ଦୃଷ୍ଟିରୁ 'ଛୋଟଗପ' ଗଳ୍ପର ନାମକରଣ କରାଯାଇଛି ।

**ପ୍ରତୀକାତ୍ମକ ନାମକରଣ**

ସୁରେନ୍ଦ୍ରଙ୍କ ପ୍ରତିକାତ୍ମକ ନାମକରଣ ହୋଇଥିବା ଗଳ୍ପଗୁଡ଼ିକ ଲକ୍ଷ୍ୟ କଲେ ଦେଖାଯାଏ, ତାଙ୍କର ରଚନାତ୍ମକ ନାମକରଣ, ଘଟଣା ଓ ଚରିତ୍ର ଅପେକ୍ଷା ମାନସିକ ପରିବେଶର ବର୍ଣ୍ଣନା ଉପରେ ପର୍ଯ୍ୟବସିତ । ସୁରେନ୍ଦ୍ରଙ୍କ ଅଧିକାଂଶ ଶ୍ରେଷ୍ଠକୃତି ଏହି ପର୍ଯ୍ୟାୟର ଅନ୍ତର୍ଗତ ହୋଇଥିବା ଲକ୍ଷ୍ୟ କରାଯାଏ । ('ଗଳ୍ପ', ତୃତୀୟ ସଂଖ୍ୟା)

'ଭାରତ ଆବିଷ୍କାର', 'ସିଗାରେଟ୍', 'କୃଷ୍ଣଚୂଡ଼ା', 'ରୁଟି ଓ ଚନ୍ଦ୍ର', 'ବାଲି', 'ବେଲୁନ୍',

'ସାଙ୍ଗରିଲା', 'ଡିନୋସାରର ଆତ୍ମା', 'ସବୁଜପତ୍ର ଓ ଧୂସରଗୋଲାପ', 'ଶାଳଭଞ୍ଜିକା', 'ମରାଳର ମୃତ୍ୟୁ', 'ନିଃସଙ୍ଗ ଆକାଶ', 'କାକ୍‌ଟସ୍‌', 'ଜୀବନ ପ୍ରଭାତ', 'ଲବଣର ସ୍ୱାଦ', 'ନିର୍ମୂଳୀଲତାର ଫୁଲ', 'ସାପ', 'କମଳର ତମ୍ଭୁ', 'ଇନ୍ଦ୍ରଦ୍ୟୁମ୍ନ', 'ବଳୀବର୍ଦ୍ଧ', 'ମାଂସର କୋଣାର୍କ', 'ପ୍ରତିଧ୍ୱନି', 'ବାସାଂସି ଜୀର୍ଣ୍ଣାନି', 'ପ୍ରେତିନୀର ନାଚ' ଗଳ୍ପଗୁଡ଼ିକର ନାମକରଣ ବର୍ଣ୍ଣିତ ଚରିତ୍ରର ମାନସିକ ପରିବେଶର ପ୍ରତୀକାତ୍ମକ ରୂପଚିତ୍ର ଉପରେ ଆଧାରିତ ହୋଇ କରାଯାଇଛି ।

'ଅଷ୍ଟ୍ରେଲିଆ', 'ବଳିଦାନ', 'ଧ୍ୱଂସାବଶେଷ', 'ପତାକା ଉତ୍ତୋଳନ', ମହାମାନବର ସାଗରତୀରେ, ନିତ୍ୟବର୍ତ୍ତମାନକାଳ, ସୀମାରେଖା, ନରବଳି, ଗୃହଦାହ, ନୀଳଜ୍ୟୋତ୍ସ୍ନା, ମୁହୂର୍ତ୍ତ, ତୃଷ୍ଣା ଓ ବିତୃଷ୍ଣା, ମହାନିର୍ବାଣ, ଆକାଶ ତଥାପି ସୁନୀଳ, ବିସର୍ଜନ, ଦ୍ୱିପଦରଗ୍ରାସ, ଚେନାଏ ଜହ୍ନ, ଖ୍ରୀ:ଅ: ୨୦୬୬, କ୍ଳାନ୍ତ ଚୈତାଳୀ, ଡାଡା, କାଠଘୋଡା, ଶୂନ୍ୟ ପଞ୍ଜୁରୀ, ମୃତ୍ତିକାର ଆତ୍ମା, ଗଣଦେବତା, ଓଃ କାଲ୍‌କାଟା, କମନ୍‌ରୁମ୍‌, କବନ୍ଧ, ସଭ୍ୟତାରଗ୍ରାସ, କେନ୍ଦ୍ରାତୀଗ, ଗୋଟିଏ ଘୋଡ଼ାର ମୃତ୍ୟୁ, ସୁନାରୀ ଆମ୍ବ, ଛାପିଛାପିକା, ଛିଣ୍ଡାଗୁଡ଼ି ପ୍ରଭୃତି ଗଳ୍ପର ନାମକରଣ ବର୍ଣ୍ଣିତ ଘଟଣା ଉପରେ ଆଧାରିତ ହୋଇଛି ।

ଅପରାଜିତ, ଅତିଥି, ଅମୃତ, କୁବେରର କବିତା, ଗୁରୁ, ବାବିତା, ପରିଚୟ ଗଳ୍ପର ନାମକରଣ ଚରିତ୍ରକୁ କେନ୍ଦ୍ର କରି କରାଯାଇଛି ।

ଗାଳ୍ପିକ ସୁରେନ୍ଦ୍ର ଗଳ୍ପର ନାମକରଣ ସମୟରେ ନାମୀ ଓ ନାମର ସମ୍ପର୍କ ନେଇ ସମ୍ପୂର୍ଣ୍ଣ ସଚେତନ । ଏ ସମ୍ପର୍କରେ ତାଙ୍କର 'ମଧୁମନ୍ତାର ରାତ୍ରି', 'ପ୍ରିୟତମାସୁ' ଓ 'ଖ୍ରୀ:ଅ: ୨୦୬୬' ଗଳ୍ପକୁ ଗ୍ରହଣ କରାଯାଇପାରେ । ଏହି ଗଳ୍ପ ତିନୋଟି ପ୍ରଥମେ ମଧୁମନ୍ତାର ଅଭିସାର, ନ୍ୟୁଡ୍‌ ଓ ବୀଭତ୍ସ ଗଳ୍ପ ନାମରେ ଝଙ୍କାର, ନବରାଗ ଓ ଦୀଗନ୍ତ ପତ୍ରିକାରେ ପ୍ରକାଶିତ ହୋଇଥିଲା । ମାତ୍ର ପରବର୍ତ୍ତୀ କାଳରେ ଗାଳ୍ପିକ ସଚେତନ ଭାବେ ଏହି ନାମକରଣର ପରିବର୍ତ୍ତନ କରିଛନ୍ତି । ରୂପାଜୀବା ମଧୁମନ୍ତାର ଭିକ୍ଷୁଉପକ ବା କିଶା ସହ ଅଭିସାର ଘଟିନାହିଁ କିମ୍ବା ଅଭିସାରିକାର ହୃଦୟ ନେଇ ମଧୁମନ୍ତା ନିଜ ପ୍ରମୋଦ କକ୍ଷରେ ଅପେକ୍ଷା କରିନଥିଲା । ମାତ୍ର ବିଭିନ୍ନ ସମୟରେ ଦୁଇଟି ରାତ୍ରିରେ ଉପକ ଓ କିଶା ମଧୁମନ୍ତାର ସହ ଆଳାପରତ ରହିଥିବା ସମୟରେ ଯେଉଁ ପୁନର୍ଜନ୍ମ ଜନିତ ପ୍ରଶ୍ନ ଉତ୍‌ଥାପନ କରିଥିଲା ତାହା ଉଭୟ ସାଧକଙ୍କର ପରବର୍ତ୍ତୀ ଜୀବନରେ ମଧ୍ୟ ଏକ ପ୍ରଶ୍ନବାଚୀ ରୂପେ ଅସମାଧିତ ଭାବେ ସେମାନଙ୍କ ଚେତନାରାଜ୍ୟରେ ଝଡ଼ ସୃଷ୍ଟି କରିଥିଲା । ତେଣୁ ଗାଳ୍ପିକ ପରବର୍ତ୍ତୀ କାଳରେ ଅତି ସଚେତନ ଭାବେ ଏହାର ନାମକରଣ 'ମଧୁମନ୍ତାର ରାତ୍ରି' କରିଛନ୍ତି; ତଥା ପ୍ରଥମ ନାମକରଣ ଅପେକ୍ଷା ପରବର୍ତ୍ତୀ ନାମକରଣ ଅଧିକ ସଫଳ ତଥା ସାର୍ଥକ ମନେ ହୋଇଥାଏ । ଶିଳ୍ପୀ ଭୁଦେବର ସୁମିତ୍ରା ପ୍ରତି ଆକର୍ଷଣ ନଗ୍ନତାର ବହୁ ଊର୍ଦ୍ଧ୍ୱରେ; ହୁଏତ ସୁମିତ୍ରା ବ୍ୟକ୍ତିଗତ ଭାବେ ତାର ଅଙ୍କିତ ଛବି ଭଳି ବୃଦ୍ଧ ପୁଞ୍ଜିପତି ପାଖରେ ନ୍ୟୁଡ୍‌ ହୋଇପାରେ ମାତ୍ର ଭୁଦେବ ପାଇଁ ସେ ପ୍ରିୟତମାସୁ । ତେଣୁ ଗାଳ୍ପିକ 'ନ୍ୟୁଡ୍‌' ଅପେକ୍ଷା 'ପ୍ରିୟତମାସୁ' ନାମକରଣକୁ ଅଧିକ ଯୁକ୍ତିଯୁକ୍ତ ମନେ କରିଛନ୍ତି । ଅନୁରୂପ ଭାବେ ଏକବିଂଶ ଶତାବ୍ଦୀରେ ମଣିଷର ବୈଜ୍ଞାନିକ ଜୟଯାତ୍ରାର ଚିତ୍ର ଓ ମଣିଷର ସମ୍ଭାବିତ ବୀଭତ୍ସ ଅବସ୍ଥା ସମ୍ପର୍କିତ ଗଳ୍ପକୁ ସେ ପ୍ରଥମେ 'ବୀଭତ୍ସ ଗଳ୍ପ' ନାମରେ ନାମିତ କରିଥିଲେ ହେଁ ପରବର୍ତ୍ତୀ କାଳରେ ଏହାକୁ ପରିବର୍ତ୍ତନ କରି 'ଖ୍ରୀ:ଅ:୨୦୬୬' ନାମକରଣ ଦ୍ୱାରା ଏହାକୁ ବର୍ଣ୍ଣନାଧର୍ମୀ ନାମକରଣରୁ ପରିବର୍ତ୍ତନ କରି ପ୍ରତୀକାତ୍ମକ କରିପାରିଛନ୍ତି । ପୁଣି 'ଖ୍ରୀ:ଅ: ୨୦୬୬' ନାମକରଣ ଗଳ୍ପର ବିଷୟବସ୍ତୁ ଦୃଷ୍ଟିରୁ ଯେଉଁ ତୀବ୍ର ଆବେଦନ ସୃଷ୍ଟି କରିଥାଏ 'ବୀଭତ୍ସ ଗଳ୍ପ'ର ନାମକରଣ ମଧ୍ୟରେ ତାହା ସମ୍ଭବ ନୁହେଁ ।

ଗାଳ୍ପିକ ସୁରେନ୍ଦ୍ର ଗଳ୍ପଗୁଡ଼ିକର ନାମକରଣରେ ଅତ୍ୟଧିକ ସଚେତନ । ଦୃଷ୍ଟାନ୍ତସ୍ୱରୂପ :- 'ମରାଳର ମୃତ୍ୟୁ' ଗଳ୍ପରେ ଆତ୍ମାର ପ୍ରତୀକ ହଂସର ମୃତ୍ୟୁ ସୁବୋଧର ଗୁଳିଚୋଟରେ ଗଳ୍ପ ମଧ୍ୟରେ ସେ ଦେଖିଥିବା ସ୍ୱପ୍ନରେ ଘଟିଛି । ସ୍ୱପ୍ନରେ ବର୍ଣ୍ଣିତ ଘଟଣା ମାଧ୍ୟମରେ ଗାଳ୍ପିକ ସୁରେନ୍ଦ୍ର ଆଧୁନିକ ବିଂଶ ଶତାବ୍ଦୀରେ ଆଧ୍ୟାତ୍ମିକ ସାଧନାରେ ଆତ୍ମାର ଅନ୍ୱେଷଣ ଓ ଗଳ୍ପର ଚରିତ୍ର ସୁବୋଧ କିଭଳି ବସ୍ତୁବାଦୀ ଦର୍ଶନ ପାଖରେ ପରାଜିତ ସେ କଥା କହିବାକୁ ଚାହାନ୍ତି । ସେହି ଦୃଷ୍ଟିରୁ 'ହଂସର ମୃତ୍ୟୁ' ନାମକରଣ ଗଳ୍ପର ବିଷୟବସ୍ତୁ ଦୃଷ୍ଟିରୁ ଅଧିକ ସାର୍ଥକ ହୋଇଥାନ୍ତା, ମାତ୍ର ହଂସର ପ୍ରତିଶବ୍ଦ ମରାଳକୁ ଗ୍ରହଣ କରି ଅଧିକ ଆଳଙ୍କାରିକ ରୀତିରେ 'ମରାଳର ମୃତ୍ୟୁ' ନାମକରଣ କରିବା ତାଙ୍କର ନାମକରଣ ପ୍ରତି ଅତ୍ୟଧିକ ସଚେତନତାର ଫଳଶ୍ରୁତି ପରି ମନେ ହୋଇଥାଏ ।

ଆଳଙ୍କାରିକ ବା କାବ୍ୟିକ ପ୍ରକ୍ରିୟା ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକର ନାମକରଣର ଅନ୍ୟ ଏକ ବିଶେଷତ୍ୱ । ବିଶେଷତଃ ଐତିହାସିକ ଓ ପୌରାଣିକ ଗଳ୍ପ ଯଥା- ମଧୁମନ୍ତାର ରାତ୍ରି, ଯାଯାବର ଓ ଜାୟା, ପିତା ଓ ପୁତ୍ର, କଳିଙ୍ଗର ପ୍ରତିଶୋଧ, କେଶରୀ ସନ୍ଧ୍ୟା, କାବେରୀରୁ ଗଙ୍ଗା, ଶ୍ରୀକୃଷ୍ଣଙ୍କ ଶେଷହସ ଇତ୍ୟାଦିରେ ଏହି ପ୍ରକ୍ରିୟା ଲକ୍ଷ୍ୟ କରାଯାଇଥାଏ । ଏତଦ୍‌ଭିନ୍ନ ସୁରେନ୍ଦ୍ରଙ୍କ ଅନ୍ୟାନ୍ୟ ବିଭିନ୍ନ ଶ୍ରେଣୀର ଗଳ୍ପ ଯଥା- ପ୍ରଥମ ଆଷାଢ଼, ମହାନଗରୀର ରାତ୍ରି, ସ୍ୱପ୍ନରେ ମନ୍ଦୋଦରୀ, ଅପରିଚିତର ପରିଚୟ, ସାମ୍ୟବାଦର ଶେଷ ଇସ୍ତାହାର, ପଲାଶପୁର ଓ ପୋର୍ସିଲେନ୍, ଡିନୋସାର୍‌ର ଆତ୍ମା, ସବୁଜପତ୍ର ଓ ଧୂସର ଗୋଲାପ, ମହାମାନବର ସାରଗତୀରେ ଇତ୍ୟାଦିରେ ଏହି ପ୍ରକ୍ରିୟା ଲକ୍ଷ୍ୟ କରାଯାଇଥାଏ ।

ଗାଳ୍ପିକ ସୁରେନ୍ଦ୍ରଙ୍କ ନାମକରଣର ତୃତୀୟ ବିଶେଷତ୍ୱ ହେଉଛି ଏହାର ଅନ୍ତର୍ନିହିତ ବ୍ୟଙ୍ଗାତ୍ମକ ଦୃଷ୍ଟିକୋଣ, 'ନିଯୁକ୍ତି ପତ୍ର', 'ଦ୍ୱିପଦର ଗ୍ରାସ', 'ଜୀଅନ୍ତା ଭୂତ' ଇତ୍ୟାଦି ଗଳ୍ପ ନାମକରଣରେ ଗାଳ୍ପିକଙ୍କ ବ୍ୟଙ୍ଗାତ୍ମକ ମନୋଭାବ ପରିଲକ୍ଷିତ ହୋଇଥାଏ । 'ନିଯୁକ୍ତି ପତ୍ର' ଗଳ୍ପରେ କବି ସ୍ୱପ୍ନବିଳାସୀ ସୁନନ୍ଦ ଯେତେବେଳେ କ୍ରେନ୍ ଡ୍ରାଇଭରର ନିଯୁକ୍ତି ପାଇଛି, ସେତେବେଳେ ଅସଙ୍ଗତି ଲକ୍ଷ୍ୟ କରାଯାଇଥାଏ । 'ଦ୍ୱିପଦର ଗ୍ରାସ' ଗଳ୍ପରେ ମଣିଷ ପରିବର୍ତ୍ତେ ଦ୍ୱିପଦ ଶବ୍ଦ ପ୍ରୟୋଗରେ ମଣିଷର ଇତରପ୍ରକୃତିକୁ ବ୍ୟଙ୍ଗ କରାଯାଇଛି । ସମସାମୟିକ ସାହିତ୍ୟିକର ଅବସ୍ଥାର ଚିତ୍ର ଦେବା ମାଧ୍ୟମରେ 'ଜୀଅନ୍ତା ଭୂତ' ନାମକରଣରେ ପ୍ରଚଳିତ ସମାଜ ବ୍ୟବସ୍ଥାକୁ ସମାଲୋଚନା କରାଯାଇଅଛି । ଅନୁରୂପ ଭାବେ ବୌଦ୍ଧ ଯୁଗୀୟ କୃଚ୍ଛ୍ରସାଧନାର ଅନ୍ତରାଳରେ ମଣିଷର ଯୌନ ବୁଭୁକ୍ଷାକୁ ବ୍ୟଙ୍ଗ କରି 'ମହାନିର୍ବାଣ' ନାମକରଣ କରାଯାଇଅଛି ।

ଗାଳ୍ପିକ ସୁରେନ୍ଦ୍ରଙ୍କ ନାମକରଣର ଚତୁର୍ଥ ବିଶେଷତ୍ୱ ହେଉଛି ଇତିହାସ, କିମ୍ବଦନ୍ତୀ ଓ ପୌରାଣିକ ତଥ୍ୟ ଉପସ୍ଥାପନ ମାଧ୍ୟମରେ ନିଜର ନାମକରଣକୁ ଯୁକ୍ତିସିଦ୍ଧ କରିବା । 'ନରବଳି' ଗଳ୍ପରେ ଇତିହାସ ପୃଷ୍ଠାରୁ ଦୃଷ୍ଟାନ୍ତ ଦେଇ କିଭଳି ନରବଳି ମଣିଷ ସମାଜ ତଥା ସଭ୍ୟତାରେ ଯୁଗେ ଯୁଗେ ଏକ ପରମ୍ପରା ରୂପେ ପ୍ରଚଳିତ ହୋଇଆସିଛି, ବର୍ଣ୍ଣନା କରିବା ସହିତ ଶହୀଦ ଅରୁଣ ବିଶ୍ୱାଳଙ୍କ ଶବ ଶୋଭାଯାତ୍ରା ଉପରକୁ ପୋଲିସର ଗୁଳିଚାଳନା ଘଟଣାକୁ ଯୁକ୍ତିନିଷ୍ଠ ଭାବେ ପ୍ରତିପାଦନ କରାଯାଇଅଛି । 'ବଳିଦାନ' ଗଳ୍ପରେ ନିରୀହ ଆଦିବାସୀଙ୍କ ଦେଶ ନାମରେ ଆତ୍ମୋତ୍ସର୍ଗ ଘଟଣାର ବର୍ଣ୍ଣନା ମାଧ୍ୟମରେ ନାମକରଣର ସାର୍ଥକ ପ୍ରୟୋଗ ହୋଇଛି । 'ଘଇତାମାରୀପାଟ' ଓ 'ବରଜୁଷେଣ୍ଢଘାଇ' ଗଳ୍ପରେ କିମ୍ବଦନ୍ତୀ ସୁଲଭ ଘଟଣାର ଅବତାରଣା ତଥା 'ଗଣଦେବତା' ଗଳ୍ପରେ ଗଣନାଥଙ୍କ ସମ୍ପର୍କିତ ପୌରାଣିକ ଉପାଖ୍ୟାନର ଅବତାରଣା ଗଳ୍ପର ନାମକରଣରେ ଗାଳ୍ପିକଙ୍କ ଯୁକ୍ତି ନିଷ୍ଠତାର ଅନ୍ୟ କେତେକ ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇପାରେ ।

ଗାଳ୍ପିକ ସୁରେନ୍ଦ୍ରଙ୍କର ଗଳ୍ପର ନାମକରଣର ପଞ୍ଚମ ବିଶେଷତ୍ୱ ହେଉଛି, ନାମକରଣ ନିମିତ୍ତ ସାର୍ଥକ ଶବ୍ଦ ଚୟନ । ପ୍ରଥମତଃ ପାଲିଜାତକ କଥା ସମ୍ୱଳିତ ଗଳ୍ପର ନାମକରଣରେ ପାଲିଭାଷା ସମ୍ୱଳିତ 'ସାରୀପୁତ୍ତ' ଓ 'ଅମ୍ବାପଲ୍ଲୀ' ନାମକରଣ ଗାଳ୍ପିକ କରିଛନ୍ତି । ଦ୍ୱିତୀୟରେ 'ଶାଳଭଞ୍ଜିକା', 'ମାଂସର କୋଣାର୍କ', 'କବନ୍ଧ', 'ଭାରତ ଆବିଷ୍କାର', 'ଅଷ୍ଟ୍ରେଲିଆ', 'ଇନ୍ଦ୍ରଦ୍ୟୁମ୍ନ', 'ବାସଂସି ଜୀର୍ଣ୍ଣାନି' ଇତ୍ୟାଦି ସଂସ୍କୃତାନୁଗ, ମୂର୍ତ୍ତିକଳା ସମ୍ବନ୍ଧିତ ତଥା ଇତିହାସ ଭୂଗୋଳ ପ୍ରସିଦ୍ଧ ନାମକରଣଗୁଡ଼ିକର ତାତ୍ପର୍ଯ୍ୟପୂର୍ଣ୍ଣ ବ୍ୟବହାର ହୋଇଛି । ତୃତୀୟରେ ଓଡ଼ିଶାର ପଲ୍ଲୀଜୀବନରେ ବହୁଳ ପ୍ରସିଦ୍ଧ ଓ ପ୍ରଚଳିତ 'ଇଜ୍‌ମାଲି', 'ବାସୀମଡ଼ା', 'ପୁଷ୍ୟାଭିଷେକ' ଇତ୍ୟାଦି ସାମାଜିକ ଚଳଣି ସମ୍ପର୍କିତ ବିଶିଷ୍ଟ ଶବ୍ଦ ପ୍ରୟୋଗ ମାଧ୍ୟମରେ କରାଯାଇଛି । ଚତୁର୍ଥରେ ଡାଡା, କାକ୍‌ଟସ୍, ଓଃ କାଲ୍‌କାଟା, ସାଙ୍ଗରିଲା, ସାପ ଆଦି ବୈଦେଶିକ ତଥା ତନ୍ତ୍ର ସମ୍ୱଳିତ ଶବ୍ଦଗୁଡ଼ିକର ବ୍ୟବହାର ମାଧ୍ୟମରେ ଗାଳ୍ପିକଙ୍କ ବହୁ ଶାସ୍ତ୍ରଦର୍ଶିତା, ସୂକ୍ଷ୍ମ ଅନୁସନ୍ଧାନ ଓ ଅନୁଧ୍ୟାନର ପରିଚୟ ମିଳିଥାଏ । ତେଣୁ ଏହି ଶ୍ରେଣୀର ଗଳ୍ପର ନାମକରଣରେ ବ୍ୟବହୃତ ଶବ୍ଦଗୁଡ଼ିକର ବ୍ୟବହାର ଏକ ବିଶେଷ ଉଲ୍ଲେଖ ଦାବି କରିଥାଏ ।

ଗାଳ୍ପିକ ସୁରେନ୍ଦ୍ରଙ୍କର ଗଳ୍ପଗୁଡ଼ିକର ନାମକରଣର ଷଷ୍ଠ ବିଶେଷତ୍ୱ ହେଲା, ଏହା ସାଧାରଣତଃ ଗଳ୍ପର ପରିଣତିକୁ ଉପଜୀବ୍ୟ କରି ରଚିତ । ଏହାର ଦୃଷ୍ଟାନ୍ତସ୍ୱରୂପ କୃଷ୍ଣଚୂଡ଼ା, ନିଃସଙ୍ଗ ଆକାଶ, ପ୍ରେତିନୀର ନାଚ, ମରାଳର ମୃତ୍ୟୁ, ମହାନିର୍ବାଣ ଇତ୍ୟାଦିକୁ ଗ୍ରହଣ କରାଯାଇପାରେ ।

ଶେଷରେ ଗାଳ୍ପିକ ସୁରେନ୍ଦ୍ରଙ୍କ ଗଳ୍ପର ନାମକରଣ ସମ୍ପର୍କରେ ଏତିକି କୁହାଯାଇପାରେ ଯେ, ଏଗୁଡ଼ିକ ସର୍ବଦା ଆକର୍ଷଣୀୟ, ତଥା ଗଳ୍ପର ଆବେଦନର ସଫଳ ପ୍ରକାଶକ, ତେଣୁ ଏଗୁଡ଼ିକ ସାର୍ଥକ ମନେ ହୋଇଥାଏ ।

## ସୁରେନ୍ଦ୍ରଙ୍କ ଗଳ୍ପର ଗଠନକୌଶଳ

ସୁରେନ୍ଦ୍ରଙ୍କ ସ୍ୱୀକୋରୋକ୍ତି ଲକ୍ଷ୍ୟ କଲେ ଏକଥା ସ୍ପଷ୍ଟ ଯେ, ଗଳ୍ପକଳାର ଗାଣିତିକ ସୂତ୍ର ଧରି କେହି ଗଳ୍ପ ରଚନା କରେ ନାହିଁ, ତଥାପି କ୍ଷୁଦ୍ରଗଳ୍ପର ଏକ ପୀନୋବଦ୍ଧ ଆଙ୍ଗିକ ରହିବ, ସେଥିପ୍ରତି ସେ ସଚେତନ । ଓଡ଼ିଆ କ୍ଷୁଦ୍ରଗଳ୍ପର କ୍ରମବିକାଶକୁ ଲକ୍ଷ୍ୟ କଲେ ଏକଥା ସ୍ପଷ୍ଟ ଯେ, ଫକୀରମୋହନଙ୍କ ସୃଷ୍ଟ କ୍ଷୁଦ୍ରଗଳ୍ପଗୁଡ଼ିକରେ କାହାଣୀଧର୍ମୀତା ସହ ପାଶ୍ଚାତ୍ୟ କ୍ଷୁଦ୍ରଗଳ୍ପର ରଚନା ପଦ୍ଧତିର ସମ୍ମିଶ୍ରଣ ଘଟି, ଓଡ଼ିଆ କ୍ଷୁଦ୍ରଗଳ୍ପ କ୍ରମଶଃ ରାଜକିଶୋର ରାୟ, ରାଜକିଶୋର ପଟ୍ଟନାୟକ, ଗୋପୀନାଥ ମହାନ୍ତିଙ୍କ ଦ୍ୱାରା ସାହିତ୍ୟରେ ଏକ ବଳିଷ୍ଠ ବିଭାବ ଭାବରେ ପ୍ରତିଷ୍ଠିତ ହୋଇଛି । ଗାଳ୍ପିକ ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକରେ ଏହାର ଗଠନ କୌଶଳରେ ନାନାଦି ପରୀକ୍ଷା ନିରୀକ୍ଷା କରାଯାଇଛି । ବିଶେଷତଃ ଗାଳ୍ପିକ ସୁରେନ୍ଦ୍ର ଘଟଣା କିମ୍ବା ଚରିତ୍ର ବିହୀନ ତଥା ମଣିଷର ମାନସିକ ପରିବେଶକୁ କେନ୍ଦ୍ର କରି ଗଳ୍ପ ରଚନା କରି ଗଳ୍ପର ଗଠନ କୌଶଳରେ ବିପ୍ଳବ ଆଣିବା ସହିତ ବୈଶିଷ୍ଟ୍ୟ ପ୍ରଦର୍ଶନ କରିଛନ୍ତି ସେ ସମ୍ପର୍କରେ ଏଠାରେ ଆଲୋଚନା କରାଯାଉଅଛି ।

ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ତାଙ୍କର ଆଦ୍ୟକାଳର ତଥା କେତେକ ପରବର୍ତ୍ତୀ ଗଳ୍ପରେ ବୋଦଲାୟାରଙ୍କ ଭଳି ଗାଥା କବିତା ରୀତି (Prosepoem Style) ତଥା ଆଭାସ ଚିତ୍ର ରୀତିର ଅନୁସରଣରେ ଚରିତ୍ରର ମାନସିକ ପରିବେଶ ଓ ଅନୁଭୂତ ଘଟଣାକୁ ଗ୍ରହଣ କରି କେତେକ ଗଳ୍ପ ରଚନା କରିଛନ୍ତି । ଦୃଷ୍ଟାନ୍ତସ୍ୱରୂପ 'ଡଗର'ରେ ପ୍ରକାଶିତ ଛୋଟ ଗପଟି ମଣିଷର ମାନସିକ ପରିବେଶ ତଥା ସ୍ମୃତି ଉପରେ ଆଧାରିତ ଏକ ଗଦ୍ୟ କବିତା ସଦୃଶ । ଏହି ଗଳ୍ପରେ ଘଟଣା ବା ଚରିତ୍ରର କୌଣସି ବିଶେଷତା

ନାହିଁ । ଭାରତ ଆବିଷ୍କାର, ଅଷ୍ଟ୍ରେଲିଆ, ପ୍ରଥମ ଆଷାଢ଼, ପତର ନମ୍ବର ଥ୍ଵାର୍ଡ଼ ଗଳ୍ପରେ ମୁଖ୍ୟ ଚରିତ୍ର ମୁଁର ଚେତନାରେ ବହୁ ଘଟଣାର ଗୁମ୍ଫନ କରାଯାଇ ରଚନା କରାଯାଇଛି । ଅନ୍ଧସ୍ଵାମୀ, ମଣିଷ ଓ ମଣିଷ, ମଣିଷ ଓ ଅର୍ଥନୀତି ଓ ସାମ୍ୟବାଦର ଶେଷ ଇସ୍ତାହାର ଗଳ୍ପଗୁଡ଼ିକରେ ଗଳ୍ପରେ ଚିତ୍ରିତ ମୁଖ୍ୟ ଚରିତ୍ରର ନିର୍ଦ୍ଦିଷ୍ଟ ଅନୁଭୂତି ଓ ପରିବେଶକୁ କେନ୍ଦ୍ର କରି ରଚିତ । ଏହି ଗଳ୍ପଗୁଡ଼ିକରେ ଗାଳ୍ପିକଙ୍କ ପୂର୍ବରୁ ଓଡ଼ିଆ ଗଳ୍ପରେ ଦେଖା ଦେଉଥିବା ଗଳ୍ପ ଗଠନ କଳାର ଅନୁସରଣ ନାହିଁ, ବରଂ ଏକ ବୈପ୍ଲବିକ ପଦକ୍ଷେପ ନେଇ ଗାଳ୍ପିକ ସୁରେନ୍ଦ୍ର ଗଳ୍ପର ଗଠନ କୌଶଳରେ ନୂତନତା ପ୍ରଦର୍ଶନ କରିଛନ୍ତି । ଗାଳ୍ପିକ ସୁରେନ୍ଦ୍ରଙ୍କ ଭାଷାରେ ତାଙ୍କର ଏହି ଆଦ୍ୟକାଳର ଗଳ୍ପଗୁଡ଼ିକ ସେତେବେଳେ ଗଳ୍ପ ରଚନାର ଆଙ୍ଗିକ ରୀତି ଓ ପରମ୍ପରାର ନିୟାମକରେ କ୍ଷୁଦ୍ରଗଳ୍ପର ସ୍ୱୀକୃତିଯୋଗ୍ୟ ବିବେଚିତ ହୋଇ ପାରିନଥିଲା । କାରଣ ଏ ଗଳ୍ପଗୁଡ଼ିକର ଆରମ୍ଭ ନଥିଲା ମଧ୍ୟଭାଗ ନଥିଲା, ଅଥବା ପରିସମାପ୍ତି ନଥିଲା ।(ମହାନ୍ତି, ୧୯୬୭, ଗୌରଚନ୍ଦ୍ରିକା, ପୃ: ୩)

ଗାଳ୍ପିକ ସୁରେନ୍ଦ୍ରଙ୍କ ପରବର୍ତ୍ତୀ ସମୟର କେତେକ ଗଳ୍ପ ଫକୀରମୋହନଙ୍କ ଗଳ୍ପଗୁଡ଼ିକ ଭଳି ଅନେକାଂଶରେ କାହାଣୀ ଧର୍ମ ଦ୍ଵାରା ପ୍ରଭାବିତ । ଏହାର ଦୃଷ୍ଟାନ୍ତସ୍ୱରୂପ ଧ୍ୱଂସାବଶେଷ, ବଳିଦାନ, ଅମୃତ ଓ ଆନନ୍ଦଭୈରବୀ ଆଦି ଗଳ୍ପକୁ ଗ୍ରହଣ କରାଯାଇପାରେ । ମାତ୍ର ଆଦିମ ଓ ଶତରୂପା, ଗୋଟିଏ ଆତ୍ମହତ୍ୟାର କାହାଣୀ, ମୃତ୍ୟୁ-ଗାଷ୍ଟ୍ରୋଏଣ୍ଟାଇଟିସ, ପଲାଶପୁର ଓ ପୋର୍ସିଲେନ୍, ସାହିଖାନ୍ଦାନ ଆଦି ଗଳ୍ପକୁ ଲକ୍ଷ୍ୟ କଲେ ଦେଖାଯାଏ ଏଗୁଡ଼ିକରେ ଗଳ୍ପର କାହାଣୀଧର୍ମ ସହିତ, କ୍ଷୁଦ୍ରଗଳ୍ପର ମନୋବିଶ୍ଳେଷଣ ରୀତିର ସମାହାର ଘଟିଛି । କ୍ଷୁଦ୍ରଗଳ୍ପ ରଚନା କ୍ଷେତ୍ରରେ ଏହି ଶ୍ରେଣୀର ଗଳ୍ପ ସବୁରେ ଗାଳ୍ପିକ ସୁରେନ୍ଦ୍ର ଏକ ନୂତନ ଆଙ୍ଗିକର ଅନୁସରଣ କରିଥିବା ପରିଲକ୍ଷିତ ହୋଇଥାଏ ।

'ଅପରାଜିତ', 'ଅତିଥି', 'ମହାନଗରୀର ରାତ୍ରି', 'କାଳିମାଟି', 'ପତାକା ଉତ୍ତୋଳନ', 'ମହାମାନବର ସାଗରତୀରେ', 'ନୟନପୁର ଏକ୍ସପ୍ରେସ୍', 'ଦୁଇବନ୍ଧୁ', 'ଭାଗାବଣ୍ଡ', 'ଅଣ୍ଡରଗ୍ରାଉଣ୍ଡ', 'ନିତ୍ୟବର୍ତ୍ତମାନକାଳ', 'ଶେଷ କବିତା', 'ନରବଳି', 'ଗୃହଦାହ', 'ଜୀଅନ୍ତା ଭୂତ' ଆଦି ଗଳ୍ପକୁ ଲକ୍ଷ୍ୟକଲେ ଦେଖାଯାଏ, ଗାଳ୍ପିକ ପୂର୍ବ ପ୍ରଚଳିତ ଗଳ୍ପ କଳା କୌଶଳର ଅନୁସରଣରେ ଘଟଣା ଓ ଘଟଣା, ଘଟଣା ଓ ଚରିତ୍ର, ଚରିତ୍ର ଓ ଚରିତ୍ର ଆଦିର ଦ୍ୱନ୍ଦ୍ୱକୁ ଉପଜୀବ୍ୟ କରି ଦ୍ୱନ୍ଦ୍ୱର ଆରମ୍ଭ, ଶୀର୍ଷବନ୍ଦୁ ଓ ଅବରୋହ ପ୍ରତିସଚେତନ ରହି ଗଳ୍ପ ସୃଷ୍ଟି କରିଛନ୍ତି । ଦୃଷ୍ଟାନ୍ତସ୍ୱରୂପ : 'ଅପରାଜିତ' ଗଳ୍ପ ଆଦର୍ଶବାଦୀ ଗରିବ ଲେଖକ ଶ୍ୟାମଳ ଚରିତ୍ର ସହ ପୁଞ୍ଜିପତିର ହାତବାରିସୀ ବୁଦ୍ଧିଜୀବୀ ସରୋଜ ମଧ୍ୟରେ ଦ୍ୱନ୍ଦ୍ୱର ଚିତ୍ରକୁ ଉପଜୀବ୍ୟ କରି ରଚିତ । ମହାନଗରୀର ରାତ୍ରି ଓ ଦୁଇବନ୍ଧୁ ଗଳ୍ପ ସାମ୍ପ୍ରଦାୟିକ ହିଂସାକାଣ୍ଡ ଘଟଣା ସହିତ ଚରିତ୍ରର ଦ୍ୱନ୍ଦ୍ୱକୁ ଉପଜୀବ୍ୟ କରି ରଚିତ । ମାତ୍ର ଉଲ୍ଲିଖିତ ଗଳ୍ପଗୁଡ଼ିକ ମଧ୍ୟରୁ ପତାକା ଉତ୍ତୋଳନ, ଗୃହଦାହ ଗଳ୍ପରେ ଗଳ୍ପର ପରିଣତିରୁ ହିଁ ଗଳ୍ପର ଆରମ୍ଭ ଘଟିଥିବା ସ୍ଥଳେ ଶେଷ କବିତା ଓ ଜୀଅନ୍ତା ଭୂତ ଗଳ୍ପର ପରିଣତି ଆକସ୍ମିକ ତଥା ନାଟକୀୟ ହୋଇଛି । ଗଳ୍ପରେ ଉପସ୍ଥାପିତ ଦ୍ୱନ୍ଦ୍ୱକୁ ଅଧିକ ତୀବ୍ର କରିବା ପାଇଁ ଏ ଗଳ୍ପଗୁଡ଼ିକରେ ଗାଳ୍ପିକ ସୁରେନ୍ଦ୍ର ସର୍ବଦା ପ୍ରୟାସ କରିଛନ୍ତି ; ତେଣୁ ସ୍ଥଳବିଶେଷରେ ଗଳ୍ପର ଘଟଣା ପ୍ରବାହର ପରିବର୍ତ୍ତନ କରିଥିବା ପରିଲକ୍ଷିତ ହୋଇଥାଏ । ଦୃଷ୍ଟାନ୍ତସ୍ୱରୂପ ଏଠାରେ ତାଙ୍କର 'ନୟନପୁର ଏକ୍ସପ୍ରେସ୍' ଗଳ୍ପକୁ ବିଚାରକୁ ନିଆଯାଇପାରେ । "କୃଷ୍ଣଚୂଡ଼ା" ସଙ୍କଳନରେ ପ୍ରଥମେ ପ୍ରକାଶିତ ଏହି ଗଳ୍ପ ସହିତ, 'ସୁରେନ୍ଦ୍ର ସଞ୍ଚୟନ'ରେ

ପ୍ରକାଶିତ ଗଳ୍ପକୁ ତୁଳନା କଲେ ଦେଖାଯାଏ, ପ୍ରଥମ ପ୍ରକାଶିତ ଗଳ୍ପରେ ନରେନ୍ଦ୍ର ଠିକଣାରେ ଆସିଥିବା ଚିଠିର ବିଷୟ ବହୁ ବର୍ଷର ବ୍ୟବଧାନରେ ତାର ଝିଅ ମନୀଷା ସହିତ ପତ୍ନୀ ମଞ୍ଜୁ ତା' ପାଖକୁ ନୟନପୁର ଏକ୍ସପ୍ରେସରେ ଫେରି ଆସୁଛନ୍ତି । ସେହିଦିନ ବିପ୍ଳବର ଦୁହା ଦେଇ ସେ ମେଘାବ୍ରିଜରୁ ଫିସ୍ ପ୍ଲେଟ୍ ଉଠାଇ ଚାଲି ଆସିବା ପରେ ଉପରୋକ୍ତ ଚିଠିଟି ପାଇଛି । ପ୍ରଥମ ପ୍ରକାଶିତ ଗଳ୍ପରେ ଚିଠି ଘଟଣାର ବର୍ଣ୍ଣନା ଯୋଗୁଁ ଗଳ୍ପଟିରେ ଉପସ୍ଥାପିତ ନରେନ୍ଦ୍ରର ମାନସିକ ଦ୍ୱନ୍ଦ୍ୱ ସାମଗ୍ରିକ ରୂପେ ତାର ବ୍ୟକ୍ତିଗତ ହୋଇ ପଡ଼ିଥିବା ସ୍ଥଳେ 'ସୁରେନ୍ଦ୍ର ସଞ୍ଚୟନ'ରେ ପୂର୍ବୋକ୍ତ ଚିଠିର ଉପସ୍ଥାପନାକୁ ଗାଳ୍ପିକ ବାଦ୍ ଦେଇଥିବାରୁ ନରେନ୍ଦ୍ରର ମାନସିକ ଦ୍ୱନ୍ଦ୍ୱର ଚିତ୍ରଣ ମାନବ ସମାଜ ପ୍ରତି ସମ୍ବେଦନଶୀଳ ହେବା ସହିତ ତାହା ପାଠକ ପାଖରେ ଅଧିକ ଆଦୃତ ହୋଇପାରିଛି । ତେଣୁ ପ୍ରଥମ ପ୍ରକାଶିତ ଗଳ୍ପରେ ଉପସ୍ଥାପିତ ଦ୍ୱନ୍ଦ୍ୱ ଅପେକ୍ଷା ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରକାଶିତ ଗଳ୍ପର ଦ୍ୱନ୍ଦ୍ୱ ଅଧିକ ତୀବ୍ର ହୋଇପାରିଛି ।

ଓଡ଼ିଶାର ସାମାଜିକ ଜୀବନର ପ୍ରାକୃତିକ ଦୁର୍ବିପାକକୁ କେନ୍ଦ୍ର କରି ରଚିତ, ମରୁଡ଼ି, ସାତଭଉଣୀ, ମେଣ୍ଟାଖାଇ, ବରଜୁଷେଣ୍ଟ ଘାଇ, ଅପରିଚିତର ପରିଚୟ ଆଦି ଗଳ୍ପଗୁଡ଼ିକରେ ଗାଳ୍ପିକ ସୁରେନ୍ଦ୍ର ପ୍ରକୃତି ସହିତ ମଣିଷର ଦ୍ୱନ୍ଦ୍ୱର ଚିତ୍ର ଉପସ୍ଥାପନ କରିଛନ୍ତି । 'ବରଜୁଷେଣ୍ଟ ଘାଇ' ଗଳ୍ପର ଗୌଣ ଘଟଣା ଅଂଶଟି ଅର୍ଥାତ୍ ବରଜୁଷେଣ୍ଟଙ୍କ ବନ୍ଧ ନିର୍ମାଣ ଅଂଶଟି ଗାଳ୍ପିକ ଫକୀରମୋହନଙ୍କ ରାଣ୍ଡି ପୁଅ ଅନନ୍ତାର ପରିମାର୍ଜିତ ସଂସ୍କରଣ ହୋଇଥିବା ସ୍ଥଳେ ହରିମାଷ୍ଟରଙ୍କର ନଈବଢ଼ି ସମୟରେ ଆତ୍ମୋତ୍ସର୍ଗମୂଳକ ଜନତା ଜନାର୍ଦ୍ଦନର ସେବା ତଥା ତାହାର ସମାନ୍ତରାଳରେ ରାଜନୀତିକ ନେତାଙ୍କର ସେବା ଓ ସମ୍ବେଦନା ନାମରେ ଭାଷଣରେ ପରସ୍ପର ବିପରୀତମୁଖୀ ଦୁଇ ଆଦର୍ଶର ଦ୍ୱନ୍ଦ୍ୱର ଚିତ୍ର ଗାଳ୍ପିକ ନାଟକୀୟ ରୀତିରେ ଉପସ୍ଥାପନ କରିଛନ୍ତି । ଅନୁରୂପ ଭାବେ ମେଣ୍ଟାଖାଇ, ଅପରିଚିତର ପରିଚୟ, ମରୁଡ଼ି ଓ ସାତଭଉଣୀ ଗଳ୍ପରେ ନଈବଢ଼ି, ମରୁଡ଼ି ଓ ମହାମାରୀର ବିଭିନ୍ନ ପରିବେଶ ସହିତ ଚରିତ୍ରର ଦ୍ୱନ୍ଦ୍ୱଚିତ୍ର ତଥା ନାଟକୀୟ ଉତ୍କଣ୍ଠା ମଧ୍ୟରେ ତାର ପରିସମାପ୍ତି ପରିଲକ୍ଷିତ ହୋଇଥିବାରୁ ଗଳ୍ପଗୁଡ଼ିକ ପାଠକ ପାଖରେ ଆକର୍ଷଣୀୟ ମନେ ହୋଇଥାଏ ।

ପଲ୍ଲୀ ତଥା ସହରର ସାମାଜିକ ଜୀବନକୁ କେନ୍ଦ୍ର କରି ରଚିତ ଗଳ୍ପ ବାସୀମଡ଼ା, ଖାଦାନୀ, ପୁଷ୍ପାଭିଷେକ, ଦ୍ୱିପଦର ଗ୍ରାସ, ମୃତ୍ତିକାର ଆତ୍ମା, ଜଟିଳଲତା, ଶାଳଭଞ୍ଜିକା, ସେ ଓ ମୁଁ ଆଦି ଗଳ୍ପରେ ଚରିତ୍ର ଓ ଘଟଣା ଆଦିର ଦ୍ୱନ୍ଦ୍ୱ ସହିତ ଚରିତ୍ରର ମାନସିକ ଦ୍ୱନ୍ଦ୍ୱ ପରିଲକ୍ଷିତ ହୋଇଥାଏ । ଦୃଷ୍ଟାନ୍ତସ୍ୱରୂପ 'ଶାଳଭଞ୍ଜିକା' ଗଳ୍ପରେ ମନୀଷାକୁ କେନ୍ଦ୍ର କରି ଶ୍ୟାମଳ ଓ ସୁକାନ୍ତି ମଧ୍ୟରେ ଦେଖା ଦେଇଥିବା ବାହ୍ୟ ଦ୍ୱନ୍ଦ୍ୱ ମଧ୍ୟରେ ସେମାନଙ୍କର ମାନସିକ ଦ୍ୱନ୍ଦ୍ୱର ଚିତ୍ର ଗାଳ୍ପିକ ଉପସ୍ଥାପନ କରିଛନ୍ତି । ପୁଣି 'ସେ ଓ ମୁଁ' ଗଳ୍ପଟି ସପତ୍ନୀ ସରମା ଓ କୁମ ମଧ୍ୟରେ ଦ୍ୱନ୍ଦ୍ୱ ଅପେକ୍ଷା କୁମର ମାନସିକ ଦ୍ୱନ୍ଦ୍ୱକୁ ଉପଜୀବ୍ୟ କରି ରଚିତ । ଏଭଳି ଗାଳ୍ପିକ ସୁରେନ୍ଦ୍ରଙ୍କ ବହୁ ଗଳ୍ପରେ ଚରିତ୍ରର ମାନସିକ ଦ୍ୱନ୍ଦ୍ୱ ବା ଅନ୍ତର୍ଦ୍ୱନ୍ଦ୍ୱର ଚିତ୍ର ପରିଲକ୍ଷିତ ହୋଇଥାଏ । ଅବଶ୍ୟ ଏହି ଶ୍ରେଣୀର ଅନ୍ତର୍ଦ୍ୱନ୍ଦ୍ୱ ଗାଳ୍ପିକ ସୁରେନ୍ଦ୍ରଙ୍କ ପୂର୍ବବର୍ତ୍ତୀ ବହୁ ଗାଳ୍ପିକଙ୍କ ଗଳ୍ପରେ ପରିଲକ୍ଷିତ ହୋଇଥାଏ, ମାତ୍ର କଷ୍ଟଚୂଡ଼ା, ରୁଟି ଓ ଚନ୍ଦ୍ର, ବେଲୁନ୍, ମରାଳର ମୃତ୍ୟୁ, ପାଗଳଗାରଦର କାହାଣୀ, ନୀଳଜ୍ୟୋତ୍ସ୍ନା, କୁବେରର କବିତା, ଆକାଶ ତଥାପି ସୁନୀଳ, ନିଃସଙ୍ଗ ଆକାଶ, କାକ୍ଟସ୍, କ୍ଳାନ୍ତ ଚୈତାଳୀ, ତାତା, ସାପ, କେନ୍ଦ୍ରାତୀଗ, ଦିନେ ସନ୍ଧ୍ୟାରେ, କମଳର ତମ୍ବୁ ଆଦି ଗଳ୍ପରେ ଚରିତ୍ରର ମାନସିକ ବିଶ୍ଳେଷଣ, ବା ଅନ୍ତର୍ଦ୍ୱନ୍ଦ୍ୱ ଏକ ନିର୍ଦ୍ଦିଷ୍ଟ ଘଟଣା, ପରିବେଶ ବା ଚରିତ୍ରକୁ ଉପଜୀବ୍ୟ କରି ଚେତନା ପ୍ରବାହ ଶୈଳୀରେ

ଉପସ୍ଥାପିତ ହୋଇଥିବାରୁ ଏସବୁ ଗଳ୍ପର ଅନ୍ତର୍ଦ୍ୱନ୍ଦ୍ୱର ଚିତ୍ରଣରେ ଗାଳ୍ପିକ ସୁରେନ୍ଦ୍ରଙ୍କର ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ । ଏ ସମ୍ପର୍କରେ 'ନିଃସଙ୍ଗ ଆକାଶ'ର ମଣ୍ଟୁର ଅନ୍ତର୍ଦ୍ୱନ୍ଦ୍ୱ, ଗୋଡ଼ିବାଣପୁରର ନିର୍ଦ୍ଦିଷ୍ଟ ପରିବେଶ ତଥା ନୀଳକଇଁ ପ୍ରତି ରହିଥିବା କୈଶୋର ସୁଲଭ କାମ ପ୍ରବଣତାର ଅନ୍ତରାଳରେ ରହିଥିବା ସ୍ଥଳେ, 'ଦିନେ ସନ୍ଧ୍ୟାରେ' ଗଳ୍ପରେ ନାୟକ ଅମିତାଭର ନର୍ସ ତପତୀକୁ କେନ୍ଦ୍ର କରି ଚେତନା ପ୍ରବାହ ଶୈଳୀରେ ମାନସିକ ଦ୍ୱନ୍ଦ୍ୱର ଚିତ୍ର ଦିଆଯାଇଛି ।

ଏତଦ୍‌ଭିନ୍ନ ବିଭିନ୍ନ ଆନ୍ଦୋଳନ, ଆଇନ ଓ ଘଟଣାର ଦ୍ୱନ୍ଦ୍ୱକୁ କେନ୍ଦ୍ର କରି ବିଭିନ୍ନ ଚରିତ୍ର ମାଧ୍ୟମରେ ଗାଳ୍ପିକ ସୁରେନ୍ଦ୍ର କେତେକ ଗଳ୍ପ ରଚନା କରିଛନ୍ତି । ଦୃଷ୍ଟାନ୍ତସ୍ୱରୂପ ଭୂଦାନ ଆନ୍ଦୋଳନ, ଭାଗଚାଷ ଆଇନ, ଗଣତାନ୍ତ୍ରିକ ନିର୍ବାଚନ, ଜରୁରୀ ଅବସ୍ଥା ଆଦିକୁ କେନ୍ଦ୍ର କରି ତାଙ୍କର ଘଇତାମାରୀପାଟ, ସୀମାରେଖା, ଗଣଦେବତା ଓ ପ୍ରତିଧ୍ୱନି ଗଳ୍ପ ରଚିତ ।

ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକର ଗଠନ କୌଶଳକୁ ଲକ୍ଷ୍ୟକଲେ ତାଙ୍କର ବହୁଗଳ୍ପ କାହାଣୀଧର୍ମ ଦ୍ୱାରା ପ୍ରଭାବିତ ହେବା ସହିତ ଦ୍ୱନ୍ଦ୍ୱକୁ କେନ୍ଦ୍ର କରି ଆରମ୍ଭ ଶୀର୍ଷବିନ୍ଦୁ ଅବରୋହ ଓ ପରିଣତି ନିର୍ଦ୍ଦିଷ୍ଟ ଆରୋହ ଅବରୋହ ଶୈଳୀରେ ରଚିତ ହୋଇଛି । ପୁଣି ମାଂସର କୋଣାର୍କ, ସେଇ ଲୋକଟା, ବୃତ୍ତ ଓ କେନ୍ଦ୍ରହୀନ, ସୁନାରୀ ଆମ୍ବ, ଛାପିଛାପିକା, ବାସାଂସିଜୀର୍ଣ୍ଣାନି, ପ୍ରେତିନୀର ନାଚ, ଅଦିନର ଅତିଥି, କାଠଘୋଡ଼ା ପ୍ରଭୃତି କେତେକ ଗଳ୍ପ ସୁରେନ୍ଦ୍ରଙ୍କ ଆଦ୍ୟକାଳର ଗଳ୍ପ ରଚନାରେ ପ୍ରଚଳିତ ଆଭାସ ଚିତ୍ର ରୀତି ଓ କଥା କବିତା ରଚନା ରୀତିର ସମାହାରରେ ଚେତନା ପ୍ରବାହ ଶୈଳୀରେ ରଚିତ ହୋଇଥିବା ପରିଲକ୍ଷିତ ହୋଇଥାଏ । ଏ ସମ୍ପର୍କରେ କାଠଘୋଡ଼ା ଗଳ୍ପକୁ ଅନୁଧ୍ୟାନ କଲେ ଦେଖାଯାଏ, ଗଳ୍ପର ଉପକ୍ରମ ଶୈଶବର ଗନ୍ଧ, ବେଦନାର ଭାଷା, ସ୍ମୃତିରରଙ୍ଗ, ଅଶ୍ରୁର ରୂପ ଇତ୍ୟାଦିର ତର୍ଜମା ଗାଥାକବିତା ରୀତିରେ ଉପସ୍ଥାପିତ ହୋଇଛି ।(ମହାନ୍ତି ସୁରେନ୍ଦ୍ର, ଦୁଇ ସୀମାନ୍ତ, 'କାଠ ଘୋଡ଼ା', ପୃଷ୍ଠା : ୪୬) ଗଳ୍ପର ଏହି ଅଂଶକୁ ଲକ୍ଷ୍ୟକଲେ ଗଳ୍ପର ଆଭାସଚିତ୍ର ରୀତି ପରିସ୍ଫୁଟ ହୋଇଥିବା ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ । ଗଳ୍ପର କ୍ରମବିକାଶ ମଧ୍ୟରେ ବିଜନବିହାରୀ ଚରିତ୍ରର ଚେତନା ପ୍ରବାହ ମଧ୍ୟରେ ଅତୀତର ରୋମନ୍ଥନ ସହିତ, ଅତୀତ ଓ ସମସାମୟିକ କାଳର ମଣିଷର ଜୀବନ ନିର୍ବାହ ପ୍ରଣାଳୀର ଦ୍ୱନ୍ଦ୍ୱ ହିଁ ହେଉଛି ଗଳ୍ପର ମୁଖ୍ୟ ବିଷୟବସ୍ତୁ । ଚରିତ୍ର ଅନ୍ତର୍ଦ୍ୱନ୍ଦ୍ୱର ଚେତନା ପ୍ରବାହ ଶୈଳୀ ପୂର୍ବୋକ୍ତ ଗଳ୍ପଗୁଡ଼ିକରେ ପରିଲକ୍ଷିତ ହୋଇଥାଏ; ମାତ୍ର ସୂଚନାତ୍ମକ ରୀତିରେ ଏଠାରେ ମାତ୍ର ଗୋଟିଏ ଗଳ୍ପର ଦୃଷ୍ଟାନ୍ତ ପ୍ରଦାନ କରାଯାଇଅଛି ।

ସୁରେନ୍ଦ୍ରଙ୍କ ଗଳ୍ପ ଗଠନ କୌଶଳର ଅନ୍ୟ ଏକ ବିଶେଷତ୍ୱ ଜୀବନ ପ୍ରଭାତ, ଲବଣର ସ୍ୱାଦ, ନିର୍ମ୍ମଳୀଲତାର ଫୁଲ ଓ ଜୟ ପରାଜୟ ଗଳ୍ପର ଆଲୋଚନା ପ୍ରସଙ୍ଗରେ ଦେଖାଯାଏ । ପୂର୍ବରୁ କୁହାଯାଇଛି ଯେ, ମଣ୍ଟୁ ଚରିତ୍ରର ଶୈଶବ, ପୌଗଣ୍ଡ, କୈଶୋର ଓ ପରିଣତ ଜୀବନର ଚିତ୍ରକୁ କେନ୍ଦ୍ର କରି ଏହି ଗଳ୍ପ ଚାରୋଟି ରଚିତ । ଏହି ଗଳ୍ପକୁ ପୃଥକ୍ ପୃଥକ୍ ଭାବେ ପାଠକଲେ ଚାରୋଟି କ୍ଷୁଦ୍ରଗଳ୍ପର ପଠନସ୍ପୃହା ଚରିତାର୍ଥ ହେଉଥିଲା ସମୟରେ କ୍ରମାନ୍ୱୟରେ ଗୋଟିଏ ପରେ ଗୋଟିଏ ପାଠକଲେ ଏକ କ୍ଷୁଦ୍ର ଉପନ୍ୟାସିକାର ଆବେଦନ ପାଠକ ପାଇ ପାରିଥାଏ । ମନେହୁଏ ଏକ ସମୟରେ ରଚିତ ଏହି ଚାରୋଟି ଗଳ୍ପ ଏକ ପୁଷ୍ପମାଲ୍ୟର ଚାରୋଟି ସ୍ତବକ । ପୁଷ୍ପମାଳାରେ ଗୁନ୍ଥାଥିବା ଅବସ୍ଥାରେ ତାର ଯେଉଁ ସାମଗ୍ରିକ ସୌନ୍ଦର୍ଯ୍ୟ ପରିଲକ୍ଷିତ ହୋଇଥାଏ । ଏକ ଏକ ସ୍ତବକ

ଭାବେ ସେ ମଧ୍ୟ ସୌନ୍ଦର୍ଯ୍ୟମାଳାରୁ ବିଚ୍ୟୁତ ହେଲା ସମୟରେ ତାର ଭିନ୍ନ ସୌନ୍ଦର୍ଯ୍ୟ ପରିଲକ୍ଷିତ ହୋଇଥାଏ, ଗାଳ୍ପିକ ସୁରେନ୍ଦ୍ର ଏହି ଶୈଳୀରେ 'ଭାଙ୍ଗପୁରର ଚକଡ଼ା', 'ଆକାଶ ଛତିଆ' ଓ 'ଗଣଦେବତା', 'ବାଇଷମପାଠଶାଳା' ଓ 'ଶୂନ୍ୟ ପଞ୍ଜୁରୀ' ତଥା 'ପରିଚୟ' ଓ 'ଛିନ୍ନ ଗୁଡ଼ି' ଗଳ୍ପ ରଚନା କରିଛନ୍ତି । ପିକାରସୀୟ ଶୈଳୀର ଅନୁସରଣରେ ସୁରେନ୍ଦ୍ର ଏହି ଗଳ୍ପଗୁଡ଼ିକର ରଚନା କରିଥିବା ଅନୁମାନ କରାଯାଇପାରେ । ଓଡ଼ିଆ ଗଳ୍ପ ସାହିତ୍ୟରେ ଏହି ଶୈଳୀର ଅନୁବର୍ତ୍ତନ ପରେ ହୋଇଥିବା ପରିଲକ୍ଷିତ ହୋଇଥାଏ ।

ପୂର୍ବୋଲ୍ଲିଖିତ ଶୈଳୀ ଭିନ୍ନ ଭାଙ୍ଗପୁରର ଚକଡ଼ା ଓ ଆକାଶଛତିଆ ଗଳ୍ପରେ କ୍ଷୁଦ୍ରଗଳ୍ପର ଗଠନକୌଶଳ ସହିତ ରମ୍ୟରଚନାର ରଚନା ଶୈଳୀ ସମ୍ମିଶ୍ରଣରେ ଗାଳ୍ପିକ ରମ୍ୟଗଳ୍ପ ସୃଷ୍ଟି କରିଛନ୍ତି । ଏତଦ୍‌ଭିନ୍ନ 'ହତ୍ୟାକାରୀ କିଏ ?' ଗଳ୍ପରେ ରୋମାଞ୍ଚକର ରହସ୍ୟଧର୍ମ ସହିତ ବହୁ ଘଟଣାର ଗୁମ୍ଫନ ମାଧ୍ୟମରେ କ୍ଷୁଦ୍ରଗଳ୍ପରେ ରହସ୍ୟ ରୋମାଞ୍ଚ ରହିଥିବା ସମୟରେ, ଖ୍ରୀ:ଅ: ୨୦୬୬ରେ ଭବିଷ୍ୟତରେ ପରିକଳ୍ପନା ତଥା ଓଃ କାଲ୍‌କାଟା, ଗୁରୁ ଓ କମ୍‌ନରୁମ୍‌ରେ ସମକାଳୀନ ସମୟର ସ୍ପନ୍ଦନ ପରିଲକ୍ଷିତ ହୋଇଥାଏ ।

ଉପନ୍ୟାସ ରଚନାରେ ଗାଳ୍ପିକ ସୁରେନ୍ଦ୍ର ଚରିତୋପନ୍ୟାସ ପ୍ରଥମେ ସୃଷ୍ଟି କରିଥିବା ଭଳି କବି ଓ ଉତ୍ରାମପୁତ୍ର ଗଳ୍ପ ଦୁଇଟି ଜୀବନ ଚରିତ୍ର ବର୍ଣ୍ଣନା ରୀତିର ଅନୁସରଣରେ ଉପସ୍ଥାପନ କରାଯାଇଛି । ପୂର୍ବ ଆଲୋଚିତ ରିପୋତେଜ୍ ରୀତି ତଥା ନାଟକୀୟ କୌଶଳ ଅବଲମ୍ବନର ଶୈଳୀ ମଧ୍ୟ ଏକ୍ଷେତ୍ରରେ ସୁରେନ୍ଦ୍ରଙ୍କ ଗଳ୍ପ ଗଠନ କୌଶଳର ବୈଶିଷ୍ଟ୍ୟ ଭାବରେ ଉଲ୍ଲେଖ କରାଯାଇପାରେ ।

ସୁରେନ୍ଦ୍ରଙ୍କ ଗଳ୍ପର ଗଠନକୌଶଳକୁ ଲକ୍ଷ୍ୟକଲେ ଦେଖାଯାଏ, ଏହା କୌଣସି ସମୟରେ ଏକ ନିର୍ଦ୍ଦିଷ୍ଟ ଆଙ୍ଗିକ ଗ୍ରହଣ କରିନାହିଁ; ସର୍ବଦା ସେ ଗଳ୍ପର ଗଠନ କୌଶଳରେ ନାନାଦି ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି । ପ୍ରଥମ କାଳରେ ଗଳ୍ପହୀନ ଗଳ୍ପର ଆରମ୍ଭ କରି ପରବର୍ତ୍ତୀ ପର୍ଯ୍ୟାୟରେ ସେ କଥାବସ୍ତୁ ସର୍ବସ୍ୱ କାହାଣୀଧର୍ମୀ ଗଳ୍ପ ମଧ୍ୟ ରଚନା କରିଥିବା ପରିଲକ୍ଷିତ ହୋଇଥାଏ । ପୁଣି କାହାଣୀ ଧର୍ମ ସହିତ ଆଭାସ ଚିତ୍ର ରୀତିର ସମାହାରରେ ସେ ଚେତନା ପ୍ରବାହ ଶୈଳୀର ଅନୁବର୍ତ୍ତନ କରି ଗଳ୍ପ ରଚନାରେ ବୈପ୍ଳବିକ ପରିବର୍ତ୍ତନର ସୂତ୍ରପାତ କରିଛନ୍ତି । ସୁରେନ୍ଦ୍ରଙ୍କ ଗଳ୍ପ ଗଠନକୌଶଳର ଏହି ବିବିଧ ପ୍ରକ୍ରିୟା ତାଙ୍କର ପରବର୍ତ୍ତୀ ଗାଳ୍ପିକଙ୍କ ଠାରେ ସୁଦୂରପ୍ରସାରୀ ହୋଇପାରିଛି ।

## ସୁରେନ୍ଦ୍ରଙ୍କ ଗଳ୍ପ ସହିତ ଉପନ୍ୟାସର ସମ୍ପର୍କ

ସୁରେନ୍ଦ୍ର ମହାନ୍ତି କେବଳ ଗାଳ୍ପିକ ନୁହଁନ୍ତି ଔପନ୍ୟାସିକ ମଧ୍ୟ ତଥା ଫକୀରମୋହନଙ୍କ କଥା ସାହିତ୍ୟର ସେ ଜଣେ ଏକନିଷ୍ଠ ବରିଷ୍ଠ ସମାଲୋଚକ । ଫକୀରମୋହନଙ୍କ ଆଲୋଚନା ପ୍ରସଙ୍ଗରେ ସେ କହିଛନ୍ତି ଯେ, ଫକୀରମୋହନଙ୍କ ଉପନ୍ୟାସଗୁଡ଼ିକ ଏକ ଏକ ସ୍ଫୀତିକୃତ କ୍ଷୁଦ୍ରଗଳ୍ପ ।(ମହାନ୍ତି ସୁରେନ୍ଦ୍ର, ଫକୀରମୋହନ ସମୀକ୍ଷା) ଫକୀରମୋହନଙ୍କ ପ୍ରତି କରିଥିବା ସମାଲୋଚନା ଅତୀବ ସଚେତନ ଭାବେ ତାଙ୍କର ଗଳ୍ପ ଉପନ୍ୟାସର ରଚନା କାଳରେ ସେ ଅନୁସରଣ କରିଛନ୍ତି । ସୁରେନ୍ଦ୍ର ଶତାଧିକ ଗଳ୍ପ ରଚନା ସହିତ ଅନେକ ଉପନ୍ୟାସ ରଚନା କରିଥିବା ପରିଲକ୍ଷିତ ହୋଇଥାଏ । ତାଙ୍କର ଉପନ୍ୟାସଗୁଡ଼ିକ ହେଉଛି 'ବଧୂ ଓ ପ୍ରିୟା', 'ସହସ୍ରଶଯ୍ୟାର ନାୟିକା', 'ଅନ୍ଧଦିଗନ୍ତ', 'ନୀଳଶୈଳ', ନୀଳାଦ୍ରିବିଜୟ', 'କାଳାନ୍ତର', 'ଅଚଳାୟତନ', 'ହଂସଗୀତି', 'ନେତି ନେତି' ଓ 'କୃଷ୍ଣାବେଣୀରେ ସନ୍ଧ୍ୟା' । ଏହି ଉପନ୍ୟାସଗୁଡ଼ିକର ବିଷୟବସ୍ତୁ ତଥା ମର୍ମବାଣୀକୁ ଲକ୍ଷ୍ୟକଲେ ଏହା ମଧ୍ୟରେ ତାଙ୍କର କେତେକ ଗଳ୍ପର ଅନ୍ତଃସ୍ୱର ପରିଲକ୍ଷିତ ହୋଇଥାଏ ।

ସୁରେନ୍ଦ୍ରଙ୍କ ପ୍ରେମ ସମ୍ପର୍କିତ ଗଳ୍ପ ମଧ୍ୟରୁ ଦେହାତୀତ ପ୍ରେମକୁ କେନ୍ଦ୍ର କରି ରଚିତ ଗଳ୍ପ 'ନୀଳଜ୍ୟୋସ୍ନା', 'ନିଃସଙ୍ଗ ଆକାଶ', 'ଗୋଟିଏ ପ୍ରେମ ଗଳ୍ପ', 'ପ୍ରେତିନୀର ନାଚ' ଗଳ୍ପର ଅନ୍ତଃସ୍ୱର ତଥା ମର୍ମବାଣୀ 'ବଧୂ ଓ ପ୍ରିୟା' ଉପନ୍ୟାସରେ ଅନୁରଣିତ ହୋଇଥିବା ପରିଲକ୍ଷିତ ହୋଇଥାଏ । ଗଳ୍ପଗୁଡ଼ିକ ସହିତ 'ବଧୂ ଓ ପ୍ରିୟା'ର ତୁଳନାତ୍ମକ ଅଧ୍ୟୟନ କଲେ ଏକଥା ସ୍ପଷ୍ଟ ପ୍ରମାଣିତ ହୋଇପାରିବ । ସେହିପରି 'ସେ ଓ ମୁଁ', 'କମଳର ତମ୍ବୁ', ଭାଗାବଣ୍ଟ', 'ପ୍ରିୟାତମାସ୍ତୁ' ଆଦି ଗଳ୍ପର ଅନ୍ତଃସ୍ୱର 'ସହସ୍ର ଶଯ୍ୟାର ନାୟିକା' ଉପନ୍ୟାସରେ ପରିଲକ୍ଷିତ ହୋଇଥାଏ । ଅବଶ୍ୟ,ଏହି ଉପନ୍ୟାସ ଅପେକ୍ଷା ଗଳ୍ପଗୁଡ଼ିକର ଆବେଦନ ଅଧିକ ତୀକ୍ଷ୍ଣ ତଥା ମର୍ମସ୍ପର୍ଶୀ ହୋଇ ପାରିଛି । ସାମନ୍ତ ସମାଜର ଚିତ୍ର ସମ୍ବଳିତ ଗଳ୍ପ 'ତିନୋଟାରର ଆତ୍ମା', 'ନିତ୍ୟ ବର୍ତ୍ତମାନକାଳ', ପୁଷ୍ୟାଭିଷେକ', ରାଜନୀତିକ ଗଳ୍ପ 'ଗୃହଦାହ', 'ସାପ' ଓ 'ମାଲ୍ୟାର୍ପଣ'ର ଘଟଣାବସ୍ତୁ ଓ ଚରିତ୍ରର ପ୍ରତିଫଳନ 'ଅନ୍ଧଦିଗନ୍ତ' ଉପନ୍ୟାସରେ ଦେଖାଯାଇଥାଏ । ଓଡ଼ିଶାର ବନ୍ୟାକୁ କେନ୍ଦ୍ର କରି ରଚିତ ଗଳ୍ପ 'ମେଣ୍ଟାଖାଇ', 'ବରଜୁଷେଣ୍ଟଘାଇ' ଓ 'ଅପରିଚିତର ପରିଚୟ'ର ଗ୍ରାମ୍ୟ ଚରିତ୍ର ଓ ପରିବେଶକୁ ଭିତ୍ତି କରି ବାତ୍ୟାଜନିତ ଘଟଣା ଉପରେ 'କାଳାନ୍ତର' ଉପନ୍ୟାସ ପର୍ଯ୍ୟବସିତ ହୋଇଛି । ସୁରେନ୍ଦ୍ରଙ୍କ ଐତିହାସିକ ଗଳ୍ପ 'ସୁନାମାହାରୀ', 'ସନ୍ଧି ଓ ସନ୍ତ', 'ଦଳେଇବୁଢ଼ା' ଆଦିରେ ବର୍ଣ୍ଣିତ ଅସହାୟ କାଳ୍ପନିକ ଚିତ୍ର ଓ କଥାବସ୍ତୁର ପ୍ରଭାବ, 'ନୀଳଶୈଳ' ଓ 'ନୀଳାଦ୍ରି ବିଜୟ'ରେ ପରିଲକ୍ଷିତ ହେଉଥିବାସ୍ଥଳେ, ଓଡ଼ିଆ ଜାତିର ବୀରତ୍ୱ ବ୍ୟଞ୍ଜକ କାହାଣୀ, 'କାବେରୀରୁ ଗଙ୍ଗା' ଗଳ୍ପର ପରିଣତି ରୂପେ 'କୃଷ୍ଣାବେଣୀରେ ସନ୍ଧ୍ୟା' ଉପନ୍ୟାସ ରଚିତ ହୋଇଥିବା ଅନୁମାନ କରାଯାଇପାରେ । 'ଅଚଳାୟତନ' ଉପନ୍ୟାସିକାରେ ସୁରେନ୍ଦ୍ରଙ୍କ କ୍ଷୟିଷ୍ଣୁ ସାମନ୍ତବାଦର ଚିତ୍ର ତାଙ୍କ ରଚିତ ବିଭିନ୍ନ ଗଳ୍ପ ଅନୁରୂପ ପ୍ରକାଶିତ ହୋଇଅଛି । ତଥା 'ଓଃ କାଲ୍‌କାଟା', 'ଗୁରୁ' ଓ 'କମନ୍‌ରୁମ୍'ରେ ଉପସ୍ଥାପିତ କ୍ଷୟିଷ୍ଣୁ ସମାଜର ପୂର୍ଣ୍ଣାଙ୍ଗ ଚିତ୍ର 'ହଂସଗୀତି' ଉପନ୍ୟାସରେ ମଧ୍ୟ ଦେଖିବାକୁ ମିଳିଥାଏ । 'ଅଚଳାୟତନ' ଓ 'ହଂସଗୀତି' ଉପନ୍ୟାସକୁ ଲକ୍ଷ୍ୟ କଲେ ଗାଳ୍ପିକଙ୍କ ସଫଳତା ଗଳ୍ପଗୁଡ଼ିକ ଅପେକ୍ଷା ଉପନ୍ୟାସରେ ଅଧିକ ବାସ୍ତବଧର୍ମୀ ତଥା ପୁଙ୍ଖାନୁପୁଙ୍ଖ ହୋଇଥିବା ପରିଲକ୍ଷିତ ହୋଇଥାଏ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, 'ନେତି ନେତି' ଉପନ୍ୟାସର ପ୍ରଥମ ଦୁଇଟି ପରିଚ୍ଛେଦ ପ୍ରଥମେ "ଛିଣ୍ଡାଗୁଡ଼ି" ଓ 'ପରିଚୟ' ନାମରେ ପ୍ରଥମେ ଗଳ୍ପାକାରରେ ପ୍ରକାଶିତ ହୋଇଥିଲା । ପରେ ଏହା ପୂର୍ଣ୍ଣାଙ୍ଗ ଉପନ୍ୟାସର ଦୁଇଟି ପରିଚ୍ଛେଦ ରୂପେ ସ୍ଥାନ ପାଇଛି । ଗଳ୍ପର ଧର୍ମ ବ୍ୟଞ୍ଜନା ହୋଇଥିବା ସ୍ଥଳେ ଉପନ୍ୟାସର ଧର୍ମ ହେଉଛି ବର୍ଣ୍ଣନା, କଥାକାର ସୁରେନ୍ଦ୍ର ଗଳ୍ପ ରଚନା କାଳରେ ଯେଉଁ ଘଟଣା, କଥାବସ୍ତୁ ବା ଚରିତ୍ରର ବ୍ୟଞ୍ଜନା ମଧ୍ୟରେ ଆତ୍ମତୃପ୍ତି ପାଇ ପାରିନାହାନ୍ତି, ପରବର୍ତ୍ତୀ ପର୍ଯ୍ୟାୟରେ ଉପନ୍ୟାସ ସୃଷ୍ଟି କରି ନିଜର ଆତ୍ମପିପାସା ଚରିତାର୍ଥ କରିଛନ୍ତି । ଫଳରେ ଏକଥା ଏଠାରେ ସ୍ପଷ୍ଟ ଯେ କଥାକାର ସୁରେନ୍ଦ୍ରଙ୍କ ଗଳ୍ପ ଓ ଉପନ୍ୟାସ ଏକ ମୁଦ୍ରାର ଦୁଇଟି ପାର୍ଶ୍ୱ ମାତ୍ର । ସୁରେନ୍ଦ୍ରଙ୍କ ଗଳ୍ପ ରଚନାରୀତି ନାମକରଣ ଗଠନ କୌଶଳକୁ ଲକ୍ଷ୍ୟକଲେ ସୁରେନ୍ଦ୍ର ସର୍ବଦା ପରୀକ୍ଷା ନିରୀକ୍ଷା ମାଧ୍ୟମରେ ଓଡ଼ିଆ ଗଳ୍ପ ରଚନା କ୍ଷେତ୍ରରେ ଏକ ନୂତନ ଶୈଳୀର ଅନୁବର୍ତ୍ତନ କରିଛନ୍ତି ଉକ୍ତ ଅଧ୍ୟୟନ ମାଧ୍ୟମରେ ଏହା ସ୍ପଷ୍ଟ ଭାବେ ପ୍ରତିପାଦନ କରାଯାଇପାରେ ।

■■■

# ସୁରେନ୍ଦ୍ରଙ୍କ ଗଳ୍ପରେ ଚରିତ୍ରାୟନ

ବାସ୍ତବ ଜୀବନରେ ଆମେ ଯେଉଁ ବିଭିନ୍ନ ଚରିତ୍ରର ସମ୍ପର୍କରେ ଆସିଥାଉ ସେମାନଙ୍କର ବ୍ୟକ୍ତିଗତ ଗୁଣରାଜିର ବିଶେଷତ୍ୱ ଅନୁଯାୟୀ ସେମାନଙ୍କୁ ବୋକା, ଖଳ, ଆଦି ବିଶେଷଣ ପ୍ରଦାନ କରିଥାଉ । ସେମାନଙ୍କର ପ୍ରକୃତି ଅନୁଯାୟୀ ବିଭିନ୍ନ ପରିସ୍ଥିତିରେ ସେମାନେ ଆମକୁ ବିରକ୍ତ ତଥା ଛଳନା କରିଥାନ୍ତି । ମାତ୍ର ଗଳ୍ପ ଉପନ୍ୟାସରେ ପରିବେଷିତ ଚରିତ୍ର ଆମକୁ ଆନନ୍ଦ ପ୍ରଦାନ କରିବା ସହିତ ସେମାନଙ୍କ ପ୍ରତି ଆମେ ଆକର୍ଷଣ ଅନୁଭବ କରିଥାଉ । ଏହି ଗଳ୍ପ ଉପନ୍ୟାସର ଚରିତ୍ରଗୁଡ଼ିକ ମଣିଷର ବାସ୍ତବ ଜୀବନରୁ ହିଁ କଥାକାର ଚୟନ କରିଥାଏ । କ୍ଷୁଦ୍ର ଗଳ୍ପରେ ଚରିତ୍ର ଚିତ୍ରଣ ସମ୍ପୂର୍ଣ୍ଣ ରୂପେ ବ୍ୟଞ୍ଜନାଧର୍ମୀ ହୋଇଥାଏ, ଫଳରେ ଗଳ୍ପରେ ଚରିତ୍ରର ବର୍ଣ୍ଣନା ଅପେକ୍ଷା ବ୍ୟଞ୍ଜନା ଉପରେ ହିଁ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । କାରଣ ସୀମିତ ପରିସର ମଧ୍ୟରେ ଗାଳ୍ପିକ ମଣିଷ ଚରିତ୍ରର ଏକ ଖଣ୍ଡିତାଂଶର ଚିତ୍ର ଉପସ୍ଥାପନ କରିବାର ସୁଯୋଗ ହିଁ ପାଇଥାଏ । ମାତ୍ର ବିନ୍ଦୁ ମଧ୍ୟରେ ସିନ୍ଧୁର ପରିପ୍ରକାଶ ଭଳି କ୍ଷୁଦ୍ର ଗଳ୍ପର ସୀମିତ ପରିସର ମଧ୍ୟରେ ବି ଚରିତ୍ରର ପରିସ୍ଫୁଟନ ହୋଇଥାଏ ।

ଗାଳ୍ପିକ ସୁରେନ୍ଦ୍ର ନିଜ ଜୀବନକାଳ ମଧ୍ୟରେ ପ୍ରାୟ ଏକଶହ ପଚାଶଟି ଗଳ୍ପରେ ସହସ୍ରାଧିକ ଚରିତ୍ରର ଚିତ୍ରଣ କରିଥିବା ଲକ୍ଷ୍ୟ କରାଯାଏ । ଚରିତ୍ରଗୁଡ଼ିକର ସୂକ୍ଷ୍ମ ଅଧ୍ୟୟନ ପାଇଁ ସେମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ବିଭକ୍ତ କରି ଆଲୋଚନା କରିବାର ପ୍ରୟାସ କରାଯାଇଛି ।

## ସୁରେନ୍ଦ୍ରଙ୍କ ଗଳ୍ପର ପୁରୁଷ ଚରିତ୍ର

ସୁରେନ୍ଦ୍ରଙ୍କ ଗଳ୍ପ ବର୍ଣ୍ଣିତ ଚରିତ୍ରକୁ ଅନୁଧ୍ୟାନ କଲେ, ଏକଥା ସ୍ପଷ୍ଟ ଯେ ନାରୀ ଚରିତ୍ର ଅପେକ୍ଷା ପୁରୁଷ ଚରିତ୍ର ତାଙ୍କ ଗଳ୍ପରେ ପ୍ରାଧାନ୍ୟ ଲାଭ କରିଛି । ପୁଣି ନାରୀ ଅପେକ୍ଷା ପୁରୁଷ ଚରିତ୍ରର ବିବିଧତା ମଧ୍ୟ ତାଙ୍କ ଗଳ୍ପରେ ସ୍ପଷ୍ଟ । ତାଙ୍କର ବିଭିନ୍ନ ଶ୍ରେଣୀର ପୁରୁଷ ଚରିତ୍ରକୁ ଏଠାରେ ପର୍ଯ୍ୟାୟକ୍ରମେ ଆଲୋଚନା କରାଯାଉଛି ।

### ରାଜନୀତିକ ଚରିତ୍ର

ରାଜନୀତିକ ଜୀବନ ସହ ସଂଶ୍ଳିଷ୍ଟ ଗାଳ୍ପିକ ସୁରେନ୍ଦ୍ରଙ୍କ ଗଳ୍ପ ସମୂହ ଅନୁଧ୍ୟାନ କଲେ ଦେଖାଯାଏ, ତାଙ୍କର ପ୍ରାୟ ସତରଟି ଗଳ୍ପରେ ବିଭିନ୍ନ ଶ୍ରେଣୀର ରାଜାନୀତିକ ଚରିତ୍ର, ମୁଖ୍ୟ ତଥା ଗୌଣ ଚରିତ୍ର ଭାବେ ଚିତ୍ରିତ । ଆଲୋଚନାର ସୁଗମତା ପାଇଁ ସେମାନଙ୍କୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରି ଏଠାରେ ଉପସ୍ଥାପନ କରାଯାଉଛି ।

### ଆଦର୍ଶବାଦୀ ରାଜନୀତିକ ନେତା

ଗାଳ୍ପିକ ସୁରେନ୍ଦ୍ରଙ୍କ 'ଅତିଥି'ର ଶ୍ୟାମଳ, 'ସତର ନମ୍ବର ୱାର୍ଡ଼'ର ମୁଁ 'ଗୃହଦାହ'ର ହରି ଶତପଥୀ ଓ ଆନନ୍ଦ ବ୍ରହ୍ମଚାରୀ, 'ସାପ'ର ଜୀବାନନ୍ଦ ଓ 'ମାଲ୍ୟାର୍ପଣ'ର ଛକଡ଼ି ବେହେରାକୁ ଏହି ପର୍ଯ୍ୟାୟରେ ଗ୍ରହଣ କରାଯାଇଛି ।

**ଶ୍ୟାମଳ** ଅତିଥି' ଗଳ୍ପରେ ଏହି ଚରିତ୍ରର ବିଗ୍ରହ ବର୍ଣ୍ଣନା ଗାଳ୍ପିକ କରିନାହାନ୍ତି । ଗଳ୍ପର ଘଟଣା ପ୍ରବାହରେ ଜଣାଯାଏ ସେ ବିପ୍ଳବୀ । ସରକାରଙ୍କ ତା' ଉପରେ କଡ଼ା କଟକଣା ଜାରୀ । ସେ କୁଆଡ଼େ ସରକାରଙ୍କ ଶତ୍ରୁ, ତେଣୁ ଦେଶର ଶତ୍ରୁ । ମାତ୍ର ଅଭିଜାତ ବଂଶର ସନ୍ତାନ ଶ୍ୟାମଳ ପାଖରେ ସରକାର ନିଆଶ୍ରୀ ଦଳିତ ଜନତାର ସେବାରେ ନିଜକୁ ସେ ଉତ୍ସର୍ଗୀକୃତ କରି ଦେଇଛି । ତେଣୁ ନିର୍ମଳାର ଆହତ ସର୍ପିଣୀ ପରି ଅଭିମାନ ଭରା ଆକ୍ରୋଶରେ ସେ ନିଜର ଆଦର୍ଶ ଲାଭ କରିଛନ୍ତି ଏବଂ ନିଜ ଘର ଭାଙ୍ଗିଦେଇ ଛୋଟିଆ ଗାଁ ନୟନପୁରର ଦଳିତ ଶୋଷିତଙ୍କ ସେବାରେ ନିଜକୁ ଉତ୍ସର୍ଗ କରି ଦେଇଛି ।

'ଅତିଥି'ର ଶ୍ୟାମଳ ଆଦର୍ଶବାଦୀ ରାଜନୀତିକ ନେତା । ତା'ର ଆଦର୍ଶ ପାଖରେ ବ୍ୟକ୍ତିଗତ ଜୀବନର ସ୍ୱାର୍ଥ ତଥା ଆକର୍ଷଣ ତୁଚ୍ଛ । ଚରିତ୍ରଟିର ଧର୍ମ ଦୃଷ୍ଟିରୁ ଏହା ଏକ ସରଳ ଚରିତ୍ର । ଗାଳ୍ପିକଙ୍କ ସ୍ୱୀକୋରୋକ୍ତି ଅନୁଯାୟୀ, ଆଦ୍ୟଯୌବନରେ ବେଚ୍‌ଲରସ୍‌ଡେନ୍‌'ରେ ମାନବେନ୍ଦ୍ର ରାୟଙ୍କ ଆଦର୍ଶରେ ଅନୁପ୍ରାଣିତ ଆତ୍ମଗୋପନକାରୀ ତାଙ୍କରି ଅତିଥିଙ୍କ ଚରିତ୍ରର ପ୍ରତିଫଳନ ଏହି ଚରିତ୍ରରେ ଦେଖିବାକୁ ମିଳିଥାଏ ।(ମହାନ୍ତି, ୧୯୯୭, 'ଗୌରଚନ୍ଦ୍ରିକା', ପୃ: ୪)

**ମୁଁ** 'ସତର ନମ୍ବର ୱାର୍ଡ଼' ଗଳ୍ପର 'ମୁଁ' ଚରିତ୍ରର ବିଶେଷ ବର୍ଣ୍ଣନା ନାହିଁ । ଜେଲୱାର୍ଡ଼ର ଅନ୍ୟାନ୍ୟ କଏଦୀ ଜୀବନର ଘଟଣା ଓ ଅନୁଭୂତି ବର୍ଣ୍ଣନା ମଧ୍ୟରେ ଏହି ଚରିତ୍ରର ପରିସ୍ଫୁଟନ ହୋଇ ପାରିନାହିଁ । କେବଳ ବ୍ୟଞ୍ଜନା ମଧ୍ୟରେ ଜଣାପଡ଼େ ଯେ ଭାରତର ସ୍ୱାଧୀନତା ପରେ ବ୍ୟକ୍ତି ସ୍ୱାଧୀନତା ପାଇଁ ସଂଗ୍ରାମରତ ଚରିତ୍ରର ସେ ଏକ ପ୍ରତିନିଧି ମାତ୍ର ।

**ଆନନ୍ଦ ବ୍ରହ୍ମଚାରୀ** ଆନନ୍ଦ ବ୍ରହ୍ମଚାରୀଙ୍କ ମୂଳନାମ ଥିଲା ଆନନ୍ଦ ମହାପାତ୍ର । ୧୯୩୧ ମସିହା ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ସେ ଯୋଗଦେଇ ଜେଲ ବରଣ କରିଥିଲେ । ଦୁଇବର୍ଷ ଜେଲରେ ରହି ଫେରିଲା ସମୟରେ ତାଙ୍କର ସଂସାର ନିଶ୍ଚିହ୍ନ ହୋଇଯାଇଥିଲା । ତାଙ୍କରି ନେତୃତ୍ୱରେ ପୈତୃକ ଭିଟାରେ ରଥିପୁର ଆଶ୍ରମ ଗଢ଼ି ଉଠିଲା । ଛଅ ଫୁଟ ଉଚ୍ଚତା ବିଶିଷ୍ଟ, ସୁପୁଷ୍ଟ, ଗେରୁଆ ଖଦଡ଼ ପରିହିତ ଓ ମୁଣ୍ଡିତ ଭିକ୍ଷୁପରି ଦେଖାଯାଉଥିବା ଆନନ୍ଦ ବ୍ରହ୍ମଚାରୀ, ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଏକ ସାତ୍ତ୍ୱିକ ମୂର୍ତ୍ତି । ତାଙ୍କରି ନେତୃତ୍ୱରେ ରଥିପୁର ଆଶ୍ରମ ୧୯୪୨ ପର୍ଯ୍ୟନ୍ତ କଂଗ୍ରେସର ବିଭିନ୍ନ ଆନ୍ଦୋଳନ ସହିତ ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରାଣସ୍ଥଳୀରେ ପରିଣତ ହୋଇଥିଲା । ୧୯୪୨ର ଭାରତଛାଡ଼ ଆନ୍ଦୋଳନରେ ସେ ଯୋଗଦେଇ ଗିରଫ ହେଲେ । ଆଶ୍ରମରେ ତାଲା ପଡ଼ିଲା । ସେ ମୁକ୍ତି ଲାଭକଲାପରେ ଭଗ୍ନସ୍ତୂପ ପ୍ରାୟ ରଥିପୁର ଆଶ୍ରମ ଗଢ଼ିବା ପାଇଁ ସ୍ଥାନୀୟ ଲୋକ ଆଗେଇ ଆସିଲେ । ମାତ୍ର ସେତେବେଳକୁ ଆଶ୍ରମର ଯୁଗ ଭାରତର ସ୍ୱାଧୀନତା ପ୍ରାପ୍ତି ପରେ କ୍ରମେପି ଅପସୃତ ହୋଇ ପ୍ରାସାଦର ଯୁଗ ଆସିଯାଇଥିବାରୁ ସେମାନଙ୍କୁ ଫେରାଇ ଦେଇ ଆନନ୍ଦ ବ୍ରହ୍ମଚାରୀ ନିଜେ ଏକମୁହାଁ ହୋଇ ବାହାରି ଗଲେ । ଗୃହଦାହ ଗଳ୍ପର ଏହି ଚରିତ୍ରଟିକୁ ଅନୁଧ୍ୟାନ କଲେ ଦେଖାଯାଏ ଗାନ୍ଧୀଙ୍କ ଆଦର୍ଶ ଓ ଦର୍ଶନରେ ପ୍ରଭାବିତ ଆନନ୍ଦ ଆଦର୍ଶବାଦୀ, ନିର୍ଲୋଭ ସ୍ୱାର୍ଥ ତଥା କ୍ଷମତାର ଊର୍ଦ୍ଧ୍ୱରେ । ପରବର୍ତ୍ତୀ କାଳର ସମଧର୍ମା ଚରିତ୍ର ହରି ଶତପଥୀଙ୍କ ଚରିତ୍ରର ପରିପୁଷ୍ଟି ନିମନ୍ତେ ଏହି ସମଧର୍ମୀ ଚରିତ୍ରର ସୃଷ୍ଟି ଗାଳ୍ପିକ କରିଛନ୍ତି । ଚରିତ୍ରର ବିଶେଷତ୍ୱ ଦୃଷ୍ଟିରୁ ଏହା ସରଳ ତଥା "The Card" ଚରିତ୍ରର ଅନ୍ତର୍ଗତ ।

**ଜୀବନାନନ୍ଦ** ତପୋକ୍ଳିଷ୍ଟ ତପସ୍ୱୀର ଚେହେରା । ମୁଣ୍ଡଟି ଲଣ୍ଡିତ । ବୌଦ୍ଧିକତା ଦୀପ୍ତ ଆଖି ଦୁଇଟିରେ କ୍ଷୀଣାୟମାନ ଦୃଷ୍ଟି ଗିଲଟି - ଫ୍ରେମ ବନ୍ଧା ଚଷମାରେ ପରିବର୍ଦ୍ଧିତ ହେଉଥିଲା ସତ୍ୟ, ମାତ୍ର ଦୁଇଟି ଆୟତ ଆଖିର ସୌନ୍ଦର୍ଯ୍ୟକୁ ବିନଷ୍ଟ କରିବା ସଙ୍ଗେସଙ୍ଗେ ତାହା ଏକାବନ ବର୍ଷ ବୟସକୁ ଯେପରି ଆହୁରି ଦଶବର୍ଷ ଆଗେଇ ଦେଇଥିଲା । ପରିଧାନରେ ଆଣ୍ଠୁ ନଲୁଚା ଖଣ୍ଡେ ଗେରୁଆ ଲୁଗା ଓ ଦେହରେ ସେହି ରଙ୍ଗର ଫତେଇ । ୧୯୨୧ ସାଲରୁ ଗୋଟିଏ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଚାକିରି ଛାଡ଼ି ସେ ଭାରତର ମୁକ୍ତି ସଂଗ୍ରାମରେ ଲମ୍ଫ ଦେଇଥିଲେ । ଗାନ୍ଧିଜୀଙ୍କ ହରିଜନ ଆନ୍ଦୋଳନସମୟରେ ସନ୍ତାନହୀନା ପତ୍ନୀ ଜାହ୍ନବୀଙ୍କ କମଳେଶ୍ୱର ମନ୍ଦିରକୁ ସନ୍ତାନ ପ୍ରାପ୍ତି ଆଶାରେ ପ୍ରବେଶ କରିବାରେ ଜୀବନାନନ୍ଦ କ୍ଷୁବ୍ଧ ହୋଇ ଭର୍ତ୍ସନା କରିଥିଲେ । ଅଭିଶାପ ଦେଇଥିଲେ ଯେ, ଯେଉଁ ମନାସରେ ସେ ମନ୍ଦିରକୁ ଯାଇଥିଲେ ସେ ମନାସ ପୂର୍ଣ୍ଣ ନ ହେଉ । ଏ ଘଟଣାରେ ଚିତ୍ରାନଦୀରେ ସ୍ତ୍ରୀ ଆତ୍ମହତ୍ୟା କରିଥିଲେ । ସେହି ଜୀବନାନନ୍ଦ ପୁଣି ଯୌନତତ୍ତ୍ୱର ପ୍ରତୀକ ସର୍ପଜନିତ ଏକ ସ୍ୱପ୍ନକୁ କେନ୍ଦ୍ର କରି ଅନଶନ ତଥା ମୌନବ୍ରତ ଆଚରଣ କଲେ । ଆଶ୍ରମର ଧେନୁ ପଲରେ ପଶିଥିବା ଷଣ୍ଢକୁ ହିଂସାର ପନ୍ଥା ଅବଲମ୍ବନ କରି ତଡ଼ିଦେବାକୁ ଆଦେଶ ଦେଲେ । ପୁଣି ତାଙ୍କ ନିଜସ୍ୱ ସ୍ୱପ୍ନ ଓ ଜ୍ୱରର କାରଣ ସେକ୍ରେଟାରୀ ଜାହ୍ନବୀ ଦେବୀଙ୍କୁ ସିଧପୁର ଆଶ୍ରମକୁ ଚାଲିଯିବାକୁ ଆଦେଶ ଦେଲେ । ଏହି ଚରିତ୍ରକୁ ଅନୁଧ୍ୟାନ କଲେ ଏଥିରେ କେତେକ ଅସଂଗତି ପରିଲକ୍ଷିତ ହୋଇଥାଏ । ପ୍ରଥମତଃ ଜୀବନାନନ୍ଦଙ୍କ ଅନଶନ ସମୟର ବର୍ଣ୍ଣନା କରାଯାଇଛି ୧୯୨୪ ସାଲ, ସେତେବେଳେ ତାଙ୍କର ବୟସ ୫୧; ମାତ୍ର ଗାନ୍ଧିଜୀଙ୍କ ହରିଜନ ଆନ୍ଦୋଳନ ସମୟରେ ତାଙ୍କର ବୟସ କୁହାଯାଇଛି ଛତିଶ । ପୁଣି ଜୀବନାନନ୍ଦଙ୍କ ଭଳି ଆଦର୍ଶ ସ୍ଥାନୀୟ ଚରିତ୍ର ଯାହାଙ୍କ ସମ୍ପର୍କରେ ଗାଳ୍ପିକ ସୁରେନ୍ଦ୍ର ବର୍ଣ୍ଣନା କରିଛନ୍ତି, ହିରଣ୍ୟ ଗର୍ଭ ଆତ୍ମଶକ୍ତିର ସ୍ଫୁଲିଙ୍ଗ କଠୋର ଚାରିତ୍ରିକ ଶୃଙ୍ଖଳା, ସଂଯମ ଓ ତପଶ୍ଚରଣରେ ବ୍ରତୀ, ସେହିଭଳି ଚରିତ୍ର ପାଖରେ ଏପରି ମାନସିକ ବିଭ୍ରମ ଦେଖିବା ପାଇଁ ପାଠକ ପ୍ରସ୍ତୁତ ନଥିଲା ପରି ମନେ ହୋଇଥାଏ । ମାତ୍ର ଏହି ଗଳ୍ପର ଚିତ୍ରଣରେ ଗାଳ୍ପିକ ସାଧକ ଅନ୍ତର ଅବଦମିତ ଫ୍ରଏଡ଼ୀୟ ଯୌନତତ୍ତ୍ୱର ପରିପ୍ରକାଶ ପାଇଁ ଯେତେଟା ସଚେତନ, ଅନ୍ୟ ଦିଗ ପ୍ରତି ସଚେତନ ଥିଲା ପରି ମନେହୁଏ ନାହିଁ । ତେଣୁ ଏହି ଚରିତ୍ରର ଚରିତ୍ରାୟନ ଫ୍ରଏଡୀୟ ମନସ୍ତତ୍ତ୍ୱ ଦୃଷ୍ଟିରୁ ସଫଳ ଭାବେ ଚିତ୍ରିତ ହୋଇଛି । ଏହି ଚରିତ୍ରର ଅଗ୍ରଗତି ସହିତ ଏହା ବର୍ତ୍ତୁଳ ହୋଇପଡ଼ିଥିବା ଲକ୍ଷ୍ୟ କରାଯାଏ ।

**ଛକଡ଼ି ବେହେରା** ଅଶୀ ବର୍ଷର ଥୁରୁଥୁରୁ ବୁଢ଼ା... ପିଠିରେ କେତେଟା ବେତନୋଳା ଜାଲ ପରି ଛନ୍ଦି ହୋଇଯାଇଛି... ଲବଣ ସତ୍ୟାଗ୍ରହ ବେଳର ସ୍ମୃତି... ତଥାପି ଅଣ୍ଟାବାଙ୍କି ନାହିଁ, ମେରୁଦଣ୍ଡ ସିଧା ରହିଛି... ପିନ୍ଧାରେ ଅଖା ପରି ବହଳ ନାଲି ଧୂଳିର କୋଚଟ ଖଦଡ଼ । ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ଦେଶସେବୀ ଛକଡ଼ି, ନିଜର ଆଦର୍ଶର ପ୍ରତିମୂର୍ତ୍ତି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପାଇଁ ଗେଣ୍ଡୁଫୁଲର ମାଳ ନେଇ ଆସିଛି, ମାତ୍ର ସେ ପ୍ରଜାପତି ପରି ଯୁବଦଳର ଭିଡ଼ରେ ପଡ଼ିଯାଇ ଆଣ୍ଠୁର ଖାବୁଡ଼ାକୁ ଆଉଁସିଛି । ଛକଡ଼ି ଏକ ଆଦର୍ଶବାଦୀ ସାଧାରଣ କର୍ମୀ, ଯେଉଁମାନେ କି ଆଜିର ସମାଜରେ ହେୟ ଅପାଂକ୍ତେୟ ହୋଇ ପଡ଼ିଛନ୍ତି ସେଇ କରୁଣ ଭାବନା ଏଇ କ୍ଷୁଦ୍ର ଗଳ୍ପରେ ବର୍ଣ୍ଣିତ ।

**ହରି ଶତପଥୀ** ଆନନ୍ଦ ବ୍ରହ୍ମଚାରୀଙ୍କ ଭଳି ପୁରୁଣା କଂଗ୍ରେସ କର୍ମୀଙ୍କ ଆଦର୍ଶରେ ଅନୁପ୍ରାଣିତ । ନିର୍ବାଚନରେ ପରାଜୟପରେ ବି ସେ ନିସ୍ୱାର୍ଥପର ଭାବେ ଜନସେବା ପାଇଁ ଆନନ୍ଦାଶ୍ରମ ଗଢ଼ିଛନ୍ତି । ଏହି ଚରିତ୍ରଟି ଅତୀତର ଆନନ୍ଦବ୍ରହ୍ମଚାରୀଙ୍କ ଏକ ଛାୟା ମାତ୍ର । ଏହି ଚରିତ୍ରର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରାଯାଇନାହିଁ ।

ଆଦର୍ଶବାଦୀ ରାଜନୀତିକନେତା ଚରିତ୍ରଗୁଡ଼ିକ ମଧ୍ୟରୁ ଜୀବନାନନ୍ଦ, ଆନନ୍ଦ ବ୍ରହ୍ମଚାରୀଙ୍କର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରାଯାଇଅଛି । ମାତ୍ର ଶ୍ୟାମଳ ଓ ଛକଡ଼ି ଚରିତ୍ର ବର୍ଣ୍ଣନା ମାଧ୍ୟମରେ ଅଧିକ ପ୍ରଭାବଶାଳୀ ମନେ ହୋଇଛନ୍ତି ।

### ଶ୍ରମିକନେତା

**ବିନୋଦ** ପୁଞ୍ଜିପତିଙ୍କ ଲୁଗାକଳର ଶ୍ରମିକ ୟୁନିୟନ୍‌ର ନେତା ଭାବେ 'ରୁଟି ଓ ଚନ୍ଦ୍ର' ଗଳ୍ପରେ ଉପସ୍ଥାପିତ । ଶ୍ରମିକ ଧର୍ମଘଟ ସମୟରେ ସେ ଆନ୍ଦୋଳନର ଶୋଭାଯାତ୍ରା ପାଇଁ କର୍ତ୍ତବ୍ୟରତ । ମାର୍କ୍ସବାଦରେ ତାଙ୍କର ପାଣ୍ଡିତ୍ୟ ଯୋଗୁଁ କଥାକଥାରେ ସେ ମାର୍କ୍ସଙ୍କ ଉକ୍ତି ଡଗଡଗ ଆବୃତ୍ତି କରିପାରନ୍ତି । ଅତୀତରେ ଲୀଳା ନାମ୍ନୀ ଝିଅର ପ୍ରେମରେ ପଡ଼ିଥିଲେ । ଗାନ୍ଧର୍ବ ମତରେ ବିବାହ ମଧ୍ୟ ସରିଥିଲା । ମାତ୍ର କନ୍ୟାପିତାଙ୍କର ବିରୋଧ ଯୋଗୁଁ ସେ ନିଷ୍ଫଳ ହୋଇ କେବଳ ପାର୍ଟି କାର୍ଯ୍ୟରେ ନିଜକୁ ନିମଜ୍ଜିତ କରିଦେଇଥିଲେ । ଜହ୍ନରାତି ତଥା ନୟନା କାଜୋରୀଙ୍କ ଉଚ୍ଛଳ ଯୌବନର ପ୍ରେମ ଓ ପରିବେଶରେ ମଧ୍ୟ ସେ ମାର୍କ୍ସ ଓ ଏଙ୍ଗେଲଙ୍କୁ ସହକର୍ମିଣୀ ଲଳିତାର ସାନ୍ନିଧ୍ୟରେ ଭୁଲି ପାରିନଥିଲେ । ଅବଶ୍ୟ ଲଳିତାର ସାନ୍ନିଧ୍ୟରେ ଜ୍ୟୋତ୍ସ୍ନାରାତିର ପରିବେଶରେ ତାଙ୍କର ପ୍ରାଣର ରୁଦ୍ଧଦ୍ୱାରରେ ମୃଦୁ ଆଘାତକୁ ନିର୍ଜଳା ବୁର୍ଜୋୟା ଭାବପ୍ରବଣତା ମନେ କରି ଦମନ କରିଦେଲେ । 'ରୁଟି ଓ ଚନ୍ଦ୍ର'ର ବିନୋଦ ତେଣୁ ରୋମାଣ୍ଟିକ ଭାବ ବିହ୍ୱଳତା ଦ୍ୱାରା ଆପ୍ଲୁତ ହେଲେ ମଧ୍ୟ ସେ ମାର୍କ୍ସଙ୍କ ରାଜନୀତିକ ଆଦର୍ଶର କର୍ମୀ । ଏହି ଚରିତ୍ରଟି ଅନ୍ତରରେ ବର୍ତ୍ତୁଳ ମନେ ହେଲେ ବି ବାହ୍ୟତଃ ସରଳ ଚରିତ୍ର ।

"ଅଣ୍ଡର ଗ୍ରାଉଣ୍ଡ"ର ବିନୋଦଙ୍କର ମଧ୍ୟ ସବୁକ୍ଷେତ୍ରରେ ମାର୍କ୍ସୀୟ ଦୃଷ୍ଟିକୋଣ । ତାଙ୍କର ବିଗ୍ରହର ବୈଶିଷ୍ଟ ହେଉଛି, ବୋମା ତିଆରି ଦୁର୍ଘଟଣାରେ ମୁହଁର ବାଁ ଫାଳଟା ପୋଡ଼ି ଯାଇଛି । ଛଦ୍ମବେଶରେ ବୁଲିବାର ସୁବିଧା ନିମିତ୍ତ ସାମନା ପାଟିର ତିନିଟା ଛାମୁଦାନ୍ତ ଭଙ୍ଗା ଯାଇଛି । ଉତ୍ତେଜିତ ହୋଇ ହସି ଉଠିଲେ ତାଙ୍କର ମୁହଁ ଦିଶେ ବ୍ରହ୍ମରାକ୍ଷସ ଭଳି । ତାଙ୍କର ଆଦର୍ଶ, ବିପ୍ଳବ ମାଧ୍ୟମରେ ପୁରୁଣା ନ ଭାଙ୍ଗିଲେ ନୂଆ ଗଢ଼ା ହୋଇ ପାରିବ ନାହିଁ । ତେଣୁ ସମାଜର ପ୍ରତ୍ୟେକ ଇଣ୍ଟେଲେକ୍‌ଚୁଆଲ୍ ଓଥେଲୋ ଭଳି ନିର୍ମମ ଏକନିଷ୍ଠ ହେବା ଉଚିତ । ଆଦର୍ଶ ଦୃଷ୍ଟିରୁ 'ରୁଟି ଓ ଚନ୍ଦ୍ର'ର ବିନୋଦ ଭଳି ମାର୍କ୍ସୀୟ ଆଦର୍ଶରେ ଉଦ୍‌ବୁଦ୍ଧ । ବିନୋଦର ସହଧର୍ମିଣୀ 'ଲଳିତା' ପୁଣି ତାଙ୍କର ରାଜନୀତିକ ଜୀବନର ସହକର୍ମିଣୀ । ଏହି ଚରିତ୍ରଟି 'ଅଣ୍ଡରଗ୍ରାଉଣ୍ଡ'ର ମୁଖ୍ୟ ଚରିତ୍ର ନ ହୋଇ ଗୌଣ ଚରିତ୍ର; ହେଲେ ହେଁ 'ରୁଟି ଓ ଚନ୍ଦ୍ର'ର ବିନୋଦ ଓ ଲଳିତା ଚରିତ୍ରର ଛାପ ପାଠକ ମନରେ ଥିବାରୁ ଏହା ରେଖାପାତ କରିଥାଏ । ଗଳ୍ପର ବର୍ଣ୍ଣନା ମଧ୍ୟରେ ଏହା ସମ୍ପୂର୍ଣ୍ଣ ରୂପେ ଏକ ସରଳ ଚରିତ୍ର ।

'ନରବଳି' ଗଳ୍ପର ଶ୍ରମିକ ନେତା ବିନୋଦ ଅଧିକ ଉଗ୍ର । ଧର୍ମଘଟରେ ସପ୍ତମ ଦିନ ପରେ ଶ୍ରମିକମାନଙ୍କ ମୋରାଲ ରଖିବା ପାଇଁ, ପଟୁଆର ଉପରେ ଫାୟାରିଂ କରାଇବା ଲାଗି ଯୋଜନା କରିବାକୁ ପଛଘୁଞ୍ଚା ଦେଇନାହିଁ । ନିରୀହ ଶ୍ରମିକମାନଙ୍କୁ ଦୁଇ ଦୁଇଥର ଫାୟାରିଂ ମୁହଁକୁ ଠେଲିଦେଇ ଶେଷରେ ସେ ଅଣ୍ଡରଗ୍ରାଉଣ୍ଡର ଆଶ୍ରୟ ନେଇଛି, ଶ୍ରମିକ ୟୁନିୟନ୍‌ର ସର୍ବୋଚ୍ଚ କର୍ତ୍ତା ଭାବେ । ଅନୁଗତ କମ୍ରେଡ୍ ଶ୍ୟାମଳ ଶ୍ରୀକାନ୍ତଙ୍କ ପ୍ରତିବାଦକୁ କମ୍ୟୁନିଜମ୍‌ର

ସ୍ଲୋଗାନ ତଥା ଦୁହା ମଧ୍ୟରେ ସେ ଚାପି ଦେଇଛି । ଏହି ଚରିତ୍ରକୁ ଅନୁଧ୍ୟାନ କଲେ, ବାସ୍ତବ ସମାଜରେ ଶ୍ରମିକ ନେତାର ଛବି ଆଖିରେ ପଡ଼ିଥାଏ ।

'ରୁଟି ଓ ଚନ୍ଦ୍ର', 'ଅଣ୍ଡର ଗ୍ରାଉଣ୍ଡ' ଓ 'ନରବଳି'ର ବିନୋଦ ଚରିତ୍ରକୁ ଲକ୍ଷ୍ୟକଲେ 'ରୁଟି ଓ ଚନ୍ଦ୍ର'ର ବିନୋଦ ମାର୍କ୍ସଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ହେଁ ରୋମାଣ୍ଟିକ୍ ଭାବବିହ୍ୱଳତା ଦ୍ୱାରା ଆକ୍ରାନ୍ତ । 'ଅଣ୍ଡର ଗ୍ରାଉଣ୍ଡ'ର ବିନୋଦ ଗଳ୍ପ ମଧ୍ୟରେ ମୁଖ୍ୟ ନ ହେଲେ ହେଁ ମାର୍କ୍ସବାଦର ତତ୍ତ୍ୱ ଅପେକ୍ଷା ହିଂସାତ୍ମକ ଆନ୍ଦୋଳନରେ ବିଶ୍ୱାସୀ । ମାତ୍ର ନରବଳିର ବିନୋଦ ଅଧିକ ଉଗ୍ର, ତଥା ଆଧୁନିକ ସମାଜରେ ଶ୍ରମକର ନେତୃତ୍ୱକୁ ଅବଲମ୍ବନ କରି ଯେଉଁ ଦୁହା ଉଠାଉଥିବା ସ୍ୱାର୍ଥାନ୍ୱେଷୀ ଶ୍ରମିକନେତା ଦେଖାଯାଆନ୍ତି ତାଙ୍କରି ପ୍ରତିନିଧି ମାତ୍ର । ଅନ୍ୟ କେତେକ ଶ୍ରମିକ ନେତା ଚରିତ୍ର ମଧ୍ୟରୁ 'ନୟନପୁର ଏକ୍ସପ୍ରେସ୍' ଗଳ୍ପର ନରେନ୍ଦ୍ର ଓ ଶ୍ୟାମଳ 'ଅଣ୍ଡର ଗ୍ରାଉଣ୍ଡ' ଗଳ୍ପର ଶ୍ୟାମଳ, ତଥା ନରବଳିର ଶ୍ୟାମଳ ଓ ଶ୍ରୀକାନ୍ତ ଚରିତ୍ର ଆମେ ଦେଖିବାକୁ ପାଇଥାଉ । 'ନୟନପୁର ଏକ୍ସପ୍ରେସ୍' ଗଳ୍ପର ଶ୍ୟାମଳ ନରବଳି ଗଳ୍ପର ବିନୋଦର ଆଦର୍ଶ ଅନୁରୂପ । ନିଜର ଶ୍ରମିକ ସଂଗଠନ ପାଇଁ ସେ ରେଳ ଦୁର୍ଘଟଣାରେ ଅନ୍ତର୍ଘାତୀ କାର୍ଯ୍ୟରେ ଲିପ୍ତ ରହି ନେତାଙ୍କୁ ହତ୍ୟା କରାଇପାରେ । ଏହି ଚରିତ୍ରଟି କ୍ଷମତାନ୍ଧ ଶ୍ରମିକ ନେତାର କେବଳ ଦୃଷ୍ଟାନ୍ତ ମାତ୍ର । 'ନୟନପୁର ଏକ୍ସପ୍ରେସ୍'ର ନରେନ୍ଦ୍ର ଶ୍ରମିକ ନେତା ଶ୍ୟାମଳର ଅନୁଗତ ଭାବେ, ମେଘାବ୍ରିଜ୍‌ରୁ ଫିସ୍ ପ୍ଲେଟ୍ ଉଠାଇ ଦେଇଛି । କମ୍ୟୁନିଜମ୍‌ର ରାଜନୀତିକ ଆଦର୍ଶରେ ଅନୁପ୍ରାଣିତ ହୋଇ ପତ୍ନୀମଞ୍ଜୁକୁ ତ୍ୟାଗ କରିଛି । ତଥାପି ପରିଣତିରେ ତାର ଅନ୍ତର ମାନବିକତାରେ ସମ୍ବେଦନଶୀଳ, ତଥା ଅସ୍ଥିର ହୋଇ ଉଠିଛି । ଅନୁରୂପ ଭାବେ 'ନରବଳି' ଗଳ୍ପରେ ବିନୋଦର 'ଚରମ ବଳିଦାନ' ତଥା ଶୋଭାଯାତ୍ରା ସମୟରେ ଫାୟାରିଂର ସମ୍ମୁଖୀନ ଅସହାୟ ଜନତା ପ୍ରତି ସମ୍ବେଦନଶୀଳ ହୋଇ ଆନ୍ଦୋଳନର ପ୍ରତିବାଦ କରିଛି । 'ଅଣ୍ଡର ଗ୍ରାଉଣ୍ଡ'ର ଶ୍ୟାମଳ ଓ 'ନରବଳି'ର ଶ୍ରୀକାନ୍ତ କମ୍ୟୁନିଷ୍ଟ ମତବାଦର ଅନୁଗତ କର୍ମୀ । ଶ୍ରୀକାନ୍ତ ଚରିତ୍ର ଅପେକ୍ଷା ଶ୍ୟାମଳ ଚରିତ୍ର ଗାଙ୍ଗୁଲିଙ୍କ ରଚନାରେ ଅଧିକ ପରିପୁଷ୍ଟ । ଅବଶ୍ୟ ଅଣ୍ଡର ଗ୍ରାଉଣ୍ଡରେ ଶ୍ୟାମଳର ଆତ୍ମବଳିଦାନ ମଧ୍ୟରେ କମ୍ୟୁନିଷ୍ଟ ଆଦର୍ଶ ଅପେକ୍ଷା ଲଳିତା ପ୍ରତି ପ୍ରେମଜନିତ ଆବେଗ ଜନିତ ଦୁର୍ବଳତା ଅଧିକ ପରିମାଣରେ ଲକ୍ଷ୍ୟ କରାଯାଇଥାଏ । କମ୍ୟୁନିଷ୍ଟ ଆଦର୍ଶରେ ଅନୁପ୍ରାଣିତ ଗାଙ୍ଗୁଲିଙ୍କ ରାଜନୀତିକ ଚରିତ୍ରଗୁଡ଼ିକ ଅନୁଧ୍ୟାନକଲେ ତାଙ୍କର କମ୍ୟୁନିଷ୍ଟ ଆଦର୍ଶ ପ୍ରତି ମୋହ ଭଙ୍ଗ ହୋଇଥିବା ଲକ୍ଷ୍ୟ କରାଯାଇପାରେ ।

## ସ୍ୱାର୍ଥାନ୍ୱେଷୀ ରାଜନୀତିକ ଚରିତ୍ର

ବନ୍ୟା ମରୁଡ଼ି ପ୍ରଭୃତି ପ୍ରାକୃତିକ ଦୁର୍ବିପାକ ସମୟରେ ବିବୃତି ପ୍ରଦାନ କରିବା ତଥା ଲୋକଙ୍କୁ ସଙ୍ଘୋଳିଯିବା, ଗଣତାନ୍ତ୍ରିକ ପରମ୍ପରାରେ ରାଜନୀତିକ ନେତାଙ୍କ କର୍ତ୍ତବ୍ୟରେ ପରିଣତ ହୋଇଛି । ଏହିଭଳି ନେତାଙ୍କ ପ୍ରତିନିଧି ରୂପେ ସୁରେନ୍ଦ୍ରଙ୍କ 'ମରୁଡ଼ି' ଗଳ୍ପର ମୁଁ, "ବରଜୁଷେଣ୍ଟ ଘାଇ"ର ସୋମନାଥ, "ଅପରିଚିତର ପରିଚୟ"ର ମୁଁ ଓ "ଗୋଟିଏ ଘୋଡ଼ାର ମୃତ୍ୟୁ"ର ସୁଧୀନ୍ଦ୍ର ଚରିତ୍ରକୁ ଦେଖିବାକୁ ପାଇଥାଉ । ଏହି ଚରିତ୍ରଗୁଡ଼ିକ ରାଜନୀତିକ ଆଦର୍ଶ ଦୃଷ୍ଟିରୁ ସମପର୍ଯ୍ୟାୟଭୁକ୍ତ ସ୍ୱାର୍ଥାନ୍ୱେଷୀ ଚରିତ୍ର ହେଲେ ହେଁ "ମରୁଡ଼ି"ର ମୁଁ 'ଅପରିଚିତର ପରିଚୟ'ର ମୁଁ ଓ 'ଗୋଟିଏ ଘୋଡ଼ାର ମୃତ୍ୟୁ'ର ସୁଧୀନ୍ଦ୍ର ସହିତ ବରଜୁଷେଣ୍ଟ ଘାଇ'ର ସୋମନାଥ ଚରିତ୍ର ମଧ୍ୟରେ ଆଦର୍ଶଗତ ପାର୍ଥକ୍ୟ ରହିଛି । ପ୍ରଥମୋକ୍ତ ତିନୋଟି ଚରିତ୍ର ଉପରେ ମାନବବାଦୀ

ରାଜନୀତିକ ଆଦର୍ଶରେ ଅନୁପ୍ରାଣିତ ଗାଳ୍ପିକ ସୁରେନ୍ଦ୍ରଙ୍କ ବ୍ୟକ୍ତି ଜୀବନର ଛାୟା ପଡ଼ିଥିବା ସମୟରେ ସୋମନାଥ ଚରିତ୍ରଟି ସମ୍ପୂର୍ଣ୍ଣ ସ୍ୱାର୍ଥାନ୍ୱେଷୀ ତଥା ଅନ୍ଧକ୍ଷମତା ମୋହରେ ଆସକ୍ତ । ପୁଣି ପ୍ରଥମୋକ୍ତ ତିନୋଟି ଚରିତ୍ର ମାଧ୍ୟମରେ ମରୁଡ଼ି, ବନ୍ୟା ତଥା ସାମ୍ପ୍ରଦାୟିକ ଦଙ୍ଗା ସମୟରେ ମଣିଷର ମାର୍ମିକ ଅବସ୍ଥାର ଚିତ୍ର ଉପସ୍ଥାପିତ ହୋଇଥିବା ସ୍ଥଳେ ସୋମନାଥ ଚରିତ୍ର ବନ୍ୟା ନିୟନ୍ତ୍ରିତ ଅବସ୍ଥାରେ ଜନସାଧାରଣଙ୍କ ପାଖକୁ ଆସି ଭାଷଣ ଜରିଆରେ ଜନତା ଆଗରେ କୁମ୍ଭୀର କାନ୍ଦଣା କାନ୍ଦିଛନ୍ତି । ଏହିସବୁ ଚରିତ୍ର ଉଲ୍ଲିଖିତ ଗଳ୍ପଗୁଡ଼ିକରେ ଗୌଣ ଚରିତ୍ର ରୂପେ ଦେଖା ଦେଇଛନ୍ତି ।

**ନାରାୟଣ ମହାପାତ୍ର** 'ଗୃହଦାହ' ଗଳ୍ପର ନାରାୟଣ ମହାପାତ୍ର ରାଜନୀତିକୁ ଏକ ବୃତ୍ତି ବା ପେଶା କରିନଥିଲେ ତାଙ୍କର ଯେତିକି ଯୋଗ୍ୟତା ଥିଲା ସେଥିରେ ସେ ଜଣେ କୃତୀ ମାମଲତ୍‌କାର୍ ହୋଇପାରିଥାନ୍ତେ । ବସ୍ତୁତଃ ତାଙ୍କ ଚେହେରାରେ କଚେରୀ ବାରଣ୍ଡା ଓ ଫୌଜଦାରୀ ଓକିଲଖାନା ବାତାବରଣର ଏପରି ଏକ ଛାପ ରହିଯାଇଛି ଯେ, ତାଙ୍କୁ ଦେଖିଲେ ଏହିସବୁ ଅନୁଷ୍ଠାନ ସ୍ୱତଃ ଆଖି ଆଗରେ ଭାସି ଉଠେ । ଗାଲ ଦୁଇପାଟିରେ ଗୁଞ୍ଜା ଯାଇଥିବା ଦୁଇଖିଲି ପାନରୁ ଦୁଇକଳ ବାଟେ ବୋହି ଆସୁଥିବା ପାନପିକ, ଓଠରେ କୂଟ ଚକ୍ରାନ୍ତର ସ୍ମିତ ହସ ଓ ଜୁଳୁଜୁଳୁ ହେଉଥିବା ଆଖି ଦୁଇଟିରେ ଏକ ଚିରନ୍ତନ ଷଡ଼ଯନ୍ତ୍ରରେ ଶାଣିତ ଦୀପ୍ତି, ମୋଟା ଖଦଡ଼ର ବହୁଳ ଆବରଣ ସତ୍ତ୍ୱେ ତାଙ୍କର ସ୍ୱରୂପଟିକୁ ଧରା ପକାଇ ଦେଇଥାଏ । ନାରାୟଣ ମହାପାତ୍ର ରଥିପୁର ଅଞ୍ଚଳରେ ଅସନ୍ତୁଷ୍ଟ ଗୋଷ୍ଠୀର ମୁଖ୍ୟ । ଗତ ମନ୍ତ୍ରିମଣ୍ଡଳରେ ତାଙ୍କୁ ସ୍ଥାନ ମିଳିଲା ନାହିଁ । ମାଟ୍ରିକ୍ୟୁଲେସନ୍ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତାଙ୍କର ବିଦ୍ୟାର ପରିସର ସତ୍ତ୍ୱେ ଶିକ୍ଷାମନ୍ତ୍ରୀ ହେବା ପାଇଁ ତାଙ୍କର ଏକ ପ୍ରଚଣ୍ଡ ଅଭିଳାଷ ଥିଲା । ମାତ୍ର ମନ୍ତ୍ରିମଣ୍ଡଳରେ ତାଙ୍କୁ ସ୍ଥାନ ନମିଳିବାରୁ ମନ୍ତ୍ରିମଣ୍ଡଳ ଓ ସରକାରର ସେ ଘୋର ସମାଲୋଚକ ଓ ବିରୋଧୀ ପାଲଟି ଗଲେ । ପରିସ୍ଥିତି ଏଭଳି ଗତିକଲା ଯେ ନିର୍ବାଚନରେ ତାଙ୍କୁ ଟିକେଟ ସୁଦ୍ଧା ମିଳିଲା ନାହିଁ । ଭିତରେ ସେ ଯେତେ କ୍ଷୁବ୍ଧ ହେଲେ ହେଁ ଗାନ୍ଧିଜୀଙ୍କ ପ୍ରଦର୍ଶିତ ଆଦର୍ଶରେ ସେ ଜନସେବାକୁ ବରଣ କରିନେଲେ ବୋଲି ପ୍ରଚାର କଲେ । ମାତ୍ର ନିର୍ବାଚନ ବେଳେ ଦଳୀୟ ପ୍ରାର୍ଥୀ ହରି ଶତପଥୀଙ୍କ ବିରୁଦ୍ଧରେ ବିରୋଧୀ ଦଳର ପ୍ରଧାନ ବନ୍ଧୁ, ପରାମର୍ଶଦାତା ତଥା ପଥ ପ୍ରଦର୍ଶକ ହେଲେ । ହରି ଶତପଥୀ ନିର୍ବାଚନରେ ପରାଜିତ ହେଲେ ମଧ୍ୟ 'ଆନନ୍ଦାଶ୍ରମ' ଗଠନ ମାଧ୍ୟମରେ ଜନତାର ସେବାରେ ନିଜକୁ ବ୍ରତୀ କରିବାରୁ ଶେଷରେ 'ଆନନ୍ଦାଶ୍ରମ' ନାରାୟଣ ମହାପାତ୍ରଙ୍କ ରାଜନୀତିକ କୂଟ ଚକ୍ରାନ୍ତରେ ଦଗ୍ଧୀଭୂତ ହୋଇଛି । ସ୍ୱାର୍ଥାନ୍ୱେଷୀ, ଚକ୍ରାନ୍ତକାରୀ ସୋମନାଥ ମହାପାତ୍ର ଚରିତ୍ର ସେହି ଶ୍ରେଣୀର ରାଜନୀତିକ ଚରିତ୍ରଗୁଡ଼ିକରେ ପ୍ରତିନିଧିତ୍ୱ କରୁଛି । ଚରିତ୍ରର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ତଥା ଉପସ୍ଥାପନ କୌଶଳରେ ଫକୀର ମୋହନଙ୍କ ସଦୃଶ ଗାଳ୍ପିକ ଏଭଳି ପାରଦର୍ଶିତା ଏହି ଚରିତ୍ର କ୍ଷେତ୍ରରେ ପ୍ରଦର୍ଶନ କରିଛନ୍ତି ଯେ, ଏହି ଚରିତ୍ର ନିଜେ ହିଁ ତାର ସ୍ପଷ୍ଟ ପରିଚୟ ପାଠକ ନିକଟରେ ଉପସ୍ଥାପନ କରିପାରିଥାଏ ।

**ଗୋବର୍ଦ୍ଧନ ଦାସ** 'ପ୍ରତିନାୟକ' ଗଳ୍ପର ଗୋବର୍ଦ୍ଧନ ଦାସ ଦିନେ ସଦାନନ୍ଦଙ୍କ ପାଇଁ ସତରଞ୍ଜି ବିଛାଉଥିଲେ, ସାମିଆନା ଟାଣୁଥିଲେ, ମାଇକ୍ରୋଫୋନ୍‌ରେ "ଆମର ନେତା ସଦାନନ୍ଦ ମହାନ୍ତି ଜିନ୍ଦାବାଦ ଧ୍ୱନି ଦେଉଥିଲେ । ସେହି ଅନୁଗତ ରାଜନୀତିକ କର୍ମୀ ରାଜନୀତିର ପଶାପାଲିରେ ସଦାନନ୍ଦଙ୍କୁ 'କିସ୍ତିମାତ୍' ଦେଇ ନିଜେ ସ୍ୱାର୍ଥାନ୍ଧ ଭାବରେ ବିଶ୍ୱାସଘାତକତା ବଳରେ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କଲେ । ଭାରତୀୟ

ରାଜନୀତି କାହିଁକି ଓଡ଼ିଶାର ରାଜନୀତିରେ ମଧ୍ୟ ଏଭଳି ଚରିତ୍ରର ବାସ୍ତବ ଦୃଷ୍ଟାନ୍ତ ରହିଛି । ଗାଳ୍ପିକଙ୍କ ଭାଷାରେ ଏଭଳି ଚରିତ୍ର ସୃଷ୍ଟି ମୂଳରେ କୌଣସି ବ୍ୟକ୍ତିବିଶେଷଙ୍କୁ ପ୍ରତ୍ୟକ୍ଷ ଆଘାତ ଦେବାର ଉଦ୍ଦେଶ୍ୟ ନଥିଲେ ହେଁ ଏହା ଆଘାତ ଦେଇଥିବା ମନେହୁଏ ।

ନାରାୟଣ ମହାପାତ୍ର ଓ ଗୋବର୍ଦ୍ଧନ ଦାସ ଚରିତ୍ର ଦୁଇଟିକୁ ଅନୁଧ୍ୟାନ କଲେ ବାସ୍ତବ ରାଜନୀତିର ଗଳ୍ପରେ ଏମାନେ ପ୍ରତିନିଧି ମାତ୍ର । ଉଭୟେ ଖଳ ଚରିତ୍ର ହେଲେ ହେଁ ବର୍ତ୍ତୁଳ ନୁହଁନ୍ତି । ଅନ୍ୟକଥାରେ ଏହି ଦୁଇ ଚରିତ୍ରକୁ ପ୍ରତିନିଧି ସ୍ଥାନୀୟ ଚରିତ୍ର ରୂପେ ମଧ୍ୟ ଗ୍ରହଣ କରାଯାଇପାରେ ।

## ନିଃସଙ୍ଗ ରାଜନୀତିକ ନେତା ଚରିତ୍ର

'ସମ୍ପାଦକ' ଗଳ୍ପର ଶ୍ରୀ ଚରିତ୍ର, କ୍ଷମତା ଠାରୁ ଦୂରେଇ ଯାଇ ଅସହାୟ ହୋଇ ପଡ଼ିଥିବା କେବଳ ସୂଚନାତ୍ମକ ଭାବେ ପ୍ରକାଶ କରାଯାଇଛି । ମାତ୍ର କ୍ଷମତା ରାଜନୀତିରୁ ଅପସୃତ ଅବସ୍ଥାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ସଦାନନ୍ଦ ମହାନ୍ତି- ଜନସାଧାରଣଙ୍କ ପାଖରେ ସଦା ମହାନ୍ତିରେ 'ପ୍ରତିନାୟକ' ଗଳ୍ପରେ ଖବରକାଗଜ ଅନ୍ତରାଳରେ ଦୁର୍ଯ୍ୟୋଧନର ବ୍ୟାସ ସରୋବର ସୃଷ୍ଟି କରନ୍ତି । ଶେଷରେ ୱେଟିଂ ରୁମ୍ ଭିତରୁ ଚାଲିଆସି ପ୍ଲାଟଫର୍ମର ନିର୍ଜନ ବେଞ୍ଚରେ ମଧ୍ୟ ରିଆକ୍‌ସନାରୀର ଦ୍ୱଲାଲର ଆକ୍ଷେପ ଶୁଣନ୍ତି । କ୍ଷମତା ରାଜନୀତିରୁ ଅପସୃତ ହେଲେ ଯେ ଏଭଳି ନେତାମାନେ ଅପାଂକ୍ତେୟ ହୋଇ ପଡ଼ନ୍ତି । ଏହି ଦୁଇ ଚରିତ୍ର ତାହାର ସତ୍ୟତା ପ୍ରତିପାଦନ କରିଥାନ୍ତି ମାତ୍ର ।

## ଗଣତାନ୍ତ୍ରିକ ନିର୍ବାଚନୀ ସମୟର ରାଜନୀତିକ ନେତା

'ଗଣଦେବତା' ଗଳ୍ପର ଗୋବର୍ଦ୍ଧନାଚାର୍ଯ୍ୟ ଓ ପତିତପାବନବାବୁ, ତଥା 'ମୃତ୍ତିକାର ଆତ୍ମା' ଗଳ୍ପର ଜଗବନ୍ଧୁ ତିଆରୀ ଓ ନୀଳୁବାବୁ ଚରିତ୍ର ମାଧ୍ୟମରେ ନିର୍ବାଚନ ସମୟରେ ରାଜନୀତିକ ନେତାଙ୍କ ବିଭିନ୍ନ ମାରପେଞ୍ଚ ନୀତି ତଥା ମାନସିକ ଅବସ୍ଥାର ଚିତ୍ର ଦେଖିବାକୁ ମିଳିଥାଏ । ଗଳ୍ପର ବିଷୟବସ୍ତୁ ମଧ୍ୟରେ ରାଜନୀତିକ ନିର୍ବାଚନର ପରିବେଶ ମୁଖ୍ୟ ସ୍ଥାନ ଗ୍ରହଣ କରିଥିବାରୁ ଏହି ଚରିତ୍ରଗୁଡ଼ିକ କେବଳ ସୂଚନାତ୍ମକ ଭାବେ ପ୍ରକାଶିତ ।

## ରାଜନୀତିକ କର୍ମୀ

ଗ୍ରାମାଞ୍ଚଳର ରାଜନୀତିକ କର୍ମୀ ଚରିତ୍ର ମଧ୍ୟରୁ 'ଗୃହଦାହ'ର ଅଗାଧୁ ରଥ, ଗଣ ଦେବତାର ମିଛୁମିଶ୍ର, ଦ୍ୱିପଦରଗ୍ରାସର ନରୋତ୍ତମଦାସ ଓ ଯଦୁ ମହାନ୍ତି ତଥା ସହରାଞ୍ଚଳର ରାଜନୀତିକ କର୍ମୀ ରାଜେନ୍ଦ୍ର ଓ ବିନୟ ସୁରେନ୍ଦ୍ରଙ୍କ ଗଳ୍ପ ସୃଷ୍ଟିରେ ଦେଖା ଦେଇଥାନ୍ତି । 'ଗଣ ଦେବତା'ର ମିଛୁ ମିଶ୍ର ଏକ ସରଳ ଚରିତ୍ର ଭାବରେ ନିର୍ବାଚନ ପାଣିପାଗରେ ଅର୍ଥ ଉପାର୍ଜନର ପନ୍ଥାକୁ ବାଛି ନେଇଛି । ମାତ୍ର 'ଗୃହଦାହ'ର ଅଗାଧୁ ରଥ ନାରାୟଣ ମହାପାତ୍ରଙ୍କ ଅନୁଗତ କର୍ମୀ ଭାବେ ଧୂର୍ତ୍ତ । 'ଦ୍ୱିପଦର ଗ୍ରାସ'ର ନରୋତ୍ତମ ଦାସ ଓ ଯଦୁ ମହାନ୍ତି, ଗାଁ ଟାଉଟରଙ୍କ ପ୍ରତିନିଧି ମାତ୍ର । ଏମାନେ ସମସ୍ତେ ସୁରେନ୍ଦ୍ରଙ୍କ ସୃଷ୍ଟିରେ ଉଜ୍ଜ୍ୱଳ ତଥା ପ୍ରତିନିଧି ସ୍ଥାନୀୟ ଚରିତ୍ର ଭାବେ ଜୀବନ୍ତ ।

## ସୁରେନ୍ଦ୍ରଙ୍କ ଗଳ୍ପ ରାଜ୍ୟରେ ଲେଖକ, କବି ଓ ଶିଳ୍ପୀ ଚରିତ୍ର

ସୁରେନ୍ଦ୍ରଙ୍କ ବହୁ ଗଳ୍ପରେ କବି ଓ ଲେଖକ ଚରିତ୍ର ଆମେ ଦେଖିବାକୁ ପାଇଥାଉ । "ମହାମାନବରସାଗର ତୀରେ" ଗଳ୍ପର ବିନୋଦ, କବିଜୀ, ପ୍ରଚଳିତ ସାମାଜିକ ପରମ୍ପରାରେ ନିଃସ୍ୱ ଦରିଦ୍ର ।

"ଅପରାଜିତ "ର ଶ୍ୟାମଳ ଆଦର୍ଶବାଦୀ ଲେଖକ ଭାବେ ଦାରିଦ୍ର୍ୟକୁ ବରଣ କରି ନେଇଛି । ନିଜର ପ୍ରତିଭାକୁ ପଣ୍ୟ କରି ନାହିଁ । ସ୍ୱାଭିମାନ ମଧ୍ୟରେ ହିଁ ସେ ପୁଞ୍ଜିବାଦୀ ସମାଜରେ ନିଜର ପ୍ରତିଭା ନେଇ ସ୍ୱାଧୀନଚେତା ଭାବେ ବଞ୍ଚିବା ପାଇଁ ଇଚ୍ଛା କରିଛି । ପୁଞ୍ଜିବାଦ ସହିତ କବି ପ୍ରତିଭାର ସଂଘର୍ଷରେ ଶ୍ୟାମଳ ସାମୟିକ ଭାବେ ଦୁର୍ବଳ ହୋଇ ପଡ଼ିଥିଲେ ବି ଆତ୍ମ ସମର୍ପଣ କରିନାହିଁ । ପ୍ରଥମୋକ୍ତ ଚରିତ୍ର ବିନୋଦ ସୂଚନା ମଧ୍ୟରେ ସଂଘର୍ଷରତ ହେଲେ ହେଁ ଗାଳ୍ପିକଙ୍କ ଲେଖନୀରେ 'ଅପରାଜିତ'ର ଶ୍ୟାମଳର ସଂଘର୍ଷ ଅଧିକ ପରିସ୍ଫୁଟିତ ।

"ସ୍ୱପ୍ନରେ ମନ୍ଦୋଦରୀ' ଗଳ୍ପର ଔପନ୍ୟାସିକ ଶ୍ୟାମଚରଣ ବ୍ୟବସାୟିକ ଭିତ୍ତିରେ ଉପନ୍ୟାସ ରଚୟିତା । ଜୀବନ ଯନ୍ତ୍ରଣା ଠାରୁ ଦୂରେଇ ପ୍ରେମ ୫୦ ପରସେଣ୍ଟ, ବିରହ ୩୦ ପରସେଣ୍ଟ ଇତ୍ୟାଦି ଫର୍ମୁଲା ମଧ୍ୟରେ ସେ ଉପନ୍ୟାସ ରଚନା କରିଛନ୍ତି । ଆତ୍ମବଡ଼ିମା ପୂର୍ଣ୍ଣ ବାହାସ୍ଫୋଟ ମାରୁଥିବା ଶସ୍ତା ଉପନ୍ୟାସର ଔପନ୍ୟାସିକଙ୍କ ସେ ହେଉଛନ୍ତି ପ୍ରତିନିଧି ।

ଭବିଷ୍ୟତ କାଳରେ କବି କିନ୍ତୁ କମ୍ପ୍ୟୁଟର ଯନ୍ତ୍ର ମାଧ୍ୟମରେ କବିତା ଉତ୍ପାଦନ କରିପାରେ । ଏହାର ଚିତ୍ର ସୁବ୍ରତ ଚରିତ୍ର ମାଧ୍ୟମରେ ଗାଳ୍ପିକ ଖ୍ରୀ:ଅ: ୨୦୬୬ ଗଳ୍ପରେ ସୂଚନା ପ୍ରଦାନ କରିଛନ୍ତି ।

ଏହିସବୁ ଚରିତ୍ର ବ୍ୟତିରେକେ 'ଶେଷ କବିତା'ର ଭୂତନାଥ', 'ଜୀଅନ୍ତା ଭୂତ'ର ଗୋବର୍ଦ୍ଧନ ଦାସ, 'ନିଯୁକ୍ତିପତ୍ର'ର ସୁନନ୍ଦ ଓ 'କବି' ଗଳ୍ପର ଦୀନକୃଷ୍ଣ ଦାସ ଚରିତ୍ର ପାଠକ ପ୍ରାଣରେ ଗଭୀର ପ୍ରଭାବ ସୃଷ୍ଟି କରିଛି । ଏହି ଚାରୋଟି ଚରିତ୍ରର କ୍ରମାନ୍ୱୟରେ ଏଠି ଆଲୋଚନା କରାଯାଉଛି ।

'ଶେଷ କବିତା'ର କବି ଭୂତନାଥ ଓ 'ଜୀଅନ୍ତା ଭୂତ'ର କବି ଗୋବର୍ଦ୍ଧନ ଦାସଙ୍କ ବିଗ୍ରହ ବର୍ଣ୍ଣନାକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ଓଡ଼ିଶାର ସାହିତ୍ୟିକ ପରିବେଶରେ କବି ମାତ୍ରକେ ହେୟ ଅପାଂକ୍ତେୟ, ବଞ୍ଚିଥିଲା ପର୍ଯ୍ୟନ୍ତ ସେମାନଙ୍କର ମୂଲ୍ୟାଙ୍କନ କରିବାକୁ ସମାଲୋଚକମାନେ ଉଚିତ ମନେ କରନ୍ତି ନାହିଁ । ମାତ୍ର 'ଶେଷ କବିତା'ର ଭୂତନାଥ ଅପେକ୍ଷା 'ଜୀଅନ୍ତା ଭୂତ'ର ଗୋବର୍ଦ୍ଧନଦାସଙ୍କ ଉପସ୍ଥାପନ କ୍ଷେତ୍ରରେ ଗାଳ୍ପିକ ସୁରେନ୍ଦ୍ର କବିର ସ୍ଥିତି ସଚେତନତା ତଥା ବଞ୍ଚିବାର ଦାବି ଉପସ୍ଥାପନ ପାଇଁ ଅଧିକ ସଚେତନ ।

'ନିଯୁକ୍ତି ପତ୍ର' ଗଳ୍ପରେ ସ୍ୱପ୍ନ ପ୍ରବଣ କବି ସୁନନ୍ଦ ଅହଂସର୍ବସ୍ୱ ହେଲେ ହେଁ ବାସ୍ତବତା ସହିତ ସଂଘର୍ଷ ପାଇଁ ଆଗଭର ମାତ୍ର ଆମ ପ୍ରଚଳିତ ସମାଜରେ 'Pen driver' ଅପେକ୍ଷା 'Crane driver'ର ପରିଚୟ ଏମ୍ପ୍ଲୋୟମେଣ୍ଟ ଏକ୍ସଚେଞ୍ଜରେ ଅଧିକ ହୋଇଥିବାରୁ ସୁନନ୍ଦ ସମ୍ପୂର୍ଣ୍ଣ ରୂପେ ଅସହାୟ ।

ମଧ୍ୟଯୁଗୀୟ କବି ଦୀନକୃଷ୍ଣଙ୍କ ସମ୍ପର୍କରେ ପ୍ରଚଳିତ କିମ୍ବଦନ୍ତୀ ଓ ଇତିହାସକୁ ଅନୁସରଣ କରି 'କବି' ଗଳ୍ପରେ ଦୀନକୃଷ୍ଣ ଚରିତ୍ର ଉପସ୍ଥାପିତ । ଯୁଗେ ଯୁଗେ ପ୍ରଚଳିତ ସମାଜ ବ୍ୟବସ୍ଥା ଓ ଶାସନତନ୍ତ୍ରର ଶିକାର ହୋଇ କବି ସମାଜରେ ଅସହାୟ, ଅପାଂକ୍ତେୟ ଓ ପରିତ୍ୟକ୍ତ ହୋଇ ପଡ଼ିଥାଏ । ଏହି ମର୍ମବାଣୀ ହିଁ ଗାଳ୍ପିକ ସୁରେନ୍ଦ୍ର ଦୀନକୃଷ୍ଣ ଚରିତ୍ର ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି ।

ଏହି ଚରିତ୍ରଗୁଡ଼ିକ ଅନୁଧ୍ୟାନ କଲେ ଦେଖାଯାଏ ସୁରେନ୍ଦ୍ରଙ୍କ କବି ଚରିତ୍ରଗୁଡ଼ିକ ସବୁ କାଳରେ ସରଳ, ଭାବପ୍ରବଣ, ଦରିଦ୍ର ଓ ନିଃସଙ୍ଗ ଭାବନା ଏମାନଙ୍କର ଅନ୍ତଃସ୍ୱର ହେଲେ ବି 'ଜୀଅନ୍ତା ଭୂତ'ର ଗୋବର୍ଦ୍ଧନ ଦାସ ସ୍ଥିତିବାଦୀ । ତେଣୁ 'ବୃତ୍ତ ଓ କେନ୍ଦ୍ରହୀନ' ଗଳ୍ପର ଲେଖକ 'ମୁଁ' ଚରିତ୍ର ସମ୍ପର୍କରେ ଗାଳ୍ପିକଙ୍କର ମନ୍ତବ୍ୟ ହେଉଛି ଯେ, ଲେଖକ ମାନେଇ ସବୁଠାରୁ ମାରାତ୍ମକ ଖୁନୀ, କଲମ ମୁନରେ ସେମାନେ

ଇତିହାସରେ ବୁହାଇଛନ୍ତି ଅନେକ ରକ୍ତସ୍ରୋତ । କଲମ ଦାଢ଼ରେ ସେମାନେ ହତ୍ୟା କରନ୍ତି ଅନେକ ମଣିଷ । ତେଣୁ ଗାଳ୍ପିକ ସୁରେନ୍ଦ୍ରଙ୍କ ମତରେ ଲେଖକର ଲେଖନୀ ହେଉଛି ସମାଜର ରକ୍ଷା କବଚ ।

ଗାଳ୍ପିକ ସୁରେନ୍ଦ୍ରଙ୍କ "ଅନ୍ଧସ୍ୱାମୀ" ଗଳ୍ପର ଶିଳ୍ପୀ, ଅନ୍ଧ ତଥା ଗାୟକ । ସ୍ୱରର ମୂର୍ଚ୍ଛନା ସେ ତୋଳିପାରେ । ଅନ୍ଧ ହେଲେ ବି ହୃଦୟ ତାର ସମ୍ବେଦନଶୀଳ । ରୁଟି ଓ ଚନ୍ଦ୍ର ଗଳ୍ପର ନୟନା ମଧ୍ୟ ବଂଶୀ ବାଦକ । "କୁବେରର କବିତା" ଗଳ୍ପରେ ପରୋକ୍ଷ ଭାବେ ଦେଖା ଦେଇଥିବା ନୀଳମଣି ମଧ୍ୟ ବଂଶୀ ବାଦକ । ଏ ଚରିତ୍ର ସଂସାର ତ୍ୟାଗୀ, ଭାବଭୋଳା ଚରିତ୍ର । ଏହି ତିନୋଟି ଚରିତ୍ର ମଧ୍ୟରୁ 'ଅନ୍ଧସ୍ୱାମୀ'ର ଚରିତ୍ର ପରିବେଶ ଧର୍ମୀ ଗଳ୍ପରେ ପରିପୁଷ୍ଟ ହୋଇ ପାରିନି । ରୁଟି ଓ ଚନ୍ଦ୍ର'ରେ ନୟନାର ବଂଶୀବାଦକ ଭୂମିକା ଅପେକ୍ଷା ଶ୍ରମିକ ଭୂମିକା ଅଧିକ । ପୁଣି ଏହା ସମାନ୍ତରାଳ ଚରିତ୍ର ଭାବେ ମୁଖ୍ୟ ଚରିତ୍ରର ପରିପୁଷ୍ଟି ସାଧନ ଉଦ୍ଦେଶ୍ୟରେ ଚିତ୍ରିତ । "କୁବେରର କବିତା"ର ନୀଳମଣି ସେମିତି ଏକ ସର୍ବହରା ଚରିତ୍ର; ପୁଣି ମୁଖ୍ୟ ଚରିତ୍ରର ଚେତନାକୁ ଉଦ୍ରେକ କରିବା ପାଇଁ ସହାୟକ ହୋଇଛି । ଏହି ତିନୋଟି ଚରିତ୍ର ଭିନ୍ନ "ନର୍ତ୍ତକୀ"ର ଶିଳ୍ପୀ ନଟବର ଓ "ପ୍ରିୟତମାସୁ"ର ଶିଳ୍ପୀ ଭୁଦେବ ଚରିତ୍ର ମଧ୍ୟରୁ ପ୍ରଥମଟି ମୂର୍ତ୍ତିକାର ଓ ଦ୍ୱିତୀୟଟି ଚିତ୍ର ଶିଳ୍ପୀ । ଏହି ଦୁଇ ଚରିତ୍ର ପୁଣି ପ୍ରେମିକ । ନଟବର ଦେବଦାସୀ ପୂର୍ଣ୍ଣିମାର ପ୍ରେମରେ ଆବଦ୍ଧ । ସାମାଜିକ ଧର୍ମାଚାରର ବନ୍ଧନ ଯୋଗୁଁ ପ୍ରେମିକାକୁ ପାଇ ପାରିନଥିଲେ ବି ତାର ଅନ୍ତରର ପ୍ରେମ, ଦେହାତୀତ । "ପ୍ରିୟତମାସୁ" ଗଳ୍ପର ଶିଳ୍ପୀ ଭୂଦେବ ମଧ୍ୟ ପ୍ରେମିକ । ତାର ପ୍ରେମ ମଧ୍ୟ ଦେହଉର୍ଦ୍ଧ୍ୱରେ ଦେହାତୀତ । ଉଭୟ ଚରିତ୍ର ମଧ୍ୟରେ ମୌଳିକ ପାର୍ଥକ୍ୟ ହେଉଛି ଉଭୟେ ଦୁଇଟି ପରିବେଶର ପ୍ରତିନିଧି । ଶିଳ୍ପୀ ନଟବର ରାଜାନୁଗ୍ରହ ମାଧ୍ୟମରେ ରାଜକୀୟ ସ୍ୱୀକୃତି ପାଇଛି, ମାତ୍ର ଆଧୁନିକ ଜନ ଜୀବନର ପ୍ରତିନିଧି 'ପ୍ରିୟତମାସୁ'ର ଶିଳ୍ପୀ ଭୂଦେବ ମତରେ ପ୍ରତିଭା ଅପରାଜେୟ ହେଲେ ହେଁ ଆର୍ଟ ଏକ୍‌ଜିବିସନ୍‌ର ଆୟୋଜନ ପରେ ତାର ସ୍ୱପ୍ନ ଭଙ୍ଗ ଘଟିଛି । କେବଳ ଲୋକ ମୁଖର ପ୍ରଶଂସା ଛଡ଼ା ସେ କିଛି ପାଇନି । ତା' ମତରେ ତେଣୁ ସବୁ ଫ୍ଲପ୍; ଫଳରେ ପରିଶେଷରେ ସ୍ୱପ୍ନବାଦୀ ଭୂଦେବ ପ୍ରତି ପ୍ରେମିକା ସୁମିତ୍ରାର ପ୍ରେମ ମଧ୍ୟ ଫ୍ଲପ୍‌ରେ ପରିଣତ ହୋଇଛି ।

ଗାଳ୍ପିକ ସୁରେନ୍ଦ୍ରଙ୍କ ଶିଳ୍ପୀ ଚରିତ୍ର ସବୁକୁ ଅନୁଧ୍ୟାନ କଲେ ଦେଖାଯାଏ ଏଗୁଡ଼ିକର ସଂଖ୍ୟା ମୁଷ୍ଟିମେୟ ହେଲେ ମଧ୍ୟ ଗାଳ୍ପିକଙ୍କ କବି ଓ ଲେଖକ ଚରିତ୍ର ଭଳି ଯୁଗ ଓ ସମୟର ଉର୍ଦ୍ଧ୍ୱରେ ସମସ୍ତେ ଭାବଭୋଳା । ପୁଣି ସେ ସମସ୍ତେ ସଂସାର ଓ ସମାଜର ବନ୍ଧନର ଉର୍ଦ୍ଧ୍ୱରେ, ନିଃସଙ୍ଗ ତଥା ଅସହାୟ ।

## ସମ୍ପାଦକ ଓ ସାମ୍ବାଦିକ ଚରିତ୍ର

ଗାଳ୍ପିକ ସୁରେନ୍ଦ୍ରଙ୍କ 'ବଳିଦାନ', 'ସମ୍ପାଦକ', 'ସବୁଜ ପତ୍ର ଓ ଧୂସର ଗୋଲାପ', 'ପ୍ରତିଧ୍ୱନି', 'କୃଷ୍ଣଚୂଡ଼ା' ଗଳ୍ପରେ ସମ୍ପାଦକ ତଥା 'ସାତଭଉଣୀ', 'ଦୁଇବନ୍ଧୁ', 'ଆକାଶ ତଥାପି ସୁନୀଳ' ଗଳ୍ପରେ ସାମ୍ବାଦିକ ଚରିତ୍ର ଦେଖିବାକୁ ମିଳିଥାଏ । ଏହା ମଧ୍ୟରୁ ଗଳ୍ପରେ ମୁଖ୍ୟ ଚରିତ୍ର ରୂପେ ବର୍ଣ୍ଣନା କରାଯାଇଥିବା 'କୃଷ୍ଣଚୂଡ଼ା' ଓ 'ସମ୍ପାଦକ' ଗଳ୍ପର ଚରିତ୍ର ସମ୍ପର୍କରେ ଏଠି ଉଲ୍ଲେଖ କରାଯାଇପାରେ ।

'କୃଷ୍ଣଚୂଡ଼ା' ଗଳ୍ପର ସଦାନନ୍ଦ ସାପ୍ତାହିକ ଖବର କାଗଜ 'ସଂଗ୍ରାମ'ର ଏକାଧାରରେ ସମ୍ପାଦକ ତଥା ପ୍ରୁଫ୍ ରିଡ଼ର । 'ଜୀବନର ସମସ୍ତ ରୋମାଣ୍ଟିକ୍ ଭାବବିହ୍ୱଳତା ମଧ୍ୟରେ ମଣିଷ ନିଜର ଅଲକ୍ଷିତରେ କେଉଁଦିନ ମରିଯାଏ, ତା'ପରେ ଅବଶିଷ୍ଟ ଜୀବନ ପଡ଼ି ରହେ, ଯାହାକି ଖାଲି କ୍ରୀତଦାସର ବୈଚିତ୍ର୍ୟହୀନ ବଞ୍ଚିବା । ଏହି ଚରିତ୍ରର ଅନ୍ତରାଳରେ ଆମେ ଦେଖିବାକୁ ପାଇଥାଉ ଏକ ନୈରାଶ୍ୟବାଦୀ ସିନିକ୍ ଚରିତ୍ରର ଛାୟା ।

'ସମ୍ପାଦକ' ଗଳ୍ପର ସମ୍ପାଦକ ଚରିତ୍ରଟି ଗାଳ୍ପିକ ସୁରେନ୍ଦ୍ରଙ୍କ ବର୍ଣ୍ଣନାରେ ବୃଦ୍ଧ । ଏହି ଚରିତ୍ର ମାଧ୍ୟମରେ ଦେଖାଇ ଦିଆଯାଇଛି ଯେ, ରାଜନୀତିକ ପ୍ରତିପତ୍ତିଶାଳୀ ଜନନେତାଙ୍କ ଚରିତ୍ର ସଂହାର ପାଇଁ କିଭଳି ସମ୍ପାଦକମାନେ ହାତବାରିସୀ ଭାବେ କାମ କରୁଛନ୍ତି ।

'ବଳିଦାନ' ଗଳ୍ପରେ 'ସର୍ଚ୍ଚ ଲାଇଟ୍'ର ସମ୍ପାଦକ କେବଳ ମାତ୍ର ଏକଗୌଣ ଚରିତ୍ର । ଏହି ଚରିତ୍ର ମାଧ୍ୟମରେ ଗାଳ୍ପିକ ସୁରେନ୍ଦ୍ର ସମ୍ପାଦକମାନଙ୍କ ଚାଞ୍ଚଲ୍ୟକର ସଭ୍ୟତାର ଲୋମହର୍ଷଣକାରୀ ସମ୍ବାଦ ପ୍ରତି ବ୍ୟବସାୟିକ ଆସକ୍ତିର ଚିତ୍ର ପ୍ରଦାନ କରିଛନ୍ତି । "ସବୁଜ ପତ୍ର ଓ ଧୂସର ଗୋଲାପ"ର 'ମୁଁ' ଚରିତ୍ର ସମ୍ପାଦକ ହେଲେ ହେଁ ଏହି ଚରିତ୍ରଟି ମୁଖ୍ୟ ଘଟଣା ଓ ଚରିତ୍ରର ସ୍ପନ୍ଦନ ପାଇଁ ସୂତ୍ରଧାର ସଦୃଶ ପରିବେଷିତ । 'ପ୍ରତିଧ୍ୱନି'ରେ ଜରୁରୀଅବସ୍ଥା କାଳୀନ ସମ୍ପାଦକଙ୍କର ଭୂମିକାର ଚିତ୍ର ପ୍ରଦାନ କରାଯାଇଛି ।

'ଦୁଇବନ୍ଧୁ' ଓ 'ପ୍ରତିବେଶିନୀ' ଗଳ୍ପରେ ସାମ୍ବାଦିକ ଚରିତ୍ରର ଭୂମିକା ସ୍ୱତନ୍ତ୍ର । ମାତ୍ର 'ଆକାଶ ତଥାପି ସୁନୀଳ' ଓ 'ସାତଭଉଣୀ' ଗଳ୍ପରେ ଯଥାକ୍ରମେ ସହରର ସାମ୍ବାଦିକ ଅମିତାଭ ଓ ଗ୍ରାମ ସମ୍ବାଦଦାତା ନରେନ୍ଦ୍ର ଚରିତ୍ର ଦୁଇଟି ପ୍ରତିନିଧି ସ୍ଥାନୀୟ ଚରିତ୍ର । ଏହି ଦୁଇଟି ଚରିତ୍ର ଗୌଣ ହେଲେ ହେଁ ଏହାରି ମାଧ୍ୟମରେ ସାମ୍ବାଦିକମାନଙ୍କର ଏକ ଦିଗଦର୍ଶୀ ତଥା ସ୍ୱାର୍ଥ କୈନ୍ଦ୍ରିକ ଜୀବନର ଚିତ୍ର ଗାଳ୍ପିକ ଉପସ୍ଥାପନ କରିଛନ୍ତି ।

ସମ୍ପାଦକ ଓ ସାମ୍ବାଦିକ ଚରିତ୍ରର ଉପସ୍ଥାପନା ଗାଳ୍ପିକଙ୍କ ସାମ୍ବାଦିକ ଓ ସମ୍ପାଦକ ଜୀବନର ଚରିତ୍ର ଅନୁସନ୍ଧିତ୍ସାର ଫଳଶ୍ରୁତି ଭଳି ମନେ ହୋଇଥାଏ ।

ଗାଳ୍ପିକ ସୁରେନ୍ଦ୍ରଙ୍କ ଲେଖକ କବି ସମ୍ପାଦକ ଶିଳ୍ପୀ ଆଦି ଚରିତ୍ରକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ଯେ, ସେମାନେ ବିଶେଷତଃ ସ୍ୱାଭିମାନୀ ତଥା ସମସାମୟିକ ଯୁଗ ଚରିତ୍ରର ପ୍ରତିନିଧି ମନେ ହୋଇଥାନ୍ତି ।

## ସାମନ୍ତବାଦୀ ସମାଜର ସମ୍ଭ୍ରାନ୍ତ ଚରିତ୍ର

ଗାଳ୍ପିକ ସୁରେନ୍ଦ୍ରଙ୍କ ବିଭିନ୍ନ ଗଳ୍ପରେ ଚିତ୍ରିତ ସାମନ୍ତ ସମାଜର ସମ୍ଭ୍ରାନ୍ତ ଚରିତ୍ରଗୁଡ଼ିକର ଅଧ୍ୟୟନ ପାଇଁ ଏହାକୁ ସ୍ୱାଧୀନତା ପୂର୍ବ ଯୁଗର ସାମନ୍ତ ଚରିତ୍ର, ସ୍ୱାଧୀନତା ପରବର୍ତ୍ତୀ ଯୁଗର ସାମନ୍ତ ଚରିତ୍ର ଏବଂ ସାମନ୍ତ ପରିବାରର ଦାୟାଦ ଏଭଳି ତିନି ଭାଗରେ ବିଭକ୍ତ କରି ବିଚାର କରାଯାଉଅଛି ।

## ସ୍ୱାଧୀନତା ପୂର୍ବ ଯୁଗର ସାମନ୍ତ ଚରିତ୍ର

ନଟରାଜ ଚୌଧୁରୀ, ବିଶ୍ୱପତି ଚୌଧୁରୀ, ଉମାପତି ଚୌଧୁରୀ ଓ ନୀଳମଣି ଚୌଧୁରୀ, 'ଧ୍ୱଂସାବଶେଷ' ଗଳ୍ପର ସ୍ୱାଧୀନତା ପୂର୍ବ ଯୁଗର ସାମନ୍ତ ଚରିତ୍ର । ସେମାନଙ୍କ ସମ୍ପର୍କରେ ଏଠାରେ କ୍ରମାନୁସରେ ଆଲୋଚନା କରାଯାଇଅଛି ।

ଓଡ଼ିଶାର ନୂଆ କମ୍ପାନୀ ଅମଳ ଆରମ୍ଭରେ ହିଁ ନଟରାଜ ଭଳି ସୁଦକ୍ଷ ସୁଚତୁର ଯୁବ, କମ୍ପାନୀ ଗୋରା ସାହେବଙ୍କ ସୁନଜରରେ ଆସି କମ୍ପାନୀ ବାହାଦୁରଙ୍କ ଅଭୟ ଛାୟା ତଳେ ବିରାଟ ଜମିଦାରୀର ଅଧିକାରୀ ହେବା ସହିତ ସହରରେ ପାଚେରୀଘେରା ଉଆସ, ଗାଡ଼ି ଘୋଡ଼ାର ମାଲିକ ହୋଇ ପାରିଥିଲେ । ମାତ୍ର ସେଥିଲେ କାମୁକ, ଅତ୍ୟାଚାରୀ ଓ ଅତ୍ୟନ୍ତ ଜିଦ୍‌ଖୋର ।

ବିଶ୍ୱପତି ଚୌଧୁରୀଙ୍କ ଚରିତ୍ରରେ ନଟରାଜଙ୍କ ସମସ୍ତ ସ୍ଖଳନ ଓ ଦୁର୍ବଳତା ଥିଲା । କିନ୍ତୁ ତାଙ୍କର କରୁଣା ଓ ଦାନବତ୍ସଳତା ପାଇଁ ସେ ଲୋକ ପ୍ରସିଦ୍ଧ ହୋଇ ପାରିଥିଲେ । ପୁରୁଣାଲୋକେ ବେଳେବେଳେ ଉଦାହରଣ ଦେଇ କହିଥାନ୍ତି, ସତ୍ୟ ଯୁଗର କର୍ଣ୍ଣରାଜା ଆଉ କଳି ଯୁଗର ବିଶ୍ୱପତି ଚୌଧୁରୀ ଏକ ଅଙ୍ଗର ।

ଉମାପତି ଚୌଧୁରୀଙ୍କ ପାଖରେ ବିଶ୍ୱପତିଙ୍କ ଭଳି ବଦାନ୍ୟତା କିମ୍ବା ଜିଦ୍ ନଥିଲା । କିନ୍ତୁ ଅତିମାତ୍ରାରେ ସେ ଥିଲେ ସ୍ୱପ୍ନ ପ୍ରବଣ । ସଂସାରର ବାସ୍ତବତା ସହିତ ତାଙ୍କର ସମ୍ପର୍କ ପ୍ରାୟ ନଥିଲା କହିଲେ ଚଳେ । ଉମାପତି ଇଚ୍ଛା କରିଥିଲେ ଚୌଧୁରୀ ବଂଶ ଦେବାଳିଆ ହେବା ଠାରୁ ବଞ୍ଚାଇ ପାରିଥାନ୍ତେ । ମାତ୍ର ସେ ଥିଲେ ଅନ୍ୟ ପ୍ରକୃତିର ଲୋକ । ତାଙ୍କ ମତରେ ଜୀବନ, ସୌଭାଗ୍ୟ, ସମ୍ପଦ ସବୁ ମିଥ୍ୟା । କ୍ଷଣଭଙ୍ଗୁର ଜୀବନର ସମସ୍ତ ଲାଭ ଓ ସମସ୍ତ କ୍ଷତି ମଧ୍ୟ କ୍ଷଣସ୍ଥାୟୀ । ଏକମାତ୍ର ସତ୍ୟ ହେଉଛି ସଙ୍ଗୀତ । ଜୀବନର ଆରମ୍ଭ ଓ ଶେଷ ଅଛି ମାତ୍ର ସୁରର ଆଳାପ ଭିତରେ ଫୁଟି ଉଠୁଥିବା ଆଦି ଅନ୍ତହୀନ ପୃଥିବୀ ଓ ଛନ୍ଦର କଲ୍ଲୋଳର ମୃତ୍ୟୁ ନାହିଁ । ତେଣୁ ସଙ୍ଗୀତପ୍ରିୟ ଉମାପତିଙ୍କୁ ତାଙ୍କ ପତ୍ନୀ କମଳମଣି ମଧ୍ୟବାସ୍ତବତା ପ୍ରତି ସଚେତନ କରିପାରିନଥିଲେ ।

ଚୌଧୁରୀ ବଂଶର ଅତୀତ କିମ୍ବଦନ୍ତୀରେ ପରିଣତ ହେଲା ପରେ ତଥା ଚୌଧୁରୀ ବଂଶ ସାଧାରଣ ମଧ୍ୟବିତ୍ତ ଶ୍ରେଣୀକୁ ଓହ୍ଲାଇ ଆସିଥିବା ପର୍ଯ୍ୟାୟରେ ନୀଳମଣି ଚୌଧୁରୀ ଚରିତ୍ର ଆମେ ଦେଖିବାକୁ ପାଉ । ସେ ଅତିବାସ୍ତବବାଦୀ ସଂସାରୀ ହେଲେ ହେଁ, ହଠାତ୍ ତାଙ୍କ ଖିଆଲୀ ମନୋବୃତ୍ତି ଯୋଗୁଁ ଯକ୍ଷପୁରୀର ସନ୍ଧାନ ପାଇଁ ଚୌଧୁରୀ ଉଆସ ଖୋଳା ହେଲା । ମାତ୍ର ଶେଷରେ ବ୍ୟର୍ଥତା ଯୋଗୁଁ ମସ୍ତିଷ୍କ ବିକୃତି ମଧ୍ୟରେ ଧନ ସନ୍ଧାନରେ ଗୋଟିଏ ଗାତ ଭିତରେ ପଡ଼ି ତାଙ୍କର ମୃତ୍ୟୁ ହୋଇଥିଲା ।

"ଧ୍ୱଂସାବଶେଷ" ଗଳ୍ପର ଏହି ଚାରୋଟି ଚରିତ୍ର ଗୌଣ ଚରିତ୍ର । ଏହି ଚରିତ୍ରଗୁଡ଼ିକ ମାଧ୍ୟମରେ ଗାଳ୍ପିକ ସୁରେନ୍ଦ୍ର ସ୍ୱାଧୀନତା ପୂର୍ବ ଓଡ଼ିଶାରେ କମ୍ପାନୀ ଅମଳରେ କିଭଳି ନୂତନ ସମ୍ଭ୍ରାନ୍ତ ଶ୍ରେଣୀର ସୃଷ୍ଟି ହୋଇଥିଲା ତଥା ସେମାନେ କିଭଳି କ୍ରମ ବିଲୟମାନ ପଥରେ ଆଗେଇ ଚାଲିଥିଲେ, ତାର ଚିତ୍ର ପ୍ରଦାନ କରିଛନ୍ତି ।

"ନିତ୍ୟ ବର୍ତ୍ତମାନ କାଳ" ଗଳ୍ପରେ ଚିତ୍ରପଟର ବର୍ଣ୍ଣନା ମାଧ୍ୟମରେ କେତେକ ସାମନ୍ତ ଚରିତ୍ରର ଅବତାରଣା କରାଯାଇଛି । ବୈରୀଗଞ୍ଜନ ରାୟଚୂଡ଼ାମଣି ଶାଳ ଜଙ୍ଗଲ ଓ ପର୍ବତ ଘେରା ଅଞ୍ଚଳରେ ପାଦ ଦେଲା ବେଳକୁ ଚୂଡ଼ାମଣି ଏଷ୍ଟେଟ୍‌ର ସ୍ୱରୂପ ନଥିଲା । ହୁଏତ ସେ ମାଟିରେ ମଣିଷ ନଥିଲା; ଥିଲା କେବଳ ଶାଳ ଜଙ୍ଗଲ ଓ ପର୍ବତ । ତା'ପରେ ପାହାଡ଼, ଜଙ୍ଗଲ କାଟି ବୈରୀଗଞ୍ଜନଙ୍କ ଦ୍ୱାରା ଗଢ଼ା ହେଲା ଚୂଡ଼ାମଣି ଏଷ୍ଟେଟ୍ । ଅନଙ୍ଗୀରାୟ ଚୂଡ଼ାମଣି ପଞ୍ଚମ ବଂଶଧର । ଜରିଦାର, ଶେରଓ୍ୱାନୀ, ଅଚକନ୍, ପାଦରେ ଜରିଦାର ଜୋତା । ସୁନାର ଖୋଳ ଭିତରେ ଖଣ୍ଡା, ଅଣ୍ଟାର ବାଁ ପାଖରେ ଝୁଲୁଛି । ମୁଣ୍ଡରେ ସୁନେଲି ପଗଡ଼ି । ଅନଙ୍ଗ ବିଶାଳ ବପୁଥିଲେ । ତାଙ୍କର ପ୍ରକାଣ୍ଡ ମୁହଁରେ ଦୁଇପଟ ବାଘୁଆ ନିଶ କୁଣ୍ଡଳୀ ମୋଡ଼ି ଉପରକୁ ଉଠିଥିଲା । ଅଷ୍ଟମ ବଂଶଧର ପ୍ରତାପ ରାୟ ଚୂଡ଼ାମଣି । ତାଙ୍କରି ଅମଳରେ ରାୟଗଡ଼ ବ୍ରିଟିଶ ଦ୍ୱାରା ଖାସ୍ ହୋଇ ଜମିଦାରୀ ମାହାଲରେ ପରିଣତ ହେଲା । ରଙ୍ଗ ଓ ତୁଳୀର ଆସ୍ତରଣ ତଳେ ତଥାପି ଏବେବି ଉଦ୍ଦୀପିତ ହେଉଛି ପ୍ରତାପ ରାୟ ଚୂଡ଼ାମଣିଙ୍କର ପୌରୁଷ ଓ ବୀରତ୍ୱ । ବ୍ରିଟିଶ ବିରୁଦ୍ଧରେ ଏ ଅଞ୍ଚଳରେ ସେ ପ୍ରଥମେ ଅସ୍ତ୍ର ଉତ୍ତୋଳନ କରିଥିଲେ । "ନିତ୍ୟ ବର୍ତ୍ତମାନ କାଳ"ରେ ଚିତ୍ରପଟ ମାଧ୍ୟମରେ ବର୍ଣ୍ଣିତ ଏହି ଗୌଣ ଚରିତ୍ରଗୁଡ଼ିକ ମାଧ୍ୟମରେ ଗାଳ୍ପିକ ବଂଶାନୁକ୍ରମେ ସମ୍ଭ୍ରାନ୍ତ ବୋଲାଉଥିବା ସାମନ୍ତମାନେ ଇଂରେଜ ଅମଳରେ କିଭଳି ନିଷ୍ପେଷିତ ହୋଇଥିଲେ ତାର ଚିତ୍ର ଦେଖିବାକୁ ମିଳିଥାଏ ।

ସୁରେନ୍ଦ୍ରଙ୍କ 'ଧ୍ୱଂସାବଶେଷ' ଓ 'ନିତ୍ୟ ବର୍ତ୍ତମାନ କାଳ'ର ପୂର୍ବାଲୋଚିତ ଗୌଣ ଚରିତ୍ରଗୁଡ଼ିକୁ ଲକ୍ଷ୍ୟକଲେ ଏକଥା ସ୍ପଷ୍ଟ ଯେ, କମ୍ପାନୀ ଅମଳରେ ଦୁଇ ଗୋଷ୍ଠୀର ସାମନ୍ତ ଚରିତ୍ର ଦେଖା ଯାଇଥିଲେ । ପ୍ରଥମତଃ କମ୍ପାନୀ

ବାହାଦୁରଙ୍କ ଛାୟା ତଳେ ଲାଳିତ ପାଳିତ ସାମନ୍ତମାନେ ସର୍ବଦା ବିଳାସୀ ଓ ଉନ୍ମତ୍ତ । ଦ୍ୱିତୀୟତଃ ପରମ୍ପରାନୁକ୍ରମିକ ସାମନ୍ତ ସମାଜ, ଯେଉଁମାନେ କି କମ୍ପାନୀ ସରକାରଙ୍କ ରୋଷାନଳରେ ଭସ୍ମୀଭୂତ ହୋଇଥିଲେ ।

ଏହିସବୁ ଗୌଣ ଚରିତ୍ର ବ୍ୟତୀତ ସୁରେନ୍ଦ୍ରଙ୍କ 'ସୁନାମାହାରୀ' ଗଳ୍ପରେ ଶୁଭେନ୍ଦୁ ଶେଖର ଏକ ମୁଖ୍ୟ ଚରିତ୍ର । ସେଥିଲେ ଘୋର ପ୍ରମତ୍ତ ଓ ଉଚ୍ଛୃଙ୍ଖଳ । ପ୍ରଭୁତ୍ୱ, ଐଶ୍ୱର୍ଯ୍ୟ ଯୌବନ ଓ ଅବିବେକିତାର ଚଉମୁହାଣି ଛକରେ ନିଜକୁ ସେ ହଜାଇ ଦେଇଥିଲେ । ଫଳରେ ତାଙ୍କର ଚରିତ୍ର ସଂହାର ପାଇଁ ୱାର୍ଡ଼ସ ଆଦେଶରେ ସେ ପୁରୀରେ ମ୍ୟାନେଜର ରାଇଚରଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହୁଥିଲେ ହେଁ ସେଠି ସୁନାମାହାରୀର ପ୍ରେମ ପଞ୍ଜୁରୀରେ ବନ୍ଦୀ ପଡ଼ିଥିଲେ । ଡେପୁଟି ମାଜିଷ୍ଟ୍ରେଟ୍ ରାଇଚରଣଙ୍କ କୌଣସି ବାଧା ବନ୍ଧନକୁ ସେ ଖାତିର କରୁ ନଥିଲେ । ସୁନାମାହାରୀ ପାଖରେ ଥିବା ପର୍ଯ୍ୟନ୍ତ ସେ ବେଳାହତ ଲହରୀ ପରି ଶାନ୍ତ ଓ ବଶମ୍ବଦ । ମାତ୍ର ତା' ପାଖରୁ ବିଚ୍ୟୁତ ହେଲେ ସେ ହିଂସ୍ର, ଉଦ୍ଧାଳ ଓ ଉଚ୍ଛୃଙ୍ଖଳ ହୋଇ ପଡୁଥିଲେ । ରାଇଚରଣଙ୍କ ଈର୍ଷାର ପାତ୍ର ହୋଇ ସେ ଶେଷରେ ରାଞ୍ଚିର ପାଗଳଖାନାକୁ ପ୍ରେରିତ ହୋଇଥିଲେ । ଏହି ଚରିତ୍ରକୁ ଅନୁଧ୍ୟାନ କଲେ ଦେଖାଯାଏ, ସାମନ୍ତ ବଂଶର ଚରିତ୍ର ସଦୃଶ ନୃତ୍ୟ ସଙ୍ଗୀତ ତଥା ନାରୀ ପ୍ରତି ଆକର୍ଷଣ ମଧ୍ୟରେ ଉଚ୍ଛୃଙ୍ଖଳ ହେଲେ ମଧ୍ୟ ଶଭେନ୍ଦୁ ଶେଖର ସୁନାମାହାରୀର ଏକନିଷ୍ଠ ପ୍ରେମିକ । ଏହି ସୁନାମାହାରୀ ଓ ଶୁଭେନ୍ଦୁ ଶେଖର ଚରିତ୍ର ନୀଳଶୈଳ ଉପନ୍ୟାସରେ ଉପସ୍ଥାପିତ ସୁନାମାହାରୀ ଓ ଭାଗିରଥୀ କୁମାର ଚରିତ୍ରର ଅନୁରୂପ ମନେ ହୋଇଥାଏ ।

ଡିନୋସାରର ଆତ୍ମା ଗଳ୍ପର ବ୍ରଜେଶ୍ୱର ପରାଧୀନତା ଓ ସ୍ୱାଧୀନତାର ସନ୍ଧିକ୍ଷଣର ଚରିତ୍ର । ବ୍ରଜେଶ୍ୱର କଞ୍ଚନଗଡ଼ର ରାଜା ସାହେବ । ସ୍ୱାଧୀନତା ପରେ କଞ୍ଚନଗଡ଼ର ରାଜ୍ୟ ନାହିଁ, ରାଜୁତି ଯାଇଛି, ବ୍ରଜେଶ୍ୱରଙ୍କ ଲୁହାର ଦେହରେ ପ୍ରୌଢ଼ତ୍ୱର କଳଙ୍କ ଦେଖା ଦେଇଛି । ଭାରତର ସ୍ୱାଧୀନତା ପୂର୍ବରୁ ୧୯୪୭ରେ ସେ ପ୍ରଜାମାନଙ୍କ ପାଇଁ ସ୍ୱେଚ୍ଛାଚାରୀ, ସ୍ୱୈରାଚାରୀ ନୃଶଂସ ଓ ନିଷ୍ଠୁର ଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ ତାଙ୍କର ଚେହେରାର ବହୁ ପରିବର୍ତ୍ତନ ହୋଇଥିଲା ତଥାପି ସେଇ ସ୍ୱୈରାଚାରୀ କ୍ଷୀଣ ଦେହ ମଳିନ କପାଳ ଉପରେ ଅସଂଯତ କେଶରାଶି, କ୍ଷୁରଧାର ପରି ଦୁଇ ଜ୍ୱଳନ୍ତ ଆଖିର ସେଇ ପ୍ରମତ୍ତ ଦୃଷ୍ଟି ଯେମିତି ଅପରିବର୍ତ୍ତିତ ରହିଥିଲା । ଅଭିନୟର ବହୁ ଉର୍ଦ୍ଧ୍ୱରେ ସେ । ତାଙ୍କର ଅବିବାହିତ ଜୀବନରେ ନାରୀ କେବଳ ସ୍ୱୈରାଚାର ପ୍ରବୃତ୍ତିର ଚରିତାର୍ଥତା ପାଇଁ ଉଦ୍ଦିଷ୍ଟ । ଦିନ ଥିଲା ଶାସନର ଦଣ୍ଡ ଓ ଭୟ ଦେଖାଇ ସେ ସ୍ୱୈରାଚାର ପ୍ରବୃତ୍ତି ଚରିତାର୍ଥ କରୁଥିଲେ । ମାତ୍ର ଯୁଗର ପରିବର୍ତ୍ତନ ସହିତ ସେ ବିଶ୍ୱାସ କରିଛନ୍ତି ଅର୍ଥର ପ୍ରତିପତ୍ତିରେ ସବୁ ଅସାଧ ସାଧନ କରାଯାଇପାରେ । ମାତ୍ର ଅର୍ଥର ଆକର୍ଷଣରେ ତାଙ୍କର କେଳିପୁରରେ ସୁନ୍ଦରୀ ପ୍ରବେଶ କଲେହେଁ, ତା' ଚିବୁକରେ ରହିଥିବା କୃତ୍ରିମ ତିଳବିନ୍ଦୁର ବାସ୍ତବତା ଜାଣିପାରି ବ୍ରଜେଶ୍ୱର ଅନୁଭବ କରିଛନ୍ତି ଯେ ମଣିଷ ଛଳନାରେ ପରିପୂର୍ଣ୍ଣ । ତେଣୁ ସେ ରହସ୍ୟମୟ ଭାବେ ସୁନ୍ଦରୀକୁ ତ୍ୟାଗ କରିଛନ୍ତି । ଏହି ଚରିତ୍ରଟି ଅନୁଧ୍ୟାନ କଲେ, ଦେଖାଯାଏ ସାମନ୍ତ ଚରିତ୍ର ଅତ୍ୟାଚାରୀ ହେଲେ ହେଁ ତାକୁ ଅତ୍ୟାଚାରୀ କାମୁକ, ହେବାକୁ ସୁଯୋଗ ଦେଉଥିଲା ଏଇ ସମାଜ । ମାତ୍ର ବ୍ୟକ୍ତିଗତ ଜୀବନରେ ଛଳନାର ବହୁ ଉର୍ଦ୍ଧ୍ୱରେ ଏକ ସ୍ଥିତି ସଚେତନ ଚରିତ୍ର ଭାବେ ବ୍ରଜେଶ୍ୱର ଚରିତ୍ରକୁ ଗାଳ୍ପିକ ଉପସ୍ଥାପନ କରିଛନ୍ତି । ଏହି ଚରିତ୍ରଟି ରହସ୍ୟମୟ ତଥା ବର୍ତ୍ତୁଳ ।

## ସ୍ୱାଧୀନତା ପରବର୍ତ୍ତୀ ଯୁଗର ସାମନ୍ତ ଚରିତ୍ର

'ଧ୍ୱଂସାବଶେଷ' ଗଳ୍ପର ଚୌଧୁରୀ ବଂଶର ଦାୟାଦ ରାଜେନ୍ଦ୍ର, ଏମ୍.ଏ. ପାଶ ପରେ ଖଣ୍ଡେ ଭଲ ସରକାରୀ ଚାକିରି ପାଇଥିଲା; କିନ୍ତୁ ଚାକିରି ପାଇଁ ତା'ର ଇଚ୍ଛା ନଥିଲା । ବରଂ ଜମିଦାରୀର ଉପାର୍ଜନକୁ ଅବଲମ୍ବନ କରି ସେ ପଦ୍ମଭୁକ୍ ଭଳି ଷ୍ଟପନା ବିଳାସୀ ଜୀବନକୁ ଆଦରି ନେଇଛି । ସେ ଚେଷ୍ଟା କଲେ ହୁଏତ ପତନୋନ୍ମୁଖୀ ଚୌଧୁରୀ ବଂଶର ଚରମ ପରିଣତିକୁ ଆଉ କିଛିଦିନ ବିଳମ୍ବିତ କରିପାରିଥାନ୍ତା, ମାତ୍ର ତାକୁ ଆକ୍ରାନ୍ତ କରିଥିଲା ଧ୍ୱଂସର ନିଶା । ତେଣୁ ତାର ପତ୍ନୀ ବାସ୍ତବବାଦୀ ଲୀଳାର ଭାଷାରେ ରାଜେନ୍ଦ୍ର ପଦ୍ମକେଶର ଖାଇ ବଞ୍ଚିପାରିବ । ଉମାପତି, ବିଶ୍ୱପତିଙ୍କ ଖିଆଲି ମନୋଭାବର ପ୍ରଭାବ ତା' ପାଖରେ ଉଗ୍ର । ସେଇ ଅତୀତର କିମ୍ବଦନ୍ତୀ ଉପରେ ସେ ଆଶ୍ରିତ । ଏହି ଚରିତ୍ରଟି ଏକ ସରଳ ଚରିତ୍ର । ତଥା ସ୍ୱାଧୀନତା ପରବର୍ତ୍ତୀ ଖିଆଲୀ ଧ୍ୱଂସମୁଖୀ ସାମନ୍ତ ଚରିତ୍ରର ପ୍ରତିନିଧି ।

'ନିତ୍ୟବର୍ତ୍ତମାନକାଳ' ଗଳ୍ପରେ ଚନ୍ଦ୍ରଚୂଡ଼ ରାୟ ଚୂଡ଼ାମଣି ମୋତିପୁର ଏଷ୍ଟେଟ୍‌ର ରାଜା । ସ୍ୱାଧୀନତା ପରେ ରାଜ୍ୟ ଯାଇଛି । ବିଭିନ୍ନ ଘଟଣା ତଥା ଦୃଷ୍ଟିକୋଣରୁ ପୁତ୍ର ନରେନ୍ଦ୍ର ଓ କନ୍ୟା ରୂପକୁମାରୀ ସହ ତାଙ୍କର ମତପାର୍ଥକ୍ୟ ଘଟିଛି । ତଥାପି ତାଙ୍କର ଦୈନିକ ଜୀବନ ଚର୍ଯ୍ୟାରେ କୌଣସି ପରିବର୍ତ୍ତନ ଘଟିନାହିଁ । ତାଙ୍କର ଚରିତ୍ର ଶାରୀରିକ ତଥା ମାନସିକ କାର୍ଯ୍ୟରେ ସମ୍ପୂର୍ଣ୍ଣ ନିୟୋଜିତ ତେଣୁ ଆତ୍ମବିଶ୍ୱାସ ତାଙ୍କର ଅତୁଟ । କୌଣସି ପରିବର୍ତ୍ତିତ ପରିସ୍ଥିତି ସହ ଖାପଖାଇ ଚଳିବାକୁ ସେ ସମ୍ପୂର୍ଣ୍ଣ ନାରାଜ । ସବୁକିଛି ବଦଳିଗଲେ ମଧ୍ୟ ସେ ବଦଳି ନାହାନ୍ତି । ଏହି ଚରିତ୍ରଟି ଦୃଢ଼ମନା ତଥା ପାଲିସ୍ ବିହୀନ ଏକ ସରଳ ଚରିତ୍ର । କୌଣସି ପରିସ୍ଥିତିରେ ତାଙ୍କ ପାଖରେ ନିଃସଙ୍ଗତା ଅଥବା କାରୁଣ୍ୟ ପରିଲକ୍ଷିତ ହୁଏନାହିଁ ।

'ଘଇତାମାରି ପାଟ' ଗଳ୍ପର ପଦାରବିନ୍ଦମାନ୍ଧତା ହରିଚନ୍ଦନ ମହାପାତ୍ରଗଡ଼ ନରିପୁରର ଜମିଦାର । ନାଁଟା ଯେମିତି ଲମ୍ବା, ଦେହ ବି ସେମିତି ଲମ୍ବା, ଛ'ପୁରିଆ ବୁନିଆଦିର ଇତିହାସ ତାହାଠାରୁ ପୁଣି ଆହୁରି ଲମ୍ବା । ଭାରତର ସ୍ୱାଧୀନତା ପରେ ସେ ବିଭିନ୍ନ ପରିସ୍ଥିତିରୁ ଲାଭବାନ ହୋଇଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ 'ଘଇତାମାରି ପାଟ'ରୁ ଭାଗଚାଷୀମାନଙ୍କୁ ଉଚ୍ଛେଦ କରିବା ପାଇଁ ସେ ଭୂଦାନ ଆନ୍ଦୋଳନର ପ୍ରବକ୍ତା ହୋଇଛନ୍ତି । ହରିଜନ ଓ ଭାଗଚାଷୀଙ୍କ ଜମିକୁ କେନ୍ଦ୍ରକରି ବଦଳରୁ ସେ ଲାଭବାନ ହୋଇଛନ୍ତି । ଏହି ଚରିତ୍ରଟି ସମ୍ପୂର୍ଣ୍ଣ ଧୂର୍ତ୍ତ, କୁଚକ୍ରୀ ଓ ଅତ୍ୟାଚାରୀ ଭାବେ ଗାଳ୍ପିକଙ୍କ ଦ୍ୱାରା ଉପସ୍ଥାପିତ ।

'ପୁଷ୍ୟାଭିଷେକ' ଗଳ୍ପର ଜଗବନ୍ଧୁ ମହାପାତ୍ର ମେଦିନୀ ରାୟ ଜମିଦାର ସତୁରୀ ବର୍ଷର ଅଣ୍ଟା ଭାଙ୍ଗି ନଥିବା ବୃଦ୍ଧ । ପାଚିଲା ଆମ୍ବ ପରି ଗୋରା ତକ ତକ ଚେହେରା, ପାକୁଆ ସେପଟାଗାଲ, ମୋଟା ଭୂଲତା ତଳେ ଗହୀରା ଆଖି ନାକତଳେ ଦୁଇପଟ ବାଘୁଆ ନିଶ, ଦେହରେ ଖଣ୍ଡେ ବୁନିଆଦି ଶାଲ୍ । ମେଦିନୀରାୟ ଅତୀତ ସର୍ବସ୍ୱ । ତେଣୁ ଦେବୋତ୍ତର ଜମିକୁ କେତେକ ଆମ୍ବର ପଣ୍ଟା ସ୍ୱରୂପ ଜମିଦାରୀର ଅବଶେଷ ରହିଥିଲେ ହେଁ 'ପୁଷ୍ୟାଭିଷେକ' ମାଧ୍ୟମରେ ନିଜର ଅତୀତ ବୁନିଆଦିକୁ ଜାବୁଡ଼ି ଧରିବାର ଚେଷ୍ଟାରୁ ସେ କ୍ଷାନ୍ତ ନୁହନ୍ତି । ତୋଷାମଦକାରୀଙ୍କ ଗହଣରେ ଅତୀତ ସର୍ବସ୍ୱ ନିଃସ୍ୱ ପ୍ରାୟ ଜମିଦାର ମେଦିନୀରାୟ ବାସ୍ତବତାର ବହୁ ଊର୍ଦ୍ଧ୍ୱରେ । ସ୍ୱାର୍ଥ ଓ ଅହଙ୍କାର ଦ୍ୱାରା ଆକ୍ରାନ୍ତ ସେ । ଅତୀତ ସର୍ବସ୍ୱ ଜମିଦାରଙ୍କ ସେ ହେଉଛନ୍ତି ପ୍ରତିନିଧି ସ୍ଥାନୀୟ ସରଳ ଚରିତ୍ର । ଗାଳ୍ପିକ ସୁରେନ୍ଦ୍ର ତାଙ୍କର ବିଗ୍ରହ ବର୍ଣ୍ଣନା ଜୀବନ୍ତ ଭାବରେ କରିପାରିଛନ୍ତି ।

'ଗୋଟିଏ ଆତ୍ମହତ୍ୟାର କାହାଣୀ' ଗଳ୍ପର ନାୟକ ଅଞ୍ଜନଗଡ଼ର ମହାରାଜା ରିପୁ ଦମନ ଭାରତର ସ୍ୱାଧୀନତା ପରେ କେବଳ ପ୍ରିଭିପର୍ସରୁ ଆହୃତ ଅର୍ଥକୁ ନେଇ ମଧ୍ୟ ନିଜର ପରମ୍ପରାକୁ ଛାଡ଼ି ନଥିଲେ । ଦଶହରାପୂଜା ତଥା ପର୍ସନାଲ ଷ୍ଟାଫର ବ୍ୟୟବହୁଳତା ତାଙ୍କର କମି ନଥିଲା । ତାଙ୍କର ଜୀବିତାବସ୍ଥାରେ ତେଣୁ ସେ ସ୍ଥିର କରିଥିଲେ ଯେ ଯାହା ଯେପରି ଚଳି ଆସିଛି, ସେହିପରି ଚଳିବ । ତାଙ୍କ ଅନ୍ତେ ଯାହା ହବାର ହେଉ, ସେଥିରେ ତାଙ୍କର ଆପତ୍ତି ନାହିଁ । ମାତ୍ର ତାଙ୍କର ସଦିଚ୍ଛାର ଅନ୍ତରାୟ ରୂପେ ଦେଖାଦେଇଛନ୍ତି ତାଙ୍କର ନିଜ ପୁତ୍ର । ଫଳରେ ସେ ମର୍ମାହତ ହୋଇଛନ୍ତି । ଶେଷରେ ବର୍ତ୍ତମାନ ସହ କୌଣସି ସାଲିସ୍ କରି ନ ପାରି ସେ ଆତ୍ମହତ୍ୟା କରିଛନ୍ତି । ଗଳ୍ପ ମଧ୍ୟରେ ଏହି ଚରିତ୍ରଟି ସଂପୂର୍ଣ୍ଣଭାବେ ପରୋକ୍ଷ ରୀତିରେ ଉପସ୍ଥାପିତ । ଏହା ଏକ ସରଳ ପ୍ରତିନିଧି ସ୍ଥାନୀୟ ଚରିତ୍ର ।

'ସାହୀ ଖାନ୍ଦାନ'ଗଳ୍ପର ନବାବ୍ ରସୁଲମୀର୍ଜା, ଲକ୍ଷ୍ମୌର ବହୁ ନବାବଙ୍କ ଭଳି ସବୁ ଚାଲି ଯାଇଥିଲେବି ତାଙ୍କର ରହିଛି ଆଭିଜାତ୍ୟର ଚିହ୍ନ ସ୍ୱରୂପ ଓ୍ୱାସିକା ପେନସନ୍ ତେରଟଙ୍କା ସାତ ଅଣାର ସାହି । ଏହି ଓ୍ୱାସିକା ହିଁ ତାଙ୍କର ସାହୀଖାନ୍ଦାନର ଇଙ୍ଗିତ । ତାଙ୍କର ଆଭିଜାତ୍ୟର ଆଉ ଏକ ପରିଚୟ ହେଉଛି ମୁର୍ଗା ଲଢ଼େଇ । ମାତ୍ର ତାଙ୍କର ଏକଚକ୍ଷୁ ବୃଦ୍ଧ ମୁର୍ଗା ସିରାଜ୍ ସାଧାରଣ ଜୀବନର ଚରିତ୍ର କେରାମତ୍ ଅଲ୍ଲୀର ମୁର୍ଗାପାଖରୁ ପରାଜିତ ହୋଇ ମୃତ୍ୟୁ ବରଣ କରିଛି । ଅତି କରୁଣ ପରିବେଶରେ ନବାବ୍ ରୁସଲମୀର୍ଜା ବର୍ତ୍ତମାନ ପରିବେଶ ସହ ସାଲିସ୍ କରିବାକୁ ଇଚ୍ଛା କରିଛନ୍ତି । ଓ୍ୱାସିକା ବିକ୍ରି ପାଇଁ ନବାବ୍ ଜାଦା ନରୁଲମୀର୍ଜାଙ୍କୁ ସେ ସମ୍ମତି ଦେଇଛନ୍ତି । ଏହି ଚରିତ୍ରଟିର ପରିଣତି କରୁଣ । ଏହା ଏକ ପରିବର୍ତ୍ତନଶୀଳ ଚରିତ୍ର ।

'ଅଦିନର ଅତିଥି' ଗଳ୍ପରେ ରାଜୋଡ଼ା ଶାସନର ଅବସାନ ପରେ ମସୋରୀରେ ହୀଜ୍ ହାଇନେସ୍ ଭାବୁଆର ମହାରାଜା ନିଜର ମଞ୍ଜିଲ୍‌କୁ ପରିଣତ କରିଛନ୍ତି ହୋଟେଲ ତେଫୋଟିଲ୍‌ରେ । ସେଠି ବୃଦ୍ଧ ହିଜ୍‌ହାଇନେସ୍ ଭେଲେଭେଟ ଗାଉନ ପିନ୍ଧି ଓଠରେ ପାଇପ୍‌ରୁ ଇଞ୍ଜିନ୍ ଭଳି ଧୂଆଁ ଛାଡ଼ି ତରାଇ ଜଙ୍ଗଲରେ ଜିମକରବେଟ୍‌ଙ୍କ ସହିତ ବାଘ ଶିକାରର କଳ୍ପନାର ଚିତ୍ର ବ୍ୟାଖ୍ୟାନ ମାଧ୍ୟମରେ ଅତୀତର ରୋମନ୍ଥନରେ ମଗ୍ନ । ପୁଣି ବେଳେବେଳେ ତାଙ୍କ ଭାଇଓଲିନ୍‌ରୁ ଆଳାପ ବାହାରେ ବିଳାପପରି । ଫଳରେ ତାଙ୍କର ନିଃସଙ୍ଗ ଜୀବନରେ ବ୍ୟବସାୟ ଅପେକ୍ଷା ରାଜାରାଜୁଡ଼ାଙ୍କ ଆତିଥ୍ୟ ପରାୟଣତାର ବିଶେଷତ୍ୱ ହିଁ ଦେଖିବାକୁ ମିଳିଥାଏ । ଚରିତ୍ରର ବିଭାଗ ଦୃଷ୍ଟିରୁ ଏହା ଏକ ସରଳ ଚରିତ୍ର ।

## ସାମନ୍ତ ପରିବାରର ଦାୟାଦ

'ନିତ୍ୟ ବର୍ତ୍ତମାନ କାଳ'ର ଚନ୍ଦ୍ରଚୂଡ଼ ରାୟ ଚୂଡ଼ାମଣିଙ୍କ ପୁତ୍ର ନରେନ୍ଦ୍ର ଓ 'ପୁଷ୍ୟାଭିଷେକ'ର ଜଗବନ୍ଧୁ ମହାପାତ୍ରଙ୍କ ପୁତ୍ର ସାନଜେନାମଣି ଗୋଟିଏ ଶ୍ରେଣୀର ଚରିତ୍ର । ଉଭୟ ଚରିତ୍ର ଗୌଣ ହେଲେ ହେଁ ମୁଖ୍ୟ ଚରିତ୍ରର ପରିପୁଷ୍ଟି ପାଇଁ ସମାନ୍ତରାଳ ଆଦର୍ଶ ନେଇ ଏ ଦୁହେଁ ଉପସ୍ଥାପିତ । ଉଭୟେ ସମସାମୟିକ ସାମାଜିକ ପରିପ୍ରେକ୍ଷୀରେ ବାସ୍ତବବାଦୀ ପ୍ରଜା ସଂଗଠକ । ନରେନ୍ଦ୍ରର ମତରେ ପୃଥିବୀର ପରିବର୍ତ୍ତନ ସହ ଡିନୋସାର ଭଳି ଆଦିମଜୀବ ସାଲିସ୍ କରି ନ ପାରି ମୃତ୍ୟୁ ବରଣ କଲାପରି ସାମନ୍ତବାଦୀ ସମାଜ ନିଜର ସାଲିସ୍ ବିହୀନତା ଯୋଗୁଁ ଦିନେ ପୃଥିବୀ ପୃଷ୍ଠରୁ ଲୋପ ପାଇବେ, ଅନୁରୂପଭାବେ ସାନଜେମାମଣି ନୀଳାମ୍ବର ମତରେ ଦେବୋତ୍ତର ସଂପତ୍ତିର ଭୂଷାମାଟି ଉପରେ ଆଧାର କରି ପୁଷ୍ୟାଭିଷେକର ଅତୀତ ମାହାତ୍ମ୍ୟକୁ

ଜାବୃତ୍ତି ଧରିଥିବା ସାମନ୍ତ ଜମିଦାର ଉପହସିତ । ଏ ଉଭୟ ଚରିତ୍ର ମାଧ୍ୟମରେ ଗାଳ୍ପିକଙ୍କ ଯୁକ୍ତି ହେଲା ଅତୀତ ସର୍ବସ୍ୱ ନ ହୋଇ ସମାଜକୁ ନୂତନ ଦିଗରେ ସଂଗଠିତ କରି, ନୂତନ ପ୍ରଗତିଶୀଳ ସମାଜ ଗଢ଼ିବ ।

'ପୁଷ୍ପାଭିଷେକ'ର ବଡ଼ ଜେନାମଣି ପୀତାମ୍ବର କଟକରେ କିରାଣୀ ଚାକିରି କରି ଜୀବିକା ନିର୍ବାହ କରୁଥିଲା ସମୟରେ 'ସାହୀଖାଦାନ'ର ନବାବ୍ ମୀର୍ଜାଙ୍କ ପୁତ୍ର ନୂରୁଲ ମୀର୍ଜା ଦରଜୀ ଦୋକାନରେ କାମ କରି ଜୀବିକା ନିର୍ବାହ କରନ୍ତି । ଉଭୟ ଚରିତ୍ରକୁ ଅନୁଧ୍ୟାନ କଲେ ଉଭୟେ ଏକ ଶ୍ରେଣୀର । ସାମନ୍ତ ବଂଶର ଅସହାୟ ଚରିତ୍ରଙ୍କର ପ୍ରତିନିଧି ।

"ଗୋଟିଏ ଆତ୍ମହତ୍ୟାର କାହାଣୀ" ଗଳ୍ପର ଅଞ୍ଜନଗଡ଼ ଯୁବରାଜ କୀର୍ତ୍ତିଚୂଡ଼ ରାୟ ଚୂଡ଼ାମଣି ଦେବରାୟ ମାତ୍ର ଫିଲ୍ମ ପ୍ରଡ୍ୟୁସରର ନିଶାରେ ମସଗୁଲ୍ ହୋଇ ନିଜସ୍ୱାର୍ଥ ପାଇଁ ପିତାଙ୍କର ମଧ୍ୟ ବିରୁଦ୍ଧାଚରଣ କରିଛନ୍ତି । ବାପ ସହିତ କେଶ୍ କରିଛନ୍ତି । ସିନେମା ପ୍ରଡ୍ୟୁସର ଭାବେ ଅସଫଳ ହୋଇଛନ୍ତି । ଏହି ଚରିତ୍ରଟି ବିପଥଗାମୀ ସାମନ୍ତ ସମାଜର ଦାୟାଦଙ୍କ ପ୍ରତିନିଧି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସାମନ୍ତ ସମାଜର ଦାୟାଦ ଚରିତ୍ର ମୁଖ୍ୟ ଚରିତ୍ର ଭାବେ କେବଳ "ବିସର୍ଜନ" ଗଳ୍ପରେ ଉପସ୍ଥାପିତ । ବାବୁ ହରେକୃଷ୍ଣ ଚୌଧୁରୀ ରାଧାପୁର ଇଷ୍ଟେଟର ଶେଷ ସାମନ୍ତ କାଳୀ ପ୍ରସନ୍ନ ସିଂହଙ୍କର ସମ୍ପର୍କିତ ଭଣଜା । ସହରରେ କେଉଁ ସ୍କୁଲରେ ମାଷ୍ଟରୀ କରନ୍ତି । ହାଡ଼ଗିଳା ରୁଗ୍ଣ ଚେହେରା, ଆଙ୍ଗୁଠି ମାନଙ୍କରେ ରୁପା ଉପରେ ପ୍ରବାଳ ବସା ଦୁଇ ତିନିଟା ମୁଦି, ବାହୁରେ ରୁଦ୍ରାକ୍ଷ ତମ୍ବା ଓ ରୁପାର ମାଦୁଲୀ; କଣ୍ଠରେ କଫମିଶା ଧଇଁଆକାସ, ଆଖିରେ ଚାଳିଶା ଚଷମା, ମୁଣ୍ଡଟି ନିର୍ମଳ ଭାବରେ ଚନ୍ଦା, ଦେହରେ ଓ ମୁହଁରେ ବୟସର କ୍ଲାନ୍ତି... ଶରତ ଆକାଶରେ ବଳାକା ପରି ପ୍ରତିବର୍ଷ ସପ୍ତମୀ ସକାଳ ରାଧାପୁର ବଜାର ବସ୍‌ଷ୍ଟାଣ୍ଡରୁ ଗାଁ ଭିତରକୁ ବାଙ୍କି ଆସିଥିବା କାଦୁଅ ରାସ୍ତାରେ ଗତ କୋଡିଏ ବର୍ଷ ଧରି ମା ଆନନ୍ଦମୟୀ ଦୁର୍ଗାଙ୍କ ପୂଜା ଆରାଧନା ଉପଲକ୍ଷେ ସେ ଆବିର୍ଭାବ ହୁଅନ୍ତି । ଏହି ଚରିତ୍ରଟି ନିଜର ବ୍ୟବହାରରେ ଯେମିତି ଅତୀତ ସର୍ବସ୍ୱ, ଅନୁରୂପ ଭାବେ ସାମନ୍ତ ବଂଶର ପୂଜା ବିଧିକୁ ଚଳେଇ ନେବାରେ ସେ ଅତୀତର ପରମ୍ପରାକୁ ଧରି ରଖିଛନ୍ତି । ମାତ୍ର ଆଧୁନିକ ସମାଜର ଚାକଚକ୍ୟ ପୂର୍ଣ୍ଣପୂଜା ଯୋଗୁଁ ଧକ୍କା ପାଇଛନ୍ତି । ପରିଶେଷରେ ସେ ମୂର୍ତ୍ତିପୂଜାକୁ ବିସର୍ଜନ ଦେଇ ସହର ଉଦ୍ଦେଶ୍ୟରେ ଯାତ୍ରା କରିଛନ୍ତି । ଏହି ଚରିତ୍ରଟି ଅତୀତ ସର୍ବସ୍ୱ ହେଲେ ହେଁ ବାସ୍ତବତା ପାଖରେ ପରାଜିତ । ଉକ୍ତ ଚରିତ୍ରର ବିଗ୍ରହ ବର୍ଣ୍ଣନା ଜୀବନ୍ତ ହୋଇଛି ।

ଗାଳ୍ପିକ ସୁରେନ୍ଦ୍ର ନିଜର ପ୍ରତ୍ୟକ୍ଷ ଅନୁଭୂତିରୁ ସଂଗୃହିତ ସାମନ୍ତ ସମାଜର ଚରିତ୍ରଗୁଡ଼ିକ ମଧ୍ୟରେ ଆମେ ଲକ୍ଷ୍ୟ କରିଥାଉ, ଅହଂସର୍ବସ୍ୱ, ଆତ୍ମାଭିମାନୀ, ଉଦ୍ଧତ ସାମନ୍ତ ଚରିତ୍ର, ସାମନ୍ତବାଦର ପୀଠିକା ଉପରେ ଗଢ଼ି ଉଠିଥିବା କରୁଣ ପ୍ରତିନିଧି ସ୍ଥାନୀୟ ଚରିତ୍ରର ବହୁବିଧି ରୂପର ଦୃଷ୍ଟାନ୍ତ ଆମେ ପୂର୍ବାଲୋଚିତ ଚରିତ୍ରଗୁଡ଼ିକରେ ଲକ୍ଷ୍ୟ କରିଥାଉ । ଗାଳ୍ପିକଙ୍କ କଥା ଅନୁସାରେ "ବଲାଙ୍ଗୀର ପ୍ରବାସ କାଳରେ କ୍ଷୟିଷ୍ଣୁ ସାମନ୍ତବାଦର ବହୁ ବିଚିତ୍ର ଚରିତ୍ରଙ୍କ ଘନିଷ୍ଠ ସମ୍ପର୍କରେ ଆସିବା ପାଇଁ ତାଙ୍କର ଅବକାଶ ଘଟିଥିଲା । ତାଙ୍କର ଅନେକ କ୍ଷୁଦ୍ର ଗଳ୍ପରେ ସେ ଚରିତ୍ରମାନଙ୍କର ଛାୟା ପଡ଼ିଅଛି । ସେମାନଙ୍କ ମଧ୍ୟରେ ସେ ଯେପରି କେଉଁଠି କେଉଁଠି ଦେଖିଛନ୍ତି, ସଂସ୍କୃତି ସମ୍ପନ୍ନ ସୌକୁମାର୍ଯ୍ୟ, ସେହିପରି ଦେଖିଛନ୍ତି ନମ୍ରତା, ବିଦଗ୍ଧତା ଓ ଉଦାରତା; ସେହିପରି ମଧ୍ୟ ଦେଖିଛନ୍ତି ଶୂନ୍ୟଗର୍ଭ ଆସ୍ଫାଳନ । ମଧ୍ୟଯୁଗୀୟ ଅହଂକାର ଓ ସଂକୀର୍ଣ୍ଣ କୃପଣତା । ସାମନ୍ତବାଦର ଶୈବାଳାଚ୍ଛନ୍ନ କ୍ଷୟିଷ୍ଣୁତା

ମଧ୍ୟରେ ସେ ଦେଖିଛନ୍ତି ଯେପରି ଅକଥନୀୟ ଧୂର୍ତ୍ତତା । ସେହିପରି ମଧ୍ୟ ଲକ୍ଷ୍ୟ କରିଛନ୍ତି ଅସ୍ମିମନ୍ଧ୍ୟାହୀନ ବ୍ୟକ୍ତିତ୍ୱର ମେହଳତା । ସେମାନଙ୍କ ମନରେ ପୀଡ଼ନ ପ୍ରବଣ ମାଡିଜମ୍ ସହିତ ବିଦଗ୍ଧ ସମ୍ବେଦନଶୀଳତା ସେ ଦେଖିଛନ୍ତି । କ୍ଷୟିଷ୍ଣୁ ସାମନ୍ତବାଦର ଏହି ଦୁଇ ବିପରୀତ ଧର୍ମୀ ଆଭିମୁଖ୍ୟର ଏକ ବିଚିତ୍ର ଚିତ୍ରଶାଳା ତଥା ଅଭିଜ୍ଞତା ତାଙ୍କର ସାହିତ୍ୟକୁ ଯେ ବହୁ ଭାବରେ ଅନୁପ୍ରାଣିତ କରିଛି । ତାହା ଉପରୋକ୍ତ ଆଲୋଚନାକୁ ଲକ୍ଷ୍ୟ କରି ଉଲ୍ଲେଖ କରିବା ବାହୁଲ୍ୟ ମାତ୍ର । (ଓଡ଼ିଆ ଯୁବଲେଖକ ସମ୍ମିଳନୀ ସ୍ମରଣିକା, ୧୯୭୯)

## ସୁରେନ୍ଦ୍ରଙ୍କ ଗଳ୍ପରେ ବୃଦ୍ଧ ଚରିତ୍ର

ସୁରେନ୍ଦ୍ରଙ୍କ ଗଳ୍ପର ବୃଦ୍ଧ ଚରିତ୍ରଗୁଡ଼ିକ ବହୁଧା ବିଭକ୍ତ । ଏମାନଙ୍କ ମଧ୍ୟରେ ଅତୀତ ସର୍ବସ୍ୱ, ରକ୍ଷଣଶୀଳ, ସ୍ମୃତି ସଚେତନ ତଥା ଯୌନ ବିକୃତିଗ୍ରସ୍ତ ବହୁବିଧ ଚରିତ୍ର ଦେଖା ଯାଇଥାନ୍ତି । କ୍ରମାନ୍ୱୟରେ ସେମାନଙ୍କ ସମ୍ପର୍କରେ ଏଠି ଆଲୋଚନା କରାଯାଉଅଛି ।

"ସିଗାରେଟ୍" ଗଳ୍ପର 'ମୁଁ' ଚରିତ୍ର ଷାଠିଏ ବର୍ଷର ବୁଢ଼ା । ଅତୀତର ଅଧ୍ୟାପକ । ନିଜ ଯୌବନ କାଳର ଶିକ୍ଷା, ପ୍ରେମ, ଧର୍ମଧାରଣାର ବୈପ୍ଳବିକ କ୍ରିୟାର ଅତୀତ ରୋମନ୍ଥନର ଅତୀତ ସର୍ବସ୍ୱ ହେଲେ ହେଁ ବୃଦ୍ଧାବସ୍ଥାରେ ସେ କାହାରିଠାରୁ ସମବେଦନା ପାଇନାହାନ୍ତି, ପାଇଛନ୍ତି ଖାଲି ବିଦ୍ରୂପ ଆଉ ଉପହାସ । ଜୀବନ ନାଟ୍ୟମଞ୍ଚରେ ସେ ଯେପରି ଏକ ବିଦୂଷକ । ମାତ୍ର ପୁଅ ସୁନୀତର ପକେଟ୍‌ରୁ ଇଭନିଂ ଇନ୍ ପେରିସ୍‌ର ଭୁରୁଭୁରୁ ଗନ୍ଧ ମିଶା ପ୍ରେମପତ୍ର ସନ୍ଧାନ ପାଇ ତା'ରି ମଧ୍ୟରେ ଅତୀତକୁ ଫେରି ଯାଇଛନ୍ତି ।

'ଅତୀତ ବର୍ତ୍ତମାନ କାଳ'ର ବୃଦ୍ଧ ଭଦ୍ର ଲୋକ ମିଃ ଚୌଧୁରୀଙ୍କ ହାତରେ ଝୁଲୁଛି ଗୋଟାଏ ଭଙ୍ଗା ଆଟାଚୀ । ପିନ୍ଧିଛନ୍ତି ସରୁ ଫିନ୍‌ଫିନ୍ ମିଲ୍ ଧୋତି ଉପରେ ଖଣ୍ଡେ ହାଫ୍ ସ୍ଲିଭ୍ କୁର୍ତ୍ତା; ତା' ଉପରେ ଗୋଟିଏ ଫତେଇ । ପରିଧାନରେ ରୁଚି ବା ପରିପାଟୀ ନାହିଁ, ଅଛି କିନ୍ତୁ ପରିଚ୍ଛନ୍ନତା । ଆଖିରେ ମୋଟା ଲେନ୍‌ସ ବାଲା ଚଷମା । କପାଳ ଓ ମୁହଁରେ ଅବକ୍ଷୟଗ୍ରସ୍ତ ସୁଦିନର ଛାପ । ମିଃ ଚୌଧୁରୀଙ୍କ ଏ ବିଗ୍ରହ ବର୍ଣ୍ଣନା ଜୀବନ୍ତ । ବୃତ୍ତିରେ ସେ ଅତୀତରେ ବିଖ୍ୟାତ କଣ୍ଟ୍ରାକ୍ଟର । ଜୀବନରେ ଅବସରର ପକ୍ଷପାତୀ ସେ ନୁହଁନ୍ତି । ତାଙ୍କ ମତରେ ଜୀବନ ଗୋଟାଏ ଅଟୋମେଟିକ୍ ଘଡ଼ି । ଚାଲିଛି ତ ଚାଲିଛି । ତେଣୁ କଣ୍ଟ୍ରାକ୍ଟରୀରେ ଦେବାଳିଆ ହେଲା ପରେ ବି ମାଛଚାଷ ପାଇଁ ସେ ଆଗ୍ରହୀ । ଅତୀତର ରୋମନ୍ଥନ ମଧ୍ୟରେ ସେ ଏକ ଅତୀତ ସର୍ବସ୍ୱ ଚରିତ୍ର ।

'ପତାକା ଉତ୍ତୋଳନ'ର ବୃଦ୍ଧ ଶ୍ରୀ ସନାତନ ମହାପାତ୍ର ସମ୍ପୂର୍ଣ୍ଣ ରୂପେ ରକ୍ଷଣଶୀଳ । ଅତୀତରେ ସେ କର୍ତ୍ତବ୍ୟନିଷ୍ଠ । ଇଂରେଜ ସରକାରଙ୍କ ପ୍ରଭୁଭକ୍ତ ରାୟ ବାହାଦୁର । ତେଣୁ ଭାରତର ସ୍ୱାଧୀନତା ପରେ ବି ଇଂରେଜମାନଙ୍କ ପ୍ରତି ରହିଛି ତାଙ୍କର ଆନୁଗତ୍ୟ । ଚରିତ୍ରଟିର ପରିଣତି ମାତ୍ର ସମ୍ପୂର୍ଣ୍ଣ କରୁଣ ।

ଚାକିରିରୁ ଅବସରପ୍ରାପ୍ତ ଦୁଇ ବୃଦ୍ଧ ଚରିତ୍ର 'କୁବେରର କବିତା'ର ସୋମନାଥ ଓ ପାଗଳ ଗାରଦର କାହାଣୀର ସୋମନାଥ ମହାପାତ୍ରଙ୍କ ମନସ୍ତତ୍ତ୍ୱର ଉନ୍ମୋଚନ କରାଯାଇଛି । ବିଗ୍ରହ ବର୍ଣ୍ଣନା ଦୃଷ୍ଟିରୁ ଉଭୟ ଚରିତ୍ର ଜୀବନ୍ତ । 'କୁବେରର କବିତା'ର ସୋମନାଥ ଅବସର ପରେ ପଲ୍ଲୀରେ ମହାଜନୀ କାରବାର ନେଇ ବ୍ୟସ୍ତ । ତେଣୁ ମାନସିକ ଦୁର୍ବଳତାରେ ସେ ଆକ୍ରାନ୍ତ ହୋଇ ନାହାନ୍ତି । ପକ୍ଷାନ୍ତରେ ସନାତନ ମହାପାତ୍ର ଜୀବନକୁ ଅବସର ଜୀବନ ମଧ୍ୟରେ ପରୀକ୍ଷା କରିବାରେ ପ୍ରୟାସୀ ହୋଇ ସାମାଜିକ ଜଗତରେ ପାଗଳରେ ପରିଣତ ହୋଇଛନ୍ତି । ଅବସର ଜୀବନ ଯାପନ କରୁଥିବା ବୃଦ୍ଧର ହାହତାଶାର ମାନସିକ ଚିତ୍ର ଏ ଉଭୟ ଚରିତ୍ର ମାଧ୍ୟମରେ ଚିତ୍ରିତ ।

"ତୃଷ୍ଣା ଓ ବିତୃଷ୍ଣା"ର ଦର୍ପନାରାୟଣ ସ୍ମୃତିସଚେତନ ତାଙ୍କର କୈଶୋର ତଥା ଛାତ୍ର ଜୀବନର ଅତୀତ ଘଟଣାବଳୀର ରୋମନ୍ଥନ ମଧ୍ୟରେ ଦେଖାଯାଏ ଯେ କୈଶୋରରୁ ସେ ତାଙ୍କର ସ୍ମୃତି ପ୍ରତି ସଚେତନ । ଫଳରେ ନାରସାସିସ୍ କମ୍ପ୍ଲେକ୍ସରେ ଆକ୍ରାନ୍ତ ହୋଇ ସେ ଜଗତରେ ନିଜକୁ ହିଁ ଭଲ ପାଇ ନିଜର ସ୍ମୃତି ପାଇଁ ବ୍ୟାକୁଳତା ପ୍ରକାଶ କରିଛନ୍ତି । ସ୍ମୃତିବାଦୀ ଚରିତ୍ରର ଅନ୍ତିମ ପରିଣତି ନିଃସଙ୍ଗତା ହିଁ ତାଙ୍କର ବୃଦ୍ଧାବସ୍ଥାରେ ଏକ ଲକ୍ଷ୍ୟଣୀୟ ବିଭାବ ।

"ନିଃସଙ୍ଗ ଆକାଶ"ର ମଣ୍ଟୁ (ମୁଁ), 'ଚେନାଏ ଜହ୍ନ'ର ଅହିମାଣିକ୍ୟ ଚୌଧୁରୀ ଓ 'ସୁନାମାହାରୀ' ଗଳ୍ପର ରାଇଚରଣ ମଧ୍ୟରେ ସାମଞ୍ଜସ୍ୟ କେବଳ ଏତିକି ଯେ ସେମାନେ ଅତୀତରେ ପ୍ରେମିକ । ମାତ୍ର ଏହି ତିନୋଟି ଚରିତ୍ରକୁ ଅନୁଧାନ କଲେ ଏମାନଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ଦେଖାଯାଏ । "ନିଃସଙ୍ଗ ଆକାଶ"ର ମଣ୍ଟୁ (ମୁଁ) ଅତୀତର କୈଶୋରର ନିଃସ୍ୱାର୍ଥପର ଭାବଭୋଳା ଜୀବନ ସହିତ ପରିଣତ ସ୍ୱାର୍ଥକୈନ୍ଦ୍ରିକ ଜୀବନର କୌଣସି ସମ୍ପର୍କ ସ୍ଥାପନ କରିପାରି ନାହାନ୍ତି । ତେଣୁ ବର୍ତ୍ତମାନ ଠାରୁ ଅତୀତକୁ ପଳାୟନ ମଧ୍ୟରେ ମଧ୍ୟ ସେ ନିଃସଙ୍ଗ । ଅହି ମାଣିକ୍ୟ ଚୌଧୁରୀ ସମ୍ପୂର୍ଣ୍ଣ ନିଃସଙ୍ଗ ଓ ଅସହାୟ । ତେଣୁ ଆତ୍ମହତ୍ୟାକୁ ବରଣ କରି ନେଇଛନ୍ତି । ମାତ୍ର ରାଇଚରଣ ପ୍ରେମ କ୍ଷେତ୍ରରେ କେବଳ ପ୍ରତିଦ୍ୱନ୍ଦ୍ୱୀ ମାତ୍ର । ଏହି ତିନୋଟି ଚରିତ୍ର ମଧ୍ୟରୁ ପ୍ରଥମ ଦୁଇଟି ଚରିତ୍ରର ମାନସିକ ବିଶ୍ଳେଷଣ ଗାଳ୍ପିକ ସୁରେନ୍ଦ୍ର ଚେତନା ପ୍ରବାହ ରୀତିରେ ଉପସ୍ଥାପନ କରିଛନ୍ତି । ଏହି ଚରିତ୍ର ସବୁ ପରିବର୍ତ୍ତନଶୀଳ ବର୍ତ୍ତୁଳ ଚରିତ୍ର ଭାବେ ଦେଖା ଦେଇଛନ୍ତି ।

'କ୍ଲାନ୍ତ ବୈତାଳୀ'ର ରମଣିକାନ୍ତବାବୁ, 'ଡାଡା'ର କରୁଣାନିଧି, 'ଦିନେ ସନ୍ଧ୍ୟାରେ'ର ଅମିତାଭ ତଥା 'କମଳର ତମ୍ଭୁ' ଗଳ୍ପର ସନ୍ତୋଷ, ସମଧର୍ମୀ ଚରିତ୍ର । ଏହି ଚରିତ୍ରଗୁଡ଼ିକର ବିଭିନ୍ନ ନାରୀ ଚରିତ୍ରକୁ କେନ୍ଦ୍ର କରି ସେମାନଙ୍କ ମନ ମଧ୍ୟରେ ଦେଖା ଦେଇଥିବା ଯୌନ ବିକୃତିର ମନସ୍ତାତ୍ତ୍ୱିକ ଚିତ୍ର ଚେତନା ପ୍ରବାହ ଶୈଳୀ ମାଧ୍ୟମରେ ଉପସ୍ଥାପନ କରାଯାଇଛି ।

'ଜହ୍ନିଲଟା'ର ଚକ୍ରଧର କିନ୍ତୁ ବୃଦ୍ଧ ଚରିତ୍ରଗୁଡ଼ିକ ମଧ୍ୟରେ ଏକ ବ୍ୟତିକ୍ରମ । ସହରାଭିମୁଖୀ ସଭ୍ୟତାରେ ଏକ ବୃଦ୍ଧ ଗ୍ରାମାଭିମୁଖୀ ହୋଇଥିବାର ଚିତ୍ର ଏହି ଚରିତ୍ରରେ ଦେଖିବାକୁ ମିଳିଥାଏ । ଶେଷରେ କୁହାଯାଇପାରେ ସୁରେନ୍ଦ୍ରଙ୍କ ଗଳ୍ପର ବୃଦ୍ଧ ଚରିତ୍ର ବିଭିନ୍ନ ସାମାଜିକ ବିଧି ବ୍ୟବସ୍ଥାର ପ୍ରତିନିଧି ମାତ୍ର ।

## ସୁରେନ୍ଦ୍ରଙ୍କ ଗଳ୍ପରେ ଯୁବ ଚରିତ୍ର

ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକରେ ଯୁବ ଚରିତ୍ର ସବୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏମାନେ ସବୁ ସଂଘର୍ଷ ମଧ୍ୟଦେଇ ଗତି କରିଛନ୍ତି । 'ଭାଗାବଣ୍ଡ' ଗଳ୍ପର କମଳ, ବିନୋଦ ଓ ବସନ୍ତ, "ସାଙ୍ଗରିଲା"ର ଅମିତାଭ, ସୁରଜିତ, ସୁକାନ୍ତ ଓ ଅଶୋକ, ସମସ୍ତେ ଶିକ୍ଷିତ; ମାତ୍ର ସ୍ୱାବଲମ୍ବନଶୀଳ ନୁହନ୍ତି । "ଭାଗାବଣ୍ଡ"ରେ କମଳ ଅନ୍ନସଂସ୍ଥାନ ପାଇଁ ବୀମା ଏଜେଣ୍ଟ, ବସନ୍ତ ସଙ୍ଗୀତ ଶିକ୍ଷକ ହୋଇଥିଲେ ବି ଜୀବିକାର୍ଜନରୁ ତାର ଉଦର ପୋଷଣ ଦୁର୍ବିସହ ହୋଇପଡ଼ିଛି ; ତେଣୁ ସେମାନେ ଇନସ୍‌ପେକ୍ଟେସ ମଲ୍ଲିକାର ଉପାର୍ଜନ ଉପରେ ନିର୍ଭରଶୀଳ । ଅନୁରୂପ ଭାବେ ସାଙ୍ଗରିଲା ଗଳ୍ପରେ ଅମିତାଭ, ସୁରଜିତ,ସୁକାନ୍ତ ଅଶୋକ ଘରଭଡ଼ା ଓ ଚା' ଦୋକାନୀର ବକେୟା ପାଉଣା ବାକି ରଖି ଶେଷରେ ଅର୍ଥର ସନ୍ଧାନରେ

ସହରତଳୀ ଚା' ଦୋକାନର ପରିତ୍ୟକ୍ତ ଖବର କାଗଜ ବିଜ୍ଞାପନ ପୃଷ୍ଠାକୁ ଆଶ୍ରୟ କରି ଧନୀକର ପଳାତକ ଜାମାତା ସନ୍ଧାନରେ ନିଜକୁ ନିୟୋଜିତ କରିଛନ୍ତି । ଏ ସମସ୍ତ ଯୁବ ଚରିତ୍ର ଅବଲମ୍ବନର ସନ୍ଧାନରେ ଅସହାୟ । ଏସବୁ ଗୌଣ ଚରିତ୍ରର ଅନ୍ତରାତ୍ମାକୁ କେନ୍ଦ୍ର କରି ପରବର୍ତ୍ତୀ କାଳରେ ଗାଳ୍ପିକ ସୁରେନ୍ଦ୍ର 'ସାଇକଲ ଚୋର' ଗଳ୍ପରେ ଶିକ୍ଷିତ ଜୀବିକା ସନ୍ଧାନୀ ରାଜେନ୍ଦ୍ର ଚରିତ୍ରର ସୃଷ୍ଟି କରିଛନ୍ତି । ସାଧାରଣ ଜ୍ଞାନ ମୁଖସ୍ତ କରି ଗୋଛା ଗୋଛା ସାର୍ଟିଫିକେଟ ନେଇ ରାଜୁ ଇଣ୍ଟରଭିଉରେ ଅସଫଳ ହେଲାପରେ ଶେଷରେ ସେକ୍ରେଟାରିଏଟ୍ ସାଇକଲ ଷ୍ଟାଣ୍ଡରୁ ସାଇକଲ ଚୋରି କରିଛି । ମାତ୍ର ସାଇକଲ ଚୋରି ଜନିତ ଅର୍ଜିତ ଅର୍ଥ ପକେଟ୍‌ମାରୁରେ ହରାଇଲା ପରେ ତାର ଆସ୍ଥା ଓ ବିଶ୍ୱାସ ରହିଛି, କେବଳ ଭଗବାନଙ୍କ ଉପରେ । ପରିସ୍ଥିତିର ପରିବର୍ତ୍ତନ ସଙ୍ଗେସଙ୍ଗେ 'ସାଇକଲ ଚୋର' ଠାରୁ 'କବନ୍ଧ' ଗଳ୍ପରେ ଆଧୁନିକ ଯୁବକ 'ସେ' ଆହୁରି ଏକ ପାଦ ଆଗେଇ ଯାଇଛି । 'ସେ' ସଂସ୍କୃତି ଓ ଐତିହ୍ୟର ପ୍ରତୀକ ମୂର୍ତ୍ତି ଚୋରି କରି ବିଦେଶୀ ଲେମାନ୍ ହାତରେ ବିକ୍ରି କରିବାକୁ ପଛଘୁଞ୍ଚା ଦେଇନାହିଁ । "ସାଇକଲ ଚୋର"ର ରାଜେନ୍ଦ୍ରର ମାନସିକ ପ୍ରସ୍ତୁତି ଅପେକ୍ଷା ତେଣୁ "କବନ୍ଧ"ର 'ସେ'ର ମାନସିକ ପ୍ରସ୍ତୁତି ଚୋରି ପାଇଁ ନିତାନ୍ତ ସାଧାରଣ । 'ଗୁରୁ' ଗଳ୍ପରେ ଯୁବକ ସୁନନ୍ଦ ବିଦେଶୀ ହିପ୍‌ପୀ ତରୁଣ ତରୁଣୀଙ୍କ ପାଖରୁ ବିଦେଶୀ ଜିନିଷ ଆଣି ଚୋରିରେ ବିକ୍ରି କରିବାକୁ ହିପ୍‌ପୀ ସାଜିଥିବା ସମୟରେ 'ମାସର କୋଣାର୍କ' ଗଳ୍ପରେ 'ସେ' ଅନ୍ନ ସଂସ୍ଥାନ ପାଇଁ ବି.ଏ. ଡିଗ୍ରୀ ଫୋପାଡ଼ି ଦେଇ ନିଜର ପତ୍ନୀ ସହିତ ଯୌନ ଉତ୍ତେଜକ ଫଟୋ ଉଠାଇ ସେସବୁର ବିକ୍ରି କରିବାକୁ ପଛଘୁଞ୍ଚା ଦେଇନାହିଁ । ଆଧୁନିକ କାଳର ଯୁବକର ଦାମ୍ପତ୍ୟ ଜୀବନ ବିଡ଼ମ୍ବିତ ହୋଇ ପଡ଼ିଥିବା ବେଳେ 'ସେଇ ଲୋକଟା' ଗଳ୍ପରେ ମୋହନ ଠକାମିକୁ ଜୀବିକାର୍ଜନର ଏକମାତ୍ର ପନ୍ଥା ରୂପେ ଗ୍ରହଣ କରି ନେଇଛି । ଛାତ୍ର ଜୀବନ ପରେ ଜୀବନର ବାସ୍ତବ ସଂଘର୍ଷ ଠାରୁ ଦୂରେଇ ରଖିବା ପାଇଁ, ବେକାରୀ ଜୀବନରୁ ତ୍ରାହି ପାଇବା ପାଇଁ ଆଜୀବନ ଛାତ୍ରତ୍ୱ ବରଣ କରି ନେଇଛନ୍ତି 'ଓ ! କାଲ୍‌କାଟା"ର ଗୁରୁ ଓ ଭବତୋଷ 'କମନ୍‌ରୁମ୍'ର ପ୍ରଣବ, ଓଁକାରନାଥ ଭଳି ଛାତ୍ରନେତାମାନେ । ଫଳରେ ଶିକ୍ଷାୟତନରୁ ହିଁ ସେମାନେ ରାଜନୀତିକ ନେତାଙ୍କର ଦଲାଲ ସାଜିଛନ୍ତି । ପରବର୍ତ୍ତୀ କାଳର ରାଜନୀତିକ ପୃଷ୍ଠଭୂମିରେ ତେଣୁ 'ଏଇ ଗଣତନ୍ତ୍ର' ଗଳ୍ପରେ ରାଜେନ୍ଦ୍ର ରାଜନୀତିକ ଦଲାଲୀରେ ଅର୍ଥାଗମର ସୁଯୋଗ ଖୋଜିଛି । "ପଲାଶପୁର ଓ ପୋର୍ସିଲେନ୍"ର ଗୋପୀ ସହରର ଶିକ୍ଷାୟତନ ଓ ପଲ୍ଲୀଗାଁ ମଧ୍ୟରେ ନିଜକୁ ଖାପ୍ ଖୁଆଇ ଚଳି ପାରୁନି ।

ଗାଳ୍ପିକ ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକରେ ଯୁବ ଚରିତ୍ରର ବହୁଳ ସମାବେଶ ଦେଖାଦେଇଛି । 'ସାଇକଲ ଚୋର' 'କବନ୍ଧ', 'ଓ ! କାଲ୍‌କାଟା' ଭିନ୍ନ ଅନ୍ୟ ଗଳ୍ପଗୁଡ଼ିକରେ ବହୁ ଯୁବ ଚରିତ୍ରଗୁଡ଼ିକର ବିଗ୍ରହ ବର୍ଣ୍ଣନା ଜୀବନ୍ତ । ଏମାନେ ଗୌଣ ହେଲେ ହେଁ ପ୍ରତିନିଧି ସ୍ଥାନୀୟ ତଥା ଯୁବ ମାନସର ଏକ ପୂର୍ଣ୍ଣାଙ୍ଗ ଚିତ୍ର ଉପସ୍ଥାପନ କରିବାରେ ସମର୍ଥ ।

## ସୁରେନ୍ଦ୍ରଙ୍କ ଗଳ୍ପରେ ପ୍ରେମିକ ଓ ସ୍ୱାମୀ ଚରିତ୍ର

ସୁରେନ୍ଦ୍ରଙ୍କ ବିଭିନ୍ନ ଗଳ୍ପରେ କେତେକ ପ୍ରେମିକ ଓ ସ୍ୱାମୀ ଚରିତ୍ର ଦେଖାଯାଆନ୍ତି । 'ଆଦିମ ଓ ଶତରୂପା' ଗଳ୍ପରେ ଗାଳ୍ପିକ ପ୍ରେମିକର ଭାବ ବିହ୍ୱଳତା, ତଲ୍ଲୀନତା ତଥା ଉତ୍କଣ୍ଠା ଆଦିମ ଚରିତ୍ର ମାଧ୍ୟମରେ ଦେଖାଇ ଦେଇଛନ୍ତି । ଏହି ଭାବବିହ୍ୱଳତା ତଥା ତଲ୍ଲୀନଭାବ ତାଙ୍କର ଅଧିକାଂଶ ପ୍ରେମିକ ଚରିତ୍ର ମଧ୍ୟରେ ଦେଖାଯାଏ ।

ପୂର୍ବରୁ ବର୍ଣ୍ଣିତ 'ନର୍ତ୍ତକୀ' ଗଳ୍ପର ନାୟକ ଶିଳ୍ପୀ 'ନଟବର ପୂର୍ଣ୍ଣିମାର ପ୍ରେମିକ । ଦୈହିକ ପ୍ରେମର ଆକର୍ଷଣକୁ ପୂର୍ଣ୍ଣିମାର ମୂର୍ତ୍ତି ଗଠନ ମାଧ୍ୟମରେ ସେ କରି ପାରିଛି ଦେହାତୀତ । 'ଶାଳ ଭଞ୍ଜିକା'ର ପ୍ରଶାନ୍ତର ମନୀଷା ପ୍ରତି ପ୍ରେମ, 'ନୀଳଜ୍ୟୋସ୍ନା'ର ମୁଁ ର ଆକର୍ଷଣ, 'ନିଃସଙ୍ଗ ଆକାଶ'ର ମଣ୍ଟୁର ନୀଳକଇଁ ପ୍ରତି ପ୍ରେମ, 'ଗୋଟିଏ ପ୍ରେମ ଗଳ୍ପର'ର ନାୟକ ମୁଁ (ସୁବ୍ରତ) ଓ 'ପ୍ରେତିନୀର ନାଚ'ର 'ମୁଁ' ଚରିତ୍ରର ପ୍ରେମ ଜନିତ ଆକର୍ଷଣ ଦେହାତୀତ । 'ଶାଳ ଭଞ୍ଜିକା'ରେ ପ୍ରଶାନ୍ତ ପଟ୍ଟନାୟକ ମନିଷା ନିମିତ୍ତ ଆଜୀବନ ଅବିବାହିତ । 'ନୀଳଜ୍ୟୋସ୍ନା'ରେ ଯଦିଓ ପରକୀୟା ପ୍ରେମର ଚିତ୍ର ଦିଆଯାଇଛି, ତଥାପି ଏହାର ନାୟକ 'ମୁଁ' ସଂଯତ ତଥା ନାୟିକାର ପ୍ରେରଣାରେ ଦେହାତୀତ ପ୍ରେମରେ ବିଶ୍ୱାସୀ । ନାୟକ ମୁଁର ମାନସିକ ବିଶ୍ଳେଷଣ ଏଠି ବାସ୍ତବଧର୍ମୀ । 'ନିଃସଙ୍ଗ ଆକାଶ'ର ମଣ୍ଟୁର ସ୍ମୃତିରେ ଅବଦମିତ ସ୍ତରରେ ନୀଳକଇଁ ପ୍ରତି ରହିଛି ଦେହାତୀତ ପ୍ରେମର ଆକର୍ଷଣ । 'ଗୋଟିଏ ପ୍ରେମ ଗଳ୍ପ' ଓ 'ପ୍ରେତିନୀ ନାଚ' ଗଳ୍ପରେ ବହୁ ବର୍ଷ ପରେ ସାକ୍ଷାତ ହୋଇଥିବା ପ୍ରେମିକା ସହ କଥୋପକଥନରେ ଅତୀତର ରୋମନ୍ଥନ ମଧ୍ୟରେ ପ୍ରେମିକର ଦେହାତୀତ ପ୍ରେମ ପ୍ରତି ଆକର୍ଷଣର ଚିତ୍ର ପରିବେଷିତ । ଏହି ପ୍ରେମିକ ଚରିତ୍ରର ମାନସିକ ଚେତନାରେ ଅବ୍ୟକ୍ତ ପ୍ରେମ ଭାବନାର ଅନ୍ତରୀଣ ପ୍ରବାହ ଅନୁଭବ କରାଯାଏ ।

"ଭାଗାବନ୍ତ"ର କମଳର ମଲ୍ଲିକା ପ୍ରତି ଆସକ୍ତି, 'ସବୁଜ ପତ୍ର ଓ ଧୂସର ଗୋଲାପ'ର ଟି.ପି.ର ଲରା ପ୍ରତି ପ୍ରେମ, ଦେହ ସର୍ବସ୍ୱ । ତୃଷ୍ଣା ଓ ବିତୃଷ୍ଣାରେ ଦର୍ପ ନାରାୟଣ ମୈତ୍ରେୟୀ ଦ୍ୱାରା ଓ 'ଆକାଶ ତଥାପି ସୁନୀଳ' ଗଳ୍ପର ଅମିତାଭ ନନ୍ଦିତା ଦ୍ୱାରା ଲାଞ୍ଛିତ । ପୁରୁଷର ଆକର୍ଷଣ ନାରୀ ପ୍ରତି ଅନେକ ସ୍ଥଳରେ ଦେହ ସର୍ବସ୍ୱ ତାହା କାକ୍‌ଟସ୍ ଓ ମୁହୂର୍ତ୍ତ ଗଳ୍ପରେ ଦେଖିବାକୁ ମିଳିଥାଏ ।

"ନିର୍ମୁଳୀ ଲତାର ଫୁଲ"ରେ କିଶୋର ମଣ୍ଟୁର ପ୍ରତିବେଶିନୀ ଝିଅ ପ୍ରତି ଆକର୍ଷଣ, କୈଶୋର ସୁଲଭ କଳ୍ପନା ବିଳାସରେ ପର୍ଯ୍ୟବସିତ । ମାତ୍ର ଆଦ୍ୟ ଯୌବନର ପ୍ରେମ ଯେ ଉଦ୍ଦାମ ତାହା 'କ୍ଳାନ୍ତ ଚୈତାଳୀ'ର ଜୟଦୀପ ଚରିତ୍ର ମାଧ୍ୟମରେ ପ୍ରତିପାଦିତ ।

ସୁରେନ୍ଦ୍ରଙ୍କ ଗଳ୍ପରେ ପ୍ରେମିକ ଚରିତ୍ରଗୁଡ଼ିକ ଅନେକ କ୍ଷେତ୍ରରେ ସୂଚନା ଓ ଚେତନା ମଧ୍ୟରେ କେବଳ ପ୍ରଦତ୍ତ ହୋଇଛନ୍ତି । ସୁରେନ୍ଦ୍ରଙ୍କ ପ୍ରେମିକ ଚରିତ୍ରଗୁଡ଼ିକର ମାନସିକ ଅବସ୍ଥା ଚିତ୍ରଣ, ତଥା ଉପସ୍ଥାପନ ଉତ୍କଣ୍ଠାପୂର୍ଣ୍ଣ ତଥା ନାଟକୀୟ ରୀତିରେ ହୋଇଥିବା ପରଲକ୍ଷିତ ହୋଇଥାଏ । 'ବେଲୁନ୍', 'ସିଗାରେଟ୍', 'ଶାଳଭଞ୍ଜିକା', 'ମଣିଷ ଓ ଅର୍ଥନୀତି' ଆଦି ଗଳ୍ପରେ ସ୍ୱାମୀ ସର୍ବଦା ଅନୁଗତ ଚରିତ୍ର ରୂପେ ଉପସ୍ଥାପିତ । ମାତ୍ର 'ସେ ଓ ମୁଁ' ଗଳ୍ପର ନାୟକ ସ୍ୱାମୀ ଲମ୍ପଟ ଚରିତ୍ର ରୂପରେ ଉପସ୍ଥାପିତ ହୋଇଛି ।

**କିରାଣୀ ଓ ଅନ୍ୟନିମ୍ନ ମଧ୍ୟବିତ୍ତ ସମାଜର କର୍ମଚାରୀ**

କିରାଣୀ ଚରିତ୍ର ଗାଳ୍ପିକ ସୁରେନ୍ଦ୍ରଙ୍କ ସୃଷ୍ଟିରେ 'ମଣିଷ ଓ ଅର୍ଥନୀତି', 'ବ୍ୟର୍ଥ ଆଗମନୀ', 'ଅସାଧାରଣ', 'ସାଇକଲ ଚୋର' ଆଦି ଗଳ୍ପରେ ଦେଖାଯାଏ । ମଣିଷ ଓ ଅର୍ଥନୀତିର କିରାଣୀ କଳ୍ପନା ବିଳାସୀ ଓ ଖିଆଲି ଚରିତ୍ର । 'ବ୍ୟର୍ଥ ଆଗମନୀ'ର ରାମହରି ବାବୁ, 'ସାଇକଲ ଚୋର'ର ମଉସା, 'ଅସାଧାରଣ'ର କୃଷ୍ଣପ୍ରସାଦ କିରାଣୀ ହେଲେ ବି ପାରିବାରିକ ଜଞ୍ଜାଳରେ ବ୍ୟସ୍ତ । ଏମାନେ ସବୁ ବାସ୍ତବବାଦୀ । ଏହିସବୁ ମୁଖ୍ୟ ଚରିତ୍ର ମାଧ୍ୟମରେ କିରାଣୀ ଜୀବନର ବାସ୍ତବ ଚିତ୍ର ଦେବାକୁ ଗାଳ୍ପିକ ପ୍ରୟାସ କରିଛନ୍ତି । ଏସବୁ ସରଳ ଓ ପ୍ରତିନିଧି ସ୍ଥାନୀୟ ଚରିତ୍ର ।

**ବାବାଜୀ ଓ ସାଧୁ**

ସୁରେନ୍ଦ୍ରଙ୍କ ଗଳ୍ପ ସୃଷ୍ଟିର ମାତ୍ର ଚାରୋଟି ଗଳ୍ପ 'ମରୁଡ଼ି', 'ଅମୃତ', 'ମରାଳର ମୃତ୍ୟୁ' ଓ 'ଆନନ୍ଦ ଭୈରବୀ' ଗଳ୍ପରେ ବାବାଜୀ ଓ ସାଧୁ ଚରିତ୍ର ଦେଖିବାକୁ ମିଳିଥାଏ । ଏହି ଚାରୋଟି ଚରିତ୍ରରେ ଆଦର୍ଶଗତ ପାର୍ଥକ୍ୟ ମଧ୍ୟ ରହିଛି । 'ମରୁଡ଼ି' ଗଳ୍ପର ଗୁରୁ ଗୋସାଇଁ ଗ୍ରାମ୍ୟ ଜନତା ପାଇଁ ଉଦ୍ଦିଷ୍ଟ । 'ଅମୃତ'ର ସାଧୁ ତ୍ୟାଗୀ ସନ୍ନ୍ୟାସୀ ମାତ୍ର ଭୋଗୀ ବିଳାସୀ ସନ୍ନ୍ୟାସୀରେ ପରିଣତ ହୋଇଛନ୍ତି । 'ମରାଳରମୃତ୍ୟୁ' ଗଳ୍ପର ସିଦ୍ଧନିରଞ୍ଜନ ମଧ୍ୟଯୁଗୀୟ ଓଡ଼ିଆ ବୈଷ୍ଣବ ପରମ୍ପରାର ପ୍ରତିନିଧି ମାତ୍ର 'ଆନନ୍ଦଭୈରବୀ' ଗଳ୍ପର ସ୍ୱାମୀ ଚିନ୍ମୟାନନ୍ଦ ଗୈରିକ ବସନର ଅନ୍ତରାଳରେ ସଂସାରୀ ଭାବେ କାଳାତିପାତ କରୁଛନ୍ତି ।

**ସୁରେନ୍ଦ୍ରଙ୍କ ଗଳ୍ପରେ ପଲ୍ଲୀର ପୁରୁଷ ଚରିତ୍ର**

ସୁରେନ୍ଦ୍ରଙ୍କ ପଲ୍ଲୀ କୈନ୍ଦ୍ରିକ ଗଳ୍ପଗୁଡ଼ିକରେ ବହୁବିଧ ପଲ୍ଲୀ ଚରିତ୍ର ଦେଖା ଦେଇଥାନ୍ତି ।

**ଶୋଷିତ ଅବହେଳିତ ଶ୍ରେଣୀ**

'ବନ୍ଦୀ' ଗଳ୍ପର ଦାସିଆ, 'ବାଲି' ଗଳ୍ପର ନରି ପ୍ରଧାନ ଓ ଦାମ ଦଳେଇ, 'କାଳିମାଟି' ଗଳ୍ପର ଜଗୁ ଓଝା କମାର, 'ମଣିଷ ଓ ମଣିଷ' ଗଳ୍ପର ଭିକାରୀ, 'ସୀମାରେଖା' ଗଳ୍ପର ଗଉରା କାଣ୍ଡି, 'ଘଇତାମାରୀପାଟ'ର ମୁକୁନ୍ଦା ହଳିଆ ଆଦି ଚରିତ୍ର ବିଭିନ୍ନ ପରିବେଶରେ ଶୋଷିତ ଶ୍ରେଣୀର ପ୍ରତିନିଧିତ୍ୱ କରିଛନ୍ତି ।

'ବନ୍ଦୀ' ଗଳ୍ପର ଦାସିଆ ସାମ୍ୟବାଦୀ ଦର୍ଶନ ସଚେତନ ଗାଳ୍ପିକଙ୍କର ଅନ୍ତରର ପ୍ରତିନିଧି ସମ୍ପର୍କରେ ପୂର୍ବରୁ ସୂଚନା ପ୍ରଦାନ କରାଯାଇଛି । 'ବାଲି' ଗଳ୍ପର ନରି ପ୍ରଧାନର ବୟସ ପଚାଶ ଟପିଲାଣି । ଦେହ ହାତରୁ ଜୋର ଖସି ସାରିଛି । ତେଣୁ ସାମାନ୍ୟ ପରିଶ୍ରମ କଲେ ମୁଣ୍ଡ ତାର କେମିତି ବୁଲେଇ ଦିଏ, ଦେହରୁ ଯେମିତି ଜୀବ ଛାଡ଼ିଯାଏ। ତଥାପି ତାକୁ ସକାଳ ଠାରୁ ସଞ୍ଜ ପର୍ଯ୍ୟନ୍ତ ହାଡ଼ଭଙ୍ଗା ଖଟଣି ଖଟିବା ପାଇଁ ପଡ଼େ । ତାର ଏଇ ଅବସ୍ଥା ପାଇଁ କିନ୍ତୁ ଭଗବାନ ପାଖରେ ସେ କିଛି ଅଭିଯୋଗ କରିନାହାନ୍ତି, କରିଛି ମଣିଷ ପାଖରେ । ଶେଷରେ ବାଲିଝଡ଼ ମଧ୍ୟରେ ତାର ଜୀବନ ନାଟିକାର ଅବସାନ ଘଟିଛି । ଦାମ ଦଳେଇ 'ବାଲି' ଗଳ୍ପରେ ନିଜର ବଢ଼ିଲା ରୋଜଗାରିଆ ପିଲାଛୁଆ ଥାଇ ପରିଶ୍ରମ କରେ । ହୁଏତ ବୃଦ୍ଧ ବୟସରେ ତାର ବିଶ୍ରାମ କରିବା ଉଚିତ । ସମସ୍ତ କ୍ଳାନ୍ତି ମେଣ୍ଟାଇବା କଥା... ସେତକ ତାର ପୃଥିବୀଠାରୁ ହକ୍, ପାଇବାର ଦାବି, ଯୋଉ ପୃଥିବୀକୁ ସେ ତାର ବିଗତ ଜୀବନରେ ମୁହୂର୍ତ୍ତ ପରେ ମୁହୂର୍ତ୍ତ ଦେଇ କରିଛି ଧନଶାଳୀ । କିନ୍ତୁ ପୃଥିବୀ ତାର ପ୍ରାପ୍ୟରୁ ତାକୁ ବଞ୍ଚିତ କରିଛି, ତାକୁ ପ୍ରତାରଣା କରିଛି । ତଥାପି ଦାମ ଦଳେଇ ମାନିନେଇଛି ସେ ସବୁ ଅଦୃଷ୍ଟର ଇଙ୍ଗିତ ବୋଲି । ସେ ବିଦ୍ରୋହ କରିନି । 'ବାଲି' ଗଳ୍ପର ଏହି ଦୁଇଟି ଚରିତ୍ର ଈଶ୍ୱର ବିଶ୍ୱାସୀ ସରଳ ଶୋଷିତ ମଣିଷ ତଥା ଈଶ୍ୱର ବିଦ୍ରୋହୀ ଚରିତ୍ରର ପ୍ରତିନିଧି ।

"ମଣିଷ ଓ ମଣିଷ" ଗଳ୍ପର ଭିକାରୀ, ଶକ୍ତିସାମର୍ଥ୍ୟ ଥିଲା ସମୟରେ କୁଲିଗିରି କରି ବିଦେଶ ଭୂଇଁ ଖଡ଼ଗପୁରରୁ ନିଜ ପରିବାରର ଅନ୍ନସଂସ୍ଥାନ କରିଛି । ମାତ୍ର ଦୁର୍ଘଟଣାଗ୍ରସ୍ତ ହେଲା ପରେ ସେ ପରିବାର ପରିଜନ ସ୍ତ୍ରୀ ପାଖରେ ଆପାଂକ୍ତେୟ ହୋଇପଡ଼ିଛି । ତେଣୁ ଗ୍ରାମମୁଣ୍ଡରେ ଦୁରାରୋଗ୍ୟବ୍ୟାଧିରେ ପୀଡ଼ିତ ଥାଇ ସେ ଭିକାରୀ ।

'ସୀମାରେଖା' ଗଳ୍ପର ଗଉରା କାଣ୍ଡି କିଆଝରୀ ଗାଁର ଏକ ଆତଙ୍କ, ଦେହରେ ମଇଁଷି ଗୋଟାକର ବଳ, ବଡ଼ ହୁରୁମା । ଘରେ ତେରଟା ପିଲାଛୁଆ । ଜମି ବିଶ୍ୱାଏ ହେଲେ ନାହିଁ । ଏଠିସେଠି ମୂଲ ଲାଗି, କିଛି

ଜମି ଭାଗରେ ଧରି ସୁବିଧା ପାଇଲେ ଚୋରିସିନ୍ଧି କରି ସଂସାର ଚଳାଏ । ଦୁଇଥର ମଧ୍ୟ ସଜା ଭୋଗିସାରିଛି । ସଜା ଭୋଗି ସୁଦ୍ଧା ତାହାର ହୁରୁମା ପଣ ଯାଇନାହିଁ । କଥାକଥାକେ ଠେଙ୍ଗା କଟୁରୀ ଚାଲେ । ମାତ୍ର ଗାଁର ଶିକ୍ଷିତ ଭୂମି ଅଧିକାରୀଙ୍କଠୁ ଭାଗଚାଷ ଆଇନ ଫଳରେ ଭାଗଜମିରୁ ବିତାଡ଼ିତ ହୋଇ ସେ କଲିକତା ଯାତ୍ରା କରିଛି ମୂଲଲାଗିବା ପାଇଁ । ଏ ଚରିତ୍ରଟି ହୁରୁମା ହେଲେ ମଧ୍ୟ ଶାନ୍ତ ସରଳ ତଥା ଉଜ୍ଜ୍ୱଳ ।

'କାଳିମାଟି'ର ଜଗୁ ଓଝା ଚରିତ୍ରଟି ପ୍ରଥମେ ପ୍ରପିତାମହ ଅମଳର ଗୋଟିଏ ଲୁହାଭାଟୀକୁ ଆଶ୍ରୟକରି ଜୀବନ ନିର୍ବାହ କରୁଥିଲା । କାରିଗର ହିସାବରେ ସେ ଅଞ୍ଚଳରେ ବେଶ୍ ସୁଖ୍ୟାତି ଥିଲା ତାର । ଲଙ୍ଗଳ, ଦା, କଟୁରୀ ତିଆରି କରିବା ଥିଲା ତାର ଜୀବିକା । ଜଗୁ ଓଝା ଥିଲା ଭଲ ମଣିଷ । ମାତ୍ର ଯନ୍ତ୍ର ସଭ୍ୟତାର ଆକ୍ରମଣ ହେଲା ତାର ଲୁହାଭାଟୀ ଉପରେ । କାରଖାନା ତିଆରି ହତିଆର ଶସ୍ତାରେ ମିଳିଲା । ଜଗୁ ଓଝାର ସଂସାର ଦିନୁଦିନ ଅଚଳ ହେବାକୁ ବସିଲା । ବାଧ୍ୟହୋଇ କର୍ମସଂସ୍ଥାନ ଉଦ୍ଦେଶ୍ୟରେ ଜଗୁ ଓଝା ଯେତେବେଳେ କଳା ବାଲୁ ବାଲୁ ପାଇଜାମା, ଛିଣ୍ଡା ବୁଟ୍ ଜୋତା, ଆଉ ଝାଲୁଆ ତାଳିପକା କମିଜ୍ ପିନ୍ଧି ପଦାକୁ ବାହାରି ଆସେ ମନଟା ତାର ବି ଏକ ଅବସାଦ ଆଉ ବିରକ୍ତିରେ ବିଷାକ୍ତ ହୋଇପଡ଼ିବା ସ୍ୱାଭାବିକ, ତାର ଜୀବନର ସବୁ ସରସତା ଯେମିତି ଲୌହମାନବ ଯନ୍ତ ଛଡ଼ାଇ ନେଇଛି । ଶେଷରେ ସେଇ ଯନ୍ତ୍ର ମୁହଁରେ ଘରକଥା ଅତୀତର ତାର ସୁଦିନର କଥା ଚିନ୍ତା କରି ସେ ପ୍ରାଣପାତ କରିଛି । ତେଣୁ ଜଗୁ ଓଝା କମାରକୁ ଯନ୍ତ୍ର ସଭ୍ୟତା ଦ୍ୱାରା ନିଷ୍ପେଷିତ ଶ୍ରମିକର ପ୍ରତିନିଧି ଚରିତ୍ର ଭାବେ ଗ୍ରହଣ କରାଯାଇପାରେ ।

ପୂର୍ବାଲୋଚିତ ଚରିତ୍ରଗୁଡ଼ିକ ଅନୁଧ୍ୟାନ କଲେ ସୁରେନ୍ଦ୍ରଙ୍କ ସମାଜର ଦଳିତ ଶୋଷିତ ଶ୍ରେଣୀ ପ୍ରତି ସଂବେଦନଶୀଳ ମଣିଷ ହୃଦୟର ଚିତ୍ର ଦେଖିବାକୁ ପାଇଥାଉ । ଏହା ତାଙ୍କର ଏଭଳି ଚରିତ୍ରଗୁଡ଼ିକର ସହିତ ପ୍ରତ୍ୟକ୍ଷ ସଂପର୍କ ଯୋଗୁଁ ସମ୍ଭବ ହୋଇଥିଲା ପରି ମନେହୁଏ ।

**ପ୍ରାକୃତିକ ଦୁର୍ବିପାକଗ୍ରସ୍ତ ପଲ୍ଲୀ ଚରିତ୍ର**

ଓଡ଼ିଶାର ପୁରପଲ୍ଲୀ ଚିରକାଳ ମରୁଡ଼ି ଓ ନଈବଢ଼ି ଦ୍ୱାରା ଉପଦ୍ରୁତ । ଗାଳ୍ପିକ ସୁରେନ୍ଦ୍ର ମରୁଡ଼ିଗ୍ରସ୍ତ ଗ୍ରାମବାସୀ ଚରିତ୍ରକୁ ସୂଚନାତ୍ମକ ରୀତିରେ 'ମରୁଡ଼ି' ଗଳ୍ପରେ ପ୍ରଦାନ କରିଛନ୍ତି । ମାତ୍ର ମରୁଡ଼ିଗ୍ରସ୍ତ ମଣିଷର ଚିତ୍ର "ମୃତ୍ୟୁ-ଗାଷ୍ଟ୍ରୋଏଣ୍ଟାଇଟିସ୍ ଗଳ୍ପର କେଳୁଚରଣ ମାଧ୍ୟମରେ ଜୀବନ୍ତ ଭାବେ ଉପସ୍ଥାପନ କରିଛନ୍ତି । ମରୁଡ଼ିଗ୍ରସ୍ତ ଜୀବନରେ ଅନ୍ନସଂସ୍ଥାନ ଆଶାରେ ମଙ୍ଗଳପୁର ଗାଁର କେଳୁଚରଣ, ହରିପୁର ବସ୍‌ଷ୍ଟାଣ୍ଡରେ, ବ୍ଲକ୍ ଅଫିସ୍ ସାମନାରେ, ଅନ୍ୟ କଙ୍କାଳ ମାନଙ୍କ ମଧ୍ୟରେ କେଳୁଚରଣର ଚିତ୍ର ହେଉଛି, ଗୋଟିଏ ହାତରେ ଯଷ୍ଟି, ଅନ୍ୟହାତରେ ଗୋଟିଏ ଆଲୁମିନିଅମ୍‌ବାଟି, ଛାତିହାଡ଼ ପଞ୍ଜରା ଉପରେ ଖଣ୍ଡେ ଛିଣ୍ଡା ନେଳୀ ଗାମୁଛା... ସବୁଜ ବିପ୍ଳବର ସନ୍ତାନର ବ୍ୟଙ୍ଗରୂପ ସେ । ସରକାରୀ କଳ ପାଖରୁ ମାଫିକାର୍ଡ଼ ନ ପାଇ ଜୀବିକା ଅଭାବରେ ପରିବାର ଦ୍ୱାରା ପରିତ୍ୟକ୍ତ ହୋଇ, ଶେଷରେ କେଳୁଚରଣ ମୃତ୍ୟୁବରଣ କରିଛି । ମରୁଡ଼ିଜନିତ ଅନାହାର ମୃତ୍ୟୁର ସମ୍ମୁଖୀନ ହେଉଥିବା, ଓଡ଼ିଶାର ଅଗଣିତ ମଣିଷଙ୍କର କେଳୁଚରଣ ହେଉଛି ପ୍ରତିନିଧି ।

ନଈବଢ଼ି ପ୍ରପୀଡ଼ିତ ମଣିଷର ଚିତ୍ର 'ମେଣ୍ଟାଖାଇ' ଓ 'ବରଜୁଷେଣ୍ଟ ଘାଇ' ଅପେକ୍ଷା ଗାଳ୍ପିକ ସୁରେନ୍ଦ୍ର 'ଅପରିଚିତର ପରିଚୟ' ଓ 'ବନ୍ୟାସଙ୍ଗିନୀ' ଗଳ୍ପରେ ଅଧିକ ବ୍ୟଙ୍ଗାତ୍ମକ ରୀତିରେ କରିଛନ୍ତି । 'ଅପରିଚିତର ପରିଚୟ' ଗଳ୍ପର 'ସେ'ଙ୍କ ବୟସ ଷାଠିଏ ଉପରେ । ତାଙ୍କ ମୁଣ୍ଡରେ ବାଳସବୁ ପାଚିଆସିଲାଣି ।

ମାତ୍ର ଦେହ ତଥାପି ବାଙ୍କିନାହିଁ । ଚଉକୋଣିଆ ମୁହଁରେ, ଦୁଇପାଖର ହନୁହାଡ଼ ବାହାରି ପଡ଼ିଅଛି । ଗୋଟିଏ ଗୋଟିଏ ଦାନ୍ତ ଏଠି ସେଠି ପଡ଼ିଆସିଲାଣି । ମୁହଁପାକ ଟାଆଁସିଆ ଦାଢ଼ି, ତାଳଅଁଶା ପରି । ହନୁହାଡ଼ ବାହାରି ପଡ଼ିଥିବା ହେତୁ ଦୁଇପାଖର ଗାଲ ଠାକରା ହୋଇ ପଡ଼ିଗଲା ଭଳି ଦିଶୁଅଛି । ଦେହରେ କଳା ବିଟ ବିଟ ଚମଡ଼ା ଉପରେ, ଝାଳ ଶୁଖି ଠାଏ ଠାଏ ଧଳା ଯାଦୁପରି ଦିଶୁଅଛି । କାନ୍ଧ ଉପରେ ପଡ଼ିଥିବା ମଇଳା ଗାମୁଛା ଖଣ୍ଡକରେ ତୀବ୍ର ଝାଳୁଆ ଗନ୍ଧ । ସେ କିନ୍ତୁ ରିଲିଫ୍ ପ୍ରତି ଯେତେ ଆସକ୍ତ ନୁହନ୍ତି, ତାଠୁ ବନ୍ୟା ପରିବେଶରେ ଦରମଲା ବାଛୁରୀ ଉଦ୍ଧାର, ତଥା ରିଲିଫ୍ କେମ୍ପରୁ ଗମରା ବିସ୍କୁଟ ଓ ଶୋଲାଭଜା ସଂଗ୍ରହ କରି ଜ୍ଞାତି କୁଟୁମ୍ବହୀନ ବୃଦ୍ଧାଙ୍କୁ ପ୍ରଦାନ କରିବା ତାଙ୍କର କର୍ମ ।

'ବନ୍ୟାସଙ୍ଗିନୀ' ଗଳ୍ପରେ ଗୋବିନ୍ଦ ପଟ୍ଟନାୟକ, ଦାସ ପ୍ରଧାନ, ଜଇ ମହାନ୍ତି, ଆଦିଙ୍କ ସହିତ ହରିଦାସ ଚରିତ୍ର ଚିତ୍ରିତ । ରିଲିଫ୍ ବ୍ୟବସ୍ଥାରେ ଚରିତ୍ରଗୁଡ଼ିକର ମାନସିକ ବିଶ୍ଳେଷଣ ତଥା ହରିଦାସଙ୍କ ସେବା ମନୋଭାବ "ଅପରିଚିତର ପରିଚୟ" ଗଳ୍ପର ଅନୁରୂପ ।

**ଶୋଷକ ଶ୍ରେଣୀ**

'ବନ୍ଦୀ'ଗଳ୍ପରେ ମହାଜନ, 'ବାଲି' ଗଳ୍ପରେ ଥିଲାବାଲା, 'କାଳୀମାଟି' ଗଳ୍ପରେ ଯନ୍ତ୍ରମାନବର ସୂଚନା ରହିଥିଲେ ହେଁ ସୁରେନ୍ଦ୍ରଙ୍କ ପଲ୍ଲୀର ଶୋଷକ ଶ୍ରେଣୀର ଚରିତ୍ର ମଧ୍ୟରୁ 'ଘଇତାମାରୀ ପାଟ' ଗଳ୍ପର ପଦାରବିନ୍ଦମାନ୍ଧାତା ହରିଚନ୍ଦନ, 'ମେଣ୍ଟାଖାଇର' ସିନ୍ଧୁ ଖୁଣ୍ଟିଆ, 'କୁବେରର କବିତା' ଗଳ୍ପର ସୋମନାଥ ପାଠକ ପ୍ରାଣରେ ରେଖାପାତ କରିଥାନ୍ତି । ପୂର୍ବରୁ ପଦାରବିନ୍ଦମାନ୍ଧାତା ହରିଚନ୍ଦନଙ୍କ ଚରିତ୍ର ଉପରେ ଆଲୋଚନା କରାଯାଇଥିବାରୁ ଏଠାରେ 'ମେଣ୍ଟାଖାଇ' ଗଳ୍ପର ସିନ୍ଧୁ ଖୁଣ୍ଟିଆଙ୍କ ଚରିତ୍ର ଉପରେ ଆଲୋକପାତ କରାଯାଉଛି । ସିନ୍ଧୁ ଖୁଣ୍ଟିଆ ମରିଗଡ଼ିଆଁ ଗାଁ ମହାଜନ, ମତବର ଲୋକ । ଜମି ପାଞ୍ଚବାଟୀ, ମହାଜନୀ ଲେନଦେଣ ଅଛି । ଗାଁରେ ପୁଣି ଗୋଟାଏ ତେଜରାତି ଆଉ ଲୁଗା ଗୋଦାମ ଅଛି । ସିନ୍ଧୁ ଖୁଣ୍ଟିଆ ପିଲାବେଳେ ମୁଣ୍ଡରେ ଧାନହଳା ବୋହିବା ଓ ମେଣ୍ଟାଖାଇ କେରାଣ୍ଡି ମୀନ ଧରିବାର ଦେଖିଥିବାଲୋକ ଏବେ ସୁଦ୍ଧା ମରିଗଡ଼ିଆଁ ଗାଁରେ ଅଛନ୍ତି । ଥରେ କୁଆଡ଼େ ବାଇଗଣ କିଆରୀ ହାଣୁ ହାଣୁ ସିନ୍ଧୁ ଖୁଣ୍ଟିଆ ହଣ୍ଡାଏ ସୁନା ପାଇଥିଲେ । ଏ କିନ୍ତୁ ଶୁଣାକଥା । ସତମିଛ କେହି ଜାଣନ୍ତି ନାହିଁ । ମାତ୍ର ସିନ୍ଧୁ ଖୁଣ୍ଟିଆ ଲୋକଟା ଖୁବ୍ ପରିଶ୍ରମୀ । ଏବେ ଅବଶ୍ୟ ଧଇଁ ବେମାରିରେ ବୁଢ଼ା ବସିଲା ଜାଗାରୁ ସହଜରେ ଉଠିପାରେ ନାହିଁ । କିନ୍ତୁ ବର୍ଷ କେତେଟା ଆଗେ ବିଲରେ, ବେଉଷଣ କି ଧାନକଟା ଦିନେ ସିନ୍ଧୁ ଖୁଣ୍ଟିଆ କିଆରୀ କିଆରୀ ବୁଲୁଥିଲେ । ଲୋକଟା ଯୋଉ ପରଟଣ୍ଟିଚିପା କୃପଣ, ଚମଚଟା । ଧାନ ଟଙ୍କାରେ ମହାଜନୀ କରି କେତେ ଲୋକଙ୍କୁ ଯେ ଭିଟାମାଟିରୁ ସେ ଉଚ୍ଛନ୍ନ କରିଛି, ତାର ଠିକଣା ନାହିଁ । ଦୁନିଆଁ ଜାକର ସବୁ ଅଭିଶାପ ତା ଉପରେ ପଡ଼ିଛି । ତଥାପି ତାକୁ କେବେ ସର୍ବନାଶ ହେବା ସୁଦ୍ଧା ଲୋକେ ଜାଣନ୍ତି ନାହିଁ । କେତେ ନିଅଣ୍ଟୀ ବିଧବା, କେତେ ଦୀନଦରିଦ୍ର, ସିନ୍ଧୁ ଖୁଣ୍ଟିଆ ଦାଣ୍ଡରେ ମୁଣ୍ଡ କୋଡ଼ି ଧର୍ମକୁ ଚାହିଁ ଧୂଳି ଉଡ଼େଇଛନ୍ତି । ମାତ୍ର ସିନ୍ଧୁ ଖୁଣ୍ଟିଆ ପିତଳ ଛୁଇଁଲେ ସୁଦ୍ଧା ସୁନା ପାଲଟିଛି । ସେଥିପାଇଁ "ଲୋକଟାକୁ ଧରମ କେମିତି ସହିଛି" ବୋଲି ଲୋକେ ପଛରେ ଯେତେ ଆଲୋଚନା କଲେ ସୁଦ୍ଧା, ଖୁଣ୍ଟିଆ ସାହି ଦାଣ୍ଡରେ ଗଲାବେଳେ ତାକୁ ଜୁହାରଟାଏ ପକାଇ ନ ଯିବା ଲୋକେ ମରିଗଡ଼ିଆଁ ଗାଁରେ ଅନ୍ତତଃ କେହି ନାହାନ୍ତି । ସିନ୍ଧୁ ଖୁଣ୍ଟିଆ ବଡ଼ ଧରମାର୍ଥୀ ଲୋକ ।

ବେକରେ ତିନିସାର ତୁଳସୀମାଳୀ । ମୁଣ୍ଡରେ ଚିତା ତିଳକ ଯେତେ କାମ ଥାଉ ପଛେ ସକାଳେ ଘଡ଼ିଏ ସେବାପୂଜା, ସନ୍ଧ୍ୟାରେ ପୁରାଣ ଶୁଣା ନ ହେଲେ ନଚଳେ । କଳିଷଠୀ ଟପିଲାଣି । ସିନ୍ଧୁ ଖୁଣ୍ଟିଆଙ୍କୁ ବୟସ ସତୁରୀ ଡେଙ୍ଗା ହାଡ଼ଗିଲା ଚେହେରା । ଦିହଯାକ ହାଡ଼ପଞ୍ଜିରା ମାଳ । ଆଖି ଦୁଇଟା ଶେତା ହଳଦିଆ, ଦେହଚମ ଦୁହିଁ ହୋଇଗଲାଣି । ବେକରେ ମୋଟମୋଟ ଶିରାମାଳ । ଦେହ ହାତ ଥରିଲାଣି । ତଥାପି ପରମାର୍ଥ ଓ ପରଅର୍ଥ ସେବା ସିନ୍ଧୁ ଖୁଣ୍ଟିଆ ଛାଡ଼ି ନାହାନ୍ତି । 'ମେଣ୍ଟାଖାଇ'ର ବନ୍ୟା ପ୍ରକୋପ ସମୟରେ ସେହି କୃପଣ ଚମଚଟା ସିନ୍ଧୁ ଖୁଣ୍ଟିଆ କିନ୍ତୁ ଅର୍ଥ ଲୋଭର ବଶବର୍ତ୍ତୀ ହୋଇ ସିନ୍ଦୁକ ଉପରେ ଚଢ଼ି କମ୍ବଳଟା ଢାଙ୍କିହୋଇ ବସିଥିଲେ । ବଡ଼ପୁଅ ବରୁଣୀର ବାଧ ବାଧକତାରେ ମଧ ସେ ଖନୀମରା କଣ୍ଠରେ ଯିବିନାହିଁ କହିଲେ । ଆଉ ଶେଷରେ ବନ୍ୟାରେ ଆତ୍ମାହୂତି ଦେଇଥିଲେ । ଏହି ଚରିତ୍ରଟି ଏକ ସରଳ ଚରିତ୍ର । ଶୋଷକ ସମାଜର ପ୍ରତିନିଧି ଜୀବନ୍ତ ଚରିତ୍ର । ଏହି ଚରିତ୍ରର ଉପସ୍ଥାପନା କୌଶଳ ଓ ପ୍ରାଣଧର୍ମ ଦୃଷ୍ଟିରୁ ଏହି ଚରିତ୍ରରେ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'ର ମଙ୍ଗରାଜ ଚରିତ୍ରର ଛାୟା ଦେଖିବାକୁ ମିଳିଥାଏ ।

'କୁବେରର କବିତା'ର ସୋମନାଥ ବୃଦ୍ଧ, ଅର୍ଥଲୋଭୀ ତଥା ଗାଁ ମହାଜନ । ଅବସର ଜୀବନରେ ଗାଁରେ ରହିଛନ୍ତି । ତାଙ୍କର ଶୋଷକ ଦିଗ ଅପେକ୍ଷା ପଲ୍ଲୀ ପରିବେଶରେ ଅବସର ଜୀବନଯାପନ କରୁଥିବା ବୃଦ୍ଧର ମାନସିକ ଦିଗର ଅସହାୟତା ଓ ନିଃସଙ୍ଗତା ଅଧିକ ଉଦ୍‌ଘାଟିତ ।

**ପଲ୍ଲୀର ମଧ୍ୟବିତ୍ତ ସମାଜର ଚରିତ୍ର**

'ସୀମାରେଖା', 'ଇଜ୍ଜମାଲୀ', 'ବାସିମଡ଼ା', 'ମୃତ୍ତିକାର ଆତ୍ମା', 'ପଲାଶପୁର ଓ ପୋର୍ସିଲେନ୍' ଆଦି ବହୁ ଗଳ୍ପରେ ପଲ୍ଲୀର ମଧ୍ୟବିତ୍ତ ସମାଜର ଚରିତ୍ର ଉପସ୍ଥାପିତ ।

**ଗାଁ ଅବଧାନ** 'ଘନିଆଁର ଗଣେଶ ଚତୁର୍ଥୀ', 'ବଇଷମ ପାଠଶାଳା' ଓ 'ଶୂନ୍ୟ ପଞ୍ଜୁରୀ' ଗଳ୍ପରେ ବଇ ଅବଧାନ ଚରିତ୍ର ଦେଖାଯାଏ । ମାତ୍ର ଘନିଆଁର ଗଣେଶ ଚତୁର୍ଥୀର ବଇ ଅବଧାନଠାରୁ ଅନ୍ୟ ଦୁଇଟି ଗଳ୍ପର ବଇ ଅବଧାନ ସ୍ୱତନ୍ତ୍ର ।

ଘନିଆଁର ଚାହାଳୀ ପ୍ରବେଶସମୟରେ ବଇ ଅବଧାନେ ଛିଣ୍ଡାକମ୍ବଳ ଉପରେ କାନ୍ଥକୁ ଆଉଜି ବସି ଢୁଳାଉଥିଲେ । ବଇ ଅବଧାନଙ୍କ ଆପୁ ନିଶା ଢୁଳାଉ ଢୁଳାଉ ପାଟିଟା ଅଧା ଆଁ ହୋଇ ଯାଇଥିଲା । ପାଖରେ ପଡ଼ିଥିଲା ଦୁଇଖଣ୍ଡ ବେତ, ଖଣ୍ଡେ ନହନହକିଆ, ଆଉଖଣ୍ଡେ ଆଙ୍ଗୁଠିମୋଟ । ପିଲାମାନଙ୍କର ଫଳାବୋଲାରେ ବି ଅବଧାନଙ୍କର ଢୁଳଟା ଆସ୍ତେ ଆସ୍ତେ ଜମି ଆସୁଥିଲା । ହଠାତ୍ ଦୁଇଟା ମାଛି ଅବଧାନଙ୍କ ପାଟି ଭିତରକୁ ଉଡ଼ି ପଶିଗଲେ । ଖଁ ଖଁ କାଶି, ଛିଙ୍କି ବଇ ଅବଧାନ ଧଡ଼ପଡ଼ ହୋଇଗଲେ । ଢୁଳ ଭାଙ୍ଗିଯିବାରୁ ପିଲାଙ୍କ ଉପରେ ବେତ ପ୍ରହାର ତଥା ଚାଟଙ୍କଠାରୁ ସିଧା ଆଦାୟ ହିଁ ତାଙ୍କ ମୁଖ୍ୟ କର୍ମ ।

ବୈରାଗୀ ବରଇଷମଙ୍କ ହାଡୁଆ ମୁହଁ, ପୋଷେ ଚାଉଳ ରହିବା ପରି ଦୁଇ ଗାତୁଆଆଖି, ଉପରେ ଦୁଇଟା ଫବାଳୁଆ ପରି ଭ୍ରୂଲତା, ଶୁଖିଲା କର୍କଶ ଚମ ଢଙ୍କା ଶିଥିଳ ଦେହ, ତଥା ସେ 'ବାଘ' ନାମରେ ପରିଚିତ ଥିଲେ । ବୈରାଗୀ ବଇଷମଙ୍କ କ୍ରୋଧ କିନ୍ତୁ ଯେପରି ଭୟଙ୍କର ଶ୍ରଦ୍ଧାଟା ମଧ ସେପରି ଉତ୍କଟ । ମାତ୍ର ତାଙ୍କ ପୁତ୍ର ନକୁଳାର ଅନ୍ତର୍ଦ୍ଧାନ ପରେ ତାଙ୍କ ଚାରିତ୍ରିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ ।

ଶୂନ୍ୟ ପଞ୍ଜୁରୀର ବଇ ଅବଧାନ - ମଧ ବାଘ ନାମରେ ପରିଚିତ । ସେ ଡେଙ୍ଗା, ନହର୍କିଆ, ରୋଗିଣା ପାତଳା ମଣିଷଟି ଲଣ୍ଡା ମୁଣ୍ଡରୁ ଚୁଟିଟିଏ ନଚାଇ, ବେକରେ ଚାରିସାର ତୁଳସୀ ମାଳୀ

ଝୁଲାଇ, ନାକଠାରୁ କପାଳ ପର୍ଯ୍ୟନ୍ତ ଚିତାଟିଏ କାଟି ହାଡୁଆ ମୁହଁର କୋରଡ଼ ଆଖି ଦୁଇଟିରେ ଗଞ୍ଜେଇରଙ୍ଗା ରଡ଼ନିଆଁ ଜାଳି, ଲମ୍ବା ଲମ୍ବା ପାହୁଲ ପକାଇ ଚାଟଶାଳୀ ଆସନ୍ତି।

ଏହି ତିନୋଟି ଅବଧାନ ଚରିତ୍ର ମଧରୁ 'ଘନିଆର ଗଣେଶ ଚତୁର୍ଥୀ' ଓ 'ଶୂନ୍ୟ ପଞ୍ଜୁରୀ'ର ବଇ ଅବଧାନ ଗୌଣ ଚରିତ୍ର ମାତ୍ର 'ବଇଷମ ପାଠଶାଳା ଅବଧାନଙ୍କ ପରିବାରର ଚିତ୍ର ହୋଇଥିବାରୁ ସେ ମୁଖ୍ୟ ଚରିତ୍ର। ପ୍ରଥମ ଅବଧାନ ଚରିତ୍ରରେ ଫକୀରମୋହନଙ୍କ 'ରାଣ୍ଡିପୁଅ ଅନନ୍ତା'ର ଛାୟା ଦେଖିବାକୁ ମିଳିଥାଏ; ମାତ୍ର ପରବର୍ତ୍ତୀ ଦୁଇଟି ସୁରେନ୍ଦ୍ରଙ୍କ ନିଜସ୍ୱ। ତଥା ତାଙ୍କର ବିଗ୍ରହ ବର୍ଣ୍ଣନା ଜୀବନ୍ତ। (ମହାନ୍ତି, ୧୯୮୬, ପୃ: ୧୦)

**ଶିକ୍ଷକ** 'ଇଜ୍‌ମାଲୀ' ଓ 'ବାସିମଡ଼ା'ର ବ୍ରଜବନ୍ଧୁ ଚରିତ୍ର ପଲ୍ଲୀର ହେଲେ ବି ସେ ସହରର ବାସିନ୍ଦା ଶିକ୍ଷକ । ମାତ୍ର ପଲ୍ଲୀ ପରିବେଶରେ ବରଜୁଷେଣ୍ଟ ଘାଇରେ ବର୍ଣ୍ଣିତ ହରି ମାଷ୍ଟର ଓ ମୃତ୍ତିକାର ଆତ୍ମାର ସିଧକାନଗୋଇଙ୍କ ସମ୍ପର୍କରେ ଏଠି ଆଲୋଚନା କରାଯାଇଅଛି।

ହୀରାଧରପୁର ନି. ପ୍ରା. ସ୍କୁଲର ହରିମାଷ୍ଟର ଏ ଅଞ୍ଚଳରେ କେବଳ ଜଣେ ବ୍ୟକ୍ତି ନୁହନ୍ତି - ଗୋଟିଏ ଅନୁଷ୍ଠାନ। ଘରପୋଡ଼ି, ବନ୍ୟା, ମହାମାରୀଠାରୁ ଆରମ୍ଭ କରି, ସ୍ଥାନୀୟ ନାଟ୍ୟପରିଷଦର ଆନୁକୂଲ୍ୟରେ ଗ୍ରାମ୍ୟ ଯୁବକମାନଙ୍କ ଦ୍ୱାରା ଆୟୋଜିତ ବାର୍ଷିକ ନାଟ୍ୟାଭିନୟ ପ୍ରଭୃତି ପ୍ରତ୍ୟେକ ଉତ୍ସବ ଓ ନିରୁତ୍ସବ ସୁଦିନ ଓ ଦୁର୍ଦ୍ଦିନ, ସମସ୍ତଙ୍କ ପୁରୋଭାଗରେ ହରିମାଷ୍ଟର। ହରିମାଷ୍ଟର ପୁଣି କେବଳ ଶିକ୍ଷକ ନୁହନ୍ତି, ସେ ମଧ ଜଣେ ଛୋଟିଆ ହୋମିଓପ୍ୟାଥିକ୍ ଡାକ୍ତର। ସ୍କୁଲରେ ଥିବା ସମୟତକ ଖଣ୍ଡେ ଆଣ୍ଠୁ ନ ଲୁଚା ଲୁଗା ଓ ଫତେଇ ପିନ୍ଧିଲେ ହେଁ, ଅନ୍ୟ ସମୟରେ ପ୍ୟାଣ୍ଟ କୋର୍ଟ ପିନ୍ଧି ବେକରେ ଗୋଟିଏ ଷ୍ଟେଥୋସ୍କୋପ୍ ଝୁଲାଇ, ପରମ ଉତ୍ସାହରେ ସେ ବ୍ୟାଧିର ନିଦାନଠାରୁ ଆରମ୍ଭ କରି ରୁଷିଆ ଓ ଆମେରିକା ମଧରେ ବିବାଦର ସଦ୍ୟ କାରଣ ଓ ଚନ୍ଦ୍ରମଣ୍ଡଳକୁ ମଣିଷର ଅଭିଯାନ ସମ୍ବନ୍ଧରେ ନାନା ତଥ୍ୟ ଶୁଣାଇ ନିଜର ଶ୍ରୋତାମାନଙ୍କୁ ଅଭିଭୂତ କରିଦିଅନ୍ତି। ତାଙ୍କ୍ ସାମ୍ନାରେ କେହି କିଛି ନ କହିଲେ ହେଁ ପଛରେ ତାଙ୍କୁ 'କ୍ରାକ୍' , ପାଗଳ, ବାହାପିଆ ଇତ୍ୟାଦି ନାନା ଗୁଣ ବାଚକ ବିଶେଷଣରେ ଅଭିହିତ ହେବାକୁ ପଡ଼ିଥାଏ। ଲୋକଟି ସ୍ଥାନୀୟ ବାସିନ୍ଦା ନ ହେଲେ ହେଁ, ତଥା ତାଙ୍କର ଘର ଆତ୍ମୀୟସ୍ୱଜନ ସଂପର୍କରେ କାହାରି ଧାରଣା. ନ ଥିଲେ ହେଁ, ସ୍କୁଲରେ ଯୋଗଦାନ ପରଠାରୁ ସେ ଅଞ୍ଚଳକୁ ନିଜର କରିନେଇ ପାରିଥିଲେ । ତେଣୁ ବରଜୁଷେଣ୍ଟ ଘାଇ ଭାଙ୍ଗି ବନ୍ୟା ହେଲା ସମୟରେ ତଥା ପୂର୍ବରୁ ମାଳୀସାହି ବ୍ରାହ୍ମଣ ଶାସନରେ ଆକସ୍ମିକ ଭାବେ ନିଆଁ ଲାଗିଲା ସମୟରେ ସେ ଅକୁଣ୍ଠ ଚିତ୍ତରେ ସେବା କାର୍ଯ୍ୟ କରିଥିଲେ। ନିଜକୁ ଦଧୀଚି ପରି ନିଃଶେଷ କରିଦେଇ ସେ ଜନସେବାରେ ହିଁ ମନପ୍ରାଣ ଢାଳି ଦେଇଥିଲେ।

'ମୃତ୍ତିକାର ଆତ୍ମା' ଗଳ୍ପର ସିଧକାନଗୋଇ ଗୋପାଳପୁର ଗାଁ ଉପ୍ରା ସ୍କୁଲର ହେଡ ପଣ୍ଡିତ ଥିଲେ। ଗୋପାଳପୁର ଅଞ୍ଚଳର ଉନ୍ନତି ପରିକଳ୍ପେ ତାଙ୍କର ଅବଦାନ ଅଶେଷ ହେଲେ ହେଁ ପୁଅ ଟୁଙ୍ଗା ଓ ଝିଅ ପାର୍ବତୀକୁ ସମାଜରେ ଉପଯୁକ୍ତ ଭାବେ ଗଢ଼ିପାରି ନାହାନ୍ତି। ସାଂସରିକ ଜୀବନରେ ଟୁଙ୍ଗା ବୋଉ ଭାଷାରେ ସେ ଅପଦାର୍ଥ ତଥା ଜୀବନରେ ଅନେକ ଜଞ୍ଜାଳ ଭିତରେ ସେ ଭାଗ୍ୟବାଦୀ, ସ୍ଥାଣୁ ଓ ଅସହାୟ।

ଏ ଉଭୟ ଶିକ୍ଷକ ଚରିତ୍ର ଗଳ୍ପରେ ମୁଖ୍ୟ ଚରିତ୍ର ତଥା ପ୍ରତିନିଧି ସ୍ଥାନୀୟ ଚରିତ୍ର । ସମାଜରେ ଶିକ୍ଷକର ଅବସ୍ଥା ଏହି ଚରିତ୍ର ମାଧ୍ୟମରେ ଚିତ୍ରିତ । ସୁରେନ୍ଦ୍ରଙ୍କ ଗଳ୍ପରେ ଅବଧାନ ଓ ଶିକ୍ଷକ ବ୍ୟତିରେକେ ଅନ୍ୟାନ୍ୟ କର୍ମଜୀବୀ, ପେନ୍‌ସନ୍‌ଭୋଗୀ ବୃଦ୍ଧ, ଘଣିଆଁ ଭଳି ନିରୀହ ଚରିତ୍ର ଗାଳ୍ପିକଙ୍କ ବିଭିନ୍ନ ଗଳ୍ପରେ ଚିତ୍ରିତ ।

**ସୁରେନ୍ଦ୍ରଙ୍କ ଗଳ୍ପରେ ନାରୀ ଚରିତ୍ର**

ସୁରେନ୍ଦ୍ରଙ୍କ ଗଳ୍ପରେ ନାରୀ ଚରିତ୍ର ପୁରୁଷ ଚରିତ୍ର ତୁଳନାରେ ସଂଖ୍ୟା ଦୃଷ୍ଟିରୁ ସ୍ୱଳ୍ପ ହେଲେ ହେଁ, ଏଗୁଡ଼ିକ ବୈଚିତ୍ର୍ୟ ତଥା ବିବିଧତାପୂର୍ଣ୍ଣ । ନିମ୍ନରେ ବିଭିନ୍ନ ପ୍ରକାରର ନାରୀ ଚରିତ୍ର ସଂପର୍କରେ ଆଲୋଚନା କରାଯାଉଅଛି ।

**ପତ୍ନୀ**

'ମଣିଷ ଓ ଅର୍ଥନୀତି' ଗଳ୍ପର ଲୀଳା, 'ଅପରିଚିତ' ଗଳ୍ପର ଲୀଳା, 'ଅତିଥି' ଗଳ୍ପର ନିର୍ମଳା, 'ଧ୍ୱଂସାବଶେଷ' ଗଳ୍ପର ଲୀଳା, 'ନିଯୁକ୍ତି ପତ୍ର' ଗଳ୍ପର ସୁରମା ଚରିତ୍ର ଆଦି ପତ୍ନୀ ଭାବରେ ବାହ୍ୟତଃ ବାସ୍ତବବାଦୀ ମାତ୍ର ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ କ୍ରମାନ୍ୱୟରେ ଏହି ଚରିତ୍ରଗୁଡ଼ିକର ଆଲୋଚନା ମଧ୍ୟରେ ଦେଖାଇ ଦିଆଯାଉଛି । ତେବେ ନାରୀ ଚରିତ୍ରର ନାମକରଣ ଲକ୍ଷ୍ୟକଲେ ଏକ ନାମରେ ବହୁ ଚରିତ୍ର ରହିଛନ୍ତି । ମଣିଷ ଓ ଅର୍ଥନୀତିରେ କିରାଣୀର ପତ୍ନୀ ଲୀଳା । ସମସ୍ତ ଅଭାବ ଅନାଟନ ମଧ୍ୟରେ ସଂସାର ଚଳାଇ ନେବାରେ ଅଭ୍ୟସ୍ତ । ଭାବ ପ୍ରବଣ ସ୍ୱାମୀ ଅପେକ୍ଷା ପାରିବାରିକ ଅର୍ଥନୀତି ତଥା ସଂସାରରେ ସ୍ତ୍ରୀର କର୍ତ୍ତବ୍ୟ ପ୍ରତି ଅଧିକ ସଚେତନ । ସେଇଥିପାଇଁ ସେ ପାଖରେ ସଂଚିତ ଦୁଇଅଣା ପଇସାରେ ସ୍ୱାମୀକୁ ହୋଟେଲରେ ଖାଇବାକୁ କହି ବାକି ମାସ ଗୋଟାକର ଅଭାବରେ ଦୂରୀକରଣ ପାଇଁ ବିବାହ ସ୍ମାରକୀ ମୁଦିଟାକୁ ବିକ୍ରି କରି ଦେବା ପାଇଁ ସ୍ୱାମୀକୁ ଦେଇଛି । ତା' ମତରେ ଜୀବନରେ ବଞ୍ଚିବା ଅପେକ୍ଷା ଗୋଟିଏ ସ୍ମୃତିର ଦାମ୍ ଖୁବ୍ କମ୍ ବାଜେ ଖିଆଲ । ଏହି ଚରିତ୍ରର ବିଗ୍ରହ ବର୍ଣ୍ଣନା ଆଦି ସଂପର୍କରେ ଗାଳ୍ପିକ ସୁରେନ୍ଦ୍ର ସଚେତନ ନୁହନ୍ତି । ସ୍ତ୍ରୀର କର୍ତ୍ତବ୍ୟର ଯେଉଁ ଚିତ୍ର ଦେଇଛନ୍ତି ତାହା ବାସ୍ତବଧର୍ମୀ । ଏହି ଚରିତ୍ର ଅଳ୍ପ ପରିସରରେ ବର୍ଣ୍ଣିତ ହେଲେ ହେଁ ପାଠକ ମନରେ ଏକ ଚିରନ୍ତନ ଆବେଦନ ସୃଷ୍ଟି କରିଥାଏ ।

'ଅପରାଜିତ'ର ଲୀଳା କିନ୍ତୁ ମଣିଷ ଓ ଅର୍ଥନୀତିର ଲୀଳାଠାରୁ ଭିନ୍ନ । ବୁଦ୍ଧିଜୀବୀ, ଆଦର୍ଶବାଦୀ ଶ୍ୟାମଳର ପତ୍ନୀ ସେ; ନିରାଭରଣା, ହାତରେ କେବଳ ଦୁଇଟି କରି କାଚ, ଆଉ କପାଳରେ ଗୋଟାଏ ସିନ୍ଦୂରଟୋପା - ସେତିକି ମାତ୍ର ତାର ସଧବାର ଆଭରଣ । ଜୀବନର ବାସ୍ତବତାକୁ ସେ ସହଜ ଭାବରେ ଗ୍ରହଣ କରିନେଇ ନାହିଁ; ଅଥଚ ଅନ୍ତରରେ ଗୁମୁରି ଉଠିଛି ସିନା ସ୍ୱାମୀ ଶ୍ୟାମଳ ପାଖରେ ପତ୍ୟକ୍ଷରେ ପ୍ରତିବାଦ କରିନାହିଁ ।

'ଅତିଥି' ଗଳ୍ପର ଆଦର୍ଶବାଦୀ ବିପ୍ଳବୀ ଶ୍ୟାମଳର ପତ୍ନୀ ନିର୍ମଳା; ବାସ୍ତବବାଦୀ । ଏକାନ୍ନବର୍ତ୍ତୀ ପରିବାରରେ ତାର ଇଚ୍ଛା ଅନ୍ୟ ଭାଇଙ୍କ ପରି ତାର ସ୍ୱାମୀ ଶ୍ୟାମଳର ମଧ୍ୟ ଅର୍ଥ ପ୍ରତିପତ୍ତି ରହନ୍ତା, ମାତ୍ର ତାହା ଯେତେବେଳେ ସମ୍ଭବ ହୋଇନି ସେ ସ୍ୱାମୀକୁ ଆଘାତ ଦେବାକୁ ମଧ୍ୟ ପଛଘୁଞ୍ଚା ଦେଇନି ।

'ଧ୍ୱଂସାବଶେଷ' ଗଳ୍ପରେ ଲୀଳା ଭାବପ୍ରବଣ କଳ୍ପନା ବିଳାସୀ ରାଜେନ୍ଦ୍ରର ପତ୍ନୀ । ସେ ବାସ୍ତବବାଦୀ; ରାଜେନ୍ଦ୍ରର ପଦ୍ମକେଶର ଖାଇ ବଞ୍ଚିବାଟାକୁ ପସନ୍ଦକରି ନାହିଁ । ସାଧାରଣ ମଧ୍ୟବିତ୍ତ ସମାଜର ପତ୍ନୀଭଳି,

ନିଜର ଦାରିଦ୍ର୍ୟକୁ ସେ ବନ୍ଧୁମିଳନରେ କେମିକଲ ସୁନାର ହାର ପିନ୍ଧି ଲୁଚେଇଛି । ମାତ୍ର ଗଳ୍ପର ଶେଷରେ ସେ ନିଜର ଛଳନା ପାଖରେ ହାର ମାନିନେଇଛି, ଏହି ଚରିତ୍ରଟି ବର୍ତ୍ତୁଳ । 'ନିଯୁକ୍ତି ପତ୍ର' ଗଳ୍ପର କବି ଲେଖକ ସୁନନ୍ଦର ପତ୍ନୀ, ସୁରମା, ଅଭାବ ଅନାଟନ ମଧ୍ୟରେ ସୁଦିନର ସ୍ୱପ୍ନ ଦେଖାରେ ବ୍ୟସ୍ତ ।

'ସିଗାରେଟ' ଗଳ୍ପର ବିନିବୋଉ, ମଧ୍ୟଯୁଗୀୟ ଆଦର୍ଶର ପତ୍ନୀ, ବୟସ ଖସିବା ସହିତ ସ୍ୱାମୀ ସୋହାଗିନୀ ପତ୍ନୀ ଅପେକ୍ଷା ମାର ଆଦର୍ଶ ତାଙ୍କଠାରେ ଅଧିକ । 'ତାତା' ଗଳ୍ପରେ ଅନୁରୂପଭାବେ କୋକିଳାଦେବୀ ଚେତନାର ଚରିତ୍ର ହେଲେ ହେଁ ସେ ସ୍ୱାମୀ ଅନୁଗତା ମଧ୍ୟଯୁଗୀୟ ପତ୍ନୀ । 'ଶେଷ କବିତା'ର କବି ଭୂତନାଥର ପତ୍ନୀ ନୀଳିମା ଦେବୀ କବି ପରିବାରର ଅଭାବ ଅନାଟନ ମଧ୍ୟରେ ସର୍ବଂସହାରୂପ ।

'ବ୍ୟର୍ଥ ଆଗମନୀ'ର କଟକ୍ ବାସିନ୍ଦା କିରାଣୀ ରାମହରି ବାବୁଙ୍କ ପତ୍ନୀ କୋକିଳାଦେବୀ । ସେ ରିକ୍ସା ଉପରେ ଦେଖା ଯାଉଥିଲେ ଦଶ ପ୍ରହରଣ ଧାରିଣୀ ଦୁର୍ଗାଙ୍କ ପରି । ତାଙ୍କର ନାନା ପ୍ରହରଣରେ, ସାଇକେଲ ରିକ୍ସାଟି ଚଳନ୍ତି ସ୍ତୁପ ପରି ଦିଶୁଥିଲା । ବାମ ହସ୍ତରେ ସେ ସଯତ୍ନେ ଧାରଣ କରିଥିବା ଗୋଟିଏ ଲୁହା କଡ଼େଇ ଓ ଦକ୍ଷିଣ ହସ୍ତରେ ଗୋଟିଏ ସଉପ ଧାରଣ କରିଥିବା ଚିତ୍ରଟି ସହରବାସୀ ଗ୍ରାମ୍ୟ ନାରୀର ଏକ ପ୍ରତିନିଧି ।

'ସେ ଓ ମୁଁ' ଗଳ୍ପରେ କମଳୀ ସରମାର ସପତ୍ନୀ ଭାବେ ସମାନ୍ତରାଳ ଚରିତ୍ର ହେଲେ ହେଁ କମଳୀ ନାରୀ ତଥା ସମାଜରେ ନିକ୍ଷେପିତ । 'ମୁହୂର୍ତ୍ତ' ଗଳ୍ପର ଶ୍ରୀମତୀ ସୋମ୍ ଚରିତ୍ରରେ ବିଳମ୍ବିତ ବିବାହରେ ନବବଧୂର ମାନସିକ ଅବସ୍ଥା ତଥା ବ୍ୟବହାରର ଚିତ୍ର ଦିଆଯାଇଛି । 'ନିଃସଙ୍ଗ ଆକାଶ'ର ମୁଁ (ମଣ୍ଟୁ)ର ପତ୍ନୀ ଲୀଳା ଉଚ୍ଚମଧ୍ୟବିତ୍ତ ପତ୍ନୀ ଚରିତ୍ରର ପ୍ରତିନିଧି । ମାତ୍ର 'କାକ୍ଟସ୍' ଗଳ୍ପର ମିସେସ୍ ରାଜନ୍ ରଙ୍ଗୀନ୍ ପ୍ରଜାପତି ପରି ଜୀବନର ଉଦ୍ୟାନରେ ଖିଆଲୀ ରୂପଲଚ୍ଛମାନଙ୍କୁ ପ୍ରଲୁବ୍ଧ କରି ଉଡ଼ିଉଡ଼ି ବୁଲୁଛନ୍ତି କେବଳ । ସେ ମହାନଗରୀର ସମ୍ଭ୍ରାନ୍ତ ମୁକ୍ତନାରୀ ଉତ୍ତେଜନା ସର୍ବସ୍ୱ ସମାଜର ଓ ସଭ୍ୟତାର ଦୃପ୍ତିଦାତ୍ରୀ । ଏହି ଚରିତ୍ରଟି ଗାଳ୍ପିକଙ୍କ ସୃଷ୍ଟିରେ ସୈରିଣୀ ହେଲେ ହେଁ ରହସ୍ୟଧର୍ମୀ ଏକ ବର୍ତ୍ତୁଳ ଚରିତ୍ର ।

ଦାମ୍ପତ୍ୟ ଜୀବନରେ 'ଶାଳଭଞ୍ଜିକା'ର ସୁକାନ୍ତି ସ୍ତ୍ରୀ ଭାବରେ ଈର୍ଷା ପରାୟଣା ତଥା ସନ୍ଦେହୀ । 'ସେଇ ଲୋକଟି' ଗଳ୍ପର ମୋହନର ପତ୍ନୀ କୁଙ୍କୁମ ଓ ମିଷ୍ଟର ଚାଓଲାଙ୍କ ପତ୍ନୀ ମହାନଗରୀର ପୁଞ୍ଜିପତି ତଥା ନିମ୍ନ ମଧ୍ୟବିତ୍ତ ସମାଜର ପତ୍ନୀ ଚରିତ୍ରର ପ୍ରତିନିଧି ମାତ୍ର ।

ସୁରେନ୍ଦ୍ରଙ୍କ ଗଳ୍ପର ପତ୍ନୀ ଚରିତ୍ର ଅନୁଧ୍ୟାନ କଲେ ଏକଥା ସ୍ପଷ୍ଟ ଯେ, ସମ୍ପୂର୍ଣ୍ଣ ଭାବେ ପତ୍ନୀର ଜୀବନଚର୍ଯ୍ୟା ତଥା ମନସ୍ତତ୍ତ୍ୱକୁ କେନ୍ଦ୍ରକରି ସେ ଅବଶ୍ୟ ଶାଳଭଞ୍ଜିକା, ସେ ଓ ମୁଁ, କାକ୍ଟସ୍ ଗଳ୍ପ ବିଷୟବସ୍ତୁର ବର୍ଣ୍ଣନା କରିଥିଲେ ହେଁ ଅନ୍ୟ ଗଳ୍ପଗୁଡ଼ିକରେ ପତ୍ନୀ କେବଳ ବିଭିନ୍ନ ସମାଜର ପ୍ରତିନିଧି ରୂପେ ସ୍ଥାନ ପାଇଛି ।

**ପ୍ରେମିକା**

ଗାଳ୍ପିକ ସୁରେନ୍ଦ୍ରଙ୍କ ସୃଷ୍ଟିରେ ନାରୀ ପ୍ରେମିକା ରୂପରେ ବହୁ ଗଳ୍ପରେ ଦେଖା ଦେଇଛି ; ମାତ୍ର ତାର ସ୍ୱରୂପ ବିଭିନ୍ନ 'ଆଦିମ ଓ ଶତରୂପା'ର ଶତରୂପା ଆଦିମାନବୀର ପ୍ରତୀକାତ୍ମକ ରୂପମାତ୍ର । ଶତରୂପାର ପ୍ରେମ ନିବେଦନ, ଅଭିମାନ ଆଦି ମଧ୍ୟରୁ ପ୍ରେମର ସୃଷ୍ଟି ହୋଇଥିଲା । ଆଳଙ୍କାରିକ ରୀତିରେ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାବରେ ଆଦିମାନବୀ ଶତରୂପାର ମାନସିକ ବିଶ୍ଳେଷଣ ଏହି ଗଳ୍ପରେ ଦେଖିବାକୁ ମିଳିଥାଏ । 'ବେଲୁନ୍'ର କଲ୍ୟାଣୀ ଓ 'ସିଗାରେଟ'ର କୃଷ୍ଣମୟୀ ଅତୀତର ଚେତନାର ଚରିତ୍ର । ଏମାନେ ଆଦ୍ୟଯୌବନର ପ୍ରେମିକା

ଚରିତ୍ରର ଚିତ୍ରଣ ଦୃଷ୍ଟିରୁ ବିଚାର କଲେ ଏମାନଙ୍କର କେବଳ ସୂଚନା ରହିଛି- ମାତ୍ର ବିକାଶ ପରିଲକ୍ଷିତ ହୁଏନାହିଁ । 'ଶାଳଭଞ୍ଜିକା'ର ମନୀଷା, ଗାଳ୍ପିକଙ୍କ ଭାଷାରେ ଅଶରୀରୀ ଛାୟାପରି । ସେ ସୁନ୍ଦରୀ, ସୁଶିକ୍ଷିତା, ସଙ୍ଗୀତନିପୁଣା, ଅବିବାହିତା ରାମନାରାୟଣବାବୁଙ୍କ କନ୍ୟା । ଶ୍ୟାମଳ ସହିତ ତାର ସଂପର୍କ ସୁକାନ୍ତିଙ୍କ ଚକ୍ଷୁରେ ରହସ୍ୟମୟ । ରହସ୍ୟର ଉନ୍ମୋଚନ ଘଟିବା ପରେ ଦେଖାଯାଏ ମନୀଷା 'ଫ୍ରିଜ୍‌ଡ୍' ମନ୍ଦିର ଦେହରେ ସ୍ଫୁରିତ ଯୌବନା 'ଶାଳଭଞ୍ଜିକା' ପରି । ଏହି ଚରିତ୍ର ସମ୍ପୂର୍ଣ୍ଣ ରୂପେ ଅନ୍ତର୍ମୁଖୀ ଓ ରହସ୍ୟମୟ । ଚରିତ୍ରଟିର ଅବତାରଣାରେ ମାନସିକ ବିଶ୍ଳେଷଣର ଇଙ୍ଗିତ ରହିଛି । "ନୀଳଜ୍ୟୋତ୍ସ୍ନା"ର କଲ୍ୟାଣୀ, ବିବାହିତା, ଦାମ୍ପତ୍ୟ ଜୀବନର କାମନା ସର୍ବସ୍ୱ ସ୍ଥିତିରେ ସେ ଅସୁଖୀ । ତେଣୁ ଦେହାତୀତ ପ୍ରେମରେ ସେ 'ମୁଁ' ଚରିତ୍ର ସହିତ ଆବଦ୍ଧ । ସ୍ୱାମୀରେ ସଂସାରରେ ତାଙ୍କର ପ୍ରେମ ସାମାଜିକ ଦୃଷ୍ଟି କୋଣରୁ ଘୃଣ୍ୟ ହୋଇପାରେ ମାତ୍ର ସେ ଦେହାତୀତ, କାମନାତୀତ ପ୍ରେମ ପଥରେ ଆତ୍ମିକ ଶାନ୍ତି ଉଦ୍ଦେଶ୍ୟରେ ନିଜକୁ ନିୟୋଜିତ କରିଛନ୍ତି । "ନିଃସଙ୍ଗ ଆକାଶ"ର କଇଁ ମଧ୍ୟ ଏକ ସୂଚନାଧର୍ମୀ ଚରିତ୍ର । ମଣ୍ଟୁର ଚେତନାରେ ଅତୀତ ଜୀବନରେ ଦେଖା ଦେଇଥିବା ଗ୍ରାମ୍ୟ ବାଳିକା କଇଁ । ଦେହର ରଙ୍ଗ ତାର ନୀଳକଇଁ ପରି ଶ୍ୟାମଳ ଉଜ୍ଜ୍ୱଳ ଓ ସ୍ନିଗ୍ଧ... ସେହିପରି ବ୍ରୀଡ଼ାକୁଣ୍ଠିତା, ମଣ୍ଟୁର ଭାଷାରେ ସେ ନୀଳକଇଁ । ତା'ପ୍ରତି ଅତୀତ କୈଶୋରରେ ମଣ୍ଟୁର ଅନ୍ତରରେ ପ୍ରେମଜାତ ହୋଇଥିଲା । ମାତ୍ର ସହରର ଆମନ୍ତ୍ରଣ ଓ ପ୍ରତିଯୋଗିତାର ଆହ୍ୱାନ ମଧ୍ୟରେ ନୀଳକଇଁ ମଣ୍ଟୁ ଜୀବନରୁ ବିଦାୟ ନେଇଥିଲେ ହେଁ ତା' ଅବଚେତନରେ ନୀଳକଇଁ ପ୍ରତି ଥିଲା ଆକର୍ଷଣ । ସେଇଥିପାଇଁ ସେ ଧାଇଁ ଯାଇଥିଲା, ଏକ ବିଚିତ୍ର ଆକର୍ଷଣରେ ଗୋଡ଼ିବାଣପୁର । ମାତ୍ର 'ନୀଳକଇଁ'ର ଶୀର୍ଣ୍ଣ ନିରାଭରଣ ରେଖାଙ୍କିତ ମୁହଁ, ହାତରେ ଚୁଡ଼ି ବା କାଚର ଅଭାବ, କପାଳ ଉପରେ କେତେ କେରା ରୁକ୍ଷ କେଶ, ବିଧବାର ବେଶ ଦେଖି- ମଣ୍ଟୁର ଅତୀତର ଚେତନା ବାସ୍ତବତାର ଉଗ୍ରରୂପ ଦର୍ଶନରେ କରୁଣ ହୋଇ ଉଠିଛି । "ନୀଳକଇଁ" ଏକ ଚେତନାର ଚରିତ୍ର, ତେଣୁ ତାର ପ୍ରେମର ଚିତ୍ର, ତଥା ଚାରିତ୍ରିକ ବିକାଶ ବ୍ୟଞ୍ଜନାଧର୍ମୀ ହୋଇଛି ।

'ନିର୍ମୂଳୀ ଲତାର ଫୁଲ' ଗଳ୍ପରେ ପ୍ରତିବେଶିନୀ ଝିଅ ପ୍ରତି ମଣ୍ଟୁର କୈଶୋର ପ୍ରେମର ଯେଉଁ ଉଗ୍ରତା ତଥା ଭାବବିହ୍ୱଳତା ଦେଖାଯାଏ, ସେହି ଭାବବିହ୍ୱଳତା ପରିଣତ ଜୀବନ ପର୍ଯ୍ୟନ୍ତ କିଭଳି ଏକ ଅଶରୀରୀ ପ୍ରଭାବ ବିସ୍ତାର କରିଥାଏ, ତାହା ପୂର୍ବୋକ୍ତ କଇଁ ଚରିତ୍ର ମାଧ୍ୟମରେ 'ନିଃସଙ୍ଗ ଆକାଶ'ରେ ଉପସ୍ଥାପିତ । 'ଗୋଟିଏ ପ୍ରେମ ଗଳ୍ପ'ର ଜୟା ଓ 'ପ୍ରେତିନୀର ନାଚ'ର କଲ୍ୟାଣୀ ଚରିତ୍ର ମାଧ୍ୟମରେ ଏହି ଭାବ ଅଧିକ ବାସ୍ତବବାଦୀ ରୂପେ ପ୍ରକାଶିତ । 'ଗୋଟିଏ ପ୍ରେମ ଗଳ୍ପ'ରେ ଫାଇନ୍ ଆର୍ଟ ଏକ୍‌ଜିବିସନ୍‌ରେ 'ସେ' ଅର୍ଥାତ୍ ଜୟାର ପରିଚୟ ହେଉଛି ସେ ନବ୍ୟ ଧନୀକ ପତ୍ନୀ । ମେକ୍‌ଅପ୍‌ରେ ତାଙ୍କର ଉଗ୍ରତା ନଥିଲା । ଜୁଡ଼ାରେ ଥିଲା ଗୋଟିଏ ମ୍ଳାନ କ୍ଳାନ୍ତ ସୂର୍ଯ୍ୟମୁଖୀ ଏବଂ ଏହି ଫୁଲ ହିଁ ଅତୀତର ରୋମନ୍ଥନର ସହାୟକ । ଦୀର୍ଘ ଚଉଦ ବର୍ଷର ବ୍ୟବଧାନରେ ସୁବ୍ରତ ସହ ଜୟାର ସାକ୍ଷାତ । ଅତୀତର ରୋମନ୍ଥନ ମଧ୍ୟରେ ହିଁ ସେମାନଙ୍କର ପରସ୍ପରର ଆକର୍ଷଣ ଅନୁଭବ କରିହୁଏ । ମାତ୍ର ଅତୀତ ଅପେକ୍ଷା ବର୍ତ୍ତମାନ ହିଁ ଜୟା ପାଖରେ ଅଧିକ ଗ୍ରହଣୀୟ ହୋଇଛି । "ପ୍ରେତିନୀର ନାଚ"ର କଲ୍ୟାଣୀ ସହିତ 'ମୁଁ'ର ମଧୁପୁର ଷ୍ଟେସନ୍ ୱେଟିଙ୍ଗରୁମ୍‌ରେ ଆକସ୍ମିକ ସାକ୍ଷାତ ମଧ୍ୟରେ ହିଁ ଅତୀତର ପ୍ରେମ ପ୍ରତି ଆସକ୍ତି ଓ ରୋମନ୍ଥନ ଦେଖାଯାଇଥାଏ । ଚରିତ୍ରର ସ୍ୱରୂପ ଦୃଷ୍ଟିରୁ ଜୟା ଓ କଲ୍ୟାଣୀ ଗୋଟିଏ ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ଯେକୌଣସି

ପରିସ୍ଥିତିରେ ବି ନାରୀ ଅତୀତରେ ନିଜର ଆଦ୍ୟ ଯୌବନରେ ପ୍ରେମ ସମ୍ପର୍କରେ ଆସିଥିବା ମନର ମଣିଷକୁ ଭୁଲି ନଥାଏ । ଏହାହିଁ ଏ ଚରିତ୍ର ଦୁଇଟିରୁ ପ୍ରତିପାଦିତ । ଏହି ଦୁଇଟି ଚରିତ୍ରର ମାନସିକ ବିଶ୍ଳେଷଣ ପ୍ରତି ଗୁରୁତ୍ୱ ଦିଆଯାଇଥିବାରୁ ବିଗ୍ରହ ବର୍ଣ୍ଣନା ପ୍ରତି ଗାଳ୍ପିକ ସଚେତନ ନୁହଁନ୍ତି ।

'ଅଦିନର ଅତିଥି'ର 'ଶୁଭା' ଓ 'ଭବସାଗର କୂଳେ'ର ସୁନନ୍ଦା, ଧନୀକ ଦୁଲାଳୀ ଭାବେ ପ୍ରେମିକକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଏ ଉଭୟ ଚରିତ୍ର ଅପୂର୍ଣ୍ଣ ତଥା ଦୁର୍ବଳ ମନେ ହୋଇଥାନ୍ତି । 'ସୁନାମାହାରୀ' ଗଳ୍ପର ସୁନା, କବିଗଳ୍ପର କଳାବତୀ । ଶେଷ ରାତ୍ରିର ଏକ୍ସପ୍ରେସ୍ ଗଳ୍ପର ସେହି ସ୍ତ୍ରୀ ଲୋକଟି ପ୍ରେମ ପାଇଁ ଆତ୍ମୋତ୍ସର୍ଗ କରିଛନ୍ତି । ବିଶେଷତଃ ସୁନାମାହାରୀ ଗଳ୍ପରେ ସୁନା ପ୍ରତିଶୋଧ ପରାୟଣା ମଧ୍ୟ । ଏହି ଚରିତ୍ରଗୁଡ଼ିକ ମଧ୍ୟଯୁଗୀୟ ପ୍ରେମ ସର୍ବସ୍ୱ ନାୟିକାର ପ୍ରତିନିଧି ଭଳି ମନେ ହୁଅନ୍ତି ।

ଏହିସବୁ ଚରିତ୍ର ଅନୁଧ୍ୟାନ କଲେ ଦେଖାଯାଏ,ଗାଳ୍ପିକ ସୁରେନ୍ଦ୍ର ଦେହାତୀତ ପ୍ରେମ ପ୍ରତି ନାୟିକାମାନଙ୍କର ଆକର୍ଷଣ ଓ ଆତ୍ମୋତ୍ସର୍ଗ ମନୋଭାବ ତଥା ଅତୀତ ପ୍ରେମ ପ୍ରତି ଏକ ଅଶରୀରୀ ଆକର୍ଷଣର ଚିତ୍ର ଉପସ୍ଥାପନ କରିଛନ୍ତି । ଅବଶ୍ୟ 'ଭାଗାବନ୍ତ'ର ଇନ୍‌ସ୍‌ପେକ୍ଟେସ୍ ମଲ୍ଲିକା ଓ 'ସବୁଜ ପତ୍ର ଓ ଧୂସର ଗୋଲାପ'ର ମିସ୍ ଡ୍ରାଇଭର ଦେହଜ ପ୍ରେମକୁ ଉପଜୀବ୍ୟ କରି ସଂସାରରେ ଅବଲମ୍ବନ ଖୋଜିଛନ୍ତି ।

**ମା**

'ସାରୀପୁତ୍ତ'ର ରୂପଶ୍ରୀ, 'ଘନିଆଁର ଗଣେଶ ଚତୁର୍ଥୀ'ର ବୁଢ଼ୀମା, ନିଃସଙ୍ଗ ଆକାଶର ସୁନା ଅପା, ଜହ୍ନିଲଟାର କମଳୀ ଅପା, ଗଣଦେବତା'ର ସାହୁଆଣୀ, 'ଜୀବନ ପ୍ରଭାତ', 'ଲବଣ ସ୍ୱାଦ', 'ନିର୍ମୂଳୀ ଲତାର ଫୁଲ' ଓ 'ଜୟ ପରାଜୟ'ର ଜେଜେମା ଓ ମମି ଚରିତ୍ର, 'ସେଇ ଲୋକଟା'ର ମା, 'ଦ୍ୱିପଦର ଗ୍ରାସର' ରଥିଆ ବୋଉ ଆଦି ଚରିତ୍ର ଅପତ୍ୟ ସ୍ନେହରେ ପରିପୂର୍ଣ୍ଣ । ଏହି ଚରିତ୍ରଗୁଡ଼ିକ ମଧ୍ୟରୁ ବୌଦ୍ଧଯୁଗୀୟ ପରିବେଶରେ ଆଧାରିତ ରୂପଶ୍ରୀ ଚରିତ୍ରରେ ସନ୍ତାନ ସାରୀପୁତ୍ତ ବିଚ୍ଛେଦରେ ବାତ୍ସଲ୍ୟ ପ୍ରେମର ରୂପ, ମୋକ୍ଷପ୍ରାପ୍ତିର ବହୁ ଉର୍ଦ୍ଧ୍ୱରେ । ରୂପଶ୍ରୀର ମା'ର ହୃଦୟର ଚିତ୍ର ମଧ୍ୟରେ ଚିରନ୍ତନୀ ମାତାର ସ୍ୱରୂପ ସ୍ନେହର ପ୍ରତିମୂର୍ତ୍ତି ହିଁ ଉଦ୍‌ଘାଟିତ ହୋଇଛି ।

**ଝିଅ**

'ନିତ୍ୟ ବର୍ତ୍ତମାନାଳ'ର ସାନ ଜେମା ରୂପକୁମାରୀ ତଥା 'ପୁଷ୍ୟାଭିଷେକ'ର ସାନଜେମା ରତ୍ନମାଳୀ ସଂଭ୍ରାନ୍ତ ବଂଶର କନ୍ୟା । ଉଭୟଙ୍କ ମଧ୍ୟରେ ପାର୍ଥକ୍ୟ ହେଉଛି ଜଣେ ପିତା ବିରୁଦ୍ଧରେ ବିପ୍ଲବିନୀ । ମାତ୍ର ଅନ୍ୟଟି ପିତାଙ୍କ ପ୍ରତି ସ୍ନେହ ଓ ସଂବେଦନଶୀଳା । 'ନିର୍ମୂଳୀ ଲତାର ଫୁଲ' ଗଳ୍ପରେ ମିନି ଏକ ଉଚ୍ଚ ମଧ୍ୟବିତ୍ତ ସମାଜର ପ୍ରତିନିଧି ସ୍ଥାନୀୟା କନ୍ୟା ଭାବରେ ଚିତ୍ରିତ । ବାଲିର ବିଧବା ଝିଅ ନିଶାମଣି ପିତା ପ୍ରତି ସମ୍ବେଦନଶୀଳ । 'ତିନୋଦ୍ଧାରର ଆତ୍ମା'ର ସୁନ୍ଦରୀ ଝିଅ ହେଇ ରୂପ ଗରବିଣୀ-ତଥା ଧନ ଲାଳସା ତାର ଅନ୍ତରରେ ଦେଖାଯାଏ । ସେ ପୁଣି ସ୍ୱୈରିଣୀ । ଏହି ଚରିତ୍ରର ଏକ ବିକଶିତ ସ୍ୱରୂପ "ମୃତ୍ତିକାର ଆତ୍ମା"ରେ ଶିକ୍ଷକ ସିଧକାନଗୋଇଙ୍କ ଝିଅ ପାର୍ବତୀ ପାଖରେ ଦେଖାଯାଏ । ସମାଜରେ ଅର୍ଥ ଆକର୍ଷଣରେ ଅଭିଆତ୍ରୀ ଝିଅ ପାର୍ବତୀ ପିଚ୍ଛିଳ ପଥର ଯାତ୍ରୀ । ଅନୁରୂପ ଭାବେ ଆଦିବାସୀ ଝିଅ ରାଇମନୀ, ଫୁଲମନୀ ତଥା ପଦୁଆଁ ନୂତନ ସଭ୍ୟତାର ଚାକଚକ୍ୟ ମଧ୍ୟରେ ଆଦିବାସୀ ଜୀବନର

ସରଳତା ଓ ନିରୀହତା ଭୁଲି, ସଭ୍ୟତାର ଚାକଚକ୍ୟ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ସୁରେନ୍ଦ୍ରଙ୍କ ଗଳ୍ପରେ ଏହି ସବୁ ଛିଅ ଚରିତ୍ର ଗଳ୍ପର ମୁଖ୍ୟ ଚରିତ୍ରର ପରିପୁଷ୍ଟି ସାଧନ ପାଇଁ ଆସିଥିବାରୁ ସେମାନଙ୍କ ବିକାଶ ତଥା ମନସ୍ତାତ୍ତ୍ୱିକ ଚିତ୍ରଣର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ଦେଖାଯାଇ ନଥାଏ ।

## ସୁରେନ୍ଦ୍ରଙ୍କ ଗଳ୍ପରେ ଅନ୍ୟାନ୍ୟ ନାରୀ ଚରିତ୍ର

"ଇଜମାଲୀ"ର ପାରଅପା ଏକାନ୍ନବର୍ତ୍ତୀ ପରିବାରରେ ବାଲ୍ୟବିଧବା, 'କୁବେରର କବିତା'ର ସାନବୋହୂ କନକ, 'ଅପରିଚିତର ପରିଚୟ'ର ବୁଢ଼ୀ, 'ବଇଷମ ପାଠଶାଳା' ଓ 'ଶୂନ୍ୟ ପଞ୍ଜୁରୀ'ର ନକୁଳା ବୋଉ, ଉମା ପିଉସୀ, 'ସୁନାରୀ ଆମ୍ବ'ର ବୁଢ଼ୀ ଓ ବୋହୂ ଚାନ୍ଦମଣି, 'ଛାପିଛାପିକା'ର କେବୀବୋଉ ଆଦି ଚରିତ୍ର ଗ୍ରାମୀଣ ନାରୀ ସମାଜର ସରଳତା ଓ ନିରୀହତାର ପ୍ରତୀକ ମାତ୍ର । ବୌଦ୍ଧ ଯୁଗୀୟ ପରିବେଶରେ ନାରୀ ଅମ୍ବାପଲ୍ଲୀ, 'ମହାନଗରୀର ରାତ୍ରି'ର ଚନ୍ଦ୍ରା ଓ 'କାଠ ଘୋଡ଼ା'ର ଯମୁନା ଚରିତ୍ର ମଧ୍ୟ ଦେଇ ଗାଳ୍ପିକ ନାରୀ ଜୀବନର ବିଭିନ୍ନ ପ୍ରକାର ବିଡ଼ମ୍ବନାର ଚିତ୍ର ଉପସ୍ଥାପନ କରିଛନ୍ତି । ଏମଧ୍ୟରୁ ଅମ୍ବାପଲ୍ଲୀ ଓ ଚନ୍ଦ୍ରା ବର୍ତ୍ତୁଳ ଚରିତ୍ର । ସେମାନେ ପୁରୁଷ କୈନ୍ଦ୍ରିକ ସମାଜରେ ଅତ୍ୟାଚାରର ସମ୍ମୁଖୀନ ହୋଇ ବେଶ୍ୟାର ଜୀବନ ଅବଲମ୍ବନ କରି ନେଇଥିଲେ ହେଁ ସେମାନଙ୍କ ଅନ୍ତରରେ ମାତୃତ୍ୱର ଅନ୍ତରୀଣ ପ୍ରବାହ ଲକ୍ଷ୍ୟ କରାଯାଏ । 'ରୁଟି ଓ ଚନ୍ଦ୍ର' ତଥା 'ଅଣ୍ଡର ଗ୍ରାଉଣ୍ଡ'ର ଲଳିତା, ବିପ୍ଳବିନୀ ହେଲେ ମଧ୍ୟ ଅନ୍ତର ମଧ୍ୟରେ ତାର ନାରୀ ହୃଦୟର ପ୍ରେମ, କରୁଣାର ଭାବ ଲୁକ୍କାୟିତ । ତାଙ୍କ ନିକଟରେ ନେତ୍ରୀର ଆଦର୍ଶ ଅପେକ୍ଷା ନାରୀର ଚିରନ୍ତନୀ ଆଦର୍ଶ ହିଁ ଅଧିକତର ଭାବରେ ଗ୍ରହଣୀୟ ହୋଇଛି । "କମନରୁମ୍'ର ଆଧୁନିକା କଲେଜ ଛାତ୍ରୀ ମୃଦୁଳା, 'ହତ୍ୟାକାରୀ କିଏ ?'ର ଅଭିନେତ୍ରୀ ସୁନନ୍ଦା, 'କ୍ଳାନ୍ତ ଚୈତାଳୀ'ରେ ଶିକ୍ଷୟିତ୍ରୀ ମାଳିକା ଦେବୀ, 'ତାତା'ର ସୁନୟନା ଓ 'ଦିନେ ସନ୍ଧ୍ୟାରେ'ର ନର୍ସତପତୀ, 'କେନ୍ଦ୍ରାତୀଗ'ର ସେକ୍ରେଟାରୀ କୁମାରୀ ଉତ୍ପଳା, 'କମଳର ତମ୍ଭୁ' ଆୟା ଲଛମୀ, 'ଆନନ୍ଦ ଭୈରବୀ'ର ମାତାଜୀ ଆଦି ଚରିତ୍ର ନାରୀ ଭାବରେ ଉଗ୍ର କାମନାର ଶିକାର । ଉଲ୍ଲିଖିତ ଗଳ୍ପଗୁଡ଼ିକରେ ଏହି ଚରିତ୍ରଗୁଡ଼ିକର ମନସ୍ତାତ୍ତ୍ୱିକ ଦିଗ ଉଦ୍‌ଘାଟିତ ହୋଇପାରିଛି ।

ଉପର୍ଯ୍ୟୁକ୍ତ ଆଲୋଚନାରୁ ଏକଥା ସ୍ପଷ୍ଟ ହୁଏ ଯେ, ସୁରେନ୍ଦ୍ରଙ୍କ ଗଳ୍ପରେ ନାରୀ ପୁରୁଷ ଅପେକ୍ଷା ଗୌଣ ହେଲେ ହେଁ ସମ୍ପୂର୍ଣ୍ଣ ରୂପେ ଅବହେଳିତ ନୁହେଁ । ନାରୀ ଚରିତ୍ରର ପ୍ରଧାନତଃ ମାତୃରୂପ, ପ୍ରେମିକା ରୂପ ତଥା ଉଗ୍ରକାମନା ଜନିତ ନାରୀର ବିଭତ୍ସ ରୂପର ଚିତ୍ର ତାଙ୍କ ଗଳ୍ପର ନାରୀ ଚରିତ୍ରଗୁଡ଼ିକର ବିଶେଷତ୍ୱ ।

## ସୁରେନ୍ଦ୍ରଙ୍କ ଗଳ୍ପର ଐତିହାସିକ ଚରିତ୍ର

ସୁରେନ୍ଦ୍ରଙ୍କ ଗଳ୍ପର ଶ୍ରେଣୀ ବିଭାଗ ପର୍ଯ୍ୟାୟରେ କୁହାଯାଇଛି ଯେ, ସୁରେନ୍ଦ୍ରଙ୍କ ଐତିହାସିକ ଗଳ୍ପଗୁଡ଼ିକରେ ଇତିହାସର ବାସ୍ତବତା ଅପେକ୍ଷା ଅନେକତ୍ର କିମ୍ବଦନ୍ତୀ ହିଁ ମୁଖ୍ୟ ଉପଜୀବ୍ୟ ରୂପେ ଦେଖା ଦେଇଛି । ସେହି ଦୃଷ୍ଟିରୁ ସୁରେନ୍ଦ୍ରଙ୍କ ଐତିହାସିକ ଗଳ୍ପର ଚରିତ୍ରଗୁଡ଼ିକ ଇତିହାସର ସତ୍ୟତା ଅପେକ୍ଷା କିମ୍ବଦନ୍ତୀ ଉପରେ ଅଧିକ ପରିପୁଷ୍ଟ ହୋଇଥିବା ଲକ୍ଷ୍ୟ କରାଯାଇଥାଏ । ଆଲୋଚନାର ସୁବିଧା ପାଇଁ ଏହି ଚରିତ୍ରଗୁଡ଼ିକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରି ବିଚାର କରାଯାଇପାରେ । ହିବ୍ରୁ ଇତିହାସ ଓ କିମ୍ବଦନ୍ତୀର ଅନୁସରଣରେ ଚିତ୍ରିତ ମୋଜେସ୍ ଚରିତ୍ର ସୁରେନ୍ଦ୍ରଙ୍କ ଗଳ୍ପରେ ହୃଦୟସ୍ପର୍ଶୀ ଭାବେ ଉପସ୍ଥାପିତ ହୋଇପାରିଛି । ବୌଦ୍ଧ ଧର୍ମର ଅଭ୍ୟୁଦୟ ଉତ୍‌ଥାନ ଓ କ୍ରମବିଲୟକୁ କେନ୍ଦ୍ର କରି ଗାଳ୍ପିକ ସୁରେନ୍ଦ୍ର ଯେଉଁ କେତେକ ଗଳ୍ପ ରଚନା

କରିଛନ୍ତି, ଗଳ୍ପର ବିଭାଜନ କ୍ରମରେ ସେସବୁର ଆଲୋଚନା କରାଯାଇଅଛି। 'ଅମ୍ରପାଲ୍ଲୀ' ଓ 'ସାରୀପୁତ୍ତ' ଗଳ୍ପର ଜୀବକ ଓ ସାରୀପୁତ୍ତ ଚରିତ୍ର ବୌଦ୍ଧଧର୍ମର ଅଭ୍ୟୁଦୟ କାଳୀନ ଦୁଇଟି ଚରିତ୍ର । ବୌଦ୍ଧଧର୍ମର ଇତିହାସ ଓ କିମ୍ବଦନ୍ତୀରେ ଏମାନଙ୍କର ସୂଚନା ମିଳିଥାଏ। 'ମଧୁମଞ୍ଜୀର ରାତ୍ରି' ଗଳ୍ପର ଉପକ ଓ ଦଣ୍ଡୀ', ମହାନିର୍ବାଣ' ଗଳ୍ପର ନୀଳୋତ୍ପଳ, "ଉତ୍ର ରାମପୁତ୍ର' ଗଳ୍ପର ଉତ୍ରରାମପୁତ୍ର ଆଦି ଚରିତ୍ର ମାଧ୍ୟମରେ ବୌଦ୍ଧ ଧର୍ମର ସଂଯମ ଓ ସାଧନାର କ୍ରମବିଲୟମାନ ଅବସ୍ଥାର ଚିତ୍ର ଦେଖିବାକୁ ମିଳିଥାଏ । ଏହି ଚରିତ୍ରଗୁଡ଼ିକ ମଧ୍ୟରୁ ନୀଳୋତ୍ପଳ ଚରିତ୍ର ବ୍ୟତିରେକେ ଅନ୍ୟ ଚରିତ୍ର ବୌଦ୍ଧଧର୍ମର ଇତିହାସ ଓ କିମ୍ବଦନ୍ତୀରେ ସୂଚନା ମିଳିଥାଏ। ତେଣୁ ନୀଳୋତ୍ପଳ ହିଁ ଐତିହାସିକ ପରିବେଶରେ ଗାଳ୍ପିକ ସୁରେନ୍ଦ୍ରଙ୍କ ଏକ କାଳ୍ପନିକ ଚରିତ୍ର । ଏହାର ବିଗ୍ରହ ବର୍ଣ୍ଣନା ଦୃଷ୍ଟିରୁ ଐତିହାସିକତା ଆରୋପ କରାଯାଇଥିବା ସ୍ଥଳେ ଏହାର ମାନସିକ ବିଶ୍ଳେଷଣ ସମକାଳୀନ ଆଧୁନିକ ମଣିଷର ଅନୁରୂପ ହୋଇଛି। ପୁଣି ଏହାରି ମାଧ୍ୟମରେ ଗାଳ୍ପିକ ମାନବବାଦୀ ଦୃଷ୍ଟିକୋଣର ପରିଚୟ ଦେଇଛନ୍ତି। ଗଳ୍ପ ମଧ୍ୟରେ ନୀଳୋତ୍ପଳ ଚରିତ୍ରର ବିକାଶକୁ ଲକ୍ଷ୍ୟ କଲେ ଏହା ମୁଖ୍ୟ ଚରିତ୍ର ହେଲେ ହେଁ ପରିବର୍ତ୍ତନଶୀଳ ତଥା ବର୍ତ୍ତୁଳ । ଅବଶ୍ୟ କ୍ଷୁଦ୍ରଗଳ୍ପ ମଧ୍ୟରେ କୌଣସି ଚରିତ୍ରର ବର୍ତ୍ତୁଳତ୍ୱ ଉପସ୍ଥାପନ କରିବା କଷ୍ଟସାଧ୍ୟ। କାରଣ କୌଣସି ଚରିତ୍ରର ଆଭିମୁଖ୍ୟର ପରିବର୍ତ୍ତନକୁ ପୁଣି କ୍ଷୁଦ୍ରଗଳ୍ପରେ ଦେଖାଇ ପାଠକ ପ୍ରାଣରେ ତାହାର ପ୍ରଭାବ ଅଙ୍କନ କରିବା କ୍ଷୁଦ୍ରଗଳ୍ପର ପରିସର ଦୃଷ୍ଟିରୁ ସମ୍ଭବ ନ ହେବା ଅଧିକ ସ୍ୱାଭାବିକ ମନେ ହେଲେ ହେଁ ନୀଳୋତ୍ପଳ ପ୍ରଭୃତି ଅଙ୍ଗୁଳିମେୟ ଚରିତ୍ରର ଉପସ୍ଥାପନରେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଏହାର ସଫଳ ପ୍ରୟୋଗ କରି ପାରିଛନ୍ତି।

ଇତିହାସ ଅପେକ୍ଷା କିମ୍ବଦନ୍ତୀ ଉପରେ ଆଧାରିତ ଗଳ୍ପଗୁଡ଼ିକ ମଧ୍ୟରୁ 'ପିତା ଓ ପୁତ୍ର' ଗଳ୍ପର ବିମ୍ବିସାର ଓ ଅଜାତଶତ୍ରୁ ଚରିତ୍ର ପରସ୍ପରର ବିପରୀତ ଧର୍ମୀ ଚରିତ୍ର। ଗଳ୍ପର କଥାବସ୍ତୁକୁ ଲକ୍ଷ୍ୟ କଲେ ପରିବର୍ତ୍ତିତ ପରିସ୍ଥିତିରେ ଅଜାତଶତ୍ରୁ ନିଜକୃତ ପାପାଚାର ପାଇଁ ଅନୁତପ୍ତ ହୋଇଥିବା ଦୃଷ୍ଟିରୁ ଏହି ଚରିତ୍ରକୁ ବର୍ତ୍ତୁଳ ଚରିତ୍ରର ପର୍ଯ୍ୟାୟଭୁକ୍ତ କରାଯାଇପାରେ।

'ନର୍ତ୍ତକୀ' ଗଳ୍ପର ଯଯାତି କେଶରୀ ଏକ ଗୌଣଚରିତ୍ର। ଇତିହାସ ଦୃଷ୍ଟିରୁ ଏହି ଚରିତ୍ରର ସତ୍ୟତା ଥିଲେ ହେଁ 'ନର୍ତ୍ତକୀ'ର ବିଷୟବସ୍ତୁ କାଳ୍ପନିକତା ଦୃଷ୍ଟିରୁ ଏହି ଚରିତ୍ରର ଆବିର୍ଭାବ ଗଳ୍ପଟିକୁ ଐତିହାସିକ ମହତ୍ତ୍ୱ ପ୍ରଦାନ କରିଛି।

ହାତୀଗୁମ୍ଫା ଶିଳାଲେଖକୁ ଆଶ୍ରୟ କରି ଖାରବେଳ, ମାଦଳାପାଞ୍ଜିକୁ ଆଶ୍ରୟ କରି ମତ୍ତଭାନୁଗଙ୍ଗ, କପିଳେନ୍ଦ୍ର,ପୁରୁଷୋତ୍ତମ ଆଦି ଚରିତ୍ର ଚିତ୍ରଣ କରି ଗାଳ୍ପିକ ସୁରେନ୍ଦ୍ର ତାଙ୍କର 'କଳିଙ୍ଗର ପ୍ରତିଶୋଧ', 'କେଶରୀ ସନ୍ଧ୍ୟା', 'କାବେରୀରୁ ଗଙ୍ଗା' ଆଦି ଗଳ୍ପରେ ଓଡ଼ିଶାର ଅଭ୍ୟୁଦୟକାଳୀନ ସମାଜର ଚରିତ୍ର ସବୁର ବିଶ୍ଳେଷଣ କରିଛନ୍ତି। ମାତ୍ର 'ସନ୍ଧି ଓ ସର୍ତ୍ତ'ର ପୁରୁଷୋତ୍ତମ ଚରିତ୍ର ମାଧ୍ୟମରେ ଉତ୍କଳର ହୀନ ବୀର୍ଯ୍ୟ ଗଜପତି ଚରିତ୍ରର ଦୟନୀୟ ଅବସ୍ଥା, 'ଶେଷରୁ ଆରମ୍ଭ' ଗଳ୍ପରେ ବକ୍ସି ଜଗବନ୍ଧୁ ଚରିତ୍ର ମାଧ୍ୟମରେ ଇଂରେଜ ରାଜତ୍ୱ କାଳରେ ଓଡ଼ିଆର ଶିରା ପ୍ରଶିରାରେ ଦେଖା ଦେଇଥିବା ଦେଶାତ୍ମବୋଧକ ଭାବଧାରାର ଉଦ୍ଦାମତା, ଐତିହାସିକ ଭିତ୍ତିଭୂମିକୁ ଆଶ୍ରୟ କରି ଗାଳ୍ପିକ ସୁରେନ୍ଦ୍ର ଚିତ୍ରଣ କରିଛନ୍ତି।

ଐତିହାସିକ ଗଳ୍ପର ଆଲୋଚନା ପର୍ଯ୍ୟାୟରେ ଦଳେଇ ବୁଢ଼ା ଗଳ୍ପର ମାଗୁଣି ଦଳେଇ ଚରିତ୍ର ମାଧ୍ୟମରେ ଐତିହାସିକ ପରିବେଶର ବାସ୍ତବତା ମଧ୍ୟରେ କାଳ୍ପନିକ ଚରିତ୍ର ସୃଷ୍ଟି କରି ଊନବିଂଶ ଶତାବ୍ଦୀର ପ୍ରାକ୍ କାଳରୁ ରହିଆସିଥିବା ଓଡ଼ିଆ ଜାତିର ଅତୀତ ସର୍ବସ୍ୱ ହୀନବୀର୍ଯ୍ୟତାର ଚିତ୍ର ପ୍ରଦାନ କରିଛନ୍ତି । ଅନୁରୂପ ଭାବେ 'ମରାଳର ମୃତ୍ୟୁ' ଗଳ୍ପରେ ଅଷ୍ଟାଦଶ ଶତାବ୍ଦୀର ଧାର୍ମିକ ପୃଷ୍ଠଭୂମିରେ ଦେଖା ଦେଇଥିବା ସିଦ୍ଧନିରଞ୍ଜନ, ନୀଳାଦ୍ରୀ ବିଷୋୟୀ ଆଦି କାଳ୍ପନିକ ଚରିତ୍ର ସୃଷ୍ଟି ମାଧ୍ୟମରେ ଓଡ଼ିଶାର ଐତିହାସିକ ଚିତ୍ର ପ୍ରଦାନ କରିଛନ୍ତି ।

ଓଡ଼ିଶାର ଇତିହାସ ଉପରେ ଆଧାରିତ ସୁରେନ୍ଦ୍ରଙ୍କ ଗଳ୍ପର ଚରିତ୍ରକୁ ଅନୁଧ୍ୟାନ କଲେ ଏକଥା ସ୍ପଷ୍ଟ ଯେ, ଓଡ଼ିଶାର ସାଧାରଣ ଲୋକେ ସେମାନଙ୍କ ଇତିହାସ, ଐତିହ୍ୟ, ସଂସ୍କୃତି ତଥା ଜାତୀୟ ମୂଲ୍ୟବୋଧ ସମ୍ବନ୍ଧରେ ସଚେତନ ନଥିବାରୁ, ସେମାନଙ୍କ ପାଖରେ ଅହେତୁକ ଗୌଣ ମନୋବୃତ୍ତି ଲକ୍ଷ୍ୟ କରାଯାଇଥାଏ, ତଥା ଏଥିପାଇଁ ସେମାନେ ପ୍ରଦେଶ ବାହାରେ ବିଡ଼ମ୍ବିତ ହୁଅନ୍ତି । ଗାଳ୍ପିକ ସୁରେନ୍ଦ୍ର ଏହି ଚରିତ୍ରଗୁଡ଼ିକର ସୃଷ୍ଟି ମାଧ୍ୟମରେ ମହାଭାରତୀୟ ପରିପ୍ରେକ୍ଷୀରେ ଓଡ଼ିଆ ଜାତୀୟ ଚରିତ୍ରର ଆରୋହ ଅବରୋହର ଚିତ୍ର ପ୍ରଦାନ କରି ସେମାନଙ୍କୁ ନିଜ ପାଖରେ ପରିଚିତ କରାଇବାର ପ୍ରଚେଷ୍ଟା ମାତ୍ର କରିଛନ୍ତି । (ମହାନ୍ତି, ୧୯୯୯, ଉପୋଦ୍‌ଘାତ ) ତେଣୁ ତାଙ୍କର ଏହି ଚରିତ୍ରଗୁଡ଼ିକ ମଧ୍ୟରେ ପାଠକ ସୁରେନ୍ଦ୍ର ମହାନ୍ତିଙ୍କ ଜାତୀୟବାଦୀ ମନୋଭାବ ଲକ୍ଷ୍ୟ କରିଥାଏ ।

ଗାଳ୍ପିକ ସୁରେନ୍ଦ୍ରଙ୍କ ଐତିହାସିକ ଗଳ୍ପଗୁଡ଼ିକ ଅନୁଧ୍ୟାନ କଲେ ଏହାର ଚିତ୍ରଣରେ ସାଧାରଣତଃ ଦୁଇଟି ଧାରା ଲକ୍ଷ୍ୟ କରାଯାଏ । ପ୍ରଥମତଃ ଇତିହାସର ସତ୍ୟତା ଓ ପ୍ରଚଳିତ କିମ୍ବଦନ୍ତୀ ଉପରେ ଆଧାର କରି ସତ୍ୟର ପରାକାଷ୍ଠା ଉପରେ ପ୍ରତିଷ୍ଠିତ ଚରିତ୍ର, ଦ୍ୱିତୀୟତଃ ଅତୀତ ଇତିହାସର ବାସ୍ତବଧର୍ମୀ ପରିବେଶ ଉପରେ କାଳ୍ପନିକ ଚରିତ୍ରର ସୃଷ୍ଟି । ଗାଳ୍ପିକ ସୁରେନ୍ଦ୍ରଙ୍କ ଏହି ଦ୍ୱିତୀୟ ଶ୍ରେଣୀର ଚରିତ୍ରଗୁଡ଼ିକରେ ଇତିହାସର ଆରୋପ ତଥା ପ୍ରାମାଣିକତା ପ୍ରକାଶ କରିବାର ପରାକାଷ୍ଠା ଉପଯୁକ୍ତ ଐତିହାସିକ ପରିବେଶ ସୃଷ୍ଟି ମାଧ୍ୟମରେ ହୋଇପାରିଛି ।

## ପୌରାଣିକ ଚରିତ୍ର

ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକରେ ଭାଗବତର ଅନୁସରଣରେ ଜରତ୍‌କାରୁ, ବାଇବଲ ଅନୁସରଣରେ ଆଦିମ ଓ ଶତରୂପା, ତଥା 'ମହାଭାରତ'ର ଅନୁସରଣରେ 'ଶ୍ରୀକୃଷ୍ଣଙ୍କ ଶେଷହସ' ଓ 'ଯଦୁବଂଶ' ଗଳ୍ପରେ ଶ୍ରୀକୃଷ୍ଣ ଚରିତ୍ର ମୁଖ୍ୟ ଚରିତ୍ର ରୂପେ ଉପସ୍ଥାପିତ । ଏହି ଚରିତ୍ରଗୁଡ଼ିକର ଅନୁଶୀଳନ କଲେ ଏକଥା ସ୍ପଷ୍ଟ ହୁଏ ଯେ ଏମାନେ ସୁରେନ୍ଦ୍ରଙ୍କ ସୃଷ୍ଟିରେ ସଂପୂର୍ଣ୍ଣ ମୌଳିକ ରୂପ ଗ୍ରହଣ କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ 'ବାଇବଲ'ର ଆଦାମ ଓ ଇଭ୍ ସହିତ ଆଦିମ ଓ ଶତରୂପା ଚରିତ୍ରର ତୁଳନାତ୍ମକ ଅଧ୍ୟୟନ କଲେ ଦେଖାଯାଏ ଖ୍ରୀଷ୍ଟିଆନ୍ ପରମ୍ପରା ଅପେକ୍ଷା ଏହି ଦୁଇ ଚରିତ୍ର ସୁରେନ୍ଦ୍ରଙ୍କ ବର୍ଣ୍ଣନା କୌଶଳ ଯୋଗୁଁ ଭାରତୀୟ ପରମ୍ପରାର ଅଧିକ ନିକଟତର ମନେ ହୋଇଥାନ୍ତି । ଏତଦ୍ ଭିନ୍ନ ସାରଳାଙ୍କ ମହାଭାରତ ଅବଲମ୍ବନରେ ରଚିତ 'ଶ୍ରୀକୃଷ୍ଣଙ୍କ ଶେଷ ହସ'ରେ ଶ୍ରୀକୃଷ୍ଣ ଚରିତ୍ର ସହିତ ସାରଳାଙ୍କ ଶ୍ରୀକୃଷ୍ଣ ଚରିତ୍ରର ତୁଳନାତ୍ମକ ଆଲୋଚନା କଲେ, ଗାଳ୍ପିକ ସୁରେନ୍ଦ୍ର ଉକ୍ତ ଚରିତ୍ରକୁ ଅଧିକ ମନୋଜ୍ଞ କରିପାରିଥିବା ମନେହୁଏ ।

## ବିଦେଶୀ ଚରିତ୍ର

ସୁରେନ୍ଦ୍ରଙ୍କ ଗଳ୍ପ ସୃଷ୍ଟିରେ ଦେଖାଦେଇଥିବା ବିଦେଶୀ ଚରିତ୍ର ମଧ୍ୟରୁ 'କାକ୍‌ଟସ୍' ଗଳ୍ପର ମିଷ୍ଟର ଓ ମିସେସ୍‌ବେଲୀ ଭାରତୀୟ ସମାଜରେ ଦାମ୍ପତ୍ୟ ଜୀବନ କଳୁଷିତ ତଥା ଖଣ୍ଡ ବିଖଣ୍ଡିତ ହୋଇ ପଡ଼ିଥିଲା

ସମୟରେ ସୁଖମୟ ଦାମ୍ପତ୍ୟ ଜୀବନର ସମାନ୍ତରାଳ ଚରିତ୍ର ରୂପେ ଉପସ୍ଥାପିତ । 'କବନ୍ଧ' ଗଳ୍ପରେ ମି: ଲେମାନ୍ ଚୋରା ବ୍ୟବସାୟୀ, 'ଗୁରୁ' ଗଳ୍ପରେ ଜନ୍‌ଜେନୀ ହିପ୍ପୀ ତରୁଣ ତରୁଣୀଙ୍କର ପ୍ରତିନିଧି ମାତ୍ର । 'ଅତୀତ ବର୍ତ୍ତମାନ କାଳ' ଗଳ୍ପର ଗ୍ରୀୟରସନ୍ ସାହେବ 'ବ୍ୟାଙ୍କ ମ୍ୟାନେଜର ଭାରତୀୟ ଅଫିସରଙ୍କ ସମାନ୍ତରାଳ ଚରିତ୍ର ଭାବେ ସମୟାନୁବର୍ତ୍ତିତାର ପ୍ରତୀକ । ଏ ଚରିତ୍ର ସବୁ ଗୌଣ ତଥା ପ୍ରତିନିଧି ସ୍ଥାନୀୟ ଚରିତ୍ର ରୂପେ ସୁରେନ୍ଦ୍ରଙ୍କ ଗଳ୍ପରେ ଉପସ୍ଥାପିତ ।

## ଆଦିବାସୀ ଚରିତ୍ର

ସୁରେନ୍ଦ୍ରଙ୍କ ଗଳ୍ପ ସୃଷ୍ଟିରେ ଆଦିବାସୀ ଚରିତ୍ର ସୀମିତ । 'ରୁଟି ଓ ଚନ୍ଦ୍ର' ଗଳ୍ପର ନୟନା ଓ କାଜୋରୀ', 'ବଳିଦାନ' ଗଳ୍ପର ବିନୋଦିଆ ଓ ମହୁଆ, ସହଜ ସରଳ, ଉଚ୍ଛଳ ଯୌବନରେ ପ୍ରେମର ମଦମତ୍ତ ସଙ୍ଗୀତରେ ସେମାନେ ବିଭୋର । ଏହି ଚରିତ୍ର ମାଧ୍ୟମରେ ଗାଳ୍ପିକ ସୁରେନ୍ଦ୍ର ଆଦିବାସୀ ଜୀବନର ସରଳ ବିଶ୍ୱାସ ତଥା ମୁକ୍ତ ଜୀବନର ଚରିତ୍ର ପ୍ରଦାନ କରିଛନ୍ତି । ମାତ୍ର "ଖାଦାନୀ" ଗଳ୍ପରେ କାରୋଗାଁର ରାୟମନି, ଫୁଲମନି ଓ ମାନସିଂ ଚରିତ୍ର ମାଧ୍ୟମରେ ଆଧୁନିକ ସଭ୍ୟତାର ପ୍ରଭାବରେ ଆଦିବାସୀର ସହଜ ସରଳ ଓ ସ୍ୱଚ୍ଛନ୍ଦ ଜୀବନ କିଭଳି ଆଧୁନିକ ସଭ୍ୟତାର ଜଟିଳତା ଓ ଚାକଚକ୍ୟର ସଂସ୍ପର୍ଶରେ ଆସି ଜଟିଳ ଓ ସ୍ଖଳିତ ହୋଇପଡ଼ିଛି ତାର ଚିତ୍ର ପ୍ରଦାନ କରିଛନ୍ତି । 'ସଭ୍ୟତାର ଗ୍ରାସ' ଗଳ୍ପର ପଦୁଆଁ ଚରିତ୍ର ମାଧ୍ୟମରେ ଗାଳ୍ପିକ ଏଥିନିମିତ୍ତ ସଭ୍ୟ ସମାଜକୁ ଦାୟୀ କରିବା ସହିତ ଅଧିକ ତୀବ୍ର ଭାଷାରେ ସଭ୍ୟ ସମାଜର ତୁଳନାରେ ଆଦିବାସୀ ଜୀବନର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି ।

## ସୂତ୍ରଧର ଚରିତ୍ର

ଭାରତ ଆବିଷ୍କାର, ଅଷ୍ଟ୍ରେଲିଆ, ମହାନଗରୀର ରାତ୍ରି, ପ୍ରଥମ ଆଷାଢ଼, ମଣିଷ ଓ ମଣିଷ, ଆନନ୍ଦ ଭୈରବୀ, ମୁହୂର୍ତ୍ତ, ସାମ୍ୟବାଦର ଶେଷ ଇସ୍ତାହାର, ଅମୃତ, ଭାଙ୍ଗପୁରର ଚକଡ଼ା, ଆକାଶ ଛଟିଆ, ଗୋଟିଏ ଆତ୍ମହତ୍ୟାର କାହାଣୀ, ପ୍ରତୀକ୍ଷା, ଅତୀତ ବର୍ତ୍ତମାନ କାଳ, ପ୍ରତିଧ୍ୱନି ପ୍ରଭୃତି ଗଳ୍ପରେ ସୂତ୍ରଧର ଚରିତ୍ର ରୂପେ 'ମୁଁ' ଚରିତ୍ର ଦେଖାଯାଏ । ଏହି ଚରିତ୍ରର ବିଶେଷତ୍ୱ ହେଉଛି ଗଳ୍ପ ଘଟଣା ପ୍ରବାହରଗୁମ୍ଫନ ଓ ସଂଯୋଜନା ନିମିତ୍ତ କଥାବସ୍ତୁ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବା । ପୂର୍ବ ଗଳ୍ପଗୁଡ଼ିକର ମୁଁ ଭିନ୍ନ 'ଭାଙ୍ଗପୁରର ଚକଡ଼ା', 'ଆକାଶ ଛଟିଆ' ଓ 'ଗଣଦେବତା'ର ଗବେନ୍ଦ୍ର ଚରିତ୍ରକୁ ଏହି ଶ୍ରେଣୀରେ ଗ୍ରହଣ କରାଯାଇପାରେ । ଯଦିଓ ଏହି ଚରିତ୍ରର ଏକ ନାମ ରହିଛି ତଥାପି ପ୍ରଥମ ପୁରୁଷରେ ଏହା ଉପସ୍ଥାପିତ ହେବା ସହିତ ଗଳ୍ପର ଘଟଣା ଗୁମ୍ଫନରେ ସୂତ୍ରଧରର ଭୂମିକା ନିର୍ବାହ କରିଛି । ଓଡ଼ିଆ କ୍ଷୁଦ୍ର ଗଳ୍ପର ବିକାଶ କ୍ରମରେ ସୁରେନ୍ଦ୍ରଙ୍କ ପୂର୍ବବର୍ତ୍ତୀ ଗାଳ୍ପିକଙ୍କ ରଚନାରେ ଏହି ଶ୍ରେଣୀର ଚରିତ୍ରାୟନ ଦେଖାଯାଏ ନାହିଁ । ତେଣୁ ଏହା ସୁରେନ୍ଦ୍ରଙ୍କ ବିଶେଷତ୍ୱ ରୂପେ ଗ୍ରହଣ କରାଯାଇପାରେ । ଅବଶ୍ୟ ଗାଳ୍ପିକ ସୁରେନ୍ଦ୍ରଙ୍କ ପୂର୍ବରୁ ଫକୀର ମୋହନ ତଥା ଅନ୍ୟ କେତେକ ଗାଳ୍ପିକ ପରୋକ୍ଷରେ ଗଳ୍ପ ମଧ୍ୟରେ ଆତ୍ମ ପ୍ରକାଶ କରିଥିଲେ ହେଁ ଏକ ନିର୍ଦ୍ଦିଷ୍ଟ ଚରିତ୍ର ରୂପେ 'ମୁଁ'ର ଉପସ୍ଥାପନା ଦୃଷ୍ଟିରୁ ଗାଳ୍ପିକ ସୁରେନ୍ଦ୍ର ଏକ ବିଶିଷ୍ଟତା ପ୍ରଦର୍ଶନ କରି ପାରିଛନ୍ତି ।

## ପିକାରସ୍କୀୟ ଚରିତ୍ର

ଷୋଡ଼ଶ ଶତାବ୍ଦୀର ସ୍ପେନୀୟ ସାହିତ୍ୟରେ ଦେଖା ଦେଇଥିବା ପିକାରସୀୟ ଶୈଳୀର ଅନୁସରଣରେ ସୁରେନ୍ଦ୍ରଙ୍କ କେତେକ ଚରିତ୍ର ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଥାଏ । ଏହି ଶୈଳୀର ବୈଶିଷ୍ଟ୍ୟ ହେଲା, ପିକାରୋ ବା ଠକ ଶ୍ରେଣୀର ଚରିତ୍ର ନିଜର ବାସ୍ତବ ଅନୁଭୂତି ଲବ୍ଧ ଘଟଣାକୁ ବିଭିନ୍ନ ପର୍ଯ୍ୟାୟରେ ବର୍ଣ୍ଣନା କରିବା । ଏହି ଶୈଳୀର ଅନୁବର୍ତ୍ତନ ପରେ ମାର୍କଟ୍ୱିନ୍ ଓ ସଲବେଲୋ ଆଦି ଔପନ୍ୟାସିକଙ୍କ ରଚନାରେ ଏହାର କଳାତ୍ମକ ବିକାଶ ସାଧନ ହୋଇଥିଲା ।(Abrahams, 1981, P:111) ଓଡ଼ିଆ ଗଳ୍ପ ସାହିତ୍ୟରେ ମଣିଷ ଜୀବନର ପୂର୍ଣ୍ଣାଙ୍ଗ ଚିତ୍ର ଅପେକ୍ଷା ନିର୍ଦ୍ଦିଷ୍ଟ ଚରିତ୍ରର ବିଭିନ୍ନ ଅବସ୍ଥା ତଥା ଅନୁଭୂତିର ଚିତ୍ର ମାଧ୍ୟମରେ ଏହି ଶ୍ରେଣୀର ଚରିତ୍ରାଙ୍କନ ଗାଳ୍ପିକ ସୁରେନ୍ଦ୍ରଙ୍କ ଜୀବନ ପ୍ରଭାତ ଲବଣର ସ୍ୱାଦ, ନିର୍ମୂଳୀଲତାର ଫୁଲ ଓ ଜୟ ପରାଜୟ ଗଳ୍ପରେ ମଣ୍ଟୁ ଚରିତ୍ରର ଚିତ୍ରଣ, ବଇଷମ ପାଠଶାଳା ଓ ଶୂନ୍ୟ ପଞ୍ଜୁରୀ, ଭାଙ୍ଗପୁରର ଚକଡ଼ା, ଆକାଶ ଛତିଆ, ଗଣଦେବତା ପ୍ରଭୃତି ଗଳ୍ପରେ କଇଆ, ବୈରାଗୀ ବଇଷମ, ଗବେନ୍ଦ୍ର, ଗୋବର୍ଦ୍ଧନାଚାର୍ଯ୍ୟ ଆଦି ଚରିତ୍ର ମାଧ୍ୟମରେ ଦେଖାଯାଇଥାଏ ।

## ମାନବେତର ଚରିତ୍ର

ଆକାଶ ତଥାପି ସୁନୀଳ ଗଳ୍ପରେ ହନିମିଆଁର ଛେଳି ଓ ମାଙ୍କଡ଼, 'ମୃତ୍ତିକାର ଆତ୍ମା' ଗଳପରେ ସିଦକାନଗୋଇଙ୍କ ବାଛୁରୀ ନିରୀହତାର ପ୍ରତୀକ ରୂପେ ଉପସ୍ଥାପିତ । 'ଲବଣର ସ୍ୱାଦ' ଗଳ୍ପର ଚଢ଼େଇ ଛୁଆ, 'ଜୀବନ ପ୍ରଭାତ'ର ପ୍ରଜାପତି ଓ ଚଢ଼େଇ, 'ଶୂନ୍ୟ ପଞ୍ଜୁରୀ'ର ବଣିଚଢ଼େଇ ଶୈଶବର ଅନୁସନ୍ଧିତ୍ସା ତଥା ନୂତନତାର ପ୍ରତୀକ ଚରିତ୍ର ଭାବେ ମୁଖ୍ୟ ଚରିତ୍ର ମଣ୍ଟୁକୁ ତଥା କଇଆକୁ ପରିପୁଷ୍ଟ କରିବା ପାଇଁ ଦେଖାଦେଇଛି । "କ୍ଳାନ୍ତ ଚୈତାଳୀ"ର ଏଣ୍ଡୁଅ ଓ ସାପ ଗଳ୍ପର ସାପ ତଥା ଷଣ୍ଢ ଫ୍ରଏଡୀୟ ଯୌନ ବିକୃତିର ପ୍ରତୀକ ରୂପେ ଚିତ୍ରିତ ହେବା ସହିତ ମୁଖ୍ୟ ଚରିତ୍ରର ମାନସିକ ବିଶ୍ଳେଷଣ ପାଇଁ ସହାୟକ ହୋଇଛି । 'ଶେଷ ରାତିର ଏକ୍ସପ୍ରେସ୍' ଓ 'ଗୋଟିଏ ଘୋଡ଼ାର ମୃତ୍ୟୁ' ଗଳ୍ପରେ ପରିବେଷିତ କୁକୁର ଓ ଘୋଡ଼ା ବଶମ୍ବଦତାର ପ୍ରତୀକ ରୂପେ ଚିତ୍ରିତ ହୋଇଛନ୍ତି । ମାତ୍ର 'ପ୍ରତିନାୟକ' ଗଳ୍ପର କୁକୁର ବଳିଆ ରାଜନୈତିକ କନ୍ଦଳର ପ୍ରତିନିଧି ରୂପେ ଉପସ୍ଥାପିତ ହୋଇଥିବା ସ୍ଥଳେ 'ଦ୍ୱିପ୍ରଦର ଗ୍ରାସ'ର ଛେଳି ତଥା 'ଅସାଧାରଣ' ଗଳ୍ପର ଗାଈ ମୁଖ୍ୟ ଚରିତ୍ରର ଅପତ୍ୟ ସ୍ନେହର କାରଣ ତଥା ମଣିଷର କ୍ରୁରତାର ଉଦ୍ରେକ ପାଇଁ ଉପସ୍ଥାପିତ ହୋଇଛି । 'ପ୍ରତିଧ୍ୱନି'ର ପକ୍ଷୀ ସ୍ୱାଧୀନ ଚେତନାର ଦ୍ୟୋତନା ପାଇଁ ଗଳ୍ପ ମଧ୍ୟରେ ଉପସ୍ଥାପନ କରାଯାଇଛି । ସୁରେନ୍ଦ୍ରଙ୍କ ଗଳପରେ ମାନବେତର ଚରିତ୍ର ଗୁଡ଼ିକର ଉପସ୍ଥାପନା, ବିଶେଷତଃ ମୁଖ୍ୟ ଚରିତ୍ରର କୌଣସି ବିଭାବର ପରିସ୍ଫୁଟନ ତଥା ମାନସିକ ବିଶ୍ଳେଷଣକୁ ପ୍ରତୀକାତ୍ମକ ରୀତିରେ ପରିବେଷଣ କରିବା ଉଦ୍ଦେଶ୍ୟରେ କରାଯାଇଛି ।

## ଜଡ଼ ଚରିତ୍ର

'ଜୟ ପରାଜୟ'ରେ ବୁଦ୍ଧ ମୂର୍ତ୍ତି, 'ଚେନାଏ ଜହ୍ନ'ରେ ଭେନସ୍ ଓ କ୍ୟୁପିଡ୍, 'କବନ୍ଧ'ର ଶାଳଭଞ୍ଜିକା ମୂର୍ତ୍ତିର ବର୍ଣ୍ଣନା ଚରିତ୍ର ଅନୁରୂପ କରାଯାଇଥିବାରୁ ଏଗୁଡ଼ିକୁ ଜଡ଼ ଚରିତ୍ର ରୂପେ ଗ୍ରହଣ କରାଯାଇଛି । ଏହି ଚରିତ୍ରଗୁଡ଼ିକ ସର୍ବଦା ମୁଖ୍ୟ ଚରିତ୍ରର ବିକାଶ ପାଇଁ ପ୍ରତୀକାତ୍ମକ ରୀତିରେ ଉପସ୍ଥାପିତ ହୋଇଥିବା ଲକ୍ଷ୍ୟ କରାଯାଏ ।

## ସୁରେନ୍ଦ୍ରଙ୍କ ଗଳ୍ପର ଗୌଣ ଚରିତ୍ର

ଉପନ୍ୟାସିକ ଭଳି କ୍ଷୁଦ୍ର ଗଳ୍ପରେ ଏକାଧିକ ଗୌଣ ଚରିତ୍ରର ସମାବେଶ ସମ୍ଭବ ନ ହେଲେ ମଧ୍ୟ ପ୍ରତ୍ୟେକ ଗଳ୍ପରେ ମୁଖ୍ୟ ଚରିତ୍ରର ସହାୟକ ଚରିତ୍ର ଭାବରେ ଗୋଟିଏ ଦୁଇଟି ଗୌଣ ଚରିତ୍ରର ଆବିର୍ଭାବ ଦେଖାଯାଇଥାଏ । ବିଶେଷତଃ ସୁରେନ୍ଦ୍ରଙ୍କ ଗଳ୍ପର କଳେବର ଦୃଷ୍ଟିରୁ ଦୀର୍ଘ ଗଳ୍ପଗୁଡ଼ିକରେ ମୁଖ୍ୟ ଚରିତ୍ରର ସମାନ୍ତରାଳ ଭାବେ କେତେକ ଗୌଣ ଚରିତ୍ର ଦେଖାଯାଇଥାଏ । ଚରିତ୍ରର ବିଭିନ୍ନ ଶ୍ରେଣୀର ଆଲୋଚନା ପ୍ରସଙ୍ଗରେ ଏହି ଗୌଣ ଚରିତ୍ରଗୁଡ଼ିକ ମଧ୍ୟରୁ କେତେକ ଚରିତ୍ରର ସୂଚନା ତଥା ଆଲୋଚନା ପୂର୍ବରୁ ପ୍ରଦାନ କରାଯାଇଥିଲେ ମଧ୍ୟ ଏଠାରେ ସୁରେନ୍ଦ୍ରଙ୍କ ଗଳ୍ପରେ ଗୌଣ ଚରିତ୍ରଗୁଡ଼ିକ ମୁଖ୍ୟତଃ କେଉଁ କେଉଁ ଭୂମିକା ନିର୍ବାହ କରିଛନ୍ତି ତାର ଆଲୋଚନା କରାଯାଇଅଛି ।

ସୁରେନ୍ଦ୍ରଙ୍କଗୌଣଚରିତ୍ରଗୁଡ଼ିକ ଲକ୍ଷ୍ୟ କଲେ ଏହା ସାଧାରଣତଃ ମୁଖ୍ୟ ଚରିତ୍ରର ପରିସ୍ଫୁଟନ, ପରିବେଶର ସୂଚନା, ନାମକରଣର ଯଥାର୍ଥତା ପ୍ରତିପାଦିତ ଘଟଣାର ପରିସ୍ଫୁଟନ ତଥା ସାମାଜିକ ଚଳଣିର ରୂପାୟନ ପାଇଁ ସୃଷ୍ଟି ହୋଇଛି, କ୍ରମାନୁସରେ ସେ ସବୁର ଆଲୋଚନା ଏଠାରେ କରାଯାଉଅଛି ।

ମୁଖ୍ୟ ଚରିତ୍ରର ପରିସ୍ଫୁଟନ ପାଇଁ ଉଦ୍ଦିଷ୍ଟ ଗୌଣ ଚରିତ୍ରଗୁଡ଼ିକ ମଧ୍ୟରେ ଅପରାଜିତ ଗଳ୍ପରେ ଶ୍ୟାମଳର ବିପରୀତ ଧର୍ମୀ ଚରିତ୍ର ସରୋଜ, 'ବାଲି'ର ନରି ପ୍ରଧାନର ସମଧର୍ମୀ ଚରିତ୍ର ଦାମ ଦଳେଇ 'ଆନନ୍ଦ ଭୈରବୀ'ର ଚିନ୍ମୟାନନ୍ଦଙ୍କ ବିପରୀତଧର୍ମୀ ଚରିତ୍ର ମୁମୂର୍ଷୁ ବୃଦ୍ଧ, 'କାକଟସ୍'ର ମିସେସ୍ ରାଜନ୍ ଓ ମିଷ୍ଟର ମାଥୁରଙ୍କ ସମାନ୍ତରାଳ ଚରିତ୍ର ମିଷ୍ଟର ଓ ମିସେସ୍ ବେଲୀ, 'ବାସିମଡ଼ା'ର ନିଧି କାନଗୋଇର ବିପରୀତ ଧର୍ମୀ ଚରିତ୍ର ରାମେଶ୍ୱର ବାବୁଙ୍କ ମୃତା ସ୍ତ୍ରୀ ଚରିତ୍ରଗୁଡ଼ିକ ଗ୍ରହଣ କରାଯାଇପାରେ । ଉପରେ ସୂଚିତ ଗୌଣ ଚରିତ୍ରଗୁଡ଼ିକ ମଧ୍ୟରୁ 'ଆନନ୍ଦ ଭୈରବୀ' ଗଳ୍ପର ମୁମୂର୍ଷୁ ବୃଦ୍ଧ ଗଳ୍ପର ଗୌଣ ଚରିତ୍ର ହେଲେ ହେଁ, ଗାଇଡ଼ ମୁଖରେ ବର୍ଣ୍ଣିତ ତା'ର ଅତୀତର କାହାଣୀ ପାଠକ ପ୍ରାଣରେ ତା' ପ୍ରତି ସମ୍ବେଦନା ସୃଷ୍ଟି କରିଥାଏ । ଆଲୋଚ୍ୟ ଚରିତ୍ରଗୁଡ଼ିକ ତେଣୁ ଗୌଣ ହେଲେ ହେଁ ପାଠକ ପ୍ରାଣରେ ନିର୍ଦ୍ଦିଷ୍ଟ ଆବେଦନ ସୃଷ୍ଟି କରିଥାନ୍ତି ।

କେତେକ ଗଳ୍ପରେ ମୁଖ୍ୟ ଚରିତ୍ର ସହ ସାମଞ୍ଜସ୍ୟ ରକ୍ଷା କରି ମୁଖ୍ୟ ଚରିତ୍ରକୁ ଅଧିକ ସ୍ପଷ୍ଟ କରିବା ଲକ୍ଷ୍ୟରେ ଗୌଣ ଚରିତ୍ରର ସୃଷ୍ଟି ହୋଇଥାଏ । ଦୃଷ୍ଟାନ୍ତ ସ୍ୱରୂପ ପାଗଳଗାରଦର କାହାଣୀର ସନାତନ ମହାପାତ୍ରଙ୍କ ନାତି ମଣ୍ଟୁ ଚରିତ୍ର, ଅଜାର ଭାବନା ତଥା ମନସ୍ତତ୍ତ୍ୱକୁ ଅଧିକ ତୀବ୍ର କରିବା ଉଦ୍ଦେଶ୍ୟରେ ଅହେତୁକ ଭାବେ ଅଜା ସହ ସାମଞ୍ଜସ୍ୟ ରକ୍ଷା କରି ବ୍ୟବହାର କରିଛି ।

ନାମକରଣର ସାର୍ଥକତା ପ୍ରତିପାଦନ ପାଇଁ ସ୍ଥଳ ବିଶେଷରେ ଗୌଣ ଚରିତ୍ରକୁ ନେଇ ଘଟଣା ସୃଷ୍ଟି ହୋଇଥିବା ସୁରେନ୍ଦ୍ରଙ୍କ ଗଳ୍ପରେ ଲକ୍ଷ୍ୟ କରାଯାଇଥାଏ । ଗୌଣ ଚରିତ୍ରର ସମାହାରରେ ଭାରତ ଆବିଷ୍କାର, ଅଷ୍ଟ୍ରେଲିଆ ଆଦି ଗଳ୍ପର ସୃଷ୍ଟି ହୋଇଥିବା ସ୍ଥଳେ, କେବଳ ଗଳ୍ପର ପରିଣତିରେ ସାହାଯ୍ୟ କରିବା ପାଇଁ 'ଗୁରୁ' ଗଳ୍ପର ଅନ୍ଧ ଚରିତ୍ରର ଆବିର୍ଭାବ ହୋଇଥିବା ଦେଖାଯାଏ ।

ସାମାଜିକ ପରିବେଶକୁ ପାଠକର ହୃଦୟଗ୍ରାହୀ କରିବା ପାଇଁ ମରୁଡ଼ି, ଓ ! କାଲ୍‌କାଟା, ଶୂନ୍ୟ ପଞ୍ଜୁରୀ ଆଦି ଗଳ୍ପରେ ଦୀନବନ୍ଧୁ, ଯମୁନା ଓ ଉମା ପିଉସୀ ଆଦି ଚରିତ୍ରର ଉପସ୍ଥାପନ ଗାଳ୍ପିକ

ସୁରେନ୍ଦ୍ର କରିଥିବା ସ୍ଥଳେ, ଶେଷ ରାତିର ଏକ୍ସପ୍ରେସ୍ ଗଳ୍ପରେ ରହସ୍ୟମୟ ପରିବେଶ ସୃଷ୍ଟି ପାଇଁ କାଣାବାବା ଚରିତ୍ରର ସୃଷ୍ଟି ହୋଇଛି ।

ସ୍ଥଳବିଶେଷରେ ମୁଖ୍ୟ ଚରିତ୍ରର ଅଗ୍ରଗତି ପାଇଁ 'ରୁଚି ଓ ଚନ୍ଦ୍ର' ଗଳ୍ପରେ ନୟନା ଓ କାଜୋରୀ ଚରିତ୍ର ସୃଷ୍ଟି ହୋଇଥିବା ସ୍ଥଳେ କଥାବସ୍ତୁର ଅଗ୍ରଗତି ଓ ମାନସିକ ବିଶ୍ଳେଷଣ ପାଇଁ 'ଶାଳଭଞ୍ଜିକା' ଗଳ୍ପରେ ବ୍ୟୋମକେଶ ଚୌଧୁରୀ ରୁକ୍ମିଣୀ ଦେବୀ ଆଦି ଗୌଣ ଚରିତ୍ରର ସୃଷ୍ଟି ହୋଇଥିବା ଦେଖାଯାଇଥାଏ ।

ସୁରେନ୍ଦ୍ରଙ୍କ ଗଳ୍ପରେ ଗୌଣ ଚରିତ୍ରଗୁଡ଼ିକ ମୁଖ୍ୟ ଚରିତ୍ର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ତଥା ମୁଖ୍ୟ ଚରିତ୍ରର ପରିସ୍ଫୁଟନ ପାଇଁ ଏଗୁଡ଼ିକର ଚିତ୍ରଣ ସୁରେନ୍ଦ୍ରଙ୍କ ଗଳ୍ପରେ ଦେଖିବାକୁ ମିଳିଥାଏ । ଏହି ଗୌଣ ଚରିତ୍ର ସୃଷ୍ଟି କ୍ଷେତ୍ରରେ ସ୍ଥଳବିଶେଷରେ ଗାଳ୍ପିକ ସୁରେନ୍ଦ୍ରଙ୍କର ଅଯଥା ମୋହ ମଧ୍ୟ ପରିଲକ୍ଷିତ ହୋଇଥାଏ ।

## ସୁରେନ୍ଦ୍ରଙ୍କ ଗଳ୍ପର ପ୍ରତିନିଧି ସ୍ଥାନୀୟ ଚରିତ୍ର

ସୁରେନ୍ଦ୍ରଙ୍କ ଗଳ୍ପର ମୁଖ୍ୟ ଚରିତ୍ରଗୁଡ଼ିକ ଅନେକ ସ୍ଥଳରେ ପ୍ରତିନିଧି ସ୍ଥାନୀୟ ଚରିତ୍ର । ଦୃଷ୍ଟାନ୍ତ ସ୍ୱରୂପ ତାଙ୍କର ସାମନ୍ତ ଚରିତ୍ର, ରାଜନୀତିକ ଚରିତ୍ରଗୁଡ଼ିକ ବିଭିନ୍ନ ଶ୍ରେଣୀର ପ୍ରତିନିଧି । ମାତ୍ର ସ୍ଥଳବିଶେଷରେ କେତେକ ଚରିତ୍ରକୁ ବିଭିନ୍ନ ସମୟ ଓ ପରିବେଶର ପ୍ରତିନିଧି ଭାବରେ ପରିବେଶ, ଘଟଣା ତଥା ମୁଖ୍ୟ ଚରିତ୍ରକୁ ପ୍ରଭାବଶାଳୀ ରୂପରେ ଚିତ୍ରଣ କରିବାକୁ ଗାଳ୍ପିକ ଉଦ୍ଦେଶ୍ୟମୂଳକ ଭାବେ ଗଳ୍ପରେ ଉପସ୍ଥାପନ କରିଛନ୍ତି । ଏହି ଶ୍ରେଣୀର ଚରିତ୍ରଗୁଡ଼ିକ ସର୍ବଦା ଗୌଣ ଚରିତ୍ର ରୂପେ ଉପସ୍ଥାପିତ ହୋଇଛନ୍ତି । ଏଗୁଡ଼ିକ ସର୍ବଦା ସରଳ ତଥା ସମାଜର ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ପ୍ରତିନିଧି ରୂପେ ଦେଖା ଦେଇଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ ତାଙ୍କ ଗଳ୍ପର ଚା' ଦୋକାନୀ, ରିକ୍ସାବାଲା ଆଦି ଚରିତ୍ରକୁ ଗ୍ରହଣ କରାଯାଇପାରେ ।

**ଚା' ଦୋକାନୀ** ମଣିଷ ଓ ଅର୍ଥନୀତି, ଭାରତ ଆବିଷ୍କାର, ଅଷ୍ଟ୍ରେଲିଆ, ଅଣ୍ଡର ଗ୍ରାଉଣ୍ଡ, ସାଙ୍ଗରିଲା, ସାଇକଲ ଚୋର, ଗୃହଦାହ, ନିଃସଙ୍ଗ ଆକାଶ, ଇନ୍ଦ୍ରଦ୍ୟୁମ୍ନ, ଅସାଧାରଣ ଆଦି ଗଳ୍ପରେ ଚା' ଦୋକାନୀ ଏକ ସରଳ ପ୍ରତିନିଧି ସ୍ଥାନୀୟ ଚରିତ୍ର ରୂପେ ପ୍ରାପ୍ୟ ଏକ ପ୍ରକାର ଚରିତ୍ର ଭାବେ ଦେଖିବାକୁ ମିଳିଥାଏ । ଏହି ଚା' ଦୋକାନୀ,ଗ୍ରାମ୍ୟ ପରିବେଶ, ଛୋଟିଆ ରେଳ ଷ୍ଟେସନ୍, ବସ୍ ଷ୍ଟାଣ୍ଡ ଛକ ଠାରୁ ସହର ତଳି ଅଞ୍ଚଳ ପର୍ଯ୍ୟନ୍ତ ଏକପ୍ରକାର ଆଦର୍ଶ ନେଇ ଉପସ୍ଥାପିତ ।

**କନେଷ୍ଟବଳ, ଇନ୍ସପେକ୍ଟର ଆଦି ପୋଲିସ ଚରିତ୍ର** ଭାରତ ଆବିଷ୍କାର, ସତର ନମ୍ବର ୱାର୍ଡ଼, ପତାକା ଉତ୍ତୋଳନ, କୃଷ୍ଣଚୂଡ଼ା, ସାଇକଲ ଚୋର, ସୀମାରେଖା, ଅମୃତ, ହତ୍ୟାକାରୀ କିଏ, ଶେଷ ରାତର ଏକ୍ସପ୍ରେସ୍, ଗୋଟିଏ ଘୋଡ଼ାର ମୃତ୍ୟୁ, ସଭ୍ୟତାର ଗ୍ରାସ, ସେଇ ଲୋକଟା ଆଦି ଗଳ୍ପରେ ସ୍ୱାଧୀନତା ପୂର୍ବବର୍ତ୍ତୀ ତଥା ପରବର୍ତ୍ତୀ ସମୟର ତଥା ସହର ଓ ମହାନଗରୀର ପୋଲିସ କର୍ମଚାରୀଙ୍କ କର୍ତ୍ତବ୍ୟ ପରାୟଣତା, ଧୂର୍ତ୍ତତା ଓ ଦୁର୍ନୀତି ଆଦି ସୁଗୁଣ ଓ ଦୁର୍ଗୁଣ ପରିପୂର୍ଣ୍ଣ ଏହି ଗୋଷ୍ଠୀର ଚରିତ୍ରକୁ ପ୍ରତିନିଧି ଭାବରେ ଦେଖିବାକୁ ମିଳିଥାଏ ।

ସହରର ଅବହେଳିତ ନିମ୍ନବିତ୍ତ ଶ୍ରେଣୀର ଚରିତ୍ରଗୁଡ଼ିକ ମଧ୍ୟରେ, ରିକ୍ସାବାଲା, ଭାରତ ଆବିଷ୍କାର ପ୍ରଥମ ଆଷାଢ଼ ବ୍ୟର୍ଥ ଆଗମନୀ, ସାମ୍ୟବାଦର ଶେଷ ଇସ୍ତାହାର, ଅଦିନର ଅତିଥି ଗଳ୍ପରେ, ରୁଟିବାଲା, ଭାରତ ଆବିଷ୍କାର ଗଳ୍ପରେ, ସିଗାରେଟ୍ ଦୋକାନୀ, ଅଷ୍ଟ୍ରେଲିଆ ଓ ସାଙ୍ଗରିଲା ଗଳ୍ପରେ, ଦିନ ମଜୁରିଆ ଶ୍ରମିକ ଓ କୁଲି ପ୍ରଥମ ଆଷାଢ଼, ନୟନପୁର ଏକ୍ସପ୍ରେସ୍, କୃଷ୍ଣଚୂଡ଼ା, ରୁଟି ଓ ଚନ୍ଦ୍ର, ସାମ୍ୟବାଦର ଶେଷ

ଇସ୍ତାହାର ଗଳ୍ପରେ, ମେହେନ୍ତର, ଅଣ୍ଡର ଗ୍ରାଉଣ୍ଡ, ଢାସିମଡ୍ରା ବାସାଂସି ଜୀର୍ଣ୍ଣାନି, ମିସ୍ତ୍ରୀ, ସାଇକଲ ଚୋର, ଚପରାସୀ, ସାଇକଲ ଚୋର ଗଳ୍ପରେ, ମୁନ୍‌ସିପାଲଟି ବତୀବାଲା, ଅଣ୍ଡର ଗ୍ରାଉଣ୍ଡ, ଘରୋଇ ଚାକର, ଶାଳଭଞ୍ଜିକା ଗଳ୍ପରେ ତଥା ଦରୱାନ, ମାଳି ଚପରାସୀ, ଖାନ୍‌ସମା, ପୁଞ୍ଜିପତି,କଲେଜ ଟୋକା,ଗାଇଡ୍‌, ଭିକାରୀ, ଆଦି ବହୁବିଧ ପ୍ରତିନିଧି ସ୍ଥାନୀୟ ଚରିତ୍ର ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକରେ ଦେଖା ଦେଇଥାନ୍ତି ।

ଗ୍ରାମାଞ୍ଚଳର ପ୍ରତିନିଧି ସ୍ଥାନୀୟ ଚରିତ୍ରଗୁଡ଼ିକ ମଧ୍ୟରେ ଗାଁର ଛୁଆ (ଅତିଥି, ସାନଭଉଣୀ, ବଇଷମ ପାଠଶାଳା), ମୁଖିଆ ବୁଢ଼ା (ଅତିଥି, ମରୁଡ଼ି) ଗାଁର ସାଧାରଣ ବୁଢ଼ା (ବାଲି, ମରୁଡ଼ି, ଅପରିଚିତର ପରିଚୟ), ଗୁମାସ୍ତା (ଘଇତାମାରୀପାଟ, ସୀମାରେଖା), ଶିକ୍ଷକ (ଘନିଆର ଗଣେଶ ଚତୁର୍ଥୀ,ବରଜୁ କ୍ଷେଣ୍ଟ ଘାଇ, ବଇଷମ ପାଠାଶାଳା, ଶୂନ୍ୟ ପଞ୍ଜୁରୀ, ମୃତ୍ତିକାର ଆତମା ଓ ପଲାସପୁର ଓ ପୋର୍ସିଲେନ) ଚାକିରିଆ ଜମି ମାଲିକ (ସୀମାରେଖା), ପୂଜକ, ପୋଷ୍ଟ ମାଷ୍ଟର ସାମ୍ବାଦିକ (ସାତଭଉଣୀ), ଗାଁ ମହାଜନ, ପୁରାଣ ପଣ୍ଡା, ଭଣ୍ଡାରୀ (ପୁଷ୍ୟାଭିଷେକ) ଆଦି ବହୁ ଚରିତ୍ର ଦେଖା ଯାଆନ୍ତି ।

ସୁରେନ୍ଦ୍ରଙ୍କ ଗଳ୍ପର ଚରିତ୍ରାଙ୍କନକୁ ଲକ୍ଷ୍ୟ କଲେ ଏକଥା ସ୍ପଷ୍ଟ ଯେ ସୁରେନ୍ଦ୍ରଙ୍କ ଗଳ୍ପର ଚରିତ୍ରଗୁଡ଼ିକର ରୂପ ବର୍ଣ୍ଣନା ବାସ୍ତବଧର୍ମୀ ତଥା ଆଳଙ୍କାରିକ ବର୍ଣ୍ଣନା ପାଟବ ମାଧ୍ୟମରେ ପରିବେଷିତ ହୋଇଛି । ଚରିତ୍ରଗୁଡ଼ିକର ଜୀବନ୍ତ ବର୍ଣ୍ଣନା ଓ ବଳିଷ୍ଠ ଉପସ୍ଥାପନା ମାଧ୍ୟମରେ ସୁରେନ୍ଦ୍ରଙ୍କ ଗଳ୍ପରେ ସୃଷ୍ଟ ପ୍ରତ୍ୟେକ ଚରିତ୍ରରେ ଜୀବନର ସଂଘର୍ଷ, ଜ୍ୱଳନ୍ତ ଓ ବାସ୍ତବତାର ଉତ୍କଟ ପ୍ରଭାବ ଦୃଷ୍ଟି ଗୋଚର ହୋଇଥାଏ । ଅନ୍ୟ କଥାରେ କହିବାକୁ ଗଲେ ତାଙ୍କର ଚରିତ୍ରଗୁଡ଼ିକରେ ଆଧୁନିକ ଜୀବନ ଯାତ୍ରାର ହତାଶା ଓ ବ୍ୟର୍ଥତା ଦେଖିବାକୁ ମିଳେ । ପୁଣି ତାହାଙ୍କର କେତେକ ଚରିତ୍ର ସିନିକ୍‌ଧର୍ମୀ । କାରଣ ହେତୁବାଦ ତାଙ୍କ ଲେଖାର ଭିତ୍ତି । ଫଳରେ ତାଙ୍କର ପ୍ରତ୍ୟେକଟି ଚରିତ୍ର ଭିତରେ ସୁରେନ୍ଦ୍ରଙ୍କ ଅନୁସନ୍ଧିତ୍ସା ଲକ୍ଷ୍ୟ କରାଯାଇପାରେ ।

ସୁରେନ୍ଦ୍ରଙ୍କ ଚରିତ୍ରଗୁଡ଼ିକ ନାଟକୀୟ କୌଶଳରେ ଉପସ୍ଥାପନ କରାଯାଇଛି । ଫଳରେ ସେସବୁ ପାଠକ ଗୋଷ୍ଠୀକୁ ବହୁ ପରିମାଣରେ ପ୍ରଭାବିତ କରିଥାଏ । ପୁଣି ଚରିତ୍ରର ପରିସ୍ଫୁଟନ ପାଇଁ ବିପରୀତ ଧର୍ମୀ ତଥା ସମାନ୍ତରାଳ ଚରିତ୍ରର ସୃଷ୍ଟି ତାଙ୍କ ଗଳ୍ପରେ ଦେଖାଯାଇଥାଏ । ତାଙ୍କର କେତେକ ଗଳ୍ପର ଅନ୍ତରାଳରେ ଫକୀର ମୋହନଙ୍କ ପରି ସଂସ୍କାରଧର୍ମୀ ଭାବନା ମଧ୍ୟ ଲକ୍ଷ୍ୟ କରାଯାଇପାରେ । ତେବେ ତାଙ୍କର ଚରିତ୍ରର ସମସ୍ତ ସୀମା ଦୀଗନ୍ତପ୍ରସାରୀ ହେବା ସହିତ ବର୍ତ୍ତୁଳ, ସୂତ୍ରଧର ପିକାସ୍ୱସୀସ୍ୱ ଆଦି ବିଭିନ୍ନ ଶ୍ରେଣୀର ଚରିତ୍ରର ପରୀକ୍ଷା ନିରୀକ୍ଷା ମାଧ୍ୟମରେ ଓଡ଼ିଆ ଗଳ୍ପ ସାହିତ୍ୟକୁ ପରିସ୍ଫୁଟ କରିଛନ୍ତି ।

# ଉପସଂହାର

## (ଓଡ଼ିଆ କ୍ଷୁଦ୍ରଗଳ୍ପର ପରମ୍ପରାରେ ସୁରେନ୍ଦ୍ରଙ୍କ ବୈଶିଷ୍ଟ୍ୟ)

## ସୁରେନ୍ଦ୍ରଙ୍କ କ୍ଷୁଦ୍ରଗଳ୍ପରେ କଥାବସ୍ତୁର ମୌଳିକତା

ଫକୀର ମୋହନଙ୍କ ଠାରୁ ଆରମ୍ଭ କରି ସୁରେନ୍ଦ୍ରଙ୍କ ପୂର୍ବବର୍ତ୍ତୀ ଗାଳ୍ପିକମାନଙ୍କ ଗଳ୍ପ ସାହିତ୍ୟକୁ ଲକ୍ଷ୍ୟ କଲେ ଦେଖାଯାଏ ଯେ, କ୍ଷୁଦ୍ରଗଳ୍ପର ବିଷୟବସ୍ତୁ ବିଭିନ୍ନ ସାମାଜିକ ସମସ୍ୟା, ତ୍ରିମୁଖୀ ପ୍ରେମର ହସକାନ୍ଦ ଆଦିକୁ କେନ୍ଦ୍ର କରି ମୁଖ୍ୟତଃ ରଚନା କରାଯାଇଛି । ମାତ୍ର ଗାଳ୍ପିକ ସୁରେନ୍ଦ୍ରଙ୍କ "ଅନ୍ଧସ୍ୱାମୀ", "ଭାରତ ଆବିଷ୍କାର", "ଅଷ୍ଟ୍ରେଲିଆ", "ପ୍ରଥମ ଆଷାଢ଼", "କୃଷ୍ଣଚୂଡ଼ା" ପ୍ରଭୃତି କେବଳ ଭାବ ବା Idea ଓ ଚରିତ୍ରର ଅନ୍ତରର ସ୍ପନ୍ଦନକୁ କେନ୍ଦ୍ର କରି ରଚିତ । ତେଣୁ ଏହି ଗଳ୍ପଗୁଡ଼ିକ ଓଡ଼ିଆ ଗଳ୍ପ ସାହିତ୍ୟରେ ନୂତନ ସ୍ୱାଦ ପ୍ରଦାନ କରିବାର ଯୋଗ୍ୟତା ହାସଲ କରିପାରିଛି । ଏହି ଗଳ୍ପଗୁଡ଼ିକରେ ନିର୍ଦ୍ଦିଷ୍ଟ ଘଟଣା ଓ ଚରିତ୍ରର ଅବତାରଣାର ଜଟିଳତା ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟରେ ସୁରେନ୍ଦ୍ରଙ୍କ ବୈପ୍ଳବିକ ପଦକ୍ଷେପ ରୂପେ ପରିଗଣିତ ହୋଇଅଛି ।

ସୁରେନ୍ଦ୍ରଙ୍କ ପୂର୍ବରୁ ଗୋଦାବରୀଶ ମହାପାତ୍ର, ଭଗବତୀ ଚରଣ ପାଣିଗ୍ରାହୀ ଓ ସଚ୍ଚି ରାଉତରାୟ ରାଜନୀତିକ ଚିତ୍ର ଓ ତତ୍ତ୍ୱ ସମ୍ବଳିତ ଗଳ୍ପ ରଚନା କରିଥିଲେ । ମାତ୍ର ସେମାନଙ୍କ ଗଳ୍ପରେ ରାଜନୀତିକତତ୍ତ୍ୱ ଓ ଆଚାରର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଦେଖାଯାଏ ନାହିଁ । ସୁରେନ୍ଦ୍ରଙ୍କ ରାଜନୀତିକ ଗଳ୍ପରେ ରାଜନୀତିକତତ୍ତ୍ୱର ବ୍ୟଞ୍ଜନାତ୍ମକ ଉପସ୍ଥାପନା ସହିତ ଗାଳ୍ପିକଙ୍କ ଅନ୍ତର୍ଦୃଷ୍ଟି ଓ ବିଭିନ୍ନ ଅନୁଭୂତିର ଚିତ୍ର ପୁଙ୍ଖାନୁପୁଙ୍ଖ ରୂପେ ଯୁକ୍ତିସମ୍ମତ ଭାବେ ଉପସ୍ଥାପିତ । ମାର୍କସ୍‌ବାଦ, ଭାରତୀୟ ଗଣତନ୍ତ୍ର, ତଥା ନିର୍ବାଚନିକ ପ୍ରେକ୍ଷାପଟରେ ରଚିତ ସୁରେନ୍ଦ୍ରଙ୍କ 'ରୁଟି ଓ ଚନ୍ଦ୍ର', 'ଅଣ୍ଡର ଗ୍ରାଉଣ୍ଡ', 'ନରବଳି', 'ଗଣଦେବତା', 'ମୃତ୍ତିକାର ଆତ୍ମା', 'ଏଇ ଗଣତନ୍ତ୍ର', 'ପ୍ରତିନାୟକ', 'କେନ୍ଦ୍ର ଓ ବୃତ୍ତହୀନ', 'ପ୍ରତିଧ୍ୱନି' ପ୍ରଭୃତି ଗଳ୍ପଗୁଡ଼ିକୁ ଲକ୍ଷ୍ୟ କଲେ ଦେଖାଯାଏ ଯେ, ତାଙ୍କର ପ୍ରତ୍ୟକ୍ଷ ରାଜନୀତିକ ଅନୁଭୂତି ତଥା ମୌଳିକ ରାଜନୀତିକ ଚିନ୍ତା ଓ ଚେତନାର ଦ୍ୟୋତନା ବ୍ୟଞ୍ଜନାତ୍ମକ ରୀତିରେ ଏହି ଗଳ୍ପଗୁଡ଼ିକରେ ଅଭିବ୍ୟକ୍ତ । ସୁରେନ୍ଦ୍ରଙ୍କ ଏହି ଗଳ୍ପଗୁଡ଼ିକ ଓଡ଼ିଆ ରାଜନୀତିକ ଗଳ୍ପର ଆଲୋଚନା ପ୍ରସଙ୍ଗରେ ତାଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଥାଏ, ଏହା ନିଃସନ୍ଦେହରେ ଓଡ଼ିଆ ପାଠକ ଗୋଷ୍ଠୀ ସ୍ୱୀକାର କରିବେ ।

ଫକୀରମୋହନ ତଥା ତାଙ୍କ ଠିକ୍ ପରବର୍ତ୍ତୀ ସମୟର ଗାଳ୍ପିକମାନଙ୍କ ଐତିହାସିକ ଗଳ୍ପଗୁଡ଼ିକ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଅନୁଭୂତ ହୁଏ ଯେ, ଏଗୁଡ଼ିକ କାହାଣୀଧର୍ମୀ, ରୋମାନ୍ସଧର୍ମୀ ତଥା ବର୍ଣ୍ଣନାଧର୍ମୀ ହୋଇଥିବା ଦେଖଯାଏ । ମାତ୍ର ସୁରେନ୍ଦ୍ରଙ୍କ ଐତିହାସିକ ଗଳ୍ପଗୁଡ଼ିକ ଓଡ଼ିଆ ସାହିତ୍ୟରେ ନିଜର ସ୍ୱାତନ୍ତ୍ର୍ୟ ପାଇଁ ପ୍ରତିଷ୍ଠା ଅର୍ଜନ କରିପାରିଛି । ପ୍ରଥମତଃ ସୁରେନ୍ଦ୍ରଙ୍କ ଐତିହାସିକ ଗଳ୍ପଗୁଡ଼ିକ ବର୍ଣ୍ଣନାଧର୍ମୀ ହେବା ଅପେକ୍ଷା ଅଧିକ ବ୍ୟଞ୍ଜନାଧର୍ମୀ । ପୁଣି ସମସାମୟିକ ଯୁଗଯନ୍ତ୍ରଣାର ଚିତ୍ର ଐତିହାସିକ ଗଳ୍ପର ଚରିତ୍ର ମାଧ୍ୟମରେ ରୂପାୟିତ ହୋଇଥିବା ଲକ୍ଷ୍ୟ କରାଯାଏ । ଦୃଷ୍ଟାନ୍ତ ସ୍ୱରୂପ 'ଦଳବେହେରା' ଗଳ୍ପର ମାଗୁଣି ଦଳେଇର ଆସ୍ଫାଳନଧର୍ମୀ ଅସହାୟତା ସମସାମୟିକ ଓଡ଼ିଆ ବ୍ୟକ୍ତି ପ୍ରାଣରେ ମଧ୍ୟ ପରିଲକ୍ଷିତ ହୁଏ । ତଥା 'କବି' ଗଳ୍ପର ଦୀନକୃଷ୍ଣଙ୍କ ଅହଂ ଚେତନା, 'ଶେଷ କବିତା'ର କବି ଗୋବର୍ଦ୍ଧନଙ୍କ ପାଖରେ ମଧ୍ୟ ଲକ୍ଷ୍ୟ

କରାଯାଇପାରେ । ପୁଣି ସ୍ଥଳବିଶେଷରେ 'ମରାଳର ମୃତ୍ୟୁ' ଗଳ୍ପରେ ଐତିହାସିକ ଚରିତ୍ରର ଅସହାୟତା ସହିତ ଆଧୁନିକ ମଣିଷ ସୁବୋଧର ଅସହାୟତାର ତୁଳନାତ୍ମକ ଚିତ୍ର ଗାଳ୍ପିକ ସୁରେନ୍ଦ୍ର ପ୍ରଦାନ କରିଛନ୍ତି ।

ଅନୁରୂପ ଭାବେ ବୌଦ୍ଧଯୁଗୀୟ ଚରିତ୍ର ଓ ପରିବେଶକୁ ଆଧାର କରି ଗାଳ୍ପିକ ଚନ୍ଦ୍ରଶେଖର ଗଳ୍ପ ରଚନା କରିଥିଲେ ହେଁ ସୁରେନ୍ଦ୍ରଙ୍କ ବୌଦ୍ଧଯୁଗୀୟ ପରିବେଶ ଆଧାରିତ ଗଳ୍ପ, 'ସାରୀପୁତ୍ତ', 'ଅମ୍ବାପଲ୍ଲୀ' 'ପିତା ଓ ପୁତ୍ର', 'ଉଦ୍ର ରାମପୁତ୍ର', 'ମହାନିର୍ବାଣ' ଆଦି ଗଳ୍ପ ଓଡ଼ିଆ ଗଳ୍ପର ବିକାଶ ପର୍ଯ୍ୟାୟରେ ନିଜର ସ୍ୱତନ୍ତ୍ର ମର୍ଯ୍ୟାଦା ତଥା ପରାକାଷ୍ଠା ଦାବି କରିଥାଏ । ଏସବୁ କ୍ଷୁଦ୍ରଗଳ୍ପଗୁଡ଼ିକରେ ଗାଳ୍ପିକ ସୁରେନ୍ଦ୍ର ଯେଉଁ ନାଟକୀୟ ଶୈଳୀର ପ୍ରବର୍ତ୍ତନ କରିଛନ୍ତି ତାହା ପାଠକପ୍ରାଣରେ ଏକ ନୂତନ ପ୍ରଭାବ ସୃଷ୍ଟି କରିଥାଏ ତଥା ଏହି ଶ୍ରେଣୀର ଗଳ୍ପ ଗାଳ୍ପିକ ସୁରେନ୍ଦ୍ରଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ ଦୁର୍ଲ୍ଲଭ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଚନ୍ଦ୍ରଶେଖର ନନ୍ଦ ଆଦିଙ୍କ ଦ୍ୱାରା ବର୍ଣ୍ଣନାତ୍ମକ ଶୈଳୀରେ ରଚିତ ପୌରାଣିକ ଗଳ୍ପ, ସୁରେନ୍ଦ୍ରଙ୍କ ରଚନାରେ ନୂତନ ରୂପ ପରିଗ୍ରହ କରିଅଛି । 'ଆଦିମ ଓ ଶତରୂପା', 'ଶ୍ରୀକୃଷ୍ଣଙ୍କ ଶେଷହସ ଓ ଯଦୁବଂଶ' ଗଳ୍ପକୁ ଅନୁଧ୍ୟାନ କଲେ ପୌରାଣିକ ଚରିତ୍ର ମାଧ୍ୟମରେ ପ୍ରେମ, ରାଜନୀତିକ ଚେତନା ଆଦିର ସ୍ୱରୂପ ଆଧୁନିକ ମଣିଷର ଜୀବନ ଯନ୍ତ୍ରଣା ଓ ରାଜନୀତିକ ଚେତନାର ସମଧର୍ମୀ । ଗାଳ୍ପିକ ସୁରେନ୍ଦ୍ର ନିଜର ଐତିହାସିକ ତଥା ପୌରାଣିକ ଗଳ୍ପଗୁଡ଼ିକରେ ପ୍ରେମ ବାତ୍ସଲ୍ୟ ଆଦି ମଣିଷର ମର୍ମାନୁଭୂତି, ସମାଜଚେତନା ଓ ରାଜନୀତିକ ଚେତନାକୁ ଯୁଗାତୀତର ସ୍ପର୍ଶ ଦେଇ ବର୍ଣ୍ଣନା କରିଛନ୍ତି ।

ସୁରେନ୍ଦ୍ରଙ୍କ ପୂର୍ବବର୍ତ୍ତୀ ଗାଳ୍ପିକ ଯେଉଁମାନେ ଐତିହାସିକ ତଥା ପୌରାଣିକ ଗଳ୍ପ ରଚନା କରିଯାଇଛନ୍ତି ସେମାନଙ୍କ ଗଳ୍ପରେ ପୁରାଣର ଉପଜୀବ୍ୟ ହିଁ ମୁଖ୍ୟ, କିନ୍ତୁ ସୁରେନ୍ଦ୍ରଙ୍କ ସେହି ପର୍ଯ୍ୟାୟର ଗଳ୍ପଗୁଡ଼ିକରେ ପୁରାଣର ଉପଜୀବ୍ୟ ଗୌଣ । ତାଙ୍କ ଗଳ୍ପରେ ମାନବିକ ଚେତନା ମୁଖ୍ୟ ସ୍ଥାନ ଲାଭ କରିବା ସଙ୍ଗେସଙ୍ଗେ ସମସାମୟିକ ସମାଜର ପୃଷ୍ଠପଟ ଉପରେ ସେହି ଗଳ୍ପଗୁଡ଼ିକ ବ୍ୟଞ୍ଜନାଧର୍ମୀ ହେବା ସହିତ ଚିରନ୍ତନ ମଣିଷର ମର୍ମ ଉଦ୍‌ଘାଟନର ପ୍ରୟାସ କରିଛି । ତେଣୁ ଏ କ୍ଷେତ୍ରରେ ସୁରେନ୍ଦ୍ରଙ୍କ ଗଳ୍ପର ସ୍ୱାତନ୍ତ୍ର୍ୟ ତଥା ପରାକାଷ୍ଠା ଅନସ୍ୱୀକାର୍ଯ୍ୟ ।

## ସୁରେନ୍ଦ୍ରଙ୍କ ଗଳ୍ପର ଶୈଳୀ ସ୍ୱାତନ୍ତ୍ର୍ୟ ଓ ମୌଳିକତା

ସୁରେନ୍ଦ୍ରଙ୍କ ଗଳ୍ପଗୁଡ଼ିକ ସହିତ ତାଙ୍କର ପୂର୍ବବର୍ତ୍ତୀ ଗାଳ୍ପିକଙ୍କ ଗଳ୍ପର ତୁଳନାତ୍ମକ ଅଧ୍ୟୟନ କଲେ ଏକଥା ସ୍ପଷ୍ଟ ଯେ, ଗାଳ୍ପିକ ସୁରେନ୍ଦ୍ର ପ୍ରଥମେ 'ପ୍ରଥମ ଆଷାଢ଼', 'ଭାରତ ଆବିଷ୍କାର' ଆଦି ଗଳ୍ପରେ ଚେତନାପ୍ରବାହ ଶୈଳୀର ଅନୁବର୍ତ୍ତନ କରିଛନ୍ତି । ପରବର୍ତ୍ତୀ କାଳରେ 'ସାଇକଲ ଚୋର', 'ସେ ଓ ମୁଁ', 'ତାତା', ପ୍ରଭୃତି ଗଳ୍ପରେ ଚେତନା ପ୍ରବାହ ଶୈଳୀ ଅଧିକ ସଫଳ ଭାବେ ବ୍ୟବହୃତ । ଓଡ଼ିଆ ଗଳ୍ପ ସାହିତ୍ୟରେ ସୁରେନ୍ଦ୍ରଙ୍କ ପ୍ରବର୍ତ୍ତିତ ଚେତନା ପ୍ରବାହ ଶୈଳୀ ପରବର୍ତ୍ତୀ କାଳର ବହୁ ଗାଳ୍ପିକଙ୍କୁ ପ୍ରଭାବିତ କରିଅଛି ।

ଫକୀରମୋହନ ତଥା ତାଙ୍କର ପରବର୍ତ୍ତୀ ବହୁ ଗାଳ୍ପିକ, ଗଳ୍ପର ଭାଷା କ୍ଷେତ୍ରରେ ବର୍ଣ୍ଣନା ଧର୍ମକୁ ପ୍ରାଧାନ୍ୟ ପ୍ରଦାନ କରିଥିଲେ । ମାତ୍ର ସୁରେନ୍ଦ୍ରଙ୍କ ଗଳ୍ପରେ ବର୍ଣ୍ଣନାଧର୍ମ ଅପେକ୍ଷା ବ୍ୟଞ୍ଜନାଧର୍ମର ପ୍ରାଧାନ୍ୟ ପରିଲକ୍ଷିତ ହୋଇଥାଏ । ଗାଳ୍ପିକ ସୁରେନ୍ଦ୍ରଙ୍କ ପ୍ରାକୃତିକ ଜଗତ, ସାମାଜିକ ଜୀବନ ତଥା ନିଜ ଅନୁଭୂତିଲବ୍ଧ ବହୁବିଧ ଉପମାନ ଓ ଚିତ୍ରକଳ୍ପର ପ୍ରୟୋଗକୁ ଅନୁଧ୍ୟାନ କଲେ ତାଙ୍କ ଭାଷାର ବ୍ୟଞ୍ଜନାଧର୍ମ ଅଧିକ ପରିପୁଷ୍ଟ ହୋଇଥିବା ଜଣାଯାଏ । କେବଳ ଉପମାନ ଚିତ୍ରକଳ୍ପ ନୁହେଁ ବହୁବିଧ ପ୍ରତୀକ ଓ ମିଥ୍‌ର ପ୍ରୟୋଗ କରି ଗାଳ୍ପିକ ସୁରେନ୍ଦ୍ର ଓଡ଼ିଆ ଗଳ୍ପଶୈଳୀକୁ କାବ୍ୟ-ଶୈଳୀର ନିକଟବର୍ତ୍ତୀ କରି ପାରିଛନ୍ତି । ତାଙ୍କ ଗଳ୍ପଗୁଡ଼ିକର

ଭାଷା ପ୍ରୟୋଗକୁ ଅନୁଧ୍ୟାନ କଲେ, ବିଭିନ୍ନ ଗଳ୍ପରେ ଭାଷାର ସ୍ୱାତନ୍ତ୍ର୍ୟ ତଥା ବିବିଧତା ପରିଲକ୍ଷିତ ହୋଇଥାଏ । ପୁଣି ତାଙ୍କ ଗଳ୍ପର ବିଶିଷ୍ଟ ଧର୍ମ ହେଉଛି ଉପସ୍ଥାପନାର ନାଟକୀୟ କୌଶଳ । ଏହିସବୁ ଦୃଷ୍ଟିରୁ *ତାଙ୍କର ଶୈଳୀ ସରଳ ରୈଖିକ ନ ହୋଇ ବକ୍ର ରୈଖିକ ହୋଇଥିବା ପରିଲକ୍ଷିତ ହୋଇଥାଏ ।*

ଓଡ଼ିଆ କ୍ଷୁଦ୍ରଗଳ୍ପର ବିକାଶକ୍ରମରେ ସୁରେନ୍ଦ୍ରଙ୍କ ଚରିତ୍ର ଚିତ୍ରଣ ଓ ପରିବେଶ ଚିତ୍ରଣକୁ ଅନୁଧ୍ୟାନ କଲେ ତାଙ୍କର ପରିବେଶ ବହୁମୁଖୀ; ଓଡ଼ିଶାର ବିଭିନ୍ନ ସାମାଜିକ ପରବେଶ ସହିତ ପ୍ରାକୃତିକ ପରିବେଶର ଚିତ୍ର ବହୁ ବର୍ଣ୍ଣବିଭାରେ ବିମଣ୍ଡିତ । ବିଶେଷତଃ ପରିବେଶକୁ ଉପଜୀବ୍ୟ କରି ଗଳ୍ପ ରଚନାର ରୀତି ସୁରେନ୍ଦ୍ରଙ୍କ ପୂର୍ବରୁ ପ୍ରଚଳିତ ନଥିଲା । ସୁରେନ୍ଦ୍ରଙ୍କର ଚରିତ୍ର ପୁଣି ସହର ଠାରୁ ପୁରପଲ୍ଲୀ, ସୃଷ୍ଟିର ପ୍ରାକ୍‌କାଳର ଆଦିମ ଠାରୁ ଭବିଷ୍ୟତ ୨୦୬୬ର ସୁବ୍ରତ,ଶିଶୁ ଠାରୁ ବୃଦ୍ଧ ଚରିତ୍ର ସହିତ ପ୍ରେତଲୋକର ସୂକ୍ଷ୍ମଦେହୀ ଚରିତ୍ର ପର୍ଯ୍ୟନ୍ତ ପରିବ୍ୟାପ୍ତ । ସାମଗ୍ରିକ ଭାବରେ ବିଚାର କଲେ ଏଭଳି ବିସ୍ତୃତ ପରିସରକୁ ଉପଜୀବ୍ୟ କରି ସୁରେନ୍ଦ୍ରଙ୍କ ପୂର୍ବରୁ କ୍ୱଚିତ ଓଡ଼ିଆ ଗାଳ୍ପିକ ଏଭଳି ବ୍ୟାପକ ପରିବେଶ ତଥା ଚରିତ୍ର ଚିତ୍ରଣ କରିଛନ୍ତି ।

*ସୁରେନ୍ଦ୍ର ତାଙ୍କର ଆଦ୍ୟକାଳର ଗଳ୍ପ 'ଅଷ୍ଟ୍ରେଲିଆ', 'ଭାରତ ଆବିଷ୍କାର'ରେ ଆଭାସ ଚିତ୍ର ରୀତି,* 'ଛୋଟ ଗପ'ରେ କଥା କବିତା ରୀତିର ପ୍ରୟୋଗ ତଥା ପ୍ରବର୍ତ୍ତନ କରିଛନ୍ତି । ବିଶେଷତଃ ଫକୀରମୋହନଙ୍କ କଥା ସାହିତ୍ୟର ଜଣେ ବିଶିଷ୍ଟ ସମାଲୋଚକ ଭାବରେ ସୁରେନ୍ଦ୍ର ମହାନ୍ତି ଶୈଳୀଧର୍ମ ସମ୍ପର୍କିତ ଦେଇଥିବା ମନ୍ତବ୍ୟ "ସମରସେଟ୍ ମମଙ୍କ ଅନୁରୂପ ଫକୀରମୋହନ ପ୍ରଯୁକ୍ତ କରିଥିବା ସୂତ୍ରଧର ରୀତିକୁ" ସେ ସମ୍ପୂର୍ଣ୍ଣ ଆତ୍ମସ୍ଥ କରି ନିଜ ଗଳ୍ପ ରଚନାରେ ପ୍ରୟୋଗ କରିଛନ୍ତି । ସୁରେନ୍ଦ୍ରଙ୍କ ପୂର୍ବରୁ ଅନ୍ୟ କୌଣସି ଗାଳ୍ପିକ ଏହି ରୀତିକୁ ସଫଳ ଭାବେ ଅନୁଶୀଳନପୂର୍ବକ ପରିବେଷଣ କରିଥିବାର ଓଡ଼ିଆ କ୍ଷୁଦ୍ରଗଳ୍ପର ବିକାଶ ଧାରାରେ ଲକ୍ଷ୍ୟ କରାଯାଏ ନାହିଁ ।

ପରିଶେଷରେ ଏତିକି କୁହାଯାଇପାରେ ଯେ, ଆନ୍ତର୍ଜାତିକ ସାହିତ୍ୟରେ ଦେଖା ଦେଇଥିବା ଯୁଦ୍ଧ ପରବର୍ତ୍ତୀ ନିଃସଙ୍ଗତା, ହତାଶା, ସ୍ଥିତିବାଦ ପ୍ରଭୃତି ପାଶ୍ଚାତ୍ୟ ଚେତନା ସର୍ବପ୍ରଥମ ଥର ପାଇଁ ସୁରେନ୍ଦ୍ରଙ୍କ ଗଳ୍ପରେ ସଫଳ ରୂପେ ପ୍ରତିଫଳିତ ହୋଇଛି । ତେଣୁ ଓଡ଼ିଆ କ୍ଷୁଦ୍ରଗଳ୍ପର ପରମ୍ପରାରେ ଗାଳ୍ପିକ ସୁରେନ୍ଦ୍ରଙ୍କୁ ଓଡ଼ିଆ ଗଳ୍ପ ସାହିତ୍ୟରେ ଆନ୍ତର୍ଜାତିକ ଚେତନାର ବାର୍ତ୍ତାବହ ରୂପେ ସର୍ବପ୍ରଥମେ ଗ୍ରହଣ କରାଯାଇପାରେ ।

**ସୁରେନ୍ଦ୍ର ମହାନ୍ତି ଓ ତାଙ୍କ ସମକାଳୀନ ଓଡ଼ିଆ ଗଳ୍ପ - ଏକ ତୁଳନାତ୍ମକ ସୂଚନା**

ଓଡ଼ିଆ କ୍ଷୁଦ୍ରଗଳ୍ପର କ୍ରମବିକାଶରେ ସୁରେନ୍ଦ୍ର ମହାନ୍ତିଙ୍କର ବୈଶିଷ୍ଟ୍ୟ ତେଣୁ ତାଙ୍କର ବିଷୟବସ୍ତୁ ଚୟନରେ ବୈପ୍ଳବିକ ପଦକ୍ଷେପ, ଯଥା ପୌରାଣିକ ଓ ଐତିହାସିକ ଗଳ୍ପରେ ଆଧୁନିକ ଜୀବନ ଯନ୍ତ୍ରଣାର ସମ୍ପର୍କ ସ୍ଥାପନ, ମଣିଷର ବିଭିନ୍ନ ମାନସିକ ପରିବେଶ ଭାବକୁ କେନ୍ଦ୍ର କରି ଆଭାସଧର୍ମୀ ରଚନା, ଗଳ୍ପର ରଚନା ଶୈଳୀରେ ଚେତନା ପ୍ରବାହ ଶୈଳୀର ପ୍ରଚଳନ ତଥା ଭାଷା ପ୍ରୟୋଗରେ କବିତାର ଅନ୍ତରୀଣ ପ୍ରବାହ ତଥା ସର୍ବଦା ପରିବେଶ ଉପଯୋଗୀ ଭାଷା ସୃଷ୍ଟି, ଚରିତ୍ର ଚିତ୍ରଣରେ ନୂତନତାର ପ୍ରଦର୍ଶନ ତଥା ଗଳ୍ପ କ୍ଷେତ୍ରରେ ଆନ୍ତର୍ଜାତିକ ବିଭିନ୍ନ "ବାଦ"(ism)ର ପ୍ରଚଳନ ମାଧ୍ୟମରେ ପରିଲକ୍ଷିତ ହୋଇଥାଏ; ତଥା ଓଡ଼ିଆ କ୍ଷୁଦ୍ରଗଳ୍ପର ବିକାଶ କ୍ଷେତ୍ରରେ ଏହିସବୁ କାରଣରୁ ତାଙ୍କୁ ଫକୀରମୋହନଙ୍କ ପରେ ଯୁଗ ପ୍ରବର୍ତ୍ତକ କୁହାଯାଇପାରେ । କାରଣ ଫକୀର ମୋହନଙ୍କ ପରେ କଥାକାର ସୁରେନ୍ଦ୍ର ସୃଷ୍ଟି କରି ଯାଇଥିବା ଗଳ୍ପ ରଚନାର ମୌଳିକ ଭାବରାଜି ପରବର୍ତ୍ତୀ କାଳରେ ତାଙ୍କର ସମସାମୟିକ ଓ ପରବର୍ତ୍ତୀ ବହୁ ଗାଳ୍ପିକଙ୍କୁ ପ୍ରଭାବିତ କରିଥିବା ଓଡ଼ିଆ ଗଳ୍ପ ସାହିତ୍ୟର ବିକାଶକ୍ରମକୁ ଅନୁଧ୍ୟାନ କଲେ ପରିଲକ୍ଷିତ ହୋଇଥାଏ । ଏଠାରେ ସେସବୁର ଏକ ତୁଳନାତ୍ମକ ଅଧ୍ୟୟନ ସୂଚନାତ୍ମକ ରୀତିରେ ମାତ୍ର କରାଯାଉଅଛି ।

ଗାଳ୍ପିକ ସୁରେନ୍ଦ୍ରଙ୍କ ପ୍ରାୟ ସମକାଳୀନ ଗାଳ୍ପିକ ହେଉଛନ୍ତି ବ୍ରହ୍ମାନନ୍ଦ ପଣ୍ଡା, ବସନ୍ତ କୁମାର ଶତପଥୀ, ୰ ବାମାଚରଣ ମିତ୍ର, କିଶୋରୀ ଚରଣ ଦାସ, ମହାପାତ୍ର ନୀଳମଣି ସାହୁ, ଫତୁରାନନ୍ଦ ଓ ଚୌଧୁରୀ ହେମକାନ୍ତ ମିଶ୍ର । ସୁରେନ୍ଦ୍ରଙ୍କ ସମସ୍ତ ଦୃଷ୍ଟିରୁ ଗାଳ୍ପିକ କିଶୋରୀ ଚରଣ ଦାସ, ସ୍ୱର୍ଗତ ଅଖିଳମୋହନ ପଟ୍ଟନାୟକ, ମନୋଜ ଦାସ, ଡ. କୃଷ୍ଣପ୍ରସାଦ ମିଶ୍ର, ଶାନ୍ତନୁ କୁମାର ଆଚାର୍ଯ୍ୟ, ଚନ୍ଦ୍ରଶେଖର ରଥ ଆଦି କିଞ୍ଚିତ ପରବର୍ତ୍ତୀ ଗାଳ୍ପିକ ହେଲେ ହେଁ ସୁରେନ୍ଦ୍ରଙ୍କ ସମକାଳରେ ଗଳ୍ପରଚନାର ଧାରାକୁ ଆଗେଇ ନେଇଛନ୍ତି । ଏତଦ୍‌ଭିନ୍ନ ରବି ପଟ୍ଟନାୟକ, ହରପ୍ରସାଦ ଦାସ, ରାମଚନ୍ଦ୍ର ବେହେରା, ପୂର୍ଣ୍ଣାନନ୍ଦ ଦାନୀ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଜଗଦୀଶ ମହାନ୍ତି, କୁଞ୍ଜ ରାୟ ଆଦି ବହୁ ପରବର୍ତ୍ତୀ ଗାଳ୍ପିକ ଓଡ଼ିଆ ଗଳ୍ପ ସାହିତ୍ୟରେ ଦେଖାଦେଇଛନ୍ତି । ଅବଶ୍ୟ ଓଡ଼ିଆ କ୍ଷୁଦ୍ରଗଳ୍ପର ବିକାଶକ୍ରମ ଆଲୋଚନା କଲେ ଏକଥା ସ୍ପଷ୍ଟ ଯେ ସୁରେନ୍ଦ୍ରଙ୍କ ପ୍ରବର୍ତ୍ତିତ ଭାବଧାରାକୁ ଅତିକ୍ରମ କରିଯାଇ ଆଜି ବହୁ ଗାଳ୍ପିକ ନିଜସ୍ୱ ସ୍ୱକୀୟତା ପ୍ରଦର୍ଶନ କରିପାରିଛନ୍ତି । ତଥାପି ସୁରେନ୍ଦ୍ରଙ୍କ ଗଳ୍ପ ସୃଷ୍ଟିର ବହୁ ମୌଳିକ ଭାବଧାରା କିଭଳି ତାଙ୍କର ସମସାମୟିକ ଓ ପରବର୍ତ୍ତୀ ଗାଳ୍ପିକଙ୍କ ପାଖରେ ପରିଲକ୍ଷିତ ହୁଏ ତାହା ଏଠାରେ ସୂଚନାତ୍ମକ ରୀତିରେ ଆଲୋଚନା କରାଯାଉଅଛି ।

ଓଡ଼ିଆ ଗଳ୍ପ ସାହିତ୍ୟର କ୍ରମବିକାଶରେ ଫତୁରାନନ୍ଦ, ଚୌଧୁରୀ ହେମକାନ୍ତ ମିଶ୍ର, ବାମାଚରଣ ମିତ୍ର, ବସନ୍ତ କୁମାର ଶତପଥୀ, ମହାପାତ୍ର ନୀଳମଣି ସାହୁ, ନିଜ ନିଜର ବୈଶିଷ୍ଟ୍ୟ ପ୍ରତିପାଦନ କରିଛନ୍ତି । ହାସ୍ୟରସାତ୍ମକ ରୀତିରେ ବିଷୟ ଉପସ୍ଥାପନ ପୂର୍ବକ ଗଳ୍ପ ରଚନା ରୀତି ସହିତ ରମ୍ୟ ରଚନା ରୀତିର ସମନ୍ୱୟରେ ଗଳ୍ପ ସୃଷ୍ଟି କରି ପାଠକ ଶ୍ରେଣୀ ମଧ୍ୟରେ ଏମାନେ ସ୍ୱତନ୍ତ୍ର ଆବେଦନ ସୃଷ୍ଟି କରିପାରିଛନ୍ତି । ଗାଳ୍ପିକ ସୁରେନ୍ଦ୍ର ମଧ୍ୟ ଏହି ରୀତିରେ କେତେକ ଗଳ୍ପ ରଚନା କରିଛନ୍ତି, ଯଥା ଜୀଅନ୍ତା ଭୂତ, ସ୍ୱପ୍ନରେ ମନ୍ଦୋଦରୀ, ଭାଙ୍ଗପୁରର ଚକଡ଼ା ଓ ଆକାଶ ଛତିଆ । ମାତ୍ର ଫତୁରାନନ୍ଦ, ଚୌଧୁରୀ ହେମକାନ୍ତ ମିଶ୍ର ଆଦିଙ୍କ ଗଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହାସ୍ୟ ଧର୍ମୀ ହୋଇଥିବାସ୍ଥଳେ ସୁରେନ୍ଦ୍ରଙ୍କର ଗଳ୍ପର ପାର୍ଥକ୍ୟ ହେଉଛି; ହାସ୍ୟରସାତ୍ମକ ରୀତି ସହିତ ରମ୍ୟରଚନା ଶୈଳୀର ସମାହାରରେ ରମ୍ୟଗଳ୍ପ ସୃଷ୍ଟିର ପ୍ରଚେଷ୍ଟା । ଏ ସମ୍ପର୍କରେ ଫତୁରାନନ୍ଦଙ୍କ 'ସାହିତ୍ୟଚାଷ' ଗଳ୍ପ ସହିତ ସୁରେନ୍ଦ୍ରଙ୍କ 'ଜୀଅନ୍ତାଭୂତ' ଗଳ୍ପର ତୁଳନାତ୍ମକ ଅଧ୍ୟୟନ କଲେ ପାର୍ଥକ୍ୟ ସ୍ପଷ୍ଟ ପରିଲକ୍ଷିତ ହେବ । ଏହି 'ରମ୍ୟଗଳ୍ପ' ସୃଷ୍ଟିର ଧାରା ସୁରେନ୍ଦ୍ରଙ୍କ ପରବର୍ତ୍ତୀକାଳୀନ ଗାଳ୍ପିକ ଚନ୍ଦ୍ରଶେଖର ରଥଙ୍କୁ ଏକ ନୂତନ ଶୈଳୀରେ ଗଳ୍ପ ରଚନା ପାଇଁ ପଥପ୍ରଦର୍ଶନ କରିପାରିଛି ଯାହାକି 'ସମ୍ରାଟ ଓ ଅନ୍ୟମାନେ' 'ଅନେକ ବନ୍ୟାପରେ' ଓ 'ଅଶ୍ୱାରୋହୀର ଗଳ୍ପ' ଆଦି ସଂକଳନ ପାଠକଲେ ଉପଲବ୍ଧ କରିହୁଏ ।

ଓଡ଼ିଆ ଗଳ୍ପ ସାହିତ୍ୟର ବିକାଶରେ ଗାଳ୍ପିକ ସୁରେନ୍ଦ୍ରଙ୍କ ଆଭାସଗଳ୍ପ ରୀତି, ସୁରେନ୍ଦ୍ର ମହାନ୍ତିଙ୍କ ପ୍ରାକ୍‌କାଳର ଗଳ୍ପ 'ଅଷ୍ଟ୍ରେଲିଆ', 'ଭାରତ ଆବିଷ୍କାର', 'ଛୋଟଗପ' ପ୍ରଭୃତି ଗଳ୍ପରେ ଅନୁସରଣ କରିଥିବା ଲକ୍ଷ୍ୟ କରାଯାଏ । ଗାଳ୍ପିକ ବ୍ରହ୍ମାନନ୍ଦ ପଣ୍ଡା ସୁରେନ୍ଦ୍ରଙ୍କ ସମକାଳୀନ ହେଲେ ହେଁ ତାଙ୍କର ପ୍ରଥମ ଗଳ୍ପ 'ମରୁଛାୟା' ୧୯୪୮ରେ ପ୍ରଥମେ 'ନବୀନ' ପତ୍ରିକାରେ ପ୍ରକାଶିତ ହୋଇଥିଲା । ଏହା ଅବଶ୍ୟ ତାଙ୍କର କୌଣସି ଗଳ୍ପ ସଂକଳନରେ ସ୍ଥାନ ପାଇନାହିଁ । ଗାଳ୍ପିକ ବ୍ରହ୍ମାନନ୍ଦଙ୍କ ଗଳ୍ପଗୁଡ଼ିକରେ ତାଙ୍କର ସମସାମୟିକ ସମାଜ, ଯୌନ ମନସ୍ତତ୍ତ୍ୱ, ତାଙ୍କର ରାଜନୀତିକ ଅନୁଭୂତି ଇତ୍ୟାଦି ଚିତ୍ରିତ, ତଥାପି ଓଡ଼ିଆ ଗଳ୍ପର ବିକାଶ ପର୍ଯ୍ୟାୟରେ ସୁରେନ୍ଦ୍ରଙ୍କ ପ୍ରବର୍ତ୍ତିତ ଆଭାସଧର୍ମୀ ଗଳ୍ପ ରଚନା ରୀତିର ଭୂୟୋବିକାଶ ଗାଳ୍ପିକ ବ୍ରହ୍ମାନନ୍ଦ ପଣ୍ଡାଙ୍କ ଦ୍ୱାରା ସାଧିତ ହୋଇପାରିଛି, ତାଙ୍କର "କଳା ଓ କଳ୍ପନା" ଗଳ୍ପ ସଂକଳନକୁ ଅନୁଧ୍ୟାନ କଲେ ଏକଥା ସ୍ପଷ୍ଟ ପ୍ରତିପାଦିତ ହୁଏ । ପରବର୍ତ୍ତୀ କାଳରେ ଓଡ଼ିଆ ଗଳ୍ପ ସାହିତ୍ୟରେ ଏହି ଆଭାସ ଚିତ୍ର ରୀତି କ୍ଷୁଦ୍ରଗଳ୍ପର ଆଙ୍ଗିକ ଭାବରେ ଗାଳ୍ପିକ

ପୂର୍ଣ୍ଣାନନ୍ଦ ଦାନୀଙ୍କ "ହଳଦୀ କିଆରୀ" ଇତ୍ୟାଦି ଗଳ୍ପ, ହରପ୍ରସାଦ ଦାସଙ୍କ "ବର୍ଗାକାର ଓ ବୃତ୍ତାକାର", ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ 'ଆୟତନ' ଓ ସତ୍ୟ ମିଶ୍ରଙ୍କ 'ବହୁବଚନ' ଆଦି ଗଳ୍ପ ସଂକଳନରେ ବହୁ ପରୀକ୍ଷା ନିରୀକ୍ଷା ମଧ୍ୟ ଦେଇ ଗତି କରିଥିବା ଦେଖାଯାଏ ।

ଗାଳ୍ପିକ ସୁରେନ୍ଦ୍ରଙ୍କ ପରାକାଷ୍ଠା ତଥା ମୌଳିକତା ତାଙ୍କ ରଚିତ ଐତିହାସିକ ଓ ପୌରାଣିକ ଗଳ୍ପରେ ପରିଲକ୍ଷିତ ହୋଇଥିବା ପୂର୍ବରୁ କୁହାଯାଇଛି ସୁରେନ୍ଦ୍ରଙ୍କ ଏ କ୍ଷେତ୍ରରେ ମୌଳିକତା ହେଉଛି ଐତିହାସିକ ତଥା ପୌରାଣିକ ଚରିତ୍ର ମାଧ୍ୟମରେ ଏ ଯୁଗର ମଣିଷର ଜୀବନଯନ୍ତ୍ରଣାର ଚିତ୍ର ପ୍ରଦାନ କରିବା ଓଡ଼ିଆ କ୍ଷୁଦ୍ରଗଳ୍ପର ବିକାଶ କ୍ରମରେ ଏହି ଧାରା ଚନ୍ଦ୍ରଶେଖର ରଥଙ୍କ "ସମ୍ରାଟ ଓ ଅନ୍ୟମାନେ" ଗଳ୍ପ ସଂକଳନରେ ବନ୍ଧୁ ମହାନ୍ତି ପ୍ରଭୃତି ଗଳ୍ପ ତଥା ଅଚ୍ୟୁତାନନ୍ଦ ପତିଙ୍କ ଗଳ୍ପରେ ପରିଲକ୍ଷିତ ହୋଇଥାଏ ।

ଗାଳ୍ପିକ ସୁରେନ୍ଦ୍ରଙ୍କ ଅନ୍ୟତମ ମୌଳିକତା ହେଉଛି ଗଳ୍ପ ରଚନା ଶୈଳୀରେ ଚେତନା ପ୍ରବାହ ଧାରାର ପ୍ରଚଳନ, ଭ୍ରମଣକାହାଣୀ ସୁଲଭ ଶୈଳୀ, ଭାଷା ପ୍ରୟୋଗରେ କବିତାର ଅନ୍ତରୀଣ ପ୍ରବାହ, ତଥା ସର୍ବଦା ପରିବେଶ ଉପଯୋଗୀ ଭାଷା ସୃଷ୍ଟି ସହିତ, ଚରିତ୍ର ଚିତ୍ରଣରେ ନୂତନତାର ପ୍ରଦର୍ଶନ । ଗାଳ୍ପିକ ସୁରେନ୍ଦ୍ରଙ୍କ ଏହି ସବୁ ମୌଳିକତାର ପ୍ରଭାବ ତଥା ଭୂୟୋବିକାଶ ତାଙ୍କର ସମକାଳୀନ ଗାଳ୍ପିକ କିଶୋରୀଚରଣ, ଅଖିଳମୋହନ, ମନୋଜ ଦାସ ପ୍ରଭୃତି ଗାଳ୍ପିକଙ୍କ ପାଖରେ ପରିଲକ୍ଷିତ ହୋଇଥାଏ । ବିଶେଷତଃ ଚେତନା ପ୍ରବାହଶୈଳୀ ସୁରେନ୍ଦ୍ର ତଥା ତାଙ୍କର ସମସାମୟିକ ଓ ପରବର୍ତ୍ତୀ ଗାଳ୍ପିକଙ୍କ ଦ୍ୱାରା ବହୁ ପରୀକ୍ଷା ନିରୀକ୍ଷା ମାଧ୍ୟମରେ ଅଗ୍ରଗତି କରିଥିଲେ ହେଁ ସୁରେନ୍ଦ୍ରଙ୍କ 'ଅମୃତ', 'ଆନନ୍ଦ ଭୈରବୀ' ପ୍ରଭୃତି ଗଳ୍ପରେ ପ୍ରବର୍ତ୍ତିତ ଭ୍ରମଣକାହାଣୀ ସୁଲଭ ଗଳ୍ପ ରଚନାଶୈଳୀ କିଶୋରୀଚରଣଙ୍କ 'ଘରବାହୁଡ଼ା' ସଂକଳନରେ ସମ୍ପୂର୍ଣ୍ଣ ଭାବେ ପ୍ରୟୋଗ କରାଯାଇଥିବା ପରିଲକ୍ଷିତ ହୋଇଥାଏ । ପୁଣି ସୁରେନ୍ଦ୍ରଙ୍କ ଗଳ୍ପରେ ଭାଷା ପ୍ରୟୋଗ କ୍ଷେତ୍ରରେ ଉପମା ଚିତ୍ରକଳ୍ପ, ପ୍ରତୀକ ମିଥ୍ର ପ୍ରୟୋଗ ମାଧ୍ୟମରେ ପ୍ରବର୍ତ୍ତିତ ହୋଇଥିବା କବିତାର ଅନ୍ତରୀଣ ପ୍ରବାହ ବିଶିଷ୍ଟ ଗଦ୍ୟଶୈଳୀର ପ୍ରଚଳନ କିଶୋରୀଚରଣ, ଅଖିଳମୋହନ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ହରପ୍ରସାଦ ଦାସ ପ୍ରଭୃତି ସୁରେନ୍ଦ୍ରଙ୍କ ବହୁ ସମସାମୟିକ ତଥା ପରବର୍ତ୍ତୀ ଗାଳ୍ପିକଙ୍କ ଗଳ୍ପ ରଚନା ଶୈଳୀରେ ପରିଲକ୍ଷିତ ହୋଇଥାଏ । ଅବଶ୍ୟ ଭାଷା ପ୍ରୟୋଗ କ୍ଷେତ୍ରରେ ଅଖିଳମୋହନ ଓ ରବି ପଟ୍ଟନାୟକଙ୍କ ଭାଷା ସୁରେନ୍ଦ୍ରଙ୍କ ଭାଷାର ଅଧିକ ନିକଟବର୍ତ୍ତୀ ମନେ ହୋଇଥାଏ । ପୁଣି ବିଷୟବସ୍ତୁ ଚୟନରେ ଚରିତ୍ର ଚିତ୍ରଣ କ୍ଷେତ୍ରରେ ସୁରେନ୍ଦ୍ରଙ୍କ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ । ଗାଳ୍ପିକ ସୁରେନ୍ଦ୍ର ସାମନ୍ତବାଦର ଅବକ୍ଷୟକୁ ଅନୁସରଣ କରି ରଚନା କରିଥିବା 'ପୁଷାଭିଷେକ' ଆଦି ଗଳ୍ପ କିମ୍ବା ମାର୍କ୍ସବାଦର ରାଜନୀତିକ ଚେତନା ତଥା ଗଣତାନ୍ତ୍ରିକ ନିର୍ବାଚନକୁ କେନ୍ଦ୍ରକରି ରଚନା କରିଥିବା ଗଳ୍ପଗୁଡ଼ିକର ଭାବର ପ୍ରତିଫଳନ ମନୋଜ ଦାସଙ୍କ 'ରାୟବାହାଦୁରଙ୍କ ନିଶ', 'ପଲଙ୍କ ବିଜୟ', 'ଏକ ଅପହୃତ ଟୋପିର ରହସ୍ୟ', 'ତିନୋଟି ମହାର୍ଘ ଭୋଟ୍' ଇତ୍ୟାଦି ଗଳ୍ପରେ ପରିଲକ୍ଷିତ ହୋଇଥାଏ । ଅବଶ୍ୟ ଉଭୟ ଗାଳ୍ପିକଙ୍କ ମଧ୍ୟରେ ମୌଳିକ ପାର୍ଥକ୍ୟ ହେଉଛି ସୁରେନ୍ଦ୍ରଙ୍କ ବକ୍ତବ୍ୟ ବର୍ଣ୍ଣନା ଧର୍ମୀ ହୋଇଥିବା ସ୍ଥଳେ, ମନୋଜ ଦାସଙ୍କ ବକ୍ତବ୍ୟ ଇଙ୍ଗିତଧର୍ମୀ ହୋଇପାରିଛି । ଏତଦ୍‌ଭିନ୍ନ 'ଭାଗାବଣ୍ଟ' ଗଳ୍ପର ଚରିତ୍ର ଚିତ୍ରଣର ପ୍ରଭାବ ଅଖିଳମୋହନଙ୍କ 'ସୁକାନ୍ତ ମହାନ୍ତି' ଭଳି ଚରିତ୍ର ଚିତ୍ରଣରେ ପରିଲକ୍ଷିତ ହୋଇଥିବାସ୍ଥଳେ ; ସୁରେନ୍ଦ୍ରଙ୍କ ଗଳ୍ପରେ ଦେଖାଦେଇଥିବା ସ୍ପେନୀୟ ସାହିତ୍ୟର ପିକାରସୀୟ ଚରିତ୍ର ଚିତ୍ରଣ ରୀତିର ପ୍ରଭାବ ତାଙ୍କ ସମକାଳୀନ ମନୋଜ ଦାସଙ୍କ ଗଳ୍ପର 'ସାତଜଣ - ପ୍ରବୀଣ ଓ ରାତି' 'ସେମାନଙ୍କ ସମ୍ପର୍କରେ ଶେଷ କଥା' ଆଦି ଗଳ୍ପରେ ଅନୁସୃତ ହୋଇଥିବା ଲକ୍ଷ୍ୟ କରାଯାଇପାରେ । ଚରିତ୍ର ଚିତ୍ରଣରେ

ଏହି ଶୈଳୀ ପରବର୍ତ୍ତୀ କାଳରେ କୃଷ୍ଣ ରାୟ, ହରପ୍ରସାଦ ଦାସ, ସତ୍ୟ ମିଶ୍ର ଆଦି ବହୁ ଗାଳ୍ପିକଙ୍କୁ ପ୍ରଭାବିତ କରିଥିବା ପରିଲକ୍ଷିତ ହୋଇଥାଏ । ଫକୀରମୋହନଙ୍କ ଗଳ୍ପ ରୀତିକୁ ଆତ୍ମସ୍ଥ କରି ଗାଳ୍ପିକ ସୁରେନ୍ଦ୍ର ପ୍ରବର୍ତ୍ତନ କରିଥିବା ସୂତ୍ରଧର ରୀତି ମଧ୍ୟ ମନୋଜ ଦାସ, ଅଖିଳମୋହନ ଆଦି ଗାଳ୍ପିକଙ୍କ ଠାରେ ପରିଲକ୍ଷିତ ହୁଏ ।

ପାଶ୍ଚାତ୍ୟ କଥା ସାହିତ୍ୟରେ ଦେଖାଦେଇଥିବା ନିଃସଙ୍ଗତା, ସ୍ଥିତିବାଦ, ଡାଡାବାଦ, ଫ୍ରୟେଡୀୟ ଯୌନତତ୍ତ୍ୱ ହିପ୍ପୀବାଦ ଆଦିର ସଫଳ ରୂପାୟନ ସୁରେନ୍ଦ୍ରଙ୍କ ଗଳ୍ପରେ ହୋଇଥିବା ପୂର୍ବରୁ ବିଶଦ ଭାବରେ ଆଲୋଚନା କରାଯାଇ ଓଡ଼ିଆ ଗଳ୍ପ ସାହିତ୍ୟର କ୍ରମବିକାଶରେ ପାଶ୍ଚାତ୍ୟ ଚେତନାର ସଫଳ ରୂପାୟନ ତାଙ୍କରି ଗଳ୍ପରେ ପ୍ରଥମେ ଦେଖାଯାଇଛି । ସ୍ପେନୀୟ ସାହିତ୍ୟର ପିକାରସୀୟ ଚରିତ୍ର ଚିତ୍ରଣ ରୀତି ହୋଇଥିବା ପ୍ରତିପାଦନ କରାଯାଇଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ମହାସମରର ସମକାଳୀନ ବିଭିନ୍ନ ଚିନ୍ତାଧାରାର ପ୍ରଚଳନ ସୁରେନ୍ଦ୍ର ପ୍ରଥମେ ସାହସର ସହିତ ବୈପ୍ଲବିକ ପଦକ୍ଷେପ ନେଇ କରିଥିବାରୁ ପରବର୍ତ୍ତୀ ଗାଳ୍ପିକ କୃଷ୍ଣପ୍ରସାଦ ମିଶ୍ର, ଶାନ୍ତନୁ କୁମାର ଆଚାର୍ଯ୍ୟ, ରବି ପଟ୍ଟନାୟକ, ହରପ୍ରସାଦ ଦାସ, ଜଗଦୀଶ ମହାନ୍ତି ପ୍ରଭୃତିଙ୍କ ଗଳ୍ପରେ ଏହାର ବିକଶିତ ରୂପ ଦେଖାଯାଇଛି । ଅବଶ୍ୟ ଏଠାରେ ଅପ୍ରାସଙ୍ଗିକ ହେଲେ ବି ଉଲ୍ଲେଖଯୋଗ୍ୟ ଯେ ସାର୍ତ୍ତ, କାଫ୍‌କାଙ୍କୁ ଯେଉଁଳି ଏଦେଶର ଧର୍ମଦର୍ଶନରେ ବଢ଼ିଥିବା ସୁରେନ୍ଦ୍ର ଆତ୍ମସ୍ଥ କରି 'ଓଡ଼ିଶାର ଚରିତ୍ର ପରିବେଶ ଉପଯୋଗୀ କରିପାରିଛନ୍ତି ତାଙ୍କର ପରବର୍ତ୍ତୀ ଗାଳ୍ପିକ କୃଷ୍ଣ ରାୟ ଓ ଜଗଦୀଶ ମହାନ୍ତି ଓଡ଼ିଶାର ପରିବେଶ, ଧର୍ମଧାରଣା, ଦର୍ଶନଠାରୁ ଦୂରେଇଯାଇ ଓଡ଼ିଆ ଭାଷାରେ ସାର୍ତ୍ତ, କାଫ୍‌କା, କାମ୍ୟୁଙ୍କୁ କେବଳ ରୂପାନ୍ତରିତ କରିଛନ୍ତି ମାତ୍ର । ତେଣୁ ସୁରେନ୍ଦ୍ରଙ୍କ କୃତୀ ଆଗରେ ଏଗୁଡ଼ିକ ନିଷ୍ପ୍ରଭ ମନେ ହୋଇଥାଏ । ଶେଷରେ ଏତିକି କୁହାଯାଇପାରେ ଯେ ଐତିହାସିକ, ପୌରାଣିକ ଗଳ୍ପଠାରୁ ଉଦ୍ଭଟ ଗଳ୍ପ ପର୍ଯ୍ୟନ୍ତ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ପୀଠିକାକୁ ଆଧାର କରି ବହୁ ଗଳ୍ପ ରଚନା କରିଥିବା ଗାଳ୍ପିକ ସୁରେନ୍ଦ୍ର ବିଷୟବସ୍ତୁ ଚୟନ, ଘଟଣା ନିର୍ବାଚନ, ଭାବଧର୍ମ, ରୂପଧର୍ମ ଓ ଶୈଳୀଧର୍ମର ବିଭିନ୍ନ କ୍ଷେତ୍ରରେ ବୈପ୍ଲବିକ ପଦକ୍ଷେପ ଗ୍ରହଣ କରି ଓଡ଼ିଆ କ୍ଷୁଦ୍ରଗଳ୍ପକୁ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ କରିବା ସହିତ ଏହାକୁ ଆନ୍ତର୍ଜାତିକ ଚେତନାର ନିକଟବର୍ତ୍ତୀ କରିପାରିଛନ୍ତି ଯାହା କି ତାଙ୍କ ପୂର୍ବରୁ କୌଣସି ଗାଳ୍ପିକଙ୍କ ଦ୍ୱାରା ସମ୍ଭବ ହୋଇ ନଥିଲା । ଅବଶ୍ୟ ସୁରେନ୍ଦ୍ରଙ୍କ ସମକାଳୀନ ଗାଳ୍ପିକ ମନୋଜ ଦାସ, ଶାନ୍ତନୁ କୁମାର ଆଚାର୍ଯ୍ୟ, ଓଡ଼ିଆ କ୍ଷୁଦ୍ରଗଳ୍ପରେ ଚେତନା ପ୍ରବାହ ଶୈଳୀ ଓ ପ୍ରତୀକଧର୍ମୀ ଲୋକଗଳ୍ପ କଳାର ଅନୁସରଣରେ ଗଳ୍ପ ମଧ୍ୟରେ ଫାଣ୍ଟାସି ସ୍ଥିତିବାଦ ଓ ନିଃସଙ୍ଗତା ଆଦିର ପ୍ରୟୋଗ ଦୃଷ୍ଟିରୁ ଓଡ଼ିଆ କ୍ଷୁଦ୍ରଗଳ୍ପ ଆନ୍ତର୍ଜାତିକ ଗଳ୍ପର ନିକଟବର୍ତ୍ତୀ ହୋଇପାରିଛି । ତଥାପି ଓଡ଼ିଆ ଗଳ୍ପର ବିକାଶଧାରାରେ ଫକୀରମୋହନଙ୍କ ପରେ ଗାଳ୍ପିକ ସୁରେନ୍ଦ୍ର ହିଁ ହେଉଛନ୍ତି ଅନ୍ୟଏକ ଗଳ୍ପ ଯୁଗର ବାର୍ତ୍ତାବହ ।

■ ■ ■

# ଗ୍ରନ୍ଥପଞ୍ଜି

## ମୌଳିକ ଉପାଦାନ (ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ ପୁସ୍ତକାବଳୀ)

୧. **ମହାନଗରୀର ରାତ୍ରି** - କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ - ୧୯୫୦
(୧୯୪୬ରେ ରଚିତ ଭାରତ ଆବିଷ୍କାର, ଅଷ୍ଟ୍ରେଲିଆ, ଅପରାଜିତ, ଧ୍ୱଂସାବଶେଷ, ୧୯୪୭ରେ ରଚିତ ପ୍ରଥମ ଆଷାଢ଼, ୧୯୪୮ରେ ରଚିତ ସମ୍ପାଦକ, ଅତିଥି, ବଳିଦାନ, ୧୯୪୯ରେ ରଚିତ ସତର ନମ୍ବର ୱାର୍ଡ଼, ସିଗାରେଟ୍, ମହାନଗରୀର ରାତ୍ରି (ମୋଟ ୧୧ ଗୋଟି ଗଳ୍ପ))

୨. **କୃଷ୍ଣଚୂଡ଼ା** - ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ, କଟକ - ୧୯୫୧
(୧୯୪୭ରେ ରଚିତ କାଳିମାଟି, ପତାକା ଉତ୍ତୋଳନ, ୧୯୪୮ରେ ରଚିତ କୃଷ୍ଣଚୂଡ଼ା, ମହାମାନବର ସାଗର ତୀରେ, ୧୯୪୯ରେ ରଚିତ ସାରୀପୁତ୍ତ, ୧୯୫୦ରେ ରଚିତ ଦୁଇବନ୍ଧୁ, ଅମ୍ବାପଲ୍ଲୀ, ଭାଗାବଣ୍ଡ, ନୟନପୁର ଏକ୍ସପ୍ରେସ୍ (ମୋଟ ନଅଟି ଗଳ୍ପ))

୩. **ରୁଟି ଓ ଚନ୍ଦ୍ର** - କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ -୧୯୫୪
(୧୯୪୪ରେ ରଚିତ ବାଲି, ୧୯୪୬ରେ ରଚିତ ବେଲୁନ, ୧୯୪୮ରେ ରଚିତ ରୁଟି ଓ ଚନ୍ଦ୍ର, ଅଣ୍ଡରଗ୍ରାଉଣ୍ଡ, ୧୯୪୯ରେ ରଚିତ ଭଗ୍ନଦୂତ, ୧୯୫୨ରେ ରଚିତ ସାଙ୍ଗରିଲା, ସ୍ୱପ୍ନରେ ମନ୍ଦୋଦରୀ, ୧୯୫୩ରେ ରଚିତ ନିତ୍ୟ ବର୍ତ୍ତମାନ କାଳ, ୧୯୫୪ରେ ରଚିତ ଡିନୋସାରର ଆତ୍ମା, ନର୍ତ୍ତକୀ (ମୋଟ ୧୦ଗୋଟି ଗଳ୍ପ))

୪. **ଶେଷ କବିତା** - କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ - ୧୯୫୬
(୧୯୫୨ରେ ରଚିତ ସାଇକଲ ଚୋର, ୧୯୫୩ରେ ରଚିତ ମରୁଡ଼ି, ସୀମାରେଖା, ଘନିଆଁର ଗଣେଶ ଚତୁର୍ଥୀ, ୧୯୫୪ରେ ରଚିତ ଶେଷ କବିତା, ଇଜ୍ମାଲି, ଘଇତାମାରୀପାଟ, ଖାଦାନୀ (ମୋଟ ୮ଟି ଗଳ୍ପ))

୫. **ସବୁଜ ପତ୍ର ଓ ଧୂସର ଗୋଲାପ** - କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ - ୧୯୫୮
(୧୯୫୫ରେ ରଚିତ ମେଣ୍ଟାଖାଇ ୧୯୫୬ରେ ରଚିତ ସବୁଜ ପତ୍ର ଓ ଧୂସର ଗୋଲାପ, ନରବଳି, ସାତ ଭଉଣୀ, ମଧୁମଞ୍ଚାର ରାତ୍ରି, ୧୯୫୭ରେ ରଚିତ ଶାଳଭଞ୍ଜିକା, ସେ ଓ ମୁଁ, ଅମୃତ, ବାସୀମଡ଼ା, ଯାଯାବର ଓ ଜାୟା, ପିତା ଓ ପୁତ୍ର (ମୋଟ ୧୧ଟି ଗଳ୍ପ))

୬. **ଉତ୍କଳ ଯୁଗେଯୁଗେ** - ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ - ୧୯୫୯
(କେଶରୀ ସନ୍ଧ୍ୟା, କାବେରୀରୁ ଗଙ୍ଗା, ସନ୍ଧି ଓ ସର୍ତ୍ତ, ଦଳେଇ ବୁଢ଼ା, ଶେଷରୁ ଆରମ୍ଭ, କଳିଙ୍ଗର ପ୍ରତିଶୋଧ ଇତ୍ୟାଦି ଗଳ୍ପ ଭାବରେ ପରବର୍ତ୍ତୀ ଗ୍ରନ୍ଥ ଛବି ଓ ନର୍ତ୍ତକୀରେ ପ୍ରକାଶିତ ।

୭. **ମରାଳର ମୃତ୍ୟୁ** - କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ - ୧୯୬୨
(୧୯୫୮ରେ ରଚିତ ନୀଳଜ୍ୟୋତ୍ସ୍ନା, ଆଦିମ ଓ ଶତରୂପା, ମୁହୂର୍ତ୍ତ, ବ୍ୟର୍ଥ ଆଗମନୀ, ତୃଷ୍ଣା ଓ

ବିତୃଷ୍ଣା, ପୁଷ୍ପାଭିଷେକ, ୧୯୫୯ରେ ରଚିତ ବରଜୁ ଷେଣ୍ଢ ଘାଇ, ଅପରିଚିତର ପରିଚୟ, ଆନନ୍ଦ ଭୈରବୀ, ୧୯୬୦ରେ ରଚିତ ଜୀଅନ୍ତା ଭୂତ, ସାମ୍ୟବାଦର ଶେଷ ଇସ୍ତାହାର, ୧୯୬୧ରେ ରଚିତ କୁବେରର କବିତା, ୧୯୬୨ରେ ରଚିତ ମରାଳର ମୃତ୍ୟୁ, ପାଗଳ ଗାରଦର କାହାଣୀ, ଗୃହଦାହ, ଶ୍ରୀକୃଷ୍ଣଙ୍କ ଶେଷ ହସ (ମୋଟ ୧୬ଟି ଗଳ୍ପ))

୮. **ସୁରେନ୍ଦ୍ର ସଞ୍ଚୟନ** - ଆଲୋକ ସାହିତ୍ୟ ପ୍ରତିଷ୍ଠାନ, କଟକ - ୧୯୬୭

(ମହାନଗରୀର ରାତ୍ରି ସଂକଳନର ସମସ୍ତ ଗଳ୍ପ, କୃଷ୍ଣଚୂଡ଼ା ସଂକଳନର ଅମ୍ବାପଲ୍ଲୀ ବ୍ୟତିରେକେ ସମସ୍ତ ଗଳ୍ପ, ରୁଟି ଓ ଚନ୍ଦ୍ର ସଂକଳନର ଭଗ୍ନଦୂତ ଓ ନର୍ତ୍ତକୀ ବ୍ୟତିରେକେ ସମସ୍ତ ଗଳ୍ପ, ଶେଷ କବିତା ସଂକଳନର ସମସ୍ତ ଗଳ୍ପ, ସବୁଜ ପତ୍ର ଓ ଧୂସର ଗୋଲାପ ସଂକଳନର ମଧୁମନ୍ତାର ରାତ୍ରି, ଯାଯାବର ଓ ଜାୟା, ପିତା ଓ ପୁତ୍ର ବ୍ୟତିରେକେ ସମସ୍ତ ଗଳ୍ପ, ମଣିଷ ଓ ଅର୍ଥନୀତି ଶୀର୍ଷକ ତାଙ୍କ ପ୍ରଥମ କାଳର ଏକ ଗଳ୍ପ ନୂତନ ଭାବରେ ଦିଆଯାଇଛି।

୯. **ମହାନିର୍ବାଣ** - କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ - ୧୯୭୩

(୧୯୬୦ରେ ରଚିତ ଜୀବନ ପ୍ରଭାତ, ଲବଣର ସ୍ୱାଦ, ୧୯୬୧ରେ ରଚିତ ନିର୍ମୂଳି ଲତାର ଫୁଲ, ୧୯୬୨ରେ ରଚିତ ଜୟ ପରାଜୟ, ୧୯୬୩ରେ ରଚିତ ନିଃସଙ୍ଗ ଆକାଶ, ୧୯୬୪ରେ ରଚିତ ମହାନିର୍ବାଣ, ଆକାଶ ତଥାପି ସୁନୀଳ, ନିଯୁକ୍ତି ପତ୍ର, ମାଲ୍ୟାର୍ପଣ, ୧୯୬୫ରେ ରଚିତ କାକ୍‌ଟସ୍, ୧୯୬୬ରେ ରଚିତ ଦ୍ୱିପଦର ଗ୍ରାସ (ମୋଟ ୧୧ଟି ଗଳ୍ପ))

୧୦. **ସୁରେନ୍ଦ୍ର ବିଚିତ୍ରା** - ଜଗନ୍ନାଥ ରଥ, କଟକ - ୧୯୬୭

(ଭାଙ୍ଗପୁରର ଚକଡ଼ା, ଆକାଶ ଛଡ଼ିଆ, ଚେନାଏ ଜହ୍ନ, ହତ୍ୟାକାରୀ କିଏ ଏହି ଚାରୋଟି ରଚନାକୁ ଗଳ୍ପ ପର୍ଯ୍ୟାୟରେ ଗ୍ରହଣ କରାଯାଏ)

୧୧. **ଦୁଇ ସୀମାନ୍ତ** - କଟକ ଷ୍ଟୁଡେଣ୍ଟସ୍ ଷ୍ଟୋରସ୍, କଟକ - ୧୯୭୧

(୧୯୬୬ରେ ରଚିତ '୨୦୬୬', ୧୯୬୭ରେ ରଚିତ ଗଣଦେବତା, ତାତା, ସାପ, ୧୯୭୧ରେ ରଚିତ କ୍ଲାନ୍ତ ଚୈତାଳୀ, କାଠ ଘୋଡ଼ା, ସୁନା ମାହାରୀ, ବଇଷମ ପାଠଶାଳା, ଶୂନ୍ୟ ପଞ୍ଜୁରୀ, ମୃତ୍ତିକାର ଆତ୍ମା, ଜହ୍ନିଲଟା, ବିସର୍ଜନ (ମୋଟ ୧୨ଟି ଗଳ୍ପ))

୧୨. **ଓଃ କାଲ୍‌କାଟା** - କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ- ୧୯୭୩

(୧୯୬୯ରେ ରଚିତ କମନ୍ ରୁମ୍, କେନ୍ଦ୍ରାତୀଗ, ୧୯୭୦ରେ ରଚିତ ଗୁରୁ, ପ୍ରିୟତମାସୁ, କମଳର ତମ୍ବୁ, କବନ୍ଧ, ୧୯୭୧ରେ ରଚିତ ଓଃ କାଲ୍‌କାଟା, ଗୋଟିଏ ପ୍ରେମ ଗଳ୍ପ, ଦିନେ ସନ୍ଧ୍ୟାରେ, ଗୋଟିଏ ଘୋଡ଼ାର ମୃତ୍ୟୁ, ଇନ୍ଦ୍ରଦ୍ୟୁମ୍ନ, ବଳିବର୍ଦ୍ଦ, ସଭ୍ୟତାର ଗ୍ରାସ, (ମୋଟ ୧୩ଟି ଗଳ୍ପ))

୧୩. **କବି ଓ ନର୍ତ୍ତକୀ** - କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ - ୧୯୭୫

(ସାରୀପୁତ୍ତ, ଅମ୍ବାପଲ୍ଲୀ, ମଧୁମନ୍ତାର ରାତ୍ରି, ପିତା ଓ ପୁତ୍ର, ମହାନିର୍ବାଣ, ନର୍ତ୍ତକୀ, ଭଗ୍ନଦୂତ,

ଯାଯାବର ଓ ଜାୟା, ଶ୍ରୀକୃଷ୍ଣଙ୍କ ଶେଷ ହସ, କାବେରୀରୁ ଗଙ୍ଗା, ସନ୍ଧି ଓ ସନ୍ତ, ଦଳେଇ ବୁଢ଼ା, କବି, ଉତ୍ତ ରାମପୁତ୍ର (ମୋଟ ୧୪ଟି ଗଳ୍ପ))

୧୪. **ମାଟିର କୋଣାର୍କ** - କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ - ୧୯୮୧
(୧୯୭୨ରେ ରଚିତ ପ୍ରତିନାୟକ, ଅସାଧାରଣ, ୧୯୭୩ରେ ରଚିତ ଏଇ ଗଣତନ୍ତ୍ର, ୧୯୭୪ରେ ରଚିତ ପ୍ରତୀକ୍ଷା, ସେଇ ଲୋକଟା, ମୃତ୍ୟୁ ଗ୍ୟାଷ୍ଟ୍ରୋଏଣ୍ଟାଇଟିସ୍, ପଲାଶପୁର ଓ ପୋର୍ସିଲେନ, ୧୯୭୫ରେ ରଚିତ ବୃତ୍ତ ଓ କେନ୍ଦ୍ରହୀନ, ୧୯୭୬ରେ ରଚିତ ଗୋଟିଏ ଆତ୍ମହତ୍ୟାର କାହାଣୀ, ପ୍ରତିଧ୍ୱନି, ୧୯୭୯ରେ ରଚିତ ମାଟିର କୋଣାର୍କ (ମୋଟ ୧୧ଟି ଗଳ୍ପ))

୧୫. **ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପ** - ଫ୍ରେଣ୍ଡ୍ସ ପବ୍ଲିସର୍ସ, କଟକ - ୧୯୮୩
(ଯଦୁବଂଶ, ବାଘଟି ଜୀର୍ଣ୍ଣିନୀ, ସୁନାରୀ ଆମ୍ବ, ଛାପିଛାପିକା, ବନ୍ୟା ସଙ୍ଗିନୀ, ଅଦିନର ଅତିଥି, ଗୋଟିଏ ପ୍ରେମ ଗଳ୍ପ, ପ୍ରେତିନୀର ନାଚ, ବାବିତା, ସାହିଖାନ୍ଦାନ, ଶାରଦଶ୍ରୀ (ମୋଟ ୧୧ଟି ଗଳ୍ପ))

୧୬. **ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ** - କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ - ୧୯୮୬
(ରାଜଧାନୀ, ଉଜ୍ଜ୍ୱଳ ମଣ୍ଡଳ, ଇମେଜ, ଅହଲ୍ୟା, ଶାନ୍ତନୁ ଓ ଗଙ୍ଗା, ସୂର୍ଯ୍ୟାସ୍ତ ସାହାନାଇ, ବେଗମ୍ କୋଠି, ଛୋଟ ଗପ, (ମୋଟ ୮ଟି ଗଳ୍ପ))

**ସହଯୋଗୀ ଉପାଦାନ :-**


୧. ପଟ୍ଟନାୟକ ବିଭୂତି, **ସାମ୍ପ୍ରତିକ ସାହିତ୍ୟ**, ଫ୍ରେଣ୍ଡସ୍ ପବ୍ଲିସର୍ସ, କଟକ, ୧୯୬୯

୨. ପ୍ରଧାନ ପିତାମ୍ବର, **କଥାକାର ସୁରେନ୍ଦ୍ର ମହାନ୍ତି**, ଫ୍ରେଣ୍ଡସ୍ ପବ୍ଲିସର୍ସ, କଟକ, ୧୯୭୧

୩. ମହାନ୍ତି ସୁରେନ୍ଦ୍ର, **ଫକୀର ମୋହନ ସମୀକ୍ଷା**, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ୧୯୫୫

୪. ମହାନ୍ତି ସୁରେନ୍ଦ୍ର, **ପଥ ଓ ପୃଥିବୀ**, ଇଷ୍ଟର୍ଣ୍ଣ ମିଡିଆ ସର୍ଭିସ୍, ଭୁବନେଶ୍ୱର, ୧୯୮୬

୫. ମିଶ୍ର ଶ୍ରୀନିବାସ, **ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ**, ବିଦ୍ୟାପୁରୀ, କଟକ, ୧୯୭୮

୬. ରାଉତରାୟ ସଚ୍ଚିଦାନନ୍ଦ, **ସାହିତ୍ୟର ବିଚାର ଓ ମୂଲ୍ୟବୋଧ**, ଜେ. ମହାପାତ୍ର ଏଣ୍ଡ କମ୍ପାନୀ, କଟକ, ୧୯୭୨

୭. ବେହେରା କୃଷ୍ଣଚରଣ, **କଥା ସାହିତ୍ୟ**, ସାଥୀ ମହଲ, କଟକ, ୧୯୬୧

୮. ବେହେରା କୃଷ୍ଣଚରଣ, **ଓଡ଼ିଆ ଉପନ୍ୟାସ**, ଜଗନ୍ନାଥ ରଥ, କଟକ, ୧୯୬୮

୯. ବେହେରା କୃଷ୍ଣଚରଣ, **କେତୋଟି ସାହିତ୍ୟିକ ଅଭିଭାଷଣ**, ଫ୍ରେଣ୍ଡସ୍ ପବ୍ଲିସର୍ସ, କଟକ, ୧୯୭୦

୧୦. ସାମନ୍ତରାୟ ନଟବର, **ଓଡ଼ିଆ ସାହିତ୍ୟର ଇତିହାସ**, ପ୍ରଫୁଲ୍ଲ କୁମାର ଧଳ, ଭୁବନେଶ୍ୱର, ୧୯୬୪

୧୧. Abrahams M.H., **A Glossary of Literary Terms**, Macmillan India Ltd., 1981

୧୨. Ian Reid, **The Short Story**, Methun & Co. Ltd., 1977

୧୩. Mukherjee Meenakshi, **The Twice Born Fiction**, Arnold Heniman, 1974

**ପତ୍ରପତ୍ରିକା :-**

(କ). ଓଡ଼ିଆ ଯୁବ ଲେଖକ ସମ୍ମିଳନୀ, ବିଶେଷାଙ୍କ, ୧୯୬୯

(ଖ). ଗଳ୍ପ, ସମ୍ପାଦନା : ପଟ୍ଟନାୟକ ବିଭୂତି, ତୃତୀୟ ସଂଖ୍ୟା, ଷଷ୍ଠ ସଂଖ୍ୟା, ସପ୍ତମ ସଂଖ୍ୟା, ଚତୁର୍ଦ୍ଦଶ ସଂଖ୍ୟା, (ଗ). ଗଳ୍ପତରୁ, ଜୁଲାଇ-ସେପ୍ଟେମ୍ବର ସଂଖ୍ୟା, ୧୯୮୫

(ଘ). ମାନସ, ସପ୍ତମ ବର୍ଷ ପୂଜା ବିଶେଷାଙ୍କ

(ଙ). ଝଙ୍କାର, ୧୯୬୮, ଡିସେମ୍ବର ସଂଖ୍ୟା

(ଚ). ଅଧୁନା, ୧୯୮୨, ସପ୍ତମ ସଂଖ୍ୟା

■ ■ ■

**ପ୍ରଗତି ଉତ୍କଳ ସଂଘ** (ପ୍ରତିଷ୍ଠା-୧୯୫୮) ଇସ୍ପାତ ସହର ରାଉରକେଲାର ଅନ୍ୟତମ ସର୍ବ ପୁରାତନ ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ସାଂସ୍କୃତିକ ଅନୁଷ୍ଠାନ । ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟପାଇଁ ଏହା ସମଗ୍ର ଓଡ଼ିଶାରେ ସୁପରିଚିତ । ପାଠାଗାର ଆନ୍ଦୋଳନ କ୍ଷେତ୍ରରେ ଏହା ଦୃଷ୍ଟାନ୍ତମୂଳକ ନେତୃତ୍ୱ ଦେଇଛି । ଉତ୍କଳଗୌରବ ମଧୁସୂଦନଙ୍କ ଜୟନ୍ତୀ ଓ ଉତ୍କଳ ଦିବସ ପାଳନ ପରମ୍ପରାର ଏହା ପ୍ରତିଷ୍ଠାତା । ମଧୁସୂଦନଙ୍କ ଆଦର୍ଶ ସଂପର୍କରେ ଯୁବପୀଢ଼ି ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ **ପ୍ରଗତି ଉତ୍କଳ ସଂଘ** ଓଡ଼ିଶାର ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ସ୍ୱର୍ଣ୍ଣପଦକ ପ୍ରଦାନର ବ୍ୟବସ୍ଥା କରିଛି ଓ ମଧୁସୂଦନଙ୍କ ସଂପର୍କରେ Madhusudan Das : The Legislator; Madhusudan Das : The Man and His Missions ଓ Madhusudan Das : His Life and Achievements ଆଦି ପୁସ୍ତକର ଏହା ପ୍ରକାଶକ । ସାଂପ୍ରତିକ କାଳରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଅବହେଳିତ ଦିଗ ତଥା କ୍ରମଶଃ ବିସ୍ମୃତ ହୋଇଯାଉଥିବା ବରେଣ୍ୟ ପ୍ରତିଭାମାନଙ୍କ ସଂପର୍କରେ ଏହା କେତେକ ଉଲ୍ଲେଖଯୋଗ୍ୟ ପୁସ୍ତକର ପ୍ରକାଶକ ।



ପ୍ରଗତି ଉତ୍କଳ ସଂଘ

ISBN 978-81-920552-4-4